# ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ
# ସମୀକ୍ଷା ପ୍ରତିବେଦନ (ଅନୁପାଳନ ସମୀକ୍ଷା)
# ମାର୍ଚ୍ଚ 2022 ରେ ସମାପ୍ତ ବର୍ଷ ପାଇଁ

**ଓଡ଼ିଶା ସରକାର**

***ପ୍ରତିବେଦନ ସଂଖ୍ୟା 2 ବର୍ଷ 2024***

# ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ

# ସମୀକ୍ଷା ପ୍ରତିବେଦନ (ଅନୁପାଳନ ସମୀକ୍ଷା)

## ମାର୍ଚ୍ଚ 2022 ରେ ସମାପ୍ତ ବର୍ଷ ପାଇଁ

**ଓଡ଼ିଶା ସରକାର**

*ପ୍ରତିବେଦନ ସଂଖ୍ୟା 2 ବର୍ଷ 2024*

## ସୂଚୀପତ୍ର


| ବିଷୟ | ପ୍ରସଙ୍ଗ ସୂଚନା | |
| --- | --- | --- |
| | ଅନୁଚ୍ଛେଦ ସଂଖ୍ୟା | ପୃଷ୍ଠା ସଂଖ୍ୟା |
| ମୁଖବନ୍ଧ | | vii |
| ବିହଙ୍ଗାବଲୋକନ | | ix-xix |
| **ଭାଗ-କ: ଉପକ୍ରମ** | | |
| ଉପକ୍ରମ | 1 | 1 - 4 |
| **ଅଧ୍ୟାୟ II: କୃଷକମାନଙ୍କ କଲ୍ୟାଣ ପାଇଁ ପ୍ୟାକେଜ୍ "ଜୀବିକା ଏବଂ ଆୟ ବୃଦ୍ଧି ନିମନ୍ତେ କୃଷକଙ୍କୁ ସହାୟତା" ଉପରେ ବିସ୍ତୃତ ଅନୁପାଳନ ସମୀକ୍ଷା"** | | |
| ***କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗ*** | | |
| କୃଷକମାନଙ୍କ କଲ୍ୟାଣ ପାଇଁ ପ୍ୟାକେଜ୍ "ଜୀବିକା ଏବଂ ଆୟ ବୃଦ୍ଧି ନିମନ୍ତେ କୃଷକଙ୍କୁ ସହାୟତା" ଉପରେ ବିସ୍ତୃତ ଅନୁପାଳନ ସମୀକ୍ଷା | 2 | 5 - 39 |
| **ଅଧ୍ୟାୟ III: ସୁନ୍ଦରଗଡ଼ ଜିଲ୍ଲାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ପରିବେଶ ନିୟମ ଗୁଡ଼ିକର ପ୍ରୟୋଗ" ଉପରେ ବିସ୍ତୃତ ଅନୁପାଳନ ସମୀକ୍ଷା** | | |
| ***ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ*** | | |
| "ସୁନ୍ଦରଗଡ଼ ଜିଲ୍ଲାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ପରିବେଶ ନିୟମ ଗୁଡ଼ିକର ପ୍ରୟୋଗ" ଉପରେ ବିସ୍ତୃତ ଅନୁପାଳନ ସମୀକ୍ଷା | 3 | 41 - 64 |
| **ଅଧ୍ୟାୟ IV: ରାଜ୍ୟ କ୍ଷତିପୂରକ ବନୀକରଣ ପାଣ୍ଠି ପରିଚାଳନା ଏବଂ ଯୋଜନା ପ୍ରାଧିକରଣ ଉପରେ ବିସ୍ତୃତ ଅନୁପାଳନ ସମୀକ୍ଷା** | | |
| ରାଜ୍ୟ କ୍ଷତିପୂରକ ବନୀକରଣ ପାଣ୍ଠି ପରିଚାଳନା ଏବଂ ଯୋଜନା ପ୍ରାଧିକରଣ ଉପରେ ବିସ୍ତୃତ ଅନୁପାଳନ ସମୀକ୍ଷା | 4 | 65 - 95 |
| **ଅଧ୍ୟାୟ V: ଉତ୍ତର-ଦକ୍ଷିଣ କରିଡର-ବିଜୁ ଏକ୍ସପ୍ରେସୱେ ନିର୍ମାଣ" ଉପରେ ବିସ୍ତୃତ ଅନୁପାଳନ ସମୀକ୍ଷା** | | |
| ***ପୂର୍ତ୍ତ ବିଭାଗ*** | | |
| "ଉତ୍ତର-ଦକ୍ଷିଣ କରିଡର ବିଜୁ ଏକ୍ସପ୍ରେସୱେ ନିର୍ମାଣ" ଉପରେ ବିସ୍ତୃତ ଅନୁପାଳନ ସମୀକ୍ଷା | 5 | 97 - 126 |
| **ଅଧ୍ୟାୟ VI: ଓଡ଼ିଶା ରାଜ୍ୟ ସଡ଼କ ପ୍ରକଳ୍ପର ବିସ୍ତୃତ ଅନୁପାଳନ ସମୀକ୍ଷା** | | |
| ଓଡ଼ିଶା ରାଜ୍ୟ ସଡ଼କ ପ୍ରକଳ୍ପର ବିସ୍ତୃତ ଅନୁପାଳନ ସମୀକ୍ଷା | 6 | 127-154 |
| **ଅଧ୍ୟାୟ VII: ଅନୁପାଳନ ସମୀକ୍ଷା ସିଦ୍ଧାନ୍ତ** | | |
| ***ବାଣିଜ୍ୟ ଓ ପରିବହନ (ପରିବହନ) ବିଭାଗ*** | | |
| ପଣ୍ୟବାହୀ ଯାନରୁ ମୋଟର ଯାନ କର ଏବଂ ଅତିରିକ୍ତ କରର ଅନାଦାୟ | 7.1 | 155 |
| ମୋଟର ଯାନ କରର ସ୍ୱଳ୍ପାଦାୟ | 7.2 | 156 |
| ***ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ*** | | |
| ରକ୍ତ ଚନ୍ଦନ କାଠର ଅଣନିକାଶ | 7.3 | 157 |
| ନିଟ୍ ବର୍ତ୍ତମାନ ମୂଲ୍ୟର ବିଳମ୍ବିତ ଦେୟ ଉପରେ ସୁଧର ଅନାଦାୟ | 7.4 | 159 |
| ଗଡ଼ି କାଠ ଓ ଖୁଣ୍ଟଗୁଡିକର ଅଣନିକାଶ | 7.5 | 160 |
| ***ଗୃହନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗ*** | | |
| ଆଧୁନିକ ମାଂସ ଦୋକାନ ନିର୍ମାଣରେ ନିଷ୍ଫଳ ବ୍ୟୟ | 7.6 | 160 |

| ବିଷୟ | ପ୍ରସଙ୍ଗ ସୂଚନା | |
|---|---|---|
| | ଅନୁଚ୍ଛେଦ ସଂଖ୍ୟା | ପୃଷ୍ଠା ସଂଖ୍ୟା |
| ଠିକାଦାରଙ୍କୁ ଅନୁଚିତ୍ ଲାଭ ପ୍ରଦାନ | 7.7 | 162 |
| ପରିହାର୍ଯ୍ୟ ଅତିରିକ୍ତ ବ୍ୟୟ | 7.8 | 163 |
| ନିଷ୍ଫଳ ବ୍ୟୟ | 7.9 | 165 |
| ***ଇସ୍ପାତ୍ ଓ ଖଣି ବିଭାଗ*** | | |
| ଡେଡ୍ ରେଣ୍ଟ ଏବଂ ପରିଣାମୀ ସୁଧ ଆଦାୟ ନହେବା | 7.10 | 167 |
| କୋଇଲା ବିକ୍ରୟରେ ଅତିରିକ୍ତ ରାଶିର ଅନାଦାୟ ଓ ରୟାଲିଟିର କମ୍ ଆଦାୟ | 7.11 | 168 |
| ***ପର୍ଯ୍ୟଟନ ବିଭାଗ*** | | |
| ବିଦେଶୀ କମ୍ପାନୀକୁ ଅନିୟମିତ ଅତିରିକ୍ତ ଦେୟ | 7.12 | 170 |
| ***ପୂର୍ତ୍ତ ବିଭାଗ*** | | |
| ଠିକାଦାରଙ୍କୁ ଅନୁଚିତ ଲାଭ | 7.13 | 171 |
| ଠିକାଦାରଙ୍କୁ ଅଧିକ ଅର୍ଥ ପ୍ରଦାନ | 7.14 | 173 |
| ସର୍ବେକ୍ଷଣ ଏବଂ ଅନୁସନ୍ଧାନରେ ଢିଲାପଣ ହେତୁ ପରିହାର୍ଯ୍ୟ ବ୍ୟୟ | 7.15 | 174 |
| କ୍ରଷ୍ଟ ବିଫଳତା ଯୋଗୁଁ ଅତିରିକ୍ତ ପରିହାର୍ଯ୍ୟ ବ୍ୟୟ | 7.16 | 177 |
| ଫମ୍ପା ଅଂଶ ବିୟୋଗ କରାନଯିବା ଯୋଗୁଁ ଅଧିକ ଅର୍ଥ ପ୍ରଦାନ | 7.17 | 179 |
| ଅଧିକ ପିଚୁ ଓ ଗ୍ରାନୁଲାର ସବ୍‌ବେସ୍ ସ୍ତରର ଅତ୍ୟଧିକ ବ୍ୟବସ୍ଥା ଯୋଗୁଁ ପରିହାର୍ଯ୍ୟ ବ୍ୟୟ | 7.18 | 180 |
| ଠିକାଦାରଙ୍କୁ ଅନୁଚିତ୍ ଫାଇଦା | 7.19 | 182 |
| ନିଷ୍ଫଳ ବ୍ୟୟ | 7.20 | 184 |
| ଠିକାଦାରଙ୍କୁ ଅଧିକ ଦେୟ | 7.21 | 187 |
| ମଧ୍ୟ ଭାଗରେ କାର୍ଯ୍ୟ ତ୍ୟାଗ ହେତୁ ନିରର୍ଥକ ଖର୍ଚ୍ଚ | 7.22 | 188 |
| ବର୍ଦ୍ଧିତ ଆକଳନ ଯୋଗୁଁ ଠିକାଦାରଙ୍କୁ ଅନୁଚିତ୍ ଲାଭ ପ୍ରଦାନ | 7.23 | 190 |
| ରାସ୍ତାର ଅଧିକ ଚଉଡ଼ା ବ୍ୟବସ୍ଥା ଯୋଗୁଁ ଅତିରିକ୍ତ ପରିହାର୍ଯ୍ୟ ବ୍ୟୟ | 7.24 | 192 |
| ପରିହାର୍ଯ୍ୟ ବ୍ୟୟ | 7.25 | 193 |
| ବର୍ଦ୍ଧିତ ଦରରେ ଟେଣ୍ଡର ଆହ୍ୱାନ ଯୋଗୁଁ ଠିକାଦାରଙ୍କୁ ଅନୁଚିତ୍ ଲାଭ | 7.26 | 194 |
| ***ଅର୍ଥ ବିଭାଗ*** | | |
| ସମୀକ୍ଷା ପ୍ରତି ପ୍ରତିକ୍ରିୟା | 7.27 | 196 |

# ପରିଶିଷ୍ଟ



| ପରିଶିଷ୍ଟ ସଂଖ୍ୟା | ବିଷୟ | ପ୍ରସଙ୍ଗ ସୂଚନା | |
|---|---|---|---|
| | | ଅନୁଚ୍ଛେଦ ସଂଖ୍ୟା | ପୃଷ୍ଠା ସଂଖ୍ୟା |
| I | 31 ମାର୍ଚ୍ଚ 2022 ସୁଦ୍ଧା ଜାରି କରାଯାଇଥିବା କିନ୍ତୁ 30 ଜୁନ୍ 2022 ସୁଦ୍ଧା ମୀମାଂସା ହୋଇ ନଥିବା ନିରୀକ୍ଷଣ ପ୍ରତିବେଦନ/ ଅନୁଚ୍ଛେଦ | 1.7 | 199 |
| II | ଅଭିଯୋଗ ସମାଧାନ ବ୍ୟବସ୍ଥାରେ ଥିବା ଅଭାବ | 2.2.6.1 | 200-201 |
| III | 2016-20 ମଧ୍ୟରେ ତିନୋଟି କୋଇଲା ଖଣି ଦ୍ୱାରା ସମ୍ମତି ସର୍ତ୍ତର ଉଲ୍ଲଙ୍ଘନ | 3.2.2.2 | 202-204 |
| IV | 2016-20 ମଧ୍ୟରେ କରାଯାଇଥିବା ଯାଞ୍ଚର ବିବରଣୀ | 3.2.3 | 205-207 |
| V | ଉପଭୋକ୍ତା ଏଜେନ୍ସିଙ୍କଠାରୁ ସଂଶୋଧିତ ହାରରେ ଏନ୍‌ପିଭିର ଅନାଦାୟ | 4.3.2.1 | 208 |
| VI | ଖଣି ଲିଜ୍‌ଧାରୀମାନଙ୍କଠାରୁ ଏନ୍‌ପିଭିର ବିଳମ୍ବିତ ଦେୟ ଉପରେ ଅନାଦାୟ ସୁଧ | 4.3.2.2 | 209-210 |
| VII | ୟୁଏମାନଙ୍କ ଠାରୁ କ୍ଷତିପୂରକ ବନୀକରଣ ମୂଲ୍ୟର ଅନାଦାୟ | 4.3.3 | 211 |
| VIII | ଏଫ୍‌ସି ଆକ୍ଟ, 1980 ଏବଂ କ୍ଷତିପୂରକ ବନୀକରଣ ଅଧିନରେ ଜଙ୍ଗଲ ଜମିର ପରିବର୍ତ୍ତନ | 4.4.4 | 212 |
| IX | ନିର୍ମାଣ କାର୍ଯ୍ୟ ପାଇଁ ବ୍ୟବହୃତ ପରିମାଣ | 4.5.4.1 | 213 |
| X | 2019-22 ଅବଧିରେ ଜଙ୍ଗଲ ବ୍ଲକର ଡିଜିପିଏସ୍ ସର୍ଭେ, ସଫ୍ଟୱେର ବିକାଶ, ଦରମା ଏବଂ ଅନୁକମ୍ପାମୂଳକ ଦେୟ ପାଇଁ କାମ୍ପା ପାଣ୍ଠିର ଅନିୟମିତ ବିନିଯୋଗ | 4.5.4.1 | 214 |
| XI | ବନୀକରଣ ପାଣ୍ଠିର ଅଣ-ବୃକ୍ଷରୋପଣ କାର୍ଯ୍ୟରେ ବ୍ୟୟ | 4.5.4.1 | 215-216 |
| XII | ଅନ୍ୟ ବୃକ୍ଷରୋପଣ ଯୋଜନାରେ ପାଣ୍ଠିର ଅନିୟମିତ ବ୍ୟୟ | 4.5.5.2 | 217 |
| XIII | କାମ୍ପା ଆକାଉଣ୍ଟରେ ଅଗ୍ରାହ୍ୟ କରାଯାଇଥିବା ଭାଉଚର | 4.5.5.3 | 218 |
| XIV | ଜଙ୍ଗଲ ବିଭାଜନଗୁଡ଼ିକ ଦ୍ୱାରା 2019-20 ରୁ 2021-22 ଆର୍ଥିକ ବର୍ଷରେ କରାଯାଇଥିବା ନିର୍ମାଣ କାର୍ଯ୍ୟ | 4.5.5.4 | 219-220 |
| XV | ବନଖଣ୍ଡ ମାନଙ୍କରେ ଏସ୍‌ଏସ୍‌ଓ ବାଉଁଶ ଉପରେ ବ୍ୟୟ ଏବଂ ଶିଳ୍ପ ଓ ବାଣିଜ୍ୟିକ ବାଉଁଶର ଅମଳ/ ଉପଯୋଗ | 4.6.1 | 221 |
| XVI | 2017-22 ମଧ୍ୟରେ ଗବେଷଣା କାର୍ଯ୍ୟରେ ହୋଇଥିବା ଖର୍ଚ୍ଚ | 4.6.2 | 222-223 |
| XVII | ବୃତ୍ତିଗତ ସେବା ପ୍ରଦାନକାରୀଙ୍କୁ ପ୍ରଦାନ କରାଯାଇଥିବା ଦେୟରୁ ଟିଡିଏସ୍ ଟଙ୍କାର ଅଣ/ସ୍ୱଳ୍ପ ଆଦାୟ | 4.6.3 | 224 |
| XVIII | 2019-22 ମଧ୍ୟରେ ମନୋନୀତ ବନଖଣ୍ଡ ଜଙ୍ଗଲରେ ପାଦ ପଇଁତରାର ଅଭାବ | 4.7.1 | 225 |
| XIX | ବୃକ୍ଷରୋପଣ ସ୍ଥଳର ମିଳିତ ସରଜମିନ୍ ତଦନ୍ତର ଫଳାଫଳ | 4.7.5 | 226 |
| XX | ଓଏସ୍‌ଆର୍‌ପି କାର୍ଯ୍ୟ ଆଇଟମ ଗୁଡ଼ିକର ଅତିରିକ୍ତ ବିଚ୍ୟୁତିର ବିବରଣୀ | 6.2.2.1 | 227 |

| ପରିଶିଷ୍ଟ ସଂଖ୍ୟା | ବିଷୟ | ପ୍ରସଙ୍ଗ ସୂଚନା | |
|---|---|---|---|
| | | ଅନୁଚ୍ଛେଦ ସଂଖ୍ୟା | ପୃଷ୍ଠା ସଂଖ୍ୟା |
| XXI | ଆଇଟମ ଗୁଡ଼ିକର ଭିନ୍ନତା କାରଣରୁ ରିହାତି ହରାଇବା | 6.2.2.2 | 228 |
| XXII | ବାଲିର କ୍ୟାପିଙ୍ଗ ଲେୟରର ଅଯଥା ବ୍ୟବସ୍ଥା | 6.2.3.3 | 229 |
| XXIII | ତ୍ରୁଟି ଦାୟିତ୍ୱ ଅବଧିଠାରୁ ଛଅ ମାସ ମଧ୍ୟରେ ରାସ୍ତାର ସ୍ୱତନ୍ତ୍ର ମରାମତି | 6.4.1 | 230 |
| XXIV | ଲିଡ୍ ଦୂରତାର ଦୋହରା ବ୍ୟବସ୍ଥା ପାଇଁ ପରିହାର୍ଯ୍ୟ ଅତିରିକ୍ତ ଖର୍ଚ୍ଚ | 6.5.1.2 | 231-232 |
| XXV | ବାଲି ଉପରେ ଅତିରିକ୍ତ ଲିଡର ବ୍ୟବସ୍ଥା | 6.5.1.3 | 233 |
| XXVI | ମୋରମ ପାଇଁ ଅତିରିକ୍ତ ଲିଡ୍ ବ୍ୟବସ୍ଥା ଯୋଗୁଁ ଅତିରିକ୍ତ ଖର୍ଚ୍ଚ | 6.5.1.4 | 234 |
| XXVII | ମାଟିର ଲିଡ୍ ଉପରେ ଅତିରିକ୍ତ ଖର୍ଚ୍ଚର ବିବରଣୀ | 6.5.1.5 | 235 |
| XXVIII | ଓଭର ହେଡ୍ ଚାର୍ଜର ଅତିରିକ୍ତ ବ୍ୟବସ୍ଥାର ବିବରଣୀ | 6.5.2.1 | 236-237 |
| XXIX | ସିଆର୍ଏମ୍ବିର ଅତିରିକ୍ତ ବ୍ୟବସ୍ଥା ଯୋଗୁଁ ପରିହାର୍ଯ୍ୟ ଅତିରିକ୍ତ ବ୍ୟୟ ବରାଦର ବିବରଣୀ | 6.5.2.2 | 238 |
| XXX | ମୋଟର ଗ୍ରେଡରର ନିଯୁକ୍ତି ଚାର୍ଜର ତ୍ରୁଟିପୂର୍ଣ୍ଣ ଗ୍ରହଣର ବିବରଣୀ | 6.5.2.3 | 239-240 |
| XXXI | 2019-21 ଅବଧିରେ ପଣ୍ୟବାହୀ ଯାନ (ତୃତୀୟ ଶ୍ରେଣୀ ଯାନ) ରୁ ଅନାଦାୟ ମୋଟର ଯାନ କର ଏବଂ ଅତିରିକ୍ତ କର | 7.1 | 241 |
| XXXII | ଏକକାଳୀନ କର କମ୍ ପ୍ରଦାନ କରାଯିବା | 7.2 | 242 |
| XXXIII | 2015-21 ଅବଧିରେ ଚିହ୍ନଟ ହୋଇନଥିବା ଜଙ୍ଗଲ ଅପରାଧ ମାମଲାରେ ଜବତ ହୋଇଥିବା ଅଣନିକାସ କାଠ ଏବଂ ଜଙ୍ଗଲ ଉତ୍ପାଦଗୁଡ଼ିକର ବିଭାଗୱାରୀ ଅନୁଚ୍ଛେଦ | 7.5 | 243 |
| XXXIV | ଚୁକ୍ତି ନାମା ଅନୁଯାୟୀ ଡ଼ିଆଇ କେ 7 ପାଇପଗୁଡ଼ିକର ମୂଲ୍ୟର ପୁନଃପରିବର୍ତ୍ତନ ନହେବା କାରଣରୁ ଠିକାଦାରମାନଙ୍କୁ ଅଧିକ ଅର୍ଥ ପ୍ରଦାନ | 7.7 | 244-245 |
| XXXV | ଡେଡ୍ ରେଣ୍ଟ (ଡିଆର୍)ର ଅନାଦାୟ ଏବଂ ଏହାର ସୁଧ | 7.10 | 246-248 |
| XXXVI | ଓସିପିଏଲ୍ ଠାରୁ ଅତିରିକ୍ତ ରାଶି ଆଦାୟ ନହେବା | 7.11 | 249 |
| XXXVII | କୋଇଲା ବିକ୍ରି ଉପରେ ରୟାଲିଟିର ସ୍ୱଳ୍ପାଦାୟ | 7.11 | 250 |
| XXXVIII | ସର୍ବେକ୍ଷଣ ଏବଂ ଅନୁସନ୍ଧାନରେ ଢ଼ୀଲାପଣ ଏବଂ ଆକଳନର ସଂଶୋଧନ ହେତୁ ଅତିରିକ୍ତ ମୂଲ୍ୟ | 7.15 | 251-252 |
| XXXIX | ଧର୍ମଶାଳା-କବାଟବନ୍ଧ ରାସ୍ତାର ଚେନେଜ୍ 5.080 କିମି ଏବଂ 11.050 କିମି ଠାରେ ଉଚ୍ଚ ସେତୁ ନିର୍ମାଣ କାର୍ଯ୍ୟର ବଳକା କାର୍ଯ୍ୟକୁ ସଂଶୋଧିତ ଅଟକଳ ଆଧାରରେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିବାରୁ ଅଧିକ ଦର | 7.15 | 253-260 |
| XL | ପ୍ଲାଣ୍ଟ ଏବଂ ଯନ୍ତ୍ରପାତି ପାଇଁ ସର୍ଭିସ୍ କଣ୍ଟ୍ରାକ୍ଟରେ ନିର୍ଦ୍ଧାରିତ ଦର ବ୍ୟବହାର କରିବା ପରିବର୍ତ୍ତେ ଆକଳନରେ ଦଶ ଟନ୍ ଟ୍ରକ୍ ଦ୍ୱାରା ସାମଗ୍ରୀ ପରିବହନର ବ୍ୟବସ୍ଥା ଯୋଗୁଁ ଜିଏସ୍ବି ପରିବହନ ପାଇଁ ଅତିରିକ୍ତ ଖର୍ଚ୍ଚ | 7.23 | 261-263 |

| ପରିଶିଷ୍ଟ ସଂଖ୍ୟା | ବିଷୟ | ପ୍ରସଙ୍ଗ ସୂଚନା | |
|---|---|---|---|
| | | ଅନୁଚ୍ଛେଦ ସଂଖ୍ୟା | ପୃଷ୍ଠା ସଂଖ୍ୟା |
| XLI | ଆଇଆର୍‌ସି ବ୍ୟବସ୍ଥାରୁ ବିଚ୍ୟୁତ ହୋଇ ପକ୍କା ବନ୍ଧର ବ୍ୟବସ୍ଥା ଯୋଗୁଁ ଅତିରିକ୍ତ ଖର୍ଚ୍ଚ | 7.24 | 264 |
| XLII | ଜିଏସ୍‌ବି ପଥର ଉତ୍ପାଦ ବଦଳରେ ସ୍ଲାଗ୍ ବ୍ୟବହାର ହୋଇନଥିବାରୁ ପରିହାର୍ଯ୍ୟ ବ୍ୟୟ | 7.25 | 265 |
| XLIII | 31 ମାର୍ଚ୍ଚ 2022 ସୁଦ୍ଧା ଜାରି କରାଯାଇ 30 ଜୁନ୍ 2022 ସୁଦ୍ଧା ମୀମାଂସା ହୋଇ ନଥିବା ବକେୟା ନିରୀକ୍ଷଣ ପ୍ରତିବେଦନ/ ଅନୁଚ୍ଛେଦ ଗୁଡ଼ିକର ବର୍ଷୱାରୀ ବିବରଣୀ | 7.27 | 266 |
| XLIV | ଦୃଷ୍ଟିଗୋଚର ହୋଇଥିବା ଏବଂ ନିରୀକ୍ଷଣ ରିପୋର୍ଟରେ ଉଲ୍ଲେଖ ଥିବା ଗୁରୁତର ଅନିୟମିତତା | 7.27 | 267 |
| XLV | ସମୀକ୍ଷା ପ୍ରତିବେଦନରେ ଦର୍ଶାଯାଇଥିବା ତଥା ସଂଶୋଧନ ମୂଳକ ପଦକ୍ଷେପ ଆବଶ୍ୟକ କରୁଥିବା କେତେକ ସ୍ଥାୟୀ ଅନିୟମିତତା | 7.27 | 268 |
| ସଂକ୍ଷେପଣ ଶବ୍ଦର ପରିଭାଷା | | 271 - 274 | |

# ମୁଖବନ୍ଧ

ଭାରତୀୟ ସମ୍ବିଧାନର ଧାରା 151 ଏବଂ ସମୟାନୁଯାୟୀ ସଂଶୋଧିତ ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ (କର୍ତ୍ତବ୍ୟ, କ୍ଷମତା ଏବଂ ସେବା ସର୍ତ୍ତାବଳୀ) ଅଧିନିୟମ 1971ର ଧାରା 13 ଓ 19 (A) ଅନୁଯାୟୀ 31 ମାର୍ଚ୍ଚ 2022 ରେ ସମାପ୍ତ ହୋଇଥିବା ବର୍ଷ ପାଇଁ ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ ଏହି ପ୍ରତିବେଦନ ରାଜ୍ୟ ବିଧାନ ସଭାରେ ଉପସ୍ଥାପନା ନିମନ୍ତେ ଓଡ଼ିଶାର ରାଜ୍ୟପାଳଙ୍କୁ ପ୍ରଦାନ କରିବା ଉଦ୍ଦେଶ୍ୟରେ ପ୍ରସ୍ତୁତ କରାଯାଇଅଛି ।

ପ୍ରଧାନ ମହାଲେଖାକାର (ଅଡିଟ୍-II) ଙ୍କ ସମୀକ୍ଷା ଅଧିନରେ ଥିବା ଓଡ଼ିଶା ସରକାରଙ୍କ କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗ, ବାଣିଜ୍ୟ ଓ ପରିବହନ (ପରିବହନ ବିଭାଗ), ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ. ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଇସ୍ପାତ ଓ ଖଣି ବିଭାଗ, ପର୍ଯ୍ୟଟନ ବିଭାଗ ଏବଂ ପୂର୍ତ୍ତ ବିଭାଗ ଉପରେ ଅନୁପାଳନ ସମୀକ୍ଷାର ଗୁରୁତ୍ୱପୂର୍ଣ୍ଣ ସିଦ୍ଧାନ୍ତକୁ ଏହି ପ୍ରତିବେଦନରେ ଅନ୍ତର୍ଭୁକ୍ତ କରାଯାଇଅଛି ।

ବର୍ଷ 2020-22 ଅବଧିରେ ସମୀକ୍ଷା ସମୟରେ ଦୃଷ୍ଟିଗୋଚର ହୋଇଥିବା ତଥା ପୂର୍ବବର୍ଷ ଗୁଡ଼ିକରେ ଦୃଷ୍ଟିଗୋଚର ହୋଇ ପୂର୍ବ ସମୀକ୍ଷା ପ୍ରତିବେଦନରେ ଅନ୍ତର୍ଭୁକ୍ତ କରାଯାଇ ନଥିବା ଦୃଷ୍ଟାନ୍ତଗୁଡ଼ିକୁ ଏହି ପ୍ରତିବେଦନରେ ଅନ୍ତର୍ଭୁକ୍ତ କରାଯାଇଅଛି । ଆବଶ୍ୟକ ସ୍ଥଳେ ମଧ 2020-22 ର ପରବର୍ତ୍ତୀ ବିଷୟଗୁଡ଼ିକ ଏଥିରେ ଅନ୍ତର୍ଭୁକ୍ତ ।

ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ ଦ୍ୱାରା ଜାରି କରାଯାଇଥିବା ସମୀକ୍ଷା ମାନଦଣ୍ଡ ଅନୁସାରେ ସମୀକ୍ଷା ପରିଚାଳନା କରାଯାଇଅଛି ।

ଅନୁବାଦିତ ପ୍ରତିବେଦନରେ ସନ୍ଦେହ ଜାତ ହେଲେ ଇଂରାଜୀ ପ୍ରତିବେଦନ ବିଶ୍ୱାସଯୋଗ୍ୟ ବିବେଚିତ ହେବ ।

# ବିହଙ୍ଗାବଲୋକନ

# ବିହଙ୍ଗାବଲୋକନ

31 ମାର୍ଚ୍ଚ 2022 ରେ ସମାପ୍ତ ବର୍ଷ ପାଇଁ ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ ଏହି ପ୍ରତିବେଦନରେ ପାଞ୍ଚଟି ବିସ୍ତୃତ ଅନୁପାଳନ ସମୀକ୍ଷା ଯଥା-କୃଷକମାନଙ୍କ କଲ୍ୟାଣ ପାଇଁ ପ୍ୟାକେଜ୍ "ଜୀବିକା ଓ ଆୟ ବୃଦ୍ଧି ନିମନ୍ତେ କୃଷକଙ୍କୁ ସହାୟତା", "ସୁନ୍ଦରଗଡ଼ ଜିଲ୍ଲାରେ ପରିବେଶ ଆଇନ୍ ଗୁଡ଼ିକର ପ୍ରୟୋଗ", "ରାଜ୍ୟ କ୍ଷତିପୂରକ ବନୀକରଣ ପାଣ୍ଠି ପରିଚାଳନା ଏବଂ ଯୋଜନା ପ୍ରାଧିକରଣ", "ଉତ୍ତର-ଦକ୍ଷିଣ କରିଡର-ବିଜୁ ଏକ୍ସପ୍ରେସ୍‌ୱେର ନିର୍ମାଣ" ଏବଂ "ଓଡ଼ିଶା ରାଜ୍ୟ ସଡ଼କ ପ୍ରକଳ୍ପ" ଅନ୍ତର୍ଭୁକ୍ତ । ଏହି ପ୍ରତିବେଦନରେ 26 ଟି ଅନୁପାଳନ ସମୀକ୍ଷା ଅନୁଚ୍ଛେଦ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଅଛି ।

ସମୀକ୍ଷାର ଗୁରୁତ୍ୱପୂର୍ଣ୍ଣ ଫଳାଫଳକୁ ରାଜ୍ୟ ବିଧାନ ସଭାର ଦୃଷ୍ଟିକୁ ଆଣିବା ହେଉଛି ଏହି ପ୍ରତିବେଦନର ପ୍ରାଥମିକ ଉଦ୍ଦେଶ୍ୟ । କାର୍ଯ୍ୟନିର୍ବାହୀମାନଙ୍କୁ ସଠିକ୍ ସମୟରେ ସଂଶୋଧିତ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ଏହି ସମୀକ୍ଷା ଫଳାଫଳ ସହାୟତା କରିବା ଆଶା କରାଯାଏ । ଏହା ନୀତି ଓ ନିର୍ଦ୍ଦେଶନାମାଗୁଡ଼ିକୁ ପ୍ରଣୟନ କରିବାରେ ସାହାଯ୍ୟ କରେ, ଯାହା ସଂଗଠନ ଗୁଡ଼ିକର ଉନ୍ନତ ପରିଚାଳନା କରିବା ସହିତ ଉନ୍ନତ ଶାସନରେ ସହାୟକ ହେବ ।

## I. ଉପକ୍ରମ

ସମୀକ୍ଷିତ ସଂସ୍ଥା ଗୁଡ଼ିକର ପାର୍ଶ୍ୱଚିତ୍ର, ସମୀକ୍ଷାର ଯୋଜନା ଏବଂ ପରିସର ଏବଂ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ସିଦ୍ଧାନ୍ତ ଗୁଡ଼ିକୁ ଅଧ୍ୟାୟ-I ରେ ସଂକ୍ଷେପରେ ବର୍ଣ୍ଣନା କରାଯାଇଅଛି । ଅଧ୍ୟାୟ-II, III, IV, V ଏବଂ VI ରେ ନିର୍ଦ୍ଦିଷ୍ଟ ବିସ୍ତୃତ ଅନୁପାଳନ ସମୀକ୍ଷା ଗୁଡ଼ିକର ସିଦ୍ଧାନ୍ତ ବର୍ଣ୍ଣନା କରାଯାଇଅଛି ଏବଂ ଅଧ୍ୟାୟ- VII ରେ ବିଭିନ୍ନ ବିଭାଗ ଗୁଡ଼ିକର ଅନୁପାଳନ ସମୀକ୍ଷା ସିଦ୍ଧାନ୍ତ ବର୍ଣ୍ଣନା କରାଯାଇଅଛି ।

## II. କୃଷକମାନଙ୍କ କଲ୍ୟାଣ ପାଇଁ ପ୍ୟାକେଜ୍ "ଜୀବିକା ଓ ଆୟ ବୃଦ୍ଧି ନିମନ୍ତେ କୃଷକଙ୍କୁ ସହାୟତା" ଉପରେ ବିସ୍ତୃତ ଅନୁପାଳନ ସମୀକ୍ଷାର ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ସିଦ୍ଧାନ୍ତ

କୃଷି ସମୃଦ୍ଧିକୁ ତ୍ୱରାନ୍ୱିତ କରିବା ଏବଂ କୃଷକଙ୍କ ଦାରିଦ୍ର୍ୟ ହ୍ରାସ ପାଇଁ ଛଅଟି ଉପାଦାନ ଥିବା ସରକାରୀ ଯୋଜନା ଜୀବିକା ଏବଂ ଆୟ ବୃଦ୍ଧି ପାଇଁ କୃଷକ ସହାୟତା (କାଳିଆ) ଯୋଜନା ଅନ୍ତର୍ଗତ କୃଷକମାନଙ୍କ ପାଇଁ ପ୍ୟାକେଜ୍ ଉପରେ ଅନୁପାଳନ ଅଡିଟ୍ ନିମ୍ନ ମତେ ପ୍ରକାଶ କଲା:

- ହିତାଧିକାରୀଙ୍କ ଚିହ୍ନଟ ଏବଂ ଚୟନ ପାଇଁ ବ୍ୟବହୃତ କାଳିଆ ପୋର୍ଟାଲର ସଂପୃକ୍ତ ଡାଟାବେସ୍ ଏବଂ ଅନ୍ୟାନ୍ୟ ଡାଟାବେସ୍‌ଗୁଡ଼ିକୁ ବାରମ୍ବାର ଅନୁରୋଧ ସତ୍ତ୍ୱେ ବିଭାଗ ପ୍ରଦାନ କରିନଥିଲେ । ଅର୍ଥ ପ୍ରଦାନକୁ ପ୍ରମାଣ କରୁଥିବା ଅର୍ଥ ପ୍ରଦାନ ସ୍ୱୀକୃତି ଡାଟା ମଧ୍ୟ ବିଭାଗ ପ୍ରଦାନ କରିନଥିଲା । ବିତରଣ କରାଯାଇଥିବା ସର୍ବମୋଟ 9,331.01 କୋଟି ଟଙ୍କା ମଧ୍ୟରୁ 2021-22 ରେ ବିଭାଗ ଦ୍ୱାରା ବିତରଣ କରାଯାଇଥିବା 2,060.29 କୋଟି ଟଙ୍କାର ବିଶ୍ଳେଷଣ ତଥ୍ୟ ଓ ସୂଚନା ଅଭାବରୁ କରାଯାଇପାରି ନଥିଲା ।

  ***(ଅନୁଚ୍ଛେଦ 2.1.3)***

- ଯୋଜନାରେ ପ୍ରସ୍ତୁତିର ଅଭାବ ହେତୁ ବିଭାଗ ଏହି ଯୋଜନାର କାର୍ଯ୍ୟକାରିତାକୁ ସୁନିଶ୍ଚିତ କରିପାରିଲେ ନାହିଁ, ଯାହାଫଳରେ ସରକାରଙ୍କ ଦ୍ୱାରା ଅନୁମୋଦିତ କାଳିଆ ଯୋଜନା ଅନ୍ତର୍ଗତ ଛଅଟି ଉପାଦାନ ମଧ୍ୟରୁ କେବଳ ଦୁଇଟି ଉପାଦାନ ଯଥା: 'ଚାଷ ପାଇଁ କୃଷକମାନଙ୍କୁ ସହାୟତା' ଏବଂ 'ଭୂମିହୀନ କୃଷି ପରିବାର ପାଇଁ ଜୀବିକା ସହାୟତା' 2018-21 ମଧ୍ୟରେ କାର୍ଯ୍ୟକାରୀ ହୋଇଥିଲା । ଅଧିକନ୍ତୁ, ମାର୍ଚ୍ଚ 2021 ସୁଦ୍ଧା ପ୍ରଥମ ଉପାଦାନ ଅଧିନରେ ହିତାଧିକାରୀଙ୍କୁ ପାଞ୍ଚଟି କିସ୍ତି ମଧ୍ୟରୁ କେବଳ ତିନୋଟି ପ୍ରଦାନ କରାଯାଇଥିଲା । ଦୁଇଟି ଉପାଦାନ ଯଥା: 'ଆର୍ଥିକ ଦୁର୍ବଳ କୃଷି ପରିବାରକୁ ଆର୍ଥିକ ସହାୟତା' ଏବଂ 'ସୁଧ ମୁକ୍ତ ଶସ୍ୟ ଋଣ' ଛାଡ଼ କରିଦିଆଯାଇଥିଲା । ଅବଶିଷ୍ଟ ଦୁଇଟି ଉପାଦାନ ଯଥା: 'କୃଷକ ଏବଂ ଭୂମିହୀନ କୃଷି ଶ୍ରମିକଙ୍କୁ ଜୀବନ ବୀମା ସହାୟତା' ଏବଂ 'କାଳିଆ ସ୍କଲାରସିପ୍' ଯୋଜନା ଆରମ୍ଭ ହେବାର ଦୁଇ ବର୍ଷରୁ ଅଧିକ ସମୟ ପରେ ମଧ୍ୟ ଯୋଜନା ପର୍ଯ୍ୟାୟରେ ଅଛି । କୃଷକମାନଙ୍କୁ ସହାୟତା ପ୍ରଦାନରେ ମଧ୍ୟ ବିଳମ୍ବ ହୋଇଥିଲା ।

  ***(ଅନୁଚ୍ଛେଦ 2.2.1)***

- ବିଭାଗ, 2019-21 ମଧ୍ୟରେ 65.64 ଲକ୍ଷ ହିତାଧିକାରୀଙ୍କୁ କାଳିଆ ସହାୟତା ପ୍ରଦାନ କରିଥିଲେ । 41.64 ଲକ୍ଷ ହିତାଧିକାରୀଙ୍କୁ ତିନି ଥର 8.09 ଲକ୍ଷ ହିତାଧିକାରୀଙ୍କୁ ଦୁଇ ଥର ଏବଂ 15.91 ଲକ୍ଷ ହିତାଧିକାରୀଙ୍କୁ କେବଳ ଥରେ କିସ୍ତି ପ୍ରଦାନ କରିଥିଲେ । ଏହି ଯୋଜନା କାର୍ଯ୍ୟକାରୀ କରିବା ସମୟରେ 9.76 ଲକ୍ଷ ଅଯୋଗ୍ୟ ହିତାଧିକାରୀଙ୍କ ଚିହ୍ନଟ ହେତୁ ଏହା ଘଟିଥିଲା । ଏଥି ସହିତ, ଅନ୍ୟ ଡାଟାବେସ୍ ଯଥା ଏସ୍ଇସିସି, ବାହାନ, ଆଇଏଫ୍ଏମ୍ଏସ୍ ଏବଂ ଏଚ୍ଆର୍ଏମ୍ଏସ୍ ସହିତ କାଳିଆ ଡାଟାବେସ୍‌କୁ ବିଶ୍ଳେଷଣ କରି 2.96 ଲକ୍ଷ ଅଯୋଗ୍ୟ ହିତାଧିକାରୀ ଥିବା ଅଡିଟ୍ ଲକ୍ଷ୍ୟ କରିଥିଲା । ଏହିପରି ସର୍ବମୋଟ 12.72 ଲକ୍ଷ ଅଯୋଗ୍ୟ ହିତାଧିକାରୀ ଥିଲେ । ଏହି 12.72 ଲକ୍ଷ ଅଯୋଗ୍ୟ ହିତାଧିକାରୀଙ୍କ ଉଦ୍ଦେଶ୍ୟରେ ବିଭାଗ 782.26 କୋଟି ଟଙ୍କା ପ୍ରଦାନ କରିଥିଲେ ଯାହାର ଅସୁଲ କରାଯିବା ସମ୍ଭାବନା କ୍ଷୀଣ ଥିଲା ।

***(ଅନୁଚ୍ଛେଦ 2.2.2 ଏବଂ 2.2.2.4)***

- 107.64 କୋଟି ଟଙ୍କା ଦେୟ 1.28 ଲକ୍ଷ ଖାତାଧାରୀଙ୍କୁ ପ୍ରଦାନ କରାଯାଇଥିଲା ଯେଉଁଥିରେ ଖାତାଧାରୀଙ୍କ ନାମ ହିତାଧିକାରୀଙ୍କ ନାମ ଠାରୁ ଭିନ୍ନ ଥିଲା ଯାହା ଅନଧିକୃତ ବ୍ୟକ୍ତିଙ୍କୁ ଦେୟ ସୂଚାଇଲା ।

***(ଅନୁଚ୍ଛେଦ 2.2.3)***

- ଆବଶ୍ୟକ ତାଲିମ ଏବଂ ଦକ୍ଷତା ବିକାଶ ନକରି 14.04 ଲକ୍ଷ ଭୂମିହୀନ କୃଷି ଶ୍ରମିକଙ୍କୁ ସମସ୍ତ ତିନୋଟି କିସ୍ତି ପ୍ରଦାନ କରାଯାଇଥିଲା ଯାହା ଯୋଜନାର ଉଦ୍ଦେଶ୍ୟକୁ ପରାଜିତ କରିଥିଲା ।

***(ଅନୁଚ୍ଛେଦ 2.2.5)***

- ଟେଣ୍ଡର ଆହ୍ୱାନ ନକରି କାର୍ଯ୍ୟ ପାଇଁ ଅନୌପଚାରିକ ଭାବରେ ମେସର୍ସ ସିଏସ୍ଏମ୍ ଟେକ୍ନୋଲୋଜି ପ୍ରାଇଭେଟ୍ ଲିମିଟେଡକୁ ନିୟୋଜିତ କରି ବିଭାଗ ଏକ ଅଯଥା ଅନୁଗ୍ରହ ଦେଖାଇଥିଲେ ।

***(ଅନୁଚ୍ଛେଦ 2.2.6.1)***

- ତଥ୍ୟାବଳୀର ଗୁରୁତ୍ୱପୂର୍ଣ୍ଣ ଅସଙ୍ଗତି ଯେପରିକି ହିତାଧିକାରୀଙ୍କ ନାମ, ବ୍ୟାଙ୍କ ଖାତା ସଂଖ୍ୟା ଏବଂ ମାଷ୍ଟର ସାରଣୀରେ ଚାଷୀ ବର୍ଗର ଲଗ୍ ବିନା ପ୍ରୟୋଗ ଗୁଡ଼ିକର ପରିବର୍ତ୍ତନ ଏବଂ ନେଣଦେଣର ଅଡିଟ୍ ଟ୍ରେଲ ଅଭାବରୁ ତଥ୍ୟର ଅଖଣ୍ଡତା କ୍ଷୁର୍ଣ୍ଣ ହୋଇଥିଲା ।

***(ଅନୁଚ୍ଛେଦ 2.2.6.2)***

- ନକଲି ଏବଂ ଅନାବନା ପ୍ରବେଶକୁ ରୋକିବା ପାଇଁ ଡାଟା ଏଣ୍ଟ୍ରି ଫର୍ମରେ କୌଣସି ଇନ୍‌ପୁଟ୍ ନିୟନ୍ତ୍ରଣ କିମ୍ବା ବୈଧତା ନଥିଲା । ଅଡିଟ୍ ଦେଖିଲେ ଯେ କାରବାର ସମାପ୍ତ ହେବା ଏବଂ ରେକର୍ଡ ହେବା ପରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପୁନର୍ବାର କୌଣସି ଲଗ୍ କିମ୍ବା ଅଡିଟ ଟ୍ରେଲ୍ ବିନା ହସ୍ତଚାଳିତ ଭାବରେ ଅଦ୍ୟତନ ହୋଇଥିଲା ଯାହାଦ୍ୱାରା ତଥ୍ୟାବଳୀ, ଅସଙ୍ଗତ, ଅବିଶ୍ୱସନୀୟ ଏବଂ ବିଚ୍ଛିନ୍ନ ତଥ୍ୟାବଳୀରେ ପରିଣତ ହୋଇଥିଲା ।

***(ଅନୁଚ୍ଛେଦ 2.2.6.2 ଏବଂ 2.2.6.3)***

## III. ସୁନ୍ଦରଗଡ଼ ଜିଲ୍ଲାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ପରିବେଶ ନିୟମ ଗୁଡ଼ିକର ପ୍ରୟୋଗ ଉପରେ ବିସ୍ତୃତ ଅନୁପାଳନ ସମୀକ୍ଷାର ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ସିଦ୍ଧାନ୍ତ

ସୁନ୍ଦରଗଡ଼ ଜିଲ୍ଲାରେ ପ୍ରୟୋଗ କରାଯାଇଥିବା କେତେକ ପରିବେଶ ଆଇନକୁ ସମୀକ୍ଷା ଯାଞ୍ଚ କରିଥିଲା ଯାହାକି ଓଡ଼ିଶାର ଶିଳ୍ପାଞ୍ଚଳ ମଧ୍ୟରେ ଅନ୍ୟତମ । ସମୀକ୍ଷା ନିମ୍ନଲିଖିତ ପ୍ରମୁଖ ଅନିୟମିତତା ଅବଲୋକନ କରିଥିଲା ଯାହା ଉପରେ ବିଭାଗ ଦ୍ୱାରା କାର୍ଯ୍ୟାନୁଷ୍ଠାନ ଆବଶ୍ୟକ ।

- ସମୀକ୍ଷା ଲକ୍ଷ୍ୟ କଲା ଯେ ଜିଲ୍ଲାର ଛଅଟି ଷ୍ଟେସନରେ ନମୁନା ବିଶ୍ଳେଷଣ କରାଯାଇଥିବା 7,238 ପରିବେଶ ବାୟୁ ଗୁଣବତ୍ତା (ଏଏକ୍ୟୁ) ପାଇଁ 2016-20 ମଧ୍ୟରେ ପିଏମ$_{10}$ ଏବଂ ପିଏମ$_{2.5}$ ର ହାରାହାରି ମୂଲ୍ୟ ଅଧିକ ଥିଲା । ପରିବେଶ ବାୟୁ ରେ ପ୍ରଦୂଷକ ଏବଂ ସିଲିକା ଧୂଳି ଅଧିକ ପରିମାଣରେ ଥିବା ହେତୁ, ଜିଲ୍ଲାରେ 2,440 ଫୁସ୍‌ଫୁସ୍ ଜନିତ ରୋଗ ଏବଂ 61,698 ସିଲିକୋସିସ୍ ରୋଗୀ ଚିହ୍ନଟ ହୋଇଥିଲେ ।

***(ଅନୁଚ୍ଛେଦ 3.2)***

- ନଅ ବର୍ଷରୁ ଅଧିକ ସମୟ ଧରି ସ୍ଥାପନ ପାଇଁ ସମ୍ମତି (ସିଟିଇ) ଏବଂ କାର୍ଯ୍ୟନିର୍ବାହର ସମ୍ମତି (ସିଟିଓ) ବିନା ମେସର୍ସ ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡ୍ ଦ୍ୱାରା କନ୍‌ଭେୟର ବେଲ୍ଟ କାର୍ଯ୍ୟକାରୀ କରାଯିବା, ପରିବେଶ ଆଇନ୍ କାର୍ଯ୍ୟକାରିତାରେ ଆଞ୍ଚଳିକ ଅଧିକାରୀ, ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡଙ୍କ ଏକ ପ୍ରମୁଖ ବିଫଳତା ଥିଲା ।

***(ଅନୁଚ୍ଛେଦ 3.2.2.1)***

- 2016-21 ଅବଧିରେ ଦୁଇଟି ଖଣି, ପିଏମ୍$_{10}$ ସ୍ତରର ଶ୍ୱାସକ୍ରିୟା କଣିକା ପଦାର୍ଥ ଏବଂ ଭାସମାନ କଣିକା ପଦାର୍ଥର ପରିବେଶ ବାୟୁ ଗୁଣବତ୍ତା ମାନକ ଉପାଦନ ଗୁଡ଼ିକ ବଜାୟ ରଖିବାରେ ବିଫଳ ହୋଇଥିଲା ।

***(ଅନୁଚ୍ଛେଦ 3.2.2.2)***

- ରାଉରକେଲା ମ୍ୟୁନିସିପାଲିଟି କର୍ପୋରେସନ (ଆର୍‌ଏମ୍‌ସି) ଏବଂ ରାଉରକେଲା ଇସ୍ପାତ୍ କାରଖାନା (ଆର୍‌ଏସ୍‌ପି) ନିକଟରେ ପ୍ରବାହିତ ବ୍ରାହ୍ମଣୀ ନଦୀର ଦୂଷିତ ଜଳ ବ୍ୟବହାର ହେତୁ ବଣେଇର ଉପବିଭାଜନ ଚିକିତ୍ସାଳୟ (ଏସ୍‌ଡିଏଚ୍) ରେ 1,100 ବୃକକ ମାମଲାର ଚିକିତ୍ସା କରାଯାଇଥିଲା ।

***(ଅନୁଚ୍ଛେଦ 3.3)***

- ଆର୍‌ଏସ୍‌ପି ଦ୍ୱାରା ଶୂନ୍ୟ ତରଳ ନିଷ୍କାସନ (ଜେଡ୍‌ଏଲ୍‌ଡି) ର ଅଣ-କାର୍ଯ୍ୟକାରିତା ହେତୁ, ପାଞ୍ଚଟି ଆଉଟ୍‌ଲେଟ୍/ ଆଉଟ୍ ଫଲ୍‌ରେ 2.0 ଏମ୍‌ଜି/ଲିଟରର ନିର୍ଦ୍ଧାରିତ ମାନକ ପରିବର୍ତ୍ତେ 2.6 ଏମ୍‌ଜି/ଲିଟର (130 ପ୍ରତିଶତ) ରୁ ଆରମ୍ଭ କରି 17 ଏମ୍‌ଜି/ଲିଟର (850 ପ୍ରତିଶତ) ର ଅଧିକ ପରିରମାଣର ଫ୍ଲୋରାଇଡ୍ ରହିଥିଲା । ସେହିପରି, ଜୈବିକ ଅମ୍ଳଜାନ ଚାହିଦା ଆଉଟଲେଟ୍‌ରେ 0.2 ଏମ୍‌ଜି/ଲିଟର ନିର୍ଦ୍ଧାରିତ ମାନକ ପରିବର୍ତ୍ତେ 3.6 ଏମ୍‌ଜି/ଲିଟର (1,800 ପ୍ରତିଶତ) ସିଆନାଇଡ୍ ଥିଲା । ଏହି ଦୂଷିତ ଆଉଟ୍‌ଫଲ୍ ଗୁରୁଡିନଳା ସହିତ ସଂଯୁକ୍ତ ହୋଇ ଶେଷରେ ବ୍ରାହ୍ମଣୀ ନଦୀକୁ ପ୍ରଦୂଷିତ କଲା ।

***(ଅନୁଚ୍ଛେଦ 3.3.1.1)***

- ପରିମଳ ଉପଚାର ପ୍ଲାଣ୍ଟ (ଏସ୍‌ଟିପି) ପ୍ରତିଷ୍ଠା ନ ହେବା କାରଣରୁ ରାଉରକେଲା ମହାନଗର ନିଗମ, ବ୍ରାହ୍ମଣୀ ଏବଂ କୋଏଲ୍ ନଦୀରେ ବିଶୋଧିତ ବର୍ଜ୍ୟବସ୍ତୁ ନିଷ୍କାସନ କରି ପ୍ରଦୂଷଣ ସୃଷ୍ଟି କଲା । ପୌର ସ୍ଥାନୀୟ ସଂସ୍ଥା (ୟୁଏଲ୍‌ବି) ଦ୍ୱାରା କୌଣସି ଏସ୍‌ଟିପି ଗଠନ କରାଯାଇ ନଥିଲା ଯାହାଦ୍ୱାରା ବର୍ଜ୍ୟଜଳ ସିଧାସଳଖ ନଦୀ ନାଳକୁ ଏବଂ ଖୋଲା ସ୍ଥାନକୁ ନିର୍ଗତ ହେଉଥିଲା । ମାର୍ଚ୍ଚ 2020 ସୁଦ୍ଧା 100 ପ୍ରତିଶତ ବର୍ଜ୍ୟବସ୍ତୁ ଉପଚାର ହାସଲ ଲକ୍ଷ୍ୟ ପୂରଣ ହୋଇପାରି ନଥିଲା ।

***(ଅନୁଚ୍ଛେଦ 3.3.1.2)***

- ମାନବ ସମ୍ବଳ ଅଭାବ ହେତୁ ଜାନୁଆରୀ 2021 ସୁଦ୍ଧା, 100 ପ୍ରତିଶତ ଗୃହ ରୁ ଗୃହ (ଡି2ଡି) ବର୍ଜ୍ୟବସ୍ତୁ ସଂଗ୍ରହ ହୋଇପାରିଲା ନାହିଁ ।

***(ଅନୁଚ୍ଛେଦ 3.4.2)***

- ଯଦିଓ 3.40 କୋଟି ଟଙ୍କା ବ୍ୟୟରେ ଆଠଟି ମାଇକ୍ରୋ କମ୍ପୋଷ୍ଟିଂ କେନ୍ଦ୍ର (ଏମ୍‌ସିସି) ନିର୍ମାଣ କରାଯାଇଥିଲା, ମାତ୍ର ବିଦ୍ୟୁତିକରଣର ଅଭାବ, ଜଳ ସଂଯୋଗ, ଯନ୍ତ୍ରପାତି ସଂସ୍ଥାପନ ନହେବା କାରଣରୁ ସେଗୁଡ଼ିକ କାର୍ଯ୍ୟକ୍ଷମ ହୋଇପାରିଲା ନାହିଁ ।

***(ଅନୁଚ୍ଛେଦ 3.4.3)***

- ସାଧାରଣ ବାୟୋ-ମେଡିକାଲ୍ ବର୍ଜ୍ୟବସ୍ତୁ ଉପଚାର ଫାସିଲିଟିର ପରିଚାଳକ ନିର୍ଦ୍ଦିଷ୍ଟ ସମୟ ସୀମା ଅର୍ଥାତ୍ 48 ଘଣ୍ଟା ମଧ୍ୟରେ ବାୟୋ-ମେଡିକାଲ୍ ବର୍ଜ୍ୟବସ୍ତୁର ସଂଗ୍ରହ, ପରିବହନ ଏବଂ ନିଷ୍କାସନ କରିନଥିଲେ ଏବଂ ଏଥିରେ 30 ଦିନ ପର୍ଯ୍ୟନ୍ତ ବିଳମ୍ବ କରିଥିଲେ ।

***(ଅନୁଚ୍ଛେଦ 3.5.4)***

- ଗ୍ଲୋବାଲ ପୋଜିସନିଙ୍ଗ ସିଷ୍ଟମ (ଜିପିଏସ୍) ସହିତ ବାର-କୋଡିଂର ବ୍ୟବସ୍ଥା ନ ହେବା ହେତୁ ସ୍ୱାସ୍ଥ୍ୟ-ଚିକିତ୍ସା ସୁବିଧା (ଏଚ୍‌ସିଏଫ୍)ଗୁଡ଼ିକ, ବାୟୋ-ମେଡିକାଲ ବର୍ଜ୍ୟବସ୍ତୁ (ବିଏମ୍‌ଡବ୍ଲୁ) ର ଟ୍ରାକିଂ ଏବଂ ଏହାର ଠିକ୍ ସମୟରେ ନିଷ୍କାସନ ନିଶ୍ଚିତ କରିବାରେ ବିଫଳ ହେଲେ।

**(*ଅନୁଚ୍ଛେଦ 3.5.5*)**

- ତିନି ଫେଜ୍ ବିଦ୍ୟୁତ୍ ସଂଯୋଗ ନହେବା ଯୋଗୁଁ ମାର୍ଚ୍ଚ 2021 ସୁଦ୍ଧା କୌଣସି ଇନ୍‌ସିନେଟର କାର୍ଯ୍ୟକ୍ଷମ ନଥିଲା ଏବଂ 97.34 ଲକ୍ଷ ଟଙ୍କାର ନିଷ୍ଫଳ ବ୍ୟୟ ହେଲା । ଏହାଦ୍ୱାରା, ଖୋଲା ସ୍ଥାନରେ ଜୈବ ବର୍ଜ୍ୟବସ୍ତୁ ଜଳିବା ଦ୍ୱାରା ପରିବେଶ ପାଇଁ ବିପଦ ସୃଷ୍ଟି ହୋଇଥିଲା।

**(*ଅନୁଚ୍ଛେଦ 3.5.7*)**

- ମ୍ୟୁନିସିପାଲିଟି କଠିନ ବର୍ଜ୍ୟବସ୍ତୁ ସହିତ ଅଣ-ପୃଥକୀକୃତ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁକୁ ମିଶାଇ ଏକ ଅବୈଜ୍ଞାନିକ ପ୍ରଣାଳୀରେ ଡମ୍ପ୍ କରାଯାଉଥିଲା ଏବଂ ନଷ୍ଟ କରାଯାଉଥିଲା ଯାହାକି ପରିବେଶ ପାଇଁ ସମସ୍ୟା ସୃଷ୍ଟି କଲା।

**(*ଅନୁଚ୍ଛେଦ 3.6.3*)**

- ଯଦିଓ, 2016-20 ଅବଧି ମଧରେ ବିପଜ୍ଜନକ ବର୍ଜ୍ୟବସ୍ତୁ ଉତ୍ପାଦନ ବୃଦ୍ଧି ପାଉଥିଲା, ତଥାପି ବିପଜ୍ଜନକ ବର୍ଜ୍ୟବସ୍ତୁ ଉତ୍ପାଦନକୁ ହ୍ରାସ କିମ୍ବା ରୋକିବା ପାଇଁ କୌଣସି କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇନଥିଲା।

**(*ଅନୁଚ୍ଛେଦ 3.6.4.2*)**

## IV. ରାଜ୍ୟ କ୍ଷତିପୂରକ ବନୀକରଣ ପାଣ୍ଠି ପରିଚାଳନା ଏବଂ ଯୋଜନା ପ୍ରାଧିକରଣ ଉପରେ ବିସ୍ତୃତ ଅନୁପାଳନ ସମୀକ୍ଷା ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ସିଦ୍ଧାନ୍ତ

କ୍ଷତିପୂରକ ବନୀକରଣ, ଜଙ୍ଗଲ ଏବଂ ବନ୍ୟଜନ୍ତୁଙ୍କ ପରିଚାଳନା ତଥା ସୁରକ୍ଷା ଭିତ୍ତିଭୂମି ବିକାଶ ଏବଂ ଅନ୍ୟାନ୍ୟ ସହଯୋଗୀ କାର୍ଯ୍ୟର କାର୍ଯ୍ୟକଳାପକୁ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ କ୍ଷତିପୂରକ ବନୀକରଣ ପାଣ୍ଠି ପରିଚାଳନା ଏବଂ ଯୋଜନା ପ୍ରାଧିକରଣ (କାମ୍ପା)ଗଠନ କରାଯାଇଥିଲା।

ଭାରତ ସରକାର (ଜିଓଆଇ) ଦ୍ୱାରା କାମ୍ପା ନିର୍ଦ୍ଦେଶାବଳୀ ବିଜ୍ଞପ୍ତି ପ୍ରକାଶ ପାଇବାର ନଅ ବର୍ଷ ବିଳମ୍ବରେ ରାଜ୍ୟରେ ରାଜ୍ୟ କାମ୍ପା ଗଠନ କରାଯାଇଥିଲା।

**(*ଅନୁଚ୍ଛେଦ 4.2.1*)**

ଜଙ୍ଗଲ ଜମିର ଡାଇଭର୍ସନ ଜନିତ ନଅଟି ମାମଲାରେ, ଯେଉଁଥିପାଇଁ ଦ୍ୱିତୀୟ ପର୍ଯ୍ୟାୟ/ ଚୂଡ଼ାନ୍ତ ଅନୁମୋଦନ ପାଞ୍ଚବର୍ଷରୁ ଅଧିକ ସମୟ ବିଚାରାଧିନ ଥିଲା, ବିଭାଗ ଦ୍ୱାରା ସଂଶୋଧିତ ହାରରେ 88.40 କୋଟି ଟଙ୍କାର ନେଟ୍ ବର୍ତ୍ତମାନ ମୂଲ୍ୟ (ଏନ୍‌ପିଭି) ଆଦାୟ କରାଯାଇ ନଥିଲା।

**(*ଅନୁଚ୍ଛେଦ 4.3.2*)**

ଜଙ୍ଗଲ ସଂରକ୍ଷଣ ଆଇନ୍, 1980 ଲାଗୁ ହେବା ପରଠାରୁ ଆଜି ପର୍ଯ୍ୟନ୍ତ ଜଙ୍ଗଲ ଜମିର ଡାଇଭର୍ସନ ପାଇଁ 6,995.97 ହେକ୍ଟର କ୍ଷତିପୂରକ ବନୀକରଣ ଲକ୍ଷ୍ୟ ହାସଲ ହୋଇ ପାରି ନଥିଲା।

**(*ଅନୁଚ୍ଛେଦ 4.4.1*)**

ଜଙ୍ଗଲ ମଞ୍ଜୁରୀ ଅଧିନରେ ଥିବା ସର୍ତ୍ତମୂଳକ କାର୍ଯ୍ୟ ଯଥା ହାତୀ ଅଣ୍ଡରପାସ୍/ ଓଭରବ୍ରୀଜ୍, ସରୀସୃପ ଅଣ୍ଡରପାସ୍ କାର୍ଯ୍ୟ ଚାଲୁଥିଲା, କିମ୍ବା ଦ୍ୱିତୀୟ ପର୍ଯ୍ୟାୟ ଅନୁମୋଦନ ପରେ ଦୁଇରୁ ଚାରି ବର୍ଷ ପରେ ମଧ ବ୍ୟବହାରକାରୀ ଏଜେନ୍ସି ଦ୍ୱାରା କରାଯାଇ ନଥିଲା।

**(*ଅନୁଚ୍ଛେଦ 4.4.5*)**

କାମ୍ପା ପାଣ୍ଠିରୁ ଅଗ୍ନି ନିରାପତ୍ତା ପାଇଁ 58.84 କୋଟି ଟଙ୍କା ଖର୍ଚ୍ଚ ସତ୍ତ୍ୱେ, 2019 ମସିହା ତୁଳନାରେ 2021 ମସିହାରେ ଜଙ୍ଗଲ ଅଗ୍ନିକାଣ୍ଡ ଘଟଣା 209 ପ୍ରତିଶତ ବୃଦ୍ଧି ପାଇ ଥିଲା ଏବଂ ଜଙ୍ଗଲ କ୍ଷେତ୍ରର କ୍ଷତି 300 ପ୍ରତିଶତ ବୃଦ୍ଧି ପାଇ ଥିଲା ।

***(ଅନୁଚ୍ଛେଦ 4.4.7)***

କାମ୍ପାରୁ ମିଳିଥିବା ମୋଟ ରାଶି 2,284.98 କୋଟି ଟଙ୍କା ମଧ୍ୟରୁ ରାଜ୍ୟ କାମ୍ପା 2019-22 ମଧ୍ୟରେ ସହାୟତା ରାଶି 2,074.44 କୋଟି ଟଙ୍କା ବିନିଯୋଗ କରିବାରେ ବିଫଳ ହୋଇଛି ।

***(ଅନୁଚ୍ଛେଦ 4.5.1)***

ଆରମ୍ଭରୁ, ଅର୍ଥାତ୍ 2009 ରୁ 2022 ପର୍ଯ୍ୟନ୍ତ ରାଜ୍ୟ କାମ୍ପାର ବାର୍ଷିକ ଖାତା ଚୂଡ଼ାନ୍ତ ହୋଇପାରି ନଥିଲା ।

***(ଅନୁଚ୍ଛେଦ 4.5.3.1)***

ରାଜ୍ୟ କାମ୍ପା ପାଣ୍ଠିରୁ 56.82 କୋଟି ଟଙ୍କା ଅନିୟମିତ ଭାବେ ନିର୍ମାଣ କାର୍ଯ୍ୟ ପାଇଁ ବ୍ୟବହାର କରାଯାଇ ଥିଲା ।

***(ଅନୁଚ୍ଛେଦ 4.5.4.1)***

କାମ୍ପା ପାଣ୍ଠିରୁ 248.06 କୋଟି ଟଙ୍କା ଆମ ଜଙ୍ଗଲ ଯୋଜନାରେ ବିନିଯୋଗ କରାଯାଇଥିଲା ।

***(ଅନୁଚ୍ଛେଦ 4.5.5.1)***

ଜଙ୍ଗଲରେ ପଦ ପଇଁତରାର ଅଭାବ, ଟ୍ରାପ୍ କ୍ୟାମେରାର ଅନୁପଯୁକ୍ତ ବ୍ୟବହାର ଏବଂ ଅନ୍ୟାନ୍ୟ ସୁରକ୍ଷା ବ୍ୟବସ୍ଥା ଯୋଗୁଁ ଆଠଗଡ଼ ଏବଂ ଢେଙ୍କାନାଳ ବନଖଣ୍ଡରେ 51 ଟି ହାତୀ ମୃତ୍ୟୁ ମାମଲା ରେକର୍ଡ କରାଯାଇଥିଲା ।

***(ଅନୁଚ୍ଛେଦ 4.7.3)***

ରାଜ୍ୟ ଜଙ୍ଗଲ ବିଭାଗ(ଏସ୍ଏଫ୍ଡି)ର ପର୍ଯ୍ୟାଲୋଚନା ଏବଂ ମୂଲ୍ୟାଙ୍କନ ଅଙ୍ଗ 2019-22 ମଧ୍ୟରେ କୌଣସି ପର୍ଯ୍ୟାଲୋଚନା କିମ୍ବା ମୂଲ୍ୟାଙ୍କନ କାର୍ଯ୍ୟକଳାପ ଯୋଜନା କରିନଥିଲେ ।

***(ଅନୁଚ୍ଛେଦ 4.7.4)***

## V ଉତ୍ତର-ଦକ୍ଷିଣ କରିଡର-ବିଜୁ ଏକ୍ସପ୍ରେସ୍ ୱେ ନିର୍ମାଣ ଉପରେ ବିସ୍ତୃତ ଅନୁପାଳନ ସମୀକ୍ଷାର ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ସିଦ୍ଧାନ୍ତ

ରାସ୍ତା ପ୍ରକଳ୍ପର ଅଭିଳକ୍ଷିତ ଉଦ୍ଦେଶ୍ୟ ହାସଲ ହୋଇଛି କି ନାହିଁ ଆକଳନ କରିବା ଉଦ୍ଦେଶ୍ୟରେ ଉତ୍ତର-ଦକ୍ଷିଣ କରିଡର-ବିଜୁ ଏକ୍ସପ୍ରେସ ୱେ (ବିଇଡବ୍ଲୁ) ପ୍ରକଳ୍ପର ନିର୍ମାଣ ଉପରେ ଏହି ଅନୁପାଳନ ସମୀକ୍ଷା କରାଯାଇଥିଲା । ଏହି ପ୍ରକଳ୍ପର ଅନୁପାଳନ ସମୀକ୍ଷାରେ ନିମ୍ନଲିଖିତ ବିଷୟ ପରିଲକ୍ଷିତ ହେଲା:

- ଚାରି ଲେନ୍ ବିଶିଷ୍ଟ ଏହି ପ୍ରକଳ୍ପଟି ବିସ୍ତୃତ ଭାବରେ କଳ୍ପନା କରାଯାଇ ନଥିଲା । ବିଭିନ୍ନ ଯୋଜନା ମାଧ୍ୟମରେ କାର୍ଯ୍ୟଗୁଡ଼ିକୁ ଖଣ୍ଡ ଖଣ୍ଡ କରି ନିର୍ବାହ କରାଯାଇଥିଲା । ଏହି କାରଣରୁ ରାସ୍ତା ଓ ସେତୁର ଆଲାଇନ୍‌ମେଣ୍ଟ, ପେଭ୍‌ମେଣ୍ଟ ନିର୍ଦ୍ଦିଷ୍ଟତା, ଜମି ଅଧିଗ୍ରହଣ ଇତ୍ୟାଦିରେ ସମସ୍ୟା ଥିବା ପରିଲକ୍ଷିତ ହେଲା ।
- ବିଦ୍ୟମାନ ଇକ୍ୱିଟି ଆଇଆର୍ଆର୍ 21.66 ପ୍ରତିଶତକୁ ଧ୍ୟାନରେ ରଖି, ପରାମର୍ଶଦାତାଙ୍କ ସୁପାରିଶକୁ ବିଚାରକୁ ନିଆନଯାଇ ରାଉରକେଲା-ସମ୍ବଲପୁର ରାସ୍ତା ପ୍ରକଳ୍ପକୁ ଇପିସି ମୋଡରେ ପ୍ରଦାନ କରିବା ପରିବର୍ତ୍ତେ ଭିଏବିଲିଟି ଗ୍ୟାପ୍ ଫଣ୍ଡ (ଭିଜିଏଫ୍) ସହିତ ପିପିପି ମୋଡରେ ରାଜ୍ୟ ସରକାର ପ୍ରଦାନ କରିଥିଲେ ।

***(ଅନୁଚ୍ଛେଦ 5.2.1)***

- ରାଉରକେଲା-ସମ୍ବଲପୁର ପିପିପି ପ୍ରକଳ୍ପର ତ୍ରୁଟିପୂର୍ଣ୍ଣ ବିସ୍ତୃତ ପ୍ରକଳ୍ପ ରିପୋର୍ଟ(ଡିପିଆର୍) ପ୍ରସ୍ତୁତ ଓ ଉପଯୋଗିତା ସ୍ଥାନାନ୍ତର ଏବଂ ଜଙ୍ଗଲ ନିକାସ ମୂଲ୍ୟ ହ୍ରାସ ନ କରିବା ଯୋଗୁଁ କନ୍‌ସେସ୍‌ନେୟାରଙ୍କୁ ଭିଜିଏଫ୍ ବାବଦରେ 134.67 କୋଟି ଟଙ୍କା ଅତିରିକ୍ତ ପ୍ରଦାନ କରାଯାଇଥିଲା।

***(ଅନୁଚ୍ଛେଦ 5.2.1.1)***

- ରାଉରକେଲା-ସମ୍ବଲପୁର ପିପିପି ପ୍ରକଳ୍ପରେ 918.41 କୋଟି ଟଙ୍କାର ମୂଲ୍ୟ ହ୍ରାସକୁ ଆଧାର କରି ରିହାତି ଅବଧିକୁ ଆନୁପାତିକ ଭାବରେ 16 ବର୍ଷକୁ ହ୍ରାସ କରାଯିବା ଉଚିତ୍। ଅଟକଳରେ ବୃଦ୍ଧି ଏବଂ ତତ୍‌ପଶ୍ଚାତ୍ ଛଅ ବର୍ଷର ରିହାତି ଅବଧି ବୃଦ୍ଧି ଯୋଗୁଁ କନ୍‌ସେସନେୟାର ଚୁକ୍ତିନାମା ଅନୁଯାୟୀ 2,322.19 କୋଟି ଟଙ୍କାର ନିଟ୍ ଲାଭ ସହ କନ୍‌ସେସନେୟାର ଜନସାଧାରଣଙ୍କ ଠାରୁ 4,876.38 କୋଟି ଟଙ୍କାର ରାଜସ୍ୱ ସଂଗ୍ରହ କରିବେ।

***(ଅନୁଚ୍ଛେଦ 5.2.1.2)***

- ଯଦି ବିଭାଗ ସଠିକ୍ ସର୍ବେକ୍ଷଣ ଓ ଅନୁସନ୍ଧାନ କରିଥାନ୍ତା, ତେବେ ରାଉରକେଲା ସମ୍ବଲପୁର ପିପିପି ପ୍ରକଳ୍ପ ଅଧିନରେ 137.57 କୋଟି ଟଙ୍କା ମୂଲ୍ୟରେ କରାଯାଇଥିବା 24 ଟି କାର୍ଯ୍ୟର ପରିସର ପରିବର୍ତ୍ତନକୁ ମୂଳ କାର୍ଯ୍ୟର ପରିସର ମଧ୍ୟରେ ଅନ୍ତର୍ଭୁକ୍ତ କରାଯାଇପାରିଥାନ୍ତା। ଏହା ଦ୍ୱାରା ଭିଜିଏଫ୍ ବାବଦରେ କେବଳ 49.53 କୋଟି ଟଙ୍କା (36 ପ୍ରତିଶତ) ପ୍ରଦାନ କରାଯାଇଥାନ୍ତା ଓ ସରକାର 88.04 କୋଟି ଟଙ୍କା ସଞ୍ଚୟ କରିପାରିଥାନ୍ତେ।

***(ଅନୁଚ୍ଛେଦ 5.2.1.4)***

- ସିନାପାଲି-ଧରମଗଡ଼ ରାସ୍ତାର ଆର୍‌ଡି 0.00 ରୁ 2.00 କିମି ଏବଂ ଆର୍‌ଡି 16 ରୁ 24 କିମି ପର୍ଯ୍ୟନ୍ତ ରାସ୍ତାକୁ ଦୁଇ ଲେନ୍‌ରେ ସଂପ୍ରସାରଣ ଓ ସୁଦୃଢ଼ୀକରଣ କାର୍ଯ୍ୟକୁ ଠିକ୍ ଭାବରେ ଯୋଜନା କରାଯାଇନଥିଲା। ତେଣୁ, ରୂପାନ୍ତର କରିବା ସମୟରେ ରାସ୍ତାଟି ଆଲାଇନ୍ ହୋଇପାରିଲା ନାହିଁ, ଯାହାଫଳରେ 21.91 କୋଟି ଟଙ୍କାର ନିଷ୍ଫଳ ବ୍ୟୟ ହେଲା।

***(ଅନୁଚ୍ଛେଦ 5.3.1.2)***

- ଅନୁପଯୁକ୍ତ ସର୍ବେକ୍ଷଣ ଓ ଅନୁସନ୍ଧାନ ହେତୁ ଏକ ପୃଥକ ଚୁକ୍ତିନାମା ମାଧ୍ୟମରେ ମୁଦ୍ରା ନଦୀ ଉପରେ ଏକ ସେତୁ ନିର୍ମାଣ ହେଲା ଯାହାଦ୍ୱାରା ଜିଏସ୍‌ଟି ସହ 2.12 କୋଟି ଟଙ୍କାର ଅତିରିକ୍ତ ବ୍ୟୟ ହେଲା।

***(ଅନୁଚ୍ଛେଦ 5.3.1.3)***

- ସରଧାପାଲି ଗ୍ରାମରେ ଏକ ସର୍ଭିସ୍ ରୋଡ୍ ନିର୍ମାଣ ପାଇଁ ଜମିର ତ୍ରୁଟିପୂର୍ଣ୍ଣ ଚିହ୍ନଟ ଯୋଗୁଁ ତତ୍କାଳୀନ ଅଧିକ୍ଷଣ ଯନ୍ତ୍ରୀ, ବରଗଡ଼(ରାସ୍ତା ଓ କୋଠାବାଡ଼ି)ଙ୍କ ଦ୍ୱାରା ବିଦ୍ୟମାନ ନଥିବା ଭିତ୍ତିଭୂମି ପାଇଁ 1.13 କୋଟି ଟଙ୍କା ଅନିୟମିତ ଭାବେ ପ୍ରଦାନ କରାଯାଇଥିଲା।

***(ଅନୁଚ୍ଛେଦ 5.3.1.4)***

- ଭାରତୀୟ ରୋଡ୍ କଂଗ୍ରେସର ନିର୍ଦ୍ଦିଷ୍ଟକରଣ ଏବଂ ଦରର ସୂଚୀ/ ବିଶ୍ଳେଷଣର ଅବମାନନା କରି କାର୍ଯ୍ୟ କରାଯାଇଥିବା ଯୋଗୁଁ ଯଥାକ୍ରମେ 89.78 କୋଟି ଟଙ୍କା ଏବଂ 52.52 କୋଟି ଟଙ୍କାର ଅତିରିକ୍ତ ବ୍ୟୟ ହେଲା।

***(ଅନୁଚ୍ଛେଦ 5.3.1.5 ଏବଂ 5.3.1.6)***

- ସୋହେଲା-ନୂଆପଡ଼ା ରାସ୍ତା ନିର୍ମାଣ ସମୟରେ ମେଡିଆନ୍‌ରେ ଚଉଡ଼ା ବୃଦ୍ଧି ହେତୁ ମାଟିର ପରିମାଣ 9.16 ଲକ୍ଷ ଘନ ମିଟରରୁ 20.30 ଲକ୍ଷ ଘନ ମିଟରକୁ ବୃଦ୍ଧି ପାଇଥିଲା, ଯାହାଫଳରେ 15.13 କୋଟି ଟଙ୍କାର ଅବାଞ୍ଛିତ ଅତିରିକ୍ତ ବ୍ୟୟ ହେଲା।

***(ଅନୁଚ୍ଛେଦ 5.3.2.1)***

- ଘାଟିପଡ଼ା ଠାରୁ ଆମପାଣି ପର୍ଯ୍ୟନ୍ତ ରାସ୍ତାର 11 ଟି ରାସ୍ତା କାର୍ଯ୍ୟରେ କ୍ରସ ଡ୍ରେନେଜର ଉଚ୍ଚତା ବୃଦ୍ଧି ହେତୁ ଅତିରିକ୍ତ 19.85 ଲକ୍ଷ ଘନ ମିଟର ମାଟି ବ୍ୟବହୃତ ହୋଇଥିଲା । ଏହା ଡିପିଆର୍‌ରେ ଥିବା ପରିମାଣଠୁ ଅଲଗା ଥିଲା ଯାହା ଅବାଞ୍ଛିତ ଅଟେ ଏବଂ ଫଳ ସ୍ୱରୁପ 25.99 କୋଟି ଟଙ୍କାର ଅତିରିକ୍ତ ବ୍ୟୟ ହେଲା ।

**(*ଅନୁଚ୍ଛେଦ 5.3.2.2*)**

- କାର୍ଯ୍ୟ ପ୍ରଦାନ ପୂର୍ବରୁ ବିଡରଙ୍କ ଦ୍ୱାରା ଦାଖଲ କରାଯାଇଥିବା ସିକ୍ୟୁରିଟିର ସତ୍ୟତା ଯାଞ୍ଚ କରିବାରେ ନିର୍ବାହୀ ଯନ୍ତ୍ରୀ (ରାସ୍ତା ଓ କୋଠାବାଡ଼ି) ବିଭାଜନ, ବରଗଡ଼ଙ୍କ ବିଫଳତା ଯୋଗୁଁ ଚୁକ୍ତିନାମା ବାତିଲ ହୋଇଥିଲା ଏବଂ 14.28 କୋଟି ଟଙ୍କାର ଅତିରିକ୍ତ ବ୍ୟୟ ହେଲା । ଏତଦ୍ ବ୍ୟତୀତ, ଚୁକ୍ତିନାମା ବାତିଲ ଯୋଗୁଁ 16.07 କୋଟି ଟଙ୍କାର ଅବଶିଷ୍ଟ କାର୍ଯ୍ୟର ମୂଲ୍ୟକୁ ଠିକାଦାରଙ୍କ ଠାରୁ ଅସୁଲ କରାଯାଇ ନ ଥିଲା ।

**(*ଅନୁଚ୍ଛେଦ 5.5.1*)**

- ଜମି ଅଧିଗ୍ରହଣ (ଏଲ୍‌ଏ) ପ୍ରକ୍ରିୟାରେ ବିଳମ୍ବ ଏବଂ ହିତାଧିକାରୀଙ୍କୁ ଠିକ୍ ସମୟରେ ଦେୟ ପ୍ରଦାନ ନ କରିବା କାରଣରୁ ରାଉରକେଲା-ସମ୍ବଲପୁର ରାସ୍ତାର ପଞ୍ଚୁପଡ଼ା ଗ୍ରାମରେ ସଂଶୋଧିତ ଏଲ୍‌ଏ ଅଧିନିୟମ, 2013 ଅଧିନରେ ଜମିର ପୁନଃ ମୂଲ୍ୟାୟନ ଆବଶ୍ୟକ ହେଲା ଯାହାଫଳରେ 30.28 କୋଟି ଟଙ୍କାର ଅତିରିକ୍ତ ବ୍ୟୟ ହେଲା ।

**(*ଅନୁଚ୍ଛେଦ 5.6.1*)**

- ରାସ୍ତା କାର୍ଯ୍ୟ ସମାପ୍ତ ହେବାର ତିନି ବର୍ଷ ମଧ୍ୟରେ ରାଉରକେଲା-ସମ୍ବଲପୁର ରାସ୍ତାରେ ଅନେକଗୁଡ଼ିଏ ପ୍ୟାଚ୍, ଫାଟ ଏବଂ ଖାଲ ଦେଖିବାକୁ ମିଳିଥିଲା ଯାହା ଖରାପ କାର୍ଯ୍ୟ କରାଯାଇଥିବାକୁ ସୂଚାଏ । କିନ୍ତୁ ରାସ୍ତାର ରକ୍ଷଣାବେକ୍ଷଣ କରା ନଯିବା ପାଇଁ ବିଭାଗ, କନ୍‌ସେସନେୟାରଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନଥିଲେ ।

**(*ଅନୁଚ୍ଛେଦ 5.8.1.2*)**

## VI ଓଡ଼ିଶା ରାଜ୍ୟ ସଡ଼କ ପ୍ରକଳ୍ପର ବିସ୍ତୃତ ଅନୁପାଳନ ସମୀକ୍ଷାର ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ସିଦ୍ଧାନ୍ତ

ସଡ଼କ ନିର୍ମାଣ ପ୍ରକଳ୍ପର ଲକ୍ଷ୍ୟ ହାସଲ ହୋଇଛି କି ନାହିଁ ତାହା ଆକଳନ କରିବା ଉଦ୍ଦେଶ୍ୟରେ ଓଡ଼ିଶା ରାଜ୍ୟ ସଡ଼କ ପ୍ରକଳ୍ପର ବିସ୍ତୃତ ଅନୁପାଳନ ଅଡିଟ୍ କରାଯାଇଥିଲା । ପ୍ରକଳ୍ପର ବିସ୍ତୃତ ଅନୁପାଳନ ଅଡିଟ୍‌ରେ ନିମ୍ନଲିଖିତ ଅନିୟମିତତା ଅବଲୋକନ କରାଯାଇଥିଲା :

- ପର୍ଯ୍ୟାପ୍ତ ସର୍ବେକ୍ଷଣ ଓ ଅନୁସନ୍ଧାନ ଅଭାବ ଯୋଗୁଁ କାର୍ଯ୍ୟ ସମ୍ପାଦନ ସମୟରେ ଅନେକ କାର୍ଯ୍ୟର ପରିସର ବଦଳି ଯାଇଥିଲା । ଚାରୋଟି ରାସ୍ତାରେ 1,103 ଟି ସାମଗ୍ରୀ ମଧ୍ୟରୁ ବିଭାଗ କେବଳ 43 ଟି ସାମଗ୍ରୀରେ ସଠିକ୍ ପରିମାଣ ଆକଳନ କରିପାରିଥିଲା । ବର୍ଦ୍ଧିତ ସାମଗ୍ରୀର ମୂଳ ମୂଲ୍ୟର 80.68 ଗୁଣ ପର୍ଯ୍ୟନ୍ତ ପରିମାଣ ବୃଦ୍ଧି ପାଇଥିଲା ।

**(*ଅନୁଚ୍ଛେଦ 6.2.2.1*)**

- ଆଠଟି ରାସ୍ତାର ଆକଳନରେ, ଜିଏସ୍‌ବିର ଆବଶ୍ୟକ ମୋଟାପଣ ବ୍ୟତୀତ 500 ମିଲିମିଟର ବାଲି ସହିତ 11.21 ଲକ୍ଷ ଘନମିଟର ବାଲି କ୍ୟାପିଂ ଲେୟାର, ଘନମିଟର ପିଛା 286 ରୁ 700 ଟଙ୍କା ମଧ୍ୟରେ ବ୍ୟବସ୍ଥା ଆଇଆରସି ସ୍ପେସିଫିକେସନର ଉଲ୍ଲଘଂନ ଥିଲା । ଏଥିପାଇଁ 43.51 କୋଟି ଟଙ୍କାର ଅତିରିକ୍ତ ବ୍ୟୟ ବରାଦ ହୋଇଥିଲା

**(*ଅନୁଚ୍ଛେଦ 6.2.3.3*)**

- 14 ଟି ପ୍ୟାକେଜ୍ ବିଶିଷ୍ଟ କାର୍ଯ୍ୟଗୁଡ଼ିକର ପର୍ଯ୍ୟାପ୍ତ ଯୋଜନା ଅଭାବରୁ ଚୁକ୍ତି ବାତିଲ କରିବାକୁ ପଡ଼ିଥିଲା ଏବଂ ପ୍ରକଳ୍ପ ପାଇଁ 238.36 କୋଟି ଟଙ୍କା (32.86 ପ୍ରତିଶତ) ଖର୍ଚ୍ଚ ବୃଦ୍ଧି ହୋଇଥିବା ବେଳେ ସମୟ ସୀମା 38 ରୁ 116 ମାସ ମଧ୍ୟରେ ବୃଦ୍ଧି ହୋଇଥିଲା ।

**(*ଅନୁଚ୍ଛେଦ 6.2.4*)**

- ପ୍ରକଳ୍ପ ମୂଲ୍ୟାଙ୍କନ ଦସ୍ତାବିଜରେ ବିଭ୍ରାଟ ଓ ଜମି ଅଧିଗ୍ରହଣ ପ୍ରକ୍ରିୟାରେ ବିଳମ୍ବ ଯୋଗୁଁ ଜମି ଅଧିଗ୍ରହଣ, ଥଇଥାନ, ପୁର୍ନବସତି ଏବଂ ଉପଯୋଗିତା ସ୍ଥାନାନ୍ତର ବାବଦରେ 88.22 କୋଟି ଟଙ୍କା ଖର୍ଚ୍ଚ ତୁଳନାରେ 198.44 କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା ।

***(ଅନୁଚ୍ଛେଦ 6.3.2)***

- ଚାରିଟି ରାସ୍ତା କାର୍ଯ୍ୟରେ ଅନୁପଯୁକ୍ତ ଦାୟିତ୍ୱ ଅବଧି ହ୍ରାସ ଯୋଗୁଁ ବିଭାଗକୁ 9.10 କୋଟି ଟଙ୍କାର ଅତିରିକ୍ତ ଖର୍ଚ୍ଚ କରିବାକୁ ପଡ଼ିଥିଲା ।

***(ଅନୁଚ୍ଛେଦ 6.4.1)***

- ଦୁଇଟି ରାସ୍ତା କାର୍ଯ୍ୟରେ ଜିସିସିର ଧାରା 15.4 ର ବ୍ୟବସ୍ଥା ଅନୁଯାୟୀ ବାକି ଥିବା କାମର ପୁନଃଟେଣ୍ଡର ଯୋଗୁଁ ସୃଷ୍ଟି ହୋଇଥିବା 132.08 କୋଟି ଟଙ୍କାର ପାର୍ଥକ୍ୟ ଖର୍ଚ୍ଚ ଆଦାୟ ହୋଇ ନଥିଲା ଯାହାଫଳରେ ରାଜ୍ୟ ରାଜକୋଷର କ୍ଷତି ହେଲା ।

***(ଅନୁଚ୍ଛେଦ 6.4.2)***

- ପାଞ୍ଚ କିଲୋମିଟର ପରିବର୍ତ୍ତେ 10 ରୁ 68 କିଲୋମିଟର ଲିଡ୍ ଯୋଗାଇ ଦେବାର ଭୁଲ ବ୍ୟବସ୍ଥା କରାଯିବା ଅଟକଳ ବୃଦ୍ଧି ପାଇଥିଲା ଏବଂ ଠିକାଦାରଙ୍କୁ 13.91 କୋଟି ଟଙ୍କାର ଅଯଥା ଫାଇଦା ମିଳିଥିଲା ।

***(ଅନୁଚ୍ଛେଦ 6.5.1)***

- 13ଟି ରାସ୍ତା କାର୍ଯ୍ୟରେ ରାଜ୍ୟ ଏସ୍ଓଆର୍ ପରିବର୍ତ୍ତେ ଏମ୍ଓଆର୍ଟି ଆଣ୍ଡ ଏଚ୍ ଡାଟା ପୁସ୍ତକ ଗ୍ରହଣ କରିବା ଫଳରେ ପ୍ରକଳ୍ପ ମୁଲ୍ୟ ବୃଦ୍ଧି ପାଇଥିଲା ଏବଂ ଠିକାଦାରଙ୍କୁ 69.54 କୋଟି ଟଙ୍କାର ଅଯଥା ଫାଇଦା ମିଳିଥିଲା ।

***(ଅନୁଚ୍ଛେଦ 6.5.2)***

## VII ଅନୁପାଳନ ସମୀକ୍ଷାର ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ସିଦ୍ଧାନ୍ତ

### ପଣ୍ୟବାହୀ ଯାନରୁ ମୋଟର ଯାନ କର ଏବଂ ଅତିରିକ୍ତ କରର ଅନାଦାୟ

ଆଞ୍ଚଳିକ ପରିବହନ ଅଧିକାରୀମାନେ 3,081 ଖିଲାପକାରୀ ଗାଡ଼ିମାଲିକ ମାନଙ୍କ ଠାରୁ ମୋଟର ଯାନ କର 4.64 କୋଟି ଟଙ୍କା ଏବଂ ଜୋରିମାନା 9.28 କୋଟି ଟଙ୍କା ଆଦାୟ କରିବାରେ ବିଫଳ ହୋଇଥିଲେ ।

***(ଅନୁଚ୍ଛେଦ 7.1)***

### ମୋଟର ଯାନ କରର ସ୍ୱଳ୍ପାଦାୟ

4,373 ଗାଡ଼ି ମାଲିକଙ୍କ ଠାରୁ ପୁରୁଣା ହାରରେ କର ଆଦାୟ କରାଯିବାରୁ 1.16 କୋଟି ଟଙ୍କାର ମୋଟର ଯାନ କର ଏବଂ ଅତିରିକ୍ତ କର ଓ 23.26 ଲକ୍ଷ ଟଙ୍କାର ଜୋରିମାନା ସ୍ୱଳ୍ପାଦାୟ ହୋଇଥିଲା ।

***(ଅନୁଚ୍ଛେଦ 7.2)***

### ରକ୍ତ ଚନ୍ଦନ କାଠର ଅଣନିକାଶ

ରକ୍ତ ଚନ୍ଦନ କାଠ ନିକାଶ ନହେବା ଫଳରେ 349.70 କୋଟି ଟଙ୍କାର ସରକାରୀ ରାଜସ୍ୱ ଅବରୋଧ ହୋଇଥିଲା ।

***(ଅନୁଚ୍ଛେଦ 7.3)***

### ନିଟ୍ ବର୍ତ୍ତମାନ ମୂଲ୍ୟର ବିଳମ୍ବିତ ଦେୟ ଉପରେ ସୁଧର ଅନାଦାୟ

ଉପଭୋକ୍ତା ଏଜେନ୍ସୀ ବିଳମ୍ବରେ ନେଟ୍ ଓ ବର୍ତ୍ତମାନ ମୂଲ୍ୟ ପ୍ରଦତ୍ତ କରିଥିବାରୁ 95.69 ଲକ୍ଷ ଟଙ୍କାର ସୁଧ ଅନାଦାୟ ରହିଥିଲା ।

***(ଅନୁଚ୍ଛେଦ 7.4)***

**କାଠ ଓ ଖୁଣ୍ଟଗୁଡିକର ଅଣନିକାଶ**

ଗଡ଼ିକାଠ, ଖୁଣ୍ଟ ଓ ଜାଳେଣି କାଠର ନିକାଶ ପାଇଁ ଠିକ୍ ସମୟରେ ବନଖଣ୍ଡ ଅଧିକାରୀମାନଙ୍କ ଦ୍ୱାରା ପଦକ୍ଷେପ ନେବାରେ ବିଫଳ ହେବା ଫଳରେ 88.37 ଲକ୍ଷ ଟଙ୍କାର ରାଜସ୍ୱ ଅଟକି ରହିଥିଲା ।

***(ଅନୁଚ୍ଛେଦ 7.5)***

**ଆଧୁନିକ ମାଂସ ଦୋକାନ ନିର୍ମାଣରେ ନିଷ୍ଫଳ ବ୍ୟୟ**

29 ଟି ମାଂସ ଦୋକାନର ଆବଣ୍ଟନ ନହେବା ଯୋଗୁଁ 1.78 କୋଟି ଟଙ୍କାର ନିଷ୍ଫଳ ବ୍ୟୟ ହେବା ସହ 55.02 ଲକ୍ଷ ଟଙ୍କାର ରାଜସ୍ୱ ହାନୀ ହୋଇଥିଲା ।

***(ଅନୁଚ୍ଛେଦ 7.6)***

**ଠିକାଦାରଙ୍କୁ ଅନୁଚିତ୍ ଲାଭ ପ୍ରଦାନ**

ସାତଟି ପୌରାଞ୍ଚଳରେ ଜଳ ଯୋଗାଣରେ ବ୍ୟବହୃତ ଡକ୍ଟାଇଲ୍ ଆଇରନ୍ ପାଇପର ଅଧିକ ମୂଲ୍ୟ ବ୍ୟବସ୍ଥା କରାଯିବା ଯୋଗୁଁ ଠିକାଦାରଙ୍କୁ 1.05 କୋଟି ଟଙ୍କାର ଅନୁଚିତ୍ ଲାଭ ମିଳିଥିଲା ।

***(ଅନୁଚ୍ଛେଦ 7.7)***

**ପରିହାର୍ଯ୍ୟ ଅତିରିକ୍ତ ବ୍ୟୟ**

ବାଲୁଗାଁରୁ ଆଇଏନ୍ଏସ୍ ଚିଲିକାକୁ ଭୂତଳ ଜଳଭଣ୍ଡାର ସ୍ଥାନାନ୍ତର ଯୋଗୁଁ ଅଧିକ ପାଇପ ଲାଇନ୍ ବିଛାଯାଇଥିଲା, ଯାହାଫଳରେ 5.16 କୋଟି ଟଙ୍କାର ଅତିରିକ୍ତ ପରିହାର୍ଯ୍ୟ ବ୍ୟୟ ହୋଇଥିଲା ।

***(ଅନୁଚ୍ଛେଦ 7.8)***

**ନିଷ୍ଫଳ ବ୍ୟୟ**

ଜଳ ସମ୍ପଦ ବିଭାଗ (ଡିଓଡବ୍ଲୁଆର୍) ବିନା ଅନୁମତିରେ ଜଳ ଯୋଗାଣ ପ୍ରକଳ୍ପ ପାଇଁ ପେଡେଷ୍ଟାଲ୍ ନିର୍ମାଣ, ଯାହାଫଂଳରେ କାର୍ଯ୍ୟ ପରିସରରେ ପରିବର୍ତ୍ତନ ଯୋଗୁଁ 91 ଲକ୍ଷ ଟଙ୍କା ଅପବ୍ୟୟ କରିଥିଲା ।

***(ଅନୁଚ୍ଛେଦ 7.9)***

**ଡେଡ୍ ରେଣ୍ଟ ଏବଂ ପରିଣାମୀ ସୁଧ ଆଦାୟ ନହେବା**

କାର୍ଯ୍ୟକ୍ଷମ ନଥିବା ଖଣି ଗୁଡ଼ିକ ଠାରୁ ଡେଡ୍ ରେଣ୍ଟ ଏବଂ ପରିଣାମୀ ସୁଧ ଦାବି କରିବାରେ ବିଫଳତା ଯୋଗୁଁ 2.06 କୋଟି ଟଙ୍କାର ରାଜସ୍ୱ ଆଦାୟ ହୋଇପାରି ନଥିଲା ।

***(ଅନୁଚ୍ଛେଦ 7.10)***

**କୋଇଲା ବିକ୍ରୟରେ ଅତିରିକ୍ତ ରାଶିର ଅନାଦାୟ ଓ ରୟାଲିଟିର କମ୍ ଆଦାୟ**

ଓସିପିଏଲ୍ ଠାରୁ ଅତିରିକ୍ତ ରାଶି ଆଦାୟରେ ବିଫଳତା ଓ କୋଇଲା ବିକ୍ରୟରେ ରୟାଲିଟିର ଭୁଲ୍ ମୂଲ୍ୟାଙ୍କନ ଯୋଗୁଁ 19.88 କୋଟି ଟଙ୍କାର ସରକାରୀ ଦେୟର ଅଣ/ କମ୍ ଆଦାୟ ହେଲା ।

***(ଅନୁଚ୍ଛେଦ 7.11)***

**ବିଦେଶୀ କମ୍ପାନୀକୁ ଅନିୟମିତ ଅତିରିକ୍ତ ଦେୟ**

ବିଦେଶୀ କମ୍ପାନୀକୁ ପଇଠ କରାଯାଇଥିବା ଦେୟ ଉତ୍ସରୁ ଆୟକର ନ କାଟିବା ଦ୍ୱାରା ଓଡ଼ିଶା ପର୍ଯ୍ୟଟନ ବିକାଶ ନିଗମକୁ 23.50 ଲକ୍ଷ ଟଙ୍କାର ଅନିୟମିତ ଅତିରିକ୍ତ ଦେୟ ।

***(ଅନୁଚ୍ଛେଦ 7.12)***

### ଠିକାଦାରଙ୍କୁ ଅନୁଚିତ ଲାଭ

ଇଞ୍ଜିନିୟରିଂ, କ୍ରୟ ଏବଂ ନିର୍ମାଣ ଚୁକ୍ତି କାର୍ଯ୍ୟସୂଚୀ-H ର ବ୍ୟତିକ୍ରମ କରି ଠିକାଦାରମାନଙ୍କୁ ଅଧିକ ଅର୍ଥ ପ୍ରଦାନ କରାଯାଇଥିଲା ଯାହାଫଳରେ ଠିକାଦାରମାନଙ୍କୁ 11.29 କୋଟି ଟଙ୍କାର ଅନୁଚିତ୍ ଲାଭ ମିଳିଥିଲା ।

***(ଅନୁଚ୍ଛେଦ 7.13)***

### ଠିକାଦାରଙ୍କୁ ଅଧିକ ଅର୍ଥ ପ୍ରଦାନ

ଇଞ୍ଜିନିୟରିଂ, କ୍ରୟ ଏବଂ ନିର୍ମାଣ ଚୁକ୍ତିନାମାର ଧାରା 13କୁ ବ୍ୟତିକ୍ରମ କରି ଠିକାଦାରଙ୍କୁ ଅଧିକ ଅର୍ଥ ପ୍ରଦାନ କରାଯାଇଥିବାରୁ ଠିକାଦାରଙ୍କୁ 1.43 କୋଟି ଟଙ୍କାରେ ଅନୁଚିତ ଲାଭ ମିଳିଥିଲା ।

***(ଅନୁଚ୍ଛେଦ 7.14)***

### ସର୍ବେକ୍ଷଣ ଏବଂ ଅନୁସନ୍ଧାନରେ ଢୀଲାପଣ ହେତୁ ପରିହାର୍ଯ୍ୟ ବ୍ୟୟ

ସର୍ବେକ୍ଷଣ ଏବଂ ଅନୁସନ୍ଧାନରେ ଢୀଲାପଣ ଯୋଗୁଁ 9.54 କୋଟି ଟଙ୍କାର ପରିହାର୍ଯ୍ୟ ବ୍ୟୟ ହେଲା ।

***(ଅନୁଚ୍ଛେଦ 7.15)***

### କ୍ରଷ୍ଟ ବିଫଳତା ଯୋଗୁ ଅତିରିକ୍ତ ପରିହାର୍ଯ୍ୟ ବ୍ୟୟ

ଏକ ବହୁଳ ଯାନ ବାହନ ଚଳାଚଳ/ ଆକ୍ସଲ୍ ଲୋଡ୍ ରାସ୍ତା ପାଇଁ ଅନୁପଯୁକ୍ତ କ୍ରଷ୍ଟ ମୋଟେଇର ବ୍ୟବସ୍ଥା କରାଯିବା ଯୋଗୁଁ 16 ମାସ ମଧ୍ୟରେ କ୍ରଷ୍ଟ ବିଫଳତା ହେଲା ଏବଂ ପୁନଃ ଆଚ୍ଛାଦନର ଆବଶ୍ୟକତା ଯୋଗୁଁ 3.14 କୋଟି ଟଙ୍କା ଅତିରିକ୍ତ ପରିହାର୍ଯ୍ୟ ବ୍ୟୟ ହୋଇଥିଲା ।

***(ଅନୁଚ୍ଛେଦ 7.16)***

### ଫମ୍ପା ଅଂଶ ବିୟୋଗ କରାନଯିବା ଯୋଗୁଁ ଅଧିକ ଅର୍ଥ ପ୍ରଦାନ

ଗାବିଅନ୍ ବକ୍ସ କାନ୍ଥରେ ଫମ୍ପା ଅଂଶ ବିୟୋଗ କରାନଯିବାରୁ ଠିକାଦାରଙ୍କୁ 81 ଲକ୍ଷ ଟଙ୍କା ଅଧିକ ଦେୟ ପ୍ରଦାନ କରାଯାଇଥିଲା ।

***(ଅନୁଚ୍ଛେଦ 7.17)***

### ଅଧିକ ପିଚୁ ଓ ଗ୍ରାନୁଲାର ସବ୍‌ବେସ୍ ସ୍ତରର ଅତ୍ୟଧିକ ବ୍ୟବସ୍ଥା ଯୋଗୁ ପରିହାର୍ଯ୍ୟ ବ୍ୟୟ

ଆଇଆର୍‌ସି ବ୍ୟବସ୍ଥାକୁ ଅବମାନନା କରି ପିଚୁ ଓ ଗ୍ରାନୁଲାର ସବ୍‌ବେସ୍ ସ୍ତର ପାଇଁ ଅତ୍ୟଧିକ ମୋଟେଇ ଗ୍ରହଣ କରିବା ଦ୍ୱାରା 4.35 କୋଟି ଟଙ୍କା ଅତିରିକ୍ତ ପରିହାର୍ଯ୍ୟ ବ୍ୟୟ ହୋଇଥିଲା ।

***(ଅନୁଚ୍ଛେଦ 7.18)***

### ଠିକାଦାର ପାଇଁ ଅନାବଶ୍ୟକ ଲାଭ

ଲାଟେରାଇଟ୍ ପଥରରେ ମୂଳଦୁଆ ଖନନ ପାଇଁ ଆଇଟମ୍ ହାରରେ ହିସାବ ପାଇଁ ତ୍ରୁଟିପୂର୍ଣ୍ଣ ବିଶ୍ଳେଷଣର ଆନୁମାନିକ ମୂଲ୍ୟ 5.83 କୋଟି ଟଙ୍କା ବୃଦ୍ଧି ପାଇଲା, ଯାହାଦ୍ୱାରା ଠିକାଦାରଙ୍କ ପାଇଁ 4.64 କୋଟି ଟଙ୍କା ଲାଭ ହେଲା । ସେଥି ମଧ୍ୟରୁ ଅଡିଟ୍ ସମୟରେ ଠିକାଦାରଙ୍କଠାରୁ 1.23 କୋଟି ଟଙ୍କା ଅସୁଲ କରାଯାଇଥିଲା ।

***(ଅନୁଚ୍ଛେଦ 7.19)***

### ନିଷ୍ଫଳ ବ୍ୟୟ

ଏକ ବିଦ୍ୟମାନ ରାସ୍ତା ପାଇଁ ଆକଳନ ପ୍ରସ୍ତୁତିରେ ବିଭାଗୀୟ ଅଧିକାରୀଙ୍କ ଢିଲାପଣ ହେତୁ 3.54 କୋଟି ଟଙ୍କା ଅପବ୍ୟୟ ଖର୍ଚ୍ଚ ହୋଇଥିଲା ।

***(ଅନୁଚ୍ଛେଦ 7.20)***

**ଠିକାଦାରଙ୍କୁ ଅଧିକ ଦେୟ**

ଚୁକ୍ତିନାମା ପରିସରର ନକରାତ୍ମକ ପରିବର୍ତ୍ତନ ଅଧିନରେ କାର୍ଯ୍ୟର ମୂଲ୍ୟ ହ୍ରାସ ନହେବା କାରଣରୁ 3.71 କୋଟି ଟଙ୍କା ଅଧିକ ଦେୟ ପ୍ରଦାନ କରାଯାଇଥିଲା ।

***(ଅନୁଚ୍ଛେଦ 7.21)***

**ମଧ୍ୟ ଭାଗରେ କାର୍ଯ୍ୟ ତ୍ୟାଗ ହେତୁ ନିରର୍ଥକ ଖର୍ଚ୍ଚ**

କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ଅନୁପଯୁକ୍ତ ସର୍ଭେ ଏବଂ ଅନୁସନ୍ଧାନ ଏବଂ ଏକ ସେତୁ ପାଇଁ ତ୍ରୁଟିପୂର୍ଣ୍ଣ ଡିଜାଇନ୍ ଗ୍ରହଣ କରିବା ଦ୍ୱାରା ରାସ୍ତା ଏବଂ ସେତୁ କାର୍ଯ୍ୟ ପରିତ୍ୟାଗ ହୋଇଥିଲା ଯାହା ମଧ୍ୟ ଭାଗରେ 1.41 କୋଟି ଟଙ୍କା ବ୍ୟୟବରାଦ ହୋଇଥିଲା ।

***(ଅନୁଚ୍ଛେଦ 7.22)***

**ବର୍ଦ୍ଧିତ ଆକଳନ ଯୋଗୁଁ ଠିକାଦାରଙ୍କୁ ଅନୁଚିତ୍ ଲାଭ ପ୍ରଦାନ**

ଜିଏସ୍‌ବିର ପରିବହନ ଖର୍ଚ୍ଚର ଭୁଲ୍ ଗ୍ରହଣ ସାମଗ୍ରିକ ପରିବହନ ଉପରେ ସଡ଼କ କାର୍ଯ୍ୟର ଆକଳନକୁ ବଢ଼ାଇଲା ଏବଂ ଠିକାଦାରମାନଙ୍କୁ 6.26 କୋଟି ଟଙ୍କା ଅନୁଚିତ୍ ଫାଇଦା ହେଲା ।

***(ଅନୁଚ୍ଛେଦ 7.23)***

**ରାସ୍ତାର ଅଧିକ ଚଉଡ଼ା ବ୍ୟବସ୍ଥା ଯୋଗୁଁ ଅତିରିକ୍ତ ପରିହାର୍ଯ୍ୟ ବ୍ୟୟ**

ଆଇଆର୍‌ସି ବ୍ୟବସ୍ଥାରୁ ବିଚ୍ୟୁତ୍ ହୋଇ ପକ୍କା ବନ୍ଧରେ ଦୁଇ ଲେନ୍ ବିଶିଷ୍ଟ ରାସ୍ତା ନିର୍ମାଣ ଦ୍ୱାରା 7.30 କୋଟି ଟଙ୍କାର ଅଧିକ ଅତିରିକ୍ତ ପରିହାର୍ଯ୍ୟ ବ୍ୟୟ ହେଲା ।

***(ଅନୁଚ୍ଛେଦ 7.24)***

**ପରିହାର୍ଯ୍ୟ ବ୍ୟୟ**

କମ୍ ମୂଲ୍ୟର ସ୍ଲାଗ୍ ଉପଲବ୍ଧ ହେବା ସତ୍ତ୍ୱେ ଉଚ୍ଚ ମୂଲ୍ୟର ସବ୍-ବେସ୍ ସାମଗ୍ରୀର ଉପଯୋଗ ଦ୍ୱାରା ସଡ଼କ ଚଟାଣ ନିର୍ମାଣରେ 2.76 କୋଟି ଟଙ୍କାର ପରିହାର୍ଯ୍ୟ ବ୍ୟୟ ହେଲା ।

***(ଅନୁଚ୍ଛେଦ 7.25)***

**ବର୍ଦ୍ଧିତ ଦରରେ ଟେଣ୍ଡର ଆହ୍ୱାନ ଯୋଗୁଁ ଠିକାଦାରଙ୍କୁ ଅନୁଚିତ୍ ଲାଭ**

ବର୍ଦ୍ଧିତ ଅଟକଳରେ ଟେଣ୍ଡର ଆହ୍ୱାନ କରାଯାଇ ଠିକାଦାରଙ୍କୁ 18.94 କୋଟି ଟଙ୍କାର ଅହେତୁକ ଲାଭ ପ୍ରଦାନ କରାଯାଇଥିଲା ।

***(ଅନୁଚ୍ଛେଦ 7.26)***

# ଅଧ୍ୟାୟ I

## ଉପକ୍ରମ

# ଅଧ୍ୟାୟ I

# ଉପକ୍ରମ

## 1.1 ଏହି ପ୍ରତିବେଦନ ସମ୍ବନ୍ଧରେ

ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକ(ସିଏଜି)ଙ୍କ ଏହି ଅନୁପାଳନ ସମୀକ୍ଷା ପ୍ରତିବେଦନ, ମହାଲେଖାକାର (ଅଡିଟ୍-II)ଙ୍କ ଦ୍ୱାରା 15 ଟି ସରକାରୀ ବିଭାଗ ଉପରେ କରାଯାଇଥିବା ସମୀକ୍ଷାରୁ ଉଦ୍ଧୃତ ବିଷୟ ସମ୍ପର୍କିତ ଅଟେ । ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ନିୟନ୍ତ୍ରଣରେ 114 ଟି ପୌରସଂସ୍ଥା ଅଛି । ସମ୍ବିଧାନର ନିୟମାବଳୀ, ପ୍ରଯୁଜ୍ୟ ଆଇନ୍, ନିୟମ, ନିୟମାବଳୀ ଏବଂ ଦକ୍ଷ ଅଧିକାରୀଙ୍କ ଦ୍ୱାରା ଜାରି କରାଯାଇଥିବା ବିଭିନ୍ନ ଆଦେଶ ଓ ନିର୍ଦ୍ଦେଶନାମା ପାଳନ କରାଯାଇଛି କି ନାହିଁ ତାହା ଜାଣିବା ପାଇଁ ସମୀକ୍ଷିତ ସଂସ୍ଥା ଗୁଡ଼ିକର ବ୍ୟୟ ସମ୍ବନ୍ଧୀୟ କାରବାରକୁ ଏହି ଅନୁପାଳନ ସମୀକ୍ଷାରେ ଯାଞ୍ଚ କରାଯାଇଥିଲା ।

## 1.2 ସମୀକ୍ଷୀତ ସଂସ୍ଥାର ପାର୍ଶ୍ୱଚିତ୍ର

ଅତିରିକ୍ତ ମୁଖ୍ୟ ଶାସନ ସଚିବ/ ପ୍ରମୁଖ ସଚିବ/ କମିଶନର ତଥା ସଚିବ, ସଚିବାଳୟରେ ଏହି 15 ଟି ବିଭାଗର ମୁଖ୍ୟ ଅଟନ୍ତି, ଯେଉଁମାନେ ସେମାନଙ୍କ ଅଧିନରେ ଥିବା କମିଶନର/ ନିର୍ଦ୍ଦେଶକ ଏବଂ ଅଧସ୍ତନ ଅଧିକାରୀଙ୍କ ଦ୍ୱାରା ସାହାଯ୍ୟ ପ୍ରାପ୍ତ ହୁଅନ୍ତି । ବିଗତ ପାଞ୍ଚ ବର୍ଷ ଅର୍ଥାତ୍ 2017-22 ଅବଧିରେ ଏହି 15 ଟି ବିଭାଗ ଦ୍ୱାରା କରାଯାଇଥିବା ଖର୍ଚ୍ଚର ବିସ୍ତୃତ ବିବରଣୀ ନିମ୍ନରେ ଦର୍ଶାଗଲା:

**ସାରଣୀ ସଂଖ୍ୟା 1.1: ବ୍ୟୟର ଧାରା** (ଟଙ୍କା କୋଟିରେ)

| କ୍ର.ସଂ. | ବିଭାଗର ନାମ | 2017-18 | 2018-19 | 2019-20 | 2020-21 | 2021-22 | ମୋଟ |
|---|---|---|---|---|---|---|---|
| 1 | ବାଣିଜ୍ୟ ଓ ପରିଚାଳନା | 469.73 | 294.00 | 521.21 | 636.05 | 751.78 | 2,672.77 |
| 2 | ଶକ୍ତି | 2,306.43 | 2,146.36 | 2,431.76 | 1,845.59 | 3,632.38 | 12,362.52 |
| 3 | ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ | 615.48 | 779.52 | 822.96 | 930.56 | 1,755.87 | 4,904.39 |
| 4 | ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ | 137.10 | 155.82 | 147.70 | 172.04 | 134.37 | 747.03 |
| 5 | ଗୃହ | 4120.78 | 4847.31 | 4855.60 | 4,588.15 | 5,307.94 | 23,719.78 |
| 6 | ଗୃହ ନିର୍ମାଣ ଓ ନଗର ଉନ୍ନୟନ | 4682.45 | 4536.50 | 5257.05 | 4,802.67 | 5,616.05 | 24,894.72 |
| 7 | ଶିଳ୍ପ | 257.36 | 295.39 | 250.04 | 92.24 | 363.95 | 1,258.98 |
| 8 | ଆଇନ୍ | 249.59 | 320.39 | 359.42 | 400.40 | 417.31 | 1,747.11 |
| 9 | ଏମ୍ଏସ୍ଏମ୍ଇ | 149.11 | 157.09 | 151.42 | 249.97 | 349.55 | 1,057.14 |
| 10 | ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି | 0.00 | 131.12 | 157.65 | 123.48 | 189.33 | 601.58 |
| 11 | ସରକାରୀ ଉଦ୍ୟୋଗ | 8.99 | 12.88 | 8.45 | 8.29 | 9.02 | 47.63 |
| 12 | ବିଜ୍ଞାନ ଓ ବୈଷୟିକ | 59.64 | 63.31 | 69.98 | 98.35 | 135.95 | 427.23 |
| 13 | ଇସ୍ପାତ୍ ଓ ଖଣି | 84.33 | 100.59 | 101.21 | 163.48 | 110.41 | 560.02 |
| 14 | ପର୍ଯ୍ୟଟନ | 273.00 | 191.79 | 205.26 | 367.46 | 497.08 | 1,534.59 |
| 15 | ପୂର୍ତ୍ତ | 4,564.14 | 4,352.76 | 5,620.88 | 5,711.65 | 6,108.57 | 26,358.00 |
| | ମୋଟ | **17978.13** | **18384.83** | **20960.59** | **20,190.38** | **25,379.56** | **1,02,893.49** |
| | ଓଡ଼ିଶା ସରକାରଙ୍କ ମୋଟ ବ୍ୟୟ | **88,325.00** | **1,04,097.94** | **1,14,491.00** | **1,08,063.73** | **1,95,723.37** | **6,10,701.04** |
| | ସର୍ବମୋଟ ବ୍ୟୟ ତୁଳନାରେ ଉପରୋକ୍ତ ବିଭାଗ ଗୁଡ଼ିକର ବ୍ୟୟର ପ୍ରତିଶତ | **20.35** | **17.66** | **18.31** | **18.68** | **12.97** | **16.85** |

***(ଉତ୍ସ: 2017-18 ରୁ 2021-22 ଅବଧିରେ ଆବଣ୍ଟନ ହିସାବ)***

## 1.3 ସମୀକ୍ଷା ପାଇଁ ପ୍ରାଧିକାର

ଭାରତୀୟ ସମ୍ବିଧାନର ଧାରା 149 ଏବଂ 151 ଓ ମହାଲେଖା ନିୟନ୍ତ୍ରକ ତଥା ମହା ସମୀକ୍ଷକଙ୍କ କର୍ତ୍ତବ୍ୟ, କ୍ଷମତା ଏବଂ ସେବା ସର୍ତ୍ତାବଳୀ ଅଧିନିୟମ (ସିଏଜିଙ୍କ ଡିପିସି ଅଧିନିୟମ), 1971 ରେ ସିଏଜିଙ୍କୁ ସମୀକ୍ଷା କରିବା ପାଇଁ ପ୍ରାଧିକାର ଦିଆଯାଇଛି । ସିଏଜିଙ୍କ ଡିପିସି ଅଧିନିୟମ, 1971ର ଧାରା 13[1] ଅନୁଯାୟୀ ସିଏଜି, ଓଡ଼ିଶା ସରକାରଙ୍କ ବିଭାଗ ଗୁଡ଼ିକ ଦ୍ୱାରା କରାଯାଉଥିବା ବ୍ୟୟର ସମୀକ୍ଷା କରନ୍ତି । ସିଏଜିଙ୍କ ଡିପିସି ଅଧିନିୟମର ଧାରା 19(3)[2] ଏବଂ 20(1)[3] ଅଧିନରେ ସମୀକ୍ଷା ହେଉଥିବା ସ୍ୱୟଂଶାସିତ ସଂସ୍ଥା ଗୁଡ଼ିକର ଏକ ମାତ୍ର ସମୀକ୍ଷକ ହେଉଛନ୍ତି ସିଏଜି । ଏଥିସହ, ତଦ୍ ବ୍ୟତୀତ, ଡିପିସି ଅଧିନିୟମର ଧାରା 14[4] ଅଧିନରେ ସିଏଜି ଅନ୍ୟ ସ୍ୱୟଂଶାସିତ ସଂସ୍ଥା ଗୁଡ଼ିକର ସମୀକ୍ଷା କରିଥାନ୍ତି, ଯାହାକି ରାଜ୍ୟ ସରକାରଙ୍କ ଦ୍ୱାରା ଆର୍ଥିକ ଅନୁଦାନ ପ୍ରାପ୍ତ ହୋଇଥାନ୍ତି ।

## 1.4 ସମୀକ୍ଷାର ଯୋଜନା ଏବଂ ପରିଚାଳନା

ସମୀକ୍ଷାର ଗୁରୁତ୍ୱପୂର୍ଣ୍ଣ ସିଦ୍ଧାନ୍ତଗୁଡ଼ିକୁ ରାଜ୍ୟ ବିଧାନ ସଭାର ଦୃଷ୍ଟିକୁ ଆଣିବା ହେଉଛି, ଏହି ପ୍ରତିବେଦନର ମୂଳ ଉଦ୍ଦେଶ୍ୟ । ଅଡିଟିଂ ଷ୍ଟାଣ୍ଡାର୍ଡ ଆବଶ୍ୟକ କରେ ଯେ, ପ୍ରତିବେଦନ ପାଇଁ ବସ୍ତୁତା ସ୍ତର, କାରବାରର ପ୍ରକୃତି, ମାତ୍ରା ଓ ପରିମାଣ ସହିତ ସମାନ ହେବା ଉଚିତ୍ । ଏହି ସମୀକ୍ଷା ସିଦ୍ଧାନ୍ତ, କାର୍ଯ୍ୟନିର୍ବାହୀମାନଙ୍କୁ ସମୟୋଚିତ ସଂଶୋଧନାତ୍ମକ ପଦକ୍ଷେପ ନେବାକୁ ସମର୍ଥ କରାଇବା ଏବଂ ନୀତି ଓ ମାର୍ଗଦର୍ଶିକା ପ୍ରଣୟନ କରିବାରେ ମଧ୍ୟ ଏହା ସହାୟକ ହେବ ବୋଲି ଆଶା କରାଯାଏ ,ଯାହାକି ଉନ୍ନତ ଆର୍ଥିକ ପରିଚାଳନା ତଥା ଉତ୍ତମ ଶାସନରେ ସହାୟକ ହେବ ।

କରାଯାଇଥିବା ବ୍ୟୟ, କାର୍ଯ୍ୟକଳାପର ସମାଲୋଚନା/ ଜଟିଳତା, ପ୍ରତିନିଧିତ୍ୱ ଆର୍ଥିକ କ୍ଷମତାର ସ୍ତର, ସାମଗ୍ରୀକ ଆଭ୍ୟନ୍ତରୀଣ ନିୟନ୍ତ୍ରଣର ନିର୍ଦ୍ଧାରଣ ଏବଂ ହିତାଧିକାରୀଙ୍କ ସମସ୍ୟାକୁ ଆଧାର କରି ବିଭିନ୍ନ ବିଭାଗ ସମ୍ମୁଖୀନ ହେଉଥିବା ରିସ୍କର ନିର୍ଦ୍ଧାରଣରୁ ସମୀକ୍ଷା ପ୍ରକ୍ରିୟା ଆରମ୍ଭ ହୋଇଥାଏ । ଏହି ପ୍ରକ୍ରିୟାରେ ପୂର୍ବ ସମୀକ୍ଷା ସିଦ୍ଧାନ୍ତ ଗୁଡ଼ିକୁ ମଧ୍ୟ ବିଚାରକୁ ନିଆଯାଏ । ଏହି ରିସ୍କ ନିର୍ଦ୍ଧାରଣକୁ ଆଧାର କରି ସମୀକ୍ଷାର ବାରମ୍ବାରତା ଏବଂ ପରିସର ନିର୍ଣ୍ଣୟ କରାଯାଏ ।

ସମୀକ୍ଷା ସମାପ୍ତ ହେବା ପରେ ବିଭାଗ/ ସଂସ୍ଥାଗୁଡ଼ିକର ମୁଖ୍ୟଙ୍କୁ ସମୀକ୍ଷା ସିଦ୍ଧାନ୍ତକୁ ନେଇ ପ୍ରସ୍ତୁତ କରାଯାଇଥିବା ନିରୀକ୍ଷଣ ପ୍ରତିବେଦନ (ଆଇଆର୍) ଜାରି କରାଯାଇଥାଏ । ନିରୀକ୍ଷଣ ପ୍ରତିବେଦନ ପ୍ରାପ୍ତିର ଏକ ମାସ ମଧ୍ୟରେ ସମୀକ୍ଷା ସିଦ୍ଧାନ୍ତର ଉତ୍ତର ଦେବା ପାଇଁ ବିଭାଗ ଗୁଡ଼ିକୁ ଅନୁରୋଧ କରାଯାଇଥାଏ । ଉତ୍ତର ପ୍ରାପ୍ତ ହେବା ପରେ ସମୀକ୍ଷା ସିଦ୍ଧାନ୍ତ ଗୁଡ଼ିକର ମୀମାଂସା ହୋଇଥାଏ କିମ୍ବା ଅନୁପାଳନ ନିମିତ୍ତ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପରାମର୍ଶ ଦିଆଯାଇଥାଏ । ଏହି ନିରୀକ୍ଷଣ ପ୍ରତିବେଦନ ଗୁଡ଼ିକରୁ ଉଦ୍ଧୃତ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ସିଦ୍ଧାନ୍ତ ଗୁଡ଼ିକୁ ସମୀକ୍ଷା ପ୍ରତିବେଦନରେ ଅନ୍ତର୍ଭୁକ୍ତ କରିବା ନିମନ୍ତେ ପ୍ରକ୍ରିୟାକରଣ କରାଯାଇଥାଏ ଏବଂ ଉକ୍ତ ପ୍ରତିବେଦନକୁ ରାଜ୍ୟ ବିଧାନ ସଭାରେ ଉପସ୍ଥାପନ କରିବା ନିମନ୍ତେ ଭାରତୀୟ ସମ୍ବିଧାନର ଧାରା 151 ଅନୁଯାୟୀ ରାଜ୍ୟପାଳଙ୍କ ନିକଟରେ ଦାଖଲ କରାଯାଇଥାଏ ।

---

[1] (i) ରାଜ୍ୟ ଏକତ୍ରୀକୃତ ପାଣ୍ଠିରୁ ହୋଇଥିବା ସମସ୍ତ ବ୍ୟୟର ସମୀକ୍ଷା ଆକସ୍ମିକ ପାଣ୍ଠି ଏବଂ ସରକାରୀ ହିସାବରୁ ହୋଇଥିବା ସମସ୍ତ ବ୍ୟୟର ସମୀକ୍ଷା ଏବଂ ସମସ୍ତ ଆର୍ଥିକ କାରବାର, ଲାଭ ଓ କ୍ଷତି ହିସାବ, ବାଲାନ୍ସ ସୀଟ୍ ଏବଂ ଅନ୍ୟାନ୍ୟ ସରକାରୀ ହିସାବର ସମୀକ୍ଷା

[2] ରାଜ୍ୟପାଳଙ୍କ ଅନୁରୋଧ କ୍ରମେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ନିୟମ ଅନୁଯାୟୀ ପ୍ରତିଷ୍ଠା ହୋଇଥିବା ନିଗମ (କମ୍ପାନୀ ହୋଇ ନଥିବେ) ଗୁଡ଼ିକର ହିସାବର ସମୀକ୍ଷା

[3] ରାଜ୍ୟପାଳଙ୍କ ଅନୁରୋଧ କ୍ରମେ, ସିଏଜି ଏବଂ ସରକାରଙ୍କ ମଧ୍ୟରେ ହୋଇଥିବା ଚୁକ୍ତିନାମା ଅନୁସାରେ କୌଣସି ସଂସ୍ଥା କିମ୍ବା କର୍ତ୍ତୃପକ୍ଷଙ୍କ ହିସାବର ସମୀକ୍ଷା

[4] (i) ରାଜ୍ୟର ଏକତ୍ରୀକୃତ ପାଣ୍ଠିରୁ ଅନୁଦାନ କିମ୍ବା ଋଣ ଜରିଆରେ ଅର୍ଥ ପ୍ରଦାନ କରାଯାଇଥିବା ଏକ ସଂସ୍ଥା କିମ୍ବା କର୍ତ୍ତୃପକ୍ଷଙ୍କ ପ୍ରାପ୍ତି ଓ ବ୍ୟୟର ସମୀକ୍ଷା (ii) ଆର୍ଥିକ ବର୍ଷରେ ରାଜ୍ୟ ଏକତ୍ରୀକୃତ ପାଣ୍ଠିରୁ ଋଣ କିମ୍ବା ଅନୁଦାନ ଜରିଆରେ ଏକ କୋଟି ଟଙ୍କାରୁ କମ୍ ଆର୍ଥିକ ସହାୟତା ଦିଆଯାଇଥିବା କୌଣସି ସଂସ୍ଥା କିମ୍ବା କର୍ତ୍ତୃପକ୍ଷଙ୍କ ପ୍ରାପ୍ତି ଏବଂ ବ୍ୟୟର ସମୀକ୍ଷା

ସମୁଦାୟ ସମୀକ୍ଷା ୟୁନିଭର୍ସ ଥିଲା 15 ଟି ବିଭାଗର 1,325 ୟୁନିଟ୍ । ସେଥି ମଧ୍ୟରୁ, 2020-22 ଅବଧିରେ 298ଟି ୟୁନିଟ୍‌କୁ ସମୀକ୍ଷା କରାଯାଇଥିଲା । ଏଥିସହିତ ଏହି ବିଭାଗ ଗୁଡ଼ିକ ନିୟନ୍ତ୍ରଣରେ ଥିବା 23 ଟି ସ୍ୱୟଂଶାସିତ ସଂସ୍ଥା ମଧ୍ୟରୁ 13 ଟି ସଂସ୍ଥା ଯାହାକି ସିଏଜିଙ୍କ ଡିପିସି ଅଧିନିୟମ, 1971 ର ଧାରା 14,19 (2), 19(3) ଏବଂ 20(1) ଅଧିନରେ ସମୀକ୍ଷା ହେବା ପାଇଁ ଯୋଗ୍ୟ ଥିଲେ । ସେମାନଙ୍କୁ ମଧ୍ୟ 2020-22 ଅବଧିରେ ସମୀକ୍ଷା କରାଯାଇଥିଲା ।

## 1.5 ଡ୍ରାଫ୍ଟ ଅନୁଚ୍ଛେଦ ଏବଂ ଅନୁପାଳନ ସମୀକ୍ଷା

26 ଟି ଡ୍ରାଫ୍ଟ ଅନୁଚ୍ଛେଦ ଏବଂ ପାଞ୍ଚଟି ଅନୁପାଳନ ସମୀକ୍ଷା ଯଥା କୃଷକ ମାନଙ୍କ କଲ୍ୟାଣ ପାଇଁ ପ୍ୟାକେଜ୍ "ଜୀବିକା ଏବଂ ଆୟ ବୃଦ୍ଧି ନିମନ୍ତେ କୃଷକଙ୍କୁ ସହାୟତା", ସୁନ୍ଦରଗଡ଼ ଜିଲ୍ଲାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ପରିବେଶ ନିୟମ ଗୁଡ଼ିକର ପ୍ରୟୋଗ, କ୍ଷତିପୂରକ ବନୀକରଣ ପରିଚାଳନା ପାଣ୍ଠି ଏବଂ ଯୋଜନା ପ୍ରାଧିକାର ଉତ୍ତର-ଦକ୍ଷିଣ କରିଡର-ବିଜୁ ଏକ୍ସପ୍ରେସ୍ ୱେ ଓ ଓଡ଼ିଶା ରାଜ୍ୟ ସଡ଼କ ପ୍ରକଳ୍ପକୁ ସଂପୃକ୍ତ ବିଭାଗର ଅତିରିକ୍ତ ଶାସନ ସଚିବ/ ପ୍ରମୁଖ ସଚିବଙ୍କୁ ସେମାନଙ୍କ ପ୍ରତିକ୍ରିୟା ପ୍ରେରଣ ନିମନ୍ତେ ଅନୁରୋଧ କରି ଜାନୁଆରୀ 2022 ରୁ ଜାନୁଆରୀ 2023 ମଧ୍ୟରେ ପଠାଯାଇଥିଲା । 16 ଟି ଡ୍ରାଫ୍ଟ ଅନୁଚ୍ଛେଦ ଏବଂ ସମସ୍ତ ପାଞ୍ଚଟି ବିସ୍ତୃତ ଅନୁପାଳନ ସମୀକ୍ଷା ଉପରେ ସରକାରଙ୍କ ଜବାବ ପ୍ରାପ୍ତ ହୋଇଥିଲା । ଏହି ପ୍ରତିବେଦନରେ ଉକ୍ତ ଜବାବ ଗୁଡ଼ିକୁ ଉପଯୁକ୍ତ ଭାବେ ଅନ୍ତର୍ଭୁକ୍ତ କରାଯାଇଅଛି ।

## 1.6 ସମୀକ୍ଷା ପ୍ରତିବେଦନ ଉପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ

ସମୀକ୍ଷା ପ୍ରତିବେଦନରେ ଅନ୍ତର୍ଭୁକ୍ତ ମାମଲା ଗୁଡ଼ିକ ସମ୍ପର୍କରେ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଉତ୍ତର ଦାୟିତ୍ୱକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଅର୍ଥ ବିଭାଗ ନିର୍ଦ୍ଦେଶ ଦେଇଛି ଯେ ସଂପୃକ୍ତ ବିଭାଗ ଗୁଡ଼ିକ, ପିଏସିର ସୁପାରିଶ ଉପରେ ସମୀକ୍ଷା ପ୍ରତିବେଦନରେ ଅନ୍ତର୍ଭୁକ୍ତ ଅନୁଚ୍ଛେଦ ସମ୍ପର୍କିତ ସଂଶୋଧୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନୋଟ୍ (ଏଟିଏନ୍) ଚାରି ମାସ ମଧ୍ୟରେ ପ୍ରଦାନ କରିବା ଉଚିତ୍ । ଏହି କାର୍ଯ୍ୟାଳୟର ସମୀକ୍ଷା ପରିସର ମଧ୍ୟରେ ଥିବା ବିଭାଗ ଗୁଡ଼ିକ ସମ୍ବନ୍ଧୀୟ, ଭାରତର ମହାଲେଖା ନିୟନ୍ତ୍ରକ ତଥା ମହା ସମୀକ୍ଷକଙ୍କ ପ୍ରତିବେଦନରେ ଅନ୍ତର୍ଭୁକ୍ତ ଅନୁଚ୍ଛେଦ ଉପରେ ଆମେ ମୀମାଂସା ହୋଇନଥିବା ଏଟିଏନ୍ ଗୁଡ଼ିକୁ ସମୀକ୍ଷା କରିଥିଲୁ ଏବଂ ଲକ୍ଷ୍ୟ କଲୁ ଯେ ପିଏସି ଦ୍ୱାରା ଆଲୋଚିତ ସମୀକ୍ଷା ଅନୁଚ୍ଛେଦ ସମ୍ବନ୍ଧୀୟ ସୁପାରିଶ 31 ମାର୍ଚ୍ଚ 2022 ସୁଦ୍ଧା ବାକି ନଥିଲା ।

## 1.7 ନିରୀକ୍ଷଣ ପ୍ରତିବେଦନ ଉପରେ ବାକିଥିବା ଉତ୍ତର

ସିଏଜିଙ୍କ ତରଫରୁ, ମହାଲେଖାକାର, ସରକାରୀ ବିଭାଗ ଗୁଡ଼ିକର ପର୍ଯ୍ୟାୟ କ୍ରମେ ନିରୀକ୍ଷଣ କରନ୍ତି ଓ ନିୟମ ଓ ପ୍ରକ୍ରିୟାରେ ଧାର୍ଯ୍ୟ କରାଯାଇଥିବା ଗୁରୁତ୍ୱପୂର୍ଣ୍ଣ ହିସାବ ଓ ଅନ୍ୟାନ୍ୟ ନଥିପତ୍ର ଗୁଡ଼ିକର ରକ୍ଷଣାବେକ୍ଷଣ ଯାଞ୍ଚ କରନ୍ତି । ଯାଞ୍ଚ ସମୟରେ ଚିହ୍ନଟ ହୋଇଥିବା ଅନିୟମିତତାକୁ ଅନ୍ତର୍ଭୁକ୍ତ କରି ନିରୀକ୍ଷଣ ପ୍ରତିବେଦନ ଗୁଡ଼ିକୁ ତୁରନ୍ତ ସଂଶୋଧନ କାର୍ଯ୍ୟାନୁଷ୍ଠାନ ପାଇଁ ପରବର୍ତ୍ତୀ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ନକଲ ସହିତ ଯାଞ୍ଚ କରାଯାଇଥିବା କାର୍ଯ୍ୟାଳୟର ମୁଖ୍ୟଙ୍କୁ ପ୍ରଦାନ କରାଯାଇଥାଏ । ସରକାର/ କାର୍ଯ୍ୟାଳୟ ମୁଖ୍ୟ ମାନେ, ନିରୀକ୍ଷଣ ପ୍ରତିବେଦନରେ ଥିବା ସିଦ୍ଧାନ୍ତକୁ ଅନୁପାଳନ କରି ଓ ତ୍ରୁଟି ସଂଶୋଧନ କରି, ଉତ୍ତର ମାଧ୍ୟମରେ ଅନୁପାଳନ ରିପୋର୍ଟ କରିବା ଆବଶ୍ୟକ । ଗୁରୁତର ଆର୍ଥିକ ଅନିୟମିତତାକୁ ବିଭାଗର ମୁଖ୍ୟ ଓ ସରକାରଙ୍କ ଦୃଷ୍ଟିକୁ ଅଣାଯାଏ ।

31 ମାର୍ଚ୍ଚ 2022 ସୁଦ୍ଧା ଜାରି କରାଯାଇଥିବା ନିରୀକ୍ଷଣ ପ୍ରତିବେଦନ ଗୁଡ଼ିକର ଯାଞ୍ଚରୁ ଜଣାଗଲା ଯେ, 3,796 ଆଇଆର୍ ସମ୍ବନ୍ଧୀୟ 18,309 ଅନୁଚ୍ଛେଦ, ଜୁନ୍ 2022 ସୁଦ୍ଧା ଅମୀମାଂସିତ ଥିଲା ***(ପରିଶିଷ୍ଟ -I)***। ଏଥି ମଧ୍ୟରୁ, 1,584 ଆଇଆର୍ ସମ୍ବନ୍ଧିତ 5,787 ଟି ଅନୁଚ୍ଛେଦ 10 ବର୍ଷରୁ ଅଧିକ ସମୟ ଧରି ଅମୀମାଂସିତ ଥିଲା । ମାର୍ଚ୍ଚ 2022 ସୁଦ୍ଧା ଜାରି କରାଯାଇଥିବା 358 ଟି ଆଇଆର୍ ସମ୍ପର୍କିତ କାର୍ଯ୍ୟାଳୟ ମୁଖ୍ୟଙ୍କ, ପ୍ରଥମ ଉତ୍ତର ଯାହାକି ଏକ ମାସ ମଧ୍ୟରେ ପ୍ରଦାନ କରାଯିବାର ଥିଲା, ଆପେକ୍ସ କମିଟି ବୈଠକ ଓ ବିଭାଗୀୟ ପର୍ଯ୍ୟାଲୋଚନା କମିଟି ବୈଠକରେ ଆଲୋଚନା ସତ୍ତ୍ୱେ, ତାହା ପ୍ରଦାନ କରାଯାଇନଥିଲା ।

ସଂଶୋଧିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଯିବା କିମ୍ବା ଉତ୍ତର ପ୍ରାପ୍ତ ନହେବା ଯୋଗୁଁ ଏହିପରି ଅମୀମାଂସିତ ରହିବା ସୂଚିତ କଲା ଯେ ନିରୀକ୍ଷଣ ପ୍ରତିବେଦନ ଗୁଡ଼ିକରେ ଦର୍ଶାଯାଇଥିବା ଅନିୟମିତତା ଗୁଡ଼ିକୁ ସୁଧାରିବା ପାଇଁ କାର୍ଯ୍ୟାଳୟର ତଥା ବିଭାଗର ମୁଖ୍ୟମାନେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲେ ।

# ଅଧ୍ୟାୟ II

## କୃଷକମାନଙ୍କ କଲ୍ୟାଣ ପାଇଁ ପ୍ୟାକେଜ୍ "ଜୀବିକା ଏବଂ ଆୟ ବୃଦ୍ଧି ନିମନ୍ତେ କୃଷକଙ୍କୁ ସହାୟତା" ଉପରେ ବିସ୍ତୃତ ଅନୁପାଳନ ସମୀକ୍ଷା

# ଅଧ୍ୟାୟ II

## କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗ

## 2. କୃଷକମାନଙ୍କ କଲ୍ୟାଣ ପାଇଁ ପ୍ୟାକେଜ "ଜୀବିକା ଏବଂ ଆୟ ବୃଦ୍ଧି ନିମନ୍ତେ କୃଷକଙ୍କୁ ସହାୟତା" ଉପରେ ବିସ୍ତୃତ ଅନୁପାଳନ ସମୀକ୍ଷା

### 2.1 ଉପକ୍ରମ

କୃଷକ କଲ୍ୟାଣ ପାଇଁ ପ୍ୟାକେଜ ଜୀବିକା ଏବଂ ଆୟ ବୃଦ୍ଧି ନିମନ୍ତେ କୃଷକଙ୍କୁ ସହାୟତା (କାଳିଆ) ଯୋଜନାକୁ ରାଜ୍ୟ ସରକାର ନିମ୍ନଲିଖିତ ପାଞ୍ଚଟି କାର୍ଯ୍ୟକ୍ରମ ସହିତ ଅନୁମୋଦିତ (ଡିସେମ୍ବର 2018) କରିଥିଲେ ।

(i) ଚାଷ ପାଇଁ କୃଷକମାନଙ୍କୁ ସହାୟତା;

(ii) ଭୂମିହୀନ କୃଷି ପରିବାର ପାଇଁ ଜୀବିକା ସହାୟତା;

(iii) ଆର୍ଥିକ ଦୁର୍ବଳ କୃଷି ପରିବାରକୁ ଆର୍ଥିକ ସହାୟତା;

(iv) କୃଷକ ଏବଂ ଭୂମିହୀନ କୃଷି ଶ୍ରମିକମାନଙ୍କୁ ଜୀବନ ବୀମା ସହାୟତା ଏବଂ

(v) ସୁଧ ବିହୀନ ଶସ୍ୟ ଋଣ ।

ପରବର୍ତ୍ତୀ ସମୟରେ, ଫେବୃଆରୀ 2019ରେ, ରାଜ୍ୟରେ ବୃତ୍ତିଗତ ପାଠ୍ୟକ୍ରମ ଅଧ୍ୟୟନ କରୁଥିବା, ହିତାଧିକାରୀଙ୍କ ପିଲାମାନଙ୍କୁ ଯୋଗ୍ୟତା ଅଧାରରେ ଛାତ୍ରବୃତ୍ତି ଯୋଗାଇବା ପାଇଁ ଷଷ୍ଠ କାର୍ଯ୍ୟକ୍ରମ କାଳିଆ ଛାତ୍ରବୃତ୍ତି ଯୋଗ କାରାଯାଇଥିଲା ।

କୃଷି ସମୃଦ୍ଧିକୁ ତ୍ୱରାନ୍ୱିତ କରିବା ଏବଂ କୃଷକମାନଙ୍କ ମଧ୍ୟରେ ଦାରିଦ୍ର୍ୟ ହ୍ରାସ କରିବା ଏହି ଯୋଜନାର ଉଦ୍ଦେଶ୍ୟ ଥିଲା । କରଗ୍ରସ୍ତ ଓ କରମୁକ୍ତ ଚାଷୀ, ଭାଗଚାଷୀ[5] ଏବଂ ଭୂମିହୀନ କୃଷି ଶ୍ରମିକଙ୍କୁ ଏହି ଯୋଜନା ଅଧିନରେ ଅନ୍ତର୍ଭୁକ୍ତ କରାଯିବାର ଥିଲା । ନିମ୍ନଲିଖିତ ଯୋଗ୍ୟତା ମାନଦଣ୍ଡ ପାଇଥିବା ହିତାଧୀକାରୀମାନଙ୍କୁ ଏହି ଯୋଜନା ପାଇଁ ଚୟନ କରାଯାଇଥିଲା ।

(i) କୃଷକ ଏବଂ ତାଙ୍କ ପତି/ପତ୍ନୀ ସହିତ ସେମାନଙ୍କର ନିର୍ଭରଶୀଳ ପିଲାମାନଙ୍କୁ ନେଇ ଚାଷୀ ପରିବାର ଗଠିତ ।

(ii) କୃଷକ ନିଶ୍ଚିତ ଭାବରେ ଓଡ଼ିଶାର ସ୍ଥାୟୀ ବାସିନ୍ଦା ହୋଇଥିବେ ।

(iii) କୃଷକ କିମ୍ବା ତାଙ୍କ ପତି/ ପତ୍ନୀ ଆୟକର ଦାତା କିମ୍ବା ସରକାରୀ/ ସାର୍ବଜନୀନ କ୍ଷେତ୍ରର କର୍ମଚାରୀ (ଅବସରପ୍ରାପ୍ତ କର୍ମଚାରୀଙ୍କ ସମେତ) ହୋଇନଥିବେ ।

(iv) ଏହି ରାଶି ଚାଷୀ ପରିବାରର ମୁଖ୍ୟଙ୍କ ବ୍ୟାଙ୍କ ଖାତାକୁ ହସ୍ତାନ୍ତର କରାଯିବ ।

କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗ (ଡିଏଆଣ୍ଡଏଫ୍ଇ), ମତ୍ସ୍ୟ ଏବଂ ପଶୁ ସମ୍ପଦ ବିକାଶ ବିଭାଗ (ଏଫ୍ ଆଣ୍ଡଏଆର୍ଡି) ଏବଂ ସମବାୟ ବିଭାଗ ସହିତ ମିଶି, 127.29 ଲକ୍ଷ ହିତାଧିକାରୀଙ୍କୁ ଅନ୍ତର୍ଭୁକ୍ତ କରୁଥିବା ଯୋଜନା ଛଅଗୋଟି କାର୍ଯ୍ୟକ୍ରମ ସହିତ କାର୍ଯ୍ୟକାରୀ କରିବା ପାଇଁ 2018-19 ରୁ 2020-21 ପର୍ଯ୍ୟନ୍ତ ତିନି ବର୍ଷ ପାଇଁ 10,310 କୋଟି ଟଙ୍କା ପ୍ରାରମ୍ଭିକ ପାଣ୍ଠିର ଆବଶ୍ୟକତା ଆକଳନ କରିଥିଲେ । ଏହା ବ୍ୟତୀତ, ଏହି ଯୋଜନା କାର୍ଯ୍ୟକାରୀ ପାଇଁ ଅତିରିକ୍ତ ଦୁଇ ପ୍ରତିଶତ ପ୍ରଶାସନିକ ଖର୍ଚ୍ଚ ପାଇଁ ଅନୁମତି ଦିଆଯାଇଥିଲା । ପରବର୍ତ୍ତୀ ସମୟରେ ଯୋଜନାର ପ୍ରଥମ ଦୁଇଟି କାର୍ଯ୍ୟକ୍ରମ ପାଇଁ ହିତାଧିକାରୀଙ୍କ ସଂଖ୍ୟା 40.18 ଲକ୍ଷ ରୁ 75 ଲକ୍ଷକୁ ବୃଦ୍ଧି

---

5 ଜଣେ କୃଷକ ଯିଏ ନିଜ ଫସଲର କିଛି ଅଂଶ ଜମି ମାଲିକଙ୍କୁ ପାଉଣା ଭାବରେ ଦେଇଥାଏ ।

କରାଯାଇଥିଲା (ଜୁନ୍ 2019) । ହିତାଧିକାରୀ ଚୟନ, ଦେୟର ପରିଚାଳନା ଏବଂ ଯୋଜନାର ତଦାରଖ ପାଇଁ କାଳିଆ ପୋର୍ଟାଲ୍ (www.kalia.co.in) ନାମକ ଏକ ୱେବ୍ ଆଧାରିତ ସୂଚନା ପ୍ରଯୁକ୍ତି ବିଦ୍ୟା ପ୍ରଣାଳୀ ପ୍ରସ୍ତୁତ କରାଯାଇଥିଲା ।

ନିମ୍ନଲିଖିତ ସାଂଗଠନିକ ଚାର୍ଟ ଅନୁଯାୟୀ ଏହି ଯୋଜନା କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗ ଦ୍ୱାରା କାର୍ଯ୍ୟକାରୀ କରାଯିବାର ଥିଲା ।

**ଚାର୍ଟ 1: ସାଂଗଠନିକ ଚାର୍ଟ**




## 2.1.1 ଅଡିଟ୍‌ର ଉଦ୍ଦେଶ୍ୟ

ଯୋଜନା ଉପରେ ଅଡିଟ୍ ସେପ୍ଟେମ୍ବର 2019 ରୁ ଅପ୍ରେଲ 2021 ମଧ୍ୟରେ ହୋଇଥିଲା (ମହାମାରୀ ହେତୁ ବିଭାଜିତ ଅବଧି) ଯାଞ୍ଚ କରିବାର ଉଦ୍ଦେଶ୍ୟଗୁଡ଼ିକ ଥିଲା,

- ହିତାଧିକାରୀମାନଙ୍କର ଚିହ୍ନଟ ଏବଂ ଚୟନ ପ୍ରକ୍ରିୟା, ସମାନ ଭାବରେ ନିରପେକ୍ଷ ଏବଂ ସ୍ୱଚ୍ଛ ଥିଲା କି ନଥିଲା;
- ଇଚ୍ଛାକୃତ ଲାଭ ଗୁଡ଼ିକ ଧାର୍ଯ୍ୟ ହିତାଧିକାରୀଙ୍କ ନିକଟରେ ପହଞ୍ଚିଲା କି ନାହିଁ ଏବଂ
- ଏହି ଯୋଜନା ପାଇଁ ବିକଶିତ ସୂଚନା ପ୍ରଯୁକ୍ତି ବିଦ୍ୟା ପ୍ରଣାଳୀ ଦୃଢ଼ ଥିଲା ଏବଂ ଯୋଗ୍ୟ ହିତାଧିକାରୀ ଚୟନକୁ ସୁଗମ କରିଥିଲା ଏବଂ ଅଯୋଗ୍ୟ ମାନଙ୍କୁ ହଟାଇଥିଲା କି ନାହିଁ ।

## 2.1.2 ଅଡିଟର ପରିସର ଏବଂ ପଦ୍ଧତି

କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗ, କୃଷି ଏବଂ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ, ଓଡ଼ିଶା, ନିର୍ଦ୍ଦେଶକ, ଉଦ୍ୟାନ କୃଷି ଓଡ଼ିଶା ଏବଂ ଓଡ଼ିଶା ରାଜ୍ୟ କୃଷି ମାର୍କେଟିଂ ବୋର୍ଡ (ଓଏସ୍ଏମ୍ବି) ଦ୍ୱାରା 2018-19 ରୁ 2020-21 ମଧ୍ୟରେ ପରିଚାଳିତ ଯୋଜନା ରେକର୍ଡଗୁଡ଼ିକୁ ଅଡିଟ୍ ଯାଞ୍ଚ କରିଥିଲା (ସେପ୍ଟେମ୍ବର ରୁ ଅକ୍ଟୋବର 2019 ଏବଂ ଫେବୃଆରୀରୁ ଅପ୍ରେଲ 2021) । ବିଭାଗ ଦ୍ୱାରା ପ୍ରଦାନ କରାଯାଇଥିବା କାଳିଆ ପୋର୍ଟାଲର ଇଲେକ୍ଟ୍ରୋନିକ ତଥ୍ୟକୁ ସଂରଚନା ଜିଜ୍ଞାସା ଭାଷା (ଏସ୍କ୍ୟୁଏଲ୍) ଏବଂ ପାଇଥନ ବ୍ୟବହାର କରି ବିଶ୍ଳେଷଣ କରାଯାଇଥିଲା । କାଳିଆ ପୋର୍ଟାଲର ରିପୋର୍ଟଗୁଡ଼ିକ ମଧ ଯାଞ୍ଚ କରାଯାଇଥିଲା । 18 ମଇ 2022 ରେ ଅନୁଷ୍ଠିତ ପ୍ରସ୍ଥାନ ସମ୍ମିଳନୀରେ ଅଡ଼ିଟ ଫଳାଫଳ ଉପରେ ଆଲୋଚନା କରାଯାଇଥିଲା ଏବଂ ସରକାରଙ୍କର ଉତ୍ତରଗୁଡ଼ିକ ଏହି ପ୍ରତିବେଦନରେ ଉପଯୁକ୍ତ ଭାବରେ ଅନ୍ତର୍ଭୁକ୍ତ କରାଯାଇଛି ।

## 2.1.3 ସମୀକ୍ଷାରେ ସୀମିତତା

**ବିଭାଗ କାଳିଆ ପୋର୍ଟାଲର ସମ୍ପୂର୍ଣ୍ଣ ଡାଟାବେସ୍ ଏବଂ ଅନ୍ୟାନ୍ୟ ଡାଟାବେସ୍ ପ୍ରଦାନ କରିନାହିଁ ଯାହା ବାରମ୍ବାର ଅନୁରୋଧ ସତ୍ତ୍ୱେ, ହିତାଧିକାରୀମାନଙ୍କୁ ଚୟନ ଏବଂ ଚିହ୍ନଟ କରିବାରେ ବ୍ୟବହୃତ ହେଉଥିଲା । ବିଭାଗ ମଧ୍ୟ ବ୍ୟାଙ୍କ ଠାରୁ ପ୍ରାପ୍ତ ଦେୟ ସ୍ୱୀକୃତି ତଥ୍ୟ ପ୍ରଦାନ କରିନଥିଲା, ଯାହା ଦେୟକୁ ପ୍ରମାଣିତ କରିଥାଏ । ବିତରଣ ହେଉଥିବା 9,333.01 କୋଟି ଟଙ୍କା ମଧ୍ୟରୁ 2,060.29 କୋଟି ଟଙ୍କା ଯାହା ବିଭାଗ ଦ୍ୱାରା 2021-22 ବର୍ଷରେ ବିତରଣ ହୋଇଥିଲା । ତଥ୍ୟ ଏବଂ ସୂଚନା ଅଭାବରୁ ବିଶ୍ଳେଷଣ କରାଯାଇପାରି ନଥିଲା ।**

ଏହି ଯୋଜନା ପାଇଁ ବିଭାଗ ଦୁଇଟି[6] କୃଷକ ତଥ୍ୟାବଳୀକୁ ହିତାଧିକାରୀଙ୍କ ତଥ୍ୟାବଳୀ ପାଇଁ ବ୍ୟବହାର କରିଥିଲେ ଏବଂ କାଳିଆ ପୋର୍ଟାଲ୍ ମାଧ୍ୟମରେ ଚାଷୀଙ୍କ ଠାରୁ ନୂତନ ଆବେଦନ ସଂଗ୍ରହ କରିଥିଲେ ଏବଂ ଆବେଦନକାରୀଙ୍କ ଯୋଗ୍ୟତାକୁ ବାଛି ହିତାଧିକାରୀ ଚୟନ କରିବା ପାଇଁ 14ଟି ତଥ୍ୟାବଳୀ[7] ବ୍ୟବହାର କରିଥିଲେ । ଏହି ଯୋଜନାର କାର୍ଯ୍ୟକାରିତା ବିସ୍ତୃତ ଅଡିଟ୍ ବିଶ୍ଳେଷଣ ପାଇଁ ଉପରୋକ୍ତ ସମସ୍ତ ତଥ୍ୟାବଳୀ ଆବଶ୍ୟକ ଥିଲା । ତଥାପି, ବାରମ୍ବାର ଅନୁରୋଧ ସତ୍ତ୍ୱେ ବିଭାଗ କାଳିଆ ପୋର୍ଟାଲର ସମ୍ପୂର୍ଣ୍ଣ ତଥ୍ୟାବଳୀ ଏବଂ ଅନ୍ୟାନ୍ୟ ତଥ୍ୟାବଳୀ ଯାହା ହିତାଧିକାରୀମାନଙ୍କୁ ଚୟନ ଏବଂ ଚିହ୍ନଟ କରିବାରେ ବ୍ୟବହୃତ ହେଉଥିଲା ତାହା ପ୍ରଦାନ କରିନଥିଲେ । ଦେୟକୁ ପ୍ରାମାଣିକରଣ କରୁଥିବା ବ୍ୟାଙ୍କ ଦେୟ ସ୍ୱୀକୃତି ତଥ୍ୟ ମଧ୍ୟ ବିଭାଗ ପ୍ରଦାନ କରିନଥିଲେ । ତଥାପି ସମୀକ୍ଷା ଏହି ଯୋଜନାକୁ ସୀମିତ ତଥ୍ୟ[8] ଏବଂ ବିଭାଗ ଦ୍ୱାରା ପ୍ରଦାନ କରାଯାଇଥିବା ରେକର୍ଡ / ଡକ୍ୟୁମେଣ୍ଟ ସହିତ ମାର୍ଚ୍ଚ 2021 ପର୍ଯ୍ୟନ୍ତ ଯାଞ୍ଚ କରିଥିଲେ । 9,333.01 କୋଟି ଟଙ୍କାର ମୋଟ ବିତରଣ ମଧ୍ୟରୁ 2021-22 ବର୍ଷର 2,060.29 କୋଟି ଟଙ୍କାର ବିତରଣ, ତଥ୍ୟ ଏବଂ ସୂଚନା ଅନୁପସ୍ଥିତିରେ ବିଶ୍ଳେଷଣ କରାଯାଇପାରି ନାହିଁ ।

## 2.1.4 ବଜେଟ ବ୍ୟବସ୍ଥା ଏବଂ ବ୍ୟୟ

2018-22 ଅନ୍ତର୍ଗତ ଯୋଜନା ପାଇଁ ବଜେଟ ବ୍ୟବସ୍ଥା, ପୁନଃ ଆବଣ୍ଟନ, ଓଡ଼ିଶା କଣ୍ଟିଜେନ୍ସି ଫଣ୍ଡ (ଓସିଏଫ୍) ରୁ ଅଗ୍ରୀମ ଏବଂ ବ୍ୟୟ ନିମ୍ନ **ସାରଣୀ 2.1** ରେ ଦର୍ଶାଯାଇଛି:

**ସାରଣୀ ସଂଖ୍ୟା 2.1:ବଜେଟ୍ ଯୋଗାଣ, ପୁନଃ ଆବଣ୍ଟନ, ଆକସ୍ମିକ ପାଣ୍ଠିରୁ ଅଗ୍ରୀମ ଏବଂ 2018-22 ମଧ୍ୟରେ ହୋଇଥିବା ବ୍ୟୟର ସବିଶେଷ ବିବରଣୀ**

*(ଟଙ୍କା କୋଟିରେ)*

| ବର୍ଷ | କୃଷକଙ୍କ କଲ୍ୟାଣ ଅଧିନସ୍ଥ ବଜେଟ୍ ବ୍ୟବସ୍ଥା | ଅନ୍ୟ ମୁଖ୍ୟ ଖାତାରୁ ପୁନଃ ଆବଣ୍ଟନ | ଓସିଏଫ୍‌ରୁ ଅଗ୍ରୀମ | ସମୁଦାୟ ବ୍ୟବସ୍ଥା | ବ୍ୟୟ | ସମର୍ପଣ /ସଞ୍ଚୟ |
|---|---|---|---|---|---|---|
| 2018-19 | 250.00 | (+) 681.00 | 1244.66 | 2175.66 | 2175.66 | 0 |
| 2019-20 | 5501.00 | (-) 48.01 | - | 5452.99 | 3243.01 | 2209.98 |

[6] 1. ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ଭାଗଚାଷୀ ତଥ୍ୟ ଏବଂ 2. ବିଭାଗର ସିଧାସଳଖ ବିହନ ସବ୍‌ସିଡି ହିତାଧିକାରୀ ତଥ୍ୟାବଳୀ

[7] ଜାତୀୟ ଖାଦ୍ୟ ସୁରକ୍ଷା ଆଇନ୍ (ଏନ୍‌ଏଫ୍‌ଏସ୍‌ଏ), 2. ଜାତୀ ଜନସଂଖ୍ୟା ପଞ୍ଜିକରଣ (ଏନପିଆର୍), 3. ସାମାଜିକ ଅର୍ଥନୈତିକ ଜାତି ଭିତ୍ତିକ ଜନଗଣନା (ଏସ୍‌ଇସିସି), 4. ଅନନ୍ୟ ପରିଚୟ ପ୍ରାଧିକରଣ ଅଫ୍ ଇଣ୍ଡିଆ (ୟୁଆଇଡିଏଆଇ), 5. ପ୍ରଧାନ ମନ୍ତ୍ରୀ ଫସଲ ବୀମା ଯୋଜନା (ପିଏମ୍‌ଏଫ୍‌ବିୱାଇ), 6. ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା (ଏସ୍‌ଏଫ୍‌ଏସ୍‌ଏସ୍), 7. ଭାଗ ଚାଷୀ ତଥ୍ୟ, 8. ସ୍ୱୟଂଚାଳିତ ଧାନ କ୍ରୟ ସିଷ୍ଟମ (ପିପିଏଏସ୍),9. ମାନବ ସମ୍ବଳ ପରିଚାଳନା ବ୍ୟବସ୍ଥା (ଏଚ୍‌ଆର୍‌ଏମ୍‌ଏସ୍), 10. ପୋଲିସ୍ କନଷ୍ଟେବଲ୍ ତଥ୍ୟ, 11. ଶିକ୍ଷକଙ୍କ ତଥ୍ୟ, 12. ପେନସନଭୋଗୀଙ୍କ ତଥ୍ୟାବଳୀ, 13. ଡାକ୍ତରୀ ପେଶାର ତଥ୍ୟ ଏବଂ 14. ବ୍ୟାଙ୍କର ତଥ୍ୟାବଳୀ

[8] ସଂପୂର୍ଣ୍ଣ ତଥ୍ୟର ସଂରକ୍ଷଣ ପରିବର୍ତ୍ତେ, ବିଭାଗ 29 ଟି ଟେବୁଲ ଯଥା: ଦରଖାସ୍ତ, ଅଭିଯୋଗ, ହିତାଧିକାରୀଙ୍କୁ ଅନ୍ତିମ ଦେୟ, ଗ୍ରାମ, ଜିପିର ତାଲିକା ଇତ୍ୟାଦି ଗୁଡ଼ିକର ତଥ୍ୟ ପ୍ରଦାନ କରିଥିଲେ ।

| ବର୍ଷ | କୃଷକଙ୍କ କଲ୍ୟାଣ ଅଧିନସ୍ଥ ବଜେଟ୍ ବ୍ୟବସ୍ଥା | ଅନ୍ୟ ମୁଖ୍ୟ ଖାତାରୁ ପୁନଃ ଆବଣ୍ଟନ | ଓସିଏଫ୍‌ରୁ ଅଗ୍ରୀମ | ସମୁଦାୟ ବ୍ୟବସ୍ଥା | ବ୍ୟୟ | ସମର୍ପଣ /ସଞ୍ଚୟ |
|---|---|---|---|---|---|---|
| 2020-21 | 3195.00 | - | - | 3195.00 | 1854.05 | 1340.95 |
| 2021-22 | 1827.85 | (+) 259.47 | - | 2087.32 | 2060.29 | 27.03 |
| ସମୁଦାୟ | 10773.85 | 892.46 | 1244.66 | 12910.97 | 9333.01 | 3577.96 |

*ଉତ୍ସ: ଓଡ଼ିଶା ସରକାରଙ୍କ (ଜିଓଓ) ବିଭାଗର ରେକର୍ଡରୁ ତଥ୍ୟ ସଂକଳିତ*

ପାଣ୍ଠିର ସମର୍ପଣ ମୁଖ୍ୟତଃ ଯୋଜନାରେ ଥିବା ଉପାଦାନଗୁଡ଼ିକ ପାଇଁ ହିତାଧିକାରୀ ଚିହ୍ନଟ କରିବାରେ ବିଳମ୍ବ ହେତୁ ହୋଇଅଛି ଯାହା ପରବର୍ତ୍ତୀ ଅନୁଚ୍ଛେଦରେ ଆଲୋଚନା କରାଯାଇଛି ।

## 2.2. ଅଡିଟ୍ ସିଦ୍ଧାନ୍ତ

### 2.2.1 ଯୋଜନାର ଅଭାବ

କୃଷକଙ୍କ କଲ୍ୟାଣ ପାଇଁ ପ୍ୟାକେଜ୍-କାଳିଆ ଯୋଜନା 2018-19 ର ରବି[9] ଋତୁ ଠାରୁ ପାଞ୍ଚଟି ଶସ୍ୟ ଋତୁ ପାଇଁ 21 ଡିସେମ୍ବର 2018 ରୁ କାର୍ଯ୍ୟକାରୀ କରାଯାଇଥିଲା । ଅର୍ଥ ବିଭାଗର ପରିପତ୍ର (ଜାନୁଆରୀ 2013)[10] ଅନୁଯାୟୀ, କୌଣସି ନୂତନ ଯୋଜନା/ ପ୍ରକଳ୍ପର ପ୍ରସ୍ତାବ ଦେବା ପୂର୍ବରୁ ବିଭାଗ କାର୍ଯ୍ୟାନ୍ୱୟନର ସମ୍ଭାବ୍ୟତା ନିଶ୍ଚିତ କରିବାର ଆବଶ୍ୟକ ଥିଲା । ଏହି ଯୋଜନା ଅଧୀନରେ ଛଅ ଗୋଟି କାର୍ଯ୍ୟକ୍ରମ ଥିଲା । ଏହି ଛଅ ଗୋଟି କାର୍ଯ୍ୟକ୍ରମଗୁଡ଼ିକର ସହାୟତାର ସୀମା **ସାରଣୀ ସଂଖ୍ୟା 2.2** ରେ ଦିଆଯାଇଛି ।

**ସରକାରଙ୍କ ଦ୍ୱାରା ଅନୁମୋଦିତ କାଳିଆ ଯୋଜନା ଅନ୍ତର୍ଗତ ଛଅଟି ଉପାଦାନ ମଧ୍ୟରୁ କେବଳ ଦୁଇଟି ଉପାଦାନ ଯଥା-1-'ଚାଷ ପାଇଁ କୃଷକମାନଙ୍କୁ ସହାୟତା' ଏବଂ 2 – '2018-21 ମଧ୍ୟରେ କାର୍ଯ୍ୟକାରୀ ହୋଇଥିବା ଭୂମିହୀନ କୃଷି ପରିବାର ପାଇଁ ଜୀବିକା ସହାୟତା' । ଅଧିକନ୍ତୁ, ମାର୍ଚ୍ଚ 2021 ସୁଦ୍ଧା ପ୍ରଥମ ଉପାଦାନ ଅଧୀନରେ ହିତାଧିକାରୀଙ୍କୁ ପାଞ୍ଚଟି କିସ୍ତି ମଧ୍ୟରୁ କେବଳ ତିନୋଟି ପ୍ରଦାନ କରାଯାଇଥିଲା । ଦୁଇଟି ଉପାଦାନ ଯଥା- 3 – 'ଦୁର୍ବଳ କୃଷି ପରିବାରଙ୍କୁ ଆର୍ଥିକ ସହାୟତା' ଏବଂ 5 – 'ସୁଧ ମୁକ୍ତ ଶସ୍ୟ ଋଣ' ଛାଡ଼ି ଦିଆଯାଇଥିଲା । ଅବଶିଷ୍ଟ ଦୁଇଟି ଉପାଦାନ ଯଥା- ଉପାଦାନ 4 – 'କୃଷକ ଏବଂ ଭୂମିହୀନ କୃଷି ଶ୍ରମିକଙ୍କୁ ଜୀବନ ବୀମା ସହାୟତା' ଏବଂ ଉପାଦାନ 6 – 'କାଳିଆ ସ୍କଲାରସିପ୍' ଯୋଜନା ଆରମ୍ଭ ହେବାର ଦୁଇ ବର୍ଷରୁ ଅଧିକ ସମୟ ପରେ ମଧ ଯୋଜନା ପର୍ଯ୍ୟାୟରେ ଅଛି ।**

[9] ଅକ୍ଟୋବରରୁ ମାର୍ଚ୍ଚ ପର୍ଯ୍ୟନ୍ତ ଚାଷ ଋତୁ

[10] ଅର୍ଥ ବିଭାଗ, ଓଡ଼ିଶା ସରକାର ଓଏମ୍ ସଂଖ୍ୟା 1068/ଏଫ୍ ତାରିଖ - 10/01/2013

### ସାରଣୀ ସଂଖ୍ୟା 2.2: କାର୍ଯ୍ୟକ୍ରମଗୁଡ଼ିକର ବିବରଣୀ, ଏବଂ ଯୋଜନାର ସହାୟତା ରାଶି

| କ୍ର.ସଂ. | ଉପାଦାନ | ସହାୟତା ରାଶି | ପ୍ରାରମ୍ଭ | | ସଂଶୋଧିତ | |
|---|---|---|---|---|---|---|
| | | | ଧାର୍ଯ୍ୟ ଲକ୍ଷ୍ୟ ହିତାଧିକାରୀ (ଲକ୍ଷରେ) | ଆବଶ୍ୟକ ପାଣ୍ଠି (କୋଟି ଟଙ୍କାରେ) | ସଂଶୋଧିତ ଧାର୍ଯ୍ୟ ଲକ୍ଷ୍ୟ ହିତାଧିକାରୀ (ଲକ୍ଷରେ) | ଆବଶ୍ୟକ ପାଣ୍ଠି (କୋଟି ଟଙ୍କାରେ) |
| 1 | ଚାଷ ପାଇଁ କୃଷକମାନଙ୍କୁ ସହାୟତା | ପାଞ୍ଚଗୋଟି ଫସଲ ଋତୁ ପାଇଁ ଫସଲ ଋତୁ ପ୍ରତି ଏବଂ କୃଷକ ପରିବାର ପ୍ରତି 5,000 ଟଙ୍କା | 30.18 | 7,540 | 50.00 | 12,500 |
| 2 | ଭୂମିହୀନ କୃଷି ପରିବାର (ଏଲ୍ଏଲ୍) ପାଇଁ ଜୀବିକା ସହାୟତା | ତିନି ବର୍ଷରେ ପରିବାର ପ୍ରତି 12,500 ଟଙ୍କା | 10.00 | 1,250 | 25.00 | 3125 |
| 3 | ଆର୍ଥିକ ଦୁର୍ବଳ ଥିବା କୃଷି ପରିବାରକୁ ଆର୍ଥିକ ସହାୟତା | ପରିବାର ପ୍ରତି 10,000 ଟଙ୍କା | 10.00 | 1,000 | - | - |
| 4 | କୃଷକ ଏବଂ ଭୂମିହୀନ କୃଷି ଶ୍ରମିକମାନଙ୍କୁ ଜୀବନ ବୀମା ସହାୟତା | ହିତାଧିକାରୀ (18 ରୁ 50 ବର୍ଷ ବୟସ ପର୍ଯ୍ୟନ୍ତ) ପ୍ରତି 171 ଟଙ୍କା ।51 ରୁ 70 ବର୍ଷ ପର୍ଯ୍ୟନ୍ତ ହିତାଧିକାରୀଙ୍କ ପାଇଁ ଅତିରିକ୍ତ 12 ଟଙ୍କାର ସହାୟତା | 57.00 | 170 | - | - |
| 5 | ସୁଧ ବିହୀନ କୃଷି ଋଣ | 50,000 ଟଙ୍କା ପର୍ଯ୍ୟନ୍ତ ସୁଧ ବିହୀନ ଫସଲ ଋଣ ପାଇଁ ବାର୍ଷିକ 110 କୋଟି ଟଙ୍କାର ଅତିରିକ୍ତ ସହାୟତା | 20.00 | 220 | - | - |
| 6 | କାଳିଆ ଛାତ୍ରବୃତ୍ତି | ହଷ୍ଟେଲ/ ମେସ୍ ଖର୍ଚ୍ଚ ସହିତ ସମସ୍ତ ଦେୟ | 0.11 | 130 | - | - |
| **ସମୁଦାୟ** | | | **127.29** | **10,310** | **75** | **15,625** |

***(ଉତ୍ସ: ବିଭାଗର ନଥିପତ୍ର, ଓଡ଼ିଶା ସରକାର)***

ସରକାର ପର୍ଯ୍ୟାପ୍ତ ସମ୍ଭାବ୍ୟତା ଅଧ୍ୟୟନ ବିନା ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେବାକୁ ଥିବା କାଳିଆ ଯୋଜନାକୁ ଅନୁମୋଦନ (ଡିସେମ୍ବର 2018) କରିଛନ୍ତି ଯାହା ନିମ୍ନରେ ଆଲୋଚନା କରାଯାଇଅଛି :

- **ଉପାଦାନ ଗୁଡ଼ିକର ଅପସାରଣ:** ଏହି ଯୋଜନା କାର୍ଯ୍ୟକାରୀ ହେବା ସମୟରେ, ସରକାର ଲକ୍ଷ୍ୟ କଲେ ଯେ ଉପାଦାନ ସଂଖ୍ୟା-3 ଏବଂ ସଂଖ୍ୟା-5 ଅନାବଶ୍ୟକ ଥିଲା କାରଣ ଉପାଦାନ ସଂଖ୍ୟା-3 ଅନ୍ତର୍ଗତ ହିତାଧିକାରୀମାନେ ଉପାଦାନ ସଂଖ୍ୟା-1 ଏବଂ 2 ଅଧିନରେ ଅନ୍ତର୍ଭୁକ୍ତ ହୋଇଥିଲେ । ଆହୁରି ମଧ୍ୟ, ସମବାୟ ବିଭାଗ, ଜିଓଓ ଉପାଦାନ ସଂଖ୍ୟା-5 ଭଳି ଏକ ସମାନ ଯୋଜନା "ସୁଧ ବିହୀନ କୃଷି ଋଣ" ରେ ସମସ୍ତ କୃଷକମାନଙ୍କୁ 0.5 ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଅନୁଦାନ ଆରମ୍ଭ କରିସାରିଥିଲେ (ଜୁନ୍ 2019) । ଏହିପରି, ବିଭାଗ (ନଭେମ୍ବର 2019)[11] କୁ ଉପରୋକ୍ତ ଦୁଇଟି ଉପାଦାନ ଅର୍ଥାତ୍ ଉପାଦାନ ସଂଖ୍ୟା-3 ଏବଂ 5 କୁ ଯୋଜନା କାର୍ଯ୍ୟକାରୀ କରିବା ଠାରୁ ଅପସାରଣ କରିଥିଲେ।
- **ଉପାଦାନ କାର୍ଯ୍ୟକାରୀ ନହେବା:** ଯୋଜନା ଆରମ୍ଭରୁ ଦୁଇ ବର୍ଷରୁ ଅଧିକ ସମୟ ବିତିଯାଇଥିଲେ ମଧ ଅନ୍ୟ ଦୁଇଟି ଉପାଦାନ ଯଥା ଉପାଦାନ ସଂଖ୍ୟା-4 ଏବଂ ସଂଖ୍ୟା-6, ଯୋଜନା ପର୍ଯ୍ୟାୟରେ ଥିଲା । ଏହିପରି, ବିଭାଗ ଜାନୁଆରୀ 2019 ଠାରୁ ରାଜ୍ୟରେ ଏହି ଯୋଜନାର ଅଧିନରେ କେବଳ ଦୁଇଟି ଉପାଦାନ ଯଥା ଉପାଦାନ ସଂଖ୍ୟା 1 ଏବଂ 2 କୁ କାର୍ଯ୍ୟକାରୀ କରିପାରିଥିଲେ।
- **ଲକ୍ଷ୍ୟ ହାସଲ ନହେବା:** ପ୍ରଥମ ଦୁଇଟି ଉପାଦାନ ଯଥା ଉପାଦାନ ସଂଖ୍ୟା-1 ଏବଂ 2, 40.18 ଲକ୍ଷ ହିତାଧିକାରୀଙ୍କ ଲକ୍ଷ୍ୟ ସହିତ କାର୍ଯ୍ୟକାରୀ କରାଯାଇଥିଲା । କିନ୍ତୁ, ବିଭାଗ ପାଖରେ ଏହି ହିତାଧିକାରୀ ଲକ୍ଷ୍ୟ ପୂରଣ ପାଇଁ କୌଣସି ତଥ୍ୟ ଉପଲବ୍ଧ ନଥିଲା । ଯୋଜନାର ଉପରୋକ୍ତ ଦୁଇଟି ଉପାଦାନର କାର୍ଯ୍ୟକାରିତା ପାଇଁ ବିଭାଗ, ବିହନ ପ୍ରତ୍ୟକ୍ଷ ଲାଭ ସ୍ଥାନାନ୍ତର ଯୋଜନା (ଏସ୍ଡିବିଟି) ଅଧୀନରେ 21.76 ଲକ୍ଷ କୃଷକଙ୍କ ତାଲିକା ଏବଂ ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ବିଭାଗର ଧାନ କ୍ରୟ

[11] ଓଡ଼ିଶା ସରକାର କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗ ବିଜ୍ଞପ୍ତି ସଂଖ୍ୟା 22660/ ଏଆଣ୍ଡଏଫ୍ଇ 30 ନଭେମ୍ବର 2019

ସ୍ୱୟଂଚାଳିତ ପଦ୍ଧତି (ପିପିଏଏସ୍) ଅଧୀନରେ 1.05 ଲକ୍ଷ ଭାଗଚାଷୀଙ୍କ ତାଲିକା ବ୍ୟବହାର କରିଥିଲେ । ଭୂଲେଖରୁ ଜମି ଥିବା ଲୋକଙ୍କ ତଥ୍ୟ ବ୍ୟବହାର ହୋଇପାରି ନଥିଲା, ଯେହେତୁ କାଳିଆରେ ବ୍ୟବହାର ପାଇଁ ଭୂଲେଖ ତଥ୍ୟାବଳୀରେ ଆଧାର ସଂଖ୍ୟା ଭଳି କୌଣସି ସାଧାରଣ ପନ୍ଥା ନଥିଲା । ଏହା ବ୍ୟତୀତ, ଜାନୁଆରୀରୁ ମଇ 2019 ମଧ୍ୟରେ ଏହା କାଳିଆ ପୋର୍ଟାଲ୍ ବ୍ୟବହାର କରି କୃଷକମାନଙ୍କ ଠାରୁ 96.43 ଲକ୍ଷ ନୂଆ ଆବେଦନ ସଂଗ୍ରହ କରି ହିତାଧୀକାରୀ ସଂଖ୍ୟାକୁ 1.19 କୋଟିରେ ପହଞ୍ଚାଇଥିଲେ । ଶେଷରେ, ବିଭାଗ, କାଳିଆ ପ୍ରଥମ କିସ୍ତି ପର୍ଯ୍ୟାୟ ପାଇଁ 51.05 ଲକ୍ଷ ହିତାଧିକାରୀ ଚୟନ କଲା । ହିତାଧିକାରୀ ସଂଖ୍ୟାରୁ ଅଯୋଗ୍ୟ ହିତାଧିକାରୀଙ୍କୁ ହଟାଇବା ପାଇଁ 14 ଟି ତଥ୍ୟାବଳୀ ବ୍ୟବହାର କରି ସେମାନେ ବହିଷ୍କାର ମାନଦଣ୍ଡ ଗ୍ରହଣ କରିଛନ୍ତି ବୋଲି ଦର୍ଶାଇଥିଲେ । ପରବର୍ତ୍ତୀ ସମୟରେ, ଲକ୍ଷ୍ୟ ଥିବା ହିତାଧିକାରୀଙ୍କ ସଂଖ୍ୟା 40.18 ଲକ୍ଷ ରୁ 75 ଲକ୍ଷକୁ ବିଭାଗ ସଂଶୋଧନ କରିଥିଲେ (ଜୁନ୍ 2019) ଯାହା ଦ୍ୱାରା ଯୋଗ୍ୟ ବ୍ୟକ୍ତି ଆଉ ବଞ୍ଚିତ ହେବେ ନାହିଁ । ଅଡିଟ୍ ଲକ୍ଷ୍ୟ କଲା ଯେ ଉପାଦାନ ସଂଖ୍ୟା-1 ଏବଂ 2 ପାଇଁ ସଂଶୋଧିତ 75 ଲକ୍ଷ ହିତାଧିକାରୀଙ୍କ ଲକ୍ଷ୍ୟ ମଧ୍ୟ ହାସଲ ହୋଇପାରି ନଥିଲା, ଯେହେତୁ ତୃତୀୟ ପର୍ଯ୍ୟାୟ ସହାୟତା (ଫେବୃଆରୀ 2021) ଅର୍ଥାତ୍ ଦୁଇ ବର୍ଷର କାର୍ଯ୍ୟକାରିତା ପରେ ମନୋନୀତ ହିତାଧିକାରୀମାନେ ମାତ୍ର 56.15 ଲକ୍ଷ ଥିଲେ ।

- **ଉପାଦାନ ଗୁଡ଼ିକର କାର୍ଯ୍ୟାନ୍ୱୟନରେ ବିଳମ୍ବ:** ଯୋଜନା ମାର୍ଗଦର୍ଶିକା ଅନୁଯାୟୀ, ଉପାଦାନ ସଂଖ୍ୟା-1 ଅଧୀନରେ ରବି 2018-19 ରୁ ରବି 2020-21 ପର୍ଯ୍ୟନ୍ତ ପାଞ୍ଚଟି ଶସ୍ୟ ଋତୁରେ କୃଷକମାନଙ୍କୁ ସହାୟତା ଦେବାର ଥିଲା । କିନ୍ତୁ, ଅଡିଟ୍ ଲକ୍ଷ୍ୟ କଲା ଯେ ବିଭାଗ କେବଳ ତିନୋଟି କିସ୍ତି ଯଥା ରବି 2018-19, ଖରିଫ୍ 2019-20 ଏବଂ ଖରିଫ୍ 2020-21 ପ୍ରଦାନ କରିଥିଲେ ।

ଏହିପରି, ପ୍ରାରମ୍ଭିକ ଲକ୍ଷ୍ୟ ସ୍ଥିର କରିବାରେ ଯୋଜନାରେ ପ୍ରସ୍ତୁତିର ଅଭାବ ରହିଥିଲା ଏବଂ ଏହି ଯୋଜନାର ବିଭିନ୍ନ ଉପାଦାନ ଗୁଡ଼ିକର କାର୍ଯ୍ୟକାରିତାକୁ ବିଭାଗ ନିଶ୍ଚିତ କରିନଥିଲେ ଏବଂ ଏହାର ଦୁଇଟି[12] ଉପାଦାନକୁ କାର୍ଯ୍ୟ ଅଧାରୁ କାର୍ଯ୍ୟକାରୀ ନକରି ବନ୍ଦ କରିଦେଇଥିଲେ । ପୁନଶ୍ଚ, ମାର୍ଚ୍ଚ 2021 ସୁଦ୍ଧା ଦୁଇ ବର୍ଷ ବିତିଯାଇଥିଲେ ମଧ୍ୟ ବିଭାଗ ଦୁଇଟି ଉପାଦାନର କାର୍ଯ୍ୟକାରିତା ଆରମ୍ଭ କରିପାରି ନଥିଲେ । ଅବଶିଷ୍ଟ ଦୁଇଟି ଉପାଦାନରେ ମଧ୍ୟ, ରବି 2018 ରୁ ପାଞ୍ଚଟି ଶସ୍ୟ ଋତୁର ଲକ୍ଷ୍ୟ ମଧ୍ୟରୁ କେବଳ ତିନୋଟି କିସ୍ତି ପ୍ରଦାନ କରାଯାଇଥିଲା ।

ଏହି ସତ୍ୟତାକୁ ଗ୍ରହଣ କରି ବିଭାଗ ବ୍ୟକ୍ତ କଲେ (ଅପ୍ରେଲ 2022) ଯେ ଏହି ଯୋଜନାର ପ୍ରଥମ ଦୁଇଟି ଉପାଦାନରେ ଲକ୍ଷ୍ୟ ଥିବା 75 ଲକ୍ଷ ହିତାଧିକାରୀ ତୁଳନାରେ 56.67 ଲକ୍ଷ ହିତାଧିକାରୀ ହାସଲ କରିଛନ୍ତି । ଏଲ୍ଆଇସି କର୍ତ୍ତୃପକ୍ଷ ଏବଂ ଭାରତ ସରକାରଙ୍କ ମଧ୍ୟରେ କିଛି ଚୂଡ଼ାନ୍ତ ହୋଇନଥିବାରୁ ଉପାଦାନ ସଂଖ୍ୟା 4 ର ସମାଧାନ ହୋଇପାରିଲା ନାହିଁ । ତେଣୁ ଏହି ଉପାଦାନକୁ ହଟାଇବା ପାଇଁ ସରକାରଙ୍କୁ ପ୍ରସ୍ତାବ ଦାଖଲ କରାଯିବ । ଉପାଦାନ ସଂଖ୍ୟା 6 ବିଷୟରେ ବିଭାଗ ବ୍ୟକ୍ତ କଲେ ଯେ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ସମସ୍ତ ବିଭାଗର ଛାତ୍ରବୃତ୍ତି କାର୍ଯ୍ୟକ୍ରମ ପାଇଁ ଏକ ସାଧାରଣ ପୋର୍ଟାଲ୍ ପ୍ରସ୍ତୁତ କରୁଥିବାରୁ ଏହି ଯୋଜନାରେ ବିଳମ୍ବ ହୋଇଛି ଯାହାକି 2021-22 ମଧ୍ୟରେ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବ ଏବଂ ଉକ୍ତ ଉପାଦାନ ଏଥିରେ ଏକୀଭୂତ ହୋଇଛି । ସତ୍ୟତା ଏହା ଯେ ମାର୍ଚ୍ଚ 2021 ସୁଦ୍ଧା ଏହି ଯୋଜନା କାର୍ଯ୍ୟକାରୀ ହେବାର ଦୁଇ ବର୍ଷ ପରେ ମଧ୍ୟ ଉପାଦାନ ଦୁଇଟି ଆରମ୍ଭ ହୋଇନାହିଁ ।

### 2.2.2 ଯୋଜନାର କାର୍ଯ୍ୟାନ୍ୱୟନ ଏବଂ ଅଯୋଗ୍ୟ ହିତାଧିକାରୀଙ୍କୁ ସହାୟତା ପ୍ରଦାନ

କାଳିଆର ପ୍ରଥମ ଉପାଦାନ ଅଧୀନରେ କ୍ଷୁଦ୍ର ଏବଂ ନାମମାତ୍ର ଚାଷୀଙ୍କୁ ଚାଷ ପାଇଁ ପ୍ରତି ପରିବାରକୁ ପ୍ରତି ଶସ୍ୟ ଋତୁରେ (ବର୍ଷକୁ ଦୁଇ କିସ୍ତି) ଚାଷୀଙ୍କ ପସନ୍ଦ ଅନୁସାରେ ନିବେଶ ଏବଂ ଅନ୍ୟାନ୍ୟ ଉପକରଣ କ୍ରୟ ପାଇଁ ପାଞ୍ଚ ହଜାର ଟଙ୍କା ଅନୁଦାନ ଭିତ୍ତିରେ 'ଚାଷ ପାଇଁ କୃଷକମାନଙ୍କୁ ସହାୟତା' ସହାୟତା ଅଧିନରେ ଯୋଗାଇ ଦିଆଯିବାର ଥିଲା । 2018-19 ରୁ 2020-21 ପର୍ଯ୍ୟନ୍ତ ପାଞ୍ଚଟି ଶସ୍ୟ ଋତୁ ପାଇଁ ଏହି ସହାୟତା ପ୍ରଦାନ କରାଯିବାର ଥିଲା । କିନ୍ତୁ, ଫେବୃଆରୀ 2021 ସୁଦ୍ଧା ସରକାର କେବଳ ତିନୋଟି କିସ୍ତି ପ୍ରଦାନ କରିଥିଲେ ।

[12] ଆର୍ଥିକ ଦୁର୍ବଳ କୃଷି ପରିବାରକୁ ଆର୍ଥିକ ସହାୟତା (ii) ସୁଧ ବିହୀନ କୃଷି ଋଣ

ଦ୍ୱିତୀୟ ଉପାଦାନ "ଭୂମିହୀନ କୃଷି ପରିବାର ପାଇଁ ଜୀବିକା ସହାୟତା" ଅଧୀନରେ ତିନି ବର୍ଷ ମଧ୍ୟରେ ପ୍ରତ୍ୟେକ ଭୂମିହୀନ କୃଷି ପରିବାର ପାଇଁ, ପ୍ରଥମ ବର୍ଷରେ 5,000 ଟଙ୍କା, ଦ୍ୱିତୀୟ ବର୍ଷରେ 5,000 ଟଙ୍କା ଏବଂ ତୃତୀୟ ବର୍ଷରେ 2,500 ଟଙ୍କା, ଏହିଭଳି ମୋଟ 12,500 ଟଙ୍କା ସେମାନଙ୍କର ଆୟ ବୃଦ୍ଧି ଏବଂ ସାମଗ୍ରୀକ ସୁସ୍ଥତା ପାଇଁ 10 ଲକ୍ଷ[13] ପରିବାରକୁ ସହାୟତା ପ୍ରଦାନ କରାଯିବାର ଥିଲା । ସମସ୍ତ ହିତାଧିକାରୀଙ୍କୁ ତିନୋଟି କିସ୍ତି ମିଳିବାର ଥିଲା ।

ବହିଷ୍କରଣ ମାନଦଣ୍ଡ ପ୍ରୟୋଗ କରି ବିଭାଗ ହିତାଧିକାରୀଙ୍କୁ ଚୟନ କରିଥିଲେ ଯାହା ନିମ୍ନଲିଖିତ ଚାର୍ଟରେ ଦର୍ଶାଯାଇଅଛି ।

**ଚାର୍ଟ -2: ହିତାଧିକାରୀ ତାଲିକା ଚୟନ ପାଇଁ ପ୍ରକ୍ରିୟା**




ଅଡିଟ୍ ନିରୀକ୍ଷଣ କଲା ଯେ, ବହିଷ୍କରଣ ମାନଦଣ୍ଡରେ ଜମି ରେକର୍ଡର ଡାଟାବେସ୍ (ଭୂଲେଖ) ଅନ୍ତର୍ଭୁକ୍ତ କରାଯାଇନାହିଁ, ଯାହାକି ଜମି ମାଲିକାନାର ମୌଳିକ ରେକର୍ଡ ଥିଲା । ଯୋଜନା କାର୍ଯ୍ୟକାରୀ କମିଟି ବୈଠକରେ (ଜାନୁଆରୀ 2019) ଏହା କୁହାଯାଇଥିଲା ଯେ କୃଷକ ତାଲିକାରେ ଚାଷୀଙ୍କ ଖାତା ସଂଖ୍ୟା ଏବଂ ପ୍ଲଟ୍ ସଂଖ୍ୟାର ସବିଶେଷ ତଥ୍ୟ ଉପଲବ୍ଧ ନଥିଲା ।

**ଏହି ଯୋଜନା କାର୍ଯ୍ୟକାରୀ ସମୟରେ, ଅନୁପଯୁକ୍ତ ଯୋଜନା ହେତୁ ସରକାର ବିଭିନ୍ନ ପର୍ଯ୍ୟାୟରେ 9.76 ଲକ୍ଷ ଅଯୋଗ୍ୟ ହିତାଧିକାରୀ ଚିହ୍ନଟ କରିଥିଲେ । କାଳିଆ ଡାଟାବେସ୍‌କୁ ବିଶ୍ଳେଷଣ କରି ଅଡିଟ୍ ଲକ୍ଷ୍ୟ କଲା ଯେ 9.76 ଲକ୍ଷ ଅଯୋଗ୍ୟ ହିତାଧିକାରୀଙ୍କ ବ୍ୟତୀତ ଆହୁରି 2.96 ଲକ୍ଷ ଅଯୋଗ୍ୟ ହିତାଧିକାରୀ ଥିଲେ ।**
**ତିନୋଟି ପର୍ଯ୍ୟାୟରେ ଅଯୋଗ୍ୟ ହିତାଧିକାରୀଙ୍କୁ ବିଭାଗ 782.26 କୋଟି ଟଙ୍କା ପ୍ରଦାନ କରିଥିଲା ଯାହା ଯଥାଶୀଘ୍ର ଅସୁଲ ହେବା ଆବଶ୍ୟକ ।**

ସମୀକ୍ଷାରୁ ଦେଖାଗଲା ଯେ 2019-2021 ମଧ୍ୟରେ ବିଭାଗ 65.64 ଲକ୍ଷ ହିତାଧିକାରୀଙ୍କୁ କାଳିଆ ସହାୟତା ପ୍ରଦାନ କରିଥିଲେ ଯାହା **ସାରଣୀ ସଂଖ୍ୟା 2.3** ରେ ଦିଆଯାଇଛି ।

---

13 ଜୁନ୍ 2019 ରେ ଏହି ଲକ୍ଷ୍ୟ 25 ଲକ୍ଷକୁ ପରିବର୍ତ୍ତନ କରାଯାଇଥିଲା

**ସାରଣୀ ସଂଖ୍ୟା 2.3: କିସ୍ତି-ୱାରୀ ଉପକୃତ ହୋଇଥିବା ହିତାଧିକାରୀ**

| ଦେୟ କିସ୍ତି ସଂଖ୍ୟା [14] | ଉପକୃତ ହୋଇଥିବା ହିତାଧିକାରୀଙ୍କ ସଂଖ୍ୟା (ଲକ୍ଷରେ) | ପରିମାଣ ଦେୟ(ଟଙ୍କା କୋଟିରେ) |
|---|---|---|
| ତିନୋଟି କିସ୍ତି | 41.64 | 5,053.46 |
| ଦୁଇଟି କିସ୍ତି | 8.09 | 659.49 |
| ଗୋଟିଏ କିସ୍ତି | 15.91 | 731.35 |
| **ସମୁଦାୟ** | **65.64** | **6,444.30** |

***ଉତ୍ସ: କାଳିଆ ତଥ୍ୟାବଳୀ***

ଏହି ଅସମାନ ବଣ୍ଟନ ହିତାଧିକାରୀଙ୍କ ଯାଞ୍ଚ ବିନା ଯୋଜନା କାର୍ଯ୍ୟକାରିତା ହେତୁ ଘଟିଥିଲା ଯାହା ଦ୍ୱାରା ପରବର୍ତ୍ତୀ ସମୟରେ ବିଭିନ୍ନ ପର୍ଯ୍ୟାୟରେ 9.76 ଲକ୍ଷ ଅଯୋଗ୍ୟ ହିତାଧିକାରୀ ଚିହ୍ନଟ ହୋଇଥିଲେ । ପର୍ଯ୍ୟାୟ-ୱାରୀ ହିତାଧିକାରୀ ଚିହ୍ନଟ ଏବଂ ଚୟନ ପ୍ରକ୍ରିୟା ନିମ୍ନଲିଖିତ ଚାର୍ଟରେ ଦିଆଯାଇଛି:

**ଚାର୍ଟ-3: ପର୍ଯ୍ୟାୟ-ୱାରୀ ହିତାଧିକାରୀ ଚିହ୍ନଟ ଏବଂ ଚୟନପ୍ରକ୍ରିୟା**




* *The release of instalment to the rest 2.48 lakh beneficiaries were kept pending for verification of bank details, Aadhaar seeding status and name matching with NFSA . Once verified the installment was to be released to them.*

---

[14] ପ୍ରଥମ କିସ୍ତି ଏବଂ ଦ୍ୱିତୀୟ କିସ୍ତିରେ ପ୍ରତ୍ୟେକଙ୍କୁ 5,000 ଟଙ୍କା ଏବଂ ତୃତୀୟ କିସ୍ତିରେ ଏସ୍ଏମ୍ଏଫ୍(ଉପାଦାନ-1) ଅନୁସାରେ 2,000 ଟଙ୍କା ଏବଂ ପ୍ରତ୍ୟେକ ଏଲ୍ଏଲ୍(ଉପାଦାନ-2) ଅନୁସାରେ 2,500 ଟଙ୍କା ଥିଲା

ଏହି ପରିପ୍ରେକ୍ଷୀରେ ଅଡିଟ୍ ନିମ୍ନଲିଖିତ ଅନିୟମିତତା ଲକ୍ଷ୍ୟ କରିଥିଲେ:

## ପ୍ରଥମ ପର୍ଯ୍ୟାୟ ଯୋଜନା

### 2.2.2.1 ପ୍ରଥମ ପର୍ଯ୍ୟାୟରେ ଅଯୋଗ୍ୟ ହିତାଧିକାରୀଙ୍କୁ ସହାୟତା ପ୍ରଦାନ

ରାଜ୍ୟ ସରକାରଙ୍କ ଅର୍ଥ ବିଭାଗର ଅଫିସ୍ ମେମୋରାଣ୍ଡମ (ଜାନୁଆରୀ 2013)[15] ଏବଂ ବିଭାଗର କ୍ୟାବିନେଟ୍ ମେମୋରାଣ୍ଡମ (ଡିସେମ୍ବର 2018)[16] ଅନୁଯାୟୀ, ପ୍ରଶାସନିକ ବିଭାଗ, ଯୋଜନା କାର୍ଯ୍ୟକାରୀ କରିବା ପାଇଁ ମୂଳ ତଥ୍ୟ ଏବଂ ପଞ୍ଚାୟତଗୁଡ଼ିକର ପ୍ରସ୍ତୁତି/ ଦକ୍ଷତା ନିର୍ଦ୍ଦିଷ୍ଟ କରିବା ଉଚିତ୍ ଯାହା ଅର୍ଥ ବିଭାଗରୁ ଅନୁମୋଦନ ପ୍ରାପ୍ତ ହେବ।

ଜାନୁଆରୀ ରୁ ମଇ 2019 ମଧ୍ୟରେ ପାଞ୍ଚଟି ପର୍ଯ୍ୟାୟରେ 51.05 ଲକ୍ଷ ହିତାଧିକାରୀଙ୍କୁ ପ୍ରଥମ କିସ୍ତି ଭାବରେ ବିଭାଗ ପ୍ରତି ହିତାଧିକାରୀଙ୍କୁ 5,000 ଟଙ୍କା ହିସାବରେ 2,552.65 କୋଟି ଟଙ୍କା ପ୍ରଦାନ କରିଥିଲା, ଯାହା ନିମ୍ନରେ **ସାରଣୀ ସଂଖ୍ୟା 2.4** ରେ ବର୍ଣ୍ଣନା କରାଯାଇଛି।

**ସାରଣୀ ସଂଖ୍ୟା 2.4: ହିତାଧିକାରୀଙ୍କୁ ପର୍ଯ୍ୟାୟ-ୱାରୀ ଏବଂ ତାରିଖ-ୱାରୀ ପ୍ରଦାନ କରାଯାଇଥିବା ପାଣ୍ଠି**

| ପର୍ଯ୍ୟାୟ ସଂଖ୍ୟା | ତଥ୍ୟର ଉତ୍ସ | ବିବେଚିତ ହୋଇଥିବା ମୋଟ ହିତାଧିକାରୀ | ପାଣ୍ଠି ପ୍ରଦାନ ତାରିଖ | ମୋଟ ବିବେଚିତ କ୍ଷୁଦ୍ର/ନାମମାତ୍ର ଚାଷୀ ସଂଖ୍ୟା | ମୋଟ ବିବେଚିତ ଭୂମିହୀନ କୃଷି ପରିବାର ସଂଖ୍ୟା | ମୋଟ ବିବେଚିତ ହିତାଧିକାରୀ ସଂଖ୍ୟା |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| ପ୍ରଥମ | ଡିବିଟି | 21,76,477 | 25 ଜାନୁଆରୀ 2019 | 12,45,490 | | 16,13,696 |
| | ଭାଗଚାଷୀ | 1,05,571 | 27 ଜାନୁଆରୀ 2019 | 57,614 | | |
| | ସବୁଜ ଫର୍ମ[17] | 65,45,039 | 15 ଫେବୃଆରୀ 2019 | - | 3,10,592 | |
| ଦ୍ୱିତୀୟ | ସବୁଜ ଫର୍ମ | | 21 ଫେବୃଆରୀ 2019 | 14,26,342 | | 16,04,808 |
| | ସବୁଜ ଫର୍ମ | | 24 ଫେବୃଆରୀ 2019 | - | 1,78,466 | |
| ତୃତୀୟ | ସବୁଜ ଫର୍ମ | | 05 ମାର୍ଚ୍ଚ 2019 | 3,48,462 | 1,35,018 | 4,83,480 |
| ଚତୁର୍ଥ | ସବୁଜ ଫର୍ମ | 30,98,353 | 12 ଅପ୍ରେଲ 2019 | 2,46,924 | 3,15,879 | 5,62,803 |
| ପଞ୍ଚମ | ସବୁଜ ଫର୍ମ | | 29 ମଇ 2019 | 3,09,878 | 5,30,625 | 8,40,503 |
| ମୋଟ | | **1,19,25,410** | | **36,34,710** | **14,70,580** | **51,05,290** |

*(ଉତ୍ସ: ବିଭାଗର ନଥିପତ୍ରରୁ ସଂକଳିତ ତଥ୍ୟ)*

ଅଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରିବା ପାଇଁ ବିଭାଗ କ୍ଷେତ୍ର ସ୍ତରରେ ଯାଞ୍ଚ (ଅଗଷ୍ଟ 2019) କରି ଜାଣିବାକୁ ପାଇଲେ ଯେ 51.05 ଲକ୍ଷ ମଧ୍ୟରୁ 14.08 ଲକ୍ଷ (27.58 ପ୍ରତିଶତ) ଅଯୋଗ୍ୟ ହିତାଧିକାରୀଙ୍କୁ ପ୍ରଥମ କିସ୍ତି ପ୍ରଦାନ ସମୟରେ ଷ୍ଟେଟ୍ ବ୍ୟାଙ୍କରେ ଥିବା ଖାତାକୁ 704.08 କୋଟି ଟଙ୍କା ପ୍ରଦାନ ହୋଇଥିଲା ଏବଂ ସେଥିରୁ 611.91 କୋଟି ଟଙ୍କା ଅଯୋଗ୍ୟ ହିତାଧିକାରୀଙ୍କୁ ପ୍ରଦାନ କରାଯାଇସାରିଥିଲା।

ବିଭାଗ ଦ୍ୱାରା ପ୍ରଦାନ କରାଯାଇଥିବା ଆବେଦନକାରୀଙ୍କୁ ବାଦ୍ ଦେବା ପାଇଁ ପ୍ରକ୍ରିୟା (ସ୍କ୍ରିପ୍ଟ କିମ୍ବା ଜିଜ୍ଞାସା) ଏବଂ କାଳିଆ ତଥ୍ୟକୁ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଠାରୁ ପ୍ରାପ୍ତ ସାମାଜିକ-ଅର୍ଥନୈତିକ ଜାତିଗତ ଜନଗଣନା ଏସ୍ଇସିସି ତଥ୍ୟ (ଗ୍ରାମୀଣ), ଓଡ଼ିଶା ସରକାରଙ୍କ ଠାରୁ ପ୍ରାପ୍ତ ମାନବ ସମ୍ବଳ ପରିଚାଳନା ବ୍ୟବସ୍ଥା (ଏଚ୍ଆର୍ଏମ୍ଏସ୍) ତଥ୍ୟ, ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟର ବାହାନ ତଥ୍ୟ ଏବଂ ଭାରତ ସରକାରଙ୍କ ଆଇଏଫ୍ଏମ୍ଏସ୍‌ରୁ ପେନ୍‌ସନଭୋଗୀ ତଥ୍ୟ ବ୍ୟବହାର କରି ଅଡିଟ୍ ବିଶ୍ଲେଷଣ କରିଥିଲେ। ଅଡିଟ୍

[15] ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗର ଅଫିସ୍ ସ୍ମାରକ ପତ୍ର ସଂଖ୍ୟା 1068/ଏଫ୍ ତାରିଖ 10/01/2013

[16] ଓଡ଼ିଶା ସରକାରଙ୍କ କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗର କ୍ୟାବିନେଟ୍ ସ୍ମାରକ ପତ୍ର ସଂଖ୍ୟା- 23029 ତାରିଖ 21/12/2018

[17] ସବୁଜ ଫର୍ମ କାଳିଆ ଯୋଜନାରେ ଅନ୍ତର୍ଭୁକ୍ତ ହେବାକୁ ଇଚ୍ଛୁକ ହିତାଧିକାରୀଙ୍କଠାରୁ ଆବେଦନ ପତ୍ର

ବିଶ୍ଳେଷଣରୁ ଜଣାପଡ଼ିଲା ଯେ ଏହି ଯୋଜନା ଅଧୀନରେ 4.64 ଲକ୍ଷ ଅଯୋଗ୍ୟ ହିତାଧିକାରୀ ଉପକୃତ ହୋଇଛନ୍ତି । ଅଡିଟ୍ ଜାଣିବାକୁ ପାଇଲେ ଯେ 4.64 ଲକ୍ଷ ଅଯୋଗ୍ୟ ହିତାଧିକାରୀଙ୍କ ମଧ୍ୟରେ ବିଭାଗ ଦ୍ୱାରା ଚିହ୍ନଟ ହୋଇଥିବା 14.08 ଲକ୍ଷ ଅଯୋଗ୍ୟ ହିତାଧିକାରୀ ବ୍ୟତୀତ 2.35 ଲକ୍ଷ ଅଯୋଗ୍ୟ ହିତାଧିକାରୀ ଅଛନ୍ତି । ଯଦି ବିଭାଗ ଅନ୍ୟ ସମସ୍ତ 12 ତଥ୍ୟାବଳୀ ସହିତ ସଂପୂର୍ଣ୍ଣ ତଥ୍ୟାବଳୀ ପ୍ରଦାନ କରିଥାନ୍ତେ, ତେବେ ଅଡିଟ୍ ଅଧିକ ଅଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରିପାରିଥାନ୍ତେ । ଅଯୋଗ୍ୟ ହିତାଧିକାରୀ, ଯେଉଁମାନେ ବହିଷ୍କରଣ ତର୍କ / ପ୍ରକ୍ରିୟାରେ ତ୍ରୁଟି ହେତୁ ପ୍ରଥମ କିସ୍ତି ପ୍ରଦାନ ପୂର୍ବରୁ ବିଭାଗ ଦ୍ୱାରା ଚିହ୍ନଟ ହୋଇନଥିଲେ ଏବଂ ତାଲିକାରୁ ବାଦ୍ ପଡ଼ି ନଥିଲେ ତାହା ନିମ୍ନରେ ବର୍ଣ୍ଣନା କରାଯାଇଅଛି:

### (i) ଏସଇସିସି ବହିଷ୍କାର ମାନଦଣ୍ଡର ଅସମ୍ପୂର୍ଣ୍ଣ ପ୍ରୟୋଗ

ବିଭାଗ, ହିତାଧିକାରୀ ଚୟନ ପାଇଁ କାଳିଆ ହିତାଧିକାରୀ ତଥ୍ୟାବଳୀ, ଏସ୍ଇସିସି ତଥ୍ୟାବଳୀ, ଜାତୀୟ ଖାଦ୍ୟ ସୁରକ୍ଷା ଆଇନ୍ (ଏନଏଫ୍ଏସ୍ଏ) ତଥ୍ୟାବଳୀ ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା (ଏସ୍ଏଫ୍ଏସ୍ଏସ୍) ତଥ୍ୟାବଳୀ ବ୍ୟବହାର କରିଥିଲେ ଯାହା ନିମ୍ନଲିଖିତ ଚାର୍ଟରେ ଦର୍ଶାଯାଇଅଛି ।

**ଚାର୍ଟ-4: ପ୍ରଥମ ପର୍ଯ୍ୟାୟରେ ବିଭିନ୍ନ ତଥ୍ୟାବଳୀ ବ୍ୟବହାର କରି ହିତାଧିକାରୀ ତଥ୍ୟ ପ୍ରସ୍ତୁତି**



ସଂକ୍ଷିପ୍ତ ଗୃହ ତାଲିକା-ଅସ୍ଥାୟୀ ପରିଚୟ ସଂଖ୍ୟା (ଏଏଚ୍‌ଏଲ୍ ଟିଆଇଏନ୍)[18] ହେଉଛି କାଳିଆ ତଥ୍ୟାବଳୀ ଏବଂ ଏସ୍‌ଇସିସି ତଥ୍ୟାବଳୀରେ ସାଧାରଣ ତଥ୍ୟ କ୍ଷେତ୍ର । ଏଣୁ, ବିଭାଗ ବହିଷ୍କାରର ଏସ୍‌ଇସିସି ମାନଦଣ୍ଡ ପ୍ରୟୋଗ ପାଇଁ ଏଏଚ୍‌ଏଲ୍ ଟିଆଇଏନ୍ ବ୍ୟବହାର କରିଥିଲେ ।

ଯେହେତୁ ବିଭାଗ ଅନେକ ଅନୁରୋଧ ସତ୍ତ୍ୱେ ଏନ୍‌ଏଫ୍‌ଏସ୍‌ଏ, ଏସ୍‌ଏଫ୍‌ଏସ୍‌ଏସ୍ ଇତ୍ୟାଦି ତଥ୍ୟାବଳୀ ଯୋଗାଇବାରେ ବିଫଳ ହେଲେ, ତେଣୁ କେବଳ ଏସ୍‌ଇସିସି ତଥ୍ୟାବଳୀ ସାହାଯ୍ୟରେ ଅଡିଟ୍ ସାଧୀନ ଭାବରେ ତଥ୍ୟାବଳୀ ବିଶ୍ଳେଷଣ କରିଥିଲେ । ଅଡିଟ୍ ଲକ୍ଷ୍ୟକଲା ଯେ 51.05 ଲକ୍ଷ ହିତାଧିକାରୀଙ୍କ ମଧ୍ୟରୁ 30.14 ଲକ୍ଷ ରେକର୍ଡରେ ଏଏଚଏଲ ଟିଆଇଏନ୍ ଥିଲା । ଏଣୁ ବିଭାଗ ଏସ୍‌ଇସିସି ବହିଷ୍କାର ମାନଦଣ୍ଡରେ 20.91 ଲକ୍ଷ (40.95 ପ୍ରତିଶତ) ଅବଶିଷ୍ଟ ହିତାଧିକାରୀ ତଥ୍ୟକୁ ବାଛି ପାରିଲେ ନାହିଁ, କାରଣ ଏସଇସିସି ତଥ୍ୟ ସହିତ ସଂପର୍କ ପ୍ରତିଷ୍ଠା ପାଇଁ ଏଏଚ୍‌ଏଲ୍ ଟିଆଇଏନ୍ ଭଳି ସାଧାରଣ କ୍ଷେତ୍ରରେ କୌଣସି ତଥ୍ୟ ନ ଥିଲା ।

ସରକାର ବ୍ୟକ୍ତ କଲେ (ଏପ୍ରିଲ 2022) ଯେ ପ୍ରାରମ୍ଭିକ ପର୍ଯ୍ୟାୟରେ ଅଯୋଗ୍ୟ ହିତାଧିକାରୀଙ୍କୁ ବାଦ ଦେବା ଲକ୍ଷ୍ୟରେ ଯେଉଁଠାରେ ଟିନ୍ ସଂଖ୍ୟା ମେଳ ହୋଇଥିଲା ସେଠାରେ ଏସ୍‌ଇସିସି ତଥ୍ୟ ବ୍ୟବହାର କରାଯାଇଥିଲା । ବହିଷ୍କାର ଉଦ୍ଦେଶ୍ୟରେ ବିଭିନ୍ନ ଡାଟା ସେଟ୍ ମଧ୍ୟ ବ୍ୟବହୃତ ହୋଇଥିଲା ଏବଂ 20.91 ଲକ୍ଷ ହିତାଧିକାରୀ ବିଭାଗ ଦ୍ୱାରା ବ୍ୟବହୃତ ଅନ୍ୟ ଡାଟା ସେଟ୍ ଦ୍ୱାରା ଯତ୍ନ ନିଆଯାଇଥିବେ । ତଥାପି ସତ୍ୟତା ଏହା ରହିଲା ଯେ ଅଡିଟ୍ ଦ୍ୱାରା ଅନେକ ଅନୁରୋଧ ସତ୍ତ୍ୱେ, ବିଭାଗ, ଏନ୍‌ଏଫ୍‌ଏସ୍‌ଏ, ଏସ୍‌ଏଫ୍‌ଏସ୍‌ଏସ୍, ପିପିଏଏସ ଇତ୍ୟାଦି ଭଳି 12ଟି ତଥ୍ୟାବଳୀ ଯୋଗାଇବାରେ ବିଫଳ ହେଲେ ଯାହାକି ହିତାଧିକାରୀମାନଙ୍କର ଚୟନ ପ୍ରକ୍ରିୟା ସ୍ୱଚ୍ଛ ନଥିବା ଦର୍ଶାଉଛି । ବିଭାଗ ଦ୍ୱାରା 14.08 ଲକ୍ଷ ଅଯୋଗ୍ୟ ହିତାଧିକାରୀଙ୍କୁ ବାଦ ଦିଆଯିବା ସତ୍ତ୍ୱେ, ଅଡିଟ୍ ବିଶ୍ଳେଷଣ କରି ଅତିରିକ୍ତ 2.35 ଲକ୍ଷ ଅଯୋଗ୍ୟ ହିତାଧିକାରୀ ପାଇଲେ ଯାହା ବିଭାଗ ଚିହ୍ନଟ କରିବାରେ ବିଫଳ ହୋଇଥିଲେ । ଏଠାରେ ଉଲ୍ଲେଖ କରିବା ପ୍ରଯୁଜ୍ୟ ହେବ ଯେ ବିଭାଗ, ଏସ୍‌ଇସିସି ମାନଦଣ୍ଡରେ ମଧ ଅଯୋଗ୍ୟ ହିତାଧିକାରୀ ଚିହ୍ନଟ କରିବାରେ ବିଫଳ ହୋଇଥିଲେ ଯାହା ନିମ୍ନଲିଖିତ ଅନୁଚ୍ଛେଦରେ ଆଲୋଚନା କରାଯାଇଅଛି :

### (ii) ଏସ୍‌ଇସିସି ଅଧାରିତ ଅଯୋଗ୍ୟ ହିତାଧିକାରୀଙ୍କୁ ବାଦ୍ ନ ଦେବା

ଏଏଚ୍‌ଏଲ୍, ଟିଆଇଏନ୍ (30.14 ଲକ୍ଷ) ସମାନ ଥିବା କାଳିଆ ତଥ୍ୟାବଳୀ ସହିତ ଏସ୍‌ଇସିସି ତଥ୍ୟାବଳୀର ଅଡ଼ିଟ୍ ବିଶ୍ଳେଷଣ କରି ଲକ୍ଷ୍ୟ କଲା ଯେ ଚୟନ କରାଯାଇଥିବା ହିତାଧିକାରୀଙ୍କ ତାଲିକାରେ ନିମ୍ନଲିଖୀତ ପାଞ୍ଚଟି ଏସଇସିସି ବହିଷ୍କାର ମାନଦଣ୍ଡ ଅନୁଯାୟୀ 35,983 ଅଯୋଗ୍ୟ ହିତାଧିକାରୀ ଚୟନ ହୋଇଥିଲେ:

- **ସରକାରୀ କର୍ମଚାରୀ:** ଏହି ଯୋଜନା ଅଧୀନରେ, ଯଦି ହିତାଧିକାରୀ କିମ୍ବା ତାଙ୍କ ପରିବାରର ସଦସ୍ୟ ଜଣେ ସରକାରୀ କର୍ମଚାରୀ ଅର୍ଥାତ୍ ରାଜ୍ୟ ସରକାର (ଏସଜି) / କେନ୍ଦ୍ର ସରକାର (ସିଜି) କିମ୍ବା ସରକାରୀ ଉଦ୍ୟୋଗ (ପିଏସୟୁ) ହୋଇଥାନ୍ତି, ତେବେ ସେହି ପରିବାର କାଳିଆ ଅଧିନରେ ହିତାଧିକାରୀ ଭାବରେ ଯୋଗ୍ୟ ହେବେ ନାହିଁ । ଅଡିଟ୍ ଦ୍ୱାରା ହୋଇଥିବା ତଥ୍ୟ ବିଶ୍ଳେଷଣରୁ ଜଣାପଡିଲା ଯେ 11,972 ଜଣ ସରକାରୀ କର୍ମଚାରୀଙ୍କୁ ଚୟନ କରଯାଇ 5.99 କୋଟି ଟଙ୍କା ପ୍ରଦାନ କରାଯାଇଥିଲା ।
- **ବୃତ୍ତିଗତ କର/ ଆୟକର ଦେଉଥିବା ବ୍ୟକ୍ତି:** କୌଣସି ବ୍ୟକ୍ତି କିମ୍ବା ତାଙ୍କ ପରିବାରର ସଦସ୍ୟ ବୃତ୍ତିଗତ କର/ ଆୟକର ପ୍ରଦାନ କରୁଥିଲେ କାଳିଆ ପାଇଁ ଯୋଗ୍ୟ ହେବେ ନାହିଁ । ଅଡିଟ୍ ଦ୍ୱାରା ତଥ୍ୟ ବିଶ୍ଳେଷଣରେ ଜଣାଗଲା ଯେ ଏସ୍‌ଇସିସି ଅନୁଯାୟୀ ଘରୋଇ ସଦସ୍ୟ ବୃତ୍ତିଗତ କର/ ଆୟକର ଦେଉଥିବା 1,794 ଜଣ ଅଯୋଗ୍ୟ ହିତାଧିକାରୀ, ହିତାଧିକାରୀ ତାଲିକାରୁ ବାଦ୍ ପଡ଼ିନଥିଲେ ଏବଂ ସେମାନଙ୍କୁ 0.90 କୋଟି ଟଙ୍କା ପ୍ରଦାନ କରାଯାଇଥିଲା ।
- **କିସାନ୍ କ୍ରେଡିଟ୍ କାର୍ଡ(କେସିସି) ଥିବା ହିତାଧିକାରୀ:** କ୍ରେଡିଟ୍ ସୀମା 50,000 ଟଙ୍କା ତଥା ଅଧିକ ଥିବା ଯେ କୌଣସି ବ୍ୟକ୍ତି କାଳିଆ ହିତାଧିକାରୀ ତାଲିକାରେ ଅନ୍ତର୍ଭୁକ୍ତ ହେବା ପାଇଁ ଯୋଗ୍ୟ ନୁହଁନ୍ତି ।

---

[18] ଏଏଚ୍‌ଏଲ୍ ଟିଆଇଏନ୍ ଏକ ଘରର ସଦସ୍ୟଙ୍କୁ ଚିହ୍ନଟ କରେ ଯାହା 29 ଅକ୍ଷର ବିଶିଷ୍ଟ । ଏଏଚ୍‌ଏଲ୍ ଟିଆଇଏନ୍‌ର ପ୍ରଥମ 26 ଅକ୍ଷର ଏସ୍‌ଇସିସି ତଥ୍ୟ ଅନୁଯାୟୀ ଘରୋଇ ସଂଖ୍ୟାକୁ ସୂଚାଇଥାଏ । ଶେଷ ତିନୋଟି ଅଙ୍କ ଘରର ସଦସ୍ୟଙ୍କ ପରିଚୟକୁ ସୂଚିତ କରେ ।

ତଥାପି ଅଡିଟ୍, ଲକ୍ଷ୍ୟ କଲେ ଯେ ଏସ୍ଇସିସି ଅନୁଯାୟୀ କେସିସି ଥିବା 4,880 ଅଯୋଗ୍ୟ ହିତାଧିକାରୀ ଥିଲେ ଯେଉଁମାନେ କାଳିଆ ହିତାଧିକାରୀ ତାଲିକାରୁ ବାଦ୍ ପଡ଼ି ନଥିଲେ ଏବଂ ସେମାନଙ୍କୁ 2.44 କୋଟି ଟଙ୍କା ପ୍ରଦାନ କରାଯାଇଥିଲା ।

- **ମାସକୁ 10,000 ଟଙ୍କାରୁ ଅଧିକ ରୋଜଗାର କରୁଥିବା ହିତାଧିକାରୀ:** ମାସକୁ 10,000 ଟଙ୍କାରୁ ଅଧିକ ରୋଜଗାର କରୁଥିବା ଯେ କୌଣସି ବ୍ୟକ୍ତି କାଳିଆ ପାଇଁ ଅଯୋଗ୍ୟ ଅଟନ୍ତି । କିନ୍ତୁ, ଏସ୍ଇସିସି ତଥ୍ୟ ସହିତ କାଳିଆ ହିତାଧିକାରୀଙ୍କ ତଥ୍ୟର ବିଶ୍ଳେଷଣରୁ ଜଣାପଡ଼ିଲା ଯେ, 11,902 ଜଣ ହିତାଧିକାରୀ ଥିଲେ ଯେଉଁମାନଙ୍କର ପରିବାରର ସଦସ୍ୟ ମାସିକ 10,000 ଟଙ୍କାରୁ ଅଧିକ ରୋଜଗାର କରୁଥିଲେ ଏବଂ ସେହି ଅଯୋଗ୍ୟ ହିତାଧିକାରୀମାନଙ୍କୁ 5.95 କୋଟି ଟଙ୍କା ବଣ୍ଟନ ହୋଇଥିଲା ।

- **ପାଞ୍ଚ ଏକରରୁ ଅଧିକ ଜଳସେଚିତ ଜମି କିମ୍ବା ସାତ ଏକରରୁ ଅଧିକ ଅନ୍ୟ ଦୋଫସଲି ଜମି ଥିବା ହିତାଧିକାରୀ:** ସେହିଭଳି, ପାଞ୍ଚ ଏକରରୁ ଅଧିକ ଜଳସେଚିତ ଜମି କିମ୍ବା ସାତ ଏକରରୁ ଅଧିକ ଅନ୍ୟ ଦୋଫସଲି ବା ତଦୁର୍ଦ୍ଧ୍ୱ ଜମି ଥିବା ଯେକୌଣସି କୃଷକ ଏହି ଯୋଜନା ପାଇଁ ଅଯୋଗ୍ୟ ଅଟନ୍ତି । ତଥ୍ୟ ବିଶ୍ଳେଷଣରୁ ଜଣାପଡ଼ିଲା ଯେ ଉପରୋକ୍ତ ସର୍ତ୍ତ ପୂରଣ କରୁଥିବା 5,435 ଜଣ କୃଷକ ଅନୁପଯୁକ୍ତ ଭାବରେ କାଳିଆ ହିତାଧିକାରୀ ତାଲିକାରେ ଅନ୍ତର୍ଭୁକ୍ତ ହୋଇଥିଲେ ଏବଂ ସେମାନଙ୍କୁ 2.72 କୋଟି ଟଙ୍କା ଆବଣ୍ଟନ କରାଯାଇଥିଲା ।

ଏଣୁ, ଉପରୋକ୍ତ ବିଷୟରୁ ଏହା ସ୍ପଷ୍ଟ ହେଲା ଯେ ବିଭାଗ, ପ୍ରଥମ କିସ୍ତି ଆବଣ୍ଟନ କରିବା ପୂର୍ବରୁ ଏସ୍ଇସିସି ତଥ୍ୟାବଳୀକୁ ଫଳପ୍ରଦ ଭାବରେ ବ୍ୟବହାର କରିବାରେ ବିଫଳ ହୋଇଥିଲେ ଯାହାଫଳରେ ଅଯୋଗ୍ୟ ହିତାଧିକାରୀଙ୍କୁ 18 କୋଟି ଟଙ୍କା ପ୍ରଦାନ କରାଯାଇଥିଲା । ଅଡିଟ୍ ଦ୍ୱାରା ଚିହ୍ନଟ ହୋଇଥିବା 35,983 ଅଯୋଗ୍ୟ ହିତାଧିକାରୀଙ୍କ ମଧ୍ୟରୁ ବିଭାଗ, କେବଳ 12,326[19] (34.26 ପ୍ରତିଶତ) କୁ ଚିହ୍ନଟ କରିପାରିଥିଲେ ଏବଂ ଅବଶିଷ୍ଟ 23,657 ଅଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରିବାରେ ବିଫଳ ହୋଇଥିଲେ ।

ଏହାର ଉତ୍ତରରେ, ସରକାର ପ୍ରକାଶ କରିଥିଲେ (ଅପ୍ରେଲ 2022) ଯେ କେବଳ ଏସ୍ଇସିସି ର ବହିଷ୍କାର ମାନଦଣ୍ଡ ଆଧାରରେ ଅଯୋଗ୍ୟତାର ସିଦ୍ଧାନ୍ତ ଠିକ୍ ନୁହେଁ ଯେହେତୁ ଏସ୍ଇସିସି ତଥ୍ୟ ଏହାର ପ୍ରକାରଗତ କାରଣରୁ ଦ୍ୱିତୀୟ ଏବଂ ପରବର୍ତ୍ତୀ ଚୟନ ପର୍ଯ୍ୟାୟରେ ବ୍ୟବହୃତ ହୋଇନଥିଲା ।

ଅଯୋଗ୍ୟ ହିତାଧିକାରୀଙ୍କୁ ବାଦ୍ ଦେବା ପାଇଁ ବିଭାଗ ଦ୍ୱାରା ବ୍ୟବହୃତ ପଦ୍ଧତି ଠିକ୍ ନ ଥିବାରୁ ଏହାର ଉତ୍ତର ଗ୍ରହଣୀୟ ନୁହେଁ । ତେଣୁ, ସରକାରୀ କର୍ମଚାରୀ ଥିବା, ବୃତ୍ତିଗତ କର/ ଆୟକର ଦେଉଥିବା ଏବଂ କିସାନ କ୍ରେଡିଟ୍ କାର୍ଡ ଇତ୍ୟାଦି ରଖିଥିବା 23,657 ଅଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରିବାରେ ବିଭାଗ ବିଫଳ ହୋଇଥିଲେ ।

### (iii) ଏଚ୍ଆର୍ଏମ୍ଏସ୍, ଆଇଏଫ୍ଏମ୍ଏସ୍ ଏବଂ ବାହନ ତଥ୍ୟ ଅନୁଯାୟୀ ଅଯୋଗ୍ୟ ହିତାଧିକାରୀ

କାଳିଆ ଯୋଜନା ଅଯୋଗ୍ୟ ବ୍ୟକ୍ତି ବହିଷ୍କାର ମାନଦଣ୍ଡ ଆଧାରରେ ସରକାରୀ କର୍ମଚାରୀ, ପେନସନଭୋଗୀ ଏବଂ ଚାରି ଚକିଆ ଯାନ/ ଭାରୀ ଯାନ/ ଟ୍ରାକ୍ଟର ଥିବା ବ୍ୟକ୍ତି ହିତାଧିକାରୀ ତାଲିକାରେ ଅନ୍ତର୍ଭୁକ୍ତ ହେବା ଉଚିତ୍ ନୁହେଁ । ଅଡିଟ୍ ଏହି ଅଯୋଗ୍ୟ ବ୍ୟକ୍ତି ବହିଷ୍କାର ମାନଦଣ୍ଡକୁ ବିଶ୍ଳେଷଣ କଲେ ଏବଂ ନିମ୍ନଲିଖିତ ତ୍ରୁଟିଗୁଡ଼ିକ ପାଇଲେ:

- **ଏଚ୍ଆର୍ଏମ୍ଏସ୍ ଆଧାରିତ ବହିଷ୍କାର:** କାଳିଆ ଯୋଜନା ଅଧିନରେ ସରକାରୀ କର୍ମଚାରୀମାନେ ସହାୟତା ପାଇବାକୁ ଯୋଗ୍ୟ ନୁହଁନ୍ତି । କାଳିଆ ଅଧୀନରେ ସହାୟତା ଯୋଗାଇବା ଦିଗରେ, ଅଯୋଗ୍ୟ ହିତାଧିକାରୀଙ୍କୁ ବାଦ୍ ଦେବା ପାଇଁ ବିଭାଗ ଏଚ୍ଆର୍ଏମ୍ଏସ୍[20] ତଥ୍ୟାବଳୀ ବ୍ୟବହାର କରିଥିଲେ । ଅଡିଟ୍ ସାଧାରଣ ପ୍ରଶାସନ ବିଭାଗରୁ ଏଚ୍ଆର୍ଏମ୍ଏସ୍ ତଥ୍ୟାବଳୀ ଆଣିଥିଲେ । ବ୍ୟାଙ୍କ୍ ଖାତା ନମ୍ବରରେ କାଳିଆ ତଥ୍ୟ ସହିତ ସଂଯୋଗ କରୁଥିବା ଏଚ୍ଆର୍ଏମ୍ଏସ୍ ତଥ୍ୟର ଅଡିଟ୍ ବିଶ୍ଳେଷଣରୁ

[19] ବିଭାଗ ଦ୍ୱାରା ଚିହ୍ନଟ ହୋଇଥିବା 14.08 ଲକ୍ଷ ଅଯୋଗ୍ୟ ହିତାଧିକାରୀଙ୍କ ମଧ୍ୟରେ 12,326 ମାମଲା ଅନ୍ତର୍ଭୁକ୍ତ ଥିଲା

[20] ମାନବ ସମ୍ବଳ ପରିଚାଳନା ପଦ୍ଧତି ତଥ୍ୟରେ ସମସ୍ତ ରାଜ୍ୟ ସରକାରୀ କର୍ମଚାରୀଙ୍କ ତଥ୍ୟ ରହିଛି

ଜଣାପଡ଼ିଲା ଯେ 872 ଜଣ ସରକାରୀ କର୍ମଚାରୀ ଭୁଲ ଭାବରେ ମନୋନୀତ ହୋଇଥିଲେ ଏବଂ କାଳିଆ ହିତାଧିକାରୀ ତାଲିକାରେ ତାଲିକାଭୁକ୍ତ ହୋଇଥିଲେ ଏବଂ ବିଭାଗ ଦ୍ୱାରା ସେମାନଙ୍କୁ 43.63 ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା । ଏହା ବିଭାଗ ଦ୍ୱାରା ଉପଯୁକ୍ତ ଲଜିକ ପ୍ରୟୋଗ ନକରି ହିତାଧିକାରୀ ଚୟନ କରିଥିବାକୁ ସୂଚାଏ ।

ଏହି ସତ୍ୟତାକୁ ଗ୍ରହଣ କରି ସରକାର ଦର୍ଶାଇଲେ (ଅପ୍ରେଲ 2022) ଯେ, ଏଚ୍ଆର୍ଏମ୍ଏସ୍ ଡାଟାବେସ୍ ବ୍ୟବହାର କରି ଅଯୋଗ୍ୟ ବ୍ୟକ୍ତିଙ୍କୁ ବାଦ୍ ଦିଆଯିବା ନିମନ୍ତେ ଆଧାର ସଂଖ୍ୟା ବ୍ୟବହାର କରାଯାଇଥିଲା ଏବଂ ବ୍ୟାଙ୍କ୍ ଆକାଉଣ୍ଟ ନମ୍ବର ବ୍ୟବହାର କରାଯାଇନଥିଲା । କିନ୍ତୁ, ସତ୍ୟତା ଏହା ଯେ 872 ଜଣ ସରକାରୀ କର୍ମଚାରୀ, ଯେଉଁମାନେ ଯୋଜନା ପାଇଁ ଅଯୋଗ୍ୟ ଥିଲେ, ସେମାନେ କାଳିଆ ଯୋଜନା ପାଇଁ ମନୋନୀତ ତାଲିକାରେ ଅନ୍ତର୍ଭୁକ୍ତ ଥିଲେ, ଯାହାକୁ ଏଡ଼ାଇ ଦିଆଯାଇପାରିଥାନ୍ତା ।

- **ପେନ୍ସନଭୋଗୀଙ୍କୁ ବାଦ୍ ଦିଆ ନଯିବା:** ଏହି ଯୋଜନା ଅଧୀନରେ ପେନ୍ସନଭୋଗୀମାନେ ସହାୟତା ପାଇବାକୁ ଯୋଗ୍ୟ ନୁହଁନ୍ତି । ବ୍ୟାଙ୍କ ଖାତା ନମ୍ବରରେ କାଳିଆ ତଥ୍ୟ ସହିତ ସଂଯୋଗ କରୁଥିବା ଆଇଏଫ୍ଏମ୍ଏସ୍[21] ତଥ୍ୟର ଅଡିଟ୍ ବିଶ୍ଳେଷଣରୁ ଜଣାପଡ଼ିଲା ଯେ କାଳିଆ ଯୋଜନାରେ ଲାଭ ପାଇଁ 1,074 ଜଣ ପେନସନଭୋଗୀ, ଯେଉଁମାନେ ହିତାଧିକାରୀ ତାଲିକାରୁ ବାଦ୍ ପଡ଼ିବା କଥା, ସେମାନଙ୍କୁ ଚୟନ କରାଯାଇଥିଲା ଏବଂ 53.70 ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା ।

  ଏହା ସୂଚାଇଲା ଯେ ଏହି ଅଯୋଗ୍ୟ ହିତାଧିକାରୀମାନଙ୍କୁ ଚିହ୍ନଟ କରିବା ପାଇଁ ବିଭାଗ ଉପଯୁକ୍ତ ତଥ୍ୟାବଳୀ ବ୍ୟବହାର କରିନଥିଲେ ।

  ଏହାର ଉତ୍ତରରେ ସରକାର ବ୍ୟକ୍ତ କଲେ (ଅପ୍ରେଲ 2022) ଯେ ଉପଲବ୍ଧ ଥିବା ପେନ୍ସନ୍ଭୋଗୀ ତଥ୍ୟାବଳୀରେ ସେପରି କୌଣସି ମାମଲା ନାହିଁ । ପେନ୍ସନଭୋଗୀଙ୍କୁ ଉଦ୍ଦେଶ୍ୟରେ ବାଦ୍ ଦେବା ବିଭାଗ ଆଇଏଫ୍ଏମ୍ଏସ୍ ତଥ୍ୟ ବ୍ୟବହାର କରିନଥିଲେ । ଅବଶ୍ୟ, ତଥ୍ୟଟି ରହିଲା ଯେ ବିଭାଗ ଆଇଏଫ୍ଏମ୍ଏସ୍ର ପେନ୍ସନ୍ଭୋଗୀଙ୍କ ତଥ୍ୟାବଳୀ ଯାଞ୍ଚ କରିନଥିଲେ ଏବଂ କାଳିଆ ହିତାଧିକାରୀ ତାଲିକାରେ 1,074 ପେନ୍ସନ୍ଭୋଗୀଙ୍କୁ ଚିହ୍ନଟ କରିବାରେ ବିଫଳ ହୋଇଥିଲେ ।

- **ଚାରି ଚକିଆ ଯାନ/ ଭାରୀ ଯାନ/ ଟ୍ରାକ୍ଟର ଥିବା ଆବେଦନକାରୀଙ୍କୁ ବାଦ୍ ନଦେବା:** ଅଯୋଗ୍ୟ ଆବେଦନକାରୀଙ୍କୁ ବାଦ୍ ଦେବା ପାଇଁ ସରକାର ଏନ୍ଏଫ୍ଏସ୍ଏ ଅଯୋଗ୍ୟତା ମାନଦଣ୍ଡ ଗ୍ରହଣ କରିଥିଲେ । ଏନ୍ଏଫ୍ଏସ୍ଏ ଅଯୋଗ୍ୟତା ମାନଦଣ୍ଡ ଅନୁଯାୟୀ ଚାରି ଚକିଆ ଯାନ/ ଭାରୀ ଯାନ/ ଟ୍ରାକ୍ଟର ଥିବା ପରିବାରଗୁଡ଼ିକ ଯୋଗ୍ୟ ନୁହଁନ୍ତି । ଅଡିଟ୍, ସଡ଼କ ପରିବହନ ଏବଂ ବାଣିଜ୍ୟ ମନ୍ତ୍ରଣାଳୟ, ନୂଆଦିଲ୍ଲୀରୁ ବାହାନ ତଥ୍ୟ ଆଣିଥିଲେ । ଆବେଦନକାରୀଙ୍କ ନାମ, ପିତାଙ୍କ ନାମ, ଏବଂ ଠିକଣା ବ୍ୟବହାର କରି ଏହାକୁ କାଳିଆ ତଥ୍ୟ ସହିତ ସଂଯୋଗ କରୁଥିବା ବାହାନ ତଥ୍ୟର ଅଡିଟ୍ ବିଶ୍ଳେଷଣରୁ ଜଣାପଡ଼ିଲା ଯେ 5,145 ଜଣ ଆବେଦନକାରୀ ଯାହାର ଚାରିଚକିଆ ଯାନ/ ଭାରୀ ଯାନ/ ଟ୍ରାକ୍ଟର ଥିଲା, ସେମାନେ ମନୋନୀତ ହୋଇଥିଲେ ଏବଂ କାଳିଆ ହିତାଧିକାରୀ ତାଲିକାରେ ତାଲିକାଭୁକ୍ତ ହୋଇଥିଲେ ।

  ଏଣୁ, ସେହି ବ୍ୟକ୍ତିମାନଙ୍କୁ କାଳିଆ ଅଧିନରେ ସହାୟତା ପ୍ରଦାନ ପାଇଁ ହିତାଧିକାରୀ ତାଲିକାରୁ ବାଦ୍ ଦିଆଯିବାର ଥିଲା । ଯେହେତୁ ବିଭାଗ ଏହିପରି ଅଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରିବା ପାଇଁ ବାହାନ ତଥ୍ୟାବଳୀ ବ୍ୟବହାର କରିନଥିଲେ, 5,145 ଜଣ ଅଯୋଗ୍ୟ ହିତାଧିକାରୀଙ୍କୁ 2.57 କୋଟି ଟଙ୍କା ପ୍ରଦାନ କରାଯାଇଥିଲା ।

  ଏହାର ଉତ୍ତରରେ, ସରକାର ପ୍ରକାଶ କରିଥିଲେ (ଅପ୍ରେଲ 2022) ଯେ ବହିଷ୍କାର ମାନଦଣ୍ଡର ପ୍ରୟୋଗ ପାଇଁ କାଳିଆ ଆବେଦନକାରୀଙ୍କ ସହ ସଂଯୋଗ ନିମନ୍ତେ ବାହାନ ତଥ୍ୟାବଳୀରେ ଅନନ୍ୟ ପରିଚୟ

[21] ଇଣ୍ଟିଗ୍ରେଟେଡ୍ ଫାଇନାନ୍ସିଆଲ ମ୍ୟାନେଜମେଣ୍ଟ ସିଷ୍ଟମ(ଆଇଏଫ୍ଏମ୍ଏସ୍) ତଥ୍ୟରେ ସମସ୍ତ ସରକାରୀ କାରବାର ରହିଛି ଯେଉଁଥିରେ ପେନସନଭୋଗୀଙ୍କୁ ଦେୟ ଏକ ଅଂଶ ଅଟେ ।

ସଂଖ୍ୟା ନଥିଲା । କୌଣସି ନିର୍ଦ୍ଦିଷ୍ଟ ସ୍ୱତନ୍ତ୍ର ପରିଚାୟକ ଅନୁପସ୍ଥିତିରେ ଆବେଦନକାରୀଙ୍କ ନାମ, ପିତାଙ୍କ ନାମ ଏବଂ ଠିକଣା ସହିତ ସଂଯୋଗ କରିବା ଉପଯୁକ୍ତ ଲଜିକ୍ ନୁହେଁ । ଏହି ଉତ୍ତର ଗ୍ରହଣୀୟ ନୁହେଁ, ଯେହେତୁ ଅଯୋଗ୍ୟ ହିତାଧିକାରୀଙ୍କୁ ବାଦ୍ ଦେବା ପାଇଁ ଅନ୍ୟ ତଥ୍ୟାବଳୀରେ ନାମର ମେଳ ପାଇଁ ବିଭାଗ ଫଜି ଲଜିକ୍ ପ୍ରୟୋଗ କରିଥିଲେ ଯାହା ବାହାନ ତଥ୍ୟାବଳୀ ସହିତ ମଧ୍ୟ ବ୍ୟବହୃତ ହୋଇପାରିଥାନ୍ତା ।

**(iv) ଅତିରିକ୍ତ ବହିଷ୍କାର**

- **ନକଲି ହିତାଧିକାରୀ**

କାଳିଆ ତଥ୍ୟାବଳୀ ଏବଂ ଏସ୍ଇସିସି ତଥ୍ୟାବଳୀ ମଧ୍ୟରେ ସମ୍ପର୍କ ସ୍ଥାପନ ପାଇଁ ବିଭାଗ ପ୍ରଥମେ ଏନ୍ଏଫ୍ଏସ୍ଏ ଏବଂ ଏନ୍ପିଆର୍ ତଥ୍ୟାବଳୀ ସହିତ କାଳିଆ ଆବେଦନକାରୀ ତଥ୍ୟାବଳୀର ସମ୍ପର୍କ କରି ଏନ୍ପିଆର୍ ଟିଆଇଏନ୍ କୁ କାଳିଆ ଆବେଦନକାରୀ ତଥ୍ୟରେ ସାମିଲ୍ କରିଥିଲେ । ସାମିଲ୍ କରାଯାଇଥିବା ଏନ୍ପିଆର୍ ଟିଆଇଏନ୍ କୁ କମନ୍ ବ୍ରିଜ୍ ଭାବରେ ବ୍ୟବହୃତ କରି କାଳିଆ ଆବେଦନକାରୀ ତଥ୍ୟାବଳୀରେ ଏଏଚ୍ଏଲ୍ ଟିଆଇଏନ୍ କୁ ସ୍ଥାନିତ କରାଯାଇଥିଲା । ଯେଉଁ ରେକର୍ଡଗୁଡ଼ିକ କୌଣସି ପରିଚାୟକ ବ୍ୟବହାର କରି ସିଧାସଳଖ ସାମିଲ୍ ହୋଇପାରିଲା ନାହିଁ, ଆବେଦନକାରୀ ତଥ୍ୟାବଳୀରେ ଏଏଚ୍ଏଲ୍ ଟିଆଇଏନ୍ କୁ ସ୍ଥାନିତ କରିବା ପାଇଁ ଆବେଦନକାରୀଙ୍କ ନାମ, ପିତାଙ୍କ ନାମ ଏବଂ ଗ୍ରାମ ନାମ ବ୍ୟବହାର କରି ଫଜି ଲଜିକ୍ ଦ୍ୱାରା ସଂଯୋଗ ସ୍ଥାପନ କରାଯାଇଥିଲା । ଯେହେତୁ ଦୁଇଟି ତଥ୍ୟାବଳୀ ମଧ୍ୟରେ ଏଏଚ୍ଏଲ୍ ଟିଆଇଏନ୍ ହେଉଛି ସାଧାରଣ କ୍ଷେତ୍ର, ଏସ୍ଇସିସି ତଥ୍ୟରୁ ଏସ୍ଇସିସି ବହିଷ୍କାର ମାନଦଣ୍ଡ ପ୍ରୟୋଗ କରିବାକୁ ବିଭାଗ କାଳିଆ ତଥ୍ୟାବଳୀର ଏଏଚ୍ଏଲ୍ ଟିଆଇଏନ୍ ବ୍ୟବହାର କରିଥିଲେ । ଏଣୁ, କାଳିଆ ତଥ୍ୟରେ ଏକାଧିକ ଥର ପୁନରାବୃତ୍ତି ହୋଇଥିବା କୌଣସି ଏଏଚଏଲ୍ ଟିଆଇଏନ୍ ରହିବା ଉଚିତ୍ ନୁହେଁ । ତଥାପି, ଅଡିଟ୍ ଦ୍ୱାରା ତଥ୍ୟାବଳୀ ବିଶ୍ଳେଷଣରୁ ଜଣାପଡ଼ିଲା ଯେ 3,853 ହିତାଧିକାରୀ ଅନ୍ତର୍ଭୁକ୍ତ ଥିବା 1925 ଟି ଏଏଚ୍ଏଲ୍ ଟିଆଇଏନ୍ ର ଦୁଇଥର ଏବଂ ଗୋଟିଏ ଏଏଚ୍ଏଲ୍ ଟିଆଇଏନ୍ ର ତିନିଥର ପୁନରାବୃତ୍ତି ହୋଇଥିଲା । ଏହି ନକଲ ଏଏଚ୍ଏଲ୍ ଟିଆଇଏନ୍ ଗୁଡ଼ିକ ଅନ୍ୟ ହିତାଧିକାରୀଙ୍କ ସହିତ ସଂଲଗ୍ନ ହୋଇଥିଲା ଯାହାଫଳରେ ଏସ୍ଇସିସି ବହିଷ୍କରଣ ମାନଦଣ୍ଡର ଭୁଲ ପ୍ରୟୋଗ ହୋଇଥିଲା । ସରକାର ଏହାକୁ ସ୍ୱୀକାର କରି ବ୍ୟକ୍ତ କଲେ (ଅପ୍ରେଲ 2022) ଯେ 1,926 ଜଣ ନକଲି ହିତାଧିକାରୀଙ୍କ ମଧ୍ୟରୁ ଯାଞ୍ଚ ପରେ କେବଳ 281 ଟି ମାମଲା ଯୋଗ୍ୟ ହିତାଧିକାରୀ ଭାବରେ ସଂଶୋଧିତ ହୋଇଥିଲା । ସତ୍ୟତା ଏହା ରହିଲା ଯେ 1,645 ଅଯୋଗ୍ୟ ହିତାଧିକାରୀଙ୍କୁ ଦେୟ ପ୍ରଦାନ କରାଯାଇଥିଲା । ଅଧିକନ୍ତୁ, ଅଡିଟ୍ ଯାଞ୍ଚ କରିବା ପାଇଁ ଆବଶ୍ୟକ ତଥ୍ୟାବଳୀ କିମ୍ବା ଲଜିକ୍ ପ୍ରଦାନ କରିବାରେ ସରକାର ବିଫଳ ହୋଇଥିଲେ ।

- **ସନ୍ଦେହଜନକ ହିତାଧିକାରୀ**

ଯେହେତୁ ଦୁଇଟି ତଥ୍ୟାବଳୀ ମଧ୍ୟରେ ଏଏଚ୍ଏଲ୍ ଟିଆଇଏନ୍ ହେଉଛି ସାଧାରଣ କ୍ଷେତ୍ର, ବିଭାଗ, କାଳିଆ ତଥ୍ୟାବଳୀର ଏଏଚ୍ଏଲ୍ ଟିଆଇଏନ୍ ତଥ୍ୟ କ୍ଷେତ୍ରକୁ ଏସ୍ଇସିସି ତଥ୍ୟରୁ ଏସ୍ଇସିସି ବହିଷ୍କାର ମାନଦଣ୍ଡ ପ୍ରୟୋଗ କରିବା ନିମନ୍ତେ ବ୍ୟବହାର କରିଥିଲେ । ତେଣୁ, କାଳିଆ ତଥ୍ୟ ଅନୁଯାୟୀ ନାମ, ଏସ୍ଇସିସି ତଥ୍ୟରେ ଥିବା ନାମ ସହିତ ସମାନ ହେବା ଉଚିତ୍ । ଯଦି ନାମଗୁଡ଼ିକ ଭିନ୍ନ, ତେବେ ଭୁଲ୍ ହିତାଧିକାରୀଙ୍କ ଠାରେ ବହିଷ୍କାର ଲଜିକ୍ ପ୍ରୟୋଗ ହେବ । ଅଡିଟ୍ ଦ୍ୱାରା ତଥ୍ୟାବଳୀ ବିଶ୍ଳେଷଣରୁ ଏହା ଜଣାପଡ଼ିଲା ଯେ 56,613 ରେକର୍ଡ କ୍ଷେତ୍ରରେ ଏହି ଦୁଇଟି ତଥ୍ୟ ସେଟ୍ ମଧ୍ୟରେ ହିତାଧିକାରୀଙ୍କ ନାମ ମେଳ ଖାଉ ନଥିଲା ଯାହା **ସାରଣୀ ସଂଖ୍ୟା 2.5** ରେ ଦର୍ଶାଯାଇଅଛି ।

**ସାରଣୀ ସଂଖ୍ୟା 2.5: କାଳିଆ ଏବଂ ଏସ୍ଇସିସି ତଥ୍ୟ ମଧ୍ୟରେ ନାମଗୁଡ଼ିକରେ ପାର୍ଥକ୍ୟ ଦେଖାଉଥିବା ନମୁନା ତାଲିକା**

| ଏଏଚ୍ଏଲ୍ ଟିନ୍ | କାଳିଆ ତଥ୍ୟ ଅନୁଯାୟୀ ନାମ | ଏସ୍ଇସିସି ତଥ୍ୟରେ ଥିବା ନାମ |
|---|---|---|
| 15210100100020000000620028002 | ଗୋଲାପି ବରିହା | ସାବିତ୍ରୀ ଦାସ |
| 23210100100030000000900081005 | ମନବୋଧ ପଟେଲ | ରଞ୍ଜିତ୍ ମଲ୍ଲିକ |
| 47210100100050000001300119002 | ଥବିର ବନ୍ଛୋର | ଅବିର ବଙ୍ଗିର |

| ଏଏଚ୍ଏଲ୍ ଟିନ୍ | କାଳିଆ ତଥ୍ୟ ଅନୁଯାୟୀ ନାମ | ଏସ୍ଇସିସି ତଥ୍ୟରେ ଥିବା ନାମ |
|---|---|---|
| 372101001005700000009600088002 | ରାଇବରୀ ପରୁଆ | ମଲ୍ଲୀ ଭୋଇ |
| 552101001002900000005200098002 | ସନ୍ତୋସିନୀ ଲୋହାର | ଯଶୋବନ୍ତି ମହାନନ୍ଦ |
| 112101001001300000002500127008 | ପୁଷ୍ପା ବରିହା | ବିଶାଖା ବନ୍ଛୋର |
| 432101001007900000012900115001 | ନେପାଳ ବରିହା | ପୂଜା ଭୋଇ |
| 552101001006500000010900073001 | ଈଶ୍ୱର ସାହୁ | ଭାସ ବିଶ୍ୱାଳ |
| 312101002004600000005610010003 | ଚନ୍ଦ୍ରିକା ଯାଦବ | ଫଗୁନି ପୋଢ଼ |
| 132101002002000000000210052003 | ଚୁନିଲାଲ ଭୋଇ | ପଦ୍ମାଳୟା ଜାଲ |
| 592101002002000000000210050001 | ତପନନ୍ଦ ବାର୍ଗେ | ନିଶାମଣୀ ଦୀପ |
| 532101002003100000001500022002 | ରଶ୍ମିତା ପଟେଲ | ଖିର ସାହୁ |
| 172101003001000000001000103002 | ଆଶା ଚକ | ଶଙ୍କର ବରିହା |
| 212101002007700000009500054001 | ଗୋବିନ୍ଦ ପଟେଲ | ଯୁଧିଷ୍ଠିର ବାଗ |
| 252101003001300000001400057002 | ସସ୍ମିତା ରାଉତ | ରିଙ୍କି ବାରିକ |
| 292101002007300000008700090001 | ତେଜାବତୀ ନିଆଲ | କସ୍ତୁରୀ ବନ୍ଛୋର |

*(ଉତ୍ସ: ଡିଏ ଏବଂ ଏଫ୍ଇ ଦ୍ୱାରା ପ୍ରଦତ୍ତ ତଥ୍ୟ ଏବଂ ଏସ୍ଇସିସି ତଥ୍ୟ)*

ଉପରୋକ୍ତ ଫଳାଫଳଗୁଡ଼ିକ ବହିଷ୍କାର ଲଜିକ୍‌ର ଭୁଲ୍ ପ୍ରୟୋଗକୁ ସୂଚିତ କରେ, ଯେଉଁଠାରେ କାଳିଆ ତଥ୍ୟର ଜଣେ ହିତାଧିକାରୀଙ୍କ ପରିଚୟ, ଏସ୍ଇସିସି ତଥ୍ୟରେ ଏକ ଭିନ୍ନ ହିତାଧିକାରୀଙ୍କ ପରିଚୟ ସହିତ ତୁଳନା କରାଯାଇଥିଲା । ଏପରି ପରିସ୍ଥିତିରେ ବିଭାଗ ସେହି ରେକର୍ଡଗୁଡ଼ିକୁ ତାଲିକାରୁ ବାଦ୍ ଦେବା ଉଚିତ୍ ଥିଲା ।

କୌଣସି ନିର୍ଦ୍ଦିଷ୍ଟ ଉତ୍ତର ନ ଦେଇ ସରକାର ବ୍ୟକ୍ତ କଲେ (ଅପ୍ରେଲ 2022) ଯେ ଏସ୍ଇସିସି ତଥ୍ୟାବଳୀ ସହିତ କୌଣସି ନାମ ମେଳ କରାଯାଇନାହିଁ । ୟୁଆଇଡିଏଆଇ ର ପ୍ରତିକ୍ରିୟାରୁ ଏବଂ ଏନ୍ଏଫ୍ଏସ୍ଏ ତଥ୍ୟାବଳୀ ସହିତ ଫଜି ଲଜିକ୍ ଦ୍ୱାରା ନାମ ମେଳକ କରାଯାଇଥିଲା ଯାହା ଉକ୍ତ ଉଦ୍ଦେଶ୍ୟ ପାଇଁ ଅଧିକ ଉପଯୁକ୍ତ ଲଜିକ୍ ଥିଲା । ସରକାରଙ୍କ ଉତ୍ତର ଗ୍ରହଣୀୟ ନୁହେଁ, ଯେହେତୁ ସରକାର, କାଳିଆ ଏବଂ ଏସ୍ଇସିସି ତଥ୍ୟ ମଧ୍ୟରେ ମେଳ ଖାଉ ନଥିବା ନାମକୁ ଚିହ୍ନଟ କରିପାରି ନଥିଲେ ଏବଂ ହିତାଧିକାରୀ ତାଲିକାରୁ ଏହିପରି ସନ୍ଦେହଜନକ ହିତାଧିକାରୀଙ୍କ ଯାଞ୍ଚରେ ବିଫଳ ହୋଇଥିଲେ ।

- **ଗୋଟିଏ ପରିବାରରେ ଏକରୁ ଅଧିକ ହିତାଧିକାରୀ**

ଚୟନ ମାନଦଣ୍ଡ ଅନୁଯାୟୀ, ଏକ ପରିବାରରେ ପରିବାରର ମୁଖ୍ୟ କାଳିଆ ସହାୟତା ପାଇବେ । କିନ୍ତୁ ତଥ୍ୟାବଳୀର ଏଏଚ୍ଏଲ୍ ଟିନ୍ ର ବିଶ୍ଳେଷଣରୁ ଏହା ଜଣାପଡ଼ିଲା ଯେ ହିତାଧିକାରୀଙ୍କ ଅନ୍ତିମ ତାଲିକାରେ 5.72 ଲକ୍ଷ ହିତାଧିକାରୀ ଅନ୍ତର୍ଭୁକ୍ତ କରି 2.78 ଲକ୍ଷ ପରିବାରରେ, ଗୋଟିଏ ପରିବାରର ଏକାଧିକ ସଦସ୍ୟ ଚୟନ କରାଯାଇଥିଲା । ଏଣୁ, ଏସ୍ଇସିସି ତଥ୍ୟ ଅନୁଯାୟୀ କାଳିଆ ତଥ୍ୟାବଳୀରେ 2.94 ଲକ୍ଷ (5.72 ଲକ୍ଷ ବିଯୁକ୍ତ 2.78 ଲକ୍ଷ) ଅଯୋଗ୍ୟ ହିତାଧିକାରୀ ଥିଲେ ।

ଉପରୋକ୍ତ ସହିତ, ବିଭାଗ, ପ୍ରତ୍ୟେକ ହିତାଧିକାରୀଙ୍କ ପାଇଁ ଏନ୍ଏଫ୍ଏସ୍ଏ ତଥ୍ୟାବଳୀରୁ ରାସନ କାର୍ଡ ନମ୍ବର ମଧ୍ୟ ସ୍ଥାନିତ କରିଥିଲେ । ରାସନ୍ କାର୍ଡ ନମ୍ବର, ଯାହା ଗୋଟିଏ ପରିବାରକୁ ଚିହ୍ନଟ କରେ, ତଥ୍ୟାବଳୀରେ ପୁନରାବୃତ୍ତି ହେବା ଉଚିତ୍ ନୁହେଁ । କିନ୍ତୁ ତଥ୍ୟ ବିଶ୍ଳେଷଣରୁ ଜଣାପଡ଼ିଲା ଯେ ସମାନ ରାସନ କାର୍ଡ ଏକାଧିକ ଥର ବ୍ୟବହୃତ ହୋଇଥିଲା ଏବଂ ତଥ୍ୟାବଳୀରେ 1.09 ଲକ୍ଷ ହିତାଧିକାରୀ ରେକର୍ଡରେ 0.54 ଲକ୍ଷ ରାସନ୍ କାର୍ଡ ନମ୍ବର ରହିଥିଲା, ଯାହାର ଅର୍ଥ ହେଉଛି କାଳିଆ ପାଇଁ 0.55 ଲକ୍ଷ ଅଯୋଗ୍ୟ ହିତାଧିକାରୀ ଚୟନ କରାଯାଇଥିଲା ।

ତେଣୁ, ଏଏଚ୍ଏଲ୍ ଟିନ୍ ବ୍ୟବହାର କରି ଏସ୍ଇସିସି ତଥ୍ୟାବଳୀକୁ ଆଧାର କରି ପରିବାରର 2.94 ଲକ୍ଷ ଅତିରିକ୍ତ ସଦସ୍ୟଙ୍କୁ ଏବଂ ରାସନ କାର୍ଡ ନମ୍ବରକୁ ଆଧାର କରି 0.55 ଲକ୍ଷ ଅଯୋଗ୍ୟ ହିତାଧିକାରୀଙ୍କୁ ବାଦ୍ ଦେବାରେ

ବିଭାଗ ବିଫଳ ହୋଇଥିଲେ । ଯାହାଫଳରେ, ପ୍ରଥମ ପର୍ଯ୍ୟାୟରେ 3.49 ଲକ୍ଷ ଅଯୋଗ୍ୟ/ ସନ୍ଦେହଜନକ ହିତାଧିକାରୀଙ୍କୁ ବାଦ୍ ଦିଆଯାଇନଥିଲା ଏବଂ କାଳିଆ ଅଧୀନରେ 174.40 କୋଟି ଟଙ୍କାର ସହାୟତା ପ୍ରଦାନ କରାଯାଇଥିଲା ।

ଉକ୍ତ ବିଷୟକୁ ଗ୍ରହଣ କରି ସରକାର ବ୍ୟକ୍ତ କଲେ (ଅପ୍ରେଲ 2022) ଯେ ପ୍ରାରମ୍ଭିକ ଅବଧିରେ, ଆଧାର ନମ୍ବରର ସଂଯୋଗ ଥିବାରୁ ହିତାଧିକାରୀ ତାଲିକାରେ ଭୁଲ୍ ଭାବରେ ନକଲି ରାସନ ରେକର୍ଡଗୁଡ଼ିକ ଅନ୍ତର୍ଭୁକ୍ତ ହୋଇଯାଇଥିଲା, ଫଳସ୍ୱରୂପ ଗୋଟିଏ ଘରେ ଏକାଧିକ ହିତାଧିକାରୀ ରହିଯାଇଥିଲେ । 3.20 ଲକ୍ଷ ନକଲି ରାସନ କାର୍ଡଧାରୀଙ୍କ ମଧ୍ୟରୁ, ପରବର୍ତ୍ତୀ ସମୟରେ 2.13 ଲକ୍ଷ ମାମଲା ସମାଯୋଜିତ କରାଯାଇଛି । ତଥାପି, ସତ୍ୟଟି ଏହା ଯେ 1.07 ଲକ୍ଷ ଅଯୋଗ୍ୟ ହିତାଧିକାରୀଙ୍କ ଠାରୁ ଏପର୍ଯ୍ୟନ୍ତ ଅସୁଲ ହୋଇନାହିଁ ।

- **ନକଲି ବ୍ୟାଙ୍କ ଖାତା ସଂଖ୍ୟା**

ଯୋଜନା ନିର୍ଦ୍ଦେଶାବଳୀ ଅନୁସାରେ ସହାୟତା ରାଶି, କୃଷକ ପରିବାରର ମୁଖ୍ୟଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ଅନ୍‌ଲାଇନ୍‌ରେ ସ୍ଥାନାନ୍ତର କରାଯିବାର ଥିଲା ଏବଂ ସେଥିପାଇଁ ନକଲି ଖାତା ସଂଖ୍ୟା ଥିବା ହିତାଧିକାରୀମାନଙ୍କୁ ମନୋନୀତ ତାଲିକାରୁ ବାଦ୍ କରାଯିବାର ଥିଲା । ଅଡିଟ୍ ଦ୍ୱାରା ତଥ୍ୟାବଳୀର ବିଶ୍ଳେଷଣରୁ ଜଣାପଡ଼ିଲା ଯେ ତଥ୍ୟାବଳୀରେ, 13,578 ଜଣ ହିତାଧିକାରୀଙ୍କ କ୍ଷେତ୍ରରେ, ଏକ ରୁ ଅଧିକ ଥର 6,477 ଟି ବ୍ୟାଙ୍କ ଖାତା ସଂଖ୍ୟା ବ୍ୟବହାର କରାଯାଇଥିଲା । ସେହି ଅନୁଯାୟୀ ବିଭାଗ ସେହି ହିତାଧିକାରୀମାନଙ୍କୁ ପ୍ରଥମ କିସ୍ତି ଭାବରେ 6.79 କୋଟି ଟଙ୍କା ପ୍ରଦାନ କରିଥିଲେ । ଏହି ପ୍ରସଙ୍ଗରେ, ଅଡିଟ୍ ଜାଣିବାକୁ ପାଇଲେ ଯେ ସବୁଜ ପତ୍ରରେ ପ୍ରଦାନ କରାଯାଇଥିବା ଖାତା ସଂଖ୍ୟା (କୃଷକଙ୍କ ଆବେଦନ) ହିତାଧିକାରୀ ତାଲିକାରୁ ଭିନ୍ନ ଥିଲା ଯାହାର ଗୋଟିଏ ଉଦାହରଣ ନିମ୍ନରେ ଦିଆଯାଇଛି ।

**ସାରଣୀ ସଂଖ୍ୟା 2.6: ସବୁଜ ପତ୍ର ସାରଣୀ ଅନୁଯାୟୀ ତଥ୍ୟ**

| କ୍ର.ସଂ. | ଆବେଦନକାରୀଙ୍କ ନାମ | ପିତାଙ୍କ ନାମ | ଆଇଏଫ୍ଏସ୍‌ସି | ଖାତା ସଂଖ୍ୟା | ଚାଷୀ ପ୍ରକାର | ସବୁଜ ପତ୍ରର ଉତ୍ସ |
|---|---|---|---|---|---|---|
| 5061314 | ଅସିଲି ଧୀବର | ବକୁଳି ଧୀବର | CBIN0281623 | 3539635755 | ଏଲ୍ଏଲ୍ | ପର୍ଯ୍ୟାୟ 1 |
| 2463735 | ଅସିଲି ଧୀବର | ଦାରା ଧୀବର | CBIN0281623 | 3328650242 | ଏସ୍ଏମ୍ | ପର୍ଯ୍ୟାୟ 1 |
| 978970 | ଅସିଲି ଧୀବର | ବକୁଳି ଧୀବର | CBIN0281623 | 3539635755 | ଏଲ୍ଏଲ୍ | ପର୍ଯ୍ୟାୟ 2 |

*(ଉତ୍ସ: ଡିଏ ଏବଂ ଏଫ୍ଇ ଦ୍ୱାରା ପ୍ରଦତ୍ତ ତଥ୍ୟ)*

**ସାରଣୀ ସଂଖ୍ୟା 2.7: ହିତାଧିକାରୀ ମନୋନୀତ ସାରଣୀ ଅନୁଯାୟୀ ତଥ୍ୟ**

| କ୍ର.ସଂ. | ଆବେଦନକାରୀଙ୍କ ନାମ | ପିତାଙ୍କ ନାମ | ଆଇଏଫ୍ଏମ୍ଏସ୍ | ଖାତା ସଂଖ୍ୟା | ଚାଷୀ ପ୍ରକାର |
|---|---|---|---|---|---|
| 5061314 | ଅସିଲି ଧୀବର | -- | CBIN0281623 | 3328650242 | ଏଲ୍ଏଲ୍ |
| 2463735 | ଅସିଲି ଧୀବର | ଦାରା ଧୀବର | CBIN0281623 | 3328650242 | ଏସ୍ଏମ୍ |

*(ଉତ୍ସ: ଡିଏ ଏବଂ ଏଫ୍ଇ ଦ୍ୱାରା ପ୍ରଦତ୍ତ ତଥ୍ୟ)*

ସଂପୂର୍ଣ୍ଣ ତଥ୍ୟ ଏବଂ ସୋର୍ସ କୋଡ ନ ଦେବା କାରଣରୁ ବ୍ୟାଙ୍କ ଖାତା ସଂଖ୍ୟାର ଏପରି ଅସ୍ୱାଭାବିକ ଅଦ୍ୟତନର କାରଣଗୁଡ଼ିକ ଅଡିଟ୍ ବିଶ୍ଳେଷଣ କରିପାରି ନଥିଲା । ଅଡିଟ୍ ଲକ୍ଷ୍ୟ କଲା ଯେ ବିଭାଗ, 7,101 ଟି ଖାତାକୁ 3.55 କୋଟି ଟଙ୍କା ପ୍ରଦାନ କରିଥିଲେ ଯାହା ପ୍ରକୃତ ହିତାଧିକାରୀଙ୍କର ନଥିଲା ଯେହେତୁ ସମାନ ଖାତା ସଂଖ୍ୟା ବିଭିନ୍ନ ବ୍ୟକ୍ତିଙ୍କ ପାଇଁ ବ୍ୟବହୃତ ହୋଇଥିଲା ।

ଏହାର ଉତ୍ତରରେ, ସରକାର ପ୍ରକାଶ କଲେ (ଅପ୍ରେଲ 2022) ଯେ ପ୍ରତ୍ୟେକ କାଳିଆ ଆବେଦନକାରୀଙ୍କ ନିଜସ୍ୱ ବ୍ୟାଙ୍କ ଖାତା ନଥାଇପାରେ । ଏହା ସମ୍ଭବ ଥିଲା ଯେ ଜଣେ ଆବେଦନକାରୀ ତାଙ୍କର କିଛି ବନ୍ଧୁ କିମ୍ବା ସମ୍ପର୍କୀୟଙ୍କ

ଖାତା ବିବରଣୀ ପ୍ରଦାନ କରିଥିବେ । ଏହିପରି ସମସ୍ୟାଗୁଡ଼ିକୁ ଦୂର କରିବା ପାଇଁ ଆଧାର ବ୍ରିଜ୍ ବ୍ୟବସ୍ଥା ଆରମ୍ଭ କରାଯାଇଥିଲା । ଉତ୍ତର ଗ୍ରହଣୀୟ ନୁହେଁ ଯେହେତୁ ନଅଟି ନକଲି ଖାତା ସଂଖ୍ୟାର ସରଜମିନ୍ ତଦନ୍ତ ସମୟରେ ଅଡିଟ୍ ଦେଖିଲେ ଯେ କେବଳ ଦୁଇଟି କ୍ଷେତ୍ରରେ, ହିତାଧିକାରୀମାନେ ଅଜାଣତରେ ଭୁଲ୍ ଖାତା ସଂଖ୍ୟା ଉଲ୍ଲେଖ କରିଥିଲେ, ଅବଶିଷ୍ଟ ସାତଟି ମଧ୍ୟରୁ ପାଞ୍ଚଟି କ୍ଷେତ୍ରରେ ବିଭାଗ ଦ୍ୱାରା ଭୁଲ୍ ତଥ୍ୟ ଭର୍ତ୍ତି କରାଯାଇଥିଲା ଏବଂ ଦୁଇଟି କ୍ଷେତ୍ରରେ ସଫ୍ଟୱେର ତ୍ରୁଟି ହେତୁ ଖାତା ସଂଖ୍ୟା ପରିବର୍ତ୍ତନ ହୋଇଯାଇଥିଲା । ଅଧିକନ୍ତୁ, ଜଣେ ଆବେଦନକାରୀ ତାଙ୍କର କିଛି ବନ୍ଧୁ କିମ୍ବା ସମ୍ପର୍କୀୟଙ୍କ ଖାତା ବିବରଣୀ ପ୍ରଦାନ କରିପାରିବେ ବୋଲି ଉତ୍ତରରେ ଦର୍ଶାଯାଇଥିଲା ଯାହାକି ପରିବାରର ମୁଖିଆଙ୍କ ବ୍ୟାଙ୍କ ଖାତାକୁ ଦେୟ ପ୍ରଦାନ ପାଇଁ ଥିବା ନିର୍ଦ୍ଦେଶାବଳୀର ଉଲ୍ଲଙ୍ଘନ ଅଟେ ।

ଏଣୁ, ବାହାନ ଏବଂ ଆଇଏଫ୍ଏମ୍ଏସ୍ ତଥ୍ୟାବଳୀ ସହିତ 14 ଟି ତଥ୍ୟାବଳୀ[22] ମଧ୍ୟରୁ କେବଳ ଦୁଇଟି ବ୍ୟବହାର କରି ଉପରୋକ୍ତ ଅଡିଟ୍ ବିଶ୍ଳେଷଣରୁ ଜଣାପଡ଼ିଲା ଯେ ବହିଷ୍କାର ମାନଦଣ୍ଡ ଅନୁଯାୟୀ 4.64 ଲକ୍ଷ ହିତାଧିକାରୀ ଅଯୋଗ୍ୟ ଥିଲେ । ବିଭାଗ, ସେହି ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ 231.92 କୋଟି ଟଙ୍କା ପ୍ରଦାନ କରିଥିଲେ ଯେଉଁଥିରୁ 216.76 କୋଟି ଟଙ୍କା ସଫଳତାର ସହିତ ସେମାନଙ୍କ ବ୍ୟାଙ୍କ ଖାତାରେ ଜମା ହୋଇଥିଲା । ଏହା ସୂଚିତ କଲା ଯେ ବିଭାଗ, ଅଯୋଗ୍ୟ ହିତାଧିକାରୀ ଚିହ୍ନଟ କରିବାରେ ବିଫଳ ହୋଇଥିଲେ ଏବଂ 51.05 ଲକ୍ଷ ହିତାଧିକାରୀଙ୍କୁ 2,552.65 କୋଟି ଟଙ୍କାର ପ୍ରଥମ କିସ୍ତି ତରବରିଆ ହୋଇ ପ୍ରଦାନ (ଜାନୁଆରୀ –ମଇ 2019) କରିଥିଲେ ।

ଏହାର ଉତ୍ତରରେ, ସରକାର ପ୍ରକାଶ କରିଥିଲେ (ଅପ୍ରେଲ 2022) ଯେ ଏହି ଯୋଜନାର ଶୀଘ୍ର କାର୍ଯ୍ୟକାରୀ ହୋଇଛି ଏବଂ ତରବରିଆ ଭାବରେ ନୁହେଁ । କିନ୍ତୁ, ସତ୍ୟତା ଏହା ଯେ 51.05 ଲକ୍ଷ ହିତାଧିକାରୀଙ୍କ ମଧ୍ୟରୁ 14.08 ଲକ୍ଷ (27.58 ପ୍ରତିଶତ) ଅଯୋଗ୍ୟ ହିତାଧିକାରୀଙ୍କୁ ବିଭାଗ ନିଜେ ଚିହ୍ନଟ କରିବା, ପ୍ରଥମ କିସ୍ତି ଛାଡ଼ିବା ପୂର୍ବରୁ ପ୍ରସ୍ତୁତିର ଅଭାବକୁ ସୂଚାଇଥାଏ, ଯାହାଫଳରେ ଅଯୋଗ୍ୟ ହିତାଧିକାରୀଙ୍କୁ 611.91 କୋଟି ଟଙ୍କା ପ୍ରଦାନ କରାଯାଇଥିଲା ।

**ଯୋଜନାର ଦ୍ୱିତୀୟ ପର୍ଯ୍ୟାୟ**

### 2.2.2.2 ଦ୍ୱିତୀୟ ପର୍ଯ୍ୟାୟରେ ଅଯୋଗ୍ୟ ହିତାଧିକାରୀ

କାଳିଆ ଅଧୀନରେ ଦ୍ୱିତୀୟ ପର୍ଯ୍ୟାୟ ସହାୟତା ପ୍ରଦାନ ଦିଗରେ, ବିଭାଗ, ମଇ 2019 ରୁ ସେପ୍ଟେମ୍ବର 2019 ମଧ୍ୟରେ ଯୋଗ୍ୟ ହିତାଧିକାରୀ ଚୟନ ପାଇଁ କ୍ଷେତ୍ର ସ୍ତରର ଯାଞ୍ଚ ଏବଂ ବହିଷ୍କାର ମାନଦଣ୍ଡର ପ୍ରୟୋଗ କରିଥିଲେ । ସେହି ଅନୁଯାୟୀ ବିଭାଗ ଏହି ଯୋଜନା ପାଇଁ 48.65 ଲକ୍ଷ ହିତାଧିକାରୀ ତାଲିକା ଚୂଡ଼ାନ୍ତ କରିଥିଲେ । ଏଥି ମଧ୍ୟରେ ପ୍ରଥମ ପର୍ଯ୍ୟାୟରେ ମନୋନୀତ ହୋଇସାରିଥିବା 36.97 ଲକ୍ଷ ଯୋଗ୍ୟ ହିତାଧିକାରୀ ଏବଂ 11.68 ଲକ୍ଷ ନୂତନ ହିତାଧିକାରୀ ଅନ୍ତର୍ଭୁକ୍ତ ଥିଲେ । ଏହା ପରେ ବିଭାଗ ନଭେମ୍ବର 2019 ରୁ ଅପ୍ରେଲ 2020 ମଧ୍ୟରେ 48.65 ଲକ୍ଷ ହିତାଧିକାରୀଙ୍କୁ 2,693.18 କୋଟି ଟଙ୍କା ପ୍ରଦାନ କରିଥିଲେ ।

ଚୟନ ପ୍ରକ୍ରିୟା ସମ୍ବନ୍ଧରେ ଏକ ନିଶ୍ଚିତତା ପାଇବା ପାଇଁ ଅଡିଟ୍, ଏସ୍ଇସିସି ବହିଷ୍କାର ମାନଦଣ୍ଡ ପ୍ରୟୋଗ କରି ତଥ୍ୟାବଳୀ ବିଶ୍ଳେଷଣ କରିଥିଲେ ଏବଂ ଦେଖାଗଲା ଯେ ତାଲିକାରେ 1.43 ଲକ୍ଷ ଅଯୋଗ୍ୟ/ ସନ୍ଦେହଜନକ ହିତାଧିକାରୀ ଥିଲେ ଯାହାର ସବିଶେଷ ବିବରଣୀ **ସାରଣୀ ସଂଖ୍ୟା 2.8** ରେ ଦର୍ଶାଯାଇଛି ।

---

[22] 1. ଜାତୀୟ ଖାଦ୍ୟ ସୁରକ୍ଷା ଆଇନ୍(ଏନ୍ଏଫ୍ଏସ୍ଏ), 2. ଜାତୀୟ ଜନସଂଖ୍ୟା ପଞ୍ଜିକରଣ(ଏନ୍‌ପିଆର୍), 3. ସାମାଜିକ ଅର୍ଥନୈତିକ ଜାତି ଭିତ୍ତିକ ଗଣନା (ଏସ୍ଇସିସି)), 4. ଭାରତୀୟ ଅନନ୍ୟ ପରିଚୟ ପ୍ରାଧିକରଣ (ୟୁଆଇଡିଏଆଇ), 5. ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (ପିଏମ୍ଏଫ୍‌ବିୱାଇ), 6. ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା (ଏସ୍ଏଫ୍ଏସ୍ଏସ୍), 7. ଭାଗଚାଷୀ ତଥ୍ୟ, 8. ସ୍ୱୟଂଚାଳିତ ଧାନକ୍ରୟ ପ୍ରଣାଳୀ (ପିପିଏଏସ୍), 9. ମାନବ ସମ୍ବଳ ପରିଚାଳନା ବ୍ୟବସ୍ଥା (ଏଚ୍ଆର୍ଏମ୍ଏସ୍), 10. ପୋଲିସ୍ କନଷ୍ଟେବଳ ତଥ୍ୟାବଳୀ, 11. ଶିକ୍ଷକଙ୍କ ତଥ୍ୟାବଳୀ, 12. ପେନ୍ସନ୍‌ଭୋଗୀଙ୍କ ତଥ୍ୟାବଳୀ, 13. ଡାକ୍ତରୀ ପେଶାର ତଥ୍ୟାବଳୀ ଏବଂ 14. ବ୍ୟାଙ୍କର ତଥ୍ୟାବଳୀ

**ସାରଣୀ ସଂଖ୍ୟା 2.8: ଦ୍ୱିତୀୟ କିସ୍ତି ତାଲିକାରେ ମାନଦଣ୍ଡ ଅନୁଯାୟୀ ଅଯୋଗ୍ୟ/ ସନ୍ଦେହଜନକ ହିତାଧିକାରୀ ଦର୍ଶାଉଥିବା ତାଲିକା**

| ବହିଷ୍କରଣ ମାନଦଣ୍ଡ | ପ୍ରାରମ୍ଭିକ 51.05 ଲକ୍ଷ ତାଲିକାରୁ ଦ୍ୱିତୀୟ କିସ୍ତି ପାଇଁ ଯୋଗ୍ୟ ବିବେଚିତ ହିତାଧିକାରୀ | କାଳିଆ ସହାୟତା ପାଇଁ ବିବେଚନା କରାଯାଇଥିବା ନୂତନ ଆବେଦନକାରୀ | ମୋଟ |
|---|---|---|---|
| ହିତାଧିକାରୀଙ୍କ ସଂଖ୍ୟା | 36,97,122[23] | 11,67,931 | 48,65,053 |
| କ. ଭୁଲ୍ ଚୟନ | | | |
| 1. ନକଲି ଏଏଚ୍ଏଲ୍, ଟିଆଇଏନ୍ | 1,940 | - | 1,940 |
| 2. କାଳିଆ ଏବଂ ଏସ୍ଇସିସି ତଥ୍ୟରେ ଭିନ୍ନ ନାମଥିବା ସନ୍ଦେହଜନକ ହିତାଧିକାରୀମାନେ | 37,432 | - | 37,432 |
| ଖ. ଏସ୍ଇସିସି ବହିଷ୍କରଣ ମାନଦଣ୍ଡ | | | |
| i. ସରକାରୀ କର୍ମଚାରୀ | 6,999 | 3,233 | 10,232 |
| ii. ଆୟକର/ବୃତ୍ତିଗତ କର ଦେଉଥିବା | 1,266 | 1,352 | 2,618 |
| iii. କିଷାନ କ୍ରେଡିଟ୍ କାର୍ଡ ଥିବା ହିତାଧିକାରୀ | 3,329 | 8,497 | 11,826 |
| iv. ପ୍ରତିମାସରେ 10,000 ଟଙ୍କାରୁ ଅଧିକ ରୋଜଗାର କରୁଥିବା ହିତାଧିକାରୀ | 8,002 | 2,377 | 10,379 |
| v. ପାଞ୍ଚ ଏକରରୁ ଅଧିକ ଜଳସେଚିତ ଜମି କିମ୍ବା ସାତ ଏକରରୁ ଅଧିକ ଦୋଫସଲି ଜମି ଥିବା ବ୍ୟକ୍ତି | 4,068 | 1,035 | 5,103 |
| ଗ. ଅତିରିକ୍ତ ବହିଷ୍କରଣ | | | |
| 3. ଏସ୍ଇସିସି ଅନୁଯାୟୀ ଏକ ପରିବାରରେ ଏକାଧିକ ନକଲି ସଦସ୍ୟ | 58,059 | 2,030 | 60,089 |
| 4. ଏଚ୍ଆର୍ଏମ୍ଏସ୍ ଅନୁଯାୟୀ କର୍ମଚାରୀ | 88 | 23 | 111 |
| 5. ଆଇଏଫ୍ଏମ୍ଏସ୍ ଅନୁଯାୟୀ ପେନସନ୍‌ଭୋଗୀ | 102 | 37 | 139 |
| 6. ଚାରି ଚକିଆ ଯାନ/ ଭାରୀ ମୋଟର ଯାନ/ ଟ୍ରାକ୍ଟରର ମାଲିକ | 1,973 | 470 | 2,443 |
| 7. ନକଲି ବ୍ୟାଙ୍କ ଖାତା | 313 | 2 | 315 |
| 8. ଲାଲ ଫର୍ମ[24]ଦ୍ୱାରା ବହିର୍ଭୁକ୍ତ ବ୍ୟକ୍ତି | 323 | 0 | 323 |
| **ସମୁଦାୟ ଅଯୋଗ୍ୟ ବ୍ୟକ୍ତି** | **1,23,894** | **19,056** | **1,42,950** |
| **ପ୍ରଦତ୍ତ ରାଶି (ଟଙ୍କା କୋଟିରେ)** | **59.11** | **17.69** | **76.80** |
| **ଅନ୍ତରଣ ପରିମାଣ (ଟଙ୍କା କୋଟିରେ)** | **58.47** | **17.59** | **76.06** |

*(ଉତ୍ସ: ବିଭାଗ, ଏସ୍ଇସିସି ଏବଂ ଏଚ୍ଆର୍ ଏମ୍ଏସ୍ ତଥ୍ୟାବଳୀ ଦ୍ୱାରା ପ୍ରଦତ୍ତ ତଥ୍ୟ)*

ଏହିପରି, 14.08 ଲକ୍ଷ ହିତାଧିକାରୀଙ୍କୁ ବାଦ୍ ଦେବା ସତ୍ତ୍ୱେ, ତଥ୍ୟ, ସଠିକ୍ ଶୁଦ୍ଧିକରଣ କରାଯାଇ ନଥିଲା ଏବଂ 1.24 ଲକ୍ଷ ଅଯୋଗ୍ୟ ହିତାଧିକାରୀ ଦ୍ୱିତୀୟ ପର୍ଯ୍ୟାୟ ତାଲିକାରେ ରହିଥିବାର ଅଡିଟ୍ ଦ୍ୱାରା ପରିଲକ୍ଷିତ ହୋଇଥିଲା । ନୂତନ ଆବେଦନକାରୀଙ୍କ ତଥ୍ୟ ମଧ୍ୟ ସଠିକ୍ ଭାବରେ ବିଶ୍ଳେଷଣ କରାଯାଇ ନଥିଲା ଯାହାଫଳରେ ଦ୍ୱିତୀୟ ପର୍ଯ୍ୟାୟରେ 19,056 ଅଯୋଗ୍ୟ ହିତାଧିକାରୀ ଅନ୍ତର୍ଭୁକ୍ତ ହୋଇଥିଲେ । ଏଥି ଯୋଗୁଁ ବିଭାଗ, 1.43 ଲକ୍ଷ ଅଯୋଗ୍ୟ ହିତାଧିକାରୀଙ୍କୁ 76.80 କୋଟି ଟଙ୍କା ପ୍ରଦାନ କରିଥିଲେ ।

ଏହା ବ୍ୟତୀତ, ଯେହେତୁ ବିଭାଗ, ଅଡିଟ୍‌କୁ ଏନ୍ଏଫ୍ଏସ୍ଏ, ଏସ୍ଏଫ୍ଏସ୍ଏସ୍, ପିପିଏଏସ୍ ଇତ୍ୟାଦି ତଥ୍ୟ ପ୍ରଦାନ କରି ନଥିଲେ, ଅଡିଟ୍, ଅଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରିବା ପାଇଁ ଏହି ତଥ୍ୟାବଳୀର ବ୍ୟବହାର କରିପାରି

[23] 51.05 ଲକ୍ଷ (ପ୍ରଥମ ପର୍ଯ୍ୟାୟ ମନୋନୀତ) – 14.08 ଲକ୍ଷ (ଅଯୋଗ୍ୟ) = 36.97 ଲକ୍ଷ

[24] ଲାଲ ଫର୍ମ ହେଉଛି ଆପତ୍ତି କିମ୍ବା ସ୍ୱ-ବହିଷ୍କରଣ ପାଇଁ ଦରଖାସ୍ତ

ନଥିଲେ । ତେଣୁ, ଦ୍ୱିତୀୟ ପର୍ଯ୍ୟାୟରେ, ଅଧିକ ସଂଖ୍ୟକ ଅଯୋଗ୍ୟ ବ୍ୟକ୍ତିଙ୍କ ସହାୟତା ଦିଆଯାଇଥିବା ଏଡ଼ାଇ ଦିଆଯାଇପାରିବ ନାହିଁ ।

ଏହା ସୂଚିତ ହେବା ପରେ, ସରକାର ବ୍ୟକ୍ତ କଲେ (ଅପ୍ରେଲ 2022) ଯେ ଦ୍ୱିତୀୟ ପର୍ଯ୍ୟାୟ ପରଠାରୁ ସେମାନେ ଏସ୍‌ଇସିସି ତଥ୍ୟ ବ୍ୟବହାର କରି ନଥିଲେ । ଅଧିକନ୍ତୁ, ହିତାଧିକାରୀଙ୍କ ଚିହ୍ନଟ ପାଇଁ ଆଇଏଫ୍‌ଏମ୍‌ଏସ୍ ଏବଂ ବାହାନ ତଥ୍ୟାବଳୀ ବ୍ୟବହାର କରିନଥିଲେ । ନକଲି ବ୍ୟାଙ୍କ ଖାତା ସହାୟତା ପ୍ରଦାନ କରିବା ପ୍ରସଙ୍ଗରେ, ନକଲି ଖାତାଧାରୀଙ୍କର ଆଧାର ନମ୍ବର ଭିନ୍ନ ଥିଲା ବୋଲି ସରକାର ଦର୍ଶାଇଥିଲେ । ଲାଲ ଫର୍ମ ମାଧ୍ୟମରେ ବହିଷ୍କାର ଆଧାରରେ ବିଭାଗ 65 ଅଯୋଗ୍ୟ ହିତାଧିକାରୀଙ୍କ ଉପସ୍ଥିତି ସ୍ୱୀକାର କରିଥିଲେ ।

ଏହି ଉତ୍ତର ଗ୍ରହଣୀୟ ନୁହେଁ କାରଣ ପ୍ରଥମ ପର୍ଯ୍ୟାୟରେ ବହିଷ୍କାର ପାଇଁ ବିଭାଗ ଉପଯୁକ୍ତ ଲଜିକ୍ ବ୍ୟବହାର କରିନଥିଲେ ଯେଉଁଥିପାଇଁ ଏସ୍‌ଇସିସି ମାନଦଣ୍ଡ ଅନୁଯାୟୀ ଅଯୋଗ୍ୟ ହିତାଧିକାରୀମାନେ ଦ୍ୱିତୀୟ ପର୍ଯ୍ୟାୟ ଚୟନରେ ମଧ ଉପସ୍ଥିତ ଥିଲେ । ଅଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରିବା ପାଇଁ ବିଭାଗ ଆଇଏଫ୍‌ଏମ୍‌ଏସ୍ ଏବଂ ବାହାନ ତଥ୍ୟ ବ୍ୟବହାର କରିବାରେ ବିଫଳ ହୋଇଥିଲେ । ତେଣୁ ସରକାରୀ କର୍ମଚାରୀ ଏବଂ ପେନସନଭୋଗୀମାନେ ଏବେ ମଧ କାଳିଆ ହିତାଧିକାରୀ ତାଲିକାରେ ଅନ୍ତର୍ଭୁକ୍ତ ଥିଲେ ଯାହା ଆଇଏଫ୍‌ଏମ୍‌ଏସ୍ ତଥ୍ୟ ବ୍ୟବହାର କରି ଅଯୋଗ୍ୟ ହିତାଧିକାରୀ ଭାବରେ ଚିହ୍ନଟ ହୋଇପାରିଥାନ୍ତେ । ଯଦି ବିଭାଗ ବାହାନ ତଥ୍ୟାବଳୀ ବ୍ୟବହାର କରିଥାନ୍ତା, ତେବେ 2,443 ଚାରି ଚକିଆ ଯାନ/ ଭାରୀ ମୋଟର ଯାନ/ ଟ୍ରାକ୍ଟରର ମାଲିକ ହୋଇଥିବା ଅଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରିବା ସମ୍ଭବ ହୋଇଥାନ୍ତା ।

### *2.2.2.3 କାଳିଆ ଯୋଜନାର କାର୍ଯ୍ୟାନ୍ୱୟନରେ ଡିବିଟି ସେଲ୍‌ର ଭୂମିକା*

ଭାରତ ସରକାରଙ୍କ ନିର୍ଦ୍ଦେଶାବଳୀ ଅନୁସାରେ ରାଜ୍ୟ ଗୁଡ଼ିକରେ ଡିବିଟି ପାଇଁ ଏକ ରାଜ୍ୟ ସ୍ତରୀୟ ଡିବିଟି ପରାମର୍ଶଦାତା କମିଟିର ମାର୍ଗଦର୍ଶନରେ ଏକ ରାଜ୍ୟ ଡିବିଟି ସେଲ୍ (ଏସ୍‌ଡିସି) ପ୍ରତିଷ୍ଠା ହେବାର ଥିଲା । ରାଜ୍ୟରେ ଡିବିଟିର ପରିଚାଳନା ସହିତ ଜଡ଼ିତ ସମସ୍ତ କାର୍ଯ୍ୟକଳାପ ଏବଂ ପ୍ରସଙ୍ଗଗୁଡ଼ିକ ପାଇଁ ଏକ ନୋଡାଲ୍ ପଏଣ୍ଟ ଭାବରେ କାର୍ଯ୍ୟ କରିବା ହେଉଛି ଏସ୍‌ଡିସିର ଭୂମିକା ।

ଯେହେତୁ ଡିବିଟି ଏକ ପରିବେଶରେ କାର୍ଯ୍ୟ କରେ ଯେଉଁଥିରେ ଏକାଧିକ ହିତାଧିକାରୀ ଜଡ଼ିତ, ଡିବିଟି ମୋଡକୁ ଯୋଜନା ଗୁଡ଼ିକର ନିରବଚ୍ଛିନ୍ନ ସ୍ଥାନାନ୍ତର ପାଇଁ, ସରକାରୀ ବିଭାଗ ଏବଂ ବିଭିନ୍ନ ହିତାଧିକାରୀଙ୍କ ସହ ସମନ୍ୱୟ ରକ୍ଷା କରିବା ହେଉଛି ଏସ୍‌ଡିସିର ପ୍ରାଥମିକ କାର୍ଯ୍ୟ । ଅଧିକନ୍ତୁ, ଭାରତ ସରକାରଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ଡିବିଟି ସେଲ୍‌ର କାର୍ଯ୍ୟନିର୍ବାହୀ ସଂସ୍ଥାକୁ ସାମଗ୍ରିକ, ସୁଦୃଢ଼ ପରାମର୍ଶ ଯୋଗାଇବା ପାଇଁ ଏକ ରାଜ୍ୟସ୍ତରୀୟ ପରାମର୍ଶଦାତା କମିଟି ଗଠନ କରାଯିବାର ଥିଲା ।

ଏସ୍‌ଡିସିର କାର୍ଯ୍ୟକ୍ଷମ ଅଂଶ ବିଷୟରେ, ଭାରତ ସରକାରଙ୍କ ନିର୍ଦ୍ଦେଶାବଳୀ[25] ଧାର୍ଯ୍ୟ କରିଛି ଯେ ସେଲ୍, ତିନିଟି ମୁଖ୍ୟ ବର୍ଗର ସଂଯୋଜକ (ବୈଷୟିକ, ଅଣ-ବୈଷୟିକ, ଆର୍ଥିକ ଓ ପ୍ରଶାସନିକ)ଙ୍କ ଏକ କାର୍ଯ୍ୟାନ୍ୱୟନ ସମର୍ଥନ ସ୍ତର ଅନ୍ତର୍ଭୁକ୍ତ କରେ ଯେଉଁମାନେ ଏସ୍‌ଡିସି ନିମନ୍ତେ ସମର୍ଥନ କାର୍ଯ୍ୟକଳାପ କରିବା ପାଇଁ ଦାୟୀ ରହିବେ ।

ରାଜ୍ୟ ଡିବିଟି ସଂଯୋଜକ ଭାବରେ ଅର୍ଥ ବିଭାଗର ପ୍ରମୁଖ ସଚିବଙ୍କ ସହ ଅର୍ଥ ବିଭାଗରେ ରାଜ୍ୟ ଡିବିଟି ସେଲ୍ ପ୍ରତିଷ୍ଠା କରାଯାଇଥିଲା (ଅକ୍ଟୋବର 2016) । ଅନ୍-ବୋର୍ଡ ଯୋଜନା ସମ୍ବନ୍ଧୀୟ ହିତାଧିକାରୀ ଦେୟ ଗୁଡ଼ିକର ମିଶ୍ରଣ ଏବଂ ପ୍ରଦର୍ଶନ ପାଇଁ ଏକ ରାଜ୍ୟ ଡିବିଟି ପୋର୍ଟାଲ ମଧ ପ୍ରସ୍ତୁତ କରାଯାଇଥିଲା (ଜୁନ୍ 2018) । ଫେବୃଆରୀ 2021 ରୁ ଡିବିଟି ପୋର୍ଟାଲରେ କାଳିଆ ଯୋଜନା ଅନ୍-ବୋର୍ଡ କରାଯାଇଥିଲା । ଏହି ଏସ୍‌ଓପି ଅନୁଯାୟୀ, ଏସ୍‌ଡିସିର ଦାୟିତ୍ୱ ନିମ୍ନମତେ ଥିଲା:

- ଡିବିଟି ପୋର୍ଟାଲରେ ଯୋଜନାଗୁଡ଼ିକର ଅନ୍-ବୋଡିଙ୍ଗ୍
- ବିଭିନ୍ନ ବିଭାଗ ଏବଂ ବୈଷୟିକ ସହାୟତା କରୁଥିବା ଟିମ୍‌ରୁ ଆଧାର ସଂଖ୍ୟା, ହିତାଧିକାରୀ ସଂଖ୍ୟା, ସକ୍ରିୟ ବ୍ୟାଙ୍କ ଖାତା ସଂଖ୍ୟା, ଆଧାର ସିଡିଙ୍ଗ୍ ଇତ୍ୟାଦି ଭଳି ତଥ୍ୟ ସଂଗ୍ରହ କରିବା

[25] ରାଜ୍ୟ ପ୍ରୋଟୋକଲ୍ ଦସ୍ତାବିଜ୍(ଜୁନ୍ 2017)ରେ ଡିବିଟି ଅନ୍ତର୍ଭୁକ୍ତ

- ଏନ୍‌ପିଏସ୍‌ଆଇ ସର୍ଭର ସହିତ ଆଧାର ସଂଖ୍ୟା ସଂଯୋଗ କରିବା ନିମନ୍ତେ ସମସ୍ତ ବିଭାଗ ପାଇଁ ଉପଭୋକ୍ତା ଡାଟାବେସ୍ ପ୍ରତିଷ୍ଠା କରିବା
- ବିଭିନ୍ନ ଯୋଜନାରେ ଡିବିଟି କାର୍ଯ୍ୟକାରୀ କରିବା ପାଇଁ ସମସ୍ତ ପ୍ରକାରର ଆଇଟି ସହାୟତାକୁ ସୁଗମ କରିବା
- ରାଜ୍ୟ, ବିଭାଗ ଏବଂ ଯୋଜନା ପାଇଁ ତଥ୍ୟ ସଂଗ୍ରହ ଓ ବିଶ୍ଳେଷଣ କରିବା
- ଡିବିଟି ଉପରେ ରାଜ୍ୟ ଅଧିକାରୀଙ୍କ ତାଲିମ୍ ଏବଂ ଦକ୍ଷତା ବିକାଶ

ଏହି ଯୋଜନାର ପ୍ରଥମ ପର୍ଯ୍ୟାୟରେ ବିଭାଗ, ହିତାଧିକାରୀ ତଥ୍ୟ ସହିତ ଆଧାର ସଂଯୋଗ କରିଥିଲା । କିନ୍ତୁ, ଯୋଜନାର ପ୍ରଥମ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ଦେୟ ପାଇଁ ଆଧାର ପେମେଣ୍ଟ ବ୍ରିଜ୍ ସିଷ୍ଟମ ଗ୍ରହଣ କରାଯାଇ ନଥିଲା ।

ବ୍ୟାଙ୍କ ଦ୍ୱାରା ହିତାଧିକାରୀଙ୍କ ବ୍ୟାଙ୍କ ଖାତା ଭେଲିଡେଟ୍ କରା ନଯିବା ବିଷୟରେ ଅନୁଚ୍ଛେଦ 2.2.3 ରେ ବର୍ଣ୍ଣନା କରାଯାଇଅଛି । ତେଣୁ, ପ୍ରଥମ ପର୍ଯ୍ୟାୟ ଓ ଦ୍ୱିତୀୟ ପର୍ଯ୍ୟାୟ ଦେୟ (ଜାନୁଆରୀ 2019 ରୁ ଅପ୍ରେଲ 2020), ରାଜ୍ୟ ଡିବିଟି ପୋର୍ଟାଲରେ ଉପଲବ୍ଧ ନଥିଲା ।

ତୃତୀୟ ପର୍ଯ୍ୟାୟ ଦେୟ (ଫେବୃଆରୀ 2021) ସମୟରେ ଆଧାର ବ୍ରିଜ୍ ପେମେଣ୍ଟ ସିଷ୍ଟମ (ଏବିପିଏସ୍) ଗ୍ରହଣ କରାଯାଇଥିଲା ଯାହା ଅନୁଚ୍ଛେଦ 2.2.2.4 ଅଧିନରେ ରିପୋର୍ଟରେ ଅନ୍ତର୍ଭୁକ୍ତ କରାଯାଇଅଛି । ଫେବୃଆରୀ 2021 ରୁ ଅପ୍ରେଲ 2023 ପର୍ଯ୍ୟନ୍ତ ମୋଟ ଦେୟ ରାଜ୍ୟ ଡିବିଟି ପୋର୍ଟାଲରେ କଏଦ୍ ହୋଇଥିଲା ।

ରାଜ୍ୟ ବଜେଟରେ ବ୍ୟବସ୍ଥା ଅନୁଯାୟୀ କାଳିଆ ହିତାଧିକାରୀଙ୍କ ଦେୟ ପ୍ରଦାନ କରାଯାଇ ଥିଲା । ଡିଏ ଏବଂ ଏଫ୍‌ଇ ବିଭାଗ, ରାଜ୍ୟ ଟ୍ରେଜେରୀରୁ ପାଣ୍ଠି ଉଠାଣ କରି ଭାରତୀୟ ଷ୍ଟେଟ୍ ବ୍ୟାଙ୍କରେ ପରିଚାଳିତ ଏକ ନିର୍ଦ୍ଦିଷ୍ଟ ଆକାଉଣ୍ଟରେ ଜମା କରିଥାଏ । ହିତାଧିକାରୀଙ୍କୁ ଦିଆଯାଇଥିବା ଦେୟ ଏହି ଆକାଉଣ୍ଟରୁ ହିତାଧିକାରୀଙ୍କ ଆକାଉଣ୍ଟକୁ ସିଧାସଳଖ ପଠାଯାଇଥିଲା ।

**ଯୋଜନାର ତୃତୀୟ ପର୍ଯ୍ୟାୟ**

### *2.2.2.4 ତୃତୀୟ ପର୍ଯ୍ୟାୟରେ ଅଯୋଗ୍ୟ ହିତାଧିକାରୀ*

ମଇ 2020 ରୁ ଫେବୃଆରୀ 2021 ମଧ୍ୟରେ, ବିଭାଗ ଅନଲାଇନ୍ ପୋର୍ଟାଲ୍ ମାଧ୍ୟମରେ ଗ୍ରହଣ କରାଯାଇଥିବା ଅଭିଯୋଗ ଆବେଦନଗୁଡ଼ିକର ଯାଞ୍ଚ କରିଥିଲେ ଏବଂ ତୃତୀୟ ପର୍ଯ୍ୟାୟ କାଳିଆ ଯୋଜନାର ସହାୟତା ପାଇଁ ଯୋଗ୍ୟ ହିତାଧିକାରୀ ଚୟନ ପାଇଁ ବିଦ୍ୟମାନ ହିତାଧିକାରୀମାନଙ୍କୁ ଯାଞ୍ଚ କରିଥିଲେ । ତଦନୁସାରେ, ବିଭାଗ ତୃତୀୟ ପର୍ଯ୍ୟାୟ ପାଇଁ 56.15 ଲକ୍ଷ ହିତାଧିକାରୀଙ୍କୁ ଚୂଡ଼ାନ୍ତ କରିଥିଲେ । ଏଥି ମଧ୍ୟରୁ ଆଧାର ଦେୟ ବ୍ରିଜ୍ ପଦ୍ଧତି ଏବିପିଏସ୍ କାର୍ଯ୍ୟାନ୍ୱୟ କରିବା ପାଇଁ ତୃତୀୟ ପର୍ଯ୍ୟାୟରେ 44.48 ଲକ୍ଷ (79.22 ପ୍ରତିଶତ) ଆଧାର ସଂଯୋଗିକୃତ କରାଯାଇଥିଲା । ଏହି 56.15 ଲକ୍ଷ ହିତାଧିକାରୀ ମଧ୍ୟରେ ପ୍ରଥମ ଏବଂ ଦ୍ୱିତୀୟ ପର୍ଯ୍ୟାୟ ଚୟନ ତାଲିକାରୁ 52.01 ଲକ୍ଷ ହିତାଧିକାରୀ ଏବଂ ଅବଶିଷ୍ଟ ଅଭିଯୋଗର ସମାଧାନ ପ୍ରଣାଳୀ ମାଧ୍ୟମରେ ଆବେଦନରୁ 4.13 ଲକ୍ଷ ହିତାଧିକାରୀ ଅନ୍ତର୍ଭୁକ୍ତ । ଏହା ପରେ ବିଭାଗ 53.56 ଲକ୍ଷ ହିତାଧିକାରୀଙ୍କୁ (ଏବିପିଏସ୍ ମାଧ୍ୟମରେ 42.46 ଲକ୍ଷ ଏବଂ ଆକାଉଣ୍ଟ ଆଧାରିତ ପ୍ରଣାଳୀ ମାଧ୍ୟମରେ 11.10 ଲକ୍ଷ) 1,272.19 କୋଟି ଟଙ୍କା ପ୍ରଦାନ କଲେ (ଫେବୃଆରୀ 2021) ଏବଂ 11,130 ହିତାଧିକାରୀଙ୍କ କ୍ଷେତ୍ରରେ ସେହି ପରିବାରର ସଦସ୍ୟତା ପାଇଁ କିସ୍ତି ସ୍ଥିର କରାଯାଇଥିଲା । ବାକି 2.48 ଲକ୍ଷ ହିତାଧିକାରୀମାନଙ୍କର ଜାତୀୟ ପେମେଣ୍ଟ କର୍ପୋରେସନ୍ ଅଫ୍ ଇଣ୍ଡିଆ (ଏନ୍‌ପିସିଆଇ) ରୁ ବ୍ୟାଙ୍କ ସବିଶେଷ ତଥ୍ୟ ଏବଂ ଆଧାର ସ୍ଥିତି ଯାଞ୍ଚ ପାଇଁ ବିଚାରାଧୀନ ଥିଲା ଏବଂ ଏନ୍‌ଏଫ୍‌ଏସ୍‌ଏ ତଥ୍ୟ ସହିତ ନାମ ମେଳକର ପଦ୍ଧତି ଗ୍ରହଣ କରିଥିଲା ।

ବହିଷ୍କାର ମାନଦଣ୍ଡ ପାଇଁ ସରକାରୀ କର୍ମଚାରୀ, ପେନସନଭୋଗୀ, ଚାରି ଚକିଆ ଯାନ/ ଭାରୀ ଯାନ/ ଟ୍ରାକ୍ଟର ଥିବା ବ୍ୟକ୍ତି ଯାହାଙ୍କୁ ତୃତୀୟ ପର୍ଯ୍ୟାୟର ମନୋନୀତ ହିତାଧିକାରୀଙ୍କ ଅଡିଟ୍ ବିଶ୍ଳେଷଣ ନିମ୍ନରେ ପ୍ରକାଶ କରାଗଲା:

- ବ୍ୟାଙ୍କ ଖାତା ସଂଖ୍ୟା ବ୍ୟବହାର କରି କାଳିଆ ତଥ୍ୟ ସହିତ ସଂଯୋଗ କରୁଥିବା ଏଚ୍ଆର୍ଏମ୍ଏସ୍ ତଥ୍ୟରୁ ଜଣାପଡ଼ିଲା ଯେ 125 ଜଣ ସରକାରୀ କର୍ମଚାରୀଙ୍କୁ କାଳିଆ ହିତାଧିକାରୀ ଭାବରେ ଚୟନ କରାଯାଇଥିଲା ଏବଂ ତାଲିକାଭୁକ୍ତ କରାଯାଇଥିଲା ।

- ବ୍ୟାଙ୍କ୍ ଖାତା ସଂଖ୍ୟା ବ୍ୟବହାର କରି କାଳିଆ ତଥ୍ୟ ସହିତ ସଂଯୋଗ କରୁଥିବା ଆଇଏଫ୍ଏମ୍ଏସ୍ ତଥ୍ୟରୁ ଜଣାପଡ଼ିଲା ଯେ କାଳିଆ ସୁବିଧା ପାଇଁ 186 ଜଣ ପେନ୍ସନ୍ଭୋଗୀଙ୍କୁ ଚୟନ କରାଯାଇଥିଲା, ଯେଉଁମାନେ ହିତାଧିକାରୀ ତାଲିକାରୁ ବାଦ୍ ପଡ଼ିବାର ଥିଲା ।

- ଆବେଦନକାରୀଙ୍କ ନାମ, ପିତାଙ୍କ ନାମ, ଏବଂ ଠିକଣା ବ୍ୟବହାର କରି କାଳିଆ ତଥ୍ୟକୁ ବାହାନ ତଥ୍ୟ ସହିତ ସଂଯୋଗ କରିବାରୁ ଜଣାପଡ଼ିଲା ଯେ ଚାରି ଚକିଆ ଯାନ/ ଭାରୀ ଯାନ/ ଟ୍ରାକ୍ଟର ଥିବା 3,162 ଜଣ ଆବେଦନକାରୀଙ୍କୁ ଚୟନ କରାଯାଇ କାଳିଆ ହିତାଧିକାରୀ ତାଲିକାରେ ଅନ୍ତର୍ଭୁକ୍ତ କରାଯାଇଥିଲା ।

- ସେଥିରେ 502 ଜଣ ଆବେଦନକାରୀ ରହିଥିଲେ, ଯେଉଁମାନେ ଲାଲ୍ ପତ୍ର ମାଧ୍ୟମରେ ବହିଷ୍କାର ପାଇଁ ଅନୁମୋଦିତ ହୋଇଥିଲେ ମଧ୍ଯ କାଳିଆ ହିତାଧିକାରୀ ତାଲିକାରେ ତାଲିକାଭୁକ୍ତ ହୋଇଥିଲେ ।

ଏହିପରି, ଜାନୁଆରୀ 2019 ରୁ ଜାନୁଆରୀ 2021 ପର୍ଯ୍ୟନ୍ତ ଦୁଇ ବର୍ଷ ଧରି 14 ଟି ତଥ୍ୟାବଳୀ ବ୍ୟବହାର କରି ଅନେକ ଯାଞ୍ଚ ପରେ ମଧ କାଳିଆ ଯୋଗ୍ୟ ହିତାଧିକାରୀ ତାଲିକାରେ 3,975 ଜଣ[26] ଅଯୋଗ୍ୟ ହିତାଧିକାରୀ ରହିଥିଲେ । ଅଯୋଗ୍ୟ ହିତାଧିକାରୀଙ୍କୁ ପରବର୍ତ୍ତୀ ସହାୟତା ପ୍ରଦାନ ବନ୍ଦ କରିବା ଏବଂ ସେମାନଙ୍କୁ ପୂର୍ବରୁ ପ୍ରଦାନ କରାଯାଇଥିବା ଅର୍ଥ ଫେରସ୍ତ ପାଇଁ ବିଭାଗ ପଦକ୍ଷେପ (ଫେବୃଆରୀ 2021) ନେଇ ନଥିଲେ ।

ଏହାର ଉତ୍ତରରେ, ସରକାର ବ୍ୟକ୍ତ କଲେ (ଅପ୍ରେଲ 2022) ଯେ, ହିତାଧିକାରୀଙ୍କୁ ବାଦ୍ ଦେବା ପାଇଁ ବାହାନ ଏବଂ ଆଇଏଫ୍ଏମ୍ଏସ୍ ତଥ୍ୟ ବାବହାର କରାଯାଇ ନଥିଲା । ସେଠାରେ 67 ଟି ଲାଲ୍ ଫର୍ମରେ ବାଦ ପଡ଼ିଥିବା ବ୍ୟକ୍ତି ଥିଲେ, ଯାହା ପରବର୍ତ୍ତୀ ସମୟରେ ସଂଶୋଧିତ ହୋଇଥିଲା । ଅଧିକନ୍ତୁ, ଏଚ୍ଆର୍ଏମ୍ଏସ୍ ତଥ୍ୟ ଅନୁଯାୟୀ କୌଣସି ସରକାରୀ କର୍ମଚାରୀଙ୍କ ଆଧାର କାଳିଆ ତଥ୍ୟ ସହିତ ମେଳ ଖାଉ ନଥିଲା । ଏହି ଉତ୍ତର ଗ୍ରହଣୀୟ ନୁହେଁ, କାରଣ ଅଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରିବା ପାଇଁ ସରକାର ବାହାନ ଏବଂ ଆଇଏଫ୍ଏମ୍ଏସ୍ ବ୍ୟବହାର କରିନଥିଲେ, ଯାହାଫଳରେ ସରକାରୀ କର୍ମଚାରୀ, ପେନସନ୍ଭୋଗୀ ଏବଂ ଚାରି ଚକିଆ ଥିବା ବ୍ୟକ୍ତି କାଳିଆ ହିତାଧିକାରୀ ତାଲିକାରେ ଅନ୍ତର୍ଭୁକ୍ତ ହୋଇଥିଲେ ।

ଅଧିକନ୍ତୁ, 2018-19 ରୁ 2020-21 ମଧ୍ୟରେ ମନୋନୀତ ହୋଇଥିବା ମୋଟ 65.91 ଲକ୍ଷ ଜଣ[27] ହିତାଧିକାରୀଙ୍କ ମଧ୍ୟରୁ 31 ମାର୍ଚ୍ଚ 2021 ସୁଦ୍ଧା ତୃତୀୟ ପର୍ଯ୍ୟାୟରେ ମନୋନୀତ 56.15 ଲକ୍ଷ ଯୋଗ୍ୟ ହିତାଧିକାରୀ ଥିଲେ । ବିଭିନ୍ନ ପର୍ଯ୍ୟାୟରେ 9.76 ଲକ୍ଷ ଜଣ ଅଯୋଗ୍ୟ ହିତାଧିକାରୀଙ୍କୁ ହଟାଇ ଦିଆଯାଇଥିଲା । ସେହି 9.76 ଲକ୍ଷ ଜଣ ଅଯୋଗ୍ୟ ହିତାଧିକାରୀଙ୍କୁ ବିଭାଗ 507.11 କୋଟି ଟଙ୍କା ପ୍ରଦାନ କରିଥିଲେ, ଯେଉଁଥିରୁ 457.88 କୋଟି ଟଙ୍କା ସଫଳତାର ସହିତ ସେମାନଙ୍କ ଆକାଉଣ୍ଟକୁ ସ୍ଥାନାନ୍ତରିତ ହୋଇଥିଲା । ଯେହେତୁ ବର୍ତ୍ତମାନ ମଧ ଶୁଦ୍ଧିକରଣ ପ୍ରକ୍ରିୟା ଚାଲିଛି ଏହି ଟଙ୍କାର ପୁନରୁଦ୍ଧାର ହେବାର ସମ୍ଭାବନା କ୍ଷୀଣ । 9.76 ଲକ୍ଷ ଜଣ ଅଯୋଗ୍ୟ ହିତାଧିକାରୀଙ୍କ ବ୍ୟତୀତ ଅଡିଟ୍ ମଧ୍ୟ ଏସ୍ଇସିସି, ବାହାନ, ଆଇଏଫ୍ଏମ୍ଏସ୍ ଏବଂ ଏଚ୍ଆର୍ଏମ୍ଏସ୍ ପରି ଅନ୍ୟ ତଥ୍ୟାବଳୀ ସହିତ କାଳିଆ ତଥ୍ୟର ବିଶ୍ଳେଷଣ ପରେ 2.96 ଲକ୍ଷ ଅଯୋଗ୍ୟ ହିତାଧିକାରୀଙ୍କ ଉପସ୍ଥିତିକୁ ଲକ୍ଷ୍ୟ କଲେ । ଏହି ଅଯୋଗ୍ୟ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ 324.38 କୋଟି ଟଙ୍କା ମଧ ପ୍ରଦାନ କରାଯାଇଥିଲା ।

---

26 125 (ସରକାରୀ କର୍ମଚାରୀ) + 186 (ପେନସନ୍ଭୋଗୀ) + 3,162 (ଚାରି ଚକିଆ ଯାନ/ ଭାରୀ ଯାନ) + 502 (ଲାଲ ପତ୍ର) = 3,975 ।

27 ପ୍ରଥମ ପର୍ଯ୍ୟାୟରେ 51.05 ଲକ୍ଷ, ଦ୍ୱିତୀୟ ପର୍ଯ୍ୟାୟରେ 11.68 ଲକ୍ଷ ଏବଂ ତୃତୀୟ ପର୍ଯ୍ୟାୟରେ 3.18 ଲକ୍ଷ

ଏହିପରି, ବିଭାଗ ତିନିଟି ପର୍ଯ୍ୟାୟରେ 12.72 ଲକ୍ଷ ଜଣ ଅଯୋଗ୍ୟ ହିତାଧିକାରୀଙ୍କୁ 782.26 କୋଟି ଟଙ୍କା ପ୍ରଦାନ କରିଥିଲେ ଯାହାର କି ଅସୁଲିର କୌଣସି ସମ୍ଭାବନା ନାହିଁ ।ଅଯୋଗ୍ୟ ହିତାଧିକାରୀଙ୍କୁ କିସ୍ତିୱାରୀ ଅର୍ଥ ପ୍ରଦାନର ବିସ୍ତୃତ ବିଶ୍ଳେଷଣ ନିମ୍ନ **ସାରଣୀ ସଂଖ୍ୟା 2.9** ରେ ଦର୍ଶାଯାଇଛି ।

**ସାରଣୀ ସଂଖ୍ୟା. 2.9: ଅଯୋଗ୍ୟ ହିତାଧିକାରୀଙ୍କୁ କିସ୍ତିୱାରୀ ଅର୍ଥ ପ୍ରଦାନ**

| କିସ୍ତି ପ୍ରଦାନ | ଅଯୋଗ୍ୟ ହିତାଧିକାରୀଙ୍କ ସଂଖ୍ୟା (ସଂଖ୍ୟା ଲକ୍ଷରେ) | ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପ୍ରଦତ୍ତ ଅର୍ଥ (କୋଟି ଟଙ୍କାରେ) |
|---|---:|---:|
| ଏକ ଥର | 8.57 | 427.19 |
| ଦୁଇ ଥର | 1.01 | 89.44 |
| ତିନି ଥର | 2.17 | 265.63 |
| ଅସଫଳ ଦେୟ | 0.97 | 0.00 |
| **ମୋଟ** | **12.72** | **782.26** |

ଏହାର ଉତ୍ତରରେ ସରକାର ବ୍ୟକ୍ତ କଲେ (ଅପ୍ରେଲ 2022) ଯେ ବର୍ତ୍ତମାନ ସୁଦ୍ଧା 1.01 ଲକ୍ଷ ଜଣ ଅଯୋଗ୍ୟ ହିତାଧିକାରୀ ଚିହ୍ନଟ ହୋଇଥିଲେ । ଏହା ବ୍ୟତୀତ, 3.33 ଲକ୍ଷ ଜଣ ଗୋଟିଏ ପରିବାରର ଏକାଧିକ ସଦସ୍ୟ ଥିଲେ, 0.86 ଲକ୍ଷ ହିତାଧିକାରୀଙ୍କ ପାଖରେ କୌଣସି ରାସନ୍ କାର୍ଡ ନଥିଲା, ଆୟକର ଦେୟ କାରୀ ଏବଂ ମୃତ ଇତ୍ୟାଦି । ଅଧିକନ୍ତୁ, ଅଭିଯୋଗ ସମାଧାନ ପାଇଁ 0.28 ଲକ୍ଷ ଆବେଦନ କରିଥିଲେ ଏବଂ ଅସମ୍ପୂର୍ଣ୍ଣ ବିବରଣୀକୁ ଦୃଷ୍ଟିରେ ରଖି 3.55 ଲକ୍ଷ ହିତାଧିକାରୀ କ୍ଷେତ୍ର ଯାଞ୍ଚ ପ୍ରକ୍ରିୟାରେ ଥିଲେ । ଅବଶ୍ୟ, ରାସନ୍ କାର୍ଡର ତଥ୍ୟ, ଗ୍ରହଣକୁ ଦୃଷ୍ଟିରେ ରଖି ସଠିକ୍ ସଂଖ୍ୟା ପରବର୍ତ୍ତୀ ସମୟରେ ଅଧିକ ପରିବର୍ତ୍ତନ ହୋଇପାରେ ଯାହା ସଂକ୍ରିୟ ଗତିଶୀଳ ।

### 2.2.3 ଉଦ୍ଦିଷ୍ଟ ହିତାଧିକାରୀଙ୍କ ବ୍ୟାଙ୍କ ଖାତା ବ୍ୟତୀତ ଅନ୍ୟ ବ୍ୟାଙ୍କ ଖାତାକୁ ଦେୟ

ଯୋଜନା ଅନୁଯାୟୀ, ହିତାଧିକାରୀମାନଙ୍କୁ ସିଧାସଳଖ ଲାଭ ପ୍ରଦାନର ଅନ୍ତର୍ଗତ ନିଜସ୍ୱ ବ୍ୟାଙ୍କ ଖାତାକୁ କିସ୍ତି ପ୍ରଦାନ କରାଯିବାର ଥିଲା । ତେଣୁ, ପ୍ରକୃତ ହିତାଧିକାରୀଙ୍କୁ ଲାଭ ସ୍ଥାନାନ୍ତର ନିଶ୍ଚିତ କରିବାକୁ ହିତାଧିକାରୀଙ୍କ ନାମ ବ୍ୟାଙ୍କର ଖାତାଧାରୀଙ୍କ ନାମ ସହିତ ସମାନ ହେବା ଉଚିତ୍ । ଏହାକୁ ସମୋଧିତ କରି ମୁଖ୍ୟ ସଚିବଙ୍କ ଅଧକ୍ଷତାରେ କାଳିଆ ଉପରେ ରାଜ୍ୟ ସ୍ତରୀୟ କମିଟି (ଏସ୍ଏଲ୍ସି) ନିଷ୍ପତ୍ତି ନେଇଥିଲେ (ଜାନୁଆରୀ 2019) ଯେ:

- ➢ ବ୍ୟାଙ୍କର ଅର୍ଥାତ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ (ଏସ୍ବିଆଇ) ହିତାଧିକାରୀଙ୍କ ବ୍ୟାଙ୍କ ଖାତା ବୈଧତା ଯାଞ୍ଚ କରିବେ ।
- ➢ ଯେହେତୁ ହିତାଧିକାରୀଙ୍କ ମଧ୍ୟରୁ 40 ପ୍ରତିଶତ ଏସ୍ବିଆଇ ବ୍ୟାଙ୍କରେ ଖାତା ରଖିଥିଲେ, ଏହା ସେମାନଙ୍କର ନିଜସ୍ୱ ପ୍ରଣାଳୀରୁ ଖାତାଧାରୀଙ୍କୁ ବୈଧ କରିବାକୁ ଥିଲା ।
- ➢ ଅଣ ଏସ୍ବିଆଇ ଖାତା ଧାରକମାନଙ୍କ ପାଇଁ, ଏସ୍ବିଆଇ ପ୍ରତ୍ୟେକଙ୍କୁ ଏକ ଟଙ୍କା କ୍ରେଡିଟ ମାଧ୍ୟମରେ ଅଯୋଗ୍ୟ ହିତାଧିକାରୀ ବ୍ୟାଙ୍କ ଖାତା ସତ୍ୟାସତ୍ୟ ତଥ୍ୟର ବୈଧତା ନିଶ୍ଚିତ କରିବେ ।

ସେହି ଅନୁଯାୟୀ, ଏସ୍ବିଆଇ (23 ଜାନୁୟାରୀ 2019) କେବଳ 6.71 ଲକ୍ଷ ଅଣ ଏସ୍ବିଆଇ ଖାତାଧାରୀଙ୍କ ଖାତା ବୈଧ କରିଥିଲେ, ଯେଉଁଥିରୁ 0.07 ଲକ୍ଷ ଖାତା, ନିଷ୍କ୍ରିୟ ବ୍ୟାଙ୍କ ଖାତା, ଅଶୁଦ୍ଧ ଇଣ୍ଡିଆନ୍ ଫାଇନାନ୍ସିଆଲ ପ୍ରଣାଳୀ (ଆଇଏଫ୍ଏସ୍) କୋଡ୍, ବନ୍ଦ ବ୍ୟାଙ୍କ ଖାତା ଇତ୍ୟାଦି କାରଣରୁ ବୈଧତା ବିଫଳ ହୋଇଥିଲା । ଅଡିଟ୍ ଲକ୍ଷ୍ୟ କଲେ ଯେ ଏହା ପରେ ଏସ୍ବିଆଇ ଉଭୟ ଏସ୍ବିଆଇ ଏବଂ ଅଣ-ଏସ୍ବିଆଇ ଖାତାଧାରୀଙ୍କ ପାଇଁ ଆଉ କୌଣସି ବୈଧତା ଯାଞ୍ଚ କରିନଥିଲେ ମଧ୍ୟ 25 ଜାନୁଆରୀ 2019 ଏବଂ 29 ମଇ 2019 ମଧ୍ୟରେ 51.05 ଲକ୍ଷ ହିତାଧିକାରୀଙ୍କୁ ଦେୟ ପ୍ରଦାନ କରାଯାଇଥିଲା ।

ଅଡିଟ୍ ଖାତା ଧାରକଙ୍କ ନାମ ସହିତ ଅଯୋଗ୍ୟ ହିତାଧିକାରୀଙ୍କ ନାମ ତୁଳନା କରି ତଥ୍ୟାବଳୀ[28]କୁ ବିଶ୍ଳେଷଣ କରି ଜାଣିବାକୁ ପାଇଲେ ଯେ 1.28 ଲକ୍ଷ ଖାତାଧାରୀଙ୍କୁ 107.64 କୋଟି ଟଙ୍କା ଦେୟ ପ୍ରଦାନ କରାଯାଇଥିଲା, ଯେଉଁଥିରେ ଖାତାଧାରୀଙ୍କ ନାମ ଅଯୋଗ୍ୟ ହିତାଧିକାରୀଙ୍କ ନାମଠାରୁ ଭିନ୍ନ ଥିଲା । କିନ୍ତୁ ଏହା ସତ୍ତ୍ୱେ 104.08 କୋଟି[29] ଟଙ୍କା ଦେୟ ସେହି ଖାତାକୁ ସ୍ଥାନାନ୍ତରିତ ହୋଇଥିଲା ଯାହାକି ଅଯୋଗ୍ୟ ହିତାଧିକାରୀଙ୍କ ନାମ ଠାରୁ ଭିନ୍ନ ନାମ ଥିବା ବ୍ୟକ୍ତିଙ୍କୁ ସୂଚାଇଥାଏ । ଅଡିଟ୍ ଏହା ମଧ୍ୟ ଜାଣିବାକୁ ପାଇଲେ ଯେ ବ୍ୟାଙ୍କ ଖାତାଗୁଡିକର ବୈଧତା ଯାଞ୍ଚ ନ କରିବା ହେତୁ 152 ଟି ସଂସ୍ଥାଗତ ଖାତାକୁ 14.15 ଲକ୍ଷ ଟଙ୍କା ସ୍ଥାନାନ୍ତର କରାଯାଇଥିଲା ।

ଏହାର ଉତ୍ତରରେ ସରକାର ବ୍ୟକ୍ତ କଲେ (ଏପ୍ରିଲ 2022) ଯେ ଅଯୋଗ୍ୟ ହିତାଧିକାରୀଙ୍କ ପାଖରେ ନିଜର ବ୍ୟାଙ୍କ ଖାତା ନଥିବା ହେତୁ ସେମାନେ ନିଜେ ଦେଇଥିବା ଖାତାରେ କାଳିଆ ସହାୟତା ଉଦ୍ଦିଷ୍ଟ ଅଯୋଗ୍ୟ ହିତାଧିକାରୀଙ୍କ ପାଖରେ ପହଞ୍ଚିଛି । ସମାନ ନାମ ଥିବା ସମସ୍ତ ଅଯୋଗ୍ୟ ହିତାଧିକାରୀଙ୍କୁ ଆଧାର ପେମେଣ୍ଟ ବ୍ରିଜ୍ ପ୍ରଣାଳୀ (ଏପିବିଏସ୍) ମାଧ୍ୟମରେ ସେମାନଙ୍କର କାଳିଆ ସହାୟତା ମିଳିଥିଲା ଏବଂ ଏହି ରାଶି ସଫଳତାର ସହିତ ନିଜ ନିଜ ଆଧାରରେ ନମ୍ବର ସହିତ ସଂଯୋଗ ହୋଇଥିବା ଖାତାକୁ ଜମା ହୋଇଥିଲା ।

ଉତ୍ତର ଗ୍ରହଣୀୟ ନୁହେଁ, ଯେହେତୁ ନାମଗୁଡିକ ଖାତାଧାରୀଙ୍କ ନାମ ଠାରୁ ଭିନ୍ନ ଥିଲା, ଯାହା ଦେୟ ପୂର୍ବରୁ ଯାଞ୍ଚ କରାଯିବା ଉଚିତ୍ ଥିଲା । ତଥାପି ବିଭାଗ ଖାତାଗୁଡିକର ବୈଧତା ଯାଞ୍ଚ ବିଷୟରେ ଚୁପ୍ ରହିଥିଲା, ଯାହା ଯୋଜନାକୁ ତରବରିଆ ଭାବରେ ଲାଗୁ କରିବା ଇଙ୍ଗିତ କରୁଛି ।

### 2.2.4 କାଳିଆ ଅଧୀନରେ ଆୟକର ପ୍ରଦାନକାରୀଙ୍କୁ ସହାୟତା

ଆୟକରଦାତାମାନେ କାଳିଆ ଅଧୀନରେ ସହାୟତା ପାଇବା ପାଇଁ ଅଯୋଗ୍ୟ ଥିଲେ । ବିଭାଗ, ଆୟକର ବିଭାଗର ତଥ୍ୟ ସହିତ କାଳିଆ ତଥ୍ୟ ଯାଞ୍ଚ କରିବାର ଥିଲା । କିନ୍ତୁ ବିଭାଗ, ଆୟକର ତଥ୍ୟ ସହିତ କାଳିଆ ତଥ୍ୟ ଯାଞ୍ଚ କରିନଥିଲେ ।

ଭାରତ ସରକାର (ଡିସେମ୍ବର 2018) ପ୍ରଧାନମନ୍ତ୍ରୀ କିଷାନ ଯୋଜନାକୁ କାଳିଆ ଯୋଜନା ଅନୁଯାୟୀ କାର୍ଯ୍ୟକାରୀ କରିଥିଲେ ଯେଉଁଥିରେ ଏକ ବହିଷ୍କରଣ ମାନଦଣ୍ଡ ଥିଲା ଯେ ଆୟକରଦାତାମାନଙ୍କୁ ପ୍ରଧାନମନ୍ତ୍ରୀ କିଷାନ ଅଧୀନରେ ହିତାଧିକାରୀ ଭାବରେ ଅନ୍ତର୍ଭୁକ୍ତ କରାଯିବ ନାହିଁ । ପ୍ରଧାନମନ୍ତ୍ରୀ କିଷାନ ଅଧୀନରେ ଲାଭ ପାଇବା ପାଇଁ, ଓଡ଼ିଶା ସରକାର କ୍ଷୁଦ୍ର ଏବଂ ନାମମାତ୍ର ଚାଷୀମାନଙ୍କୁ କାଳିଆ ହିତାଧିକାରୀ ତାଲିକାରୁ ବିଚାର ପାଇଁ ମନୋନୀତ କରିଥିଲେ । ଭାରତ ସରକାର ଦର୍ଶାଇଲେ ଯେ ସେଠାରେ 9,643 କୃଷକ ଥିଲେ, ଯାହାର ନାମ କାଳିଆ ହିତାଧିକାରୀଙ୍କ ମଧ୍ୟରୁ ପ୍ରଧାନମନ୍ତ୍ରୀ କିଷାନ ଯୋଜନା ପାଇଁ ପଠାଯାଇଥିଲା, ସେମାନେ ଆୟକରଦାତା ଥିଲେ । ତେଣୁ କାଳିଆ ତଥ୍ୟାବଳୀର ସେହି 9643 ଜଣ ହିତାଧିକାରୀ ଏହି ଯୋଜନା ପାଇଁ ଅଯୋଗ୍ୟ ଥିଲେ । ତେଣୁ, ଏହି ଅଯୋଗ୍ୟ ହିତାଧିକାରୀଙ୍କୁ 4.82 କୋଟି ଟଙ୍କା[30] ପ୍ରଦାନ କରାଯାଇଥିଲା ।

ଏଥିରେ ସହମତ ହୋଇ ସରକାର ପ୍ରକାଶ କଲେ (ଏପ୍ରିଲ 2022) ଯେ ପ୍ରଧାନମନ୍ତ୍ରୀ କିଷାନ ଦ୍ୱାରା ଆୟକରଦାତା ଭାବରେ ଚିହ୍ନିତ 4,479 ଜଣ କ୍ଷୁଦ୍ର ଏବଂ ନାମମାତ୍ର ଚାଷୀମାନଙ୍କୁ କାଳିଆ ହିତାଧିକାରୀ ତାଲିକାରୁ ବାଦ ଦିଆଯାଇଛି ।

---

28 ଏସ୍‌ବିଆଇ ବିଭାଗକୁ ପେମେଣ୍ଟ ସ୍କ୍ରୋଲ୍ ପ୍ରଦାନ କରିଥିଲା ଏବଂ ବିଭାଗ କାଳିଆ ତଥ୍ୟାବଳୀରେ ସମାନ ଆମଦାନୀ କରିଥିଲା ଯାହା ଏକ ହିତାଧିକାରୀ ମାଷ୍ଟର ଟେବୁଲରେ ଦାଖଲ ହୋଇଥିଲା ।

29 29,143 ହିତାଧିକାରୀଙ୍କୁ ଗୋଟିଏ କିସ୍ତି 88,529 ହିତାଧିକାରୀଙ୍କୁ ଦୁଇଟି କିସ୍ତି ଏବଂ 846 ହିତାଧିକାରୀଙ୍କୁ ତିନୋଟି କିସ୍ତି ସଫଳତାର ସହିତ ସ୍ଥାନାନ୍ତରିତ ହୋଇଥିଲା ।

30 5,000 ଟଙ୍କା x 9,643

### 2.2.5 କାଳିଆ ଯୋଜନାର ଭୂମିହୀନ କୃଷି ପରିବାରକୁ ଜୀବିକା ସହାୟତା ପାଇଁ କାର୍ଯ୍ୟକ୍ରମ ଅଧୀନରେ ତାଲିମ ପ୍ରଦାନ

କାଳିଆ ଯୋଜନାର ଦ୍ୱିତୀୟ କାର୍ଯ୍ୟକ୍ରମ ଯଥା 'ପଶୁପାଳନ ଏବଂ ଉଦ୍ୟାନ କୃଷି ଫସଲ ଭିତ୍ତିକ କାର୍ଯ୍ୟକଳାପଗୁଡିକ[31] ପାଇଁ ଭୂମିହୀନ କୃଷି ପରିବାରକୁ ଜୀବିକା ସହାୟତା ଯାହା କୃଷି ସମୃଦ୍ଧତା'କୁ ଆହୁରି ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ଅଧୀନରେ କ୍ଷୁଦ୍ର ଛେଳି ଚାଷ ୟୁନିଟ୍/ କ୍ଷୁଦ୍ର ଅଣ୍ଡାଦିଆ କୁକୁଡା ୟୁନିଟ୍/ ଦ୍ୱିବିଧ ସ୍ୱଚ୍ଛବ୍ୟୟୀ ପକ୍ଷୀ ୟୁନିଟ୍/ ବତକ ୟୁନିଟ୍/ ମତ୍ସ୍ୟ ଉପକରଣ/ ମହୁ ଚାଷ ଏବଂ ଛତୁ ଚାଷ ଇତ୍ୟାଦି ପାଇଁ ଭୂମିହୀନ ପରିବାରମାନଙ୍କୁ ମନୋନୀତ କାର୍ଯ୍ୟକଳାପର ପସନ୍ଦ ଉପରେ ଆଧାର କରି ପରିବାର ପ୍ରତି 12,500 ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା । ଏହି ଯୋଜନା ଅଧୀନରେ ଚୟନ ପରେ ପ୍ରତ୍ୟେକ ଭୂମିହୀନ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ 5,000 ଟଙ୍କା ଲେଖାଏଁ ସ୍ଥାନାନ୍ତର କରଯିବାର ଥିଲା । ତାପରେ କାର୍ଯ୍ୟକଳାପର ଘରୋଇ ପସନ୍ଦକୁ ବୁଝିବା ପାଇଁ ବିଭାଗ ଦ୍ୱାରା ଏହି ହିତାଧିକାରୀଙ୍କୁ ଆଭିମୁଖ୍ୟ ତାଲିମ ଦିଆଯିବାର ଥିଲା । ପରିବାରର ପସନ୍ଦ ଉପରେ ଆଧାର କରି, ଦକ୍ଷତା ବିକାଶ ଏବଂ ତାଲିମ ପ୍ରତ୍ୟେକ ପରିବାରକୁ ଛଅ ମାସ ମଧ୍ୟରେ ପ୍ରଦାନ କରାଯିବା ପରେ ପ୍ରତ୍ୟେକ ହିତାଧିକାରୀଙ୍କୁ 5,000 ଟଙ୍କାର ଦ୍ୱିତୀୟ କିସ୍ତି ପ୍ରଦାନ କରାଯିବାର ଥିଲା । ପ୍ରତ୍ୟେକଙ୍କୁ ତୃତୀୟ ତଥା ଅନ୍ତିମ କିସ୍ତି 2,500 ଟଙ୍କା, ସମ୍ପତ୍ତିର ରୂପରେଖ ନେବା ପରେ ଏବଂ ବିଭାଗ ଦ୍ୱାରା ଯାଞ୍ଚ ପରେ ପ୍ରଦାନ କରାଯିବାର ଥିଲା ।

ରେକର୍ଡ ଗୁଡ଼ିକର ଯାଞ୍ଚରୁ ଜଣାପଡ଼ିଲା ଯେ ଦକ୍ଷତା ବିକାଶ ଏବଂ ତାଲିମ ନ ଦେଇ ମାର୍ଚ୍ଚ 2021 ସୁଦ୍ଧା 18 ଲକ୍ଷ ହିତାଧିକାରୀଙ୍କୁ ତିନୋଟି କିସ୍ତିରେ 2,007.67 କୋଟି ଟଙ୍କା ପ୍ରଦାନ କରାଯାଇଥିଲା । ଅଡିଟ୍ ଲକ୍ଷ୍ୟ କଲା ଯେ 4.89 ଲକ୍ଷ ହିତାଧିକାରୀଙ୍କ ପାଇଁ ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ କରିବା ପାଇଁ ନିର୍ଦ୍ଦେଶକ, ଉଦ୍ୟାନ କୃଷି (ଡିଏଚ୍)ଙ୍କୁ 4.89 କୋଟି ଟଙ୍କା (ଫେବୃଆରୀ 2019) ପ୍ରଦାନ କରାଯାଇଥିଲା । ମାର୍ଚ୍ଚ 2021 ପର୍ଯ୍ୟନ୍ତ ଉଦ୍ୟାନ କୃଷି କେବଳ 3.96 ଲକ୍ଷ ହିତାଧିକାରୀଙ୍କୁ ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ ଅଧିନରେ ଅନ୍ତର୍ଭୁକ୍ତ କରିଥିଲେ ଏବଂ 0.93 ଲକ୍ଷ ହିତାଧିକାରୀଙ୍କ ପାଇଁ ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମର ଅଭାବ ଥିଲା । ଅଡିଟ୍ ଏହା ମଧ ଦେଖିଥିଲେ ଯେ ଏହି ହିତାଧିକାରୀଙ୍କ ଜୀବିକା ନିର୍ବାହ ପାଇଁ କାର୍ଯ୍ୟକଳାପ ଚୟନକୁ ତଥ୍ୟାବଳୀରେ ଦଖଲ କରିବାରେ ବିଭାଗ ବିଫଳ ହୋଇଥିଲେ ।

14.04 ଲକ୍ଷ ହିତାଧିକାରୀଙ୍କୁ ଆବଶ୍ୟକୀୟ ତାଲିମ ନ ଦେଇ ଏବଂ ଏହି ଦୁର୍ବଳ ତଥା ଅଭାବୀ ଶ୍ରେଣୀଙ୍କୁ ସହାୟତା ରାଶି ବାବଦରେ 1,755 କୋଟି ଟଙ୍କା (14,00,000 ହିତାଧିକାରୀ x 12,500 ଟଙ୍କା) ପ୍ରଦାନ କରାଯାଇଥିଲା ଯାହା କିଛି ପରିମାଣରେ ଏହି ଯୋଜନାର ଉଦ୍ଦେଶ୍ୟକୁ ବିଫଳ କରିଥିଲା । କାର୍ଯ୍ୟକଳାପର ଘରୋଇ ପସନ୍ଦ, ସ୍ଥିତି ଭିତ୍ତିଭୂମି ଏବଂ ସମ୍ପତ୍ତିର ଯାଞ୍ଚର ସ୍ଥିତିକୁ ବିଭାଗ ଦଖଲ କରିନଥିଲେ । ତେଣୁ, ଧାର୍ଯ୍ୟ ହିତାଧିକାରୀଙ୍କ ନିକଟରେ ପହଞ୍ଚିବା ଏବଂ ଏହା ଦ୍ୱାରା ଆୟ ବୃଦ୍ଧି ଏବଂ କୃଷି ସମୃଦ୍ଧତାକୁ ତ୍ୱରାନ୍ୱିତ କରି ଆବଶ୍ୟକୀୟ ଲାଭର ଉଦ୍ଦେଶ୍ୟର ସଫଳତାକୁ ଅଡିଟ୍ ମୂଲ୍ୟାଙ୍କନ କରିପାରିଲା ନାହିଁ ।

ଏଥିରେ ସହମତ ହୋଇ ସରକାର ବ୍ୟକ୍ତ କଲେ ଯେ କୋଭିଡ୍-19 ମହାମାରୀ ହେତୁ ସମସ୍ତ କ୍ଷେତ୍ର କାର୍ଯ୍ୟକଳାପ ବନ୍ଦ ହୋଇଯାଇଥିଲା । କୋଭିଡ୍-19 ର ସ୍ୱାଭାବିକତା ପରେ, ଦକ୍ଷତା ବିକାଶ ତାଲିମ୍ କାର୍ଯ୍ୟକ୍ରମ ଶେଷ କରିବାକୁ 13.11 କୋଟି ଟଙ୍କା ପ୍ରଦାନ କରାଯାଇଥିଲା ।

ତଥାପି, ବାସ୍ତବତା ରହିଲା ଯେ ଆବଶ୍ୟକ ତାଲିମ ନ ଦେଇ ସହାୟତା ପରିମାଣ ପ୍ରଦାନ କରାଯାଇଥିଲା ଯାହା ଯୋଜନାର ଉଦ୍ଦେଶ୍ୟକୁ ବିଫଳ କରିଥିଲା ।

---

31 (i) କ୍ଷୁଦ୍ର ଛେଳି ଚାଷ ୟୁନିଟ୍, (2) କ୍ଷୁଦ୍ର ଅଣ୍ଡା ଦିଆ କୁକୁଡ଼ା ୟୁନିଟ୍, (3) ଦ୍ୱିବିଧ ସ୍ୱଚ୍ଛ ବ୍ୟୟୀ ପକ୍ଷୀ ୟୁନିଟ୍, (4) ବତକ ୟୁନିଟ୍, (5) ମତ୍ସ୍ୟ ଉପକରଣ, (6) ମହୁ ଚାଷ (7) ଛତୁ ଚାଷ, ଏବଂ (8) ଦୁଗ୍ଧ ବିକାଶ

## 2.2.6 ସୂଚନା ପ୍ରଯୁକ୍ତି ବିଦ୍ୟା ପ୍ରଣାଳୀର ବିକାଶ

> କାଳିଆ ପୋର୍ଟାଲ ନିର୍ଦ୍ଦିଷ୍ଟିକରଣ ସଫ୍ଟୱ୍ୟାର (ଏସ୍ଆର୍ଏସ୍) ର ଅଭାବ ଏବଂ ଅନୁପଯୁକ୍ତ ପ୍ରୟୋଗ ନିୟନ୍ତ୍ରଣ, ଇନ୍‌ପୁଟ୍ ଅଭାବ ଏବଂ ବୈଧକରଣ ନିୟନ୍ତ୍ରଣ ବିନା ବିକଶିତ ହୋଇଥିଲା । ଏହାଦ୍ୱାରା ଭୁଲ୍ ତଥ୍ୟ ପ୍ରକ୍ରିୟାକରଣ ଏବଂ ରେକର୍ଡଗୁଡ଼ିକର ନକଲି ହୋଇଥିଲା ।
>
> ଅଡିଟ୍ ବିଶ୍ଳେଷଣରୁ ଜଣାପଡ଼ିଛି ଯେ କାରବାର ସମାପ୍ତ ଏବଂ ଲିପିବଦ୍ଧ ହେଲା ପରେ, ଗୁରୁତ୍ୱପୂର୍ଣ୍ଣ ତଥ୍ୟ କୌଣସି ଲଗ୍ କିମ୍ବା ଅଡିଟ୍ ଟ୍ରେଲ୍ ବିନା ପୁନର୍ବାର ମାନୁଆଲି ଅପଡେଟ୍ ହୋଇଥିଲା ।

କାଳିଆ ଯୋଜନା କାର୍ଯ୍ୟକାରିତା ଉପରେ ନଜର ରଖିବା ଏବଂ ଯୋଜନା ପରିଚାଳନା ପାଇଁ ସରକାର କାଳିଆ ପୋର୍ଟାଲ ନାମକ ଏକ ସୂଚନା ପ୍ରଯୁକ୍ତି ବିଦ୍ୟା ପ୍ରଣାଳୀର ବିକଶିତ କରିଥିଲେ । ଏହି ପ୍ରଣାଳୀରେ ୱେବ୍ ସର୍ଭର ୱିଣ୍ଡୋ 2016 ସର୍ଭରର ଇଣ୍ଟରନେଟ୍ ଇନଫର୍ମେସନ ସର୍ଭିସ୍(ଆଇଆଇଏସ୍), ଏଏସ୍‌ପି ନେଟ୍ ଆପ୍ଲିକେସନ ପ୍ରାଟଫର୍ମ ଏବଂ ଏମ୍.ଏସ୍.ଏସ୍ କ୍ୟୁଏଲ୍ ସର୍ଭର 2012 ତଥ୍ୟାବଳୀ ସର୍ଭର ଗୁଡ଼ିକ ବ୍ୟବହୃତ ହୋଇଥିଲା । ଏହି ଆପ୍ଲିକେସନଟି ଓଡ଼ିଶା ରାଜ୍ୟ ତଥ୍ୟ କେନ୍ଦ୍ରରେ ସ୍ଥାପିତ ହୋଇଥିଲା । ଏହି ପ୍ରଣାଳୀର ବିକାଶ ପ୍ରକ୍ରିୟା ଉପରୋକ୍ତ ଅନୁଚ୍ଛେଦରେ ଦର୍ଶାଯାଇଥିବା ଅଭାବ ଗୁଡ଼ିକରେ ପରିପୂର୍ଣ୍ଣ ଥିଲା, ଏହା ଯୋଗୁଁ ଏହି ଯୋଜନାରେ ଅନେକ ଅଯୋଗ୍ୟ ହିତାଧିକାରୀଙ୍କୁ ଅନ୍ତର୍ଭୁକ୍ତ କରାଯାଇଥିଲା ଏବଂ କେତେକ ଯୋଗ୍ୟ ହିତାଧିକାରୀମାନଙ୍କୁ ବାଦ ଦିଆଯାଇଥିଲା । ଏହି ସୂଚନା ପ୍ରଯୁକ୍ତି ବିଦ୍ୟା ପ୍ରଣାଳୀରେ ଲକ୍ଷ୍ୟ କରାଯାଇଥିବା ଅଭାବ ଗୁଡ଼ିକ ନିମ୍ନରେ ବର୍ଣ୍ଣନା କରାଯାଇଛି:

### 2.2.6.1 ପ୍ରଣାଳୀର ବିକାଶରେ ଯୋଜନାର ଅଭାବ

ଏକ ସଫ୍ଟୱେୟାର ରିକ୍ୱାରମେଣ୍ଟ ସ୍ପେସିଫିକେସନ୍ (ଏସ୍ଆର୍ଏସ୍) ଡକ୍ୟୁମେଣ୍ଟ ବିକଶିତ ହେବାକୁ ଥିବା ସଫ୍ଟୱେୟାର/ ପ୍ରଣାଳୀର ଉଦ୍ଦେଶ୍ୟ, ଆବଶ୍ୟକତା ଏବଂ ପ୍ରକୃତି ବର୍ଣ୍ଣନା କରେ । ଏହା ଏକ ସୂଚନା ପ୍ରଯୁକ୍ତି ବିଦ୍ୟା ପ୍ରଣାଳୀର ଉପଯୁକ୍ତ ଡିଜାଇନ୍ ଏବଂ କାର୍ଯ୍ୟକାରିତା ସୁନିଶ୍ଚିତ କରେ । ତେବେ ଯାଞ୍ଚ ପରେ ଏଥିରେ ଥିବା ନିମ୍ନ ଅନିୟମିତତା ଗୁଡ଼ିକ ନଜରକୁ ଆସିଥିଲା:

- **ପ୍ରଣାଳୀ ବିକାଶ:** ପରାମର୍ଶଦାତାଙ୍କ ଯୋଗଦାନ ଏବଂ ସେବାର ଆଉଟ୍‌ସୋର୍ସିଂ ପାଇଁ ନିର୍ଦ୍ଦେଶାବଳୀର (ନଭେମ୍ବର 2018) ଅନୁଚ୍ଛେଦ 6.2 ଅନୁଯାୟୀ, 10 ଲକ୍ଷ ଟଙ୍କାରୁ ଅଧିକ ମୂଲ୍ୟ ଥିବା ପ୍ରତ୍ୟେକ କାର୍ଯ୍ୟ କିମ୍ବା ସେବାର ପରାମର୍ଶଦାତା ଚୟନ ପାଇଁ ଖୋଲା ବିଜ୍ଞାପନ ରହିବା ଉଚିତ୍ । କାଳିଆ ଯୋଜନାରେ କାଳିଆ ୱେବ୍ ପୋର୍ଟାଲ୍ ବିକାଶ ଓ ହିତାଧିକାରୀମାନଙ୍କର ଡାଟା ପରିଚାଳନା ନିମନ୍ତେ ବିଭାଗ ସିଏସ୍ଏମ୍ ଟେକ୍ନୋଲୋଜି ପ୍ରାଇଭେଟ୍ ଲିମିଟେଡ୍(ସିଏସ୍ଏମ୍)କୁ ସିଷ୍ଟମ୍ ସପୋର୍ଟ ଟିମ୍(ଏସ୍ଏସ୍‌ଟି) ଭାବରେ ଇଡ୍‌କଲ ସଫ୍ଟୱେୟାର ଲିମିଟେଡ୍(ଆଇଏସ୍ଏଲ୍)[32] ମାଧ୍ୟମରେ ମାର୍ଚ୍ଚ 2019ରେ ନିଯୁକ୍ତି ଦେଇଥିଲା । ଖାଦ୍ୟ ଯୋଗାଣ ଏବଂ ଉପଭୋକ୍ତା କଲ୍ୟାଣ (ଏଫ୍ଏସ୍ଆଣ୍ଡସିଡବ୍ଲୁ)ର ଚୁକ୍ତି/ଚୁକ୍ତିନାମା ବୃଦ୍ଧି ବୋଲି ବିବେଚନା କରି ବିନା ଟେଣ୍ଡର ଆହ୍ୱାନରେ ଏକ କୋଟି ଟଙ୍କାର କାର୍ଯ୍ୟ ସିଏସ୍ଏମ୍‌କୁ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକୁ କାର୍ଯ୍ୟକାରୀ କରିବା ପାଇଁ ଫାର୍ମ ସହିତ କୌଣସି ଚୁକ୍ତିନାମା ମଧ୍ୟ କରାଯାଇ ନଥିଲା । ଅଡିଟ୍ ଦ୍ୱାରା ତଥ୍ୟ ବିଶ୍ଳେଷଣରୁ ଜଣାପଡ଼ିଲା ଯେ ସିଏସ୍ଏମ୍ ଜାନୁଆରୀ 2019 ରୁ କାଳିଆ ଯୋଜନା ପାଇଁ କାର୍ଯ୍ୟ କରୁଥିଲା ଅର୍ଥାତ୍ ଏହି ଦିନ ସରକାରଙ୍କ ଅନୁମୋଦନ ଏବଂ ସିଏସ୍ଏମ୍‌କୁ କାର୍ଯ୍ୟାଦେଶ ଦିଆଯିବା ଦିନ ପୂର୍ବରୁ ଥିଲା । ଏହା ସୂଚାଇ ଦେଉଛି ଯେ ଟେଣ୍ଡର ଆହ୍ୱାନ ନକରି କାର୍ଯ୍ୟ ପାଇଁ ଅନୌପଚାରିକ ଭାବରେ ସିଏସ୍ଏମ୍‌କୁ ଅହେତୁକ ଅନୁକମ୍ପା ଦେଖାଇଥିଲେ ।

ଉତ୍ତରରେ ସରକାର ବ୍ୟକ୍ତ କଲେ (ଅପ୍ରେଲ 2022) ଯେ, ସମସ୍ତ କୋଡାଲ ଔପଚାରିକ ପାଳନ କରି ଆଇଏସ୍ଏଲ୍ ମାଧ୍ୟମରେ ସିଏସ୍ଏମ୍ ଟେକ୍ନୋଲୋଜିକୁ ନିୟୋଜିତ କରାଯାଇଥିଲା । ତଥାପି ଏହା ସତ୍ୟ ଯେ

[32] ଇଡ୍‌କଲ ସଫ୍ଟୱେର ଲିମିଟେଡ୍ (ଆଇଏସ୍ଏଲ୍) ହେଉଛି ଓଡ଼ିଶା ସରକାରଙ୍କ ଏକ ସରକାରୀ ଉଦ୍ୟୋଗ

ଆଇଏସ୍ଏଲ୍ ବିନା ଟେଣ୍ଡର କରି ସିଏସ୍ଏମ୍‌କୁ ମାର୍ଚ୍ଚ 2019 ରେ କାର୍ଯ୍ୟାଦେଶ ଦେଇଥିଲେ ଯେତେବେଳକୁ ସିଏସ୍ଏମ୍ ପ୍ରକଳ୍ପ କାର୍ଯ୍ୟ ଜାନୁଆରୀ 2019 ରେ ଆରମ୍ଭ କରିସାରିଥିଲେ ।

- **ପ୍ରଣାଳୀ ଲାଗୁ ହେଲା ପରେ ଅଭାବୀ ଏସ୍ଆର୍ଏସ୍‌ର ଅନୁମୋଦନ:** ପ୍ରକଳ୍ପ କାର୍ଯ୍ୟକାରୀ ହେବା ପୂର୍ବରୁ ଏସ୍ଆର୍ଏସ୍ ପ୍ରସ୍ତୁତ ଏବଂ ଅନୁମୋଦନ ହେବା ଉଚିତ୍ । ଅଡିଟ୍ ଲକ୍ଷ୍ୟ କଲେ ଯେ ପ୍ରକଳ୍ପ କାର୍ଯ୍ୟକାରୀ ହେବା ପୂର୍ବରୁ ସିଏସ୍ଏମ୍ ବିଭାଗକୁ କୌଣସ ଏସ୍ଆର୍ଏସ୍ ଦସ୍ତାବିଜ୍ ଦାଖଲ କରି ନଥିଲେ । ଯଦିଓ ବିଭାଗ ଏସ୍ଆର୍ଏସ୍ ଦସ୍ତାବିଜକୁ ଠିକ୍ ସମୟରେ ଦାଖଲ କରିବା ପାଇଁ କୌଣସି ସ୍ମାରକପତ୍ର ପ୍ରଦାନ କରିନଥିଲେ, ପ୍ରକଳ୍ପ ଏବଂ ଉପଭୋକ୍ତା ଗ୍ରହଣ ପରୀକ୍ଷା (31 ଅଗଷ୍ଟ 2019) ସମାପ୍ତ ହେବା ପରେ ଏହା (ନଭେମ୍ବର 2019) ଏସ୍ଆର୍ଏସ୍ ଦସ୍ତାବିଜକୁ ଅନୁମୋଦନ କରିଥିଲେ ।

  ଏହିପରି ଅଡିଟ୍ ଯାଞ୍ଚରୁ ଜଣାପଡ଼ିଛି ଯେ, ସିଏସ୍ଏମ୍ ଦ୍ୱାରା ଦାଖଲ ହୋଇଥିବା ଅଭିଯୋଗ ପ୍ରତିକାର ପ୍ରଣାଳୀ ଏସ୍ଆର୍ଏସ୍ ଦସ୍ତାବିଜର ଏକ ଅଂଶ ଅପ୍ରାସଙ୍ଗିକ ଥିଲା କାରଣ ଅନେକ କ୍ଷେତ୍ରରେ "କଲ୍ୟାଣ ମଣ୍ଡପ ବୁକିଂ" କିମ୍ବା "ଟାଉନ୍‌ହଲ ବୁକିଂ" ଏବଂ ଅଭିଯୋଗ ବର୍ଗ, ପରିମଳ ଏବଂ ଜନସ୍ୱାସ୍ଥ୍ୟ ସହିତ ବିଇଏମ୍ସି ଯୋଜନାର ବର୍ଦ୍ଧିତ ବିବରଣୀ ଇତ୍ୟାଦି ଦର୍ଶାଉଥିଲା ଯାହା କାଳିଆ ସହିତ ଜଡ଼ିତ ନଥିଲା । ଏସ୍ଆର୍ଏସ୍‌ରେ ଥିବା ତ୍ରୁଟିର ବିବରଣୀ ***ପରିଶିଷ୍ଟ-II*** ରେ ଦର୍ଶାଯାଇଛି । ପରବର୍ତ୍ତୀ ସମୟରେ ବିଭାଗ ଅଭିଯୋଗ ଏବଂ ପ୍ରତିକାରର ମଡ୍ୟୁଲକୁ ସମୂହ ସଂଶୋଧନ (ନଭେମ୍ବର 2019) କରିଥିଲେ । ଯେହେତୁ ପ୍ରକଳ୍ପ କାର୍ଯ୍ୟକାରୀ ହେବା ପରେ ଏସ୍ଆର୍ଏସ୍ ଦସ୍ତାବିଜ୍ ଗ୍ରହଣ କରାଯାଇଥିଲା, ଉଦ୍ଦେଶ୍ୟମୂଳକ ହିତାଧିକାରୀ ମାନେ ଉକ୍ତ ଅବଧି ମଧ୍ୟରେ ଅନ୍ତର୍ଭୁକ୍ତ ହେବା ପାଇଁ ନିଜର ଅଭିଯୋଗ ଉପସ୍ଥାପନ କରିବାର ସୁଯୋଗରୁ ବଞ୍ଚିତ ହୋଇଥିଲେ । ଏହା ସଠିକ୍ ସିଷ୍ଟମ ଅଧ୍ୟୟନ ଏବଂ ଆବଶ୍ୟକ ମୂଲ୍ୟାଙ୍କନ ବିନା ସିଷ୍ଟମର ତ୍ୱରିତ ବିକାଶକୁ ସୂଚାଇଥାଏ ଯାହା ପାଇଁ ଅଡିଟ୍ ଦ୍ୱାରା ଦେଖାଯାଇଥିବା କାର୍ଯ୍ୟକାରିତା ଅଭାବକୁ ପରବର୍ତ୍ତୀ ଅନୁଚ୍ଛେଦରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଅଛି ।

  ସରକାର ବ୍ୟକ୍ତ କଲେ (ଅପ୍ରେଲ 2022) ଯେ ଏସ୍ଆର୍ଏସ୍ ଦସ୍ତାବିଜ୍ ଧାର୍ଯ୍ୟ ସମୟ ମଧ୍ୟରେ ପ୍ରସ୍ତୁତ କରାଯାଇଥିଲା କିନ୍ତୁ ପ୍ରକଳ୍ପ କାର୍ଯ୍ୟକାରୀ ସମୟରେ ଆଲୋଚନା ଦ୍ୱାରା ଏସ୍ଆର୍ଏସ୍ ଦ୍ୱାରା କିଛି ଶୁଦ୍ଧିକରଣ/ ସଂଶୋଧନ କରାଯାଇଥିଲା । ସିଏସ୍ଏମ୍ ଦ୍ୱାରା ଦାଖଲ ହୋଇଥିବା ଅପ୍ରାସଙ୍ଗିକ ଏସ୍ଆର୍ଏସ୍ ଉପରେ ଅଡିଟ୍ ମନ୍ତବ୍ୟ ପାଇଁ ଉତ୍ତର ନିର୍ଦ୍ଦିଷ୍ଟ ନୁହେଁ ।

### 2.2.6.2 ଏକ ଅବ୍ୟବସ୍ଥିତ ଏବଂ ଅସଙ୍ଗତ କୃଷକ ତଥ୍ୟାବଳୀର ବିକାଶ

ଶିଳ୍ପର ଉତ୍ତମ ଅନୁଶୀଳନ ଅନୁଯାୟୀ, ଏକ ମାଷ୍ଟର ଟେବୁଲ୍ ତିଆରି ହେବା ପରେ ଏହାର ତଥ୍ୟରେ କୌଣସି ପରିବର୍ତ୍ତନ ହେବା ଉଚିତ୍ ନୁହେଁ । ଯଦିଓ, ଆବଶ୍ୟକ ହୁଏ, ପରିବର୍ତ୍ତନଗୁଡ଼ିକର ଇତିହାସକୁ ବଞ୍ଚାଇବା ପାଇଁ ମୁଖ୍ୟ ତଥ୍ୟରେ କରାଯାଇଥିବା ପରିବର୍ତ୍ତନଗୁଡିକର ସଠିକ୍ ଭାବରେ ଲଗ୍ ରଖିବା ଆବଶ୍ୟକ । ଅଡିଟ୍‌କୁ ବିଭାଗ ଦୁଇଟି ସେଟ୍ ତଥ୍ୟ ପ୍ରଦାନ କରିଥିଲେ (ଗୋଟିଏ ସେପ୍ଟେମ୍ବର 2020 ରେ ଏବଂ ଗୋଟିଏ ଅପ୍ରେଲ 2021 ରେ) । ଅଡିଟ୍ ଏହି ଦୁଇଟି ତଥ୍ୟ ସେଟର ମାଷ୍ଟର ତଥ୍ୟର ପରିବର୍ତ୍ତନ ବିଷୟରେ ବିଶ୍ଳେଷଣ କଲେ ଏବଂ ତଥ୍ୟାବଳୀରେ ଜଟିଳ ଅସଙ୍ଗତି ଦେଖିଥିଲେ । ଅଡିଟ୍ ମଧ୍ୟ ଲଗ୍‌ର ରକ୍ଷଣାବେକ୍ଷଣ ନହେବା ଏବଂ କାରବାରର ଅଡିଟ୍ ଟ୍ରେଲ୍ ତଥ୍ୟର ଅଖଣ୍ଡତା ହରାଇଥିବା ଦେଖିବାକୁ ପାଇଲେ । ଅଡିଟ୍ ଦ୍ୱାରା ଲକ୍ଷ୍ୟ କରାଯାଇଥିବା ଅସଙ୍ଗତିଗୁଡ଼ିକ ନିମ୍ନରେ ଉଲ୍ଲେଖ କରାଯାଇଛି :

- **ଆବେଦନକାରୀଙ୍କ ମୁଖ୍ୟ ତଥ୍ୟରେ ପରିବର୍ତ୍ତନ:** କାଳିଆ ଅଧିନରେ, ବିଭାଗ ତିନିଟି ପର୍ଯ୍ୟାୟରେ [33] ହିତାଧିକାରୀ ତାଲିକାରେ ଅନ୍ତର୍ଭୁକ୍ତ ହେବା ପାଇଁ ରାଜ୍ୟର ନାଗରିକଙ୍କ ଠାରୁ ଏକ

[33] ପ୍ରଥମ ପର୍ଯ୍ୟାୟ – 14 ଜାନୁଆରୀ 2019 ରୁ 9 ଫେବୃଆରୀ 2019 – 65.77 ଲକ୍ଷ
ଦ୍ୱିତୀୟ ପର୍ଯ୍ୟାୟ – 14 ଫେବୃଆରୀ 2019 ରୁ 11 ମାର୍ଚ୍ଚ 2019 – 30.98 ଲକ୍ଷ
ତୃତୀୟ ପର୍ଯ୍ୟାୟ – 6 ଅଗଷ୍ଟ 2019 ରୁ 4 ସେପ୍ଟେମ୍ବର 2019 – 3.37 ଲକ୍ଷ

କୋଟି ଆବେଦନ ପତ୍ର ଗ୍ରହଣ କରିଥିଲେ । ଆବେଦନ ପତ୍ର ଗୁଡ଼ିକରେ ଦିଆଯାଇଥିବା ତଥ୍ୟକୁ ପୃଥକ ପର୍ଯ୍ୟାୟରେ ସାରଣୀରେ ରଖାଯାଇଥିଲା । ସେହି ସାରଣୀଗୁଡ଼ିକର ଏକୀକରଣ ଏବଂ ଯାଞ୍ଚ ଦ୍ୱାରା, ପୃଥକ ହିତାଧିକାରୀ ସାରଣୀଗୁଡିକ ସୃଷ୍ଟି କରାଯାଇଥିଲା ଯାହାକି ସହାୟତା ପ୍ରଦାନ ପାଇଁ ହିତାଧିକାରୀଙ୍କ ମୁଖ୍ୟ ସାରଣୀ ଥିଲା । ତେଣୁ, ମୁଖ୍ୟ ସାରଣୀରେ ଥିବା ନାମଗୁଡ଼ିକ ଆବେଦନପତ୍ର ଗୁଡ଼ିକରେ ଦିଆଯାଇଥିବା ନାମ ସମାନ ହେବା ଆବଶ୍ୟକ । କିନ୍ତୁ, ଅଡିଟ୍ ବିଶ୍ଳେଷଣରୁ ଜଣାପଡ଼ିଲା ଯେ ହିତାଧିକାରୀ ମୁଖ୍ୟ ସାରଣୀରେ 295 ହିତାଧିକାରୀଙ୍କ ନାମ ଏବଂ ଆବେଦନ ପତ୍ର ଗୁଡ଼ିକରେ ଦିଆଯାଇଥିବା ନାମରେ ପରିବର୍ତ୍ତନ ଥିଲା, ଯାହାଦ୍ୱାରା ହିତାଧିକାରୀଙ୍କର ସନ୍ଦେହଜନକ ଚୟନ ହୋଇଥିଲା । ହିତାଧିକାରୀଙ୍କ ନାମ ଏବଂ ସେହି ହିତାଧିକାରୀଙ୍କ ଆବେଦନ ପତ୍ର ନାମ ମଧ୍ୟରେ ହୋଇଥିବା ପରିବର୍ତ୍ତନ ଗୁଡ଼ିକର ନମୁନା ନିମ୍ନରେ ପ୍ରଦାନ କରାଗଲା:

**ସାରଣୀ ସଂଖ୍ୟା 2.10: ଆବେଦନକାରୀ ମୁଖ୍ୟ ସାରଣୀ ଏବଂ କାଳିଆ ତଥ୍ୟାବଳୀରେ ହିତାଧିକାରୀ ସାରଣୀରେ ସମାନ ଆଧାର ନମ୍ବର ଦେଖାଇଥିବା ନାମଗୁଡ଼ିକର ନମୁନା**

| କ୍ର. ସଂ. | ହିତାଧିକାରୀ ତଥ୍ୟ ଅନୁଯାୟୀ ନାମ | ଆବେଦନ ପତ୍ର ତଥ୍ୟ ଅନୁଯାୟୀ ନାମ |
|---|---|---|
| *1* | *2* | *3* |
| 1 | ବିଷ୍ଣୁ ସୁନାନୀ | ନାଥ ହରିଜନ |
| 2 | ଟି. ଫକିର | ଟି. ତୁଳସମା |
| 3 | ପଞ୍ଚୁ ଥେଲା | ଗୁରା ମାହାର |
| 4 | ଉମାକାନ୍ତ ବିଶ୍ୱାଳ | ଦିପ୍ତି ସ୍ୱାଇଁ |
| 5 | ହିମିରିକା ନୁକା | ଅମଲୁ କାଡ୍ରାକା |
| 6 | ଏସ୍ କେ କାଶିମୁଦ୍ଦିନ୍ | ସମିରୁନ୍ ବିବି |
| 7 | ରିୟାଜୁଦ୍ଦିନ୍ ଖାନ୍ | ସୋଫିଆ ବାନୋ |
| 8 | ତୁଳସୀ ବାଗ | ରାମଚନ୍ଦ୍ର ବାଗ |
| 9 | ନମିତା ମାଳୀ | ରିତାରାଣୀ ରାୟ |
| 10 | ଆକାଶ ଚନ୍ଦ୍ର ନାଏକ | ପିଙ୍କି ନାଏକ |
| 11 | ଶରତ କୁମାର ସେଠୀ | ତ୍ରିଲୋଚନ ସେଠୀ |
| 12 | ସୁବୋଧ କୁମାର ଭଦ୍ରା | ନଳିନୀ ପ୍ରିୟଦର୍ଶିନୀ ଭଦ୍ରା |
| 13 | ଗୌରୀପ୍ରସାଦ ମାଝି | ପୁଷ୍ପାଞ୍ଜଳି ନାଏକ |
| 14 | ଘନଶ୍ୟାମ ଗୌଡ଼ | ଦିଲିପ କୁମାର ଗୌଡ଼ |
| 15 | ବିଡିକା ଶିବାନୀ | ଶିବାଜୀ ବିଡିକା |
| 16 | ହେମବତୀ ରାଉଳ | ପୂର୍ଣ୍ଣଚନ୍ଦ୍ର ରାଉଳ |
| 17 | ରସିକ ସା | ଡୋଲାରାମ ସାହୁ |
| 18 | ସତ୍ୟାନନ୍ଦ ସାହୁ | ସୁଶୀଳ ସାହୁ |
| 19 | ଅରୁଣ କୁମାର ସାହୁ | ଗଜେନ୍ଦ୍ର ସାହୁ |
| 20 | ମହାଦେବ ନାଏକ | ନିରୂପମା ନାଏକ |

*(ଉତ୍ସ: ବିଭାଗ ଦ୍ୱାରା ଦିଆଯାଇଥିବା ତଥ୍ୟ)*

ସେହିପରି, ଅଡିଟ୍ ପ୍ରଥମ ପର୍ଯ୍ୟାୟ ଦେୟ ପାଇଁ ଆବେଦନ ମାଷ୍ଟର ଟେବୁଲରେ ବ୍ୟାଙ୍କ ଖାତା ସଂଖ୍ୟା, କୃଷକ ପ୍ରକାର ପରି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରଗୁଡ଼ିକ ବିଶ୍ଳେଷଣ କରିଥିଲେ ଏବଂ ଦେଖିଲେ ଯେ 1480 ହିତାଧିକାରୀଙ୍କ ଖାତା ସଂଖ୍ୟା ହିତାଧିକାରୀ ମାଷ୍ଟର ଟେବୁଲରେ ପରିବର୍ତ୍ତିତ ହୋଇଥିଲା, ଯେହେତୁ କୌଣସି ଅଡିଟ୍ ଟ୍ରେଲ/ଲଗ୍ ବିନା ଅନ୍ୟ ପରି ଅବାଞ୍ଛିତ ବର୍ଣ୍ଣଗୁଡ଼ିକ ଯେପରିକି 'ଅନ୍ୟାନ୍ୟ' ବ୍ୟାଙ୍କ ଖାତା ସଂଖ୍ୟାରୁ ବାହାର କରିଦିଆଯାଇଥିଲା । ଏହା ସୂଚାଇ ଦିଏ ଯେ ଆବେଦନ ମାଷ୍ଟର ଟେବୁଲରେ ବ୍ୟାଙ୍କ ଖାତା କ୍ଷେତ୍ର ପୂରଣ କରିବା ସମୟରେ କୌଣସି ଇନ୍‌ପୁଟ୍ ବୈଧତା ନଥିଲା । ଉପରୋକ୍ତ ବ୍ୟତୀତ, ଅଡିଟ୍ ମଧ୍ୟ **ଅନୁଚ୍ଛେଦ 2.2.3** ରେ ନକଲି ବ୍ୟାଙ୍କ ଖାତାଗୁଡ଼ିକର ଉପସ୍ଥିତି ଦର୍ଶାଇଛନ୍ତି ।

ତଥ୍ୟ ବିଶ୍ଳେଷଣରୁ ଜଣାଗଲା ଯେ 162 ଜଣ କୃଷକ ତିନିଟି ପର୍ଯ୍ୟାୟରେ 12,500 ଟଙ୍କା ପାଇବାକୁ ଯୋଗ୍ୟ ଥିବା ବେଳେ ଭୂମିହୀନ (ଏଲ୍ଏଲ୍) ବର୍ଗରେ ଆବେଦନ କରିଥିଲେ, ଦେୟ ପ୍ରଦାନ ପାଇଁ

ହିତାଧିକାରୀ ମାଷ୍ଟର ଟେବୁଲରେ ସେମାନଙ୍କୁ ପାଞ୍ଚଟି ପର୍ଯ୍ୟାୟରେ 25,000 ଟଙ୍କା ପ୍ରଦାନ ପାଇଁ ସେମାନଙ୍କ ବର୍ଗକୁ କ୍ଷୁଦ୍ର/ ନାମ ମାତ୍ର ଚାଷୀ (ଏସଏମ୍ଏଫ୍) ରେ ପରିବର୍ତ୍ତନ କରାଯାଇଥିଲା । ସେହିଭଳି, ଏସ୍ଏମ୍ଏଫ୍ ଅଧୀନରେ ଆବେଦନ କରିଥିବା 253 ଚାଷୀଙ୍କୁ ମଧ୍ୟ ଦେୟ ଉଦ୍ଦେଶ୍ୟରେ ଏଲ୍ଏଲ୍ ଭାବରେ ଦର୍ଶାଯାଇଥିଲା । ହିତାଧିକାରୀ ମାଷ୍ଟର ଟେବୁଲରେ ଚାଷୀ ବର୍ଗର ପରିବର୍ତ୍ତନର 56,876 ମାମଲା ମଧ୍ୟ ରହିଥିଲା ଯେପରି 'ଅନ୍ୟାନ୍ୟ'କୁ ଏସ୍ଏମ୍ଏଫ୍, 'ଅନ୍ୟାନ୍ୟ'କୁ ଏଲ୍ଏଲ୍ ଏବଂ ସିଲେକ୍ଟ କୁ ଏସ୍ଏମ୍ଏଫ୍କୁ ବଦଳାଇ ଦିଆଯାଇଥିଲା । ଉପରୋକ୍ତ ପରିବର୍ତ୍ତନ ଗୁଡିକର ଉତ୍ତରଦାୟିତ୍ୱ ପାଇଁ କୌଣସି ଲଗ୍ ନଥିଲା ଯାହା ଚୟନ ଏବଂ ଦେୟ ପ୍ରକ୍ରିୟାରେ ସମାନତା ଏବଂ ସ୍ୱଚ୍ଛତା ରକ୍ଷା ବ୍ୟତୀତ ଏହି ତଥ୍ୟାବଳୀକୁ ଅବିଶ୍ୱସନୀୟ ପ୍ରମାଣିତ କରିଦେଲା ।

ଏଥିରେ ସହମତ ହୋଇ ସରକାର ବ୍ୟକ୍ତ କଲେ (ଅପ୍ରେଲ 2022) ଯେ ଆବେଦନ ପତ୍ର ଗୁଡ଼ିକ କୃଷକମାନଙ୍କ ଠାରୁ ସବୁଜ ଫର୍ମରେ ଅଫ୍‌ଲାଇନ୍ ମାଧ୍ୟମରେ ସଂଗ୍ରହ କରାଯାଇଥିଲା ଯେଉଁଥିପାଇଁ ଆବେଦନ ମାଷ୍ଟର ଟେବୁଲରେ ଆବେଦନକାରୀଙ୍କ ବିବରଣୀ 100 ପ୍ରତିଶତ ସଠିକ୍ ନଥିଲା । ଅସଙ୍ଗତିଗୁଡ଼ିକ କ୍ଷେତ୍ର ଅଧିକାରୀଙ୍କ ଦ୍ୱାରା ଯାଞ୍ଚ କରାଯାଇଥିଲା ଏବଂ ହିତାଧିକାରୀଙ୍କ ବିବରଣୀକୁ ସଂଶୋଧନ କରାଯାଇଥିଲା । ଅଧିକନ୍ତୁ, ଯାଞ୍ଚ ପାଇଁ ଆନୁସଙ୍ଗିକ ତଥ୍ୟ ପ୍ରଦାନ ନକରି, ସରକାର ବ୍ୟକ୍ତ କଲେ ଯେ ଲଗ୍ ଗୁଡ଼ିକର ରକ୍ଷଣାବେକ୍ଷଣ କରାଯାଇଛି । ଉତ୍ତରଟି ଗ୍ରହଣୀୟ ନୁହେଁ କାରଣ ପ୍ରଣାଳୀର ଅଖଣ୍ଡତା ରକ୍ଷା କରିବା ପାଇଁ ଯାଞ୍ଚ ହୋଇଥିବା ତଥ୍ୟକୁ ଉପଯୁକ୍ତ ଲଗ୍ ସହିତ ପୃଥକ ଭାବରେ ସଂରକ୍ଷଣ କରାଯିବା ଉଚିତ୍ ଥିଲା ।

- **ଇନ୍‌ପୁଟ୍ ନିୟନ୍ତ୍ରଣ/ ବୈଧତାର ଅଭାବ ନକଲି ତଥ୍ୟକୁ ସ୍ଥାନ ଦେଲା:** କାଳିଆ ଯୋଜନାର ହିତାଧିକାରୀଙ୍କୁ ଆଧାର ସଂଖ୍ୟା ମାଧ୍ୟମରେ ଚିହ୍ନଟ କରାଯାଇଥିଲା ଏବଂ ସୁବିଧା ପ୍ରଦାନ ରାଶିର ପରିମାଣ ହିତାଧିକାରୀଙ୍କୁ ସିଧାସଳଖ ସୁବିଧା ସ୍ଥାନାନ୍ତର (ଡିବିଟି) ଦ୍ୱାରା ସେମାନଙ୍କ ବ୍ୟାଙ୍କ ଖାତାକୁ ହସ୍ତାନ୍ତର କରାଯାଇଥିଲା । ସଂପୃକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଦିଆଯାଇଥିବା ବ୍ୟାଙ୍କ ଖାତା ସଂଖ୍ୟା ଏବଂ ଆଧାର ସଂଖ୍ୟା ଅନନ୍ୟ ଅଟେ । ତେଣୁ, ପ୍ରତ୍ୟେକ ହିତାଧିକାରୀ, ଆବେଦନ ପତ୍ରରେ ଏକ ବ୍ୟାଙ୍କ ଖାତା ସଂଖ୍ୟା ଏବଂ ଆଧାର ସଂଖ୍ୟା ଦେବା ଉଚିତ୍ ଯାହାଦ୍ୱାରା ଲାଭ ଉଦ୍ଦିଷ୍ଟ ହିତାଧିକାରୀଙ୍କ ନିକଟରେ ପହଞ୍ଚିବ । ଆବେଦନକାରୀଙ୍କ ଦ୍ୱାରା ଦିଆଯାଇଥିବା ବ୍ୟାଙ୍କ୍ ଖାତା ସଂଖ୍ୟା ଏବଂ ଆଧାର ସଂଖ୍ୟାରେ ନକଲତା ରୋକିବା ପାଇଁ ତଥ୍ୟ ପ୍ରବେଶ ସମୟରେ ନକଲି ବୈଧତା ଯାଞ୍ଚ କରିବାର ଥିଲା, ଯାହା ନକଲି ଆଧାର ସଂଖ୍ୟା କିମ୍ବା ବ୍ୟାଙ୍କ ଖାତା ସଂଖ୍ୟାକୁ ତଥ୍ୟାବଳୀରେ ପ୍ରବେଶ ନକରିବାକୁ ସୁନିଶ୍ଚିତ କରିଥାନ୍ତା । ତାହାଛଡ଼ା ତଥ୍ୟ ପ୍ରବେଶ ସମୟରେ ଅବାଞ୍ଛିତ ଅନାବନା ବର୍ଣ୍ଣଗୁଡ଼ିକୁ ରୋକିବା ପାଇଁ ସେହି କ୍ଷେତ୍ରରେ ଏକ ତଥ୍ୟ ବୈଧତା ରହିବା ଉଚିତ ଥିଲା ।

  ହିତାଧିକାରୀ ତାଲିକାରେ ଅନ୍ତର୍ଭୁକ୍ତ କରିବା ପାଇଁ ହୋଇଥିବା ଏକ କୋଟି ଆବେଦନ ପତ୍ରକୁ ଅଡିଟ୍ ବିଶ୍ଳେଷଣ କରି ଦେଖିଲେ ଯେ 4.17 ଲକ୍ଷ ଆଧାର ସଂଖ୍ୟା ଦୁଇ ରୁ ତିନି ଥର ନକଲ ହୋଇ 8.33 ଲକ୍ଷ ଆବେଦନ କରାଯାଇଥିଲା । ସେହିପରି 4.50 ଲକ୍ଷ ବ୍ୟାଙ୍କ ଖାତା ସଂଖ୍ୟାକୁ ବାରମ୍ବାର, ଦୁଇ ରୁ 168 ଥର ବ୍ୟବହାର କରି 9.15 ଲକ୍ଷ ଆବେଦନ କରାଯାଇଥିଲା । ଏଥିସହ 2,984 ଆବେଦନରେ ଖାତା ସଂଖ୍ୟା 'ଅନ୍ୟାନ୍ୟ' ଭାବରେ ଉଲ୍ଲେଖ କରାଯାଇଥିଲା ।

  ତେଣୁ, ଏହା ସ୍ପଷ୍ଟ ଯେ ଏପରି ନକଲତା ଓ ଅନାବନା ପ୍ରବେଶକୁ ରୋକିବା ପାଇ ତଥ୍ୟ ପ୍ରବେଶ ପତ୍ରରେ କୌଣସି ଇନ୍‌ପୁଟ୍ ନିୟନ୍ତ୍ରଣ କିମ୍ବା ବୈଧତା ନିୟନ୍ତ୍ରଣ ନଥିଲା ଯାହାଫଳରେ ନା କେବଳ ଏକ ଅସଙ୍ଗତ ଏବଂ ଅବିଶ୍ୱସନୀୟ କୃଷକ ତଥ୍ୟାବଳୀ ହେଲା, ବରଂ ସେହି କ୍ଷେତ୍ରରେ କାଳିଆର ଲାଭ ମଧ୍ୟ ଉଦ୍ଦିଷ୍ଟ ହିତାଧିକାରୀଙ୍କ ପାଖରେ ପହଞ୍ଚିପାରିଲା ନାହିଁ ।

  ଏହି ଘଟଣାର ସହମତ ହୋଇ ସରକାର ପ୍ରକାଶ କଲେ (ଅପ୍ରେଲ 2022) ଯେ, କାଳିଆ ପ୍ରଣାଳୀରେ ଆବେଦନ ସଂଗ୍ରହର ପ୍ରାରମ୍ଭିକ ପର୍ଯ୍ୟାୟରେ ନକଲି ଆଧାର ସଂଖ୍ୟା କିମ୍ବା ନକଲି ବ୍ୟାଙ୍କ ଖାତା ସଂଖ୍ୟାକୁ ରୋକିବା ପାଇଁ କୌଣସି ଇନ୍‌ପୁଟ୍ ନିୟନ୍ତ୍ରଣ କିମ୍ବା ଇନ୍‌ପୁଟ୍ ବୈଧତା ପ୍ରକ୍ରିୟା ଗ୍ରହଣ କରାଯାଇ ନଥିଲା ।

- **ବହିର୍ଭୁତ ହିତାଧିକାରୀମାନେ କାଳିଆ ଲାଭ ପାଇଲେ:** ବିଭାଗ ପ୍ରଥମେ ଡିଏଆଣ୍ଡଏଫ୍‌ଇର ପ୍ରତ୍ୟକ୍ଷ ସୁବିଧା ସ୍ଥାନାନ୍ତର (ଡିବିଟି) ତଥ୍ୟ ଅନୁଯାୟୀ ପଞ୍ଜିକୃତ 21.76 ଲକ୍ଷ ଚାଷୀଙ୍କୁ ଏବଂ ଖାଦ୍ୟ ଯୋଗାଣ ଏବଂ ଉପଭୋକ୍ତା କଲ୍ୟାଣ (ଏଫ୍‌ଏସ୍‌ସିଡବ୍ଲୁ) ବିଭାଗର ଧାନ କ୍ରୟ ସ୍ୱୟଂଚାଳିତ ବ୍ୟବସ୍ଥା (ପି-ପିଏଏସ୍) ତଥ୍ୟ ଅଧୀନରେ ପଞ୍ଜିକୃତ 1.05 ଲକ୍ଷ ଭାଗ ଚାଷୀଙ୍କୁ କାଳିଆ ସହାୟତା ପ୍ରଦାନ ପାଇଁ ଚୟନ କରିଥିଲେ । ସାଧାରଣ ଜନତାଙ୍କ ଦ୍ୱାରା ଅଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରିବା ଏବଂ ଲାଲ ଫର୍ମରେ ବହିଷ୍କାର ଆବେଦନ କରିବାକୁ ପଞ୍ଚାୟତ ସ୍ତରରେ ହିତାଧିକାରୀଙ୍କ ତାଲିକା ପ୍ରଦର୍ଶିତ ହୋଇଥିଲା । ଗ୍ରାମ୍ୟ କୃଷି ଶ୍ରମିକ (ଭିଏଡବ୍ଲୁ) / ଗ୍ରାମ ପଞ୍ଚାୟତ ନୋଡାଲ ଅଫିସର (ଜିପିଏନଓ) ମାନଙ୍କୁ ମଧ କ୍ଷେତ୍ର ବାସ୍ତବତା ଯାଞ୍ଚ ପରେ ନିଜ ତରଫରୁ ଅଯୋଗ୍ୟ ହିତାଧିକାରୀମାନଙ୍କୁ ବହିଷ୍କାର କରିବାକୁ ନିର୍ଦ୍ଦେଶ (ଜାନୁଆରୀ 2019) ଦିଆଯାଇଥିଲା । ବହିଷ୍କାରର କାରଣ ସହିତ 'ଲାଲ ଫର୍ମ' ତଥ୍ୟ ଏକ ପୃଥକ ସାରଣୀରେ ରଖାଯାଇଥିଲା ।

ତଥ୍ୟାବଳୀ ବିଶ୍ଳେଷଣରୁ ଜଣାଗଲା ଯେ ସାରଣୀରେ ସମୁଦାୟ 2.47 ଲକ୍ଷ ଲାଲ ଫର୍ମ[34] ରଖାଯାଇଥିଲା ଯେଉଁଥିରେ 1.04 ଲକ୍ଷ ନିଜସ୍ୱ ପ୍ରଚେଷ୍ଟା ଏବଂ 1.43 ଲକ୍ଷ ବହିଷ୍କାର ପାଇଁ ଆବେଦନ ପତ୍ର ଅନ୍ତର୍ଭୁକ୍ତ କରାଯାଇଥିଲା । ଏହି 2.47 ଲକ୍ଷ ଆବେଦନ ମଧ୍ୟରୁ 1.30 ଲକ୍ଷ ଆବେଦନ ଯାଞ୍ଚ ପରେ ବହିଷ୍କାର ପାଇଁ ଗ୍ରହଣ କରାଯାଇଥିଲା । ତେବେ ଅଡିଟ୍, ବିଭାଗ ଦ୍ୱାରା ପ୍ରୟୋଗ କରାଯାଇଥିବା ଲଜିକ୍ ବ୍ୟବହାର କରି ତଥ୍ୟ ବିଶ୍ଳେଷଣ କରି ଜାଣିବାକୁ ପାଇଲେ ଯେ ବିଭାଗ 3,357 ବହିଷ୍କୃତ ବ୍ୟକ୍ତିଙ୍କୁ ଦେୟ ପ୍ରଦାନ କରିଥିଲେ ଯାହା ବହିଷ୍କାର ପାଇଁ ଗ୍ରହଣ କରାଯାଇଥିବା 1.30 ଲକ୍ଷ ଆବେଦନ ତାଲିକାରେ ଦର୍ଶାଇଥିଲେ ଏବଂ ସେମାନଙ୍କୁ 1.68 କୋଟି ଟଙ୍କା ପ୍ରଦାନ କରାଯାଇଥିଲା ଯାହା ନିମ୍ନ **ସାରଣୀ ସଂଖ୍ୟା 2.11** ରେ ଦର୍ଶାଯାଇଛି ।

**ସାରଣୀ ସଂଖ୍ୟା 2.11: ବହିଷ୍କାର ପାଇଁ ଗ୍ରହଣ କରାଯାଇଥିବା ଫର୍ମଗୁଡ଼ିକର ବିବରଣୀ ଏବଂ ଏହି ବହିଷ୍କାର ଆବେଦନକାରୀଙ୍କୁ ପ୍ରଦାନ କରାଯାଇଥିବା ଦେୟ**

| କ୍ର. ସଂ. | କାରଣ | ପ୍ରତ୍ୟକ୍ଷ ଆବେଦନ | ନିଜସ୍ୱ ପ୍ରଚେଷ୍ଟା | ବହିଷ୍କାର ପାଇଁ ଗ୍ରହଣ କରାଯାଇଥିବା ମୋଟ ଆବେଦନ ସଂଖ୍ୟା | ବାଦ୍ ଦିଆଯାଇଥିବା ଆବେଦନକାରୀଙ୍କ ସଂଖ୍ୟା ଯେଉଁମାନଙ୍କ ପାଇଁ ଦେୟ ସଫଳ ହୋଇଥିଲା | ପରିମାଣ (ଟଙ୍କା ଲକ୍ଷରେ) |
|---|---|---|---|---|---|---|
| *1* | *2* | *3* | *4* | *5* | *6* | *7* |
| 1 | ବୃହତ ଚାଷୀ | 2 | 1 | 3 | 0 | 0.00 |
| 2 | ବଡ଼ ଚାଷୀ | 902 | 10,047 | 10,949 | 215 | 10.75 |
| 3 | ମୃତ ମାମଲା | 3,638 | 13,973 | 17,611 | 292 | 14.60 |
| 4 | ସରକାରୀ/ ପିଏସ୍‌ୟୁ କର୍ମଚାରୀ | 9,748 | 29,750 | 39,498 | 356 | 17.80 |
| 5 | ଗୋଟିଏ ପରିବାର ପାଇଁ ଏକାଧିକ ପ୍ରବେଶ | 3,015 | 18,825 | 21,840 | 1,803 | 90.15 |
| 6 | ଅନ୍ୟାନ୍ୟ | 1,404 | 8,404 | 9,808 | 440 | 22.00 |
| 7 | ଅବସର ପ୍ରାପ୍ତ ସରକାରୀ କର୍ମଚାରୀ | 7,086 | 21,491 | 28,577 | 226 | 11.30 |
| 8 | ଆୟକର ପ୍ରଦାନକାରୀ | 509 | 1,312 | 1,821 | 25 | 1.25 |
| | **ସର୍ବମୋଟ** | **26,304** | **1,03,803** | **1,30,104** | **3,357** | **167.85** |

*(ଉତ୍ସ: ବିଭାଗ ଦ୍ୱାରା ଦିଆଯାଇଥିବା ତଥ୍ୟରୁ ଅଡିଟ୍ ଦ୍ୱାରା ସଂକଳିତ)*

ଏସ୍‌ଆର୍‌ଏସ୍ ଅନୁଯାୟୀ, "କାରଣ" ସ୍ତମ୍ଭଟି ଏକ ଡ୍ରପ୍‌ଡାଉନ୍ ତାଲିକା ବ୍ୟବହାର କରି ଭରା ଯିବାର ଥିଲା ଯାହାର ପ୍ରଥମ ଦୃଶ୍ୟମାନ ଧାଡ଼ି ଥିଲା "କାରଣ ବାଛିବା"। ଆବେଦନ କରିବା ସମୟରେ ଆବେଦନକାରୀଙ୍କୁ ଉପଯୁକ୍ତ କାରଣ ବାଛିବାକୁ ପଡୁଥିଲା । ବଳକା 1.17 ଲକ୍ଷ ବହିଷ୍କାର ଆବେଦନ

34 ଲାଲ ଫର୍ମଗୁଡ଼ିକ ଆପତ୍ତି/ ସ୍ୱ ବହିଷ୍କାର ପାଇଁ ଆବେଦନ ଫର୍ମ.

ଗୁଡ଼ିକର ତଥ୍ୟ ବିଶ୍ଳେଷଣରୁ ଜଣାପଡ଼ିଲା ଯେ 'କାରଣ' ସ୍ତମ୍ଭରେ ଏକ ବୈଧ କାରଣ ପ୍ରବେଶ କରିବା ପରିବର୍ତ୍ତେ, "କାରଣ ବାଛିବା" ନିବେଶ କ୍ଷେତ୍ରରେ ବୈଧତା ନଥିବା ହେତୁ ପ୍ରବେଶ କରାଯାଇଥିଲା, ଯାହା ଏକ ସଫ୍ଟୱେର ତ୍ରୁଟି ଥିଲା । ଏଥିମଧ୍ୟରୁ 0.73 ଲକ୍ଷ ହିତାଧିକାରୀମାନଙ୍କୁ ହିତାଧିକାରୀ ତାଲିକାରୁ ବାଦ୍ ନ ଦେଇ 36.60 କୋଟି ଟଙ୍କା ପ୍ରଦାନ କରାଯାଇଥିଲା ଯାହା ସନ୍ଦେହଜନକ ହିତାଧିକାରୀ ଚୟନ ପରେ ପ୍ରଶ୍ନ ଉଠାଇଥିଲା । ଏହା ସୂଚିତ କରିଛି ଯେ ବହିଷ୍କାର ପ୍ରକ୍ରିୟାରେ ବିଭାଗ ଉପଯୁକ୍ତ ତର୍କ[35] ପ୍ରୟୋଗ କରିନଥିଲେ ।

ସେହିଭଳି, ଜନସାଧାରଣଙ୍କ ଠାରୁ ପ୍ରତ୍ୟକ୍ଷ ଆବେଦନରୁ ମନୋନୀତ ହୋଇଥିବା ଡ୍ରାଫ୍ଟ ହିତାଧିକାରୀ ତାଲିକାରୁ ନାମକୁ ବାଦ୍ ଦେବା ପାଇଁ ବିଭାଗ ମଧ୍ୟ ଆବେଦନଗୁଡିକ (ଜାନୁଆରୀ-ଫେବୃଆରୀ 2019) ଆମନ୍ତ୍ରଣ କରିଥିଲେ । ବହିଷ୍କାର ପାଇଁ ବିଭାଗ 4.09 ଲକ୍ଷ ଆବେଦନ ପାଇଥିଲେ । ଜିଲ୍ଲା ସ୍ତରୀୟ ନୋଡାଲ ଅଫିସର (ଡିଏନ୍‌ଓ) 3.48 ଲକ୍ଷ ଆବେଦନକୁ ଅନୁମୋଦନ ଦେଇଥିଲେ ଯାହାକି ହିତାଧିକାରୀ ତାଲିକାରୁ ବାଦ୍ ଦେବାର ଥିଲା । ତଥ୍ୟାବଳୀ ବିଶ୍ଳେଷଣରୁ ଜଣାପଡ଼ିଲା ଯେ 1,062 ଆବେଦନକାରୀ, ଡିଏନ୍‌ଓ ଦ୍ୱାରା ଅଯୋଗ୍ୟ ଘୋଷିତ ହୋଇଥିଲେ ମଧ୍ୟ ହିତାଧିକାରୀ ତାଲିକାରୁ ବାଦ୍ ଦିଆଯାଇ ନଥିଲା ଏବଂ ସେମାନଙ୍କୁ ପ୍ରଥମ କିସ୍ତିରେ 0.53 କୋଟି ଟଙ୍କା ପ୍ରଦାନ କରାଯାଇଥିଲା ।

ଏହିପରି, ବହିଷ୍କାର ତଥ୍ୟ ପରିଚାଳନା କରିବାରେ ନିୟନ୍ତ୍ରଣ ପ୍ରକ୍ରିୟାର ସିଷ୍ଟମରେ ତ୍ରୁଟି ହେତୁ ବିଭାଗ 4,419 ଅଯୋଗ୍ୟ କିମ୍ବା ସନ୍ଦେହଜନକ ହିତାଧିକାରୀଙ୍କୁ 2.21 କୋଟି ଟଙ୍କା (1.68 କୋଟି ଟଙ୍କା ଯୁକ୍ତ 0.53 କୋଟି ଟଙ୍କା) ପ୍ରଦାନ କରିଥିଲେ ।

ଏହି ଘଟଣାରେ ସହମତ ହୋଇ ସରକାର ବ୍ୟକ୍ତ କଲେ (ଅପ୍ରେଲ 2022) ଯେ ଏହି ହିତାଧିକାରୀଙ୍କୁ ଅଯୋଗ୍ୟ ବୋଲି ଚିହ୍ନଟ କରିବା ପାଇଁ ବିଭାଗ ତୁରନ୍ତ ପଦକ୍ଷେପ ନେଇଥିଲେ ଏବଂ ସେମାନଙ୍କୁ ଫେରସ୍ତ ପାଇଁ ନୋଟିସ୍ ଜାରି କରାଯାଇଥିଲା ।

- **ଅସଙ୍ଗତ କାର୍ଯ୍ୟ ପ୍ରବାହ-ବିଏନ୍‌ଓ ଏବଂ ଜିପିଏନ୍‌ଓ ଙ୍କର ଅନଧିକୃତ ଅନୁମୋଦନ:** ସାରଣୀ ରୂପରେଖ ଏବଂ ହିତାଧିକାରୀ ତାଲିକାରୁ ବହିଷ୍କାର ପାଇଁ ଆବେଦନପତ୍ରରେ କାର୍ଯ୍ୟ ପ୍ରବାହ ଅନୁଯାୟୀ, ବହିଷ୍କାର ପାଇଁ ଅନୁମୋଦନ ପ୍ରକ୍ରିୟା ନିମ୍ନଲିଖିତ ଭାବରେ ଥିଲା:-
  - ଗ୍ରାମ ପଞ୍ଚାୟତ ନୋଡାଲ ଅଧିକାରୀ (ଜିପିଏନ୍‌ଓ) ଗ୍ରହଣ କରିଥିବା ଆବେଦନଗୁଡ଼ିକୁ ଯାଞ୍ଚ ଏବଂ ଅନୁମୋଦନ କରିବେ ଏବଂ ସେଗୁଡ଼ିକୁ ବ୍ଲକ୍ ସ୍ତରୀୟ ନୋଡାଲ ଅଧିକାରୀ(ବିଏନ୍‌ଓ) ଙ୍କୁ ଦାଖଲ କରିବେ ।
  - ବିଏନ୍‌ଓ ଅନୁମୋଦନ ପାଇଁ ଜିଲ୍ଲା ସ୍ତରୀୟ ନୋଡାଲ ଅଧିକାରୀ (ଡିଏନ୍‌ଓ) ଙ୍କୁ ଆବେଦନ ପତ୍ର ଦାଖଲ କରିବ ।
  - ଡିଏନ୍‌ଓଙ୍କର ଅନୁମୋଦନ ପରେ, ହିତାଧିକାରୀ ତାଲିକାରୁ ବହିଷ୍କାର ପାଇ ଆବେଦନଗୁଡ଼ିକ ଚିହ୍ନିତ ହେବ ।

ତେଣୁ, ଜିପିଏନ୍‌ଓ, ବିଏନ୍‌ଓ ଏବଂ ଡିଏନ୍‌ଓ ଙ୍କର ଅନୁମୋଦନ କଠୋର କାଳାନୁକ୍ରମିକ ଥିଲା । ଏହିପରି, ବିଏନ୍‌ଓଙ୍କ ଦ୍ୱାରା ବହିଷ୍କାର ଅନୁମୋଦନ ପରେ ଜିପିଏନ୍‌ଓ ଦ୍ୱାରା କିମ୍ବା ଡିଏନ୍‌ଓଙ୍କ ଅନୁମୋଦନ ପରେ ବିଏନ୍‌ଓ ଦ୍ୱାରା ସ୍ୱୀକୃତି ଦେବା ଉଚିତ୍ ନୁହେଁ । କିନ୍ତୁ ବହିଷ୍କାର ପତ୍ରର ତଥ୍ୟ ବିଶ୍ଳେଷଣରୁ ଜଣାପଡ଼ିଲା ଯେ ପରିକଳ୍ପିତ ସମୟାନୁକ୍ରମିକ ବଦଳରେ 6,556 ଟି ମାମଲାରେ ଏହି ପଦାନୁକ୍ରମର ଉଲ୍ଲଂଘନ ହେବାର ଉଦାହରଣ ଥିଲା, ଯାହା ସିଷ୍ଟମକୁ ଅସଙ୍ଗତ ଏବଂ ଅବିଶ୍ୱାସନୀୟ କରିଦେଇଥିଲା ।

[35] ବିଶ୍ଳେଷଣ ପାଇଁ ଅଡିଟ୍ କରିବାକୁ ବିଭାଗ ଉତ୍ସ କୋଡ୍ ପ୍ରଦାନ କରିନାହିଁ

**ସାରଣୀ ସଂଖ୍ୟା 2.12: ଦ୍ୱିତୀୟ ପର୍ଯ୍ୟାୟ ବହିଷ୍କାର ପ୍ରକ୍ରିୟାରେ ଅସଙ୍ଗତ କାର୍ଯ୍ୟ ପ୍ରବାହର ବିବରଣୀ**

| କ୍ର. ସଂ. | ବର୍ଣ୍ଣନା | ମାମଲା ସଂଖ୍ୟା |
|---|---|---|
| *1* | *2* | *3* |
| 1. | ବିଏନ୍ଓଙ୍କ ଦ୍ୱାରା ଅନୁମୋଦନର ଏକ ରୁ ସାତ ଦିନ ପରେ ଜିପିଏନ୍ଓ ବହିଷ୍କାର ଆବେଦନକୁ ଅନୁମୋଦନ କରିଥିଲେ | 6,523 |
| 2. | ଡିଏନ୍ଓଙ୍କ ଦ୍ୱାରା ଅନୁମୋଦନର ଦୁଇ ରୁ ଛଅ ଦିନ ପରେ ବିଏନ୍ଓ ବହିଷ୍କାର ଆବେଦନକୁ ଅନୁମୋଦନ କରିଥିଲେ | 28 |
| 3. | ଡିଏନ୍ଓ ବହିଷ୍କାର ଫର୍ମକୁ ଅନୁମୋଦନ କରିବାର ଏକ ରୁ ଦୁଇ ଦିନ ପୂର୍ବରୁ ବହିଷ୍କାର ତାରିଖ ଅଦ୍ୟତନ କରାଯାଇଥିଲା | 5 |
| | ମୋଟ | **6,556** |

*(ଉତ୍ସ: ବିଭାଗ ଦ୍ୱାରା ଦିଆଯାଇଥିବା ତଥ୍ୟରୁ ଅଡିଟ୍ ଦ୍ୱାରା ସଂକଳିତ)*

ଅଧିକନ୍ତୁ, ଅଡିଟ୍ ବହିଷ୍କାର ସାରଣୀ ଯାଞ୍ଚ କରି ଦେଖିଲେ ଯେ ଦ୍ୱିତୀୟ ପର୍ଯ୍ୟାୟ ବହିଷ୍କାର ପ୍ରକ୍ରିୟାରେ, 48,590 ରେକର୍ଡରେ 21,647 ଗୋଟି ଆଧାର ସଂଖ୍ୟା ଦୁଇ ରୁ 2185 ଥର ମଧ୍ୟରେ ପୁନରାବୃତ୍ତି ହୋଇଥିଲା । ଏକ ଉଦାହରଣ ଦେବାକୁ, ଛଦ୍ମ ନମ୍ବର[36] '159984352500280' ମୂଲ୍ୟ ସହିତ ଆଧାର ନମ୍ବର ସ୍ଥାନରେ ତଥ୍ୟାବଳୀରେ ବିଭିନ୍ନ ନାମ ପାର୍ଶ୍ୱରେ 2,185 ଥର ପ୍ରବେଶ କରାଯାଇଥିଲା । ଆହୁରି ମଧ୍ୟ, ନାମ ଏବଂ ଆଧାର ସଂଖ୍ୟା ଏକତ୍ର ଥାଇ, 21,833 ରେକର୍ଡରେ ନକଲ ଥିଲା ଯାହା ଦୁଇ ରୁ 67 ଥର ପୁନରାବୃତ୍ତି କରାଯାଇଥିଲା । ଆଧାର ନମ୍ବର ସହ ସୁଡୋ ଭେଲ୍ୟୁ '159984697700897' ଏବଂ 'ସୁଲଭ ଚନ୍ଦ୍ର ରାଉଳ' ନାମ ସହିତ 67 ଥର ପ୍ରବେଶ କରାଯାଇଥିଲା । ବୈଷୟିକ ତ୍ରୁଟି କିମ୍ବା ବ୍ୟାକ୍ ଏଣ୍ଡ ହସ୍ତକ୍ଷେପ ଯୋଗୁଁ ଏହା ଘଟିଥିଲା ।

ଏହିପରି, କାଳିଆର ତଥ୍ୟାବଳୀ ଅସଙ୍ଗତ ହୋଇଗଲା ଏବଂ ନିର୍ଭରଯୋଗ୍ୟତା ହରାଇଥିଲା ।

ସରକାର ଏଥିରେ ସହମତ ହୋଇ ବ୍ୟକ୍ତକଲେ (ଅପ୍ରେଲ 2022) ଯେ, ଏସ୍ଏସ୍‌ଟି ଦ୍ୱାରା ଭୁଲ ଲଜିକ୍‌ର ପ୍ରୟୋଗ ହେତୁ ସମୟାନୁକ୍ରମିକରେ ଯାଞ୍ଚ ତାରିଖ ଭୁଲ୍ ଭାବରେ ଅପ୍‌ଡେଟ୍ ହୋଇଥିଲା । ଏହି କାରଣରୁ, କୌଣସି ଆର୍ଥିକ ଅନିୟମିତତା ହୋଇନଥିଲା । ପ୍ରକୃତ ପକ୍ଷେ ଏହି କାର୍ଯ୍ୟକଳାପ ପ୍ରଣାଳୀକୁ ଅସଙ୍ଗତ ଏବଂ ଅବିଶ୍ୱସନୀୟ କରିଥିଲା । ଯାଞ୍ଚ କରିବା ପାଇଁ ଅଡିଟ୍‌କୁ ଉତ୍ସ କୋଡ୍ ପ୍ରଦାନ କରାଯାଇ ନଥିଲା ।

- **ଅଭାବୀ ସିଷ୍ଟମ ଡିଜାଇନ୍-ଲଗ୍ ବିନା ଦେୟ ସାରଣୀରେ ଖାତା ସଂଖ୍ୟାରେ ମାନୁଆଲ୍ ଅପ୍‌ଡେସନ:** ହିତାଧିକାରୀଙ୍କୁ ଦେୟ ପ୍ରଦାନ କରାଯିବା ପରେ, କାଳିଆ ଆଇଡି, ଖାତା ସଂଖ୍ୟା, ଦେୟ ତାରିଖ, ବ୍ୟାଙ୍କର ଅନନ୍ୟ କାରବାର, ଦେୟ ସ୍ଥିତିକୁ ବ୍ୟାଙ୍କର ପ୍ରତିକ୍ରିୟା ଏକ ଦେୟ କାରବାର ସାରଣୀରେ ଦର୍ଶାଯାଇଥିଲା । ଅବୈଧ ବ୍ୟାଙ୍କ ଖାତା ସଂଖ୍ୟା, ଭୁଲ୍ ଆଇଏଫ୍ଏସ୍‌ସି କିମ୍ବା ଅନ୍ୟ କୌଣସି କାରଣରୁ ଦେୟ ବିଫଳ ହେଲେ ବିଭାଗ ଆବଶ୍ୟକୀୟ ସଂଶୋଧନ କରି ଦେୟ ପାଇଁ ବ୍ୟାଙ୍କକୁ ପୁନଃ ଦାଖଲ କରିପାରିବେ । ଏହି ପରିପ୍ରେକ୍ଷୀରେ ଦେୟ ସାରଣୀରେ ଉପଯୁକ୍ତ ଅଡିଟ୍ ଟ୍ରେଲ୍ / ଅଡିଟ୍ ଲଗ୍ ସହିତ ଦେୟ କାରବାର ପାଇଁ ଏକ ପୃଥକ ରେକର୍ଡ ଯୋଡ଼ାଯିବା ଆବଶ୍ୟକ ଥିଲା ।

ଅଡିଟ୍ ସେପ୍ଟେମ୍ବର 2020 ଏବଂ ଅପ୍ରେଲ 2021 ମଧ୍ୟରେ ପ୍ରଦାନ କରାଯାଇଥିବା ତଥ୍ୟକୁ ବିଶ୍ଳେଷଣ କରି ଉଭୟ ବର୍ଷର ପ୍ରତ୍ୟେକ ଦେୟ ସାରଣୀ ତୁଳନା କରି ଜାଣିବାକୁ ପାଇଲେ ଯେ 2,09,659

[36] ବିଭାଗ ଦ୍ୱାରା ତଥ୍ୟାବଳୀରେ ଆଧାର ସଂଖ୍ୟା ପ୍ରଦାନ କରାଯାଇ ନଥିଲା । କିନ୍ତୁ, ପ୍ରତି ଆଧାର ସଂଖ୍ୟା ଯାଗାରେ ଅନ୍ୟ ଗୋଟିଏ ଅନନ୍ୟ ଏନକୋଡେଡ୍ ସଂଖ୍ୟା ପ୍ରଦାନ କରିଥିଲେ ।.

ରେକର୍ଡରେ ଦେୟ ସ୍ଥିତିକୁ 4,19,512 ଘଟଣାମାନ[37] (ୟୁଟିଆର୍ ସଂଖ୍ୟା, ଖାତା ସଂଖ୍ୟା) କୌଣସି ଟ୍ରେଲ୍ କିମ୍ବା ଲଗ୍ ବିନା ଅପ୍‌ଡେଟ୍ କରାଯାଇଥିଲା । ଏହା ଦର୍ଶାଇଲା ଯେ କାରବାର ସମାପ୍ତ ହେବା ଏବଂ ରେକର୍ଡ ହେବା ପରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପୁନର୍ବାର କୌଣସି ଲଗ୍ କିମ୍ବା ଅଡିଟ୍ ଟ୍ରେଲ ବିନା ମାନୁଆଲ୍ ଅପ୍‌ଡେଟ୍ ହୋଇଥିଲା । ଫଳସ୍ୱରୂପ, ତଥ୍ୟାବଳୀ ଅଖଣ୍ଡତା ହରାଇ ଅବିଶ୍ୱସନୀୟ ହୋଇଗଲା । ସରକାର ଅଡିଟ୍ ପର୍ଯ୍ୟବେକ୍ଷଣ ହିସାବରେ ସଂଶୋଧନ ପାଇଁ ଉଲ୍ଲେଖ (ଅପ୍ରେଲ 2022) କରିଛନ୍ତି ।

- **ଅସଙ୍ଗତ ଦେୟ କାରବାର ସାରଣୀ:** ଏହି ଯୋଜନାର ଯୋଗ୍ୟ ହିତାଧିକାରୀଙ୍କ ବିବରଣୀ (ଉଭୟ ଭୂମିହୀନ ଏବଂ କ୍ଷୁଦ୍ର ଓ ନାମମାତ୍ର ଚାଷୀ) ହିତାଧିକାରୀ ମୁଖ୍ୟ ସାରଣୀରେ ସଂରକ୍ଷଣ ହୋଇଥିଲା । ସାରଣୀରେ ବିଭିନ୍ନ କ୍ଷେତ୍ର ଯେପରିକି ହିତାଧିକାରୀ ନାମ, ପିତାଙ୍କ ନାମ, ଠିକଣା, ବର୍ଗ (ଏଲ୍‌ଏଲ୍ କିମ୍ବା ଏସ୍‌ଏମ୍‌ଏଫ୍ ହେଉ), ସହାୟତା ପରିମାଣ ଇତ୍ୟାଦି ପ୍ରଦାନ କରାଯାଇଥିବା ଶେଷ କିସ୍ତି ସଂଖ୍ୟା ରହିଥିଲା । ଏହି ହିତାଧିକାରୀ ମୁଖ୍ୟ ସାରଣୀ ମାଧ୍ୟମରେ ସହାୟତା ପ୍ରଦାନ ପରେ, ଦେୟ କାରବାରର ହିତାଧିକାରୀ ବିଶେଷତା ହିତାଧିକାରୀ ମୁଖ୍ୟ ସାରଣୀରେ ଧରାଯିବା ଉଚିତ୍ ଏବଂ ଦେୟ ସାରଣୀର ଶେଷ କାରବାର କ୍ଷେତ୍ର ସହିତ ମେଳ ହେବା ଜରୁରୀ ।

ଅଡିଟ୍ ଦେଖିଲେ ଯେ:-

- ✓ ସେଠାରେ 2,19,885 ହିତାଧିକାରୀଙ୍କ ରେକର୍ଡ ଥିଲା ଯେଉଁଥିରେ କି ସମାନ କିସ୍ତି ସଂଖ୍ୟା ସଫଳତାର ସହିତ ଦୁଇଥର ପ୍ରଦାନ କରାଯାଇଥିଲା ।
- ✓ ହିତାଧିକାରୀଙ୍କ ପାଇଁ ଉଲ୍ଲେଖ କରାଯାଇଥିବା କିସ୍ତି 19,919 ମାମଲାରେ ଦେୟ ତଥ୍ୟରେ ଦିଆଯାଇଥିବା କିସ୍ତି ସହିତ ମେଳ ଖାଉନଥିଲା ।
- ✓ ଟ୍ରାକ୍ ଆପ୍ଲିକେସନ୍ ସ୍ଥିତି ସ୍କ୍ରିନ୍‌ରେ https://kaliaportal.odisha.gov.in/ Track Token.aspx) କିସ୍ତି ସଂଖ୍ୟା ଏବଂ ପରିମାଣ ହିତାଧିକାରୀଙ୍କୁ ଦେଖାଯାଇ ନଥିଲା ।

ଏହା ସୂଚାଇ ଦେଇଛି ଯେ ତଥ୍ୟାବଳୀ ପ୍ରଣାଳୀ ଡିଜାଇନ୍ କରିବାରେ ଅଭାବ ରହିଥିଲା ଏବଂ ସ୍ୱଚ୍ଛତା ହରାଇବା ସହିତ ତଥ୍ୟକୁ ହସ୍ତଚାଳିତ ଭାବରେ ବ୍ୟବହାର କରାଯାଇଥିଲା ।

ସରକାର (ଅପ୍ରେଲ 2022) ଏଥିରେ ସହମତ ହୋଇ ବ୍ୟକ୍ତ କଲେ ଯେ ସଫଳତା/ ବିଫଳତା ବ୍ୟାଙ୍କ ପ୍ରତିକ୍ରିୟା ପାଇବାରେ ବିଳମ୍ବ ହେତୁ କିଛି ହିତାଧିକାରୀଙ୍କ ପ୍ରକୃତ ସ୍ଥିତି ଠିକ୍ ସମୟରେ ଅପ୍‌ଡେଟ୍ ହୋଇନଥିଲା । ଅଭିଯୋଗ ଆବେଦନ ଦ୍ୱାରା ହିତାଧିକାରୀ ଭାବରେ ମନୋନୀତ ହୋଇଥିବା କିଛି ନୂତନ ଆବେଦନକାରୀଙ୍କୁ ଭବିଷ୍ୟତରେ ସେମାନଙ୍କର ସହାୟତା ପ୍ରଦାନ କରାଯାଇଥିଲା ଏବଂ ଟ୍ରାକ୍ ଆବେଦନ ସ୍ଥିତି ପରଦାରେ କିଛି ସଂଖ୍ୟା ଏବଂ ପରିମାଣ ହିତାଧିକାରୀଙ୍କୁ ଦେଖାଯାଇ ନଥିଲା ।

- **ଅଭିଯୋଗ ପ୍ରକ୍ରିୟା ମାଧ୍ୟମରେ ହିତାଧିକାରୀଙ୍କ ଅସମାନ ଚୟନ:** ଅଭିଯୋଗ ସମାଧାନ ପ୍ରକ୍ରିୟାରେ କାର୍ଯ୍ୟଧାରା ଅନୁଯାୟୀ ହିତାଧିକାରୀଙ୍କୁ ଅନୁମୋଦନ କରିବା ପାଇଁ ଡିଏନ୍‌ଓ ଅନ୍ତିମ କ୍ଷେତ୍ର ସ୍ତରର ପ୍ରାଧିକରଣ ଥିଲେ । ତଥ୍ୟାବଳୀ ବିଶ୍ଳେଷଣରୁ ଜଣାଗଲା ଯେ ଡିଏନ୍‌ଓ ଅଭିଯୋଗ ପୋର୍ଟାଲ ମାଧ୍ୟମରେ ପ୍ରାପ୍ତ 13.37 ଲକ୍ଷ ଆବେଦନରୁ 4,30,370 ଯୋଗ୍ୟ ହିତାଧିକାରୀଙ୍କୁ ଅନୁମୋଦନ କରିଥିଲେ । ତଥାପି ହିତାଧିକାରୀ ମାଷ୍ଟର ସାରଣୀରେ କେବଳ 4,23,120 ହିତାଧିକାରୀଙ୍କୁ ଅନ୍ତର୍ଭୁକ୍ତ କରାଯାଇଥିଲା । ଅବଶିଷ୍ଟ 7,250 ହିତାଧିକାରୀଙ୍କୁ ହିତାଧିକାରୀ ତାଲିକାରେ ମନଇଚ୍ଛା ବାଦ୍ ଦିଆଗଲା । ଯାହାଦ୍ୱାରା ସେମାନଙ୍କୁ କାଳିଆ ଯୋଜନାର ସହାୟତାରୁ ବଞ୍ଚିତ କରାଯାଇଥିଲା । ଏହିପରି, ଚୟନ ପରେ ଏହି ହିତାଧିକାରୀଙ୍କୁ ଅଯୋଗ୍ୟ କରିବା ଅନିୟମିତ ଥିଲା । ଏହି କଥାରେ ସରକାର ରାଜିହୋଇ ବ୍ୟକ୍ତ କଲେ (ଅପ୍ରେଲ 2022) ଯେ ସମସ୍ତ କୃଷକଙ୍କ

---

[37] ଖାତା ସଂଖ୍ୟାରେ ପରିବର୍ତ୍ତନ – 3,224; ବ୍ୟାଙ୍କ ନାମ – 3,425; ବିଫଳତା କାରଣ – 10,519; ଆଇଏଫ୍‌ଏସ୍‌ସି – 3222; ସ୍ଥିତି – 2,06,220; ୟୁଟିଆର୍ ସଂଖ୍ୟା – 1,92,892

ତଥ୍ୟ କ୍ଷେତ୍ର ଯାଞ୍ଚ ପରେ ଅନ୍ୟ ତଥ୍ୟାବଳୀ ସହିତ ରାଜ୍ୟ ସ୍ତରୀୟ ଯାଞ୍ଚ କରାଯାଇଥିଲା ଏବଂ ରାଜ୍ୟ ସ୍ତରରେ ଯାଞ୍ଚ ପ୍ରକ୍ରିୟାରେ 7.250 ଜଣ ଅଯୋଗ୍ୟ ଆବେଦନକାରୀଙ୍କୁ ବାଦ୍ ଦିଆଯାଇଥିଲା । ଉତ୍ତର ଗ୍ରହଣୀୟ ନୁହେଁ ଯେହେତୁ ତୃତୀୟ ପକ୍ଷ ତଥ୍ୟାବଳୀ ସହିତ ତୁଳନା ଠାରୁ ଭୌତିକ କ୍ଷେତ୍ର ଯାଞ୍ଚ ଅଧିକ ବିଶ୍ୱାସଯୋଗ୍ୟ ହୋଇଥିଲା ଏବଂ ସେହି ଆବେଦନକାରୀମାନଙ୍କୁ ପୂର୍ବ ବିଚାରକୁ ନିଆଯିବା ଉଚିତ୍ ଥିଲା ।

- **ଯୋଗ୍ୟ ହିତାଧିକାରୀଙ୍କୁ ଦେୟ ନଦେବା:** ଅଭିଯୋଗ ପ୍ରକ୍ରିୟା ମାଧ୍ୟମରେ ମନୋନୀତ ହିତାଧିକାରୀ ତାଲିକାରେ ଅନ୍ତର୍ଭୁକ୍ତ 4,23,120 ହିତାଧିକାରୀଙ୍କ ମଧ୍ୟରୁ ବିଭାଗ 3,86,067 ହିତାଧିକାରୀଙ୍କୁ ଦେୟ ପ୍ରଦାନ କରିଥିଲେ । ଅବଶିଷ୍ଟ 37,053 ହିତାଧିକାରୀ ମାର୍ଚ୍ଚ 2020 ଯଥା ସେମାନଙ୍କର ଯୋଗ୍ୟତା ତାରିଖ ଠାରୁ ଏପର୍ଯ୍ୟନ୍ତ କୌଣସି ସହାୟତା ପାଇନଥିଲେ । ଏହା ସୂଚାଇ ଦେଇଛି ଯେ କିସ୍ତିଗୁଡ଼ିକର ଅସମାନ ଏବଂ ଇଚ୍ଛାଧୀନ ଦେୟ ହୋଇଥିଲା । ଏହି କଥାରେ ରାଜି ହୋଇ ସରକାର କହିଥିଲେ (ଅପ୍ରେଲ 2022) ଯେ ଏନ୍‌ପିସିଆଇ କିମ୍ବା ବ୍ୟାଙ୍କ ଦ୍ୱାରା ଖାତା ନିଶ୍ଚିତ ହୋଇନଥିବାରୁ କିଛି ହିତାଧିକାରୀ ସେମାନଙ୍କ ସହାୟତା ପାଇନଥିଲେ । କିନ୍ତୁ, ଯାଞ୍ଚ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାରେ ଏବଂ ଯୋଗ୍ୟ ହିତାଧିକାରୀଙ୍କୁ ଦେୟ ପ୍ରଦାନ କରିବାରେ ସରକାର ବିଫଳ ହୋଇଥିଲେ ।

- **ପୂର୍ବ କିସ୍ତିର ସଫଳତା ବିନା କିସ୍ତିର ବାରମ୍ବାର ଦେୟ:** ଏକ ସାଧାରଣ ଅଭ୍ୟାସ ଭାବରେ, ପ୍ରଥମ କିସ୍ତିର ସଫଳ ହସ୍ତାନ୍ତର ପରେ ଦ୍ୱିତୀୟ କିସ୍ତି ହିତାଧିକାରୀଙ୍କୁ ପ୍ରଦାନ କରାଯିବା ଉଚିତ୍ । ପ୍ରଥମ କିସ୍ତିର କାରବାରରେ ବିଫଳତା ଥିଲେ ପରବର୍ତ୍ତୀ କିସ୍ତି ପ୍ରଦାନ କରିବା ଉଚିତ୍ ନୁହେଁ ।

ଦେୟ କାରବାର ସାରଣୀର ଅଡିଟ୍ ବିଶ୍ଳେଷଣରୁ ଜଣାପଡ଼ିଲା ଯେ 5,01,357 ହିତାଧିକାରୀଙ୍କ ପାଇଁ ପ୍ରଥମ କିସ୍ତିର ଦେୟ ବିଫଳ ହୋଇଥିଲା । ପରବର୍ତ୍ତୀ ସମୟରେ, 3,91,309 ହିତାଧିକାରୀଙ୍କର କିସ୍ତି ଦେୟ ସେମାନଙ୍କ ଖାତା ବିବରଣୀ ସଂଶୋଧନ ପରେ ସଫଳତାର ସହିତ ପ୍ରଦାନ କରାଯାଇଥିଲା । ପୂର୍ବ କିସ୍ତି ଦେବାର ସଫଳତାର ନିଶ୍ଚିତ ନକରି ବିଭାଗ ଅବଶିଷ୍ଟ 1,10,048 ହିତାଧିକାରୀଙ୍କ ମଧ୍ୟରୁ 5,006 ଜଣଙ୍କୁ ପରବର୍ତ୍ତୀ କିସ୍ତି ପ୍ରଦାନ କରିଥିଲେ । ଏହା ସୂଚାଇ ଦେଇଛି ଯେ ହିତାଧିକାରୀଙ୍କ ତଥ୍ୟର ବାରମ୍ବାର ଯାଞ୍ଚ ପରେ ମଧ ବ୍ୟାଙ୍କ ଖାତା ସଂଖ୍ୟାରେ ତ୍ରୁଟି ରହିଥିଲା ଯେଉଁଥିପାଇଁ ପ୍ରକୃତ ହିତାଧିକାରୀମାନେ ଏହି ଯୋଜନାର ଲାଭ ପାଇବାକୁ ବଞ୍ଚିତ ହୋଇଥିଲେ । ଏହାର ଉତ୍ତରରେ ସରକାର ଦର୍ଶାଇଛନ୍ତି (ଅପ୍ରେଲ 2022) ଯେ ଯଦି ଆଧାର ସଂଯୋଗ ସଠିକ୍ ଥିଲା, ତେବେ ପୂର୍ବ ବିଫଳତା ଦେୟ ଘଟଣାକୁ ଅଣଦେଖା କରି ପରବର୍ତ୍ତୀ କିସ୍ତି ପାଇଁ ଦେୟକୁ ପଠେଇ ଦିଆଯାଇଥିଲା । ଏହି ଉତ୍ତର ଗ୍ରହଣୀୟ ନୁହେଁ ଯେହେତୁ ଯେଉଁଠି ଦେୟ ବିଫଳ ହେଲା ସରକାର ସେହି କ୍ଷେତ୍ରରେ ହିତାଧିକାରୀଙ୍କୁ କିସ୍ତି ପ୍ରଦାନ କରିବାରେ ସୁନିଶ୍ଚିତ କରିବାର ଥିଲା ।

### 2.2.6.3 ତଥ୍ୟାବଳୀ ସୁରକ୍ଷା ଏବଂ ଅଖଣ୍ଡତା

ପ୍ରଥମ କିସ୍ତି (ଜାନୁଆରୀ 2019 ରୁ ମଇ 2019) ପ୍ରଦାନ କରିବା ପରେ, ବିଭାଗ ଅନୁଭବ କଲେ ଯେ ମନୋନୀତ ତାଲିକାରେ ଅଯୋଗ୍ୟ ହିତାଧିକାରୀ ଉପସ୍ଥିତ ଅଛନ୍ତି । ତେଣୁ, ଦ୍ୱିତୀୟ କିସ୍ତି ପ୍ରଦାନ କରିବା ପୂର୍ବରୁ, ଏହା ଅଗଷ୍ଟ-ସେପ୍ଟେମ୍ବର 2019 ମଧ୍ୟରେ ବିଭିନ୍ନ ଡାଟାସେଟ୍ ସହିତ ରାଜ୍ୟ ସ୍ତରର ଯାଞ୍ଚ ସହିତ କ୍ଷେତ୍ର ସ୍ତରର ଯାଞ୍ଚ କରିଥିଲେ ଏବଂ 14.08 ଲକ୍ଷ ଅଯୋଗ୍ୟ ହିତାଧିକାରୀ

**ଚାର୍ଟ-5: ଅଭିଯୋଗ ଆବେଦନ ସାରଣୀର ଦୁଇଟି ସେଟର ତୁଳନା**



ପାଇଥିଲେ । ସେମାନଙ୍କର ପରିଚୟ ଯାଞ୍ଚ କରିବା ପାଇଁ, ସେହି ହିତାଧିକାରୀମାନଙ୍କୁ ଅଭିଯୋଗ ପ୍ରକ୍ରିୟା ମାଧ୍ୟମରେ ପୁନର୍ବାର ଆବେଦନ କରିବାକୁ ଅନୁମତି ଦିଆଯାଇଥିଲା । ଅଭିଯୋଗ ପାଇବା ପରେ, ସେମାନଙ୍କର ଅଭିଯୋଗ ଆବେଦନଗୁଡ଼ିକ ଏକ ଅଭିଯୋଗ ଆବେଦନ ମାଷ୍ଟର ସାରଣୀରେ ରଖା ହୋଇଥିଲା ଏବଂ ମାଷ୍ଟର ସାରଣୀରୁ ଏକ ପୃଥକ କାରବାର ସାରଣୀ ସୃଷ୍ଟି କରାଯାଇଥିଲା ଯେଉଁଥିରେ କ୍ଷେତ୍ର ସ୍ତରରେ ବିଭିନ୍ନ ସ୍ତରର ଯାଞ୍ଚ ପ୍ରକ୍ରିୟାକୁ ରଖାଯାଇଥିଲା ।

**ରେକର୍ଡଗୁଡ଼ିକର ଅପସାରଣ:** ସେପ୍ଟେମ୍ବର 2020 ଏବଂ ଅପ୍ରେଲ 2021 ମଧ୍ୟରେ ଅଡିଟ୍ ପାଇଁ ପ୍ରଦାନ କରାଯାଇଥିବା ଦୁଇଟି ସେଟ୍ ତଥ୍ୟର ବିଶ୍ଳେଷଣରୁ ଜଣାପଡ଼ିଲା ଯେ ଅପ୍ରେଲ 2021 ରେ ପ୍ରଦାନ କରାଯାଇଥିବା ତଥ୍ୟରୁ 1,636 ଟି ଅଭିଯୋଗ ଆବେଦନକୁ ଅପସାରଣ କରାଯାଇଥିଲା । ଏହିପରି, ତଥ୍ୟାବଳୀ ଅଖଣ୍ଡତା ହରାଇ ଅବିଶ୍ୱସନୀୟ ହୋଇଗଲା ।

**ଲଗ୍ ବିନା ଐତିହାସିକ କାରବାର ତଥ୍ୟର ଅପ୍‌ଡେସନ:** ସେପ୍ଟେମ୍ବର 2020 ଏବଂ ଅପ୍ରେଲ 2021 ମଧ୍ୟରେ ପ୍ରଦାନ କରାଯାଇଥିବା ଅଭିଯୋଗ ପ୍ରକ୍ରିୟା ତଥ୍ୟର 13,556 ରେକର୍ଡରେ ମାସିକ ସ୍ତରର ରେକର୍ଡ ଗଣନାରେ ପାର୍ଥକ୍ୟ ଥିଲା । ଖାତାଧାରୀଙ୍କ ନାମ, ଖାତା ସଂଖ୍ୟା ଇତ୍ୟାଦି ଗୁରୁତ୍ୱପୂର୍ଣ୍ଣ ଗୁଣଗୁଡ଼ିକ ବିନା କୌଣସି ଅଡିଟ୍ ଟ୍ରେଲ୍ କିମ୍ବା ଲଗ୍‌ର ବ୍ୟବସ୍ଥାରେ ଅଭିଯୋଗ ଆବେଦନ ମାଷ୍ଟର ସାରଣୀରେ 13,06,940 ରେକର୍ଡରେ ପରିବର୍ତ୍ତନ କରାଯାଇଥିଲା । ସେହିଭଳି, ଅଭିଯୋଗ ଆବେଦନ ଯାଞ୍ଚ ସାରଣୀରେ ମଧ୍ୟ 1,22,439 ରେକର୍ଡରେ ପରିବର୍ତ୍ତନ କରାଯାଇଥିଲା ।

**ଅସଙ୍ଗତ କାର୍ଯ୍ୟ ପ୍ରବାହ:** ଅଭିଯୋଗ ଶୁଣାଣି ପ୍ରକ୍ରିୟାରେ କାର୍ଯ୍ୟଧାରା ଅନୁଯାୟୀ, ଆବେଦନକାରୀ ଫର୍ମ ଦାଖଲ କରିବା ପରେ, ଜିପିଏନ୍‌ଓ ଏବଂ ବିଏନ୍‌ଓଙ୍କ ଦ୍ୱାରା ଅନୁମୋଦନ ପାଇବା ପରେ ଡିଏନ୍‌ଓ ହିତାଧିକାରୀଙ୍କ ଅନୁମୋଦନ କରିବାର ଥିଲା । ଏହିପରି ଅନୁମୋଦନ ପ୍ରକ୍ରିୟାରେ ବରିଷ୍ଠତା କ୍ରମରେ ସ୍ୱୟଂଚାଳିତ ହେବା ଜରୁରୀ । ଅଡିଟ୍ ଦେଖିଲେ ଯେ 3,747 ରେକର୍ଡରେ ରେକର୍ଡ ସୃଷ୍ଟିର କ୍ରମ, ରେକର୍ଡ ସୃଷ୍ଟି ତାରିଖ, ଜିପିଏନ୍‌ଓ ଦ୍ୱାରା ସୃଷ୍ଟି ତାରିଖ, ଜିପିଏନ୍‌ଓ ଦ୍ୱାରା ଅନୁମୋଦନ ତାରିଖ, ବିଏନ୍‌ଓ ଦ୍ୱାରା ଅନୁମୋଦନ ତାରିଖ ଏବଂ ଅଭିଯୋଗ ଆବେଦନ ଡିଏନ୍‌ଓ ଦ୍ୱାରା ଅନୁମୋଦନ ତାରିଖ ବିଶୃଙ୍ଖଳିତ ଭାବରେ କରାଯାଇଥିଲା ଯାହା କାର୍ଯ୍ୟ ପ୍ରବାହରେ ଏକ ଗମ୍ଭୀର ଅସଙ୍ଗତିକୁ ସୂଚାଇଥାଏ । ଏହିପରି, ତଥ୍ୟାବଳୀ ଏହାର ଅଖଣ୍ଡତା ହରାଇ ଅବିଶ୍ୱସନୀୟ ହୋଇଗଲା ।

ସରକାର ଏଥିରେ ରାଜି ହୋଇ ଦର୍ଶାଇଲେ (ଅପ୍ରେଲ 2022) ଯେ ପୁନଃ ପ୍ରୟୋଗ ବିକଳ୍ପ ହେତୁ ମାସିକ ସ୍ତରର ରେକର୍ଡରେ ପାର୍ଥକ୍ୟ ଥିଲା । କିଛି ହିତାଧିକାରୀ ପୁନର୍ବାର କାଳିଆ ୱେବ୍ ପୋର୍ଟାଲରେ ଆବେଦନ କରିବା ହେତୁ ସେପ୍ଟେମ୍ବର 2020 ରୁ ଅପ୍ରେଲ 2021 ମଧ୍ୟରେ ଅଭିଯୋଗ ଡାଟାସେଟ୍ ପ୍ରୟୋଗରେ ମେଳ ଖାଉନଥିଲା । କୃଷକମାନଙ୍କ ଦ୍ୱାରା ସୂଚନାର ଭୁଲ ପରିଚାଳନା ହେତୁ, ଜିପିଏନ୍‌ଓ ଏବଂ ବିଏନ୍‌ଓ ଆବେଦନ ଫର୍ମର ସ୍ଥିତିକୁ ସଂପାଦନ କରିବାକୁ ବାଧ୍ୟ ହୋଇଥିଲେ । ଏହାର ଉତ୍ତର ଗ୍ରହଣୀୟ ନୁହେଁ କାରଣ, କୌଣସି ଲଗ୍ ବିନା ଜଟିଳ ପ୍ରୟୋଗ ତଥ୍ୟର ପରିବର୍ତ୍ତନ ହୋଇଥିବାରୁ ତଥ୍ୟ ହେରଫେର କରିଥିବା ପ୍ରସଙ୍ଗକୁ ଏଡ଼ାଇ ହେବ ନାହିଁ ।

## 2.2.7 ଉପସଂହାର

ଉପଯୁକ୍ତ ଯୋଜନା ନକରି ସରକାର କୃଷି ସମୃଦ୍ଧତାକୁ ତ୍ୱରାନ୍ୱିତ କରିବା ଏବଂ କୃଷକଙ୍କ ଦାରିଦ୍ର୍ୟ ହ୍ରାସ କରିବା ଲକ୍ଷ୍ୟରେ କୃଷକ ସହାୟତା ପାଇଁ ଜୀବିକା ଏବଂ ଆୟ ବୃଦ୍ଧି (କାଳିଆ)ର ଛଅ ଗୋଟି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ । ଛଅ ଗୋଟି କାର୍ଯ୍ୟକ୍ରମ ମଧ୍ୟରୁ ସରକାର କେବଳ ଦୁଇଟି କାର୍ଯ୍ୟକାରୀ କରିପାରିଥିଲେ । ଏହି ଯୋଜନାର ଦୁଇଟି କାର୍ଯ୍ୟକ୍ରମ ବାଦ୍ ଦିଆଯାଇଥିଲା ଏବଂ ମାର୍ଚ୍ଚ 2021 ସୁଦ୍ଧା ଅନ୍ୟ ଦୁଇଟି ଉପାଦାନ ଆରମ୍ଭ ହୋଇନଥିଲା । ଯେହେତୁ ସରକାରଙ୍କର କୌଣସି ସମୃଦ୍ଧ କୃଷକଙ୍କ ତଥ୍ୟାବଳୀ ଏବଂ ଏକ ସଠିକ୍ ଯୋଜନା ନଥିଲା, 40.18 ଲକ୍ଷ ହିତାଧିକାରୀଙ୍କୁ ଲକ୍ଷ୍ୟ ରଖିଥିବା ଦୁଇଟି କାର୍ଯ୍ୟକ୍ରମର ପ୍ରାରମ୍ଭିକ କାର୍ଯ୍ୟକାରିତା ତ୍ରୁଟିଯୁକ୍ତ ଥିଲା । ଚିହ୍ନଟ ଏବଂ ଚୟନ ପ୍ରକ୍ରିୟା ସମୟରେ ହିତାଧିକାରୀଙ୍କ ସଂଖ୍ୟା ବୃଦ୍ଧି, ଯୋଜନା ପ୍ରକ୍ରିୟାରେ ସବୁଠାରୁ ବଡ଼ ଭୁଲ୍ ଥିଲା ।

2019-2021 ମସିହାରେ ବିଭାଗ 65.64 ଲକ୍ଷ ହିତାଧିକାରୀଙ୍କୁ କାଳିଆ ସହାୟତା ଯୋଗାଇ ଦେଇଥିଲେ । 41.64 ଲକ୍ଷ ହିତାଧିକାରୀଙ୍କୁ ତିନୋଟି କିସ୍ତି, 8.09 ଲକ୍ଷ ହିତାଧିକାରୀଙ୍କୁ ଦୁଇଟି କିସ୍ତି ଏବଂ 15.91 ଲକ୍ଷ ହିତାଧିକାରୀଙ୍କୁ କେବଳ ଗୋଟିଏ କିସ୍ତି ପ୍ରଦାନ କରିଥିଲେ । ପରବର୍ତ୍ତୀ ସମୟରେ ବିଭାଗ ଦ୍ୱାରା 9.76 ଲକ୍ଷ ଅଯୋଗ୍ୟ ହିତାଧିକାରୀ ଚିହ୍ନଟ ହେତୁ ଏହା ଘଟିଥିଲା ।

ଅଡିଟ୍ ଦେଖିଲେ ଯେ କାଳିଆ ଯୋଜନାରେ 12.72 ଲକ୍ଷ ଅଯୋଗ୍ୟ ହିତାଧିକାରୀ ଥିଲେ ଯାହା ପାଇଁ ବିଭାଗ 782.26 କୋଟି ଟଙ୍କା ପ୍ରଦାନ କରିଥିଲେ ଯାହାର ଅସୁଲର ଆଶା କ୍ଷୀଣ ।

ଆହୁରି ମଧ୍ୟ, 1.28 ଲକ୍ଷ ଖାତାଧାରୀଙ୍କୁ 107.64 କୋଟି ଟଙ୍କା ପ୍ରଦାନ କରାଯାଇଥିଲା ଯେଉଁଥିରେ ଖାତାଧାରୀଙ୍କ ନାମ ହିତାଧିକାରୀଙ୍କ ନାମ ଠାରୁ ଭିନ୍ନ ଥିଲା ଯାହା ପ୍ରକୃତ ହିତାଧିକାରୀଙ୍କୁ କିସ୍ତି ପ୍ରଦାନ ନକରିବାକୁ ସୂଚାଇଥାଏ ।

ଯୋଜନା ନିର୍ଦ୍ଦେଶାବଳୀ ଅନୁଯାୟୀ ଭୂମିହୀନ କୃଷି ଶ୍ରମିକମାନଙ୍କ ପାଇଁ ଦ୍ୱିତୀୟ କିସ୍ତି ଦକ୍ଷତା ବିକାଶର ତାଲିମ ହେବା ପରେ ପ୍ରଦାନ କରିବାର ଥିଲା । ଅଡିଟ୍ ଦେଖିଲେ ଯେ ଏହି ଯୋଜନା ଲକ୍ଷ୍ୟକୁ ଉପେକ୍ଷା କରି ମାର୍ଚ୍ଚ 2021 ପର୍ଯ୍ୟନ୍ତ କେବଳ 18 ଲକ୍ଷ ହିତାଧିକାରୀଙ୍କ ମଧ୍ୟରୁ 3.96 ଲକ୍ଷ ହିତାଧିକାରୀଙ୍କ ପାଇଁ ଦକ୍ଷତା ବିକାଶର ତାଲିମ କରାଯାଇଥିଲା । ତେଣୁ, ସେମାନଙ୍କୁ ଦିଆଯାଇଥିବା ସମୁଦାୟ 2,007.67 କୋଟି ଟଙ୍କାର ସହାୟତା ଫଳପ୍ରଦ ହୋଇନଥିଲା ।

ସଠିକ୍ ପ୍ରଣାଳୀ ଅଧ୍ୟୟନ ଏବଂ ଆବଶ୍ୟକତା ମୂଲ୍ୟାଙ୍କନ ବିନା କାଳିଆ ପାଇଁ ଆଇଟି ପ୍ରଣାଳୀର ତ୍ୱରିତ ବିକାଶ ହୋଇଥିଲା ଯାହା ପାଇଁ କାର୍ଯ୍ୟକାରିତା ଅଭାବ ଦେଖାଦେଇଥିଲା । ଅଡିଟ୍ ମଧ୍ୟ ଦେଖିଲେ ଯେ କାରବାରର ଅଡିଟ୍ ଟ୍ରେଲ୍ ଏବଂ ଅଡିଟ୍ ଲଗ୍‌ର ରକ୍ଷଣାବେକ୍ଷଣ ନହେବା ଯୋଗୁଁ ତଥ୍ୟ ତାହାର ଅଖଣ୍ଡତା ହରାଇଥିଲେ । ଅଡିଟ୍ ବିଶ୍ଳେଷଣରୁ ଜଣାପଡ଼ିଲା ଯେ ହିତାଧିକାରୀଙ୍କ ମାଷ୍ଟର ସାରଣୀରେ 295 ହିତାଧିକାରୀଙ୍କ ନାମରେ ପରିବର୍ତ୍ତନ ହୋଇଥିଲା ଯାହା ହିତାଧିକାରୀଙ୍କ ସନ୍ଦେହଜନକ ଚୟନକୁ ସୂଚାଏ । ନକଲତା ଏବଂ ଏଣୁତେଣୁ ତଥ୍ୟ ପ୍ରବେଶକୁ ରୋକିବା ପାଇଁ ତଥ୍ୟ ପ୍ରବେଶ ଫର୍ମରେ କୌଣସି ପ୍ରବେଶ ନିୟନ୍ତ୍ରଣ କିମ୍ବା ବୈଧତା ନଥିଲା ଯାହାଦ୍ୱାରା ଏକ ଅସଙ୍ଗତ ଏବଂ ଅବିଶ୍ୱସନୀୟ କୃଷକ ତଥ୍ୟାବଳୀ ସୃଷ୍ଟି ହୋଇଥିଲା । ଅଡିଟ୍ ବିଶ୍ଳେଷଣରୁ ଜଣାପଡ଼ିଲା ଯେ କାରବାର ସମାପ୍ତ ହେବା ପରେ ଏବଂ ରେକର୍ଡ ହେବା ପରେ, ଗୁରୁତ୍ୱପୂର୍ଣ୍ଣ ତଥ୍ୟ କୌଣସି ଲଗ୍ କିମ୍ବା ଅଡିଟ୍ ଟ୍ରେଲ୍ ବିନା ପୁନର୍ବାର ମାନୁଆଲ୍ ଅପ୍‌ଡେଟ୍ କରାଯାଇଥିଲା । ଫଳସ୍ୱରୂପ, ତଥ୍ୟାବଳୀ ଅଖଣ୍ଡତା ସହିତ ଅବିଶ୍ୱସନୀୟ ହୋଇଗଲା ।

## 2.2.8 ସୁପାରିଶ

**ସରକାର ହୁଏତ,**

- ଉପଯୁକ୍ତ ଚିହ୍ନଟ ପରେ କେବଳ ଯୋଗ୍ୟ ଚାଷୀଙ୍କୁ କାଳିଆ ଯୋଜନା ସହାୟତା ପ୍ରଦାନ କରିବାକୁ ଏକ ବଳିଷ୍ଠ ପ୍ରଣାଳୀ ବିକାଶ କରିପାରନ୍ତି ।
- ଅନୁମୋଦିତ ଉପଭୋକ୍ତା ଆବଶ୍ୟକତା ଏବଂ ପ୍ରଣାଳୀ ଆବଶ୍ୟକତା ନିର୍ଦ୍ଦିଷ୍ଟତା ଉପରେ ଆଧାର କରି ଆଇଟି ପ୍ରୟୋଗର ବିକାଶ ନିଶ୍ଚିତ କରିପାରନ୍ତି । ତଥ୍ୟର ଗୋପନୀୟତା, ଅଖଣ୍ଡତା ଏବଂ ଉପଲବ୍ଧତାକୁ ସୁନିଶ୍ଚିତ କରିବା ପାଇଁ ଆଇଟି ପ୍ରୟୋଗରେ ଉପଯୁକ୍ତ ଆଇଟି ନିୟନ୍ତ୍ରଣ ରହିବା ଉଚିତ୍ ଏବଂ ଅଡିଟ୍ ଟ୍ରେଲ୍ ବିନା କୌଣସି ପରିବର୍ତ୍ତନକୁ ଅନୁମତି ଦିଅନ୍ତୁ ନାହିଁ ।
- ଆଧାର ପେମେଣ୍ଟ ବ୍ରିଜ୍ ପ୍ରଣାଳୀ ଉପରେ ଆଧାର କରି ସମସ୍ତ ଡିବିଟି ଦେୟ ନିଶ୍ଚତ କରିପାରନ୍ତି ଏବଂ କୌଣସି ଯୋଗ୍ୟ ହିତାଧିକାରୀଙ୍କୁ ଦେୟ ପ୍ରଦାନ ପୂର୍ବରୁ ବ୍ୟାଙ୍କ ଆକାଉଣ୍ଟକୁ ବୈଧ କରିପାରନ୍ତି ।
- କାଳିଆ ଯୋଜନା ଅଧିନରେ ଥିବା ଅଯୋଗ୍ୟ ହିତାଧିକାରୀ, ଯେଉଁମାନେ ଭୁଲ୍ ଭାବରେ ସହାୟତା ପାଇଛନ୍ତି, ସେମାନଙ୍କ ଠାରୁ ଦେୟ ତୁରନ୍ତ ଅସୁଲ ପାଇଁ ଆବଶ୍ୟକ ପଦକ୍ଷେପ ନେଇପାରନ୍ତି ।

# ଅଧ୍ୟାୟ III

## "ସୁନ୍ଦରଗଡ଼ ଜିଲ୍ଲାରେ ରାଜ୍ୟ ପରିବେଶ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ପରିବେଶ ନିୟମ ଗୁଡ଼ିକର ପ୍ରୟୋଗ" ଉପରେ ବିସ୍ତୃତ ଅନୁପାଳନ ସମୀକ୍ଷା

# ଅଧ୍ୟାୟ III

## ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ

## 3. "ସୁନ୍ଦରଗଡ଼ ଜିଲ୍ଲାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ପରିବେଶ ନିୟମ ଗୁଡ଼ିକର ପ୍ରୟୋଗ" ଉପରେ ବିସ୍ତୃତ ଅନୁପାଳନ ସମୀକ୍ଷା

### 3.1 ଉପକ୍ରମ

ପରିବେଶ (ସଂରକ୍ଷଣ) ଅଧିନିୟମ, 1986 ଅନୁଯାୟୀ, ପରିବେଶରେ ଜଳ, ବାୟୁ, ଭୂମି ଏବଂ ଏମାନଙ୍କ ସମ୍ବନ୍ଧର ସମାହାର ଯାହାକି ଜଳ, ବାୟୁ, ସ୍ଥଳ ଓ ମାନବ, ଅନ୍ୟ ଜୀବିତ ପ୍ରାଣୀ, ବୃକ୍ଷଲତା, କ୍ଷୁଦ୍ର ଜୀବ ଏବଂ ବୈଭବ ଅନ୍ତର୍ଭୁକ୍ତ ଅଟେ । ପରିବେଶ ପ୍ରଦୂଷଣର ଅର୍ଥ ହେଲା କୌଣସି ପ୍ରକାରର କଠିନ, ତରଳ ବା ଗ୍ୟାସୀୟ ପଦାର୍ଥର ସମାହରଣ ଉପସ୍ଥିତି ଯାହା ପରିବେଶ ପାଇଁ ହାନୀକାରକ । ପ୍ରଗତିର ଚାହିଦା ହାସଲ ପାଇଁ ପ୍ରାକୃତିକ ସଂପଦର ଲଗାମଛଡ଼ା ଉପଯୋଗ, ଦୃତ ଶିଳ୍ପାୟନ ଏବଂ ଅଣ-ଯୋଜନା ଭିତ୍ତିକ ସହରୀକରଣ ପରିବେଶ ଉପରେ ନକରାତ୍ମକ ପ୍ରଭାବ ପକାଇଥାଏ । ବର୍ଜ୍ୟବସ୍ତୁ ନଦୀ ଓ ଅନ୍ୟ ଜଳାଶୟରେ ନିକ୍ଷେପ, ଜଙ୍ଗଲ ଜମିର ଅନ୍ୟ ଉଦ୍ଦେଶ୍ୟରେ ଅତ୍ୟଧିକ ରୁପାନ୍ତରଣ ଏବଂ ବାୟୁରେ କ୍ଷତିକାରକ ପ୍ରଦୂଷଣ ମାତ୍ରା ବୃଦ୍ଧି ପରିବେଶ ଅବକ୍ଷୟରେ ସହାୟକ ହୁଏ ।

ଓଡ଼ିଶା ଏକ ଖଣିଜ ସଂପଦ ପ୍ରାଚୁର୍ଯ୍ୟ ଭରା ରାଜ୍ୟ ଯାହା ବହୁ ବୃହତ୍ ଶିଳ୍ପ ଯଥା ଇସ୍ପାତ୍, ସିମେଣ୍ଟ, ସେରାମିକ୍ ଗ୍ଲାସ୍, ଆଲୁମିନିୟମ୍ ଇତ୍ୟାଦିଙ୍କୁ ଆକୃଷ୍ଟ କରିଛି । ଇସ୍ପାତର ପ୍ରମୁଖ କମ୍ପାନୀ ଯଥା ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ (ସେଲ୍), ନିଳାଚଳ ଇସ୍ପାତ ନିଗମ ଲିମିଟେଡ୍ (ଏନ୍ଆଇଏନ୍ଏଲ୍), ଜିନ୍ଦଲ ଷ୍ଟିଲ୍ ଇତ୍ୟାଦିର ଉପସ୍ଥିତି ରାଜ୍ୟର ଶିଳ୍ପ ପ୍ରଗତିର ସୂଚନା ଦେବା ବେଳେ ଶିଳ୍ପାୟନର ପ୍ରତିକୂଳ ପ୍ରଭାବ ପରିବେଶ ଉପରେ ପଡ଼ିବା ମଧ ଦର୍ଶାଉଛି ।

ପରିବେଶ ସଂକ୍ରାନ୍ତ ଗୁରୁତ୍ୱ ଏବଂ ଦୀର୍ଘସ୍ଥାୟୀ ପ୍ରଗତିର ଆବଶ୍ୟକତାକୁ ଦୃଷ୍ଟିରେ ରଖି ପରିବେଶ ସମୀକ୍ଷାର ଗୁରୁତ୍ୱ ବୃହତ୍ତର ବୋଲି ଅନୁମାନ କରାଗଲା । ପରିବେଶ ଆଇନର ପ୍ରୟୋଗର ଯାଞ୍ଚ ପାଇଁ, ଅଡିଟ୍ ଓଡ଼ିଶାର ଗୋଟିଏ ଜିଲ୍ଲାକୁ ଚିହ୍ନଟ କଲେ ଏବଂ ତାହାର ଅନୁପାଳନକୁ ଅଙ୍ଗୀକାର ବଦ୍ଧତାର ବିଶ୍ଳେଷଣ କରିବାକୁ ନିଷ୍ପତ୍ତି ନେଲେ ।



2020-21 ଅବଧିରେ ଏକ ମନୋନୀତ ଜିଲ୍ଲାରେ ପରିବେଶ ଆଇନ ପ୍ରୟୋଗର ବିସ୍ତୃତ ଅନୁପାଳନ ସମୀକ୍ଷା କରାଯାଇଥିଲା । ଏଥିପାଇଁ ସୁନ୍ଦରଗଡ଼ ଜିଲ୍ଲାକୁ ଅଡିଟ୍ ପାଇଁ ଚିହ୍ନଟ କରାଯାଇଥିଲା ଯେହେତୁ ଏହି ଜିଲ୍ଲା ଓଡ଼ିଶାର ଆୟତନର 16.96 ପ୍ରତିଶତ ଏବଂ ଓଡ଼ିଶାର ଖଣିଜ ପଦାର୍ଥ ମାନଚିତ୍ରରେ ଏହି ଜିଲ୍ଲା ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧୀକାର କରିଛି । 2011[38] ଜନଗଣନା ଅନୁଯାୟୀ ଏହାର ଆନୁମାନିକ ଜନସଂଖ୍ୟା 20.93 ଲକ୍ଷ । ମୁଖ୍ୟତଃ ଜିଲ୍ଲାର ପ୍ରମୁଖ ଖଣିଜ ଦ୍ରବ୍ୟ ଗୁଡ଼ିକ ହେଲା ମାଙ୍ଗାନିଜ, ଚୂନପଥର, ଡୋଲୋମାଇଟ୍ ଓ ଲୁହାପଥର ତା'ଛଡ଼ା ଅନ୍ୟାନ୍ୟ ଖଣିଜ ପଦାର୍ଥ ଯଥା- ବକ୍ସାଇଟ୍, କୋଇଲା, ସୋପ ଷ୍ଟୋନ୍/ ଟାଲ୍କ, ଲିଡ୍, ଜିଙ୍କ୍ ଓ ତମ୍ବା ମଧ ଏ ଜିଲ୍ଲାରେ ଉପଲବ୍ଧ ହୁଏ । ଗଚ୍ଛିତ

[38] ଉତ୍ସ: https://sundargarh.nic.in/demography/#

ପରିମାଣ ଓ ଉପଯୋଗୀ ଖଣିଜ ପଦାର୍ଥରେ ମିଳୁଥିବା ଗ୍ରେଡ୍ ଉପରେ ନିର୍ଭର କରି କୋଇଲା ପାଇଁ ଅଳ୍ପ କିଛି ପୁରୁଣା ଭୂତଳ ଖଣି ବ୍ୟତୀତ ଖଣି କାର୍ଯ୍ୟକଳାପ ପ୍ରୟତଃ ଛୋଟ କିମ୍ବା ବଡ଼ ଓପନ କାଷ୍ଟ ଖଣିରେ ଚାଲିଥାଏ । ଓପନ କାଷ୍ଟ ଖଣିର ଖନନ ପଦ୍ଧତି ହେଉଛି ହସ୍ତକୃତ ଭାବରେ, ଅର୍ଦ୍ଧ ଯାନ୍ତ୍ରିକ ବା ଯାନ୍ତ୍ରିକ ପ୍ରଣାଳୀ । ମୁଖ୍ୟ ଶିଳ୍ପ ଗୁଡ଼ିକ ଯଥା ସେଲ୍‌ର, ରାଉରକେଲା ଇସ୍ପାତ କାରଖାନା, ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡ୍, ମହାନଦୀ କୋଲ ଫିଲ୍ଡ ଏହି ଜିଲ୍ଲାରେ ଅବସ୍ଥିତ । ସୁନ୍ଦରଗଡ଼ ଜିଲ୍ଲାର ପ୍ରଦୂଷଣର ପ୍ରମୁଖ ସ୍ରୋତ ହେଲେ 44 ଟି ଖଣି, 376 ଟି ଶିଳ୍ପ କାରଖାନା, 47 ଟି ସ୍ୱାସ୍ଥ୍ୟ ସେବା କେନ୍ଦ୍ର (ବାୟୋ-ମେଡିକାଲ ବର୍ଜ୍ୟବସ୍ତୁ ସୃଷ୍ଟି କରୁଥିବା ସଂସ୍ଥା) ଏବଂ ଚାରିଟି ସହରାଞ୍ଚଳ ସ୍ଥାନୀୟ ନିକାୟ (ସଂସ୍ଥା)[39] (କଠିନ ବର୍ଜ୍ୟବସ୍ତୁ ଓ ମଇଳା ଜଳ ନିଷ୍କାସନ କରୁଥିବା ସଂସ୍ଥା) ।

### 3.1.1 ଅଡିଟ୍‌ର ଉଦ୍ଦେଶ୍ୟ ଓ ମାନଦଣ୍ଡ

ଏହି ବିସ୍ତୃତ ଅନୁପାଳନ ସମୀକ୍ଷା (ଡିସିଏ) ର ଉଦ୍ଦେଶ୍ୟ ହେଉଛି ଯେ ସେ ସବୁ ଜିନିଷର ମୁଲ୍ୟାଙ୍କନ କରିବ ଯାହା (i) ସମସ୍ତ ପରିବେଶ ନିମିତ୍ତ ପ୍ରସ୍ତୁତ ଧାରା ଏବଂ ତାହାକୁ ଆଧାର କରି ପ୍ରସ୍ତୁତ ଆଇନ୍ ଯଥାର୍ଥ ରୂପେ ଓ ପ୍ରଭାବଶାଳୀ ଭାବେ କାର୍ଯ୍ୟକାରୀ ହୋଇଥିବ, (ii) ଉପଲବ୍ଧ ରାଶି ଅର୍ଥନୈତିକ ଉଦ୍ଦେଶ୍ୟରେ ଉଦ୍ଦିଷ୍ଟ ହୋଇଥିବ, ଦକ୍ଷତା ଏବଂ ଫଳପ୍ରଦ ଭାବେ ବ୍ୟବହାର ହୋଇଥିବ ଏବଂ (iii) କାର୍ଯ୍ୟକାରୀ କର୍ତ୍ତୃପକ୍ଷଙ୍କ ଦ୍ୱାରା ଯଥାର୍ଥ ରୂପେ ଏବଂ ଫଳପ୍ରଦ ଭାବେ ତତ୍ତ୍ୱାବଧାନ ଓ ତଦାରଖ ହୋଇଥିବ ।

ଅଡିଟ୍ ମାନଦଣ୍ଡର ମୁଖ୍ୟ ଉତ୍ସ ଥିଲା (i) ପରିବେଶ (ସଂରକ୍ଷଣ) ଧାରା 1986; (ii) ବାୟୁ ପ୍ରଦୂଷଣର ପ୍ରତିରୋଧ ଓ ନିୟନ୍ତ୍ରଣ ଧାରା 1981; (iii) ଜଳ (ପ୍ରଦୂଷଣ ନିୟନ୍ତ୍ରଣ ଏବଂ ନିବାରଣ) ଧାରା 1974; (iv) କଠିନ ବର୍ଜ୍ୟବସ୍ତୁ ପରିଚାଳନା ଆଇନ୍ , 2016; (v) ବାୟୋମେଡିକାଲ ବର୍ଜ୍ୟବସ୍ତୁ ପରିଚାଳନା ଆଇନ୍, 2016; (vi) ଇ-ବର୍ଜ୍ୟବସ୍ତୁ (ପରିଚାଳନା) ଆଇନ୍, 2016; (vii) ନିର୍ମାଣ ଓ ଭଗ୍ନାବଶେଷ ବର୍ଜ୍ୟବସ୍ତୁ ପରିଚାଳନା ଆଇନ୍, 2016; (viii) ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ପରିଚାଳନା ନିୟମ, 2016; (ix) ବିପଦଜନକ ଏବଂ ଅନ୍ୟ ବର୍ଜ୍ୟବସ୍ତୁ (ପରିଚାଳନା ଓ ସୀମା ଅତିକ୍ରମଣ) ଆଇନ୍, 2016 ଏବଂ (x) କେନ୍ଦ୍ର ଓ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ଜାରି କରାଯାଇଥିବା ନିୟମାବଳୀ ଯାହାଉପରେ ଆଧାର କରି ଅଡିଟ୍ ପର୍ଯ୍ୟବେକ୍ଷଣ କରାଯାଇଛି ।

### 3.1.2 ସାଂଗଠନିକ ବ୍ୟବସ୍ଥା

ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ (ଏଫ୍ଇଆଣ୍ଡସିସି) ବିଭାଗ, ଓଡ଼ିଶା ସରକାରଙ୍କ ପ୍ରଶାସନିକ ନିୟନ୍ତ୍ରଣ ଅଧିନରେ ଥିବା ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଓଏସ୍‌ପିସିବି) କାର୍ଯ୍ୟ କରିଆସୁଅଛି ଏହାର ପ୍ରତ୍ୟେକ 12 ଟି ଆଞ୍ଚଳିକ କାର୍ଯ୍ୟାଳୟରେ ଜଣେ ଆଞ୍ଚଳିକ ଅଧିକାରୀ (ଆରଓ) ମୁଖ୍ୟ ଅଛନ୍ତି । ଓଏସ୍‌ପିସିବିକୁ ପରିବେଶ ଧାରା ଓ କେତେକ ଆଇନ କାର୍ଯ୍ୟକାରିଣୀର ଦାୟିତ୍ୱ ଭାରାର୍ପଣ କରାଯାଇଛି ଯାହାକି ନିର୍ଦ୍ଦିଷ୍ଟ ଭାବେ ପରିବେଶ ସମସ୍ୟା ଯଥା ବିପଦଜନକ ବର୍ଜ୍ୟବସ୍ତୁ ପରିଚାଳନା, ବାୟୋ-ମେଡିକାଲ ବର୍ଜ୍ୟବସ୍ତୁ ପରିଚାଳନା, କଠିନ ବର୍ଜ୍ୟବସ୍ତୁ ପରିଚାଳନା, ଇ-ବର୍ଜ୍ୟବସ୍ତୁ ପରିଚାଳନା, ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ପରିଚାଳନା, ପରିବେଶ ପ୍ରଭାବ ନିର୍ଦ୍ଧାରଣ ଇତ୍ୟାଦି ପରିବେଶ (ସଂରକ୍ଷଣ) ଆଇନ୍ ଅଧିନରେ ଅଣାଯାଇଛି । ଓଏସ୍‌ପିସିବି ମଧ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଅନ୍ୟାନ୍ୟ ପରିବେଶ ଆଇନ୍ ଗୁଡ଼ିକର ସଠିକ୍ କାର୍ଯ୍ୟକାରିତାକୁ କାର୍ଯ୍ୟକାରୀ କରେ ଏବଂ ସୁନିଶ୍ଚିତ କରେ ।

ଆର୍‌ଓ, ଓଏସ୍‌ପିସିବି, ଝାରସୁଗୁଡ଼ା ଅଧିନରେ ଥିବା ହେମଗିରି ବ୍ଲକକୁ ଛାଡ଼ି ସୁନ୍ଦରଗଡ଼ ଜିଲ୍ଲାର ଶିଳ୍ପ, ଖଣି ତଥା ସମସ୍ତ ବ୍ଲକରେ ଥିବା ଅନ୍ୟ ୟୁନିଟ୍ ଗୁଡ଼ିକରେ ପ୍ରଦୂଷଣ ନିୟନ୍ତ୍ରଣ ଏବଂ ପ୍ରତିକାର, ନିୟମିତ ପ୍ରବାହମାନ ନିର୍ଗତ ପଦାର୍ଥ ଏବଂ ବର୍ଜ୍ୟ ଉତ୍ସର୍ଜନ ତଥା ତାହାର ସ୍ଥାନାନ୍ତରଣ ଇତ୍ୟାଦିର ନିୟମିତ ତଦାରଖ କରିବାର ଦାୟିତ୍ୱ ଓଏସ୍‌ପିସିବି, ରାଉରକେଲା ସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟର ମୁଖ୍ୟ ଆଞ୍ଚଳିକ ଅଧିକାରୀଙ୍କ ଉପରେ ନ୍ୟସ୍ତ ଅଟେ ।

### 3.1.3 ପରିସର ଓ ପଦ୍ଧତି

ଓଡ଼ିଶାର ମହାମାରୀ ଯୋଗୁଁ ଫେବୃଆରୀ ରୁ ମାର୍ଚ୍ଚ 2020 ଏବଂ ଜାନୁଆରୀ ରୁ ଅପ୍ରେଲ 2021 ମଧ୍ୟରେ ଅଡିଟ୍ କରାଯାଇଥିଲା । ବିସ୍ତୃତ ଅନୁପାଳନ ସମୀକ୍ଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଭୁବନେଶ୍ୱର, ଚାରିଟି

[39] ରାଉରକେଲା ମହାନଗର ନିଗମ, ସୁନ୍ଦରଗଡ଼ ନଗର ପାଳିକା, ରାଜଗାଙ୍ଗପୁର ନଗର ପାଳିକା ଏବଂ ବୀରମିତ୍ରପୁର ନଗର ପାଳିକା

ୟୁଏଲ୍‌ବି ମଧ୍ୟରୁ ରାଉରକେଲା ମହାନଗର ନିଗମ, 47 ଟି ସ୍ୱାସ୍ଥ୍ୟ ସେବା ସୁବିଧା(ଏଚ୍‌ସିଏଫ୍) ମଧ୍ୟରୁ 12[40] ଟିର ଓ ପାଞ୍ଚଟି[41] ପର୍ଯ୍ୟାଲୋଚନା ୟୁନିଟ୍ 2016-20 ଅବଧି ପାଇଁ ଅନ୍ତର୍ଭୁକ୍ତ କରାଯାଇଥିଲା ।

ଏଚ୍‌ସିଏଫ୍ ଏବଂ ୟୁଏଲ୍‌ବି ଗୁଡ଼ିକୁ ଯଥାକ୍ରମେ ବେଡ୍ କ୍ଷମତା ଓ ଲୋକସଂଖ୍ୟାକୁ ବିଚାରକୁ ନେଇ ଅନିୟମିତ ନମୁନା ପ୍ରଣାଳିରେ ଚୟନ କରାଯାଇଥିଲା । ସମୀକ୍ଷାର ଧାରାରେ ଦସ୍ତାବିଜର ବିଶ୍ଳେଷଣ ମାଧ୍ୟମରେ ଅଡିଟ୍ ପ୍ରଶ୍ନର ଉତ୍ତର, ପ୍ରଶ୍ନାବଳୀ, ଫଟୋଗ୍ରାଫି ପ୍ରମାଣ ଓ ବିଭିନ୍ନ କାର୍ଯ୍ୟକାରୀ ଏଜେନ୍‌ସିମାନଙ୍କ ନଥିପତ୍ର ଓ ଦସ୍ତାବିଜ୍ ଯାଞ୍ଚ ରିପୋର୍ଟରୁ ତଥ୍ୟ ସଂଗ୍ରହ କରାଯାଇଥିଲା । 12 ଟି ୟୁନିଟର ମିଳିତ ସରଜମିନ୍ ତଦନ୍ତ (ମିଳିତ ସରଜମିନ୍ ତଦନ୍ତ) କରାଯାଇ ବିଭିନ୍ନ ବର୍ଜ୍ୟବସ୍ତୁର ପରିଚାଳନା ନିରୀକ୍ଷଣ କରାଯାଇଥିଲା ।

ପରିବହନ ବିଭାଗ ଦ୍ୱାରା ଯାନବାହାନରୁ ନିର୍ଗତ ପ୍ରଦୂଷଣ ନିରୀକ୍ଷଣ ହୋଇଥିଲା, ତେଣୁ ତାହା ବର୍ତ୍ତମାନ ଏହି ଅନୁପାଳନ ସମୀକ୍ଷାରେ ଅନ୍ତର୍ଭୁକ୍ତ ହୋଇନାହିଁ ।

ଏହି ସମୀକ୍ଷାର ଡ୍ରାଫ୍ଟ ରିପୋର୍ଟ ଫେବୃଆରୀ 2022 ରେ ଓଡ଼ିଶା ସରକାରଙ୍କୁ ପଠାଯାଇଥିଲା । 9 ଜୁନ୍ 2022 ରେ ଅଡିଟ୍ ଫଳାଫଳ ପ୍ରସ୍ଥାନ ସମ୍ମିଳନୀ ସମୟରେ ଆଲୋଚନା ହୋଇଥିଲା ଏବଂ ସରକାରଙ୍କ ଉତ୍ତର ଉପଯୁକ୍ତ ରୂପେ ରିପୋର୍ଟରେ ଅନ୍ତର୍ଭୁକ୍ତ କରାଯାଇଛି ।

### 3.1.4 ବିଭାଗ ଦ୍ୱାରା ଗ୍ରହଣ କରାଯାଇଥିବା ଉତ୍ତମ ଅନୁଶୀଳନ

ବାୟୋ-ମେଡିକାଲ ବର୍ଜ୍ୟବସ୍ତୁର ବାରକୋଡିଂ ସଫ୍ଟଓୟାରର ଉତ୍ତମ ପରିଚାଳନା ନିମନ୍ତେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ନିମ୍ନଲିଖିତ ଉତ୍ତମ ଅନୁଶୀଳନ ଗୁଡ଼ିକ ଗ୍ରହଣ କରିଛନ୍ତି:

- ବିଭାଗ ଅଭିନବ ପୂର୍ଣ୍ଣାଙ୍ଗକରଣ ପ୍ରଣାଳୀରେ ବାୟୋମେଡିକାଲ ବର୍ଜ୍ୟବସ୍ତୁର ବାର-କୋଡିଂ ପାଇଁ ଅନନ୍ୟ ଏକୀକୃତ ସଫ୍ଟୱେୟାର ନିବେଶନ କରି ପୃଥକ କରିବା ପ୍ରଣାଳୀ ଖୋଜି ବାହାର କରି ସମ୍ପୂର୍ଣ୍ଣ ବିନ୍ୟାସ ହେବା ଯାଏ ଉପାୟ ନିରୂପଣ କରିଥିଲେ ।
- ଏକ ଡ୍ୟାସ୍‌ବୋର୍ଡ ରିଅଲ୍‌ଟାଇମ୍ ଡାଟା ପ୍ରଦାନ କରୁଥିଲା ଏବଂ ବର୍ଜ୍ୟବସ୍ତୁର ସୃଷ୍ଟି ଠାରୁ ନଷ୍ଟ ହେବା ଯାଏ ନିରୀକ୍ଷଣ ବ୍ୟବସ୍ଥା ପ୍ରତିଦିନ ନିହାତି ଭାବରେ ହେଉଥିଲା ଏଥିସହିତ ଜିପିଏସ୍ ସକ୍ଷମ ଯାନଗୁଡ଼ିକର ଟ୍ରାକିଂ ହେଉଥିଲା ।

## ଅଡିଟ୍ ସିଦ୍ଧାନ୍ତ

## 3.2 ବାୟୁ ପ୍ରଦୂଷଣ

### 3.2.1 ବେଷ୍ଟନକାରୀ ବାୟୁ ଗୁଣବତ୍ତାର ପର୍ଯ୍ୟାଲୋଚନା

କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି)ର ବିଜ୍ଞପ୍ତି (ନଭେମ୍ବର 2009) ଅନୁଯାୟୀ ଜାତୀୟ ବେଷ୍ଟନକାରୀ ବାୟୁ ଗୁଣବତ୍ତା ମାନକ ପାଇଁ ବାୟୁରେ କଣିକା ପଦାର୍ଥର (ପିଏମ୍)[42] ହାରାହାରି ବାର୍ଷିକ ଆକାର

[40] i) ରାଉରକେଲା ସରକାରୀ ଚିକିତ୍ସାଳୟ(ଆର୍‌ଜିଏଚ୍), ରାଉରକେଲା, ii) ସବ୍-ଡିଭିଜନାଲ ଚିକିତ୍ସାଳୟ ବଣେଇ, iii) ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର (ସିଏଚ୍‌ସି), ସବ୍‌ଡେଗା, iv) ସିଏଚ୍‌ସି, ହେମଗିରି, v) ସିଏଚ୍‌ସି, ରାଜଗାଙ୍ଗପୁର, vi) ସିଏଚ୍‌ସି, ବଡ଼ଗାଁ, vii) ମେସର୍ସ ଭେସଜ ପଟେଲ ଚିକିତ୍ସାଳୟ ଏବଂ ଅନୁସନ୍ଧାନ କେନ୍ଦ୍ର, ରାଉରକେଲା, viii) ମେସର୍ସ ଆସ୍ଥା ମାତା ଓ ଶିଶୁ ଯତ୍ନ ଚିକିତ୍ସାଳୟ, ରାଉରକେଲା, ix) ମେସର୍ସ କମ୍ୟୁନିଟି ୱେଲଫେୟାର ସୋସାଇଟି ଚିକିତ୍ସାଳୟ, ରାଉରକେଲା, x) ମେସର୍ସ ରାଜସ୍ଥାନ ସେବା ସଦନ, ରାଉରକେଲା, xi) ମେସର୍ସ ଶାନ୍ତି ମେମୋରିଆଲ ଚିକିତ୍ସାଳୟ, ରାଉରକେଲା ଏବଂ xii) ମେସର୍ସ ହାଇଟେକ୍ ମେଡିକାଲ କଲେଜ ଏବଂ ହସ୍ପିଟାଲ, ରାଉରକେଲା

[41] i) ଆର୍‌ଓ, ଓଏସ୍‌ପିସିବି, ରାଉରକେଲା, ii) ଆର୍‌ଓ, ଓଏସ୍‌ପିସିବି, ଝାରସୁଗୁଡ଼ା, iii) ମୁଖ୍ୟ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ (ସିଡିଭିଓ), ସୁନ୍ଦରଗଡ଼, iv) ମୁଖ୍ୟ ଜିଲ୍ଲା ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ (ସିଡିଏମ୍ ଏବଂ ପିଏଚ୍‌ଓ), ସୁନ୍ଦରଗଡ ଏବଂ v) ଉପ ନିର୍ଦ୍ଦେଶକ, ଫ୍ୟାକ୍ଟ୍ରି ଓ ବଏଲର, ରାଉରକେଲା

10 ମାଇକ୍ରନରୁ କମ୍ (ପିଏମ୍$_{10}$ ମାଇକ୍ରୋଗ୍ରାମ୍/ ଏମ୍$^3$) ହେଉଛି 60 ମାଇକ୍ରୋଗ୍ରାମ୍/ଏମ୍$^3$ ଏବଂ ବାୟୁରେ କଣିକା ପଦାର୍ଥର ହାରାହାରି ବାର୍ଷିକ ଆକାର 2.5 ମାଇକ୍ରନ୍ (ପିଏମ୍$_{2.5}$ ମାଇକ୍ରୋଗ୍ରାମ୍/ ଏମ୍$^3$) ରୁ କମ୍ ହେଉଛି 40 ମାଇକ୍ରୋଗ୍ରାମ୍/ ଏମ୍$^3$ ।

ରେକର୍ଡ ଗୁଡ଼ିକର ଯାଞ୍ଚରୁ ଜଣାଗଲା ଯେ ଜାତୀୟ ବାୟୁ ଗୁଣବତ୍ତା ପର୍ଯ୍ୟାଲୋଚନା କାର୍ଯ୍ୟକ୍ରମ (ଏନ୍ଏଏମ୍ପି) ଅଧିନରେ ଥିବା ସୁନ୍ଦରଗଡ଼ ଜିଲ୍ଲାରେ ତିନୋଟି ସହରର ଛଅଟି[43] ସ୍ଥାନରେ ଏବଂ ଶିଳ୍ପାଞ୍ଚଳରୁ ଆର୍ଓ, ଓଏସ୍ପିସିବି, ରାଉରକେଲା ବେଷ୍ଟନକାରୀ ବାୟୁ ଗୁଣବତ୍ତା (ଏଏକ୍ୟୁ) ଉପରେ ନଜର ରଖିଥିଲେ । ଓଏସ୍ପିସିବି 2016-20 ଅବଧିରେ 7,238 ଏଏକ୍ୟୁ ନମୁନାର ବିଶ୍ଳେଷଣ କରିଥିଲା, ଯେଉଁଥିରେ ହାରାହାରି ବର୍ଷ ତମାମ ପିଏମ୍$_{10}$ ପରିମାଣ ଉର୍ଦ୍ଧ୍ୱରେ ଥିଲା ଯାହାକି 65 ମାଇକ୍ରୋଗ୍ରାମ୍/ଏମ୍$^3$ (108 ପ୍ରତିଶତ) ଓ 207 ମାଇକ୍ରୋଗ୍ରାମ୍/ଏମ୍$^3$ (345 ପ୍ରତିଶତ) ମଧ୍ୟରେ ଥିଲା ଯେଉଁଠି ମାପକ ପାରାମିଟର 60 ମାଇକ୍ରୋଗ୍ରାମ୍/ଏମ୍$^3$ ଅଟେ । ସେହିପରି ହାରାହାରି ପିଏମ୍$_{2.5}$ ମାପକ ପାରାମିଟର 40 ମାଇକ୍ରୋଗ୍ରାମ୍/ଏମ୍$^3$ ସ୍ଥାନରେ 42 ମାଇକ୍ରୋଗ୍ରାମ୍/ ଏମ୍$^3$ (105 ପ୍ରତିଶତ) ରୁ 63 ମାଇକ୍ରୋଗ୍ରାମ୍/ଏମ୍$^3$ (158 ପ୍ରତିଶତ) ମଧ୍ୟରେ ଥିଲା ।

ସମୀକ୍ଷାରେ ଦେଖାଗଲା ଯେ, 2019-20 ବର୍ଷରେ ରାଜ୍ୟର ଅନ୍ୟ ସମସ୍ତ 29 ଟି ଜିଲ୍ଲାରେ ସମୁଦାୟ 1,301 ଟି ରୋଗୀ ଚିହ୍ନଟ ହୋଇଥିବା ବେଳେ ତାହା ତୁଳନାରେ ସୁନ୍ଦରଗଡ଼ ଜିଲ୍ଲାରେ 2,440 ଫୁସ୍ଫୁସ୍ ଆକ୍ରାନ୍ତ ଜନିତ ରୋଗୀ ଚିହ୍ନଟ ହୋଇଥିଲେ । ବାୟୁ ପ୍ରଦୂଷଣର ସାନ୍ଦ୍ରତା ଅଧିକ ଥିବା ଯୋଗୁଁ ଜିଲ୍ଲାରେ ଫୁସ୍ଫୁସ୍ ଆକ୍ରାନ୍ତ ସଂଖ୍ୟା ବଢ଼ିବାର ଅନ୍ୟତମ କାରଣ । ବାୟୁରେ ଅଧିକ ମାତ୍ରାରେ ସିଲିକା ଗୁଣ୍ଡ ଉଚ୍ଚସ୍ତରର ପିଏମ୍$_{2.5}$ ଏବଂ ପିଏମ୍$_{10}$ ଥିବା ଯୋଗୁଁ ଜିଲ୍ଲାରେ 2016-19 ଅବଧିରେ 61,698 ରୋଗୀ ସିଲିକୋସିସ୍[44]ରେ ଚିକିତ୍ସାଧିନ ରହିଥିଲେ । ସମୀକ୍ଷା ଦେଖିବାକୁ ପାଇଥିଲା ଯେ, ଜିଲ୍ଲାରେ ବିଭିନ୍ନ ଶିଳ୍ପଗୁଡ଼ିକ ଦ୍ୱାରା ସୃଷ୍ଟି ହେଉଥିବା ପ୍ରଦୂଷଣ କାରଣରୁ ବାୟୁମଣ୍ଡଳରେ ପ୍ରଦୂଷଣ ସାନ୍ଦ୍ରତାର ମାତ୍ରା ଅଧିକ ଥିଲା ।

ଉପରୋକ୍ତ ସମୀକ୍ଷା ଅବଲୋକନର କୌଣସି ନିର୍ଦ୍ଦିଷ୍ଟ ଉତ୍ତର ସରକାର ପ୍ରଦାନ କରିନଥିଲେ (ମଇ 2022) ।

## 3.2.2 ଶିଳ୍ପଗୁଡ଼ିକ ଦ୍ୱାରା ବାୟୁ ପ୍ରଦୂଷଣ

**3.2.2.1** ଆଞ୍ଚଳିକ ଅଧିକାରୀ, ଓଏସ୍ପିସିବି ରାଉରକେଲାର ରେକର୍ଡର ଯାଞ୍ଚରେ ଦେଖାଗଲା ଯେ ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡ୍ ଗୋଟିଏ 'କ' ବର୍ଗର ଶିଳ୍ପ[45] ଯାହାର କି ସୁନ୍ଦରଗଡ଼ ଜିଲ୍ଲାର ରାଜଗାଙ୍ଗପୁରରେ (ସୁନ୍ଦରଗଡ଼ ଜିଲ୍ଲାରେ ଏକ ସହର) ଏହାର ପ୍ଲାଣ୍ଟ ଅବସ୍ଥିତ । ବାୟୁ (ପ୍ରଦୂଷଣ ନିବାରଣ ଓ ନିୟନ୍ତ୍ରଣ) ଧାରା 1981 ର ପରିଚ୍ଛେଦ 21 ଅନୁସାରେ ଏବଂ ଓଏସ୍ପିସିବି ଦ୍ୱାରା ପ୍ରେରିତ କାର୍ଯ୍ୟନିର୍ବାହର ସମ୍ମତି (ସିଟିଓ)ର ସର୍ତ୍ତାବଳୀ ସ୍ଥିର କରିଛି ଯେ ସିଟିଓ ସର୍ତ୍ତକୁ ବୈଧତା ରଖିବା ପାଇଁ ଶିଳ୍ପ ସଂସ୍ଥା 34 ଟି ପ୍ରବାହମାନ ଓ 12 ଟି ବାୟୁ ପ୍ରଦୂଷକ ମଧ୍ୟରେ ଚାରିଟି ଷ୍ଟାକ୍ ନିର୍ଗତ[46] ଦୂଷିତ ପଦାର୍ଥ ନିର୍ଦ୍ଧାରିତ ମାନକ ଅନୁଯାୟୀ ନିୟମ ପାଳନ କରିବାର ଥିଲା ।

ଶିଳ୍ପର ମାସିକ ଏଏକ୍ୟୁ ପର୍ଯ୍ୟାଲୋଚନା ରିପୋର୍ଟର ପରୀକ୍ଷଣ ଯାଞ୍ଚରୁ ଜଣାଗଲା ଯେ କେବଳ ପାଞ୍ଚଟି ବାୟୁ ପ୍ରଦୁଷଣ ସହିତ ଗୋଟିଏ ଷ୍ଟାକ୍ ନିର୍ଗତ ଦୂଷିତ ପଦାର୍ଥ ଉପରେ ପର୍ଯ୍ୟାଲୋଚନା କରାଯାଇଥିଲା, କିନ୍ତୁ 34 ଟି

---

42 ବାୟୁ ପ୍ରଦୂଷଣର ଏକାଗ୍ରତା ମାଇକ୍ରୋଗ୍ରାମ (ଏକ ଗ୍ରାମର ଏକ ମିଲିୟନ) ପ୍ରତି ଘନ ମିଟର ବାୟୁ କିମ୍ବା ମାଇକ୍ରୋଗ୍ରାମ୍/ଏମ୍$^3$ ରେ ଦିଆଯାଏ ।

43 1) ଆର୍ଓ, ଓସ୍ପିସିବି, ରାଉରକେଲା, 2) ଆଇଡିଏଲ୍ ପୋଲିସ୍ ଆଉଟି ପୋଷ୍ଟ, ସୋନାପର୍ବତ, ରାଉରକେଲା, 3) ଓଡ଼ିଶା ଶିଳ୍ପ ବିକାଶ କେନ୍ଦ୍ର (ଆଇଡିସିଓ) ୱାଟର ଟ୍ୟାଙ୍କ, ଶିଳ୍ପ ନିଗମ, କାଲୁଙ୍ଗ(4) ସରକାରୀ ଚିକିତ୍ସାଳୟ, କୁଆଁରମୁଣ୍ଡା, 5) ଡାଲମିଆ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ସାଇଣ୍ଟିଫିକ୍ ଏବଂ ଇଣ୍ଡଷ୍ଟ୍ରିଆଲ ରିସର୍ଚ୍ଚ, ରାଜଗାଙ୍ଗପୁର ଏବଂ 6) ସରକାରୀ ଚିକିତ୍ସାଳୟ, ବଣେଇ

44 ସିଲିକୋସିସ୍ ହେଉଛି ଏକ ପ୍ରକାରର ଫୁସ୍ଫୁସ୍ ଫାଇବ୍ରୋସିସ୍, ଫୁସ୍ଫୁସ୍ ରୋଗ ଯାହା ସିଲିକାର କ୍ଷୁଦ୍ର ବିଟରେ ନିଶ୍ୱାସ ପ୍ରଶ୍ୱାସ ସୃଷ୍ଟି ହୁଏ, ବାଲି, କ୍ୱାର୍ଟଜ୍ ଏବଂ ଅନ୍ୟ ପ୍ରକାରର ପଥରରେ ମିଳୁଥିବା ସାଧାରଣ ଖଣିଜ ପଦାର୍ଥ ।

45 କୋଇଲା, ବକ୍ସାଇଟ୍, ଲୌହ, ମାଙ୍ଗାନିଜ୍, ଚୁନପଥର, ଡୋଲାମାଇଟ୍ ଏବଂ କ୍ରୋମାଇଟ୍ ସହିତ କାରବାର କରୁଥିବା ଖଣି ପ୍ରକଳ୍ପଗୁଡ଼ିକ ଏବଂ 50 କୋଟି ଟଙ୍କାରୁ ଅଧିକ ପୁଞ୍ଜି ବିନିଯୋଗ କରୁଥିବା ଶିଳ୍ପଗୁଡ଼ିକ 'କ' ଶ୍ରେଣୀରେ ଅନ୍ତର୍ଭୁକ୍ତ ।

46 ଷ୍ଟାକ୍ ନିର୍ଗତ ଦୂଷିତ ପଦାର୍ଥ ହେଉଛି ସେହି ଗ୍ୟାସ୍ ଏବଂ କଠିନ ଯାହା ଜାଳେଣି ପ୍ରକ୍ରିୟା ପରେ ଧୂଆଁ ଷ୍ଟାକ୍ରୁ ବାହାରିଥାଏ ।

ପ୍ରବାହମାନ ଏପରିକି ଅବଶିଷ୍ଟ ସାତଟି ବ୍ୟୟୁ ପ୍ରଦୂଷଣ ସହିତ ତିନୋଟି ଷ୍ଟାକ୍ ନିର୍ଗତ ଦୂଷିତ ପଦାର୍ଥ ମନିଟର କରାଯାଇ ନଥିଲା । ଏନ୍ଏଏମ୍ପି ଅଧିନରେ ଥିବା ରାଜଗାଙ୍ଗପୁର ମନିଟରିଂ ଷ୍ଟେସନରେ ପିଏମ୍$_{10}$ ଓ ପିଏମ୍$_{2.5}$ ହାରାହାରି ସ୍ତର 2016-20 ଅବଧିରେ ବହୁ ଉର୍ଦ୍ଧ୍ୱରେ ଥିଲା ଯାହା ପିଏମ୍$_{10}$ ବାବଦରେ 92 ରୁ 149 ମାଇକ୍ରୋଗ୍ରାମ୍/ଏମ୍$^3$ (153 ରୁ 248 ପ୍ରତିଶତ) ଏବଂ ପିଏମ୍$_{2.5}$ ବାବଦରେ 36 ରୁ 58 ମାଇକ୍ରୋଗ୍ରାମ୍/ଏମ୍$^3$ (90 ରୁ 145 ପ୍ରତିଶତ) ଥିଲା ଯାହାକି ନିର୍ଦ୍ଧାରିତ ମାନକ ସ୍ତର ଯଥାକ୍ରମେ 60 ମାଇକ୍ରୋଗ୍ରାମ୍/ଏମ୍$^3$ ଏବଂ 40 ମାଇକ୍ରୋଗ୍ରାମ୍/ଏମ୍$^3$ ରହିବା କଥା ।

ଏହି ଶିଳ୍ପସଂସ୍ଥା ସମ୍ବନ୍ଧରେ ନଥିର ପରୀକ୍ଷଣ ଯାଞ୍ଚରୁ ଜଣାଗଲା ଯେ ଓଏସ୍ପିସିବିର ନିର୍ଦ୍ଦେଶ ସତ୍ତ୍ୱେ ଆଞ୍ଚଳିକ ଅଧିକାରୀ:

(i) ମଇ 2019 ରେ ପିଏମ୍$_{10}$ ର ଉଚ୍ଚ ସ୍ତରର ଉପସ୍ଥିତିର କାରଣ ବାହାର କରିନଥିଲେ ;

(ii) ଶିଳ୍ପ ସଂସ୍ଥାନ ବିରୁଦ୍ଧରେ ପ୍ରଦୂଷଣ ରୋକିବା ପାଇଁ କ୍ଲୋଜ ଚାମ୍ବରରୁ ବର୍ଜ୍ୟବସ୍ତୁ ସଂଗ୍ରହ ନକରିବା ନେଇ କୌଣସି ପଦକ୍ଷେପ ନେଇନଥିଲେ;

(iii) ଦୂଷିତ କୋଇଲା, ଚୂନପଥର ଏବଂ ବିପଦଜନକ ରାସାୟନିକ ପଦାର୍ଥରୁ ନିର୍ଗତ ବାୟ ପ୍ରଦୂଷଣ ଯାହା ଶ୍ୱାସଗତ ରୋଗର କାରଣ ଅଟେ, ଏହାର କୌଣସି ତଦନ୍ତ କରିନଥିଲେ; ଏବଂ

(iv) ବୈଦ୍ୟୁତିକ ପ୍ରଣାଳୀରେ ବୃଷ୍ଟିପାତ ଅଚଳ ହେବା ଏବଂ ବହିଃସ୍ରୋତ ଜଳ ପ୍ରାକୃତିକ ସମ୍ପଦ ଏବଂ ଘରୋଇ ଚାଷ ଜମିକୁ ନିଷ୍କାସନର ଯାଞ୍ଚ କରାଯାଇନଥିଲା ।

ପୁନଶ୍ଚ, ଶିଳ୍ପ ସଂସ୍ଥାଟି 2011 ରୁ ଓଏସ୍ପିସିବି ଠାରୁ ସ୍ଥାପନ ପାଇଁ ସମ୍ମତି (ସିଟିଇ) ହାସଲ ନକରି ମ୍ୟୁନିସିପାଲିଟିର ମୁଖ୍ୟ ରାସ୍ତା ଉପର ଦେଇ ଖଣି ଠାରୁ ପ୍ଲାଣ୍ଟ ପର୍ଯ୍ୟନ୍ତ କନଭେୟର ପ୍ରଣାଳୀ ସ୍ଥାପନ କରି ଚାଲୁଥିଲା । ଓଏସ୍ପିସିବି ଠାରୁ ସିଟିଇ ହାସଲ ନକରି କନଭେୟର ବେଲ୍ଟରେ ଖଣିରୁ ଖଣିଜ ପଦାର୍ଥ ବୁହା ହେବା 2011 ରୁ 2020 ବହୁଦିନ ପର୍ଯ୍ୟନ୍ତ ଅଣଦେଖା ରହିଥିଲା ଯାହାଦ୍ୱାରା ପ୍ରାସଙ୍ଗିକ କାର୍ଯ୍ୟର କାର୍ଯ୍ୟକାରିତା ସଂପୃକ୍ତ ଆର୍ଓଙ୍କ ତରଫରୁ ଅବହେଳା ପରିଲକ୍ଷିତ ହେଉଥିଲା ।

ଉତ୍ତରରେ, ସରକାର ଦର୍ଶାଇଲେ (ମଇ 2022) ଯେ ମେସର୍ସ ଡାଲମିଆ ସିମେଣ୍ଟ ଏକ ଶିଳ୍ପ ସଂସ୍ଥା ଯାହାକୁ ନିର୍ଦ୍ଦିଷ୍ଟ ଜଳ ଓ ପ୍ରଦୂଷକ ପାରାମିଟର ମଧ୍ୟରେ ସିଟିଓ ପ୍ରଦାନ କରାଯାଇଥିଲା । ଏହା ପ୍ରାୟତଃ ପ୍ରଦୂଷକ ପାରାମିଟର ଗୁଡ଼ିକର ଅନୁପାଳନ ସହିତ ନିର୍ଦ୍ଦିଷ୍ଟ ସର୍ତ୍ତକୁ ମାନି ନଥିଲା । କିନ୍ତୁ ଉତ୍ତର ଗ୍ରହଣୀୟ ନୁହେଁ ଯେହେତୁ ସିଟିଓକୁ ବଳବତ୍ତର ରଖିବା ପାଇଁ ସମସ୍ତ ନିର୍ଦ୍ଦିଷ୍ଟ ପାରାମିଟର ଗୁଡ଼ିକୁ ଶିଳ୍ପ ସଂସ୍ଥା ଦ୍ୱାରା ତଦାରଖ କରାଯାଇ ନଥିଲା ।

**3.2.2.2** ବାୟୁ (ପ୍ରଦୂଷଣ ନିବାରଣ ଓ ନିୟନ୍ତ୍ରଣ) ଅଧିନିୟମ 1981 ର ଧାରା 21 ଅନୁଯାୟୀ କୌଣସି ବ୍ୟକ୍ତି ରାଜ୍ୟ ବୋର୍ଡର ବିନା ପୂର୍ବ ଅନୁମତିରେ ବାୟୁ ପ୍ରଦୂଷିତ ଅଞ୍ଚଳ ମଧ୍ୟରେ କୌଣସି ଶିଳ୍ପ କାରଖାନା ସ୍ଥାପନ କିମ୍ବା କାର୍ଯ୍ୟକାରୀ କରିପାରିବ ନାହିଁ ।

ଝାରସୁଗୁଡ଼ା ଆଞ୍ଚଳିକ କାର୍ଯ୍ୟାଳୟର ନଥି ଗୁଡ଼ିକର ଯାଞ୍ଚରୁ ଦେଖାଗଲା ଯେ ସୁନ୍ଦରଗଡ଼ ଜିଲ୍ଲାର ହେମଗିରି ବ୍ଲକରେ ମେସର୍ସ ମହାନଦୀ କୋଲ ଫିଲ୍ଡ ଲିମିଟେଡ୍ର[47] ତିନିଟି କୋଇଲା ଖଣି ଯାହାକି 2016-20 ଅବଧି ମଧ୍ୟରେ ସିଟିଓ ବୈଧତା ରହିଥିଲା, କୋଇଲା ଉତ୍ପାଦନ ଓ ସବ୍ଡେଗା ରେଳପଥ ସାଇଡିଂ (ମେସର୍ସ ବସୁନ୍ଧରା) (ଡବ୍ଲୁ) ସିଟିଓର ଚୁକ୍ତିଗତ ସର୍ତ୍ତକୁ ପାଳନ କରି କାର୍ଯ୍ୟର କାର୍ଯ୍ୟକାରୀ ପାଇଁ ଥିଲା । କିନ୍ତୁ ସଂସ୍ଥାଟି ନିୟମିତ ଭାବରେ 12 ଟି ସର୍ତ୍ତର ଚୁକ୍ତିକୁ ଉଲ୍ଲଙ୍ଘନ କରିଥିଲା ଯାହାର ବିଶଦ ବିବରଣୀ ***ପରିଶିଷ୍ଟ-III*** ରେ ଦର୍ଶାଯାଇଛି ।

ୟୁନିଟ୍ ଗୁଡ଼ିକ ନିରନ୍ତର ଆମ୍ବିଏଣ୍ଟ ବାୟୁ ଗୁଣବତ୍ତା ମନିଟରିଂ ସିଷ୍ଟମ୍ (ସିଏଏକ୍ୟୁଏମ୍ଏସ୍) ଏବଂ ଇଣ୍ଟରନେଟ୍ ପ୍ରୋଟୋକଲ (ଆଇପି) କ୍ୟାମେରା ସହିତ ଓଏସ୍ପିସିବି ସର୍ଭରକୁ ଡାଟା ସ୍ଥାନାନ୍ତରଣର ସୁବିଧା ନଥିଲା ।

47 ମେସର୍ସ କୁଲଦା, ମେସର୍ସ ଗର୍ଜନ ବାହାଲ ଏବଂ ମେସର୍ସ ବସୁନ୍ଧରା (ଡବ୍ଲୁ) ଖୋଲା ଖଣି ପ୍ରକଳ୍ପ

ଦୁଇଟି ଖଣି (ମେସର୍ସ କୁଲଦା ଏବଂ ମେସର୍ସ ଗରଜନ ବାହାଲ) 2016-21 ଅବଧିରେ ପିଏମ୍$_{10}$ର ସ୍ତର ଭାସମାନ କଣିକା ପଦାର୍ଥ (ଆର୍‌ପିଏମ୍)/ ଏବଂ ନିଲମ୍ବିତ କଣିକା ପଦାର୍ଥ (ଏସ୍‌ପିଏମ୍) ଏଏକ୍ୟୁ ମାନକ ଉପାଦାନ ପରିମାଣ ପାଳନ କରିବାରେ ଅସଫଳ ହୋଇଥିଲେ ଯାହାର ମାତ୍ରା ମାନଦର୍ଶ ଅନୁଯାୟୀ 250 ମାଇକ୍ରୋଗ୍ରାମ୍/ଏମ୍$^3$ ଏବଂ 500 ମାଇକ୍ରୋଗ୍ରାମ୍/ଏମ୍$^3$ ରହିବା ପରିବର୍ତ୍ତେ ଯଥାକ୍ରମେ 220 ରୁ 320 ମାଇକ୍ରୋଗ୍ରାମ୍/ଏମ୍$^3$ ଏବଂ 348 ରୁ 724 ମାଇକ୍ରୋଗ୍ରାମ୍/ଏମ୍$^3$ ଥିଲା ।

ଖଣି ଗୁଡ଼ିକ ସିଟିଓ ସର୍ତ୍ତାବଳୀ ଉଲ୍ଲଙ୍ଘନ ବାବଦରେ ଓଏସ୍‌ପିସିବିର ନିର୍ଦ୍ଦେଶ (ଫେବୃଆରୀ/ସେପ୍ଟେମ୍ବର 2018) ପାଳନ କରିନଥିଲେ କିମ୍ବା ଆଞ୍ଚଳିକ ଅଧିକାରୀଙ୍କ ଦ୍ଵାରା କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନଥିଲା (ମଇ 2022) ।

ଉତ୍ତରରେ, ସରକାର ଦର୍ଶାଇଲେ (ମଇ 2022) ଯେ ତିନିଟି ଖଣିକୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିଲା । ଅବଶ୍ୟ ଅଡିଟ୍ ଦ୍ଵାରା ସୂଚିତ କରାଯିବା ପରେ ତିନିଟି ସିଏଏକ୍ୟୁଏମ୍ଏସ୍ ବସୁନ୍ଧରା-ଗର୍ଜନବାହାଲ ଅଞ୍ଚଳରେ ଓ ଆଇପି କ୍ୟାମେରା କୁଲଦା ଏବଂ ଗର୍ଜନବାହାଲରେ ବିଭିନ୍ନ ସ୍ଥାନରେ ନିଗିରାନି ପାଇଁ ଡାଟା ସ୍ଥାନାନ୍ତରଣ ନିମନ୍ତେ ଏସ୍‌ପିସିବି ସର୍ଭର ସହିତ ସଂଯୋଗ କରାଯାଇ ଓସିପି ଗୁଡ଼ିକ ବସାଗଲା ।

## 3.2.3 ଶିଳ୍ପ ଗୁଡ଼ିକରୁ ବାୟୁ ପ୍ରଦୂଷଣର ତଦାରଖ ଓ ନମୁନା ସଂଗ୍ରହ

ଏଏସ୍‌ପିସିବି ପରିପତ୍ର (ଜୁନ୍ 2015) ଅନୁସାରେ ଅନ୍ତତଃ ଛଅ ମାସରେ ଥରେ ଶିଳ୍ପ ଗୁଡ଼ିକୁ ଆଞ୍ଚଳିକ ଅଧିକାରୀ ପରିଦର୍ଶନ କରିବା ଆବଶ୍ୟକ ଏବଂ 'କ' ଶ୍ରେଣୀର ୟୁନିଟ୍ (ଶିଳ୍ପ ଓ ଖଣି) ପ୍ରତ୍ୟେକ ମାସ ନମୁନା ପରୀକ୍ଷା କରିବା ଆବଶ୍ୟକ ଥିଲା ।

ଆଞ୍ଚଳିକ କାର୍ଯ୍ୟାଳୟ ଓଏସ୍‌ପିସିବି ରାଉରକେଲା ଓ ଝାରସୁଗୁଡ଼ା ଅଧିନରେ 93 ଟି 'କ' ଶ୍ରେଣୀର ୟୁନିଟ୍ ମଧ୍ୟରୁ 21 ଟି ରେକର୍ଡର ଯାଞ୍ଚରୁ ଦେଖାଗଲା ଯେ, 2016-20 ଅବଧିରେ 168 ଟିର ତଦାରଖ ଓ 1,008 ଟିର ନମୁନା ପରୀକ୍ଷା ଆବଶ୍ୟକ ଥିଲା ବେଳେ ଆଞ୍ଚଳିକ ଅଧିକାରୀ ଯଥାକ୍ରମେ 84 ଟିର ତଦାରଖ ଓ 75 ଟିର ନମୁନା ପରୀକ୍ଷା କରାଇଥିଲେ ଫଳରେ 84 ଟିର ତଦାରଖ ଓ 933 ଟିର ନମୁନା ପରୀକ୍ଷା କମ୍ ହୋଇଥିଲା ଯାହାକି ***ପରିଶିଷ୍ଟ-IV*** ରେ ବିସ୍ତୃତ ଭାବରେ ଦର୍ଶାଯାଇଛି ।

ଯଦିଓ ଓଏସ୍‌ପିସିବି (ଅକ୍ଟୋବର 2019) ତଦାରଖ ଓ ନମୁନା ସଂଗ୍ରହ ବାବଦରେ କମ୍‌ତିର କାରଣ ବ୍ୟକ୍ତ କରିବାକୁ କହିଥିଲେ, ଆଞ୍ଚଳିକ ଅଧିକାରୀ ସମୀକ୍ଷାକୁ ଉତ୍ତର ପ୍ରଦାନ ନକରି ଓଏସ୍‌ପିସିବିକୁ ପଠାଇଥିଲେ । ପୁନଶ୍ଚ, ଆଞ୍ଚଳିକ ଅଧିକାରୀ 2016-20 ଅବଧିରେ 12 ଟି ବାୟୁ ପ୍ରଦୂଷଣ, (ପିଏମ୍$_{10}$) 34 ଟି ବହିର୍ଗତ ପ୍ରଦୂଷଣ ଏବଂ ଚାରିଟି ଅବଶେଷ ଗଦାର ପ୍ରଦୂଷଣ ମଧ୍ୟରୁ ମାତ୍ର ଗୋଟିଏ ବାୟୁ ପ୍ରଦୂଷଣ ସ୍ଥାନ ନିରୀକ୍ଷଣ କରିଥିଲେ ।

ଉତ୍ତରରେ, ସରକାର ମାନିଲେ (ମଇ 2022) ଯେ ନିଅଣ୍ଟିଆ ସମ୍ବଳ ଓ ଶ୍ରମ ଶକ୍ତିର ଅଭାବ ଯୋଗୁଁ ସ୍ୱଳ୍ପ ନିରୀକ୍ଷଣ ହୋଇଥିଲା । ରାଉରକେଲାର ଛଅଟି ମନିଟରିଂ ଷ୍ଟେସନରେ ଏଏକ୍ୟୁର ପିଏମ୍$_{10}$, ପିଏମ୍$_{2.5}$ ଏସ୍‌ଓ$_2$ ଏନ୍‌ଓ$_2$ ଆମୋନିଆ ଏବଂ ଓଜୋନର ନିରୀକ୍ଷଣ କରାଯାଇଥିଲା ଓ ନିରୀକ୍ଷଣ ରିପୋର୍ଟ ପ୍ରତିମାସରେ ସିପିସିବିଙ୍କୁ ପ୍ରଦାନ କରାଯାଉଥିଲା । ଯାହାହେଉ ସରକାର ସମସ୍ତ ବାୟୁ ପ୍ରଦୂଷକ ଓ ଜଳ ବହିଃସ୍ରୋତ ପ୍ରଦୂଷଣ ନିରୀକ୍ଷଣ କରିବାରେ ଅସଫଳ ହୋଇଛନ୍ତି ଯାହାକି ବିଜ୍ଞପ୍ତିର ବ୍ୟବସ୍ଥା ଅନୁଯାୟୀ ହେବା ଆବଶ୍ୟକ ଥିଲା ।

## 3.3 ଜଳ ପ୍ରଦୂଷଣ

ଜଳ (ପିସିପି) ଅଧିନିୟମ 1974 ର ଧାରା 2 (e) ଅନୁସାରେ କୌଣସି ନର୍ଦ୍ଦମାର ନଳାପାଣି ବା ଶିଳ୍ପ ପ୍ରତିଷ୍ଠାନରୁ ନିର୍ଗତ ଅବଶେଷ ତରଳ, ଗ୍ୟାସୀୟ ବା କଠିନ ରୂପରେ ଜଳର ସଂସ୍ପର୍ଶରେ ଆସି ତାର ପ୍ରାକୃତିକ, ରାସାୟନିକ, ଜୈବିକ ଗୁଣ ଧର୍ମରେ ଜଳକୁ ଏକ ପ୍ରକାର ପ୍ରଦୂଷଣ କିମ୍ବା ପରିବର୍ତ୍ତନ କରି ଜନସାଧାରଣଙ୍କ ସ୍ୱାସ୍ଥ୍ୟ ତଥା ପରିବେଶ ପାଇଁ କ୍ଷତି ବା ଅନିଷ୍ଟ କରିଦେବା ଜଳ ପ୍ରଦୂଷଣ ଅଟେ । ଏହି ଧାରା ଅନୁସାରେ ଜଳ ପ୍ରଦୂଷକ ରୋକିବା, ନିୟନ୍ତ୍ରଣ ଓ ପ୍ରଦୂଷଣ ହ୍ରାସ ପାଇ ଏକ ବ୍ୟାପକ କାର୍ଯ୍ୟନିୟମାବଳୀର ଯୋଜନା ପ୍ରସ୍ତୁତ କରିବାରେ ଓଏସ୍‌ପିସିବିକୁ ଦାୟିତ୍ୱ ଦିଆଯାଇଛି ଏବଂ ଜଳ ପ୍ରଦୂଷଣ ସମ୍ବନ୍ଧୀୟ ବିଷୟ ଉପରେ ସରକାରଙ୍କୁ ପରାମର୍ଶ

ଦିଆଯାଇଛି । ଅଧିକନ୍ତୁ ଓଡ଼ିଶା ମହାନଗର ନିଗମ ଅଧିନିୟମ 2003 ର ଧାରା 24 (iii) ଅନୁସାରେ 53.29 ବର୍ଗ କିଲୋମିଟର ଅଞ୍ଚଳର ରାଉରକେଲା ମହାନଗର ନିଗମ (ଆର୍‌ଏମ୍‌ସି) ଏହା ଅଧିନରେ ଥିବା ନାଳ ନର୍ଦ୍ଦମାର ବିନ୍ୟାସ ଓ ପରିଚାଳନା କରିବାର ଦାୟିତ୍ୱ ତୁଲାଇବା ଉଚିତ୍ । ସେହିପରି ଓଏସ୍‌ପିସିବିରୁ ପୂର୍ବ ସିଟିଓ ସହିତ ପରିମଳ ଉପଚାର ପ୍ଲାଣ୍ଟ (ଏସ୍‌ଟିପି) ସ୍ଥାପନ ଓ ବିଶୋଧିତ ନିସୃତ ଦୂଷିତ ଜଳ ଜଳାଶୟକୁ ବା ସ୍ଥଳ ଭାଗକୁ ନିଷ୍କାସନ ପାଇଁ ୟୁଏଲ୍‌ବିଗୁଡ଼ିକ ମୁଖ୍ୟତଃ ଦାୟୀ । ମାନ୍ୟବର ଏନ୍‌ଜିଟିଙ୍କ ନିର୍ଦ୍ଦେଶକୁ ଅନୁସରଣ କରି ଓଏସ୍‌ପିସିବି (ଫେବୃଆରୀ 2018/ଡିସେମ୍ବର 2019) ରେ ୟୁଏଲ୍‌ବି ଗୁଡ଼ିକୁ 100 ପ୍ରତିଶତ ନାଳନର୍ଦ୍ଦମାର ପ୍ରକ୍ରିୟାକରଣ ପାଇଁ ମାର୍ଚ୍ଚ 2020 ସୁଦ୍ଧା ଏସ୍‌ଟିପି ବସାଇବାକୁ ପ୍ରେରିତ କରିଥିଲା ।

ସୁପରିଟେଣ୍ଡେଣ୍ଟ, ସବ୍‌ଡିଭିଜନାଲ ହସ୍ପିଟାଲ୍, ବଣେଇ ଅଡିଟକୁ ଦେଇଥିବା ତଥ୍ୟ ଅନୁସାରେ 2016-20 ଅବଧିରେ ବଣେଇରେ ବ୍ରାହ୍ମଣୀ ନଦୀର ପ୍ରଦୂଷିତ ଜଳ ବ୍ୟବହାର ଫଳରେ ସବ୍‌ଡିଭିଜନାଲ ହସ୍ପିଟାଲରେ 1,100 ବୃକକ୍ ସମ୍ବନ୍ଧିତ ରୋଗର ଚିକିତ୍ସା କରିଥିଲା ଯାହା ବଣେଇ, ରାଉରକେଲା ମହାନଗର ନିଗମ (ଆର୍‌ଏମ୍‌ସି) ଏବଂ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ (ଆର୍‌ଏସ୍‌ପି) ର ଡାଉନ୍‌ଷ୍ଟ୍ରିମ୍‌ରେ ଅବସ୍ଥିତ । ଏପ୍ରକାର ଜଳ ପ୍ରଦୂଷଣର କାରଣ ପରବର୍ତ୍ତୀ ଅନୁଚ୍ଛେଦରେ ବିଶ୍ଲେଷଣ କରାଯାଇଛି ।

### 3.3.1 ଶିଳ୍ପ ସଂସ୍ଥା ଓ ମହାନଗର ନିଗମ ଦ୍ୱାରା ଜଳ ପ୍ରଦୂଷଣ

**3.3.1.1** ନଥିପତ୍ର ଯାଞ୍ଚରୁ ଜଣାପଡ଼ିଲା ଯେ, ଜଳ (ପିସିପି)ର ଧାରା 1974 ଅଧିନରେ ଥିବା ଓଏସ୍‌ପିସିବି ଦ୍ୱାରା ରାଉରକେଲା ଇସ୍ପାତ କାରଖାନାକୁ ସିଟିଓ ପ୍ରଦାନ (ଅକ୍ଟୋବର 2017) କରାଯାଇଥିଲା ଯାହାକି ମାର୍ଚ୍ଚ 2018 ଯାଏ ବଳବତ୍ତର ଥିଲା । ସିଟିଓର ସର୍ତ୍ତ ମୁତାବକ, ଶିଳ୍ପ ସଂସ୍ଥା ସିଟିଓର ବୈଧ ରଖିବାକୁ ସର୍ତ୍ତାବଳୀଗୁଡ଼ିକୁ ପାଳନ କରିବାର ଥିଲା । ସିଟିଓର ସର୍ତ୍ତାବଳୀ ମାନଙ୍କ ମଧ୍ୟରୁ ଗୋଟିକରେ ସଂପୂର୍ଣ୍ଣ ଲାଗୁନ[48]ର ପ୍ରବାହର ପ୍ଲାବନ ପୁନଃ ପରିସଂଚରଣ କରିବା, ଶୂନ୍ୟ ତରଳ ନିଷ୍କାସନ[49] (ଜେଡ୍‌ଏଲ୍‌ଡି) ର ସୁନିଶ୍ଚିତ କରିବା ପାଇଁ ସିଟିଓ ଜାରି ହେବାର ଏକ ମାସ ମଧ୍ୟରେ ସମୟ ସୀମା ଓ ଆକଳନ ମୂଲ୍ୟ ଦେବାର ଥିଲା । ସର୍ତ୍ତପୂରଣ ନକରି ଜୁଲାଇ 2016 ରୁ ଶିଳ୍ପ ସଂସ୍ଥା ଅଶୋଧିତ ଜଳ ପ୍ଲାଣ୍ଟର ଭିନ୍ନଭିନ୍ନ ୟୁନିଟରୁ ଭୂ-ପୃଷ୍ଠ ରନ୍ ଅପ୍ ପ୍ରକ୍ରିୟାକରଣ ନହୋଇ ଆର୍‌ଏସ୍‌ପିର ଗୁରାଡିହି ନଳା ମୁଖ୍ୟ ମୁହାଣ ଦେଇ ଲାଗୁନ୍‌କୁ ନିଷ୍କାସିତ ହେଉଥିଲା ଓ ଲାଗୁନରେ ପ୍ଲାବନ ବ୍ରାହ୍ମଣୀ ନଦୀରେ ପଡ଼ି ଏହାର ଡାଉନ୍‌ଷ୍ଟ୍ରିମ୍‌ର ଜଳକୁ ନିମ୍ନମାନର କରୁଥିଲା ।

ସହମତି ସର୍ତ୍ତର ଉଲ୍ଲଙ୍ଘନ ସତ୍ତ୍ୱେ. ସିଟିଓ ମାର୍ଚ୍ଚ 2018 ରୁ ମାର୍ଚ୍ଚ 2019 ମଧ୍ୟରେ ନବୀକରଣ କରାଯାଇଥିଲା ଏବଂ ଏଥିସହିତ ସର୍ତ୍ତ ଥିଲା ଯେ ଶିଳ୍ପଟି ଜେଡ୍‌ଏଲ୍‌ଡି କାର୍ଯ୍ୟାନ୍ୱୟନ ଦିଗରେ ସମୟ ସୀମା କାର୍ଯ୍ୟ ଯୋଜନା ପ୍ରଦାନ କରିବେ । ବ୍ରାହ୍ମଣୀ ନଦୀର ଜଳ ଗୁଣବତ୍ତା ନିମ୍ନମାନର ହେବାକୁ ରୋକିବା ପାଇଁ ଠିକ୍ ସମୟରେ କାର୍ଯ୍ୟ ଶେଷ କରିବାକୁ ଆକଳନ ମୂଲ୍ୟ ଅପ୍ରେଲ 2018 ସୁଦ୍ଧା ପ୍ରସ୍ତୁତ କରିବାକୁ ସର୍ତ୍ତ ରଖାଗଲା । ଓଏସ୍‌ପିସିବି ବାହ୍ମଣୀ ନଦୀ ଜଳରେ ଅଧିକ ମାତ୍ରାରେ ଫ୍ଲୋରାଇଡ୍‌ର ସାନ୍ଦ୍ରତା ଯୋଗୁଁ ଶିଳ୍ପକୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲେ (ଜୁଲାଇ 2019)ଏବଂ ଡିସେମ୍ବର 2020 ସୁଧା ଜେଡ୍‌ଏଲ୍‌ଡିର କାର୍ଯ୍ୟନ୍ୱୟନ ପାଇଁ ନିର୍ଦ୍ଦେଶ (ଅଗଷ୍ଟ 2019) ଦେଇଥିଲେ । କିନ୍ତୁ, ନିୟମିତ ଭାବରେ ସିଟିଓର ନବୀକରଣ ହେଉଥିଲେ ସୁଦ୍ଧା ଶିଳ୍ପଟି ଜେଡ୍‌ଏଲ୍‌ଡି କାର୍ଯ୍ୟକାରୀ (ଜାନୁଆରୀ 2022) କରିବାରେ ବିଫଳ ହୋଇଛି । ରାଉରକେଲା ଷ୍ଟିଲ ପ୍ଲାଣ୍ଟ ଜେଡ୍‌ଏଲ୍‌ଡି କାର୍ଯ୍ୟକାରୀ ନକରିବାରୁ ପାଞ୍ଚଟି ବହିର୍ଗମନ ପଥରେ[50] ଅତ୍ୟଧିକ ମାତ୍ରାରେ ଫ୍ଲୋରାଇଡର ସାନ୍ଦ୍ରତା ମିଳିଥିଲା ଯାହାର ମାତ୍ରା 2.6 ଏମ୍‌ଜି/ଏଲ୍ (130 ପ୍ରତିଶତ) ରୁ 17 ଏମ୍‌ଜି/ଏଲ୍ (850 ପ୍ରତିଶତ) ଯେଉଁଠିକି ନିର୍ଦ୍ଦେଶିତ ସ୍ତର 2.0

---

48 ତରଳ ପଦାର୍ଥ ଧାରଣ କରିବା ପାଇଁ ଜଳ ନିକାୟ ଚିହ୍ନଟ

49 ଶୂନ୍ୟ ତରଳ ନିଷ୍କାସନ ହେଉଛି ବିଶୋଧିତ ବର୍ହିସ୍ରୋତର ପୁନଃ ପରିସଞ୍ଚାଳନ ପ୍ରଣାଳୀ ଯାହା ଆର୍‌ଏସ୍‌ପି ଦ୍ୱାରା ସ୍ଥାପନା ହେବା ଆବଶ୍ୟକ ଯାହାଦ୍ୱାରା ବ୍ରାହ୍ମଣୀ ନଦୀ ମଧ୍ୟକୁ ବର୍ହିସ୍ରୋତର ନିଷ୍କାସନକୁ ଏଡ଼ାଇ ଦିଆଯାଇପାରିବ ଏବଂ ତରଳ ବହିସ୍ରୋତର ଶୂନ୍ୟ ତରଳ ନିଷ୍କାସନ ଅନୁରକ୍ଷଣ କରିପାରିବେ ।

50 ଆଉଟ୍‌ଫଲ୍ ସଂଖ୍ୟା. 3 (ବିସ୍ଫୋରଣ ଚୁଲା(ବିଏଫ୍), କୋକ୍ ଓଭାନ୍ ଏବଂ ଉପ-ଉତ୍ପାଦ ବର୍ହିସ୍ରୋତ), ଆଉଟ୍‌ଫଲ୍ ସଂଖ୍ୟା-1 (ଭସ୍ମୀକରଣ ପ୍ଲାଣ୍ଟର ଆଉଟ୍ ଲେଟ୍-2, ଷ୍ଟିଲ୍ ମାଲ୍ଟିଙ୍ଗ୍ ସପ୍-2, ଏବଂ ସିଣ୍ଟର ପ୍ଲାଣ୍ଟ୍-2); ବିଏଫ୍-5 ର ଜୈବିକ ଅମ୍ଳଜାନ ଚାହିଦା ଆଉଟ୍‌ଲେଟ୍ ଏବଂ ବିଏଫ୍-4 ର କ୍ଲାରିଫାୟାର ଆଉଟ୍‌ଲେଟ୍)

ଏମ୍‌ଜି/ଏଲ୍ ଥିଲା । ସେହିପରି, ଜୈବିକ ଅମ୍ଳଜାନ ଚାହିଦା (ବିଓଡି) ବର୍ହିଗମନରେ, ଆବଶ୍ୟକୀୟ ମାତ୍ରା 0.2 ଏମ୍‌ଜି/ଏଲ୍ ଥିବା ବେଳେ ସିଆନାଇଡ୍‌ର ସାନ୍ଦ୍ରତା 3.6 ଏମ୍‌ଜି/ଏଲ୍ (1,800 ପ୍ରତିଶତ) ରହିଥିଲା, ଯାହାଫଳରେ ଗୁରାଡି ନଳାରେ ଫ୍ଲୋରାଇଡର ଅତ୍ୟଧିକ ସାନ୍ଦ୍ରତା ଘଟାଇଥିଲା, ପରିଣାମ ସ୍ୱରୁପ ବ୍ରାହ୍ମଣୀ ନଦୀ ପ୍ରଦୂଷିତ କରିଥିଲା । ତେଣୁ, 2018-20 ଅବଧିରେ ପାନପୋଷ ଡାଉନ୍‌ଷ୍ଟ୍ରିମ୍ (ଦେଓଗାଁ), ରାଉରକେଲା ଡାଉନ୍‌ଷ୍ଟ୍ରିମ୍ ଓ ଗୁରାଡିନାଳ ଠାରେ ବ୍ରାହ୍ମଣୀ ନଦୀରେ ଫ୍ଲୋରାଇଡ୍‌ର ସାନ୍ଦ୍ରତା ଭୂପୃଷ୍ଠ ଜଳ ସହ୍ୟ କରିବାର ମାତ୍ରା ଠାରୁ 1.5 ଏମ୍‌ଜି/ଏଲ୍ ବୃଦ୍ଧି ପାଇ ଥିଲା । ମାର୍ଚ୍ଚ 2018 ରୁ ଓଏସ୍‌ପିସିବି ଦ୍ୱାରା କରାଯାଇଥିବା ପ୍ରୋତ୍ସାହନ ସତ୍ତ୍ୱେ ଆର୍‌ଏସ୍‌ପି, ଜେଡ୍‌ଏଲ୍‌ଡି ମଇ 2022 ସୁଦ୍ଧା କାର୍ଯ୍ୟକାରୀ କରିନଥିଲା । ଅନୁପାଳନ ନ କରିବା ଯୋଗୁଁ କୌଣସି ଦଣ୍ଡବିଧାନ ବ୍ୟବସ୍ଥା ଗ୍ରହଣ କରାଯାଇ ନଥିଲା ।

ଉତ୍ତରରେ ସରକାର ବ୍ୟକ୍ତ କଲେ (ମଇ 2022) ଯେ ରାଉରକେଲା ଇସ୍ପାତ କାରଖାନା (ଆରଏସପି) ବର୍ହିଗମନ ପଥ ନଂ-7 ସେରେଜ ଟ୍ରିଟମେଣ୍ଟ ପ୍ଲାଣ୍ଟର ସଂସ୍ଥାପନ କାର୍ଯ୍ୟ ସମ୍ପୂର୍ଣ୍ଣ କରିଥିଲେ ଏବଂ କୋଲଡ ଟ୍ରାୟାଲ ଓ ପରୀକ୍ଷଣ ଚାଲୁ ରହିଥିଲା । 31 ଅଗଷ୍ଟ 2022 ସୁଦ୍ଧା ବିଓଡି ପ୍ଲାଣ୍ଟ ଶେଷ ହେବାର ଥିଲା । ଜେଡ୍‌ଏଲ୍‌ଡିର କାର୍ଯ୍ୟକାରୀ କରିବାରେ ବିଳମ୍ବ ଆଦୌ ଗ୍ରହଣୀୟ ନୁହେଁ ଯେହେତୁ ଆରଏସପିର 5ଟି ବର୍ହିଗମନ ପଥରେ ସାନ୍ଦ୍ରତା ଫ୍ଲୋରାଇଡ୍ (130-850 ପ୍ରତିଶତ) ଓ ସାଇନାଇଡ (1800 ପ୍ରତିଶତ) ଜମା ହେଉଥିଲା ଯାହାକି ବହୁତ ଅଧିକ ଥିଲା । ଫ୍ଲୋରାଇଡ୍ ସ୍ତରର ସାନ୍ଦ୍ରତା ପାନପୋଷ ଅପ୍‌ଷ୍ଟ୍ରିମ୍ (ଦେଓଗାଁ), ରାଉରକେଲା ଡାଉନଷ୍ଟ୍ରିମ୍ ଓ ଗୁରାଡି ନାଳ ଠାରେ ବ୍ରାହ୍ମଣୀ ନଦୀରେ ଭୂପୃଷ୍ଠ ଜଳ ସହ୍ୟ କରିବାର ସୀମା 1.5 ଏମଜି/ଏଲ ଠାରୁ ଅଧିକ ଥିଲା ଯାହାକି ସୁନ୍ଦରଗଡ ଜିଲ୍ଲାର ବିଭିନ୍ନ ସହରାଞ୍ଚଳକୁ ଜଳଯୋଗାଣ କରୁଛି । ଓଏସ୍‌ପିସିବି ସର୍ତ୍ତାବଳୀ ଲାଗୁ କରିବାରେ ଏବଂ ଜଳ (ପିସିପି) ଧାରା 1974 ର ପରିଚ୍ଛେଦ 41 ଅନୁସାରେ କୌଣସି ଦଣ୍ଡବିଧାନ ବ୍ୟବସ୍ଥା କରିବାରେ ବିଫଳ ହୋଇଥିଲା ।

**3.3.1.2** ଆର୍‌ଏମସି ଏବଂ ଆରଓ, ଓଏସପିସିବି ରାଉରକେଲାର ନଥିପତ୍ର ଯାଞ୍ଚରୁ ଜଣାଗଲା ଯେ, ଜିଲ୍ଲାର ସମସ୍ତ ଚାରିଟି ଯାକ ୟୁଏଲ୍‌ବି[51] ଓଏସପିସିବି (ଫେବୃୟାରୀ 2018 ଏବଂ ଡିସେମ୍ବର 2019) ନିର୍ଦ୍ଦେଶମାନ ପାଳନ କରିବାରେ ଅସଫଳ ହୋଇଛନ୍ତି ଓ ଅଶୋଧିତ ନଳାପାଣି ନଦୀକୁ ପ୍ରବାହିତ କରି ଜଳ ପ୍ରଦୁଷଣ କରାଇଛନ୍ତି ଯାହା ନିମ୍ନରେ ଆଲୋଚନା କରାଗଲା :

***(i)*** ***2011*** ଜନଗଣନା ଅନୁସାରେ ରାଉରକେଲା ମହାନଗର ନିଗମ ପରିସରରେ 69,609 ଟି ପରିବାରରେ ଜନସଂଖ୍ୟା 3,09,689 ଥିଲା ଏବଂ ଦୈନିକ 40 ମିଲିୟନ ଲିଟର (ଏମ୍‌ଏଲ୍‌ଡି) ମଇଳା ପାଣି ସୃଷ୍ଟି କରୁଥିଲା । 40 ଏମ୍‌ଏଲ୍‌ଡି ପାଇଁ ଏସ୍‌ଟିପିର ନିର୍ମାଣ କାର୍ଯ୍ୟ ଚାଲୁ ରହିଥିଲା (ଜାନୁଆରୀ 2021) । ଏସ୍‌ଟିପିର କାର୍ଯ୍ୟ ସମ୍ପାଦନ ଭାରାର୍ପଣ ପରୀକ୍ଷା ମୂଳକ ଭାବେ କରାଯାଇଥିଲା ଏବଂ ପ୍ରାଥମିକ ପର୍ଯ୍ୟାୟରେ ଯୋଜନା ଅଧିନରେ 12,000 ପରିବାର ମଧ୍ୟରୁ ମାତ୍ର 48ଟି ଯାହାକି 0.4 ପ୍ରତିଶତ ସେରେଜ ନେଟୱାର୍କରେ ସଂଯୋଗ ହୋଇପାରିଥିଲା (ଜାନୁଆରୀ 2021) ।

ଏସ୍‌ଟିପି ସ୍ଥାପନ ନକରିବାରୁ ଆର୍‌ଏମ୍‌ସି, ଅଶୋଧିତ ନଳାପାଣି ବ୍ରାହ୍ମଣୀ ଓ କୋଏଲ ନଦୀକୁ ବିଭିନ୍ନ ସ୍ଥାନରେ[52] ଛାଡି ଦେଉଛି ଫଳରେ ଜଳ ପ୍ରଦୁଷଣ ହେଉଛି । ଆର୍‌ଓଙ୍କର ବର୍ଜ୍ୟ ଜଳର ବିଶ୍ଳେଷଣ ରିପୋର୍ଟରୁ ଅବଲୋକନ କରାଗଲା ଯେ, ଅଗଷ୍ଟ 2016 ରୁ ଡିସେମ୍ବର 2017 ଅବଧି ମଧ୍ୟରେ ମୋଟ ନିଲମ୍ବିତ କଠିନ ବସ୍ତୁ (ଟିଏସ୍‌ଏସ), ତେଲ ଓ ଗ୍ରିସ୍ (ଓଏଣ୍ଡ ଜି), ଜୈବ ଅମ୍ଳଜାନ ଚହିଦା (ବିଓଡି)ର ସ୍ତର ଯଥାକ୍ରମେ 220 ଏମ୍‌ଜି/ଏଲ୍ (220 ପ୍ରତିଶତ), 21.5 ଏମ୍‌ଜି/ଏଲ୍ (215 ପ୍ରତିଶତ) ଓ 305 ଏମ୍‌ଜି/ଏଲ୍ (1,017 ପ୍ରତିଶତ) ଯାହାକି ନିର୍ଦ୍ଦିଷ୍ଟ ପରିମାପ ଯଥାକ୍ରମେ 100 ଏମ୍‌ଜି/ଏଲ୍, 10 ଏମ୍‌ଜି/ଏଲ୍ ଓ 30 ଏମ୍‌ଜି/ଏଲ୍ ରହିବାର ଥିଲା ଏବଂ ନଭେମ୍ବର 2017 ରୁ ଅବଶିଷ୍ଟ ଅବଧି ପାଇଁ ଆର୍‌ଓଙ୍କ ଦ୍ୱାରା କୌଣସି ନମୁନା ସଂଗ୍ରହ କରାଯାଇନଥିଲା ।

[51] ରାଉରକେଲା ମହାନଗର ନିଗମ (ଆର୍‌ଏମ୍‌ସି), ସୁନ୍ଦରଗଡ଼ ମୁନିସିପାଲିଟି, ବୀରମିତ୍ରପୁର ମୁନିସିପାଲିଟି ଏବଂ ରାଜଗାଙ୍ଗପୁର ମୁନିସିପାଲିଟି

[52] ବ୍ରାହ୍ମଣୀ ନଦୀର ନିଷ୍କାସନ ପଏଣ୍ଟ (ତାରକେରା, ବାଲୁଘାଟ ଏବଂ ପାନପୋଷ), କୋଏଲ (କେଳିଙ୍ଗ ବିହାର ନିକଟସ୍ଥ ଛେଣ୍ଡ୍ କଲୋନୀ)

ବ୍ରାହ୍ମଣୀ, ଶଂଖ ଓ କୋଇଲି ନଦୀର ଅନୁକୂଳ ସ୍ରୋତ (ୟୁ/ଏସ) ଓ ପ୍ରତିକୂଳ ସ୍ରୋତ (ଡିଏସ୍)[53]ର ବାର୍ଷିକ ଜଳନମୁନା ପରୀକ୍ଷା (2016-19) ବହୁ ପରିମାଣରେ ଭ୍ରାନ୍ତିକର ଯେଉଁଥିରେ ସମୁଦାୟ କଲିଫର୍ମ (ଟିସି)[54] ମାତ୍ରାର ସ୍ତର 6,782 ରୁ 47,558 ଏମ୍‌ପିଏନ୍/ 100 ମିଗ୍ରା/ଏଲ୍[55] ଥିଲା ଯେଉଁଠି ଆବଶ୍ୟକ ପରିମାପ 5,000 ଏମପିଏନ୍/100 ଏମ୍‌ଜି/ଏଲ୍ ସମସ୍ତ ନିର୍ଗମନ ସ୍ଥଳରେ ରହିବା କଥା। ଅଶୋଧିତ ଘରୋଇ ବର୍ଜ୍ୟ ଜଳ / ମଇଳା ପାଣି ନଦୀ ମଧକୁ ଛାଡ଼ିବା ଫଳରେ ନଦୀର ଅନୁକୂଳ ଓ ପ୍ରତିକୂଳ ସ୍ରୋତରେ ଟିସିର ମାତ୍ରା ଅଧିକ ଦେଖାଦେଇଥିଲା।

ବ୍ରାହ୍ମଣୀ ନଦୀ ମଧକୁ ତାରକେରା ଘାଟ, ବାଲୁ ଘାଟ ଓ ପାନପୋଷ ଘାଟ ଏବଂ କୋଏଲ ନଦୀର ପ୍ରଧାନ ପାଲି ଅଞ୍ଚଳ ଠାରେ ଅଶୋଧିତ ନଳାପାଣି ନିଷ୍କାସନର ସତ୍ୟାସତ୍ୟ ଅଡିଟ୍ ମିଳିତ ସରଜମିନ ତଦନ୍ତ (06 ଜାନୁଆରୀ 2021) ସମୟରେ ପ୍ରମାଣିତ କରିଥିଲା।



**ଫଟୋ ସଂଖ୍ୟା-1 ତାରକେରା ଘାଟଠାରେ ବ୍ରାହ୍ମଣୀ ନଦୀ**



**ଫଟୋ ସଂଖ୍ୟା-2 ପ୍ରଧାନ ପଲ୍ଲୀ ଅଞ୍ଚଳରେ କୋଏଲ ନଦୀ**

ଉତ୍ତରରେ ସରକାର ବ୍ୟକ୍ତ କଲେ (ମଇ 2022) ଯେ ଜଳ (ପିସିପି) ଧାରା 1974 ର ଉଲଂଘନ ଯୋଗୁଁ ରାଉରକେଲା ମହାନଗର ନିଗମ (ଆରଏମସି) କୁ ଏସଟିପି ସ୍ଥାପନ କରିବାକୁ ଏବଂ ତାରକେରା ଘାଟ, ବାଲୁଘାଟ ଓ ପାନପୋଷ ଠାରେ ଅଶୋଧିତ ନଳାପାଣି ନଛାଡିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଉତ୍ତର ଗ୍ରହଣୀୟ ନୁହେଁ ଗତ ଚାରି ବର୍ଷରେ ଆର୍‌ଏମ୍‌ସିକୁ ଆଦେଶ ଜାରି କରିବା ସତ୍ତ୍ୱେ, ଆର୍‌ଏମ୍‌ସି ଦ୍ୱାରା କୋଣସି ଏସ୍‌ଟିପି ନିର୍ମାଣ କରାଯାଇ ନାହିଁ ଯାହାକି ଓଏସପିସିବି ପକ୍ଷରୁ ମନିଟରିଂର ବିଫଳତା ଓ ପ୍ରତିଶ୍ରୁତିର ଅଭାବ ଦର୍ଶାଉଛି।

***(ii)*** ***2011*** ଜନଗଣନା ଅନୁଯାୟୀ ଅନ୍ୟ ତିନୋଟି ୟୁଏଲ୍‌ବି[56] ଗୁଡ଼ିକରେ 24,369 ପରିବାର ସହିତ 1,29,815 ଜନସଂଖ୍ୟା ଥିଲା। ଏହି ୟୁଏଲବି ଗୁଡିକ ବର୍ଜ୍ୟଜଳ ଉତ୍ପାଦ ପରିମାଣ ଏବଂ ଏହାର ଭଲ୍ୟୁମେଟ୍ରିକ୍ ନିଷ୍କାସନ ହିସାବ କରୁନାହାଁନ୍ତି, କେବଳ ବୀରମିତ୍ରପୁର ମ୍ୟୁନିସିପାଲିଟି ଯିଏକି ଦୈନିକ 3,199 କିଲୋଲିଟର (କେଏଲ୍‌ଡି) ଅଶୋଧିତ ବର୍ଜ୍ୟଜଳ ବ୍ରାହ୍ମଣମରା ନାଳକୁ ଛାଡୁଥିଲା। ଏହି ୟୁଏଲ୍‌ବି ମାନଙ୍କ ଦ୍ୱାରା କୌଣସି ଏସ୍‌ଟିପି ସ୍ଥାପନ କରାଯାଇନଥିଲା ଫଳରେ ଅଶୋଧିତ ବର୍ଜ୍ୟଜଳ ଜଳାଶୟ ଗୁଡ଼ିକୁ ଓ ଖୋଲା ସ୍ଥାନକୁ ଛଡ଼ାଯାଇଥିଲା। ଯଦିଓ ଏହି ୟୁଏଲ୍‌ବି ମାନଙ୍କ ମଧରୁ ସୁନ୍ଦରଗଡ଼ ମ୍ୟୁନିସିପାଲିଟି ଯିଏକି ଏସ୍‌ଟିପିର ପ୍ରତିଷ୍ଠାର ସମ୍ମତି (ସିଟିଇ) ଅନୁଦାନ ପାଇଁ ଏକ ଦରଖାସ୍ତ ପଠାଇଥିଲେ (ଜୁନ୍ 2020)।

ଅକ୍ଟୋବର 2014 ଠାରୁ ଫେବୃଆରୀ 2020 ଅବଧିରେ ଟିଏସ୍‌ଏସ୍, ବିଓଡି ଓ ଓଆଣ୍ଡଜି ଇତ୍ୟାଦିର ମୂଲ୍ୟ ଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଦେଖିବାକୁ ମିଳିଥିଲା ଯାହାକି ନିର୍ଦ୍ଧାରିତ ମାନକ 100 ଏମ୍‌ଜି/ଏଲ୍, 30 ଏମ୍‌ଜି/ଏଲ୍ ଓ 10 ଏମ୍‌ଜି/ଏଲ୍ ସ୍ଥାନରେ ଯଥାକ୍ରମେ 110 ରୁ 178 ଏମ୍‌ଜି/ଏଲ୍ (110 ରୁ 178 ପ୍ରତିଶତ) 32 ରୁ 320 ଏମ୍‌ଜି/ଏଲ୍ (107 ରୁ 1,067 ପ୍ରତିଶତ) ଏବଂ 11 ରୁ 18 ଏମ୍‌ଜି/ଏଲ୍ (110 ରୁ 180 ପ୍ରତିଶତ) ଥିଲା। ଏହା ମଧ ଦେଖାଗଲା ଯେ ଡିସେମ୍ବର 2018 ପରେ ରାଜଗାଙ୍ଗପୁର ମ୍ୟୁନିସିପାଲିଟିର ଯାଞ୍ଚ ଓ

53 ବଣେଇଗଡ଼, ପାନପୋଷଠାରେ ପ୍ରତିକୂଳ ଏବଂ ଅନୁକୂଳ ସ୍ରୋତ, ରାଉରକେଲା ଅନୁକୂଳ ସ୍ରୋତ, ଅଟାଘାଟ ଏବଂ ବିର୍ଦୋଳା ଠାରେ ଅନୁକୂଳ ସ୍ରୋତ, ଶଙ୍ଖ ପ୍ରତିକୂଳ ସ୍ରୋତ (ଶଙ୍ଖ) ଏବଂ କୋଏଲ୍ ପ୍ରତିକୂଳ ସ୍ରୋତ (କୋଏଲ)

54 ସମୁଦାୟ କଲିଫର୍ମରେ ଜୀବାଣୁ ଅନ୍ତର୍ଭୁକ୍ତ ଯାହାକି ଜଳରେ ମିଳିଥାଏ ଏବଂ ମାନବ ଏବଂ ପଶୁ ମାନଙ୍କ ବର୍ଜ୍ୟବସ୍ତୁ ଦ୍ୱାରା ପ୍ରଭାବିତ ହୋଇଥାଏ।

55 ଏମ୍‌ପିଏନ୍/100 ଏମ୍‌ଏଲ୍ = ପ୍ରତି ଶହେ ମିଲି ଲିଟରରେ ସର୍ବାଧିକ ସମ୍ଭାବ୍ୟ ସଂଖ୍ୟା

56 ସୁନ୍ଦରଗଡ଼ ମ୍ୟୁନିସିପାଲିଟ୍, ବୀରମିତ୍ରପୁର ମ୍ୟୁନିସିପାଲିଟି ଏବଂ ରାଜଗାଙ୍ଗପୁର ମ୍ୟୁନିସିପାଲିଟି

ନମୁନା ସଂଗ୍ରହ କରିନଥିଲେ । ତେଣୁ, ମାର୍ଚ୍ଚ 2020 ସୁଦ୍ଧା ଶତ ପ୍ରତିଶତ ନର୍ଦ୍ଦମାର ପ୍ରକ୍ରିୟାକରଣ ଅସମ୍ପୂର୍ଣ୍ଣ ରହିଥିଲା ଯେହେତୁ ୟୁଏଲ୍‌ବି ଗୁଡ଼ିକ ବାରମ୍ବାର ଅଣ ଉପଚାରିତ ଦୂଷିତ ଜଳ ଜଳାଶୟ ମଧ୍ୟକୁ ପ୍ରବାହିତ ହେବା ଯୋଗୁଁ ଜଳ ପ୍ରଦୂଷଣର କାରଣ ହେଲା ।

ଉତ୍ତରରେ, ସରକାର ବ୍ୟକ୍ତ କଲେ (ମଇ 2022) ଯେ ୟୁଏଲ୍‌ବି ମାନଙ୍କୁ ମାର୍ଚ୍ଚ 2020 ପର୍ଯ୍ୟନ୍ତ ଶତପ୍ରତିଶତ ନର୍ଦ୍ଦମାର ପ୍ରକ୍ରିୟାକରଣ ଲକ୍ଷ୍ୟର ଅଣ ସଫଳତା ଯୋଗୁଁ ନିର୍ଦ୍ଦେଶନାମା ଜାରି କରାଯାଇଥିଲା । ଏପରିକି ଅବସ୍ଥା ଏମିତି ରହିଲା ଯେ ୟୁଏଲ୍‌ବି ଗୁଡ଼ିକ ବାରମ୍ବାର ଅଶୋଧିତ ମଇଳା ପାଣି ଜଳାଶୟ ମଧ୍ୟକୁ ପ୍ରବାହିତ କରିବା ଯୋଗୁଁ ଜଳ ପ୍ରଦୂଷଣର କାରଣ ହେଲା । ଗତ ଚାରି ବର୍ଷ ହେଲା ୟୁଏଲ୍‌ବିଙ୍କୁ ନିର୍ଦ୍ଦେଶନାମା ଜାରି କରିବା ସତ୍ତ୍ୱେ ୟୁଏଲ୍‌ବି ମାନଙ୍କ ଦ୍ୱାରା କୌଣସି ଏସ୍‌ଟିପି ନିର୍ମାଣ ହୋଇନଥିଲା, ଯାହା ନଦୀ ଜଳର ପ୍ରଦୂଷଣକୁ କମାଇବା ପାଇଁ ମନିଟରିଂର ବିଫଳତା ଓ ପ୍ରତିଶ୍ରୁତିର ଅଭାବକୁ ଦର୍ଶାଇଛି ।

## 3.4 କଠିନ ବର୍ଜ୍ୟବସ୍ତୁର ପରିଚାଳନା

ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ଜାରି (ଅପ୍ରେଲ 2016) କରାଯାଇଥିବା କଠିନ ବର୍ଜ୍ୟବସ୍ତୁ ପରିଚାଳନା ନିୟମ, 2016 କୁ ଲାଗୁ କରିବା ପ୍ରବର୍ତ୍ତନ କର୍ତ୍ତୃପକ୍ଷ ଅର୍ଥାତ୍ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦ୍ୱାରା କଠିନ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଢାଞ୍ଚା ପ୍ରଦାନ କରେ । ନିୟମ ଅନୁଯାୟୀ ରାଜ୍ୟରେ ନଗର ଉନ୍ନୟନ ବିଭାଗ ଏକ ରାଜ୍ୟ ନୀତି ଏବଂ କଠିନ ବର୍ଜ୍ୟବସ୍ତୁ ପରିଚାଳନା (ଏସ୍‌ଡବ୍ଲୁଏମ୍) ରଣନୀତି ପ୍ରସ୍ତୁତ କରିବା ଆବଶ୍ୟକ ଥିଲା । ସ୍ୱାୟତ୍ତ ଶାସନ ସଂସ୍ଥା ଗୁଡ଼ିକ ରାଜ୍ୟ ନୀତି ଏବଂ ରଣନୀତି ଅନୁଯାୟୀ ଏକ କଠିନ ବର୍ଜ୍ୟବସ୍ତୁ ପରିଚାଳନା ଯୋଜନା ପ୍ରସ୍ତୁତ କରିବାର ଥିଲା ଏବଂ ସେମାନଙ୍କ ଅଧିନରେ କଠିନ ବର୍ଜ୍ୟବସ୍ତୁର ପରିଚାଳନାର ଦାୟିତ୍ୱ ନ୍ୟସ୍ତ ଥିଲା । ଅଡିଟ୍, ରାଉରକେଲା ମହାନଗର ନିଗମର କଠିନ ବର୍ଜ୍ୟବସ୍ତୁ ପରିଚାଳନା ସମ୍ବନ୍ଧୀୟ ରେକର୍ଡଗୁଡ଼ିକ ଯାଞ୍ଚ କରିବା ସମୟରେ ନିମ୍ନଲିଖିତ ଅଭାବ ଗୁଡ଼ିକ ପରିଲକ୍ଷିତ ହେଲା ।

### 3.4.1 କଠିନ ବର୍ଜ୍ୟବସ୍ତୁ ପରିଚାଳନା ଯୋଜନାର ପ୍ରସ୍ତୁତି ନ କରିବା ଏବଂ ରଣନୀତିର ଅନିୟମିତ କାର୍ଯ୍ୟ

କଠିନ ବର୍ଜ୍ୟବସ୍ତୁ ପରିଚାଳନା ନିୟମ ଅନୁଯାୟୀ ରାଜ୍ୟ ନୀତି ଏବଂ ରଣନୀତି ବିଜ୍ଞପ୍ତି ତାରିଖ ଠାରୁ ଛଅ ମାସ ମଧ୍ୟରେ ଏବଂ ଭାରତ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ମ୍ୟୁନିସିପାଲ କଠିନ ବର୍ଜ୍ୟବସ୍ତୁ ପରିଚାଳନା ଯୋଜନା (ଏମ୍‌ଏସ୍‌ଡବ୍ଲୁଏମ୍) ଅନୁଯାୟୀ ସାତପାଦ ପ୍ରକ୍ରିୟା ଗ୍ରହଣ କରି ସ୍ୱାୟତ୍ତ ଶାସନ ସଂସ୍ଥା ଗୁଡ଼ିକ କଠିନ ବର୍ଜ୍ୟବସ୍ତୁ ପରିଚାଳନା ପ୍ରସ୍ତୁତ କରିବା ଆବଶ୍ୟକ ।

ରେକର୍ଡଗୁଡ଼ିକର ଯାଞ୍ଚରୁ ଜଣାପଡ଼ିଛି ଯେ ଯଦିଓ ରାଜ୍ୟ ସରକାର ସହରୀ ପରିମଳ ନୀତି ଏବଂ ରଣନୀତି ଡିସେମ୍ବର 2016 ରେ ସୂଚିତ କରିଥିଲେ, ରାଉରକେଲା ମହାନଗର ନିଗମ ମ୍ୟୁନିସିପାଲ କଠିନ ବର୍ଜ୍ୟବସ୍ତୁ ପରିଚାଳନା ଯୋଜନା ପ୍ରସ୍ତୁତ କରିନଥିଲେ (ଜାନୁଆରୀ 2021) । ରାଉରକେଲା ମହାନଗର ନିଗମ ଦ୍ୱାରା ଗଠିତ (ଜୁନ୍ 2017) ସହର ପରିମଳ ଯୋଜନା କାର୍ଯ୍ୟ (ସିଏସ୍‌ଟିଏଫ୍) ପରିମଳ କାର୍ଯ୍ୟକାରୀ ଏଜେନ୍ସି (ଏସ୍‌ଆଇଏ) ଅର୍ଥାତ୍ ଆର୍‌ଏମ୍‌ସି ଦ୍ୱାରା ପ୍ରସ୍ତୁତ ସହର ପରିମଳ ଯୋଜନା (ସିଏସ୍‌ପି) କୁ ଅନୁମୋଦନ କରିଥିଲେ । ଲକ୍ଷ୍ୟ କରାଯାଇଥିବା ତ୍ରୁଟି ଗୁଡ଼ିକ ନିମ୍ନରେ ଆଲୋଚନା କରାଯାଇଛି:

- ଏଚ୍‌ଆଣ୍ଡୟୁଡି ବିଭାଗ ଦ୍ୱାରା ସିଏସ୍‌ଟିଏଫ୍ ପାଇଁ ଜାରି କରାଯାଇଥିବା (ଅପ୍ରେଲ 2017) ସନ୍ଦର୍ଭ ସର୍ତ୍ତାବଳୀ ଅନୁଯାୟୀ, ସିଏସ୍‌ଟିଏଫ୍ ବୈଠକ ମାସରେ ଥରେ ଅନୁଷ୍ଠିତ ହେବାର ଥିଲା । ତେବେ 2017-20 ଅବଧି ମଧ୍ୟରେ 34 ଟି ଆବଶ୍ୟକତା ଥିବାବେଳେ କେବଳ ଦୁଇଟି ବୈଠକ ଅନୁଷ୍ଠିତ ହୋଇଥିଲା ।

- 2017-18 ରେ 40 ଟି ୱାର୍ଡ ମଧ୍ୟରୁ 18ଟି ରେ ଗୃହ ରୁ ଗୃହ (ଡି2ଡି) ମ୍ୟୁନିସିପାଲିଟି କଠିନ ବର୍ଜ୍ୟବସ୍ତୁ(ଏମ୍‌ଏସ୍‌ଡବ୍ଲୁ) ର ସଂଗ୍ରହ ପାଇଁ ସିଏସ୍‌ପିରେ ବ୍ୟବସ୍ଥା କରାଯାଇଥିଲା ଏବଂ 2018-20 ପାଇଁ କୌଣସି ବ୍ୟବସ୍ଥା କରାଯାଇ ନଥିଲା । ଅବଶ୍ୟ, 2017-18 ସିଏସ୍‌ପିରେ 123.7 ଟିପିଡି ଅନୁମାନିତ

ବର୍ଜ୍ୟବସ୍ତୁ ଉତ୍ପାଦନ ଥିବାବେଳେ କେବଳ 102 ଟନ୍ ଦୈନିକ (ଟିପିଡି) ବର୍ଜ୍ୟବସ୍ତୁ ସଂଗ୍ରହ କରିବାକୁ ଯୋଜନା କରାଯାଇଥିଲା ।

ଅଡିଟ୍ ପର୍ଯ୍ୟବେକ୍ଷଣକୁ ସ୍ୱୀକାର କରି ସରକାର ବ୍ୟକ୍ତକଲେ (ମଇ 2022) ଯେ 2016-17 ଏବଂ 2018-19 ରୁ 2020-21 ବର୍ଷ ଗୁଡ଼ିକ ପାଇଁ ରିପୋର୍ଟ ଆଞ୍ଚଳିକ ଅଧିକାରୀ (ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ) ରାଉରକେଲାଙ୍କ ଦ୍ୱାରା ଗ୍ରହଣ କରାଯାଇ ନଥିଲା । ଏହା ସ୍ପଷ୍ଟ ଭାବରେ ବିଭାଗ ତରଫରୁ ମ୍ୟୁନିସିପାଲିଟି କଠିନ ବର୍ଜ୍ୟବସ୍ତୁର ଉପଯୁକ୍ତ ପରିଚାଳନାକୁ ସୁନିଶ୍ଚିତ କରିବାରେ ବିଫଳତାକୁ ସୂଚିତ କରେ । ତେବେ ବିଭାଗ ଆରଏମ୍‌ସି ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ବିଫଳ ହୋଇଛି ।

### 3.4.2 ବର୍ଜ୍ୟବସ୍ତୁର ଅନୁପଯୁକ୍ତ ପୃଥକୀକରଣ, ସଂଗ୍ରହ, ସଂରକ୍ଷଣ ଏବଂ ପରିବହନ

ଏମ୍‌ଏସ୍‌ଡବ୍ଲୁଏମ୍‌ର ଅନୁଚ୍ଛେଦ 1.4.5.10 ଏବଂ ଓଡ଼ିଶା ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶାବଳୀ (ଅପ୍ରେଲ 2019) ଅନୁଯାୟୀ, ୟୁଏଲ୍‌ବି ମାନେ 30 ମଇ 2019 ସୁଦ୍ଧା 100 ପ୍ରତିଶତ ଗୃହରୁ ଗୃହ (ଡି2ଡି) ପୃଥକ ବର୍ଜ୍ୟବସ୍ତୁ ସଂଗ୍ରହ ହାସଲ କରିବା ବାଧ୍ୟତାମୂଳକ ଥିଲା । ଆହୁରି ମଧ୍ୟ, ରାଜ୍ୟ ସରକାରଙ୍କ ଦ୍ୱାରା ବିକେନ୍ଦ୍ରୀକୃତ ଏସଡବ୍ଲୁଏମ୍ ଉପରେ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରକ୍ରିୟା (ଏସ୍‌ଓପି) ଜାରି କରାଯାଇଥିବା (ଜୁଲାଇ 2019) ଅନୁଯାୟୀ ଆରଏମ୍‌ସି 40 ଟି ୱାର୍ଡ ମଧ୍ୟରୁ କେବଳ ସାତଟି ୱାର୍ଡରେ 100 ପ୍ରତିଶତ ଡି2ଡି ସଂଗ୍ରହ ପାଇଁ ଯାନର ଏବଂ କର୍ମଚାରୀମାନଙ୍କ ଆବଶ୍ୟକତା ଚୂଡ଼ାନ୍ତ କରିଥିଲେ (ଅଗଷ୍ଟ 2019) । ଅଧିକନ୍ତୁ, ଡି2ଡି ବର୍ଜ୍ୟବସ୍ତୁ ସଂଗ୍ରହ ପାଇଁ ସମସ୍ତ ନଅଟି ବ୍ୟାଟେରୀ ପରିଚାଳିତ ଯାନ 11.25 ଲକ୍ଷ ଟଙ୍କା ବିନିମୟରେ କ୍ରୟ (ସେପ୍ଟେମ୍ବର 2020) କରାଯାଇଥିଲେ ମଧ୍ୟ ମାନବ ସମ୍ବଳ ବିନିଯୋଗ ଅଭାବରୁ କାର୍ଯ୍ୟକ୍ଷମ କରା ନଯାଇ ଅଦରକାରୀ ଭାବରେ ରଖାଯାଇଥିଲା । ଏହିପରି, ଜାନୁଆରୀ 2021 ସୁଦ୍ଧା ପୃଥକ ବର୍ଜ୍ୟବସ୍ତୁର ମାତ୍ର 17 ପ୍ରତିଶତ ଡି2ଡି ବ୍ୟାଟେରୀ ଚାଳିତ ଯାନ ବ୍ୟତୀତ ଅନ୍ୟ ଉପାୟ ମାଧ୍ୟମରେ ସଂଗ୍ରହ କରାଯାଇଥିଲା ।

ଜାନୁଆରୀ 2019 ରେ ଜାରି ହୋଇଥିବା ମାନ୍ୟବର ଏନଜିଟିର ଆଦେଶ ଅନୁଯାୟୀ, ଓଡ଼ିଶା ସରକାର 100 ପ୍ରତିଶତ ଶୁଖିଲା ଏବଂ ଓଦା ବର୍ଜ୍ୟବସ୍ତୁ ଆକାରରେ ଉତ୍ସ ପୃଥକୀକରଣ 15 ଜୁନ୍ 2019 ସୁଦ୍ଧା ସୁନିଶ୍ଚିତ କରିବାକୁ ସମସ୍ତ ଜିଲ୍ଲାକୁ ଅପ୍ରେଲ 2019 ରେ ନିର୍ଦ୍ଦେଶ ଦେଇଥିଲେ । ମିଳିତ ସରଜମିନ୍ ତଦନ୍ତ (07 ଜାନୁଆରୀ 2021) ସମୟରେ ଏହା ଦେଖାଯାଇଥିଲା ଯେ ଉଭୟ ବର୍ଜ୍ୟବସ୍ତୁ ଉତ୍ପାଦନକାରୀ ଏବଂ ସଂଗ୍ରହକାରୀଙ୍କ ମଧ୍ୟରେ ସଚେତନତା ଅଭାବରୁ ଗୃହସ୍ଥମାନଙ୍କ ଦ୍ୱାରା ଅଣପୃଥକ ବର୍ଜ୍ୟବସ୍ତୁ ଗୁଡ଼ିକୁ ବର୍ଜ୍ୟବସ୍ତୁ ସଂଗ୍ରହକାରୀଙ୍କୁ ହସ୍ତାନ୍ତର କରୁଥିଲେ ଏବଂ ସେଗୁଡ଼ିକ ବିଜୁ ପଟ୍ଟନାୟକ ପ୍ରଯୁକ୍ତି ବିଦ୍ୟା ବିଶ୍ୱବିଦ୍ୟାଳୟ, (ବିପିୟୁଟି) ନିକଟସ୍ଥ ଏମ୍‌ଏସ୍‌ଡବ୍ଲୁ ଡମ୍ପିଂ ୟାର୍ଡରେ ଅନଲୋଡିଂ କରାଯାଉଥିଲା ।




ଫଟୋ ସଂଖ୍ୟା-3 ୱାର୍ଡ ସଂଖ୍ୟା 34, ଡିଜେଲ କଲୋନୀରେ ଅଣପୃଥକ ଘରୋଇ ବର୍ଜ୍ୟବସ୍ତୁ ସଂଗ୍ରହ



ତା-06-01-2021, ସ୍ଥାନ: ବିପିୟୁଟି ନିକଟସ୍ଥ ଏମ୍‌ଏସ୍‌ଡବ୍ଲୁ ଡମ୍ପିଙ୍ଗ୍ ୟାର୍ଡ, ୱାର୍ଡ 15 ରୁ ସଂଗ୍ରହ କରି ବିଓଭି (ଓଡି14ଡବ୍ଲୁ4065) ଦ୍ୱାରା ଅଣପୃଥକ ବର୍ଜ୍ୟବସ୍ତୁର ଅନ୍‌ଲୋଡିଂ

ଫଟୋ ସଂଖ୍ୟା-4 ବିପିୟୁଟି ନିକଟସ୍ଥ ଏମ୍‌ଏସଡବ୍ଲୁ ଡମ୍ପିଂ ୟାର୍ଡରେ ଅଣପୃଥକ ବର୍ଜ୍ୟବସ୍ତୁର ଅପଲୋଡିଂ

ପୁନଶ୍ଚ, ଟ୍ରାଫିକ୍ ଛକ, ଦୈନିକ ବଜାର କ୍ଷେତ୍ରରେ ମିଳିତ ସରଜମିନ୍ ତଦନ୍ତ (06 ଜାନୁଆରୀ 2021) ସମୟରେ ଦେଖାଗଲା ଯେ ଆଚ୍ଛାଦିତ ନଥିବା ଦ୍ୱିତୀୟ ଷ୍ଟୋରେଜରେ ଅଣପୃଥକୀକରଣ ବର୍ଜ୍ୟବସ୍ତୁ ଫିଙ୍ଗି ଦିଆଯାଉଥିଲା,

ଯାହାଫଳରେ ବର୍ଜ୍ୟବସ୍ତୁଗୁଡ଼ିକ ବିକ୍ଷିପ୍ତ ଭାବରେ ପଡ଼ିଥିଲା, ବୁଲା ପଶୁମାନେ ସେ ସବୁକୁ ଖାଉଥିଲେ ଏବଂ ପାରିପାର୍ଶ୍ୱିକ ପରିସ୍ଥିତିରେ ଦୁର୍ଗନ୍ଧ ବିସ୍ତାର ହେଉଥିଲା ।

ଏହାର ଉତ୍ତରରେ, ସରକାର ବ୍ୟକ୍ତ କଲେ (ମଇ 2022) ଯେ ସାର୍ବଜନୀନ ସ୍ଥାନରେ ଥିବା ଦ୍ୱିତୀୟ ଷ୍ଟୋରେଜରେ ଅଣପୃଥକୀକରଣ ବର୍ଜ୍ୟବସ୍ତୁ ପକାଇନଥିବାରୁ ଏବଂ କଠିନ ବର୍ଜ୍ୟବସ୍ତୁ ପରିଚାଳନା ନିୟମର ଉଲ୍ଲଂଘନ ନିମିତ୍ତ ଆରଏମ୍‌ସି, ରାଉରକେଲାକୁ ନିର୍ଦ୍ଦେଶ ଜାରି କରାଯାଇଛି । ନିର୍ଦ୍ଦେଶାବଳୀ ଜାରି କରିବା ସତ୍ତ୍ୱେ, ନିୟମ ଗୁଡ଼ିକର ବ୍ୟବସ୍ଥା ସଠିକ୍ କାର୍ଯ୍ୟକାରିତା ସୁନିଶ୍ଚିତ କରିବା ପାଇଁ ବିଭାଗ ଦ୍ୱାରା କୌଣସି ଉପଯୁକ୍ତ ପଦକ୍ଷେପ ନିଆଯାଇ ନଥିଲା ।

### 3.4.3 ପ୍ରକ୍ରିୟାକରଣର ବିକେନ୍ଦ୍ରିକରଣ ବ୍ୟବସ୍ଥାର ଅଣ-ସଫଳତା

କଠିନ ବର୍ଜ୍ୟବସ୍ତୁ ପରିଚାଳନା ନିୟମ ଅନ୍ତର୍ଗତ ନିୟମ 15 (v) ଏବଂ 22 (7) ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ଏସ୍‌ଓପିର ନିୟମ ଅନୁଯାୟୀ, ନଗର ସ୍ୱାୟତ୍ତ ଶାସନ ସଂସ୍ଥାଗୁଡ଼ିକ ପରିବେଶ ପ୍ରତିକୂଳ ପ୍ରଭାବକୁ କମ୍ କରିବା ନିମିତ୍ତ ଅପ୍ରେଲ 2018 ସୁଦ୍ଧା ବିକେନ୍ଦ୍ରୀକୃତ ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ ସୁବିଧା ଏବଂ ବର୍ଜ୍ୟବସ୍ତୁ ରୁ ଶକ୍ତି ଉତ୍ପାଦନ କାରଖାନା ସସ୍ଥାପନ କରିବା ଆବଶ୍ୟକ । ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗ (ଏଚ୍‌ଆଣ୍ଡୟୁଡି)ରେ ଦେଓଗାଁ ନିକଟସ୍ଥ ତରକେରାଠାରେ ରାଉରକେଲା ମ୍ୟୁନିସିପାଲ କର୍ପୋରେସନ ଏବଂ ରାଉରକେଲା ଇସ୍ପାତ ଉଦ୍ୟୋଗ ମଧ୍ୟରେ ମିଳିତ ଉଦ୍ୟୋଗ ଭିତ୍ତିରେ ବର୍ଜ୍ୟବସ୍ତୁର ଶକ୍ତି ଉତ୍ପାଦନ କାରଖାନା ସ୍ଥାପନା ନିମନ୍ତେ ଅନୁମୋଦନ କରିଥିଲେ (ନଭେମ୍ବର 2016) । ପରନ୍ତୁ, ରାଉରକେଲା ମ୍ୟୁନିସିପାଲ କର୍ପୋରେସନ ଦ୍ୱାରା ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିଲା ।

ବିକେନ୍ଦ୍ରୀକୃତ ଏସ୍‌ଡବ୍ଲୁଏମ୍ ଅଧୀନରେ ବର୍ଜ୍ୟ ବସ୍ତୁ ପକା ଯାଉଥିବା ଜମିକୁ ଶୂନ୍ୟ ନିର୍ଗମନ ଉଦ୍ଦେଶ୍ୟରେ ମାଇକ୍ରୋ କମ୍ପୋଷ୍ଟିଂ କେନ୍ଦ୍ର (ଏମସିସି) ସ୍ଥାପନ ପାଇଁ ରାଜ୍ୟ ସରକାର ଏକ ଏସଓପି ଜାରି କରିଥିଲେ (ଜୁଲାଇ 2019)। ଏହାକୁ ସୁନିଶ୍ଚିତ କରିବା ପାଇଁ ଡିସେମ୍ବର 2019 ସୁଦ୍ଧା ଏମ୍‌ସିସି ଗୁଡ଼ିକର କାର୍ଯ୍ୟକାରିତା ନିମିତ୍ତ ସମସ୍ତ ୟୁଏଲ୍‌ବିକୁ ଜଣାଇ ଦିଆଯାଇଥିଲା (ଅଗଷ୍ଟ 2019) । ଆର୍‌ଏମ୍‌ସି (ଅଗଷ୍ଟ 2019/ଜାନୁଆରୀ 2020) ରେ ଦଶଟି ଏମ୍‌ସିସି ନିର୍ମାଣ ଏବଂ ଅନ୍ୟ ପ୍ରୋଜେକ୍ଟ ଉପାଦାନ ଗୁଡ଼ିକ ନିମନ୍ତେ 11.85 କୋଟି ଟଙ୍କା ରାଜ୍ୟ ସରକାରଙ୍କ ଠାରୁ ପ୍ରାପ୍ତ କରିଥିଲେ । ଏପରିକି 3.40 କୋଟି ଟଙ୍କା ଖର୍ଚ୍ଚ କରିବା ପରେ ମଧ, ଯଦିଓ ଜାନୁଆରୀ 2021 ସୁଦ୍ଧା ଦଶଟି ମଧ୍ୟରୁ ଆଠଟି ଏମ୍‌ସିସି ନିର୍ମାଣ କରାଯାଇଥିଲା, କୌଣସିଟି ବିଦ୍ୟୁତ୍, ଜଳସଂଯୋଗ ଯନ୍ତ୍ରପାତି ଅଣ-ସଂଯୋଗ ଅଭାବରୁ କାର୍ଯ୍ୟକ୍ଷମ ନଥିଲା (ଜାନୁଆରୀ 2021)। ରେଳ କର୍ତ୍ତୃପକ୍ଷଙ୍କ ଦ୍ୱାରା ଆପତ୍ତି ନଥିବା ପ୍ରମାଣ ପତ୍ର (ଏନ୍‌ଓସି) ଜାରି ନ କରିବାରୁ ଗୋଟିଏ ଏମସିସିର ନିର୍ମାଣ କାର୍ଯ୍ୟ ନିଆଯାଇ ପାରି ନଥିଲା । ତାରକେରାରେ ଗୋଟିଏ ଏମ୍‌ସିସି କାର୍ଯ୍ୟକ୍ଷମ ଥିବା ବିଷୟରେ ଆରଏମ୍‌ସି, ରାଜ୍ୟ ମିଶନ ନିର୍ଦ୍ଦେଶକ, ସ୍ୱଚ୍ଛ ଭାରତ ମିଶନ (ସହରାଞ୍ଚଳ) ଜୁଲାଇ 2020 ରେ ଅବଗତ କରିଥିଲେ, ଯଦିଓ ଅଡିଟ୍ ଅବଲୋକନ କଲା ଯେ ମିଳିତ ସରଜମିନ୍ ତଦନ୍ତ (07 ଜାନୁଆରୀ 2021) ସମୟରେ ଏହା କାର୍ଯ୍ୟକ୍ଷମ ନଥିଲା ।

ଅଡିଟ୍ ଦ୍ୱାରା ଜାନୁଆରୀ 2021 ରେ ଏ ବିଷୟରେ ସୂଚିତ କରାଯିବା ପରେ, ଆଠଟି ଏମ୍‌ସିସି କାର୍ଯ୍ୟକ୍ଷମ ହୋଇଥିଲା ଏବଂ ଜାନୁଆରୀ 2022 ପର୍ଯ୍ୟନ୍ତ 53.395 ମେଟ୍ରିକ୍ ଟନ୍ କମ୍ପୋଷ୍ଟ ଉତ୍ପାଦନ କରାଯାଇ ସେଥିରୁ 21.395 ମେଟ୍ରିକ୍ ଟନ୍ ଉପଯୋଗ କରାଯାଇଥିଲା ।

ଏହାର ଉତ୍ତରରେ, ସରକାର ଦର୍ଶାଇଲେ (ମଇ 2022) ଯେ ଆର୍‌ଏମ୍‌ସି, ରାଉରକେଲା ଏବଂ ସଂପୃକ୍ତ ୟୁଏ୍‌ଲବି ଗୁଡ଼ିକୁ ବିକେନ୍ଦ୍ରୀକୃତ ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ ବ୍ୟବସ୍ଥା ଗ୍ରହଣ କରିବା ନିମିତ୍ତ ନିର୍ଦ୍ଦେଶ ଜାରି କରାଯାଇଅଛି ।

### 3.4.4 ରାଉରକେଲା ମହାନଗର ନିଗମ ଦ୍ୱାରା ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ଆୟୋଗକୁ କଠିନ ବର୍ଜ୍ୟବସ୍ତୁ ପରିଚାଳନା ବିଷୟରେ ମନଗଢ଼ା ସୂଚନା ଦାଖଲ

କଠିନ ବର୍ଜ୍ୟବସ୍ତୁ ପରିଚାଳନା ନିୟମ, 2016 ର ନିୟମ 15(ଜେଡ୍‌ବି) ଅନୁଯାୟୀ ସହରାଞ୍ଚଳ ନଗର ସ୍ୱାୟତ୍ତ ଶାସନ ସଂସ୍ଥାଗୁଡ଼ିକ କଠିନ ବର୍ଜ୍ୟବସ୍ତୁ ପରିଚାଳନା ସମ୍ବନ୍ଧୀୟ ବାର୍ଷିକ ରିପୋର୍ଟ(ଏଆର୍) ପ୍ରସ୍ତୁତ କରିବା ଏବଂ ପ୍ରତି ବର୍ଷ ମଇ 31 ସୁଦ୍ଧା ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ଆୟୋଗକୁ ଦାଖଲ କରିବା ଦରକାର।

ରାଉରକେଲା ମହାନଗର ନିଗମ 2016 ଏବଂ 2018 ବର୍ଷ ପାଇଁ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ବାର୍ଷିକ ରିପୋର୍ଟ ଦାଖଲ କରିନଥିଲେ ଏବଂ ଅଣ ଦାଖଲ ପାଇଁ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ଜାରି କରାଯାଇଥିବା କାରଣ ଦର୍ଶାଅ ବିଜ୍ଞପ୍ତି ବିପକ୍ଷରେ କୌଣସି ଉତ୍ତର ପ୍ରଦାନ କରିନଥିଲେ। କଠିନ ବର୍ଜ୍ୟବସ୍ତୁ ପରିଚାଳନା ନିୟମରେ ଖିଲାପକାରୀଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେବା ବିଷୟରେ ଉଲ୍ଲେଖ ନଥିବାରୁ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ଆୟୋଗ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲେ। ରାଉରକେଲା ମହାନଗର ନିଗମ ବାର୍ଷିକ ରିପୋର୍ଟ ଦାଖଲ ନ କରି ଥିବା ଯୋଗୁଁ, କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ଆୟୋଗକୁ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ଆୟୋଗ ଦ୍ୱାରା ପଠାଯାଇଥିବା ଏକତ୍ରିତ କଠିନ ବର୍ଜ୍ୟବସ୍ତୁ ପରିଚାଳନା ରିପୋର୍ଟ ଉଚିତ୍ ଦୃଷ୍ଟିକୋଣକୁ ପ୍ରତିଫଳିତ କରିନାହିଁ। ଆହୁରିମଧ, ଦାଖଲ କରାଯାଇଥିବା 2019 ବର୍ଷ ପାଇଁ ବାର୍ଷିକ ରିପୋର୍ଟରୁ ଦେଖାଗଲା ଯେ ଅଧିକୃତ ସ୍ଥାନରେ ବର୍ଜ୍ୟବସ୍ତୁ ପକାଇବା, 100 ପ୍ରତିଶତ ଗୃହ ରୁ ଗୃହ ସଂଗ୍ରହ, ପୃଥକୀକରଣ ଏବଂ ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ ଭଳି ଭୁଲ ସୂଚନା ରାଉରକେଲା ମହାନଗର ନିଗମ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ଆୟୋଗକୁ ପ୍ରଦାନ କରିଥିଲେ ଯାହା ସବୁ ଅନୁଚ୍ଛେଦ **3.4.2** ରେ ଆଲୋଚନା କରାଯାଇଛି। 2019 ବାର୍ଷିକ ରିପୋର୍ଟରେ 2.4 ଟିପିଡି ବର୍ଜ୍ୟବସ୍ତୁର ପ୍ରକ୍ରିୟାକରଣ ଉଲ୍ଲେଖ କରାଯାଇଥିବା ବିଷୟ ତଥ୍ୟ ଉପରେ ଆଧାରିତ ନୁହେଁ କାରଣ ଜାନୁଆରୀ 2021 ପର୍ଯ୍ୟନ୍ତ କୌଣସି ଏମ୍‌ସିସି କାର୍ଯ୍ୟକ୍ଷମ ନଥିଲା।

ଅଡିଟ୍ ପର୍ଯ୍ୟବେକ୍ଷଣକୁ ଗ୍ରହଣ କରି ସରକାର ବ୍ୟକ୍ତ କଲେ (ମଇ 2022) ଯେ ରାଉରକେଲା ମହାନଗର ନିଗମ, ରାଉରକେଲା ରୁ 2016-18 ବାର୍ଷିକ ରିପୋର୍ଟ ସଂଗ୍ରହ ପାଇଁ ପଦକ୍ଷେପ ନିଆଯାଇଥିଲା। ଏହା ବିଭାଗ ଦ୍ୱାରା ତଦାରଖ କରିବାରେ ବିଫଳତାକୁ ସୂଚିତ କରେ।

### 3.4.5 ରାଉରକେଲା ସ୍ମାର୍ଟ ସିଟି ଦ୍ୱାରା କଠିନ ବର୍ଜ୍ୟବସ୍ତୁ ପରିଚାଳନା

ଭାରତ ସରକାର ଦେଶର 100 ଟି ସହରରେ ସ୍ମାର୍ଟ ସିଟି ମିଶନ (ଜୁନ୍ 2015) ଆରମ୍ଭ କରିଥିଲେ, ସେଥିମଧ୍ୟରୁ ରାଉରକେଲା (ସୁନ୍ଦରଗଡ଼ ଜିଲ୍ଲାରେ) ଏବଂ ଭୁବନେଶ୍ୱରକୁ ସ୍ମାର୍ଟ ସିଟି ଭାବେ ଚିହ୍ନଟ କରାଯାଇଥିଲା।

ମୂଳ ଭିତ୍ତିଭୂମି ପ୍ରଦାନ କରୁଥିବା ସହର ଏବଂ ଏହାର ନାଗରିକମାନଙ୍କୁ ଏକ ଉତ୍ତମ ଗୁଣବତ୍ତା ଜୀବନ ପ୍ରଦାନ, ଏକ ସ୍ୱଚ୍ଛ ଏବଂ ନିରନ୍ତର ବିକାଶ ଏବଂ ସଂକ୍ଷିପ୍ତ କ୍ଷେତ୍ରକୁ ଦେଖିବାକୁ ପ୍ରୋତ୍ସାହିତ କରିବା ସ୍ମାର୍ଟ ସିଟି ମିଶନର ଉଦ୍ଦେଶ୍ୟ ଥିଲା, ଯାହା ଅନୁକରଣୀୟ ମଡେଲ ପରି ଅନ୍ୟ ଆଶାୟୀ ସହରଗୁଡ଼ିକ ପାଇଁ ଏକ ମାର୍ଗ ଦର୍ଶକ ପରି କାର୍ଯ୍ୟକରିବ। ସ୍ମାର୍ଟ ସିଟି ମିଶନ ନିର୍ଦ୍ଦେଶାବଳୀ 10[57] ଟି ମୂଳ ଭିତ୍ତିଭୂମି ଉପାଦ ପ୍ରଦାନ କରିଛି ଯାହା ପାଞ୍ଚ ବର୍ଷ (2015-20)ର ମିଶନ ଅବଧି ମଧ୍ୟରେ ସମାପ୍ତ ହେବ। ସ୍ମାର୍ଟ ସିଟିର ଦଶଟି ଭିତ୍ତିଭୂମି ଉପାଦାନ ମଧ୍ୟରୁ କଠିନ ବର୍ଜ୍ୟବସ୍ତୁ ପରିଚାଳନା ହେଉଛି ମୂଳ ଉପାଦାନ।

ନିର୍ଦ୍ଦେଶାବଳୀ ଅନୁଯାୟୀ, ସହର ସ୍ତରରେ ମିଶନର କାର୍ଯ୍ୟକାରିତା ଏହି ଉଦ୍ଦେଶ୍ୟରେ ସୃଷ୍ଟି ହୋଇଥିବା ଏକ ସ୍ୱତନ୍ତ୍ର ଉଦ୍ଦେଶ୍ୟ ଯାନ (ଏସପିଭି) ଦ୍ୱାରା ହେବାର ଥିଲା। ସ୍ମାର୍ଟ ସିଟି ବିକାଶ ପ୍ରକଳ୍ପ ଗୁଡ଼ିକର ଯୋଜନା, ଅବଗତି, ଅନୁମୋଦନ, ପାଣ୍ଠି ଯୋଗାଣ କରିବା, କାର୍ଯ୍ୟକାରୀ କରିବା, ପରିଚାଳନା ସଂଚାଳନ, ତଦାରଖ ଏବଂ ମୂଲ୍ୟାଙ୍କନ ଏସ୍‌ପିଭି କରିବ। ତଦନୁଯାୟୀ, 03 ଅକ୍ଟୋବର 2016 ରେ ରାଉରକେଲା ସ୍ମାର୍ଟ ସିଟି ଲିମିଟେଡ୍ (ଆରଏସସିଏଲ) ସ୍ଥାପିତ ହୋଇଥିଲା।

---

[57] ସ୍ମାର୍ଟ ସିଟି ମିଶନର ଦଶଟି ମୂଳ ଉପାଦାନ: i) ପର୍ଯ୍ୟାପ୍ତ ଜଳ ଯୋଗାଣ, ii) ନିଶ୍ଚିତ ବିଦ୍ୟୁତ୍ ଯୋଗାଣ iii) ପରିମଳ ସହିତ କଠିନ ବର୍ଜ୍ୟବସ୍ତୁ ପରିଚାଳନା iv) ଦକ୍ଷ ସହରୀ ଗତିଶୀଳତା ଏବଂ ସାର୍ବଜନୀନ ପରିବହନ v) ସୁଲଭ ଗୃହ, ବିଶେଷ କରି ଗରିବଙ୍କ ପାଇଁ vi) ଦୃଢ଼ ଆଇଟି ସଂଯୋଗ ଏବଂ ଡିଜିଟାଲାଇଜେସନ୍ vii) ସୁଶାସନ, ବିଶେଷ କରି ଇ-ଶାସନ ଏବଂ ନାଗରିକ ଅଂଶଗ୍ରହଣ viii) ସ୍ଥାୟୀ ପରିବେଶ ix) ନାଗରିକଙ୍କ ସୁରକ୍ଷା ଏବଂ ନିରାପତ୍ତା, ବିଶେଷ କରି ମହିଳା, ପିଲା ଏବଂ ବୃଦ୍ଧଙ୍କ ନିମିତ୍ତ ଏବଂ x) ସ୍ୱାସ୍ଥ୍ୟ ଏବଂ ଶିକ୍ଷା

ନିର୍ଦ୍ଦେଶାବଳୀ ଅନୁଯାୟୀ, ସ୍ମାର୍ଟ ସିଟି ପ୍ରସ୍ତାବ (ଏସ୍‌ସିପି) କ୍ଷେତ୍ର ବିକାଶ ନିମିତ୍ତ ରଣନିତିକ କାର୍ଯ୍ୟ ଯୋଜନା ତିନୋଟି ଟାଇପୋଲୋଜି ଉପରେ ପର୍ଯ୍ୟବେସିତ ଯଥା (କ) କ୍ଷେତ୍ରର ଉନ୍ନତି (ଖ) ସହର ନବୀକରଣ ଏବଂ (ଗ) ସହର ସମ୍ପ୍ରସାରଣ ଏବଂ ଅତି କମରେ ଗୋଟିଏ ସହର ଚଉଡ଼ା (ପ୍ୟାନ୍-ସିଟି) ପଦକ୍ଷେପ ଯାହା ଭୌତିକ, ଅର୍ଥନୈତିକ, ସାମାଜିକ ଏବଂ ଅନୁଷ୍ଠାନିକ ଭିତ୍ତିଭୂମି ପାଇଁ ସ୍ମାର୍ଟ ସମାଧାନ ପ୍ରୟୋଗ କରେ ।

ଏହା ଦେଖାଯାଇଥିଲା ଯେ ଯଦିଓ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ରିପୋର୍ଟ ହୋଇଥିଲା ଯାହା 2011 ରୁ 2020 ବର୍ଷ ମଧ୍ୟରେ ରାଉରକେଲା ସହର 1,065 ଟନ୍ କଠିନ ବର୍ଜ୍ୟବସ୍ତୁ ସୃଷ୍ଟି କରିଥିଲା, ମାର୍ଚ୍ଚ 2021 ସୁଦ୍ଧା କଠିନ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ କୌଣସି ପ୍ରକଳ୍ପ କାର୍ଯ୍ୟକାରୀ ହୋଇ ନଥିଲା । ଫଳସ୍ୱରୂପ, ସମଗ୍ର ଉତ୍ପାଦିତ କଠିନ ବର୍ଜ୍ୟବସ୍ତୁକୁ ଲ୍ୟାଣ୍ଡଫିଲକୁ ଫିଙ୍ଗି ଦିଆଯାଇଥିଲା ।

ପୁନଶ୍ଚ, “ସ୍ୱଚ୍ଛ ସର୍ବେକ୍ଷଣ 2021” ଏକ ବାର୍ଷିକ ମୂଲ୍ୟାଙ୍କନ ଯାହା ବିଭିନ୍ନ ବର୍ଗଗୁଡ଼ିକ ଅଧୀନରେ ଥିବା ସ୍ମାର୍ଟ ସିଟି ଏପରିକି ଭାରତ ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରଣାଳୟ ଦ୍ୱାରା ପରିଷ୍କାର, ପରିଚ୍ଛନ୍ନତା, ପରିମଳ, ଅଳିଆ ମୁକ୍ତ ସହର ଓ ମୂଲ୍ୟାଙ୍କନ କରେ । ଏହା 1-10 ଲକ୍ଷ ଜନସଂଖ୍ୟା ବିଶିଷ୍ଟ ସହର ବର୍ଗରେ ରାଉରକେଲାକୁ ଅଳିଆମୁକ୍ତ ସହର ଭାବରେ 57 ତମ ସ୍ଥାନରେ ରଖିଥିଲା ।

ଦେଶର ପ୍ରଥମ ପ୍ରକାର ପଦକ୍ଷେପ ସ୍ୱରୂପ ଜାନୁଆରୀ 2018 ରେ ଭାରତ ସରକାର ୟୁଏଲ୍‌ବି ମାନଙ୍କ ପାଇଁ ଏକ ‘ଷ୍ଟାରରେଟିଂ’ ସିଷ୍ଟମ୍ ପ୍ରଚାଳନ କରିଥିଲେ । ଏହି କାର୍ଯ୍ୟକ୍ରମରେ ମନ୍ତ୍ରଣାଳୟର ନିର୍ଦ୍ଧାରିତ ମାନକ ଭିତ୍ତିରେ ୟୁଏଲ୍‌ବି କୁ ଏକ ରୁ ପାଞ୍ଚ ପର୍ଯ୍ୟନ୍ତ ସେମାନଙ୍କର ପ୍ରୟାସ ଆଧାରରେ ମୂଲ୍ୟାଙ୍କନ କରିବା ଏବଂ ସହର ଗୁଡିକୁ ଅଳିଆ ମୁକ୍ତ କରିବା ଆଶା କରାଯାଉଥିଲା । ଏହି ବ୍ୟବସ୍ଥା ୟୁଏଲ୍‌ବିକୁ ସ୍ୱଚ୍ଛ ପ୍ରଯୁକ୍ତି ବିଦ୍ୟା ଗ୍ରହଣ କରିବା ଦିଗରେ ଉତ୍ସାହିତ କରିବ ବୋଲି ଆଶା କରାଯାଉଥିଲା । ଆହୁରି ମଧ୍ୟ “ଷ୍ଟାରରେଟିଂ” କାର୍ଯ୍ୟକ୍ରମ ଜନସାଧାରଣଙ୍କୁ ସେମାନଙ୍କ ଆଖପାଖର ସହର ଗୁଡ଼ିକ ପରିବେଶର ଆବଶ୍ୟକତା ମାନୁଥିବା ଦିଗରେ ସାହାଯ୍ୟ କରିବାର ଥିଲା । ରାଉରକେଲା ରାଜ୍ୟର ଏକ ମାତ୍ର ସହର ଥିଲା ଯାହା ‘ଏକକ ଷ୍ଟାର’ ମାନ୍ୟତା ପାଇଥିଲା ।

ସେହି ଅନୁସାରେ ଅଡିଟରୁ ଜଣାଗଲା ଯେ ରାଉରକେଲା ସ୍ମାର୍ଟସିଟିରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ପଦକ୍ଷେପ ନିଆଯାଇ ନଥିଲା ।

## 3.5 ବାୟୋ-ମେଡିକାଲ ବର୍ଜ୍ୟବସ୍ତୁ ପରିଚାଳନା

ବାୟୋ-ମେଡିକାଲ ବର୍ଜ୍ୟବସ୍ତୁ (ବିଏମ୍‌ଡବ୍ଲୁ) ର ସଂଗ୍ରହ, ପୃଥକୀକରଣ, ପ୍ରକ୍ରିୟାକରଣ, ଉପଚାର ଓ ନିଷ୍କାସନରେ ଉନ୍ନତି ଆଣିବା ପାଇଁ ବାୟୋ-ମେଡିକାଲ୍ ବର୍ଜ୍ୟବସ୍ତୁ ପରିଚାଳନା (ବିଏମ୍‌ଡବ୍ଲୁଏମ୍) ନିୟମ, 2016 ପ୍ରଣୟନ (ମାର୍ଚ୍ଚ 2016 ରେ) କରାଯାଇଥିଲା । ଏହି ନିୟମଗୁଡ଼ିକ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ, ଯେଉଁମାନେ ବାୟୋ-ମେଡିକାଲ ବର୍ଜ୍ୟବସ୍ତୁ ଯେକୌଣସି ରୂପରେ ସୃଷ୍ଟି, ସଂଗ୍ରହ, ଗ୍ରହଣ, ସଂରକ୍ଷଣ, ପରିବହନ, ଉପଚାର, ନିଷ୍କାସନ ଓ ନିୟନ୍ତ୍ରଣ କରନ୍ତି ଯଥା ଡାକ୍ତରଖାନା, ନର୍ସିଂହୋମ୍, ଡିସ୍‌ପେନ୍‌ସାରି ଇତ୍ୟାଦି । ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏହି ନିୟମର କାର୍ଯ୍ୟକାରିତା ପାଇଁ ମନୋନୀତ କର୍ତ୍ତୃପକ୍ଷ ଅଟେ ।

ବିଏମ୍‌ଡବ୍ଲୁଏମ୍ ନିୟମ 2016 ଅନୁସାରେ, ବାୟୋମେଡିକାଲ ବର୍ଜ୍ୟବସ୍ତୁର ପରିଚାଳନା ବାର୍-କୋଡେଡ୍ ଏବଂ ବାର-କୋଡେଡ୍ ଲେବୁଲ୍ ଥିବା ବ୍ୟାଗ୍ / ପାତ୍ରରେ ଏହାର ଉତ୍ପତ୍ତି ସ୍ଥଳରେ ପୃଥକୀକରଣ କରିବା ଅନ୍ତର୍ଭୁକ୍ତ, ଅସ୍ଥାୟୀ ସଂରକ୍ଷଣ ପାଇଁ ପୃଥକୀକରଣ ବର୍ଜ୍ୟବସ୍ତୁକୁ କେନ୍ଦ୍ରୀୟ ସଂରକ୍ଷଣ ସ୍ଥାନକୁ ଅନ୍ତର୍ନିହିତ ସ୍ଥାନାନ୍ତରଣ କରିବା ଏବଂ ଏହାର ପ୍ରକ୍ରିୟାକରଣ ଏବଂ ନିଷ୍କାସନ ସାଧାରଣ ବାୟୋ-ମେଡିକାଲ ବର୍ଜ୍ୟବସ୍ତୁ ଉପଚାର ସୁବିଧା (ସିବିଡବ୍ଲୁଟିଏଫ୍) ଅଥବା ଆବଦ୍ଧ ଦ୍ୱାରା କରିବା ଆବଶ୍ୟକ ଥିଲା । ସମୀକ୍ଷା, ଜିଲ୍ଲାରେ ଦଖଲକାରୀ[58] ଓ ସଞ୍ଚାଳକ[59] ମାନଙ୍କ ନଥିପତ୍ରର ଯାଞ୍ଚ ସମୟରେ ନିମ୍ନଲିଖିତ ଅଭାବଗୁଡ଼ିକ ପରିଲକ୍ଷିତ କରିଥିଲେ ।

58 ଅକ୍ୟୁପାଏର ଅର୍ଥ ହେଉଛି ଏକ ବ୍ୟକ୍ତି ଯାହାର କୌଣସି ସଂସ୍ଥା ଉପରେ ପ୍ରଶାସନିକ ଅଧିକାର ଥିବ ଏବଂ ବାୟୋମେଡିକାଲ ବର୍ଜ୍ୟବସ୍ତୁ ସୃଷ୍ଟି କରୁଥିବା ପରିସର ଯେପରିକି ଡାକ୍ତରଖାନା, ନର୍ସିଂ ହୁମ୍, କ୍ଲିନିକ୍, ଡିସ୍‌ପେନସାରୀ ଇତ୍ୟାଦି

59 ଅପରେଟରିଂ ହେଉଛି ସାଧାରଣ ବର୍ଜ୍ୟ ବସ୍ତୁ ପରିଚାଳନା ଫାସିଲିଟିର ଜଣେ ବ୍ୟକ୍ତି ଯାହାର ନିଜର ବା ନିଜ ଅକ୍ତିଆରରେ ଏକ ସାଧାରଣ ବର୍ଜ୍ୟବସ୍ତୁ ପରିଚାଳନା ଫାସିଲିଟି ଥିବ ଯାହାକି ବାୟୋମେଡିକାଲ ବର୍ଜ୍ୟ ବସ୍ତୁର ସଂଗ୍ରହ, ଗ୍ରହଣ, ସଂରକ୍ଷଣ, ପରିବହନ, ପରିଚାଳନା ଓ ନିଷ୍କାସନ କରୁଥିବ

### 3.5.1 ବାୟୋମେଡିକାଲ ବର୍ଜ୍ୟବସ୍ତୁର ଅନୁପଯୁକ୍ତ ପୃଥକୀକରଣ

ବାୟୋମେଡିକାଲ ବର୍ଜ୍ୟବସ୍ତୁ ପରିଚାଳନା ନିୟମ 2016 ର ନିୟମ 8 (2) ଅନୁଯାୟୀ ପ୍ରତ୍ୟେକ ସ୍ୱାସ୍ଥ୍ୟ ସେବା କେନ୍ଦ୍ର[60] (ଏଚ୍‌ସିଏଫ୍) ଏହି ବର୍ଜ୍ୟବସ୍ତୁର ସଂରକ୍ଷଣ, ସ୍ଥାନାନ୍ତର, ପ୍ରକ୍ରିୟାକରଣ ଓ ନିଷ୍କାସନ ପୂର୍ବରୁ ଏହାକୁ ହଳଦିଆ (ଛେଦ ଅଙ୍ଗ ପ୍ରତ୍ୟଙ୍ଗ ଅବଶେଷାଂଶ, ମଇଳା ଆବର୍ଜନା ଏବଂ ରାସାୟନିକ ବର୍ଜ୍ୟବସ୍ତୁ), ଲାଲ (ଦୂଷିତ ବର୍ଜ୍ୟବସ୍ତୁ[61]), ଧଳା (ତୀକ୍ଷ୍ଣ ଧାତୁ ସହିତ ବର୍ଜ୍ୟବସ୍ତୁ) ଏବଂ ନୀଳ (କାଚ ନିର୍ମିତ ଏବଂ ଧାତବ ଶରୀର ପ୍ରତିରୋପଣ) ପାତ୍ରରେ ପୃଥକୀରଣ ନିଶ୍ଚିତ କରିବା ଆବଶ୍ୟକ ।

ରେକର୍ଡଗୁଡ଼ିକର ଯାଞ୍ଚରୁ ଜଣାପଡ଼ିଲା ଯେ ଜିଲ୍ଲା ମୁଖ୍ୟାଳୟ ଡାକ୍ତରଖାନା (ଡିଏଚ୍‌ଏଚ୍) ରେ 22 ଟି ୱାର୍ଡରୁ 19[62] ଟି ୱାର୍ଡରେ ବାୟୋମେଡିକାଲ ବର୍ଜ୍ୟବସ୍ତୁର ପୃଥକୀକରଣ ଅସମ୍ପୂର୍ଣ୍ଣ ଭାବରେ ଦୈନିକ ରିପୋର୍ଟ ଖାତାରେ ଅକ୍ଟୋବର 2017 ରୁ ଅପ୍ରେଲ 2019 ମଧ୍ୟରେ ରେକର୍ଡ କରାଯାଇଥିଲା । ଉପ-ବିଭାଜନ ଡାକ୍ତରଖାନା (ଏସ୍‌ଡିଏଚ୍), ବଣେଇରେ ବର୍ଜ୍ୟବସ୍ତୁ ଉତ୍ପାଦିତ ହେଉଥିବା ପୋଷ୍ଟପାର୍ଟମ୍ କେୟାର (ପିପିସି) ୟୁନିଟ୍‌ରେ ବର୍ଜ୍ୟବସ୍ତୁ ଧଳା ପାତ୍ର ବଦଳରେ ଲାଲ ପାତ୍ରରେ ରଖାଯାଇଥିଲା । ଗୋଟିଏ ନମୁନା ଥିବା ବ୍ୟକ୍ତିଗତ ସ୍ୱାସ୍ଥ୍ୟ ସେବା କେନ୍ଦ୍ର ଏଚ୍‌ସିଏଫ୍[63], ପରିସରରେ ବର୍ଜ୍ୟବସ୍ତୁକୁ ରଙ୍ଗ କୋଡ୍ ବିନ୍‌ରେ ବର୍ଗ ଅନୁଯାୟୀ ପୃଥକୀକରଣ କରି ରଖାଯାଇ ନଥିଲା ।



ଫଟୋ ସଂଖ୍ୟା-5 ତା-23-02-2021ରେ ଏସ୍‌ଡିଏଚ୍ ବଣାଇରେ ନିଆଯାଇଥିବା ଫଟୋ

ଅଡିଟ୍ ପର୍ଯ୍ୟବେକ୍ଷଣକୁ ଗ୍ରହଣ କରି ସରକାର ବ୍ୟକ୍ତ କଲେ (ମଇ 2022) ଯେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ସ୍ୱାସ୍ଥ୍ୟ ସେବା କେନ୍ଦ୍ର ଗୁଡ଼ିକୁ ପ୍ରାଧିକରଣ ପ୍ରତ୍ୟାହାର ପାଇଁ ବାୟୋ ମେଡିକାଲ ନିୟମ 10 ଅନୁଯାୟୀ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିଲା । ତଥାପି ପ୍ରକୃତରେ ବର୍ଜ୍ୟବସ୍ତୁକୁ ପୃଥକୀକରଣ ଠିକ୍ ଭାବରେ କରାଯାଇ ନଥିଲା ।

### 3.5.2 ଅନୁପଯୁକ୍ତ ମଧ୍ୟବର୍ତ୍ତୀ ସଂରକ୍ଷଣ ଏବଂ ଅନ୍ତର୍ନିହିତ ସ୍ଥାନାନ୍ତରଣ

ବିଏମ୍‌ଡବ୍ଲୁଏମ୍ ନିୟମ, 2016 ଅନ୍ତର୍ଗତ ସ୍ୱାସ୍ଥ୍ୟସେବା ବର୍ଜ୍ୟବସ୍ତୁ ପରିଚାଳନା ନିର୍ଦ୍ଦେଶାବଳୀର ଅନୁଚ୍ଛେଦ 2.3.4 ଏବଂ 2.4.2 ରେ ନିର୍ଦ୍ଧାରଣ କରାଯାଇଅଛି ଯେ, ଏଚ୍‌ସିଏଫ୍‌ର ବିଭିନ୍ନ ୱାର୍ଡ/ ବିଭିନ୍ନ ବିଭାଗରେ ବାୟୋ-ମେଡିକାଲ ବର୍ଜ୍ୟବସ୍ତୁର ସଂରକ୍ଷଣ ନିରୁତ୍ସାହିତ ଅଟେ, ରୋଗୀ ରହୁଥିବା ସ୍ଥାନରେ କୌଣସି ବର୍ଜ୍ୟବସ୍ତୁ ରଖାଯିବା ଉଚିତ୍ ନୁହେଁ ଏବଂ ବିଏମ୍‌ଡବ୍ଲୁ ନିଶ୍ଚିତ ଭାବରେ ଏକ ମାର୍ଗ ଦେଇ ସ୍ଥାନାନ୍ତର କରାଯିବା ଉଚିତ୍ ଯେଉଁଥିରେ ରୋଗୀ ଏବଂ ପରିଦର୍ଶକଙ୍କର ଚଳପ୍ରଚଳ କମ୍ ଥିବ ।

ବିଭିନ୍ନ ତାରିଖରେ[64] ମିଳିତ ସରଜମିନ୍ ତଦନ୍ତ ସମୟରେ ଏହା ଲକ୍ଷ୍ୟ କଲାଗଲା ଯେ ଆଠଟି ସ୍ୱାସ୍ଥ୍ୟ ସେବା କେନ୍ଦ୍ର[65] କ୍ଷେତ୍ରରେ ରୋଗୀ ରହୁଥିବା ସ୍ଥାନରେ ବର୍ଜ୍ୟବସ୍ତୁ ଗଚ୍ଛିତ କରି ରଖାଯାଉଥିଲା ଏବଂ ଅଧିକା ରୋଗୀ ଓ ପରିଦର୍ଶକଙ୍କର ଚଳପ୍ରଚଳନ କରୁଥିବା ମାର୍ଗ ଦେଇ ବର୍ଜ୍ୟବସ୍ତୁଗୁଡ଼ିକୁ ସ୍ଥାନାନ୍ତର କରାଯାଉଥିଲା ।

---

60 ସ୍ୱାସ୍ଥ୍ୟ ସେବା କେନ୍ଦ୍ରର ଅର୍ଥ ହେଉଛି ଯେଉଁଠାରେ ମନୁଷ୍ୟ କିମ୍ବା ପଶୁ ମାନଙ୍କର ରୋଗର ନିରାକରଣ, ଚିକିତ୍ସା କିମ୍ବା ଇମ୍ୟୁନାଇଜେସନ୍ କରାଯାଏ

61 ନିଷ୍କାସନ୍ ଯୋଗ୍ୟ ବସ୍ତୁଗୁଡ଼ିକରୁ ବାହାରୁ ଥିବା ବର୍ଜ୍ୟବସ୍ତୁ ଯଥା ଟ୍ୟୁବ୍, ବୋତଲ, ଇଣ୍ଟ୍ରାବେନସ୍ ଟ୍ୟୁବସ୍ ଏବଂ ସେଟ୍, କ୍ୟାଥେଟର୍ସ, ବିନା ଛୁଞ୍ଚି ଥିବା ମୂତ୍ର ବ୍ୟାଗ୍ ସିରିଞ୍ଜ ଇତ୍ୟାଦି

62 ପୁରୁଷ ୱାର୍ଡ, ମହିଳା ୱାର୍ଡ, ମେଡିସିନ୍ ୱାର୍ଡ, ଲେବଲ ରୁମ୍, ଏସ୍‌ଏନ୍‌ସିୟୁ, ଶିଶୁ ଚିକିତ୍ସା ୱାର୍ଡ, ଇଞ୍ଜେକ୍ସନ୍ ରୁମ୍, ଡ୍ରେସିଙ୍ଗ ରୁମ୍, ଟିବି ୱାର୍ଡ, ଅର୍ଥୋପେଡିକ୍ ଅପରେସନ୍ ଗୃହ, ଦାନ୍ତ ଅପରେସନ୍ ଗୃହ, ଆଖି ଅପରେସନ୍ ଗୃହ, ସଂକ୍ରମଣ ୱାର୍ଡ, ରକ୍ତ ବ୍ୟାଙ୍କ, ପାଥୋଲୋଜିକାଲ ଲ୍ୟାବ୍, ପିପିସି, ଆଇସିଟିସି, ଏନ୍‌ଆର୍‌ସି ଏବଂ ସାଧାରଣ ଅପରେସନ୍ ଗୃହ

63 ଶାନ୍ତି ମେମୋରିଆଲ ହସ୍ପିଟାଲ, ରାଉରକେଲା

64 13-14 ଫେବୃଆରୀ 2020, 03 ମାର୍ଚ୍ଚ 2020 (4), 04 ଫେବୃଆରୀ 2021(2) ଏବଂ 23 ଫେବୃଆରୀ 2021

ଉତ୍ତରରେ ସରକାର ବ୍ୟକ୍ତ କଲେ (ମଇ 2022) ଯେ ବିଏମ୍‌ଡବ୍ଲୁ ନିୟମ 2016 ର ନିୟମ 10 ଅନୁସାରେ ଜିଲ୍ଲା ସଦର ଡାକ୍ତରଖାନା ସୁନ୍ଦରଗଡ଼କୁ ପ୍ରାଧିକରଣ ପ୍ରତ୍ୟାହର ପାଇଁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିଲା । କିନ୍ତୁ, ଅବଶିଷ୍ଟ ସ୍ୱାସ୍ଥ୍ୟ ସେବା କେନ୍ଦ୍ରଗୁଡ଼ିକ କ୍ଷେତ୍ରରେ ଉତ୍ତର ନୀରବ ଥିଲା ।

## 3.5.3 ବାୟୋମେଡିକାଲ ବର୍ଜ୍ୟବସ୍ତୁର ଏକତ୍ରୀକୃତ ସଂରକ୍ଷଣ

ବିଏମ୍‌ଡବ୍ଲୁଏମ୍ ନିୟମାବଳୀର ନିୟମ 4 (b) ଅନୁସାରେ ପ୍ରତ୍ୟେକ ସ୍ୱାସ୍ଥ୍ୟ ସେବା କେନ୍ଦ୍ରର କର୍ତ୍ତବ୍ୟ ହେଉଛି ପୃଥକ ବାୟୋମେଡିକାଲ ବର୍ଜ୍ୟବସ୍ତୁର ସଂରକ୍ଷଣ ପାଇଁ ଏକ ନିରାପଦ, ବାୟୁଚାଳିତ ଏବଂ ସୁରକ୍ଷିତ ସ୍ଥାନରେ ଏବଂ ଏହାର ପରିସର ମଧ୍ୟରେ ବ୍ୟବସ୍ଥା କରିବା । ଦୁଇଟି ସରକାରୀ ଓ ଛଅଟି ବ୍ୟକ୍ତିଗତ ସ୍ୱାସ୍ଥ୍ୟ ସେବା କେନ୍ଦ୍ରର ମିଳିତ ସରଜମିନ୍ ତଦନ୍ତ ସମୟରେ ଏହା ଲକ୍ଷ୍ୟ କରାଗଲା ଯେ:

(i) ଜିଲ୍ଲା ସଦର ଡାକ୍ତରଖାନାରେ ଏକତ୍ରୀକୃତ ବର୍ଜ୍ୟବସ୍ତୁ ସଂଗ୍ରହ କକ୍ଷ (ସିଡବ୍ଲୁସିଆର୍) ସଂକ୍ରାମକ ରୋଗ ୱାର୍ଡ ସହିତ ସଂଲଗ୍ନ ଥିଲା ।

(ii) ଏସ୍‌ଡିଏଚ୍, ବଣେଇରେ ସଂରକ୍ଷଣ ଏବଂ ଧୋଇବା ସ୍ଥାନର ଏଫ୍ଲୁଏଣ୍ଟ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟକୁ (ଇଟିପି) ନଯାଇ ସିଧାସଳଖ ଖୋଲା ଅଞ୍ଚଳକୁ ଛଡ଼ା ଯାଉଥିଲା ।

(iii) ସେହିପରି, ଦୁଇଟି ଘରୋଇ ସ୍ୱାସ୍ଥ୍ୟ କେନ୍ଦ୍ର[66] ଏବଂ ତିନିଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର[67]ରେ କୌଣସି ଉତ୍ସର୍ଗୀକୃତ କେନ୍ଦ୍ରୀୟ ବର୍ଜ୍ୟବସ୍ତୁ ସଂଗ୍ରହ କକ୍ଷ ନଥିଲା ଏବଂ

(iv) ଗୋଟିଏ ସ୍ୱାସ୍ଥ୍ୟସେବା କେନ୍ଦ୍ରର ଏକତ୍ରୀକୃତ ବର୍ଜ୍ୟବସ୍ତୁ ସଂଗ୍ରହ କକ୍ଷ ରୋଗୀ ରହୁଥିବା ସ୍ଥାନରେ ଥିଲା ।

ଉତ୍ତରରେ, ସରକାର ବ୍ୟକ୍ତ କଲେ (ମଇ 2022) ଯେ ବିଏମ୍‌ଡବ୍ଲୁ 2016 ର ନିୟମ 10 ଅନୁସାରେ ଜିଲ୍ଲା ସଦର ଡାକ୍ତରଖାନା, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ରାଜଗାଙ୍ଗପୁର, ବରଗାଁ ଏବଂ ହେମଗିରିକୁ ପ୍ରାଧିକରଣ ପ୍ରତ୍ୟାହାର ପାଇଁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିଲା । କିନ୍ତୁ, ଅନ୍ୟ ଦୁଇଟି ଘରୋଇ ଡାକ୍ତରଖାନା କ୍ଷେତ୍ରରେ ଉତ୍ତର ନୀରବ ଥିଲା । ତେବେ, ବିଭାଗ ବାୟୋମେଡିକାଲ ବର୍ଜ୍ୟବସ୍ତୁ ପରିଚାଳନା ବ୍ୟବସ୍ଥାର ଅନୁପାଳନ ନିଶ୍ଚିତ କରିବାକୁ ବିଫଳ ହୋଇଥିଲା ।

## 3.5.4 ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ବାୟୋ-ମେଡିକାଲ ବର୍ଜ୍ୟବସ୍ତୁର ନିକାଶ ନହେବା

କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ଜାରି କରାଯାଇଥିବା ସ୍ୱାସ୍ଥ୍ୟସେବା କେନ୍ଦ୍ରର ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ନିର୍ଦ୍ଦେଶାବଳୀର ଅନୁଚ୍ଛେଦ 2.3.1 ଏବଂ 5.2.4 ଅନୁଯାୟୀ ସ୍ୱାସ୍ଥ୍ୟ ସେବା କେନ୍ଦ୍ର ଗୁଡ଼ିକର ସାଧାରଣ ବାୟୋ-ମେଡିକାଲ ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ ସୁବିଧା (ସିବିଏମ୍‌ଡବ୍ଲୁଟିଏଫ୍) ସହିତ ବୈଧ ଚୁକ୍ତି କରିବା ଆବଶ୍ୟକ ଏବଂ ନିଶ୍ଚିତ କରିବେ ଯେ ସିବିଏମ୍‌ଡବ୍ଲୁଟିଏଫ୍ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ବର୍ଜ୍ୟବସ୍ତୁ ସଂଗ୍ରହ କରିବେ ଏବଂ 48 ଘଣ୍ଟା ମଧ୍ୟରେ ନିକାଶ କରିବେ ।

ଚାରିଟି ଏଚ୍‌ସିଏଫ୍[68]ର ରେକର୍ଡ ଯାଞ୍ଚରୁ ଜଣାଗଲା ଯେ ସିବିଏମ୍‌ଡବ୍ଲୁଟିଏଫ୍ 48 ଘଣ୍ଟା ମଧ୍ୟରେ ବାୟୋମେଡିକାଲ ବର୍ଜ୍ୟବସ୍ତୁ ସଂଗ୍ରହ, ସ୍ଥାନାନ୍ତର ଓ ନିକାଶ କରିନଥିଲା ଏବଂ 30 ଦିନ ପର୍ଯ୍ୟନ୍ତ ବିଳମ୍ବରେ ନିକାଶ କରିଥିଲେ । ଅଡିଟ୍ ଦେଖିଲା ଯେ ଏହିପରି ବିଳମ୍ବର କାରଣ 48 ଘଣ୍ଟା ମଧ୍ୟରେ ବର୍ଜ୍ୟବସ୍ତୁ ନିକାଶ କରିବା ପାଇଁ ଚୁକ୍ତିରେ ସର୍ତ୍ତଗୁଡ଼ିକର ଅନ୍ତର୍ଭୁକ୍ତ ନକରିବା ଏବଂ ବାର୍ କୋଡିଂ ବ୍ୟବସ୍ଥାକୁ କାର୍ଯ୍ୟକାରୀ ନକରିବା ଯାହାକି ଓଏସ୍‌ପିସିବି ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶାବଳୀକୁ ଅମାନ୍ୟ କରୁଥିଲା । ତାହାଛଡ଼ା କୌଣସି ଏଚ୍‌ସିଏଫ୍‌ଗୁଡ଼ିକ ବାୟୋମେଡିକାଲ ବର୍ଜ୍ୟବସ୍ତୁକୁ 48 ଘଣ୍ଟା ମଧ୍ୟରେ ସଂଗ୍ରହ ଏବଂ ନିକାଶ ନହେବା ବିଷୟରେ

65 ଦୁଇଟି ସରକାରୀ ଓ ଛଅଟି ବେସରକାରୀ

66 ମେସର୍ସ ମେମୋରିଆଲ ହସ୍ପିଟାଲ୍ ରାଉରକେଲା ଏବଂ ମେସର୍ସ ଭେଷଜ ପଟେଲ ହସ୍ପିଟାଲ ଆଣ୍ଡ ରିସର୍ଚ୍ଚ ସେଣ୍ଟର, ରାଉରକେଲା

67 ସିଏଚ୍‌ସି, ରାରଜାଗଙ୍ଗପୁର, ବାରଗାଁ, ହେମଗିରି

68 ଏସ୍‌ଡିଏଚ, ବଣେଇ, ସିଏଚ୍‌ସି ବାରଗାଁ, ସିଏଚ୍‌ସି ହେମଗିରି ଏବଂ ମେସର୍ସ ରାଜସ୍ଥାନ ସେବା ସଦନ, ରାଉରକେଲା

ଓଏସ୍‌ପିସିବିକୁ ଜଣାଇନଥିଲେ, ଯାହାଫଳରେ ଓଏସ୍‌ପିସିବି ସ୍ୱାସ୍ଥ୍ୟ ସେବା କେନ୍ଦ୍ର ଗୁଡ଼ିକ ଉପରେ କିମ୍ବା ସିବିଏମଡବ୍ଲୁଟିଏଫ୍‌ର ଅପରେଟର ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲା ।

ସଠିକ୍ ବିଏମ୍‌ଡବ୍ଲୁ ରେଜିଷ୍ଟର ଲେଖା ହୋଇନଥିବାରୁ 2019 ବର୍ଷରେ ଏଚ୍‌ସିଏଫ୍‌ରୁ ଉତ୍ପନ୍ନ ହେଉଥିବା ବର୍ଜ୍ୟବସ୍ତୁ 56,841.89 କିଲୋଗ୍ରାମ ଦେଖାଯାଇଥିବା ବେଳେ ସିବିଏମଡବ୍ଲୁଟିଏଫ୍ ଦ୍ୱାରା ସଂଗୃହିତ ବର୍ଜ୍ୟବସ୍ତୁ 46,274.56 କିଲୋଗ୍ରାମ ଥିଲା ଯାହାରକି କୌଣସି ତାଳମେଳ ନଥିଲା ।

ଉତ୍ତରରେ ସରକାର ବ୍ୟକ୍ତ କଲେ (ମଇ 2022) ଯେ ବାୟୋମେଡିକାଲ ବର୍ଜ୍ୟବସ୍ତୁ ନିୟମ 2016 ର ନିୟମ 10 ଅନୁସାରେ ଏସ୍‌ଡିଏଚ୍, ବଣେଇ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ବାରଗାଁ, ହେମଗିରି ଓ ମେସର୍ସ ରାଜସ୍ଥାନ ସେବା ସଦନ ରାଉରକେଲାକୁ ପ୍ରାଧିକରଣ ପ୍ରତ୍ୟାହାର ପାଇଁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିଲା । ତଥାପି, ବିଭାଗ ବାୟୋମେଡିକାଲ ବର୍ଜ୍ୟବସ୍ତୁ ପରିଚାଳନା ନିୟମର ନିୟମାବଳୀକୁ ସୁନିଶ୍ଚିତ କରିବାରେ ବିଫଳ ହୋଇଥିଲା ।

## 3.5.5 ଜିପିଏସ୍ ସିଷ୍ଟମ ସହିତ ବାର-କୋଡିଂର ସ୍ଥାପନା ନହେବା

ବାୟୋମେଡିକାଲ ବର୍ଜ୍ୟବସ୍ତୁ ପରିଚାଳନା ନିୟମ 2018 ଅନୁସାରେ ବାୟୋମେଡିକାଲ ବର୍ଜ୍ୟବସ୍ତୁର ସଠିକ୍ ନିକାଶ ଉପରେ ନଜର ରଖିବାକୁ ଉଭୟ ଏଚ୍‌ସିଏଫ୍ ଓ ସିବିଏମଡବ୍ଲୁଟିଏଫ୍‌କୁ 27 ମାର୍ଚ୍ଚ 2019 ସୁଦ୍ଧା ବାର୍-କୋଡିଂ ସହିତ ଗ୍ଲୋବାଲ ପୋଜିସିଂଙ୍ଗ୍ ସିଷ୍ଟମ (ଜିପିଏସ୍) ବସାଇବାର ଥିଲା ।

ରେକର୍ଡ ଯାଞ୍ଚରୁ ଜଣାପଡ଼ିଲା ଯେ ଏଚ୍‌ସିଏଫ୍ (ସରକାରୀ ଏବଂ ବେସରକାରୀ) ଗୁଡ଼ିକରେ ବାର୍‌କୋଡିଂ ସହିତ ଜିପିଏସ୍ ସିଷ୍ଟମ୍ ସ୍ଥାପନାର  କୌଣସି ପରୀକ୍ଷା ଯାଞ୍ଚ କରିନଥିଲେ (ଫେବୃଆରୀ 2021) । ଜାନୁଆରୀ 2021 ସୁଦ୍ଧା ସିବିଏମଡବ୍ଲୁଟିଏଫ୍ କେବଳ ଦୁଇଟି ଏଚ୍‌ସିଏଫ୍ (ଆର୍‌ଜିଏଚ୍, ରାଉରକେଲା ଏବଂ ଡିଏଚ୍‌ଏଚ୍, ସୁନ୍ଦରଗଡ଼) ରେ ବାର୍-କୋଡିଂ ସିଷ୍ଟମ୍ ସହିତ ଜିପିଏସ୍ ସ୍ଥାପନ କରିଥିଲେ । ପରବର୍ତ୍ତୀ ସମୟରେ ସରକାର ନିଷ୍ପତ୍ତି ନେଲେ (ନଭେମ୍ବର 2020) ଯେ ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେସନ ସେଣ୍ଟର (ଓକାକ୍) ଦ୍ୱାରା ବାର୍-କୋଡିଂ ସିଷ୍ଟମକୁ କାର୍ଯ୍ୟକାରୀ କରିବେ । ତଥାପି ଅପ୍ରେଲ 2021 ସୁଦ୍ଧା କୌଣସି ପାଣ୍ଠି ଯୋଗାଇ ଦିଆଯାଇ ନଥିଲା ।

ବାର୍-କୋଡିଂ ସହିତ ଜିପିଏସ୍ ସିଷ୍ଟମ ସ୍ଥାପନ ନହେବା ଯୋଗୁଁ ଏଚ୍‌ସିଏଫ୍ ଗୁଡ଼ିକ ଏବଂ ସିବିଏମଡବ୍ଲୁଟିଏଫ୍ ବାୟୋମେଡିକାଲ ବର୍ଜ୍ୟବସ୍ତୁର ସ୍ଥାନାନ୍ତର ଓ ଟ୍ରାକିଂ ନିଶ୍ଚିତ କରିବା ଏବଂ ଏହାର ସଠିକ୍ ସମୟରେ ନିକାଶ କରିବାରେ ବିଫଳ ହୋଇଥିଲା ।

ଉତ୍ତରରେ, ସରକାର ବ୍ୟକ୍ତ କଲେ (ମଇ 2022) ଯେ ବିଏମ୍‌ଡବ୍ଲୁର ନିୟମ 2016 ର ନିୟମ 10 ଅନୁସାରେ ପ୍ରାଧିକରଣ ପ୍ରତ୍ୟାହାର ପାଇଁ ସିବିଏମଡବ୍ଲୁଟିଏଫ୍‌ର ଅପରେଟର ଯଥା ମେସର୍ସ ମେଡିଏଡ୍ ମାର୍କେଟିଂ ସେବାକୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିଲା । ତଥାପି, ବିଭାଗ ବିଏମ୍‌ଡବ୍ଲୁଏମ୍ ନିୟମର ନିୟମାବଳୀକୁ ନିଶ୍ଚିତ କରିବାରେ ବିଫଳ ହୋଇଥିଲା । ଅଧିକନ୍ତୁ, ଓଡ଼ିଶା ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ବାର୍-କୋଡିଂ ପାଇଁ ଏକୀକୃତ ସଫ୍ଟୱେୟାର କାର୍ଯ୍ୟକାରୀ କରିବାର ପ୍ରକ୍ରିୟାରେ ଅଛି ଯାହାକି ବାୟୋ-ମେଡିକାଲ ବର୍ଜ୍ୟବସ୍ତୁର ଉତ୍ପତ୍ତି ସ୍ଥଳରୁ ପୃଥକୀକରଣ ଓ ନିଷ୍କାସନ ପ୍ରକ୍ରିୟା ପର୍ଯ୍ୟନ୍ତ ଟ୍ରାକିଂ କରିପାରିବ ।

## 3.5.6 ଦୂଷିତ ଜଳ ଉପଚାର ପ୍ଲାଣ୍ଟ୍ ସ୍ଥାପନା ନହେବା ଏବଂ ସ୍ୱାସ୍ଥ୍ୟ ସେବା କେନ୍ଦ୍ରଗୁଡ଼ିକରୁ ଡ୍ରେନେଜ୍ ଗୁଡ଼ିକର ପର୍ଯ୍ୟାପ୍ତ ପରୀକ୍ଷଣ ନହେବା

ବାୟୋମେଡିକାଲ ବର୍ଜ୍ୟବସ୍ତୁ ପରିଚାଳନା ନିୟମର 2016 ର ନିୟମ 4 (କେ) ସ୍ଥିର କରିଛି ଯେ ଏଚ୍‌ସିଏଫ୍ ଗୁଡ଼ିକ ଜଳ (ପିସିପି) ଅଧିନିୟମ 1974 ଅନୁଯାୟୀ ଓଦା ବର୍ଜ୍ୟବସ୍ତୁର ପ୍ରକ୍ରିୟାକରଣ ଓ ନିଷ୍କାସନ ନିଶ୍ଚିତ କରିବା ଦରକାର । ତଥାପି, ଆଠଟି ଏଚ୍‌ସିଏଫ୍‌ର ମିଳିତ ସରଜମିନ୍ ତଦନ୍ତ ସମୟରେ ଦେଖାଗଲା ଯେ ଗୋଟିଏ ଏଚ୍‌ସିଏଫ୍[69]ରେ ଦୂଷିତ ଜଳ ଉପଚାର ପ୍ଲାଣ୍ଟ୍ (ଇଟିପି) ସଂସ୍ଥାପନ ହୋଇନଥିବାରୁ ଅଶୋଧିତ ଜଳ ଡ୍ରେନେଜ୍

[69] ରାଜସ୍ଥାନ ସେବା ସଦନ, ରାଉରକେଲା

ସିଷ୍ଟମକୁ ନିଷ୍କାସିତ ହେଉଥିଲା । ଅନ୍ୟ ସାତଟି ସ୍ୱାସ୍ଥ୍ୟ ସେବା କେନ୍ଦ୍ର ଗୁଡ଼ିକ ଯଦିଓ ଇଟିପି ସ୍ଥାପନ କରିଥିଲେ, ତଥାପି ନିଷ୍କାସିତ ତରଳ ବର୍ଜ୍ୟବସ୍ତୁ ବହିଃସ୍ରୋତର ସମସ୍ତ ଛଅଟି ପାରାମିଟରକୁ ପରୀକ୍ଷା କରିନଥିଲେ ।

ଉତ୍ତରରେ, ସରକାର ବ୍ୟକ୍ତ କଲେ (ମଇ 2022) ଯେ ଆର୍‌ଓ, ରାଉରକେଲାଙ୍କୁ ଇଟିପିର ସଂସ୍ଥାପନ ଓ କାର୍ଯ୍ୟକ୍ଷମତା ସ୍ଥିତିକୁ ଯାଞ୍ଚ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଆଞ୍ଚଳିକ ଅଧିକାରୀଙ୍କ ଠାରୁ ଅନୁପାଳନ ସମୀକ୍ଷା ମିଳିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ । ସରକାରଙ୍କ ଉତ୍ତର ଗ୍ରହଣ ଯୋଗ୍ୟ ନୁହେଁ କାରଣ ବିଭିନ୍ନ ବ୍ୟବସ୍ଥାର ଅନୁପାଳନ ଉପରେ ତଦାରଖ କରିବା ଏହାର ଦାୟିତ୍ୱ ଏବଂ ଇଟିପିର ସଂସ୍ଥାପନ ନହେବା ଏବଂ ଅନ୍ୟ ସାତଟି ଇଟିପି ଗୁଡ଼ିକର ଆଂଶିକ ପରୀକ୍ଷା ହେବା ସ୍ପଷ୍ଟ ଭାବେ ସରକାରଙ୍କର ତଦାରଖର ଅଭାବକୁ ସୂଚିତ କରେ ।

### 3.5.7 ପ୍ରାଣୀ ସ୍ୱାସ୍ଥ୍ୟ ସୁବିଧାଗୁଡିକରେ ଇନସିନେରେଟରଗୁଡିକର ଅପରେସନ ନହେବା କାରଣରୁ ନିଷ୍ଫଳ ବ୍ୟୟ

ବାୟୋମେଡିକାଲ ବର୍ଜ୍ୟବସ୍ତୁ ପରିଚାଳନା ନିୟମର ନିୟମ 7(4) ଅନୁଯାୟୀ ବିଏମ୍‌ଡବ୍ଲୁର ସୁରକ୍ଷିତ ନିକାଶ ପାଇଁ ଅକୁପାୟରମାନେ ଯେଉଁଠାରେ ସିବିଏମ୍‌ଡବ୍ଲୁଟିଏଫ୍ ଉପଲବ୍ଧ ନାହିଁ ସେଠାରେ ଇନସିନେରେଟର ପରି ଆବଶ୍ୟକୀୟ ଉପଚାର ଉପକରଣ ସ୍ଥାପନ କରିବା ଏବଂ ଏହାର ପ୍ରବର୍ତ୍ତନ ପାଇଁ ଓଡିଶା ରାଜ୍ୟ ପ୍ରଦୁଷଣ ନିୟନ୍ତ୍ରଣ ବୋର୍ଡ ଠାରୁ ପ୍ରାଧିକରଣ ପ୍ରାପ୍ତ କରିବା ଆବଶ୍ୟକ ଥିଲା ।

ଜିଲ୍ଲା ମୁଖ୍ୟ ପ୍ରାଣୀ ଅଧିକାରୀ (ସିଡିଭିଓ)ଙ୍କର ରେକର୍ଡ ଯାଞ୍ଚରୁ ଜଣାପଡିଲା ଯେ ପଶୁପାଳନ ଏବଂ ପ୍ରାଣୀ ଚିକିତ୍ସା ସେବା ନିର୍ଦ୍ଦେଶାଳୟ(ଏଏଚଏଣ୍ଡଭିଏସ୍) 27ଟି ଇନିସିନେରେଟର ଯାହାର ମୂଲ୍ୟ 91 ଲକ୍ଷ ତାହା ଜିଲ୍ଲାର 27ଟି ପ୍ରାଣୀ ଡାକ୍ତରଖାନା (ଭିଏଚ୍) ପ୍ରାଣୀ ଡିସ୍‌ପେନସାରିଜ୍ (ଭିଡି) କୁ ଯୋଗାଇଦେଲେ । ଆହୁରି 6.34 ଲକ୍ଷ ଟଙ୍କା ଏଗୁଡିକର ସ୍ଥାପନା ପାଇଁ ଦେଲେ (ଡିସେମ୍ବର 2015) ଯାହାକି ସିବିଲ୍ ଏବଂ ବିଦ୍ୟୁତିକରଣ କାର୍ଯ୍ୟ ପାଇଁ ଥିଲା । ତଥାପି ମାର୍ଚ୍ଚ 2021 ସୁଦ୍ଧା କୌଣସି ବି ଇନିସିନେରେଟର କାର୍ଯ୍ୟକାରୀ ନଥିଲା କାରଣ ତିନୋଟି ପର୍ଯ୍ୟାପ୍ତ ଶକ୍ତି ସଂଯୋଗ ହୋଇନଥିଲା ଏବଂ 97.34 ଲକ୍ଷ ଟଙ୍କା ଖର୍ଚ୍ଚ ଫଳହୀନ ଥିଲା । ଫଳସ୍ୱରୁପ ସୁନ୍ଦରଗଡ଼ ଜିଲ୍ଲାରେ ଜୈବ-ବର୍ଜ୍ୟବସ୍ତୁ ମୁକ୍ତ ସ୍ଥାନରେ ପୋଡ଼ିବା କାରଣରୁ ପରିବେଶ ପ୍ରତି ବିପଦଥିବାର ମିଳିତ ସରଜମିନ୍ ତଦନ୍ତରୁ ଜଣାପଡ଼ିଥିଲା (20 ଫେବୃଆରୀ 2020) ।

ଏହାକୁ ଅଡିଟ୍ ଦ୍ୱାରା ସୂଚିତ କରାଯିବା ପରେ, ସରକାର ବ୍ୟକ୍ତ କଲେ (ଫେବୃଆରୀ 2022) ଯେ 27ଟି ଇନ୍‌ସିନେରେଟର ମଧ୍ୟରୁ 23ଟି ଇନିସିନେରେଟର କାର୍ଯ୍ୟକ୍ଷମ ହୋଇଥିଲା, ତଥାପି 4ଟି ଇନ୍‌ସିନେରେଟର ମଇ 2022 ସୁଦ୍ଧା କାର୍ଯ୍ୟକ୍ଷମ ନଥିଲା । ଛଅ ବର୍ଷ ବିତିଯାଇଥିଲେ ମଧ୍ୟ °ଇନ୍‌ସିନେରେଟରଗୁଡିକ କାର୍ଯ୍ୟକ୍ଷମ ନହେବା ବିଭାଗର ତଦାରଖ ଅଭାବକୁ ସୂଚାଉଛି ।

### 3.5.8 ସାଧାରଣ ବାୟୋମେଡିକାଲ ବର୍ଜ୍ୟବସ୍ତୁ ଉପଚାର ସୁବିଧାର କାର୍ଯ୍ୟକାରିତାରେ ଅଭାବ

**3.5.8.1** ଏସ୍‌ଡିଏଚ୍ ଏବଂ ସିବିଏମ୍‌ଡବ୍ଲୁଟିଏଫ୍ ମଧ୍ୟରେ ହୋଇଥିବା ଚୁକ୍ତି (ଡିସେମ୍ବର 2014) ଅନୁସାରେ , ସଂଗ୍ରହ ଏବଂ ନିକାଶର ଖର୍ଚ୍ଚ ସହିତ କନ୍‌ଜୁମେବଲ ଖର୍ଚ୍ଚ ଯଥା ରଙ୍ଗ କୋଡେଡ୍ ପଲି ବ୍ୟାଗ୍ । ତଥାପି ଏସ୍‌ଡିଏଚ୍, ବଣେଇର ରେକର୍ଡ ଯାଞ୍ଚରୁ ଜଣାପଡିଲା ଯେ 2016-21 ମଧ୍ୟରେ ବାୟୋମେଡିକାଲ ବର୍ଜ୍ୟବସ୍ତୁ ସଂଗ୍ରହ ପାଇଁ ରଙ୍ଗ କୋଡେଡ୍ ପଲିବ୍ୟାଗ୍ ବାବଦକୁ ଏସଡିଏଚ୍ 10.85 ଲକ୍ଷ ଟଙ୍କା ଖର୍ଚ୍ଚ କରିଥିଲା । ଏହି ପଲିବ୍ୟାଗ୍ କ୍ରୟ ଖର୍ଚ୍ଚ ମଧ୍ୟ ସିବିଏମ୍‌ଡବ୍ଲୁଟିଏଫ୍‌ର ଦେୟ ବିଲରୁ କଟାଯାଇ ନଥିଲା ଯାହାକି ଅପରେଟଙ୍କୁ ଅଯଥା ଉପକୃତ କରିଥିଲା ।

ଉତ୍ତରରେ, ସୁନ୍ଦରଗଡ଼, ସିଡିଏମ୍ ଓ ପିଏଚ୍‌ଓ ଦର୍ଶାଇଲେ (ମାର୍ଚ୍ଚ 2022) ଯେ ଯଦିଓ ଏସ୍‌ଡିଏଚ୍ ବେଡ୍ ସଂଖ୍ୟା 50, ପ୍ରକୃତରେ କାର୍ଯ୍ୟକ୍ଷମ ବେଡ୍‌ଗୁଡ଼ିକର ସଂଖ୍ୟା 90 ରୁ 112 ମଧ୍ୟରେ ଇନ୍ ପ୍ୟାସେଣ୍ଟ ବିଭାଗରେ ମଧ୍ୟରାତ୍ରିର ମୁଣ୍ଡ ଗଣନା ଅନୁଯାୟୀ ଥିଲା । ତେଣୁ ଯୋଗାଇ ଦିଆଯାଇଥିବା ପଲିବ୍ୟାଗ୍ ଗୁଡିକ ଯଥେଷ୍ଟ ନଥିଲା ଫଳରେ ଆବଶ୍ୟକତା ଅନୁଯାୟୀ ଅତିରିକ୍ତ ପଲିବ୍ୟାଗ୍ କ୍ରୟ କରାଯାଉଥିଲା । ଉତ୍ତର ଗ୍ରହଣୀୟ ନୁହେଁ କାରଣ

ଚୁକ୍ତି ଏବଂ ସର୍ତ୍ତାବଳୀ ଅନୁଯାୟୀ ଆବଶ୍ୟକତା ଅନୁସାରେ ପଲିବ୍ୟାଗ୍ର ଖର୍ଚ୍ଚ ସିବିଏମ୍‌ଡବ୍ଲୁଟିଏଫ୍ ବହନ କରିବା ଉଚିତ୍ ।

**3.5.8.2** କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ମାର୍ଗଦର୍ଶିକା (ଡିସେମ୍ବର 2016)ର ଅନୁଚ୍ଛେଦ 5.2 ଏବଂ 5.3 ଅନୁଯାୟୀ ସିବିଏମ୍‌ଡବ୍ଲୁଟିଏଫ୍‌ର ପ୍ରକଳ୍ପ ପ୍ରସ୍ତାବକ ପାଇବା ପାଇଁ ସିଟିଇ, ସିଟିଓ ଏବଂ ଇସି ଆବଶ୍ୟକ ଥିଲା ।

ସ୍ଥାନୀୟ ଅଧିକାରୀ, ଓଡିଶା ରାଜ୍ୟ ପ୍ରଦୂଷଣ ବୋର୍ଡର ରେକର୍ଡ ଯାଞ୍ଚରୁ ଜଣାପଡିଲା (ଫେବୃୟାରୀ 2021) ଯେ

(i) ସିବିଏମ୍‌ଡବ୍ଲୁଟିଏଫ୍ ଅକ୍ଟୋବର 2020 ସୁଦ୍ଧା ପରିବେଶ କ୍ଲିୟରାନସ୍, ସିଟିଇ ଏବଂ ସିଟିଓ ମାଗିନଥିଲା ଯେତେବେଳେ କି ଆର୍‌ଜିଏଚ୍ କ୍ୟାମ୍ପସରେ କାର୍ଯ୍ୟ କରୁଥିଲା ।

(ii) ଆମସରାଙ୍ଗରେ ଥିବା ଏହାର ନୂତନ ପ୍ଲାଣ୍ଟରେ ମଧ୍ୟ ଏକ ଷ୍ଟାଣ୍ଡବାଇ ଚିକିତ୍ସା ଉପକରଣ ନଥିଲା ।

(iii) ଏହି ସୁବିଧା କଦାପି ଷ୍ଟାକ୍ ନିର୍ଗମନ ଏବଂ ପ୍ଲାବନ ପାରାମିଟରର ପରୀକ୍ଷଣ କରିନଥିଲା ଏବଂ ଏନ୍‌ଏବିଏଲ୍[70] ଅନୁମୋଦିତ ଲାବରେଟୋରୀ ଦ୍ୱାରା ଅଟୋକ୍ଲେଭର ବୈଧତା ପରୀକ୍ଷା କରିନଥିଲା ।

(iv) ଆରଜିଏଚ୍‌ରେ ଥିବା ସୁବିଧାକୁ ଆଞ୍ଚଳିକ ଅଧିକାରୀ, ଓଡିଶା ରାଜ୍ୟ ପ୍ରଦୂଷଣ ବୋର୍ଡ ରାତିରେ ଇନସିନେରେଟର ଚାଲୁଥିବା ସମୟରେ ଯାଞ୍ଚ କରିନଥିଲେ ଯାହା ହେତୁ ଷ୍ଟାକ୍ ନିର୍ଗମନ ମାପ କରାଯାଇ ନଥିଲା ଏବଂ ତିନୋଟି[71] ପ୍ରଦତ୍ତ ପାରାମିଟର ପରୀକ୍ଷା କରାଯାଇ ନଥିଲା ।

ଏହାକୁ ଅଡିଟ୍ ଦ୍ୱାରା ସୁଚିତ କରାଯିବାପରେ, ସିବିଏମ୍‌ଡବ୍ଲୁଟିଏଫ୍ ସିଟିଓ ପାଇଁ ଆବେଦନ କରିଥିଲେ ଯାହାକି ଅନୁମୋଦିତ (ମାର୍ଚ୍ଚ 2021) ହୋଇଥିଲା ଏବଂ ଷ୍ଟକ୍ ନିର୍ଗମନ ଏବଂ ପ୍ଲାବନ ପାରାମିଟର ଗୁଡ଼ିକର ପରୀକ୍ଷା ମାର୍ଚ୍ଚ 2021 ରୁ କରାଯାଉଥିଲା ।

## 3.5.9 ବାୟୋ-ମେଡିକାଲ ବର୍ଜ୍ୟବସ୍ତୁର ନିକାଶ ପାଇଁ ଅପାରଗତା ତଦାରଖ

ବାୟୋ-ମେଡିକାଲ ବର୍ଜ୍ୟବସ୍ତୁ ପରିଚାଳନା ନିୟମ, 2016 ଅନୁଯାୟୀ ଜିଲ୍ଲା ସ୍ତରୀୟ ପରିଚାଳନା କମିଟି (ଡିଏଲ୍‌ଏମ୍‌ଏସ୍) ଏବଂ ବାୟୋମେଡିକାଲ ବର୍ଜ୍ୟବସ୍ତୁ ପରିଚାଳନା କମିଟି (ବିଏମ୍‌ଡବଲ୍ୟୁଏମ୍‌ସି) (ସ୍ୱାସ୍ଥ୍ୟ ଚିକିତ୍ସା ସୁବିଧା ସ୍ତରରେ) ଗଠନ ଓ କାର୍ଯ୍ୟକାରୀ ହେବା ଉଚିତ୍ ଯାହା ଏହି ନିୟମର ଅନୁପାଳନ ବ୍ୟବସ୍ଥାକୁ ମନିଟରିଂ କରିବ ଏବଂ ଓଏସ୍‌ପିସିବିକୁ ପ୍ରତି ଛଅ ମାସରେ ଥରେ ରିପୋର୍ଟ ଦେବ । ଡିଏଲ୍‌ଏମ୍‌ସି ଏବଂ ବିଏମ୍‌ଡବ୍ଲ୍ୟୁଏମ୍‌ସି କାର୍ଯ୍ୟକାରିତାରେ ନିମ୍ନଲିଖିତ ଅଭାବଗୁଡିକ ଦେଖାଯାଇଥିଲା:

- ଡିଏଲ୍‌ଏମ୍‌ସି ସଭାର ପରିଚାଳନାରେ ନିଅଣ୍ଟ ଥିଲା (62 ପ୍ରତିଶତ) । 2016-20 ମଧ୍ୟରେ ଆଠଟି ବୈଠକ ଆବଶ୍ୟକ ଥିବାବେଳେ କେବଳ ତିନୋଟି ବୈଠକ ହୋଇଥିଲା । ଡିଏଲ୍‌ଏମ୍‌ସି କେବେ ମଧ୍ୟ ଏହାର ଛଅ ମାସିକ ରିପୋର୍ଟ ଓଏସ୍‌ପିସିବିକୁ ଦେଇନଥିଲା ।

- ଫେବୃଆରୀ 2021 ତାରିଖ ସୁଦ୍ଧା 13ଟି ନମୁନା ଯାଞ୍ଚ କରାଯାଇଥିବା ଏଚ୍‌ସିଏଫ୍ ଗୁଡ଼ିକ ମଧ୍ୟରୁ ତିନୋଟି[72]ରେ ବିଏମ୍‌ଡବ୍ଲ୍ୟୁଏମ୍‌ସି ଗଠନ କରାଯାଇ ନଥିଲା । 2016-20 ମଧ୍ୟରେ 72ଟି ବୈଠକ ହେବାକୁ ଥିବାବେଳେ କେବଳ 33ଟି ବୈଠକ ହୋଇଥିଲା (54 ପ୍ରତିଶତ ନିଅଣ୍ଟ ଥିଲା) । କୌଣସି ବି ଏଚ୍‌ସିଏଫ୍, ଓଏସ୍‌ପିସିବିକୁ ବାର୍ଷିକ ରିପୋର୍ଟ ସହିତ ଉକ୍ତ ବୈଠକର ବିବରଣୀ ଦେଇନଥିଲେ ।

70 ନେସନାଲ୍ ଆକ୍ରିଡେସନ୍ ବୋର୍ଡ ଫର୍ ଟେଷ୍ଟିଂ ଆଣ୍ଡ କାଲିବ୍ରେସନ୍ ଲାବୋରେଟୋରିଜ୍

71 ଇନ୍‌ସିନେରେଟର କମ୍ବୁସନ ଏଫିସିଏନ୍ସି, ଟୋଟାଲ ଡାଇଅକ୍ସିନ୍ ଏବଂ ଫୁରାନ୍ସ ଏବଂ ମର୍କୁରୀ(ଏଚ୍‌ଜି) ଏବଂ ଏହାର ଯୌଗିକ

72 ସିଏଚ୍‌ସି, ରାଜଗାଙ୍ଗପୁର, ମେସର୍ସ ହାଇ-ଟେକ୍ ଏମ୍‌ସିଏଚ୍, ରାଉରକେଲା ଏବଂ ମେସର୍ସ ଆସ୍ଥା ମଦର ଆଣ୍ଡ ଚାଇଲ୍ଡ କେୟାର ହସ୍ପିଟାଲ୍, ରାଉରକେଲା

ଅଡିଟ୍ ଦ୍ୱାରା ସୂଚିତ ହେବା ପରେ, ସରକାର ଦର୍ଶାଇଲେ (ଏପ୍ରିଲ 2022) ଯେ ଡିଏଲ୍ଏମ୍ସି ବୈଠକ ଜିଲ୍ଲାରେ କରାଯାଇଥିଲା । ତଥାପି ସରକାର ବିଏମ୍ଡବ୍ଲ୍ୟୁଏମ୍ସିର ଗଠନ ଉପରେ କୌଣସି ଜବାବ ଦେଇନଥିଲେ (ମେଇ 2022) । ଏହା ଓଏସ୍ପିସିବିର ତଦାରଖ କୌଶଳର ଅସଫଳତାକୁ ସୂଚାଉଛି ।

## 3.6 ବିଭିନ୍ନ ପ୍ରକାରର ବର୍ଜ୍ୟବସ୍ତୁ ପରିଚାଳନାରେ ଅଭାବ

### 3.6.1 ଇ-ବର୍ଜ୍ୟବସ୍ତୁ ପରିଚାଳନା

ଇ-ବର୍ଜ୍ୟବସ୍ତୁ (ପରିଚାଳନା) ନିୟମ, 2016 ର ନିୟମ 9 (2) ଅନୁଯାୟୀ, ଅନୁସୂଚୀ-1 ରେ ତାଲିକାଭୁକ୍ତ ବୈଦ୍ୟୁତିକ ଏବଂ ଇଲେକ୍ଟ୍ରୋନିକ୍ ଉପକରଣର ବହୁଳ ବ୍ୟବହାରକାରୀ ମାନେ ସୃଷ୍ଟି ହୋଇଥିବା ଇ-ବର୍ଜ୍ୟବସ୍ତୁର ରେକର୍ଡଗୁଡ଼ିକ ଫର୍ମ-2 ରେ ବଜାୟ ରଖିବେ ଏବଂ ଏହି ଉପଲବ୍ଧ ରେକର୍ଡଗୁଡ଼ିକର ସଂପୃକ୍ତ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ଯାଞ୍ଚ କରାଇବ । ଇ-ବର୍ଜ୍ୟବସ୍ତୁ (ପରିଚାଳନା) ନିୟମ 2016 ର ନିୟମ 15 ଅନୁସାରେ ଇ-ବର୍ଜ୍ୟବସ୍ତୁକୁ 180 ଦିନରୁ ଅଧିକ ସମୟ ପାଇଁ ଗଚ୍ଛିତ କରାଯିବା ଉଚିତ୍ ନୁହେଁ ।

ରାଉରକେଲା ମହାନଗର ନିଗମ ଏକ 'ବହୁଳ ବ୍ୟବହାରକାରୀ' ହେବା ସତ୍ତ୍ୱେ, ଇ-ବର୍ଜ୍ୟବସ୍ତୁ ଷ୍ଟକ୍ ରେଜିଷ୍ଟର ନିର୍ଦ୍ଦିଷ୍ଟ ଫର୍ମାଟ୍ ଅନୁଯାୟୀ ବ୍ୟବହାର କରିନଥିଲେ । 31,151 ବର୍ଜିତ ବୈଦ୍ୟୁତିକ ସାମଗ୍ରୀଗୁଡ଼ିକ ମଧ୍ୟରୁ 30,889 ଟି ଏକ ବିକ୍ରେତାଙ୍କୁ ବିକ୍ରି (ଅପ୍ରେଲ 2017) କରାଯାଇଥିଲା, ଯାହା ଏକ ପ୍ରାଧିକୃତ ଡିସ୍ମେଣ୍ଟଲର୍ ବା ରିସାଇକ୍ଲର୍ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିନରେ ନଥିଲା ।

ଆହୁରି ମଧ୍ୟ ମିଳିତ ସରଜମିନ୍ ତଦନ୍ତ ସମୟରେ (ଜାନୁଆରୀ 2021), ଏହା ଲକ୍ଷ୍ୟ କରାଯାଇଥିଲା ଯେ ନିୟମକୁ ଉଲ୍ଲଙ୍ଘନ କରି 180 ଦିନ ମଧ୍ୟରେ ସ୍ୱୀକୃତିପ୍ରାପ୍ତ ଡିସମାଣ୍ଟଲର୍ / ରିସାଇକ୍ଲରଙ୍କୁ ଚାନେଲାଇଜ୍ଡ ନକରି ଆର୍ଏମ୍ସି ଗୋଦାମରେ 9,158 ଇ-ବର୍ଜ୍ୟବସ୍ତୁ ସାମଗ୍ରୀ ରଖାଯାଇଥିଲା । ଏହାର ଉତ୍ତରରେ ସରକାର ଦର୍ଶାଇଛନ୍ତି (ମେଇ 2022) ଯେ ମେସର୍ସ କଳିଙ୍ଗ ଇଞ୍ଜିନିୟରିଂ ସେବାକୁ ପ୍ରାଧୀକରଣ ପାଇବା ଏବଂ ଆର୍ଏମ୍ସିରୁ ଅନଧିକୃତ ଇ-ବର୍ଜ୍ୟବସ୍ତୁ ସଂଗ୍ରହ କାର୍ଯ୍ୟକଳାପ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

### 3.6.2 ନିର୍ମାଣ ଏବଂ ତଦ୍ଜନିତ ଭଗ୍ନାବଶେଷ ବର୍ଜ୍ୟବସ୍ତୁର ପରିଚାଳନା

ନିର୍ମାଣ ଏବଂ ତଦ୍ଜନିତ ଭଗ୍ନାବଶେଷ ବର୍ଜ୍ୟବସ୍ତୁ ପରିଚାଳନା ନିୟମ, 2016 ର ନିୟମ 6(7) ଅନୁଯାୟୀ, ସ୍ଥାନୀୟ କର୍ତ୍ତୃପକ୍ଷ ଏକ ମାସ ମଧ୍ୟରେ କିମ୍ବା ନିର୍ମାଣ ଯୋଜନା ଅନୁମୋଦନ ତାରିଖ ଠାରୁ ଏହାର ଦାଖଲ ତାରିଖ ପର୍ଯ୍ୟନ୍ତ ଯାହାକି ଉତ୍ପାଦନକାରୀ ମାନଙ୍କର ବର୍ଜ୍ୟବସ୍ତୁ ପରିଚାଳନା ଯୋଜନାର ଯାଞ୍ଚ ଏବଂ ଅନୁମୋଦନ କରିବେ ।

ରେକର୍ଡଗୁଡ଼ିକର ଯାଞ୍ଚରୁ ଜଣାପଡ଼ିଛି ଯେ ଆର୍ଏମ୍ସି ନିର୍ମାଣ ଯୋଜନାକୁ ଅନୁମୋଦନ କରୁଥିବାବେଳେ ବର୍ଜ୍ୟବସ୍ତୁ ଉତ୍ପାଦନକାରୀମାନେ ନିର୍ମାଣ ଏବଂ ତଦ୍ଜନିତ ଭଗ୍ନାବଶେଷ ବର୍ଜ୍ୟବସ୍ତୁର ପରିଚାଳନା ଯୋଜନା ଦାଖଲ କରିବାକୁ ନିଶ୍ଚିତ କରୁନଥିଲେ କିମ୍ବା ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଅନୁମୋଦିତ ଯୋଜନାରେ ସର୍ତ୍ତ ଲାଗୁ କରୁନଥିଲେ ।



ଫଟୋ ସଂଖ୍ୟା-6: ୱାର୍ଡ– 33, କଳିଙ୍ଗ ବିହାର, ରାଉରକେଲା

ନିର୍ମାଣ ଏବଂ ତଦ୍ଜନିତ ଭଗ୍ନାବଶେଷ ବର୍ଜ୍ୟବସ୍ତୁ ସଂଗ୍ରହ ନିମିତ୍ତ ନିର୍ଦ୍ଦିଷ୍ଟ ପାତ୍ରଗୁଡ଼ିକ ରଖିବା ଏବଂ ନିୟମିତ ଭାବରେ ବର୍ଜ୍ୟବସ୍ତୁ ଅପସାରଣ ପାଇଁ ରାଉରକେଲା ମହାନଗର ନିଗମ ବ୍ୟବସ୍ଥା କରିନଥିଲେ ଯାହାଦ୍ୱାରା 06 ଜାନୁଆରୀ 2021 ରେ ଜେପିଆଇରେ ସର୍ବସାଧାରଣ ରାସ୍ତାରେ ବର୍ଜ୍ୟବସ୍ତୁ ପକାଇବା ଦେଖାଯାଇଥିଲା ।

ଅଧିକନ୍ତୁ, ନିର୍ମାଣ ଏବଂ ତଦ୍ଜନିତ ଭଗ୍ନାବଶେଷ ବର୍ଜ୍ୟବସ୍ତୁ ଉତ୍ପତ୍ତି ଉପରେ ନଜର ରଖିବା ପାଇଁ ଜାନୁଆରୀ 2022 ସୁଦ୍ଧା ତଥ୍ୟାବଳୀ ପ୍ରସ୍ତୁତ ହୋଇନଥିଲା ଏବଂ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ 2016-18 ଅବଧିରେ ବାର୍ଷିକ ରିପୋର୍ଟ ଦାଖଲ କରାଯାଇ ନଥିଲା ।

ଏହାର ଉତ୍ତରରେ, ସରକାର ଦର୍ଶାଇଲେ (ମଇ 2022) ଯେ ନିର୍ମାଣ ଏବଂ ତଦ୍‌ଜନିତ ଭଗ୍ନାବଶେଷ ବର୍ଜ୍ୟବସ୍ତୁ ପରିଚାଳନାରେ ତ୍ରୁଟି ପାଇଁ ଆର୍‌ଏମ୍‌ସି, ରାଉରକେଲାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଛଅ ବର୍ଷ ବିତିଯାଇଥିଲେ ମଧ୍ୟ ନିର୍ମାଣ ଏବଂ ତଦ୍‌ଜନିତ ଭଗ୍ନାବଶେଷ ବର୍ଜ୍ୟବସ୍ତୁ ପରିଚାଳନା ନିୟମକୁ ଅନୁପାଳନ ନକରିବା ବିଭାଗ ସ୍ତରରେ ବିଫଳତାକୁ ଦର୍ଶାଇଅଛି ।

### 3.6.3 ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ପରିଚାଳନା

ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଏକ ନିୟାମକ ଢାଞ୍ଚା ପ୍ରଦାନ କରିବା ଏବଂ ପ୍ରତ୍ୟେକ ବର୍ଜ୍ୟବସ୍ତୁ ଜେନେରେଟର, ସ୍ଥାନୀୟ ସଂସ୍ଥା, ଉତ୍ପାଦକ, ଆମଦାନୀକାରୀ ଏବଂ ଉତ୍ପାଦକଙ୍କୁ ଏହାର ପ୍ରୟୋଗ ପାଇଁ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ (ପରିଚାଳନା) (ପିଡବ୍ଲୁଏମ୍) ନିୟମ, 2016 ଗଠନ କରାଯାଇଥିଲା (ମାର୍ଚ୍ଚ 2016) । ରେକର୍ଡଗୁଡ଼ିକର ଯାଞ୍ଚ ସମୟରେ (ଫେବୃଆରୀ 2021) ଜିଲ୍ଲାରେ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ପରିଚାଳନାରେ ତ୍ରୁଟି ବିଷୟରେ ନିମ୍ନରେ ଆଲୋଚନା କରାଯାଇଅଛି:



ଫଟୋ ସଂଖ୍ୟା.7: ରାଉରକେଲା ଅଞ୍ଚଳର ଦୈନିକ ବଜାର

- 02 ଅକ୍ଟୋବର 2018 ରୁ ରାଜ୍ୟରେ ପଲିଥିନ୍ ବ୍ୟାଗ୍ ଗୁଡ଼ିକର ବ୍ୟବହାର ସଂପୂର୍ଣ୍ଣ ନିଷେଧ କରାଯାଇଥିଲା । 10 ମାସର ବ୍ୟବଧାନ ପରେ, ରାଉରକେଲା ମହାନଗର ନିଗମ ଏହାର ଅଧୀକାର ଅଧିନରେ ଉଲ୍ଲଙ୍ଘନକାରୀଙ୍କଠାରୁ ଜୋରିମାନା ଆଦାୟ କରିବାକୁ ସ୍ଥିର (ଅଗଷ୍ଟ 2019) କରିଥିଲା । ଯେହେତୁ ଆର୍‌ଏମ୍‌ସି ଦ୍ୱାରା ଏହା ପ୍ରଭାବଶାଳୀ ଭାବରେ କାର୍ଯ୍ୟକାରୀ ହୋଇନଥିଲା, ମିଳିତ ସରଜମିନ୍ ତଦନ୍ତ (13 ଜାନୁଆରୀ 2021) ସମୟରେ ଏହା ଦେଖାଯାଇଥିଲା ଯେ ଦୈନିକ ବଜାର ଅଞ୍ଚଳରେ ଦ୍ରବ୍ୟ ବିକ୍ରୟ / କ୍ରୟ ପାଇଁ ପଲିଥିନ୍ ବ୍ୟାଗ୍ ବ୍ୟବହାର କରାଯାଉଥିଲା ।

  ଏହାର ଉତ୍ତରରେ, ସରକାର ବ୍ୟକ୍ତ କଲେ (ମଇ 2022) ଯେ ଏହି ନିଷେଧାଦେଶ କାର୍ଯ୍ୟକାରୀ କରିବା ପାଇଁ ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏହି ବିଷୟରେ ଏକ ସାର୍ବଜନୀନ ବିଜ୍ଞପ୍ତି ମଧ୍ୟ ପ୍ରକାଶ ପାଇଛି ।

- ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ପରିଚାଳନା ନିୟମ, 2016 ର ନିୟମ 6 ଅନୁଯାୟୀ, ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁର ପୃଥକୀକରଣ, ସଂଗ୍ରହ, ସଂରକ୍ଷଣ, ପରିବହନ, ପ୍ରକ୍ରିୟାକରଣ ଏବଂ ନିଷ୍କାସନ ପାଇଁ ଭିତ୍ତିଭୂମି ସ୍ଥାପନ ତଥା ବିକାଶ ପାଇଁ ସ୍ଥାନୀୟ ସଂସ୍ଥା ନିଜେ କିମ୍ବା ନିୟୋଜିତ ଏଜେନ୍‌ସୀର ଦାୟିତ୍ୱ ଅଟେ । ଅବଶ୍ୟ ଆର୍‌ଏମ୍‌ସି ନିଜେ ଏଭଳି ଭିତ୍ତିଭୂମି ସ୍ଥାପନ କରିନଥିଲା କିମ୍ବା କୌଣସି ଏଜେନ୍ସିକୁ ନିୟୋଜିତ କରିନଥିଲେ । ଫଳସ୍ୱରୂପ, ଏମ୍‌ଏସ୍‌ଡବ୍ଲୁ ସହିତ ମିଶ୍ରିତ ଅଣପୃଥକୀକୃତ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁକୁ ଏକ ଅବୈଜ୍ଞାନିକ ପ୍ରଣାଳୀରେ ଅଳିଆ ଗଦାରେ ପକାଯାଉଥିଲା । ପୁନଶ୍ଚ, 2016-20 ଅବଧିରେ ଓଏସ୍‌ପିସିବି ଦ୍ୱାରା ସିପିସିବିକୁ ପ୍ରେରିତ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ପରିଚାଳନାର ଏକତ୍ରୀକୃତ ବାର୍ଷିକ ରିପୋର୍ଟ ଅନୁଯାୟୀ ଜିଲ୍ଲାର ଚାରୋଟି ୟୁଏଲ୍‌ବି[73] ଯଦିଓ ଜିଲ୍ଲାରେ ଏକ ସ୍ୱୀକୃତିପ୍ରାପ୍ତ ରିସାଇକ୍ଲର ଥିଲା 2016-20 ଅବଧିରେ 7,694.15 ଟନ୍ ଯାହାକି 100 ପ୍ରତିଶତ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ଚାନେଲାଇଜ୍ କରିନଥିଲେ ।

  ଏହାର ଉତ୍ତରରେ, ସରକାର ବ୍ୟକ୍ତ କଲେ (ମଇ 2022) ଯେ, ଆର୍‌ଏମ୍‌ସି, ରାଉରକେଲା ନିଜେ କିମ୍ବା ନିୟୋଜିତ ଏଜେନ୍‌ସୀ ଦ୍ୱାରା ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁର ପୃଥକୀକରଣ, ସଂଗ୍ରହ, ସଂରକ୍ଷଣ, ପରିବହନ, ପ୍ରକ୍ରିୟାକରଣ ଏବଂ ନିକାଶ ପାଇଁ ଭିତ୍ତିଭୂମି ସ୍ଥାପନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ଛଅ ବର୍ଷ ବିତିଯାଇଥିଲେ ମଧ୍ୟ, ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁକୁ ସଠିକ୍ ନିକାଶ ସୁନିଶ୍ଚିତ କରିବାକୁ ବିଭାଗ ବିଫଳ ହେଲା ।

73 ଆର୍‌ଏମ୍‌ସି, ରାଉରେକେଲା, ସୁନ୍ଦରଗଡ଼, ରାଜଗାଙ୍ଗପୁର ଏବଂ ବୀରମିତ୍ରପୁର ନଗର ନିଗମ

### 3.6.4 ବିପଦଜନକ ବର୍ଜ୍ୟବସ୍ତୁର ପରିଚାଳନା

ବିପଦଜନକ ଏବଂ ଅନ୍ୟାନ୍ୟ ବର୍ଜ୍ୟବସ୍ତୁ (ପରିଚାଳନା ଏବଂ ସୀମା ଅତିକ୍ରମଣ) ନିୟମ, 2016 ର ନିୟମ 3(3) ବିପଦଜନକ[74] ଏବଂ ଅନ୍ୟାନ୍ୟ ବର୍ଜ୍ୟବସ୍ତୁକୁ ପ୍ରଭାବଶାଳୀ ପରିଚାଳନା, ସଂଗ୍ରହ, ପ୍ରକ୍ରିୟାକରଣ ଓ ସଂରକ୍ଷଣ, ବ୍ୟବହାର ଏବଂ ନିକାଶ ପାଇଁ ସର୍ତ୍ତ ଧାର୍ଯ୍ୟ କରାଯାଇଛି । ସମୀକ୍ଷା ଅବଲୋକନ କରିଥିବା ଅନିୟମିତତା ଗୁଡ଼ିକ ପରବର୍ତ୍ତୀ ଅନୁଚ୍ଛେଦ ଗୁଡ଼ିକରେ ଆଲୋଚନା କରାଯାଇଅଛି ।

#### 3.6.4.1 ସମନ୍ୱିତ ଯୋଜନାର ଅନୁପସ୍ଥିତି ଏବଂ ନିଷ୍କାସନ ସ୍ଥାନ ଗୁଡ଼ିକର ତାଲିକା ଅଣପ୍ରକାଶନ

ଉପରୋକ୍ତ ନିୟମର ନିୟମ 5(3) ଅନୁଯାୟୀ ବିପଦଜନକ ବର୍ଜ୍ୟବସ୍ତୁ ପରିଚାଳନାକୁ ପ୍ରଭାବଶାଳୀ କାର୍ଯ୍ୟକାରୀ କରିବା ପାଇଁ ପ୍ରତ୍ୟେକ ରାଜ୍ୟ ସରକାର ଏକ ସମନ୍ୱିତ ଯୋଜନା ପ୍ରସ୍ତୁତ କରିବା ଉଚିତ୍ । ତେବେ ଏହା ଲକ୍ଷ୍ୟ କରାଯାଇଛି ଯେ ସରକାର (ମାର୍ଚ୍ଚ 2021 ପର୍ଯ୍ୟନ୍ତ) କୌଣସି ଯୋଜନା ପ୍ରସ୍ତୁତ କରିନଥିଲେ । ସମନ୍ୱିତ ଯୋଜନାର ଅଭାବରେ, ମାର୍ଚ୍ଚ 2021 ସୁଦ୍ଧା ଜିଲ୍ଲାରେ ସାତଟି ପ୍ରାଧିକୃତ ପୁନଃବ୍ୟବହାରକାରୀ / ସହ ସଞ୍ଚାଳକ[75] ର କାର୍ଯ୍ୟକଳାପ ଉପରେ ନଜର ରଖିବା ପାଇଁ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ ଶିଳ୍ପ ବିଭାଗ ମଧ୍ୟରେ କୌଣସି ସମନ୍ୱୟ ନଥିଲା । ଶିଳ୍ପ ବିଭାଗ ଏହି ପୁନଃ ବ୍ୟବହାରକାରୀ / ସହ ସଞ୍ଚାଳକଗୁଡ଼ିକ ନିମିତ୍ତ କୌଣସି ସ୍ଥାନ ଆବଣ୍ଟନ/ ଚିହ୍ନଟ କରିନଥିଲେ । ଅଧିକନ୍ତୁ, ନିୟମ 21 ଏବଂ କାର୍ଯ୍ୟସୂଚୀ-VII ର ନିୟମାବଳୀ ବ୍ୟବସ୍ଥାର ବିପରୀତ, ସମସ୍ତ ସମ୍ଭାବ୍ୟ କିମ୍ବା ବିଦ୍ୟମାନ ନିକାଶ ସ୍ଥାନ ଗୁଡ଼ିକର ତାଲିକା ପର୍ଯ୍ୟାୟକ୍ରମେ ପ୍ରକାଶିତ ହୋଇନଥିଲା ।

ଏହାର ଉତ୍ତରରେ, ସରକାର ବ୍ୟକ୍ତ କଲେ (ମଇ 2022) ଯେ ବିପଦଜନକ ବର୍ଜ୍ୟବସ୍ତୁ ଏବଂ ଅନ୍ୟାନ୍ୟ ବର୍ଜ୍ୟବସ୍ତୁର ପୁନଃ ବ୍ୟବହାର/ ପ୍ରକ୍ରିୟାକରଣ/ ବ୍ୟବହାର ପାଇଁ ଅଧୁନା ବିଦ୍ୟମାନ ତଥା ଆଗାମୀ ଶିଳ୍ପ ପାର୍କ, ଇଷ୍ଟେଟ୍ ଏବଂ ଇଣ୍ଡଷ୍ଟ୍ରିଆଲ୍ କ୍ଲଷ୍ଟରରେ ଶିଳ୍ପାଞ୍ଚଳର ସ୍ଥାନ ଚିହ୍ନଟ କରିବାକୁ ଇଡ୍‌କୋକୁ ଅନୁରୋଧ କରାଯାଇଥିଲା । ଛଅ ବର୍ଷ ବିତିଯାଇଥିଲେ ମଧ୍ୟ ବିଭାଗ ବିପଦଜନକ ବର୍ଜ୍ୟବସ୍ତୁକୁ ସଠିକ୍ ଭାବରେ ପରିଚାଳନା କରିବାରେ ବିଫଳ ହୋଇଥିଲେ ।

#### 3.6.4.2 ବାର୍ଷିକ ରିପୋର୍ଟ ଦାଖଲ

ନିୟମ 20(3) ଅନୁଯାୟୀ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ବିପଦଜନକ ଏବଂ ଅନ୍ୟାନ୍ୟ ବର୍ଜ୍ୟବସ୍ତୁ ନିଷ୍କାସନ ସୁବିଧା ପାଇଁ ଅକ୍ୟୁପାଏର[76] ଏବଂ ଅପରେଟର[77] ଦ୍ୱାରା ଦାଖଲ ହୋଇଥିବା ବାର୍ଷିକ ରିଟର୍ଣ୍ଣ ଉପରେ ଆଧାର କରି ରାଜ୍ୟରେ ଉତ୍ପାଦିତ, ପୁନବ୍ୟବହାର, ପୁନରୁଦ୍ଧାର, ବ୍ୟବହାର, ପୁନଃରପ୍ତାନୀ ଏବଂ ନିଷ୍କ୍ରିୟ ବର୍ଜ୍ୟବସ୍ତୁ ପରିମାଣ ବିଷୟରେ କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ବାର୍ଷିକ ରିପୋର୍ଟ ଦାଖଲ କରିବା ଦରକାର ।

ରେକର୍ଡଗୁଡ଼ିକର ଯାଞ୍ଚରୁ (ମାର୍ଚ୍ଚ 2021) ଜଣାଗଲା ଯେ ଜିଲ୍ଲାର 103ଟି ଶିଳ୍ପସଂସ୍ଥା ବିପଦଜନକ ବର୍ଜ୍ୟବସ୍ତୁ ସୃଷ୍ଟି କରୁଛି । ଏହା ଲକ୍ଷ୍ୟ କରାଯାଇଥିଲା ଯେ ଶିଳ୍ପ ସଂସ୍ଥାମାନଙ୍କ ଦ୍ୱାରା ଓଏସ୍‌ପିସିବିକୁ ବାର୍ଷିକ ରିପୋର୍ଟ ଦାଖଲ କରିବାରେ କୌଣସି ସମନ୍ୱୟ ନଥିଲା, କାରଣ 2016-20 ମଧ୍ୟରେ 28 ରୁ 84 ଟି (27 ରୁ 82 ପ୍ରତିଶତ) ଶିଳ୍ପ ବାର୍ଷିକ ରିପୋର୍ଟ କରିଥିଲେ । ସମସ୍ତ ଦାଖଲକାରୀ ଏବଂ ଅପରେଟରଙ୍କ ଦ୍ୱାରା ବାର୍ଷିକ ରିପୋର୍ଟର ଅଣଦାଖଲ କିମ୍ବା ବିଳମ୍ବିତ ଦାଖଲ ହେତୁ ଓଏସ୍‌ପିସିବି ଦ୍ୱାରା ସିପିସିବିରେ ଦାଖଲ ହୋଇଥିବା ଏକୀଭୂତ ବାର୍ଷିକ ତାଲିକା

---

74 ବିପଦଜନକ ବର୍ଜ୍ୟବସ୍ତୁ ହେଉଛି ଯେକୌଣସି ବର୍ଜ୍ୟବସ୍ତୁ ପଦାର୍ଥ, ଏକାକୀ କିମ୍ବା ଅନ୍ୟ ବର୍ଜ୍ୟବସ୍ତୁ ସହିତ ଯୋଗାଯୋଗରେ, ଯାହା ଶାରୀରିକ, ରାସାୟନିକ, ଜୈବିକ, ପ୍ରତିକ୍ରିୟାଶୀଳ, ବିଷାକ୍ତ, ଜ୍ୱଳନ୍ତ, ବିସ୍ଫୋରକ କିମ୍ବା କ୍ଷତିକାରକ ଭଳି ବୈଶିଷ୍ଟ୍ୟ ଗୁଡ଼ିକ ଯାହା ବିପଦ ସୃଷ୍ଟି କରେ କିମ୍ବା ସ୍ୱାସ୍ଥ୍ୟ କିମ୍ବା ପରିବେଶ ପାଇଁ ବିପଦ ସୃଷ୍ଟି କରିବାର ସମ୍ଭାବନା ଥାଏ ।

75 1) ଜୟ ମା ଦୁର୍ଗା ଇଣ୍ଡଷ୍ଟ୍ରିଜ୍, 2) ଏନ୍‌ଏସ୍.କେମିକାଲ୍ସ, 3) ରତ୍ନା ଇଣ୍ଡଷ୍ଟ୍ରିଜ୍, 4) ଶ୍ରୀୟା ମେଟାଲ୍ସ ଏବଂ କେମିକାଲ୍ସ, 5) ଓମ୍ ସିଇଇ ବିଜିନେସ୍, 6) ସୁରଜ ପ୍ରଡକ୍ଟ ଲିମିଟେଡ୍ ଏବଂ 7) ଓସିଏଲ୍, ଇଣ୍ଡିଆ ଲିମିଟେଡ୍ (ଡାଲମିଆ ସିମେଣ୍ଟ ଭାରତ ଲିମିଟେଡ୍)

76 ଅକ୍ୟୁପାଏର ଅର୍ଥ ହେଉଛି ଜଣେ ବ୍ୟକ୍ତି ଯିଏ କାରଖାନା କିମ୍ବା ପରିସରର କାର୍ଯ୍ୟ ଉପରେ ନିୟନ୍ତ୍ରଣ ରଖିଥାଏ ଏବଂ ବିପଦଜନକ ଏବଂ ଅନ୍ୟାନ୍ୟ ବର୍ଜ୍ୟବସ୍ତୁ ସହିତ ଜଡ଼ିତ । ବିପଦଜନକ କିମ୍ବା ଅନ୍ୟାନ୍ୟ ବର୍ଜ୍ୟବସ୍ତୁ । ନିୟମ 3(21)

77 ଅପରେଟର ଅର୍ଥ ହେଉଛି ଜଣେ ବ୍ୟକ୍ତି ଯିଏ ବିପଦଜନକ ଏବଂ ଅନ୍ୟାନ୍ୟ ବର୍ଜ୍ୟବସ୍ତୁ ସଂଗ୍ରହ, ଗ୍ରହଣ , ପ୍ରକ୍ରିୟାକରଣ, ସଂରକ୍ଷଣ ଏବଂ ନିଷ୍କାସନ ପାଇଁ ଏକ ସୁବିଧା ମାଲିକାନା କିମ୍ବା ପରିଚାଳନା କରେ ନିୟମ 3(22)

ରାଜ୍ୟରେ ଉତ୍ପାଦିତ ତଥା ନିଷ୍କାସନ କରାଯାଉଥିବା ପ୍ରକୃତ ବିପଦଜନକ ବର୍ଜ୍ୟବସ୍ତୁର ଯଥାର୍ଥ ପରିମାଣ ଉପସ୍ଥାପନ କରୁନଥିଲା ।

ପୁନଶ୍ଚ, 2016-17, 2017-18 ଏବଂ 2019-20 ମଧ୍ୟରେ ବାର୍ଷିକ ରିପୋର୍ଟ ଅନୁସାରେ ପ୍ରାଧୀକୃତ ଏକୀକୃତ ଉତ୍ପାଦନ ପରିମାଣ ଯଥାକ୍ରମେ 25,551.67 ମେଟ୍ରିକ ଟନ୍, 81,553.47 ମେଟ୍ରିକ ଟନ୍ ଏବଂ 84,384.03 ମେଟ୍ରିକ ଟନ୍ ଥିଲା ବେଳେ ଦାଖଲ ହୋଇଥିବା ବାର୍ଷିକ ରିପୋର୍ଟ ଅନୁସାରେ ଶିଳ୍ପ ଗୁଡ଼ିକ ଦ୍ୱାରା ବିପଦଜନକ ବର୍ଜ୍ୟବସ୍ତୁର ଉତ୍ପାଦନ ଯଥାକ୍ରମେ 72,616.20 ମେଟ୍ରିକ୍ ଟନ୍, 82,422.45 ମେଟ୍ରିକ ଟନ୍ ଏବଂ 87,322.65 ମେଟ୍ରିକ ଟନ୍ ଥିଲା । ଯଦିଓ, 2016-20 ଅବଧି ମଧ୍ୟରେ ବିପଦଜନକ ବର୍ଜ୍ୟବସ୍ତୁ ଉତ୍ପାଦନର ସର୍ବଦା ବୃଦ୍ଧି ଧାରାରେ ଥିଲା, ତଥାପି ବିପଦଜନକ ବର୍ଜ୍ୟବସ୍ତୁ ଉତ୍ପାଦନକୁ ହ୍ରାସ କିମ୍ବା ରୋକିବା ପାଇଁ କୌଣସି କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇ ନଥିଲା ।

ଏହାର ଉତ୍ତରରେ, ସରକାର ଦର୍ଶାଇଲେ (ମଇ 2022) ଯେ ଉଲ୍ଲଙ୍ଘନକାରୀ ୟୁନିଟ୍ ଗୁଡ଼ିକ କ୍ଷୁଦ୍ର ଥିଲା ଏବଂ ଯେଉଁ କ୍ଷୁଦ୍ର କ୍ଷେତ୍ରଗୁଡ଼ିକର ପରିଚାଳନାରେ ଅଭାବ ଦେଖାଯାଇଥିଲା ସେ ସବୁର ଉନ୍ନତ ପରିଚାଳନା ପାଇଁ ଆରଓ, ରାଉରକେଲାକୁ ବୋର୍ଡ କ୍ଷମତା ପ୍ରଦାନ କରିଥିଲେ । ଛଅ ବର୍ଷ ବିତିଯାଇଥିଲେ ମଧ୍ୟ 73 ପ୍ରତିଶତ ଶିଳ୍ପ ବାର୍ଷିକ ରିପୋର୍ଟ ଦାଖଲ କରିନଥିଲେ ଏବଂ ସରକାର ଶିଳ୍ପ ସଂସ୍ଥାରୁ ବାର୍ଷିକ ରିପୋର୍ଟ ସଂଗ୍ରହ କରିବାରେ ବିଫଳ ହୋଇଥିଲେ ।

## 3.7 ଉପସଂହାର

ଅଡିଟ୍, ଓଡ଼ିଶାର ଶିଳ୍ପାଞ୍ଚଳ ଜିଲ୍ଲା ମଧ୍ୟରୁ ଏକ ଶିଳ୍ପବହୁଳ ଜିଲ୍ଲା ଯଥା-ସୁନ୍ଦରଗଡ଼ ଜିଲ୍ଲାରେ ପ୍ରଯୁଜ୍ୟ ପରିବେଶ ନିୟମ ଗୁଡ଼ିକର ଏକ ଯାଞ୍ଚ କରିଥିଲେ । ଅଡିଟ୍ ନିମ୍ନଲିଖିତ ପ୍ରମୁଖ ଅନିୟମିତତା ଅବଲୋକନ କରିଥିଲେ ଯାହା ବିଭାଗ ଦ୍ୱାରା ତୁରନ୍ତ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ କରେ ।

ଅଡିଟ୍ ଅବଲୋକନ କରିଥିଲେ ଯେ ଜିଲ୍ଲାର ଛଅଟି ଷ୍ଟେସନରେ 2016-20 ମଧ୍ୟରେ ବିଶ୍ଳେଷଣ କରାଯାଇଥିବା 7,238 ଏଏକ୍ୟୁ ନମୁନାରେ ହାରାହାରି ପିଏମ୍$_{10}$ ଏବଂ ପିଏମ୍$_{2.5}$ ମାତ୍ରାଧିକ ରହିଥିଲା । ପରିବେଶରେ ପ୍ରଦୂଷକ ଏବଂ ସିଲିକା ଧୂଳିର ସାନ୍ଦ୍ରତା ହେତୁ 2,440 ଟି ଫୁସ୍‌ଫୁସ୍ ରୋଗୀ ଏବଂ 61,698 ଟି ସିଲିକୋସିସ୍ ରୋଗୀ ଚିହ୍ନଟ ହୋଇଥିଲେ । ପ୍ରାୟ ନଅ ବର୍ଷ ଧରି ସିଟିଇ ଏବଂ ସିଟିଓ ବିନା କନଭେୟର ବେଲ୍ଟର କାର୍ଯ୍ୟ ପରିବେଶ ନିୟମ ପ୍ରଣୟନରେ ଆଞ୍ଚଳିକ ଅଧିକାରୀଙ୍କ ଦ୍ୱାରା ପ୍ରମୁଖ ବିଫଳତା ଥିଲା । ଦୁଇଟି ଖଣି 2016-21 ମଧ୍ୟରେ ଶ୍ୱାସକ୍ରିୟା ସମ୍ବନ୍ଧୀୟ ପର୍ଟିକ୍ୟୁଲେଟ୍ ମ୍ୟାଟର ଏବଂ ପିଏମ୍$_{10}$ ସ୍ତରର ଭାସମାନ ପାର୍ଟିକ୍ୟୁଲେଟ୍ ମ୍ୟାଟରର ଏଏକ୍ୟୁ ମାନକ ଉପାଦାନ ଗୁଡ଼ିକୁ ବଜାୟ ରଖିବାରେ ବିଫଳ ହୋଇଥିଲେ ।

ରାଉରକେଲା ମହାନଗର ନିଗମ ଏବଂ ରାଉରକେଲା ଇସ୍ପାତ କାରଖାନା ନିକଟରେ ପ୍ରବାହିତ ବ୍ରାହ୍ମଣୀ ନଦୀର ଦୂଷିତ ଜଳ ବ୍ୟବହାର ହେତୁ ଉପ-ବିବାଗୀୟ ଡାକ୍ତରଖାନା, ବଣେଇରେ 1,100 ଟି ବୃକକ୍ ମାମଲା ହାତକୁ ନିଆଯାଇଥିଲା । ରାଉରକେଲା ଇସ୍ପାତ କାରଖାନା ଦ୍ୱାରା ଶୂନ୍ୟ ତରଳ ନିର୍ଗମନ କାର୍ଯ୍ୟକାରୀ ନକରିବା ଏବଂ ବ୍ରାହ୍ମଣୀ ନଦୀକୁ ପ୍ରଦୂଷିତ ଜଳ ନିଷ୍କାସନ ହେତୁ ପାଞ୍ଚଟି ସ୍ଥାନରେ ଅଧିକ ଫ୍ଲୋରାଇଡ୍ ରହିଥିଲା । ଏସ୍‌ଟିପିର ସ୍ଥାପନା ନ ହେବା ହେତୁ, ଆର୍‌ଏମ୍‌ସି ଅଶୋଧିତ ଜଳ ବ୍ରାହ୍ମଣୀ ଏବଂ କୋଏଲରେ ନିଷ୍କାସନ କରୁଥିଲା ଫଳରେ ପ୍ରଦୂଷଣ ସୃଷ୍ଟି କରୁଥିଲା । ୟୁଏଲ୍‌ବିଗୁଡ଼ିକ ଦ୍ୱାରା କୌଣସି ଏସ୍‌ଟିପି ନିର୍ମାଣ କରାଯାଇନଥିବା ହେତୁ ଅଣ ବିଶୋଧିତ ବର୍ଜ୍ୟଜଳ ସିଧାସଳଖ ଜଳାଶୟ ଏବଂ ଖୋଲା ଜମିରେ ନିର୍ଗତ ହୋଇଥିଲା । ମାର୍ଚ୍ଚ 2020 ସୁଦ୍ଧା 100 ପ୍ରତିଶତ ଜଳ ନିଷ୍କାସନ, ପ୍ରକ୍ରିୟାକରଣ ଲକ୍ଷ୍ୟ ଅସମ୍ପୂର୍ଣ୍ଣ ରହିଥିଲା । ମାନବ ସମ୍ବଳର ଅଭାବ ହେତୁ ଜାନୁଆରୀ 2021 ସୁଦ୍ଧା ବର୍ଜ୍ୟବସ୍ତୁ ସଂଗ୍ରହ ପାଇଁ ଶତ ପ୍ରତିଶତ ଗୃହ ରୁ ଗୃହ ଉପଲବ୍ଧ ହୋଇପାରି ନାହିଁ । ଯଦିଓ, ଆଠଟି ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର ନିର୍ମାଣ କରାଯାଇଥିଲା, ତଥାପି ବିଦ୍ୟୁତ୍ ଅଭାବ, ଜଳ ସଂଯୋଗ, ଯନ୍ତ୍ରପାତି ସଂସ୍ଥାପନ ନହେବା କାରଣରୁ 3.40 କୋଟି ଟଙ୍କା ଖର୍ଚ୍ଚ ହେବା ପରେ ମଧ୍ୟ ସେଗୁଡ଼ିକ କାର୍ଯ୍ୟକ୍ଷମ ହୋଇପାରିଲା ନାହିଁ ।

ଅଶୋଧିତ ବାୟୋ-ମେଡିକାଲ ବର୍ଜ୍ୟବସ୍ତୁକୁ 30 ଦିନ ପର୍ଯ୍ୟନ୍ତ ବିଶୋଧନ ନକରି ଗଚ୍ଛିତ କରାଯାଇଥିଲା । ଜିପିଏସ୍ ସିଷ୍ଟମ୍ ସହିତ ବାର୍-କୋଡିଂ ସ୍ଥାପନ ନହେବା ହେତୁ, ବାୟୋ ମେଡିକାଲ ବର୍ଜ୍ୟବସ୍ତୁର ସ୍ଥାନାନ୍ତର ଏବଂ

ଏହାର ଠିକ୍ ସମୟରେ ବିଶୋଧନ ନିଶ୍ଚିତ କରିବାରେ ଏଚ୍‌ସିଏଫ୍ ଗୁଡ଼ିକ ବିଫଳ ହୋଇଥିଲେ । ତିନି ପର୍ଯ୍ୟାୟ ଯୁକ୍ତ ବିଦ୍ୟୁତ୍ ସଂଯୋଗ ଅଭାବରୁ 97.34 ଲକ୍ଷ ଟଙ୍କା ବ୍ୟୟବରାଦ ସତ୍ତ୍ୱେ ମାର୍ଚ୍ଚ 2021 ସୁଦ୍ଧା କୌଣସି ଇନ୍‌ସିନେରେଟର ଗୁଡ଼ିକ କାର୍ଯ୍ୟକ୍ଷମ ହୋଇନଥିଲା । ଏହାଦ୍ୱାରା ଖୋଲା ସ୍ଥାନରେ ବାୟୋ ବର୍ଜ୍ୟବସ୍ତୁ ପୋଡ଼ା ଯାଉଥିବା ଯୋଗୁଁ ପରିବେଶ ପ୍ରତି ବିପଦ ସୃଷ୍ଟି ହୋଇଥିଲା । ଅଣ ପୃଥକୀକରଣ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ଏମ୍‌ଏସ୍‌ଡବ୍ଲୁ ସହିତ ମିଶ୍ରିତ ହୋଇ ପରିବେଶ ସମସ୍ୟା ସୃଷ୍ଟି କରୁଥିବା ଏକ ଅବୈଜ୍ଞାନିକ ପ୍ରଣାଳୀରେ ପକା ଯାଉଥିଲା । ଯଦିଓ ବିପଦଜନକ ବର୍ଜ୍ୟବସ୍ତୁ ଉତ୍ପାଦନ 2016-20 ଅବଧି ମଧ୍ୟରେ ବୃଦ୍ଧି ପାଇଥିଲା, ତଥାପି ବିପଦଜନକ ବର୍ଜ୍ୟବସ୍ତୁ ହ୍ରାସ କିମ୍ବା ରୋକିବା ପାଇଁ କୌଣସି କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇନଥିଲା ।

## 3.8 ସୁପାରିଶ

- ପରିବେଶ ନିୟମର ଅନୁପାଳନରେ ଅଭାବ ଯୋଗୁଁ ଶିଳ୍ପ ଗୁଡ଼ିକରୁ ପ୍ରଦୂଷଣକୁ ନିର୍ଦ୍ଦିଷ୍ଟ ମାନକ ମଧ୍ୟରେ ରଖିବା ପାଇଁ, ସରକାର ଖିଲାପକାରୀ ସଂସ୍ଥା ଗୁଡ଼ିକ ଉପରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରନ୍ତି ଏବଂ ଦାୟିତ୍ୱ ନ୍ୟସ୍ତ କରିପାରନ୍ତି ।

- ଜିଲ୍ଲାରେ ଫୁସ୍‌ଫୁସ୍ ଏବଂ ସିଲିକୋସିସ୍ ରୋଗକୁ ହ୍ରାସ କରିବା ପାଇଁ ଓଡ଼ିଶା ରାଜ୍ୟ ପ୍ରଦୂଷଣ ବୋର୍ଡ ଶିଳ୍ପାନୁଷ୍ଠାନରୁ ନିର୍ଗମନ ପିଏମ୍$_{10}$ ଏବଂ ପିଏମ୍$_{2.5}$ ର ସ୍ତର ଆମ୍ବିଏଣ୍ଟ୍ ବାୟୁ ଗୁଣବତ୍ତାର ନିର୍ଦ୍ଧାରିତ ମାନକ ମଧ୍ୟରେ ରହିଥିବାର ସୁନିଶ୍ଚିତ କରିବା ପାଇଁ ଉପଯୁକ୍ତ ପଦକ୍ଷେପ ନେବା ଦରକାର । ପ୍ରଦୂଷଣକାରୀ ଶିଳ୍ପଗୁଡ଼ିକ ସର୍ବୋତ୍ତମ ଉପଲବ୍ଧ ଟେକ୍ନୋଲୋଜି ଏବଂ ନିର୍ଗମନ ନିୟନ୍ତ୍ରଣ ଉପକରଣଗୁଡ଼ିକ ସହିତ ଖାପ ଖାଇବା ଉଚିତ୍ ଏବଂ ପ୍ରଦୂଷଣକୁ ହ୍ରାସ କରିବା ପାଇଁ ନିୟମିତ କ୍ରମାଗତ ନିର୍ଗମନ ପର୍ଯ୍ୟାଲୋଚନା ଏବଂ ଅନୁପାଳନ ମଧ୍ୟରେ ଅଣାଯିବା ଦରକାର ।

- ପ୍ରଦୂଷଣ ଦେୟ ଏବଂ କ୍ଷତିପୂରଣ ସହିତ ସଂପୃକ୍ତ ଶିଳ୍ପଗୁଡ଼ିକ ଦ୍ୱାରା ସିଟିଇ, ଏବଂ ସିଟିଓ ସର୍ତ୍ତକୁ ସୁନିଶ୍ଚିତ କରିବା ପାଇଁ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କଡ଼ା ପଦକ୍ଷେପ ନେବା ଦରକାର ।

- ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସହରାଞ୍ଚଳ ସ୍ୱାୟତ୍ତ ଶାସନ ସଂସ୍ଥା ଗୁଡ଼ିକୁ ସେରେଜ୍ ଟ୍ରିଟମେଣ୍ଟ ପ୍ଲାଣ୍ଟ ସ୍ଥାପନ କରି ସେରେଜ୍‌ର ପ୍ରଭାବଶାଳୀ ବିଶୋଧନ କରିବା ଦିଗରେ ପଦକ୍ଷେପ ନେବା ଦରକାର ।

- ଜିଲ୍ଲାରେ ବୃକକ୍ ରୋଗକୁ ରୋକିବା ପାଇଁ ରାଉରକେଲା ଇସ୍ପାତ କାରଖାନାକୁ ଶୂନ୍ୟ ତରଳ ନିର୍ଗମନକୁ ନିଶ୍ଚିତ କରିବା ପାଇଁ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅନୁଦେଶ ଜାରି କରିବା ଦରକାର ।

- ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କଠିନ ବର୍ଜ୍ୟବସ୍ତୁ ପରିଚାଳନା ଯୋଜନାର ପ୍ରସ୍ତୁତି ଏବଂ ସମସ୍ତ ସହରାଞ୍ଚଳର ସ୍ୱାୟତ୍ତ ଶାସନ ସଂସ୍ଥାଗୁଡ଼ିକରେ ପୌରପାଳିକା କଠିନ ବର୍ଜ୍ୟବସ୍ତୁର ଗୃହ ରୁ ଗୃହ ସଂଗ୍ରହକୁ ନିଶ୍ଚିତ କରିବା ଦରକାର ।

- ପ୍ଲାଷ୍ଟିକ୍ ଏବଂ ସିଏଣ୍ଡଡି ବର୍ଜ୍ୟବସ୍ତୁକୁ ସଠିକ୍ ନିଷ୍କାସନ ପାଇଁ ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ଦରକାର ଏବଂ ଉଲ୍ଲଙ୍ଘନକାରୀଙ୍କ ବିରୁଦ୍ଧରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦରକାର ।

- ପ୍ରାଧିକୃତ ଡିଲରଙ୍କ ମାଧ୍ୟମରେ ଇ-ବର୍ଜ୍ୟବସ୍ତୁକୁ ନିଷ୍କାସନ କରିବାକୁ ସରକାର ନିର୍ଦ୍ଦେଶନାମା ଜାରି କରିବା ଦରକାର । ପରିବେଶ ନିୟମ ମାନୁନଥିବା ନଗର ସ୍ୱାୟତ୍ତ ଶାସନ ସଂସ୍ଥା ଏବଂ ଶିଳ୍ପ ସଂସ୍ଥାଗୁଡ଼ିକ ପାଇଁ ସରକାର ଦଣ୍ଡବିଧାନର ବିଚାର କରିବା ଦରକାର ।

# ଅଧ୍ୟାୟ IV

## ରାଜ୍ୟ କ୍ଷତିପୂରକ ବନୀକରଣ ପାଣ୍ଠି ପରିଚାଳନା ଏବଂ ଯୋଜନା ପ୍ରାଧିକରଣ ଉପରେ ବିସ୍ତୃତ ଅନୁପାଳନ ସମୀକ୍ଷା

# ଅଧ୍ୟାୟ IV

## ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ

## 4. ରାଜ୍ୟ କ୍ଷତିପୂରକ ବନୀକରଣ ପାଣ୍ଠି ପରିଚାଳନା ଏବଂ ଯୋଜନା ପ୍ରାଧିକରଣ ଉପରେ ବିସ୍ତୃତ ଅନୁପାଳନ ସମୀକ୍ଷା

### 4.1 ଉପକ୍ରମ

ଅକ୍ଟୋବର 2002 ରେ ମାନ୍ୟବର ସୁପ୍ରମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ଯେ ଏକ 'କ୍ଷତିପୂରକ ବନୀକରଣ ପାଣ୍ଠି' (ସିଏଏଫ୍) ଗଠନ ହେବ, ଯେଉଁଥିରେ ଉପଭୋକ୍ତା ଏଜେନ୍ସିରୁ କ୍ଷତିପୂରକ ବନୀକରଣ, ଅତିରିକ୍ତ କ୍ଷତିପୂରକ ବନୀକରଣ, ଦଣ୍ଡବିଧାନ କ୍ଷତିପୂରକ ବନୀକରଣ, ଜଙ୍ଗଲ ଜମିର ନିଟ୍ ବର୍ତ୍ତମାନ ମୂଲ୍ୟ, କ୍ୟାଚମେଣ୍ଟ କ୍ଷେତ୍ର ଉପଚାର ଯୋଜନା ପାଣ୍ଠି ଇତ୍ୟାଦି ଜମା ହେବ । ଜଙ୍ଗଲ ଜମିରୁ ଅଣ-ଜଙ୍ଗଲ ବ୍ୟବହାର ପାଇଁ ସ୍ଥାନାନ୍ତରିତ ଜଙ୍ଗଲ ଜମିରୁ ଆଖିଦୃଶିଆ କ୍ଷତି ତଥା ଅଜ୍ଞାତ ଲାଭ ପାଇଁ ସିଏଫ୍ କ୍ଷତିପୂରଣ ଦେବାକୁ ପଡ଼ିବ । ଏହିପରି ପାଣ୍ଠି ପ୍ରାକୃତିକ ସହାୟତା ପୁନଃନିର୍ମାଣ, ଜଙ୍ଗଲ ପରିଚାଳନା, ସୁରକ୍ଷା, ଭିତ୍ତିଭୂମି ବିକାଶ, ବନ୍ୟଜନ୍ତୁ ସୁରକ୍ଷା ଏବଂ ପରିଚାଳନା, କାଠ ଯୋଗାଣ ଏବଂ ଅନ୍ୟାନ୍ୟ ଜଙ୍ଗଲ ଉତ୍ପାଦନ ସଂରକ୍ଷଣ ଉପକରଣ ଏବଂ ଅନ୍ୟାନ୍ୟ ସହଯୋଗୀ କାର୍ଯ୍ୟ ପାଇଁ ବ୍ୟବହୃତ ହେବ । ନ୍ୟାୟାଳୟ ମନ୍ତବ୍ୟ ଦେଲେ ଯେ ଏହି ପାଣ୍ଠି ୟୁନିଅନର, ରାଜ୍ୟର କିମ୍ବା ଭାରତର ଏକତ୍ରୀକୃତ ପାଣ୍ଠିର କିଛି ଅଂଶ ସାଧାରଣ ରାଜସ୍ୱର ଅଂଶ ହୋଇନଥିବ ।

କ୍ଷତିପୂରକ ବନୀକରଣ ପାଣ୍ଠିର ପରିଚାଳନା ପାଇଁ ଅପ୍ରେଲ 2004 ରେ ପରିବେଶ ଏବଂ ଜଙ୍ଗଲ ମନ୍ତ୍ରାଳୟ (ଏମ୍ଓଇଏଫ୍) କ୍ଷତିପୂରକ ବନୀକରଣ ପାଣ୍ଠି ପରିଚାଳନା ଏବଂ ଯୋଜନା ପ୍ରାଧିକରଣ (କାମ୍ପା) କୁ ସୂଚିତ କରିଥିଲା ।

ମଇ 2006 ରେ ଭାରତର ସର୍ବୋଚ୍ଚ ନ୍ୟାୟାଳୟ ମନ୍ତବ୍ୟ ଦେଲେ ଯେ କାମ୍ପା ଏପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇନଥିଲା ଏବଂ କାମ୍ପା କାର୍ଯ୍ୟକ୍ଷମ ହେବା ପର୍ଯ୍ୟନ୍ତ ଏକ ଆଡ-ହକ୍ ନିକାୟ (ଆଡ୍-ହକ୍ କାମ୍ପା ଭାବରେ ଜଣାଶୁଣା) ଗଠନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ମାନ୍ୟବର ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି ଯେ କାମ୍ପା ପକ୍ଷରୁ ଅସୁଲ ହୋଇଥିବା ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ ଅଧିକାରୀଙ୍କ ପାଖରେ ପଡ଼ିରହିଥିବା ସମସ୍ତ ଅର୍ଥକୁ ଆଡ୍-ହକ୍ କାମ୍ପାକୁ ସ୍ଥାନାନ୍ତରିତ କରାଯାଉ । କାମ୍ପା ପକ୍ଷରୁ ଉପଭୋକ୍ତା ଏଜେନ୍ସିରୁ ପ୍ରାପ୍ତ ସମସ୍ତ ଅର୍ଥ ଏବଂ ଏଥିରୁ ଅର୍ଜିତ ଆୟର ଅଡିଟ୍ ପାଇଁ ନିର୍ଦ୍ଦେଶ ମଧ ଦିଆଯାଇଥିଲା । ଅଡିଟରଙ୍କୁ ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକ ନିଯୁକ୍ତି ଦେବାର ଥିଲା ।

ଜାନୁଆରୀ 2012 ରେ ମାନ୍ୟବର ସୁପ୍ରିମକୋର୍ଟଙ୍କ ଉପରୋକ୍ତ ଆଦେଶ ଏବଂ ଏମ୍ଓଇଏଫ୍‌ର ପ୍ରସଙ୍ଗ ସୂଚନା ଅନୁଯାୟୀ ଭାରତରେ କ୍ଷତିପୂରକ ବନୀକରଣର ଅଡିଟ୍ କରାଯାଇଥିଲା । ରାଜ୍ୟ କାମ୍ପା କାର୍ଯ୍ୟକ୍ଷମ ହେବା ପର୍ଯ୍ୟନ୍ତ ଏହି ଉଦ୍ଦେଶ୍ୟରେ ଗଠିତ ଏକ ଆଡ୍-ହକ୍ କାମ୍ପାରେ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳରେ ପଡ଼ିରହିଥିବା ଉକ୍ତ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଅସୁଲି ହୋଇଥିବା ଅର୍ଥକୁ ଏକତ୍ରୀତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଉପରୋକ୍ତ ଆକାଉଣ୍ଟରୁ କାମ୍ପା ପାଣ୍ଠିର ପ୍ରାପ୍ତି ଏବଂ ଉପଯୋଗ ପାଇଁ ଓଡ଼ିଶାରେ ରାଜ୍ୟ କାମ୍ପା ଗଠନ କରାଯାଇଥିଲା (ସେପ୍ଟେମ୍ବର 2018) ।

ପ୍ରାକୃତିକ ଜଙ୍ଗଲର ସଂରକ୍ଷଣ, ବନ୍ୟଜନ୍ତୁ ପରିଚାଳନା, ସେକ୍ଟରରେ ଭିତ୍ତିଭୂମି ବିକାଶ ଏବଂ ଅନ୍ୟାନ୍ୟ ସହଯୋଗୀ କାର୍ଯ୍ୟଗୁଡ଼ିକର କାର୍ଯ୍ୟକଳାପକୁ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ କାମ୍ପା ଏକ ସାଧନ ଭାବରେ ଉଦ୍ଦିଷ୍ଟ । ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ (ଏଫ୍ଇଆଣ୍ଡସିସି) ବିଭାଗ ଅଧୀନରେ ଥିବା ରାଜ୍ୟ କାମ୍ପା ବର୍ତ୍ତମାନ ଯାହା କ୍ଷତିପୂରକ ବନୀକରଣ (ସିଏ), ଅତିରିକ୍ତ କ୍ଷତିପୂରକ ବନୀକରଣ, ଦଣ୍ଡବିଧାନ କ୍ଷତିପୂରକ ବନୀକରଣ, ନିଟ୍ ପ୍ରେଜେଣ୍ଟ ଭାଲ୍ୟୁ (ଏନ୍‌ପିଭି) ଏବଂ ଜଙ୍ଗଲ (ସଂରକ୍ଷଣ) ଅଧିନିୟମ, 1980 ଅନୁଯାୟୀ

ଏହିପରି ଏଜେନ୍ସିରୁ ଅସୁଲି ହୋଇଥିବା ଅନ୍ୟ ସମସ୍ତ ଅର୍ଥ ବାବଦରେ ବର୍ତ୍ତମାନ ଉପଭୋକ୍ତା ଏଜେନ୍ସିରୁ ସଂଗୃହିତ ଅର୍ଥ ଗ୍ରହଣ କରୁଛି ।

### 4.1.1 ସାଂଗଠନିକ ବ୍ୟବସ୍ଥା

ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗର ସାଂଗଠନିକ ବ୍ୟବସ୍ଥା ନିମ୍ନରେ ଦର୍ଶାଯାଇଅଛି:




ବନ ବିଭାଗରେ 08 ଟି ସର୍କଲ, 51 ଟି ଜଙ୍ଗଲ ଡିଭିଜନ (37 ଟି ଟେରିଟୋରାଲ୍ ଡିଭିଜନ ଏବଂ 14ଟି ବନ୍ୟଜନ୍ତୁ ଡିଭିଜନ), 03ଟି ତାଲିମ ଏବଂ ବିକାଶ ଡିଭିଜନ, 02ଟି ସିଲଭିକଲ୍‌ଚର୍ ଡିଭିଜନ ଉପ-ନିର୍ଦ୍ଦେଶକ, ନନ୍ଦନକାନନ ପ୍ରାଣୀ ଉଦ୍ୟାନ ପାର୍କ, ଜଙ୍ଗଲ ସମ୍ପଦ ସର୍ବେକ୍ଷଣ (ଏଫ୍ଆର୍‌ଏସ୍) ଡିଭିଜନ, କଟକ ଏବଂ ଓଡ଼ିଶା ବନ ବିଭାଗ ବିକାଶ ପ୍ରକଳ୍ପ (ଓଏଫ୍ଏସ୍‌ଡିପି) ଗଠିତ । କ୍ଷେତ୍ର ସ୍ତରୀୟ କାର୍ଯ୍ୟଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ 293ଟି ରେଞ୍ଜ ମଧ୍ୟରେ 1,068ଟି ଉପବିଭାଗ ଗୁଡ଼ିକ ଅଧିନରେ 3,781ଟି ବିଟ୍ ଅଛି ।

ରାଜ୍ୟ କାମ୍ପା ଏକ ତିନି ସ୍ତରୀୟ କମିଟି କ୍ରମବଦ୍ଧତା ମାଧ୍ୟମରେ କାର୍ଯ୍ୟ କରେ, ଯାହା ନିମ୍ନରେ ବିସ୍ତୃତ ଭାବର ଦର୍ଶାଯାଇଅଛି ।

| |
|---|
| **ପରିଚାଳକ ନିକାୟ,** ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ରାଜ୍ୟ କାମ୍ପା ପାଇଁ ବ୍ୟାପକ ନୀତି ଢାଞ୍ଚା ଏବଂ ସମୀକ୍ଷା ସମୟ ସମୟରେ କାର୍ଯ୍ୟ କରୁଛି । |
| **ପ୍ରଚାଳନ କମିଟି,** ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କ ନେତୃତ୍ୱରେ ନିୟମ ଏବଂ ପ୍ରକ୍ରିୟାଗୁଡ଼ିକୁ ଅନୁମୋଦନ କରିବାକୁ ଜନାଦେଶ ଜାରି କରିଥିଲେ । |
| **କାର୍ଯ୍ୟନିର୍ବାହୀ କମିଟି,** ପିସିସିଏଫ୍ ଏବଂ ଏଚ୍ଓଏଫ୍ଏଫ୍ ଦ୍ୱାରା ପରିଚାଳିତ କାର୍ଯ୍ୟନିର୍ବାହୀ କମିଟି ବିଭିନ୍ନ କାର୍ଯ୍ୟକଳାପ ପାଇଁ ଏପିଓ ପ୍ରସ୍ତୁତ କରିବାକୁ ଏବଂ ପ୍ରତ୍ୟେକ ଆର୍ଥିକ ବର୍ଷ ପାଇଁ ଡିସେମ୍ବର ଶେଷ ପୂର୍ବରୁ ଏହାକୁ ପରିଚାଳନା କମିଟିରେ ଦାଖଲ କରିବାକୁ ଜନାଦେଶ ଜାରି କରିଥିଲେ । |

ପରିଚାଳନା କମିଟି ଏବଂ କାର୍ଯ୍ୟନିର୍ବାହୀ କମିଟି ମଧ୍ୟ ରାଜ୍ୟ କାମ୍ପା ପାଣ୍ଠିର ତଦାରଖ ଏବଂ ଉପଯୋଗ, ଏପିଓକୁ ଅନୁମୋଦନ କରିବା ଏବଂ ପାଣ୍ଠିର ପ୍ରାପ୍ତି ଏବଂ ଖର୍ଚ୍ଚର ସଠିକ୍ ଅଡିଟ୍ ସୁନିଶ୍ଚିତ କରିବା ପାଇଁ ଦାୟୀ।

### 4.1.2 ସମୀକ୍ଷାର ଉଦ୍ଦେଶ୍ୟ

ଆକଳନ କରିବା ସମୀକ୍ଷାର ମୁଖ୍ୟ ଉଦ୍ଦେଶ୍ୟ ଥିଲା:

❖ କ୍ଷତିପୂରକ ବନୀକରଣ, ସଂରକ୍ଷିତ ଜଙ୍ଗଲର ସଂରକ୍ଷଣ ଏବଂ ସୁରକ୍ଷା ତଥା ଉପଭୋକ୍ତା ଏଜେନ୍ସିରୁ ଉପଭୋକ୍ତା ଦେୟ ସଂଗ୍ରହ ପାଇଁ ଯୋଜନା କାର୍ଯ୍ୟକାରୀ କରିବା ପାଇଁ ବାର୍ଷିକ ଯୋଜନା ପ୍ରକ୍ରିୟା ଫଳପ୍ରଦ ଥିଲା;

❖ କାମ୍ପା ଅଧୀନରେ ବୃକ୍ଷରୋପଣ କାର୍ଯ୍ୟକଳାପ ଏବଂ ବାଧ୍ୟତାମୂଳକ ସଂରକ୍ଷଣ ପଦକ୍ଷେପ ଯେପରିକି କ୍ଷତିପୂରକ ବନୀକରଣ (ସିଏ), କ୍ୟାଚ୍‌ମେଣ୍ଟ କ୍ଷେତ୍ର ଉପଚାର (ସିଏଟି) ଇତ୍ୟାଦି ପ୍ରଭାବଶାଳୀ ଭାବରେ କରାଯାଇଥିଲା;

❖ ପାଣ୍ଠିର ଆର୍ଥିକ ପରିଚାଳନା ଅର୍ଥନୈତିକ, ଦକ୍ଷ ଏବଂ ପ୍ରଭାବଶାଳୀ ଥିଲା; ଏବଂ

❖ ଏକ ପ୍ରଭାବଶାଳୀ ପର୍ଯ୍ୟାଲୋଚନା କୌଶଳ ଥିଲା।

### 4.1.3 ଅଡିଟ୍ ମାନଦଣ୍ଡ

ଅଡିଟ୍ ଫଳାଫଳଗୁଡ଼ିକ ନିମ୍ନଲିଖିତ ମାନଦଣ୍ଡରେ ମୂଲ୍ୟାୟନ ହୋଇଛି:

- କ୍ଷତିପୂରକ ବନୀକରଣ ପାଣ୍ଠି ଅଧିନିୟମ (ସିଏଏଫ୍) 2016 ଏବଂ କ୍ଷତିପୂରକ ବନୀକରଣ ପାଣ୍ଠି (ସିଏଏଫ୍) ନିୟମ; 2018
- ଜଙ୍ଗଲ (ସଂରକ୍ଷଣ) ଅଧିନିୟମ, 1980, ଓଡ଼ିଶା ଜଙ୍ଗଲ ବୃକ୍ଷରୋପଣ ମାନୁଆଲ୍ (ଓଏଫ୍‌ପିଏମ୍), 1977, ଓଡ଼ିଶା ଜଙ୍ଗଲ ବିଭାଗ ସଂହିତା (ଓଏଫ୍‌ଡି), 2020, ପରିଚାଳନା ଯୋଜନା ପ୍ରଣାଳୀ ସଂହିତା (ସିଏମ୍‌ପିପି), 1990, ଓଡ଼ିଶା ବନକ୍ଷେତ୍ର ଦର୍ଶନ, 2020, ଜାତୀୟ ଜଙ୍ଗଲ ନୀତି (ଏନ୍‌ଏଫ୍‌ପି), 1988 ଏବଂ ବନ୍ୟଜନ୍ତୁ ସୁରକ୍ଷା ଆଇନ୍, 1972
- ଓଡ଼ିଶା ସାଧାରଣ ଆର୍ଥିକ ନିୟମାବଳୀ (ଓଜିଏଫ୍‌ଆର୍), ଓଡ଼ିଶା ଟ୍ରେଜେରୀ କୋଡ୍ (ଓଟିସି), କ୍ରୟ ନିର୍ଦ୍ଦେଶାବଳୀ ଏବଂ ଅର୍ଥ ବିଭାଗ ବିଜ୍ଞପ୍ତି
- ଇଣ୍ଡିଆ ଷ୍ଟେଟ୍ ଅଫ୍ ଫରେଷ୍ଟ ରିପୋର୍ଟ (ଆଇଏସ୍‌ଏଫ୍‌ଆର୍), ଫରେଷ୍ଟ ସର୍ଭେ ଅଫ୍ ଇଣ୍ଡିଆ, ସ୍କିମ୍ ଗାଇଡ୍ ଲାଇନ୍ ଏବଂ ଅନୁମୋଦିତ ମୂଲ୍ୟ ରୀତି
- ବାର୍ଷିକ କାର୍ଯ୍ୟକଳାପ ରିପୋର୍ଟ ଏବଂ ବିଭାଗର ଅନ୍ୟାନ୍ୟ ରିପୋର୍ଟ, କାର୍ଯ୍ୟ ଯୋଜନା (ଗୁଡ଼ିକ)/ ଯୋଜନା (ଗୁଡ଼ିକ) ଏବଂ କାମ୍ପା କାର୍ଯ୍ୟ ସମ୍ପାଦନର ବାର୍ଷିକ ଯୋଜନା (ଏପିଓ) ଏବଂ
- ବସ୍ତୁଗତ / ଆର୍ଥିକ ଲକ୍ଷ୍ୟ/ ରୀତି, ସରକାର/ ପିସିସିଏଫ୍(ଓ) ଏବଂ ଏଚ୍‌ଓଏଫ୍‌ଏଫ୍ ଦ୍ୱାରା ନିର୍ଦ୍ଧାରିତ

### 4.1.4 ଅଡିଟ୍ ପରିସର ଏବଂ ପଦ୍ଧତି

ନୋଡାଲ୍ ଅଫିସର ରାଜ୍ୟ କାମ୍ପା ରେକର୍ଡଗୁଡ଼ିକର ଯାଞ୍ଚ ମାଧ୍ୟମରେ ଆଡ-ହକ୍ କାମ୍ପାକୁ ପାଣ୍ଠିର ଅନ୍ତଃପ୍ରବାହ ସହିତ ରାଜ୍ୟ କାମ୍ପାର କାର୍ଯ୍ୟକାରିତାକୁ ଆକଳନ କରିବା ପାଇଁ ଜୁନ୍ ରୁ ନଭେମ୍ବର 2022 ମଧ୍ୟରେ ବିସ୍ତୃତ

ଅନୁପାଳନ ସମୀକ୍ଷା (ଡିସିଏ) କରାଯାଇଥିଲା ଏବଂ 20 ଟି ବିଭାଗୀୟ ବନ ଅଧିକାରୀ[78] (ଡିଏଫ୍ଓ) ଏବଂ ମୋଟ 60 ଟି କ୍ଷେତ୍ର ୟୁନିଟ୍ ମଧ୍ୟରୁ ଚାରିଟି ଅନ୍ୟାନ୍ୟ ୟନିଟ୍[79] ଯାହାକି 2019-20 ରୁ 2021-22 ପର୍ଯ୍ୟନ୍ତ ଅନ୍ତର୍ଭୁକ୍ତ ଥିଲା । କାମ୍ପା ପାଣ୍ଠିରେ ହୋଇଥିବା ଖର୍ଚ୍ଚ ଉପରେ ଆଧାର କରି ସ୍ତରୀତ ରାଣ୍ଡମ୍ ନମୁନା ସଂଗ୍ରହ ପଦ୍ଧତି ମାଧ୍ୟମରେ ୟୁନିଟ୍ ଗୁଡ଼ିକ ଚୟନ କରାଯାଇଥିଲା । ଅଡିଟ୍ ଅବଧି, ଅଡିଟ୍ ଉଦ୍ଦେଶ୍ୟ, ଅଡିଟ୍ ମାନଦଣ୍ଡ ଏବଂ ପରିସର ବିଷୟରେ 27 ଅକ୍ଟୋବର 2022 ରେ ଏଫ୍ଇଆଣ୍ଡସିସି ବିଭାଗ ସହିତ ଏକ ପ୍ରବେଶ ସମ୍ମିଳନୀରେ ଆଲୋଚନା କରାଯାଇଥିଲା । 28 ମାର୍ଚ୍ଚ 2023 ରେ ଏକ ପ୍ରସ୍ଥାନ ସମ୍ମିଳନୀରେ ଏଫ୍ଇଆଣ୍ଡସିସି ବିଭାଗ ସହିତ ଅଡିଟ୍ ଫଳାଫଳ ଉପରେ ଆଲୋଚନା କରାଯାଇ ଥିଲା ଏବଂ ଉତ୍ତରଗୁଡ଼ିକ ପ୍ରତିବେଦନରେ ଉପଯୁକ୍ତ ଭାବରେ ଅନ୍ତର୍ଭୁକ୍ତ କରାଯାଇଥିଲା ।

ଏହି ଡିସିଏ, ବନ ବିଭାଗ ଏବଂ ଭିତ୍ତିଭୂମି କାର୍ଯ୍ୟକଳାପ ଯେପରକି ସହାୟକ ସିଲଭିକଲଚରାଲ୍ ଅପରେସନ (ଏସ୍ଏସ୍ଓ) କାର୍ଯ୍ୟକଳାପ, ଜଳାଶୟ ଏବଂ କଲଭର୍ଟ ଯାଞ୍ଚ କରିବା ଏବଂ ଓଡ଼ିଶା ସରକାରଙ୍କ ଜଙ୍ଗଲ ବିଭାଗ ଠାରୁ ଆରମ୍ଭ କରି ଜଙ୍ଗଲ ବିଟ୍ ସ୍ତରରେ ଥିବା ଫିଲ୍ଡ ସାଇଟ୍ ପର୍ଯ୍ୟନ୍ତ "ଟପ୍ ଡାଉନ୍" ପଦ୍ଧତି ମାଧ୍ୟମରେ ବୃକ୍ଷରୋପଣର ବଞ୍ଚିବା ଶତକଡ଼ା ଯାଞ୍ଚ କରିବା ପାଇଁ ଫଳାଫଳ ଆଭିମୁଖ୍ୟ ପନ୍ଥା ଅନୁସରଣ କରିଥିଲା । ସେହି ଅନୁଯାୟୀ ଅଡିଟ୍ ପଦ୍ଧତିରେ ରାଜ୍ୟ କାମ୍ପା ପାଣ୍ଠି ସହିତ ଜଡ଼ିତ ନୀତି ଏବଂ ଯୋଜନା ଦସ୍ତାବିଜ୍ଗୁଡ଼ିକର ଯାଞ୍ଚ, ପାଣ୍ଠି ଆବଣ୍ଟନ ପ୍ରଣାଳୀର ଯାଞ୍ଚ, ପାଣ୍ଠି ଉଠାଣ ଏବଂ ବ୍ୟବହାର, ରେକର୍ଡଗୁଡ଼ିକର ପରୀକ୍ଷା ଯେପରିକି ନିଟ୍ ପ୍ରେଜେଣ୍ଟ ଭେଲ୍ୟୁ (ଏନ୍ପିଭି) କ୍ଷତିପୂରକ ବନୀକରଣ (ସିଏ) କ୍ୟାଚ୍ମେଣ୍ଟ କ୍ଷେତ୍ର ଉପଚାର ଯୋଜନା (ସିଏଟିପି), ଭିତ୍ତିଭୂମି ବିକାଶ, ସୁରକ୍ଷା, ସହାୟକ ସିଲଭିକଲଚର ଅପରେସନ୍ (ଏସେସୋ) କାର୍ଯ୍ୟକଳାପ ଏବଂ ବୃକ୍ଷରୋପଣ ଡାଟାବେସ୍, ରେଜିଷ୍ଟର ଏବଂ ଜର୍ଣ୍ଣାଲ, ନଗଦ ଆକାଉଣ୍ଟ୍, ଷ୍ଟୋର ଆକାଉଣ୍ଟ, ନର୍ସରୀ ରେକର୍ଡ ଇତ୍ୟାଦି ଏବଂ ବୃକ୍ଷରୋପଣ କ୍ଷେତ୍ରଗୁଡ଼ିକର ମିଳିତ ସରଜମିନ୍ ତଦନ୍ତ (ଜେପିଆଇ), କାମ୍ପା ଅଧୀନରେ ଗଠିତ ହୋଇଥିବା ବୃକ୍ଷରୋପଣ ବଞ୍ଚିବାର ଶତକଡ଼ା ଏବଂ ସମ୍ପତ୍ତିର ଯାଞ୍ଚ ଅନ୍ତର୍ଭୁକ୍ତ ।

## ଅଡିଟ୍ ଫଳାଫଳ

ଅଡିଟ୍ ଫଳାଫଳ ଗୁଡ଼ିକରେ ରାଜ୍ୟ କାମ୍ପା ଗଠନରେ ତ୍ରୁଟି, ଜଙ୍ଗଲ ଜମିର ପରିବର୍ତ୍ତନ ପଦ୍ଧତି, କାର୍ଯ୍ୟ ସମ୍ପାଦନର ବାର୍ଷିକ ଯୋଜନା (ଏପିଓ) ପ୍ରସ୍ତୁତି ଏନ୍ପିଭି ସଂଗ୍ରହ, କ୍ଷତିପୂରକ ବନୀକରଣ (ସିଏ), ସର୍ତ୍ତମୂଳକ କାର୍ଯ୍ୟ, କାମ୍ପା ପାଣ୍ଠିର ହିସାବ ବ୍ୟବସ୍ଥାରେ ତ୍ରୁଟି, ପାଣ୍ଠି ଏବଂ କାର୍ଯ୍ୟକଳାପର ତଦାରଖ ପରବର୍ତ୍ତୀ ଅନୁଚ୍ଛେଦରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଅଛି ।

## 4.2 ଯୋଜନା

### 4.2.1 ରାଜ୍ୟ କାମ୍ପା ଗଠନରେ ତ୍ରୁଟି

ଭାରତ ସରକାରଙ୍କ ଦ୍ୱାରା ଜାରି (ଜୁଲାଇ 2009) କରାଯାଇଥିବା ରାଜ୍ୟ କାମ୍ପା ମାର୍ଗଦର୍ଶିକାର ଅନୁଚ୍ଛେଦ 10(1), 14 ଏବଂ 15 ଅନୁଚ୍ଛେଦ ଅନୁଯାୟୀ ରାଜ୍ୟ ସରକାର ରାଜ୍ୟରେ କାମ୍ପା ସ୍ଥାପନ କରିବା ସହ ରାଜ୍ୟ କାମ୍ପାର କାର୍ଯ୍ୟକାରତା ପାଇଁ ତିନିଟି କମିଟି ଗଠନ କରିବାକୁ ପଡ଼ିଥିଲା ଯଥା (i) ଆପେକ୍ସ ସ୍ତରରେ ପରିଚାଳକ ନିକାୟ (ଜିବି) (ii) ପ୍ରଚାଳନ କମିଟି (ଏସ୍ସି) ଏବଂ (iii) କାର୍ଯ୍ୟନିର୍ବାହୀ କମିଟି(ଇସି) ।

ଏଫ୍ଇ ଆଣ୍ଡ ସିସି ବିଭାଗର ରେକର୍ଡ ଯାଞ୍ଚ (ଜୁନ୍ 2022) ରୁ ଜଣାଗଲା ଯେ ରାଜ୍ୟ କାମ୍ପା 29 ସେପ୍ଟେମ୍ବର

---

78 ଡିଏଫ୍ଓ: ଆଠଗଡ଼, ବାଲିଗୁଡ଼ା, ବରଗଡ଼, ବ୍ରହ୍ମପୁର, ଭଦ୍ରକ (ଡବ୍ଲୁଏଲ୍), ବଣେଇ, ବୌଦ୍ଧ, ଦେବଗଡ଼, ଢେଙ୍କାନାଳ, ଜୟପୁର, କଳାହାଣ୍ଡି(ଉତ୍ତର), କେନ୍ଦୁଝର, ଖରିଆର, ନୟାଗଡ଼, ନବରଙ୍ଗପୁର, ରେଢାଖୋଲ, ପୁରୀ (ଡବ୍ଲୁଏଲ୍), ରାୟଗଡ଼ା, ସୁନ୍ଦରଗଡ଼, ଶିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟ (ଉତ୍ତର)

79 ରାଜ୍ୟ ସିଲଭିକଲ୍ଚରିଷ୍ଟ ସେଣ୍ଟର, ଫରେଷ୍ଟର ଟ୍ରେନିଂ ସ୍କୁଲ, ନନ୍ଦନକାନନ ପ୍ରାଣୀ ଉଦ୍ୟାନ ଓ ଓଡ଼ିଶା ବନ ବିଭାଗ ବିକାଶ ପ୍ରକଳ୍ପ

2018[80] ରେ ଗଠିତ ହୋଇଥିଲା ଏବଂ ରାଜ୍ୟ ସରକାର ମଧ ଉପରୋକ୍ତ ତିନିଟି କମିଟିକୁ (ସେପ୍ଟେମ୍ବର 2018) ପୁନଃଗଠିତ ସଂସ୍ଥାପିତ କରି ରାଜ୍ୟ କାମ୍ପାକୁ କାର୍ଯ୍ୟକ୍ଷମ କରିଥିଲେ । ଏଣୁ, ଭାରତ ସରକାରଙ୍କ ଦ୍ୱାରା କାମ୍ପା ନିର୍ଦ୍ଦେଶାବଳୀ ବିଜ୍ଞପ୍ତି ପ୍ରକାଶ ପାଇବାର ନଅ ବର୍ଷ ବିଳମ୍ବରେ ଓଡ଼ିଶାରେ ରାଜ୍ୟ କାମ୍ପା ଗଠନ କରାଯାଇ ଥିଲା । ସେହି ଭାବରେ ମାନ୍ୟବର ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶ ପାଳନ ହୋଇପାରିଲା ନାହଁ, ଯାହା ଦ୍ୱାରା ରାଜ୍ୟ ଦ୍ୱାରା ସଂଗୃହିତ ଅର୍ଥର ବିନିଯୋଗ ପାଇଁ ପରିଚାଳନାର ସ୍ଥାୟୀ ସଂସ୍ଥାଗତ ବ୍ୟବସ୍ଥାର ଅଭାବ ଦେଖାଦେଇଥିଲା ।

ଏହାର ଉତ୍ତରରେ ସରକାର ବ୍ୟକ୍ତ କଲେ (ମାର୍ଚ୍ଚ 2023) ଯେ ବର୍ଷ 2009 ରେ ତିନିଟି କମିଟି ଗଠନ କରାଯାଇଥିଲା । ସେପ୍ଟେମ୍ବର 2018 ରେ ଗଭର୍ଣ୍ଣିଂ ବଡି ଓ ଅନ୍ୟାନ୍ୟ କମିଟି ଗୁଡ଼ିକର ସଂପୂର୍ଣ୍ଣ କାର୍ଯ୍ୟକ୍ଷମ ଓ କ୍ଷମତା ସହିତ ରାଜ୍ୟ କାମ୍ପା ଗଠନ ହୋଇଥିବାରୁ ଏହାର ଉତ୍ତର ଗ୍ରହଣୀୟ ନଥିଲା ।

### 4.2.1.1 ପରିଚାଳକ ନିକାୟର ଅଣକାର୍ଯ୍ୟକାରିତା

କାମ୍ପା ଆଇନ୍ 2016 ର ଧାରା 17(1)(i) ଏବଂ (ii) ଅନୁଯାୟୀ ସର୍ବୋଚ୍ଚ ସ୍ତରରେ ପରିଚାଳକ ନିକାୟ (ଜିବି), ରାଜ୍ୟ କାମ୍ପାର କାର୍ଯ୍ୟକାରିତା ପାଇଁ ବ୍ୟାପକ ନୀତିଢାଞ୍ଚା ନିର୍ଦ୍ଧାରିତ କରିବା ସହ ବିଭିନ୍ନ ସମୟରେ ଏହାର କାର୍ଯ୍ୟକାରିତାର ସମୀକ୍ଷା କରିବାର ଥିଲା । ଏହି ଅଧିନିୟମର ଧାରା 17 (2) ନିର୍ଦ୍ଧାରଣ କରିଛି ଯେ, ଅତିକମ୍‌ରେ ଛଅ ମାସରେ ଥରେ ଜିବି ବୈଠକ ହେବା ଆବଶ୍ୟକ । ଅଡିଟ୍ ଲକ୍ଷ୍ୟ କଲା ଯେ, ଜୁନ୍ 2022 ସୁଦ୍ଧା ଜିବି ନୀତି ଢାଞ୍ଚା ନିର୍ଦ୍ଧାରଣ କରିନଥିଲା କିମ୍ବା କାମ୍ପାର କାର୍ଯ୍ୟକାରିତାର ସମୀକ୍ଷା ମଧ କରିନଥିଲା । ଯେହେତୁ ଜିବି ଏହାର ଗଠନ ପରଠାରୁ ଅର୍ଥାତ୍ ସେପ୍ଟେମ୍ବର 2018 ରୁ କୌଣସି ବୈଠକ କରିନଥିଲା ।  ତେଣୁ, ବ୍ୟାପକ ନୀତି ଢାଞ୍ଚା ନିର୍ଦ୍ଧାରଣ ଓ ନିୟମିତ ସମୀକ୍ଷା ଅଭାବରୁ ରାଜ୍ୟ କାମ୍ପାର କାର୍ଯ୍ୟକାରିତା ନିର୍ଦ୍ଦେଶ ବିହୀନ ଏବଂ ସମୀକ୍ଷା ବିହୀନ ହୋଇ ରହିଥିଲା ।

ଅଡିଟ୍ ପର୍ଯ୍ୟବେକ୍ଷଣକୁ ସ୍ୱୀକାର କରି ସରକାର ଦର୍ଶାଇଲେ (ମାର୍ଚ୍ଚ 2023) ଯେ ପରିଚାଳକ ନିକାୟ ବୈଠକ ଡାକିବା ଲାଗି ପଦକ୍ଷେପ ନିଆଯାଇଛି ।

### 4.2.1.2 ପ୍ରଚାଳନ କମିଟି ଓ କାର୍ଯ୍ୟନିର୍ବାହୀ କମିଟି ଦ୍ୱାରା ବୈଠକ ଅସଂଗଠିତ

କାମ୍ପା ଆଇନ୍ 2016 ର ଧାରା 18 (2) ଏବଂ 19 (2) ଅନୁଯାୟୀ ତିନି ମାସରେ ଅନ୍ତତଃ ଥରେ ଏହି କମିଟି ଗୁଡ଼ିକ ବୈଠକ କରିବା ଆବଶ୍ୟକ । ପ୍ରଚାଳନ କମିଟି ଓ କାର୍ଯ୍ୟନିର୍ବାହି କମିଟି ଏପିଓ ଗୁଡ଼ିକ ପ୍ରସ୍ତୁତ କରି ରାଜ୍ୟ କାମ୍ପାର କାର୍ଯ୍ୟକାରିତା ପାଇଁ ନିୟମାବଳୀ ଓ ପ୍ରଣାଳୀ ନିର୍ଦ୍ଧାରଣ / ଅନୁମୋଦନ କରିବାର ଥିଲା । ଅଡିଟ୍‌ରୁ ଜଣାଗଲା ଯେ 2019-22 ଅବଧିରେ ପ୍ରତିଟି କମିଟିରେ 12 ଟି ବୈଠକ ଆବଶ୍ୟକ ଥିବା ବେଳେ ପ୍ରଚାଳନ କମିଟି କେବଳ ତିନିଟି ବୈଠକ କରିଥିଲା ଏବଂ କାର୍ଯ୍ୟନିର୍ବାହୀ କମିଟି କେବଳ ଦୁଇଟି ବୈଠକ କରିଥିଲା । ତେଣୁ, କାମ୍ପା ପାଣ୍ଠିରୁ ପାଣ୍ଠିର ଉପଯୋଗ ଏବଂ ପ୍ରକଳ୍ପର ଅଗ୍ରଗତିର ତଦାରଖ କରାଯାଇ ନଥିଲା, ଯାହା ଏହି କମିଟି ଗୁଡ଼ିକର ଅସ୍ତିତ୍ୱର ଉଦ୍ଦେଶ୍ୟକୁ ବିଫଳ କରିଛି ।

ଏହାର ଉତ୍ତରରେ ସରକାର ଦର୍ଶାଇଲେ (ମାର୍ଚ୍ଚ 2023) ଯେ, 2019-22 ଅବଧିରେ ତିନିଟି କାର୍ଯ୍ୟନିର୍ବାହୀ କମିଟି ଏବଂ ତିନିଟି ପ୍ରଚାଳନ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା । କିନ୍ତୁ, ପ୍ରକୃତପକ୍ଷେ ପ୍ରତ୍ୟେକ କମିଟିର 12 ଟି ବୈଠକର ଆବଶ୍ୟକ ଥିବା ବେଳେ ମାତ୍ର ତିନିଟି ବୈଠକ ଅନୁଷ୍ଠିତ ହୋଇଥିବା ରେକର୍ଡରେ ଦର୍ଶାଯାଇଥିଲା ।

### 4.2.2 ପରିଚାଳନା ନିକାୟ ଦ୍ୱାରା ବାର୍ଷିକ କାର୍ଯ୍ୟ ଯୋଜନା ଅନୁମୋଦନ ନହେବା ଓ ଏପିଓ ଗୁଡ଼ିକ ଦାଖଲ କରିବାରେ ବିଳମ୍ବ

ସିଏଏଫ୍ ନିୟମାବଳୀ 2018ର ନିୟମ 36 ଅନୁଯାୟୀ, ଜିବି ଦ୍ୱାରା ପ୍ରସ୍ତୁତ ଓ ଅନୁମୋଦିତ ଏପିଓ ଆଧାରରେ ରାଜ୍ୟ କାମ୍ପା ଆଗାମୀ ଆର୍ଥିକ ବର୍ଷ ପାଇଁ କ୍ଷେତ୍ରୀୟ ୟୁନିଟ୍ ମାନଙ୍କ ଠାରୁ ସ୍ଥାନ ଅନୁସାରେ ଫର୍ମ VI ରେ

[80] ବିଜ୍ଞପ୍ତି ସଂଖ୍ୟା-21066/ ଏଫ୍‌ଆଣ୍ଡଇ ତାରିଖ 29 ସେପ୍ଟେମ୍ବର 2018. ରାଜ୍ୟ କାମ୍ପାର ପରିଚାଳନା କମିଟି ଏବଂ କାର୍ଯ୍ୟନିର୍ବାହୀ କମିଟି ଗଠନ/ ପୁନର୍ଗଠନ ମାମଲାରେ ଏଫ୍‌ଆଣ୍ଡଇ ବିଭାଗର ପୂର୍ବ ପାଞ୍ଚଟି ବିଜ୍ଞପ୍ତିକୁ ଚୂଡ଼ାନ୍ତ ବିଜ୍ଞପ୍ତି ତାରଖ 29 ସେପ୍ଟେମ୍ବର 2018 ଅଧିକ୍ରାନ୍ତ କରିନେଇଛି ।

ଆନୁମାନିକ ପ୍ରାପ୍ତି ଓ ବ୍ୟୟ ଆଧାରରେ ପ୍ରସ୍ତାବ ଗ୍ରହଣ କରି ନିଜର ବଜେଟ୍ ପ୍ରସ୍ତୁତ କରିବ । ସେହି ଏପିଓକୁ 31 ଡିସେମ୍ବର ସୁଦ୍ଧା ପ୍ରତି ଆର୍ଥିକ ବର୍ଷରେ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କୁ ପଠାଇବା କଥା । ଏହି ପାଣ୍ଠିର ପ୍ରବାହ ନିମ୍ନ ତାଲିକାରେ ଉଲ୍ଲେଖ କରାଯାଇଛି:

**ଚାର୍ଟ-5: ପାଣ୍ଠିର ପ୍ରବାହ ଚାର୍ଟ**




### 4.2.2.1 ଜାତୀୟ କାମ୍ପାକୁ ଏପିଓ ଦାଖଲର ସ୍ଥିତି ଏବଂ 2019-22 ଅବଧିରେ ପାଣ୍ଠି ପ୍ରାପ୍ତି

2019-22 ବାର୍ଷିକ ଅବଧିରେ ଏପିଓ ଗୁଡ଼ିକ ଦାଖଲର ବର୍ଷଓ୍ୱାରୀ ବିବରଣୀ ଏବଂ ଜାତୀୟ କାମ୍ପା ଦ୍ୱାରା ପାଣ୍ଠି ପ୍ରଦାନ **ସାରଣୀ 4.1** ରେ ଉଲ୍ଲେଖ କରାଯାଇଛି ।

**ସାରଣୀ- 4.1: 2019-22 ଅବଧିରେ ଜାତୀୟ କାମ୍ପାକୁ ଏପିଓ ଦାଖଲ ଏବଂ ଏହାର ପାଣ୍ଠି ପ୍ରାପ୍ତି କରିବାରେ ବିଳମ୍ବ**

| ଆର୍ଥିକ ବର୍ଷ | ଇସିଙ୍କ ଦ୍ୱାରା ଦାଖଲ ତାରିଖ | ଏସ୍‌ସିଙ୍କ ଅନୁମୋଦନ ତାରିଖ | ଏପିଓ ଗୁଡ଼ିକ ପ୍ରସ୍ତୁତିରେ ବିଳମ୍ବର ଅବଧି | ଜିବି ଦ୍ୱାରା ଦାଖଲ/ ଅନୁମୋଦନ ପାଇଁ ଜମା କରିବାର ତାରିଖ | ଜାତୀୟ ପ୍ରାଧିକରଣ, କାମ୍ପାରେ ଦାଖଲ ତାରିଖ | ଏପିଓ ଦାଖଲ କରିବାରେ ବିଳମ୍ବର ଅବଧି | ଜାତୀୟ କାମ୍ପାରୁ ଅର୍ଥ ପାଇବାର ତାରିଖ |
|---|---|---|---|---|---|---|---|
| *1* | *2* | *3* | *4* | *5* | *6* | *7* | *8* |
| 2019-20 | 06.12.2018 | 20.12.2018 | ବିଳମ୍ବିତ ନୁହେଁ | ଦାଖଲ ହୋଇନାହିଁ | 21 ଜାନୁଆରୀ 2019 | 20 ଦିନ | 21 ଜୁନ୍, 15 ଅକ୍ଟୋବର 2019 |
| 2020-21 | 28.01.2020 | 11.02.2020 | 27 ଦିନ | ଦାଖଲ ହୋଇନାହିଁ | 20 ଅପ୍ରେଲ 2020 | 109 ଦିନ | 08 ମଇ, 02 ଜୁଲାଇ, 02 ସେପ୍ଟେମ୍ବର 2020 |
| 2021-22 | 20.11.2020 | 07.01.2021 | ବିଳମ୍ବିତ ନୁହେଁ | ଦାଖଲ ହୋଇନାହିଁ | 20 ମାର୍ଚ୍ଚ 2021 | 78 ଦିନ | 19 ଅଗଷ୍ଟ, 09 ନଭେମ୍ବର 2021 ଏବଂ 03 ଫେବୃଆରୀ 2022 |

*ଉତ୍ସ: ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ରାଜ୍ୟ କାମ୍ପାଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା*

ଉପରୋକ୍ତ ସାରଣୀରୁ ନିମ୍ନୋକ୍ତ ଅନିୟମିତତା ପରିଲକ୍ଷିତ ହୋଇଥିଲା:

(i) ଜିବିର କ୍ଷମତାକୁ ଅତିକ୍ରାନ୍ତ କରି ପ୍ରଚାଳନ କମିଟି ଜାତୀୟ ପ୍ରାଧିକରଣ, କାମ୍ପାକୁ ଏପିଓ ଗୁଡ଼ିକ ଜିବିର ଅନୁମୋଦନ ବିନା 20 ରୁ 109 ଦିନ ବିଳମ୍ବରେ ପ୍ରଦାନ କରିଥିଲେ ।

(ii) ଜୁନ୍ ଏବଂ ଜୁଲାଇ ମାସର ରୋପଣ ଅବଧି ଶେଷ ହେବା ପରେ ଆର୍ଥିକ ବର୍ଷର ମଧ୍ୟଭାଗରେ ରାଷ୍ଟ୍ରୀୟ କାମ୍ପା ଦ୍ୱାରା ରାଜ୍ୟ କର୍ତ୍ତୃପକ୍ଷଙ୍କୁ ଏହି ଅର୍ଥ ପ୍ରଦାନ କରାଯାଇଥିଲା, ଯଦିଓ ଜିବି ଦ୍ୱାରା ଏପିଓ ଗୁଡ଼ିକ ଅନୁମୋଦିତ ହୋଇନଥିଲା । ଉପରୋକ୍ତ ଅନିୟମିତତା ଫଳରେ କ୍ଷେତ୍ରୀୟ ୟୁନିଟ୍ ଗୁଡ଼ିକରେ ଅର୍ଥ ବିନିଯୋଗ ପ୍ରଭାବିତ ହୋଇଥିଲା । ପରିଣାମ ସ୍ୱରୂପ ଯୋଜନା ବଦ୍ଧ କାର୍ଯ୍ୟକଳାପ ପ୍ରଭାବୀ ଢଙ୍ଗରେ କାର୍ଯ୍ୟକାରୀ ହୋଇପାରିଲା ନାହିଁ, ଯାହା ପରବର୍ତ୍ତୀ ଅନୁଚ୍ଛେଦରେ ଆଲୋଚନା କରାଯାଇଛି ।

### 4.2.2.2 ଏପିଓର ଅନୁପଯୁକ୍ତ ବ୍ୟବସ୍ଥିତ କରିବା କାରଣରୁ ଅଯଥା ଖର୍ଚ୍ଚ

ପିସିସିଏଫ୍ (ଡବ୍ଲୁଏଲ୍) ରେକର୍ଡ ଯାଞ୍ଚରୁ ଜଣାପଡ଼ିଛି ଯେ, 2015-16 ଆର୍ଥିକ ବର୍ଷରେ ବାମରା (ଡବ୍ଲୁଏଲ୍) ଡିଭିଜନର ଦୁଇଟି ବନ୍ୟପ୍ରାଣୀ ରେଞ୍ଜରେ ସାଇଟ୍ ବିନିର୍ଦ୍ଦିଷ୍ଟ ବନ୍ୟ ପ୍ରାଣୀ ସଂରକ୍ଷଣ ଯୋଜନା

(ଏସ୍ଏସ୍ଡବ୍ଲୁସିପି) ଅଧିନରେ ପାଞ୍ଚଟି[81] ସଂରକ୍ଷିତ ଜଙ୍ଗଲ (ଆର୍ଏଫ୍) ରେ 95 ହେକ୍ଟରରୁ ଅଧିକ ଜମିରେ 15 ଲକ୍ଷ ଟଙ୍କା ବ୍ୟୟରେ ସହାୟତା ପ୍ରାପ୍ତ ପ୍ରାକୃତିକ ପୁନରୁତ୍ପାଦନ (ଏଏନ୍ଆର୍) ବୃକ୍ଷ ରୋପଣ କରାଯାଇଥିଲା । କିନ୍ତୁ, 2016-17 ଏବଂ 2017-18 ଆର୍ଥିକ ବର୍ଷରେ ଦ୍ୱିତୀୟ ଏବଂ ତୃତୀୟ ବର୍ଷ ପାଇଁ କାମ୍ପା ଏପିଓ 2015-16 ଏବଂ 2016-17 ଅଧିନରେ ଏହି ବୃକ୍ଷରୋପଣ ପାଇଁ ପାଣ୍ଠିର ବ୍ୟବସ୍ଥା କରାଯାଇ ନଥିଲା । 2016-17 ଠାରୁ 2019-20 ଆର୍ଥିକ ବର୍ଷରେ ରକ୍ଷଣାବେକ୍ଷଣ ଅଭାବରୁ ବଞ୍ଚିବାର ହାର ମାତ୍ର 7.5 ପ୍ରତିଶତ ଥିବାରୁ 2020-21 ଆର୍ଥିକ ବର୍ଷରେ ଏହି ବୃକ୍ଷ ରୋପଣର ରକ୍ଷଣାବେକ୍ଷଣ ପାଇଁ ଆବଣ୍ଟନ ହୋଇଥିବା 34.42 ଲକ୍ଷ ଟଙ୍କା ଡିଏଫ୍ଓ ଫେରସ୍ତ କରିଥିଲେ । ଏହାଫଳରେ ବୃକ୍ଷରୋପଣ କାର୍ଯ୍ୟର ପ୍ରଥମ ଦୁଇ ବର୍ଷ ପାଇଁ 15 ଲକ୍ଷ ଟଙ୍କା ଅଯଥା ଖର୍ଚ୍ଚ ହେବା ସହିତ ବୃକ୍ଷରୋପଣର ଲକ୍ଷ୍ୟ ହାସଲ କରିବାରେ ବିଫଳ ହୋଇଥିଲା ।

ଏହାର ଉତ୍ତରରେ ସରକାର ଦର୍ଶାଇଲେ (ମାର୍ଚ୍ଚ 2023) ଯେ, ବନ୍ୟ ହାତୀଙ୍କ ପ୍ରାକୃତିକ ବାସସ୍ଥଳୀରେ ବୃକ୍ଷରୋପଣ କରାଯାଇଥିଲା ଏବଂ ବନ୍ୟ ହାତୀଙ୍କ ଚଳପ୍ରଚଳ ଯୋଗୁଁ ଏହା କ୍ଷତିଗ୍ରସ୍ତ ହୋଇଛି । ଉତ୍ତର ଗ୍ରହଣୀୟ ନଥିଲା କାରଣ ବୃକ୍ଷରୋପଣର ରକ୍ଷଣାବେକ୍ଷଣ ହୋଇନଥିବାରୁ ବୃକ୍ଷରୋପଣର ବଞ୍ଚିବାର ହାର 7.5 ପ୍ରତିଶତ ଥିଲା ।

### 4.2.3 ବନୀକରଣ କାର୍ଯ୍ୟ ପାଇଁ ଲ୍ୟାଣ୍ଡ ବ୍ୟାଙ୍କ ଗଠନରେ ବିଳମ୍ବ

ଜଙ୍ଗଲ (ସଂରକ୍ଷଣ) ଅଧିନିୟମ 1980 ର ଧାରା 2.1 ଏବଂ 2.3 ଅନୁଯାୟୀ ଜଙ୍ଗଲ ଜମିକୁ ଅଣ-ଜଙ୍ଗଲ ଉଦ୍ଦେଶ୍ୟରେ କାର୍ଯ୍ୟରେ ଲଗାଇବା ପାଇଁ କ୍ଷତିପୂରକ ବନୀକରଣ (ସିଏ) ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ସର୍ତ୍ତ ମଧ୍ୟରୁ ଗୋଟିଏ । ଜମି ଦ୍ୱାରା ଜମି ଓ ଗଛ ଦ୍ୱାରା ଗଛ ନଷ୍ଟ ହେଲେ କ୍ଷତିପୂରଣ ଦେବା ହେଉଛି କ୍ଷତିପୂରକ ବନୀକରଣର ଉଦ୍ଦେଶ୍ୟ । ଉପଭୋକ୍ତା ଏଜେନ୍ସି (ୟୁଏ) ଦ୍ୱାରା ଅନ୍ତିମ ଅନୁମୋଦନର ତିନି ବର୍ଷ ମଧ୍ୟରେ ପ୍ରଦାନ କରାଯିବାକୁ ଥିବା ମୂଲ୍ୟରେ ଉପଯୁକ୍ତ ଅଣଜଙ୍ଗଲ ଜମିରେ ଡାଇଭର୍ସନ ପାଇଁ ପ୍ରସ୍ତାବିତ କ୍ଷେତ୍ରର ସମକକ୍ଷ କିମ୍ବା ବଦଳାଯାଇଥିବା କ୍ଷେତ୍ରର ଦୁଇ ଗୁଣା ଜଙ୍ଗଲ ଉପରେ କ୍ଷତିପୂରକ ବନୀକରଣ କରାଯିବ ।

ଏଫ୍ଇଆଣ୍ଡସିସି ବିଭାଗର ରେକର୍ଡ ଯାଞ୍ଚରୁ ଜଣାପଡ଼ିଛି ଯେ, (ତତ୍କାଳୀନ) ରାଜ୍ୟ ବନ୍ୟ ବିଭାଗ[82] ପ୍ରତ୍ୟେକ ଜିଲ୍ଲାରେ କ୍ଷତିପୂରକ ବନୀକରଣ ପାଇଁ ଲ୍ୟାଣ୍ଡ ବ୍ୟାଙ୍କ ଗଠନ ଉଦ୍ଦେଶ୍ୟରେ ଜିଲ୍ଲାପାଳ ଓ ଆଞ୍ଚଳିକ ବନଖଣ୍ଡ ଅଧିକାରୀଙ୍କୁ ନେଇ ଗଠିତ, ଅଣ-ଜଙ୍ଗଲ ସରକାରୀ ଜମି (ଅବାଦ, ଅଯୋଗ୍ୟ ଓ ଅନାବାଦୀ ଜମି ) ଏବଂ ସରକାରୀ ଖାତାରେ ଥିବା ନିମ୍ନ ମାନର ଜଙ୍ଗଲ ଜମି ଗୁଡ଼ିକର ଚିହ୍ନଟ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଏବଂ ଏକ ଟାସ୍କ ଫୋର୍ସ ଗଠନ କରିବା ପାଇଁ (1998) ନିଷ୍ପତ୍ତି ନେଇଥିଲା । ପୁନଶ୍ଚ, ଓଡ଼ିଶା ସ୍ପେସ୍ ଆପ୍ଲିକେସନ ସେଣ୍ଟର (ଓଆର୍ଏସ୍ଏସି) ଫେବୃଆରୀ 2022 ରେ ପରିକଳ୍ପନା କରି ନଷ୍ଟ ହୋଇଥିବା ରାଜସ୍ୱ ଜଙ୍ଗଲ ଜମି ଚିହ୍ନଟ[83] ଏବଂ ଚୟନ ପାଇଁ ଏକ ୱେବ୍-ଜିଆଇଏସ୍ ଆପ୍ଲିକେସନ କାର୍ଯ୍ୟକ୍ଷମ କରିଥିଲା, ଯାହା ରାଜ୍ୟରେ କ୍ଷତିପୂରକ ବନୀକରଣ ପାଇଁ ବ୍ୟବହାର କରାଯାଇପାରିଥାନ୍ତା । ତଥାପି, ଓଆର୍ଏସ୍ଏସି ଓଡ଼ିଶାର 30ଟି ଜିଲ୍ଲାର 51ଟି ବନଖଣ୍ଡ ମଧ୍ୟରୁ 13ଟି ଜଙ୍ଗଲ ବନଖଣ୍ଡ[84]ରେ କେବଳ ପରୀକ୍ଷାମୂଳକ ଭାବେ ଅବକ୍ଷୟ ହୋଇଥିବା ରାଜସ୍ୱ ଜଙ୍ଗଲ ଜମି ଚିହ୍ନଟ ଓ ଚୟନ କରିଥିଲା, ଯାହାକି ବୃକ୍ଷରୋପଣ କାର୍ଯ୍ୟ ସମ୍ପାଦନ ପାଇଁ ଏକ ଲ୍ୟାଣ୍ଡ ବ୍ୟାଙ୍କ ଗଠନ ଲକ୍ଷ୍ୟ ଠାରୁ ବହୁ ପଛରେ ଥିଲା । ଏହା ସୂଚାଇ ଦେଇଛି ଯେ ବିଭାଗ ଗତ 24 ବର୍ଷ ଧରି ଏକ ଲ୍ୟାଣ୍ଡ ବ୍ୟାଙ୍କ ଗଠନ କରିବା ପାଇଁ ଜମି ସୂଚନା ସଂଗ୍ରହ କରିପାରିଲା ନାହିଁ, ଯାହା କ୍ଷତିପୂରକ

---

81 କହପାଣି ଆର୍ଏଫ୍, କୁର୍ନିମୁଣ୍ଡା ଆର୍ଏଫ୍, ଅତିରିକ୍ତ କଂସାର ଆର୍ଏଫ୍, ବଦ୍ରମା ଆର୍ଏଫ୍ (ବାମରା ବନ୍ୟପ୍ରାଣୀ ଅଧୀନରେ) ଏବଂ କେନ୍ଦୁମୁଣ୍ଡା ଆର୍ଏଫ୍ (ଖେସୁନି ବନ୍ୟପ୍ରାଣୀ ଅଧୀନରେ)

82 ପରବର୍ତ୍ତୀ ନାମ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ

83 ଜଙ୍ଗଲ ଭାବେ ରେକର୍ଡ ହୋଇଥିବା ରାଜସ୍ୱ ଜମି ଯାହା ଉପରେ ଜଙ୍ଗଲ (ସଂରକ୍ଷଣ) ଆଇନ୍ 1980 ର ବ୍ୟବସ୍ଥା ପ୍ରଯୁଜ୍ୟ

84 ଅନୁଗୁଳ, ଆଠମଲ୍ଲିକ, ଜୟପୁର, ଝାରସୁଗୁଡ଼ା, କଳାହାଣ୍ଡି(ଉତ୍ତର), କରଞ୍ଜିଆ, କେନ୍ଦୁଝର, ଖୋର୍ଦ୍ଧା, କୋରାପୁଟ, ଫୁଲବାଣୀ, ରାଉରକେଲା, ସମ୍ବଲପୁର ଏବଂ ସୁନ୍ଦରଗଡ଼

ବନୀକରଣ ଲକ୍ଷ୍ୟ ହାସଲ ନହେବା ଏକ ଅନ୍ୟତମ କାରଣ ଥିଲା, ଯାହା ଅନୁଚ୍ଛେଦ 4.4 ରେ ଆଲୋଚନା କରାଯାଇଛି ।

ଅଡିଟ୍ ପର୍ଯ୍ୟବେକ୍ଷଣକୁ ସ୍ୱୀକାର କରି ସରକାର ଦର୍ଶାଇଲେ (ମାର୍ଚ୍ଚ 2023) ଯେ, ଲକ୍ଷ୍ୟ ହାସଲ ପାଇଁ ସମସ୍ତ ପ୍ରକାର ଉଦ୍ୟମ କରାଯାଇଛି ।

## 4.3 ଏନ୍‌ପିଭି ଏବଂ ସିଏର ମୂଲ୍ୟ ଉପରେ ଆଇନଗତ ଅସୁଲି

ଜଙ୍ଗଲ ସଂରକ୍ଷଣ, ଅନ୍ୟାନ୍ୟ ସଂରକ୍ଷଣ ବ୍ୟବସ୍ଥା ଏବଂ ଆନୁସଙ୍ଗିକ କାର୍ଯ୍ୟକଳାପ ପାଇଁ ଅଣଜଙ୍ଗଲ ଉଦ୍ଦେଶ୍ୟରେ ଜଙ୍ଗଲ ଜମିର ନିଟ୍ ବର୍ତ୍ତମାନ ମୂଲ୍ୟ (ଏନ୍‌ପିଭି) ଉପଭୋକ୍ତା ଏଜେନ୍ସି ଠାରୁ ଅସୁଲି କରାଯିବା ଆବଶ୍ୟକ ଥିଲା । ସେହିଭଳି, ଅଣଜଙ୍ଗଲ ଉଦ୍ଦେଶ୍ୟରେ ଜଙ୍ଗଲ ଜମିର ପରିବର୍ତ୍ତନ ପାଇଁ କେନ୍ଦ୍ର ସରକାରଙ୍କ ପୂର୍ବ ଅନୁମୋଦନ ପାଇଁ କ୍ଷତିପୂରକ ବନୀକରଣ (ସିଏ) ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ସର୍ତ୍ତ ଥିଲା ଏବଂ 'ଜମି ଦ୍ୱାରା ଜମି'ର କ୍ଷତିପୂରଣ କରିବା ଏବଂ 'ବୃକ୍ଷ ଦ୍ୱାରା ବୃକ୍ଷ' କ୍ଷତିପୂରଣ କରିବା ସିଏର ଉଦ୍ଦେଶ୍ୟ ଥିଲା । ନିମ୍ନଲିଖିତ ଉପ ଅନୁଚ୍ଛେଦ ଗୁଡ଼ିକରେ ଏନ୍‌ପିଭି ପ୍ରତି ଆଇନଗତ କର ଅସୁଲି ଏବଂ ସିଏର ମୂଲ୍ୟ ଉପରେ ପର୍ଯ୍ୟବେକ୍ଷଣ ଆଲୋଚନା କରାଯାଇଥିଲା ।

### 4.3.1 ଜଙ୍ଗଲ ଜମିର ପରିବର୍ତ୍ତନ ଏବଂ ଏନ୍‌ପିଭି ଅସୁଲିର ସ୍ଥିତି

ଜଙ୍ଗଲ (ସଂରକ୍ଷଣ) ଅଧିନିୟମ 1980 ର ଧାରା 2 ଅନୁଯାୟୀ ନଭେମ୍ବର 2002 ରେ ଭାରତର ମାନ୍ୟବର ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ଭାରତ ସରକାରଙ୍କ ଅନୁମୋଦନ କ୍ରମେ ଜଙ୍ଗଲ ଜମିର ବାସ୍ତବିକ ନିଟ୍ ବର୍ତ୍ତମାନ ମୂଲ୍ୟ (ଏନ୍‌ପିଭି) ଏବଂ ଅନ୍ୟାନ୍ୟ ସହଯୋଗୀ ଦେୟ ଉପରେ ଏବଂ ଜଙ୍ଗଲ ଜମିକୁ ଅଣଜଙ୍ଗଲ କାର୍ଯ୍ୟକଳାପ ପାଇଁ ପରିବର୍ତ୍ତନ କରାଯାଇପାରିବ ।

ପିସିସିଏଫ୍ ଏବଂ ଏଚ୍‌ଓଏଫ୍‌ଏଫ୍ ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା ଅନୁଯାୟୀ, ଓଡ଼ିଶା ଜଙ୍ଗଲ ଜମିର ବର୍ଷଓ୍ୱାରୀ ପରିବର୍ତ୍ତନ ଏବଂ ଏନ୍‌ପିଭିର ସଂଗ୍ରହ **ସାରଣୀ 4.2** ରେ ଦର୍ଶାଯାଇଛି । ଏହା ଦେଖାଗଲା ଯେ 6,101.21 ହେକ୍ଟର ଜଙ୍ଗଲ ଜମି 2019-22 ଅବଧିରେ 70ଟି ମାମଲାରେ ପରିବର୍ତ୍ତନ ପାଇଁ ଦ୍ୱିତୀୟ ପର୍ଯ୍ୟାୟ ଅନୁମୋଦନ[85] ପ୍ରାପ୍ତ ହୋଇଥିଲା ।

**ସାରଣୀ-4.2: 2019-22 ମଧ୍ୟରେ ଜଙ୍ଗଲ ଜମିର ବର୍ଷଓ୍ୱାରୀ ପରିବର୍ତ୍ତନ ଏବଂ ଏନ୍‌ପିଭି ଅସୁଲିର ବିବରଣୀ**

| ଆର୍ଥିକ ବର୍ଷ | ଅନ୍ତିମ/ ଦ୍ୱିତୀୟ ପର୍ଯ୍ୟାୟ ଅନୁମୋଦନ ପାଇଥିବା ମାମଲା ସଂଖ୍ୟା | ଜଙ୍ଗଲ ପରିବର୍ତ୍ତନ କ୍ଷେତ୍ର (ହେକ୍ଟରରେ) | ଏନ୍‌ପିଭି ଅସୁଲି (କୋଟିରେ) |
|---|---|---|---|
| *1* | *2* | *3* | *4* |
| 2019-20 | 23 | 3,067.98 | **67.16** |
| 2020-21 | 29 | 1,839.29 | **139.06** |
| 2021-22 | 18 | 1,193.94 | **93.89** |
| ମୋଟ | **70** | **6,101.21** | **300.11** |

### 4.3.2 ଏନ୍‌ପିଭିର ଆଦାୟ କ୍ଷେତ୍ରରେ ଅନିୟମିତତା

#### 4.3.2.1 ଭେଦାତ୍ମକ ଏନ୍‌ପିଭିର ଅନାଦାୟ

ଏମ୍‌ଓଇଏଫ୍ ଏବଂ ସିସି ବିଜ୍ଞପ୍ତି[86] (ଜାନୁଆରୀ 2022), ଅନୁଯାୟୀ ଜଙ୍ଗଲ ଜମି ପରିବର୍ତ୍ତନର ସମସ୍ତ ପ୍ରସ୍ତାବକୁ ଏନ୍‌ପିଭିର ନୂତନ ହାର ପ୍ରଯୁଜ୍ୟ ହେବ ଯାହା 6 ଜାନୁଆରୀ 2022 ପରେ ପ୍ରଥମ ପର୍ଯ୍ୟାୟ/ ଇନ୍-ପ୍ରିନ୍ସିପାଲ୍ ମଞ୍ଜୁର ହୋଇଥିଲା । 6 ଜାନୁଆରୀ 2022 ପୂର୍ବରୁ ଏନ୍‌ପିଭିର ନୂତନ ହାର ମଧ ପ୍ରଯୁଜ୍ୟ

[85] ଅନୁମୋଦନ କରିବାର ଦୁଇଟି ପର୍ଯ୍ୟାୟ ଅଛି । ପ୍ରଥମ ପର୍ଯ୍ୟାୟ ଯେଉଁଥିରେ ପରିବର୍ତ୍ତନ ଜଙ୍ଗଲ ଜମି ବ୍ୟବହାର ପାଇଁ ୟୁଏ ଏବଂ ଦ୍ୱିତୀୟ ପର୍ଯ୍ୟାୟ ଦ୍ୱାରା ସର୍ତ୍ତଗୁଡ଼ିକ ପାଳନ କରିବାକୁ ଧାର୍ଯ୍ୟ କରାଯାଇଥିଲା ।

[86] ସଂଖ୍ୟା.5-3/2011-FC(Vol-I) ତାରିଖ 19 ଜାନୁଆରୀ 2022

ଥିଲା । ପ୍ରଥମ ପର୍ଯ୍ୟାୟ/ ଇନ୍-ପ୍ରିନ୍ସିପାଲ ଅନୁମୋଦନ ପରେ ଯେଉଁଠାରେ ପାଞ୍ଚ ବର୍ଷର ବିଚ୍ୟୁତି ପରେ ମଧ ଦ୍ୱିତୀୟ ପର୍ଯ୍ୟାୟ/ ଚୂଡ଼ାନ୍ତ ଅନୁମୋଦନ ମଞ୍ଜୁର ହୋଇନଥିଲା ।

ଛଅଟି ଡିଏଫ୍‌ଓରେ[87] 20 ଟି ପରୀକ୍ଷା ଯାଞ୍ଚ ହୋଇଥିବା ଡିଏଫ୍‌ଓଗୁଡ଼ିକର ରେକର୍ଡର ଯାଞ୍ଚରୁ ଜଣାପଡ଼ିଛି ଯେ, ଅଣ ବନ ବିଭାଗର କାର୍ଯ୍ୟକଳାପ (ଖଣି, ଜଳସେଚନ ଏବଂ ରାଜପଥ) ପାଇଁ ବିଭକ୍ତ ପରିବର୍ତ୍ତିତ ହୋଇଥିବା 1,864.59 ହେକ୍ଟର ଜଙ୍ଗଲ ଜମି ସହିତ ନଅଟି ମାମଲା ପାଞ୍ଚ ବର୍ଷରୁ ଅଧିକ ସମୟ ପାଇଁ 6 ଜାନୁଆରୀ 2022 ସୁଦ୍ଧା ପ୍ରଥମ ପର୍ଯ୍ୟାୟ / ଇନ୍-ପ୍ରିନ୍ସିପାଲ ଅନୁମୋଦନ ଅନୁଯାୟୀ ଧାର୍ଯ୍ୟ ସର୍ତ୍ତ ଗୁଡ଼ିକ ଅନୁପାଳନ ଦାଖଲ ନକରିବା କାରଣରୁ ଦ୍ୱିତୀୟ ପର୍ଯ୍ୟାୟ / ଚୂଡ଼ାନ୍ତ ଅନୁମୋଦନ ପାଇଁ ବିଚାରାଧୀନ ଥିଲା । ୟୁଏ ସଂଶୋଧିତ ହାର ବଦଳରେ ପୁରୁଣା ହାରରେ ଏନ୍‌ପିଭି ଜମା କରିଥିଲେ ଫଳରେ ଏନ୍‌ପିଭି 88.40 କୋଟି ଟଙ୍କାର ସ୍ୱଳ୍ପ ଆଦାୟ କରିଥିଲା ଯାହା ***ପରିଶିଷ୍ଟ –V*** ରେ ଦର୍ଶାଯାଇଅଛି ।

ଅଡିଟ୍ ପର୍ଯ୍ୟବେକ୍ଷଣକୁ ସ୍ୱୀକାର କରି ସରକାର ଦର୍ଶାଇଲେ (ମାର୍ଚ୍ଚ 2023) ଯେ, ଦୁଇଟି ୟୁଏ ପୂର୍ବରୁ କାମ୍ପା ଜମା ଖାତାରେ ଭେଦାତ୍ମକ ଏନ୍‌ପିଭି ଜମା କରିସାରିଛନ୍ତି ଏବଂ ବଳକା ୟୁଏ ଗୁଡ଼ିକ ପ୍ରଥମ ପର୍ଯ୍ୟାୟ ଦାଖଲ କରିବା ପୂର୍ବରୁ ଉକ୍ତ ରାଶି ଜମା କରିବେ । ଅବଶ୍ୟ ଅବଶିଷ୍ଟ ୟୁଏର ସମସ୍ତ ଭେଦାତ୍ମକ ଏନ୍‌ପିଭି ଆଦାୟ ପାଇଁ ସରକାର ଆବଶ୍ୟକ ପଦକ୍ଷେପ ନେଇପାରନ୍ତି ।

### 4.3.2.2 ଏନ୍‌ପିଭିର ବିଳମ୍ବିତ ଦେୟ ଉପରେ 4.22 କୋଟି ଟଙ୍କା ସୁଧର ଅନାଦାୟ

ଜଙ୍ଗଲ ସଂରକ୍ଷଣ (ନିୟମ) 2003 ର ନିୟମ 8 (C) ଅନୁଯାୟୀ ଡିଏଫ୍‌ଓରୁ ଡିମାଣ୍ଡ୍ ନୋଟ୍ ଗ୍ରହଣ କରିବାର 30 ଦିନ ମଧ୍ୟରେ ୟୁଏ କ୍ଷତିପୂରଣ ଦେୟ କରିବ । ଅଧିକନ୍ତୁ, ମାନ୍ୟବର ସୁପ୍ରିମ କୋର୍ଟଙ୍କ ଦ୍ୱାରା ଗଠିତ କେନ୍ଦ୍ରୀୟ ସଶକ୍ତିକରଣ କମିଟି (ସିଇସି) ନିର୍ଦ୍ଦେଶ ଦେଇଛନ୍ତି (ମଇ 2010) ଯେ, ଖଣି ଲିଜ୍‌ଧାରୀ ମାନେ ଯେଉଁମାନେ ସଂପୃକ୍ତ ବିଭାଗୀୟ ଜଙ୍ଗଲ ଅଧିକାରୀ (ଡିଏଫ୍‌ଓ)ଙ୍କ ଦ୍ୱାରା କରାଯାଇଥିବା ଦାବି ଦିନ ଠାରୁ 30 ଦିନ ମଧ୍ୟରେ ଏନ୍‌ପିଭି ଦେବେ ନାହିଁ । ସୁଧ ସହିତ ଏନ୍‌ପିଭି ଦେୟ ନହେବା ପର୍ଯ୍ୟନ୍ତ ଖଣି ଖନନ ଜାରି ରଖିବାକୁ ଅନୁମତି ଦିଆଯିବ ନାହିଁ । ଜଙ୍ଗଲ ଓ ପରିବେଶ ବିଭାଗ (ମଇ 2013) ଏନ୍‌ପିଭିର ବିଳମ୍ବରେ ଦେୟ ପାଇଁ ବାର୍ଷିକ ନଅ ପ୍ରତିଶତ ସୁଧ ହାର ଖଣି ଉଦ୍ଦେଶ୍ୟରେ ଜଙ୍ଗଲ ଜମିର ପରିବର୍ତ୍ତନ ପାଇଁ ଧାର୍ଯ୍ୟ କରିଥିଲା ।

ତିନିଟି ବିଭାଜନରେ[88] ଜଙ୍ଗଲ ଜମି ପରିବର୍ତ୍ତନ ରେକର୍ଡ ଗୁଡ଼ିକର ଯାଞ୍ଚରୁ ଜଣାପଡ଼ିଛି ଯେ ଏମ୍‌ଓଇଏଫ୍ ଏବଂ ସିସିର ଇନ୍-ପ୍ରିନ୍ସିପାଲ୍ / ପ୍ରଥମ ପର୍ଯ୍ୟାୟ ଅନୁମୋଦନକୁ ପାଥେୟ କରି ଡିଏଫ୍‌ଓମାନେ ଏନ୍‌ପିଭି ଟଙ୍କା ଦାଖଲ କରିବା ପାଇଁ 21 ଜଣ ଖଣି ଲିଜ୍‌ଧାରୀଙ୍କ ବିପକ୍ଷରେ 4,490.406 ହେକ୍ଟର ଜଙ୍ଗଲ ଜମି ପରିବର୍ତ୍ତନ ପାଇଁ (ଫେବୃଆରୀ 2017 ରୁ ନଭେମ୍ବର 2021 ମଧ୍ୟରେ) ଦାବି ରଖିଥିଲେ । ଦାବି ତାରିଖ ଠାରୁ 30 ଦିନ ମଧ୍ୟରେ ଲିଜ୍‌ଧାରୀମାନେ 14 ଦିନରୁ 573 ଦିନ ପର୍ଯ୍ୟନ୍ତ ବିଳମ୍ବ ସହିତ ଏନ୍‌ପିଭି 299.78 କୋଟି ଟଙ୍କା ଜମା କରିଥିଲେ (ସେପ୍ଟେମ୍ବର 2018 ରୁ ମାର୍ଚ୍ଚ 2022 ମଧ୍ୟରେ) । ଡିଏଫ୍‌ଓମାନେ ଦାବି କରିନଥିଲେ କିମ୍ବା ଲିଜ୍‌ଧାରୀମାନେ ଏନ୍‌ପିଭିର ବିଳମ୍ବିତ ଦେୟ ପାଇଁ ସୁଧ ଜମା କରିନଥିଲେ, ଫଳସ୍ୱରୂପ 4.22 କୋଟି ଟଙ୍କାର ସୁଧ ଆଦାୟ ହୋଇନଥିଲା ଯାହା ***ପରିଶିଷ୍ଟ-VI*** ରେ ବିସ୍ତୃତ ଭାବେ ଦର୍ଶାଯାଇଛି ।

ଏହାର ଉତ୍ତରରେ ସରକାର ଦର୍ଶାଇଛନ୍ତି (ମାର୍ଚ୍ଚ 2023) ଯେ, ଏଭଳି ମାମଲା ପାଇଁ ଏନ୍‌ପିଭିର ବିଳମ୍ବିତ ଦେୟ ପ୍ରଦାନ ଉପରେ ସୁଧ ପ୍ରଯୁଜ୍ୟ ନୁହେଁ । ଏହି ଉତ୍ତର ଗ୍ରହଣୀୟ ନୁହେଁ ଯେହେତୁ ମାନ୍ୟବର ସୁପ୍ରିମ କୋର୍ଟଙ୍କ ରାୟ ଉପରେ ଆଧାର କରି ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶ ଅନୁଯାୟୀ (ମଇ 2013) ଖନନ ଉଦ୍ଦେଶ୍ୟରେ ଜଙ୍ଗଲ ଜମିର ପରିବର୍ତ୍ତନ ପାଇଁ ଏନ୍‌ପିଭିର ବିଳମ୍ବିତ ଦେୟ ପାଇଁ ସୁଧ ପରିମାଣ ଆଦାୟ କରାଯିବାର ଥିଲା ।

[87] ଡିଏଫ୍‌ଓ, ବ୍ରହ୍ମପୁର, ବୌଦ୍ଧ, ଦେବଗଡ଼, କେନ୍ଦୁଝର, ନୟାଗଡ଼ ଏବଂ ସୁନ୍ଦରଗଡ଼

[88] ସୁନ୍ଦରଗଡ଼, ବୋଣାଇ, ଏବଂ କେନ୍ଦୁଝର

### 4.3.3 ୟୁଏ ମାନଙ୍କ ଠାରୁ ସିଏର ମୂଲ୍ୟ ଅନାଦାୟ

ପାଞ୍ଚଟି ବନଖଣ୍ଡଗୁଡ଼ିକର[89] ରେକର୍ଡ ଗୁଡ଼ିକର ଯାଞ୍ଚରୁ ଜଣାଗଲା ଯେ 2019-22 ମଧ୍ୟରେ ଇନ୍-ପ୍ରିନ୍ସିପାଲ୍/ ପ୍ରଥମ ପର୍ଯ୍ୟାୟରେ ଅନୁମୋଦନ ଅନୁଯାୟୀ ସିଏର ମୂଲ୍ୟ ଜମା କରିବା ପାଇଁ ଆଭେନ୍ୟୁ/ ଡ୍ୱାର୍ଫ[90] ବୃକ୍ଷରୋପଣ ଏବଂ ସାଇଟ୍ ନିର୍ଦ୍ଦିଷ୍ଟ ବନ୍ୟଜନ୍ତୁ ସଂରକ୍ଷଣ ଯୋଜନା (ଏସ୍‌ଏସ୍‌ଡବ୍ଲୁସିପି) ଅଣଜଙ୍ଗଲ କାର୍ଯ୍ୟକଳାପ ପାଇଁ 971.70 ହେକ୍ଟର ଜଙ୍ଗଲ ଜମିର ପରିବର୍ତ୍ତନ ଯୋଗୁଁ 14 ଟି ୟୁଏ ବିପକ୍ଷରେ 28.43 କୋଟି ଟଙ୍କାର ଦାବି ନୋଟିସ୍ ଜାରି କରାଯାଇଥିଲା ଯାହା ***ପରିଶିଷ୍ଟ-VII*** ରେ ଦର୍ଶାଯାଇଛି । ଡିଏଫ୍‌ଓମାନଙ୍କ ଦ୍ୱାରା ବାରମ୍ବାର ଡିମାଣ୍ଡ ନୋଟିସ୍ ଜାରି କରାଯିବା ସତ୍ତ୍ୱେ ୟୁଏ ଏକ ବର୍ଷରୁ ଚାରି ବର୍ଷ ବିଳମ୍ବ ସତ୍ତ୍ୱେ ୟୁଏ ମାନେ ତାହା ଜମା କରିନଥିଲେ । ସିଏର ମୂଲ୍ୟ ଅନାଦେୟ ପାଇଁ ଦଣ୍ଡବିଧାନ ବ୍ୟବସ୍ଥାର ଅଭାବ ଯୋଗୁଁ ୟୁଏମାନଙ୍କ ଠାରୁ ବକେୟା ରାଶି 28.43 କୋଟି ଟଙ୍କା ଆଦାୟ ପାଇଁ କୌଣସି ପଦକ୍ଷେପ ନେବାକୁ ବିଭାଗ ନିବାରଣ କରିଥିଲା ।

ଅଡିଟ୍ ପର୍ଯ୍ୟବେକ୍ଷଣକୁ ଗ୍ରହଣ କରି ସରକାର ବ୍ୟକ୍ତ କଲେ (ମାର୍ଚ୍ଚ 2023) ଯେ, ଅନୁମୋଦିତ ଏସ୍‌ଏସ୍‌ଡବ୍ଲୁସିପିର ମୂଲ୍ୟ ଜମା କରିବାକୁ ୟୁଏମାନଙ୍କୁ ଡିମାଣ୍ଡ ନୋଟିସ୍ ପ୍ରଦାନ କରିବାକୁ ଡିଏଫ୍‌ଓମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା ।

## 4.4 କ୍ଷତିପୂରକ ବନୀକରଣ ଏବଂ ଅନ୍ୟାନ୍ୟ ସଂରକ୍ଷଣ ବ୍ୟବସ୍ଥା/ ସର୍ତ୍ତମୂଳକ କାର୍ଯ୍ୟଗୁଡ଼ିକର କାର୍ଯ୍ୟକାରିତା

ଜଙ୍ଗଲ ସଂରକ୍ଷଣ ଅଧିନିୟମ (ଏଫ୍‌ସି ଅଧିନିୟମ) 1980 ଅଧିନରେ ଜାରି କରାଯାଇଥିବା ନିର୍ଦ୍ଦେଶାବଳୀ (ମାର୍ଚ୍ଚ 2019) ର ଅନୁଚ୍ଛେଦ 2.1 ଅନୁଯାୟୀ, ସିଏ ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ସର୍ତ୍ତାବଳୀ ଯାହା ଜଙ୍ଗଲ ଜମିକୁ ଅଣ-ଜଙ୍ଗଲ ଉଦ୍ଦେଶ୍ୟରେ ପରିବର୍ତ୍ତନ ପାଇଁ ପ୍ରସ୍ତାବ ଅନୁମୋଦନ କରିଛି । ଅଧିକନ୍ତୁ, ଉପରେ ସୂଚିତ ନିର୍ଦ୍ଦେଶାବଳୀର ଅନୁଚ୍ଛେଦ 2.3 (iii) ଅନୁଯାୟୀ ଗୋଟିଏ ଅଣ-ଜଙ୍ଗଲ ଜମିର ସମାନ ଅଞ୍ଚଳ ଉପରେ ଅଥବା ପଦହ୍ରାସ ପ୍ରାପ୍ତ ଜଙ୍ଗଲର ଦୁଇଗୁଣା ପରମାଣର ସିଏ କରିବାକୁ ହେବ । ଦ୍ୱିତୀୟ ପର୍ଯ୍ୟାୟ ଅନୁମୋଦନ ଅନୁଯାୟୀ, ଏମ୍‌ଓଇଏଫ୍ ଧାର୍ଯ୍ୟ କରିଛି ଯେ ଅନୁମୋଦନ ପ୍ରଦାନ ତାରଖ ଠାରୁ ତିନି ବର୍ଷ ମଧ୍ୟରେ ସିଏ ନିଆଯିବା ଉଚିତ୍ ଏବଂ ଅନୁମୋଦିତ ଯୋଜନା ଅନୁଯାୟୀ ଏହାକୁ ବଜାୟ ରଖିବା ଉଚିତ୍ ।

### 4.4.1 କ୍ଷତିପୂରକ ବନୀକରଣ ଲକ୍ଷ୍ୟର ଅଣ-ସଫଳତା

ପିସିସିଏଫ୍ ଏବଂ ଏଚ୍‌ଓଏଫ୍‌ଏଫ୍‌ର ରେକର୍ଡଗୁଡ଼ିକର ଯାଞ୍ଚରୁ ଜଣାଗଲା ଯେ, ସିଏ ପାଇଁ 77,745.78 ହେକ୍ଟର ଲକ୍ଷ୍ୟ ଥିବାବେଳେ ଆରମ୍ଭ ବର୍ଷ 1980 ରୁ ମାର୍ଚ୍ଚ 2020[91] ପର୍ଯ୍ୟନ୍ତ କେବଳ 70,749.81 ହେକ୍ଟର ସିଏ ହାସଲ ହୋଇପାରିଥିଲା । ତିନି ବର୍ଷରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ 6,995.97 ହେକ୍ଟର ସିଏ ହାସଲ ହୋଇପାରିଲା ନାହିଁ ।

ଅଡିଟ୍ ନିରୀକ୍ଷଣକୁ ସ୍ୱୀକାର କରି, ସରକାରୀ ଦର୍ଶାଇଲେ (ମାର୍ଚ୍ଚ 2023) ଯେ ସିଏ ଲକ୍ଷ୍ୟ ହାସଲ ପାଇଁ ପ୍ରୟାସ କରାଯାଉଥିଲା ।

---

89 ବିଭାଜନ: ବରଗଡ଼, ବୋନାଇ, ବୌଦ୍ଧ, କେନ୍ଦୁଝର ଏବଂ ସୁନ୍ଦରଗଡ଼

90 ଆଭେନ୍ୟୁ ବୃକ୍ଷରୋପଣ:_ରାସ୍ତା ସହ ବୃକ୍ଷରୋପଣ, ଡାର୍ଫ ବୃକ୍ଷରୋପଣ: ସାଧାରଣତଃ ଟ୍ରାନ୍ସମିସନ୍ ଲାଇନ୍ ତଳେ ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ବୃକ୍ଷରୋପଣ

91 ପ୍ରଥମ ପର୍ଯ୍ୟାୟ ମଞ୍ଜୁରର ସର୍ତ୍ତ ଅନୁଯାୟୀ, ଜଙ୍ଗଲ ଜମି ପରିବର୍ତ୍ତନର ତିନି ବର୍ଷ ମଧ୍ୟରେ ସିଏ ନିଆଯିବା ଉଚିତ୍, ତେଣୁ **2019-20** ପର୍ଯ୍ୟନ୍ତ ତଥ୍ୟ ଯାଞ୍ଚ କରାଯାଇଛି ।

### 4.4.2 ଏପିଓ: 2021-22 ର କାର୍ଯ୍ୟାନ୍ୱୟନରେ ଅନିୟମିତତା

ସିଇଓ, ରାଜ୍ୟ କାମ୍ପାଙ୍କ ରେକର୍ଡଗୁଡ଼ିକର ଯାଞ୍ଚରୁ ଜଣାଗଲା ଯେ 95 ହେକ୍ଟର ଲଣ୍ଡା ପାହାଡ଼ରେ ବୃକ୍ଷରୋପଣ ଏବଂ 380 ହେକ୍ଟର ବାଉଁଶ ବୃକ୍ଷରୋପଣ ବସ୍ତୁଗତ ଲକ୍ଷ୍ୟ କ୍ଷେତ୍ରରେ କାମ୍ପା-ଏପିଓ 2020-21 ଅଧୀନରେ ଥିବା ଡିଏଫ୍‌ଓ, ପାରଳାଖେମୁଣ୍ଡି ବିଭାଗକୁ 1.57 କୋଟି ଟଙ୍କା ଆବଣ୍ଟନ କରାଯାଇଥିଲା । ଯଦ୍ୟପି, 65.66 ଲକ୍ଷ ଟଙ୍କା ବ୍ୟୟରେ କେବଳ 10 ହେକ୍ଟର ଲଣ୍ଡା ପାହାଡ଼ ବୃକ୍ଷରୋପଣ ଏବଂ 170 ହେକ୍ଟର ବାଉଁଶ ବୃକ୍ଷରୋପଣ ହୋଇପାରିଥିଲା ଏବଂ ଅବଶିଷ୍ଟ ରାଶି 91.55 ଲକ୍ଷ ଟଙ୍କା ଫେରସ୍ତ କରାଯାଇଥିଲା । ପରବର୍ତ୍ତୀ ସମୟରେ, ଏପିଓ 2021-22 ମଧ୍ୟରେ, ଡିଏଫ୍‌ଓ ଅବଶିଷ୍ଟ ସରଜମିନ ଲକ୍ଷ୍ୟ 210 ହେକ୍ଟର ବାଉଁଶ ବୃକ୍ଷରୋପଣ ଏବଂ 85 ହେକ୍ଟର ଲଣ୍ଡା ପାହାଡ଼ରେ ବୃକ୍ଷରୋପଣ, କାର୍ଯ୍ୟଦକ୍ଷ କର୍ତ୍ତୃପକ୍ଷଙ୍କ ଅନୁମୋଦନ ବିନା କାର୍ଯ୍ୟ ନିଷ୍ପାଦନ କରିଥିଲେ । ଅନ୍ୟ ବୃକ୍ଷରୋପଣ[92]ରୁ ସଞ୍ଚୟ କରି 2021-22 ବର୍ଷ ପାଇଁ ଯୋଜନା ଏବଂ ସୁରକ୍ଷା କାର୍ଯ୍ୟକଳାପ 64.11 ଲକ୍ଷ ଟଙ୍କା ବିନିଯୋଗ ମାଧ୍ୟମରେ କାର୍ଯ୍ୟକାରୀ କରାଯାଇଥିଲା, ଯାହାକି ମୋଟ ଆର୍ଥିକ ଅନିୟମିତତାର ସୂଚକ ଥିଲା ।

ଅଡିଟ୍ ପର୍ଯ୍ୟବେକ୍ଷଣକୁ ସ୍ୱୀକାର କରି, ସରକାର ଦର୍ଶାଇଲେ (ମାର୍ଚ୍ଚ 2023) ଯେ ଡିଏଫ୍‌ଓ ଏବଂ ଆର୍‌ସିସିଏଫ୍‌କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିଲା ଏବଂ ସେଗୁଡ଼ିକ ସେମାନଙ୍କ ସ୍ତରରେ ବିଚାରାଧୀନ ଥିଲା ।

### 4.4.3 ଜମି ଅନଧିକାର ପ୍ରବେଶ ହେତୁ କ୍ଷତିପୂରକ ବନୀକରଣର ଅଣନିଷ୍ପାଦନ

ରାୟଗଡ଼ା ବିଭାଜନର ରେକର୍ଡଗୁଡ଼ିକର ଯାଞ୍ଚରୁ ଜଣାପଡ଼ିଛି ଯେ, ସିଏ କାର୍ଯ୍ୟକଳାପ ଦାୟିତ୍ୱ ପାଇଁ ଚାରିଟି[93] ଗ୍ରାମରେ 233.34 ହେକ୍ଟର ଅଣ-ଜଙ୍ଗଲ ଜମି ଚିହ୍ନଟ କରାଯାଇଛି । ଯଦିଓ ଡିଏଫ୍‌ଓ ରାୟଗଡ଼ା ସପକ୍ଷରେ ଏହି ଜମି ଦାଖଲ ଖାରଜ କରାଯାଇଥିଲା, ସ୍ଥାନୀୟ ଲୋକଙ୍କ ଅନଧିକାରୀ ପ୍ରବେଶ ହେତୁ 87.23 ହେକ୍ଟରର ବସ୍ତୁଗତ ମାଲିକାନା ତହସିଲଦାର ହସ୍ତାନ୍ତର କରିନଥିଲେ । ଜମି ବିନିଯୋଗର ଚୂଡ଼ାନ୍ତ ଅନୁମୋଦନ (ଫେବୃଆରୀ 2018)ର ଚାରି ବର୍ଷ ବିତିଯାଇଥିଲେ ମଧ 87.23 ହେକ୍ଟର ଚିହ୍ନଟ ଅଞ୍ଚଳରେ ସିଏ କାର୍ଯ୍ୟକାରୀ କରିନଥିଲା ।

ଏହାର ଉତ୍ତରରେ ଡିଏଫ୍‌ଓ ଉପରୋକ୍ତ ତଥ୍ୟକୁ ସ୍ୱୀକାର କରି ଦର୍ଶାଇଥିଲେ ଯେ, ତହସିଲଦାର, କାଶୀପୁରକୁ ଉକ୍ତ ଜମିକୁ ଅନଧିକାର ପ୍ରବେଶ କରିଥିବା ଲୋକଙ୍କୁ ଖାଲି କରିବାକୁ ଅନୁରୋଧ କରିଥିଲେ । ତେବେ, ଜଙ୍ଗଲ ମଞ୍ଜୁରୀ ଅନୁଯାୟୀ ଧାର୍ଯ୍ୟ ବାଧ୍ୟତାମୂଳକ ସର୍ତ୍ତକୁ ଉଲ୍ଲଙ୍ଘନ କରି ବିଭାଗ ଠିକ୍ ସମୟରେ ସିଏ କାର୍ଯ୍ୟକାରୀ କରିପାରିବ ନାହିଁ ବୋଲି ସତ୍ୟ ପାଠରେ ଦର୍ଶାଯାଇଛି । ତେବେ ସରକାର କୌଣସି ଉତ୍ତର ଦେଇନାହାଁନ୍ତି ।

### 4.4.4 ଆଞ୍ଚଳିକ ବନ୍ୟଜନ୍ତୁ ପରିଚାଳନା ଯୋଜନାର ମୂଲ୍ୟ ପାଇଁ ମଜୁରୀ ହାରର ଅଣସଂଶୋଧନ

ଓଡ଼ିଶା ସରକାରଙ୍କ ବିଜ୍ଞପ୍ତି (ଡିସେମ୍ବର 2005) ଅନୁଯାୟୀ ବନ୍ୟପ୍ରାଣୀ ପରିଚାଳନା ଯୋଜନା (ଡବ୍ଲୁଏଲ୍‌ଏମ୍‌ପି) ଖଣି ଲିଜ୍‌ଧାରୀଙ୍କର ଖର୍ଚ୍ଚରେ ଅର୍ଥ ପ୍ରଦାନ କରାଯିବାର ଥିଲା, ଯାହାକି ଏମ୍‌ଓଇଏଫ୍, ଭାରତ ସରକାରଙ୍କ ଦ୍ୱାରା ତାହାର ସର୍ତ୍ତ ସହ ସେମାନଙ୍କ ପଟ୍ଟାଦାରୀ ଅଞ୍ଚଳଗୁଡ଼ିକ ଜଙ୍ଗଲକୁ ସ୍ଥାନାନ୍ତର କରିବାକୁ ଅନୁମତି ଦିଆଯାଇଥିଲା ।

2005-18 ଅବଧିରେ ସଂଶୋଧିତ ମଜୁରୀ ହାର ଆଧାରରେ ବିଭାଗ ଡବ୍ଲୁଏଲ୍‌ଏମ୍‌ପିର କାର୍ଯ୍ୟକାରିତା ପାଇଁ ଛଅ ଥର ଖର୍ଚ୍ଚ ସଂଶୋଧନ କରିଥିଲା । ଏହାର ମୂଲ୍ୟ ହେକ୍ଟର ପିଛା 15,000 ଟଙ୍କାରୁ (ଡିସେମ୍ବର 2005) ହେକ୍ଟର ପିଛା 82,000 ଟଙ୍କା (ଅକ୍ଟୋବର 2018) ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା । ମଜୁରୀ ହାରର ଉପର

[92] ଏଏନ୍‌ଆର୍, ଏଏନ୍‌ଆର୍ ପରିଚାଳନା ଏବଂ ଲଣ୍ଡା ପାହାଡ଼ ବୃକ୍ଷରୋପଣ

[93] କାଶୀପୁର ଓ ଟିକିରି ରେଞ୍ଜ ଅଧିନସ୍ଥ ଗ୍ରାମ ଆଡ଼ଟିକିରି, ଆଡଜୋର, ଯୋଡ଼ମ୍ବା ଓ ଗୁଆମୁରକା

ସଂସ୍କରଣକୁ ଦୃଷ୍ଟିରେ ରଖି ଡବ୍ଲୁଏଲ୍ଏମ୍ପିର ମୂଲ୍ୟ ରୀତି ଅକ୍ଟୋବର 2018 ଠାରୁ ସଂଶୋଧିତ ହେବାର ଥିଲା ।

ସମୀକ୍ଷା ଅବଲୋକନ କଲା ଯେ 30 ଅକ୍ଟୋବର 2018 ଠାରୁ ଆଞ୍ଚଳିକ ବନ୍ୟଜନ୍ତୁ ପରିଚାଳନା ଯୋଜନା (ଆର୍ଡବ୍ଲୁଏଲ୍ଏମ୍ପି)ର କାର୍ଯ୍ୟାନ୍ୱୟନ ହାରରେ କୌଣସି ସଂଶୋଧନ କରାଯାଇ ନଥିଲା । ଯଦିଓ 2018 ରୁ 2022 ଅବଧି ମଧ୍ୟରେ ମଜୁରୀ ହାର 280 ଟଙ୍କାରୁ 326 ଟଙ୍କାକୁ ବୃଦ୍ଧି କରାଯାଇଥିଲା । ସଂଶୋଧିତ ମଜୁରୀ ହାର ଅନୁଯାୟୀ, (ଆର୍ଡବ୍ଲୁଏଲ୍ଏମ୍ପି) କାର୍ଯ୍ୟାନ୍ୱୟନ ପାଇଁ ଖର୍ଚ୍ଚ ପର୍ଯ୍ୟାୟ କ୍ରମେ ସଂଶୋଧିତ ହେବାର ଥିଲା । 2019-22 ମଧ୍ୟରେ ଆର୍ଡବ୍ଲୁଏଲ୍ଏମ୍ପି ହାରର ସଂଶୋଧନ ନହେବା ଫଳରେ 1,875.69 ହେକ୍ଟର ଜଙ୍ଗଲ ପରିବର୍ତ୍ତନରେ ଛଅଟି ୟୁଏରୁ 84 ଲକ୍ଷ ଟଙ୍କା ସ୍ୱଳ୍ପ ଆଦାୟ ହୋଇଥିଲା, ଯାହା ***ପରିଶିଷ୍ଟ-VIII*** ରେ ବିସ୍ତୃତ ଭାବେ ଦର୍ଶାଯାଇଛି ।

ଏହାର ଉତ୍ତରରେ ସରକାର ଦର୍ଶାଇଲେ (ମାର୍ଚ୍ଚ 2023) ଯେ, ଆର୍ଡବ୍ଲୁଏଲ୍ ଏମ୍ପି ମୂଲ୍ୟର ସଂଶୋଧନ ପାଇଁ ଆବଶ୍ୟକ ପ୍ରସ୍ତାବ ଦାଖଲ କରାଯାଇଥିଲା । ତଥାପି, ବାସ୍ତବ ପକ୍ଷେ 2018 ମସିହାରୁ ମଜୁରୀ ହାର ସଂଶୋଧନ କରାଯାଇ ନଥିଲା । ଯେଉଁଥିପାଇଁ ୟୁଏରୁ 84 ଲକ୍ଷ ଟଙ୍କାର ସ୍ୱଳ୍ପ ଆଦାୟ ହୋଇଥିଲା ।

### 4.4.5 ଉପଭୋକ୍ତା ଏଜେନ୍ସୀ ଦ୍ୱାରା ହାତୀ ଅଣ୍ଡରପାସ୍ / ଓଭରପାସ୍‌ର ସର୍ତ୍ତମୂଳକ କାର୍ଯ୍ୟ ନକରିବା

ରାଜପଥ ଏବଂ ରେଳବାଇର ନବୀକରଣ ପାଇଁ ଜଙ୍ଗଲ ଜମିର ଡାଇଭର୍ସନ ଅନୁମୋଦିତ ଧାର୍ଯ୍ୟ ସର୍ତ୍ତ ଅନୁଯାୟୀ ଜଙ୍ଗଲ ଅଞ୍ଚଳରେ ଅଣ୍ଡରପାସ୍ (ୟୁପି)/ ଓଭରପାସ୍ (ଓପି)/ ସରୀସୃପ ଅଣ୍ଡରପାସ୍ (ଆର୍ୟୁପି) ଅଧିନରେ ପ୍ରଦାନ କରାଯିବ ।

20 ଟି ଜଙ୍ଗଲ ବିଭାଗର ନଥିପତ୍ରଗୁଡ଼ିକର ଯାଞ୍ଚରୁ ଜଣାପଡ଼ିଛି ଯେ, ପାଞ୍ଚଟି[94] ଡିଭିଜନରେ 22 ଟି ହାତୀ ୟୁପି, ଚାରିଟି ଓପି ଏବଂ 86 ଟି ଆର୍ୟୁପି ପର୍ଯ୍ୟାୟ–I/ II ରେ ଧାର୍ଯ୍ୟ କରାଯାଇଥିବା ଅନୁମୋଦନ ଅନୁଯାୟୀ ୟୁଏ ଦ୍ୱାରା ମାର୍ଚ୍ଚ 2022 ସୁଦ୍ଧା ନିର୍ମାଣ କରାଯିବାର ଥିଲା । ପର୍ଯ୍ୟାୟ-II ମଞ୍ଜୁରୀର ଦୁଇ ରୁ ଚାରି ବର୍ଷ ବିତିଯିବା ସତ୍ତ୍ୱେ 10 ଟି ହାତୀ ୟୁପି କାର୍ଯ୍ୟ ଚାଲିଛି ଏବଂ 12 ଟି ୟୁପି କାର୍ଯ୍ୟ ଆରମ୍ଭ ହୋଇନଥିଲା । ସେହିଭଳି, ଚାରିଟି ଓପି ମଧ ଆରମ୍ଭ ହୋଇନଥିଲା ଏବଂ ଡିଏଫ୍ଓ, ବଣେଇ ଅଧିନରେ 86 ଆର୍ୟୁପି ନିର୍ମାଣ କରାଯାଇ ନଥିଲା ।

ଆହୁରି ମଧ କେଉଁଝର ଡିଭିଜନରେ ଦେଖାଗଲା ଯେ ସ୍ଥଳ ବିଶେଷର ସର୍ତ୍ତ, ଯେପରିକି ପକ୍ଷୀମାନଙ୍କ ପାଇଁ ବିକଳ୍ପ ବାସସ୍ଥାନ/ ଗୃହ ନିର୍ମାଣ, ବାଡ଼ା, ସୁରକ୍ଷା, ରିକ୍ତ ସ୍ଥାନରେ ରୋପଣ ଓ ମୃତ୍ତିକା ଆଦ୍ରତା ସଂରକ୍ଷଣ (ଏସ୍ଏମ୍ସି)-ଅବକ୍ଷୟ ହେଉଥିବା ଖୋଲା ଜଙ୍ଗଲକୁ ପୁନଃସଞ୍ଚୟ ଓ ପୁନରୁଦ୍ଧାର କରିବା ପାଇଁ କାର୍ଯ୍ୟ, ଖଣି ଲିଜ୍ ଓ ସୁରକ୍ଷା ଜୋନ ପାଇଁ ସୀମା ନିର୍ଦ୍ଧାରଣ, ସୁଦୃଢ଼ ସିମେଣ୍ଟ କଂକ୍ରିଟ୍ ସ୍ତମ୍ଭ ସ୍ଥାପନ କରିବା, ଇତ୍ୟାଦି ୟୁଏ ଦ୍ୱାରା ପାଳନ କରାଯାଇ ନଥିଲା । ପର୍ଯ୍ୟାୟ-I/ III ଅନୁମୋଦନରେ ନିର୍ଦ୍ଧାରିତ ସର୍ତ୍ତାବଳୀକୁ ପାଳନ ନକରିବା ଦ୍ୱାରା ଆଭ୍ୟନ୍ତରୀଣ ଜଙ୍ଗଲ ଅଞ୍ଚଳରେ ହାତୀ ମୃତ୍ୟୁର କାରଣ ସୃଷ୍ଟି ହୋଇଥିଲା ।

ଅଡିଟରେ ଦେଖାଗଲା ଯେ ସଂପୃକ୍ତ ବନଖଣ୍ଡ ଅଧିକାରୀ ପର୍ଯ୍ୟାୟ-I ଓ ପର୍ଯ୍ୟାୟ-II ଅନୁମୋଦନ ସର୍ତ୍ତ ପାଳନ ପାଇଁ ଆବଶ୍ୟକ ପଦକ୍ଷେପ ନେଇନାହାନ୍ତି । ଉପଭୋକ୍ତା ଏଜେନ୍ସୀ ସହ ଏ ସମ୍ପର୍କରେ କୌଣସି ପତ୍ରାଚାର ରେକର୍ଡରେ ନଥିବା ଦେଖିବାକୁ ମିଳିଥିଲା ।

ଅଡିଟ୍ ପର୍ଯ୍ୟବେକ୍ଷଣକୁ ଗ୍ରହଣ କରି ସରକାର (ମାର୍ଚ୍ଚ 2023) କହିଥିଲେ ଯେ ସମସ୍ତ ବନଖଣ୍ଡ ଅଧିକାରୀଙ୍କୁ ସମୟ ନଷ୍ଟ ନକରି ୟୁପି/ ଓପି ଏବଂ ଆର୍ୟୁପି ନିର୍ମାଣ ପାଇଁ ୟୁଏକୁ ନିର୍ଦ୍ଦେଶ ଜାରି କରିବାକୁ ନିର୍ଦ୍ଦେଶ ଦିଆଯାଇଛି । କିନ୍ତୁ ବାସ୍ତବ କଥା ହେଲା, ଚୂଡ଼ାନ୍ତ ଅନୁମୋଦନର ଦୁଇ ରୁ ଚାରି ବର୍ଷ ବିତିଯାଇଥିଲେ ମଧ ଧାର୍ଯ୍ୟ ୟୁପି/ଓପି ଓ ଆରୟୁପି ନିର୍ମାଣ ହୋଇପାରୁ ନାହିଁ, ଯାହା ବନ୍ୟଜନ୍ତୁଙ୍କ ଜୀବନ ହାନି ଘଟାଉଛି ।

[94] ଡିଏଫ୍ଓ, ଆଠଗଡ଼, ବଣେଇ, ଢେଙ୍କାନାଳ, ନୟାଗଡ଼ ଏବଂ ରେଢାଖୋଲ

### 4.4.6 କ୍ଷତିପୂରକ ବନୀକରଣର ସମାପ୍ତି ପରେ ସଂରକ୍ଷିତ ଜଙ୍ଗଲ/ ସୁରକ୍ଷିତ ଜଙ୍ଗଲର ଅଣ-ଅଧିସୂଚନା

କ୍ଷତିପୂରକ ବନୀକରଣ ଶେଷ ହେବା ପରେ ଜଙ୍ଗଲ ଓ ପରିବେଶ ବିଭାଗ ଦ୍ୱାରା ଅଣଜଙ୍ଗଲ ଜମିକୁ ସଂରକ୍ଷିତ ଜଙ୍ଗଲ (ଆର୍‌ଏଫ୍)/ ସୁରକ୍ଷିତ ଜଙ୍ଗଲ (ପିଏଫ୍) ଭାବେ ଅଧିସୂଚିତ କରିବାର ଥିଲା । ବିଜ୍ଞପ୍ତି ପ୍ରକାଶ ନ ପାଇଲେ ଏହି ଜମି ବିଭାଗର ପ୍ରଶାସନିକ ନିୟନ୍ତ୍ରଣରେ ଆସିବ ନାହିଁ ଏବଂ ଜଙ୍ଗଲ ସଂରକ୍ଷମ ଆଇନ୍ ଅନୁଯାୟୀ ଆବଶ୍ୟକ ସୁରକ୍ଷା/ ବନୀକରଣ କାର୍ଯ୍ୟ ଆରମ୍ଭ ହୋଇପାରିବ ନାହିଁ ।

20 ଟି ବନଖଣ୍ଡର ସିଏ ରେକର୍ଡର ଯାଞ୍ଚରୁ ଜଣାଗଲା ଯେ ନଅଟି ବନଖଣ୍ଡରେ[95] 85 ଟି ମାମଲାରେ 1983 ରୁ ମାର୍ଚ୍ଚ 2022 ମଧ୍ୟରେ ୟୁଏକୁ ଜଙ୍ଗଲ ସ୍ଥାନାନ୍ତରଣ କରାଯାଇଥିବା 12,667.37 ହେକ୍ଟର ଜଙ୍ଗଲ ଜମି ରହିଛି, ସେଥିମଧ୍ୟରୁ 11,553.57 ହେକ୍ଟର ଅଣଅଜଙ୍ଗଲ ଜମିକୁ ବନ ବିଭାଗର ମାଲିକାନା ପ୍ରଦାନ କରାଯିବାର ଥିଲା । ଏହି 85 ଟି ମାମଲା ମଧ୍ୟରୁ 72ଟି ମାମଲାରେ 9,828.01 ହେକ୍ଟର ଜମି ଅନ୍ତର୍ଭୁକ୍ତ ଥିଲା, ଯାହା ବନ ବିଭାଗ ସପକ୍ଷରେ ମ୍ୟୁଟେସନ୍ କରାଯାଇଥିଲା ଏବଂ 13 ଟି ମାମଲାରେ 890.70 ହେକ୍ଟର ଜମି ଅନ୍ତର୍ଭୁକ୍ତ ଥିଲା, ଯାହା ମାର୍ଚ୍ଚ 2022 ସୁଦ୍ଧା ମ୍ୟୁଟେସନ୍ କରାଯାଇ ନଥିଲା । ତେବେ 10,718.72 ହେକ୍ଟର (9828.01 ହେକ୍ଟର + 890.70 ହେକ୍ଟର) ଜମି ମଧ୍ୟରୁ ଉପରୋକ୍ତ ସିଏ ଜମିକୁ ସଂରକ୍ଷିତ ଜଙ୍ଗଲ (ଆର୍‌ଏଫ୍)/ ସୁରକ୍ଷିତ ଜଙ୍ଗଲ (ପିଏଫ୍) ଭାବେ ଘୋଷଣା କରିବା ପାଇଁ ଏପର୍ଯ୍ୟନ୍ତ ବିଜ୍ଞପ୍ତି ପ୍ରକାଶ ପାଇନାହିଁ । ଏଣୁ ଆରଏଫ୍/ପିଏଫ୍ ପରିଚାଳନା ନିମନ୍ତେ ଏଫ୍‌ସି ଆଇନ୍ 1980 ରେ ଥିବା ବ୍ୟବସ୍ଥାକୁ ଏଥିରେ ପ୍ରୟୋଗ କରାଯାଇ ପାରିଲା ନାହିଁ ।

ଡିଏଫ୍‌ଓ ଦର୍ଶାଇଲେ ଯେ, ସିସିଏଫ୍ (ନୋଡାଲ), ଏଫ୍‌ଇଆଣ୍ଡସିସି ବିଭାଗ ଏବଂ ରାଜସ୍ୱ ପ୍ରାଧୀକରଣ ସହିତ ପତ୍ରାଚାର ଚାଲୁଅଛି । ଏହି ଉତ୍ତର ଗ୍ରହଣୀୟ ନୁହେଁ କାରଣ 1983 ଠାରୁ ଆର୍‌ଏଫ୍/ ପିଏଫ୍ ପାଇଁ ପତ୍ରାଚାର ଜାରି ହୋଇନଥିଲା ।

ଏ ନେଇ ସରକାରଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ (ମାର୍ଚ୍ଚ 2023) ।

### 4.4.7 ଜଙ୍ଗଲରେ ନିଆଁ ଲାଗିବା ଘଟଣାକୁ ନିୟନ୍ତ୍ରଣ କରିବା ପାଇଁ ପର୍ଯ୍ୟାପ୍ତ ପଦକ୍ଷେପ ଗ୍ରହଣ କରାନଯିବା

ଓଏଫ୍‌ଡି କୋଡ, 2020 ର ନିୟମ 283(14) ଏବଂ (15) ଅନୁଯାୟୀ ଜଙ୍ଗଲ ରେଞ୍ଜର/ ଫରେଷ୍ଟର/ ଫରେଷ୍ଟ ଗାର୍ଡ ନିଜ ଅଧୀନରେ କିମ୍ବା ସଂଲଗ୍ନ ଅଧିନରେ ଥିବା ଜଙ୍ଗଲ ନିଆଁ ନିୟନ୍ତ୍ରଣ ପାଇଁ ଦାୟୀ । ଯେକୌଣସି ବନ କର୍ମଚାରୀ, ଯିଏ ଜଙ୍ଗଲରେ କିମ୍ବା ଏହାର ନିକଟବର୍ତ୍ତୀ ଯେକୌଣସି ସ୍ଥାନରେ ଧୂଆଁ ଉଠୁଥିବାର ଦେଖିପାରନ୍ତି, ତୁରନ୍ତ ଉପଲବ୍ଧ ଥିବା ସହାୟତା ସଂଗ୍ରହ କରି ବ୍ୟକ୍ତିଗତ ଭାବରେ ସେହି ସ୍ଥାନକୁ ଯିବେ । ଅଗ୍ନି ନିରୀକ୍ଷକମାନଙ୍କ କର୍ତ୍ତବ୍ୟ ହେଉଛି ସେମାନଙ୍କ ବିଟ୍‌ରେ ଅଗ୍ନିଶିଖାକୁ ନିରନ୍ତର ପେଟ୍ରୋଲିଂ କରିବା, ସେମାନଙ୍କୁ ସମ୍ପୂର୍ଣ୍ଣ ଭାବେ ଜ୍ୱଳନଶୀଳ ପଦାର୍ଥରୁ ମୁକ୍ତ ରଖିବା ଏବଂ ସୁରକ୍ଷିତ ଅଞ୍ଚଳ ଭିତରେ କିମ୍ବା ଏହାର ଆଖପାଖରେ ନିଆଁ ନେବା କିମ୍ବା ନିଆଁ ଲଗାଇବାକୁ ରୋକିବା ।

ଫରେଷ୍ଟ ସର୍ଭେ ଅଫ୍ ଇଣ୍ଡିଆ (ଏଫ୍‌ଏସ୍‌ଆଇ)ର ଫାୟାର ପଏଣ୍ଟ ଅନୁଯାୟୀ 2019-22 ମଧ୍ୟରେ 86,794 ଟି ଅଗ୍ନିକାଣ୍ଡ ଘଟଣାରେ 41,883.30 ହେକ୍ଟର ଜଙ୍ଗଲ କ୍ଷତିଗ୍ରସ୍ତ ହୋଇଥିବା ଲକ୍ଷ୍ୟ କରାଯାଇଥିଲା । ସେଥି ମଧ୍ୟରୁ କେବଳ 65,298(75 ପ୍ରତିଶତ) ଘଟଣାରେ ହାଜିରା ହୋଇପାରିଥିଲା, ବଳକା 21,496 ଟି ଘଟଣାରେ ହାଜିରା ହୋଇନଥିଲା । ବର୍ଷୱାରୀ କେତେ ଅଗ୍ନିକାଣ୍ଡ ଘଟିଲା, ଜଙ୍ଗଲରେ ନିଆଁ ଲାଗିଲା, କେତେ ଜଙ୍ଗଲ ଅଞ୍ଚଳ କ୍ଷତିଗ୍ରସ୍ତ ହେଲା ଓ ଅଗ୍ନି ନିର୍ବାପକ ବ୍ୟବସ୍ଥା ବାବଦରେ କେତେ ଖର୍ଚ୍ଚ ହେଲା, ତାହାର ସବିଶେଷ ବିବରଣୀ **ଚାର୍ଟ-6** ରେ ଦର୍ଶାଯାଇଛି ।

[95] ଡିଏଫ୍‌ଓମାନେ, କେନ୍ଦୁଝର, ବାଲିଗୁଡ଼ା, ବରଗଡ଼, ବ୍ରହ୍ମପୁର, ଭଦ୍ରକ (ବନ୍ୟପ୍ରାଣୀ), ବଣେଇ, ଜୟପୁର, ଖରିଆର ଏବଂ ରାୟଗଡ଼ା

**<u>ଚାର୍ଟ 6:</u> ଅଗ୍ନିକାଣ୍ଡ ଘଟଣା, ଜଙ୍ଗଲ ଅଞ୍ଚଳ କ୍ଷତିଗ୍ରସ୍ତ ଓ ଅଗ୍ନି ନିର୍ବାପକ ବ୍ୟବସ୍ଥା ବାବଦରେ ହେଉଥିବା ଖର୍ଚ୍ଚର ବର୍ଷୱାରୀ ବିବରଣ**




**(ଉତ୍ସ: ଏମ୍ଓଡିଆଇଏସ୍/ଏସ୍ଏନ୍ପିପି[96] ସାଟେଲାଇଟ୍ ସେନସର୍ସ)**

ଉପରୋକ୍ତ ଚାର୍ଟ-6 ରୁ 2019-22 ମଧ୍ୟରେ କାମ୍ପା ଏପିଓରୁ ଜଙ୍ଗଲ ଅଗ୍ନିନିର୍ବାପକ ବ୍ୟବସ୍ଥା ବାବଦରେ 58.84 କୋଟି ଟଙ୍କା ବ୍ୟୟ ବରାଦ ହୋଇଥିବାର ଜଣାପଡ଼ିଛି । ନିଆଁ ଲାଗିବା ଘଟଣା 209 ପ୍ରତିଶତ ବଢ଼ିଥିବା ବେଳେ ନଷ୍ଟ ହୋଇଥିବା ଜଙ୍ଗଲର ପରିମାଣ 300 ପ୍ରତିଶତ 2019-20 ତୁଳନାରେ 2021-22 ରେ ବୃଦ୍ଧି ପାଇଛି । ତେବେ, ଯେଉଁ ଅଗ୍ନିକାଣ୍ଡ ଘଟଣା ଗୁଡ଼ିକରେ ପ୍ରତିକ୍ରିୟା ନଥିଲା, ତାହା 2019-20 ରୁ 2020-21 ପର୍ଯ୍ୟନ୍ତ 77 ପ୍ରତିଶତ ହ୍ରାସ ପାଇଥିଲା ଏବଂ 2021-22 ରେ (2019-20 ତୁଳନାରେ) 44 ପ୍ରତିଶତ ବୃଦ୍ଧି ପାଇଥିଲା । ଏହା ସୂଚାଉଅଛି ଯେ ଯଦିଓ ବିଭାଗ ଅଧିକ ସଂଖ୍ୟାକ ଜଙ୍ଗଲରେ ନିଆଁ ଲାଗିବା ଘଟଣାରେ ପ୍ରତିକ୍ରିୟା ପ୍ରକାଶ କରିଛି, ତଥାପି ଏଭଳି ଘଟଣା ସଂଖ୍ୟା ଏବଂ କ୍ଷତିଗ୍ରସ୍ତ ଜଙ୍ଗଲର ପରିମାଣକୁ ନିୟନ୍ତ୍ରଣ କରିପାରି ନାହିଁ । ତେଣୁ ଅଗ୍ନି ନିର୍ବାପକ ବ୍ୟବସ୍ଥା ପାଇଁ ବ୍ୟୟ ବରାଦ ସତ୍ତ୍ୱେ, ଜଙ୍ଗଲ ଅଞ୍ଚଳର କ୍ଷତି ବୃଦ୍ଧି ପାଇଛି, ଯାହା ଜୈବ ବିବିଧତା ଓ ପରିବେଶ ଉପରେ ପ୍ରତିକୂଳ ପ୍ରଭାବ ପକାଇବାର ଆଶଙ୍କା ରହିଛି ।

ଅଡିଟ୍ ପର୍ଯ୍ୟବେକ୍ଷଣକୁ ଗ୍ରହଣ କରି ସରକାର ବ୍ୟକ୍ତ କଲେ (ମାର୍ଚ୍ଚ 2023) ଯେ, ଓଡ଼ିଶାରେ ଜଙ୍ଗଲରେ ନିଆଁ ଲାଗିବାକୁ ରୋକାଯାଇପାରିବ ନାହିଁ ଏବଂ ସାଟେଲାଇଟ୍ ମାଧ୍ୟମରେ ରିମୋଟ୍ ସେନ୍ସିଂ ପ୍ରଯୁକ୍ତି ବିଦ୍ୟା ଏବଂ ଜିଆଇଏସ୍ ଉପକରଣ ଏହାକୁ ପ୍ରତିରୋଧ କରିବା ପାଇଁ ପ୍ରକୃତ ଫଳପ୍ରଦ ଏବଂ ଜଙ୍ଗଲ ନିଆଁକୁ ପରିଚାଳନା କରିପାରିବ ।

## 4.5 ପାଣ୍ଠି ପରିଚାଳନା

### 4.5.1 ରାଜ୍ୟ କାମ୍ପାର ବ୍ୟୟବରାଦ ସ୍ଥିତି

ସିଇଓ ରାଜ୍ୟ କାମ୍ପା ଦ୍ୱାରା ଅଡିଟକୁ ପ୍ରଦାନ କରାଯାଇଥିବା ସୂଚନା ଅନୁଯାୟୀ ଜାତୀୟ କାମ୍ପା ଠାରୁ ରାଜ୍ୟ କାମ୍ପା ଦ୍ୱାରା ଦାବି କରିଥିବା ଓ ମିଳିଥିବା ପାଣ୍ଠିର ବର୍ଷୱାରୀ ବିବରଣୀ ଏବଂ ଜାତୀୟ କାମ୍ପା ପାଣ୍ଠିରୁ

[96] ପରିମିତ ରିଜୋଲୁସନ୍ ଇମେଜିଂ ସ୍ପେକ୍ଟ୍ରୋରାଡିଓମିଟର/ ସୁଓମି ନ୍ୟାସନାଲ ପୋଲାର-ଅର୍ବିଟିଂ ପାର୍ଟନରସିପ୍

ବନଖଣ୍ଡ ଅଧିକାରୀମାନଙ୍କୁ / କ୍ଷେତ୍ର ୟୁନିଟକୁ ପୁନଃଷ୍ଚ ପ୍ରଦାନ କରାଯାଇଥିଲା । ଏହା ତୁଳନାରେ 2019-22 ଅବଧିରେ କାମ୍ପା କାର୍ଯ୍ୟକଳାପ ଅନୁଯାୟୀ, ହୋଇଥିବା ବ୍ୟୟ ବରାଦ ଯାହା **ସାରଣୀ 4.3** ରେ ଦର୍ଶାଯାଇଛି ।.

**ସାରଣୀ-4.3: 2019-22 ଅବଧିରେ ରାଜ୍ୟ କାମ୍ପା ଦାବି କରିଥିବା, ଗ୍ରହଣ କରିଥିବା, ଆବଣ୍ଟନ କରାଯାଇଥିବା ଅର୍ଥ ଏବଂ ଖର୍ଚ୍ଚର ବିବରଣୀ**

*(ଟଙ୍କା କୋଟିରେ)*

| ଆର୍ଥିକ ବର୍ଷ | ବାର୍ଷିକ ଯୋଜନା ପରିଚାଳନା (ପ୍ରସ୍ତାବିତ ପାଣ୍ଠି) | ଜାତୀୟ କାମ୍ପା କର୍ତ୍ତୃପକ୍ଷଙ୍କଠାରୁ ମିଳିଥିବା ପାଣ୍ଠି | କ୍ଷେତ୍ରୀୟ ୟୁନିଟ୍ ଗୁଡ଼ିକୁ ପ୍ରଦାନ କରାଯାଇଥିବା ପାଣ୍ଠି | ବିନିଯୋଗ ପାଣ୍ଠି | ବିନିଯୋଗ ହୋଇଥିବା ପାଣ୍ଠି (ପ୍ରତିଶତରେ) | କ୍ଷେତ୍ର ୟୁନିଟ୍ ଦ୍ୱାରା ଫେରସ୍ତ କରାଯାଇଥିବା ପାଣ୍ଠି |
|---|---|---|---|---|---|---|
| *1* | *2* | *3* | *4* | *5* | *6* | *7* |
| 2019-20 | 618.52 | 610.56 | 597.07 | 556.33 | 93.17 | 40.74 |
| 2020-21 | 803.65 | 773.39 | 709.35 | 674.99 | 95.16 | 34.36 |
| 2021-22 | 903.03 | 901.03 | 887.19 | 843.12 | 95.03 | 44.07 |
| **ମୋଟ** | **2,325.20** | **2,284.98** | **2,193.61** | **2,074.44** | **94.57** | **119.17** |

*ଉତ୍ସ: ସିଇଓ, କାମ୍ପାର ନଥି*

ଉପରୋକ୍ତ ସାରଣୀରୁ ଜଣାପଡ଼ିଥିଲା ଯେ ନିର୍ଦ୍ଧାରିତ ସମୟ ମଧ୍ୟରେ ରାଜ୍ୟ କାମ୍ପା ଜାତୀୟ କାମ୍ପାରୁ ମିଳିଥିବା ସମସ୍ତ ଅର୍ଥ କ୍ଷେତ୍ରୀୟ ୟୁନିଟକୁ ପ୍ରଦାନ କରିପାରି ନଥିଲେ । ସେହିପରି କ୍ଷେତ୍ରୀୟ ୟୁନିଟ୍ ଗୁଡ଼ିକ ରାଜ୍ୟ କାମ୍ପାରୁ ମିଳିଥିବା ସମ୍ପୂର୍ଣ୍ଣ ଅନୁଦାନର ବିନିଯୋଗ କରିପାରିଲେ ନାହିଁ, ଯାହାର ବିନିଯୋଗ 93 ରୁ 95 ପ୍ରତିଶତ ମଧ୍ୟରେ ରହିଥିଲା । ତେଣୁ, ଏପିଓ ଗୁଡ଼ିକରେ କ୍ଷେତ୍ରୀୟ ୟୁନିଟର ଆବଶ୍ୟକତା ଅନୁଯାୟୀ ପ୍ରସ୍ତୁତ ହୋଇନଥିଲା ।

ଏହାର ଉତ୍ତରରେ ସରକାର କହିଥିଲେ (ମାର୍ଚ୍ଚ 2023) ଯେ, କାର୍ଯ୍ୟାନ୍ୱୟନ ସମୟରେ କେତେକ ଅସୁବିଧା ଯେପରିକି ଅନୁପଯୁକ୍ତ ଜମି, ସ୍ଥାନୀୟ ସମସ୍ୟା ଇତ୍ୟାଦି ଦେଖିବାକୁ ମିଳିଥିଲା । ଏହି ଉତ୍ତର ଗ୍ରହଣୀୟ ନଥିଲା, ଯେହେତୁ ଏପିଏ ଗୁଡ଼ିକର ପ୍ରସ୍ତୁତି ବେଳେ ଏହି ବିଷୟଗୁଡ଼ିକର ବିଚାର କରାଯାଇ ପାରିଥାନ୍ତା ।

## 4.5.2 ଉପାଦନ ଭିତ୍ତିକ ଭୌତିକ ଏବଂ ଆର୍ଥିକ ଲକ୍ଷ୍ୟ ହାସଲ ନହେବା

ଏପିଓ ଅନ୍ତର୍ଗତ କାର୍ଯ୍ୟର ଭୌତିକ ଏବଂ ଆର୍ଥିକ ଲକ୍ଷ୍ୟର ଉପ୍ାଦନ ଭିତ୍ତିକ ବିବରଣୀ 2019-22 ଏବଂ ଅନୁରୂପ ସଫଳତା **ସାରଣୀ 4.4** ରେ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଛି ।

**ସାରଣୀ 4.4: 2019-22 ଅବଧିରେ ଏପିଓ ବିପକ୍ଷରେ ହାସଲ ହୋଇଥିବା ଉପାଦାନ ଭିତ୍ତିକ, ଭୌତିକ ଏବଂ ଆର୍ଥିକ ଲକ୍ଷ୍ୟ**

| କ୍ର. ନଂ. | ଉପାଦାନ | ଭୌତିକ ଲକ୍ଷ୍ୟ (ହେକ୍ଟରରେ) | ହାସଲ (ହେକ୍ଟରରେ) | ହାସଲ ପ୍ରତିଶତରେ | ଆର୍ଥିକ ଲକ୍ଷ୍ୟ (ଟଙ୍କା କୋଟିରେ) | ହାସଲ (ଟଙ୍କା କୋଟିରେ) | ହାସଲ ପ୍ରତିଶତରେ |
|---|---|---|---|---|---|---|---|
| *1* | *2* | *3* | *4* | *5* | *6* | *7* | *8* |
| 1 | ସିଏ, ପିସିଏ | 13,962 | 12,748 | 91.3 | 192.09 | 140.29 | 73.03 |
| 2 | ବାଉଁଶ ଜଙ୍ଗଲ ପୁନଃ ଉତ୍ପାଦନ | 3,12,600 | 2,17,951 | 69.72 | 52.62 | 51.30 | 97.49 |
| 3 | ବାଉଁଶ ବୃକ୍ଷ ରୋପଣ | 4,465 | 3,980 | 89.14 | 28.62 | 25.17 | 87.95 |
| 4 | ଏଏନ୍ଆର୍ ବୃକ୍ଷରୋପଣ | 95,940 | 95,265 | 99.3 | 401.50 | 375.80 | 93.6 |
| 5 | ନଣ୍ଡା ପାହାଡ଼ ବୃକ୍ଷରୋପଣ | 2,316 | 2,256 | 97.41 | 63.36 | 56.23 | 88.75 |
| | ମୋଟ | **4,29,283** | **3,32,200** | **77.38** | **738.19** | **648.79** | **87.89** |
| 6 | ଚାରା ରୋପଣ (ସଂଖ୍ୟାରେ) | 6,04,35,000 | 3,70,35,000 | 61.28 | 140.82 | 121.38 | 86.19 |

*ଉତ୍ସ: ସିଇଓ, କାମ୍ପାର ନଥି*

**ସାରଣୀ 4.4** ସୂଚିତ କରେ ଯେ, ଉପରୋକ୍ତ ବର୍ଷ ଗୁଡ଼ିକରେ 89.40 କୋଟି ଟଙ୍କା (738.19 କୋଟି ଟଙ୍କା – 648.79 କୋଟି ଟଙ୍କା), ପାଣ୍ଠିର ଉପଲବ୍ଧତା ସତ୍ତ୍ୱେ, ଯୋଜନା ହୋଇଥିବା ବୃକ୍ଷରୋପଣର କେବଳ 77 ପ୍ରତିଶତ ସଫଳତା ହାସଲ କରାଯାଇଥିଲା । ପୁନଶ୍ଚ, ଉପଲବ୍ଧ ପାଣ୍ଠିର 86.19 ପ୍ରତିଶତ ଖର୍ଚ୍ଚ ବିରୁଦ୍ଧରେ ଭୌତିକ ସଫଳତା ମାତ୍ର 61.28 ପ୍ରତିଶତ ଥିଲା ।

ଏହାର ଉତ୍ତରରେ, ସରକାର ଦର୍ଶାଇଥିଲେ (ମାର୍ଚ୍ଚ 2023) ଯେ କାର୍ଯ୍ୟକାରୀ କରୁଥିବା ବିଭାଗଗୁଡ଼ିକ ମୂଲ୍ୟ ସହିତ କାର୍ଯ୍ୟରେ ଅସୁବିଧା ପ୍ରକାଶ କରିଥିଲେ ଏବଂ ମୂଲ୍ୟ ନିୟମକୁ ସଂଶୋଧନ କରାଯାଇଥିଲା । ସେହି ଅନୁଯାୟୀ, ଭୌତିକ ଲକ୍ଷ୍ୟକୁ ସଂଶୋଧନ କରାଯାଇଥିଲା । ତଥାପି, ବାସ୍ତବତା ରହିଲା ଯେ ଏପିଓ ଅନୁଯାୟୀ ଧାର୍ଯ୍ୟ ଲକ୍ଷ୍ୟର ସଫଳତା ପର୍ଯ୍ୟାପ୍ତ ନଥିଲା ।

## 4.5.3 ରାଜ୍ୟ କାମ୍ପାର ବାର୍ଷିକ ହିସାବର ସ୍ଥିତି

### 4.5.3.1 ରାଜ୍ୟ କାମ୍ପାର ବାର୍ଷିକ ହିସାବ ଗୁଡ଼ିକର ଅଣ-ଚୂଡ଼ାନ୍ତକରଣ

ରାଜ୍ୟ କାମ୍ପା ମାର୍ଗଦର୍ଶିକା 2009ର ନିୟମ 16(3) ଅନୁଯାୟୀ ରାଜ୍ୟ କାମ୍ପା ସଂପୃକ୍ତ ଆକାଉଣ୍ଟାଣ୍ଟ ଜେନେରାଲଙ୍କ ପରାମର୍ଶରେ ନିର୍ଦ୍ଦିଷ୍ଟ ଫର୍ମରେ ସଠିକ୍ ଆକାଉଣ୍ଟ ଏବଂ ଅନ୍ୟାନ୍ୟ ପ୍ରଯୁଜ୍ୟ ରେକର୍ଡଗୁଡ଼ିକ ବଜାୟ ରଖିବ ଏବଂ ବାର୍ଷିକ ହିସାବ ବିବରଣୀ ପ୍ରସ୍ତୁତ କରିବ । ମଇ 2012 ରେ ସିଏଜି ନିର୍ଦ୍ଦେଶନାମା ଜାରି କରିଥିଲେ ଯେ କେନ୍ଦ୍ରୀୟ ସ୍ୱୟଂଶାସିତ ସଂସ୍ଥା ପାଇଁ ନିର୍ଦ୍ଧାରିତ ଖାତାର ସମାନ ଫର୍ମାଟ୍ ରାଜ୍ୟ କାମ୍ପା ପାଇଁ ଗ୍ରହଣ କରାଯିବା ଉଚିତ୍ ଏବଂ ଆକାଉଣ୍ଟ ଗୁଡ଼ିକର ହିସାବ ଭିତ୍ତିରେ ପ୍ରସ୍ତୁତ ହେବା ଉଚିତ୍ । ରାଜ୍ୟ କାମ୍ପାର ଆକାଉଣ୍ଟ ଗୁଡ଼ିକ ଧାରା 27 (1) ଏବଂ (2) କାମ୍ପା ଅଧିନିୟମ, 2016 ଅଧିନରେ ସିଏଜିଙ୍କ ଦ୍ୱାରା ଆକାଉଣ୍ଟାଣ୍ଟ ଜେନେରାଲ ମାଧ୍ୟମରେ ଅଡିଟ୍ କରାଯିବାର ଥିଲା ।

ସିଇଓ, କାମ୍ପାର ରେକର୍ଡଗୁଡ଼ିକର ଯାଞ୍ଚରୁ ଜଣାପଡ଼ିଛି ଯେ ପାଞ୍ଚଟି ସିଏଜି ଏମ୍ପାନେଲଡ୍ ଚାର୍ଟାଡ ଆକାଉଣ୍ଟାଣ୍ଟ (ସିଏ) ସଂସ୍ଥାକୁ ଆର୍ଥିକ ବର୍ଷ 2009-10 ଠାରୁ ଡବଲ ଏଣ୍ଟ୍ରି ଆକାଉଣ୍ଟିଂ ପ୍ରଣାଳୀରେ ରାଜ୍ୟ କାମ୍ପାର ବାର୍ଷିକ ଆକାଉଣ୍ଟ ଗୁଡ଼ିକର ପ୍ରସ୍ତୁତି,ସଂକଳନ ଏବଂ ପ୍ରାମାଣିକକରଣ ପାଇଁ କାର୍ଯ୍ୟାଦେଶ ଦିଆଯାଇଛି (ଅଗଷ୍ଟ 2018) । କାର୍ଯ୍ୟ ସମାପ୍ତ ହେବାର ନିର୍ଦ୍ଧାରିତ ତାରିଖ ଛଅଟି କ୍ୟାଲେଣ୍ଡର ମାସ ଥିଲା । ପ୍ରତି ବନ ବିଭାଗ ପାଇଁ 60,000 ଟଙ୍କା ସହିତ ଜିଏସ୍‌ଟି ଏବଂ ରାଜ୍ୟ କାମ୍ପାର ଆକାଉଣ୍ଟ ପ୍ରସ୍ତୁତ ପାଇଁ ବାର୍ଷିକ 1.5 ଲକ୍ଷ ଟଙ୍କା ସହିତ ଜିଏସ୍‌ଟି ହାରରେ ସ୍ଥିର କରାଯାଇଥିଲା । କାର୍ଯ୍ୟ ବିଳମ୍ବରେ ଜୋରିମାନା ପାଇଁ ପ୍ରତିଦିନ 0.15 ପ୍ରତିଶତ ଦେୟ ରାଶିରୁ କଟାଯିବାର ବ୍ୟବସ୍ଥା ମଧ୍ୟ କାର୍ଯ୍ୟ ନିର୍ଦ୍ଦେଶରେ ଉଲ୍ଲେଖ କରାଯାଇଥିଲା ।

ଆହୁରି ମଧ୍ୟ ଏହା ଦେଖାଗଲା ଯେ ସିଏ ସଂସ୍ଥାମାନଙ୍କୁ ପୂର୍ବରୁ ଦିଆଯାଇଥିବା କାର୍ଯ୍ୟ ପାଇଁ 3.42 କୋଟି ଟଙ୍କା ପ୍ରଦାନ କରାଯାଇଛି, କିନ୍ତୁ ରେଞ୍ଜର ନଗଦ ପୁସ୍ତକ, ମାସିକ ଆକାଉଣ୍ଟ ଏବଂ ବ୍ୟାଙ୍କ ପାସ୍ ବୁକ୍ ଉପଲବ୍ଧ ନହେବା ହେତୁ 2009-18 ଅବଧି ପାଇଁ ବାର୍ଷିକ ଆକାଉଣ୍ଟ ଚୂଡ଼ାନ୍ତ ହୋଇପାରି ନଥିଲା । 2016-17 ର ଏପିଓ 2018-19 ଆର୍ଥିକ ବର୍ଷରେ ବନ୍ଦ ହୋଇଥିଲା । ରାଜ୍ୟ କାମ୍ପା ଦ୍ୱାରା ଖାତା ସମାପ୍ତ ନହେବା ହେତୁ ଆର୍ଥିକ ବର୍ଷ 2017-18 ରୁ 2021-22  ସମ୍ବନ୍ଧୀୟ ହିସାବ ସିଏକୁ ନ୍ୟସ୍ତ ହୋଇନଥିଲା ଯାହା ରାଜ୍ୟ କାମ୍ପା ନିର୍ଦ୍ଦେଶାବଳୀ ଏବଂ ସିଏଜିର ନିର୍ଦ୍ଦେଶନାମାକୁ ଉଲ୍ଲଙ୍ଘନ କରିଛି । ରାଜ୍ୟ କାମ୍ପା ଏବଂ ସହଯୋଗୀ କାର୍ଯ୍ୟାଳୟଗୁଡ଼ିକର ଆକାଉଣ୍ଟଗୁଡ଼ିକ ଚୂଡ଼ାନ୍ତକରଣ ନହେବା କାରଣରୁ ସିଏ ସଂସ୍ଥାମାନଙ୍କ ଦ୍ୱାରା ଅଡିଟ୍ ହୋଇପାରିଲା ନାହିଁ । ଅଧିକନ୍ତୁ, ସଠିକ ସମୟରେ ଖାତା ଦାଖଲ ନକରିବା କାରଣରୁ ରାଜ୍ୟ କାମ୍ପାର ଆକାଉଣ୍ଟଗୁଡ଼ିକ ସିଏଜି ଦ୍ୱାରା ଅଡିଟ୍ ହୋଇପାରିଲା ନାହିଁ । ଏଥିସହ ବିଭାଗର ଢିଲାପଣ ହେତୁ ଦଣ୍ଡ ବିଧାନ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇପାରିଲା ନାହିଁ ।

ସରକାର ଦର୍ଶାଇଲେ (ମାର୍ଚ୍ଚ 2023) ଯେ, ଆକାଉଣ୍ଟାଣ୍ଟ ଜେନେରାଲଙ୍କ ନିର୍ଦ୍ଦେଶ ଅନୁଯାୟୀ, ବାର୍ଷିକ ଖାତା ପ୍ରସ୍ତୁତ କରିବାକୁ ସିଏ ସଂସ୍ଥାମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । 2009-10 ପରଠାରୁ ଆକାଉଣ୍ଟ ଗୁଡ଼ିକ ଅଡିଟ୍ ହୋଇନଥିବାରୁ ଉତ୍ତର ଗ୍ରହଣୀୟ ନୁହେଁ ।

### 4.5.3.2 ମାସିକ କାମ୍ପା ଆକାଉଣ୍ଟ ଦାଖଲ କରିବାରେ ବିଳମ୍ବ ଏବଂ ନିର୍ଦ୍ଦିଷ୍ଟ ଫର୍ମାଟରେ ହିସାବ ବିବରଣଗୁଡ଼ିକର ବାର୍ଷିକ ବିବରଣୀ ପ୍ରସ୍ତୁତ ନକରିବା

ଆକାଉଣ୍ଟସ୍ ସଂହିତା ଖଣ୍ଡ III ର ଧାରା 288 ଅନୁଯାୟୀ ମାସିକ ନଗଦ ଆକାଉଣ୍ଟ ଗୁଡ଼ିକ ଡିଡିଓ ଦ୍ୱାରା ପ୍ରତ୍ୟେକ ପୂର୍ବ ମାସର 5 ତାରିଖ ପର୍ଯ୍ୟନ୍ତ ଆକାଉଣ୍ଟାଣ୍ଟ ଜେନେରାଲଙ୍କ ନିକଟରେ ଦାଖଲ ହେବା ଆବଶ୍ୟକ ।

20 ଟି ବନ ବିଭାଗର ରେକର୍ଡଗୁଡ଼ିକର ଯାଞ୍ଚରୁ ଜଣାପଡ଼ିଛି ଯେ 17 ଟି ବିଭାଜନରେ[97] ବିଭାଜନଗୁଡ଼ିକ 2019-22 ଅବଧିରେ ଗୋଟିଏ ଦିନରୁ 1,264 ଦିନ ପର୍ଯ୍ୟନ୍ତ ବିଳମ୍ବରେ ସେମାନଙ୍କର ମାସିକ ଆକାଉଣ୍ଟ ଦାଖଲ କରିଥିଲେ । ନଗଦ ଆକାଉଣ୍ଟ ଗୁଡ଼ିକ ଠିକ୍ ସମୟରେ ଦାଖଲ ନକରିବା, ଡିଡିଓ ତରଫରୁ ଏକ ଗୁରୁତର ଚ୍ୟୁତି ଏବଂ ନିୟମର ଉଲ୍ଲଙ୍ଘନ । ଧାର୍ଯ୍ୟ ସମୟରେ ନଗଦ ପୁସ୍ତକ ବନ୍ଦ ନହେବା ସହିତ ଆଭ୍ୟନ୍ତରୀଣ ଆକାଉଣ୍ଟରେ ଅନୁପଯୁକ୍ତ ବ୍ୟବସ୍ଥାପନ ନଗଦ ପୁସ୍ତକ ଗୁଡ଼ିକରେ ପରବର୍ତ୍ତୀ ତାରିଖ ଏଣ୍ଟ୍ରିକୁ ଏଡ଼ାଇ ଦିଆଯାଇପାରିବ ନାହିଁ ।

ସରକାର ଦର୍ଶାଇଲେ (ମାର୍ଚ୍ଚ 2023) ଯେ, ମାସିକ ଆକାଉଣ୍ଟ ଠିକ୍ ସମୟରେ ଦାଖଲ ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଇଥିଲା । ପରନ୍ତୁ, ପ୍ରକୃତ ପକ୍ଷେ, ମାସିକ ଆକାଉଣ୍ଟ ଏବଂ ପ୍ରକୃତ କାର୍ଯ୍ୟକାରିତା ବିଷୟରେ ଏବଂ ଏହାର ପରବର୍ତ୍ତୀ ଅନୁପାଳନ ଦାଖଲ କରିବାରେ ବିଳମ୍ବ ହୋଇଥିଲା ।

### 4.5.3.3 କାମ୍ପା ଆକାଉଣ୍ଟରୁ ବଳକା ରାଶି ରାଜ୍ୟ କାମ୍ପା ପାଣ୍ଠିକୁ ପଠା ନଯିବା

ସିଇଓ, ରାଜ୍ୟ ପ୍ରାଧିକରଣ, କାମ୍ପା ନିର୍ଦ୍ଦେଶ ଦେଇଥିଲେ (08 ଅପ୍ରେଲ 2021) ଯେ, ସମସ୍ତ ବିଭାଗୀୟ କାର୍ଯ୍ୟାଳୟଗୁଡ଼ିକ କାମ୍ପା ସମ୍ବନ୍ଧୀୟ ବାର୍ଷିକ କ୍ୟାସ୍ ବୁକ୍ ଆକାଉଣ୍ଟ ବନ୍ଦ କରି ଏବଂ ଏପିଓ ପାଇଁ ଦିଆଯାଇଥିବା ଅବଶିଷ୍ଟ ଉପଲବ୍ଧ ପାଣ୍ଠି ଫେରସ୍ତ ଏବଂ ଏଥିରୁ ଅର୍ଜିତ ସୁଧ 15 ଅପ୍ରେଲ 2022 ସୁଦ୍ଧା, ରାଜ୍ୟ କାମ୍ପା ଆକାଉଣ୍ଟକୁ ଫେରସ୍ତ କରି, ସିଇଓ ରାଜ୍ୟ କାମ୍ପାକୁ ଅନୁପାଳନ ପଠାଇବାର ଥିଲା ।

2019-22 ଅବଧି ପାଇଁ ଏପିଓ ସମ୍ବନ୍ଧୀୟ ବ୍ୟାଙ୍କ ଆକାଉଣ୍ଟ ଏବଂ କ୍ୟାସ୍ ବୁକ୍ ଯାଞ୍ଚରୁ ଜଣାପଡ଼ିଛି ଯେ, 10 ଟି ବିଭାଜନ ସହ ଜଡ଼ିତ ସୁଧ ସମେତ ଅବ୍ୟୟତ ରାଶି 2.63 କୋଟି ଟଙ୍କା ରାଜ୍ୟ ପ୍ରାଧିକରଣ କାମ୍ପାକୁ ଫେରସ୍ତ କରାଯାଇ ନଥିଲା । ଏହା ଉପରୋକ୍ତ ନିର୍ଦ୍ଦେଶ ଗୁଡ଼ିକୁ ଉଲ୍ଲଙ୍ଘନ କରିଥିଲା । ଅଧିକନ୍ତୁ, ପାଣ୍ଠିରୁ ଭୁଲ୍ ଉପଯୋଗ ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇପାରିବ ନାହିଁ ।

ସରକାର ଦର୍ଶାଇଲେ (ମାର୍ଚ୍ଚ 2023) ଯେ, ମାର୍ଚ୍ଚ 2023 ସୁଦ୍ଧା ସମସ୍ତ ବିଭାଗ ଗୁଡ଼ିକ ରାଜ୍ୟ ପ୍ରାଧିକରଣକୁ ଉପଯୋଗ ହୋଇନଥିବା ପାଣ୍ଠି ହସ୍ତାନ୍ତର କରିଥିଲା । ପରନ୍ତୁ ବିଭାଜନ କାର୍ଯ୍ୟାଳୟଗୁଡ଼ିକ ରାଜ୍ୟ ପ୍ରାଧୀକରଣ, କାମ୍ପାର ନିର୍ଦ୍ଦେଶନାମା ପାଳନ କରିନଥିଲେ ।

### 4.5.4 କାମ୍ପା ପାଣ୍ଠିରୁ ଅନିୟମିତ ମଞ୍ଜୁର ଏବଂ ବ୍ୟୟ

ସିଏଏଫ୍ ନିୟମ, 2018ର ନିୟମ 5(1)(2) ଅନୁଯାୟୀ ଏନ୍‌ପିଭି ଆକାଉଣ୍ଟରେ ପ୍ରାପ୍ତ ହୋଇଥିବା ଅର୍ଥ ଗୁଡ଼ିକ ଏଏନ୍ଆର୍[98], ଏଆର୍[99], ସିଲଭିକଲ୍‌ଚରାଲ ଅପରେସନ[100], ବୃକ୍ଷରୋପଣ ଏବଂ ଜଙ୍ଗଲ ସୁରକ୍ଷା, ଜଙ୍ଗଲର ଏସ୍ଏମ୍‌ସି[101] ପ୍ରତିଷ୍ଠାନ, ପଶୁ ଉପଚାର କେନ୍ଦ୍ରଗୁଡ଼ିକର ପରିଚାଳନା ଏବଂ ରକ୍ଷଣାବେକ୍ଷଣ ଏବଂ ପ୍ରାଣୀ ଚିକିତ୍ସା ସୁବିଧା ପାଇଁ ବ୍ୟବହୃତ ହେବ । ପୁନଶ୍ଚ, ସିଏଏଫ୍ 2018 ର ନିୟମ 5 (4) (a to k) ଏଥି ସହିତ ଏପିଓର

---

97 ଡିଏଫ୍‌ଓମାନେ, ବରଗଡ଼, ଭଦ୍ରକ (ବନ୍ୟପ୍ରାଣୀ), ବୋଣାଇ, ବୌଦ୍ଧ, ଦେବଗଡ଼, କଳାହାଣ୍ଡି (ଉତ୍ତର), କେନ୍ଦୁଝର, ଖରିଆର, ନୟାଗଡ଼, ନବରଙ୍ଗପୁର, ପୁରୀ ବନ୍ୟପ୍ରାଣୀ, ରେଢ଼ାଖୋଲ, ରାୟଗଡ଼ା, ସୁନ୍ଦରଗଡ଼, ରାଜ୍ୟ ସିଲଭିକଲଚରିଷ୍ଟ କେନ୍ଦ୍ର, ଡିଡି ନନ୍ଦନକାନନ ପ୍ରାଣୀ ଉଦ୍ୟାନ ଏବଂ ଡିଡି, ଏସ୍‌ଟିଆର୍ ଉତ୍ତର (ବନ୍ୟପ୍ରାଣୀ) ।

98 ସହାୟକ ପ୍ରାକୃତିକ ପୁନଃଉତ୍ପାଦନ: ଏହା ସମୃଦ୍ଧ ବୃକ୍ଷରୋପଣର ଏକ ପଦ୍ଧତି ଯେଉଁଠାରେ ପ୍ରାକୃତିକ ଭାବରେ ବୃକ୍ଷରୋପଣ ଜଙ୍ଗଲର ଖରାପ ହୋଇଯାଇଥିବା ଖାଲି ଜାଗା ପାଇଁ କରାଯାଏ ।

99 କୃତ୍ରିମ ପୁନଃଉତ୍ପାଦନ: ଏହା ବୃକ୍ଷରୋପଣର ଏକ ପଦ୍ଧତି ଯେଉଁଠାରେ ବୃକ୍ଷର ବିକାଶ ପାଇଁ କୃତ୍ରିମ ଉପାୟ ଜଡ଼ିତ ।

100 ସିଲଭିକଲଚରାଲ୍ ଅପରେସନ୍‌ର ଅର୍ଥ ହେଉଛି ତୃଣକ ଦମନ, ଲତା କାଟିବା, ଉଚ୍ଚ ଖୁଣ୍ଟ କାଟିବା, ଏକାଧିକ ଶାଖା କାଟିବା ।

101 ମୃତ୍ତିକାର ଆର୍ଦ୍ରତା ସଂରକ୍ଷଣ: ମୃତ୍ତିକାରୁ ନଷ୍ଟ ହୋଇଯାଇଥିବା ଜଳ ପରିମାଣକୁ କମ୍ କରିବା ଏହା ଏକ କୌଶଳ

କାର୍ଯ୍ୟସୂଚୀ ସଂଖ୍ୟା 5 ଅନୁଯାୟୀ 2019-20 ଆର୍ଥିକ ବର୍ଷ ପାଇଁ ଦରମା ପ୍ରଦାନ, ବନ ରେଞ୍ଜ ଅଧିକାରୀଙ୍କ ଉପରସ୍ଥ ଅଧିକାରୀଙ୍କ ପାଇଁ ଆବାସିକ ଏବଂ ସରକାରୀ କୋଠା ନିର୍ମାଣ, ଆସବାବ ପତ୍ର କ୍ରୟ , ଅଫିସ ଉପକରଣ, ରାଜ୍ୟ ଜଙ୍ଗଲ ବିଭାଗର ବାସସ୍ଥାନ ଏବଂ କାର୍ଯ୍ୟାଳୟ ପାଇଁ ଏୟାର କଣ୍ଡିସନର ଏବଂ ଜେନେରେଟର ସେଟ୍ ସହିତ ଫିକ୍ଚରସ୍ ଏପରିକି ପ୍ରାଣୀ ଉଦ୍ୟାନ ଏବଂ ବନ୍ୟ ଜନ୍ତୁ ସଫାରୀ ଗୁଡ଼ିକର ବିସ୍ତାର ଏବଂ ପାହ୍ୟା ବୃଦ୍ଧି ପାଇଁ କାମ୍ପା ପାଣ୍ଠି ବ୍ୟବହୃତ ହେବ ନାହିଁ । ସିଏଏଫ୍ ନିୟମ 2018ର ନିୟମ 5 ର ବ୍ୟାଖ୍ୟା 2 ଅନୁଯାୟୀ ଏନ୍‌ପିଭି ଅଭିମୁଖରେ ଗ୍ରହଣ କରାଯାଇଥିବା ଅର୍ଥ ଯାହା ରାଜ୍ୟ ପାଣ୍ଠିରେ ଜମା ଥିଲା, ତାହା ରାଜ୍ୟ ବଜେଟରୁ କାର୍ଯ୍ୟକାରିତା ଅଧିନରେ ରହିଛି ଏବଂ ଅନ୍ୟ କୌଣସି ରାଜ୍ୟ ଯୋଜନା ପାଇଁ ସେମାନଙ୍କୁ ଅନୁମତି ଦିଆଯିବ ନାହିଁ । ଅନୁମତିପ୍ରାପ୍ତ କ୍ଷେତ୍ରକୁ ବିଚ୍ୟୁତ୍ କରିବାରେ ବ୍ୟୟ ଉପରେ ପର୍ଯ୍ୟବେକ୍ଷଣ ପରବର୍ତ୍ତୀ ଉପ ଅନୁଚ୍ଛେଦ ଗୁଡ଼ିକରେ ଆଲୋଚନା କରାଯାଇଛି ।

### 4.5.4.1 ନିର୍ମାଣ କାର୍ଯ୍ୟ ଏବଂ ଅଣ ବୃକ୍ଷରୋପଣ କାର୍ଯ୍ୟକଳାପ ପାଇଁ ଅନିୟମିତ ବ୍ୟୟ

ସିଇଓ, କାମ୍ପା କାର୍ଯ୍ୟାଳୟ ଏବଂ ମନୋନୀତ ଡିଏଫ୍‌ଓରେ ଥିବା ଏପିଓ 2019-22 ସମ୍ବନ୍ଧୀୟ ରେକର୍ଡ ଗୁଡ଼ିକର ଯାଞ୍ଚରେ ଅଡିଟ୍ ଅବଲୋକନ କଲା ଯେ ନିର୍ମାଣ କାର୍ଯ୍ୟ ଏବଂ ଆସବାବପତ୍ର କ୍ରୟ ପାଇଁ କାମ୍ପା ପାଣ୍ଠିରୁ 56.82 କୋଟି ଟଙ୍କା ବ୍ୟୟବରାଦ କରାଯାଇଥିଲା ଯାହାର ବିଶଦ ବିବରଣୀ ***ପରିଶିଷ୍ଟ-IX*** ରେ ଦର୍ଶାଯାଇଛି । ଏପିଓ 2019-20 କୁ ଅନୁମୋଦନ କରିବା ବେଳେ ଜାତୀୟ କାମ୍ପା ଅନ୍ୟ ପକ୍ଷରେ ଯାନବାହନ, କୋଠା, ସାଧାରଣ ସର୍ବେକ୍ଷଣ ଏବଂ ଭିତ୍ତିଭୂମି ସମ୍ବନ୍ଧୀୟ କାର୍ଯ୍ୟର ବ୍ୟୟକୁ ସୀମିତ ରଖିଥିଲା । ଅଡିଟ୍ ଅବଲୋକନ କଲା ଯେ 21.67 କୋଟି ଟଙ୍କାର କାମ୍ପା ପାଣ୍ଠି ଡିଫରେନ୍ସିଆଲ୍ ଗ୍ଲୋବାଲ ପୋଜିସନ ପ୍ରଣାଳୀ (ଡିଜିପିଏସ୍)[102] ଜଙ୍ଗଲ ବ୍ଲକର ସର୍ଭେ, ସଫ୍ଟୱେୟାର ବିକାଶ, ବେତନ ଏବଂ କ୍ଷତିପୂରଣ ଦେୟ ଇତ୍ୟାଦିର ଦେୟ ପାଇଁ ବିନିଯୋଗ ହୋଇଥିଲା ଯାହାର ବିଶଦ ବିବରଣୀ ***ପରିଶିଷ୍ଟ-X*** ରେ ଦର୍ଶାଯାଇଛି । ସିଏଏଫ୍ ନିୟମର ନିୟମ 5 ଅନୁଯାୟୀ 2019-22 ଅବଧିରେ ହୋଇଥିବା 78.49 କୋଟି ଟଙ୍କାର ଏହି ବ୍ୟୟ କାମ୍ପା ପାଣ୍ଠିରୁ ଅନୁମତି ପ୍ରାପ୍ତ ନୁହେଁ ।

ଏହାର ଉତ୍ତରରେ ସରକାର ବ୍ୟକ୍ତ କଲେ (ମାର୍ଚ୍ଚ 2023) ଯେ, ଓଡ଼ିଶା ସ୍ପେସ୍ ଆପ୍ଲିକେସନ ସେଣ୍ଟର (ଓଆର୍‌ଏସ୍‌ଏସି) ଏବଂ ରେଲ୍ ଇଣ୍ଡିଆ ଟେକ୍‌ନିକାଲ୍ ଆଣ୍ଡ ଇକୋନୋମିକ୍ ସର୍ଭିସ୍ (ଆର୍‌ଆଇଟିଇଏସ୍) ଲିମିଟେଡ୍ ଅନୁଯାୟୀ, କାମ୍ପା ଏପିଓ ଅଧିନରେ ବଜେଟ ବ୍ୟବସ୍ଥା କରାଯାଇଥିଲା ଯାହା ଷ୍ଟେଟ୍ ଲେଭଲ୍ ଷ୍ଟିୟରିଂ କମିଟି (ଏସ୍‌ଏଲ୍‌ଏସ୍‌ସି)ରେ ସ୍ଥିର ହୋଇଥିଲା ଏବଂ ସେହି ଅନୁଯାୟୀ ଦେୟମୁକ୍ତ କରାଯାଇଥିଲା । ଉଦ୍ଧାର କେନ୍ଦ୍ରର ରକ୍ଷଣାବେକ୍ଷଣ କରାଯିବା ପରିବର୍ତ୍ତେ ଏନ୍‌ଜେଡ୍‌ପିର ପାହ୍ୟା ବୃଦ୍ଧି ପାଇଁ ପାଣ୍ଠିର ଉପଯୋଗର କାରଣ ଦର୍ଶାଇବାକୁ ଡିଡି, ନନ୍ଦନକାନନ ପ୍ରାଣୀ ଉଦ୍ୟାନ (ଏନ୍‌ଜେଡ୍‌ପି) ଙ୍କୁ କୁହାଯାଇଥିଲା । ଉତ୍ତରଟି ଗ୍ରହଣୀୟ ନୁହେଁ କାରଣ ଉପଯୁକ୍ତ କାର୍ଯ୍ୟଗୁଡ଼ିକ ଜାତୀୟ କାମ୍ପାର ନିର୍ଦ୍ଦେଶନାମା ସହିତ ସିଏଏଫ୍ ନିୟମ 2018 ର ନିୟମ 5 ଅନୁଯାୟୀ ବ୍ୟୟ ଅନୁମତି ଦିଆଗଲା ନାହିଁ ।

ଆହୁରି ମଧ୍ୟ ଅଡିଟ୍ 11 ଟି ଜଙ୍ଗଲ ବିଭାଜନ[103]ର ବୃକ୍ଷରୋପଣ ଏବଂ ନଗଦ ଆକାଉଣ୍ଟ ରେକର୍ଡ ଯାଞ୍ଚ କରି ଜାଣିବାକୁ ପାଇଲା ଯେ ଖର୍ଚ୍ଚ ନିୟମ ଅନୁଯାୟୀ ମୁକ୍ତ ହୋଇଥିବା ବୃକ୍ଷରୋପଣ ପାଣ୍ଠିରୁ ସିଏଏଫ୍ ନିୟମକୁ ଉଲ୍ଲଙ୍ଘନ କରି 76.69 ଲକ୍ଷ ଟଙ୍କା ଅଣ-ବୃକ୍ଷରୋପଣ ପାଇଁ ଖର୍ଚ୍ଚ କରାଯାଇଛି ଯେପରିକି ସିମ୍ଫୋନିକୁଲର, ଡିଜିସେଟ୍ ଇତ୍ୟାଦିର କ୍ରୟ ଯାହାର ବିଶଦ ବିବରଣୀ ***ପରିଶିଷ୍ଟ-XI*** ରେ ଦର୍ଶାଯାଇଛି ।

ସରକାର ଦର୍ଶାଇଲେ (ମାର୍ଚ୍ଚ 2023) ଯେ, ଏହି ପ୍ରସଙ୍ଗରେ ସଂପୃକ୍ତ କାର୍ଯ୍ୟକାରୀ ଡିଏଫ୍‌ଓଙ୍କ ଦ୍ୱାରା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଅଛି ।

[102] ଡିଫରେନ୍ସିଆଲ ଗ୍ଲୋବାଲ ପୋଜିସନିଂ ସିଷ୍ଟମ: ଏହା ଏକ ଉନ୍ନତ ଡିଫରେନ୍ସିଆଲ ଗ୍ଲୋବାଲ ପୋଜିସନିଂ ସିଷ୍ଟମ (ଜିପିଏସ୍) ଯାହା ଉନ୍ନତ ଅବସ୍ଥାନ ସଠିକତା ପ୍ରଦାନ କରେ । ପଏଣ୍ଟଗୁଡ଼ିକର ରେକର୍ଡିଂ, ଗ୍ରାଉଣ୍ଡ କଣ୍ଟ୍ରୋଲ ପଏଣ୍ଟ ବସାଣ, ଷ୍ଟାକ୍ ଆଉଟ୍ ଏବଂ ଅନ୍ୟାନ୍ୟ ପ୍ରୟୋଗ ପରି ସର୍ବେକ୍ଷଣ, ଡିଜିପିଏସ୍ ବହୁଳ ଭାବରେ ବ୍ୟବହୃତ ହୁଏ । ଡିଜିପିଏସ୍ ସାଟେଲାଇଟ୍ ଟେକ୍‌ନୋଲୋଜି ଉପରେ ଆଧାରିତ । ଏହା ଅନ୍ୟ ଉପଗ୍ରହଗୁଡ଼ିକର ଆପେକ୍ଷିକ ସ୍ଥାନରୁ ଏହାର ସ୍ଥିତି ନିର୍ଣ୍ଣୟ କରେ ।

[103] ଦେବଗଡ଼, ନୟାଗଡ଼, ସିଇଓ, କାମ୍ପା, ବରଗଡ଼, ରାୟଗଡ଼ା, ଶିମିଳିପାଳ (ଉତ୍ତର) ବନ୍ୟପ୍ରାଣୀ, ନନ୍ଦନକାନନ, ଭଦ୍ରକ(ଡବ୍ଲୁଏଲ୍), ଖରିଆର, ବୌଦ୍ଧ ଏବଂ ରାଜ୍ୟ ସିଲଭିକଲ୍‌ଚରିଷ୍ଟ, ଭୁବନେଶ୍ୱର

## 4.5.5 କାମ୍ପା ପାଣ୍ଠିର ସ୍ଥାନାନ୍ତର

### 4.5.5.1 ଆମ ଜଙ୍ଗଲ ଯୋଜନା

ସିଏଏଫ୍ ନିୟମ 2018 ର ନିୟମ 5 ର ବ୍ୟାଖ୍ୟା 2 ରେ ଦର୍ଶାଯାଇଛି ଯେ, ଏନ୍‌ପିଭି ଆଭିମୁଖ୍ୟରେ ଗ୍ରହଣ କରାଯାଇଥିବା ଅର୍ଥର ମିଶ୍ରଣକୁ ଅନ୍ୟ କୌଣସି ରାଜ୍ୟ ଯୋଜନା ସହିତ ଅନ୍ୟ କୌଣସି ବଜେଟରୁ କାର୍ଯ୍ୟକାରିତା ଅନ୍ତର୍ଗତ ପୁଞ୍ଜି କିମ୍ବା କାର୍ଯ୍ୟ ପାଇଁ ଅନୁମତି ଦିଆଯିବ ନାହିଁ ।

ଆମ ଜଙ୍ଗଲ ଯୋଜନା (ଏଜେଓ୍ୱାଇ) ହେଉଛି ଓଡ଼ିଶା ସରକାରଙ୍କ ଏକ ଫ୍ଲାଗ୍ ସିପ୍ କାର୍ଯ୍ୟକ୍ରମ ଯାହା ରାଜ୍ୟର 30ଟି ଟେରିଟୋରିଆଲ୍ ଏବଂ ବନ୍ୟ ଜନ୍ତୁ ବିଭାଜନରେ 7,000 ବନ୍ୟ ସୁରକ୍ଷା ସମିତି (ଭିଏସ୍‌ଏସ୍) ଏବଂ ଇକୋ ବିକାଶ କମିଟି ଓଡ଼ିଶା ବନବିକାଶ ସୋସାଇଟି (ଓଏଫ୍‌ଏସ୍‌ଡିଏସ୍)ମାଧମରେ କାର୍ଯ୍ୟକାରୀ ହୋଇଛି ।

ସିଇଓ, ରାଜ୍ୟ କାମ୍ପାର ରେକର୍ଡଗୁଡ଼ିକର ଯାଞ୍ଚରୁ ଜଣାପଡ଼ିଛି ଯେ ଏହାର ରାଜ୍ୟର ଫ୍ଲାଗ୍ ସିପ୍ ଯୋଜନା ଏପରକି କାର୍ଯ୍ୟକାରିତା ପାଇଁ ସମିଶ୍ରଣ ପ୍ରକ୍ରିୟାରେ କାମ୍ପା ଏପିଓ 2019-20 ରୁ 2021-22 ଏଜେଓ୍ୱାଇକୁ 248.06 କୋଟି ଟଙ୍କା[104] ସ୍ଥାନାନ୍ତର କରାଯାଇଛି । ଏହା ସିଏଏଫ୍ ନିୟମ 2018 ର ନିୟମ 5 ର ବ୍ୟାଖ୍ୟା 2 ର ଉଲ୍ଲଙ୍ଘନ କରିଥିଲା କାରଣ ଏଜେଓ୍ୱାଇ ଯୋଜନା ହେଉଛି ରାଜ୍ୟ ବଜେଟ ମାଧମରେ କାର୍ଯ୍ୟକାରିତା ହେବାକୁ ଥିବା ଏକ ରାଜ୍ୟ ସରକାରଙ୍କ ଏକ ଫ୍ଲାଗସିପ୍ କାର୍ଯ୍ୟକ୍ରମ ।

ସରକାର ବ୍ୟକ୍ତ କଲେ (ମାର୍ଚ୍ଚ 2023) ଯେ ଏଜେଓ୍ୱାଇର କାର୍ଯ୍ୟକାରିତା ଦିଗରେ କାମ୍ପା ଅଧିନରେ ପାଣ୍ଠି ପ୍ରବାହ ଉପରେ ଏହା ଜୋର ଦିଆଯାଇଥିଲା । ଏହି ଉତ୍ତର ଗ୍ରହଣୀୟ ନୁହେଁ କାରଣ କାମ୍ପା ନିୟମ ଏବଂ ଏଜେଓ୍ୱାଇରେ ଏହାର ବ୍ୟବହାର ଅନୁଯାୟୀ କାମ୍ପା ପାଣ୍ଠିର ବ୍ୟବହାର ନିୟନ୍ତ୍ରିତ ହେବ ଯାହା ରାଜ୍ୟ ଫ୍ଲାଗ୍‌ସିପ୍ କାର୍ଯ୍ୟକ୍ରମ ଅନିୟମିତ ଥିଲା ।

### 4.5.5.2 ଅନ୍ୟ ରାଜ୍ୟ ଯୋଜନାରେ ଚାରା ବଣ୍ଟନ

ନଅଟି ଡିଏଫ୍‌ଓ[105] ରେକର୍ଡଗୁଡ଼ିକର ଯାଞ୍ଚରୁ ଜଣାପଡ଼ିଛି ଯେ, 2019-22 ଅବଧିରେ 47,84,180 ଚାରାର ମୂଲ୍ୟ 8.13 କୋଟି ଟଙ୍କା ମୂଲ୍ୟରେ ବୃଦ୍ଧି କରାଯାଇଥିଲା । ଉପରୋକ୍ତ ମଧ୍ୟରୁ, 15,45,945 ଚାରା ଅନ୍ୟ ବୃକ୍ଷରୋପଣ ଯୋଜନା ଯେପରିକି ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଯୁକ୍ତି ଗ୍ୟାରେଣ୍ଟି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍), ଓଡ଼ିଶା ବନ ବିଭାଜନ ବିକାଶ ପ୍ରକଳ୍ପ (ଓଏଫ୍‌ଏସ୍‌ଡିପି), ସବୁଜ ମହାନଦୀ ମିଶନ (ଜିଏମ୍‌ଏମ୍) ଏବଂ ସବୁଜିକରଣ ଯୋଜନାରେ ବଣ୍ଟନ/ ବ୍ୟବହାର କରାଯାଇଥିଲା ଯାହାଫଳରେ କାମ୍ପା ନିୟମକୁ ଉଲ୍ଲଙ୍ଘନ କରି କାମ୍ପାରୁ 3.42 କୋଟି ଟଙ୍କା ବିନିଯୋଗ କରାଯାଇଥିଲା, ଯାହା ***ପରିଶିଷ୍ଟ-XII*** ରେ ଦର୍ଶାଯାଇଛି । ନଥିରେ ବିନିଯୋଗର କାରଣ ଉପଲବ୍ଧ ନଥିଲା ।

ସରକାର ବ୍ୟକ୍ତ କଲେ (ମାର୍ଚ୍ଚ 2023) ଯେ କାମ୍ପା ଅଧିନରେ ସୃଚାଉଥିବା ଚାରାକୁ ଅନ୍ୟ ଯୋଜନାରେ ବ୍ୟବହାର କରାଯାଇଥିଲା ଏବଂ ଡିଏଫ୍‌ଓ ମାନଙ୍କୁ କାମ୍ପା ଅଧିନରେ ସୃଚାଇଥିବା ଚାରାର ଉପଯୋଗ ଉପରେ ଏକ ରିପୋର୍ଟ ଦାଖଲ କରିବାକୁ କୁହାଯାଇଥିଲା । ଏହି ଉତ୍ତର ଗ୍ରହଣୀୟ ନଥିଲା କାରଣ କାମ୍ପା ଅଧିନରେ ସୃଚାଇଥିବା ଚାରାକୁ ସିଏଏଫ୍ ନିୟମାବଳୀ 2018 କୁ ଉଲ୍ଲଙ୍ଘନ କରି ଅନ୍ୟ ବୃକ୍ଷରୋପଣ ଯୋଜନାରେ ବ୍ୟବହାର କରାଯାଇଥିଲା ।

### 4.5.5.3 କାମ୍ପା ଖାତାରେ ଖର୍ଚ୍ଚର ହିସାବକୁ ଅଗ୍ରାହ୍ୟ

ଓଡ଼ିଶା ବନ ବିଭାଗ ସଂହିତା (ଓଏଫ୍‌ଡିସି) 2020 ର ନିୟମ 346 (1) ଅନୁଯାୟୀ, ଯଦି କୌଣସି ଭାଉଚରକୁ ଡିଭିଜନାଲ ଅଧିକାରୀ ଭୁଲ କାରଣରୁ କିମ୍ବା ଠକେଇର ସନ୍ଦେହ କାରଣରୁ ଆକାଉଣ୍ଟରେ ଅନ୍ତର୍ଭୁକ୍ତ କରିବାକୁ ଅଟକାଇ ଦିଆଯାଏ ତେବେ ରେଞ୍ଜ ଅଧିକାରୀ (ଆର୍‌ଓ) ଓ ଭାଉଚରରେ ଉଲ୍ଲେଖ ଥିବା ଅର୍ଥ ପ୍ରଦାନ କରିଥିବା ଅଧିକାରୀଙ୍କ ସ୍ପଷ୍ଟୀକରଣ ହାସଲ ପ୍ରାପ୍ତି କରିବା ଉଚିତ୍ । ସ୍ପଷ୍ଟୀକରଣର ଉପଯୁକ୍ତ ବିଚାର ପରେ, ବନଖଣ୍ଡ

---

[104] 2019-20: 81.57 କୋଟି ଟଙ୍କା, 2020-21: 65.34 କୋଟି ଟଙ୍କା ଏବଂ 2021-22: 101.15 କୋଟି ଟଙ୍କା

[105] ଡିଏଫ୍‌ଓ, ବରଗଡ଼, ଭଦ୍ରକ (ଡବ୍ଲୁଏଲ୍), ବଣେଇ, ବୌଦ୍ଧ, ଦେବଗଡ଼, କେନ୍ଦୁଝର, ନୟାଗଡ଼ ଏବଂ ରାୟଗଡ଼ା

ଅଧିକାରୀ ଏହାର ଅନ୍ତର୍ଭୁକ୍ତି, ଆଂଶିକ କିମ୍ବା ସମ୍ପୂର୍ଣ୍ଣ ଭାବରେ କିମ୍ବା ଏହାର ସମ୍ପୂର୍ଣ୍ଣ ଅଗ୍ରାହ୍ୟ ବିଷୟରେ ଏକ ଆଦେଶ ପାରିତ କରିବାକୁ ଆଦେଶ ଦେଇପାରିବେ । ଏହାପରେ ଯେଉଁ ବ୍ୟକ୍ତି ଭାଉଚର ପ୍ରଦାନ କରିଛନ୍ତି, ତାଙ୍କ ଠାରୁ ଏହି ନାମଞ୍ଜୁର ରାଶି ଆଦାୟ କରାଯିବ ।

ଚାରିଗୋଟି ବନଖଣ୍ଡ[106] ଅଧିକାରୀଙ୍କ କାମ୍ପା ବାର୍ଷିକ ନଗଦ ଖାତାର ଯାଞ୍ଚରୁ ଜଣାପଡ଼ିଛି ଯେ, ଜାନୁଆରୀ 2020 ଏବଂ ମାର୍ଚ୍ଚ 2022 ମଧ୍ୟରେ 102 ଭାଉଚର ଯାହାର ପରିମାଣ 23.53 ଲକ୍ଷ ଟଙ୍କା ଥିଲା, ଡିଏଫ୍ଓ ଦ୍ୱାରା ନାମଞ୍ଜୁର କରାଯାଇଥିଲା ଯାହା ***ପରିଶିଷ୍ଟ-XIII*** ରେ ଦର୍ଶାଯାଇଛି । ତେବେ (ଅଗଷ୍ଟ/ ସେପ୍ଟେମ୍ବର 2022) ସୁଦ୍ଧା ସଂପୃକ୍ତ ବ୍ୟକ୍ତି ଠାରୁ ଉକ୍ତ ଅର୍ଥ ଆଦାୟ କରାଯାଇ ନଥିଲା ।

ଅଡିଟ୍ ପର୍ଯ୍ୟବେକ୍ଷଣକୁ ଗ୍ରହଣ କରି ସରକାର କହିଲେ (ମାର୍ଚ୍ଚ 2023) ଯେ ସଂପୃକ୍ତ କର୍ମଚାରୀଙ୍କ ଠାରୁ ଅଗ୍ରାହ୍ୟ ରାଶି ଆଦାୟ ପାଇଁ ପଦକ୍ଷେପ ନିଆଯାଇଛି ।

### 4.5.5.4 ବିନା ଟେଣ୍ଡର ପ୍ରକ୍ରିୟାରେ ସିଭିଲ୍ କାର୍ଯ୍ୟ ସମ୍ପାଦନ କରିବା ଓ ସାମଗ୍ରି କ୍ରୟ କରିବା

ଓଏଫ୍ଡି (ସଂଶୋଧନ) ସଂହିତା, 2020 ର ନିୟମ 109 ଅନୁଯାୟୀ ଏବଂ ଅର୍ଥ ବିଭାଗ ଓଡ଼ିଶା ସରକାରଙ୍କର ବିଜ୍ଞପ୍ତି[107] ଜରିଆରେ ଟେଣ୍ଡର ଆହ୍ୱାନ ପାଞ୍ଚ ଲକ୍ଷ ଟଙ୍କା କିମ୍ବା ତାଠାରୁ ଅଧିକ ମୂଲ୍ୟର ସାମଗ୍ରି / କାର୍ଯ୍ୟର କ୍ରୟ ପାଇଁ ବ୍ୟବହାର କରାଯିବା ଉଚିତ୍, ଯାହାକି ପ୍ରତିଦ୍ୱନ୍ଦିତା ମୂଳକ ବିଡିଂ ଦକ୍ଷତା ଓ ସ୍ୱଚ୍ଛତାକୁ ସୁନିଶ୍ଚିତ କରିବ ।

ରାଜ୍ୟ କାମ୍ପା ଏବଂ ଚୟନ ହୋଇଥିବା ଡିଭିଜନର ବିଲିଂ ରେଜିଷ୍ଟର ଯାଞ୍ଚରୁ ଜଣାଗଲା ଯେ 13 ଟି ବିଭାଜନରେ 13.23 କୋଟି ଟଙ୍କାର ସିଭିଲ୍ କାର୍ଯ୍ୟ ହୋଇଛି, ଯେଉଁଥିରୁ କେବଳ ଗୋଟିଏ ଡିଭିଜନ[108] 51.75 ଲକ୍ଷ ଟଙ୍କାର ସିଭିଲ୍ କାର୍ଯ୍ୟ ପାଇଁ ଟେଣ୍ଡର ଆହ୍ୱାନ କରିଥିଲା ଏବଂ ଏଥିରେ ଭାଗ ନେଇଥିବା ବିଡର ମାନେ ଆବଶ୍ୟକ କାଗଜପତ୍ର ଦାଖଲ କରିନଥିବାରୁ ଟେଣ୍ଡର ବାତିଲ ହୋଇଥିଲା । ପରବର୍ତ୍ତୀ ସମୟରେ ଉକ୍ତ କାର୍ଯ୍ୟକୁ ବିନା ଟେଣ୍ଡରରେ କାର୍ଯ୍ୟକ୍ଷମ କରାଯାଇଥିଲା । ବାକି 12 ଟି ଡିଭିଜନ ବିନା ଟେଣ୍ଡର ଡକାଇ ସିଭିଲ୍ କାର୍ଯ୍ୟ କରିଥିଲେ । ଆହୁରି ମଧ୍ୟ, 10 ଟି ଡିଭିଜନ ବିଜ୍ଞାପନ ଟେଣ୍ଡର ପ୍ରକ୍ରିୟାକୁ ଅନୁସରଣ ନକରି କାମ୍ପା ଏପିଓ 2019-22 ଅନୁଯାୟୀ 3.91 କୋଟି ଟଙ୍କାର ବିଭିନ୍ନ ସାମଗ୍ରୀ କ୍ରୟ କରିଥିଲେ । ପ୍ରତ୍ୟେକ କାର୍ଯ୍ୟର ମୂଲ୍ୟ ପାଞ୍ଚ ଲକ୍ଷ ଟଙ୍କାରୁ ଅଧିକ ହୋଇଥିଲେ ମଧ୍ୟ ଉପରୋକ୍ତ ସମସ୍ତ କାର୍ଯ୍ୟ ଓ କ୍ରୟ ବିନା ଟେଣ୍ଡର ପ୍ରକ୍ରିୟାରେ କରାଯାଇଥିଲା ଯାହା ***ପରିଶିଷ୍ଟ-XIV*** ରେ ଦର୍ଶାଯାଇଛି । ଯାହାହେଉ, ଡିଭିଜନ ପକ୍ଷରୁ ଟେଣ୍ଡର ପରିବର୍ତ୍ତେ ବିଭାଗୀୟ ପଦ୍ଧତିରେ ଏସବୁ କାର୍ଯ୍ୟ ସମ୍ପାଦନ କରାଯାଇ ବିନା ଟେଣ୍ଡରରେ ଦ୍ରବ୍ୟ କିଣାଯାଇ ଉପରୋକ୍ତ କୋଡାଲ ବ୍ୟବସ୍ଥାର ଉଲ୍ଲଙ୍ଘନ କରାଯାଇଥିଲା ।

ଅଡିଟ୍ ପର୍ଯ୍ୟବେକ୍ଷଣକୁ ଗ୍ରହଣ କରି ସରକାର ବ୍ୟକ୍ତ କଲେ (ମାର୍ଚ୍ଚ 2023) ଯେ ପୂର୍ବ ପ୍ରଚଳନ ଅନୁଯାୟୀ ବିଭାଗ ମାଧ୍ୟମରେ କାର୍ଯ୍ୟ ସମ୍ପାଦନ କରାଯାଇଥିଲା ଏବଂ ପରବର୍ତ୍ତୀ ନିର୍ମାଣ କାର୍ଯ୍ୟ ଟେଣ୍ଡର ପ୍ରକ୍ରିୟାରେ କରାଯିବ ।

## 4.6 କାମ୍ପା ପାଣ୍ଠିରୁ ନିଷ୍ଫଳ ବ୍ୟୟ

### 4.6.1 ବାଉଁଶ କୁପ୍ କାମ କରୁନଥିବାରୁ ଏସ୍ଏସ୍ଓ ରେ ନିଷ୍ଫଳ ବ୍ୟୟ

ଜାତୀୟ କାର୍ଯ୍ୟ ଯୋଜନା ସଂହିତା 2014 ର ନିୟମ 6 ଅନୁସାରେ ଜଙ୍ଗଲ ପରିଚାଳନା ଯୋଜନାରେ ଜଙ୍ଗଲର ସ୍ଥାୟୀ ପରିଚାଳନା ଏବଂ ଏହାର ଜୈବ ବିବିଧତାର ବଜାୟ ବ୍ୟବସ୍ଥା ରହିବା ଆବଶ୍ୟକ, ଯାହା ଜାତୀୟ ଜଙ୍ଗଲ ନୀତିରେ ଉଲ୍ଲେଖ ରହିଛି ଏବଂ ପରିବେଶ, ଆର୍ଥିକ (ଉତ୍ପାଦନ) ଏବଂ ସାମାଜିକ (ସାଂସ୍କୃତିକ ସମେତ) ଦିଗକୁ ଏଥିରେ ଅନ୍ତର୍ଭୁକ୍ତ କରାଯାଇଛି । କାର୍ଯ୍ୟ ଯୋଜନାରେ ଥିବା ନିର୍ଦ୍ଦେଶ ଅନୁସାରେ ପ୍ରଜାତିର ବୃଦ୍ଧି ପାଇଁ ଅନୁକୂଳ

106 ବରଗଡ଼, ବୌଦ୍ଧ, କେନ୍ଦୁଝର ଏବଂ ନୟାଗଡ଼

107 ସଂଖ୍ୟା କୋଡ-27/2011/4939/F ତାରିଖ 13 ଫେବୃଆରୀ 2012

108 ଭଦ୍ରକ ବନ୍ୟଜନ୍ତୁ ବିଭାଜନ

ପରିସ୍ଥିତି ପ୍ରଦାନ କରିବା ପାଇଁ ବାଉଁଶ କୂପ୍‌ରେ[109], ସହାୟକ ସିଲ୍‌ଭିକଲ୍‌ଚର ଅପରେସନ (ଏସ୍‌ଏସ୍‌ଓ) ଅନ୍ତର୍ଭୁକ୍ତ କରାଯାଇଥିଲା । କାର୍ଯ୍ୟ ଯୋଜନାରେ ଚାରି ବର୍ଷ ପାଇଁ ଏକ ବ୍ୟବସ୍ଥିତ ଉତ୍ପାଦନ ଚକ୍ରକୁ ଗ୍ରହଣ କରାଯାଇଥିଲା ଯାହା ଶିଳ୍ପ ଓ ସାଲିଆ ବାଉଁଶର ବ୍ୟବସାୟିକ ଉପଯୋଗ ପାଇଁ ଅନୁକୂଳ ଏବଂ ଉପଯୁକ୍ତ ଅଟେ । ଓଏଫ୍‌ଡିସି ଲିମିଟେଡ୍ ହେଉଛି ଏକମାତ୍ର ବିଭାଗୀୟ ବନ ଠିକାଦାର ଯାହାଙ୍କୁ ବନ ବିଭାଗର ବିଭିନ୍ନ ବନ ଜାତ ଦ୍ରବ୍ୟର ବିକ୍ରୟ / ନିଲାମ କାର୍ଯ୍ୟ ଦାୟିତ୍ୱ ଦିଆଯାଇଛି । ବାଉଁଶ ଅମଳ ଏବଂ ବିକ୍ରି ପାଇଁ ସମସ୍ତ ବାଉଁଶ କୂପ୍ ଗୁଡ଼ିକୁ ଓଏଫ୍‌ଡିସି ଲିମିଟେଡ୍‌କୁ ପ୍ରଦାନ କରାଯିବାରଥିଲା ।

ଚୟନ କରାଯାଇଥିବା ଡିଭିଜନରେ ରେକର୍ଡ ଯାଞ୍ଚରୁ ଜଣାଯାଇଛି ଯେ 13 ଟି ବନଖଣ୍ଡରେ[110] 162 ଟି ବାଉଁଶ କୂପ୍ ପାଇଁ 1,83,076.50 ହେକ୍ଟର ଅବକ୍ଷୟ ଜଙ୍ଗଲ ଜମିରେ କାମ୍ପା ଏପିଓ 2014-18 ରୁ 34.03 କୋଟି

**ଫଟୋ ସଂଖ୍ୟା.8: ରେଢ଼ାଖୋଲର ବାଉଁଶ କୂପ୍**




ଟଙ୍କା ବ୍ୟୟରେ ଏସ୍‌ଏସ୍‌ଓ କାମ କରାଯାଇଛି ଯାହା ଓଏଫ୍‌ଡିସି ଦ୍ୱାରା 2019-22 ଚାରି ବର୍ଷ ଚକ୍ରରେ ଅମଳ କରାଯିବା କଥା । ଏହାର ସବିଶେଷ ବିବରଣୀ ***ପରିଶିଷ୍ଟ -XV*** ରେ ଦର୍ଶାଯାଇଛି । ତେବେ ଓଏଫ୍‌ଡିସି ଆର୍ଥିକ ଲାଭହୀନ କାରଣ ଦର୍ଶାଇ 129 ବାଉଁଶ କୂପେ ଫେରସ୍ତ କରିଛନ୍ତି ଓ ମାତ୍ର 33 ଟି କୂପ୍‌ରେ ଅମଳ କରିଛନ୍ତି ଯାହାକି ସମୁଦାୟ ଏସ୍‌ଏସ୍‌ଓ କାର୍ଯ୍ୟର 20 ପ୍ରତିଶତ ଅଟେ ।

ବାଉଁଶ କୂପ୍ ଫେରସ୍ତ କାରଣ ଅନୁଧାନ ହୋଇନଥିବା ବେଳେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟିକୁ ଅଣାଯାଇନଥିଲା । ତେଣୁ, 129 ଟି ବାଉଁଶ କୂପେ ଅମଳ ହୋଇନଥିବାରୁ ଏସ୍‌ଏସ୍‌ଓ ବାବଦ ବ୍ୟୟ ହୋଇଥିବା 27.10 କୋଟି ଟଙ୍କା ନିଷ୍ଫଳ ଥିଲା ।

ଏହାର ଉତ୍ତରରେ ସରକାର ବ୍ୟକ୍ତ କଲେ (ମାର୍ଚ୍ଚ 2023) ଯେ ସ୍ଥାନୀୟ ବାସିନ୍ଦାଙ୍କ ଦ୍ୱାରା ଅଣ ବ୍ୟବସ୍ଥାଗତ ଭାବେ ବାଉଁଶକୁ କାଟିବା କାରଣରୁ କୂପ୍‌ର ବ୍ୟାପକ ଅବକ୍ଷୟ ହୋଇଛି ଆଉ ମଧ ଏହି ଅଞ୍ଚଳ ପାହାଡ଼ିଆ ହୋଇଥିବାରୁ ଓଏଫ୍‌ଡିସି ଦ୍ୱାରା ନିଆଯାଇଥିବା ବାଉଁଶ କୂପେ ଗୁଡ଼ିକର ଠିକ୍ ଭାବେ କାମ କରିନଥିଲା । ଏହି ଉତ୍ତର ଗ୍ରହଣୀୟ ନଥିଲା ଯେହେତୁ ସେହି ପାହାଡ଼ିଆ ଅଞ୍ଚଳ ଏବଂ ଦୁର୍ଗମ ଅଞ୍ଚଳରେ 34.03 କୋଟି ଟଙ୍କା ବ୍ୟୟରେ ଏସ୍‌ଏସ୍‌ଓ କାର୍ଯ୍ୟ କରାଯାଇଥିଲା ।

### 4.6.2 ଗବେଷଣା କ୍ଷେତ୍ରରେ ପ୍ରକଳ୍ପ ପାଣ୍ଠିର ନିଷ୍ଫଳ/ ଫଳହୀନ ଖର୍ଚ୍ଚ

ପିସିସିଏଫ୍ (ଡବ୍ଲୁଏଲ୍) ଓ ରାଜ୍ୟ ସିଲଭିକଲ୍‌ଚରିଷ୍ଟ, ଭୁବନେଶ୍ୱରଙ୍କ ରେକର୍ଡ ଯାଞ୍ଚରୁ ଜଣାଗଲା ଯେ ଅଧିବାସୀ, ପରିବେଶ ବିଜ୍ଞାନ, ଜୀବ ବିଜ୍ଞାନ, ନେଷ୍ଟିଂ ଇତ୍ୟାଦି ସମ୍ବନ୍ଧୀୟ ଅଧ୍ୟୟନ ପାଇଁ ଓଡ଼ିଶା ରାଜ୍ୟରେ 2017-22

---

109 'କୂପ୍' ଏକ କାଟିବା କ୍ଷେତ୍ର ଭାବେ ବ୍ୟାଖ୍ୟା କରାଯାଇଥାଏ, ସାଧାରଣତ ଏକ ବାର୍ଷିକ କଟିଂ କ୍ରୟ ମଧ୍ୟରୁ ଗୋଟିଏ । ପ୍ରତ୍ୟେକ କଟିଂ କ୍ରମକୁ ଚାରୋଟି ବାର୍ଷିକ କୁପେରେ ବିଭକ୍ତ କରାଯାଇଛି । ଯଥା - ଏ, ବି, ସି ଏବଂ ଡି କୁପେ । ପ୍ରତ୍ୟେକ କାଟିବା କ୍ରମରେ ଘୂର୍ଣ୍ଣନ ଉପରେ କାର୍ଯ୍ୟ କରିବାକୁ ହେବ ।

110 ଡିଏଫ୍‌ଓମାନେ ବାଲିଗୁଡ଼ା, ବରଗଡ଼, ବ୍ରହ୍ମପୁର, ବୋନାଇ, ବୌଦ୍ଧ, ଦେବଗଡ଼, ଜୟପୁର, କଳାହାଣ୍ଡି (ଉତ୍ତର), ଖରିଆର, ନୟାଗଡ଼, ରେଢ଼ାଖୋଲ, ରାୟଗଡ଼ା ଏବଂ ସୁନ୍ଦରଗଡ଼

ଅବଧିରେ 18 ଟି ଗବେଷଣା ପ୍ରସ୍ତାବ 1.91 କୋଟି ଟଙ୍କାର ପ୍ରକଳ୍ପ ବିଭିନ୍ନ ଅନୁଷ୍ଠାନ/ ବ୍ୟକ୍ତିମାନଙ୍କୁ ଦାୟିତ୍ୱ ଦିଆଯାଇଥିଲା । ଏହି ଗବେଷଣା ପତ୍ର ଗୁଡ଼ିକ ସାତ ମାସରୁ ତିନି ବର୍ଷ ମଧ୍ୟରେ ସରିବା କଥା । ଉପରୋକ୍ତ ପ୍ରକଳ୍ପ ପାଣ୍ଠି ମଧ୍ୟରୁ 1.65 କୋଟି ଟଙ୍କା କାମ୍ପା (ଏନ୍‌ପିଭି) ଏପିଓ 2015-21 ସୁଦ୍ଧା ସଂପୃକ୍ତ ବ୍ୟକ୍ତି ଓ ଅନୁଷ୍ଠାନକୁ ପ୍ରଦାନ କରାଯାଇଥିଲା, ଯାହାର ସବିଶେଷ ବିବରଣୀ ***ପରିଶିଷ୍ଟ-XVI*** ରେ ଦର୍ଶାଯାଇଛି । ତେବେ, ଜୁଲାଇ 2022 ସୁଦ୍ଧା ଚୂଡ଼ାନ୍ତ ଗବେଷଣା ପତ୍ର/ ରିପୋର୍ଟ ସଂପୃକ୍ତ କର୍ତ୍ତୃପକ୍ଷଙ୍କ ନିକଟରେ ଦାଖଲ କରାଯାଇ ନଥିଲା । ବିଭାଗ ମଧ୍ୟ ନିର୍ଦ୍ଧାରିତ ଗବେଷଣା ପ୍ରକଳ୍ପଗୁଡ଼ିକୁ ଠିକ୍ ସମୟରେ ଶେଷ କରିବାଦିଗରେ ପଦକ୍ଷେପ ନେଇନଥିଲା । 1.65 କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିଲେ ମଧ୍ୟ ଗବେଷଣା ପ୍ରକଳ୍ପର କାର୍ଯ୍ୟ ଶେଷ ନହେବା କାରଣରୁ ପରିବେଶ ଅଧ୍ୟୟନର ଆଶାନୁରୂପକ ଉଦ୍ଦେଶ୍ୟ ହାସଲ ହୋଇପାରିନଥିଲା ।

ଅଡିଟ୍ ପର୍ଯ୍ୟବେକ୍ଷଣକୁ ଗ୍ରହଣ କରି ସରକାର ବ୍ୟକ୍ତ କଲେ (ମାର୍ଚ୍ଚ 2023) ଯେ ପ୍ରମୁଖ ତଦନ୍ତକାରୀଙ୍କୁ ପ୍ରକଳ୍ପଗୁଡ଼ିକୁ ଶେଷ କରି ଶୀଘ୍ର ଚୂଡ଼ାନ୍ତ ରିପୋର୍ଟ ଦାଖଲ କରିବାକୁ କୁହାଯାଇଥିଲା ।

### 4.6.3 ସେବା ପ୍ରଦାନକାରୀଙ୍କୁ ପ୍ରଦାନ କରାଯାଉଥିବା ଦେୟ ଉପରେ ଟିକସର ସ୍ୱଳ୍ପ ଆଦାୟ

ଆୟକର (ଆଇଟି) ଅଧିନିୟମ, 1961 ର ଧାରା 194 J ଅନୁଯାୟୀ, ବୃତ୍ତିଗତ ସେବା ପାଇଁ ଶୁଳ୍କ ଆକାରରେ ପ୍ରଦାନ କରାଯାଇଥିବା ରାଶିରୁ ଉତ୍ସ ଟିକସ (ଟିଡିଏସ୍) 10 ପ୍ରତିଶତ ହାରରେ କଟା ଯିବ, ଯେଉଁଠାରେ ଏହି ପରିମାଣ ତିରିଶ ହଜାର ଟଙ୍କାରୁ ଅଧିକ ହେବ ।

ସିଇଓ କାମ୍ପାଙ୍କ କ୍ୟାସ୍ ବହି/ ହିସାବ ଯାଞ୍ଚରୁ ଜଣାପଡ଼ିଥିଲା ଯେ 35.63 ଲକ୍ଷ ଟଙ୍କା (ସାତଟି ସେବା ପ୍ରଦାନକାରୀ ସଂସ୍ଥାକୁ ମୋଟ 3.56 କୋଟି ଟଙ୍କା ପେଁଠ ଉପରେ 10 ପ୍ରତିଶତ ହିସାବରେ) ବଦଳରେ 7.67 ଲକ୍ଷ ଟଙ୍କା ଟିଡିଏସ୍ କଟା ଯାଇଥିଲା । ଫଳରେ 27.96 ଲକ୍ଷ ଟଙ୍କାର ଟିଡିଏସ୍ ସ୍ୱଳ୍ପ ଆଦାୟ ହୋଇଥିଲା ଯାହା ***ପରିଶିଷ୍ଟ - XVII*** ରେ ସବିଶେଷ ବିବରଣୀ ଦର୍ଶାଯାଇଛି ।

ଏହାର ଉତ୍ତରରେ ସରକାର ବ୍ୟକ୍ତ କଲେ (ମାର୍ଚ୍ଚ 2023) ଯେ ଟିଡିଏସ୍‌ର ସ୍ୱଳ୍ପ ଉପଲବ୍ଧି ଏହି ସମୟରେ ସେବା ପ୍ରଦାନକାରୀଙ୍କଠାରୁ ଆଦାୟ କରିବା ସମ୍ଭବପର ନୁହେଁ । ସରକାରଙ୍କ ଉତ୍ତର ଗ୍ରହଣୀୟ ନୁହେଁ, ଯେହେତୁ ଆଇଟି ଆଇନ ଅନୁଯାୟୀ ଟିଡିଏସ୍ ଆଦାୟ ହୋଇନଥିଲା ।

## 4.7 ସୁରକ୍ଷା, ତଦାରଖ ଓ ମୂଲ୍ୟାୟନ

### 4.7.1 ଜଙ୍ଗଲରେ ପଦ ପଇଁତରା ଅଭାବ

ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଜଙ୍ଗଲରେ ପଦ ପଇଁତରା ପାଇଁ ଏକ ଅଧିସୂଚନା (ମାର୍ଚ୍ଚ 2016) ଜାରି କରିଥିଲେ ଯାହା ଜଙ୍ଗଲ ଏବଂ ବନ୍ୟପ୍ରାଣୀଙ୍କ ସୁରକ୍ଷା ଏବଂ ରାଜ୍ୟର ଜଙ୍ଗଲଗୁଡ଼ିକର ସମୃଦ୍ଧି ପାଇଁ ଏକ ପଦକ୍ଷେପ ଥିଲା । ବିଭିନ୍ନ ସ୍ତରରେ ଥିବା ଜଙ୍ଗଲ ଅଧିକାରୀଙ୍କ ଦ୍ୱାରା ଏହାର ୱେବ୍‌ସାଇଟ୍ ମାଧ୍ୟମରେ ପିସିସିଏଫ୍ ଏବଂ ଏଚ୍‌ଓଏଫ୍‌ଏଫ୍‌ଙ୍କ ଦ୍ୱାରା କରାଯାଇଥିଲା । ପଦ ପଇଁତରା ସର୍ବନିମ୍ନ କେତେ ଦିନ ଜଙ୍ଗଲ ପଦାଧିକାରୀଙ୍କ ଦ୍ୱାରା କରାଯିବା ଦରକାର । ଜଙ୍ଗଲ ସୁରକ୍ଷା କର୍ମୀଙ୍କ ସ୍ତରରୁ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ସ୍ତର ପର୍ଯ୍ୟନ୍ତ ତାହା ମଧ୍ୟ ଅଧିସୂଚନାରେ ଅନୁବନ୍ଧିତ ଥିଲା ।

କେତେକ ବଛା ବଛା ବନଖଣ୍ଡର ରେକର୍ଡ ଯାଞ୍ଚରେ ଜଣାଗଲା ଯେ, ନଅଟି ବନଖଣ୍ଡରେ[111] 18,22,356 କିମି ପଦ ପଇଁତରା ପାଇଁ ଦିଆଯାଇଥିବା ଲକ୍ଷ୍ୟ ଅଧିସୂଚନା (ମାର୍ଚ୍ଚ 2016) ଅନ୍ତର୍ଗତ ସ୍ଥିର ହୋଇଥିବା ଦିନ ସଂଖ୍ୟା ଆଧାରରେ ବନଖଣ୍ଡ ଅଧିକାରୀମାନଙ୍କ ଦ୍ୱାରା ନିର୍ଦ୍ଧାରଣ କରାଯାଇଥିଲା । କେବଳ 8,63,532 କିମି (57 ପ୍ରତିଶତ) ସଂପୃକ୍ତ ୟୁନିଟର କର୍ମଚାରୀଙ୍କ ଦ୍ୱାରା 2019-2022 ଅତିକ୍ରମ କରାଯାଇଥିଲା ଯାହା ***ପରିଶିଷ୍ଟ-XVIII*** ରେ ଦର୍ଶାଯାଇଛି ।

---

111 ବନଖଣ୍ଡ ଅଧିକାରୀ - ବ୍ରହ୍ମପୁର, ବୌଦ୍ଧ, ଢେଙ୍କାନାଳ, ଜୟପୁର, ଖରିଆର, ନୟାଗଡ଼, ପୁରୀ (ବନ୍ୟଜନ୍ତୁ), ରାୟଗଡ଼ା ଏବଂ ଶିମିଳିପାଳ ବ୍ୟାଘ୍ର ସଂରକ୍ଷିତ ଉତ୍ତର (ବନ୍ୟଜନ୍ତୁ) ।

ପୁନଶ୍ଚ, ତଥ୍ୟ ଅନୁସାରେ ଓଡ଼ିଶା ଜଙ୍ଗଲ ପରିଚାଳନା ପଦ୍ଧତି (ଓଏଫ୍‌ଏମ୍‌ଏସ୍) ପୋର୍ଟାଲରେ[112] କିଲୋମିଟରରେ ପଇଁତରାର କମ୍‌ତି ଏବଂ ତତ୍ ସଂଲଗ୍ନ ଅଗ୍ନି ଦୁର୍ଘଟଣା ମାନ ଅଡିଟ୍ ଦ୍ୱାରା ବିଶ୍ଳେଷଣ କରାଯାଇଥିଲା । **ଚିତ୍ର-1** ରେ ଦେଖାଯାଇଛି ଯେ ଜଙ୍ଗଲରେ ଅଧିକ ଥର ନିଆଁ ଲାଗିଥିଲା ଏବଂ ବନଖଣ୍ଡରେ ଏହା ସାଧାରଣ ଭାବରେ ନିଆଯାଇ ବହୁତ କମ୍ ପ୍ରତିଶତ ନିଆଁ ଲାଗିବା ଘଟଣାରେ ଉପସ୍ଥିତ ରହୁଥିଲେ, ଯେଉଁଠାରେ ପଦ ପଇଁତରାର କମ୍‌ତି ଅଧିକ ଥିଲା ।

**ଚିତ୍ର 1: ନଅଟି ବନଖଣ୍ଡରେ ପଦ ପଇଁତରାର କମ୍‌ତି, ଅନୁରୂପ ସଂଖ୍ୟାରେ ଜଙ୍ଗଲରେ ନିଆଁ ଲାଗିବା ଘଟଣା (ଏଫ୍‌ଏସ୍‌ଆଇ ଅନୁଯାୟୀ) ଏବଂ ବିଭାଗ ପକ୍ଷରୁ ଜବାବ ଦିଆଯାଇଥିବା ନିଆଁ ଲାଗିବା ଘଟଣାର ପ୍ରତିଶତ ଦର୍ଶାଇ ଓଡ଼ିଶା ମାନଚିତ୍ର ପ୍ରସ୍ତୁତ କରାଯାଇଛି ।**




ଅଡିଟ ଅବଲୋକନକୁ ଗ୍ରହଣ କରି ସରକାର ଦର୍ଶାଇଲେ (ମାର୍ଚ୍ଚ 2023) ଯେ ପଦ ପଇଁତରାକୁ ତଦାରଖ କରାଯିବ ଏବଂ ସୁଧାର ଅଣାଯିବ । କିନ୍ତୁ ପ୍ରକୃତ ପକ୍ଷେ ପଦ ପଇଁତରାରେ ଯଥେଷ୍ଟ କମ୍‌ତି, ଜଙ୍ଗଲରେ ନିଆଁର ତଦାରଖରେ କମ୍‌ତି, ଜଙ୍ଗଲ କ୍ଷେତ୍ରର ଅନଧିକାର ପ୍ରବେଶ, ବେଆଇନ୍ ଗଛ କାଟିବା, ବନ୍ୟ ଜନ୍ତୁ ହ୍ରାସ[113] ଆଦିକୁ ଏଡ଼ାଇ ଦିଆଯାଇପାରିବ ନାହିଁ ।

## 4.7.2 ଅତି ଉଚ୍ଚ କ୍ଷମତା ସମ୍ପନ୍ନ (ଭିଏଚ୍‌ଏଫ୍) ସଂଯୋଗ ସିଷ୍ଟମ କାର୍ଯ୍ୟକ୍ଷମ ନହେବା

ଅଡିଟ୍ ଚାରିଟି ବନଖଣ୍ଡ[114]ର ପରୀକ୍ଷା ଯାଞ୍ଚ କରିଥିଲା ଯେଉଁଠି ହାତୀ ମୃତ୍ୟୁ ଘଟଣା ଅଧିକ ଥିଲା ଏବଂ ଅବଲୋକନ କରାଗଲା ଯେ ଘଞ୍ଚ ଜଙ୍ଗଲରେ ଜଙ୍ଗଲ କର୍ମଚାରୀଙ୍କ ମଧ୍ୟରେ ଯୋଗାଯୋଗ ପାଇଁ 106ଟି ଅତି ଉଚ୍ଚ କ୍ଷମତା ସମ୍ପନ୍ନ (ଭିଏଚ୍‌ଏଫ୍) ଟାୱାର/ ଷ୍ଟେସନ ଏବଂ 282ଟି ମୋବାଇଲ୍ ୱାକି-ଟକି ଏବଂ ହ୍ୟାଣ୍ଡସେଟ୍ ଯାହା 2019-22 ରେ ସ୍ଥାପନ କରାଯାଇଥିଲା । ଉପର ଲିଖିତ ସଂଖ୍ୟାରୁ 52ଟି ଟାୱାର (49 ପ୍ରତିଶତ) ଏବଂ 92 (33 ପ୍ରତିଶତ) ୱାକି-ଟକି କାର୍ଯ୍ୟକ୍ଷମ ନଥିଲା । କାର୍ଯ୍ୟକ୍ଷମ ନଥିବା ଅତି ଉଚ୍ଚ କ୍ଷମତା ସମ୍ପନ୍ନ ଟାୱାର ଏବଂ ୱାକି-ଟକି କେବଳ ଯେ ଘଞ୍ଚ ଜଙ୍ଗଲରେ ବନ କର୍ମଚାରୀଙ୍କ ମଧ୍ୟରେ ଯୋଗାଯୋଗରେ ପ୍ରଭାବ ପକାଇଥିଲା । ଏଥି ସହିତ କାର୍ଯ୍ୟକ୍ଷମହୀନ ଉପକରଣର କ୍ରୟ ଏବଂ ସ୍ଥାପନ ଉପରେ 49.42 ଲକ୍ଷ ଟଙ୍କା ଖର୍ଚ୍ଚ ଫଳହୀନ ଥିଲା ।

112 ଓଡ଼ିଶା ଜଙ୍ଗଲ ପରିଚାଳନା ପଦ୍ଧତି ଏକ ପ୍ରୟୋଗ ନର୍ସରୀ, ବନୀକରଣ, ମୃତ୍ତିକା କାର୍ଯ୍ୟ ଏବଂ ଆର୍ଦ୍ରତା ସଂରକ୍ଷଣ କାର୍ଯ୍ୟକଳାପର ଅଗ୍ରଗତି ଉପରେ ଏକତ୍ରିତ ରିପୋର୍ଟ ସୃଷ୍ଟି କରିବାକୁ ଏଫ୍‌ଇ ଏବଂ ସିସି ବିଭାଗ ଦ୍ୱାରା ବ୍ୟବହୃତ ହୁଏ ।

113 ଏପରି କାର୍ଯ୍ୟ ଯାହା ବନ୍ୟଜନ୍ତୁ ଘୋର କ୍ଷତି କିମ୍ବା ବିନାଶ କରିଥାଏ ।

114 ଆଠଗଡ଼, ବରଗଡ଼, ଢେଙ୍କାନାଳ ଏବଂ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ଉତ୍ତର (ବନ୍ୟଜନ୍ତୁ) ।

ଉତ୍ତରରେ, ବନଖଣ୍ଡ ଅଧିକାରୀମାନେ ଦର୍ଶାଇଲେ (ସେପ୍ଟେମ୍ବର / ଅକ୍ଟୋବର 2022) ଯେ ଅତି ଉଚ୍ଚ କ୍ଷମତା ସମ୍ପନ୍ନ ଟାୱାର ଏବଂ ପୋର୍ଟେବଲ୍ ୱାକି-ଟକି ମାନ ବିଜୁଳି ଯୋଗୁଁ କ୍ଷତିଗ୍ରସ୍ତ ହୋଇଥିଲା ଏବଂ ସେ ସବୁର ମରାମତି ପାଇଁ ପଦକ୍ଷେପ ମାନ ନିଆଯିବ ବୋଲି କହିଥିଲେ । ପରନ୍ତୁ, ତଥ୍ୟ ଏହା ଥିଲା ଯେ, ଜଙ୍ଗଲ ସୁରକ୍ଷା ପାଇଁ ବନ କର୍ମଚାରୀଙ୍କ ମଧ୍ୟରେ ଯୋଗାଯୋଗରେ ଏହା ବହୁ ଭାବରେ ପ୍ରଭାବ ପକାଇଥିଲା । ସରକାରଙ୍କ ତରଫରୁ ଏ ବିଷୟରେ କୌଣସି ଉତ୍ତର ଦିଆଯାଇନଥିଲା (ଫେବୃଆରୀ 2024) ।

### 4.7.3 ହାତୀଙ୍କ ପାଇଁ ଅକାମୀ ସୁରକ୍ଷା

'ହାତୀ'କୁ ବନ୍ୟପ୍ରାଣୀ ସୁରକ୍ଷା ଅଧିନିୟମ, 1972, ଅନୁସୂଚୀ-1 ରେ ପର୍ଯ୍ୟାୟଭୁକ୍ତ କରାଯାଇଛି ଯାହା ଏହି ପ୍ରଜାତିକୁ ସର୍ବୋଚ୍ଚ ସୁରକ୍ଷା ପ୍ରଦାନ କରେ । ଓଡ଼ିଶାରେ, ଆପ୍ ଆଧାରିତ ତଦାରଖ, ଏକୀକୃତ ବନ୍ୟଜନ୍ତୁ ପରିଚାଳନା ବ୍ୟବସ୍ଥା(ଆଇଡବ୍ଲୁଏଲ୍ଏମ୍ଏସ୍)[116] ମାଧ୍ୟମରେ ୱେବ୍ ଜ୍ୟାମିତିକ ସୂଚନା ପ୍ରଣାଳୀ (ଜିଆଇଏସ୍) ପୋର୍ଟାଲ୍[117] ମାଧ୍ୟମରେ, ଡ୍ରୋନ୍ ଏବଂ ବହୁ ମାତ୍ରାରେ କ୍ଷୁଦ୍ର ମ୍ୟାସେଜ୍ ସେବା ପୂର୍ବ ଚେତାବନୀ ପଦ୍ଧତି ବହୁ ବନଖଣ୍ଡରେ ହାତୀଙ୍କର ଗତିବିଧିକୁ ଟ୍ରାକ୍ କରିବା ପାଇଁ ବହୁଳ ଭାବେ ବ୍ୟବହାର କରାଯାଉଥିଲା । ପିସିସିଏଫ୍ (ବନ୍ୟଜନ୍ତୁ)ଙ୍କ କାର୍ଯ୍ୟାଳୟରେ ଏକ 24 x 7 କଣ୍ଟ୍ରୋଲ ରୁମ୍ ଆପରେ ଅପଲୋଡ୍ ହୋଇଥିବା ସମସ୍ତ ତଥ୍ୟ ଉପରେ ନଜର ରଖୁଥାଏ ଏବଂ କ୍ଷେତ୍ରୀୟ ୟୁନିଟ୍ ଏବଂ ଅନ୍ୟାନ୍ୟ ସୂତ୍ରରୁ ମିଳିଥିବା ସୂଚନାକୁ ଯାଞ୍ଚ କରିଥାଏ । ନିୟମିତ ପଇଁତରା କରିବା ପାଇଁ କର୍ମଚାରୀ/ ସ୍କ୍ୱାଡ୍‌କୁ ସୁବିଧା ପାଇଁ ସୁରକ୍ଷା ଆଧାରିତ ସଂରଚନା, ଭଡ଼ା ଗାଡ଼ି ଏବଂ ଅନ୍ୟ ସବୁ ଲଜିଷ୍ଟିକ୍ ବର୍ଷ ତମାମ ଯୋଗାଇ ଦିଆଯାଇଥାଏ । ହାତୀ ମାନଙ୍କର ମୃତ୍ୟୁର କାରଣ ନିର୍ଣ୍ଣୟ କରିବାକୁ ହାତୀ ଶବ ବ୍ୟବଚ୍ଛେଦ / ପଇଁତରାର ପ୍ରକ୍ରିୟା ଉପରେ ନିର୍ଦ୍ଦେଶାବଳୀ ଯାହା ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରାଳୟ, ଭାରତ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା ତାହା ପାଳନ କରାଯିବା ଉଚିତ୍ । ଅପରାଧୀମାନଙ୍କ ଦ୍ୱାରା ଅବୈଧ ଶିକାର, ବିଷ ଦେବା, ଜାଣିଶୁଣି ବିଦ୍ୟୁତ୍ ସଂଯୋଗ କରିବା କାରଣରୁ ହେଉଥିବା ଅପ୍ରାକୃତିକ ମୃତ୍ୟୁ ମାମଲା ଚିହ୍ନଟ ହେବାର 48 ଘଣ୍ଟା ମଧ୍ୟରେ ଗିରଫ ହେବା ଉଚିତ୍ ।

**ଢେଙ୍କାନାଳ ଏବଂ ଆଠଗଡ଼ ବନ ଖଣ୍ଡରେ[115] ଅବୈଧ ହାତୀ ଶିକାର ଉପରେ ଅଡିଟ୍ ଦ୍ୱାରା ଅପ୍‌ଲୋଡ ହୋଇଥିବା ଏକ ଭିଡିଓ**

ପିସିସିଏଫ୍ ଏବଂ ଏଚ୍ଓଏଫ୍ଏଫ୍‌ଙ୍କ କାଯ୍ୟାଳୟର ରେକର୍ଡ ଯାଞ୍ଚରେ ଜଣାଗଲା ଯେ 2019-22 ଅବଧିରେ 37 ଟି ବନଖଣ୍ଡରେ 239 ଟି ହାତୀ ମୃତ୍ୟୁ ମାମଲାର ରିପୋର୍ଟ କରାଯାଇଥିଲା । 2019-22 ମଧ୍ୟରେ ଯେଉଁ ବନଖଣ୍ଡ ଗୁଡ଼ିକରେ ସବୁଠୁ ଅଧିକ ସଂଖ୍ୟକ (10 କିମ୍ବା 10 ରୁ ଅଧିକ) ହାତୀମୃତ୍ୟୁ ମାମଲା ରିପୋର୍ଟ କରାଯାଇଥିଲା ତାହା ନିମ୍ନରେ **ଚିତ୍ର 2** ରେ ଦର୍ଶାଯାଇଛି ।

[115] କେତେକ ପ୍ରତିଛବି ବିଚଳିତ ହୋଇପାରେ, ବିବେକ ପ୍ରୟୋଗ ହୋଇପାରେ ।

[116] ଏହା ବନ୍ୟଜନ୍ତୁ ପରିଚାଳନା ଅଧିକାରୀଙ୍କ ବନ୍ୟଜନ୍ତୁ ଗତିବିଧି ଏବଂ ବାସସ୍ଥାନ ସୀମା ଉପରେ ନଜର ରଖିବା ଏବଂ ଭକ୍ଟୁକରଆଲାଇଜ୍ କରିବାକୁ ସକ୍ଷମ ହୋଇଥାଏ ।

[117] ଏହା ରାଜ୍ୟର ସମସ୍ତ ଅଭୟାରଣ୍ୟ ଏବଂ ବନ୍ୟ ଜନ୍ତୁ ୟୁନିଟ୍ ପାଇଁ ଜ୍ୟାମିତିକ ସୂଚନା ପ୍ରଣାଳୀ ଆଧାରିତ ବନ୍ୟଜନ୍ତୁ ସୂଚନାକୁ ସୂଗନ କରିଥାଏ ।

ଚିତ୍ର 2: 2019-22 ଅବଧିରେ ଓଡ଼ିଶାର ବନଖଣ୍ଡରେ ସର୍ବାଧିକ ହାତୀ ମୃତ୍ୟୁ ମାମଲା




ପୁନଶ୍ଚ, ଦୁଇଟି ବନଖଣ୍ଡର[118], ହାତୀ ମୃତ୍ୟୁ ମାମଲାରେ ରେକର୍ଡ ଯାଞ୍ଚରେ ଜଣାଗଲା ଯେ 51 ଟି ହାତୀ ମୃତ୍ୟୁ ମାମଲା ଯାହା 2019-22 ଅବଧିରେ ରିପୋର୍ଟ କରାଯାଇଥିଲା ସେଥିରୁ ଦୁର୍ଘଟଣାରେ (2) ବିଦ୍ୟୁତ୍ ତାର ସଂଯୋଗରେ (9), ଅବୈଧ ଶିକାର (6), ରୋଗ ଦ୍ୱାରା (28), ନିଜ ନିଜ ଭିତରେ ଲଢେଇରେ(3) ଏବଂ ପ୍ରାକୃତିକ ମୃତ୍ୟୁ (3) ଯାହା ନିମ୍ନ **ସାରଣୀ 4.5** ରେ ଦର୍ଶାଯାଇଛି ।

**ସାରଣୀ 4.5: 2019-22 ଅବଧିରେ ଦୁଇଟି ବନଖଣ୍ଡରେ ହାତୀଙ୍କର ମୃତ୍ୟୁ**

| କ୍ର. ସଂ. | ବିଭାଜନ | ବିଗତ ତିନି ବର୍ଷ ମଧ୍ୟରେ ହାତୀ ମାନଙ୍କର ମୃତ୍ୟୁ | | | ମୋଟ |
|---|---|---|---|---|---|
| | | 2019-20 | 2020-21 | 2021-22 | |
| 1 | ଡିଏଫ୍ଓ, ଢେଙ୍କାନାଳ | 16 | 6 | 13 | 35 |
| 2 | ଡିଏଫ୍ଓ, ଆଠଗଡ଼ | 2 | 4 | 10 | 16 |
| | ମୋଟ | **18** | **10** | **23** | **51** |

ଏହି ସାରଣୀରୁ ଦେଖାଗଲା ଯେ ଆଠଗଡ଼ ବନଖଣ୍ଡରେ ହାତୀ ମୃତ୍ୟୁ ସଂଖ୍ୟା ବିଗତ ତିନି ବର୍ଷ ମଧ୍ୟରେ ବଢ଼ିଯାଇଥିଲା । ଢେଙ୍କାନାଳରେ ବିଗତ ତିନି ବର୍ଷରେ ଏହି ମାମଲାର ସଂଖ୍ୟା ଆଠଗଡ଼ର ମୃତ୍ୟୁ ସଂଖ୍ୟା ଠାରୁ ଦ୍ୱିଗୁଣରୁ ଅଧିକ ଥିଲା । ପୁନଶ୍ଚ, ଅପ୍ରାକୃତିକ ହାତୀ ମୃତ୍ୟୁ ସଂଖ୍ୟା, ପ୍ରାକୃତିକ ମୃତ୍ୟୁ ସଂଖ୍ୟା ଠାରୁ 16 ଗୁଣ ଅଧିକ ଥିଲା ଯାହାକି ଏକ ଚିନ୍ତାର ବିଷୟ ।

ପୁନଶ୍ଚ, ହାତୀ ସୁରକ୍ଷା ପାଇଁ ଏହି ଦୁଇ ବନଖଣ୍ଡରେ କରାଯାଇଥିବା ପଦକ୍ଷେପ ସମ୍ବନ୍ଧୀୟ ନଥିଗୁଡ଼ିକର ଯାଞ୍ଚରେ ନିମ୍ନ ପ୍ରଦତ୍ତ ଅଭାବ ଗୁଡ଼ିକ ଦର୍ଶାଯାଇଅଛି:

### 4.7.3.1 କର୍ତ୍ତୃପକ୍ଷଙ୍କ ଦ୍ୱାରା ଅପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା ଏବଂ ନିଷ୍କ୍ରିୟତା

2019-22 ଅବଧି ମଧ୍ୟରେ ଛଅଟି ହାତୀ ଅବୈଧ ଶିକାର ଯୋଗୁଁ ମୃତ୍ୟୁବରଣ କରିଥିଲେ । ରେକର୍ଡ ଯାଞ୍ଚରେ ଅଡିଟ୍ ଅବଲୋକନ କଲା ଯେ, ବିଭିନ୍ନ ଅଂଶଦାୟୀ କାରଣ ଯଥା- ଜଙ୍ଗଲ କ୍ଷେତ୍ରରେ ପଦ ପଇଁତରାରେ ଅଭାବ, ଓଡ଼ିଶା ଜଙ୍ଗଲ ପରିଚାଳନା ବ୍ୟବସ୍ଥା (ଓଏଫ୍ଏମ୍ଏସ୍) ତଥ୍ୟ ଅନୁଯାୟୀ ସଠିକ୍ ଜାଗା ଗୁଡ଼ିକରେ ଟ୍ରାପ୍ କ୍ୟାମେରା ବ୍ୟବହୃତ ନହେବା, ହାତୀ ସ୍କ୍ୱାର୍ଡର ନିୟୋଜନ, ଅସ୍ତ୍ରଶସ୍ତ୍ରର ଅଭାବ ଇତ୍ୟାଦି । ପୁନଶ୍ଚ, ବନଖଣ୍ଡ ଅଧିକାରୀମାନେ

[118] ଢେଙ୍କାନାଳ ଏବଂ ଆଠଗଡ଼

ଅବୈଧ ହାତୀ ଶିକାର ଘଟଣା ଏବଂ ଶିକାରୀଙ୍କ ବିଷୟରେ ରିପୋର୍ଟ ନ କରିବାର ବିଫଳତା ପାଇଁ କ୍ଷେତ୍ର କର୍ମଚାରୀମାନଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲେ । 2019-20 ଅବଧିରେ ଢେଙ୍କାନାଳ ବନଖଣ୍ଡରେ ଅବୈଧ ହୁକିଙ୍ଗ୍[119]ଏବଂ ନିମ୍ନକୁ ନଇଁ ଆସିଥିବା ବିଦ୍ୟୁତ୍ ତାର[120] ଫଳରେ ବିଦ୍ୟୁତ୍ ସଂଯୋଗ ଯୋଗୁଁ ହାତୀ ମୃତ୍ୟୁ ମାମଲା ରିପୋର୍ଟ ହୋଇଥିଲା ସେଠାରେ ପଦ ପଇଁତରାର ଅଭାବ ମଧ୍ୟ ପରିଲକ୍ଷିତ ହୋଇଥିଲା ଯାହା **ସାରଣୀ 4.6** ରେ ଦର୍ଶାଯାଇଛି ।

**ସାରଣୀ- 4.6: 2019-22 ଅବଧିରେ ବିଦ୍ୟୁତ୍ ସଂଯୋଗ ଯୋଗୁଁ ଢେଙ୍କାନାଳ ବନଖଣ୍ଡରେ ହାତୀ ମୃତ୍ୟୁ ମାମଲା**

| କ୍ର. ସଂ. | ହାତୀ ମୃତ୍ୟୁ ସ୍ଥାନ | ମୃତ୍ୟୁ ତାରିଖ | 2019-2022 ଅବଧିରେ କ୍ଷେତ୍ର କର୍ମଚାରୀଙ୍କ ଦ୍ୱାରା କରାଯାଇଥିବା ପଦ ପଇଁତରା |
|---|---|---|---|
| 1 | କାଡଲା | 12.06.2019 | ନାହିଁ |
| 2 | କଦମପାଳ | 16.09.2019 | ନାହିଁ |
| 3 | ଅଁଳାକଟା | 21.11.2019 | 30.05.2019 |
| 4 | ଗୁରିଲୁ | 15.01.2020 | 07.10.2020 ଏବଂ 24.01.2021 |
| 5 | ପଥରଖମ୍ବା | 25.09.2020 | ନାହିଁ |
| 6 | ବେନିପଥର | 01.12.2020 | ନାହିଁ |
| 7 | ଗୋବିନ୍ଦପ୍ରସାଦ | 06.06.2021 | ନାହିଁ |
| 8 | କଣ୍ଟାମେଳା | 24.07.2021 | ନାହିଁ |
| 9 | କପିଳାସ ହାତୀ ଉଦ୍ଧାର କେନ୍ଦ୍ର | 29.01.2022 | ନାହିଁ |

ଉପରୋକ୍ତ ସାରଣୀରୁ ଏହା ପ୍ରମାଣିତ ହୁଏ ଯେ ବିଗତ ତିନି ବର୍ଷ ମଧ୍ୟରେ ନଅଟି ସ୍ଥାନ ଭିତରୁ ସାତଟି ସ୍ଥାନରେ ପଦ ପଇଁତରା କାର୍ଯ୍ୟକାରୀ କରାଯାଇ ନଥିଲା ।

ଉତ୍ତରରେ, ସରକାର ଦର୍ଶାଇଲେ (ମାର୍ଚ୍ଚ 2023) ଯେ, ବିଦ୍ୟୁତ୍ ସଂଯୋଗ ଜନିତ ହାତୀ ମୃତ୍ୟୁ ରୋକିବା ପାଇଁ ଶକ୍ତି ବିଭାଗ ସମନ୍ୱୟରେ ବିଭିନ୍ନ ଉପାୟମାନ କାର୍ଯ୍ୟକାରୀ କରାଯାଇଥିଲା ।

### 4.7.3.2 ବନ୍ୟପ୍ରାଣୀଙ୍କୁ ରୋଗରୁ ରକ୍ଷା କରିବା ପାଇଁ ଗୋ-ରୋଗ ପ୍ରତିଷେଧକ କାର୍ଯ୍ୟକ୍ରମର ଅଭାବ

ଅଭୟାରଣ୍ୟ ଏବଂ ଚିଡିଆଖାନା ଅଞ୍ଚଳ ନିକଟସ୍ଥ ଗୃହପାଳିତ ପଶୁମାନଙ୍କ ଶାରୀରିକ ସଂସ୍ପର୍ଶ, ସାଧାରଣ ଜଳ ବ୍ୟବହୃତ ସ୍ଥଳ, ସମ୍ବେଦନଶୀଳ ଗୃହପାଳିତ ପଶୁମାନଙ୍କର ପ୍ରତିଷେଧକ ଟୀକାକାରଣର ଅଭାବ ଇତ୍ୟାଦି ମାଧ୍ୟମରେ ବନ୍ୟଜନ୍ତୁମାନଙ୍କୁ ସଂକ୍ରମିତ ରୋଗ ସଂକ୍ରମଣ ହେବାର ଆଶଙ୍କା ସୃଷ୍ଟି କରନ୍ତି ।

ଆଠଗଡ଼ ଓ ଢେଙ୍କାନାଳ ବନଖଣ୍ଡ ଅଧିନରେ ଥିବା ଛଅଟି ରେଞ୍ଜର[121] ରେକର୍ଡ ଯାଞ୍ଚରୁ ଜଣାଗଲା ଯେ 2019-22 ଅବଧିରେ ଟୀକାକରଣ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା, ଯେଉଁଥିପାଇଁ 2019-22 ଏପିଓରେ 3.65 ଲକ୍ଷ ଟଙ୍କାର ବ୍ୟବସ୍ଥା କରାଯାଇଥିଲା, ସେଥିମଧ୍ୟରୁ 2.44 ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ଜଣାପଡ଼ିଥିଲା । ତଥାପି, ରେଞ୍ଜ୍ ଅଧିକାରୀମାନେ ପ୍ରତିଷେଧକ ସମ୍ପର୍କିତ କୌଣସି ରେକର୍ଡ ଅଡିଟ୍‌କୁ ଉପସ୍ଥାପନ କରିପାରି ନଥିଲେ, ଯେଉଁଥିପାଇଁ ଅଡିଟ୍ ସୁନିଶ୍ଚିତ କରିପାରିଲା ନାହିଁ ଯେ ଏହି ଅର୍ଥ ଧାର୍ଯ୍ୟ ଉଦ୍ଦେଶ୍ୟରେ ବିନିଯୋଗ କରାଯାଇଛି କି ନାହିଁ ।

ଅଡିଟ୍ ପର୍ଯ୍ୟବେକ୍ଷଣକୁ ଗ୍ରହଣ କରି ସରକାର ବ୍ୟକ୍ତ କଲେ (ମାର୍ଚ୍ଚ 2023) ଯେ ପ୍ରତିଷେଧକ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ସମସ୍ତ ରେକର୍ଡ ଅଡିଟ୍‌କୁ ଦେବା ପଇଁ ସଂପୃକ୍ତ ବନଖଣ୍ଡ ଅଧିକାରୀମାନଙ୍କୁ କୁହାଯାଇଛି ।

### 4.7.3.3 ହାତୀ ମୃତ୍ୟୁ ସମ୍ପର୍କିତ ଫଟୋ ଓ ଭିଡିଓ ପ୍ରଦାନ ନକରିବା

କଷ୍ଟସାଧ୍ୟ ପ୍ରବେଶ କ୍ଷେତ୍ରକୁ ନିରୀକ୍ଷଣ କରିବାକୁ ସଂରକ୍ଷଣ ଜଙ୍ଗଲ / ବନ୍ୟଜନ୍ତୁ ବାସସ୍ଥାନ କ୍ଷେତ୍ରରେ ବିଭିନ୍ନ କ୍ୟାମେରା ବ୍ୟବହାର କରାଯାଏ । ବିଭିନ୍ନ କ୍ୟାମେରା ଲଗାଯାଇଥିଲେ ମଧ୍ୟ ବନଖଣ୍ଡ ଅଧିକାରୀ, ଆଠଗଡ଼, ଅଡିଟ୍ ଦ୍ୱାରା ମଗାଯାଇଥିବା ହାତୀ ମୃତ୍ୟୁ ଏବଂ ଶବ ବ୍ୟବଚ୍ଛେଦ ସମ୍ପର୍କରେ କୌଣସି ଫଟୋ ଏବଂ ଭିଡିଓଗ୍ରାଫି ଦାଖଲ

119 ଟ୍ରାନ୍ସମିସନ ଲାଇନରୁ ଭୂମି ପର୍ଯ୍ୟନ୍ତ ଜଙ୍ଗଲରେ ଖାଲି ତାରର ସଂଯୋଗ

120 ନିମ୍ନକୁ ଓହଳିଥିବା ଉଚ୍ଚ ଶକ୍ତି ସମ୍ପନ୍ନ ଟ୍ରାନ୍ସମିସନ୍ ତାର

121 ନରସିଂହପୁର (ପୂର୍ବ), ନରସିଂହପୁର (ପଶ୍ଚିମ), ଖୁଣ୍ଟୁଣି, ବଡ଼ମ୍ବା, ମହାବିରୋଦ ଏବଂ ଢେଙ୍କାନାଳ

କରିନଥିଲେ । ତେବେ ବନଖଣ୍ଡ ଅଧିକାରୀ, ଢେଙ୍କାନାଳ କିଛି ଫଟୋ ଓ ଭିଡିଓ ପ୍ରସ୍ତୁତ କରିଥିଲେ ଯେଉଁଥିରେ ଶିକାରୀମାନେ ନଥିଲେ, ଯାହା ସୂଚାଇ ଦେଉଥିଲା ଯେ ଫଟୋଗ୍ରାଫିକ୍ ପ୍ରମାଣ ଉପସ୍ଥାପନ କରିବାର କୌଣସି ବ୍ୟବସ୍ଥା ପ୍ରସ୍ତୁତ କରାଯାଇ କାର୍ଯ୍ୟକାରୀ କରାଯାଇ ନାହିଁ । କ୍ୟାମେରା ମାଧ୍ୟମରେ ଅନୁପଯୁକ୍ତ ମନିଟରିଂ, ସେଗୁଡ଼ିକର ସଂସ୍ଥାପନର ଉଦ୍ଦେଶ୍ୟକୁ ବିଫଳ କରିଥିଲା ।

ଅଡିଟ୍ ପର୍ଯ୍ୟବେକ୍ଷଣକୁ ଗ୍ରହଣ କରି ସରକାର ବ୍ୟକ୍ତ କଲେ (ମାର୍ଚ୍ଚ 2023) ଯେ, ସଂପୃକ୍ତ ବନଖଣ୍ଡ ଅଧିକାରୀମାନଙ୍କୁ ହାତୀ ମୃତ୍ୟୁ ସମ୍ବନ୍ଧୀୟ ସମସ୍ତ ଉପଲବ୍ଧ ଫଟୋ ଏବଂ ଶବ ବ୍ୟବଚ୍ଛେଦ ରିପୋର୍ଟ ଦାଖଲ କରିବାକୁ କୁହାଯାଇଥିଲା ।

### 4.7.4 ବନୀକରଣ କାଯ୍ୟକଳାପର ଅନୁଧ୍ୟାନ ଓ ମୂଲ୍ୟାୟନ ବ୍ୟବସ୍ଥାକୁ କାର୍ଯ୍ୟକ୍ଷମ ନକରିବା

ଓଏଫ୍‌ଡି ସଂହିତା 1979 ର ନିୟମ 12 (6) ଅନୁସାରେ ସିସିଏଫ୍ ନିଜ ଦାୟିତ୍ୱରେ ଥିବା ପ୍ରତ୍ୟେକ କଞ୍ଜର୍‌ଭେଟରଙ୍କ କାର୍ଯ୍ୟାଳୟକୁ ଅତି କମରେ ବର୍ଷକୁ ଥରେ ପୁଙ୍ଖାନୁପୁଙ୍ଖ ଭାବେ ଯାଞ୍ଚ କରିବେ ଏବଂ ଯାଞ୍ଚ ଶେଷ ହେବା ମାତ୍ରେ ସରକାରଙ୍କ ସୂଚନା ପାଇଁ ଯାଞ୍ଚ ନୋଟ୍ ପଠାଇବେ । ବର୍ଷକୁ ଅତି କମରେ ଦୁଇଟି ବନଖଣ୍ଡ ଅଧିକାରୀ କାର୍ଯ୍ୟାଳୟକୁ ମଧ୍ୟ ସେ ଯାଞ୍ଚ କରିବା ବିଧି ରହିଛି । ଆହୁରି ମଧ୍ୟ ସିଏଏଫ୍ ନିୟମାବଳୀ 2018 ର 3(ଏଚ୍) ଅନୁଯାୟୀ ରାଜ୍ୟ ପାଣ୍ଠିରୁ କରାଯାଇଥିବା ବିଭିନ୍ନ କାର୍ଯ୍ୟର ସ୍ୱତନ୍ତ୍ର ସମକାଳୀନ ତଦାରଖ ଓ ମୂଲ୍ୟାୟନ ଏବଂ ତୃତୀୟ ପକ୍ଷର ତଦାରଖ ବ୍ୟବସ୍ଥା ରହିଛି ।

ନଥିପତ୍ର ଯାଞ୍ଚରୁ ଜଣାଗଲା ଯେ, ତଦାରଖ ଓ ମୂଲ୍ୟାୟନ ପାଇଁ କାମ୍ପା ଏପିଓରେ 15 କୋଟି[122] ଟଙ୍କାର ବ୍ୟବସ୍ଥା ଥିବା ବେଳେ, 2019-22 ରେ ତଦାରଖ ଓ ମୂଲ୍ୟାୟନ ପାଇଁ ମାତ୍ର 44 ଲକ୍ଷ ଟଙ୍କା ବିନିଯୋଗ କରାଯାଇଥିଲା । ତେବେ ଯାଞ୍ଚ ପାଇଁ କୌଣସି ମୂଲ୍ୟାୟନ/ ନିରୀକ୍ଷଣ ରିପୋର୍ଟ ଅଡିଟକୁ ଦିଆଗଲା ନାହିଁ । ତେଣୁ, ତଦାରଖ ଏବଂ ମୂଲ୍ୟାୟନ ପାଇଁ ପାଣ୍ଠିରୁ ବିନିଯୋଗକୁ ଅଡିଟ୍ ଦ୍ୱାରା ଯାଞ୍ଚ କରାଯାଇପାରିଲା ନାହିଁ ଏବଂ 2019-21 ବର୍ଷ ମଧ୍ୟରେ କୌଣସି ଖର୍ଚ୍ଚ କରାଯାଇ ନଥିଲା । ଏହା ଜଙ୍ଗଲ କାର୍ଯ୍ୟକଳାପ ଏବଂ ବୃକ୍ଷରୋପଣ ସମକାଳୀନ ଅନୁଧ୍ୟାନ ଏବଂ ମୂଲ୍ୟାଙ୍କନ ପାଇଁ ଏକ ପ୍ରଭାବଶାଳୀ କାର୍ଯ୍ୟପନ୍ଥାର ଅଭାବକୁ ସୂଚାଉଛି, ଯେଉଁଥିରେ କାମ୍ପା ଅଧୀନରେ କରାଯାଇଥିବା ବୃକ୍ଷରୋପଣର ଅଭିବୃଦ୍ଧି ଏବଂ ବଞ୍ଚିବା ପ୍ରତିଶତକୁ ଆକଳନ କରିବା ପାଇଁ ମଧ୍ୟ ସାମିଲ୍ ରହିଛି ।

ଏହାର ଉତ୍ତରରେ ସରକାର ବ୍ୟକ୍ତ କଲେ (ମାର୍ଚ୍ଚ 2023) ଯେ ପିସିସିଏଫ୍ (ଏମ୍‌ଆଣ୍ଡଇ) ଅଧୀନରେ ଏକ ଆଭ୍ୟନ୍ତରୀଣ ଭିଜିଲାନ୍ସ ଶାଖା ଗଠନ କରାଯାଇଥିଲା ଏବଂ କାମ୍ପା କାର୍ଯ୍ୟକଳାପରେ ତୃତୀୟ ପକ୍ଷ ମୂଲ୍ୟାୟନ ନିୟମିତ ଭାବେ କରାଯାଇନଥିଲା । ଏହି ଉତ୍ତର ଗ୍ରହଣୀୟ ନଥିଲା, କାରଣ କୌଣସି ମୂଲ୍ୟାୟନ/ ନିରୀକ୍ଷଣ ରିପୋର୍ଟ ଅଡିଟକୁ ପ୍ରଦାନ କରାଯାଇ ନଥିଲା ।

### 4.7.5 ବୃକ୍ଷରୋପଣର ମିଳିତ ସରଜମିନ ତଦନ୍ତ

ମ୍ୟାନେଜମେଣ୍ଟ ଯୋଜନା ପ୍ରଣାଳୀର ସଂହିତା (ସିଏମ୍‌ପିପି), 1990 ର ନିୟମ 2.98 ଅନୁଯାୟୀ, ବୃକ୍ଷରୋପଣର ତିନି ବର୍ଷ ପରେ, 60 ପ୍ରତିଶତ ଏବଂ ତଦୂର୍ଦ୍ଧ୍ୱ ବଞ୍ଚିଲେ 'ସଫଳ', 40 ରୁ 60 ପ୍ରତିଶତ ମଧ୍ୟରେ 'ଆଂଶିକ ସଫଳ' ଓ 40 ପ୍ରତିଶତରୁ କମ୍ ବଞ୍ଚିଲେ 'ଅସଫଳ ବୃକ୍ଷରୋପଣ' ବୋଲି କୁହାଯାଇପାରେ ।

ଅଡିଟ୍ 12ଟି ବନଖଣ୍ଡରେ[123], 34ଟି (3,234 ହେକ୍ଟର) ବୃକ୍ଷରୋପଣ ସ୍ଥାନର ମିଳିତ ସରଜମିନ୍ ତଦନ୍ତ (ଜେପିଆଇ) କରିଥିଲେ, ଯେଉଁଠାରେ 2016-22 ଅବଧିରେ ବୃକ୍ଷରୋପଣ କରାଯାଇଥିଲା । ଏହି 34 ଟି ବୃକ୍ଷରୋପଣ ମଧ୍ୟରୁ 13 ଟି ବୃକ୍ଷରୋପଣ (1225 ହେକ୍ଟର) ଅସଫଳ ହୋଇଥିଲା, ଯାହାର ବଞ୍ଚିବା ହାର 7 ରୁ 36 ପ୍ରତିଶତ ପର୍ଯ୍ୟନ୍ତ ଥିଲା ଏବଂ ପାଞ୍ଚଟି ବୃକ୍ଷରୋପଣ (733 ହେକ୍ଟର) ଆଂଶିକ ଭାବେ ସଫଳ ହୋଇଥିଲା, ଯାହାର ବଞ୍ଚିବାର ହାର 42 ରୁ 56 ପ୍ରତିଶତ ପର୍ଯ୍ୟନ୍ତ ଥିଲା । ତେଣୁ ବିଫଳ/ ଆଂଶିକ ସଫଳ ବୃକ୍ଷରୋପଣ ପାଇଁ

122 2019-22 ଅବଧିରେ ପ୍ରତ୍ୟେକ ଏପିଓ ପାଇଁ ପାଞ୍ଚକୋଟି

123 ବରଗଡ଼, ବ୍ରହ୍ମପୁର, ଭଦ୍ରକ ବନ୍ୟଜନ୍ତୁ, ବୋଣାଇ, ବୌଦ୍ଧ, ଦେବଗଡ଼, କଳାହାଣ୍ଡି(ଉତ୍ତର), କେଉଁଝର, ଖରିଆର, ନୟାଗଡ଼, ରେଢ଼ାଖୋଲ ଏବଂ ରାୟଗଡ଼ା

5.38 କୋଟି ଟଙ୍କାର ବ୍ୟୟବରାଦ ଫଳପ୍ରଦ ହୋଇନଥିଲା । ***ପରିଶିଷ୍ଟ-XIX*** ରେ ସବିଶେଷ ବିବରଣୀ ପ୍ରଦାନ କରାଯାଇଛି ।

ଅଡିଟ୍ ପର୍ଯ୍ୟବେକ୍ଷଣକୁ ଗ୍ରହଣ କରି ସରକାର ବ୍ୟକ୍ତ କଲେ (ମାର୍ଚ୍ଚ 2023) ଯେ ଦୋଷୀ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

### 4.7.6 ଇ-ଗ୍ରୀନ୍ ୱାଚରେ ଭୁଲ କରାଯାଇଥିବା/ହୋଇନଥିବା ତଥ୍ୟ ଅପ୍‌ଲୋଡ

ଇ-ଗ୍ରୀନ୍ ୱାଚ୍, ପରିବେଶ ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ (ଏମ୍ଓଇଏଫ୍ଆଣ୍ଡସିସି), ଭାରତ ସରକାରଙ୍କ ଦ୍ୱାରା ବିକଶିତ (2013), ଏକ ସମନ୍ୱିତ ଇ-ଗଭର୍ଣ୍ଣାନ୍ସ ପୋର୍ଟାଲ ଅଟେ, ଯାହା ରାଜ୍ୟ ବନ ବିଭାଗ (ଏସ୍ଏଫ୍ଡି), କାମ୍ପା ତଦାରଖରେ ବୃକ୍ଷରୋପଣ ଏବଂ ଅନ୍ୟାନ୍ୟ ବନୀକରଣ କାର୍ଯ୍ୟ ସହ ଜଡ଼ିତ ପ୍ରକ୍ରିୟା ସ୍ୱୟଂଚାଳିତ, ଶୃଙ୍ଖଳିତ ଏବଂ ପ୍ରଭାବୀ ପରିଚାଳନା କରିବା ପାଇଁ ସ୍ଥାପନ କରାଯାଇଛି । ଏହା ବାସ୍ତବ ସମୟରେ ତଥ୍ୟ ଉପସ୍ଥାପନ କରିଥାଏ ଏବଂ କାମ୍ପା ପାଣ୍ଠିର ଉପଯୋଗର ପ୍ରଦର୍ଶନ ଏବଂ ଅନୁଧ୍ୟାନ କରିବା ଉଦ୍ଦେଶ୍ୟରେ ଏହା ସମସ୍ତ ଅଂଶୀଦାର ଏବଂ ଜନସାଧାରଣଙ୍କ ପାଇଁ ସୁଗମ୍ୟ ହୋଇଥାଏ ।

11 ଟି ବନଖଣ୍ଡର[124] ରେକର୍ଡ ଯାଞ୍ଚ କରି ଜଣାପଡ଼ିଲା ଯେ କାମ୍ପା ପାଣ୍ଠିରେ 2019-22 ମଧ୍ୟରେ 1,897 ସମ୍ପାଦିତ କାର୍ଯ୍ୟରୁ କେବଳ 832 ଟି (44 ପ୍ରତିଶତ) କାର୍ଯ୍ୟକଳାପକୁ ସଂପୃକ୍ତ ଖର୍ଚ୍ଚ, ଫଟୋଗ୍ରାଫ୍, ଉପଗ୍ରହ ଚିତ୍ର ଇତ୍ୟାଦି ବ୍ୟତୀତ ଇ-ଗ୍ରୀନ୍ ୱାଚରେ ଅପ୍‌ଲୋଡ୍ କରାଯାଇଥିଲା । ତେଣୁ, ଏହାର ସ୍ୱଚ୍ଛତା ଏବଂ ଅଂଶୀଦାରମାନଙ୍କ ନିକଟରେ ସୂଚନା ପହଞ୍ଚାଇବାର ଲକ୍ଷ୍ୟ ହାସଲ ହୋଇପାରିନଥିଲା ।

ଏହାର ଉତ୍ତରରେ, ସରକାର ବ୍ୟକ୍ତ କଲେ (ମାର୍ଚ୍ଚ 2013) ଯେ ଓଡ଼ିଶାର ସମସ୍ତ ବୃକ୍ଷରୋପଣ କାର୍ଯ୍ୟକୁ ଓଏଫ୍ଏମ୍ଏସ୍ ୱେବ୍‌ସାଇଟ୍ ମାଧ୍ୟମରେ ତଦାରଖ କରାଯାଇଛି । ପୁନଶ୍ଚ, ଇ-ଗ୍ରୀନ୍ ୱାଚ୍ ପୋର୍ଟାଲରେ ଏହାକୁ ଅପ୍‌ଲୋଡ୍ କରିବା କ୍ଷେତ୍ର କର୍ମଚାରୀଙ୍କ ପାଇଁ ବୋଝ ସଦୃଶ । ତେବେ ଉପରୋକ୍ତ ନିର୍ଦ୍ଦେଶାବଳୀ ଅନୁଯାୟୀ ସମସ୍ତ କାର୍ଯ୍ୟକଳାପକୁ ଇ-ଗ୍ରୀନ୍ ୱାଚ୍ ପୋର୍ଟାଲରେ ଅପ୍‌ଲୋଡ୍ କରାଯାଇ ନାହିଁ ।

### 4.8 ଉତ୍ତମ ଅନୁଶୀଳନ

- **ଓଡ଼ିଶା ଜଙ୍ଗଲ ପରିଚାଳନା ବ୍ୟବସ୍ଥା (ଓଏଫ୍ଏମ୍ଏସ୍)** ଏକ ୱେବ୍ ଆଧାରିତ ଏବଂ ଭୂମିକା ଆଧାରିତ ପ୍ରୟୋଗ, ଯାହା 2016 ମସିହାରେ କାମ୍ପା ପାଣ୍ଠି ସହାୟତାରେ ଜଙ୍ଗଲ ଏବଂ ବନ୍ୟପ୍ରାଣୀ ସମ୍ବନ୍ଧୀୟ କାର୍ଯ୍ୟକଳାପକୁ ଅନ୍‌ଲାଇନ୍ କ୍ୟାପଚରିଂ ଏବଂ ତଦାରଖ କରିବା ପାଇଁ ବିକଶିତ କରାଯାଇଥିଲା । ଓଡ଼ିଶା ସ୍ପେସ୍ ଆପ୍ଲିକେସନ ସେଣ୍ଟର (ଓଆର୍ଏସ୍ଏସି) ସହିତ ବୈଷୟିକ ସହଯୋଗରେ ଓଡ଼ିଶାର ଜଙ୍ଗଲ ସୂଚନା ପ୍ରଯୁକ୍ତି ବିଦ୍ୟା ଏବଂ ଜ୍ୟାମିତିକ କେନ୍ଦ୍ର (ଏଫ୍ଆଇଟିଜିସି), ଏହି ଆପ୍ଲିକେସନର ବିକାଶ ଓ ରକ୍ଷଣାବେକ୍ଷଣ କରାଯାଇଥିଲା ।

ବିଭିନ୍ନ କାର୍ଯ୍ୟକଳାପର ଚୟନ/ସର୍ଭେ/ପ୍ରବର୍ତ୍ତନ/ନିରୀକ୍ଷଣ ପାଇଁ 25 ଟି ମଡ୍ୟୁଲ୍ ରହିଛି, ଯାହାର ଉଦ୍ଦେଶ୍ୟ ଉତ୍ତମ ଜଙ୍ଗଲ ସୁରକ୍ଷା ପରିଚାଳନା ଦିଗରେ ଲକ୍ଷ୍ୟ ରଖାଯାଇଥିଲା ଏବଂ 2021 ରେ ଏହି ୱେବ୍ ଆପ୍ଲିକେସନକୁ ଆହୁରି ଉନ୍ନତ କରାଯାଇଥିଲା । ଉପରୋକ୍ତ ସମସ୍ତ କାର୍ଯ୍ୟକଳାପକୁ ନିୟନ୍ତ୍ରଣ/ ଅନୁଧ୍ୟାନ କରିବା ପାଇଁ ଜିଓମେଟିକ୍ସ ଏବଂ ଅନ୍ୟାନ୍ୟ ସୂଚନା ପ୍ରଯୁକ୍ତି (ଆଇଟି) ଭିତ୍ତିଭୂମି ସ୍ଥାପନ କରାଯାଇଥିଲା ଏବଂ ଏଫ୍ଆଇଟିଜିସି ସର୍ଭର ସହିତ ବିନ୍ୟାସ କରାଯାଇଥିଲା । ଓଏଫ୍ଏମ୍ଏସ୍ ୱେବ୍ ପୋର୍ଟାଲ୍ ଜରିଆରେ ବିଟ୍-ୱାରୀ ବନ କ୍ଷେତ୍ର ପରିବର୍ତ୍ତନ ଏବଂ ବନୀକରଣ ଗତିବିଧି ଉପରେ ନଜର ରଖାଯାଏ । ଏହା ବ୍ୟତୀତ କାମ୍ପା ଅଧୀନରେ ସୃଷ୍ଟି ହୋଇଥିବା ସମ୍ପତ୍ତି ଯଥା ନର୍ସରୀ, ବୃକ୍ଷରୋପଣ, ଜଳାଶୟ, କୋଠାବାଡ଼ି ଆଦିକୁ ଠାବ କରିବା ଏବଂ ତଦାରଖ କରିବାରେ ଓଏଫ୍ଏମ୍ଏସ୍ ସହାୟତା କରେ । ଏହା ସ୍ଥାନ ଚୟନ ଏବଂ ଉଚ୍ଚ କର୍ତ୍ତୃପକ୍ଷଙ୍କ ପାଇଁ ମୂଲ୍ୟାୟନକୁ ସହଜ କରିବା ସହିତ ବାସ୍ତବ ସମୟରେ ଜଙ୍ଗଲ ନିଆଁ ପରିଚାଳନାରେ ସହାୟତା କରିଥାଏ ।

---

[124] ବ୍ରହ୍ମପୁର, ବଣେଇ, ବୌଦ୍ଧ, ଉପ-ନିର୍ଦ୍ଦେଶକ, ନନ୍ଦନକାନନ, ଜୟପୁର, କଳାହାଣ୍ଡି(ଉତ୍ତର), କେଉଁଝର, ନବରଙ୍ଗପୁର, ପୁରୀ (ବନ୍ୟପ୍ରାଣୀ), ରାୟଗଡ଼ା ଏବଂ ଶିମିଳିପାଳ ବ୍ୟାଘ୍ର ସଂରକ୍ଷିତ ଉତ୍ତର (ବନ୍ୟଜନ୍ତୁ)

ବିଭାଗର ଉତ୍ତମ ପରିଚାଳନା ପାଇଁ ଓଏଫ୍ଏମ୍ଏସ୍ ପୋର୍ଟାଲରେ ସମସ୍ତ ବନ୍ୟପ୍ରାଣୀ କାର୍ଯ୍ୟକଳାପ, ପଦ ପଇଁତରା, ଜଙ୍ଗଲ ନିଆଁ ପରିଚାଳନା, ଭିତ୍ତିଭୂମି ସମ୍ବନ୍ଧୀୟ ସମସ୍ତ କାର୍ଯ୍ୟ ଅପ୍‌ଲୋଡ୍ କରାଯାଏ ।

**ଯଦିଓ ଏହି ବ୍ୟବସ୍ଥା ଏକ ଆଦର୍ଶ ସମାଧାନ, ଉପଯୁକ୍ତ ପ୍ରଶିକ୍ଷଣ ଏବଂ ଏହାକୁ ବ୍ୟବହାର କରିବା ପାଇଁ ପଦକ୍ଷେପ ନେଲେ ଭବିଷ୍ୟତରେ ଭଲ ଫଳ ମିଳିପାରେ ।**

- **ଜଙ୍ଗଲ ଜମି ପାଇଁ ଜିଓ-ରେଫରେନ୍ସିଂ(ଜିଆର୍‌ଏଫ୍‌ଏଲ୍)**, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାରଙ୍କ ଉଦ୍ୟମରେ 2017 ରେ ସମସ୍ତ ପ୍ରକାରର (ସଂରକ୍ଷିତ ଜଙ୍ଗଲ, ସୁରକ୍ଷିତ ଜଙ୍ଗଲ, ରାଜସ୍ୱ ଜଙ୍ଗଲ ଏବଂ ବିବେଚିତ ଜଙ୍ଗଲ)ର ଜିଓ ରେଫରେନ୍ସିଂ କରାଯାଇଥିଲା । ଏହାର ଉଦ୍ଦେଶ୍ୟ ଥିଲା ମାନ୍ୟବର ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଡିଜିପିଏସ୍, ଜିଆଇଏସ୍ ଓ ରିମୋଟ୍ ସେନ୍ସିଂ ମାଧ୍ୟମରେ ସମଗ୍ର ରାଜ୍ୟ ପାଇଁ ଫରେଷ୍ଟ କାଡାଷ୍ଟର ପ୍ରସ୍ତୁତ କରିବା । ଏହି ପରିପ୍ରେକ୍ଷୀରେ ଜୁଲାଇ 2017 ରେ ଏକ ମାନକ ସଞ୍ଚାଳନ ପ୍ରକ୍ରିୟାକୁ ଅଧିସୂଚିତ କରାଯାଇଥିଲା । ଜଙ୍ଗଲ ଜମିର ଜିଓ ରେଫରେନ୍ସିଂ ଜୁନ୍ 2019 ରେ ଓଆର୍‌ଏସ୍‌ଏସି ଦ୍ୱାରା ଆରମ୍ଭ ହୋଇଥିବା ବେଳେ ଜୁନ୍ 2023 ସୁଦ୍ଧା ଏହା ଶେଷ ହେବାର ଥିଲା ।

ଏହି ପ୍ରକଳ୍ପର ଲକ୍ଷ୍ୟ ହେଉଛି ରାଜ୍ୟର ଭୌଗୋଳିକ କ୍ଷେତ୍ରର 39 ପ୍ରତିଶତ ଅର୍ଥାତ୍ ପ୍ରାୟ 61,991 ବର୍ଗ କିମି ଜଙ୍ଗଲ ଜମିର ଜିଓ ରେଫରେନ୍ସ ଜଙ୍ଗଲ ଜମି ରେକର୍ଡ ପ୍ରସ୍ତୁତ କରିବା, ଯାହା ରାଜସ୍ୱ ଜମି ରେକର୍ଡ ସହିତ ଏକ କ୍ୟାଡାଷ୍ଟ୍ରାଲ୍ ସ୍କେଲରେ ବିଧିବଦ୍ଧ ଭାବେ ସମ୍ମିଳିତ ଏବଂ ସମନ୍ୱିତ ହୋଇଥିବ । ଏହି ଜିଆର୍‌ଏଫଏଲ୍ ପ୍ରକଳ୍ପ ଅନ୍ତର୍ଗତ 13 ଟି ବନଖଣ୍ଡରେ 12,692 ବର୍ଗ କିମି ଅନୁସୂଚିତ ଓ ରାଜସ୍ୱ ଜଙ୍ଗଲରେ କାର୍ଯ୍ୟ ଶେଷ ହୋଇଥିବା ବେଳେ ଅନ୍ୟ 15 ଟି ବନଖଣ୍ଡରେ 18,007 ବର୍ଗ କିମି ଜଙ୍ଗଲ ଜମିର ଜିଓ ରେଫରେନ୍ସିଂ କାମ ଚାଲିଛି । ଅବଶିଷ୍ଟ 31,000 (ଆନୁମାନିକ) ବର୍ଗ କିମି ଜଙ୍ଗଲର ଜିଓ ରେଫରେନ୍ସିଂ 2024 ସୁଦ୍ଧା ଶେଷ ହେବାର ଅଛି । ଏହି ପଦକ୍ଷେପ ଦ୍ୱାରା ଜଙ୍ଗଲ ଜମି ସହିତ ଜଡ଼ିତ ବିକାଶମୂଳକ ପ୍ରକଳ୍ପଗୁଡ଼ିକର ପୂର୍ବ ମୂଲ୍ୟାଙ୍କନ ଏବଂ ସମୟୋଚିତ ପ୍ରୟୋଜନରେ ସହାୟତା ମିଳିବ ବୋଲି ଆଶା କରାଯାଉଛି । ପରିପୂରକ ବନୀକରଣ, ଜମି ବ୍ୟାଙ୍କ ପାଇଁ ଅବକ୍ଷୟ ହୋଇଥିବା ରାଜସ୍ୱ ଜଙ୍ଗଲ ଜମି ଚିହ୍ନଟ କରିବାରେ ଏହା ସହାୟକ ହେବ ବୋଲି ଆଶା କରାଯାଉଛି, ଯାହା ବିକାଶମୂଳକ ପ୍ରକଳ୍ପ ପାଇଁ ନିର୍ଦ୍ଧାରିତ ସମୟରେ ଜଙ୍ଗଲ ମଞ୍ଜୁରୀ ହାସଲ କରିବା ପାଇଁ ବହୁତ ଗୁରୁତ୍ୱ ଅଟେ । ଏହାଦ୍ୱାରା ଓଡ଼ିଶାରେ ଜଙ୍ଗଲ ସଂରକ୍ଷଣ କାର୍ଯ୍ୟ ଦକ୍ଷତାର ସହ ହୋଇପାରିବ ଏବଂ ଆଦିବାସୀ ସମ୍ପ୍ରଦାୟର ଜଙ୍ଗଲ ଅଧିକାରର ଉଦ୍ଦେଶ୍ୟମୂଳକ ତଥା ସମୟୋଚିତ ମୂଲ୍ୟାଙ୍କନକୁ ସୁଗମ କରିବ ।

## 4.9 ଉପସଂହାର

କ୍ଷତିପୂରକ ବନୀକରଣ, ଜଙ୍ଗଲ ଏବଂ ବନ୍ୟଜନ୍ତୁଙ୍କ ପରିଚାଳନା ତଥା ସୁରକ୍ଷା ଭିତ୍ତିଭୂମି ବିକାଶ ଏବଂ ଅନ୍ୟାନ୍ୟ ସହଯୋଗୀ କାର୍ଯ୍ୟର କାର୍ଯ୍ୟକଳାପକୁ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ କାମ୍ପା ଗଠନ କରାଯାଇଥିଲା ।

2019-22 ଅବଧି ମଧ୍ୟରେ ଆଡ୍-ହକ୍-କାମ୍ପାକୁ ପାଣ୍ଠି ପ୍ରବାହ ସହିତ ରାଜ୍ୟ କାମ୍ପାର କାର୍ଯ୍ୟକାରିତାକୁ ଆକଳନ କରିବା ପାଇଁ ଜୁନ୍‌ରୁ ନଭେମ୍ବର 2022 ମଧ୍ୟରେ ବିସ୍ତୃତ ଅନୁପାଳନ ସମୀକ୍ଷା (ଡିସିଏ) କରାଯାଇଥିଲା ।

ଭାରତ ସରକାର (ଜିଓଆଇ) ଦ୍ୱାରା କାମ୍ପା ନିର୍ଦ୍ଦେଶାବଳୀ ବିଜ୍ଞପ୍ତି ପ୍ରକାଶ ପାଇବାର ନଅ ବର୍ଷ ବିଳମ୍ବରେ ରାଜ୍ୟରେ ରାଜ୍ୟ କାମ୍ପା ଗଠନ କରାଯାଇଥିଲା ।

ଅବନତି ହୋଇଥିବା ଜଙ୍ଗଲଏବଂ ଅଣ-ଜଙ୍ଗଲ ଜମିର ଡାଟାବେସ୍ ବିଭାଗରେ ଉପଲବ୍ଧ ନଥିବାରୁ ତିନି ବର୍ଷ ପାଇଁ ଥିବା ଧାର୍ଯ୍ୟ ସମୟ ମଧ୍ୟରେ କାମ୍ପା ଅଧୀନରେ କ୍ଷତିପୂରକ ବନୀକରଣ କାର୍ଯ୍ୟକ୍ରମ ପାଇଁ ଲକ୍ଷ୍ୟ ହାସଲ ହୋଇପାରିଲା ନାହିଁ । ଜଙ୍ଗଲ ଜମିର ଡାଇଭର୍ସନ ଜନିତ ନଅଟି ମାମଲାରେ, ଯେଉଁଥିପାଇଁ ଦ୍ୱିତୀୟ ପର୍ଯ୍ୟାୟ/ ଚୂଡ଼ାନ୍ତ ଅନୁମୋଦନ ପାଞ୍ଚ ବର୍ଷରୁ ଅଧିକ ସମୟ ବିଚାରାଧିନ ଥିଲା, ବିଭାଗ ଦ୍ୱାରା ସଂଶୋଧିତ ହାରରେ 88.40 କୋଟି ଟଙ୍କାର ନେଟ୍ ବର୍ତ୍ତମାନ ମୂଲ୍ୟ (ଏନ୍‌ପିଭି) ଆଦାୟ କରାଯାଇ ନଥିଲା ।

ଜଙ୍ଗଲ ସଂରକ୍ଷଣ ଆଇନ୍, 1980 ଲାଗୁ ହେବା ପରଠାରୁ ଆଜି ପର୍ଯ୍ୟନ୍ତ ଜଙ୍ଗଲ ଜମିର ଡାଇଭର୍ସନ ପାଇଁ 6,995.97 ହେକ୍ଟର କ୍ଷତିପୂରକ ବନୀକରଣ ଲକ୍ଷ୍ୟ ହାସଲ ହୋଇ ପାରି ନଥିଲା ।

ଜଙ୍ଗଲ ମଞ୍ଜୁରୀ ଅଧିନରେ ଥିବା ସର୍ତ୍ତମୂଳକ କାର୍ଯ୍ୟ ଯଥା ହାତୀ ଅଣ୍ଡରପାସ୍/ ଓଭରବ୍ରୀଜ୍, ସରୀସୃପ ଅଣ୍ଡରପାସ୍ କାର୍ଯ୍ୟ ଚାଲୁଥିଲା, କିମ୍ବା ଦ୍ୱିତୀୟ ପର୍ଯ୍ୟାୟ ଅନୁମୋଦନ ପରେ ଦୁଇରୁ ଚାରି ବର୍ଷ ପରେ ମଧ ବ୍ୟବହାରକାରୀ ଏଜେନ୍ସି ଦ୍ୱାରା କରାଯାଇ ନଥିଲା ।

କାମ୍ପା ପାଣ୍ଠିରୁ ଅଗ୍ନି ନିରାପତ୍ତା ପାଇଁ 58.84 କୋଟି ଟଙ୍କା ଖର୍ଚ୍ଚ ସତ୍ତ୍ୱେ, 2019 ମସିହା ତୁଳନାରେ 2021 ମସିହାରେ ଜଙ୍ଗଲ ଅଗ୍ନିକାଣ୍ଡ ଘଟଣା 209 ପ୍ରତିଶତ ବୃଦ୍ଧି ପାଇ ଥିଲା ଏବଂ ଜଙ୍ଗଲ କ୍ଷେତ୍ରର କ୍ଷତି 300 ପ୍ରତିଶତ ବୃଦ୍ଧି ପାଇ ଥିଲା ।

କାମ୍ପାରୁ ମିଳିଥିବା ମୋଟ ରାଶି 2,284.98 କୋଟି ଟଙ୍କା ମଧରୁ ରାଜ୍ୟ କାମ୍ପା 2019-22 ମଧରେ ସହାୟତା ରାଶି 210.54 କୋଟି ଟଙ୍କା ବିନିଯୋଗ କରିବାରେ ବିଫଳ ହୋଇଛି ।

ଆରମ୍ଭରୁ, ଅର୍ଥାତ୍ 2009 ରୁ 2022 ପର୍ଯ୍ୟନ୍ତ ରାଜ୍ୟ କାମ୍ପାର ବାର୍ଷିକ ଖାତା ଚୂଡ଼ାନ୍ତ ହୋଇପାରିଲା ନଥିଲା । ରାଜ୍ୟ କାମ୍ପା ପାଣ୍ଠିରୁ 56.82 କୋଟି ଟଙ୍କା ଅନିୟମିତ ଭାବେ ନିର୍ମାଣ କାର୍ଯ୍ୟ ପାଇଁ ବ୍ୟବହାର କରାଯାଇଥିଲା । କାମ୍ପା ପାଣ୍ଠିରୁ 248.06 କୋଟି ଟଙ୍କା ଆମ ଜଙ୍ଗଲ ଯୋଜନାରେ ବିନିଯୋଗ କରାଯାଇଥିଲା ।

ଜଙ୍ଗଲରେ ପଦ ପଇଁତରାର ଅଭାବ, ଟ୍ରାପ୍ କ୍ୟାମେରାର ଅନୁପଯୁକ୍ତ ବ୍ୟବହାର ଏବଂ ଅନ୍ୟାନ୍ୟ ସୁରକ୍ଷା ବ୍ୟବସ୍ଥା ଯୋଗୁଁ ଆଠଗଡ଼ ଏବଂ ଢେଙ୍କାନାଳ ବନଖଣ୍ଡରେ 51 ଟି ହାତୀ ମୃତ୍ୟୁ ମାମଲା ରେକର୍ଡ କରାଯାଇଥିଲା ।

ରାଜ୍ୟ ଜଙ୍ଗଲ ବିଭାଗ (ଏସ୍ଏଫ୍ଡି) ର ପର୍ଯ୍ୟାଲୋଚନା ଏବଂ ମୂଲ୍ୟାଙ୍କନ ଅଙ୍ଗ 2019-22 ମଧରେ କୌଣସି ପର୍ଯ୍ୟାଲୋଚନା କିମ୍ବା ମୂଲ୍ୟାଙ୍କନ କାର୍ଯ୍ୟକଳାପ ଯୋଜନା କରିନଥିଲେ ।

## 4.10 ସୁପାରିଶ

**ସରକାର ନିମ୍ନଲିଖିତ ବିଷୟରେ ବିଚାର କରିପାରନ୍ତି:**

- ଗୋଟିଏ ଜିଆଇଏସ୍-ଆଧାରିତ ଲ୍ୟାଣ୍ଡ ବ୍ୟାଙ୍କ ଗଠନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା, ଜଙ୍ଗଲ ଜମିର ଡାଇଭର୍ସନ ବଦଳରେ ଚିହ୍ନଟ ହୋଇଥିବା ଅଣ-ଜଙ୍ଗଲ ଜମି ଏବଂ ନିମ୍ନମାନର ଜମିଗୁଡ଼ିକର ସଠିକ୍ ସମୟରେ କ୍ଷତିପୂରକ ବନୀକରଣ କାର୍ଯ୍ୟ ଗ୍ରହଣ କରିବା ପାଇଁ ଡାଟାବେସ୍ ଏକତ୍ର କରିବା ।
- ପରିଚାଳକ ନିକାୟ ଦ୍ୱାରା ବାର୍ଷିକ କାର୍ଯ୍ୟକାରିତା ଯୋଜନାକୁ ଠିକ୍ ସମୟରେ ପ୍ରସ୍ତୁତି ଏବଂ ଅନୁମୋଦନ ।
- ପାଞ୍ଚ ବର୍ଷରୁ ଅଧିକ ସମୟ ଧରି ବିଚାରାଧୀନ ଥିବା ପର୍ଯ୍ୟାୟ-II ଅନୁମୋଦନ ମାମଲାଗୁଡ଼ିକର ତୁରନ୍ତ ଫଏସଲା ଏବଂ ଉପଭୋକ୍ତା ଏଜେନ୍ସିଗୁଡ଼ିକରୁ ଏନ୍ପିଭିର ଭେଦାତ୍ମକ ମୂଲ୍ୟର ଆଦାୟ ।
- ୟୁଏ ମାନଙ୍କରୁ ସିଏର ମୂଲ୍ୟ ଠିକ୍ ସମୟରେ ଆଦାୟ ପାଇଁ ଏକ ପ୍ରଭାବଶାଳୀ କାର୍ଯ୍ୟପନ୍ଥା ଗ୍ରହଣ କରିବା ।
- ସବ୍ସିଡ୍ୟାରୀ ସିଲଭିକଲଚର୍ ଅପରେସନ୍ (ଏସ୍ଏସ୍ଓ) ଗ୍ରହଣ କରିବା ଏବଂ ସଫଳ ବ୍ୟବସାୟିକ ଉପଯୋଗ ପାଇଁ ଏକ ପ୍ରଭାବଶାଳୀ ପଦକ୍ଷେପ ନେବା ପୂର୍ବରୁ ବାଉଁଶର ପୁନରୁତ୍ପାଦନ କାର୍ଯ୍ୟକ୍ଷମତାକୁ ଆକଳନ କରିବା ।
- କାମ୍ପା ନିର୍ଦ୍ଦେଶାବଳୀ ଅନୁଯାୟୀ ଭିତ୍ତିଭୂମି କାର୍ଯ୍ୟକଳାପ ପାଇଁ ଖର୍ଚ୍ଚ ।
- ଆକାଉଣ୍ଟଗୁଡ଼ିକର ତୁରନ୍ତ ଚୂଡ଼ାନ୍ତକରଣ ଏବଂ ନିୟମ ଅନୁଯାୟୀ ଆକାଉଣ୍ଟ୍ ରେକର୍ଡଗୁଡ଼ିକର ରକ୍ଷଣାବେକ୍ଷଣ ।
- ଜଙ୍ଗଲ ଅଗ୍ନି ସୁରକ୍ଷା ଏବଂ ବନ୍ୟଜନ୍ତୁ ସୁରକ୍ଷା ପାଇଁ ପଦ ପଇଁତରାର ବୃଦ୍ଧି ।

- ଉପଭୋକ୍ତା ଏଜେନ୍ସୀ ଦ୍ୱାରା ଜଙ୍ଗଲ ଅଞ୍ଚଳରେ ହାତୀ ଅଣ୍ଡରପାସ୍/ ଓଭରବ୍ରିଜ୍ / ସରୀସୃପ ଅଣ୍ଡରପାସ୍ ନିର୍ମାଣକୁ ସୁନିଶ୍ଚିତ କରିବା ପାଇଁ ପ୍ରଭାବଶାଳୀ କାର୍ଯ୍ୟପନ୍ଥା ଗ୍ରହଣ କରିବା ।
- ଦୁର୍ଘଟଣା, ପୋଚିଂ, ଇଲେକ୍ଟ୍ରୋକ୍ୟୁସନ୍ ଇତ୍ୟାଦି କାରଣରୁ ହାତୀର ଅସ୍ୱାଭାବିକ ମୃତ୍ୟୁ ପାଇଁ ଦାୟିତ୍ୱ ସ୍ଥିର କରିବା ।
- ଜାମ୍ପା ଅଧୀନରେ ନିଆଯାଇଥିବା ବନବିଭାଗ ଏବଂ ଭିତ୍ତିଭୂମି କାର୍ଯ୍ୟକଳାପର ଏକକାଳୀନ ପର୍ଯ୍ୟାଲୋଚନା ଏବଂ ମୂଲ୍ୟାଙ୍କନ ପାଇଁ ବ୍ୟାପକ ଏବଂ ପ୍ରଭାବଶାଳୀ ଆଭ୍ୟନ୍ତରୀଣ ସଂକ୍ରିୟା ପ୍ରତିଷ୍ଠା କରିବା ।

# ଅଧ୍ୟାୟ V

## "ଉତ୍ତର-ଦକ୍ଷିଣ କରିଡର-ବିଜୁ ଏକ୍ସପ୍ରେସୱେ ନିର୍ମାଣ" ଉପରେ ବିସ୍ତୃତ ଅନୁପାଳନ ସମୀକ୍ଷା

# ଅଧ୍ୟାୟ V

## ପୂର୍ତ୍ତ ବିଭାଗ

## 5. "ଉତ୍ତର-ଦକ୍ଷିଣ କରିଡର-ବିଜୁ ଏକ୍ସପ୍ରେସୱେ ନିର୍ମାଣ" ଉପରେ ବିସ୍ତୃତ ଅନୁପାଳନ ସମୀକ୍ଷା

### 5.1 ଉପକ୍ରମ

ଓଡ଼ିଶାରେ ଜାତୀୟ ରାଜପଥ, ରାଜ୍ୟ ରାଜପଥ ଏବଂ ଜିଲ୍ଲା ସଡ଼କ ମିଶି ସମୁଦାୟ 30,637.90 କିଲୋମିଟରର ଏକ ସଡ଼କ ନେଟ୍‌ୱାର୍କ ଅଛି । ଏହି ସଡ଼କଗୁଡ଼ିକ ଟ୍ରାଫିକର ବହୁଳ ଅଂଶ ବହନ କରେ ଏବଂ ଅର୍ଥନୈତିକ କାର୍ଯ୍ୟକଳାପର ମୁଖ୍ୟ ବାହକ ଅଟେ । ଏହି ରାସ୍ତାଗୁଡ଼ିକର ନିର୍ମାଣ, ଉନ୍ନତି ଏବଂ ରକ୍ଷଣାବେକ୍ଷଣ ଦାୟିତ୍ୱ ଓଡ଼ିଶା ପୂର୍ତ୍ତ ବିଭାଗ ବହନ କରେ । ବିଭିନ୍ନ ଯୋଜନା ଅଧୀନରେ ଓଡ଼ିଶାର ରାସ୍ତା ବିକାଶ ପାଇଁ ଏକ ସଚେତନ ଉଦ୍ୟମ କରିଅଛି । କୋରାପୁଟ, ବଲାଙ୍ଗୀର, କଳାହାଣ୍ଡି (କେବିକେ) ଜିଲ୍ଲା ତଥା ଅନ୍ୟାନ୍ୟ ସୀମାନ୍ତବର୍ତ୍ତୀ ଜିଲ୍ଲାଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ବାଣିଜ୍ୟିକ କେନ୍ଦ୍ର/ସହରଗୁଡ଼ିକର ବିଛିନ୍ନତାକୁ ହ୍ରାସ କରିବା ପାଇଁ ରାଉରକେଲାରୁ ଛତିଶଗଡ଼ର ଜଗଦଲପୁର ସହିତ ରାଜ୍ୟର ଆଠଟି ଜିଲ୍ଲା[125]କୁ ସଂଯୋଗ କରୁଥିବା ଏକ ଏକ୍ସପ୍ରେସୱେ କରାଯାଇ ଏକ ଆର୍ଥିକ କରିଡର ବିକାଶ ପାଇଁ ପ୍ରସ୍ତାବ ଦିଆଯାଇଥିଲା । ରାଜ୍ୟ କ୍ୟାବିନେଟ୍ ଅନୁମୋଦନ ପରେ (ଅଗଷ୍ଟ 2015), 637.72 କିଲୋମିଟର ବିଶିଷ୍ଟ ଏକ ଚାରି ଲେନ୍ ରାସ୍ତା ଉତ୍ତର-ଦକ୍ଷିଣ କରିଡର ଅର୍ଥାତ୍ "ବିଜୁ ଏକ୍ସପ୍ରେସୱେ" (ବିଇଡବ୍ଲୁ) ନିର୍ମାଣ କରିବାକୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା (ସେପ୍ଟେମ୍ବର 2015) ।

### 5.1.1 ପ୍ରକଳ୍ପ ପ୍ରସ୍ତାବ ଏବଂ ବର୍ତ୍ତମାନର ସ୍ଥିତି

ଏକ ଚାରି ଲେନ୍ ବିଶିଷ୍ଟ ଉତ୍ତର-ଦକ୍ଷିଣ କରିଡର ନିର୍ମାଣ ପାଇଁ ଏକ ପ୍ରସ୍ତାବ ମୁଖ୍ୟ ଯନ୍ତ୍ରୀ(ସିଇ), ଡିପିଆଇ ଏବଂ ରାସ୍ତାଙ୍କ ଦ୍ୱାରା ସର୍ବୋଚ୍ଚ ଯନ୍ତ୍ରୀ ଏବଂ ସଚିବ, ନିର୍ମାଣ ବିଭାଗ ଓଡ଼ିଶାଙ୍କ ଅନୁମୋଦନ ପାଇଁ ଦାଖଲ କରାଯାଇଥିଲା (ଅଗଷ୍ଟ 2014) ।

**ମାନଚିତ୍ର ସଂଖ୍ୟା 1: ନିଷ୍ପାଦନ ପଦ୍ଧତି ସହିତ ବିଜୁ ଏକ୍ସପ୍ରେସୱେର ମାର୍ଗ ମାନଚିତ୍ର**




---

125 (i) ସୁନ୍ଦରଗଡ଼, (ii) ଝାରସୁଗୁଡ଼ା, (iii) ସମ୍ବଲପୁର, (iv) ବରଗଡ଼, (v) ନୂଆପଡ଼ା, (vi) କଳାହାଣ୍ଡି, (vii) ନବରଙ୍ଗପୁର ଏବଂ (viii) କୋରାପୁଟ

ବିଜୁ ଏକ୍ସପ୍ରେସୱେ (ବିଇଡବ୍ଲୁ) କୁ ଓଡ଼ିଶା ସରକାର (ଜିଓଓ) ଙ୍କ ଦ୍ୱାରା 1 ସେପ୍ଟେମ୍ବର 2014 ରେ ଅନୁମୋଦନ କରାଯାଇଥିଲା । ବିଇଡବ୍ଲୁ ରାସ୍ତାର ବିସ୍ତାର, ନିଷ୍ପାଦନ ପଦ୍ଧତି ଏବଂ ବର୍ତ୍ତମାନର ସ୍ଥିତିର ବିବରଣୀ ନିମ୍ନ **ସାରଣୀ ସଂଖ୍ୟା 5.1** ରେ ଦର୍ଶାଗଲା :

**ସାରଣୀ ସଂଖ୍ୟା 5.1: ରାସ୍ତାର ବିସ୍ତାର, ଦୈର୍ଘ୍ୟ, ନିଷ୍ପାଦନ ପ୍ରକାର ଏବଂ ବର୍ତ୍ତମାନର ସ୍ଥିତିର ବିବରଣୀ**

| କ୍ର. ସଂ. | ରାସ୍ତାର ବିସ୍ତାର | ଦୈର୍ଘ୍ୟ (କିମିରେ) | ଯୋଜନା/ ନିଷ୍ପାଦନ ପ୍ରକାର | ରାସ୍ତାର ପ୍ରକୃତି | ବର୍ତ୍ତମାନର ସ୍ଥିତି |
|---|---|---|---|---|---|
| *1* | *2* | *3* | *4* | *5* | *6* |
| 1 | ରାଉରକେଲା - ସମ୍ବଲପୁର | 163 | ଭିଆବିଲିଟି ଗ୍ୟାପ୍ ପାଣ୍ଠି (ଭିଜିଏଫ୍) ସହିତ ସରକାରୀ ଘରୋଇ ସହଭାଗିତା (ପିପିପି) | ଚାରି ଲେନ୍ ବିଶିଷ୍ଟ ରାସ୍ତା | ସମାପ୍ତ |
| 2 | ସମ୍ବଲପୁର ରୁ ସୋହେଲା | 71 | ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ) | ଚାରି ଲେନ୍ ବିଶିଷ୍ଟ ରାସ୍ତା | ସମାପ୍ତ |
| 3 | ସୋହେଲା ରୁ ନୂଆପଡ଼ା | 117.96 | କେନ୍ଦ୍ରୀୟ ସଡ଼କ ଭିତ୍ତିଭୂମି ପାଣ୍ଠି (ସିଆର୍‌ଆଇଏଫ୍)/ ରାଜ୍ୟ ଯୋଜନା (ଏସ୍‌ପି) ପ୍ରତିଶତ ଚୁକ୍ତିନାମାରେ[126] | ଦୁଇ ଏବଂ ଚାରି ଲେନ୍ ବିଶିଷ୍ଟ ରାସ୍ତା | କାର୍ଯ୍ୟ ଚାଲୁଅଛି |
| 4 | ନୂଆପଡ଼ା ରୁ ଘାଟିପଡ଼ା | 10 | ଏନ୍‌ଏଚ୍‌ଏଆଇ | ଦୁଇ ଲେନ୍ ବିଶିଷ୍ଟ ରାସ୍ତା | ସମାପ୍ତ |
| 5 | ଘାଟିପଡ଼ା ରୁ ଆମପାଣି | 174.50 | ସିଆର୍‌ଆଇଏଫ୍/ନାବାର୍ଡ/ଏସ୍‌ପି ପ୍ରତିଶତ ଚୁକ୍ତିନାମା[127]/ଇପିସି ଚୁକ୍ତିନାମା | ଦୁଇ ଏବଂ ଚାରି ଲେନ୍ ବିଶିଷ୍ଟ ରାସ୍ତା | କାର୍ଯ୍ୟ ଚାଲୁଅଛି |
| 6 | ଆମପାଣି ରୁ ଜଗଦଲପୁର | 101.26 | ଏନ୍‌ଏଚ୍‌ଏଆଇ | ଦୁଇ ଲେନ୍ ବିଶିଷ୍ଟ ରାସ୍ତା | କାର୍ଯ୍ୟ ଚାଲୁଅଛି |
| | ମୋଟ | **637.72** | | | |

***(ଉତ୍ସ: ବିଭାଗ ଦ୍ୱାରା ପ୍ରଦତ୍ତ ତଥ୍ୟ)***

ସମୁଦାୟ ରାସ୍ତାରୁ 182.26 କିମି[128] ଦୈର୍ଘ୍ୟ ରାସ୍ତାର ଉନ୍ନତିକରଣ, ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଆଇ)[129]/ ଏମ୍‌ଓଆର୍‌ଟିଏଚ୍‌ଙ୍କ ଦ୍ୱାରା ସମ୍ପାଦିତ ହୋଇଥିଲା । ବିଦ୍ୟମାନ ଥିବା ଦୁଇ ଲେନ୍ ରାସ୍ତାକୁ (163 କିମି ବିଶିଷ୍ଟ ରାଉରକେଲା-ସମ୍ବଲପୁର) ପକ୍କା ବନ୍ଧ ସହିତ ଚାରି ଲେନ୍ ବିଶିଷ୍ଟ ରାସ୍ତାରେ ଉନ୍ନତିକରଣ ସକାଶେ ଜଣେ କନ୍‌ସେସନେୟାର[130] କୁ 1,292.56 କୋଟି ଟଙ୍କାରେ ତିନି ବର୍ଷ ନିର୍ମାଣ ଅବଧି ସହିତ 22 ବର୍ଷ ପାଇଁ ରିହାତି ଦିଆଯାଇଥିଲା (ନଭେମ୍ବର 2013) । ନୂଆପଡ଼ା ରୁ ଘାଟିପଡ଼ା ପର୍ଯ୍ୟନ୍ତ ରାସ୍ତାକୁ ବାଦ୍ ଦେଇ ସୋହେଲା ଠାରୁ ଆମପାଣି ପର୍ଯ୍ୟନ୍ତ ଅବଶିଷ୍ଟ 292.46 କିମି ବିଇଡବ୍ଲୁ ରାସ୍ତାକୁ 2020 ସୁଦ୍ଧା ନିର୍ମାଣ କାର୍ଯ୍ୟ ସମାପ୍ତ କରିବାକୁ ବିଭିନ୍ନ ଯୋଜନାରେ ଉପରୋକ୍ତ ସାରଣୀରେ ଦିଆଯାଇଥିବା ଅନୁସାରେ 3,630 କୋଟି ଟଙ୍କା ବ୍ୟୟରେ 2015-16 ରେ ରାଜ୍ୟ ସରକାର ଅନୁମୋଦନ କରିଥିଲେ । ସୋହେଲା ଠାରୁ ଆମପାଣି ପର୍ଯ୍ୟନ୍ତ ଦୁଇ ଏବଂ ଚାରି ଲେନ୍ ରାସ୍ତା ପାଇଁ ବିଭାଗ 1,191.05 କୋଟି ଟଙ୍କା ଖର୍ଚ୍ଚ କରିଥିଲେ (ମାର୍ଚ୍ଚ 2021) । ରାଜ୍ୟ ସରକାର, ଚାରି ଲେନ୍ ବିଶିଷ୍ଟ ରାସ୍ତା ସହିତ ବିଇଡବ୍ଲୁକୁ ବ୍ୟାପକ ଭାବରେ ବିକଶିତ କରିବା ପରିବର୍ତ୍ତେ ବିଭିନ୍ନ ଯୋଜନା ଅଧିନରେ ଦୁଇ ଲେନ୍ ବିଶିଷ୍ଟ ରାସ୍ତା ନିର୍ମାଣ କରିଥିଲେ ଏବଂ ପରେ ରାସ୍ତାକୁ ଚାରି ଲେନରେ ପରିଣତ କରିବାକୁ ଉଦ୍ୟମ କରିଥିଲେ ଏବଂ ଜମି ଅଧିଗ୍ରହଣ, ରାସ୍ତା ଏବଂ ସେତୁର ଆଲାଇନ୍‌ମେଣ୍ଟ, ପେଭ୍‌ମେଣ୍ଟ ନିର୍ଦ୍ଦିଷ୍ଟତାରେ ପରିବର୍ତ୍ତନ ଇତ୍ୟାଦି ସମସ୍ୟାର ସମ୍ମୁଖୀନ ହୋଇଥିଲେ ଯାହା ପରବର୍ତ୍ତୀ ଅନୁଚ୍ଛେଦଗୁଡ଼ିକରେ ବିସ୍ତୃତ ଭାବରେ ଦର୍ଶାଯାଇଛି ।

---

126 ପ୍ରକଳ୍ପର ଆକଳିତ ମୂଲ୍ୟ ଉପରେ ପ୍ରତିଶତ ଆଧାରରେ କାର୍ଯ୍ୟ ପ୍ରଦାନ

127 ଇଞ୍ଜିନିୟରିଂ, କ୍ରୟ ଓ ନିର୍ମାଣ (ଇପିସି) ଚୁକ୍ତିନାମା

128 ସମ୍ବଲପୁର ରୁ ସୋହେଲା (ଏନ୍‌ଏଚ୍-53) ରାସ୍ତାର 71 କିମି ଚାରି ଲେନ୍ ରାସ୍ତା, ନୂଆପଡ଼ାରୁ ଘାଟିପଡ଼ା (ଏନ୍‌ଏଚ୍-353) ରାସ୍ତାର 10 କିମି ଦୁଇ ଲେନ୍ ରାସ୍ତା ଏବଂ ଆମପାଣିରୁ ବୋରିଗୁମ୍ମା (ଏନ୍‌ଏଚ୍-26)-ବୋରିଗୁମ୍ମା-ଜଗଦଲପୁର-(ଏନ୍‌ଏଚ୍-63) ରାସ୍ତାର 101.26 କିମି ଦୁଇ ଲେନ୍ ରାସ୍ତା

129 ଜାତୀୟ ରାଜପଥ ପ୍ରାଧିକରଣ/ ସଡକ ପରିବହନ ଏବଂ ରାଜପଥ ମନ୍ତ୍ରାଳୟ

130 ଏଲ୍‌ଆଣ୍ଡଟି ସମ୍ବଲପୁର-ରାଉରକେଲା ଟୋଲ ରାସ୍ତା ଲିମିଟେଡ୍

## 5.1.2 ସମୀକ୍ଷାର ଉଦ୍ଦେଶ୍ୟ ଏବଂ ମାନଦଣ୍ଡ

(i) ସର୍ଭେ ଏବଂ ଅନୁସନ୍ଧାନ ସହିତ ଯୋଜନା ପ୍ରକ୍ରିୟା ପର୍ଯ୍ୟାପ୍ତ ଥିଲା କି ନଥିଲା; (ii) ପ୍ରକଳ୍ପଗୁଡ଼ିକର ଆର୍ଥିକ ପରିଚାଳନା ଦୂରଦର୍ଶୀ ଥିଲା, ଟେଣ୍ଡର ପ୍ରକ୍ରିୟା ସ୍ୱଚ୍ଛ ଥିଲା ଏବଂ ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରିତା ମିତବ୍ୟୟୀ ଏବଂ ଦକ୍ଷ ଥିଲା; ଏବଂ (iii) ଗୁଣାତ୍ମକ ନିୟନ୍ତ୍ରଣ ଶୈଳୀ ଏବଂ ପ୍ରକଳ୍ପର ପର୍ଯ୍ୟାଲୋଚନା ପଦ୍ଧତି ପର୍ଯ୍ୟାପ୍ତ ଏବଂ ପ୍ରଭାବଶାଳୀ ଥିଲା କି ନଥିଲା ଆକଳନ କରିବା ଉଦ୍ଦେଶ୍ୟରେ ଏହି ବିସ୍ତୃତ ଅନୁପାଳନ ସମୀକ୍ଷା କରାଯାଇଥିଲା ।

ସମୀକ୍ଷା ମାନଦଣ୍ଡର ମୁଖ୍ୟ ଉତ୍ସଗୁଡ଼ିକ ହେଲା (i) ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶାବଳୀ ଏବଂ ନିର୍ଦ୍ଦେଶ, ଯୋଜନା ନିର୍ଦ୍ଦେଶାବଳୀ/ ଭାରତ ସରକାରଙ୍କ ବିଭିନ୍ନ ସମୟର ସର୍କୁଲାର ଏବଂ ନିର୍ଦ୍ଦେଶାବଳୀ; (ii) ବିସ୍ତୃତ ପ୍ରକଳ୍ପ ରିପୋର୍ଟ, ମାନକ ନିର୍ଦ୍ଦିଷ୍ଟତା ଏବଂ ଚୁକ୍ତିନାମା ସର୍ତ୍ତ; (iii) ଇଣ୍ଡିଆନ୍ ରୋଡ୍ କଂଗ୍ରେସ ନିର୍ଦ୍ଦେଶାବଳୀ/ଏମ୍ଓଆର୍ଟିଏଚ୍ ନିର୍ଦ୍ଦିଷ୍ଟକରଣ/ ଭାରତୀୟ ମାନକ ବ୍ୟୁରୋ/ରାଜ୍ୟର ଦର ସୂଚୀ ଏବଂ ଦରର ବିଶ୍ଳେଷଣ; (iv) ଓଡ଼ିଶା ପୂର୍ତ୍ତ ବିଭାଗ ସଂହିତା ଏବଂ (v) ରିହାତି ଚୁକ୍ତିନାମାର ସର୍ତ୍ତାବଳୀ/ ପିପିପି ଚୁକ୍ତିନାମାର ସର୍ତ୍ତାବଳୀ ।

## 5.1.3 ସାଙ୍ଗଠନିକ ଗଠନ, ସମୀକ୍ଷାର ପରିସର ଏବଂ ପଦ୍ଧତି

ସରକାରଙ୍କ କମିଶନର ତଥା ସଚିବ, ନିର୍ମାଣ ବିଭାଗର ମୁଖ୍ୟ ଅଟନ୍ତି । ବିଭାଗର କ୍ଷେତ୍ର ଗଠନରେ ଜଣେ ସର୍ବୋଚ୍ଚ ଯନ୍ତ୍ରୀ (ସିଭିଲ୍), ସାତୋଟି ସିଇ, 20 ଜଣ ଅଧୀକ୍ଷଣ ଯନ୍ତ୍ରୀ (ଏସ୍ଇ) ଅଛନ୍ତି ଯେଉଁମାନେ ନିଜ ସର୍କଲ ମଧ୍ୟରେ ଥିବା ସାଧାରଣ କାର୍ଯ୍ୟର ପ୍ରଶାସନ ଏବଂ ସାଧାରଣ ବୃତ୍ତିଗତ ନିୟନ୍ତ୍ରଣ ପାଇଁ ଦାୟୀ ଅଟନ୍ତି । ବିଭାଜନ ସ୍ତରରେ ନିର୍ବାହୀ ଯନ୍ତ୍ରୀ (ଇଇ) ହେଉଛନ୍ତି ବିଭାଗର ପ୍ରଶାସନିକ ୟୁନିଟ୍‌ର କାର୍ଯ୍ୟନିର୍ବାହୀ ମୁଖ୍ୟ । ରାଜ୍ୟରେ ପୂର୍ତ୍ତ ବିଭାଜନ ଦାୟିତ୍ୱରେ 76 ଜଣ ଇଇ ଅଛନ୍ତି ।

2016-17 ରୁ 2020-21 ଅବଧିକୁ ଅନ୍ତର୍ଭୁକ୍ତ କରି ବିଇଡବ୍ଲୁ ରାସ୍ତା କାର୍ଯ୍ୟରେ ଜଡ଼ିତ ଥିବା ସାତଟି ରାସ୍ତା ଓ କୋଠାବାଡ଼ି ବିଭାଜନରେ ନଥିପତ୍ରର ନମୁନା ଯାଞ୍ଚ କରି ଅଗଷ୍ଟ ରୁ ଡିସେମ୍ବର 2021 ମଧ୍ୟରେ ସମୀକ୍ଷା ପରିଚାଳନା କରାଯାଇଥିଲା । ଏଗୁଡ଼ିକ ମଧ୍ୟରୁ ତିନୋଟି ଆର୍‌ଆଣ୍ଡବି ବିଭାଜନ[131] ଅଣ ପିପିପି କାର୍ଯ୍ୟ କାର୍ଯ୍ୟକାରୀ କରିବାରେ ଜଡ଼ିତ ଥିଲେ ଏବଂ ଚାରିଟି ଆର୍‌ଆଣ୍ଡବି ବିଭାଜନ[132] କେବଳ ପିପିପି ପ୍ରକଳ୍ପ ପାଇଁ ଉପଯୋଗିତା ସ୍ଥାନାନ୍ତର ଏବଂ ଜମି ଅଧିଗ୍ରହଣରେ ଜଡ଼ିତ ଥିଲେ । ଏହା ବ୍ୟତୀତ ଅଧୀକ୍ଷଣ ଯନ୍ତ୍ରୀ, ଉତ୍ତରାଞ୍ଚଳ ଆର୍‌ଆଣ୍ଡବି ମଣ୍ଡଳ, ସମ୍ବଲପୁର ଏବଂ ସର୍ବୋଚ୍ଚ ଯନ୍ତ୍ରୀ (ସିଭିଲ) ଭୁବନେଶ୍ୱରଙ୍କ କାର୍ଯ୍ୟାଳୟକୁ ଟେଣ୍ଡର ଚୂଡ଼ାନ୍ତକରଣ, ଚୁକ୍ତିନାମା ଏବଂ ଏଥିରେ ଦିଆଯାଇଥିବା ନିର୍ଦ୍ଦେଶାବଳୀ ବିଷୟରେ ତଥ୍ୟ ସଂଗ୍ରହ ପାଇଁ ସମୀକ୍ଷା କରାଯାଇଥିଲା । ସମୀକ୍ଷା ପଦ୍ଧତିରେ ଦସ୍ତାବିଜ୍ ବିଶ୍ଳେଷଣ, କାର୍ଯ୍ୟ ଚୁକ୍ତିନାମା ଯାଞ୍ଚ, ସମୀକ୍ଷା ପ୍ରଶ୍ନର ପ୍ରତିକ୍ରିୟା, ପ୍ରାଥମିକ ପର୍ଯ୍ୟବେକ୍ଷଣ ମେମୋ (ପିଓଏମ୍) ଜାରି, ଫଟୋଗ୍ରାଫିକ୍ ପ୍ରମାଣ ଏବଂ କାର୍ଯ୍ୟନିର୍ବାହୀ ଏଜେନ୍ସିଗୁଡ଼ିକର ରିପୋର୍ଟ ଏବଂ ରେକର୍ଡର ପରୀକ୍ଷା ଅନ୍ତର୍ଭୁକ୍ତ କରାଯାଇଥିଲା । କାର୍ଯ୍ୟକାରୀ ହୋଇଥିବା ସଡ଼କଗୁଡ଼ିକର ଅବସ୍ଥା ଯାଞ୍ଚ ପାଇଁ ମିଳିତ ସରଜମିନ୍ ତଦନ୍ତ (ଜେପିଆଇ) ମଧ୍ୟ କରାଯାଇଥିଲା । ବିଇଡବ୍ଲୁ ପ୍ରକଳ୍ପର ମୂଲ୍ୟାଙ୍କନ ପାଇଁ ବ୍ୟବହୃତ ହେଉଥିବା ସମୀକ୍ଷା ଉଦ୍ଦେଶ୍ୟ ଏବଂ ମାନଦଣ୍ଡକୁ ବ୍ୟାଖ୍ୟା କରିବା ପାଇଁ କମିଶନର ତଥା ସଚିବ, ପୂର୍ତ୍ତ ବିଭାଗ, ଓଡ଼ିଶା ସରକାରଙ୍କ ସହିତ ପ୍ରବେଶ ସମ୍ମିଳନୀ କରାଯାଇଥିଲା (24 ଅଗଷ୍ଟ 2021) । 23 ମଇ 2022 ରେ କରାଯାଇଥିବା ପ୍ରସ୍ଥାନ ସମ୍ମିଳନୀରେ ସମୀକ୍ଷା ସିଦ୍ଧାନ୍ତ ଗୁଡ଼ିକର ଫଳାଫଳ ଉପରେ ଆଲୋଚନା କରାଯାଇଥିଲା ଏବଂ ଏହି ରିପୋର୍ଟରେ ସରକାରଙ୍କ ଉତ୍ତରଗୁଡ଼ିକୁ ଉପଯୁକ୍ତ ଭାବରେ ଅନ୍ତର୍ଭୁକ୍ତ କରାଯାଇଛି ।

131 ବରଗଡ଼, କଳାହାଣ୍ଡି ଏବଂ ଖରିଆର

132 ଝାରସୁଗୁଡ଼ା, ରାଉରକେଲା, ସମ୍ବଲପୁର-I ଏବଂ ସୁନ୍ଦରଗଡ଼

## 5.2 ପିପିପି ପ୍ରକଳ୍ପ ଅଧୀନରେ ସଡ଼କ ନିର୍ମାଣ

### 5.2.1 ଯୋଜନା ପ୍ରକ୍ରିୟା

ପିପିପି ପ୍ରକଳ୍ପଗୁଡ଼ିକୁ ଦକ୍ଷତା ଏବଂ ଯତ୍ନର ସହିତ ଏବଂ କୌଣସି ଅସୁବିଧା ବିନା ଯୋଜନା ଏବଂ କାର୍ଯ୍ୟକାରୀ କରିବା ଏକାନ୍ତ ଆବଶ୍ୟକ । ଏହି ପରିପ୍ରେକ୍ଷୀରେ, ଏକ ପିପିପି ପ୍ରକଳ୍ପର ସଫଳ ସମାପ୍ତି ପାଇଁ ବୈଶିଷ୍ଟ୍ୟ ଏବଂ ଆବଶ୍ୟକତା ବର୍ଣ୍ଣନା କରିବା ଉପଯୋଗୀ ହେବ ।

ଅର୍ଥନୈତିକ ଦୃଷ୍ଟିରୁ ସକ୍ଷମ ଏବଂ 14.6 ପ୍ରତିଶତର ଇକ୍ୱିଟି ଇଣ୍ଟରନାଲ୍ ରେଟ୍ ଅଫ୍ ରିଟର୍ଣ୍ଣ (ଆଇଆରଆର) ସହିତ ପରାମର୍ଶଦାତାଙ୍କ ରିପୋର୍ଟ[133]କୁ ଆଧାର କରି ରାଉରକେଲା-ସମ୍ବଲପୁର ରାସ୍ତାକୁ ପିପିପି ମୋଡ ଅଧିନରେ କାର୍ଯ୍ୟକାରୀ କରାଯିବା ନେଇ ଭିତ୍ତିଭୂମି[134] ସଶକ୍ତିକରଣ କମିଟି ଏହାର ବୈଠକରେ ମଞ୍ଜୁରୀ ଦେଇଥିଲେ (ଜୁନ୍ 2008) । କମିଟି ରିପୋର୍ଟର ନିୟମ ଅନୁଯାୟୀ ଯଦି ଇକ୍ୱିଟି ଆଇଆରଆର 18 ପ୍ରତିଶତ ପର୍ଯ୍ୟନ୍ତ ହୋଇଥିବ, ପିପିପି ମୋଡ ଅଧିନରେ ଏକ ବିଡ୍ ଗ୍ରହଣୀୟ ହେବ ଏବଂ ଯଦି ଇକ୍ୱିଟି ଆଇଆରଆର 18 ପ୍ରତିଶତରୁ ଅଧିକ ହୁଏ, ତେବେ ପ୍ରକଳ୍ପଟି ଇପିସି ମୋଡରେ କାର୍ଯ୍ୟକାରୀ ହେବା ଆବଶ୍ୟକ । ଭାରତ ସରକାରଙ୍କ ଦ୍ୱାରା ଗଠିତ ଶ୍ରୀ ଚତୁର୍ବେଦୀ କମିଟି ରିପୋର୍ଟ(2009) ର ସୁପାରିଶରୁ ଉପରୋକ୍ତ ନିର୍ଦ୍ଧାରିତ ନିୟମ ଅନୁସରଣ କରାଯାଇଥିଲା ।

ପରବର୍ତ୍ତୀ ସମୟରେ, ପରାମର୍ଶଦାତା ମୋଟ ପ୍ରକଳ୍ପ ମୂଲ୍ୟ 1,292.56 କୋଟି ଟଙ୍କା ରଖି ଏକ ସମ୍ଭାବ୍ୟତା ରିପୋର୍ଟ (ଜୁନ୍ 2012) ଦାଖଲ କରିଥିଲେ ଯେଉଁଠାରେ ପରାମର୍ଶଦାତା 21.66 ପ୍ରତିଶତ ଇକ୍ୱିଟି ଆଇଆର୍ଆର୍ ଦର୍ଶାଇ ଇପିସି ମୋଡ ପାଇଁ ସୁପାରିଶ କରିଥିଲେ । କିନ୍ତୁ, ଜୁନ୍ 2008 ର ସଶକ୍ତିକରଣ କମିଟି ରିପୋର୍ଟ ଅନୁଯାୟୀ ରାଜ୍ୟର ଉଚ୍ଚ ସ୍ତରୀୟ କ୍ଲିୟରାନ୍ସ ଅଥରିଟୀ[135] ଦ୍ୱାରା ପିପିପି ପ୍ରକଳ୍ପ ଅନୁମୋଦନ ହୋଇଥିଲା (ସେପ୍ଟେମ୍ବର 2013) ।

ହ୍ରାସ ଦୂରତା[136] 00 ରୁ 163 କିଲୋମିଟର ପର୍ଯ୍ୟନ୍ତ ରାଉରକେଲା-ସମ୍ବଲପୁର ରାସ୍ତା(ଏସ୍‌ଏଚ୍-10) ର ଭିତ୍ତିଭୂମି ପ୍ରକଳ୍ପ ପାଇଁ ନିର୍ମାଣ, ପରିଚାଳନା ଏବଂ ହସ୍ତାନ୍ତର (ବିଓଟି) ଆଧାରରେ ତିନି ବର୍ଷର ନିର୍ମାଣ ଅବଧି ସହିତ 22 ବର୍ଷ ପାଇଁ ନଭେମ୍ବର 2013 ରେ ଏକ କନ୍‌ସେସନେୟାରକୁ ପ୍ରଦାନ କରାଯାଇଥିଲା । 40 ପ୍ରତିଶତର ସର୍ବାଧିକ ଗ୍ରହଣ ଯୋଗ୍ୟ ଭିଜିଏଫ୍ ସହିତ 1,292.56 କୋଟି ଟଙ୍କାରେ ଏହି ବିଡ୍ ଆହ୍ୱାନ କରାଯାଇଥିଲା । ଭାରତ ସରକାରଙ୍କ ଅଂଶ 258.51 କୋଟି ଟଙ୍କା ଏବଂ ରକ୍ଷଣାବେକ୍ଷଣ ପାଇଁ ରାଜ୍ୟ ଅଂଶଧନ 206.79 କୋଟି ଟଙ୍କା ସହିତ ଚୁକ୍ତିନାମା ଅନୁଯାୟୀ 36 ପ୍ରତିଶତ ଭିଜିଏଫ୍ ଅର୍ଥାତ୍ 465.30 କୋଟି ଟଙ୍କା ପ୍ରଦାନ ସହିତ ବିଡର/ କନସେସନେୟାରଙ୍କୁ ଚୟନ କରାଯାଇଥିଲା ।

ସରକାର ଦର୍ଶାଇଲେ (ମାର୍ଚ୍ଚ 2022) ଯେ ପିପିପି ମୋଡ୍ ଅଧିନରେ କାର୍ଯ୍ୟକାରୀ ପାଇଁ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଆଇନଗତ ପ୍ରାଧିକରଣ କର୍ତ୍ତୃପକ୍ଷ ଏହି ପ୍ରସ୍ତାବକୁ ସମୀକ୍ଷା ଏବଂ ଗ୍ରହଣ କରିଥିଲେ । ଉତ୍ତର ଗ୍ରହଣୀୟ ନଥିଲା କାରଣ ଇକ୍ୱିଟି ଆଇଆର୍ଆର୍ 18 ପ୍ରତିଶତରୁ ଅଧିକ ହୋଇଥିବାରୁ ଏହା ପିପିପି ମୋଡ ବଦଳରେ ଇପିସି ମୋଡ ଅଧୀନରେ କାର୍ଯ୍ୟକାରୀ ହେବା ଉଚିତ୍ ଥିଲା ।

---

133 ମେସର୍ସ ପ୍ରାଇସ୍ ୱାଟରହାଉସ୍ କୋପର୍ସ(ପିଡବ୍ଲୁସି) ପରାମର୍ଶଦାତା ଥିଲେ । ବର୍ଷ 2008 ରେ ଚୁକ୍ତିନାମା ମୂଲ୍ୟ 3.47 କୋଟି ଟଙ୍କା ସହିତ ବିଭାଗ ପରାମର୍ଶଦାତାଙ୍କୁ ନିୟୋଜିତ କରିଥିଲା ।

134 ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏବଂ ଗୃହ ନିର୍ମାଣ ଓ ନଗର ଉନ୍ନୟନ, ରାଜସ୍ୱ ବାଣିଜ୍ୟ ଓ ପରିବହନ, ଶକ୍ତି ଏବଂ ପୂର୍ତ୍ତ ବିଭାଗର ମୁଖ୍ୟମାନଙ୍କୁ ନେଇ ସଶକ୍ତିକରଣ କମିଟି ଗଠିତ । ଏହି କମିଟି ପ୍ରକଳ୍ପର ସେଲ୍ଫ ଅନୁମୋଦନ କରିବା, ମଞ୍ଜୁର କରିବା, ପିପିପି ପ୍ରକଳ୍ପ ପାଇଁ ବ୍ୟୟ ଅନୁମତି ଦେବା ଏବଂ ଭିଏବିଲିଟି ଗ୍ୟାପ୍ ପାଇଁ ପ୍ରକଳ୍ପ ସୁପାରିଶ କରିବାର ଥିଲା ।

135 ପିପିପି ପ୍ରକଳ୍ପ କ୍ଲିୟରାନ୍ସ ପାଇଁ ଗଠିତ ଉଚ୍ଚ ସ୍ତରୀୟ କ୍ଲିୟରାନ୍ସ ଅଥରିଟୀର ଅଧକ୍ଷ ହେଉଛନ୍ତି ଓଡ଼ିଶାର ମୁଖ୍ୟମନ୍ତ୍ରୀ

136 ହ୍ରାସ ଦୂରତାର ଅର୍ଥ ହେଉଛି ଆରମ୍ଭ ପଏଣ୍ଟରୁ ସେହି ମାତ୍ରା ପର୍ଯ୍ୟନ୍ତ ରାସ୍ତାର ଦୈର୍ଘ୍ୟରେ ହ୍ରାସ

### 5.2.1.1 ବର୍ଦ୍ଧିତ ପ୍ରକଳ୍ପ ମୂଲ୍ୟ ପାଇଁ କନ୍‌ସେସନେୟାରଙ୍କୁ ଅନୁଚିତ୍ ଲାଭ

➢ କନ୍‌ସେସନେୟାର ଚୁକ୍ତିନାମା (ସିଏ) ର ଧାରା 11.2 ଏବଂ 11.4 ରେ ଦର୍ଶାଯାଇଛି ଯେ ୟୁଟିଲିଟି ସ୍ଥାନାନ୍ତର, ବୃକ୍ଷ ଗୁଡ଼ିକୁ ଲେଭେଲିଙ୍ଗ କରିବା ଏବଂ ପରିବେଶର ସୁରକ୍ଷା ପାଇଁ ପଦକ୍ଷେପ ସରକାର ବହନ କରିବେ।

ଅଡିଟ୍ ଲକ୍ଷ୍ୟ କଲେ ଯେ ପ୍ରକଳ୍ପର ମୂଲ୍ୟକୁ ଦରସୂଚୀ (ଏସ୍‌ଓଆର୍) 2011 ଅନୁସାରେ ଆକଳନ କରି ପରାମର୍ଶଦାତା ଡିପିଆର୍ ଦାଖଲ କରିଥିଲେ ଯେଉଁଥିରେ ସାମାଜିକ ତଥା ୟୁଟିଲିଟି ସ୍ଥାନାନ୍ତର ପାଇଁ 176.18 କୋଟି ଟଙ୍କା ଏବଂ ପରିବେଶ ମୂଲ୍ୟ ଉପରେ 10.25 କୋଟି ଟଙ୍କା ଅନ୍ତର୍ଭୁକ୍ତ କରାଯାଇଥିଲା। 2012-13 ରେ ଟେଣ୍ଡର ମୂଲ୍ୟକୁ 1292.56 କୋଟି ଟଙ୍କାରେ ପହଞ୍ଚାଇବା ପାଇଁ ସାମାଜିକ ଏବଂ ୟୁଟିଲିଟି ସ୍ଥାନାନ୍ତର ମୂଲ୍ୟ ଏବଂ ପରିବେଶ ମୂଲ୍ୟ ବାବଦରେ ପାଞ୍ଚ ପ୍ରତିଶତ ଯୋଗକରି ବୃଦ୍ଧି କରାଯାଇଥିଲା। କନ୍‌ସେସନେୟାର ଚୁକ୍ତି ଅନୁଯାୟୀ ଉପରୋକ୍ତ କାର୍ଯ୍ୟ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେବାର ଥିଲା। ତେଣୁ, ପାଞ୍ଚ ପ୍ରତିଶତ ଦରବୃଦ୍ଧି (176.18 କୋଟି ଟଙ୍କା + 10.25 କୋଟି ଟଙ୍କା+ ପାଞ୍ଚ ପ୍ରତିଶତ) କୁ ଅନ୍ତର୍ଭୁକ୍ତ କରି ପ୍ରକଳ୍ପ ମୂଲ୍ୟରୁ 195.75 କୋଟି ଟଙ୍କା ହ୍ରାସ କରାଯିବାର ଥିଲା। କନ୍‌ସେସନେୟାରଙ୍କ ଦାୟିତ୍ୱରୁ ବାଦ୍ ପଡ଼ିଥିବା କାର୍ଯ୍ୟଗୁଡ଼ିକ ଉପରେ ଖର୍ଚ୍ଚ ହ୍ରାସ କରା ନଯିବା ଯୋଗୁଁ କନ୍‌ସେସନେୟାରଙ୍କୁ ଅନୁଚିତ୍ ଲାଭ ମିଳିଥିଲା।

> **918.41 କୋଟି ଟଙ୍କାର ପ୍ରକୃତ ବିଡ୍ ମୂଲ୍ୟ ପରିବର୍ତ୍ତେ ପ୍ରକଳ୍ପ ମୂଲ୍ୟକୁ ବିଭାଗ ଦ୍ୱାରା 1,292.56 କୋଟି ଟଙ୍କା ରଖାଯାଇଥିଲା। ଯେହେତୁ କନ୍‌ସେସନେୟାର 36 ପ୍ରତିଶତ ଭିଜିଏଫ୍ ଦାବି କରିଥିଲେ, ଭିଜିଏଫ୍, 465.30 କୋଟି ଟଙ୍କା ପରିବର୍ତ୍ତେ 330.63 କୋଟି ଟଙ୍କା ହେବାର ଥିଲା। ତେଣୁ, ଉପରୋକ୍ତ ଉପାଦାନ ଗୁଡ଼ିକୁ ବିଚାରକୁ ନ ନେଇ ତ୍ରୁଟିପୂର୍ଣ୍ଣ ଡିପିଆର୍ ପ୍ରସ୍ତୁତ କରାଯାଇଥିବା ଯୋଗୁଁ କନ୍‌ସେସନେୟାରଙ୍କୁ 134.67 କୋଟି ଟଙ୍କାର ଅତିରିକ୍ତ ଭିଜିଏଫ୍ ପ୍ରଦାନ କରାଯାଇଥିଲା।**
>
> **ବର୍ଦ୍ଧିତ ଅଟକଳ ଯୋଗୁଁ ଛଅ ବର୍ଷର ଅଧିକ ରିହାତି ଅବଧି ପ୍ରଦାନ କରାଯାଇଥିଲା। କନସେସନେୟାରଙ୍କ ନିର୍ଦ୍ଧାରଣ ଅନୁଯାୟୀ ଜନସାଧାରଣଙ୍କଠାରୁ କନସେସନେୟାର 4,876.38 କୋଟି ଟଙ୍କାର ରାଜସ୍ୱ ଅସୁଲ କରିବେ ଯେଉଁଥିରେ 2,322.19 କୋଟି ଟଙ୍କାର ଅତିରିକ୍ତ ଲାଭ ଅନ୍ତର୍ଭୁକ୍ତ।**

ସରକାର ଦର୍ଶାଇଲେ (ମାର୍ଚ୍ଚ 2022) ଯେ ସିଭିଲ୍ ନିର୍ମାଣ ମୂଲ୍ୟ, କଣ୍ଟିଜେନ୍ସି, ସାଧୀନ ପରାମର୍ଶଦାତାଙ୍କ ମୂଲ୍ୟ, ଦରବୃଦ୍ଧି ଓ ଆର୍ଥିକ ମୂଲ୍ୟ ଏବଂ ନିର୍ମାଣ ସମୟ ପାଇଁ ସୁଧ ପରିମାଣକୁ ମିଶାଇ ଏକ ପିପିପି ପ୍ରକଳ୍ପର ମୋଟ ପ୍ରକଳ୍ପ ମୂଲ୍ୟ ନିର୍ଦ୍ଧାରଣ କରାଯାଇଥାଏ। କିନ୍ତୁ ୟୁଟିଲିଟି ସ୍ଥାନାନ୍ତର ଏବଂ ପରିବେଶ ମୂଲ୍ୟ ବାବଦରେ କନସେସନେୟାରଙ୍କୁ ପ୍ରଦାନ କରାଯାଇଥିବା ଅର୍ଥ ବିଷୟରେ ଉତ୍ତର ନୀରବ ଥିଲା।

➢ ରାଉରକେଲା-ସମ୍ବଲପୁର ରାସ୍ତା ରାଜ୍ୟ ରାଜପଥ ହୋଇଥିବାରୁ ଏହାର ଅଟକଳ ରାଜ୍ୟର ଦର ସୂଚୀ (ଏସ୍‌ଓଆର୍) ଏବଂ ଦରର ବିଶ୍ଳେଷଣ (ଏଓଆର୍) ଆଧାରରେ ପ୍ରସ୍ତୁତ ହେବା ଉଚିତ୍।

ରେକର୍ଡଗୁଡ଼ିକର ଯାଞ୍ଚରୁ ଜଣାଗଲା ଯେ ଶ୍ରମ, ସାମଗ୍ରୀ ଏବଂ ଯନ୍ତ୍ରପାତିର ଭଡ଼ା ଦେୟ ପାଇଁ ରାଜ୍ୟ ଏସ୍‌ଓଆର୍ ଗ୍ରହଣ କରିବା ସହିତ ପରାମର୍ଶଦାତା ଏମ୍‌ଓଆର୍‌ଟିଏଚ୍ ନିର୍ଦ୍ଦିଷ୍ଟତା ଅନୁଯାୟୀ ଆକଳନ ପ୍ରସ୍ତୁତ କରିଥିଲେ। ପରାମର୍ଶଦାତା, ଓଭର ହେଡ୍ ଚାର୍ଜକୁ ଆଠ ପ୍ରତିଶତ ଏବଂ ଠିକାଦାରଙ୍କ ଲାଭକୁ 10 ପ୍ରତିଶତ ହାରରେ ଲାଗୁ କରିଥିଲେ। ରାଜ୍ୟ ଏସ୍‌ଓଆର୍ ଅନୁସାରେ ସମସ୍ତ କାର୍ଯ୍ୟ ପାଇଁ ମୋଟ 10 ପ୍ରତିଶତ ହେବା ପରିବର୍ତ୍ତେ, ଓଭରହେଡ୍ ଚାର୍ଜ ଉପରେ ମୋଟ ପ୍ରତିଶତ[137], ସଡ଼କ କାର୍ଯ୍ୟ ପାଇଁ 18.8 ପ୍ରତିଶତ, ସଂରଚନା କାର୍ଯ୍ୟ ଏବଂ ବିବିଧ କାର୍ଯ୍ୟ ପାଇଁ ଯଥାକ୍ରମେ 37.50 ପ୍ରତିଶତ ଓ 43 ପ୍ରତିଶତ ପ୍ରଦାନ କରାଯାଇଥିଲା। ଏହିପରି, ଅତିରିକ୍ତ

---
[137] ପ୍ରକଳ୍ପର ଆକଳନ ମୂଲ୍ୟର ପ୍ରତିଶତ (ଦ୍ରବ୍ୟର ମୂଲ୍ୟ)

ମୋଟ ପ୍ରତିଶତର ବ୍ୟବସ୍ଥା କରାଯାଇଥିବାରୁ ପ୍ରକଳ୍ପ ମୂଲ୍ୟରେ 94.92 କୋଟି ଟଙ୍କା ବୃଦ୍ଧି ହେଲା ଯାହାର ସବିଶେଷ ବିବରଣୀ **ସାରଣୀ ସଂଖ୍ୟା 5.2** ରେ ଦର୍ଶାଯାଇଛି ।

**ସାରଣୀ ସଂଖ୍ୟା 5.2: ଠିକାଦାରଙ୍କ ଲାଭ ଏବଂ ଓଭରହେଡ୍ ଚାର୍ଜ ଉପରେ ଅତିରିକ୍ତ ମୂଲ୍ୟର ବିବରଣୀ**

| କ୍ର. ସଂ. | କାର୍ଯ୍ୟର ବିବରଣୀ | ସମୁଦାୟ ମୂଲ୍ୟ (କୋଟି ଟଙ୍କାରେ) | ମୋଟ ପ୍ରତିଶତ ପ୍ରଦାନ କରାଯାଇଛି (ଏମ୍ଓଆର୍ଟିଏଚ୍) | ଗ୍ରାହ୍ୟ ମୋଟ ପ୍ରତିଶତ (ରାଜ୍ୟ ଏସ୍ଓଆର୍) | ଅତିରିକ୍ତ ପ୍ରତିଶତ | ଅତିରିକ୍ତ ମୂଲ୍ୟ (କୋଟି ଟଙ୍କାରେ) |
|---|---|---|---|---|---|---|
| *1* | *2* | *3* | *4* | *5* | *6* | *7* |
| 1 | ରାସ୍ତା କାର୍ଯ୍ୟ | 668.75 | 18.8 | 10 | 8.8 | 58.85 |
| 2 | ଗଠନ କାର୍ଯ୍ୟ | 114.15 | 37.5 | 10 | 27.5 | 31.39 |
| 3 | ବିବିଧ କାର୍ଯ୍ୟ | 14.17 | 43 | 10 | 33 | 4.68 |
| ମୋଟ | | | | | | **94.92** |

***(ଉତ୍ସ: ସମୀକ୍ଷା ଦ୍ୱାରା ସଂଗୃହୀତ ସୂଚନା)***

ସେହିପରି, ଅନ୍ୟାନ୍ୟ ଅନିୟମିତତା ନିମ୍ନରେ ଆଲୋଚନା କରାଗଲା:

➢ ଏସ୍ଓଆର୍ 2012 ଅନୁଯାୟୀ, ଘଣ୍ଟା ପ୍ରତି 200 ଘନ ମିଟର ମାଟି ବିଛେଇବା ପାଇଁ ମୋଟର ଗ୍ରେଡର[138]ର ଘଣ୍ଟା ପ୍ରତି ଦେୟ 1,545 ଟଙ୍କା ଥିଲା । କିନ୍ତୁ, ସଡ଼କ ବନ୍ଧ ପାଇଁ ଘଣ୍ଟା ପ୍ରତି 100 ଘନ ମିଟର ଏବଂ ସବ୍-ଗ୍ରେଡରେ ମାଟି କାର୍ଯ୍ୟ ପାଇଁ ଦୁଇ ଘଣ୍ଟାରେ 50 ଘନ ମିଟର ଆଉଟପୁଟ୍ ଭାବରେ ନିଆଯାଇଥିଲା । ମୋଟରର ଗ୍ରେଡରର କମ୍ ଆଉଟପୁଟ୍ କୁ ଗ୍ରହଣ କରି ପ୍ରତି ଘନମିଟରକୁ 9.85 ଟଙ୍କା ଏବଂ 64.92 ଟଙ୍କା ବୃଦ୍ଧି କରାଯାଇ ବନ୍ଧରେ 20.94 ଲକ୍ଷ ଘନ ମିଟର ଏବଂ ସବ୍ ଗ୍ରେଡ/ ସୋଲଡରରେ 21.23 ଲକ୍ଷ ଘନ ମିଟର ମାଟି ବିଛାଇବା ପାଇଁ 2014 ରୁ 2018 ମଧ୍ୟରେ ଏହି ମୂଲ୍ୟକୁ 15.84 କୋଟି ଟଙ୍କା ବୃଦ୍ଧି କରାଯାଇଥିଲା ।

➢ ଡିପିଆର୍ ଅନୁଯାୟୀ ସବ୍‌ଗ୍ରେଡ ଓ ବନ୍ଧ ନିର୍ମଣ ପାଇଁ ପ୍ରତି ଘନ ମିଟର ମାଟିକୁ 138 ଟଙ୍କା ହାରରେ ପ୍ରଦାନ କରାଯାଇଥିଲା ବେଳେ ପ୍ରତି ଘନ ମିଟର ଫ୍ଲାଏ ଆଶ୍‌କୁ 291 ଟଙ୍କା ହାରରେ ପ୍ରଦାନ କରାଯାଇଥିଲା । ପରାମର୍ଶଦାତା କୌଣସି କାରଣ ନଦର୍ଶାଇ ସବ୍ ଗ୍ରେଡ କାର୍ଯ୍ୟକାରୀ କରିବା ପାଇଁ ମାଟି ପରିବର୍ତ୍ତେ 4.19 ଲକ୍ଷ ଘନ ମିଟର ଫ୍ଲାଏ ଆଶ୍ ବ୍ୟବହାର କରିଥିବାରୁ ପ୍ରକଳ୍ପ ମୂଲ୍ୟ 6.41 କୋଟି ଟଙ୍କା ଅତିରିକ୍ତ ବୃଦ୍ଧି କରାଯାଇଥିଲା ।

➢ ବିସ୍ତୃତ ଆକଳନରେ ବିଟୁମେନର ଦର ମାଟ୍ରିକ ଟନ ପ୍ରତି 45,737.02 ଟଙ୍କା ଥିବାବେଳେ ଏଓଆର ରେ, ବିଟୁମେନର ଦର ମାଟ୍ରିକ ଟନ ପ୍ରତି 52,670.15 ଟଙ୍କା ଥିଲା । 1.30 ଲକ୍ଷ ଘନ ମିଟର ଡେନ୍‌ସ ବିଟୁମିନସ୍ ମାକାଡାମ (ଡିବିଏମ୍) ଏବଂ 1.19 ଲକ୍ଷ ଘନ ମିଟର ବିଟୁମିନସ୍ କଂକ୍ରିଟ୍(ବିସି) ପାଇଁ 26,841.13 ମାଟ୍ରିକ ଟନ ବିଟୁମେନ ବ୍ୟବହାର କରାଯିବା ଫଳରେ ପ୍ରକଳ୍ପ ମୂଲ୍ୟ ଅତିରିକ୍ତ 18.61 କୋଟି ଟଙ୍କା ବୃଦ୍ଧି ପାଇଥିଲା ।

➢ ଏଓଆର୍ ଅନୁଯାୟୀ ଟର୍ଫିଙ୍ଗକୁ ବର୍ଗମିଟର ପିଛା 19 ଟଙ୍କା ହିସାବ କରିବାକୁ ଥିଲା । କିନ୍ତୁ ପ୍ରକଳ୍ପ ମୂଲ୍ୟ ହିସାବ କରିବା ପାଇଁ କୌଣସି କାରଣ ନ ଦର୍ଶାଇ ପ୍ରତି ବର୍ଗମିଟରକୁ 112 ଟଙ୍କା ଭବରେ ଗ୍ରହଣ କରାଯାଇଥିଲା, ଯାହା ଫଳରେ 7.81 ଲକ୍ଷ ବର୍ଗମିଟର କାର୍ଯ୍ୟକାରୀ ପାଇଁ ପ୍ରକଳ୍ପ ମୂଲ୍ୟ 7.26 କୋଟି ଟଙ୍କା ବୃଦ୍ଧି ପାଇଲା ।

➢ ବନ୍ଧ ନିର୍ମାଣରେ ଖନନ ହୋଇଥିବା 6.84 ଲକ୍ଷ ଘନ ମିଟର ମାଟିର ଉପଯୋଗ ନହେବା ଯୋଗୁଁ ଆକଳିତ ପ୍ରକଳ୍ପ ମୂଲ୍ୟ 4.58[139] କୋଟି ଟଙ୍କା ବୃଦ୍ଧି ପାଇଥିଲା ।

ଏହିପରି, ପ୍ରକଳ୍ପର ମୋଟ ସିଭିଲ୍ ନିର୍ମାଣ ମୂଲ୍ୟ 178.40 କୋଟି ଟଙ୍କା ବୃଦ୍ଧି କରାଯାଇଥିଲା ଯାହାକି **ସାରଣୀ ସଂଖ୍ୟା 5.2** ଏବଂ **ସାରଣୀ ସଂଖ୍ୟା 5.3** ରେ ବିସ୍ତୃତ ଭାବରେ ଦର୍ଶାଯାଇଛି ।

---

[138] ସୁଗମ ଏବଂ ସମତଳ ପୃଷ୍ଠ ସୃଷ୍ଟି ପାଇଁ ମୋରମ ଏବଂ ମାଟି ବିସ୍ତାରକ

[139] 6.84 ଲକ୍ଷ ଘନ ମିଟର (138 ଟଙ୍କା ହେଉଛି ଘ. ମି ପ୍ରତି ମାଟିର ମୂଲ୍ୟ -71 ଟଙ୍କା ହେଉଛି ଘ.ମି ପ୍ରତି ବ୍ୟବହାର ହୋଇଥିବା ଖନନ ମାଟିର ମୂଲ୍ୟ) = 4.58 କୋଟି ଟଙ୍କା

## ସାରଣୀ ସଂଖ୍ୟା 5.3: ପ୍ରଯୁଜ୍ୟ ହାର ଠାରୁ ପ୍ରଦାନ କରାଯାଇଥିବା ଅତିରିକ୍ତ ମୂଲ୍ୟର ବିବରଣୀ

| କ୍ର. ସଂ. | କାର୍ଯ୍ୟର ସଂକ୍ଷିପ୍ତ ବିବରଣୀ | ପରିମାଣ | ନିଆଯାଇଥିବା ଦର (ଟଙ୍କାରେ) | ପ୍ରଯୁଜ୍ୟ ଦର (ଟଙ୍କାରେ) | ୟୁନିଟ୍ ପିଛା ଅତିରିକ୍ତ ମୂଲ୍ୟ (ଟଙ୍କାରେ) | ମୋଟ ଅତିରିକ୍ତ ମୂଲ୍ୟ (କୋଟି ଟଙ୍କାରେ) |
|---|---|---|---|---|---|---|
| ***1*** | ***2*** | ***3*** | ***4*** | ***5*** | ***6*** | ***7*** |
| 1 | ରାସ୍ତା ନିର୍ମାଣରେ ମାଟି ବିଛାଇବା | 20.94 ଲକ୍ଷ ଘନ ମିଟର | 18.35 | 8.50 | 9.85 | 2.06 |
| 2 | ସବ୍-ଗ୍ରେଡ୍ ନିର୍ମାଣ ଏବଂ ସୋଲଡରରେ ମାଟି ବିଛାଇବା | 21.23 ଲକ୍ଷ ଘନ ମିଟର | 73.42 | 8.50 | 64.92 | 13.78 |
| 3 | ମାଟି ପରିବର୍ତ୍ତେ ଫ୍ଲାଏ ଆଶ୍‌ର ବ୍ୟବହାର | 4.19 ଲକ୍ଷ ଘନ ମିଟର | 291 | 138 | 153 | 6.41 |
| 4 | ଡିବିଏମ୍/ ବିସି | 26,841.13 MT | 52,670.15 | 45,737.02 | 6,933.13 | 18.61 |
| 5 | ଟର୍ଫିଙ୍ଗ୍ | 7.81 lakh sqm | 112 | 19 | 93 | 7.26 |
| 6 | ଖନନ ହୋଇଥିବା ମାଟିର ବ୍ୟବହାର ନକରାଯିବା | 6.84 ଲକ୍ଷ ଘନ ମିଟର | 138 | 71 | 67 | 4.58 |
| | **ମୋଟ** | | | | | **52.70** |
| | **ସମୁଦାୟ ସାରଣୀ 4.2 ଏବଂ4.3** | | | | | **147.62** |
| | *ନିର୍ମାଣ ଖର୍ଚ୍ଚ ଉପରେ 7.5 ପ୍ରତିଶତ କଣ୍ଟିଜେନ୍ସି* | | | | | 11.07 |
| | **ମୋଟ** | | | | | **158.69** |
| | ଏକ ପ୍ରତିଶତ ପ୍ରସ୍ତୁତି ଖର୍ଚ୍ଚ | | | | | 1.59 |
| | **ମୋଟ** | | | | | **160.28** |
| | 6 *ପ୍ରତିଶତ ବୃଦ୍ଧି* | | | | | 9.62 |
| | **ମୋଟ** | | | | | **169.90** |
| | ପୁନଶ୍ଚ 5 ପ୍ରତିଶତ ବୃଦ୍ଧି ଯୋଡ଼ିବା ପରେ | | | | | 8.50 |
| | **ସର୍ବ ମୋଟ** | | | | | **178.40** |

***(ଉତ୍ସ: ଅଡିଟ୍ ଦ୍ୱାରା ସଂଗୃହିତ ସୂଚନା)***

ଉପରୋକ୍ତ ବର୍ଣ୍ଣନା ଅନୁସାରେ, ସମୁଦାୟ ବିଡିଂ ମୂଲ୍ୟ 374.15 କୋଟି ଟଙ୍କା ବୃଦ୍ଧି କରାଯାଇଥିଲା । ଏହିପରି, 918.41 କୋଟି ଟଙ୍କାର ପ୍ରକୃତ ବିଡିଂ ମୂଲ୍ୟ ତୁଳନାରେ, ପ୍ରକଳ୍ପ ମୂଲ୍ୟକୁ 1292.56 କୋଟି ଟଙ୍କା ବୋଲି ବିଭାଗ ପକ୍ଷରୁ ବିଚାର କରାଯାଇଥିଲା । ଯେହେତୁ କନସେସନେୟାର 36 ପ୍ରତିଶତ ଭିଜିଏଫ୍ ଦାବି କରିଛି, କିନ୍ତୁ ଭିଜିଏଫ୍‌ର ପରିମାଣ 465.30 କୋଟି ଟଙ୍କା ପରିବର୍ତ୍ତେ 330.63 କୋଟି ଟଙ୍କାରେ ରଖାଯିବା ଉଚିତ୍ ଥିଲା । ତେଣୁ, ଉପରୋକ୍ତ ଉପାଦାନ ଗୁଡ଼ିକୁ ବିଚାର ନକରି ତ୍ରୁଟିପୂର୍ଣ୍ଣ ଡିପିଆର୍ ପ୍ରସ୍ତୁତି କରାଯାଇଥିବା ଯୋଗୁଁ କନସେସେୟାରକୁ ଭିଜିଏଫ୍ ମାଧ୍ୟମରେ 134.67[140] କୋଟି ଟଙ୍କା ଅଧିକ ପ୍ରଦାନ କରାଯାଇଥିଲା ।

ଏହାର ଉତ୍ତରରେ ସରକାର ଦର୍ଶାଇଲେ (ମାର୍ଚ୍ଚ 2022) ଯେ ଏମ୍‌ଓଆର୍‌ଟିଏଚ୍ ମାଧ୍ୟମରେ 20 ପ୍ରତିଶତ ଭିଜିଏଫ୍ ପାଇବା ପାଇଁ ପ୍ରକଳ୍ପ ପ୍ରସ୍ତାବ ଅର୍ଥନୀତି ବିଭାଗର ପିପିପିଏସି କୁ ଦାଖଲ କରାଯାଇଥିଲା ଯାହାପାଇଁ ଭୂପୃଷ୍ଠ ପରିବହନ ମନ୍ତ୍ରାଳୟ ତଥ୍ୟ ପୁସ୍ତକ ଅନୁଯାୟୀ ପରାମର୍ଶ ଦାତାଙ୍କ ଦ୍ୱାରା ଏହି ଆକଳନ ପ୍ରସ୍ତୁତ କରାଯାଇଥିଲା । ଏହି ଉତ୍ତର ଗ୍ରହଣୀୟ ନଥିଲା କାରଣ ଏହି ପ୍ରକଳ୍ପ ରାଜ୍ୟ ସରକାରଙ୍କ ରାଜ୍ୟ ରାଜପଥ ହୋଇଥିବାରୁ ରାଜ୍ୟ ଏସ୍‌ଓଆର୍ / ଏଓଆର୍ ଅନୁସାରେ କରାଯିବା ଉଚିତ ଥିଲା ।

[140] ମୋଟ ଭିଜିଏଫ୍ ଅନୁମୋଦନ 465.30 କୋଟି ଟଙ୍କା – ପ୍ରଯୁଜ୍ୟ ଭିଜିଏଫ୍ 330.63 କୋଟି ଟଙ୍କା = 134.67 କୋଟି ଟଙ୍କା

### 5.2.1.2 ଅତିରିକ୍ତ ରିହାତି ସମୟର ବ୍ୟବସ୍ଥା

ଏହି ରିହାତି, ଅବଧି ପ୍ରକଳ୍ପର ମୋଟ ମୂଲ୍ୟ ଏବଂ ପ୍ରାପ୍ତ ହେବାକୁ ଥିବା ମୋଟ ଫେରସ୍ତ ଉପରେ ଆଧାରିତ ଥିଲା । 1,292.56 କୋଟି ଟଙ୍କା ମୂଲ୍ୟର ପ୍ରକଳ୍ପ ପାଇଁ 22 ବର୍ଷର ରିହାତି ଅବଧି ପ୍ରଦାନ କରାଯାଇଥିଲା । ଯଦି ପ୍ରକଳ୍ପର ମୂଲ୍ୟ 918.41 କୋଟି ଟଙ୍କାକୁ ହ୍ରାସ କରାଯାଇଥାନ୍ତା ତେବେ ରିହାତି ଅବଧି ଆନୁପାତିକ ଭାବରେ 16 ବର୍ଷକୁ ହ୍ରାସ ହୋଇଥାନ୍ତା । ଏହିପରି ବର୍ଦ୍ଧିତ ଆକଳନ ହେତୁ ରିହାତି ଅବଧି ଛଅ ବର୍ଷ ବୃଦ୍ଧି ପାଇଥିଲା । ବିଭାଗକୁ ଦାଖଲ ହୋଇଥିବା କନସେସନେୟାରଙ୍କ ନିର୍ଦ୍ଧାରଣ ଅନୁଯାୟୀ କନ୍‌ସେସନେୟାର ସାଧାରଣ ଜନତାଙ୍କ ଠାରୁ 4,876.38 କୋଟି ଟଙ୍କା ରାଜସ୍ୱ ସଂଗ୍ରହ କରିବ ଅର୍ଥାତ୍ ଛଅ ବର୍ଷ ମଧରେ କନସେସନେୟାର 2,322.19 କୋଟି ଟଙ୍କାର ଅନୁଚିତ୍ ଲାଭ ଉଠାଇବେ ।

ସରକାର ଦର୍ଶାଇଲେ (ମାର୍ଚ୍ଚ 2022) ଯେ ପିପିପି ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଆଇନଗତ କର୍ତ୍ତୃପକ୍ଷ ସମୀକ୍ଷା କରି ଏହି ପ୍ରସ୍ତାବକୁ ଗ୍ରହଣ କରିଥିଲେ । ସଶକ୍ତିକରଣ କମିଟିର ସୁପାରିଶ ଅନୁଯାୟୀ ପିପିପି ପ୍ରକଳ୍ପର ରିହାତି ଅବଧି, କାରବାର ପ୍ରକ୍ରିୟାକରଣ ପ୍ରଦର୍ଶନ ପରିଷଦ (ଟିପିସି) ଉପରେ ଆଧାର ନକରି ଉନ୍ନତ ଆର୍ଥିକ ରିଟର୍ଣ୍ଣକୁ ଆଧାର କରି ଧାର୍ଯ୍ୟ କରାଯାଇଥିଲା । କିନ୍ତୁ, ରିହାତି ସମୟର ଅତିରିକ୍ତ ବ୍ୟବସ୍ଥା ବିଷୟରେ ଉତ୍ତର ନୀରବ ରହିଲା ।

### 5.2.1.3 କନ୍‌ସେସନେୟାରଙ୍କୁ ଭିଜିଏଫ୍ ର ଅଯଥା ଲାଭ

ରେକର୍ଡ ଗୁଡ଼ିକର ଯାଞ୍ଚରୁ ଜଣାଗଲା ଯେ ପରାମର୍ଶଦାତା 2011 ମୂଲ୍ୟ ସ୍ତରରେ ବିସ୍ତୃତ ମୂଲ୍ୟ ଆକଳନ ଆଧାରରେ ସମ୍ଭାବ୍ୟତା ରିପୋର୍ଟ ପ୍ରସ୍ତୁତ କରିଥିଲେ । ବର୍ଷ 2035 ରେ ପ୍ୟାସେଞ୍ଜର କାର୍ ୟୁନିଟ୍ (ପିସିୟୁ) 60,000 ରୁ ଅଧିକ ହେବ ବୋଲି ଆଶା କରାଯାଉଥିବା ପରାମର୍ଶଦାତା ଗଣନା କରିଥିଲେ । ତେଣୁ, 2013 ରେ ପ୍ରକଳ୍ପ ଆରମ୍ଭକୁ ଧ୍ୟାନରେ ରଖି ରିହାତି ଅବଧି 22 ବର୍ଷ କରିବା ପାଇଁ ପରାମର୍ଶଦାତା ପରାମର୍ଶ ଦେଇଥିଲେ । ସେହି ଅନୁଯାୟୀ 22 ବର୍ଷର ରିହାତି ଅବଧି ସହିତ 2013 ରେ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଥିଲା ।

ପରାମର୍ଶଦାତା ପରାମର୍ଶ ଦେଇଥିଲେ ଯେ ସରକାରୀ ସହାୟତା ବିନା ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇପାରିବ ଏବଂ ରାଜସ୍ୱ ବାଣ୍ଟିବା ପାଇଁ କନ୍‌ସେସନେୟାର ଆଗ୍ରହ ପ୍ରକାଶ କରିପାରନ୍ତି । ପରାମର୍ଶଦାତାଙ୍କର ଏଭଳି ସୁପାରିଶ ସତ୍ତ୍ୱେ କେଉଁ ଆଧାରରେ ସରକାରୀ ସହାୟତା ସହିତ ବିଡ୍ ଆହ୍ୱାନ କରାଯାଇଥିଲା ଅର୍ଥାତ୍ ଭିଜିଏଫ୍‌ର ବ୍ୟବସ୍ଥା ଏବଂ ରାଜସ୍ୱ ବଣ୍ଟନ ବିନା, ତାହା ଯାଞ୍ଚ ପାଇଁ ଅଡିଟ୍‌କୁ ପ୍ରଦାନ କରାଯାଇ ନଥିଲା । ପ୍ରବେଶ ସମ୍ମିଳନୀ ଏବଂ ପରବର୍ତ୍ତୀ ସ୍ମାରକ ପତ୍ର (ଜାନୁଆରୀ ଏବଂ ଫେବୃଆରୀ 2022) ରେ ପିପିପି ମୋଡ ଚୁକ୍ତିନାମା ସହିତ ସଂପୃକ୍ତ ସମସ୍ତ ରେକର୍ଡ ପ୍ରଦାନ କରିବାକୁ ଅନୁରୋଧ ସତ୍ତ୍ୱେ, ଡିପିଆର ବ୍ୟତୀତ ସରକାରଙ୍କ ବିଚାର ବିମର୍ଶ ସହ ସଂପୃକ୍ତ ରେକର୍ଡ ପ୍ରଦାନ କରିନଥିଲେ । ଏହିପରି ମୂଳ ରେକର୍ଡ ଗୁଡ଼ିକର ଅନୁପସ୍ଥିତିରେ ଅଡିଟ୍ କନ୍‌ସେସନେୟାର ପାଇଁ ଭିଜିଏଫ୍ ଅନୁଦାନର ଯଥାର୍ଥତାକୁ ସୁନିଶ୍ଚିତ କରିପାରିଲା ନାହିଁ ।

ବାସ୍ତବ ସ୍ଥିତିକୁ ଗ୍ରହଣ କରି ସରକାର ଦର୍ଶାଇଲେ (ମାର୍ଚ୍ଚ 2022) ଯେ ପିପିପି ପାଇଁ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଆଇନଗତ କର୍ତ୍ତୃପକ୍ଷ ସମୀକ୍ଷା କରି ଏହି ପ୍ରସ୍ତାବ ଗ୍ରହଣ କରିଥିଲେ । ଇପିସି ମୋଡ ଚୁକ୍ତି ପାଇଁ ପରାମର୍ଶଦାତାଙ୍କ ସୁପାରିଶକୁ ଗ୍ରହଣ ନକରିବାର କାରଣ ଅଡିଟ୍‌କୁ ଉପଲବ୍ଧ ହୋଇନଥିବାରୁ ଏହି ଉତ୍ତର ଗ୍ରହଣୀୟ ନଥିଲା ।

### 5.2.1.4 କାର୍ଯ୍ୟର ପରିସର ପରିବର୍ତ୍ତନ ହେତୁ ପରିହାର୍ଯ୍ୟ ବ୍ୟୟ

ଓପିଡବ୍ଲୁଡି ସଂହିତାର ଅନୁଚ୍ଛେଦ 3.2.7 ରେ ଧାର୍ଯ୍ୟ କରାଯାଇଛି ଯେ କାର୍ଯ୍ୟ ପାଇଁ ପ୍ରସ୍ତାବ ଗଠନମୂଳକ ଭାବରେ ସଠିକ୍ ହେବା ଉଚିତ୍ ଏବଂ ପର୍ଯ୍ୟାପ୍ତ ତଥ୍ୟ ଉପରେ ଆଧାର କରି ଆକଳନଗୁଡ଼ିକ ସଠିକ୍ ଭାବରେ ଗଣନା କରାଯିବା ଉଚିତ୍ । ପୁନଶ୍ଚ, ଅନୁଚ୍ଛେଦ 3.4.10 (i) ଧାର୍ଯ୍ୟ କରିଛି ଯେ ମଞ୍ଜୁର ପାଇଁ ମୁଖ୍ୟଯନ୍ତ୍ରୀଙ୍କ ନିକଟରେ

ଦାଖଲ ହୋଇଥିବା ପ୍ରତ୍ୟେକ ଆକଳନରେ ବିଭାଗୀୟ ଅଧିକାରୀ ଅଧିପ୍ରମାଣ କରିବା ଉଚିତ୍ ଯେ ସେ ବ୍ୟକ୍ତିଗତ ଭାବରେ ସେହି ସ୍ଥାନ ପରିଦର୍ଶନ କରିଛନ୍ତି ଏବଂ ଅନୁମୋଦିତ ଦର ଖସଡ଼ା ବ୍ୟବହାର କରି ଆକଳନ ପ୍ରସ୍ତୁତ କରିଛନ୍ତି ଏବଂ ସର୍ବାଧିକ ମିତବ୍ୟୟୀ ଏବଂ କାର୍ଯ୍ୟକୁ ନିରାପଦ ଉପାୟରେ କାର୍ଯ୍ୟକାରୀ କରିବାର ବ୍ୟବସ୍ଥା କରିଛନ୍ତି । କନ୍‌ସେସନେୟାର ଚୁକ୍ତିନାମା (ସିଏ) ର ଧାରା 16 ରେ ଦର୍ଶାଯାଇଛି ଯେ ଯଦି କାର୍ଯ୍ୟ (ଅତିରିକ୍ତ କାର୍ଯ୍ୟ) କାର୍ଯ୍ୟକାରୀ ସମୟରେ କାର୍ଯ୍ୟରେ କୌଣସି ପରିସର ପରିବର୍ତ୍ତନ (ସିଓଏସ୍) ଅନୁମତି ଦିଆଯାଏ, ତେବେ ଏହାର ମୂଲ୍ୟ ସରକାରଙ୍କ ଦ୍ୱାରା କନ୍‌ସେସନେୟାରଙ୍କୁ ପ୍ରଦାନ କରାଯିବ । ପୁନଶ୍ଚ, ଧାରା 16.3.2 ଧାର୍ଯ୍ୟ କରିଛି ଯେ ଯଦି କାର୍ଯ୍ୟକାରିତା ସମୟରେ କୌଣସି ସିଓଏସ୍, ମୋଟ ମୂଲ୍ୟର 0.25 ପ୍ରତିଶତ ମଧ୍ୟରେ ଥାଏ, ତେବେ ଏହାକୁ କନ୍‌ସେସନେୟାର ବହନ କରିବେ । କୌଣସି ଅତିରିକ୍ତ ପରିମାଣ ସରକାରଙ୍କ ଦ୍ୱାରା ପ୍ରତିପୂରଣ କରାଯିବାର ଥିଲା ।

ରେକର୍ଡଗୁଡ଼ିକର ଯାଞ୍ଚରୁ ଜଣାଗଲା ଯେ ନିର୍ମାଣ ସମୟ ମଧ୍ୟରେ 24 ଟି ନୂତନ କାର୍ଯ୍ୟ ସମାପ୍ତ କରିବା ପାଇଁ ବିଭାଗ, ନଭେମ୍ବର 2016 ରେ ସିଓଏସ୍ ଅଧୀନରେ 137.57 କୋଟି ଟଙ୍କା ମୂଲ୍ୟରେ ଏକ ଚୁକ୍ତିନାମା କରି ଥିଲେ । ଯଦି ବିଭାଗ ସଠିକ୍ ସର୍ବେକ୍ଷଣ ଏବଂ ଅନୁସନ୍ଧାନ କରିଥାନ୍ତା, ତେବେ ଉପରୋକ୍ତ କାର୍ଯ୍ୟଗୁଡ଼ିକ ମୂଳ ପରିସରରେ ଅନ୍ତର୍ଭୁକ୍ତ କରାଯାଇପାରିଥାନ୍ତା ଏବଂ ସରକାର କେବଳ 36 ପ୍ରତିଶତ ଅର୍ଥାତ୍ 49.53 କୋଟି ଟଙ୍କା ଭିଜିଏଫ୍ ଦେୟ ଆକାରରେ ଦେଇ 88.04 କୋଟି ଟଙ୍କା ସଞ୍ଚୟ କରିପାରିଥାନ୍ତେ ।

ଏହାର ଉତ୍ତରରେ, ସରକାର ଦର୍ଶାଇଲେ (ମାର୍ଚ୍ଚ 2022) ଯେ ଅଣ ପିପିପି ପ୍ରକଳ୍ପଗୁଡ଼ିକ ପାଇଁ ଏବଂ ବିଶେଷତଃ ଯେଉଁଠାରେ ପ୍ରସ୍ତାବଗୁଡ଼ିକ ଦକ୍ଷ ଅଧିକାରୀଙ୍କ ଦ୍ୱାରା ବୈଷୟିକ ଭାବରେ ଗ୍ରହଣ କରାଯାଇଥାଏ, ଓପିଡବ୍ଲୁଡି ସଂହିତା ବ୍ୟବସ୍ଥା ପ୍ରଯୁଜ୍ୟ । ଯେହେତୁ ଏହା ଏକ ପିପିପି ପ୍ରକଳ୍ପ ଥିଲା, କନ୍‌ସେସନେୟାର ଡିପିଆର୍ ପ୍ରସ୍ତୁତ କରିବେ ଏବଂ ସିଏରେ ଧାର୍ଯ୍ୟ କରାଯାଇଥିବା ମାନକ ଅନୁଯାୟୀ କାର୍ଯ୍ୟ କାର୍ଯ୍ୟକାରୀ କରିବେ ବୋଲି ଆଶା କରାଯାଉଥିଲା । ଅଧିକନ୍ତୁ, ସରକାର ବ୍ୟକ୍ତ କଲେ ଯେ ଅଡିଟ୍ ସିଦ୍ଧାନ୍ତକୁ ନୋଟ୍ କରାଯାଇଛି ଏବଂ କନ୍‌ସେସନେୟାରଙ୍କୁ ଦେୟ ସମୟରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏହି ଉତ୍ତର ତଥ୍ୟ ଉପରେ ଆଧାରିତ ନଥିଲା, କାରଣ ସରକାରଙ୍କୁ ରିପୋର୍ଟ ଦାଖଲ କରିବାକୁ 3.67 କୋଟି ଟଙ୍କା ବ୍ୟୟରେ ପିପିପି ପ୍ରକଳ୍ପର ଡିପିଆର୍ ପ୍ରସ୍ତୁତି ପାଇଁ ସରକାର ଜଣେ ପରାମର୍ଶଦାତାଙ୍କୁ ନିଯୁକ୍ତ କରିଥିଲେ । ଡିପିଆର୍ ଅନୁମୋଦନ ପୂର୍ବରୁ ସରକାର ଡିପିଆର୍‌ରେ ଅନ୍ତର୍ଭୁକ୍ତ ହେବାକୁ ଥିବା ଆଇଟମଗୁଡ଼ିକର ସଠିକ୍ ସର୍ଭେ ଏବଂ ଅନୁସନ୍ଧାନ କରିବା ଉଚିତ୍ ଥିଲା ଯାହାଦ୍ୱାରା ସମସ୍ତ ଆବଶ୍ୟକତା ପୂରଣ ହୋଇଥାନ୍ତା ।

### 5.2.1.5 କନ୍‌ସେସନେୟାରଙ୍କୁ ଅନୁଚିତ୍ ଲାଭ ପ୍ରଦାନ

କାର୍ଯ୍ୟର ପରିସର ପରିବର୍ତ୍ତନ (ସିଓଏସ୍) ଅଧୀନରେ ପକ୍କା ବନ୍ଧ ସହିତ ଚାରି ଲେନ୍ ରାଉରକେଲା-ସମ୍ବଲପୁର ରାସ୍ତାର 00 କିମିରୁ 163 କିମି ପର୍ଯ୍ୟନ୍ତ ରାସ୍ତାର 18.270 କିମି ଏବଂ 28.534 କିମି ଠାରେ ଥିବା ଦୁଇଟି ରେଳ ଓଭର ବ୍ରିଜ୍ (ଆର୍‌ଓବି) ର ଆକଳନ ଯାଞ୍ଚ ସମୟରେ ଏହା ଲକ୍ଷ୍ୟ କରାଯାଇଥିଲା ଯେ, ରାଜ୍ୟ ବିଶ୍ଳେଷଣ ଦର (ଏଓଆର୍) ଅନୁଯାୟୀ ଷ୍ଟ୍ରକଚରାଲ୍ ଷ୍ଟୀଲ୍‌ର ମେଟ୍ରିକ୍ ଟନ୍ ପ୍ରତି 73,498 ଟଙ୍କା ଥିଲା ବେଳେ, ଷ୍ଟିଲ୍ ଗ୍ରୀଡର ପାଇଁ ଷ୍ଟ୍ରକଚରାଲ୍ ଷ୍ଟୀଲ ଯୋଗାଇବା ସମୟରେ ସ୍ୱାଧୀନ ଯନ୍ତ୍ରୀ (ଆଇଇ) ମାଟ୍ରିକ୍ ଟନ୍ ପ୍ରତି 1,32,541.40 ଟଙ୍କା ଧାର୍ଯ୍ୟ କରିଥିଲେ । ଏହିପରି, ଦୁଇଟି ଆରଓବିରେ ବ୍ୟବହୃତ 494.56 ମେଟ୍ରିକ୍ ଟନ୍ ବସ୍ତୁ ପାଇଁ ଦରକୁ ମେଟ୍ରିକ୍ ଟନ୍ ପ୍ରତି 59,043 ଟଙ୍କା ବୃଦ୍ଧି କରାଯାଇଥିଲା ଯାହା ଦ୍ୱାରା କନ୍‌ସେସନେୟାରଙ୍କୁ 2.92 କୋଟି ଟଙ୍କା ଅନୁଚିତ୍ ଲାଭ ପ୍ରଦାନ କରାଯାଇଥିଲା ।



**ଫଟୋ ସଂଖ୍ୟା 9 - ରେଳ ଓଭର ବ୍ରିଜ**

ବାସ୍ତବିକ ସ୍ଥିତିକୁ ଗ୍ରହଣ କରି ସରକାର ବ୍ୟକ୍ତ କଲେ (ମାର୍ଚ୍ଚ 2022) ଯେ ଅଡିଟ୍ ସିଦ୍ଧାନ୍ତକୁ ନୋଟ୍ କରାଗଲା ଏବଂ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

## 5.2.2 ପିପିପି ମୋଡ୍ ଅଧୀନରେ କାର୍ଯ୍ୟର ନିଷ୍ପାଦନ

### 5.2.2.1 ଫ୍ଲାଏଓଭର ବ୍ରିଜ୍ ନିର୍ମାଣ ନହେବା

ଓପିଡବ୍ଲୁଡି ସଂହିତାର ଅନୁଚ୍ଛେଦ 3.2.7 ଧାର୍ଯ୍ୟ କରିଛି ଯେ ପର୍ଯ୍ୟାପ୍ତ ତଥ୍ୟ ଉପରେ ଆଧାର କରି କାର୍ଯ୍ୟର ଆକଳନ ସଠିକ୍ ଭାବରେ ଗଣନା କରାଯିବା ଉଚିତ୍ ।

ପିପିପି ପ୍ରକଳ୍ପ ଏବଂ ଏନ୍‌ଏଚ୍-49, ଆର୍‌ଡି 53 କିଲୋମିଟର (ପ୍ରସନ୍ନ ପଣ୍ଡା ଛକ, ଝାରସୁଗୁଡ଼ା) ଠାରେ ଅତିକ୍ରମ କରିଅଛି । ଭାରି ଟ୍ରାଫିକକୁ ପାର ହେବା ପାଇଁ ଏବଂ ଟ୍ରାଫିକର ସୁଗମ ପ୍ରବାହ ପାଇଁ ପରାମର୍ଶଦାତାଙ୍କ ସୁପାରିଶ ଅନୁଯାୟୀ ଉପରୋକ୍ତ ସ୍ଥାନରେ ଏକ ଫ୍ଲାଏ ଓଭର ବ୍ରିଜ୍ ଅନ୍ତର୍ଭୁକ୍ତ କରାଯାଇଥିଲା । ବର୍ଷ 2016 ରେ ସିଓଓସ୍ ଅଧୀନରେ ଡିପିଆର୍ ଅନୁଯାୟୀ ପୋଲର ମୂଲ୍ୟ 26.59 କୋଟି ଟଙ୍କା ବୋଲି ଆକଳନ କରାଯାଇଥିଲା । ବିଭାଗ ଦ୍ୱାରା ଉପଯୋଗିତାଗୁଡ଼ିକର ସ୍ଥାନାନ୍ତର ନହେବା କାରଣରୁ କନ୍‌ସେସନେୟାରଙ୍କ ଦ୍ୱାରା ଉକ୍ତ ପୋଲ ନିର୍ମାଣ ହୋଇପାରିଲା ନାହିଁ (ଅକ୍ଟୋବର 2021) । କାର୍ଯ୍ୟରେ ବିଳମ୍ବ ହେତୁ, ସାଧୀନ ଯନ୍ତ୍ରୀ (ଆଇଇ)[141] 37.58 କୋଟି ଟଙ୍କାର ସଂଶୋଧିତ ଆକଳନ ଦାଖଲ କରିଥିଲେ । ଏହିପରି, ମୂଳ ଆକଳନରେ ଫ୍ଲାଏ ଓଭର ବ୍ରିଜ୍‌ର ନିର୍ମାଣ କରାନ ଯିବା ଫଳରେ କେବଳ 10.99 କୋଟି ଟଙ୍କାର ଆର୍ଥିକ ଭାର ହୋଇନଥିଲା ବରଂ ଜନସାଧାରଣ ମୁକ୍ତ ଭାବରେ ଗାଡ଼ି ଚଳାଚଳରୁ ବଞ୍ଚିତ ହୋଇଥିଲେ ।

ବାସ୍ତବିକ ସ୍ଥିତିକୁ ଗ୍ରହଣ କରି ସରକାର ଦର୍ଶାଇଲେ (ମାର୍ଚ୍ଚ 2022) ଯେ ଅଡିଟ୍‌ର ମତାମତକୁ ନୋଟ୍ କରାଗଲା ଏବଂ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । କିନ୍ତୁ, ସତ୍ୟତା ଏହା ଯେ ଉପଯୋଗିତାକୁ ଠିକ୍ ସମୟରେ ସ୍ଥାନାନ୍ତର କରିବାରେ ବିଭାଗୀୟ ବିଫଳତା ଯୋଗୁଁ ପ୍ରକଳ୍ପ କାର୍ଯ୍ୟକାରୀ ହେବାରେ ବିଳମ୍ବ ଏବଂ ଅତିରିକ୍ତ ଖର୍ଚ୍ଚ ହୋଇଥିଲା ।

### 5.2.2.2 ସୀମା ପ୍ରାଚୀର ଭଙ୍ଗା ନଯିବା ଯୋଗୁଁ ସର୍ଭିସ୍ ରାସ୍ତାର ନିର୍ମାଣ ନ ହେବା

ଡିପିଆର୍ ଅନୁଯାୟୀ, ସିଓଏସ୍ ଅଧୀନରେ ଆର୍‌ଡି 38.67 କିଲୋମିଟରଠାରେ 1.36 କିଲୋମିଟରର ସର୍ଭିସ୍ ରାସ୍ତା ନିର୍ମାଣ ପାଇଁ ଠେଲକୋଲି ଉଚ୍ଚ ବିଦ୍ୟାଳୟର ସୀମା ପ୍ରାଚୀର ଭଙ୍ଗାଯିବାର ଥିଲା ଯାହା ପାଇଁ ସ୍କୁଲ୍ କର୍ତ୍ତୃପକ୍ଷଙ୍କୁ ସୀମା ପ୍ରାଚୀର ଏବଂ ଜମି ମୂଲ୍ୟ ବାବଦରେ 1.25 କୋଟି ଟଙ୍କା ପ୍ରଦାନ କରାଯାଇଥିଲା (ମେଇ



**ଫଟୋ ସଂଖ୍ୟା 10 - ଠେଲକୋଲି ଉଚ୍ଚ ବିଦ୍ୟାଳୟର ସୀମା ପ୍ରାଚୀର**

141 ତଦାରଖ, ଗୁଣାତ୍ମକ ପର୍ଯ୍ୟାଲୋଚନା ଇତ୍ୟାଦି ପାଇଁ ବିଭାଗ ଦ୍ୱାରା ନିୟୋଜିତ ଆଉଟ୍‌ସୋର୍ସିଂ ପରାମର୍ଶଦାତା

2013) । ବିଭାଗୀୟ ଯନ୍ତ୍ରୀମାନଙ୍କ ସହିତ କ୍ଷେତ୍ରର ମିଳିତ ସରଜମିନ୍ ତଦନ୍ତ (ଜେପିଆଇ) (ସେପ୍ଟେମ୍ବର 2021) ରେ ଦେଖାଗଲା ଯେ ଜିଲ୍ଲା ପ୍ରଶାସନ ଦ୍ୱାରା ବିଦ୍ୟାଳୟର ସୀମା ପ୍ରାଚୀର ଏପର୍ଯ୍ୟନ୍ତ ଭଙ୍ଗାଯାଇନଥିଲା । ଆବଶ୍ୟକ ଜମି ଅଧିଗ୍ରହଣ ହୋଇନଥିବା ଏବଂ ସଂରଚନା ଭଙ୍ଗାଯାଇ ନଥିବାରୁ ସର୍ଭିସ୍ ରାସ୍ତା ନିର୍ମାଣ ହୋଇପାରି ନଥିଲା । ଏହିପରି ଲୋକଙ୍କୁ ସର୍ଭିସ୍ ରାସ୍ତା ଯୋଗାଇବାରେ ବିଭାଗ ବିଫଳ ହୋଇଥିଲେ ଯଦିଓ ପିପିପି ପ୍ରକଳ୍ପ ମାର୍ଚ୍ଚ 2018 ରୁ ସମ୍ପୂର୍ଣ୍ଣ ହୋଇସାରିଛି ଏବଂ ଟୋଲ୍ ସଂଗ୍ରହ କରାଯାଉଛି ।

ବାସ୍ତବିକ ସ୍ଥିତିକୁ ଗ୍ରହଣ କରି ସରକାର ଦର୍ଶାଇଲେ (ମାର୍ଚ୍ଚ 2022) ଯେ ଅଡିଟ୍‌ର ମତାମତକୁ ନୋଟ୍ କରାଗଲା ଏବଂ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । କିନ୍ତୁ, ସତ୍ୟତା ଏହା ଯେ ସର୍ଭିସ୍ ରାସ୍ତା ନିର୍ମାଣ ହୋଇପାରିଲା ନାହିଁ ।

## 5.3 ଅଣ-ପିପିପି ମୋଡ ଅଧିନରେ ରାସ୍ତା ନିର୍ମାଣ

### 5.3.1 ଅଣ-ପିପିପି ମୋଡ ଅଧିନରେ ଯୋଜନା

#### 5.3.1.1 ସୋହେଲା ଠାରୁ ଆମ୍‌ପାଣି ପର୍ଯ୍ୟନ୍ତ ବିଜୁ ଏକ୍ସପ୍ରେସୱେର ଯୋଜନା

ଏକ ଚାରି ଲେନ୍ ବିଶିଷ୍ଟ ଉତ୍ତର-ଦକ୍ଷିଣ କରିଡର (ବିଜୁ ଏକ୍ସପ୍ରେସୱେ) ନିର୍ମାଣ ପାଇଁ ପ୍ରସ୍ତାବ ଅଗଷ୍ଟ 2014 ରେ ମୁଖ୍ୟ ଯନ୍ତ୍ରୀ (ସିଇ), ଡିପିଆଇ ଏବଂ ରାସ୍ତାଙ୍କ ଦ୍ୱାରା ସର୍ବେଚ୍ଚ ଯନ୍ତ୍ରୀ ଏବଂ ସରକାରଙ୍କ ସଚିବ, ପୂର୍ତ୍ତ ବିଭାଗ, ଓଡ଼ିଶାଙ୍କ ଅନୁମୋଦନ ପାଇଁ ପଠାଯାଇଥିଲା । ସେହି ଅନୁଯାୟୀ ଓଡ଼ିଶା ସରକାର ବିଇଡବ୍ଲୁକୁ ନୀତିଗତ ଅନୁମୋଦନ ପ୍ରଦାନ କରିଥିଲେ (ସେପ୍ଟେମ୍ବର 2014) ।




ମାନଚିତ୍ର ସଂଖ୍ୟା.3

292.46 କିଲୋମିଟର ବିଶିଷ୍ଟ ସୋହେଲା ଠାରୁ ଆମ୍‌ପାଣି ପର୍ଯ୍ୟନ୍ତ ରାସ୍ତାକୁ ଚାରି ଲେନ୍ ବିଶିଷ୍ଟ ଏକ୍ସପ୍ରେସ୍‌ୱେ ଭାବରେ ଅନୁମୋଦନ କରାଯାଇଥିଲା ଏବଂ 2020 ସୁଦ୍ଧା ଏହା ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଥିଲା । ଯଦିଓ, ଏହି ପ୍ରକଳ୍ପକୁ ଚାରି ଲେନ୍ ବିଶିଷ୍ଟ ରାସ୍ତା ଭାବରେ ଅନୁମୋଦନ କରାଯାଇ ଥିଲା, ବିଭାଗ ଅଗଷ୍ଟ 2014 ରୁ ଅଗଷ୍ଟ 2018 ମଧ୍ୟରେ ସୋହେଲା ରୁ ନୂଆପଡ଼ାକୁ ଚାରି ଲେନ୍ ଏବଂ ଘାଟିପଡ଼ା ରୁ ଆମ୍‌ପାଣିକୁ ଦୁଇ ଲେନ୍ ବିଶିଷ୍ଟ ରାସ୍ତାକୁ ଜୁଲାଇ 2015 ରୁ ସେପ୍ଟେମ୍ବର 2019 ମଧ୍ୟରେ ସମାପ୍ତ କରିବା ପାଇଁ କାର୍ଯ୍ୟାଦେଶ ଜାରି କରିଥିଲେ । ଡିସେମ୍ବର 2021 ସୁଦ୍ଧା ଖଇର ଗ୍ରାମ ନିକଟରେ ଦୁଇ କିଲୋମିଟର ଲମ୍ବ ରାସ୍ତା ଏବଂ ଇନ୍ଦ୍ର ନଦୀ ଉପରେ ଅବସ୍ଥିତ ପୋଲର ସଂଯୋଗୀକରଣ ରାସ୍ତାକୁ ଛାଡ଼ି ଘାଟିପଡ଼ା ଠାରୁ ଆମ୍‌ପାଣି ପର୍ଯ୍ୟନ୍ତ ଦୁଇ ଲେନ୍ ବିଶିଷ୍ଟ ରାସ୍ତା 403.74 କୋଟି ଟଙ୍କା ବ୍ୟୟରେ ପ୍ରାୟ ଶେଷ ହୋଇଥିଲା ।

ଘାଟିପଡ଼ା ଠାରୁ ଆମ୍ପାଣି ପର୍ଯ୍ୟନ୍ତ 174.50 କିଲୋମିଟର ବିଶିଷ୍ଟ ଦୁଇ ଲେନ୍ ରାସ୍ତା ସମାପ୍ତ ହେବା ପୂର୍ବରୁ, ଏହାକୁ ଜୁଲାଇ 2021 ରୁ ଅକ୍ଟୋବର 2021 ମଧ୍ୟରେ ଏକ ଚାରି ଲେନ୍ ବିଶିଷ୍ଟ ରାସ୍ତା ଭାବରେ ଉନ୍ନତିକରଣ ପାଇଁ 501.78 କୋଟି ଟଙ୍କା ବ୍ୟୟ ଅଟକଳରେ (ମାର୍ଚ୍ଚ 2023 ସୁଦ୍ଧା ଶେଷ ହେବା ପାଇଁ) କାର୍ଯ୍ୟ ଆରମ୍ଭ କରାଯାଇଥିଲା । ବିଭାଗ ଏହି ପ୍ରକଳ୍ପକୁ ଖଣ୍ଡ ଖଣ୍ଡ କରି କାର୍ଯ୍ୟାରମ୍ଭ କରିଥିଲେ, ଯଦିଓ ପରବର୍ତ୍ତୀ ପର୍ଯ୍ୟାୟରେ ଏହି ରାସ୍ତାକୁ ଚାରି ଲେନ୍ ଭାବରେ ଉନ୍ନତିକରଣ ପାଇଁ ବିସ୍ତୃତ ପଦ୍ଧତିରେ ଅନୁମୋଦନ କରାଯାଇଥିଲା । ଯାହାଫଳରେ ଏହାର ଯୋଜନା ପ୍ରକ୍ରିୟାରେ ତ୍ରୁଟି ରହିଯାଇଥିଲା ଯାହାକି ପରବର୍ତ୍ତୀ ଅନୁଚ୍ଛେଦଗୁଡ଼ିକରେ ଆଲୋଚନା କରାଯାଇଛି ।

### 5.3.1.2 ଅନୁପଯୁକ୍ତ ଯୋଜନା ଯୋଗୁଁ ନିଷ୍ଫଳ ବ୍ୟୟ

ଅଗଷ୍ଟ 2014 ରେ 3.75 ମିଟରରୁ 7 ମିଟରର ପେଭ୍‌ମେଣ୍ଟ୍ ଚଉଡ଼ା ସହ ସିନାପାଲୀ-ଧରମଗଡ଼ ରାସ୍ତା[142] ଏବଂ ଘାଟିପଡ଼ା-ଆମପାଣି[143] ରାସ୍ତାର ପ୍ରଶସ୍ତିକରଣ କାର୍ଯ୍ୟ ଜଣେ ଠିକାଦାରଙ୍କୁ 19.98 କୋଟି ଟଙ୍କାରେ ଜୁଲାଇ 2015 ସୁଦ୍ଧା ସମାପ୍ତ କରିବା ପାଇଁ ପ୍ରଦାନ କରାଯାଇଥିଲା । କାର୍ଯ୍ୟ ନିର୍ବାହ ସମୟରେ ଇଆଇସି ତଥା ସଚିବ, ପୂର୍ତ୍ତ ବିଭାଗ, ଏବଂ ସିଇ (ଡିପିଆଇ ଏବଂ ରାସ୍ତା) ରାସ୍ତାର ସାଇଟ୍ ପରିଦର୍ଶନ କରିଥିଲେ (ସେପ୍ଟେମ୍ବର 2014 ରେ ବିଇଡବ୍ଲୁର ରିତିମତ ଅନୁମୋଦନ ପରେ) ଏବଂ ରାସ୍ତାର ପେଭ୍‌ମେଣ୍ଟକୁ 7 ମିଟରରୁ 7.25 ମିଟରକୁ ବୃଦ୍ଧି ଏବଂ ବାମକୁ ଆଲାଇନ୍‌ମେଣ୍ଟ ଏକ ମିଟର ପରିବର୍ତ୍ତନ କରିବାକୁ ପରାମର୍ଶ ଦେଇଥିଲେ ଯାହାଦ୍ୱାରା ଏହି ରାସ୍ତାଟି ବିଇଡବ୍ଲୁର ଏକ ଅଂଶ ଭାବରେ ବ୍ୟବହାର ହୋଇପାରିବ । ଇଆଇସି ତଥା ସଚିବଙ୍କ ପରାମର୍ଶ ଅନୁଯାୟୀ ରାସ୍ତାର ନିର୍ମାଣ ଆରଡ଼ି 14.35 ରୁ ଆରଡ଼ି 24 କିଲୋମିଟର ପର୍ଯ୍ୟନ୍ତ ଆଲାଇନ୍‌ମେଣ୍ଟ ପରିବର୍ତ୍ତନ ସହିତ ପୁନଃ ଡିଜାଇନ୍ କରାଯାଇଥିଲା । ଅଗଷ୍ଟ 2017 ରେ କାର୍ଯ୍ୟ ସମାପ୍ତ ହେଲା ଏବଂ ଠିକାଦାରଙ୍କୁ 21.91 କୋଟି ଟଙ୍କା ପ୍ରଦାନ କରାଯାଇଥିଲା ।

ଆହୁରି ମଧ୍ୟ, ଜୁଲାଇ 2021 ରେ, ଦୁଇ ଲେନ୍ ବିଶିଷ୍ଟ ଘାଟିପଡ଼ା-ଆମ୍ପାଣି ରାସ୍ତାର ଆରଡ଼ି 104.650 ରୁ 140 କିଲୋମିଟର ପର୍ଯ୍ୟନ୍ତ ବିଇଡବ୍ଲୁ ରାସ୍ତାକୁ ଚାରି ଲେନ୍‌କୁ ଉନ୍ନତିକରଣ କାର୍ଯ୍ୟ ଇପିସି ମୋଡ ଅଧୀନରେ ନିଆଯାଇଥିଲା ଏବଂ ଜାନୁଆରୀ 2023 ସୁଦ୍ଧା ସମାପ୍ତ କରିବାକୁ ଧାର୍ଯ୍ୟ ହୋଇଥିଲା । ମିଳିତ ସରଜମିନ୍ ତଦନ୍ତ (ଡିସେମ୍ବର 2021) ସମୟରେ ଲକ୍ଷ୍ୟ କରାଯାଇଥିଲା ଯେ 9.65 କିଲୋମିଟରର ସମ୍ପୂର୍ଣ୍ଣ ରାସ୍ତାକୁ ବିଇଡବ୍ଲୁ ଅଧୀନରେ ଦୁଇ ଲେନ୍ ରୁ ଚାରି ଲେନ୍ ରାସ୍ତାକୁ ଉନ୍ନତି କରାଯାଇ ନଥିଲା କାରଣ ବିଦ୍ୟମାନ ରାସ୍ତାଟି ନୂତନ ଚାରି ଲେନ୍ ରାସ୍ତାର ଆଲାଇନ୍‌ମେଣ୍ଟ ସହ ସମାନ ନଥିଲା । ଇପିସି ଚୁକ୍ତିନାମାର ଆକଳନରେ ଦୁଇ ରୁ ଚାଲି ଲେନ୍ ରାସ୍ତାର ଉନ୍ନତି ପାଇଁ ଉପରୋକ୍ତ ଅଂଶ ଅନ୍ତର୍ଭୁକ୍ତ ଥିଲା । ଉଚ୍ଚ ବୈଷୟିକ କର୍ତ୍ତୃପକ୍ଷଙ୍କ ଯାଞ୍ଚ ପରେ ମଧ ଏହି ରାସ୍ତାର ସଠିକ ଯୋଜନା କରାଯାଇ ନଥିଲା । ଇଆଇସି ତଥା ସଚିବଙ୍କ ନିର୍ଦ୍ଦେଶ ସତ୍ତ୍ୱେ ରାସ୍ତାର ପରିକଳ୍ପନା ସଠିକ୍ ଭାବରେ କରାଯାଇ ନଥିଲା ଯାହାଫଳରେ ରାସ୍ତାଟି ପ୍ରଶସ୍ତ ହେବା ସମୟରେ ବ୍ୟବହାର କରାଯାଇପାରିଥାନ୍ତା । ଏହିପରି, ରାସ୍ତା କାର୍ଯ୍ୟକାରୀ କରିବାରେ ଖରାପ୍ ଯୋଜନା ହେତୁ 21.91 କୋଟି ଟଙ୍କାର ନିଷ୍ଫଳ ବ୍ୟୟ ହେଲା ।

**ଘାଟିପଡ଼ାରୁ ଆମପାଣି ରାସ୍ତା ନିର୍ମାଣ ପ୍ରକଳ୍ପ ଚାରି ଲେନ୍ ଭାବରେ ଅନୁମୋଦିତ ହୋଇଥିଲା । କିନ୍ତୁ, ବିଭାଗ ଏହି ରାସ୍ତାକୁ ଦୁଇ ଲେନ ରାସ୍ତା ଭାବରେ କାର୍ଯ୍ୟାରମ୍ଭ କରିଥିଲେ (2014-2018) । ଏପରିକି, ଏହି ରାସ୍ତା କାର୍ଯ୍ୟ ସମାପ୍ତ ହେବା ପୂର୍ବରୁ ଏହାକୁ 2021ରେ ଚାରି ଲେନ୍ ବିଶିଷ୍ଟ ରାସ୍ତା ଭାବରେ ପୁନଃନିର୍ମାଣ କରାଯାଇଥିଲା ଯାହାକି ଯୋଜନାରେ ଦୂରଦୃଷ୍ଟିର ଅଭାବ ଥିବା ସୁଚାଇଲା । ପୁନଶ୍ଚ, ଏହି ରାସ୍ତା କାର୍ଯ୍ୟକାରୀ କରିବାରେ ଯୋଜନା ର ଅଭାବ ହେତୁ, 21.91 କୋଟି ଟଙ୍କାର ନିଷ୍ଫଳ ବ୍ୟୟ ହେଲା ।**

[142] ଆରଡ଼ି 0.00 ରୁ 2.00 କିମି

[143] ଆରଡ଼ି 16 ରୁ 24 କିମି

ଏହାର ଉତ୍ତରରେ, ସରକାର ଦର୍ଶାଇଲେ (ମାର୍ଚ୍ଚ 2022) ଯେ ଏହି ରାସ୍ତାଟି ଏକ ଲେନ୍ ରାସ୍ତା ଥିଲା ଯାହାର ପର୍ଯ୍ୟାପ୍ତ ଓସାର ଏବଂ ପର୍ଯ୍ୟାପ୍ତ କ୍ରଷ୍ଟ ନଥିଲା ଏବଂ ଏହାକୁ ପ୍ରଶସ୍ତ କରିବାକୁ ପ୍ରସ୍ତାବ ଦିଆଯାଇଥିଲା । ଆଲାଇନ୍‌ମେଣ୍ଟ ପରିବର୍ତ୍ତନ ନକରି ବିଦ୍ୟମାନ କ୍ରଷ୍ଟର ଉନ୍ନତି ପାଇଁ କେବଳ ବ୍ୟବସ୍ଥା ଥିଲା । ଦୁଇ ଲେନ୍ ବିଶିଷ୍ଟ ରାସ୍ତା ନିର୍ମାଣ ସମୟରେ, ଦୂରଦୃଷ୍ଟି ବିନା ସେହି ସମୟରେ ଟ୍ରାଫିକ୍ ଅନୁଯାୟୀ ଆଲାଇନ୍‌ମେଣ୍ଟକୁ ବିବେଚନା କରାଯାଇଥିଲା ।

ଚାରି ଲେନ୍ ବିଶିଷ୍ଟ ରାସ୍ତାର ଉନ୍ନତି ପାଇଁ ବିଭାଗ ଆଲାଇନ୍‌ମେଣ୍ଟରେ ପରିବର୍ତ୍ତନ ପୂର୍ବାନୁମାନ କରିବାରେ ବିଫଳ ହୋଇଥିବାରୁ ଏହି ଉତ୍ତର ଗ୍ରହଣୀୟ ନଥିଲା ।

### 5.3.1.3 ସେତୁ କାର୍ଯ୍ୟର ଅନୁପଯୁକ୍ତ ସର୍ବେକ୍ଷଣ ହେତୁ ଅତିରିକ୍ତ ବ୍ୟୟ

ଓପିଡବ୍ଲୁଡି ସଂହିତାର ଅନୁଚ୍ଛେଦ 3.4.10 (i) ଧାର୍ଯ୍ୟ କରିଛି ଯେ ସର୍ବୋତ୍ତମ ମିତବ୍ୟୟିତାରେ ଅଟକଳ ପ୍ରସ୍ତୁତ ହେବା ଉଚିତ୍ । ଅଧିକନ୍ତୁ, ଏଥିରେ ଦର୍ଶାଯାଇଛି ଯେ ମଞ୍ଜୁର ପାଇଁ ମୁଖ୍ୟ ଯନ୍ତ୍ରୀଙ୍କ ନିକଟରେ ଦାଖଲ ହୋଇଥିବା ପ୍ରତ୍ୟେକ ଆକଳନରେ, ବିଭାଗୀୟ ଅଧିକାରୀ ନିଶ୍ଚିତ କରିବା ଉଚିତ୍ ଯେ ସେ ବ୍ୟକ୍ତିଗତ ଭାବରେ ସେହି ସ୍ଥାନ ପରିଦର୍ଶନ କରିଛନ୍ତି ଏବଂ ଅନୁମୋଦିତ କାର୍ଯ୍ୟସୂଚୀ ବ୍ୟବହାର କରି ଆକଳନ ପ୍ରସ୍ତୁତ କରିଛନ୍ତି ଏବଂ ଏହି କାର୍ଯ୍ୟକୁ ମିତବ୍ୟୟୀ ଓ ନିରାପଦ ଉପାୟରେ ସମ୍ପାଦନ କରିବାର ବ୍ୟବସ୍ଥା କରିଛନ୍ତି ।

ରେକର୍ଡଗୁଡ଼ିକର ଯାଞ୍ଚରୁ ଜଣାଗଲା ଯେ ଦୁଇ ଲେନ୍ ବିଶିଷ୍ଟ ରାସ୍ତା ଯଥା ଘାଟିପଡ଼ା ରୁ ଆମପାଣି ରାସ୍ତା ଅଧିନ ଧର୍ମଗଡ଼-ଆମପାଣି ରାସ୍ତାର ଆର୍‌ଡି 28.86 ରୁ ଆର୍‌ଡି 41.31 କିଲୋମିଟର ରାସ୍ତାର ଉନ୍ନତିକରଣ ଓ ସୁଦୃଢ଼ୀକରଣ ତଥା ଆର୍‌ଡ଼ି 32.35 କିମି ଠାରେ ଅବସ୍ଥିତ ମୁଦ୍ରା ନଦୀ ଉପରେ (ବାମ ପାର୍ଶ୍ୱ) [144] 130 ମିଟର ଦୈର୍ଘ୍ୟ ବିଶିଷ୍ଟ ଏକ ସେତୁ ନିର୍ମାଣ କାର୍ଯ୍ୟକୁ ଅଗଷ୍ଟ 2016 ରେ ସିଇ (ଡିପିଆଇ ଏବଂ ରାସ୍ତା) ଙ୍କ ଦ୍ୱାରା 29.14 କୋଟି ଟଙ୍କାର (ସେତୁ ନିର୍ମାଣ ମୂଲ୍ୟ 3.47 କୋଟିଟଙ୍କା ଅନ୍ତର୍ଭୁକ୍ତ) ବୈଷୟିକ ମଞ୍ଜୁର କରାଯାଇଥିଲା । ଏହି କାର୍ଯ୍ୟ ଜଣେ ଠିକାଦାରଙ୍କୁ 25.92 କୋଟି ଟଙ୍କା ଅର୍ଥାତ୍ ଟେଣ୍ଡର ଆହ୍ୱାନ ପରିମାଣ ଠାରୁ 11.05 ପ୍ରତିଶତ କମ୍‌ରେ ପ୍ରଦାନ କରାଯାଇଥିଲା । ଅପ୍ରେଲ 2021 ସୁଦ୍ଧା ସଡ଼କ କାର୍ଯ୍ୟ ଚାଲୁଥିଲା ଏବଂ ଠିକାଦାରଙ୍କୁ 28.38 କୋଟି ଟଙ୍କା ପ୍ରଦାନ କରାଯାଇଥିଲା ।



ଫଟୋ ସଂଖ୍ୟା 11-ମୁଦ୍ରା ନଦୀ ଉପରେ ନିର୍ମାଣ ପୋଲ

ବିଚ୍ୟୁତି ବିବୃତ୍ତିର ଯାଞ୍ଚରୁ ଜଣାଗଲା ଯେ ଜମି ଉପଲବ୍ଧ ନଥିବାରୁ ରାସ୍ତାର ଆଲାଇନ୍‌ମେଣ୍ଟ କାର୍ଯ୍ୟକାରୀ ହୋଇନଥିଲା ଓ ଠିକାଦାର ବ୍ରିଜ୍ ନିର୍ମାଣ କରିନଥିଲେ । ଆବଣ୍ଟିତ ରାଶି ସଡ଼କ କାର୍ଯ୍ୟରେ ଅତିରିକ୍ତ କାର୍ଯ୍ୟ / ଅତିରିକ୍ତ ପରିମାଣ ସହ କେବଳ ଦୁଇ ଲେନ୍‌ରୁ ଚାରି ଲେନ୍ ରାସ୍ତା ନିର୍ମାଣ ପାଇଁ ଥିଲା । ସମୀକ୍ଷା ଜାଣିବାକୁ ପାଇଲା ଯେ ଏହା ନିର୍ବାହୀ ଯନ୍ତ୍ରୀଙ୍କ ଦ୍ୱାରା ଦାଖଲ ହୋଇଥିବା ସଂଶୋଧିତ ଯୋଜନା (ଜାନୁଆରୀ 2017) ଅନୁଯାୟୀ ଅଟେ, ଯେଉଁଥିରେ ସେତୁ ନିର୍ମାଣ କାର୍ଯ୍ୟକୁ ବାଦ୍ ଦିଆଯାଇଥିଲା ଏବଂ ସେତୁ କାର୍ଯ୍ୟ ପାଇଁ ଅଲଗା ଭାବରେ ଟେଣ୍ଡର ଆହ୍ୱାନ କରାଯାଇଥିଲା । ସଂଶୋଧିତ ଯୋଜନାରେ, 672 ମିଟର ସଂଯୋଗୀକରଣ ରାସ୍ତା ସହିତ ସେତୁର ଦୈର୍ଘ୍ୟ 130 ମିଟରରୁ 188 ମିଟରକୁ ବୃଦ୍ଧି କରାଯାଇଥିଲା । ଏହି ସେତୁ କାର୍ଯ୍ୟକୁ ସେପ୍ଟେମ୍ବର 2018 ରେ 8.96 କୋଟି ଟଙ୍କାରେ ସିଇ (ଡିପିଆଇ ଏବଂ ରାସ୍ତା) ଅନୁମୋଦନ କରିଥିଲେ । ଏହି କାର୍ଯ୍ୟକୁ 9.85 କୋଟି ଟଙ୍କାରେ ଠିକାଦାରଙ୍କୁ ପ୍ରଦାନ କରାଯାଇଥିଲା ଯାହା ଅଟକଳ ମୂଲ୍ୟଠାରୁ 9.99 ପ୍ରତିଶତ ଅଧିକ ଥିଲା ଏବଂ ଏହି କାର୍ଯ୍ୟ ଚାଲୁଥିଲା (ଡିସେମ୍ବର 2021) । ପ୍ରାରମ୍ଭିକ ଆକଳନ ପୂର୍ବରୁ ଯଦି ସଠିକ୍ ସର୍ବେକ୍ଷଣ ଏବଂ ଅନୁସନ୍ଧାନ

[144] ଦୁଇ ଲେନ୍ ବିଶିଷ୍ଟ ଘାଟିପଡ଼ା ଠାରୁ ଆମପାଣି ରାସ୍ତା ମୁଦ୍ରା ନଦୀର ବାମ ପାର୍ଶ୍ୱରେ ଏବଂ ଦୁଇ ଲେନ୍ ବିଶିଷ୍ଟ ଆମପାଣି ଠାରୁ ଘାଟିପଡ଼ା ରାସ୍ତା ନଦୀର ଡାହାଣ ପାର୍ଶ୍ୱରେ

କରାଯାଇଥାନ୍ତା, ତେବେ ସେତୁଟି 188 ମିଟର ଲମ୍ବ ସହ ଡିଜାଇନ୍ ହୋଇଥାନ୍ତା ଏବଂ ସଂଯୋଗୀକରଣ ରାସ୍ତା ଅନ୍ତର୍ଭୁକ୍ତ କରାଯାଇପାରିଥାନ୍ତା । ତେଣୁ, ଏହି କାର୍ଯ୍ୟଗୁଡ଼ିକ ଚୁକ୍ତିନାମା ମୂଲ୍ୟରେ ମୂଳ କାର୍ଯ୍ୟ ସହିତ କାର୍ଯ୍ୟକାରୀ କରାଯାଇପାରିଥାନ୍ତା ଯାହା ଆକଳନ ମୂଲ୍ୟ ଠାରୁ 11.05 ପ୍ରତିଶତ କମ୍ ଥିଲା । ସେହି ଅନୁଯାୟୀ 7.96 କୋଟି ଟଙ୍କାରେ ସଂଯୋଗୀକରଣ ରାସ୍ତା ସହିତ ଏହି ସେତୁ ନିର୍ମାଣ ହୋଇପାରିଥାନ୍ତା । ଏହିପରି, ଅନୁପଯୁକ୍ତ ସର୍ବେକ୍ଷଣ ଏବଂ ଅନୁସନ୍ଧାନ ପାଇଁ ଏକ ପୃଥକ ଚୁକ୍ତିନାମା ମାଧ୍ୟମରେ ବ୍ରିଜ ନିର୍ମାଣ କରାଯାଇଥିଲା ଯାହାଦ୍ୱାରା ଜିଏସଟି ସହିତ ଅତିରିକ୍ତ 2.12 କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା । ଆହୁରି ମଧ୍ୟ, ସଂଯୋଗୀକରଣ ରାସ୍ତା ସହିତ ଏହି ସେତୁ ନିର୍ମାଣ ପରେ ପାଖାପାଖି 500 ମିଟର ଦୈର୍ଘ୍ୟ ର ସଡ଼କ ନିର୍ମାଣରେ ବ୍ୟୟ ହୋଇଥିବା 86 ଲକ୍ଷ ଟଙ୍କା ନିଷ୍ଫଳ ଥିଲା ।

ଏହାର ଉତ୍ତରରେ, ସରକାର ଦର୍ଶାଇଲେ (ମାର୍ଚ୍ଚ 2022) ଯେ ଘରୋଇ ଜମି ମାଲିକଙ୍କ ଠାରୁ ଜମି କିଣିବା ପରେ ସଡ଼କ କାର୍ଯ୍ୟ ଆରମ୍ଭ ହେବାର ଥିଲା ଏବଂ ସେହି ଅନୁଯାୟୀ କାର୍ଯ୍ୟ ଅଗ୍ରଗତି ହୋଇଥିଲା । କେତେକ ଜମି ବିବାଦ କାରଣରୁ ପ୍ରସ୍ତାବିତ ଉଚ୍ଚ ସେତୁ ନିର୍ମାଣ ହୋଇପାରି ନଥିଲା ଏବଂ ସେତୁ ନିର୍ମାଣ କାର୍ଯ୍ୟ ପରିସରରୁ ବାଦ୍ ଦିଆଯାଇଥିଲା । ତେବେ ସେତୁ ନିର୍ମାଣ ପାଇଁ ଆବଶ୍ୟକ ଜମି ଅଧିଗ୍ରହଣ ପୂର୍ବରୁ ଏହି କାର୍ଯ୍ୟ ପ୍ରଦାନ କରାଯାଇଥିବାରୁ ଉତ୍ତର ଗ୍ରହଣୀୟ ନଥିଲା । ତେଣୁ, ସେତୁରେ ଅତିରିକ୍ତ ଖର୍ଚ୍ଚ ଅନ୍ତର୍ଭୁକ୍ତ ନକରି ମୂଳ ଟେଣ୍ଡର ହାର ଅନୁଯାୟୀ ନିର୍ମାଣ କରାଯାଇପାରିଥାନ୍ତା ।

### 5.3.1.4 ସଂରଚନା ମୂଲ୍ୟ ବାବଦରେ ଅନିୟମିତ ଦେୟ

ଏହା ଦେଖାଗଲା ଯେ ଜିଲ୍ଲା କ୍ଷତି ପୂରଣ ପରାମର୍ଶଦାତା କମିଟି, 6 ମଇ 2016 ରେ ଅନୁଷ୍ଠିତ ବୈଠକରେ ସରଧାପାଲି ଗାଁର ସଂରଚନା ସହ ତିନୋଟି ପ୍ଲଟକୁ[145] 1.15 କୋଟି ଟଙ୍କା ମୂଲ୍ୟରେ ମୂଲ୍ୟାଙ୍କନ କରିଥିଲେ । ତଦନୁସାରେ, ଏସ୍ଇ, ବରଗଡ଼ (ଆର୍ ଆଣ୍ଡ ବି) ବିଭାଜନ, ଦୁଇ ଜଣ ହିତାଧିକାରୀଙ୍କୁ 15 ଜୁଲାଇ 2016 ରେ 1.15 କୋଟି ଟଙ୍କା ପ୍ରଦାନ କରିଥିଲେ ଯେଉଁଥିରେ 1.13 କୋଟି ଟଙ୍କାର ସଂରଚନା ମୂଲ୍ୟ ଅନ୍ତର୍ଭୁକ୍ତ ଥିଲା । ଏହା ଲକ୍ଷ୍ୟ କରାଯାଇଥିଲା ଯେ ଜମି ଅଧିଗ୍ରହଣ ପାଇଁ ନିୟୋଜିତ ବିଭାଗୀୟ ଅମିନ[146], ଫେବୃଆରୀ 2016 ରେ ସଂରଚନା ସହିତ ପ୍ଲଟ୍ ଗୁଡ଼ିକୁ ଭୁଲ୍ ଭାବରେ ଚିହ୍ନଟ କରିଥିଲେ । କ୍ଷେତ୍ର ଅଧିକାରୀଙ୍କ ଉପସ୍ଥିତିରେ ନୂତନ ଭାବେ ପୁନଃ ଚିହ୍ନଟ କରାଯାଇଥିଲା ଏବଂ ସେହି ପ୍ଲଟଗୁଡ଼ିକରେ ସଂରଚନାଗୁଡ଼ିକ ଉପସ୍ଥିତ ନଥିବା ଦେଖିବାକୁ ମିଳିଥିଲା । ତେଣୁ, ଏସ୍ଇ, ହିତାଧିକାରୀଙ୍କୁ ଅର୍ଥ ଫେରସ୍ତ ପାଇଁ ଅନୁରୋଧ କରିଥିଲେ (ଜାନୁଆରୀ 2017) । ନଭେମ୍ବର 2021 ପର୍ଯ୍ୟନ୍ତ ଏହି ରାଶି ଫେରସ୍ତ କରାଯାଇନଥିଲା । ଏହିପରି, ଅମିନଙ୍କ ଦ୍ୱାରା ଜମିର ଆଲାଇନ୍‌ମେଣ୍ଟର ଭୁଲ ଚିହ୍ନଟ ହେତୁ 1.13 କୋଟି ଟଙ୍କା ଅନିୟମିତ ଭାବରେ ପ୍ରଦାନ କରାଯାଇଥିଲା । ଭୁଲ୍ ତଥ୍ୟ ଦାଖଲ ପାଇଁ ଜମି ମାଲିକଙ୍କ ସହ ଅମିନଙ୍କ ସମ୍ପର୍କକୁ ଏଡ଼ାଇ ଦିଆଯାଇ ନପାରେ ।

ଏହାର ଉତ୍ତରରେ, ସରକାର ଦର୍ଶାଇଲେ (ମାର୍ଚ୍ଚ 2022) ଯେ ସରଧା ପାଲି ଗ୍ରାମରେ ବିଇଡବ୍ଲୁର ଉଭୟ ପାର୍ଶ୍ୱରେ 5 ମିଟର ଅତିରିକ୍ତ ଦୈର୍ଘ୍ୟ ଅଧିଗ୍ରହଣ କରି ସର୍ଭିସ୍ ରାସ୍ତା ନିର୍ମାଣ କରିବାକୁ ପ୍ରସ୍ତାବ ଦିଆଯାଇଥିଲା ଏବଂ ଏହି ତିନୋଟି ପ୍ଲଟ୍ ଏହି 5 ମିଟର ଅତିରିକ୍ତ ଜମି ଅଧିନରେ ଆସିବ । ସେହି ଜମି ଅଧିଗ୍ରହଣ କରି ଅଧିକ ପରିମାଣ ପାଣି ବ୍ୟବସ୍ଥିତ ହେବ । ବିଇଡବ୍ଲୁ ପାଇଁ ଅଧିଗ୍ରହଣ ହୋଇଥିବା ପ୍ଲଟଗୁଡ଼ିକରେ ବିଦ୍ୟମାନ ନଥିବା ସଂରଚନା ପାଇଁ ଦେୟ ପ୍ରଦାନ କରାଯାଇଥିବାରୁ ଏହି ଉତ୍ତର ଗ୍ରହଣୀୟ ନଥିଲା । ଦାୟୀ ବ୍ୟକ୍ତିଙ୍କ ବିରୋଧରେ ସରକାର ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲେ ।

### 5.3.1.5 ଆଇଆରସି ସଂହିତାକୁ ଅବମାନନା କରି କରାଯାଇଥିବା କାର୍ଯ୍ୟ

ଭାରତୀୟ ରୋଡ୍ କଂଗ୍ରେସ (ଆଇଆର୍‌ସି) ସମସ୍ତ ପ୍ରକାର ରାସ୍ତା ପାଇଁ ଡିଜାଇନ୍ ନିର୍ଦ୍ଦିଷ୍ଟ କରେ । ଆଇଆର୍‌ସି ନିର୍ଦ୍ଦିଷ୍ଟକରଣକୁ ଅବମାନନା କରାଯିବା ଫଳରେ 89.78 କୋଟି ଟଙ୍କାର ଅତିରିକ୍ତ ବ୍ୟୟ ହୋଇଥିଲା ଯାହା ନିମ୍ନ **ସାରଣୀ ସଂଖ୍ୟା 5.4** ରେ ବର୍ଣ୍ଣନା କରାଯାଇଅଛି ।

---

145 ସରଧାପାଲି ଗାଁର ପ୍ଲଟ୍ ସଂଖ୍ୟା 563, 565 ଏବଂ 566

146 ଆମିନ ହେଉଛନ୍ତି ଏକ ଗ ଶ୍ରେଣୀ ସରକାରୀ କର୍ମଚାରୀ ଯିଏକି ଜମି ଏବଂ ସଂରଚନାର ମାପ ଏବଂ ମୂଲ୍ୟାଙ୍କନ ପାଇଁ ଦାୟୀ ଅଟନ୍ତି ।

**ସାରଣୀ ସଂଖ୍ୟା 5.4: ଆଇଆର୍‌ସି ସଂହିତାର ଅବମାନନା ଦର୍ଶାଉଥିବା ବିବରଣୀ**

| କ୍ର.ସଂ. | ଅସଙ୍ଗତିର ପ୍ରକୃତି | ଅସଙ୍ଗତି ଉପରେ ପ୍ରଭାବ |
|---|---|---|
| 1 | ଏମ୍‌ଏସ୍‌ଏ[147] ପାଞ୍ଚ ଏବଂ ସିବିଆର୍[148] ଆଠ ଥିବା ସଡ଼କ ପାଇଁ ଆଇଆର୍‌ସି- 37-2012, 150 ଏମ୍‌ଏମ୍ ଜିଏସ୍‌ବିର ବ୍ୟବସ୍ଥା କରିଛି । | ସିବିଆର୍ ଆଠ ଏବଂ ଏମ୍‌ଏସ୍‌ଏ ପାଞ୍ଚ ଥିବା 15 ଟି କାର୍ଯ୍ୟର ଅଟକଳରେ 150 ମିଲି ମିଟର ପରିବର୍ତ୍ତେ 200 ଏମ୍‌ଏମ୍ ଜିଏସ୍‌ବି ପ୍ରଦାନ କରାଯାଇଥିଲା ଯାହାଫଳରେ 2.09 ଲକ୍ଷ ଘନ ମିଟର ଅତିରିକ୍ତ ଯୋଗାଣ ପାଇଁ 36.08 କୋଟି ଟଙ୍କା ଅତିରିକ୍ତ ଖର୍ଚ୍ଚ ହୋଇଥିଲା ।<br><br>ଏହାର ଉତ୍ତରରେ ସରକାର ଦର୍ଶାଇଲେ (ମାର୍ଚ୍ଚ 2022) ଯେ ସମୀକ୍ଷା ମନ୍ତବ୍ୟକୁ ନୋଟ୍ କରାଯାଇଛି ଏବଂ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । |
| | ସେହିପରି ସିବିଆର୍ ଆଠ ଏବଂ ଏମ୍‌ଏସ୍‌ଏ ପାଞ୍ଚ ପାଇଁ ଆଇଆର୍‌ସି ଅନୁଯାୟୀ ବିଏମ୍‌ର ମୋଟେଇ 50 ମିମି ହେବାର ଥିଲା । | ଘାଟିପଡ଼ା-ସିନାପାଲି-ଧରମଗଡ଼-ଆମପାଣି ରାସ୍ତାର ଆର୍‌ଡି 0.0 ରୁ 2 କିମି ଏବଂ ଆର୍‌ଡି 14 ରୁ 24 କିମି ରାସ୍ତାରେ ବ୍ୟବହୃତ 5,805.60 ଘନ ମିଟର ବିଏମ୍‌ରେ, 50 ମିମି ପରିବର୍ତ୍ତେ 75 ମିମି ବିଏମ୍‌ର ବ୍ୟବସ୍ଥା କରାଯାଇଥିଲା ଯାହଫଳରେ ଅତିରିକ୍ତ 1,935.20 ଘନ ମିଟର ବିଏମ୍ ବ୍ୟବହାର କରାଯାଇଥିଲା ଏବଂ 1.35 କୋଟି ଟଙ୍କା ଅତିରିକ୍ତ ବ୍ୟୟ ହୋଇଥିଲା ।<br><br>ଏହାର ଉତ୍ତରରେ, ସରକାର ଦର୍ଶାଇଲେ (ମାର୍ଚ୍ଚ 2022) ଯେ ସମୀକ୍ଷା ମନ୍ତବ୍ୟକୁ ନୋଟ୍ କରାଯାଇଛି ଏବଂ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । |
| 2 | ଆଇଆର୍‌ସିର ଅନୁଚ୍ଛେଦ 7.1 ନିର୍ଦ୍ଦିଷ୍ଟ କରେ ଯେ ସବ୍-ଗ୍ରେଡ୍, ଗ୍ରାନୁଲାର ସବ୍ ବେସ୍ (ଜିଏସ୍‌ବି), ଗ୍ରାନୁଲାର ବେସ୍ (ଜିବି), ୱେଟ୍ ମିକ୍ସ ମାକାଡାମ (ଡବ୍ଲୁଏମ୍‌ଏମ୍) ଆକାରରେ ଏବଂ ବିଟୁମିନିୟସ ମାକାଡାମ୍ ଏବଂ ସେମି ଘନ ବିଟୁମିନିୟସ୍ କଂକ୍ରିଟ୍ ଆକାରରେ ବିଟୁମିନସ୍ ସରଫେସିଙ୍ଗର ବ୍ୟବସ୍ଥା କରା ଯିବ । ଆଇଆର୍‌ସିର ଅନୁଚ୍ଛେଦ 5.1 ନିର୍ଦ୍ଦିଷ୍ଟ କରେ ଯେ ଆଡ଼ିବନ୍ଧର ଉପର 500 ମିଲିମିଟର ସବ୍-ଗ୍ରେଡ୍, ମନୋନୀତ ମାଟି କିମ୍ବା ଷ୍ଟାବିଲାଇଜଡ୍ ମାଟିରେ ନିର୍ମାଣ ହେବ । ତେଣୁ, ସବ୍-ଗ୍ରେଡ୍, ମାଟିରେ ନିର୍ମାଣ କରାଯିବାର ଥିଲା । | ଚାରୋଟି କାର୍ଯ୍ୟରେ ସବ୍-ଗ୍ରେଡରେ ମାଟି ବଦଳରେ 1.01 ଲକ୍ଷ ଘନ ମିଟର ବାଲି ଏବଂ ମୋରମ ଆଡମିକ୍ସଚର ପାଇଁ 4.76 କୋଟି ଟଙ୍କା ପ୍ରଦାନ କରାଯାଇଥିଲା ଯାହା ଅବାଞ୍ଛିତ ଥିଲା ଏବଂ 3.22 କୋଟି ଟଙ୍କାର ଅତିରିକ୍ତ ଖର୍ଚ୍ଚ ହୋଇଥିଲା ।<br><br>ଏହାର ଉତ୍ତରରେ ସରକାର ଦର୍ଶାଇଲେ (ମାର୍ଚ୍ଚ 2022) ଯେ ସମୀକ୍ଷା ମନ୍ତବ୍ୟକୁ ନୋଟ୍ କରାଯାଇଛି ଏବଂ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । |
| 3 | ଆଇଆର୍‌ସି ଧାର୍ଯ୍ୟ କରିଛି ଯେ ଦୁଇ ଲେନ୍ ବିଶିଷ୍ଟ ରାସ୍ତା ପାଇଁ ଜିଏସ୍‌ବିର ଆବଶ୍ୟକ, 7 ମିଟର ପ୍ରସ୍ଥର ରାସ୍ତା ଠାରୁ ଉଭୟ ପାର୍ଶ୍ୱରେ | 16 ଟି କାର୍ଯ୍ୟର ନିର୍ମାଣରେ ଆବଶ୍ୟକ 7.9 ମିଟର ପ୍ରସ୍ଥର ଜିଏସ୍‌ବି ପରିବର୍ତ୍ତେ 10.68 ମିଟରରୁ 13.95 ମିଟର ପ୍ରସ୍ଥ ପର୍ଯ୍ୟନ୍ତ ଜିଏସ୍‌ବି କାର୍ଯ୍ୟକାରୀ ହୋଇଥିଲା । |

147 ମିଲିୟନ୍ ଷ୍ଟାଣ୍ଡାର୍ଡ ଏକ୍ସେଲ

148 ରାସ୍ତାର କାଲିଫର୍ଣ୍ଣିଆ ବିଅରିଂ ରେସିଓ

| କ୍ର.ସଂ. | ଅସଙ୍ଗତିର ପ୍ରକୃତି | ଅସଙ୍ଗତି ଉପରେ ପ୍ରଭାବ |
|---|---|---|
| | 0.45 ମିଟର ଅତିରିକ୍ତ ହେବ । ଏହିପରି ଦୁଇ ଲେନ୍ ବିଶିଷ୍ଟ ରାସ୍ତା ପାଇଁ ଜିଏସ୍‌ବିର ଆବଶ୍ୟକ ପ୍ରସ୍ଥ ହେଉଛି 7.9 ମିଟର । | ଫଳରେ 2.55 ଲକ୍ଷ ଘନ ମିଟର ଅତିରିକ୍ତ ଜିଏସ୍‌ବିର କାର୍ଯ୍ୟକାରୀ ସକାଶେ 44.05 କୋଟି ଟଙ୍କାର ଅତିରିକ୍ତ ଖର୍ଚ୍ଚ ହୋଇଥିଲା ।<br>ଏହାର ଉତ୍ତରରେ ସରକାର ଦର୍ଶାଇଲେ (ମାର୍ଚ୍ଚ 2022) ଯେ ସମୀକ୍ଷା ମନ୍ତବ୍ୟକୁ ନୋଟ୍ କରାଯାଇଛି ଏବଂ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । |
| 4 | ସୋହେଲା-ନୂଆପଡ଼ା ରାସ୍ତାର ଆର୍‌ଡି 60.00 କିଲୋମିଟର ରୁ ଆର୍‌ଡି 80.50 କିଲୋମିଟର ପର୍ଯ୍ୟନ୍ତ ପ୍ରଶକ୍ତିକରଣ ଏବଂ ସୁଦୃଢ଼ୀକରଣ କାର୍ଯ୍ୟରେ 6,741 ଘନ ମିଟର କାର୍ଯ୍ୟ ପାଇଁ 50 ମିଲିମିଟର ବିଏମ୍ ଯୋଗାଇବା ପାଇଁ ବୈଷୟିକ ଭାବରେ ଅନୁମୋଦନ କରାଯାଇଥିଲା । | ମାପ ବହିର ଯାଞ୍ଚରୁ ଏହା ପ୍ରକାଶିତ ହେଲା ଯେ 16,251.30 ଘନ ମିଟର ବିଏମ୍ ପାଇଁ ଠିକାଦାର 50 ମିମି ରୁ 175 ମିମି ପର୍ଯ୍ୟନ୍ତ ବିଏମ୍‌ର ବ୍ୟବସ୍ଥା କରିଥିଲେ । ଯାହାଦ୍ୱାରା 5,342.82 ଟଙ୍କା ହାରରେ 9,510.3 ଘନ ମିଟର ବିଏମ୍ ପାଇଁ 5.08 କୋଟି ଟଙ୍କା ଅତିରିକ୍ତ ଖର୍ଚ୍ଚ ହୋଇଥିଲା । କୌଣସି କାରଣ ଲିପିବଦ୍ଧ ନ କରି ସିଇଙ୍କ ଦ୍ୱାରା ବିଚ୍ୟୁତିକୁ ଅନୁମୋଦନ କରାଯାଇଥିଲା ।<br>ଉତ୍ତରରେ ସରକାର ଦର୍ଶାଇଲେ (ମାର୍ଚ୍ଚ 2022) ଯେ ସମୀକ୍ଷା ମନ୍ତବ୍ୟକୁ ନୋଟ୍ କରାଯାଇଛି ଏବଂ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । |

### 5.3.1.6 ଓପିଡବ୍ଲୁଡି ସଂହିତାକୁ ଅବମାନନା କରି ଆରମ୍ଭ କରାଯାଇଥିବା କାର୍ଯ୍ୟ

ଓପିଡବ୍ଲୁଡି ସଂହିତାର ଅନୁଚ୍ଛେଦ 3.4.10 (i) ଧାର୍ଯ୍ୟ କରିଛି ଯେ ସର୍ବୋତ୍ତମ ମିତବ୍ୟୟିତାରେ ଅଟକଳ ପ୍ରସ୍ତୁତ ହେବା ଉଚିତ୍ ଏବଂ ଏସ୍‌ଓଆର୍‌ଏବଂ ଏଓଆର୍ ଉପରେ ଆଧାରିତ ହେବା ଉଚିତ୍ । ଏସ୍‌ଓଆର୍/ ଏଓଆର୍‌କୁ ଅବମାନନା କରି 52.52 କୋଟି ଟଙ୍କାର ଅତିରିକ୍ତ ବ୍ୟୟ କରାଯାଇଥିଲା ଯାହା **ସାରଣୀ ସଂଖ୍ୟା 5.5** ରେ ବର୍ଣ୍ଣନା କରାଗଲା ।

**ସାରଣୀ ସଂଖ୍ୟା 5.5: ଓପିଡବ୍ଲୁଡି ସଂହିତାକୁ ଅବମାନନା ଦର୍ଶାଉଥିବା ବିବରଣୀ**

| କ୍ର.ସଂ. | ଅବମାନନାର ପ୍ରକାର | ଅବମାନନାର ପ୍ରଭାବ |
|---|---|---|
| 1 | ଏସ୍‌ଓଆର୍ ସମସ୍ତ ପ୍ରକାରର ସାମଗ୍ରୀର ପରିବହନ ପାଇଁ ଦୁଇ ପ୍ରକାରର ହାର ପ୍ରଦାନ କରିଥାଏ ଯଥା ଘନ ମିଟର (ଘନଫଳ ଆକାରରେ) ଏବଂ ଅନ୍ୟଟି ହେଲା ମାଟି, ଡବ୍ଲୁଏମ୍‌ଏମ୍ ଏବଂ ଜିଏସ୍‌ବି ପରିବହନ ମେଟ୍ରିକ୍ ଟନରେ (ଓଜନରେ) । ବିଭାଗ, ମାଟି ଓ ଡବ୍ଲୁଏମ୍‌ଏମ୍ ପରିବହନ ମୂଲ୍ୟକୁ ମେଟ୍ରିକ ଟନ୍ ଆକାରରେ ପ୍ରଦାନ କରିଥିଲେ କିନ୍ତୁ ଜିଏସ୍‌ବି ପରିବହନ ମୂଲ୍ୟକୁ ଘନ ମିଟର ପ୍ରଦାନ କରିଥିଲେ । 10 ପ୍ରତିଶତ ଲୋଡିଂ ଏବଂ ଅନ୍‌ଲୋଡିଂ ମୂଲ୍ୟକୁ ଅନ୍ତର୍ଭୁକ୍ତ କରି ପ୍ରତି ମେଟ୍ରିକ୍ ଟନ୍ ପ୍ରତି କିମି ଦର ଜିଏସ୍‌ଟି ଲାଗୁ ହେବା ପୂର୍ବରୁ /ଜିଏସ୍‌ଟି ଲାଗୁ ପରେ ଯଥାକ୍ରମେ 2.75 ଟଙ୍କା/ 2.39 ଟଙ୍କା ଥିଲା । | ବିଇଡବ୍ଲୁ ଅଧୀନରେ ଆରମ୍ଭ କରାଯାଇଥିବା 30 ଟି ନିର୍ମାଣ କାର୍ଯ୍ୟରେ 11.98 ଲକ୍ଷ ଘନ ମିଟର ପରିମାଣର ଜିଏସ୍‌ବି ପରିବହନ ପାଇଁ ମେଟ୍ରିକ୍ ଟନ୍ ହାରରେ 21.19 କୋଟି ଟଙ୍କା ପରିବହନ ଖର୍ଚ୍ଚ ପରିବର୍ତ୍ତେ ଠିକାଦାରଙ୍କୁ 57.76 କୋଟି ଟଙ୍କା (ଘନ ମିଟରରେ) ଦିଆଯାଇଥିଲା ଯାହା ଫଳରେ ଠିକାଦାରଙ୍କୁ 36.58 କୋଟି ଟଙ୍କା ଅନୁଚିତ୍ ଲାଭ ହେଲା । ବିଭାଗ ଦ୍ୱାରା କୌଣସି ଉତ୍ତର ପ୍ରଦାନ କରାଯାଇ ନଥିଲା । |
| 2 | ଏସ୍‌ଓଆର୍, ମୋଟର ଗ୍ରେଡର ଭଡ଼ା ଦେୟ 200 ଘନ ମିଟର ମାଟି ବିଛାଇବା ପାଇଁ ପ୍ରିଜିଏସ୍‌ଟି/ ପୋଷ୍ଟ ଜିଏସ୍‌ଟି | ବିଇଡବ୍ଲୁ ଅଧୀନରେ କାର୍ଯ୍ୟକାରୀ ହୋଇଥିବା 11 ଟି କାର୍ଯ୍ୟର ସବ୍-ଗ୍ରେଡ୍ ନିର୍ମାଣରେ |

| କ୍ର.ସଂ. | ଅବମାନନାର ପ୍ରକାର | ଅବମାନନାର ପ୍ରଭାବ |
|---|---|---|
| | ଅବଧି ପାଇଁ ଘଣ୍ଟା ପ୍ରତି ଯଥାକ୍ରମେ 1,545/ 1,343.48 ଟଙ୍କା ବ୍ୟବସ୍ଥା କରିଛି । | 15.18 ଲକ୍ଷ ଘନ ମିଟର ମାଟି ବିଛାଇବା ପାଇଁ ମୋଟର ଗ୍ରେଡର ବ୍ୟବହାର କରି 200 ଘନ ମିଟର ବଦଳରେ 100 ଘନ ମିଟର ମାଟି ବିଛାଇବା ଭଡ଼ା ଧାର୍ଯ୍ୟ କରିବାରୁ ବିଭାଗକୁ 1.07 କୋଟି ଟଙ୍କା ଅତିରିକ୍ତ ଖର୍ଚ୍ଚ ବହନ କରିବାକୁ ପଡ଼ିଥିଲା ।<br>ବିଭାଗ ଦ୍ୱାରା କୌଣସି ଉତ୍ତର ପ୍ରଦାନ କରାଯାଇ ନଥିଲା । |
| 3 | ପ୍ରଦାନ କରାଯାଇଥିବା ଲିଡ୍ ଦୂରତା ସର୍ବନିମ୍ନ ହେବା ଉଚିତ୍ । ଇଇ ମଧ୍ୟ ଏହା ଅଧିପ୍ରମାଣ କରିଛନ୍ତି ଯେ ସର୍ବୋତ୍ତମ ମିତବ୍ୟୟିତାରେ ଅଟକଳ ପ୍ରସ୍ତୁତ କରାଯାଇଛି ଏବଂ ସର୍ବେକ୍ଷଣ ଓ ଅନୁସନ୍ଧାନରେ ସେ ସନ୍ତୁଷ୍ଟ ଅଛନ୍ତି । | ଜିଏସ୍‌ବି, ଡବ୍ଲୁଏମ୍‌ଏମ୍, ବିଏମ୍ ଏବଂ ଏସ୍‌ଡିବିସିର କାର୍ଯ୍ୟ ପାଇଁ 9.51 ଲକ୍ଷ ଘନ ମିଟର ପଥର ଉତ୍ପାଦ ପାଇଁ 10 ରୁ 60 କିଲୋମିଟର ଦୂରରେ ପଥର ଉତ୍ପାଦର ଉପଲବ୍ଧତା ଥିବା ସତ୍ତ୍ୱେ 32 ରୁ 80 କିଲୋମିଟର ପର୍ଯ୍ୟନ୍ତ ଲିଡ୍ ଦୂରତା ସହିତ ଆଠଟି କାର୍ଯ୍ୟ ପ୍ରଦାନ କରାଯାଇଥିଲା, ଯାହାଫଳରେ 7 ରୁ 48 କିଲୋମିଟର ପର୍ଯ୍ୟନ୍ତ ଅତିରିକ୍ତ ଦୂରତା ପ୍ରଦାନ କରାଯିବା ଦ୍ୱାରା 11.86 କୋଟି ଟଙ୍କା ଅତିରିକ୍ତ ଖର୍ଚ୍ଚ ହୋଇଥିଲା ।<br>ବିଭାଗ ଦ୍ୱାରା କୌଣସି ଉତ୍ତର ପ୍ରଦାନ କରାଯାଇନଥିଲା । |
| 4 | ସଡ଼କ ନିର୍ମାଣରେ ଆଡ଼ି ବନ୍ଧ, ସବ୍-ଗ୍ରେଡ୍, ଜିଏସ୍‌ବି, ଡବ୍ଲୁଏମ୍‌ଏମ୍, ବିଏମ୍ ଏବଂ ଏସ୍‌ଡିବିସି ନିର୍ମାଣ ଜଡ଼ିତ ଥିଲା । ସଡ଼କ ନିର୍ମାଣ ପାଇଁ ଆବଶ୍ୟକ ସାମଗ୍ରୀର ପରିମାଣର ଗଣନା, ରାସ୍ତା ନିର୍ମାଣ ହେବାକୁ ଥିବା ଆଲାଇନ୍‌ମେଣ୍ଟର କ୍ରସ୍ ବିଭାଗକୁ ନେଇ କରାଯାଇଥିଲା । ଜିଏସ୍‌ବି, ଡବ୍ଲୁଏମ୍‌ଏମ୍, ବିଏମ୍ ଓ ଏସ୍‌ଡିବିସି ପାଇଁ ମାଟିର ଆବଶ୍ୟକତାକୁ ହ୍ରାସ କରି ଆଡ଼ିବନ୍ଧ ଓ ସବ୍‌ଗ୍ରେଡ୍ ନିର୍ମାଣ ପାଇଁ ମାଟିର ଆବଶ୍ୟକତାକୁ ହିସାବ କରାଯିବାର ଥିଲା । | ଛଅଟି ରାସ୍ତା ନିର୍ମାଣରେ 27.33 ଲକ୍ଷ ଘନ ମିଟର ବିଭିନ୍ନ ପ୍ରକାରର ସାମଗ୍ରୀ ବ୍ୟବହାର କରାଯାଇଥିଲା ଯେଉଁଥିରେ 3.87 ଲକ୍ଷ ଘନ ମିଟର ଜିଏସ୍‌ବି, ଡବ୍ଲୁଏମ୍‌ଏମ୍, ବିଏମ୍ ଓ ଏସ୍‌ଡିବିସି ବ୍ୟବହାର କରାଯାଇଥିଲା । ତେଣୁ, ଆବଶ୍ୟକ ପରିମାଣର ମାଟି ହିସାବ କରିବା ପାଇଁ ସମୁଦାୟ ପରିମାଣରୁ 3.87 ଲକ୍ଷ ଘନ ମିଟର ହ୍ରାସ କରାଯିବାର ଥିଲା । ମାତ୍ର 3.87 ଲକ୍ଷ ଘନ ମିଟର ମାଟି ହ୍ରାସ କରାଯାଇ ନଥିଲା ଯାହାଫଳରେ ଠିକାଦାରଙ୍କୁ 3.01 କୋଟି ଟଙ୍କାର ଅନୁଚିତ୍ ଲାଭ ହେଲା ।<br>ସମୀକ୍ଷା ସିଦ୍ଧାନ୍ତକୁ ଗ୍ରହଣ କରି ଏସ୍‌ଇ ଦର୍ଶାଇଲେ ଯେ ଚୂଡ଼ାନ୍ତ ବିଲ୍ ସମୟରେ ସଡ଼କ କ୍ରଷ୍ଟକୁ କଟାଯିବ । ତଥାପି ଅସୁଲି ନିଶ୍ଚିତ ହେବା ଆବଶ୍ୟକ । |

**ଡବ୍ଲୁଏମ୍‌ଏମ୍:** ୱେଟ୍ ମିକ୍ସ ମାକାଡାମ୍, **ଜିଏସ୍‌ବି:** ଗ୍ରାନୁଲାର ସବ୍-ବେସ୍, **ବିଏମ୍:** ବିଟୁମିନସ୍ ମାକାଡାମ୍, **ଏସ୍‌ଡିବିସି:** ସେମି ଡେନ୍ସ ବିଟୁମିନସ୍ କଂକ୍ରିଟ୍

## 5.3.2. ଅଣ ପିପିପି ମୋଡ୍ ଅଧୀନରେ ହୋଇଥିବା କାର୍ଯ୍ୟ

### 5.3.2.1 ମେଡିଆନର ଅବାଞ୍ଛିତ ଚଉଡ଼ା ପାଇଁ ଅତିରିକ୍ତ ମୂଲ୍ୟ

ଆଇଆର୍‌ସି: ଏସ୍‌ପି: 84-2014 ର ଅନୁଚ୍ଛେଦ 2.5.1, ଚାରି ଲେନ୍ ପାଇଁ ମାନୁଆଲ୍ ଅଫ୍ ସ୍ପେସିଫିକେସନ୍ ଏବଂ ଷ୍ଟାଣ୍ଡାର୍ଡରେ ଦର୍ଶାଯାଇଛି ଯେ ନିର୍ମିତ ଅଞ୍ଚଳରେ ମେଡିଆନ୍‌ର ଚଉଡ଼ା 2.5 ମିଟର ହେବ । ଏହା ଦେଖାଗଲା ଯେ 117.96 କିଲୋମିଟର ବିଶିଷ୍ଟ ସୋହେଲା-ନୂଆପଡ଼ା ରାସ୍ତା ନିର୍ମାଣ ପାଇଁ ଡିସେମ୍ବର 2015 ରୁ ନଭେମ୍ବର 2018 ମଧ୍ୟରେ 14 ଟି ଚୁକ୍ତି କରାଯାଇଥିଲା, ଯାହା ଡିସେମ୍ବର 2017 ରୁ ଅଗଷ୍ଟ 2019 ମଧ୍ୟରେ ସମ୍ପୂର୍ଣ୍ଣ ହେବାର ଥିଲା । ସମସ୍ତ ରାସ୍ତା ଚୁକ୍ତିରେ, ଡିପିଆର୍‌ରେ ଦିଆଯାଇଥିବା ରାସ୍ତାର ମେଡିଆନ୍[149] 0.6 ମିଟରରୁ 2.5 ମିଟର ପର୍ଯ୍ୟନ୍ତ ଥିଲା । ରାସ୍ତା ଚୁକ୍ତିଗୁଡ଼ିକର ପାଞ୍ଚଟି ପ୍ୟାକେଜରେ, ମୂଳ ଡିଜାଇନ୍ ଅନୁଯାୟୀ ମେଡିଆନ୍ ନିର୍ମାଣ କରାଯାଇଥିଲା ଏବଂ ଅନ୍ୟ ନଅଟି ପ୍ୟାକେଜ୍‌ରେ 3.5 ରୁ 6.0 ମିଟର ପର୍ଯ୍ୟନ୍ତ ମେଡିଆନ୍ ନିର୍ମାଣ କରାଯାଇଥିଲା । ମେଡିଆନ୍‌ର ଚଉଡ଼ା ବୃଦ୍ଧି ହେତୁ, ମାଟିର ପରିମାଣ 9.16 ଲକ୍ଷ ରୁ 20.30 ଲକ୍ଷ ଘନ ମିଟରକୁ ବୃଦ୍ଧି କରାଯାଇ 15.13 କୋଟି ଟଙ୍କାର ଅତିରିକ୍ତ ଅବାଞ୍ଛିତ ଖର୍ଚ୍ଚ ହୋଇଥିଲା ।

ଏହାର ଉତ୍ତରରେ ସରକାର ଦର୍ଶାଇଲେ (ମାର୍ଚ୍ଚ 2022) ଯେ ଜମି ଉପଲବ୍ଧତାକୁ ନିର୍ଭର କରି ବିଭିନ୍ନ ଅବଧିରେ କାର୍ଯ୍ୟଗୁଡ଼ିକ କାର୍ଯ୍ୟକାରୀ କରାଯାଇଥିଲା । ଜମି ଉପଲବ୍ଧତା ଅନୁଯାୟୀ ବିଭିନ୍ନ ପ୍ୟାକେଜରେ ମେଡିଆନକୁ 0.6 ମିଟରରୁ 1.5 ମିଟର ମଧ୍ୟ ରଖାଯାଇଥିଲା । ଆହୁରି ମଧ୍ୟ କୁହାଯାଇଥିଲା ଯେ ଅଧିଗ୍ରହଣ ହୋଇଥିବା ବେସରକାରୀ ଜମିର ଅନଧିକାର ଦଖଲକୁ ରୋକିବା ପାଇଁ ଅଧିକ ଚଉଡ଼ା ସହିତ ମେଡିଆନ୍ ନିର୍ମାଣ କରାଯାଇଥିଲା । ଏହାର ଉତ୍ତର ଗ୍ରହଣୀୟ ନଥିଲା କାରଣ ଅଧିକ ଜମି ଅଧିଗ୍ରହଣ ଏବଂ ଅନଧିକାର ଦଖଲକୁ ରୋକିବା ପାଇଁ ଅତିରିକ୍ତ ଚଉଡ଼ା ସହ ମେଡିଆନ୍ ନିର୍ମାଣର କୌଣସି ଯଥାର୍ଥତା ନଥିଲା ।

### 5.3.2.2 ରାସ୍ତାର ଉଚ୍ଚତାରେ ଅବାଞ୍ଛିତ ବୃଦ୍ଧି ଯୋଗୁଁ ଅତିରିକ୍ତ ବ୍ୟୟ

ଘାଟିପଡ଼ା ଠାରୁ ଆମପାଣି ପର୍ଯ୍ୟନ୍ତ ସଡ଼କ ନିର୍ମାଣ ପାଇଁ 33.77 ଲକ୍ଷ ଘନ ମିଟର ମାଟିର ବ୍ୟବହାର ସହିତ 518 ଟି କ୍ରସ୍ ଡ୍ରେନେଜ୍ (ସିଡି) କାମ ଅନ୍ତର୍ଭୁକ୍ତ କରି 11 ଟି କାର୍ଯ୍ୟ ପ୍ରଦାନ କରାଯାଇଥିଲା । ସଡ଼କ କାର୍ଯ୍ୟର କାର୍ଯ୍ୟକାରିତା ସମୟରେ ବ୍ୟବହୃତ ମାଟିର ପରିମାଣ 53.62 ଲକ୍ଷ ଘନ ମିଟରକୁ ବୃଦ୍ଧି କରାଯାଇଥିଲା । ପୂର୍ଣ୍ଣ ଜଳଭଣ୍ଡାର ସ୍ତର (ଏଫ୍‌ଆର୍‌ଏଲ୍), କ୍ରସ୍ ଡ୍ରେନେଜ୍ (ସିଡି) କାର୍ଯ୍ୟର ଉଚ୍ଚତା ବୃଦ୍ଧି ଏବଂ ଆଲାଇନ୍‌ମେଣ୍ଟରେ ପରିବର୍ତ୍ତନ ହେତୁ ଏହି ବୃଦ୍ଧି ହୋଇଥିବା ଦର୍ଶାଯାଇଥିଲା । ଡିପିଆର୍ ଅନୁଯାୟୀ, ପରାମର୍ଶଦାତା ସର୍ଭେ ଏବଂ ଅନୁସନ୍ଧାନ ଏବଂ ହାଇଡ୍ରୋଲୋଜି କାର୍ଯ୍ୟ କରି ଏହି ଆକଳନ ପ୍ରସ୍ତୁତ କରିଥିଲେ । ତେଣୁ ଏଫ୍‌ଆର୍‌ଏଲ୍ ବୃଦ୍ଧି ଏବଂ ରାସ୍ତାର ଆଲାଇନ୍‌ମେଣ୍ଟରେ ପରିବର୍ତ୍ତନ ହେବାର କୌଣସି ଯଥାର୍ଥତା ନାହିଁ । ଏତଦ୍ ବ୍ୟତୀତ, ଆବଶ୍ୟକତା ନ ଥାଇ ରାସ୍ତାଗୁଡ଼ିକର ସିଡି କାର୍ଯ୍ୟର ଉଚ୍ଚତା ବୃଦ୍ଧି ପାଇଁ କୌଣସି ଯଥାର୍ଥତା ନାହିଁ । ତେଣୁ, ଡିପିଆର୍ ପରିମାଣକୁ ଅଣ ଦେଖାକରି 19.85 ଲକ୍ଷ ଘନ ମିଟର ଅତିରିକ୍ତ ମାଟିର ଯୋଗାଣ ଅଯୌକ୍ତିକ ଥିଲା ଏବଂ ଏହା ଯୋଗୁଁ 25.99 କୋଟି ଟଙ୍କାର ଅତିରିକ୍ତ ପରିହାର୍ଯ୍ୟ ବ୍ୟୟ ହେଲା ।

ବିଭାଗ ଦ୍ୱାରା ଉତ୍ତର ପ୍ରଦାନ କରାଯାଇ ନଥିଲା ।

## 5.4 ରାସ୍ତା ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ସମ୍ପୂର୍ଣ୍ଣ ହେବାରେ ବିଳମ୍ବ

- **ପିପିପି ମୋଡ୍ ଅଧିନରେ ନିର୍ମିତ ରାସ୍ତା ପ୍ରକଳ୍ପ:** ବିଦ୍ୟମାନ 163 କିମି ଦୁଇ ଲେନ୍ ବିଶିଷ୍ଟ ରାଉରକେଲାରୁ ସମ୍ବଲପୁର ରାସ୍ତାକୁ ପିପିପି ଅଧିନରେ ପକ୍କା ବନ୍ଧ ସହ ଚାରି ଲେନ୍ ବିଶିଷ୍ଟ ରାସ୍ତାରେ ଉନ୍ନତିକରଣ କାର୍ଯ୍ୟ ଜୁଲାଇ 2014 ରେ ଆରମ୍ଭ କରାଯାଇଥିଲା । ତିନି ବର୍ଷର ନିର୍ମାଣ ସମୟ ଅନ୍ତର୍ଭୁକ୍ତ କରି 22 ବର୍ଷର ରିହାତି ଅବଧି ଜୁଲାଇ 2017 ସୁଦ୍ଧା ସମାପ୍ତ ହେବାର ଥିଲା । କିନ୍ତୁ, ଜମି

[149] ମେଡିଆନର ଅର୍ଥ ହେଉଛି ଏକ ବୃହତ ରାସ୍ତାର ଦୁଇ ପାର୍ଶ୍ୱ ମଧ୍ୟରେ ଏକ ସଂକୀର୍ଣ୍ଣ ଭୂମି କିମ୍ବା କଂକ୍ରିଟ୍, ଯାହା ବିପରୀତ ଦିଗରୁ ଚଳାଚଳ କରୁଥିବା ଯାନଗୁଡ଼ିକୁ ପୃଥକ କରେ

ଅଧିଗ୍ରହଣରେ ବିଳମ୍ବ ହେତୁ ନିର୍ମାଣ କାର୍ଯ୍ୟ ନଅ ମାସ ବିଳମ୍ବ ହୋଇ ମାର୍ଚ୍ଚ 2018 ରେ ସମାପ୍ତ ହେଲା ଯାହାଫଳରେ ଉତ୍ତର-ଦକ୍ଷିଣ କରିଡର-ବିଜୁ ଏକ୍ସପ୍ରେସ୍ ୱେ ନିର୍ମାଣର ଉଦ୍ଦେଶ୍ୟ ଧାର୍ଯ୍ୟ ସମୟରେ ହାସଲ ହୋଇପାରି ନଥିଲା ।

- **ଅଣ-ପିପିପି ମୋଡ ଅଧିନରେ ନିର୍ମିତ ରାସ୍ତା ପ୍ରକଳ୍ପ:** 292.46 କିମି ବିଶିଷ୍ଟ ସୋହେଲାରୁ ଆମପାଣି ରାସ୍ତାକୁ ଚାରି ଲେନ୍ ଏକ୍ସପ୍ରେସ୍ ୱେ ଭାବରେ ଅନୁମୋଦନ କରାଯାଇଥିଲା ଏବଂ 2020 ସୁଦ୍ଧା ସମାପ୍ତ କରିବା ପାଇଁ ଧାର୍ଯ୍ୟ କରାଯାଇଥିଲା । ଯଦିଓ ସମଗ୍ର ପ୍ରକଳ୍ପଟି ଚାରି ଲେନ୍ ରାସ୍ତା ଭାବରେ ଅନୁମୋଦିତ ହୋଇଥିଲା, ବିଭାଗ, ସୋହେଲା-ନୂଆପଡ଼ା ରାସ୍ତାକୁ ଚାରି ଲେନ୍ ବିଶିଷ୍ଟ ଏବଂ ଘାଟିପଡ଼ାରୁ ଆମପାଣି ରାସ୍ତାକୁ ଦୁଇ ଲେନ୍ ବିଶିଷ୍ଟ ରାସ୍ତା ଭାବରେ ଅଗଷ୍ଟ 2014 ଏବଂ ଅଗଷ୍ଟ 2018 ମଧ୍ୟରେ ଆରମ୍ଭ କରାଯାଇ ଜୁଲାଇ 2015 ଏବଂ ସେପ୍ଟେମ୍ବର 2019 ମଧ୍ୟରେ ସମାପ୍ତ କରିବା ପାଇଁ ଧାର୍ଯ୍ୟ କରାଯାଇଥିଲା । ଖଇର ଗ୍ରାମ ନିକଟରେ ଦୁଇ କିମିର ରାସ୍ତା ଏବଂ ଇନ୍ଦ୍ର ନଦୀ ଉପରେ ଥିବା ବ୍ରିଜ୍‌କୁ ଆପ୍ରୋଚ୍ ରାସ୍ତା ବ୍ୟତୀତ ଡିସେମ୍ବର 2021 ସୁଦ୍ଧା ଘାଟିପଡ଼ାରୁ ଆମପାଣି ଦୁଇ ଲେନ୍ ବିଶିଷ୍ଟ ରାସ୍ତା ମୋଟାମୋଟି ଭାବେ ସମ୍ପୂର୍ଣ୍ଣ ହୋଇଯାଇଥିଲା ।

ଘାଟିପଡ଼ାରୁ ଆମପାଣି ରାସ୍ତାର 174.50 କିମି ଦୁଇ ଲେନ୍ ବିଶିଷ୍ଟ ରାସ୍ତା କାର୍ଯ୍ୟ ସମାପ୍ତ ହେବା ପୂର୍ବରୁ ବିଭାଗ, ଜୁଲାଇ 2021 ଏଵଁ ଅକ୍ଟୋବର 2021 ମଧ୍ୟରେ, ଜାନୁଆରୀ ଏବଂ ମାର୍ଚ୍ଚ 2023 ମଧ୍ୟରେ କାର୍ଯ୍ୟ ସମାପ୍ତ କରିବାକୁ ଧାର୍ଯ୍ୟ କରି ଉକ୍ତ ରାସ୍ତାକୁ ଚାରି ଲେନ୍ ବିଶିଷ୍ଟ କରିବା ପାଇଁ କାର୍ଯ୍ୟାଦେଶ ପ୍ରଦାନ କରିଥିଲେ । ଉକ୍ତ ରାସ୍ତାଟି ଚାରି ଲେନ୍ ବିଶିଷ୍ଟ ରାସ୍ତାର ଉନ୍ନତିକରଣ କରିବା ପାଇଁ ବିସ୍ତୃତ ଭାବରେ ଅନୁମୋଦିତ ହୋଇଥିବା ସତ୍ତ୍ୱେ ବିଭାଗ, ଏହି ପ୍ରକଳ୍ପକୁ ଖଣ୍ଡ ଖଣ୍ଡ କରି କାର୍ଯ୍ୟ ଆରମ୍ଭ କରିଥିଲେ । ରାସ୍ତାର ଅନୁପଯୁକ୍ତ ଯୋଜନା, ଜମି ଅଧିଗ୍ରହଣ ନହେବା, ବ୍ରିଜ୍ କାର୍ଯ୍ୟର ଅନୁପଯୁକ୍ତ ସର୍ବେକ୍ଷଣ, କାର୍ଯ୍ୟର ପରିସର ପରିବର୍ତ୍ତନ ଏବଂ ବ୍ରିଜ୍ ନକ୍ସା ଚୂଡ଼ାନ୍ତିକରଣରେ ବିଳମ୍ବ ଯୋଗୁଁ ଧାର୍ଯ୍ୟ ସମୟରେ ପ୍ରକଳ୍ପଟି ସମ୍ପୂର୍ଣ୍ଣ ହୋଇପାରି ନଥିଲା ।

## 5.5 ଟେଣ୍ଡର ପ୍ରକ୍ରିୟା

### 5.5.1 ନକଲି ସିକ୍ୟୁରିଟି ଗ୍ରହଣ କରିବା ଯୋଗୁଁ ସରକାରୀ ଦେୟ ଆଦାୟ ନହେବା

ଓପିଡବ୍ଲୁଡି କୋଡର ଅନୁଚ୍ଛେଦ 3.5.20 ରେ ଧାର୍ଯ୍ୟ କରାଯାଇଛି ଯେ ଟେଣ୍ଡର ଗ୍ରହଣ କରିବା ସମୟରେ ପ୍ରତ୍ୟେକ ଠିକାଦାର ଅଟକଳ ମୂଲ୍ୟର ଏକ ପ୍ରତିଶତ ଅର୍ଜିତ ଟଙ୍କା ଭାବରେ ଜମା କରିବା ଆବଶ୍ୟକ ଏବଂ ଟେଣ୍ଡର ଗ୍ରହଣ ସମୟରେ ପ୍ରାରମ୍ଭିକ ସିକ୍ୟୁରିଟି ଭାବରେ ଏକ ପ୍ରତିଶତ ଜମା କରିବାକୁ ପଡ଼ିବ । ଅଧିକନ୍ତୁ, ବିସ୍ତୃତ ଟେଣ୍ଡର କଲ୍ ନୋଟିସ୍ (ଡିଟିସିଏନ୍) ର ଅନୁଚ୍ଛେଦ 12 ରେ ଦର୍ଶାଯାଇଛି ଯେ ଟେଣ୍ଡର ଦିଆଯାଇଥିବା ଅଟକଳ ମୂଲ୍ୟ ଠାରୁ କମ୍ ବିଡ୍ ମୂଲ୍ୟ ଦର୍ଶାଇଥିବା ସଫଳ ବିଡରଙ୍କୁ ଅତିରିକ୍ତ କାର୍ଯ୍ୟଦକ୍ଷତା ସିକ୍ୟୁରିଟି ପ୍ରଦାନ କରିବାକୁ ପଡ଼ିବ । ଏହା ଭିନ୍ନତା ମୂଲ୍ୟ ଅର୍ଥାତ୍ ଟେଣ୍ଡର ଆହ୍ୱାନର ଅଟକଳ ମୂଲ୍ୟ ବିଯୁକ୍ତ କୋଟ୍ କରାଯାଇଥିବା ମୂଲ୍ୟର ସଠିକ୍ ପରିମାଣ ହେବ । ଏହି ସିକ୍ୟୁରିଟି ଡିପୋଜିଟ୍ ଡିମାଣ୍ଡ ଡ୍ରାଫ୍ଟ/ ଅବଧି ଜମା ରସିଦ ଆକାରରେ ସଂପୃକ୍ତ ବିଭାଗର ଇଇ ନାମରେ ଦିଆଯାଇଥିବା ଉଚିତ୍ । ଚୁକ୍ତିନାମାର ଅନୁଚ୍ଛେଦ 2(b)(i) ରେ ଦର୍ଶାଯାଇଛି ଯେ କାର୍ଯ୍ୟ ନିଷ୍ପାଦନରେ ବିଫଳ ହେଲେ ଅବଶିଷ୍ଟ କାର୍ଯ୍ୟର 20 ପ୍ରତିଶତ ଜୋରିମାନା ଆକାରରେ ଠିକାଦାରଙ୍କଠାରୁ ଆଦାୟ କରାଯିବ ।

ରେକର୍ଡଗୁଡ଼ିକର ଯାଞ୍ଚରୁ ଜଣାଗଲା ଯେ ବିଇଡବ୍ଲୁ ଅଧିନରେ ଥିବା ତିନିଟି କାର୍ଯ୍ୟ[150] 2018-19 ବର୍ଷ ସୁଦ୍ଧା ସମାପ୍ତ ହେବା ପାଇଁ ଠିକାଦାରଙ୍କୁ 118.24 କୋଟି ଟଙ୍କାରେ 2016-17 ଅବଧିରେ ପ୍ରଦାନ କରାଯାଇଥିଲା । ମାର୍ଚ୍ଚ 2018 ସୁଦ୍ଧା ଠିକାଦାର 37.88 କୋଟି ଟଙ୍କା ମୂଲ୍ୟର କାର୍ଯ୍ୟ ସମ୍ପାଦନ କରିଥିଲେ । କାର୍ଯ୍ୟ ସମ୍ପାଦନ ସମୟରେ ସିଇ (ଡିପିଆଇ ଏବଂ ରାସ୍ତା) ଠିକାଦାରଙ୍କ ଦ୍ୱାରା ଜମା ହୋଇଥିବା ସିକ୍ୟୁରିଟିର ସତ୍ୟତା ଯାଞ୍ଚ

---

[150] (i) ସୋହେଲା ରୁ ନୂଆପଡ଼ା ରାସ୍ତାର ଆର୍‌ଡି. 80/00 ରୁ 101/125 କିମି, (ii) ଆର୍‌ଡି. 101/125 ରୁ 117/955 କିମି ଏବଂ (iii) ସିନାପାଲି ଘାଟିପଡ଼ା ରାସ୍ତାର ଆର୍‌ଡି 69.950 ରୁ 92.674 କିମି ରାସ୍ତାର ପ୍ରଶସ୍ତିକରଣ ଏବଂ ସୁଦୃଢ଼ୀକରଣ

କରିବାକୁ ଇଇକୁ ନିର୍ଦ୍ଦେଶ ଦେଇଥିଲେ । ଯାଞ୍ଚରେ, ଏହା ଜଣାଗଲା ଯେ ଠିକାଦାରଙ୍କ ଦ୍ୱାରା ଦାଖଲ ହୋଇଥିବା ସିକ୍ୟୁରିଟି ନକଲି ଥିଲା ଯାହା ଉପରେ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କ ଅନୁସନ୍ଧାନ ଚାଲିଥିଲା । ଉପରୋକ୍ତ ଅନିୟମିତତାକୁ ଦୃଷ୍ଟିରେ ରଖି ସରକାର ଚୁକ୍ତିନାମାର ଧାରା 2 (b)(i) ଅନୁଯାୟୀ ନଭେମ୍ବର 2017 ରୁ ମାର୍ଚ୍ଚ 2018 ମଧ୍ୟରେ ହୋଇଥିବା ଚୁକ୍ତିନାମାକୁ ବାତିଲ କରିବାକୁ ଅନୁମୋଦନ ପ୍ରଦାନ କରିଥିଲେ । ଯଦିଓ ଚୁକ୍ତିନାମା ବନ୍ଦ ହୋଇଯାଇଥିଲା, ଚୁକ୍ତିନାମାର ଧାରା 2 (b) (i) ଅନୁଯାୟୀ ଅବଶିଷ୍ଟ କାର୍ଯ୍ୟ ମୂଲ୍ୟର 20 ପ୍ରତିଶତ ଅର୍ଥାତ୍ 16.07 କୋଟି ଟଙ୍କା ଠିକାଦାରଙ୍କ ଠାରୁ ଆଦାୟ କରାଯାଇ ନଥିଲା ।

ଆହୁରି ମଧ୍ୟ, ଜଣାଗଲା ଯେ 80.36 କୋଟି ଟଙ୍କାର ଅବଶିଷ୍ଟ କାର୍ଯ୍ୟକୁ ମଇ ରୁ ଅଗଷ୍ଟ 2019 ମଧ୍ୟରେ ସମାପ୍ତ କରିବା ପାଇଁ ଅପ୍ରେଲ ରୁ ମଇ 2018 ମଧ୍ୟରେ 94.64 କୋଟି ଟଙ୍କାରେ ପ୍ରଦାନ କରାଯାଇଥିଲା । ଏହିପରି, କାର୍ଯ୍ୟ ପ୍ରଦାନ ପୂର୍ବରୁ ବିଡରଙ୍କ ଦ୍ୱାରା ଦାଖଲ ହୋଇଥିବା ସିକ୍ୟୁରିଟିର ସତ୍ୟତା ଯାଞ୍ଚ କରିବାରେ ନିର୍ବାହୀ ଯନ୍ତ୍ରୀ,ବରଗଡ଼ ଏବଂ ଖରିଆର (ରାସ୍ତା ଏବଂ କୋଠାବାଡ଼ି)ଙ୍କ ବିଫଳତା ହେତୁ ଏବଂ ଚୁକ୍ତିନାମାର ରଦ୍ଦ ହେତୁ 14.28 କୋଟି ଟଙ୍କା ଅତିରିକ୍ତ ବ୍ୟୟ ହୋଇଥିଲା ।

ବାସ୍ତବ ସ୍ଥିତିକୁ ଗ୍ରହଣ କରି ସରକାର (ମାର୍ଚ୍ଚ 2022) ଦର୍ଶାଇଲେ ଯେ ରଦ୍ଦ ହୋଇଥିବା ଚୁକ୍ତିନାମାର ଅସୁଲି ପ୍ରସ୍ତାବ ଅନୁମୋଦନ ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ସୁପାରିଶ କରାଯାଇଛି । ଅନୁମୋଦନ ପରେ ଏହି ରାଶି ଆଦାୟ ହୋଇ ସରକାରୀ ଆକାଉଣ୍ଟରେ ଜମା ହେବ । ଅବଶିଷ୍ଟ କାର୍ଯ୍ୟ ପାଇଁ ଅତିରିକ୍ତ ଖର୍ଚ୍ଚ ବିଷୟରେ ଉତ୍ତର ନୀରବ ରହିଲା ।

### 5.5.2 ପିଚୁର ବିଭିନ୍ନ ଦର ଗ୍ରହଣ ହେତୁ ଠିକାଦାରଙ୍କୁ ଅନୁଚିତ୍ ଲାଭ

ଓପିଡବ୍ଲୁଡି ସଂହିତାର ଅନୁଚ୍ଛେଦ 3.4.10(i) ନିର୍ଦ୍ଧାରଣ କରିଛି ଯେ, ଆକଳନଗୁଡ଼ିକ ସର୍ବୋତ୍ତମ ମିତବ୍ୟୟୀ ପଦ୍ଧତିରେ ପ୍ରସ୍ତୁତ ହେବା ଉଚିତ୍ । ତେଣୁ ବର୍ତ୍ତମାନର ଏସ୍‌ଓଆର୍ ଏବଂ ସାମଗ୍ରୀର ମୂଲ୍ୟ, ବର୍ତ୍ତମାନର ବଜାର ଦର ଅନୁଯାୟୀ ନିଆଯିବା ଉଚିତ୍ ଏବଂ ଟେଣ୍ଡର ଆହ୍ୱାନ କରାଯିବା ଉଚିତ୍ । ଡିସେମ୍ବର 2014 ରେ ସୋହେଲା-ନୂଆପଡ଼ା ରାସ୍ତାର[151] ଦୁଇଟି ପ୍ୟାକେଜ୍‌ର ଆକଳନ କରି ସିଇ (ଡିପିଆଇ ଏବଂ ରାସ୍ତା)ଙ୍କ ଦ୍ୱାରା ମଞ୍ଜୁର କରାଯାଇଥିଲା ଏବଂ ଫେବୃଆରୀ 2015 ରେ ଅନ୍ୟ ଦୁଇଟି ପ୍ୟାକେଜ୍[152]କୁ ମଞ୍ଜୁର କରାଯାଇଥିଲା । ସେପ୍ଟେମ୍ବର 2015 ରେ ଅନୁଷ୍ଠିତ ହୋଇଥିବା ଏକକ ଟେଣ୍ଡର କମିଟି ବୈଠକରେ ସମସ୍ତ ଚାରୋଟି ପ୍ୟାକେଜ୍‌ର ଟେଣ୍ଡର ମଞ୍ଜୁର କରାଯାଇଥିଲା ଏବଂ ଏହି କାର୍ଯ୍ୟ ତିନି ଜଣ ଠିକାଦାରଙ୍କୁ ପ୍ରଦାନ କରାଯାଇଥିଲା । ଡିସେମ୍ବର 2015 ରୁ ଜାନୁଆରୀ 2016 ମଧ୍ୟରେ ଚୁକ୍ତିନାମା କାର୍ଯ୍ୟକାରୀ କରାଯାଇଥିଲା ।

କାର୍ଯ୍ୟଗୁଡ଼ିକର ଆକଳନ ଯାଞ୍ଚରୁ ଜଣାପଡ଼ିଲା ଯେ ଡିସେମ୍ବର 2014 ରେ ବୈଷୟିକ ଅନୁମୋଦିତ କାର୍ଯ୍ୟ ପାଇଁ ପିଚୁର ମୂଲ୍ୟ ମେଟ୍ରିକ୍ ଟନ୍ ପ୍ରତି 45,168.32 ଟଙ୍କା ଏବଂ ଫେବୃଆରୀ 2015 ରେ ବୈଷୟିକ ଅନୁମୋଦିତ କାର୍ଯ୍ୟ ପାଇଁ ମେଟ୍ରିକ୍ ଟନ୍ ପ୍ରତି 36,394.88 ଟଙ୍କା[153] ନିଆଯାଇଥିଲା । ସେପ୍ଟେମ୍ବର 2015 ରେ ହୋଇଥିବା ଟେଣ୍ଡର କମିଟି ବୈଠକରେ କାର୍ଯ୍ୟର ଟେଣ୍ଡର ପାଇଁ ଗ୍ରହଣ କରାଯାଇଥିବା ହାରରେ ପ୍ରତି ଏମ୍‌ଟି ପିଛା 8,773.44 ଟଙ୍କା ପୃଥକ ଥିଲା । ଦରର ପରିବର୍ତ୍ତନ ହେବାର କାରଣ କୌଣସି ରେକର୍ଡରେ ନଥିଲା । ଡିସେମ୍ବର 2014 ରେ ବୈଷୟିକ ମଞ୍ଜୁରୀପ୍ରାପ୍ତ କାର୍ଯ୍ୟଗୁଡ଼ିକରେ 18,477 ଘନ ମିଟର ଡିବିଏମ୍ ଏବଂ 9,895 ଘନ ମିଟର ବିସି ବାବଦରେ 2,978 ଏମ୍‌ଟି ପିଚୁର ବ୍ୟବହାର କରାଯାଇଥିଲା । ପିଚୁର ଭିନ୍ନ ଭିନ୍ନ ଦର ଗ୍ରହଣ ହେତୁ ଠିକାଦାରମାନଙ୍କୁ 2.61 କୋଟି ଟଙ୍କା (8,773.44 ଟଙ୍କା x 2,978 ଏମ୍‌ଟି)ର ଅଯଥା ଲାଭ ପ୍ରଦାନ କରାଯାଇଥିଲା ।

---

151 ସୋହେଲା ରୁ ନୂଆପଡ଼ ରାସ୍ତାର 0 ରୁ 16.65 କି.ମି ରାସ୍ତାର ଏବଂ ଆର୍‌ଡି 18 ରୁ 30 କିମି ରାସ୍ତାର ପ୍ରଶସ୍ତିକରଣ ଏବଂ ସୁଦୃଢ଼ୀକରଣ

152 ସୋହେଲା ରୁ ନୂଆପଡ଼ା ରାସ୍ତାର ଆର୍‌ଡି 30 ରୁ 47 କି.ମି ଏବଂ ଆର୍‌ଡି. 49 ରୁ 60 କିମି ରାସ୍ତାର ପ୍ରଶସ୍ତିକରଣ ଏବଂ ସୁଦୃଢ଼ୀକରଣ

153 ସୋହେଲା ରୁ ନୂଆପଡ଼ା ରାସ୍ତାର ଆର୍‌ଡି 30 ରୁ 47.70 କି.ମି ଏବଂ ଆର୍‌ଡି 49 ରୁ 60 କିମି ରାସ୍ତାର ପ୍ରଶସ୍ତିକରଣ ଏବଂ ଦୃଢ଼ୀକରଣ

ଏହାର ଉତ୍ତରରେ ସରକାର ଦର୍ଶାଇଲେ (ମାର୍ଚ୍ଚ 2022) ଯେ ଟେଣ୍ଡରରେ ଆହ୍ୱାନ କରାଯାଇଥିବା ଅଟକଳ ମୂଲ୍ୟକୁ ଆଧାର କରି ଟେଣ୍ଡରଗୁଡ଼ିକ ଚୂଡ଼ାନ୍ତ ହୋଇଥିଲା ଏବଂ ଯେହେତୁ ଏହା ପ୍ରତିଯୋଗିତାମୂଳକ ଶତକଡ଼ା ଟେଣ୍ଡର, ତେଣୁ ପିଚୁର ମୂଲ୍ୟ, ଖର୍ଚ୍ଚର ଚୂଡ଼ାନ୍ତକରଣ ଉପରେ କମ୍ ପ୍ରଭାବ ପକାଇ ଥିଲା । ଏହି ଉତ୍ତର ଗ୍ରହଣୀୟ ନୁହେଁ କାରଣ ଯେହେତୁ ଏହା ଶତକଡ଼ା ଟେଣ୍ଡର, ମୂଲ୍ୟର କୌଣସି ବୃଦ୍ଧି ହେଲେ ଏହା ସିଧାସଳଖ ଠିକାଦାରକୁ ଲାଭ ଦେଇଥାଏ । ଏହିପରି, ପିଚୁର ମୂଲ୍ୟ ହ୍ରାସ ଦ୍ୱାରା ଠିକାଦାରମାନେ ଅଯଥା ଲାଭ ପାଇଥିଲେ ।.

## 5.6 ଜମି ଅଧିଗ୍ରହଣରେ ତ୍ରୁଟି

### 5.6.1 ଜମି ଅଧିଗ୍ରହଣରେ ବିଳମ୍ବ ହେତୁ ଅତିରିକ୍ତ ମୂଲ୍ୟ

ଜମି ଅଧିଗ୍ରହଣ (ଏଲ୍ଏ) ଅଧିନିୟମ, 1894 ର ଧାରା 23(1) 1-A ଏବଂ 23(2) ଅନୁଯାୟୀ, ଜମିର ବଜାର ମୂଲ୍ୟ ସହିତ ବାର୍ଷିକ 12 ପ୍ରତିଶତ ଏବଂ ସେହି ଜମିର ବଜାର ମୂଲ୍ୟର 30 ପ୍ରତିଶତ କ୍ଷତିପୂରଣ ଏବଂ 20 ପ୍ରତିଶତ ସ୍ଥାପନା ଖର୍ଚ୍ଚ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ଚାର୍ଜ କରାଯିବ ।

- ରେକର୍ଡଗୁଡ଼ିକର ଯାଞ୍ଚରୁ ଜଣାଗଲା ଯେ ରାଉରକେଲା-ସମ୍ବଲପୁର ରାସ୍ତାର ପଞ୍ଚୁପଡ଼ା ଗ୍ରାମରେ 42.41 ଏକର ଜମିର ଅଧିଗ୍ରହଣ ବାବଦରେ 3.29 କୋଟି ଟଙ୍କା ଜମି ଅଧିଗ୍ରହଣ ଅଧିକାରୀ[154], ଝାରସୁଗୁଡ଼ାଙ୍କ ଦ୍ୱାରା ମୂଲ୍ୟାଙ୍କନ କରାଯାଇଥିଲା (ଜୁନ୍ 2011) ଏବଂ ସୋଲାଟିୟମ୍, ସୁଧ ଏବଂ ସ୍ଥାପନା ମୂଲ୍ୟ ଯୋଗ କରିବା ପରେ ସମୁଦାୟ ଜମିର ମୂଲ୍ୟ 5.61 କୋଟି ଟଙ୍କା ହୋଇଥାନ୍ତା । ଯଦିଓ ବିଭାଗ ଆବଶ୍ୟକୀୟ ପରିମାଣକୁ ଜମି ଅଧିଗ୍ରହଣ ଅଧିକାରୀଙ୍କ ପାଖରେ ଜମା କରିଥିଲା, ଜମି ଅଧିଗ୍ରହଣ ଅଧିକାରୀଙ୍କ ଦ୍ୱାରା ଅଧିଗ୍ରହଣ ପ୍ରକ୍ରିୟା ବିଳମ୍ବ ହେତୁ ଦେୟ ପ୍ରଦାନ ହୋଇପାରିଲା ନାହିଁ (ଜାନୁଆରୀ 2014) । ଯାହାଫଳରେ, ସଂଶୋଧିତ ଜମି ଅଧିଗ୍ରହଣ ଅଧିନିୟମ, 2013 ଅନୁଯାୟୀ ଜମି ଅଧିଗ୍ରହଣ ଅଧିକାରୀ ଜମିର ପୁନଃ ମୂଲ୍ୟାଙ୍କନ କରିଥିଲେ ଏବଂ ଜମିର ମୂଲ୍ୟ 35.89 କୋଟି ଟଙ୍କାକୁ ବୃଦ୍ଧି ହୋଇଥିଲା (ଜୁନ୍ 2014) । ଫଳସ୍ୱରୁପ, 30.28 କୋଟି ଟଙ୍କା ଅତିରିକ୍ତ ଖର୍ଚ୍ଚ ହୋଇଥିଲା । ଅକ୍ଟୋବର 2021 ସୁଦ୍ଧା 27.80 କୋଟି ଟଙ୍କା ଦେୟ ପ୍ରଦାନ କରାଯାଇ 41.167 ଏକର ଜମି ଅଧିଗ୍ରହଣ କରାଯାଇଥିଲା । ତେଣୁ ବିଭାଗର, ଜମି ଅଧିଗ୍ରହଣ କାର୍ଯ୍ୟକ୍ରମ ତଦାରଖର ବିଫଳତା ହେତୁ କେବଳ ଜମି ଅଧିଗ୍ରହଣରେ ବିଳମ୍ବ ଓ 30.28 କୋଟି ଟଙ୍କା ଅଧିକ ଖର୍ଚ୍ଚ ହୋଇ ନଥିଲା ବରଂ ପିପିପି ପ୍ରକଳ୍ପର କାର୍ଯ୍ୟ ସମାପ୍ତିରେ ମଧ ବିଳମ୍ବ ହୋଇଥିଲା ।

ଏହାର ଉତ୍ତରରେ ସରକାର ବ୍ୟକ୍ତ କଲେ (ମାର୍ଚ୍ଚ 2022) ଯେ ଅଡିଟ୍ ସିଦ୍ଧାନ୍ତକୁ ନୋଟ୍ କରାଯାଇଛି ଏବଂ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ।

- ରେକର୍ଡଗୁଡ଼ିକର ଯାଞ୍ଚରୁ ଜଣାଗଲା ଯେ ନଅଟି ଗ୍ରାମ[155]ରେ 81.43 ଏକର ଜମି ଅଧିଗ୍ରହଣ ପାଇଁ ଇଇ, ଝାରସୁଗୁଡ଼ା ଜମି ଅଧିଗ୍ରହଣ ଅଧିକାରୀଙ୍କୁ ଅନୁରୋଧ କରିଥିଲେ (ଜୁନ୍ 2011) । ଜମି ଅଧିଗ୍ରହଣ ଅଧିନିୟମ, 2007 ଅନୁଯାୟୀ ଜମି ଅଧିଗ୍ରହଣ 2013 ସୁଦ୍ଧା ସମାପ୍ତ ହୋଇଥିଲା ଏବଂ ଜମି ଅଧିଗ୍ରହଣ ସମାପ୍ତ ହେବା ପରେ, ଇଇଙ୍କ ଦ୍ୱାରା ଏହା ଦେଖାଗଲା (ଅପ୍ରେଲ 2015) ଯେ ମୋଟ 2.85 ଏକରର 43 ଟି ପ୍ଲଟ୍ ଏବଂ 19 ଟି ସଂରଚନା ଜମି ଅଧିଗ୍ରହଣ ସମୟରେ ଭୁଲ୍ ବଶତଃ ଛାଡ଼ି ଦିଆଯାଇଥିଲା । ତଥାପି ବିଭାଗ, ଜାନୁଆରୀ 2015 ରୁ ଫେବୃଆରୀ 2016 ମଧରେ ଜମି ଅଧିଗ୍ରହଣ

[154] ଓଡ଼ିଶା ସରକାରଙ୍କ ଜମି ଅଧିଗ୍ରହଣ ଏବଂ ପୁନଃସ୍ଥାପନର ନ୍ୟାୟଯୁକ୍ତ କ୍ଷତିପୂରଣ ଏବଂ ସ୍ୱଚ୍ଛତା ଅଧିକାର ଅଧିନିୟମ,2013 ପ୍ରଣୟନ ପୂର୍ବରୁ ଜମି ଅଧିଗ୍ରହଣ ଆଇନ୍, 1894 (1894 ର ଅଧିନିୟମ-1), ର ଧାରା 'c' ଅନୁଯାୟୀ, ପ୍ରତ୍ୟେକ ଜିଲ୍ଲା ପାଇଁ ଜମି ଅଧିଗ୍ରହଣ ଅଧିକାରୀ ନିଯୁକ୍ତ ହେବେ ।

[155] 1. ଉସେକେଲା, 2. ଖେରୱାଲା, 3. ବୃନ୍ଦାମାଳ, 4. ଗଡ଼ମାଳ, 5. ବେହେରାପାଟ, 6. ପାଞ୍ଚପଡ଼ା, 7. ସାଲେଟେକେରା, 8. ଦୁର୍ଲଗା ଏବଂ 9. ଟାଙ୍ଗରପାଲି

ଅଧିନିୟମ, 2007 ଅନୁଯାୟୀ 30 ପ୍ରତିଶତ ସୋଲାଟିୟମ୍ ପରିବର୍ତ୍ତେ ସଂଶୋଧିତ ଜମି ଅଧିଗ୍ରହଣ ଅଧିନିୟମ, 2013 ଅନୁଯାୟୀ ଶତ ପ୍ରତିଶତ ସୋଲାଟିୟମ୍ ସହିତ 11.64 କୋଟି ଟଙ୍କା ବ୍ୟୟରେ ସିଧାସଳଖ ଜମି ମାଲିକଙ୍କ ଠାରୁ ଜମି ଓ ସଂରଚନା କ୍ରୟ କରିଥିଲେ । ଫଳରେ 3.84 କୋଟି ଟଙ୍କା ଅତିରିକ୍ତ ମୂଲ୍ୟ ଦେବାକୁ ପଡ଼ିଥିଲା ଯାହା ସଠିକ୍ ଯୋଜନା ଅନୁଯାୟୀ ହୋଇଥିଲେ ଏଡ଼ାଯାଇପାରିଥାନ୍ତା ।

ବାସ୍ତବ ସ୍ଥିତିକୁ ଗ୍ରହଣ କରି ସରକାର ଦର୍ଶାଇଲେ (ମାର୍ଚ୍ଚ 2022) ଯେ ସଂଶୋଧିତ ଜମି ଅଧିଗ୍ରହଣ ଅଧିନିୟମ ଅନୁଯାୟୀ ଦେୟ ପ୍ରଦାନ କରାଯାଇଛି । ଏହାର ଉତ୍ତର ଗ୍ରହଣୀୟ ନୁହେଁ ଯେହେତୁ ଜମି ଅଧିଗ୍ରହଣ ପ୍ରକ୍ରିୟା ବିଳମ୍ବ ହୋଇଥିବାରୁ ଅତିରିକ୍ତ ମୂଲ୍ୟ ଦିଆଯାଇଥିଲା ।

### 5.6.2 ହିତାଧିକାରୀଙ୍କୁ ଅର୍ଥ ପ୍ରଦାନରେ ବିଳମ୍ବ ହେତୁ ଅତିରିକ୍ତ ମୂଲ୍ୟ ଦେୟ

ଜମି ଅଧିଗ୍ରହଣ ଅଧିନିୟମ, 2007 ଏବଂ ଜାରି ହୋଇଥିବା ସ୍ପଷ୍ଟୀକରଣ (ଜାନୁଆରୀ 2009) ଅନୁଯାୟୀ, ହିତାଧିକାରୀ ଏକ ବର୍ଷ ମଧ୍ୟରେ ଜମି ମୂଲ୍ୟ ସହିତ 30 ପ୍ରତିଶତ ସୋଲାଟିୟମ୍ ଏବଂ 12 ପ୍ରତିଶତ ଅତିରିକ୍ତ କ୍ଷତିପୂରଣ ପାଇବାକୁ ହକ୍‌ଦାର ହେବେ । ଅତିରିକ୍ତ କ୍ଷତିପୂରଣର ମୂଲ୍ୟାଙ୍କନ କରିବା ସମୟରେ, ଅତିରିକ୍ତ ବଜାର ମୂଲ୍ୟର ଦିନକୁ ଦିନ ହିସାବ କରିବା ଆବଶ୍ୟକ ଏବଂ ସେହି ଅନୁଯାୟୀ ଦେୟ ପ୍ରଦାନ କରାଯିବା ଉଚିତ୍ ।

ଏହା ଦେଖାଯାଇଥିଲା ଯେ ଜମି ଅଧିଗ୍ରହଣ ଅଧିକାରୀଙ୍କ ଦ୍ୱାରା ଏକ ବର୍ଷରୁ 547 ଦିନ ପର୍ଯ୍ୟନ୍ତ ଦେୟ ଦେବାରେ ବିଳମ୍ବ ହେତୁ ବିଭାଜନ, ରାଉରକେଲା-ସମ୍ବଲପୁର ରାସ୍ତାର 13 ଟି ଗାଁ ସହ ଜଡ଼ିତ 53 ଟି ସଂରଚନା ପାଇଁ 15.18 ରୁ 18 ପ୍ରତିଶତ ମଧ୍ୟରେ ସମୁଦାୟ ପରିମାଣ 2.21 କୋଟି ଟଙ୍କା ଅତିରିକ୍ତ କ୍ଷତିପୂରଣ ପ୍ରଦାନ କରିଥିଲେ ।

ବାସ୍ତବ ସ୍ଥିତିକୁ ଗ୍ରହଣ କରି ସରକାର ଦର୍ଶାଇଲେ (ମାର୍ଚ୍ଚ 2022) ଯେ ଆଲାଇନମେଣ୍ଟ ଚୂଡ଼ାନ୍ତ ହେବାରେ ବିଳମ୍ବ ଏବଂ ଜମି ଅଧିଗ୍ରହଣରେ ବିଳମ୍ବ ହେତୁ ହିତାଧିକାରୀଙ୍କୁ ଅତିରିକ୍ତ କ୍ଷତିପୂରଣ ପ୍ରଦାନ କରାଯାଇଛି । ପ୍ରକୃତରେ କ୍ଷତିପୂରଣର ଶୀଘ୍ର ସମାଧାନ ପାଇଁ ଜମି ଅଧିଗ୍ରହଣ ଉପରେ ନିରୀକ୍ଷଣ ଏବଂ ଅନୁସରଣ କରିବାରେ ବିଭାଗ ବିଫଳ ହୋଇଥିଲା ।

## 5.7 ପ୍ରକଳ୍ପର ଆର୍ଥିକ ପରିଚାଳନା

ବିଭାଗ, ପିପିପି ପ୍ରକଳ୍ପରେ 955.77 କୋଟି ଟଙ୍କା ବ୍ୟୟ କରିଥିଲା (ଜୁନ୍ 2021) ଏବଂ ଆଇଇଙ୍କ ଦ୍ୱାରା ସୁପାରିଶ ଅନୁଯାୟୀ ବିଭିନ୍ନ ଦାବି ଦେୟ ପାଇଁ 41.50 କୋଟି ଟଙ୍କାର ଆର୍ଥିକ ଭାର ହୋଇଥିଲା । ଅଡିଟ୍ ଦ୍ୱାରା ଲକ୍ଷ୍ୟ କରାଯାଇଥିବା ଆର୍ଥିକ ଅନିୟମିତତା ନିମ୍ନରେ ଆଲୋଚନା କରାଯାଇଛି:

### 5.7.1 ଅଗ୍ରୀମ ଅସୁଲି ନହେବା

ପିପିପି ପ୍ରକଳ୍ପର କନ୍‌ସେସନେୟାର ରାଜିନାମା (ସିଏ)ର ଧାରା 16.3.1 ରେ ଦର୍ଶାଯାଇଛି ଯେ ସିଓଏସ୍ ମୂଲ୍ୟର 20 ପ୍ରତିଶତ ଅଗ୍ରୀମ ଭାବରେ ପ୍ରଦାନ କରାଯିବ । ସେହି ଅନୁଯାୟୀ, ଡିସେମ୍ବର 2016 ରେ ବିଭାଗ 27.51 କୋଟି ଟଙ୍କାର ଅଗ୍ରୀମ, କନ୍‌ସେସନେୟାରଙ୍କୁ ପ୍ରଦାନ କରିଥିଲା । ସେପ୍ଟେମ୍ବର 2021 ସୁଦ୍ଧା 13.27 କୋଟି ଟଙ୍କା ଅସୁଲି ହୋଇ ନଥିଲା । ଏଥିସହ, ମାର୍ଚ୍ଚ 2018 ପର୍ଯ୍ୟନ୍ତ 71.37 କୋଟି ଟଙ୍କାର କାର୍ଯ୍ୟ ପାଇଁ କନ୍‌ସେସନେୟାରଙ୍କୁ 82.98 କୋଟି ଟଙ୍କା ପ୍ରଦାନ କରାଯାଇଥିଲା ଯାହା 11.61 କୋଟି ଟଙ୍କା ଅଧିକ ଅଟେ ।

ଆହୁରି ମଧ୍ୟ, ଏହା ଦେଖାଗଲା ଯେ ଯେହେତୁ ଜିଏସ୍‌ଟି ଲାଗୁ ହେବା ପୂର୍ବରୁ କାର୍ଯ୍ୟଗୁଡ଼ିକୁ ପ୍ରଦାନ କରାଯାଇଥିଲା ତେଣୁ, ଜିଏସ୍‌ଟି ବିନା ଆର୍‌ଏ ବିଲ୍ ଦେବା ଲାଗି ଆଇଇ ସୁପାରିଶ କରିଥିଲା । କିନ୍ତୁ, ବିଭାଗ ଜିଏସ୍‌ଟି ବାବଦରେ 1.65 କୋଟି ଟଙ୍କା ପ୍ରଦାନ କରିଥିଲା ଯାହା ଅଗ୍ରାହ୍ୟ ଜିଏସ୍‌ଟି ଅର୍ଥ ପ୍ରଦାନକୁ ସୂଚାଇଲା ।

ଦର୍ଶାଯାଇଥିବା ବାସ୍ତବ ସ୍ଥିତିକୁ ସ୍ୱୀକାର କରି ସରକାର ବ୍ୟକ୍ତ କଲେ (ମାର୍ଚ୍ଚ 2022) ଯେ କନ୍‌ସେସନେୟାର ଅନୁରୋଧକୁ ଆଧାର କରି ସିଏ ର ନିୟମାବଳୀ ଅନୁଯାୟୀ 27.51 କୋଟି ଟଙ୍କାର ଅଗ୍ରୀମ ପ୍ରଦାନ

କରାଯାଇଥିଲା, ସେଥିମଧ୍ୟରୁ 14.82 କୋଟି ଟଙ୍କା ସମାୟୋଜନ କରାଯାଇଥିଲା ଏବଂ ଅବଶିଷ୍ଟ ରାଶି 12.69 କୋଟି ଟଙ୍କା ଅସୁଲ ହେବାର ଥିଲା । 11.61 କୋଟି ଟଙ୍କାର ଅତିରିକ୍ତ ଦେୟ ଏବଂ 1.65 କୋଟି ଟଙ୍କାର ଜିଏସ୍‌ଟି ଦେୟ ଉପରେ ଉତ୍ତର ନୀରବ ରହିଲା ।

### 5.7.2 ପରିସର ପରିବର୍ତ୍ତନରେ ହ୍ରାସ ପାଇଥିବା କାର୍ଯ୍ୟର ମୂଲ୍ୟ ଅନାଦାୟ ରହିବା

ସିଏ ର ଧାରା 16.6.1 ରେ ଧାର୍ଯ୍ୟ କରାଯାଇଛି ଯେ କନ୍‌ସେସନେୟାର ଯଦି ସିଓଏସ୍ ରେ ନକରାତ୍ମକ ହେତୁ କୌଣସି ନିର୍ମାଣ କାର୍ଯ୍ୟ କାର୍ଯ୍ୟକାରୀ କରନ୍ତି ନାହିଁ ତେବେ ସିଓଏସ୍ ରେ ହ୍ରାସ ହେଉଥିବା ରାଶିର 80 ପ୍ରତିଶତ କନ୍‌ସେସନେୟାର ଜମା କରିବେ ।

ଏହା ଲକ୍ଷ୍ୟ କରାଯାଇଥିଲା ଯେ ଏହି ପ୍ରକଳ୍ପର ସମୁଦାୟ ମୂଲ୍ୟ ହେଉଛି 1,292.56 କୋଟି ଟଙ୍କା ଯାହା ମଧ୍ୟରୁ କନ୍‌ସେସନେୟାର 1,274.36 କୋଟି ଟଙ୍କାର କାର୍ଯ୍ୟ କରିଥିଲେ ଏବଂ ଆଇଇ ମାର୍ଚ୍ଚ 2018 ରେ କାର୍ଯ୍ୟ ସମାପ୍ତି ପ୍ରମାଣପତ୍ର ପ୍ରଦାନ କରିଥିଲେ । ତେଣୁ, ସିଓଏସ୍‌ରେ 18.20 କୋଟି ଟଙ୍କା ହ୍ରାସ ହୋଇଥିବାରୁ ଏହାର 80 ପ୍ରତିଶତ କନ୍‌ସେସନେୟାର ଜମା କରିବା ଉଚିତ୍ ଥିଲା । ତେବେ ଏହି ରାଶି ଆଦାୟ ପାଇଁ ବିଭାଗ କୌଣସି ପଦକ୍ଷେପ ନେଇନଥିଲେ (ସେପ୍ଟେମ୍ବର 2021) ।

ବାସ୍ତବିକ ସ୍ଥିତିକୁ ସ୍ୱୀକାର କରି ସରକାର ବ୍ୟକ୍ତ କଲେ (ମାର୍ଚ୍ଚ 2022) ଯେ ଅଡିଟ୍‌ର ମତାମତକୁ ନୋଟ୍ କରାଗଲା ଏବଂ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ । କିନ୍ତୁ, ପ୍ରକୃତରେ ଚାରି ବର୍ଷର ଅବଧି ପରେ ମଧ ଏହି ରାଶି ଆଦାୟ ହୋଇପାରିଲା ନାହିଁ ।

### 5.7.3 ଅଗ୍ରାହ୍ୟ ଜିଏସ୍‌ଟି ଦେୟ

ଏହା ଲକ୍ଷ୍ୟ କରାଗଲା ଯେ ଅପ୍ରେଲ 2017ରେ ଆମପାଣି-ଧରମଗଡ଼ ରାସ୍ତାର ଆର୍‌ଡି 11.81 ରୁ ଆର୍‌ଡି 28.87 କିଲୋମିଟର ପର୍ଯ୍ୟନ୍ତ ପ୍ରଶସ୍ତିକରଣ ଏବଂ ସୁଦୃଢ଼ୀକରଣ କାର୍ଯ୍ୟ ମୁଖ୍ୟଯନ୍ତ୍ରୀ (ଡିପିଆଇ ଏବଂ ରାସ୍ତା) ଙ୍କ ଦ୍ୱାରା 49.50 କୋଟି ଟଙ୍କାରେ ବୈଷୟିକ ଅନୁମୋଦନ ପାଇଥିଲା । ଡିସେମ୍ବର 2017 ରେ ଜିଏସ୍‌ଟି ଅନ୍ତର୍ଭୁକ୍ତ ଥାଇ 41.05 କୋଟି ଟଙ୍କାରେ ଠିକାଦାରଙ୍କୁ ଏହି କାର୍ଯ୍ୟ ପ୍ରଦାନ କରାଯାଇଥିଲା । ଉପରୋକ୍ତ ଧାର୍ଯ୍ୟ ସର୍ତ୍ତକୁ ଉଲ୍ଲଙ୍ଘନ କରି, ଏସ୍‌ଇ, 61 ଲକ୍ଷ ଟଙ୍କାର ଭେଦାତ୍ମକ ଜିଏସ୍‌ଟି ପ୍ରଦାନ କରିଥିଲେ ଯାହା ଅଗ୍ରାହ୍ୟ ଥିଲା । ସେହିଭଳି, ସାଧାରଣ ରାଜିନାମା ହାର ସହିତ ଡିସେମ୍ବର 2016 ରେ ଆମପାଣି-ଧରମଗଡ଼ ରାସ୍ତାର ଅନ୍ୟ ଦୁଇଟି କାର୍ଯ୍ୟ ପାଇଁ ଏସ୍‌ଇ, 71 ଲକ୍ଷ ଟଙ୍କା ଭେଦାତ୍ମକ ଟିକସ ଦେଇଥିଲେ ।

ଏହିପରି, ଟେଣ୍ଡର ଗ୍ରହଣ ଆଦେଶକୁ ଉଲ୍ଲଙ୍ଘନ କରିବା ସହିତ ସାମଗ୍ରୀର ହ୍ରାସ ହାରକୁ ପୁନଃ ନିର୍ଣ୍ଣୟ ନକରି ଠିକାଦାରମାନଙ୍କୁ 1.32 କୋଟି ଟଙ୍କାର ଅଗ୍ରାହ୍ୟ ଜିଏସ୍‌ଟି ଦେୟ ପ୍ରଦାନ କରାଯାଇଥିଲା ।

ଏହାର ଉତ୍ତରରେ, ସରକାର ଦର୍ଶାଇଲେ (ମାର୍ଚ୍ଚ 2022) ଯେ ଏହି ଆକଳନର ବ୍ୟବସ୍ଥା ଜିଏସ୍‌ଟି ପ୍ରବର୍ତ୍ତନ ପୂର୍ବରୁ ହୋଇଥିଲା କିନ୍ତୁ କାର୍ଯ୍ୟ ପ୍ରାୟତଃ ଜିଏସ୍‌ଟି ପ୍ରବର୍ତ୍ତନ ପରେ ହୋଇଥିଲା । ତେଣୁ, ଜିଏସ୍‌ଟି ନିର୍ଦ୍ଦେଶାବଳୀର ନିର୍ଦ୍ଦେଶ ଅନୁଯାୟୀ ଭେଦାତ୍ମକ ଦେୟ ପ୍ରଦାନ କିମ୍ବା ଦେୟ ଅସୁଲି ବ୍ୟବସ୍ଥା କରାଯାଇଥିଲା । ଅନ୍ତିମ ଦେୟ ସମୟରେ ଅନ୍ତିମ ହିସାବ ଦିଆଯିବ ଏବଂ ଭେଦାତ୍ମକ ମୂଲ୍ୟର ସମାଯୋଜନା କିମ୍ବା ଅସୁଲି ହେବ । ତେବେ ଉତ୍ତରଟି ଗ୍ରହଣୀୟ ନୁହେଁ, କାରଣ 22 ନଭେମ୍ବର 2017 ରେ (ଜିଏସ୍‌ଟି ପ୍ରବର୍ତ୍ତନ ପରେ) ଜାରି ହୋଇଥିବା ଟେଣ୍ଡର ଗ୍ରହଣ ପତ୍ରରେ ସ୍ୱଷ୍ଟ ଭାବରେ ଦର୍ଶାଯାଇଛି ଯେ ଜିଏସ୍‌ଟି ଅନ୍ତର୍ଭୁକ୍ତ କରି ବିଡ୍ ଗ୍ରହଣ କରାଯାଇଥିଲା ।

### 5.7.4 ରେଳ ଓଭର ବ୍ରିଜ୍ ପାଇଁ ହୋଇଥିବା କାର୍ଯ୍ୟର ମୂଲ୍ୟ ଅସୁଲ ନହେବା

ରେଳ ମନ୍ତ୍ରଣାଳୟ ବିଜ୍ଞପ୍ତି (ଜାନୁଆରୀ 2008) ଅନୁଯାୟୀ, ରାଜ୍ୟ ସରକାର ଏବଂ ରେଳ ବିଭାଗର ପାରସ୍ପରିକ ବୁଝାମଣା ସହିତ ରେଲୱେ ଓଭର ବ୍ରିଜ୍ (ଆର୍‌ଓବି) ନିର୍ମାଣ କାର୍ଯ୍ୟ କରାଯିବ । ଜାଗାର ମୂଲ୍ୟ ବ୍ୟତୀତ କାର୍ଯ୍ୟ ନିଷ୍ପାଦନ ମୂଲ୍ୟ ଉଭୟ ପକ୍ଷ ମଧ୍ୟରେ ବାଣ୍ଟିବାର ଥିଲା ।

ପିପିପି ମୋଡ୍ ଅନ୍ତର୍ଗତ ରାଉରକେଲା-ସମ୍ବଲପୁର ରାସ୍ତା ସମ୍ବନ୍ଧୀୟ ରେକର୍ଡଗୁଡ଼ିକର ଯାଞ୍ଚରୁ ଜଣାଗଲା ଯେ 17.20 କୋଟି ଟଙ୍କାରେ କନ୍‌ସେସନେୟାର ଚୁକ୍ତିନାମା ଅଧିନରେ ତିନୋଟି ଆର୍‌ଓବି ନିର୍ମାଣ କରାଯାଇଥିଲା ଏବଂ ପରବର୍ତ୍ତୀ ସମୟରେ କାର୍ଯ୍ୟଗୁଡ଼ିକର ସିଓଏସ୍ ହେବାରୁ ଆର୍‌ଓବି ଗୁଡ଼ିକର ଲମ୍ବ ବୃଦ୍ଧି ହେତୁ 22.31 କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା । ଏହା ଲକ୍ଷ୍ୟ କରାଯାଇଥିଲା ଯେ ଜାନୁଆରୀ 2008 ର ବିଜ୍ଞପ୍ତିକୁ ଉଲ୍ଲଙ୍ଘନ କରି ରେଳ ବିଭାଗ ଏବଂ ଓଡ଼ିଶା ସରକାର ମଧ୍ୟରେ ପାରସ୍ପରିକ ବୁଝାମଣା ବିନା କାର୍ଯ୍ୟଗୁଡ଼ିକ କାର୍ଯ୍ୟକାରୀ ହୋଇଥିଲା । ନିର୍ମାଣ ମୂଲ୍ୟର 50 ପ୍ରତିଶତ ଅର୍ଥାତ୍ 19.76 କୋଟି ଟଙ୍କାର ଭାଗ ପାଇଁ ବିଭାଗ, କୌଣସି ପତ୍ର ବିନିମୟ କରିନଥିଲା ଫଳରେ ଓଡ଼ିଶା ସରକାର ଉପରେ ଅଯଥା ଭାର ପଡ଼ିଥିଲା ।

ବାସ୍ତବ ସ୍ଥିତିକୁ ସ୍ୱୀକାର କରି ସରକାର ଦର୍ଶାଇଲେ (ମାର୍ଚ୍ଚ 2022) ଯେ ଅଡିଟ୍‌ର ମତାମତକୁ ନୋଟ୍ କରାଗଲା ଏବଂ ପଦକ୍ଷେପ ଗ୍ରହଣ କରାଯିବ ।

## 5.7.5 ରାସ୍ତା କଡ଼ରେ ବୃକ୍ଷରୋପଣ କରା ନଯିବା

ଅଡିଟରେ ଏହା ଲକ୍ଷ୍ୟ କରାଯାଇଥିଲା ଯେ ବିଭାଗ, ଜାନୁଆରୀ 2016 ରୁ ସେପ୍ଟେମ୍ବର 2018 ମଧ୍ୟରେ ଜଙ୍ଗଲ ବିଭାଗକୁ, ତିନୋଟି ବିଭାଜନ[156]ର ରାସ୍ତା କଡ଼ରେ ବୃକ୍ଷ ରୋପଣ ବାବଦରେ 20.42 କୋଟି ଟଙ୍କା ଜମା କରିଥିଲେ । ରାସ୍ତା ପାର୍ଶ୍ୱରେ ବୃକ୍ଷରୋପଣ କରାଯାଇ ନଥିବା ସତ୍ତ୍ୱେ, ଜମା ହୋଇଥିବା ଅର୍ଥର ଅସୁଲି ପାଇଁ ବିଭାଗ କୌଣସି ପଦକ୍ଷେପ ନେଇ ନଥିଲା (ଡିସେମ୍ବର 2021) ।

ବାସ୍ତବ ସ୍ଥିତିକୁ ସ୍ୱୀକାର କରି ସରକାର ଦର୍ଶାଇଲେ (ମାର୍ଚ୍ଚ 2022) ଯେ ଜଙ୍ଗଲ ବିଭାଗରୁ ଉପଯୋଗ ପ୍ରମାଣ ପତ୍ର ପାଇବା ପାଇଁ ପଦକ୍ଷେପ ନିଆଯାଇଥିଲା । ତେବେ ରାସ୍ତା କଡ଼ରେ ବୃକ୍ଷରୋପଣ କିମ୍ବା ଜମା ହୋଇଥିବା ରାଶିର ଅସୁଲ ପାଇଁ ବିଭାଗ କୌଣସି ପଦକ୍ଷେପ ନେଇ ନ ଥିବାରୁ ଏହି ଉତ୍ତର ଗ୍ରହଣୀୟ ନୁହେଁ । .

## 5.8 ବିଇଡବ୍ଲୁ ପ୍ରକଳ୍ପର ଗୁଣବତ୍ତା ନିୟନ୍ତ୍ରଣ ସଂକ୍ରିୟା ଏବଂ ପର୍ଯ୍ୟାଲୋଚନା

## 5.8.1 ପିପିପି ପ୍ରକଳ୍ପର ଗୁଣାତ୍ମକ ନିୟନ୍ତ୍ରଣରେ ଅଭାବ

ମିତବ୍ୟୟିତା, ଦକ୍ଷତା ଏବଂ ପ୍ରଭାବକୁ ସୁନିଶ୍ଚିତ କରିବା ପାଇଁ ଆଭ୍ୟନ୍ତରୀଣ ନିୟନ୍ତ୍ରଣ ଓ ପର୍ଯ୍ୟାଲୋଚନା ଏକ ପ୍ରାକ୍-ଆବଶ୍ୟକତା ଅଟେ । ଏହା ବ୍ୟତୀତ କାର୍ଯ୍ୟନିର୍ବାହୀମାନଙ୍କୁ ପ୍ରବଞ୍ଚନାତ୍ମକ କାର୍ଯ୍ୟକଳାପରେ ଲିପ୍ତ ରହିବାରୁ ବାରଣ କରିଥାଏ । ପିପିପି ମୋଡ୍ ଅଧୀନରେ ଚୁକ୍ତିନାମାଗୁଡ଼ିକର କାର୍ଯ୍ୟକାରୀ ରେ ବିଡ଼ମ୍ବନା ନିମ୍ନରେ ଆଲୋଚନା କରାଯାଇଛି:

## 5.8.1.2 ଗୁଣାତ୍ମକ ସୁନିଶ୍ଚିତତାର ଅଭାବ

କନ୍‌ସେସନେୟାର ରାଜିନାମାର ଧାରା 23.1 ନିର୍ଦ୍ଧାରଣ କରିଛି ଯେ ସିଏ କାର୍ଯ୍ୟକାରୀ ହେବାର 90 ଦିନ ମଧ୍ୟରେ ସରକାର ଏକ ପରାମର୍ଶଦାତା ଇଞ୍ଜିନିୟରିଂ ଫାର୍ମକୁ ଆଇଇ ଭାବରେ ନିଯୁକ୍ତ କରିବେ ଏବଂ ଏହା ତିନିବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ ଜାରି ରଖିବ । ସିଏର ଧାରା 13.2 ନିର୍ଦ୍ଧାରଣ କରିଛି ଯେ ଆଇଇ ଗୋଟିଏ ମାସରେ ଅତି କମରେ ଥରେ ପ୍ରକଳ୍ପ ରାଜପଥ ଯାଞ୍ଚ କରିବ ଏବଂ ପ୍ରକଳ୍ପ ପରିସରର ନିର୍ଦ୍ଦିଷ୍ଟ ପ୍ରସଙ୍ଗରେ ଥିବା ତ୍ରୁଟି ଏବଂ ଅଭାବର ରିପୋର୍ଟ ଦାଖଲ କରିବ । ସିଏ ର ଧାରା 13.3.1 ଅନୁଯାୟୀ, କନସେସନେୟାର, ଆଇଇ ଦ୍ୱାରା ନିର୍ଦ୍ଦିଷ୍ଟ ହୋଇଥିବା ନମୁନା ସହ ଆଇଆର୍‌ସି ଦ୍ୱାରା ନିର୍ଦ୍ଧାରଣ ହୋଇଥିବା ମାନ ଅନୁଯାୟୀ ପରୀକ୍ଷଣ କରିବ ଯାହାର ମାତ୍ର 10 ପ୍ରତିଶତରୁ ଅଧିକ ହେବ ନାହିଁ । ଏହି ଧାରା ଅନୁଯାୟୀ କରାଯାଇଥିବା



ଫଟୋ ସଂଖ୍ୟା 12-ରାଉରକେଲା-ସମ୍ବଲପୁର ରାସ୍ତାର ଆର୍‌ଡି 38.240 କିମି ଠାରେ ଥିବା ଖାଲ

156 ଆର୍‌ଆଣ୍ଡ ବି ବିଭାଜନ, ବରଗଡ଼, ଖରିଆର ଏବଂ କଳାହାଣ୍ଡି

କୌଣସି ପରୀକ୍ଷଣର ଫଳାଫଳ ଯଦି ନିର୍ମାଣ କାର୍ଯ୍ୟରେ ତ୍ରୁଟି କିମ୍ବା ଅଭାବ ଥିବା ଦର୍ଶାଏ, ତେବେ କନସେସ୍‌ନେୟାର ପ୍ରତିକାର ବ୍ୟବସ୍ଥା ବାହାର କରିବେ ଏବଂ ଆଇଇଙ୍କୁ ଏହି ସମ୍ବନ୍ଧରେ ଏକ ରିପୋର୍ଟ ପ୍ରଦାନ କରିବେ ।

ଅଡିଟ୍‌ରେ ରେକର୍ଡଗୁଡ଼ିକର ଯାଞ୍ଚରୁ ଜଣାପଡ଼ିଲା ଯେ ଯଦିଓ କନସେସ ନେୟାର ନଭେମ୍ବର 2013 ରେ କାର୍ଯ୍ୟ ଆରମ୍ଭ କରିଥିଲେ, ତେବେ ଆଇଇ ଏକ ବର୍ଷ ତିନି ମାସ ପରେ ଫେବୃଆରୀ 2015 ରେ ନିଯୁକ୍ତ ହୋଇଥିଲେ । ଏହି ଅବଧି ମଧ୍ୟରେ ଆଇଇଙ୍କ ଅନୁପସ୍ଥିତିରେ କୌଣସି ବିଭାଗୀୟ ଇଞ୍ଜିନିୟରଙ୍କ ଦ୍ୱାରା ସେପରି କୌଣସି ପରୀକ୍ଷଣ କରାଯାଇ ନଥିଲା ।

ରାସ୍ତାର ଜେପିଆଇରେ (ସେପ୍ଟେମ୍ବର 2021) ଦେଖାଗଲା ଯେ, ରାଉରକେଲା-ସମ୍ବଲପୁର ରାସ୍ତାର କରମଡିହି ସରକାରୀ ଉଚ୍ଚ ବିଦ୍ୟାଳୟ ନିକଟରେ ଫ୍ଲାଇଓଭର ପାର୍ଶ୍ୱରେ ଅନେକ ଗୁଡ଼ିଏ ଖାଲ ଓ ପାଣି ଜମା ହୋଇରହିଥିଲା । ଏହା ବ୍ୟତୀତ ଡିପିଆର ଅନୁଯାୟୀ ମାଟି ବନ୍ଧର ରକ୍ଷଣାବେକ୍ଷଣ ହୋଇନଥିଲା ଏବଂ ସମସ୍ତ ରାସ୍ତାକଡ଼ ତୃଣ ଦ୍ୱାରା ଆଚ୍ଛାଦିତ ଥିଲା । ସେହିପରି, ଆଇଇ ଦ୍ୱାରା ଫେବୃଆରୀ 2016 ରୁ ଜୁଲାଇ 2016 ତିନି ମାସ ପାଇଁ ଦାଖଲ ହୋଇଥିବା ପରୀକ୍ଷଣ ରିପୋର୍ଟରୁ ଜଣାଗଲା ଯେ କରାଯାଇଥିବା କାର୍ଯ୍ୟଗୁଡ଼ିକର 4,708 ଟି ପରୀକ୍ଷଣ ମଧ୍ୟରୁ 1,261 ପରୀକ୍ଷଣ (27 ପ୍ରତିଶତ)ର ଫଳାଫଳ, କାର୍ଯ୍ୟରେ ତ୍ରୁଟି ଥିବା ଦର୍ଶାଯାଇଥିଲା । କିନ୍ତୁ, କନ୍‌ସେସନେୟାର ଦ୍ୱାରା ତ୍ରୁଟି ସଂଶୋଧନର କୌଣସି ରିପୋର୍ଟ ବିଭାଗକୁ ଦାଖଲ କରାଯାଇ ନାହିଁ ଯାହା ପିପିପି ପ୍ରକଳ୍ପର ଗୁଣାତ୍ମକ ପର୍ଯ୍ୟାଲୋଚନାରେ ବିଭାଗର ବିଫଳତାକୁ ଦର୍ଶାଇଲା ।

ବାସ୍ତବିକ ସ୍ଥିତିକୁ ସ୍ୱୀକାର କରି ସରକାର ଦର୍ଶାଇଲେ (ମାର୍ଚ୍ଚ 2022) ଯେ ଅଡିଟ୍ ମତାମତକୁ ନୋଟ୍ କରାଗଲା ଏବଂ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ । କିନ୍ତୁ, ପ୍ରକୃତ କଥା ହେଉଛି ଯେ ରାସ୍ତାର ରକ୍ଷଣାବେକ୍ଷଣ କାର୍ଯ୍ୟ କନ୍‌ସେସନେୟାରଙ୍କ ଦ୍ୱାରା କରାଯାଇ ନଥିଲା, ଯାହାଫଳରେ ଜନସାଧାରଣଙ୍କ ପାଇଁ ଅସୁବିଧା ସୃଷ୍ଟି ହୋଇଥିଲା ।

### 5.8.1.3 ସୁରକ୍ଷା ବ୍ୟବସ୍ଥା ପ୍ରଦାନ କରା ନଯିବା

#### (i) ମାନକ ଟ୍ରାଫିକ୍ ସହାୟତା ପୋଷ୍ଟର ନିର୍ମାଣ ନହେବା

ସିଏ ର ଧାରା 20.1 ରୁ 20.4 ନିର୍ଦ୍ଧାରଣ କରିଛି ଯେ (i) ପ୍ରଯୁଜ୍ୟ ନିୟମ ଅନୁଯାୟୀ ପ୍ରକଳ୍ପ ରାଜପଥରେ କନ୍‌ସେସନେୟାର ସୁରକ୍ଷା ବ୍ୟବସ୍ଥା ଲାଗୁ କରିବ ଏବଂ ତାହା ରାଜ୍ୟ କର୍ତ୍ତୃପକ୍ଷଙ୍କ ତତ୍ତ୍ୱାବଧାନ ଏବଂ ନିୟନ୍ତ୍ରଣରେ ରହିବ. (ii) ପ୍ରତ୍ୟେକ ଟୋଲ ପ୍ଲାଜାରେ ଟ୍ରାଫିକ୍ ସହାୟତା ପୋଷ୍ଟ ନିର୍ମାଣ ହେବ ଏବଂ ଗୋଟିଏ 25 ବର୍ଗ ମିଟରର କୋଠା ସରକାରଙ୍କୁ ହସ୍ତାନ୍ତର କରାଯିବା ଉଚିତ୍ । ଅଧିକନ୍ତୁ, (iii) କନ୍‌ସେସ୍‌ନେୟାର ନିଜ ଖର୍ଚ୍ଚରେ ଦିବାରାତ୍ର ପେଟ୍ରୋଲିଂ କରିବା ପାଇଁ ଗାଡ଼ି ଚାଳକ ସହ ଗୋଟିଏ ଗାଡ଼ି ପ୍ରଦାନ କରିବେ । ଏହି ପ୍ରକଳ୍ପ ମୂଲ୍ୟରେ ରାଜପଥ ଟ୍ରାଫିକ୍ ମ୍ୟାନେଜମେଣ୍ଟ୍ ସିଷ୍ଟମ ପାଇଁ 30 କୋଟି ଟଙ୍କା ପ୍ରଦାନ କରାଯାଇଥିଲା ।

ମିଳିତ ସରଜମିନ୍ ତଦନ୍ତ (ସେପ୍ଟେମ୍ବର 2021) ସମୟରେ ଏହା ଲକ୍ଷ୍ୟ କରାଯାଇଥିଲା ଯେ ଆର୍‌ଡି 17.025 କି.ମି ଏବଂ 71.853 କି.ମିରେ ଥିବା ଟୋଲ୍ ପ୍ଲାଜାରେ ଟ୍ରାଫିକ୍ ସହାୟତା ପୋଷ୍ଟ କୋଠାଗୁଡ଼ିକ ସିଏ ରେ ଧାର୍ଯ୍ୟ ହୋଇଥିବା 25 ବର୍ଗ ମିଟର ତୁଳନାରେ ପାଞ୍ଚ ବର୍ଗ ମିଟରର ଭିତ୍ତିଭୂମି କ୍ଷେତ୍ରରେ ନିର୍ମାଣ କରାଯାଇଥିଲା । ଏହାଛଡ଼ା ଦିବାରାତ୍ର ପେଟ୍ରୋଲିଂ ପାଇଁ କୌଣସି ଗାଡ଼ି ନଥିଲା । ଏଥିରୁ ଜଣାଗଲା ଯେ ସିଏ ରେ ଧାର୍ଯ୍ୟ କରାଯାଇଥିବା ଟ୍ରାଫିକ୍ ସୁରକ୍ଷା ବ୍ୟବସ୍ଥା ସହ ଜଡ଼ିତ ସର୍ତ୍ତାବଳୀ ଏବଂ ସର୍ତ୍ତ ଗୁଡ଼ିକର ଅନୁପାଳନ ଉପରେ ବିଭାଗ ବିଫଳ ହୋଇଥିଲେ । ଏହାଦ୍ୱାରା କନ୍‌ସେସ୍‌ନେୟାରଙ୍କୁ ଅନୁଚିତ ଲାଭ ହୋଇଥିଲା ।

ବାସ୍ତବିକ ସ୍ଥିତିକୁ ସ୍ୱୀକାର କରି ସରକାର ବ୍ୟକ୍ତ କଲେ (ମାର୍ଚ୍ଚ 2022) ଯେ ଅଡିଟ୍‌ର ମତାମତକୁ ନୋଟ୍ କରାଗଲା ଏବଂ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ।

### (ii) ଚିକିତ୍ସା ସହାୟତା ପୋଷ୍ଟର ନିର୍ମାଣ ନହେବା

ସିଏର ଧାରା 21.1 ଏବଂ 21.2 ଅନୁଯାୟୀ କାର୍ଯ୍ୟ ସମ୍ପାଦନ ସମୟରେ ଚିକିତ୍ସା ସହାୟତା ପାଇଁ ଟୋଲ୍ ପ୍ଲାଜାରେ କନ୍‌ସେସନେୟାର ଗୋଟିଏ ମେଡିକାଲ୍ ସହାୟତା ପୋଷ୍ଟ ନିର୍ମାଣ କରିବା ଉଚିତ୍ ଏବଂ ଗୋଟିଏ ଆମ୍ବୁଲାନ୍ସ ଯୋଗାଇ ଦେବେ । ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ନିୟମ ଅନୁଯାୟୀ କନ୍‌ସସନେୟାର ଉକ୍ତ କୋଠା ନିର୍ମାଣ କରିବେ ଏବଂ ପ୍ରତ୍ୟେକ ଟୋଲ ପ୍ଲାଜାରେ ଦୁଇଟି ଆବାସିକ କୋଠା ନିର୍ମାଣ କରିବେ ।

ପିପିପି ପ୍ରକଳ୍ପର ଆର୍‌ଡି 17.025 କି.ମି ଏବଂ 71.853 କି.ମିର ମିଳିତ ସରଜମିନ ତଦନ୍ତ (ସେପ୍ଟେମ୍ବର 2021) ସମୟରେ ଦେଖାଗଲା ଯେ ପ୍ଲାଜାର ପ୍ରବେଶ ପଥରେ ଚିକିତ୍ସା ସହାୟତା ପୋଷ୍ଟ ଲେଖା ଯାଇ ଛୋଟ କୋଠରୀଗୁଡ଼ିକ ନିର୍ମାଣ କରାଯାଇଛି । କିନ୍ତୁ, ସେଠାରେ ପ୍ରାଥମିକ ଚିକିତ୍ସା ସାମଗ୍ରୀ କିମ୍ବା ଚିକିତ୍ସା ସହାୟତା ପରିଚାଳକ ଉପଲବ୍ଧ ନଥିଲେ । ଏତଦ୍ ବ୍ୟତୀତ, ଚିକିତ୍ସା ସହାୟତା କର୍ମଚାରୀଙ୍କ ପାଇଁ କୌଣସି ଆବାସିକ କୋଠା ନିର୍ମାଣ କରାଯାଇ ନଥିଲା ଯାହାକି ସିଏ ରେ ଧାର୍ଯ୍ୟ କରାଯାଇଥିଲା । ତେଣୁ, ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ସଠିକ୍ ପର୍ଯ୍ୟାଲୋଚନାର ଅବହେଳା ହେତୁ କୌଣସି ଟୋଲ୍ ପ୍ଲାଜାରେ ସ୍ୱାସ୍ଥ୍ୟ ସହାୟତା କେନ୍ଦ୍ର କନ୍‌ସେସନେୟାରଙ୍କ ଦ୍ୱାରା ନିର୍ମାଣ କରାଯାଇନଥିଲା, ଯାହାଫଳରେ ଅସୁବିଧା ସମୟରେ ଚିକିତ୍ସା ସହାୟତାରୁ ବଞ୍ଚିତ ହେଉଥିଲେ ।

ବାସ୍ତବ ସ୍ଥିତିକୁ ସ୍ୱୀକାର କରି ସରକାର ଦର୍ଶାଇଲେ (ମାର୍ଚ୍ଚ 2022) ଯେ ଅଡିଟ୍‌ର ମତାମତକୁ ନୋଟ୍ କରାଗଲା ଏବଂ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ।

### (iii) ଟୋଲ୍ ପ୍ଲାଜାରେ ଫାଷ୍ଟଟ୍ୟାଗ୍‌ର ବ୍ୟବସ୍ଥା ନହେବା

ଆଇଆର୍‌ସି: ଏସ୍‌ପି-84-2014 ମାର୍ଗଦର୍ଶିକା ର ଅନୁଚ୍ଛେଦ 10.4.10 ଅନୁଯାୟୀ, ଚାରି ଲେନ୍ ବିଶିଷ୍ଟ ରାସ୍ତାରେ, କନ୍‌ସେସନେୟାର, ନିଜ ଖର୍ଚ୍ଚରେ ଚାରି ଟୋଲ୍ ଲେନରେ ଇଲେକ୍ଟ୍ରୋନିକ୍ ଟୋଲ୍ କଲେକ୍ସନ୍ (ଇଟିସି) ର ବ୍ୟବସ୍ଥା କରିବା ଉଚିତ୍ । ଟୋଲ୍ ପ୍ଲାଜାମାନଙ୍କରେ ଟ୍ରାଫିକ୍ ସମସ୍ୟାକୁ ହ୍ରାସ କରିବା ପାଇଁ ଭାରତ ସରକର ଜାନୁଆରୀ 2020 ରେ ସମସ୍ତ ଟୋଲ୍ ପ୍ଲାଜାରେ ଫାଷ୍ଟଟ୍ୟାଗ୍ ପ୍ରବର୍ତ୍ତନ କରିଥିଲେ ଯାହାଦ୍ୱାରା ବିନା ଅବରୋଧରେ ନିରନ୍ତର ଟ୍ରାଫିକ୍ ପ୍ରବାହ ହୋଇପାରିବ । ଆଇଆର୍‌ସି ରେ ଏଭଳି ବ୍ୟବସ୍ଥା ଥିବା ସତ୍ତ୍ୱେ କନ୍‌ସସନେୟାର ଇଲେକ୍ଟ୍ରୋନିକ୍ ଟୋଲ୍ କଲେକ୍ସନ ସିଷ୍ଟମ (ଫାଷ୍ଟଟ୍ୟାଗ୍) ବ୍ୟବସ୍ଥା କରିନଥିଲେ, ଫଳସ୍ୱରୁପ, ଟିକସଦାତାମାନେ ଟୋଲ୍ ପ୍ଲାଜାରେ ନିରନ୍ତର ଟ୍ରାଫିକ୍ ପ୍ରବାହରୁ ବଞ୍ଚିତ ହୋଇଥିଲେ ଯାହା ରାସ୍ତାକୁ ପିପିପି ମୋଡ ଅନ୍ତର୍ଗତ ଚାରି ଲେନ୍ ବିଶିଷ୍ଟ ରାସ୍ତାରେ ଉନ୍ନତିକରଣର ଉଦ୍ଦେଶ୍ୟକୁ ପରାଜିତ କରିଥିଲା ।

ଏହା ଲକ୍ଷ୍ୟ କରାଯାଇଥିଲା ଯେ ସମସ୍ତ ତିନୋଟି ଟୋଲ୍ ପ୍ଲାଜାରେ କୌଣସି ଫାଷ୍ଟଟ୍ୟାଗ୍ ସିଷ୍ଟମର ପ୍ରଚଳନ କରାଯାଇ ନଥିଲା (ଅକ୍ଟୋବର 2021) । କିନ୍ତୁ, ଫାଷ୍ଟଟ୍ୟାଗ୍ ସଂସ୍ଥାପନ ପାଇଁ, କନ୍‌ସେସନେୟାର ସିଓଏସ୍ ଅଧୀନରେ 1.45 କୋଟି ଟଙ୍କା ଦାବି କରିଥିଲା (ଫେବୃଆରୀ 2021) ଯାହା ଅବାଞ୍ଛିତ ଥିଲା ।
ବାସ୍ତବିକ ସ୍ଥିତିକୁ ସ୍ୱୀକାର କରି ସରକାର ଦର୍ଶାଇଲେ (ମାର୍ଚ୍ଚ 2022) ଯେ ଅଡିଟ୍‌ର ମତାମତକୁ ନୋଟ୍ କରାଗଲା ଏବଂ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ।

## 5.8.1.4 ରାସ୍ତାର ରକ୍ଷଣାବେକ୍ଷଣ ସମୟରେ କାର୍ଯ୍ୟର ପର୍ଯ୍ୟାଲୋଚନା ନହେବା

ଚୁକ୍ତିନାମାର ସର୍ତ୍ତ ଅନୁଯାୟୀ, ପିପିପି ପ୍ରକଳ୍ପର ସମାପନ ତାରିଖ ମଧ୍ୟରେ ସିଓଏସ୍ କାର୍ଯ୍ୟ ସମାପ୍ତ ହେବା ଉଚିତ୍ । ତିନି ବର୍ଷରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ସିଓଏସ୍ କାର୍ଯ୍ୟ ସମାପ୍ତ ହୋଇପାରି ନଥିଲା । ଏହା ଲକ୍ଷ୍ୟ କରାଯାଇଥିଲା ଯେ ସିଓଏସ୍ କାର୍ଯ୍ୟ ଗୁଡ଼ିକର ସମାପନ ପାଇଁ ଠିକାଦାରଙ୍କ ସହିତ କୌଣସି ପର୍ଯ୍ୟାଲୋଚନା ସଭା ଅନୁଷ୍ଠିତ ହୋଇନଥିଲା । କାର୍ଯ୍ୟାଦେଶରେ ଜୋରିମାନା ଆଦାୟ ପାଇଁ କୌଣସି ଧାରା ନ ଥିବାରୁ କନ୍‌ସେସ୍‌ନେୟାର କାର୍ଯ୍ୟଗୁଡ଼ିକୁ ଠିକ୍ ସମୟରେ କରିନଥିଲେ । ଆହୁରି ମଧ୍ୟ, ଆଇଇ, ବିଭାଗକୁ ଅପ୍ରେଲ 2021 ର ମାସିକ ରିପୋର୍ଟ ଦାଖଲ କରିଥିଲା । ଏହି ରିପୋର୍ଟରେ ବିଭିନ୍ନ ସ୍ଥାନରେ ଥିବା 54ଟି ତ୍ରୁଟିପୂର୍ଣ୍ଣ/ କ୍ଷତିଗ୍ରସ୍ତ ରାସ୍ତାର ମରାମତି ଏବଂ ରକ୍ଷଣାବେକ୍ଷଣ ପାଇଁ ସୁପାରିଶ ଦାଖଲ କରିଥିଲେ । କିନ୍ତୁ, ରାସ୍ତାର ମରାମତି ପାଇଁ ବିଭାଗ ଦ୍ୱାରା 168.02 କୋଟି ଟଙ୍କାର ଭିଜିଏଫ୍ ପଇଠ ହେବା ସତ୍ତ୍ୱେ ଏହି ପ୍ୟାଚ୍ ଗୁଡ଼ିକୁ କନ୍‌ସେସନେୟାର ମରାମତି

କରିନଥିଲେ । ଏହିପରି, ଚୁକ୍ତିନାମାରେ ଉଲ୍ଲେଖ ଥାଇ ସୁଦ୍ଧା କନ୍‌ସେସନେୟାର ରକ୍ଷଣାବେକ୍ଷଣ କାର୍ଯ୍ୟ କରି ନଥିବା ସତ୍ତ୍ୱେ ବିଭାଜନ, ଅର୍ଥ ପ୍ରଦାନ କରିଥିଲେ ଯାହାଫଳରେ ତାଙ୍କୁ ଅନୁଚିତ୍ ଲାଭ ମିଳିଥିଲା ।



ଫଟୋ ସଂଖ୍ୟା 13-ସମ୍ବଲପୁର-ରାଉରକେଲା ରାସ୍ତାର ଆର୍‌ଡି **22.6** କି.ମି



ଫଟୋ ସଂଖ୍ୟା 14-ଆର୍‌ଡି **73.300** ଠାରେ ବିସିରେ ଥିବା ଫାଟ

ଶ୍ୟାମ ମେଟାଲିକ୍ସ, ଝାରସୁଗୁଡ଼ା ଠାରେ ଥିବା ଓଭର ବ୍ରିଜର ମିଳିତ ସରଜମିନ ତଦନ୍ତ (ସେପ୍ଟେମ୍ବର 2021) ସମୟରେ ଲକ୍ଷ୍ୟ କରାଯାଇଥିଲା ଯେ କନ୍‌ସେସ୍‌ନେୟାର ଦ୍ୱାରା ରକ୍ଷଣାବେକ୍ଷଣ ନହେବା କାରଣରୁ ରାସ୍ତାରେ ଫାଟ ସୃଷ୍ଟି ହୋଇଥିଲା । ଏହା ବ୍ୟତୀତ, ମାର୍ଚ୍ଚ 2021 ର ଆଇଇ ଦ୍ୱାରା ମାସିକ ରିପୋର୍ଟରେ ସୂଚିତ ହୋଇଥିବା ତ୍ରୁଟିଗୁଡ଼ିକ ଏପର୍ଯ୍ୟନ୍ତ ରହିଥିଲା । ରାସ୍ତା କାର୍ଯ୍ୟ ସମାପ୍ତ ହେବାର ତିନି ବର୍ଷ ମଧ୍ୟରେ ରାସ୍ତାରେ ଅନେକଗୁଡ଼ିଏ ରୁଟିଙ୍ଗ୍, ଫାଟ ଏବଂ ଖାଲ ହୋଇଥିଲା ଯାହା ଖରାପ କାର୍ଯ୍ୟକୁ ଦର୍ଶାଉଅଛି । ରାସ୍ତାର ରକ୍ଷଣାବେକ୍ଷଣ ଅବହେଳା ପାଇଁ ବିଭାଗ କନ୍‌ସେସନେୟାର ବିରୁଦ୍ଧରେ କୌଣସି ପଦକ୍ଷେପ ନେଇ ନଥିଲେ ।

ଏସ୍‌ଇ ଦର୍ଶାଇଲେ (ସେପ୍ଟେମ୍ବର 2021) ଯେ କନ୍‌ସେସ୍‌ନେୟାରଙ୍କ ତରଫରୁ ଚୁକ୍ତିନାମା ପରିଚାଳନା ପାଇଁ ଆଇଇ ନିଯୁକ୍ତ ହୋଇଛନ୍ତି ଏବଂ ନୋଡାଲ୍ ଅଫିସର ଏକ୍ସପ୍ରେସ୍ ୱେ ଉପରେ ନଜର ରଖିଛନ୍ତି ଏବଂ ଧାରା 25.3.2 ଅନୁଯାୟୀ ଭିଜିଏଫ୍ ଦିଆଯାଇଛି । ଏହି ଉତ୍ତର ଗ୍ରହଣୀୟ ନୁହେଁ ଯେହେତୁ କନ୍‌ସେସ୍‌ନେୟାରଙ୍କ ଦ୍ୱାରା ସିଏ ଅଧୀନରେ ଥିବା ଆବଶ୍ୟକତା ଅନୁଯାୟୀ ରାସ୍ତା ରକ୍ଷଣାବେକ୍ଷଣ କରାଯାଇନଥିଲା ଯାହା ଫଟୋଗ୍ରାଫରେ ଦେଖାଯାଇଅଛି । ଏହା ବ୍ୟତୀତ, ଆଇଇଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟ ପ୍ରାପ୍ତ ହେବା ପରେ ବିଭାଗ, କନ୍‌ସେସ୍‌ନେୟାରଙ୍କୁ, ରକ୍ଷଣାବେକ୍ଷଣ ପାଇଁ କୌଣସି ନିର୍ଦ୍ଦେଶ ଦେଇନଥିଲେ । ଏହା ଦର୍ଶାଇଲା ଯେ କାର୍ଯ୍ୟର ରକ୍ଷଣାବେକ୍ଷଣର ପର୍ଯ୍ୟାଲୋଚନାରେ ତ୍ରୁଟି ଥିଲା ।

### 5.8.2 ସୋହେଲା-ଆମପାଣି ରାସ୍ତାର ତଦାରଖ ଏବଂ ଗୁଣାତ୍ମକ ପର୍ଯ୍ୟାଲୋଚନା

ଓଡ଼ିଶା ସରକାର, ପ୍ରାଧିକରଣ ଇଞ୍ଜିନିୟରଙ୍କ[157] ଦ୍ୱାରା ଇପିସି ଚୁକ୍ତିନାମାର ତଦାରଖ ପାଇଁ ସ୍ଥିର କରିଥିଲେ ଏବଂ ଶତକଡ଼ା ହାର ଚୁକ୍ତିନାମାର[158] (P1) କାର୍ଯ୍ୟ ତଦାରଖ, ପରାମର୍ଶଦାତା ଓ ବିଭାଗୀୟ ଇଞ୍ଜିନିୟରଙ୍କ ମାଧ୍ୟମରେ କରିବା ପାଇଁ ନିଷ୍ପତ୍ତି ନେଇଥିଲେ । P1 ଅଧିନରେ କାର୍ଯ୍ୟକାରୀ ବିଇଡବ୍ଲୁ ର ତଦାରଖ ଏବଂ ଗୁଣାତ୍ମକ ପର୍ଯ୍ୟାଲୋଚନା ପାଇଁ ଅକ୍ଟୋବର 2016 ରୁ ଅଗଷ୍ଟ 2018 ମଧ୍ୟରେ ଜଣେ ପରାମର୍ଶଦାତାଙ୍କୁ ତିନିଟି ପ୍ୟାକେଜରେ ନିୟୋଜିତ କରାଯାଇଥିଲା, ଯାହା ନିମ୍ନ **ସାରଣୀ ସଂଖ୍ୟା 5.6** ରେ ବର୍ଣ୍ଣନା କରାଯାଇଛି:

**ସାରଣୀ ସଂଖ୍ୟା 5.6: ପରାମର୍ଶଦାତାଙ୍କ ନିୟୋଜନ ଦର୍ଶାଇଥିବା ବିବରଣୀ**

| କ୍ର.ସଂ. | ପର୍ଯ୍ୟାୟ | କାର୍ଯ୍ୟର ବିବରଣୀ | କାର୍ଯ୍ୟର ଆରମ୍ଭ/ଶେଷ ତାରିଖ | ଦେୟ ପ୍ରଦାନ (କୋଟି ଟଙ୍କାରେ) |
|---|---|---|---|---|
| 1 | ପ୍ୟାକେଜ୍-I | ବିଜୁ ଏକ୍ସପ୍ରେସ ୱେ ଅଧୀନରେ ଥିବା ବ୍ରିଜ୍, ମାଇନର ବ୍ରିଜ୍ ଏବଂ ଦୁଇ ଲେନ୍ ଲମ୍ବ ବିଶିଷ୍ଟ 235.91 କିଲୋମିଟରର ପ୍ରଶସ୍ତିକରଣ ଏବଂ | 14.10.2016 / 13.10.2021 | 8.13 |

[157] କାର୍ଯ୍ୟର ଡିଜାଇନ୍, ମାପ ଏବଂ ଗୁଣାତ୍ମକ ପରୀକ୍ଷା ସହିତ କାର୍ଯ୍ୟର ତଦାରଖ କରିବା ଏବଂ ଦେୟ ପାଇଁ ବିଲ୍ ଦାଖଲ କରିବାକୁ ବିଭାଗ ଦ୍ୱାରା ପ୍ରାଧୀକୃତ ଯନ୍ତ୍ରୀ (ଏଇ) ନିଯୁକ୍ତ ହୋଇଥାନ୍ତି । କାର୍ଯ୍ୟରେ କୌଣସି ତ୍ରୁଟି ପାଇଁ ସେ ଦାୟୀ ରୁହନ୍ତି ।

[158] ଶତକଡ଼ା ଚୁକ୍ତି ଯେଉଁଠାରେ ଠିକାଦାର କାର୍ଯ୍ୟର ସାମଗ୍ରିକ ମୂଲ୍ୟ ଉପରେ ଅଧିକ କିମ୍ବା କମ୍ ଶତକଡ଼ା ଉଦ୍ଧୃତ କରିବେ ।

| | | | | |
|---|---|---|---|---|
| | | ଉନ୍ନତିକରଣ ସହିତ ସୋହେଲା ଠାରୁ ନୂଆପଡ଼ା ପର୍ଯ୍ୟନ୍ତ 0/000 ରୁ 117/955 କି.ମି ପର୍ଯ୍ୟନ୍ତ ବିଦ୍ୟମାନ ରାସ୍ତାକୁ ଚାରି ଲେନ୍ ବିଶିଷ୍ଟ ରାସ୍ତାରେ ଉନ୍ନତିକରଣର ତଦାରଖ ପରାମର୍ଶଦାତା | | |
| 2 | ପ୍ୟାକେଜ୍-II | ନୂଆପଡ଼ା ଜିଲ୍ଲାର ସିନାପାଲି-ଘାଟିପଡ଼ା ରାସ୍ତାର 49/090 ରୁ 92/674 କିଲୋମିଟର (43.58 କିଲୋମିଟର) ଏବଂ କଳାହାଣ୍ଡି ଜିଲ୍ଲାରେ ଆମପାଣି-ଧର୍ମଗଡ଼ ରାସ୍ତାର 0/000 ରୁ 11/812 ଓ 28/855 ରୁ 41/305 କିଲୋମିଟର (24.262 କିଲୋମିଟର) ର ତଦାରଖ ପରାମର୍ଶଦାତା | 15.07.2017 / 14.04.2019 | 3.02 |
| 3 | ପ୍ୟାକେଜ୍-III | ସିନାପାଲି-ଘାଟିପଡ଼ା ରାସ୍ତାର 00/000 ରୁ 49/090 କିଲୋମିଟର (49.09 କିଲୋମିଟର) ସହ ଇନ୍ଦ୍ର ବ୍ରିଜ୍, ଧର୍ମଗଡ଼-ସିନାପାଲି ରାସ୍ତାର 0/00 ରୁ 16/05 କିଲୋମିଟର (16.05 କିଲୋମିଟର) ଓ 25/00 ରୁ 41/90 କିଲୋମିଟର (16.90 କିଲୋମିଟର) ସହ ତେଲ ବ୍ରିଜର ତଦାରଖ ଏବଂ କଳାହାଣ୍ଡି ଜିଲ୍ଲାର ଆମପାଣି-ଧର୍ମଗଡ଼ ରାସ୍ତାର 11/81 ରୁ 28/86 କିଲୋମିଟର (17.05 କିଲୋମିଟର) ର ପ୍ରଶସ୍ତିକରଣ ଏବଂ ସୁଦୃଢ଼ୀକରଣ ପାଇଁ ତଦାରଖ ପରାମର୍ଶଦାତା | 02.08.2018 / 01.07.2020 | 3.41 |

***(ଉତ୍ସ: ସମୀକ୍ଷା ଦ୍ୱାରା ସଂଗୃହୀତ ସୂଚନା)***



ଫଟୋ ସଂଖ୍ୟା 15-ଘାଟିପଡ଼ା-ଆମପାଣି ରାସ୍ତାର ଆର୍‌ଡି **137.64** କିମି ଠାରେ କରାଯାଇଥିବା ପ୍ୟାଚ୍ କାର୍ଯ୍ୟ

ପ୍ୟାକେଜ୍-I ରେ, 117.96 କିଲୋମିଟର ରାସ୍ତା ପାଇଁ ତ୍ରୁଟି ଦାୟିତ୍ୱର ଅବଧି ଅନ୍ତର୍ଭୁକ୍ତ କରି ପାଞ୍ଚ ବର୍ଷ ପାଇଁ ଚୁକ୍ତିନାମା କରାଯାଇଥିଲା । ଯଦିଓ ଚୁକ୍ତିନାମା ସମାପ୍ତି ସମୟ ଅକ୍ଟୋବର 2021 ଥିଲା, ପରାମର୍ଶଦାତା ଚୁକ୍ତିଭିତ୍ତିକ ଅବଧି ମଧ୍ୟରେ କାର୍ଯ୍ୟ ଶେଷ ନକରି ବିଭିନ୍ନ ରାସ୍ତା କାର୍ଯ୍ୟକୁ ବିଭିନ୍ନ ଏଜେନ୍ସୀ ଦ୍ୱାରା ନିଷ୍ପାଦିତ କରାଯାଉଥିବା ଆଳ ଦେଖାଇ ଅକ୍ଟୋବର 2020 ରେ କାର୍ଯ୍ୟ ଛାଡ଼ି ଦେଇଥିଲା । କିନ୍ତୁ, ପରାମର୍ଶଦାତାଙ୍କ ଠାରୁ ଅବଶିଷ୍ଟ କାର୍ଯ୍ୟର 10 ପ୍ରତିଶତ ହାରରେ ଜୋରିମାନାର ମୂଲ୍ୟାଙ୍କନ କରାଯାଇ ନଥିଲା କିମ୍ବା ଅସୁଲ କରାଯାଇ ନଥିଲା ।

ଅନ୍ୟ ଦୁଇଟି ପ୍ୟାକେଜରେ କେବଳ 167 କିଲୋମିଟର ରାସ୍ତା ନିର୍ମାଣ ଅବଧି ପାଇଁ ତଦାରଖ ପରାମର୍ଶଦାତା ନିୟୋଜିତ ହୋଇଥିଲେ । ଦ୍ୱିତୀୟ ପ୍ୟାକେଜରେ, ଯଦିଓ ପରାମର୍ଶ ଅବଧି ସମାପ୍ତ ହୋଇଥିଲା କିନ୍ତୁ ଅଧିକାଂଶ ରାସ୍ତା କାର୍ଯ୍ୟ ସମାପ୍ତ ହୋଇନଥିଲା । ଏହା ବ୍ୟତୀତ, 18 କିଲୋମିଟର ରାସ୍ତାର କାର୍ଯ୍ୟ, ମୁଦ୍ରା ନଦୀ ଏବଂ ତେଲ ନଦୀ ଉପରେ ଦୁଇଟି ସେତୁ ପାଇଁ ପରାମର୍ଶଦାତା କୌଣସି ପରାମର୍ଶ ସେବା ପ୍ରଦାନ କରିନଥିଲେ । ପରାମର୍ଶଦାତା ନିଯୁକ୍ତ ନହେବା ସତ୍ତ୍ୱେ, ବିଭାଗୀୟ ଇଞ୍ଜିନିୟରମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟ ଚାଲିଥିଲା । ତେଣୁ, P1 ଚୁକ୍ତିଭିତ୍ତିକ କାର୍ଯ୍ୟର ତଦାରଖ ପାଇଁ ପରାମର୍ଶଦାତାଙ୍କ ନିଯୁକ୍ତି ଅବାଞ୍ଛିତ ଥିଲା ଏବଂ ସେଥିପାଇଁ 14.56 କୋଟି ଟଙ୍କାର ପରିହାର୍ଯ୍ୟ ବ୍ୟୟ ହୋଇଥିଲା ।

ନଭେମ୍ବର ଓ ଡିସେମ୍ବର 2021 ମଧ୍ୟରେ ରାସ୍ତା ଗୁଡ଼ିକର ତିନୋଟି ମିଳିତ ସରଜମିନ ତଦନ୍ତ ସମୟରେ ନିମ୍ନଲିଖିତ ତ୍ରୁଟିଗୁଡ଼ିକ ଲକ୍ଷ୍ୟ କରାଯାଇଥିଲା ।

➢ ଏହା ଲକ୍ଷ୍ୟ କରାଯାଇଥିଲା ଯେ ଦୁଇ ଲେନ୍ ରାସ୍ତାର ଆର୍‌ଡି 0.0 ରୁ 11.81 କିଲୋମିଟର (ଆର୍‌ଡି 104.65 ରୁ 140 କିଲୋମିଟର ପର୍ଯ୍ୟନ୍ତ ନୂତନ ଚାରି ଲେନ୍ ରାସ୍ତା) ର ଏକ ପ୍ୟାଚ୍‌ରେ ଯଦିଓ ରାସ୍ତାର ସର୍ବ ସମୟ ଅବଧି 15 ବର୍ଷ ଥିଲା ଏହାର ପିଚୁ କାର୍ଯ୍ୟ ନିକୃଷ୍ଟ ମାନର ହୋଇଥିବାରୁ ସେହି ଅଂଶରେ ଠିକାଦାର ପିଚୁ କାମ କରିଥିଲା ଯାହା ସୂଚାଇଲା ଯେ ବିଭାଗ କାର୍ଯ୍ୟକୁ ସଠିକ୍ ଭାବରେ ପର୍ଯ୍ୟାଲୋଚନା କରିନଥିଲେ ।

➢ ଯଦିଓ ସୋହେଲା-ନୂଆପଡ଼ା ରାସ୍ତାର ସର୍ବ ସମୟ ଅବଧି 15 ବର୍ଷ ଥିଲା, ଆର୍‌ଡି 60 କିମିରୁ ଆର୍‌ଡି 80 କିମି ପର୍ଯ୍ୟନ୍ତ ରାସ୍ତା ଶୋଚନୀୟ ଅବସ୍ଥାରେ ଥିବା ଲକ୍ଷ୍ୟ କରାଯାଇଥିଲା । ଅଧିକନ୍ତୁ, ଗ୍ରେଡିଏଣ୍ଟ ସଠିକ୍ ନଥିବାରୁ ରାସ୍ତାଟି ସଠିକ୍ ଢାଲୁ ସହିତ ନିର୍ମାଣ କରାଯାଇ ନଥିଲା । ତେଣୁ, ପ୍ରକଳ୍ପର ଉପଯୁକ୍ତ ତଦାରଖ ସନ୍ଦେହପୂର୍ଣ୍ଣ ଥିଲା ।


ଫଟୋ ସଂଖ୍ୟା 16-ସୋହେଲା-ନୂଆପଡ଼ା ରାସ୍ତାର ଆର୍‌ଡି **65** କିମି

ବାସ୍ତବ ସ୍ଥିତିକୁ ସ୍ୱୀକାର କରି ସରକାର ଦର୍ଶାଇଲେ (ମାର୍ଚ୍ଚ 2022) ଯେ ଅଡିଟ୍‌ର ମତାମତକୁ ନୋଟ୍ କରାଗଲା ଏବଂ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ । ବାସ୍ତବରେ ବିଭାଗ କାର୍ଯ୍ୟର ସଠିକ୍ ତଦାରଖ ଏବଂ ମନିଟରିଂ କରିନଥିଲା ଯେଉଁଥିପାଇଁ ନିର୍ମାଣ ହେବାର 10 ରୁ 35 ମାସ ମଧ୍ୟରେ ରାସ୍ତାର ଅବସ୍ଥା ଖରାପ ହୋଇଯାଇଥିଲା ।

### 5.8.3 ନକ୍ସା ପ୍ରାପ୍ତିରେ ବିଳମ୍ବ ହେତୁ ସେତୁ କାମ ଅସମାପ୍ତ ରହିବା

ତିନୋଟି ସେତୁ ନିର୍ମାଣ କାର୍ଯ୍ୟକୁ ଜୁନ୍ 2019 ରୁ ଡିସେମ୍ବର 2021 ମଧ୍ୟରେ ସମାପ୍ତ ପାଇଁ 37.30 କୋଟି ଟଙ୍କାରେ ଡିସେମ୍ବର 2017 ରୁ ଜୁନ୍ 2020 ମଧ୍ୟରେ ପ୍ରଦାନ କରାଯାଇଥିଲା । ଡିସେମ୍ବର 2021 ପର୍ଯ୍ୟନ୍ତ କାର୍ଯ୍ୟ ସମାପ୍ତ ହୋଇନଥିଲା ଏବଂ ନକ୍ସାର କିଛି ଅଂଶ ପ୍ରାପ୍ତ ହେବା ପରେ ସେତୁ କାମ ପାଇଁ ଠିକାଦାରମାନଙ୍କୁ 24.04 କୋଟି ଟଙ୍କା ପ୍ରଦାନ କରାଯାଇଥିଲା । ଠିକାଦାରମାନେ ଚୁକ୍ତିଭିତ୍ତିକ ଅବଧି ମଧ୍ୟରେ କାର୍ଯ୍ୟ ସମାପ୍ତ କରିନଥିଲେ କିମ୍ବା ଚୁକ୍ତିଭିତ୍ତିକ ଅବଧି ବାହାରେ କାର୍ଯ୍ୟ କରିବା ପାଇଁ ଭଓଟି ଦରଖାସ୍ତ କରିନଥିଲେ । ଏସ୍‌ଇ, କାର୍ଯ୍ୟଗୁଡ଼ିକର ଅଗ୍ରଗତିକୁ ତ୍ୱରାନ୍ୱିତ କରିବାକୁ ଖିଲାପି ଏଜେନ୍ସିମାନଙ୍କୁ କୌଣସି କାରଣ ଦର୍ଶାଅ ନୋଟିସ୍ ଜାରି କରିନଥିଲେ । ସେତୁ ନିର୍ମାଣ କାର୍ଯ୍ୟ ଏକ ରୁ 31 ମାସ ପର୍ଯ୍ୟନ୍ତ ଅସାଧାରଣ ଭାବରେ ବିଳମ୍ବ ହୋଇଥିଲା । ତେଣୁ, ଉଚ୍ଚ ସ୍ତରରେ ତଦାରଖରେ ବିଫଳତା ହେତୁ ମାର୍ଚ୍ଚ 2020 ସୁଦ୍ଧା ବିଇଡବ୍ଲୁ ସମାପ୍ତି ହୋଇପାରି ନଥିଲା ।

ବାସ୍ତବ ସ୍ଥିତିକୁ ସ୍ୱୀକାର କରି ସରକାର ଦର୍ଶାଇଲେ (ମାର୍ଚ୍ଚ 2022) ଯେ ଅଡିଟ୍‌ର ମତାମତକୁ ନୋଟ୍ କରାଗଲା ଏବଂ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବ ।

## 5.9 ଉପସଂହାର

ଚାରି ଲେନ୍ ବିଶିଷ୍ଟ ବିଇଡବ୍ଲୁ ପ୍ରକଳ୍ପ ଏକ ବିସ୍ତୃତ ଆଧାରରେ ରୂପାୟନ କରାଯାଇ ନଥିଲା । ବିଭିନ୍ନ ଯୋଜନା ଅଧୀନରେ କାର୍ଯ୍ୟଗୁଡ଼ିକ ଖଣ୍ଡବିଖଣ୍ଡିତ ଭାବରେ କାର୍ଯ୍ୟକାରୀ କରାଯାଇଥିଲା ଏବଂ ରାଜ୍ୟ ସରକାର ଏହି ରାସ୍ତାଗୁଡ଼ିକୁ ବିଇଡବ୍ଲୁ ପ୍ରକଳ୍ପରେ ଅନ୍ତର୍ଭୁକ୍ତ କରିବା ପାଇଁ ଚେଷ୍ଟା କରିଥିଲେ । ଏହି କାରଣରୁ, ଜମି ଅଧିଗ୍ରହଣ, ରାସ୍ତା ଏବଂ ବ୍ରିଜ୍ ଗୁଡ଼ିକର, ଆଲାଇନ୍‌ମେଣ୍ଟ, ପେଭ୍‌ମେଣ୍ଟରେ ପରିବର୍ତ୍ତନ ଇତ୍ୟାଦି ଲକ୍ଷ୍ୟ କରାଯାଇଥିଲା । ରାଜ୍ୟ ସରକାର, ପରାମର୍ଶଦାତାଙ୍କ ସୁପାରିଶକୁ ବିଚାରକୁ ନ ନେଇ ବର୍ତ୍ତମାନର 21.66 ପ୍ରତିଶତ ଇକ୍ୱିଟି ଆଇଆରଆର ହିସାବରେ ରାଉରକେଲା-ସମ୍ବଲପୁରର ସଡ଼କ ପ୍ରକଳ୍ପକୁ, ଇପିସି ମୋଡ୍ ପରିବର୍ତ୍ତେ ପିପିପି ମୋଡରେ ଭିଜିଏଫ୍ ସହିତ ପ୍ରଦାନ କରିଥିଲେ । ତ୍ରୁଟିପୂର୍ଣ୍ଣ ଡିପିଆର୍ ପ୍ରସ୍ତୁତି, ଉପଯୋଗିତା ଗୁଡ଼ିକର ସ୍ଥାନାନ୍ତରଣର ମୂଲ୍ୟ ହ୍ରାସ ନ କରିବା ଏବଂ ଜଙ୍ଗଲ ଅନୁମତି ଇତ୍ୟାଦି ପାଇଁ ଅଧିକ 134.67 କୋଟି ଟଙ୍କା ଭିଜିଏଫ୍ ଆକାରରେ କନ୍‌ସେସ୍‌ନେୟାରଙ୍କୁ ପ୍ରଦାନ କରାଯାଇଥିଲା । ଯଦି ଏହି ପ୍ରକଳ୍ପର ମୂଲ୍ୟ 918.41 କୋଟି ଟଙ୍କାକୁ ହ୍ରାସ ପାଇଥାନ୍ତା, ତେବେ ରିହାତି ଅବଧି ଆନୁପାତିକ ଭାବରେ 16 ବର୍ଷକୁ ହ୍ରାସ କରାଯାଇଥାନ୍ତା । ବର୍ଦ୍ଧିତ ଆକଳନ ଏବଂ ଛଅ ବର୍ଷ ପର୍ଯ୍ୟନ୍ତ ରିହାତି ଅବଧିର ପରବର୍ତ୍ତୀ ବୃଦ୍ଧି ହେତୁ କନ୍‌ସେସ୍‌ନେୟାର ସାଧାରଣ ଜନତାଙ୍କ ଠାରୁ 4,876.38 କୋଟି ଟଙ୍କାର ରାଜସ୍ୱ ସଂଗ୍ରହ କରିବା ସହ ରିହାତି ନିର୍ଦ୍ଧାରଣ ମୂଲ୍ୟ ଅନୁଯାୟୀ 2,322.19 କୋଟି ଟଙ୍କା ଲାଭ ପାଇବେ । ଯଦି ବିଭାଗ ସଠିକ୍ ସର୍ବେକ୍ଷଣ ଏବଂ ଅନୁସନ୍ଧାନ କରିଥାନ୍ତା, ତେବେ 24 ଟି

କାର୍ଯ୍ୟର ପରିସର ପରିବର୍ତ୍ତନ, ମୂଳ ପରିସରରେ ଅନ୍ତର୍ଭୁକ୍ତ କରାଯାଇଥାନ୍ତା ଏବଂ 137.57 କୋଟି ଟଙ୍କାର 36 ପ୍ରତିଶତ ଅର୍ଥାତ୍ 49.53 କୋଟି ଟଙ୍କା ସରକାରଙ୍କ ଦ୍ୱାରା ଭିଜିଏଫ୍ ଆକାରରେ ଦିଆଯାଇଥାନ୍ତା ଯାହାଫଳରେ 88.04 କୋଟି ଟଙ୍କା ସଞ୍ଚୟ ହୋଇଥାନ୍ତା । ଜମି ଅଧିଗ୍ରହଣ ପ୍ରକ୍ରିୟାରେ ବିଳମ୍ବ ଏବଂ ହିତାଧିକାରୀଙ୍କୁ ଠିକ୍ ସମୟରେ ଦେୟ ପ୍ରଦାନ ନକରିବା ଦ୍ୱାରା ସଂଶୋଧିତ ଜମି ଅଧିଗ୍ରହଣ ଅଧିନିୟମ, 2013 ଅନୁଯାୟୀ ଜମିର ପୁନଃ ମୂଲ୍ୟାଙ୍କନ ହେବାରୁ ଅତିରିକ୍ତ ମୂଲ୍ୟ ବାବଦରେ 30.28 କୋଟି ଟଙ୍କା ଦିଆଯାଇଥିଲା । ରାସ୍ତା ସମାପ୍ତ ହେବାର ମାତ୍ର ତିନି ବର୍ଷ ମଧ୍ୟରେ ରାସ୍ତାରେ ଅନେକଗୁଡ଼ିଏ ପ୍ୟାଚ୍, ଫାଟ ଏବଂ ଖାଲ ଦେଖିବାକୁ ମିଳିଥିଲା ଯାହା ଖରାପ କାର୍ଯ୍ୟ କରାଯାଇଥିବା ସୂଚାଇଲା । ତେବେ, ବିଭାଗ କନ୍‌ସେସ୍‌ନେୟାର ଦ୍ୱାରା ରାସ୍ତାର ରକ୍ଷଣାବେକ୍ଷଣ ନକରିବା ବିରୋଧରେ କୌଣସି ପଦକ୍ଷେପ ଗ୍ରହଣ କରି ନଥିଲେ ।

ସିନାପାଲି-ଧରମଗଡ଼ ରାସ୍ତାର ଆର୍‌ଡି 0.0 ରୁ 2.00 କିଲୋମିଟର ଏବଂ ଆର୍‌ଡି 16 ରୁ 24 କିଲୋମିଟର ରାସ୍ତାର ନିର୍ମାଣ କାର୍ଯ୍ୟ ଠିକ୍ ଭାବରେ ଯୋଜନା କରାଯାଇ ନଥିବାରୁ ଚାରି ଲେନ୍ ବିଶିଷ୍ଟ ରାସ୍ତାରେ ଉନ୍ନତି କରାଯାଇପାରି ନଥିଲା ଯାହାଫଳରେ 21.91 କୋଟି ଟଙ୍କାର ନିଷ୍ଫଳ ବ୍ୟୟ ହୋଇଥିଲା । ତ୍ରୁଟିପୂର୍ଣ୍ଣ ସୀମାଙ୍କନ ଏବଂ ଭିତ୍ତିଭୂମି ସହ ଭୂମିର ଆଲାଇନ୍‌ମେଣ୍ଟ୍ ଯୋଗୁଁ ଏସ୍‌ଇ, (ରାସ୍ତା ଓ କୋଠାବାଡ଼ି) ବରଗଡ଼ଙ୍କ ଦ୍ୱାରା ଭୁଲ ଭାବରେ ଅର୍ଥ ପ୍ରଦାନ କରାଯାଇଥିଲା । କାର୍ଯ୍ୟ ପ୍ରଦାନ କରାଯିବା ପୂର୍ବରୁ ବିଡରଙ୍କ ଦ୍ୱାରା ଦାଖଲ ହୋଇଥିବା ସିକ୍ୟୁରିଟିଗୁଡ଼ିକର ସତ୍ୟତା ଯାଞ୍ଚ କରିବାରେ ବିଭାଗର ବିଫଳତା ହେତୁ ଚୁକ୍ତିନାମା ରଦ୍ଦ ହୋଇଥିଲା ଯାହାଫଳରେ 14.28 କୋଟି ଟଙ୍କା ପରିହାର୍ଯ୍ୟ ଅତିରିକ୍ତ ଖର୍ଚ୍ଚ ହୋଇଥିଲା ।

## 5.10 ସୁପାରିଶ

ନିମ୍ନଲିଖିତ ସୁପାରିଶଗୁଡ଼ିକୁ ସରକାର ଗ୍ରହଣ କରିପାରନ୍ତି-

- ଅଭିଳଷିତ ଲକ୍ଷ୍ୟ ହାସଲ କରିବା ଏବଂ ଅସଂଗଠିତ କାର୍ଯ୍ୟ ନିଷ୍ପାଦନକୁ ଏଡ଼ାଇବା ପାଇଁ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକୁ ବିସ୍ତୃତ ଭାବରେ ଯୋଜନା କରିପାରନ୍ତି ।
- ଅଡିଟ୍‌ରେ ଦର୍ଶାଯାଇଥିବା ମତେ ପରିବର୍ଦ୍ଧିତ ଖର୍ଚ୍ଚକୁ ଦୃଷ୍ଟିରେ ରଖି ରାଉରକେଲା-ସମ୍ବଲପୁର ରାସ୍ତାରେ ଥିବା ତିନିଗୋଟି ଟୋଲ୍ ପ୍ଲାଜାର ଟୋଲ୍ ସଂଗ୍ରହ ଅବଧି ହ୍ରାସ କରିବା ସମ୍ଭାବନାକୁ ପୁନଃ ମୂଲ୍ୟାଙ୍କନ କରିପାରନ୍ତି ।
- ସଫଳ ଠିକାଦାରମାନଙ୍କ ଦ୍ୱାରା ସିକ୍ୟୁରିଟି ବାବଦରେ ଜମା ହେଉଥିବା ଡିମାଣ୍ଡ ଡ୍ରାଫ୍ଟ/ ଟର୍ମ ଜମା ରସିଦ ଗୁଡ଼ିକର ସତ୍ୟାସତ୍ୟ ନିଶ୍ଚିତ କରିପାରନ୍ତି ଏବଂ ଅନ୍ୟାନ୍ୟ ଆଭ୍ୟନ୍ତରୀଣ ନିୟନ୍ତ୍ରଣକୁ ସୁଦୃଢ଼ କରିପାରନ୍ତି ।
- ଠିକାଦାରଙ୍କ ଠାରୁ ନକଲି ସିକ୍ୟୁରିଟି ଗ୍ରହଣ କରିଥିବା ବ୍ୟକ୍ତି ଯାହାଙ୍କ ପାଇଁ ସରକାରୀ ଦେୟ ଅସୁଲ ହୋଇପାରି ନଥିଲା, ତାଙ୍କ ଉପରେ ଉତ୍ତର ଦାୟିତ୍ୱ ସ୍ଥିରୀକୃତ କରିପାରନ୍ତି ।
- ନିମ୍ନଲିଖିତ ପରିମାଣ ଅସୁଲ ପାଇଁ ସରକାର ବିଚାର କରିପାରନ୍ତି:
  - ତ୍ରୁଟିପୂର୍ଣ୍ଣ ଡିପିଆର୍ ପ୍ରସ୍ତୁତି ହେତୁ କନ୍‌ସେସ୍‌ନେୟାରଙ୍କୁ ଭିଜିଏଫ୍ ବାବଦରେ ପ୍ରଦାନ କରାଯାଇଥିବା 134.67 କୋଟି ଟଙ୍କାର ଅତିରିକ୍ତ ଦେୟ ।
  - ଅବଶିଷ୍ଟ ଅଗ୍ରୀମ ପରିମାଣ 12.69 କୋଟି ଟଙ୍କା ।
  - କାର୍ଯ୍ୟର ପରିସର ପରିବର୍ତ୍ତନରେ ହ୍ରାସ ପାଇଁ 14.56 କୋଟି ଟଙ୍କା ।
  - ତିନିଗୋଟି ରେଳ ଓଭର ବ୍ରିଜ୍ କାର୍ଯ୍ୟ ପାଇଁ 50 ପ୍ରତିଶତ ଭାଗ ଅର୍ଥାତ୍ 19.76 କୋଟି ଟଙ୍କା ।

# ଅଧ୍ୟାୟ VI

# ଓଡ଼ିଶା ରାଜ୍ୟ ସଡ଼କ ପ୍ରକଳ୍ପର ବିସ୍ତୃତ ଅନୁପାଳନ ସମୀକ୍ଷା

# ଅଧ୍ୟାୟ VI

## ପୂର୍ତ୍ତ ବିଭାଗ

## 6. ଓଡ଼ିଶା ରାଜ୍ୟ ସଡ଼କ ପ୍ରକଳ୍ପର ବିସ୍ତୃତ ଅନୁପାଳନ ସମୀକ୍ଷା

### 6.1 ଉପକ୍ରମ

ରାଜ୍ୟରେ ଅଧିକ ପୁଞ୍ଜି ନିବେଶ ଓ ଅର୍ଥନୈତିକ ଓ ସାମାଜିକ ବିକାଶ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ଟ୍ରାନ୍ସପୋର୍ଟ କରିଡରରେ ପରିବହନ ପ୍ରତିବନ୍ଧକ ଦୂର କରିବା ଉଦ୍ଦେଶ୍ୟରେ ଓଡ଼ିଶା ପୂର୍ତ୍ତ ବିଭାଗ ପକ୍ଷରୁ ବିଶ୍ୱବ୍ୟାଙ୍କ ସହାୟତାରେ ଦୁଇଟି ପର୍ଯ୍ୟାୟରେ ଓଡ଼ିଶା ରାଜ୍ୟ ସଡ଼କ ପ୍ରକଳ୍ପ (ଓଏସ୍ଆର୍ପି) କାର୍ଯ୍ୟକାରୀ କରାଯାଇଥିଲା ।

ଓଡ଼ିଶା ସରକାର, ଜାନୁଆରୀ 2009 ରେ ବିଶ୍ୱ ବ୍ୟାଙ୍କ (ଡବ୍ଲୁବି) ସହ ଋଣ ଚୁକ୍ତି କରିଥିଲେ । ପ୍ରକଳ୍ପର ଆନୁମାନିକ ମୂଲ୍ୟ 1,431.19 କୋଟି ଟଙ୍କା (322.5 ମିଲିୟନ ଆମେରିକା ଡଲାର) ଏବଂ ଡବ୍ଲୁବି ଋଣ ଏବଂ ରାଜ୍ୟ ସରକାରଙ୍କ ଅଂଶ ଯଥାକ୍ରମେ 953.24 କୋଟି ଟଙ୍କା ଏବଂ 477.95 କୋଟି ଟଙ୍କା ଥିଲା । ପ୍ରାରମ୍ଭିକ ଅବଧି ପାଞ୍ଚ ବର୍ଷ (2009-14) ପାଇଁ ଥିଲା ଏବଂ ଏହାକୁ ଜୁନ୍ 2016 ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା ।

ଏହି ପ୍ରକଳ୍ପରେ ଦୁଇଟି ଉପାଦାନ ରହିଥିଲା ଯଥା- (କ) ରାସ୍ତା କରିଡର ଉନ୍ନତି ଉପାଦାନ ଏବଂ (ଖ) ଆନୁଷ୍ଠାନିକ ବିକାଶ ସକ୍ଷମ କରିବା ପାଇଁ ଏବଂ କାର୍ଯ୍ୟକାରିତା ସମର୍ଥନ ଉପାଦାନ ପାଇଁ ସରକାରୀ–ବେସରକାରୀ ସହଭାଗିତା (ପିପିପି) ନୀତି ପ୍ରକଳ୍ପ ଅଧୀନରେ ଛଅଟି ପୃଥକ ରାସ୍ତାର 461 କିଲୋମିଟର ମୂଲ୍ୟାୟନ କରାଯାଇଥିଲା (ଅଗଷ୍ଟ 2008) କିନ୍ତୁ ପ୍ରକଳ୍ପ ପରିସର ହ୍ରାସ ଯୋଗୁଁ ସଡ଼କ ସଂଖ୍ୟା 4 କୁ ଏବଂ ରାସ୍ତାର ଦୈର୍ଘ୍ୟ 310 କିଲୋମିଟରକୁ ହ୍ରାସ ପାଇଥିଲା (ଜାନୁଆରୀ 2013) । ଏହାର ମୁଖ୍ୟ କାରଣ ହେଉଛି କାର୍ଯ୍ୟକାରିତାରେ ବିଳମ୍ବ, ସରକାରୀ ନୀତିରେ ପରିବର୍ତ୍ତନ ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ ପାଇଁ କିଛି ରାସ୍ତା ଛାଡ଼ିବା । ପ୍ରକଳ୍ପଗୁଡ଼ିକର ବ୍ୟୟକୁ ରାଜ୍ୟ ବଜେଟ ମାଧ୍ୟମରେ ନିୟନ୍ତ୍ରଣ କରାଯାଇଥିଲା ଏବଂ ପରବର୍ତ୍ତୀ ସମୟରେ ବିଶ୍ୱବ୍ୟାଙ୍କ ନିକଟରେ ପରିଶୋଧ ପାଇଁ ଉପସ୍ଥାପନ କରାଯାଇଥିଲା ।

କାର୍ଯ୍ୟକାରିତାର ମନ୍ଥର ଅଗ୍ରଗତି ହେତୁ, ବିଶ୍ୱ ବ୍ୟାଙ୍କ ଋଣ ବନ୍ଦ ହୋଇଯାଇଥିଲା (ଜୁନ୍ 2016), ସେତେବେଳକୁ ମାତ୍ର 150 କିଲୋମିଟର ରାସ୍ତା ସମ୍ପୂର୍ଣ୍ଣ ହୋଇପାରିଥିଲା ଯାହାକି 461 କିଲୋମିଟର ପ୍ରାରମ୍ଭିକ ଲକ୍ଷ୍ୟର 33 ପ୍ରତିଶତ ଥିଲା । ଏହା ପରେ ଏହି ପ୍ରକଳ୍ପର ବାକି ଅର୍ଥ ରାଜ୍ୟ ଯୋଜନା ଅଧୀନରେ ଥିବା ବଜେଟ ବ୍ୟବସ୍ଥାରୁ ପୂରଣ କରିବାକୁ ପଡ଼ିଥିଲା । ଏହିପରି ଓଡବ୍ଲୁଡି, ବିଶ୍ୱ ବ୍ୟାଙ୍କର 953.24 କୋଟି ଟଙ୍କାର ସହମତି ରାଶି ତୁଳନାରେ 419.12 କୋଟି ଟଙ୍କାର ଋଣ (ଜୁନ୍ 2016 ସୁଦ୍ଧା) ବ୍ୟବହାର କରିପାରିଥିଲା ଏବଂ ବିଶ୍ୱ ବ୍ୟାଙ୍କର ମୂଳ ଋଣର 56 ପ୍ରତିଶତ ବିତରଣ ହୋଇପାରିନଥିଲା ।

ପ୍ରକଳ୍ପ ମୂଲ୍ୟାଙ୍କନ ଦସ୍ତାବିଜରେ ପ୍ରକଳ୍ପର ଉନ୍ନତିକରଣ ଉପାଦାନ ପାଇଁ ଗ୍ରହଣ କରାଯାଇଥିବା ଡିଜାଇନ ମାନକ ଆଗାମି 20 ବର୍ଷ ମଧ୍ୟରେ ଟ୍ରାଫିକ୍ ପ୍ରବାହକୁ ପୂରଣ କରିବା ପାଇଁ ଭାରତୀୟ ମାନକ ଅନୁଯାୟୀ ରାଜ୍ୟ ରାଜପଥ ନିମନ୍ତେ ବିନିର୍ଦ୍ଦିଷ୍ଟ ବିତରଣ ସହିତ ସୁସଙ୍ଗତ ଥିଲା ।

ନିମ୍ନଲିଖିତ ଚାରୋଟି ରାସ୍ତା ଓଏସ୍ଆର୍ପି ଅଧୀନରେ ଅନ୍ତର୍ଭୁକ୍ତ ହୋଇଥିଲା ଯଥା- i) ଭବାନୀପାଟଣା-ଖରିଆର (68 କିମି), ii) ଚାନ୍ଦବାଲି-ଭଦ୍ରକ-ଆନନ୍ଦପୁର (95 କିମି), iii) ବ୍ରହ୍ମପୁର-ତପ୍ତପାଣି (41 କିମି) ଏବଂ iv) ଜଗତପୁର-ଚାନ୍ଦବାଲି (106 କିମି) ।

**ମାନଚିତ୍ର 3: ଓଏସ୍ଆର୍‌ପି ଅଧିନରେ ବିକଶିତ ରାସ୍ତାର ଅବସ୍ଥାନ ଦର୍ଶାଯାଉଥିବା ମାନଚିତ୍ର**




## 6.1.1 ସାଂଗଠନିକ ବ୍ୟବସ୍ଥା

ଓଡ଼ିଶା ପୂର୍ତ୍ତ ବିଭାଗ (ଓଡବ୍ଲୁଡି)ର ମୁଖ୍ୟ ହେଉଛନ୍ତି ସର୍ବୋଚ୍ଚ ଯନ୍ତ୍ରୀ ତଥା କମିଶନର-ତଥା-ସଚିବ । ଏଥିରେ ଜଣେ ସର୍ବୋଚ୍ଚ ଯନ୍ତ୍ରୀ (ସିଭିଲ୍), ସାତ ଜଣ ମୁଖ୍ୟ ଯନ୍ତ୍ରୀ ଓ 20 ଜଣ ଅଧୀକ୍ଷଣ ଯନ୍ତ୍ରୀ ଅଛନ୍ତି, ଯେଉଁମାନେ ନିଜ ସର୍କଲରେ ପୂର୍ତ୍ତ ବିଭାଗର ପ୍ରଶାସନ ଓ ସାଧାରଣ ବୃତ୍ତିଗତ ନିୟନ୍ତ୍ରଣ ଦାୟିତ୍ୱରେ ଅଛନ୍ତି । ବିଭାଜନ ସ୍ତରରେ ନିର୍ବାହୀ ଯନ୍ତ୍ରୀମାନେ ବିଭାଗର ପ୍ରଶାସନିକ ୟୁନିଟ୍ ଗୁଡ଼ିକର କାର୍ଯ୍ୟନିର୍ବାହୀ ମୁଖ୍ୟ ଅଟନ୍ତି । ରାଜ୍ୟରେ ପୂର୍ତ୍ତ ବିଭାଗ ଦାୟିତ୍ୱରେ 80 ଜଣ ବିଭାଜନ ଅଧିକାରୀ ଅଛନ୍ତି । ଓଏସ୍ଆର୍‌ପି ପାଇଁ, ପ୍ରସ୍ତୁତି ପରିଚାଳନା ଏବଂ କାର୍ଯ୍ୟକାରୀ ପର୍ଯ୍ୟାୟରେ ପ୍ରକଳ୍ପର କାର୍ଯ୍ୟକାରିତା ପରିଚାଳନା କରିବା ନିମନ୍ତେ 2005 ମସିହାରୁ ଓଡବ୍ଲୁଡିରେ ଏକ ପ୍ରକଳ୍ପ ପରିଚାଳନା ୟୁନିଟ୍ (ପିଏମ୍‌ୟୁ) ପ୍ରତିଷ୍ଠା କରାଯାଇଥିଲା । ମୁଖ୍ୟ ଯନ୍ତ୍ରୀ (ବିଶ୍ୱ ବ୍ୟାଙ୍କ ପ୍ରକଳ୍ପ) ପିଏମ୍‌ୟୁର ମୁଖ୍ୟ ଥିଲେ ଏବଂ ଛଅ ଜଣ ନିର୍ବାହୀ ଯନ୍ତ୍ରୀ (ଇଇ) ଏବଂ ଜଣେ ବନଖଣ୍ଡ ଅଧିକାରୀ (ଡିଏଫ୍‌ଓ) ତାଙ୍କୁ ସହାୟତା କରୁଥିଲେ । ଏହି ପ୍ରକଳ୍ପ ଅଧୀନରେ ଅନ୍ତର୍ଭୁକ୍ତ ଚାରୋଟି ରାସ୍ତା ସମ୍ପୂର୍ଣ୍ଣ ହୋଇଛି ଏବଂ ବର୍ତ୍ତମାନ ସଂପୃକ୍ତ ବିଭାଜନ ପ୍ରକଳ୍ପ ରାସ୍ତାର ରକ୍ଷଣାବେକ୍ଷଣ ଦାୟିତ୍ୱ ନେଉଛନ୍ତି ।

**ଓଡ଼ିଶା ପୂର୍ତ୍ତ ବିଭାଗର ସାଙ୍ଗଠନିକ ଚାର୍ଟ**



### 6.1.2 ସମୀକ୍ଷାର ଉଦ୍ଦେଶ୍ୟ ଏବଂ ମାନଦଣ୍ଡ

ସଡ଼କ ପ୍ରକଳ୍ପ ନିର୍ମାଣ ପାଇଁ ସର୍ଭେ ଓ ଅନୁସନ୍ଧାନ ସମେତ ଯୋଜନା ପ୍ରକ୍ରିୟା ଦକ୍ଷ ଥିଲା କି ନାହିଁ, ପ୍ରକଳ୍ପର ଆର୍ଥିକ ପରିଚାଳନା ଠିକ୍ ଥିଲା କି ନାହିଁ, ମିତବ୍ୟୟିତା, ଦକ୍ଷତା ଏବଂ ଫଳପ୍ରଦତା ସୁନିଶ୍ଚିତ କରାଯାଇ ପ୍ରକଳ୍ପର ଟେଣ୍ଡର ଆହ୍ୱାନ ଏବଂ କାର୍ଯ୍ୟକାରିତା କରାଯାଇଥିଲା କି ନାହିଁ, ଏବଂ ପ୍ରକଳ୍ପର ତଦାରଖ ବ୍ୟବସ୍ଥା ପର୍ଯ୍ୟାପ୍ତ ଏବଂ ପ୍ରଭାବଶାଳୀ ଥିଲା କି ନାହିଁ, ତାହା ଆକଳନ କରିବା ଏହି ବିସ୍ତୃତ ଅନୁପାଳନ ସମୀକ୍ଷାର ଉଦ୍ଦେଶ୍ୟ ଥିଲା ।

(i) ବିଶ୍ୱବ୍ୟାଙ୍କ ମାର୍ଗଦର୍ଶିକା ଏବଂ ଆଦେଶ, ଯୋଜନା ମାର୍ଗଦର୍ଶିକା/ ସର୍କୁଲାର ଏବଂ ଭାରତ ସରକାରଙ୍କ / ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶାବଳୀ, ସମୟ ସମୟରେ ଜାରି କରାଯାଇଥିବା ନିର୍ଦ୍ଦେଶାବଳୀ (ii) ବିସ୍ତୃତ ପ୍ରକଳ୍ପ ରିପୋର୍ଟ, ମାନକ ନିର୍ଦ୍ଦିଷ୍ଟତା ଏବଂ ଚୁକ୍ତି ସର୍ତ୍ତାବଳୀ (iii) ଭାରତୀୟ ସଡ଼କ କଂଗ୍ରେସ ନିର୍ଦ୍ଦେଶାବଳୀ/ ଏମ୍ଓଆର୍ଟିଏଚ୍ ଏବଂ ଏଚ୍ ସ୍ପେସିଫିକେସନ୍/ ଭାରତୀୟ ମାନକ ବ୍ୟୁରୋ/ ରାଜ୍ୟ ଦର ସୂଚୀ ଏବଂ ହାର ବିଶ୍ଳେଷଣ (iv) ଓଡ଼ିଶା ପୂର୍ତ୍ତ ବିଭାଗ କୋଡ୍ ଏବଂ ମାନୁଆଲ୍ (v) ବିଶ୍ୱବ୍ୟାଙ୍କ ଋଣ ଚୁକ୍ତିନାମା ଏବଂ କାର୍ଯ୍ୟ ଚୁକ୍ତିର ସର୍ତ୍ତାବଳୀ (vi) ବିଶ୍ୱ ବ୍ୟାଙ୍କର ପ୍ରକଳ୍ପ ମୂଲ୍ୟାଙ୍କନ ଦସ୍ତାବିଜ୍ (vii) ଓଏସ୍ଆର୍‌ପିର ଫାଇନାନ୍ସ ମାନୁଆଲ (viii) ଓଡ଼ିଶା ବଜେଟ୍ ମାନୁଆଲ 1963 ଏବଂ (ix) ଉଚ୍ଚ କର୍ତ୍ତୃପକ୍ଷଙ୍କ ନିରୀକ୍ଷଣ ନୋଟ୍ ଇତ୍ୟାଦିରୁ ଏହି ସମୀକ୍ଷା ପାଇଁ ସମୀକ୍ଷା ମାନଦଣ୍ଡଗୁଡ଼ିକ ସଂଗ୍ରହ କରାଯାଇଥିଲା ।

### 6.1.3 ସମୀକ୍ଷାର ପରିସର ଏବଂ ପଦ୍ଧତି

2017-22 ଅବଧିକୁ ଅନ୍ତର୍ଭୁକ୍ତ କରି 25 ଟି କାର୍ଯ୍ୟକାରୀ ୟୁନିଟ୍ ମଧ୍ୟରୁ ଛଅଟି ରାସ୍ତା ଓ କୋଠାବାଡ଼ି (ଆର୍‌ଆଣ୍ଡ୍‌ବି) ବିଭାଜନ[159], ତିନୋଟି ସାଧାରଣ ବୈଦ୍ୟୁତିକ୍ ବିଭାଜନ[160] ଏବଂ ପିଏମ୍‌ୟୁର ଯାଞ୍ଚ ମାଧ୍ୟମରେ ମଇ ରୁ ସେପ୍ଟେମ୍ବର 2022 ମଧ୍ୟରେ ବିସ୍ତୃତ ଅନୁପାଳନ ସମୀକ୍ଷା କରାଯାଇଥିଲା ଏବଂ ପ୍ରକଳ୍ପର ସମସ୍ତ 14 ଟି ପ୍ୟାକେଜ୍ ଅଡିଟ୍ ଦ୍ୱାରା ଯାଞ୍ଚ କରାଯାଇଥିଲା । କାର୍ଯ୍ୟକଳାପ ଅନୁଯାୟୀ ହୋଇଥିବା ଖର୍ଚ୍ଚକୁ ଆଧାର କରି ସ୍ତରୀୟ ରାଣ୍ଡମ୍ ନମୁନା ପଦ୍ଧତି ମାଧ୍ୟମରେ ୟୁନିଟ୍ ଚୟନ କରାଯାଇଥିଲା । ଗ୍ରହଣ କରାଯାଇଥିବା ଅଡିଟ୍ ପଦ୍ଧତିରେ ଦସ୍ତାବିଜ ବିଶ୍ଳେଷଣ, କାର୍ଯ୍ୟ ଚୁକ୍ତିର ଯାଞ୍ଚ, ଅଡିଟ୍ ପ୍ରଶ୍ନର ଉତ୍ତର, ପ୍ରାରମ୍ଭିକ ପର୍ଯ୍ୟବେକ୍ଷଣ ମେମୋ (ପିଓଏମ୍) ଜାରି କରିବା, ଫଟୋଗ୍ରାଫିକ୍ ପ୍ରମାଣ ଏବଂ କାର୍ଯ୍ୟକାରୀ ଏଜେନ୍ସୀଗୁଡ଼ିକର ରିପୋର୍ଟ ଏବଂ ରେକର୍ଡ ଯାଞ୍ଚ ଅନ୍ତର୍ଭୁକ୍ତ ଥିଲା । ରାସ୍ତାର ସ୍ଥିତି ଯାଞ୍ଚ କରିବା ପାଇଁ ରାସ୍ତାର ମିଳିତ ସରଜମିନ୍ ତଦନ୍ତ (ଜେପିଆଇ) ମଧ୍ୟ କରାଯାଇଥିଲା । 9 ଜୁନ୍ 2022 ରେ ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବଙ୍କ ସହ ଏକ ପ୍ରବେଶ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ଓଏସ୍ଆର୍‌ପି ଆକଳନ ପାଇଁ ବ୍ୟବହାର କରାଯାଇଥିବା ସମୀକ୍ଷାର ଉଦ୍ଦେଶ୍ୟ ଏବଂ ମାନଦଣ୍ଡ ବିଷୟରେ ଆଲୋଚନା କରାଯାଇଥିଲା । ଜିଓଓର ପୂର୍ତ୍ତ ବିଭାଗର ପ୍ରମୁଖ ସଚିବଙ୍କ ସହ 21 ମାର୍ଚ୍ଚ 2023 ରେ ଅନୁଷ୍ଠିତ ପ୍ରସ୍ଥାନ ସମ୍ମିଳନୀରେ ସମୀକ୍ଷା ସିଦ୍ଧାନ୍ତ ଉପରେ ଆଲୋଚନା ହୋଇଥିଲା ।

## ସମୀକ୍ଷା ସିଦ୍ଧାନ୍ତ

## 6.2 ଯୋଜନା

### 6.2.1 ଓଡ଼ିଶା ରାଜ୍ୟ ସଡ଼କ କ୍ଷେତ୍ର ନୀତି ଅନୁମୋଦନ ନହେବା

ପ୍ରକଳ୍ପ ମୂଲ୍ୟାଙ୍କନ ଦସ୍ତାବିଜ୍ (ଅଗଷ୍ଟ 2008) ରେ ଡିସେମ୍ବର 2011 ସୁଦ୍ଧା ସଡ଼କ କ୍ଷେତ୍ର ନୀତି ଗ୍ରହଣ କରିବାକୁ ଧାର୍ଯ୍ୟ କରାଯାଇଥିଲା । ଓଡବ୍ଲୁଡି ଦ୍ୱାରା ପରିଚାଳିତ ସଡ଼କ କ୍ଷେତ୍ର ସଂସ୍ଥାଗତ ବିକାଶ ଅଧ୍ୟୟନର ସୁପାରଶ ଆଧାରରେ ଏହି ନୀତି ପ୍ରସ୍ତୁତ କରାଯିବାର ଥିଲା । ସଡ଼କ କ୍ଷେତ୍ର ନୀତିରେ ଅନ୍ୟାନ୍ୟ ବିଷୟ ସହିତ ଏକ୍ସଲ ଲୋଡ୍ ନିୟନ୍ତ୍ରଣ ନୀତି, ରାସ୍ତା ରକ୍ଷଣାବେକ୍ଷଣ ପାଇଁ ପାଣ୍ଠି ଯୋଗାଣ ଏବଂ କାର୍ଯ୍ୟକାରୀ ରଣନୀତି ଅନ୍ତର୍ଭୁକ୍ତ ହେବା ଆବଶ୍ୟକ ।

---

159 ଆର୍‌ଆଣ୍ଡବି ବିଭାଜନ, ଭଦ୍ରକ, କଟକ–II, କେନ୍ଦ୍ରାପଡ଼ା –II, ଗଞ୍ଜାମ –I, କଳାହାଣ୍ଡି ଏବଂ ଖରିଆର

160 ସାଧାରଣ ବୈଦ୍ୟୁତିକ ବିଭାଜନ (ଜିଇଡି)– I, ଭୁବନେଶ୍ୱର, ଜିଇଡି–II, କଟକ ଏବଂ ଜିଇଡି–IV ସୁନାବେଡ଼ା

ଯାତ୍ରା ଖର୍ଚ୍ଚ ହ୍ରାସ, ଉନ୍ନତ ସୁଯୋଗ ଏବଂ ଓଡ଼ିଶାବାସୀଙ୍କ ଜୀବନଧାରଣରେ ଉନ୍ନତି ଆଣିବା ଏହି ନୀତିର ଉଦ୍ଦେଶ୍ୟ ଥିଲା । ଯଦିଓ 2008-09 ରେ ଓଏସ୍‌ଆର୍‌ପିର କାର୍ଯ୍ୟକାରିତା ଆରମ୍ଭ ହୋଇଥିଲା, ତଥାପି ପାଞ୍ଚ ବର୍ଷର ବ୍ୟବଧାନ ପରେ ଆସନ୍ତା ଦଶନ୍ଧି ପାଇଁ ରାଜ୍ୟର ଆବଶ୍ୟକତାକୁ ଦୃଷ୍ଟିରେ ରଖି 'ଓଡ଼ିଶା ରାଜ୍ୟ ସଡ଼କ ନୀତି 2014' ନାମକ ଏକ ଡ୍ରାଫ୍ଟ ସଡ଼କ କ୍ଷେତ୍ର ନୀତି ପ୍ରସ୍ତୁତ କରାଯାଇଥିଲା । ରାଜ୍ୟସ୍ତରୀୟ କ୍ଷମତାପନ୍ନ କମିଟି (ଏସ୍‌ଏଲ୍‌ଇସି) ସଡ଼କ କ୍ଷେତ୍ରର ଡ୍ରାଫ୍ଟ ନୀତିକୁ ଆଇନଗତ କାର୍ଯ୍ୟାନୁଷ୍ଠାନ ନିମନ୍ତେ କ୍ୟାବିନେଟର ଅନୁମୋଦନ ପାଇଁ ପଠାଯିବା ପୂର୍ବରୁ ସମସ୍ତ ଅଂଶୀଦାର ମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଓଡବ୍ଲୁଡିକୁ ପରାମର୍ଶ ଦେଇଥିଲା (ମଇ 2014) ।

ଅଡିଟ୍‌ରୁ ଜଣାଗଲା ଯେ, 2014 ମସିହାରେ ଡ୍ରାଫ୍ଟ ପଲିସି ପ୍ରସ୍ତୁତ ହୋଇଥିଲେ ମଧ୍ୟ ଏହା ସରକାରଙ୍କ ଅନୁମୋଦନ ପାଇଁ ଏପର୍ଯ୍ୟନ୍ତ ପଡ଼ି ରହିଥିଲା (ନଭେମ୍ବର 2022) । ଏହି ନୀତି ଅନୁମୋଦନ ହୋଇନଥିବାରୁ ଜିଓଓର ସଡ଼କ କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ ସଂସ୍ଥାଗତ ବିକାଶ ସହାୟତା ପାଇଁ ରାଜ୍ୟ ଏକ୍ସଲ ଲୋଡ ନିୟନ୍ତ୍ରଣ ନୀତି ଏବଂ ଏକ ଉତ୍ସର୍ଗୀକୃତ ସଡ଼କ ରକ୍ଷଣାବେକ୍ଷଣ ପାଣ୍ଠି ଗଠନ ହୋଇପାରି ନଥିଲା । ତେଣୁ, ଆଠ ବର୍ଷରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ସଡ଼କ କ୍ଷେତ୍ର ନୀତି ପ୍ରଣୟନରେ ବିଫଳତା ଯୋଗୁଁ ସଡ଼କ କ୍ଷେତ୍ରର ଉନ୍ନତି ଦିଗରେ ଯୋଜନାର ଅଭାବ ଦେଖାଯାଇଥିଲା ।

ଏହାର ଉତ୍ତରରେ ସରକାର ଦର୍ଶାଇଲେ (ମାର୍ଚ୍ଚ 2023) ଯେ, ସଡ଼କ କ୍ଷେତ୍ର ନୀତି ସରକାରଙ୍କୁ ପ୍ରଦାନ କରାଯାଇଥିଲା (ଜୁନ୍ 2014) । ତେବେ, ବାସ୍ତବତା ହେଉଛି ଯେ ଆଠ ବର୍ଷରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ସରକାରଙ୍କ ଦ୍ୱାରା ଏହି ନୀତିର ଅନୁମୋଦନ ଏପର୍ଯ୍ୟନ୍ତ ବାକି ଅଛି ।

### 6.2.2 ଅପର୍ଯ୍ୟାପ୍ତ ସର୍ବେକ୍ଷଣ ଏବଂ ଅନୁସନ୍ଧାନର ଅଭାବ ଯୋଗୁଁ ତ୍ରୁଟିପୂର୍ଣ୍ଣ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ

ଓଡବ୍ଲୁଡି, ଓଏସ୍‌ଆର୍‌ପିର ଚାରୋଟି ରାସ୍ତା ପାଇଁ ସମ୍ଭାବ୍ୟତା ଏବଂ ବିସ୍ତୃତ ପ୍ରକଳ୍ପ ରିପୋର୍ଟ (ଡିପିଆର୍) ପ୍ରସ୍ତୁତି ପାଇଁ 4.68 କୋଟି ଟଙ୍କା ବ୍ୟୟରେ ଜଣେ ପରାମର୍ଶଦାତାକୁ[161] ନିୟୋଜିତ କରିଥିଲା (ନଭେମ୍ବର 2005) । ଅପ୍ରେଲ ରୁ ନଭେମ୍ବର 2007 ମଧ୍ୟରେ ବିସ୍ତୃତ ସର୍ଭେ ଓ ଅନୁସନ୍ଧାନ କରାଯାଇ ରିପୋର୍ଟ ଦାଖଲ କରାଯାଇଥିଲା । ଡିପିଆର୍ ଆଧାରରେ ଆକଳନ ପ୍ରସ୍ତୁତ କରାଯାଇ ନଭେମ୍ବର 2008 ରୁ ଡିସେମ୍ବର 2013 ମଧ୍ୟରେ କାର୍ଯ୍ୟର ଟେଣ୍ଡର ଆହ୍ୱାନ/ ପ୍ରଦାନ କରାଯାଇଥିଲା । ରେକର୍ଡ ଯାଞ୍ଚରୁ ଜଣାଗଲା ଯେ ଡିପିଆର୍ ପ୍ରସ୍ତୁତିରେ ନିମ୍ନଲିଖିତ ତ୍ରୁଟି ଥିଲା:

**6.2.2.1** ଅପର୍ଯ୍ୟାପ୍ତ ସର୍ବେକ୍ଷଣ ଓ ଅନୁସନ୍ଧାନ ଅଭାବ ଯୋଗୁଁ କାର୍ଯ୍ୟ ସମ୍ପାଦନ ସମୟରେ ଅନେକ କାର୍ଯ୍ୟର ପରିସର ପରିବର୍ତ୍ତନ ହେଲା । ଅଡିଟରୁ ଜଣାଗଲା ଯେ, ଚାରୋଟି ରାସ୍ତାରେ 1,103 ଟି ଆଇଟମ୍ ମଧ୍ୟରୁ ବିଭାଗ କେବଳ 43 ଟି ଆଇଟମ୍‌ରେ ଅର୍ଥାତ୍ 3.9 ପ୍ରତିଶତ ସଠିକ୍ ପରିମାଣ ଆକଳନ କରିପାରିଥିଲା । 225 ଟି ଆଇଟମ୍‌ର ପରିମାଣ ବୃଦ୍ଧି ପାଇଥିବା ବେଳେ 471 ଟି ଆଇଟମ୍‌ର ପରିମାଣ ହ୍ରାସ ପାଇଥିଲା । ଏହା ବ୍ୟତୀତ, 315 ଟି ଆଇଟମ୍‌କୁ ଡିଲିଟ୍ କରିବାକୁ ପଡ଼ିଥିବା ବେଳେ 49 ଟି ନୂଆ ଆଇଟମ୍‌କୁ ଅନ୍ତର୍ଭୁକ୍ତ କରାଯାଇଥିଲା । ଆକଳନରେ ପରିକଳ୍ପିତ ମୂଳ ମୂଲ୍ୟର 80.68 ଗୁଣ ପର୍ଯ୍ୟନ୍ତ ପରିମାଣ ବୃଦ୍ଧି ହୋଇଥିଲା, ଯାହା କି ***ପରିଶିଷ୍ଟ- XX*** ରେ ବିସ୍ତୃତ ଭାବରେ ଦର୍ଶାଯାଇଛି ଯାହା ନିମ୍ନମାନର ଡିପିଆର୍‌ର ପ୍ରସ୍ତୁତି ହୋଇଥିବା ସୂଚାଉଥିଲା ।

ଏହାର ଉତ୍ତରରେ ସରକାର ବ୍ୟକ୍ତ କଲେ (ମାର୍ଚ୍ଚ 2023) ଯେ, 2007 ରେ ପରାମର୍ଶଦାତାମାନେ କାର୍ଯ୍ୟ ପାଇଁ ମୂଳ ଡିପିଆର୍ ପ୍ରସ୍ତୁତ କରିଥିଲେ । କାର୍ଯ୍ୟ ସମ୍ପାଦନ ସମୟରେ, ସାଇଟ୍ ଆବଶ୍ୟକତା ଏବଂ ଯୋଜନା ଏବଂ ପ୍ରୋଫାଇଲର ସଂଶୋଧନକୁ ଦୃଷ୍ଟିରେ ରଖି, କିଛି ଆଇଟମ୍‌କୁ ହଟାଇ ନୂତନ ଆଇଟମ୍ ଅନ୍ତର୍ଭୁକ୍ତ କରିବା ସହିତ ଆକଳନକୁ ପୁନଃନିର୍ଦ୍ଧାରଣ କରାଯାଇଥିଲା । ଉତ୍ତରଟି ଗ୍ରହଣୀୟ ନୁହେଁ କାରଣ ଚୁକ୍ତିନାମାଗୁଡ଼ିକ ଏକାଧିକ ଥର ରଦ୍ଦ କରାଯାଇଥିଲା ଯାହା ସ୍ୱଷ୍ଟ ଭାବରେ ସୂଚାଇଲା ଯେ ବିଭାଗ ସାଇଟ୍‌ର ପରିସ୍ଥିତି ଆକଳନ କରିବାରେ ବିଫଳ

161 କନ୍‌ସଲ୍ଟିଂ ଇଞ୍ଜିନିୟର୍ସ ଗ୍ରୁପ୍ ଲିମିଟେଡ୍, ଜୟପୁର

ପରିସ୍ଥିତି ହୋଇଥିଲା ଯାହା ଫଳରେ କାର୍ଯ୍ୟର ଆଇଟମ୍‌ରେ ବ୍ୟାପକ ଭିନ୍ନତା ଦେଖାଦେଇଥିଲା । ଯଦି ଡିପିଆର ପ୍ରସ୍ତୁତି ସମୟରେ ସର୍ଭେ ଓ ଅନୁସନ୍ଧାନ ଠିକ୍ ଭାବେ କରାଯାଇଥାନ୍ତା, ତେବେ କାର୍ଯ୍ୟ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ହୋଇନଥାନ୍ତା ।

**6.2.2.2** ଓପିଡବ୍ଲୁଡି କୋଡ ଭାଗ-1 ର ଅନୁଚ୍ଛେଦ 6.3.16 ଅନୁଯାୟୀ ଏକ କାର୍ଯ୍ୟ ସମ୍ପାଦନ ପାଇଁ ମୂଳ ଚୁକ୍ତିନାମା ଅଧିନରେ ଅନ୍ତର୍ଭୁକ୍ତ ହୋଇନଥିବା କାର୍ଯ୍ୟକୁ କାର୍ଯ୍ୟର ଅତିରିକ୍ତ ଆଇଟମ୍ ଭାବେ ବିବେଚନା କରାଯିବ ଏବଂ ଏଥିରେ ନୂତନ ଏବଂ / କିମ୍ବା ବିକଳ୍ପ ଆଇଟମ୍ ଅନ୍ତର୍ଭୁକ୍ତ ହେବ ।

ଅଡିଟରେ ସମସ୍ତ 14 ଟି ପ୍ୟାକେଜର ସମୀକ୍ଷା କରାଯାଇଥିଲା ଏବଂ ଦେଖିବାକୁ ମିଳିଥିଲା ଯେ ଠିକାଦାରମାନେ ଆଠଟି ପ୍ୟାକେଜ୍ ବାବଦରେ କମ୍ ଦର ଦର୍ଶାଇଥିଲେ ଯାହା ଟେଣ୍ଡର ଆହ୍ୱାନ ହୋଇଥିବା ଆନୁମାନିକ ମୂଲ୍ୟର (-) ତିନି ରୁ (-) 15.3 ପ୍ରତିଶତ ମଧ୍ୟରେ ଥିଲା । କାର୍ଯ୍ୟକାରିତା ସମୟରେ ତ୍ରୁଟିପୂର୍ଣ୍ଣ ଡିପିଆର ଯୋଗୁଁ କାମର ପରିସର ପରିବର୍ତ୍ତନ[162] ହୋଇଥିଲା । ତେଣୁ ଅତିରିକ୍ତ ଆଇଟମ୍ ଯୋଡ଼ାଯାଇ ଟେଣ୍ଡର ପରବର୍ତ୍ତୀ ପର୍ଯ୍ୟାୟରେ, ବର୍ତ୍ତମାନର ଦର ସୂଚୀରେ ସପ୍ଲିମେଣ୍ଟାରୀ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା । ଫଳରେ, ବିଭାଗ ମୂଳ ଚୁକ୍ତିନାମାର ରିହାତି/ ଛାଡ଼[163] ଲାଭ କରିପାରି ନଥିଲା ଏବଂ 2.73 କୋଟି ଟଙ୍କା ଅତିରିକ୍ତ ଖର୍ଚ୍ଚ କରିଥିଲା ଯାହାକି ***ପରିଶିଷ୍ଟ- XXI*** ରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି । ତେଣୁ, ତ୍ରୁଟିପୂର୍ଣ୍ଣ ଡିପିଆର ଯୋଗୁଁ କାର୍ଯ୍ୟ ପରିସରରେ ପରିବର୍ତ୍ତନ ହେଲା ଏବଂ ରିହାତି/ ଛାଡ଼ ନ ମିଳିବା କାରଣରୁ ରାଜ୍ୟ ରାଜକୋଷକୁ କ୍ଷତି ହେଲା ।

ଉତ୍ତରରେ ସରକାର ଦର୍ଶାଇଲେ (ମାର୍ଚ୍ଚ 2023) ଯେ, ପରିମାଣ ଏବଂ ଆଇଟମ୍‌ରେ ପରିବର୍ତ୍ତନ, ବାସ୍ତବ ସାଇଟ୍ ସ୍ଥିତି ଏବଂ ଡିଜାଇନ୍ କାରଣରୁ ହୋଇଥିଲା । କିନ୍ତୁ ବାସ୍ତବ କଥା ହେଲା, ଯଦି ଡିପିଆର୍ ପ୍ରସ୍ତୁତି ସମୟରେ ସର୍ଭେ ଓ ଅନୁସନ୍ଧାନ ଠିକ୍ ଭାବେ କରାଯାଇଥାନ୍ତା, ତେବେ କାର୍ଯ୍ୟ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଘଟିନଥାନ୍ତା ଏବଂ ରିହାତି କିମ୍ବା ଛାଡ଼ ନ ମିଳିବା ଆକାରରେ ରାଜ୍ୟ ରାଜକୋଷର କ୍ଷତିକୁ ଏଡ଼ାଇ ଦିଆଯାଇ ପାରିଥାନ୍ତା ।

ଏହିପରି, ରାସ୍ତାର ପର୍ଯ୍ୟାପ୍ତ ସର୍ବେକ୍ଷଣ ଓ ଯାଞ୍ଚର ଅଭାବ ଯୋଗୁଁ ଅଧିକାଂଶ କାର୍ଯ୍ୟରେ ବ୍ୟାପକ ପରିବର୍ତ୍ତନ ଯୋଗୁଁ ପରିହାର୍ଯ୍ୟ ବ୍ୟୟ ହୋଇଥିଲା ଏବଂ କାମ ବିଳମ୍ବିତ ହେବା ସହ ସମୟ ଓ ବ୍ୟୟ ବୃଦ୍ଧି ହୋଇଥିଲା । କିନ୍ତୁ ଡିପିଆରର ତ୍ରୁଟିପୂର୍ଣ୍ଣ ପ୍ରସ୍ତୁତି ପାଇଁ ପରାମର୍ଶଦାତାଙ୍କ ବିରୋଧରେ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିଲା ।

### 6.2.3 ତ୍ରୁଟିପୂର୍ଣ୍ଣ ଯୋଜନା ଯୋଗୁଁ ପରିହାର୍ଯ୍ୟ ଅତିରିକ୍ତ ବ୍ୟୟ

ପ୍ରକଳ୍ପର ତ୍ରୁଟିପୂର୍ଣ୍ଣ ଯୋଜନା ଯୋଗୁଁ ନିମ୍ନଲିଖିତ ପରିହାର୍ଯ୍ୟ ବ୍ୟୟ ହୋଇଥିବା ଅଡିଟ୍‌ରେ ଦେଖାଗଲା:

**6.2.3.1** ଓପିଡବ୍ଲୁଡି କୋଡ ଭାଗ-1 ର ଅନୁଚ୍ଛେଦ 3.7.4 ଅନୁଯାୟୀ ଦାୟିତ୍ୱସମ୍ପନ୍ନ ସିଭିଲ୍ ଅଫିସରଙ୍କ ଦ୍ୱାରା ଉପଯୁକ୍ତ ଭାବେ ହସ୍ତାନ୍ତର ହୋଇନଥିବା ଜମିରେ କୌଣସି କାମ ଆରମ୍ଭ କରାଯିବ ନାହିଁ ।

ପିଏମ୍‌ୟୁ ଏବଂ ଭଦ୍ରକ ଆର୍‌ଆଣ୍ଡବି ବିଭାଜନର ରେକର୍ଡ ଯାଞ୍ଚରୁ ଜଣାଗଲା ଯେ ଚାନ୍ଦବାଲି-ଭଦ୍ରକ-ଆନନ୍ଦପୁର ରାସ୍ତା କାର୍ଯ୍ୟ ଅଗଷ୍ଟ 2011 ସୁଦ୍ଧା ଶେଷ କରିବା ପାଇଁ ଧାର୍ଯ୍ୟ କରାଯାଇ ନଭେମ୍ବର 2008 ରେ କାର୍ଯ୍ୟ ପ୍ରଦାନ କରାଯାଇଥିଲା । ମୁଖ୍ୟତଃ ବିଡ୍ ଦସ୍ତାବିଜରେ ଦର୍ଶାଯାଇଥିବା ଉତ୍ସରେ ପର୍ଯ୍ୟାପ୍ତ ପଥରର ଅଭାବ ଏବଂ ଜମି ଅଧିଗ୍ରହଣ ହୋଇନଥିବାରୁ ଜାଗା ହସ୍ତାନ୍ତରରେ ବିଳମ୍ବ ହେତୁ କାମର ଅଗ୍ରଗତି ମନ୍ଥର ଥିବାରୁ ଚୁକ୍ତି ବାତିଲ୍ କରାଯାଇଥିଲା (ନଭେମ୍ବର 2012) । ପ୍ରଥମ ଠିକାଦାର ନଭେମ୍ବର 2012

162 ଟେଣ୍ଡର ପରବର୍ତ୍ତୀ ପର୍ଯ୍ୟାୟରେ କଲଭର୍ଟର ଡିଜାଇନ୍ ପରିବର୍ତ୍ତନ, ନୂତନ କଲଭର୍ଟ ବ୍ୟବସ୍ଥା, ରାସ୍ତାର ପ୍ରସ୍ଥ ପରିବର୍ତ୍ତନ, କାର୍ଯ୍ୟକାରିତା ସମୟରେ ଆକଳନରେ ଦୁଇ ଲେନ୍ ବ୍ୟବସ୍ଥାକୁ ଚାରି ଲେନ୍‌ରେ ପରିବର୍ତ୍ତନ କରାଯାଇଥିଲା, ଆଇଆରସି ବ୍ୟବସ୍ଥା ଅନୁଯାୟୀ ସ୍ପେସିଫିକେସନ୍ ପରିବର୍ତ୍ତନ କରାଯାଇଥିଲା, ଆକଳନରେ ଦିଆଯାଇଥିବା ପରିମାଣ ସାଇଟ୍ ଆବଶ୍ୟକତା ଅନୁଯାୟୀ ଆକଳନ କରାଯାଇ ନଥିଲା, ଡିପିଆର୍ ସମୟରେ ପୂର୍ବାନୁମାନ କରାଯାଇ ନଥିବା ବିସ୍ତୃତ ମାଟି ପାଣି ଜମା ହୋଇଥିବା, କାର୍ଯ୍ୟକାରୀ ସମୟରେ ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳିଥିଲା ।

163 କାର୍ଯ୍ୟଚୁକ୍ତିର ଆଇଟମ୍ ଦରର ଅଫର ମୂଲ୍ୟରେ ହ୍ରାସ

ରେ କାମ ଛାଡ଼ି ଥିଲେ । ତେଣୁ, ଜାନୁଆରୀ 2016 ସୁଦ୍ଧା କାମ ଶେଷ କରିବା ପାଇଁ ବିଭାଗ, ଅନ୍ୟ ଠିକାଦାରଙ୍କୁ କାର୍ଯ୍ୟ ପ୍ରଦାନ କରିବାରେ (ନଭେମ୍ବର 2013) ଏକ ବର୍ଷ ସମୟ ନେଇଥିଲା । ଏଥି ମଧ୍ୟରେ, ଏହି ରାସ୍ତାକୁ ଯାତାୟତ ଉପଯୋଗୀ କରିବା ପାଇଁ ଇଇ, ଭଦ୍ରକ (ଆର୍‌ଆଣ୍ଡବି) ବିଭାଜନ ପକ୍ଷରୁ 2.87 କୋଟି ଟଙ୍କାର ରକ୍ଷଣାବେକ୍ଷଣ କାର୍ଯ୍ୟ କରାଯାଇଥିଲା ।

ବିଭାଗ, ଠିକ୍ ସମୟରେ ଜାଗା ଯୋଗାଇବାରେ ଓ ଡିପିଆରରେ ଚିହ୍ନଟ ହୋଇଥିବା ଖଣିଗୁଡ଼ିକରେ ପର୍ଯ୍ୟାପ୍ତ ପଥର ଥିବା ସୁନିଶ୍ଚିତ କରିବାରେ ବିଫଳ ହୋଇଥିବାରୁ ଏବଂ ବଳକା କାର୍ଯ୍ୟକୁ ଆରମ୍ଭ କରାଇବାରେ ବିଳମ୍ବ ଯୋଗୁଁ, ତୁରନ୍ତ ମରାମତି ଓ ରକ୍ଷଣାବେକ୍ଷଣ ପାଇଁ ବିଭାଗ ପକ୍ଷରୁ 2.87 କୋଟି ଟଙ୍କା ଅତିରିକ୍ତ ଖର୍ଚ୍ଚ ହୋଇଥିଲା ।

ତେଣୁ ପ୍ରକଳ୍ପର ସଠିକ୍ ଯୋଜନା କରିବାରେ ବିଭାଗର ବିଫଳତା ଯୋଗୁଁ 2.87 କୋଟି ଟଙ୍କାର ଅତିରିକ୍ତ ବ୍ୟୟ ବରାଦ ହୋଇଥିଲା, ଯାହାକୁ ଏଡ଼ାଇ ଦିଆଯାଇ ପାରିଥାନ୍ତା ।

ଉତ୍ତରରେ, ସରକାର ବ୍ୟକ୍ତ କଲେ (ମାର୍ଚ୍ଚ 2023) ଯେ ଜମି ଅଧିଗ୍ରହଣ ନହେବା କାରଣରୁ ମୂଳ ଠିକାଦାରଙ୍କ ଦ୍ୱାରା କାମ ସମ୍ପାଦନ ହୋଇପାରିନଥିଲା ଏବଂ ଚୁକ୍ତିକୁ ରଦ୍ଦ କରାଯାଇଥିଲା (ନଭେମ୍ବର 2012) । ରଦ୍ଦ ହେବା ପରେ, ବଳକା କାମ ପାଇଁ ଏକ ବର୍ଷରୁ ଅଧିକ ସମୟ ଲାଗିଥିଲା ଏବଂ ଏହି ସମୟରେ ଯାତାୟତ ସୁରୁଖୁରରେ ଚାଲିବା ପାଇଁ ରାସ୍ତାର ରକ୍ଷଣାବେକ୍ଷଣ କରିବାକୁ ପଡ଼ିଥିଲା । ଏହି ଉତ୍ତର ଗ୍ରହଣୀୟ ନୁହେଁ କାରଣ ଏହା ପ୍ରକଳ୍ପ କାର୍ଯ୍ୟକାରିତା ନିମନ୍ତେ ପୂର୍ବ ଆବଶ୍ୟକତାକୁ ଆକଳନ କରିବା ପାଇଁ ଯୋଜନାର ଅଭାବକୁ ସୂଚାଇଥାଏ । ପ୍ରକଳ୍ପ ପରିଚାଳନା ପାଇଁ ପିଏମ୍‌ୟୁ 2005 ମସିହାରୁ ସ୍ଥାପିତ ହୋଇଥିଲେ ହେଁ ଚୁକ୍ତି ରଦ୍ଦ ହେବା ପର୍ଯ୍ୟନ୍ତ ଓଡବ୍ଲୁଡି ଆବଶ୍ୟକ ଜମି ଅଧିଗ୍ରହଣ କରିବାରେ ବିଫଳ ହୋଇଥିଲା ।

**6.2.3.2** ଓପିଡବ୍ଲୁଡି କୋଡ୍ ଭାଗ-1 ର ପାରା 3.4.10 ଅନୁଯାୟୀ ଅତ୍ୟନ୍ତ ମିତବ୍ୟୟୀ ଉପାୟରେ ଆକଳନ ପ୍ରସ୍ତୁତ କରିବା ଆବଶ୍ୟକ ।

ପିଏମ୍‌ୟୁରେ ଥିବା ନଥିପତ୍ର ଯାଞ୍ଚରୁ ଜଣାଗଲା ଯେ "ଜଗତପୁର ରୁ ନିଶ୍ଚିନ୍ତକୋଇଲି[164] ପର୍ଯ୍ୟନ୍ତ ବିଦ୍ୟମାନ କ୍ୟାରେଜ୍ ୱେର ଦୁଇ ଲେନ୍ ବିଶିଷ୍ଟ ରାସ୍ତାକୁ ପ୍ରଶକ୍ତିକରଣ ଏବଂ ସୁଦୃଢ଼ୀକରଣ" କାର୍ଯ୍ୟର ପରିସରରେ କଟା ପଥର ବ୍ୟବହାର କରି 63,822 ଘନ ମିଟର ଗ୍ରାନୁଲାର ସବ୍‌ବେସ୍ କାର୍ଯ୍ୟ ଅନ୍ତର୍ଭୁକ୍ତ ଥିଲା । ସମୁଦାୟ 23,613 ଘନ ମିଟର ଜିଏସ୍‌ବି କାମ ହେବା ପରେ, ଅବଶିଷ୍ଟ କାର୍ଯ୍ୟ ପାଇଁ କଟା ପଥର ଉପଲବ୍ଧ ନଥିବାରୁ ଜିଏସ୍‌ବିରେ ସ୍ଲାଗ୍ ବ୍ୟବହାରକୁ ଅନୁମତି ଦିଆଯାଇଥିଲା (ନଭେମ୍ବର 2016) । ଜିଏସ୍‌ବିରେ ସ୍ଲାଗ୍ ର ବ୍ୟବହାର ଶସ୍ତା ହୋଇଥିବାରୁ ସ୍ଲାଗ୍ ବଦଳରେ ପଥରରେ ଜିଏସ୍‌ବି ନିର୍ମାଣ ପାଇଁ ବ୍ୟବସ୍ଥା କରାଯିବା ଯୋଗୁଁ ଜିଏସ୍‌ବିର ଆଇଟମ୍ ଦର ଘନମିଟର ପିଛା 293 ଟଙ୍କା ବୃଦ୍ଧି ପାଇଥିଲା । ଆବଶ୍ୟକ ସାମଗ୍ରୀର ଉପଲବ୍ଧତା ଯାଞ୍ଚ ନକରି ଆକଳନ ପ୍ରସ୍ତୁତ କରିବା ଖରାପ ଯୋଜନାକୁ ସୂଚାଉଛି । ଆକଳନ ପ୍ରସ୍ତୁତ କରିବା ସମୟରେ ଜିଏସ୍‌ବିରେ ସ୍ଲାଗକୁ କଟା ପଥର ପରିବର୍ତ୍ତେ ଅନ୍ତର୍ଭୁକ୍ତ କରାଯାଇପାରିଥାନ୍ତା ଏବଂ 69 ଲକ୍ଷ ଟଙ୍କାର ଅତିରିକ୍ତ ଖର୍ଚ୍ଚକୁ ଏଡ଼ାଇ ଦିଆଯାଇପାରିଥାନ୍ତା ବୋଲି ମଧ୍ୟ ଅଡିଟରେ ଅନୁଧ୍ୟାନ କରାଗଲା ।

**ପ୍ରତିଛବି 1**




ଶସ୍ତା ସାମଗ୍ରୀ ଉପଲବ୍ଧ ଥିବା ସତ୍ତ୍ୱେ ଆକଳନରେ ଅଧିକ ମୂଲ୍ୟର ସାମଗ୍ରୀ ଯୋଗାଇ ଦେବା ଫଳରେ ଅତିରିକ୍ତ ଖର୍ଚ୍ଚ ହୋଇଥିଲା । ତେଣୁ, ମିତବ୍ୟୟିତା ଭାବରେ ଯୋଜନା ଓ ଆକଳନ ପ୍ରସ୍ତୁତରେ ବିଭାଗର ବିଫଳତା ଯୋଗୁଁ 69 ଲକ୍ଷ ଟଙ୍କାର ପରିହାର୍ଯ୍ୟ ବ୍ୟୟ ହେଲା ।

[164] ଜଗତପୁର-ଚାନ୍ଦବାଲି ରାସ୍ତାର ଭାଗ କିଲୋମିଟର 0/000 ରୁ କିଲୋମିଟର 25/000

ଉତ୍ତରରେ, ସରକାର ବ୍ୟକ୍ତ କଲେ (ମାର୍ଚ୍ଚ 2023) ଯେ, ଆକଳନ ପ୍ରସ୍ତୁତ କରିବା ସମୟରେ ଜିଏସ୍‌ବିରେ ବ୍ୟବହାର ପାଇଁ ସ୍ଲାଗର ଉପଲବ୍ଧତା ଏବଂ ଉପଯୁକ୍ତତା ବିଭାଗକୁ ଜଣାନଥିଲା । ଉତ୍ତର ଗ୍ରହଣୀୟ ନୁହେଁ, କାରଣ ଆଇଆରସି ନିର୍ଦ୍ଦିଷ୍ଟ କରେ ଯେ ସ୍ଲାଗ୍ ହେଉଛି ଜିଏସ୍‌ବି ଭାବରେ ବ୍ୟବହାର ପାଇଁ ଏକ ସାମଗ୍ରୀ । ପୁନଶ୍ଚ, ଚୌଦ୍ୱାର ନିକଟସ୍ଥ ଏକ କାରଖାନାରେ ମଧ୍ୟ ଏହା ଉପଲବ୍ଧ ଥିଲା ।

**6.2.3.3** ଆଇଆର୍‌ସି 37-2001 ବିବରଣର ଅନୁଚ୍ଛେଦ 4.2.1.5 ଅନୁଯାୟୀ ସବ୍-ଗ୍ରେଡ୍ ମାଟିରେ[165] ଦୁଇ ପ୍ରତିଶତ କ୍ୟାଲିଫର୍ଣ୍ଣିଆ ବିୟରିଂ ରେସିଓ (ସିବିଆର୍)[166] ରହିବା ଆବଶ୍ୟକ । ଉପଶ୍ରେଣୀ ମୃତ୍ତିକାର ମୂଲ୍ୟ ଯେଉଁଠାରେ ସିବିଆର୍‌ର ଦୁଇ ପ୍ରତିଶତରୁ କମ୍, ଉପଶ୍ରେଣୀ ମୃତ୍ତିକାର ସିବିଆର୍ ମୂଲ୍ୟ ଦୁଇ ପ୍ରତିଶତ ଭାଗ ପରି ନକ୍ସା କରିବା ଆବଶ୍ୟକ ଏବଂ ଉପସ୍ତର ବ୍ୟତୀରେକ 150 ମିଲିମିଟର ଘନତ୍ୱ ସାମଗ୍ରୀ ଦ୍ୱାରା ଆଚ୍ଛାଦିତ ସ୍ତରର ସର୍ବନିମ୍ନ ସିବିଆର୍ ମୂଲ୍ୟ 10 ପ୍ରତିଶତ ହେବା ଆବଶ୍ୟକ ।

ଅଡିଟ୍ ଆଠଟି ରାସ୍ତାର ଡିପିଆର୍‌ରୁ  ଜାଣିଲା ଯେ ସବ୍‌ଗ୍ରେଡ୍ ମାଟିର ସିବିଆର୍ ମୂଲ୍ୟ ଛଅ ରୁ 10 ପ୍ରତିଶତ ମଧ୍ୟରେ ରହିଥିଲା । ଡିପିଆର୍ ଆଇଆରସି ଅନୁଯାୟୀ ବୋଲି କୁହାଯାଇଥିଲା, ତେଣୁ ବାଲିର କ୍ୟାପିଂ ଲେୟରର ଆବଶ୍ୟକତା ନଥିଲା । ପୁନଶ୍ଚ, ଆଇଆରସି ଅନୁଯାୟୀ ସବ୍‌ବେସ୍[167] (ଜିଏସ୍‌ବି) ବେସ୍ କୋର୍ସ[168] (ୱେଟ୍ ମିକ୍ସ ମାକାଡାମ୍) (ଡବ୍ଲୁଏମ୍‌ଏମ୍) ଏବଂ ଉଇଣ୍ଡିଂ କୋର୍ସ[169] (ବିଟୁମିନାସ୍ ମାକାଡାମ୍) (ଡିଏମ୍) ଏବଂ ସେମି ଡେନ୍ସ ବିଟୁମିନସ୍ ମାକାଡାମ) (ଏସ୍‌ଡିବିସି) ର ମୋଟେଇ ଉପରୋକ୍ତ ରାସ୍ତାଗୁଡ଼ିକରେ ପ୍ରଦାନ କରାଯାଇଥିଲା । ଆଠଟି ରାସ୍ତାର ଆକଳନରେ, ଜିଏସ୍‌ବିର ଆବଶ୍ୟକ ମୋଟେଇ ବ୍ୟତୀତ 500 ମିଲିମିଟର ବାଲି ସହିତ 11.21 ଲକ୍ଷ ଘନମିଟର ବାଲି କ୍ୟାପିଂ ଲେୟାର, ଘନମିଟର ପିଛା 286 ରୁ 700 ଟଙ୍କା ମଧ୍ୟରେ ଅନାବଶ୍ୟକ ବ୍ୟବସ୍ଥା ଆଇଆରସି ସ୍ପେସିଫିକେସନର ଉଲ୍ଲଙ୍ଘନ ଥିଲା । ଏଥିପାଇଁ 43.51 କୋଟି ଟଙ୍କାର ଅତିରିକ୍ତ ବ୍ୟୟ ବରାଦ ହୋଇଥିଲା, ଯାହାକି ***ପରିଶିଷ୍ଟ-XXII*** ରେ ବିସ୍ତୃତ ଭାବେ ଦର୍ଶାଗଲା ।

ଏହାର ଉତ୍ତରରେ ସରକାର ବ୍ୟକ୍ତ କଲେ (ମାର୍ଚ୍ଚ 2023) ଯେ ସର୍ବନିମ୍ନ 10 ପ୍ରତିଶତ ସିବିଆର ମୂଲ୍ୟ ବିଶିଷ୍ଟ ମାଟିର ଅଭାବ ହେତୁ ବାଲିକୁ ବନ୍ଧରେ କ୍ୟାପିଂ ଲେୟର ଭାବେ ବ୍ୟବହାର କରିବାକୁ ବିଚାର କରାଯାଇଥିଲା । ଏହି ଉତ୍ତର ଗ୍ରହଣୀୟ ନୁହେଁ କାରଣ ଓଡବ୍ଲୁଡି ବନ୍ଧରେ ମାଟି ସହିତ ବାଲିକୁ କ୍ୟାପିଂ ଲେୟର ଭାବରେ ବ୍ୟବହାର କରିଥିଲା ।

### 6.2.4 ପର୍ଯ୍ୟାପ୍ତ ଯୋଜନା ଅଭାବରୁ ସମୟ ଓ ଖର୍ଚ୍ଚର ବୃଦ୍ଧି ଘଟିଲା

ଓଏସ୍‌ଆର୍‌ପି ପାଇଁ ପ୍ରକଳ୍ପ ମୂଲ୍ୟାଙ୍କନ ଦସ୍ତାବିଜ (ପିଏଡି)ର ଅନୁଚ୍ଛେଦ 37 ଦର୍ଶାଉଛି ଯେ ଜମି ଅଧିଗ୍ରହଣ, ଥଇଥାନ ଓ ପୁର୍ନବସତି, ଗଛ ସଫା କରିବା ଏବଂ ଉପଯୋଗିତା ସ୍ଥାନାନ୍ତର ସମେତ ପ୍ରାକ୍ ନିର୍ମାଣ କାର୍ଯ୍ୟକଳାପ ପ୍ରକଳ୍ପ କାର୍ଯ୍ୟକାରିତାରେ ବିଳମ୍ବ କରୁଥିବା ସାଧାରଣ କାରଣ । ଏଭଳି ଘଟଣାକୁ ଏଡ଼ାଇବା ପାଇଁ ସିଭିଲ୍ ୱାର୍କ କଣ୍ଟ୍ରାକ୍ଟ ର ସମସ୍ତ ପ୍ରାକ୍ ନିର୍ମାଣ କାର୍ଯ୍ୟର ପ୍ରାୟ 25 ପ୍ରତିଶତ କାର୍ଯ୍ୟ ଚୁକ୍ତି ପ୍ରଦାନ ପୂର୍ବରୁ ଯଥାର୍ଥ ଭାବେ ପ୍ରସ୍ତୁତ ହେବା ଦରକାର ।

ପିଏମ୍‌ୟୁରେ ଥିବା ରେକର୍ଡ ଯାଞ୍ଚରୁ ଜଣାଗଲା ଯେ ପାଞ୍ଚଟି ପ୍ୟାକେଜ୍‌ରେ ବିଭକ୍ତ ହୋଇଥିବା ଚାରୋଟି ରାସ୍ତାର ପ୍ରଶକ୍ତିକରଣ ଓ ସୁଦୃଢ଼ୀକରଣକୁ ନେଇ ଗଠିତ ଏହି ପ୍ରକଳ୍ପ ପ୍ରଥମେ 725.44 କୋଟି ଟଙ୍କା ବ୍ୟୟରେ ନଭେମ୍ବର

---

165 ସବ୍‌ଗ୍ରେଡ୍ ହେଉଛି ଏକ ନିର୍ମିତ ରାସ୍ତା ପେଭ୍‌ମେଣ୍ଟ ତଳେ ଥିବା ମୂଳ ସାମଗ୍ରୀ । ଏହାକୁ ଗଠନ ସ୍ତର ମଧ୍ୟ କୁହାଯାଏ ।

166 କାଲିଫର୍ଣ୍ଣିଆ ବିଅରିଂ ରେସିଓ (ସିବିଆର୍) ପରୀକ୍ଷା ହେଉଛି ଏକ ପ୍ରବେଶ ପରୀକ୍ଷା ଯାହା ରାସ୍ତା ଏବଂ ପେଭ୍‌ମେଣ୍ଟ ସବ୍‌ଗ୍ରେଡ୍ ଶକ୍ତି ନିର୍ଦ୍ଧାରଣ କରିବା ପାଇଁ ବ୍ୟବହୃତ ହୁଏ ।

167 ସବ୍‌ବେସ୍ ହେଉଛି ସବ୍ ଗ୍ରେଡରେ ରଖାଯାଇଥିବା ସମୁଦାୟ ପଦାର୍ଥର ସ୍ତର, ଯାହା ଉପରେ ବେସ୍ କୋର୍ସ ସ୍ତର ଅବସ୍ଥିତ ।

168 ପେଭ୍‌ମେଣ୍ଟର ବେସ୍ କୋର୍ସ ହେଉଛି ଏକ ଆସ୍ଫାଲ୍ଟ ରୋଡ୍‌ୱେ, ରେସ୍ ଟ୍ରାକ୍, ରାଇଡିଂ ଏରିନା କିମ୍ବା କ୍ରୀଡ଼ା କ୍ଷେତ୍ରରେ ସାମଗ୍ରୀର ଏକ ସ୍ତର । ଏହା ପୃଷ୍ଠସ୍ତର ତଳେ ଅବସ୍ଥିତ ଯେଉଁଥିରେ ୱେରିଙ୍ଗ୍ କୋର୍ସ ଏବଂ ବେଳେବେଳେ ଏକ ଅତିରିକ୍ତ ବାଇଣ୍ଡର କୋର୍ସ ରହିଥାଏ ।

169 ରାସ୍ତାଘାଟ, ଏୟାରଫିଲ୍ଡ ଏବଂ ଡକ୍ୟାର୍ଡ ନିର୍ମାଣର ଉପର ସ୍ତର ହେଉଛି ୱେରିଙ୍ଗ୍ କୋର୍ସ ।

2010 ରୁ ମାର୍ଚ୍ଚ 2016 ମଧ୍ୟରେ ଶେଷ ହେବାର ଥିଲା । ଜମି ଅଧିଗ୍ରହଣରେ ବିଳମ୍ବ, ଥଇଥାନ ଓ ପୁର୍ନବସତି ପ୍ରକ୍ରିୟାରେ ବିଳମ୍ବ ଏବଂ ଉପଯୋଗିତା ସ୍ଥାନାନ୍ତର ନହେବା ଇତ୍ୟାଦି କାରଣରୁ ସେପ୍ଟେମ୍ବର 2011 ରୁ ଜୁନ୍ 2017 ମଧ୍ୟରେ ଚୁକ୍ତିଗୁଡ଼ିକ ବାତିଲ କରାଯାଇଥିଲା । ପରବର୍ତ୍ତୀ ସମୟରେ 14 ଟି ପ୍ୟାକେଜରେ ଏହି କାର୍ଯ୍ୟଗୁଡ଼ିକୁ ପୁନଃଟେଣ୍ଡର କରାଯାଇ 963.80 କୋଟି ଟଙ୍କା ବ୍ୟୟରେ ଅଗଷ୍ଟ 2016 ରୁ ଅପ୍ରେଲ 2021 ମଧ୍ୟରେ ଶେଷ କରାଯାଇଥିଲା ଯାହା ନିମ୍ନ ସାରଣୀ 6.1 ରେ ଦର୍ଶାଯାଇଛି:

**ସାରଣୀ 6.1: ରାସ୍ତା ପ୍ୟାକେଜର ବିସ୍ତୃତ ବିବରଣୀ**

*(କୋଟି ଟଙ୍କାରେ)*

| କ୍ର. ସଂ. | ରାସ୍ତା | ମୂଳ ଚୁକ୍ତିନାମା ମୂଲ୍ୟ | ମୂଳ ସମାପ୍ତି ଅବଧି | ପୁନଃଟେଣ୍ଡର ହୋଇଥିବା ପ୍ୟାକେଜ୍ ସଂଖ୍ୟା | ସମ୍ପୂର୍ଣ୍ଣ ହେବାର ପ୍ରକୃତ ତାରିଖ | ଅସମ୍ପୂର୍ଣ୍ଣ ଖର୍ଚ୍ଚ | ମାସରେ ବିଳମ୍ବ |
|---|---|---|---|---|---|---|---|
| *1* | *2* | *3* | *4* | *5* | *6* | *7* | *8* |
| 1 | ଭବାନିପାଟଣା-ଖରିଆର | 105.51 | ଅଗଷ୍ଟ 2011 | 3 | ଅଗଷ୍ଟ 2016 | 158.29 | 60 |
| 2 | ଚାନ୍ଦବାଲି-ଆନନ୍ଦପୁର-ଭଦ୍ରକ | 216.23 | ଅଗଷ୍ଟ 2011 | 5 | ଅପ୍ରେଲ 2021 | 316.35 | 116 |
| 3 | ବ୍ରହ୍ମପୁର-ତପ୍ତପାଣି | 81.97 | ନଭେମ୍ବର 2010 | 2 | ଅଗଷ୍ଟ 2016 | 108.18 | 69 |
| 4 | ଜଗତପୁର-କେନ୍ଦ୍ରାପଡ଼ା-ଚାନ୍ଦବାଲି | 321.73 | ମାର୍ଚ୍ଚ 2016 | 4 | ମଇ 2019 | 380.98 | 38 |
| | **ମୋଟ** | **725.44** | | **14** | | **963.80** | |

ଉପରୋକ୍ତ ସାରଣୀ ସୂଚାଉଛି ଯେ, ପର୍ଯ୍ୟାପ୍ତ ଯୋଜନା ଅଭାବରୁ ଚୁକ୍ତି ବାତିଲ କରିବାକୁ ପଡ଼ିଥିଲା ଏବଂ ପ୍ରକଳ୍ପ ପାଇଁ 238.36 କୋଟି ଟଙ୍କା (32.86 ପ୍ରତିଶତ) ଖର୍ଚ୍ଚ ବୃଦ୍ଧି ହୋଇଥିବା ବେଳେ ସମୟ ସୀମା 38 ରୁ 116 ମାସ ମଧ୍ୟରେ ବିଳମ୍ବ ହୋଇଥିଲା ।

ଉତ୍ତରରେ ସରକାର ବ୍ୟକ୍ତ କଲେ (ମାର୍ଚ୍ଚ 2023) ଯେ, ଜମି ଅଧିଗ୍ରହଣ, ଥଇଥାନ ଓ ପୁର୍ନବସତି ପ୍ରକ୍ରିୟା, ଉପଯୋଗିତା ସ୍ଥାନାନ୍ତର, ଗଛ କାଟିବା ଇତ୍ୟାଦିରେ ବିଳମ୍ବ ହେତୁ ମୂଳ ଚୁକ୍ତିନାମା ରଦ୍ଦ କରାଯାଇଥିଲା ଏବଂ କାର୍ଯ୍ୟଗୁଡ଼ିକୁ ପୁନଃଟେଣ୍ଡର କରାଯାଇଥିଲା । ଉତ୍ତର ଗ୍ରହଣୀୟ ନୁହେଁ, କାରଣ ପିଏଡିର ବ୍ୟବସ୍ଥାକୁ ଉଲ୍ଲଙ୍ଘନ କରି ବିଭାଗ ସିଭିଲ୍ ୱାର୍କ କଣ୍ଟ୍ରାକ୍ଟ ର ସମସ୍ତ ପ୍ରାକ୍ ନିର୍ମାଣ କାର୍ଯ୍ୟର ପ୍ରାୟ 25 ପ୍ରତିଶତ କାର୍ଯ୍ୟ ଶେଷ କରିବା ପୂର୍ବରୁ କାର୍ଯ୍ୟଗୁଡ଼ିକୁ ଅଧିନିର୍ଣ୍ଣୟ କରିଥିଲେ, ଯାହାଫଳରେ ଏକାଧିକ ଥର ଚୁକ୍ତିକୁ ରଦ୍ଦ କରିବାକୁ ପଡ଼ିଥିଲା ।

### 6.2.4.1 ୟୁଟିଲିଟି ସ୍ଥାନାନ୍ତରରେ ବିଳମ୍ବ ହେତୁ ପରିସର ପରିବର୍ତ୍ତନ

6.78 କୋଟି ଟଙ୍କା ବ୍ୟୟରେ ଦୁଇଟି ରାସ୍ତାର[170] ୟୁଟିଲିଟି ସେବା ସ୍ଥାନାନ୍ତର କାର୍ଯ୍ୟ ଫେବୃଆରୀ 2009 ରୁ ମଇ 2011 ମଧ୍ୟରେ କାର୍ଯ୍ୟାଦେଶ ପ୍ରଦାନ କରାଯାଇ ନଭେମ୍ବର 2009 ରୁ ସେପ୍ଟେମ୍ବର 2011 ସୁଦ୍ଧା ଶେଷ କରିବା ପାଇଁ ଦିଆଯାଇଥିଲା । 5.84 କୋଟି ଟଙ୍କା ଖର୍ଚ୍ଚ କରିବା ପରେ ମଧ୍ୟ ଜମି ନମିଳିବା, ଅନଧିକୃତ କୋଠା ଦ୍ୱାରା ଜବରଦଖଲ ଓ ଜନସାଧାରଙ୍କ ଜମି ଅଧିଗ୍ରହଣ ସମସ୍ୟାର ସମାଧାନ ନହେବା ଓ ଜନସାଧାରଣଙ୍କ ବିରୋଧ ଯୋଗୁଁ ଠିକାଦାର କାମ ଶେଷ କରିପାରିନଥିଲେ । ତେଣୁ କାର୍ଯ୍ୟର ପରିସରକୁ ବଦଳାଇ ଉପଯୋଗିତା ସ୍ଥାନାନ୍ତର ପାଇଁ ସଂଶୋଧିତ ଆଲାଇନ୍‌ମେଣ୍ଟ ସହ ମାର୍ଚ୍ଚ 2016 ରୁ ମାର୍ଚ୍ଚ 2017 ମଧ୍ୟରେ 95 ଲକ୍ଷ ଟଙ୍କାର ବାକି କାମ 4.28 କୋଟି ଟଙ୍କା ବ୍ୟୟରେ ଶେଷ ହୋଇଥିଲା, ଯେଉଁଥିରେ ଛଅରୁ ସାତ ବର୍ଷ ବିଳମ୍ବ ହୋଇଥିଲା । ତେଣୁ, ଉପଯୁକ୍ତ ଯୋଜନା ଅଭାବରୁ ସାତ ବର୍ଷରୁ ଅଧିକ ସମୟ ଧରି କାର୍ଯ୍ୟ ଶେଷ ହେବାରେ ବିଳମ୍ବ ହେବା ସହ 3.34 କୋଟି ଟଙ୍କାର ଅତିରିକ୍ତ ବ୍ୟୟ ବରାଦ ହୋଇଥିଲା ।

ଅଡିଟ୍ ପର୍ଯ୍ୟବେକ୍ଷଣ ଉପରେ ସରକାର କୌଣସି ନିର୍ଦ୍ଦିଷ୍ଟ ଉତ୍ତର ଦେଲେ ନାହିଁ (ମାର୍ଚ୍ଚ 2023) ।

170 1) ବ୍ରହ୍ମପୁର-ତପ୍ତପାଣି ଏବଂ 2) ଜଗତପୁର-ଚାନ୍ଦବାଲି

#### 6.2.4.2 ପରାମର୍ଶ ସେବା ଉପରେ ଅତିରିକ୍ତ ପରିହାର୍ଯ୍ୟ ବ୍ୟୟ

ପ୍ୟାକେଜ୍ ଗୁଡ଼ିକର ନିର୍ମାଣ ତଦାରଖ କାର୍ଯ୍ୟ ଏକ ପରାମର୍ଶଦାତା (ଏଲ୍ଇଏ ଆସୋସିଏନସ୍ ସାଉଥ ଏସିଆ ପ୍ରାଇଭେଟ୍ ଲିମିଟେଡ୍) କୁ ନଭେମ୍ବର 2013 ରୁ ଫେବୃଆରୀ 2015 ମଧ୍ୟରେ ପ୍ରଦାନ କରାଯାଇଥିଲା ଯାହା ମଇ 2016 ସୁଦ୍ଧା 20.16 କୋଟି ଟଙ୍କା ବ୍ୟୟରେ ଶେଷ ହେବାର ଥିଲା । ଜମି ଅଧିଗ୍ରହଣରେ ବିଳମ୍ବ, କାମର କାର୍ଯ୍ୟ ମନ୍ଥର ଯୋଗୁଁ ଚୁକ୍ତିରଦ୍ଦ, କାମର ପୁନଃଟେଣ୍ଡର ଇତ୍ୟାଦି କାରଣରୁ ନିର୍ଦ୍ଧାରିତ ସମୟ ମଧ୍ୟରେ ସମସ୍ତ ପ୍ୟାକେଜର ସିଭିଲ କାମ ଶେଷ ହୋଇପାରିନଥିଲା । କନସଲଟାନ୍ସି ଅବଧିକୁ ଦୁଇ ଥର ଯଥାକ୍ରମେ ଡିସେମ୍ବର 2019 ପର୍ଯ୍ୟନ୍ତ 38.21 କୋଟି ଟଙ୍କା ଏବଂ ଜୁନ୍ 2021 ପର୍ଯ୍ୟନ୍ତ 39.31 କୋଟି ଟଙ୍କାରେ ବୃଦ୍ଧି କରିବାକୁ ପଡ଼ିଥିଲା ଯାହାଫଳରେ 19.15 କୋଟି ଟଙ୍କାର ଅତିରିକ୍ତ ପରିହାର୍ଯ୍ୟ ବ୍ୟୟ ହୋଇଥିଲା ।

ଉତ୍ତରରେ ସରକାର ବ୍ୟକ୍ତ କଲେ (ମାର୍ଚ୍ଚ 2023) ଯେ ଜମି ଅଧିଗ୍ରହଣ, ପିଏପିଙ୍କ ଥଇଥାନ, ପୁର୍ନବସତି ଏବଂ ଗଛ କାଟିବା ବିଳମ୍ବ କାରଣରୁ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବାରେ ବିଳମ୍ବ ହେବା ଆନ୍ତଃବିଭାଗୀୟ କାର୍ଯ୍ୟକଳାପ ସହିତ ଜଡ଼ିତ ଥିଲା । ଏହି ଉତ୍ତର ଗ୍ରହଣୀୟ ନୁହେଁ କାରଣ ପ୍ରକଳ୍ପକୁ ଠିକ୍ ସମୟରେ ଶେଷ କରିବା ପାଇଁ ଓଡବ୍ଲୁଡି ଅନ୍ୟ ବିଭାଗ ସହିତ ସମନ୍ୱୟ ରଖିବା ଉଚିତ୍ ଥିଲା ।

ଯାହାଫଳରେ, ରାଜ୍ୟ ସଡ଼କ କ୍ଷେତ୍ର ନୀତି ଅନୁମୋଦନ ନହେବା, ପର୍ଯ୍ୟାପ୍ତ ସର୍ଭେର ଅଭାବ ଓ ତ୍ରୁଟିପୂର୍ଣ୍ଣ ଡିପିଆର ଯୋଗୁଁ 420.65 କୋଟି ଟଙ୍କା ଅତିରିକ୍ତ ବ୍ୟୟ ହୋଇଥିଲା, ଯାହାକୁ ଏଡ଼ାଇ ଦିଆଯାଇ ପାରିଥାନ୍ତା ।

## 6.3 ଆର୍ଥିକ ପରିଚାଳନା

### 6.3.1 ପ୍ରକଳ୍ପ ପାଇଁ ବ୍ୟୟ ସମ୍ପର୍କରେ ଆବଣ୍ଟନ

ଓଡ଼ିଶା ବଜେଟ୍ ମାନୁଆଲ, 1963ର ନିୟମ 46 ଅନୁଯାୟୀ ବଜେଟ୍ ଆକଳନ ପ୍ରସ୍ତୁତ କରିବା ସମୟରେ ଆକଳନକୁ ଯଥାସମ୍ଭବ ସଠିକ୍ କରିବା ସହିତ ଅତ୍ୟଧିକ ଆକଳନ କରି ବର୍ଷ ଶେଷରେ ବିପୁଳ ସଞ୍ଚୟ ପ୍ରଦର୍ଶନ ନକରିବା ଲକ୍ଷ୍ୟ ରହିବା ଆବଶ୍ୟକ । ତେଣୁ ବାସ୍ତବ ଭିତ୍ତିରେ ବଜେଟ୍ ଆକଳନ ପ୍ରସ୍ତୁତ କରିବାକୁ ପଡ଼ିବ ।

ପିଏମ୍ୟୁର ରେକର୍ଡ ଯାଞ୍ଚରୁ ଜଣାଗଲା ଯେ 2017-22 ଅବଧିରେ ଓଏସ୍ଆର୍ପିରେ ବ୍ୟୟ ପାଇଁ 531.85 କୋଟି ଟଙ୍କା ବଜେଟ ଆବଣ୍ଟନ କରାଯାଇଥିଲା, ଯେଉଁଥିରୁ ବିଭାଗ 474.03 କୋଟି ଟଙ୍କା ଖର୍ଚ୍ଚ କରିଥିଲା, ଯାହା କି ନିମ୍ନ ସାରଣୀ 6.2 ରେ ବିସ୍ତୃତ ଭାବରେ ପ୍ରଦାନ କରାଗଲା:

**ସାରଣୀ 6.2: ବଜେଟ ଆବଣ୍ଟନ ଏବଂ ବ୍ୟୟର ବିସ୍ତୃତ ବିବରଣୀ**

**(ଟଙ୍କା କୋଟିରେ)**

| ଆର୍ଥିକ ବର୍ଷ | ବଜେଟ ଆବଣ୍ଟନ | ଖର୍ଚ୍ଚ | ସମର୍ପଣ/ ପ୍ରତ୍ୟାହାର | ସମର୍ପଣ/ ପ୍ରତ୍ୟାହାର ପ୍ରତିଶତ |
|---|---|---|---|---|
| *1* | *2* | *3* | *4* | *5* |
| 2017-18 | 229.35 | 229.35 | 0 | - |
| 2018-19 | 150.00 | 150.00 | 0 | - |
| 2019-20 | 75.00 | 64.51 | 10.49 | 13.98 |
| 2020-21 | 47.50 | 19.04 | 28.46 | 59.91 |
| 2021-22 | 30.00 | 11.13 | 18.87 | 62.90 |
| **ମୋଟ** | **531.85** | **474.03** | **57.82** | |

ଉପରୋକ୍ତ ସାରଣୀରୁ ଜଣାଗଲା ଯେ ଆବଣ୍ଟିତ ପାଣ୍ଠିଗୁଡ଼ିକର ସମ୍ପୂର୍ଣ୍ଣ ବ୍ୟବହାର ହୋଇନଥିଲା ଏବଂ 2019-20 ଆର୍ଥିକ ବର୍ଷରୁ 2021-22 ଆର୍ଥିକ ବର୍ଷ ପର୍ଯ୍ୟନ୍ତ ଗତ ତିନି ବର୍ଷ ମଧ୍ୟରେ 13.98 ପ୍ରତିଶତରୁ 62.90 ପ୍ରତିଶତ ଏବଂ ବିଶେଷକରି ଗତ ଦୁଇ ବର୍ଷ ମଧ୍ୟରେ ପ୍ରାୟ 50 ପ୍ରତିଶତ ପାଣ୍ଠି ସମର୍ପଣ / ପ୍ରତ୍ୟାହାର ହାର ବୃଦ୍ଧି ପାଇଛି ।

ତେଣୁ ବଜେଟ ମାନୁଆଲର ବ୍ୟବସ୍ଥାକୁ ଉଲ୍ଲଙ୍ଘନ କରି ବାସ୍ତବ ଭିତ୍ତିରେ ପ୍ରକଳ୍ପ ପାଇଁ ବଜେଟ୍ ପ୍ରସ୍ତୁତ ହୋଇନଥିଲା, ଯାହାଫଳରେ ପାଣ୍ଠି ସମର୍ପଣ ହୋଇଥିଲା ।

ଉତ୍ତରରେ ସରକାର ବ୍ୟକ୍ତ କଲେ (ମାର୍ଚ୍ଚ 2023) ଯେ ଜମି ଅଧିଗ୍ରହଣ ଏବଂ ଉପଯୋଗିତା ସ୍ଥାନାନ୍ତରଣର ଅଭାବୀ ଯୋଗୁଁ ବଜେଟ୍ ଆବଣ୍ଟନ ବ୍ୟବହାର ହୋଇପାରିଲା ନାହିଁ ଯାହା ଅନ୍ୟ ବିଭାଗର ଦାୟିତ୍ୱ ଥିଲା । ଉପରୋକ୍ତ ଉତ୍ତର ଦର୍ଶାଇଲା ଯେ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟର ଅଭାବ ଯୋଗୁଁ ପ୍ରକଳ୍ପ କ୍ଷତିଗ୍ରସ୍ତ ହେଲା ।

## 6.3.2 ଜମି ଅଧିଗ୍ରହଣ, ପୁନଃଥଇଥାନ ଓ ପୁର୍ନବସତି ପାଇଁ ଅତିରିକ୍ତ ଖର୍ଚ୍ଚ

ଓଏସ୍ଆର୍ପିର ପିଏଡି ଅନୁଯାୟୀ ମୋଟ ଖର୍ଚ୍ଚର 6.3 ପ୍ରତିଶତ ଜମି ଅଧିଗ୍ରହଣ, ପୁନଃଥଇଥାନ ଓ ପୁର୍ନବସତି ଏବଂ ଉପଯୋଗିତା ସ୍ଥାନାନ୍ତର କାମ ପାଇଁ ଆବଣ୍ଟନ କରାଯାଏ । 2008-09 ପର ଠାରୁ ଓଏସ୍ଆର୍ପିର ମୋଟ ଖର୍ଚ୍ଚ 1,400.39 କୋଟି ଟଙ୍କା (ମାର୍ଚ୍ଚ 2022) ଥିଲା । ପିଏଡିର ଅନୁଚ୍ଛେଦ 37 ଆହୁରି ଧାର୍ଯ୍ୟ କରିଛି ଯେ, ଜମି ଅଧିଗ୍ରହଣ, ପୁନଃଥଇଥାନ ଏବଂ ପ୍ରଭାବିତ ବ୍ୟକ୍ତିଙ୍କୁ ଥଇଥାନ, ଉପଯୋଗିତା ସ୍ଥାନାନ୍ତର ଏବଂ ଗଛ ସଫା କରିବା ଭଳି ସମସ୍ତ ନିର୍ମାଣ କାର୍ଯ୍ୟ ଚୁକ୍ତି ପ୍ରଦାନ ପୂର୍ବରୁ ପ୍ରାୟ 25 ପ୍ରତିଶତ ସିଭିଲ୍ ଓ୍ୱାର୍କ ପ୍ରସ୍ତୁତ ହେବା ଉଚିତ୍ ।

ଅଡିଟ୍ ଅବଲୋକନ କଲେ ଯେ ଜମି ଅଧିଗ୍ରହଣ, ପୁନଃଥଇଥାନ ଓ ପୁର୍ନବସତି ଏବଂ ଉପଯୋଗିତା ସ୍ଥାନାନ୍ତର ବାବଦରେ 88.22 କୋଟି ଟଙ୍କା (1,400.39 କୋଟି ଟଙ୍କାର 6.3 ପ୍ରତିଶତ) ବ୍ୟୟ ହେବାର ଥିଲା, ଯାହା ତୁଳନାରେ ଓଡବ୍ଲୁଡି 198.44 କୋଟି ଟଙ୍କା (ମୋଟ ବ୍ୟୟର 14.17 ପ୍ରତିଶତ) ବ୍ୟୟ କରିଥିଲା । ତେଣୁ, ପିଏଡି ନିୟମରେ ବିଭ୍ରାଟ ଓ ଜମି ଅଧିଗ୍ରହଣ ପ୍ରକ୍ରିୟାରେ ବିଳମ୍ବ ଯୋଗୁଁ 110.22 କୋଟି ଟଙ୍କା ଅଧିକ ବ୍ୟୟ ବରାଦ ହୋଇଥିଲା ।

ଉତ୍ତରରେ ସରକାର ବ୍ୟକ୍ତ କଲେ (ମାର୍ଚ୍ଚ 2023) ଯେ, ଜମି ଅଧିଗ୍ରହଣର ମୂଲ୍ୟ ହାର ବୃଦ୍ଧି, ପ୍ରକଳ୍ପ ପ୍ରଭାବିତ ବ୍ୟକ୍ତିଙ୍କ ସଂଖ୍ୟା ବୃଦ୍ଧି, ଅଣଧାର୍ମିକ ଗୋଷ୍ଠୀ ସମ୍ପତ୍ତି ସମ୍ବଳ ଏବଂ ବିଭିନ୍ନ ବିଭାଗରୁ ପ୍ରାପ୍ତ ପ୍ରଚଳିତ ଆକଳନରେ ଉପଯୋଗିତା ସ୍ଥାନାନ୍ତରରେ କାର୍ଯ୍ୟ ପରିମାଣ ବୃଦ୍ଧି ଯୋଗୁଁ ଅତିରିକ୍ତ ଖର୍ଚ୍ଚ ହୋଇଥିଲା । ଉତ୍ତର ଗ୍ରହଣୀୟ ନଥିଲା, କାରଣ ଡିପିଆର୍ ପ୍ରସ୍ତୁତ କରିବା ସମୟରେ ଏହିସବୁ ବିଷୟକୁ ବିଚାରକୁ ନିଆଯିବା ଉଚିତ୍ ଥିଲା । ଜମି ଅଧିଗ୍ରହଣରେ ବିଳମ୍ବ ଏବଂ ଟେଣ୍ଡରଗୁଡ଼ିକର ଚୂଡ଼ାନ୍ତ କେବଳ ପ୍ରକଳ୍ପରେ ବିଳମ୍ବ ନୁହେଁ ବରଂ ଜମି କ୍ରୟ ପାଇଁ ଅଧିକ ଖର୍ଚ୍ଚ ମଧ ହେଲା । ତଥାପି ଉତ୍ତରରେ ଦର୍ଶାଯାଇଥିବା ପରି ଅନ୍ୟ ସମସ୍ତ କାରଣ ଡିପିଆର୍ ପ୍ରସ୍ତୁତ କରାଯିବା ସମୟରେ ବିଚାର କରାଯିବା ଉଚିତ୍ ଥିଲା ।

## 6.3.3 କାମର ମନ୍ଥର ଅଗ୍ରଗତି ଯୋଗୁଁ ବିଶ୍ୱବ୍ୟାଙ୍କ ପକ୍ଷରୁ ଋଣ ପ୍ରଦାନ କରାନଯିବା

ପିଏମ୍ୟୁର ରେକର୍ଡ ଯାଞ୍ଚରୁ ଜଣାଗଲା ଯେ, ସେପ୍ଟେମ୍ବର ରୁ ଡିସେମ୍ବର 2008 ମଧ୍ୟରେ ତିନୋଟି କାମ[171] ଦିଆଯାଇଥିଲେ ମଧ ଠିକା ପ୍ରଦାନ ତାରିଖ ଠାରୁ ଦେଢ଼ ବର୍ଷ ପର୍ଯ୍ୟନ୍ତ ଠିକାଦାରଙ୍କୁ କ୍ରମାଗତ ପାଞ୍ଚ କିଲୋମିଟର ରାସ୍ତା ମଧ ଉପଲବ୍ଧ ହୋଇପାରିନଥିଲା ।

କ୍ରମାଗତ ଅସନ୍ତୋଷଜନକ ପ୍ରକଳ୍ପ କାର୍ଯ୍ୟକାରିତାକୁ ଦୃଷ୍ଟିରେ ରଖି ବିଶ୍ୱବ୍ୟାଙ୍କ ମଇ 2011 ରୁ ଅକ୍ଟୋବର 2012 ପର୍ଯ୍ୟନ୍ତ ଋଣକୁ ନିଲମ୍ବିତ ରଖିଥିଲା । ନିଲମ୍ବିତ ଅବଧି ମଧ୍ୟରେ ଡବ୍ଲୁଡି 48.37 କୋଟି ଟଙ୍କା ଋଣ ରାଶି ପ୍ରଦାନ କରିନଥିଲା । ତେଣୁ, ସଡ଼କ ପ୍ରକଳ୍ପ ଗୁଡ଼ିକୁ ଠିକ୍ ସମୟରେ ଶେଷ କରିବା ପାଇଁ ବିଭାଗ ପଦକ୍ଷେପ ନେବାରେ ବିଫଳ ହେବା ଫଳରେ ଏହି ତିନୋଟି ପ୍ରକଳ୍ପ ପାଇଁ ଋଣ ବଣ୍ଟନ ବନ୍ଦ ହେବା ସହ ପରବର୍ତ୍ତୀ ସମୟରେ 48.37 କୋଟି ଟଙ୍କାର ଋଣ ପ୍ରଦାନ ବନ୍ଦ ହୋଇଯାଇଥିଲା, ଯାହାଫଳରେ ପ୍ରକଳ୍ପ କାର୍ଯ୍ୟକାରିତା ପ୍ରଭାବିତ ହୋଇଥିଲା ଏବଂ ରାଜ୍ୟ ରାଜକୋଷ ଉପରେ ଅତିରିକ୍ତ ବୋଝ ପଡ଼ିଥିଲା ।

---

171 ଭବାନୀପାଟଣାରୁ ଖରିଆର (ପ୍ୟାକେଜ ସଂଖ୍ୟା-ଓଏସ୍ଆର୍ପି-ସିଡବ୍ଲୁ-ଆଇସିବି-ଓ୍ୱାଇ 1-P01), ଚାନ୍ଦବାଲି, ଭଦ୍ରକ-ଆନନ୍ଦପୁର ରୋଡ଼ (ପ୍ୟାକେଜ ସଂଖ୍ୟା-ଓଏସ୍ଆର୍ପି-ସିଡବ୍ଲୁ-ଆଇସିବି-ଓ୍ୱାଇ 1-P02) ଏବଂ ବ୍ରହ୍ମପୁର ରୁ ତପ୍ତପାଣୀ (ପ୍ୟାକେଜ ସଂଖ୍ୟା-ଓଏସ୍ଆର୍ପି-ସିଡବ୍ଲୁ-ଆଇସିବି-ଓ୍ୱାଇ1-P03)

ଉତ୍ତରରେ ସରକାର ବ୍ୟକ୍ତ କଲେ (ମାର୍ଚ୍ଚ 2023) ଯେ, ପ୍ରତିପୂରଣର ସମନ୍ୱୟ କରାଯାଇଛି ଏବଂ ଦାବି କରାଯାଇଥିବା ରାଶିକୁ ସମ୍ପୂର୍ଣ୍ଣ ଭାବେ ପ୍ରତିପୂରଣ କରାଯାଇଅଛି । ତେବେ ଋଣର ଦାବି ସ୍ଥିତି ଅନୁଯାୟୀ 48.37 କୋଟି ଟଙ୍କା ଏବେ ବି ବକେୟା ରହିଥିଲା ।

## 6.3.4 ଥଇଥାନ ଅନୁଦାନର ଅଣ-ବିତରଣ

ଓଏସ୍ଆର୍ପି ପ୍ରକଳ୍ପ ଯୋଗୁଁ ଥଇଥାନ ହେବାକୁ ପଡ଼ିଥିବା ଲୋକଙ୍କ ଜୀବିକାକୁ ସମର୍ଥନ କରିବା ଉଦ୍ଦେଶ୍ୟରେ ଓଏସ୍ଆର୍ପିର ଫାଇନାନ୍ସ ମାନୁଆଲର ଅନୁଚ୍ଛେଦ 2.8 ରେ ଦର୍ଶାଯାଇଛି ଯେ ପ୍ରକଳ୍ପ ପ୍ରଭାବିତ ବ୍ୟକ୍ତି (ପିଏପି)ଙ୍କୁ ଥଇଥାନ ଅନୁଦାନ, ସମ୍ପୃକ୍ତ ପିଏପି ଏବଂ ସମ୍ପୃକ୍ତ ପ୍ୟାକେଜ୍ ମ୍ୟାନେଜର (କାର୍ଯ୍ୟନିର୍ବାହୀ ଯନ୍ତ୍ରୀ) ଙ୍କ ନାମରେ ମିଳିତ ଭାବେ ଖୋଲାଯାଇଥିବା ଏକ ବ୍ୟାଙ୍କ ଆକାଉଣ୍ଟରେ ଚେକ୍ ଗୁଡ଼ିକ ଜମା କରାଯିବ ।

ପିଏମ୍ୟୁରେ ରେକର୍ଡ ଯାଞ୍ଚ ଏବଂ ଅଡିଟ୍‌କୁ ଦିଆଯାଇଥିବା ସୂଚନା ଯାଞ୍ଚରେ ନିମ୍ନଲିଖିତ ଅନିୟମିତତା ଜଣାପଡ଼ିଥିଲା:

- ଏଠାରେ ଚିହ୍ନଟ ହୋଇଥିବା 6,055 ଜଣ ପିଏପି ଥିଲେ ମଧ୍ଯ ବିଭାଗ କେବଳ 5,814 ଜଣ ପିଏପିଙ୍କ ଯୁଗ୍ମ ବ୍ୟାଙ୍କ ଆକାଉଣ୍ଟରେ ଥଇଥାନ ଅନୁଦାନ (ଆର୍‌ଜି) ବାବଦରେ 38.39 କୋଟି ଟଙ୍କା ଜମା କରିଥିଲା । 241ଟି ପିଏପି ପାଇଁ ଆର୍‌ଜି ଜମା ନହେବାର କାରଣ ରେକର୍ଡରେ ଉପଲବ୍ଧ ନଥିଲା ।

- 38.39 କୋଟି ଟଙ୍କା ଜମା ରାଶି ମଧ୍ୟରୁ 31.24 କୋଟି ଟଙ୍କା ବଣ୍ଟନ କରାଯାଇଥିଲା ଏବଂ 3,318 ଜଣ ପିଏପିଙ୍କ ବାକି ଥିବା 7.15 କୋଟି ଟଙ୍କା ଯୁଗ୍ମ ବ୍ୟାଙ୍କ ଆକାଉଣ୍ଟରେ ଅବ୍ୟବହୃତ ରଖାଯାଇଥିଲା ।

- ସମୁଦାୟ 5,814 ହିତାଧିକାରୀଙ୍କ ମଧ୍ୟରୁ 2,496 ଜଣ ହିତାଧିକାରୀଙ୍କୁ ସମ୍ପୂର୍ଣ୍ଣ ଓ 3,101 ଜଣ ହିତାଧିକାରୀଙ୍କୁ ଆଂଶିକ ଭାବେ 31.24 କୋଟି ଟଙ୍କାର ଥଇଥାନ ଅନୁଦାନ ପ୍ରଦାନ କରାଯାଇଥିଲା । ଅବଶିଷ୍ଟ 217 ଜଣ ହିତାଧିକାରୀଙ୍କୁ ସେମାନଙ୍କର 2.63 କୋଟି ଟଙ୍କାର ଥଇଥାନ ଅନୁଦାନର କୌଣସି ରାଶି ପ୍ରଦାନ କରାଯାଇ ନଥିଲା, ଯଦିଓ ଏହି ଟଙ୍କା ସେମାନଙ୍କ ଯୁଗ୍ମ ବ୍ୟାଙ୍କ ଆକାଉଣ୍ଟରେ ଜମା ହୋଇଥିଲା ଏବଂ ପ୍ରକଳ୍ପ ଅଧୀନରେ ରାସ୍ତା ଅପ୍ରେଲ 2021 ରେ ଶେଷ ହୋଇଥିଲା ।

ତେଣୁ, ପିଏପିଙ୍କ ଥଇଥାନ ଓ ଜୀବିକା ପୁନରୁଦ୍ଧାର ପାଇଁ 7.15 କୋଟି ଟଙ୍କାର ଥଇଥାନ ଅନୁଦାନ ରାଶି ଏଥିପାଇଁ ବ୍ୟବହୃତ ହୋଇନଥିଲା କିନ୍ତୁ ପ୍ରକଳ୍ପ ଅଧୀନରେ ରାସ୍ତା ନିର୍ମାଣ ସରିବା ପରେ ମଧ୍ଯ ଜୁଲାଇ 2022 ପର୍ଯ୍ୟନ୍ତ ସଂପୃକ୍ତ ପିଏପିଙ୍କ ଯୁଗ୍ମ ବ୍ୟାଙ୍କ ଆକାଉଣ୍ଟରେ ଅବ୍ୟବହୃତ ରହିଥିଲା ।

ଉତ୍ତରରେ, ସରକାର ବ୍ୟକ୍ତ କଲେ (ମାର୍ଚ୍ଚ 2023) ଯେ ଜମା ମଞ୍ଜୁରୀ ଆଦେଶ ଅନୁଯାୟୀ ଯୁଗ୍ମ ଖାତାରେ ରାଶି ଜମା ହୋଇଥିଲା ଏବଂ ବ୍ୟବହାର ଅନୁଯାୟୀ ଜମା ରାଶି ପ୍ରଦାନ କରାଯାଇଥିଲା । କିନ୍ତୁ ବାସ୍ତବ କଥା ହେଲା ସରକାରୀ ପାଣ୍ଠି ବ୍ୟବହାର କିମ୍ବା ସମର୍ପଣ ବିନା ଅବ୍ୟବହୃତ ହୋଇ ରହିଥିଲା ।

## 6.4 ଚୁକ୍ତିନାମାର ପରିଚାଳନା

## 6.4.1 ତ୍ରୁଟି ଦାୟିତ୍ୱ ଅବଧି ହ୍ରାସ ହେତୁ 9.10 କୋଟି ଟଙ୍କାର ଅତିରିକ୍ତ ପରିହାର୍ଯ୍ୟ ବ୍ୟୟ

ଠିକାଦାରଙ୍କ ଦ୍ୱାରା ନିମ୍ନମାନର କାର୍ଯ୍ୟ ସମ୍ପାଦନକୁ ଏଡାଇବା ଏବଂ କାର୍ଯ୍ୟର ଉଦାସୀନ ଗୁଣବତ୍ତା ବିରୁଦ୍ଧରେ ପ୍ରତିରୋଧ ସୁନିଶ୍ଚିତ କରିବା ପାଇଁ, ଏମ୍ଓଆର୍‌ଟିଏଚ୍ (ନଭେମ୍ବର 2010 ଏବଂ ଅପ୍ରେଲ 2012) ନିର୍ଦ୍ଧାରଣ କରିଥିଲା ଯେ ଷ୍ଟାଣ୍ଡାର୍ଡ ବିଡିଂ ଡକ୍ୟୁମେଣ୍ଟ ଅଧୀନରେ ଯେଉଁଠାରେ ବିଟୁମିନାସ୍ ମୋଟାପଣ 40 ମିଲିମିଟର ସହ ସମାନ କିମ୍ବା ଅଧିକ ଅଟେ, ସେହିଠାରେ ତ୍ରୁଟି ଦାୟିତ୍ୱ ଅବଧି (ଡିଏଲ୍‌ପି) ସମ୍ପୂର୍ଣ୍ଣ ହେବା ତାରିଖ ଠାରୁ ତିନି ବର୍ଷ ହେବା ଉଚିତ୍ ।

ଅଡିଟ୍ ଦେଖିଲା ଯେ ଉପରୋକ୍ତ ମାନଦଣ୍ଡ ଠାରୁ ବିଚ୍ୟୁତ ହୋଇ ପ୍ରକଳ୍ପ ଅଧୀନରେ ନିର୍ମିତ ଚାରୋଟି ଯାକ ରାସ୍ତାରେ 40 ମିଲିମିଟରରୁ ଅଧିକ ମୋଟାପଣ ବିଶିଷ୍ଟ ବିଟୁମିନସ୍ ଲେୟାର ଯୋଗାଇ ଦିଆଯାଇଥିଲେ ହେଁ କାର୍ଯ୍ୟ

ଶେଷ ହେବା ଦିନ ଠାରୁ ମାତ୍ର ଏକ ବର୍ଷ ପାଇଁ ଡିଏଲ୍‌ପି ସ୍ଥିର କରାଯାଇଥିଲା । ଡିଏଲ୍‌ପି ହ୍ରାସ ଯୋଗୁଁ ସଂପୃକ୍ତ ଠିକାଦାରଙ୍କ ଦ୍ୱାରା କାର୍ଯ୍ୟ ସମ୍ପାଦନରେ ଉପଯୁକ୍ତ ଗୁଣବତ୍ତା ବିଭାଗ ଦ୍ୱାରା ସୁନିଶ୍ଚିତ ହୋଇପାରି ନଥିଲା । ଅଡିଟରେ ଏହା ମଧ ଦେଖିଲା ଯେ, ନିମ୍ନମାନର କାମ ଯୋଗୁଁ ଡିଏଲ୍‌ପିର ଅବଧି ଶେଷ ହେବାର ଠିକ୍ ପରେ, ନିମ୍ନରେ ଆଲୋଚନା କରାଯାଇଥିବା ଅନୁଯାୟୀ ସେ ରାସ୍ତାଗୁଡ଼ିକ ମରାମତି ଏବଂ ରକ୍ଷଣାବେକ୍ଷଣ କରିବାର ଆବଶ୍ୟକ ଥିଲା ।

ଓଏସ୍‌ଆର୍‌ପି ଅଧୀନରେ ଥିବା ଚାରୋଟି ରାସ୍ତା କାମ ଶେଷ ହୋଇ ଡିଏଲ୍‌ପି ମଧ୍ୟରେ ଥିବା ତ୍ରୁଟିପୂର୍ଣ୍ଣ କାର୍ଯ୍ୟକୁ ସୁଧାରିବା ପରେ ଜୁନ୍ 2016 ରୁ ଅପ୍ରେଲ 2021 ମଧ୍ୟରେ ବିଭାଗକୁ ହସ୍ତାନ୍ତର କରାଯାଇଥିଲା । ଅଡିଟରୁ ଜଣାପଡ଼ିଲା ଯେ, ଡିଏଲ୍‌ପି ଅବଧି ଶେଷ ହେବାର ମାତ୍ର ଛଅ ମାସ ପରେ ଛଅ ଜଣ ବିଭାଗୀୟ ଅଧିକାରୀ[172] ନଭେମ୍ବର 2020 ରୁ ସେପ୍ଟେମ୍ବର 2022 ମଧ୍ୟରେ ଉନ୍ନତି କାର୍ଯ୍ୟ ଏସ୍‌ଡିବିସି ସହିତ ଭୂପୃଷ୍ଠର ନବୀକରଣ କୋଟ, ସ୍ୱତନ୍ତ୍ର ମରାମତି କାର୍ଯ୍ୟ ଏବଂ ରାସ୍ତାର ଥର୍ମୋ-ପ୍ଲାଷ୍ଟିକ୍ ପେଣ୍ଟିଂ ବାବଦରେ 131 ଟି ଚୁକ୍ତିନାମାରେ 9.11 କୋଟି ଟଙ୍କା ଖର୍ଚ୍ଚ କରିଥିଲେ ଯାହା ***ପରିଶିଷ୍ଟ-XXIII*** ରେ ବିସ୍ତୃତ ଭାବରେ ଦର୍ଶାଯାଇଛି । ଯଦି ଚୁକ୍ତିଗୁଡ଼ିକରେ ତିନି ବର୍ଷର ଡିଏଲ୍‌ପି ଗ୍ରହଣ କରାଯାଇଥାନ୍ତା, ତେବେ ଠିକାଦାରଙ୍କ ଖର୍ଚ୍ଚରେ ମରାମତି କାର୍ଯ୍ୟ ହୋଇଥାନ୍ତା । ତେଣୁ ଡିଏଲ୍‌ପି ହ୍ରାସ ବ୍ୟବସ୍ଥା ଯୋଗୁଁ ବିଭାଗକୁ 9.11 କୋଟି ଟଙ୍କାର ଅତିରିକ୍ତ ଖର୍ଚ୍ଚ କରିବାକୁ ପଡ଼ିଥିଲା ।

ଉତ୍ତରରେ ସରକାର ବ୍ୟକ୍ତ କଲେ (ମାର୍ଚ୍ଚ 2023) ଯେ, ଓଏସ୍‌ଆର୍‌ପି ଅଧୀନରେ ସମ୍ପାଦିତ କାର୍ଯ୍ୟ ପାଇଁ ଚୁକ୍ତିର ସର୍ତ୍ତାବଳୀ ଏଫ୍‌ଆଇଡିଆଇସି[173] ଚୁକ୍ତିର ଫର୍ମ ଅନୁଯାୟୀ ଥିଲା । ଯଦି ଡିଏଲ୍‌ପି ଅବଧିକୁ ତିନି ବର୍ଷ ବୃଦ୍ଧି କରିଯାଇଥାନ୍ତା ତେବେ ଠିକାଦାରମାନେ ସେମାନଙ୍କ ଅଫରରେ ଏହି ଖର୍ଚ୍ଚ ନେଇଥାନ୍ତେ । ଏହି ଉତ୍ତର ଗ୍ରହଣୀୟ ନୁହେଁ କାରଣ ଚୁକ୍ତିନାମାରେ ଗ୍ରହଣ କରାଯାଇଥିବା ଡିଏଲ୍‌ପି ଅବଧି ଏମ୍‌ଓଆର୍‌ଟି ଆଣ୍ଡ ଏଚ୍ ନିୟମର ଉଲ୍ଲଙ୍ଘନ ଏବଂ ଏହାକୁ ଗ୍ରହଣ ନକରିବା କାରଣରୁ ବିଭାଗ ଅଯଥାରେ ବିଭିନ୍ନ ମରାମତି କାର୍ଯ୍ୟରେ ଖର୍ଚ୍ଚ କରିଥିଲା ।

### 6.4.2 ଖିଲାପି ଠିକାଦାରଙ୍କଠାରୁ ପାର୍ଥକ୍ୟ ମୂଲ୍ୟ ଅନାଦାୟ

ସାଧାରଣ ଚୁକ୍ତିନାମା ସର୍ତ୍ତାବଳୀ (ଜିସିସି)ର ଧାରା 15.2 (ବି) ଅନୁଯାୟୀ, ଯଦି ଠିକାଦାର କାମ ଛାଡ଼ିଦିଅନ୍ତି କିମ୍ବା ଅନ୍ୟ କୌଣସି ଭାବରେ ଚୁକ୍ତି ଅଧୀନରେ ତାଙ୍କର ଦାୟିତ୍ୱ ନିର୍ବାହ ନ କରିବାର ଉଦ୍ଦେଶ୍ୟ ସ୍ପଷ୍ଟ ଭାବରେ ପ୍ରଦର୍ଶନ କରନ୍ତି ତେବେ ନିଯୁକ୍ତିଦାତା ଚୁକ୍ତିକୁ ରଦ୍ଦ କରିବାର ଅଧିକାର ପାଇବେ । ଜିସିସିର ଧାରା 15.4 ଅନୁଯାୟୀ ଯଦି ଚୁକ୍ତିକୁ ଧାରା 15.2 ଅଧୀନରେ ରଦ୍ଦ କରାଯାଏ ତେବେ ନିଯୁକ୍ତିଦାତାଙ୍କୁ ଠିକାଦାରଙ୍କ ଠାରୁ ନିଯୁକ୍ତିଦାତାଙ୍କ ଦ୍ୱାରା ହୋଇଥିବା କୌଣସି କ୍ଷତି ଏବଂ କାମର କୌଣସି ଅତିରିକ୍ତ ଖର୍ଚ୍ଚ ଆଦାୟ କରିବାକୁ ପଡ଼ିବ ।

ପିଏମ୍‌ୟୁରେ ରେକର୍ଡରୁ ଜଣାପଡ଼ିଲା ଯେ ଅଗଷ୍ଟ 2011 ସୁଦ୍ଧା ଶେଷ କରିବା ପାଇଁ 321.74 କୋଟି ଟଙ୍କାରେ ଦୁଇଟି କାର୍ଯ୍ୟ[174] (ଡିସେମ୍ବର 2008) ପ୍ରଦାନ କରାଯାଇଥିଲା । ଠିକାଦାରଙ୍କ ଅନୁରୋଧ କ୍ରମେ ସମୟ ବୃଦ୍ଧି (ଇଓଟି) (ମାର୍ଚ୍ଚ 2011 ରୁ ଅପ୍ରେଲ 2012 ମଧ୍ୟରେ) ଆହୁରି ଦୁଇ ବର୍ଷରୁ ଅଧିକ (799 ଦିନ) ପାଇଁ ମଞ୍ଜୁର କରାଯାଇଥିଲା ଏବଂ ଶେଷ ହେବାର ଅବଧିକୁ ନଭେମ୍ବର 2013 ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା । ତେବେ କାମର ମନ୍ଥର ଅଗ୍ରଗତି ହେତୁ ଧାରା 15.2 ଅନୁଯାୟୀ ଓଡବ୍ଲୁଡି ଏହି ଚୁକ୍ତିଗୁଡ଼ିକୁ ନଭେମ୍ବର 2012 ରେ ରଦ୍ଦ କରିଥିଲା । ସମ୍ପୃକ୍ତ ଠିକାଦାରମାନେ 86.28 କୋଟି ଟଙ୍କାର କାର୍ଯ୍ୟ ସମ୍ପାଦନ କରିଥିଲେ ଏବଂ ମାତ୍ର 10 କିଲୋମିଟର (6.13

---

172 ଅଧୀକ୍ଷଣ ଯନ୍ତ୍ରୀ ଭଦ୍ରକ, କଟକ-2, କେନ୍ଦ୍ରାପଡ଼ା-2, ଗଞ୍ଜାମ-1, ଖରିଆର ଏବଂ କଳାହାଣ୍ଡି

173 ଏଫ୍‌ଆଇଡିଆଇସି ହେଉଛି ଫେଡରେସନ୍ ଇଣ୍ଟରନ୍ୟାସନାଲ୍ ଡେସ୍ ଇଙ୍ଗେନିୟର୍ସ କାଉନ୍‌ସିଲ୍ ଏକ ଫରାସୀ ଭାଷା ଶବ୍ଦ, ଯାହାର ଅର୍ଥ ହେଉଛି ଆନ୍ତର୍ଜାତୀୟ ପରାମର୍ଶଦାତା ଇଞ୍ଜିନିୟରିଂ ଫେଡ୍‌ରେସନ୍ । ଏଫ୍‌ଆଇଡିଆଇସି, ଆନ୍ତର୍ଜାତୀୟ ଚୁକ୍ତିନାମା ଏବଂ ବ୍ୟବସାୟିକ ଅଭ୍ୟାସ ଡକ୍ୟୁମେଣ୍ଟ ଗୁଡ଼ିକୁ ପ୍ରକାଶିତ କରେ ଯାହା ବିଶ୍ୱସ୍ତରରେ ବ୍ୟବହୃତ ହୁଏ

174 (i) ଭବାନୀପାଟଣାରୁ ଖରିଆର (ଏସ୍‌ଏଚ୍-16 ର କିଲୋମିଟର 2/0 ରୁ କିଲୋମିଟର 70/0) ପର୍ଯ୍ୟନ୍ତ ଦୁଇ ଲେନ୍ ରାସ୍ତାକୁ ପ୍ରଚଳିତ କ୍ୟାରେଜ୍ ରାସ୍ତାର ପ୍ରଶସ୍ତୀକରଣ ଓ ସୁଦୃଢ଼ୀକରଣ (ପ୍ୟାକେଜ୍ ସଂଖ୍ୟା ଓଏସ୍‌ଆର୍‌ପି-ଓ୍ୱାଇ1-ପି01)
(ii) ଓଡ଼ିଶା ରାଜ୍ୟ ସଡ଼କ ପ୍ରକଳ୍ପ ଅଧୀନରେ ଚାନ୍ଦବାଲି-ଭଦ୍ରକ-ଆନନ୍ଦପୁର ରାସ୍ତା (ଏସ୍‌ଏଚ୍-9 ର କିଲୋମିଟର 0/0 ରୁ କିଲୋମିଟର 45/0) ଏବଂ ଏସ୍‌ଏଚ୍-53 ର କିମି 0/0 ରୁ 50/0 କିଲୋମିଟର) ପାଇଁ ବର୍ତ୍ତମାନର କ୍ୟାରିଜ୍ ୱେକୁ ଦୁଇ ଲେନ୍ ରାସ୍ତାକୁ ପ୍ରଶସ୍ତୀକରଣ ଓ ସୁଦୃଢ଼ୀକରଣ (ପ୍ୟାକେଜ୍ ସଂଖ୍ୟା ଓଏସ୍‌ଆର୍‌ପି-ସିଡ୍ବ୍ଲୁ-ଆଇସିବି-ଓ୍ୱାଇ1-ପି02)

ପ୍ରତିଶତ) ରାସ୍ତା ସମ୍ପୂର୍ଣ୍ଣ କରିଥିଲେ । ଅବଶିଷ୍ଟ କାର୍ଯ୍ୟଗୁଡ଼ିକୁ ପୁନଃଟେଣ୍ଡର କରାଯାଇ (ଜାନୁଆରୀ 2013 ରୁ ନଭେମ୍ବର 2013 ମଧ୍ୟରେ) ଅନ୍ୟ ଠିକାଦାରଙ୍କୁ 367.54 କୋଟି ଟଙ୍କାରେ ପ୍ରଦାନ କରାଯାଇଥିଲା ।

ମୂଳ ଠିକାଦାର ମାନେ 2012 ମସିହାରେ ବିବାଦ ସମାଧାନ ବୋର୍ଡ (ଡିଆର୍‌ବି) ନିକଟରେ ପାଞ୍ଚଟି[175] ଭିନ୍ନ ଭିନ୍ନ ଦାବି ଉପସ୍ଥାପନ କରିଥିଲେ । ଦୁଇଟି ଦାବିକୁ ନେଇ ଡିଆର୍‌ବି ଠିକାଦାରଙ୍କ ସପକ୍ଷରେ ରାୟ ଜାରି କରିଥିଲେ । ଚୁକ୍ତିନାମାର ସର୍ତ୍ତର ଧାରା 20.6 ଅନୁଯାୟୀ ଓଡବ୍ଲୁଡି ଆର୍ବିଟ୍ରେସନକୁ ଯାଇଥିଲା ଏବଂ ଆର୍ବିଟ୍ରେସନ୍ ଟ୍ରିବ୍ୟୁନାଲ ମଧ୍ୟ ଜିଏସ୍‌ବି କାର୍ଯ୍ୟ ସମ୍ପାଦନ ଉପରେ ଭିନ୍ନ ରାଶି ବାବଦରେ 6.49 କୋଟି ଟଙ୍କା ପ୍ରଦାନ ପାଇଁ ଠିକାଦାରଙ୍କ ସପକ୍ଷରେ ଗୋଟିଏ ଦାବି ସମ୍ପର୍କରେ ରାୟ ଦେଇଥିଲେ ।

ଇତି ମଧ୍ୟରେ ଠିକାଦାରମାନେ ସେମାନଙ୍କ ଦାବିର ସମାଧାନ ପାଇଁ (ଡିସେମ୍ବର 2016) ସରକାରଙ୍କ ଦ୍ୱାରସ୍ଥ ହୋଇଥିଲେ । ଆପୋସ ସେଟଲମେଣ୍ଟ କମିଟି (ନଭେମ୍ବର 2017) 35.23 କୋଟି ଟଙ୍କା ଠିକାଦାରଙ୍କୁ ପ୍ରଦାନ କରିବା ପାଇଁ ନିର୍ଦ୍ଧାରଣ କରିଥିଲା । କିନ୍ତୁ ଜିସିସିର ଧାରା 15.4 ର ବ୍ୟବସ୍ଥା ଅନୁଯାୟୀ ବାକି ଥିବା କାମର ପୁନଃଟେଣ୍ଡର ଯୋଗୁଁ ସୃଷ୍ଟି ହୋଇଥିବା 132.08 କୋଟି ଟଙ୍କାର[176] ପାର୍ଥକ୍ୟ ଖର୍ଚ୍ଚ ଓଡବ୍ଲୁଡି ଆଦାୟ କରିନଥିଲା ଏବଂ ଠିକାଦାରଙ୍କ ବକେୟା ଅର୍ଥ ପ୍ରଦାନ କରିଥିଲା । ଖିଲାପକାରୀ ଠିକାଦାରଙ୍କ ଠାରୁ ଅର୍ଥ ଆଦାୟ ନହେବା ଫଳରେ ରାଜ୍ୟ ରାଜକୋଷ କ୍ଷତିଗ୍ରସ୍ତ ହୋଇଥିଲା । ଉଲ୍ଲେଖଯୋଗ୍ୟ ଯେ ବିବାଦର ସମାଧାନ କରି ରାଜ୍ୟ ରାଜକୋଷକୁ ଯେପରି କୌଣସି କ୍ଷତି ନପହଞ୍ଚେ ସେଥିପ୍ରତି ଦୃଷ୍ଟି ଦେବାକୁ ଆଇନ ବିଭାଗ ଓଡବ୍ଲୁଡିକୁ ପରାମର୍ଶ ଦେଇଥିଲା ଏବଂ ଯଦି ଏପରି ହୁଏ, ତେବେ ଦାୟିତ୍ୱରେ ଥିବା ଅଧିକାରୀଙ୍କ ଉପରେ ଦାୟିତ୍ୱ ନିର୍ଦ୍ଧାରଣ କରିବାକୁ କହିଥିଲା । ଅବଶିଷ୍ଟ କାମର ପୁନଃଟେଣ୍ଡର ଯୋଗୁଁ ଠିକାଦାରଙ୍କ ଠାରୁ 132.08 କୋଟି ଟଙ୍କା ଆଦାୟ ହୋଇନଥିବା ବେଳେ ସମ୍ପୃକ୍ତ ଅଧିକାରୀଙ୍କ ଉପରେ କୌଣସି ଦାୟିତ୍ୱବୋଧ ଧାର୍ଯ୍ୟ ହୋଇନଥିବା ଅଡିଟରୁ ଜଣାପଡ଼ିଥିଲା ।

ଉତ୍ତରରେ ସରକାର ବ୍ୟକ୍ତ କଲେ (ମାର୍ଚ୍ଚ 2023) ଯେ, ସେଟଲମେଣ୍ଟ କମିଟିର ରିପୋର୍ଟ ଅନୁଯାୟୀ ଏହି ରାଶି ପ୍ରଦାନ କରାଯାଇଛି । ଜିସିସିର ଧାରା 15.4 ର ବ୍ୟବସ୍ଥା ଅନୁଯାୟୀ ବାଲାନ୍ସ କାମର ପୁନଃଟେଣ୍ଡରରୁ ଉତ୍ପନ୍ନ ହୋଇଥିବା ପାର୍ଥକ୍ୟ ମୂଲ୍ୟ ଆଦାୟ ହୋଇନଥିବାରୁ ଉତ୍ତର ଗ୍ରହଣୀୟ ନୁହେଁ ।

## 6.5 ପ୍ରକଳ୍ପ ନିଷ୍ପାଦନ

### 6.5.1 ଭୁଲ୍ ଭାବେ ଲିଡ୍ ଚାର୍ଜ ଗ୍ରହଣ ଫଳରେ 38.32 କୋଟି ଟଙ୍କା ଅତିରିକ୍ତ ଦେୟ ହୋଇଥିଲା

ଓପିଡବ୍ଲୁଡି ସଂହିତା ଭାଗ-1 ର ଅନୁଚ୍ଛେଦ 3.4.10 ରେ ଧାର୍ଯ୍ୟ କରାଯାଇଛି ଯେ କୌଣସି କାର୍ଯ୍ୟ ପାଇଁ ଆକଳନ ମଞ୍ଜୁରୀପ୍ରାପ୍ତ ଦରସୂଚୀ (ଏସ୍‌ଓଆର୍) ଗ୍ରହଣ କରି ପ୍ରସ୍ତୁତ କରାଯିବା ଉଚିତ୍ ଏବଂ କାର୍ଯ୍ୟ ସମ୍ପାଦନର ଅତ୍ୟନ୍ତ ମିତବ୍ୟୟିତା ଏବଂ ସୁରକ୍ଷିତ ଉପାୟ ପ୍ରଦାନ କରିବା ଉଚିତ୍ ।

ପିଏମ୍‌ୟୁରେ ଥିବା ରେକର୍ଡ ଯାଞ୍ଚରୁ ଜଣାପଡ଼ିଥିଲା ଯେ, ଲିଡ୍ ଚାର୍ଜକୁ ଭୁଲ ଭାବରେ ଗ୍ରହଣ କରିବା କାରଣରୁ ଆକଳନ ବୃଦ୍ଧି ହୋଇଥିଲା, ଯାହା ଦ୍ୱାରା ଠିକାଦାରମାନେ ଅନୁଚିତ୍ ଫାଇଦା ପାଇଥିଲେ, ଯାହା କି ନିମ୍ନରେ ଆଲୋଚନା କରାଗଲା:

[175] ଦାବି 1 – କାର୍ଯ୍ୟର ଜିଏସ୍‌ବି ଆଇଟମ୍ କାର୍ଯ୍ୟକାରୀ କରିବା ଉପରେ ଭିନ୍ନ ଭିନ୍ନ ପରିମାଣ
ଦାବି 2 - ଶ୍ରମ ସେସ୍ ଫେରସ୍ତ ଆଦାୟର ପ୍ରତିପୂରଣ
ଦାବି 3 - ଧାରା-1 ସମ୍ପୂର୍ଣ୍ଣ ନହେବା ପାଇଁ ବିଳମ୍ବ କ୍ଷତିପୂରଣ ଆଦାୟ ବିରୋଧରେ
ଦାବି 4 – ଚୁକ୍ତିନାମା ରଦ୍ଦକୁ ଚ୍ୟାଲେଞ୍ଜ
ଦାବି 5 – ବାଧାମୁକ୍ତ ଜାଗା ଉପଲବ୍ଧ ନହେବା କାରଣରୁ କାର୍ଯ୍ୟ ବିଳମ୍ବ ହେତୁ କ୍ଷତିପୂରଣ ଦାବି ।

[176] ଦିଆଯାଇଥିବା ମୂଳ ମୂଲ୍ୟ: 321.74 କୋଟି ଟଙ୍କା, କାର୍ଯ୍ୟନିର୍ବାହ ମୂଲ୍ୟ: 86.28 କୋଟି ଟଙ୍କା, ଅବଶିଷ୍ଟ କାର୍ଯ୍ୟର ମୂଲ୍ୟ 321.74 କୋଟି ଟଙ୍କା - 86.28 କୋଟି ଟଙ୍କା = 235.46 କୋଟି ଟଙ୍କା, ଅବଶିଷ୍ଟ କାର୍ଯ୍ୟର ପୁରସ୍କାର ଦାମ 367.54 କୋଟି ଟଙ୍କା, ପାର୍ଥକ୍ୟ ମୂଲ୍ୟ 367.54 କୋଟି ଟଙ୍କା – 235.46 କୋଟି ଟଙ୍କା = 132.08 କୋଟି ଟଙ୍କା

**6.5.1.1** ଚାନ୍ଦବାଲି-ଭଦ୍ରକ-ଆନନ୍ଦପୁର ରାସ୍ତାର ଅବଶିଷ୍ଟ କାମର ଆକଳନ ଅନୁଯାୟୀ ରାସ୍ତା ନିର୍ମାଣ ପାଇଁ ପଥର ସାମଗ୍ରୀ ପରିବହନ ବ୍ୟବସ୍ଥା କରାଯାଇଥିଲା । ଅଡିଟରୁ ଜଣାପଡ଼ିଥିଲା ଯେ ଆକଳନ ଅନୁଯାୟୀ ବାଘୁଡ଼ି ଖଣି ଠାରୁ ଲିଡ୍ ଦୂରତା (ଫେବୃଆରୀ 2013) 67 କିଲୋମିଟର ପାଇଁ ପ୍ରଦାନ କରାଯାଇଥିବା ବେଳେ ଆର୍ଥିକ ବର୍ଷ 2007-08 ରେ ପ୍ରସ୍ତୁତ ମୂଳ ଆକଳନରେ ସମାନ ଖଣି ପାଇଁ 43 କିଲୋମିଟରର ଲିଡ୍ ଦୂରତା ଧାର୍ଯ୍ୟ କରାଯାଇଥିଲା । 24 କିଲୋମିଟର ଅତିରିକ୍ତ ଲିଡ୍ ଦୂରତା ଅବଲମ୍ବନ କରିବା ଫଳରେ ପ୍ରତି ଘନ ମିଟର ପିଛା 164.86 ଟଙ୍କା ଅତିରିକ୍ତ ଖର୍ଚ୍ଚ ହୋଇଥିଲା । ଏହିପରି 1,76,896 ଘନ ମିଟର ପଥର ସାମଗ୍ରୀ ପାଇଁ ଅତିରିକ୍ତ ବ୍ୟବସ୍ଥା ଯୋଗୁଁ 2.92 କୋଟି ଟଙ୍କା ଅଧିକ ଖର୍ଚ୍ଚ ହୋଇଥିଲା ।

ଉତ୍ତରରେ ସରକାର ବ୍ୟକ୍ତ କଲେ (ମାର୍ଚ୍ଚ 2023) ଯେ, ଖଣିରେ ପଥରର ଅଭାବ ଥିବାରୁ ଅତିରିକ୍ତ ଲିଡ୍‌କୁ ବିଚାର କରାଯାଇଥିଲା । ଉକ୍ତ ଖଣିରେ ପଥର ଅଭାବ ସମ୍ପର୍କରେ ବିଭାଗ କୌଣସି ଦସ୍ତାବିଜ୍ ପ୍ରଦାନ କରିନଥିବାରୁ ଉତ୍ତର ଗ୍ରହଣୀୟ ନୁହେଁ ।

**6.5.1.2** ରାଜ୍ୟ ଦରର ବିଶ୍ଳେଷଣ (ଏଓଆର୍)[177] ର ତ୍ରୟୋଦଶ ଅଧ୍ୟାୟ (ସଡ଼କ କାର୍ଯ୍ୟ) ଟିପ୍ପଣୀ 4 ଅନୁଯାୟୀ ୱେଟ୍ ମିକ୍ସ ପ୍ଲାଣ୍ଟ ବ୍ୟବହାର କରାଯାଉଥିବା ସାମଗ୍ରୀ କ୍ଷେତ୍ରରେ ଖଣିରୁ ମିକସ୍ ପ୍ଲାଣ୍ଟ ସାଇଟକୁ ଏବଂ ମିକ୍ସ ପ୍ଲାଣ୍ଟରୁ କାର୍ଯ୍ୟସ୍ଥଳକୁ ସାମଗ୍ରୀ ପରିବହନ ପାଇଁ ସମୁଦାୟ ଦୂରତା ଖଣିରୁ କାର୍ଯ୍ୟସ୍ଥଳ ପର୍ଯ୍ୟନ୍ତ ଦୂରତା ଠାରୁ ଅଧିକ ହେବା ଉଚିତ୍ ନୁହେଁ ।

11 ଟି ସଡ଼କ କାର୍ଯ୍ୟ ସମ୍ପର୍କିତ ଆକଳନ ମୁଖ୍ୟ ଯନ୍ତ୍ରୀ, ବିଶ୍ୱ ବ୍ୟାଙ୍କ ପ୍ରକଳ୍ପ ଦ୍ୱାରା ସେପ୍ଟେମ୍ବର 2008 ରୁ ଅଗଷ୍ଟ 2016 ମଧ୍ୟରେ 1,342.14 କୋଟି ଟଙ୍କା ମଞ୍ଜୁର କରାଯାଇଥିଲା । ଏହି କାର୍ଯ୍ୟଗୁଡ଼ିକୁ (ନଭେମ୍ବର 2010 ରୁ ମଇ 2018 ମଧ୍ୟରେ) ଶେଷ କରିବା ପାଇଁ 1,359.20 କୋଟି ଟଙ୍କାରେ ପ୍ରଦାନ କରାଯାଇଥିଲା ଏବଂ ଅପ୍ରେଲ 2021 ସୁଦ୍ଧା ଶେଷ ହୋଇଥିଲା ।

ଡବ୍ଲୁଏମ୍ଏମ୍, ଡିବିଏମ୍ ଏବଂ ବିସି ପ୍ରସ୍ତୁତି ପାଇଁ ଉପରୋକ୍ତ କାର୍ଯ୍ୟଗୁଡ଼ିକରେ 11.02 ଲକ୍ଷ ଘନମିଟର ପଥର ଉତ୍ପାଦ, ଖଣିରୁ ମିଶ୍ରଣ ପ୍ଲାଣ୍ଟକୁ ଏବଂ ମିଶ୍ରଣ ପ୍ଲାଣ୍ଟରୁ ବିଭିନ୍ନ କାର୍ଯ୍ୟସ୍ଥଳକୁ ପରିବହନ କରାଯାଇଥିଲା । ଉପରୋକ୍ତ କାର୍ଯ୍ୟଗୁଡ଼ିକ ପାଇଁ ଖଣିରୁ ମିଶ୍ରଣ ପ୍ଲାଣ୍ଟ ଏବଂ ମିଶ୍ରଣ ପ୍ଲାଣ୍ଟରୁ କାର୍ଯ୍ୟସ୍ଥଳୀକୁ ପରିବହନ ପାଇଁ ଖର୍ଚ୍ଚ ଅନୁମୋଦିତ ହୋଇଥିଲା ।

ଅଡିଟ୍‌ରୁ ଜଣାପଡ଼ିଥିଲା ଯେ ଏହି ଆକଳନରେ ପଥର ସାମଗ୍ରୀ ପରିବହନ ପାଇଁ, ଖଣିରୁ କାର୍ଯ୍ୟସ୍ଥଳକୁ ଲିଡ୍ ଚାର୍ଜ 9 ରୁ 123 କିଲୋମିଟର ଦୂରତାର ବ୍ୟବସ୍ଥା କରାଯାଇଥିଲା । ମିଶ୍ରଣ ପ୍ଲାଣ୍ଟରୁ କାର୍ଯ୍ୟସ୍ଥଳକୁ ପରିବହନ ପାଇଁ ଅଯଥା ଲିଡ୍ ଚାର୍ଜର ଅତିରିକ୍ତ ବ୍ୟବସ୍ଥା, 7 ରୁ 24 କିଲୋମିଟର ପର୍ଯ୍ୟନ୍ତ ଆଇଟମ୍ ଦରରେ ଅନ୍ତର୍ଭୁକ୍ତ କରାଯାଇଥିଲା । ଏହି ଅତିରିକ୍ତ ବ୍ୟବସ୍ଥାଗୁଡ଼ିକ ରାଜ୍ୟ ଏଓଆର୍‌ର ଉଲ୍ଲଙ୍ଘନ ଥିଲା । ମିଶ୍ରଣ ପ୍ଲାଣ୍ଟରୁ ବିଭିନ୍ନ କାର୍ଯ୍ୟସ୍ଥଳୀକୁ ଏହି ଅତିରିକ୍ତ ଲିଡ୍ ଚାର୍ଜ (ଘନ ମିଟର ପିଛା 71.28 ଟଙ୍କାରୁ 208.14 ଟଙ୍କା ମଧ୍ୟରେ), ଆଇଟମ୍ ଦରରେ ଅନ୍ତର୍ଭୁକ୍ତ କରାଯାଇଥିଲା ଯାହାକି ଆନୁମାନିକ ଖର୍ଚ୍ଚ 13.04 କୋଟି ଟଙ୍କାକୁ ବୃଦ୍ଧି ହୋଇଥିଲା, ଯାହା ***ପରିଶିଷ୍ଟ-XXIV*** ରେ ବିସ୍ତୃତ ଭାବରେ ଉଲ୍ଲେଖ କରାଯାଇଛି । ଏହି ବର୍ଦ୍ଧିତ ଆକଳନ ଖର୍ଚ୍ଚ ଆଧାରରେ କାମ ପ୍ରଦାନ ଫଳରେ କାର୍ଯ୍ୟ ପାଇଁ ଅତିରିକ୍ତ ଖର୍ଚ୍ଚ ହେବା ସହ ସଂପୃକ୍ତ ଠିକାଦାରମାନେ ଅଯଥା ଫାଇଦା ପାଇଥିଲେ ।

ଉତ୍ତରରେ, ସରକାର ବ୍ୟକ୍ତ କଲେ (ମାର୍ଚ୍ଚ 2023) ଯେ, ଆନୁମାନିକ ଦର ପ୍ରକଳ୍ପର ମୂଲ୍ୟ ଉପରେ କୌଣସି ପ୍ରଭାବ ପକାଇବ ନାହିଁ କାରଣ ପ୍ରକଳ୍ପର ମୂଲ୍ୟ ସ୍ୱୀକୃତ ଚୁକ୍ତି ମୂଲ୍ୟ ଆଧାରରେ ନିର୍ଦ୍ଧାରଣ କରାଯାଇଥିଲା । ତେବେ

[177] ବିଭିନ୍ନ କାର୍ଯ୍ୟ ପାଇଁ ଆଇଟମ୍ ମୂଲ୍ୟ ନିର୍ଦ୍ଧାରଣ ନିମନ୍ତେ ବିଚାରକୁ ନିଆଯିବାକୁ ଥିବା ଗ୍ରହ୍ୟ ମୂଲ୍ୟ ବିହିତ କରି ଓଡ଼ବ୍ଲୁଡ଼ି ଏଓଆର୍ 2006 ପ୍ରକାଶନ କରିଥିଲେ

ବାସ୍ତବକଥା ହେଲା, ବର୍ଦ୍ଧିତ ଆକଳନ ପ୍ରସ୍ତୁତି ଓ ନିଲାମକୁ ଏଭଳି ବର୍ଦ୍ଧିତ ଆକଳନ ସହ ତୁଳନା କରିବା ଫଳରେ ଠିକାଦାରମାନେ ଅନୁଚିତ୍ ଫାଇଦା ପାଇଥିଲେ ।

**6.5.1.3** ମୁଖ୍ୟ ଯନ୍ତ୍ରୀ, ବିଶ୍ୱ ବ୍ୟାଙ୍କ ପ୍ରକଳ୍ପ ଦ୍ୱାରା ଅନ୍ୟ ତିନୋଟି ରାସ୍ତା[178] ପାଇଁ 406.99 କୋଟି ଟଙ୍କାର ଆକଳନ (ମାର୍ଚ୍ଚ 2013 ରୁ ଜୁଲାଇ 2015 ମଧ୍ୟରେ) କରାଯାଇଥିଲା । ଏହି କାର୍ଯ୍ୟଗୁଡ଼ିକ ସେପ୍ଟେମ୍ବର 2013 ରୁ ଡିସେମ୍ବର 2016 ମଧ୍ୟରେ 375.72 କୋଟି ଟଙ୍କା ବ୍ୟୟରେ ପ୍ରଦାନ କରାଯାଇଥିଲା ଏବଂ ମାର୍ଚ୍ଚ 2016 ରୁ ଜୁନ୍ 2017 ମଧ୍ୟରେ ଶେଷ କରିବାକୁ ଦିଆଯାଇଥିଲା । ଅପ୍ରେଲ 2018 ରୁ ମଇ 2019 ମଧ୍ୟରେ ଏହି କାର୍ଯ୍ୟଗୁଡ଼ିକ ଶେଷ ହୋଇଥିଲା ଏବଂ ଠିକାଦାରମାନଙ୍କୁ 379.38 କୋଟି ଟଙ୍କା ପ୍ରଦାନ କରାଯାଇଥିଲା ।

ଉପରୋକ୍ତ ଆକଳନରୁ ଜଣାପଡ଼ିଲା ଯେ ବାଲି ପରିବହନ ପାଇଁ ଦିଆଯାଇଥିବା ଲିଡ୍ 15 ରୁ 22 କିଲୋମିଟର ମଧ୍ୟରେ ଥିଲା । ତେବେ ଜଗତପୁର-ଦୁହୁରିଆ ରାସ୍ତାର[179] କ୍ୱାରୀ ଚାର୍ଟ ଅନୁଯାୟୀ ବାଲି ପାଇଁ 10 ରୁ 14 କିଲୋମିଟର ପର୍ଯ୍ୟନ୍ତ ଲିଡ୍ ଗ୍ରହଣୀୟ ଥିଲା । ଆକଳନ ଅନୁଯାୟୀ ଉପରୋକ୍ତ ତିନୋଟି ରାସ୍ତା କାମ ପାଇଁ ପାଞ୍ଚରୁ ଆଠ କିଲୋମିଟର ପର୍ଯ୍ୟନ୍ତ ଅତିରିକ୍ତ ଲିଡ୍ ବ୍ୟବସ୍ଥା ଯୋଗୁଁ 10.29 ଲକ୍ଷ ଘନମିଟର ବାଲି ପରିବହନ ଖର୍ଚ୍ଚ ବୃଦ୍ଧି ପାଇଥିଲା ଏବଂ ସଂପୃକ୍ତ ଠିକାଦାରଙ୍କୁ 6.08 କୋଟି ଟଙ୍କାର ଅଯଥା ଫାଇଦା ମିଳିଥିଲା, ଯାହା ***ପରିଶିଷ୍ଟ -XXV*** ରେ ବିସ୍ତୃତ ଭାବରେ ଉଲ୍ଲେଖ କରାଯାଇଛି ।

ଉତ୍ତରରେ ସରକାର ବ୍ୟକ୍ତ କଲେ (ମାର୍ଚ୍ଚ 2023) ଯେ, ନିଲାମକାରୀଙ୍କୁ ଆକଳନ ଆଇଟମ୍ ଦର ପ୍ରଦାନ କରାଯାଇ ନାହିଁ । ନିଲାମକାରୀମାନେ ନିଜ ନିଜ ଆକଳନରୁ ଦର ପ୍ରଦାନ କରିଥାନ୍ତି । ତେବେ ବାସ୍ତବକଥା ହେଲା, ବର୍ଦ୍ଧିତ ଆକଳନ ପ୍ରସ୍ତୁତି ଓ ନିଲାମକୁ ଏଭଳି ବର୍ଦ୍ଧିତ ଆକଳନ ସହ ତୁଳନା କରିବା ଫଳରେ ଠିକାଦାରମାନେ ଅଯଥା ଫାଇଦା ପାଇଥିଲେ ।

**6.5.1.4** ଚାନ୍ଦବାଲି-ଭଦ୍ରକ-ଆନନ୍ଦପୁର ରାସ୍ତାର ତିନୋଟି ପ୍ୟାକେଜ୍ ଅର୍ଥାତ୍, ଭଦ୍ରକରୁ ଆନନ୍ଦପୁର (ଅବଶିଷ୍ଟ କାର୍ଯ୍ୟ), ଭଦ୍ରକରୁ ପିରାହାଟ ଓ ପିରାହାଟରୁ ଚାନ୍ଦବାଲି ପର୍ଯ୍ୟନ୍ତ ଥିବା ଆକଳନରେ ଦିଆଯାଇଥିବା ମୋରମ୍[180] ପାଇଁ ଲିଡ୍ ଚେନାପାଡ଼ି/ ଢେଙ୍କାରୁ ଯଥାକ୍ରମେ 40 କିଲୋମିଟର, 55 କିଲୋମିଟର ଓ 78 କିଲୋମିଟର ଥିଲା । ତେବେ ଉପରୋକ୍ତ ରାସ୍ତାର ସୂଚକ କ୍ୱାରୀ ଚାର୍ଟ ଅନୁଯାୟୀ, ମୋରମ ପାଇଁ ସବୁଠାରୁ କମ୍ ଲିଡ୍ ଯଥାକ୍ରମେ 17 କିଲୋମିଟର, 48 କିଲୋମିଟର ଏବଂ 71 କିଲୋମିଟର ଥିଲା । ତେଣୁ, ମୋରମ ପାଇଁ ଲିଡ୍ ଚାର୍ଜ 266.80 ଟଙ୍କା, 552 ଟଙ୍କା ଏବଂ 706.90 ଟଙ୍କା ରହିବା କଥା, କିନ୍ତୁ ଆକଳନରେ 379.50 ଟଙ୍କା, 602.90 ଟଙ୍କା ଏବଂ 752.40 ଟଙ୍କା ପ୍ରଦାନ କରାଯାଇଥିଲା, ଯାହାଫଳରେ ଯଥାକ୍ରମେ 112.70 ଟଙ୍କା, 50.90 ଟଙ୍କା ଏବଂ 45.50 ଟଙ୍କା ଅତିରିକ୍ତ ବ୍ୟବସ୍ଥା କରାଯାଇଥିଲା । ଏହିପରି 3.63 ଲକ୍ଷ ଘନମିଟର ମୋରମ ପରିବହନ ପାଇଁ ଆକଳନକୁ ବୃଦ୍ଧି କରାଯାଇ 2.37 କୋଟି ଟଙ୍କାର ଅତିରିକ୍ତ ବ୍ୟୟ ବରାଦ କରାଯାଇଥିଲା, ଯାହାଫଳରେ ସଂପୃକ୍ତ ଠିକାଦାରମାନ ଅଯଥା ଫାଇଦା ପାଇଥିଲେ, ଯାହା ***ପରିଶିଷ୍ଟ-XXVI*** ରେ ବିସ୍ତୃତ ବିବରଣୀ ଦିଆଯାଇଛି ।

---

178 (i) ଜଗତପୁରରୁ ନିଶ୍ଚିନ୍ତକୋଇଲି ପର୍ଯ୍ୟନ୍ତ 2- ଲେନ୍ ବିଶିଷ୍ଟ ରାସ୍ତାର ପ୍ରଶସ୍ତିକରଣ ଓ ସୁଦୃଢ଼ୀକରଣ (ପ୍ୟାକେଜ୍ ନଂ-ଓଏସ୍ଆର୍‌ପି-ସିଡବ୍ଲୁ-ଆଇସିବି-ପି04ଏ 1) (ii) ନିଶ୍ଚିନ୍ତକୋଇଲି ରୁ ଦୁହୁରିଆ ପର୍ଯ୍ୟନ୍ତ ବିଦ୍ୟମାନ କ୍ୟାରେଜ୍ ୱେର ପ୍ରଶସ୍ତିକରଣ ଓ ସୁଦୃଢ଼ୀକତରଣ (ପ୍ୟାକେଜ୍ ନଂ-ଓଏସ୍ଆର୍‌ପି-ସିଡବ୍ଲୁ-ଆଇସିବି-ପି04ଏ2) ଏବଂ (iii) ଦୁହୁରିଆରୁ ଚାନ୍ଦ ବାଲି ପର୍ଯ୍ୟନ୍ତ 2 ଲେନ୍ ବିଶିଷ୍ଟ ରାସ୍ତାର ପ୍ରଶସ୍ତିକରଣ ଓ ସୁଦୃଢ଼ୀକରଣ (ପ୍ୟାକେଜ୍ ନଂ-ଓଏସ୍ଆର୍‌ପି-ସିଡବ୍ଲୁ-ପି04ଏ) ।

179 ଜଗତପୁର-ଚାନ୍ଦବାଲି ରାସ୍ତାର କିଛି ଅଂଶ ।

180 ଏହା ଖଣିଜ ପଦାର୍ଥ, ଜୈବିକ ପଦାର୍ଥ, ଗ୍ରାଭେଲ, ପଥର କଣିକା ଇତ୍ୟାଦିର ମିଶ୍ରଣ ଅଟେ । ପ୍ଲିନ୍ଥଫିଲିଂ, ରାସ୍ତା ଫୁଟପାଥ, ଖାଲରେ ବ୍ୟାକ୍ ଫିଲିଂ, ଫୁଟିଂ ଗାତ ଇତ୍ୟାଦିରେ ମୋରମ ବ୍ୟବହାର କରାଯାଏ ।

ଉତ୍ତରରେ ସରକାର ବ୍ୟକ୍ତ କଲେ (ମାର୍ଚ୍ଚ 2023) ଯେ ଖଣିରେ ସାମଗ୍ରୀର ଉପଲବ୍ଧତା ଉପରେ ନିର୍ଭର କରି ଆକଳନରେ ମୋରମ ପାଇଁ ହାରାହାରି ଲିଡକୁ ବିଚାରକୁ ନିଆଯାଇଥିଲା । ନିକଟସ୍ଥ ଖଣିରେ ସାମଗ୍ରୀ ଉପଲବ୍ଧ ନହେବା ସପକ୍ଷରେ ବିଭାଗ ପକ୍ଷରୁ କୌଣସି ପ୍ରମାଣ ପ୍ରଦାନ କରାଯାଇ ନଥିବାରୁ ଉତ୍ତର ଗ୍ରହଣୀୟ ହୋଇନଥିଲା ।

**6.5.1.5** ଏଓଆର୍ 2006 ର ତ୍ରୟୋଦଶ ଅଧ୍ୟାୟର 35 ତମ ଆଇଟମରେ, ବନ୍ଧ ନିର୍ମାଣ ପାଇଁ ବ୍ୟବସ୍ଥା ଅଛି, ଯେଉଁଥିରେ ବୁରୋ ପିଟ୍‌ରୁ[181] ପ୍ରାପ୍ତ ଅନୁମୋଦିତ ସାମଗ୍ରୀ, ସମସ୍ତ ଲିଫ୍ଟ ଏବଂ ଲିଡ୍ ସହିତ, ଏବଂ ଯାନ୍ତ୍ରିକ ଉପାୟରେ ଏହି ସାମଗ୍ରୀକୁ ପାଞ୍ଚ କିଲୋମିଟରର ଲିଡ୍ ମଧ୍ୟରେ ସଂପୃକ୍ତ ସ୍ଥାନକୁ ପରିବହନ କରିବା ପାଇଁ ବ୍ୟବସ୍ଥା କରାଯାଇଛି । ଏହା ବ୍ୟତୀତ ଓଏସ୍ଆର୍‌ପି ବିଡ୍ ଡକ୍ୟୁମେଣ୍ଟର ବୈଷୟିକ ସ୍ପେସିଫିକେସନର ଧାରା 111.3 ଅନୁଯାୟୀ ଠିକାଦାର ବୁରୋ କ୍ଷେତ୍ର ମ୍ୟାନେଜମେଣ୍ଟ ପ୍ଲାନକୁ କଡ଼ାକଡ଼ି ଭାବେ ପାଳନ କରି କାର୍ଯ୍ୟ କରିବେ ।.

ଏ ସଂକ୍ରାନ୍ତରେ ଅଡିଟ୍ ନିମ୍ନଲିଖିତ ଅନୁଧ୍ୟାନ କରିଥିଲା:

- ପାଞ୍ଚଟି ରାସ୍ତାର ବନ୍ଧ ନିର୍ମାଣ ପାଇଁ 7.75 ଲକ୍ଷ ଘନ ମିଟର ପରିମାଣର ମାଟି ପରିବହନ ପାଇଁ ମଞ୍ଜୁରୀପ୍ରାପ୍ତ ଆକଳନରେ ପାଞ୍ଚ କିଲୋମିଟର ପରିବର୍ତ୍ତେ (ଯାହା ଏଓଆର୍‌ରେ ନିର୍ଦ୍ଧାରିତ ହୋଇଛି) 10 ରୁ 68 କିଲୋମିଟର ମଧ୍ୟରେ ଲିଡ୍ ଦୂରତା ଅବଲମ୍ବନ କରାଯାଇଥିଲା ଏବଂ ଆକଳନରେ ଘନମିଟର ପିଛା 33.58 ରୁ 227.68 ଟଙ୍କା ପର୍ଯ୍ୟନ୍ତ ଅତିରିକ୍ତ ଲିଡ୍ ଦର ପ୍ରଦାନ କରାଯାଇଥିଲା ।.

- ଚୁକ୍ତିର ସର୍ତ୍ତ ଅନୁଯାୟୀ, ଠିକାଦାରମାନେ ବ୍ୟୁରୋ ପିଟ୍ କାର୍ଯ୍ୟକାରୀ କରିବା ପୂର୍ବରୁ ବ୍ୟୁରୋ କ୍ଷେତ୍ର ମ୍ୟାନେଜମେଣ୍ଟ ପ୍ଲାନ୍ ପ୍ରକଳ୍ପ କର୍ତ୍ତୃପକ୍ଷଙ୍କ ପାଖରେ ଅନୁମୋଦନ ପାଇଁ ଆଗୁଆ ଦାଖଲ କରିବା ଆବଶ୍ୟକ । ଠିକାଦାରମାନେ ସେମାନଙ୍କ ଜମିରୁ ବୁରୋ ମାଟି ଉଠାଇବା ପାଇଁ ଚାଷୀଙ୍କ ସହ ହୋଇଥିବା ଚୁକ୍ତିର ନକଲ ମଧ୍ୟ ଦାଖଲ କରିବାର ଥିଲା । କିନ୍ତୁ, ଠିକାଦାରମାନେ ଏଭଳି କୌଣସି ପ୍ଲାନ୍ ଦାଖଲ କରିନଥିଲେ, ଯାହାଦ୍ୱାରା ପ୍ରକଳ୍ପ କର୍ତ୍ତୃପକ୍ଷଙ୍କୁ ମାଟିର ଉତ୍ସ ଏବଂ କାର୍ଯ୍ୟସ୍ଥଳୀ ମଧ୍ୟରେ ଦୂରତା ଯାଞ୍ଚ କରିବାକୁ ବଞ୍ଚିତ କରାଯାଇଥିଲା ।.

ଏହିପରି, ଠିକାଦାରଙ୍କ ଠାରୁ କୌଣସି ପ୍ରମାଣ ବିନା ପାଞ୍ଚ କିଲୋମିଟର ପରିବର୍ତ୍ତେ 10 ରୁ 68 କିଲୋମିଟର ଲିଡ୍ ଯୋଗାଇ ଦେବା ଫଳରେ 7.75 ଲକ୍ଷ ଘନମିଟର ମାଟି ପରିବହନ ଦିଗରେ ଠିକାଦାରଙ୍କୁ 13.91 କୋଟି ଟଙ୍କାର ଅଯଥା ଫାଇଦା ମିଳିଥିଲା ବୋଲି ***ପରିଶିଷ୍ଟ-XXVII*** ରେ ବିସ୍ତୃତ ବିବରଣୀ ଦିଆଗଲା ।

ଉତ୍ତରରେ ସରକାର ବ୍ୟକ୍ତ କଲେ (ମାର୍ଚ୍ଚ 2023) ଯେ ମାଟି ପାଇଁ ଅଞ୍ଚଳ ଚିହ୍ନଟ କରାଯାଇଥିଲା ଏବଂ ସେହି ଅନୁଯାୟୀ କାର୍ଯ୍ୟସ୍ଥଳକୁ ପ୍ରକୃତ ଲିଡ୍‌କୁ ବିଚାରକୁ ନିଆଯାଇଥିଲା । ଆକଳନ ପ୍ରସ୍ତୁତ କରିବା ପୂର୍ବରୁ ମାଟି ପାଇଁ ଅଞ୍ଚଳ ଚିହ୍ନଟ ସପକ୍ଷରେ ବିଭାଗ କୌଣସି ରେକର୍ଡ ପ୍ରମାଣ ପ୍ରଦାନ କରିନଥିବାରୁ ଉତ୍ତର ଗ୍ରହଣୀୟ ହୋଇ ନଥିଲା ।

ଏହିପରି ଆକଳନରେ ଲିଡ୍ ଚାର୍ଜକୁ ଭୁଲ୍ ଭାବେ ଗ୍ରହଣ କରିବା ଫଳରେ 38.32 କୋଟି ଟଙ୍କାର ଅତିରିକ୍ତ ଖର୍ଚ୍ଚ ହୋଇଥିଲା ।

### 6.5.2 ରାଜ୍ୟ ଏସ୍ଓଆର/ଏଓଆର୍ ଗ୍ରହଣ ନହେବା କାରଣରୁ ପରିହାର୍ଯ୍ୟ ଅତିରିକ୍ତ ବ୍ୟୟ

ନିମ୍ନରେ ଆଲୋଚନା ଅନୁଯାୟୀ ରାଜ୍ୟ ଏସ୍ଓଆର୍/ ଏଓଆର୍ ଗ୍ରହଣ ନକରିବା କାରଣରୁ ଅଡିଟରେ ପରିହାର୍ଯ୍ୟ ଅତିରିକ୍ତ ବ୍ୟୟ ବରାଦ ହୋଇଥିବା ଦେଖିବାକୁ ମିଳିଥିଲା ।

**6.5.2.1** ଓପିଡବ୍ଲୁଡି ସଂହିତାର ଅନୁଚ୍ଛେଦ 3.4.10 ଅନୁଯାୟୀ ଯେକୌଣସି କାମ ପାଇଁ ରାଜ୍ୟ ଏସ୍ଓଆର୍ ଗ୍ରହଣ କରି ଆକଳନ ପ୍ରସ୍ତୁତ କରିବାକୁ କୁହାଯାଇଛି । ଏହା ବ୍ୟତୀତ ରାଜ୍ୟ ଏସ୍ଓଆର୍ ଅକ୍ଟୋବର

[181] ବୁରୋ କ୍ଷେତ୍ର ଅର୍ଥ ହେଉଛି ସେହି ଅଞ୍ଚଳ ଯେଉଁଠାରୁ ସାମଗ୍ରୀ ଖନନ କରାଯାଇ ଅନ୍ୟ ଅଞ୍ଚଳରେ ଭର୍ତ୍ତି ସାମଗ୍ରୀ ଭାବରେ ବ୍ୟବହୃତ କରାଯାଏ ।

2013 ପର୍ଯ୍ୟନ୍ତ 10 ପ୍ରତିଶତ ହାରରେ ଓଭରହେଡ୍ ଚାର୍ଜ ଏବଂ ତାପରେ ଠିକାଦାରଙ୍କ ଲାଭ ଏବଂ ଓଭର ହେଡ୍ ଚାର୍ଜ ବାବଦରେ 7.5 ପ୍ରତିଶତ ହାରରେ ମୋଟ 15 ପ୍ରତିଶତ ପର୍ଯ୍ୟନ୍ତ ଓଭର ହେଡ୍ ଚାର୍ଜ ଦେବାକୁ ଅନୁମତି ଦେଇଥାଏ ।

ପିଏମ୍‌ୟୁରେ ଥିବା ରେକର୍ଡ ଯାଞ୍ଚରୁ ଜଣାଗଲା ଯେ ସେପ୍ଟେମ୍ବର 2008 ରୁ ମାର୍ଚ୍ଚ 2016 ମଧ୍ୟରେ ମୁଖ୍ୟ ଯନ୍ତ୍ରୀ, ବିଶ୍ୱ ବ୍ୟାଙ୍କ୍ ପ୍ରକଳ୍ପଙ୍କ ଦ୍ୱାରା 1610.06 କୋଟି ଟଙ୍କାରେ 13ଟି ରାସ୍ତା ସମ୍ବନ୍ଧୀୟ ଆକଳନ ମଞ୍ଜୁର କରାଯାଇଥିଲା । ନଭେମ୍ବର 2010 ରୁ ମଇ 2018 ମଧ୍ୟରେ ଶେଷ କରିବା ପାଇଁ ଏହି କାର୍ଯ୍ୟଗୁଡ଼ିକ ନଭେମ୍ବର 2008 ରୁ ନଭେମ୍ବର 2016 ମଧ୍ୟରେ 1572.78 କୋଟି ଟଙ୍କାରେ ପ୍ରଦାନ କରାଯାଇଥିଲା । ଜୁନ୍ 2016 ରୁ ଅପ୍ରେଲ 2021 ମଧ୍ୟରେ ଏହି କାର୍ଯ୍ୟଗୁଡ଼ିକ ଶେଷ ହୋଇଥିଲା ।

ଅଡିଟ୍‌ରୁ ଜଣାପଡ଼ିଲା ଯେ, 13 ଟି ରାସ୍ତା କାମ ପାଇଁ ଆକଳନ ଅନୁଯାୟୀ ଓଭର ହେଡ୍ ଦର ବାବଦରେ 8 ପ୍ରତିଶତ ଏବଂ ଠିକାଦାରଙ୍କ ଲାଭ ପାଇଁ 10 ପ୍ରତିଶତ ପ୍ରଦାନ କରାଯାଇଥିଲା । ଅର୍ଥାତ୍ ଏହି ଦର କାର୍ଯ୍ୟ ଉପାଦାନ ଉପରେ 18.8 ପ୍ରତିଶତ ରହିଥିଲା । ସଡ଼କ କାର୍ଯ୍ୟ ପାଇଁ ନିଜସ୍ୱ ଏସ୍‌ଓଆର୍ ଏବଂ ଏଓଆର୍ ଥିବା ରାଜ୍ୟ ମାନଙ୍କ କ୍ଷେତ୍ରରେ ଏମ୍‌ଓଆର୍‌ଟି ଆଣ୍ଡ ଏଚ୍ ଡାଟା ପୁସ୍ତକ ଗ୍ରହଣ କରିବା ପାଇଁ ଡବ୍ଲୁବି ମାନଦଣ୍ଡରେ କୌଣସି ସର୍ତ୍ତ ନ ଥିଲା ।

ଉପରୋକ୍ତ ସଡ଼କ କାର୍ଯ୍ୟ ପାଇଁ ରାଜ୍ୟ ଏସ୍‌ଓଆର୍ ପରିବର୍ତ୍ତେ ଏମ୍‌ଓଆର୍‌ଟି ଆଣ୍ଡ ଏଚ୍ ଡାଟା ପୁସ୍ତକ ଗ୍ରହଣ କରିବା ଫଳରେ ଓଭରହେଡ୍ ଦର ଏବଂ ଠିକାଦାରଙ୍କ ଲାଭ ବାବଦରେ ଅତିରିକ୍ତ ପ୍ରତିଶତ ଦିଆଯାଇଥିଲା, ଯାହା ପ୍ରକଳ୍ପ ଖର୍ଚ୍ଚକୁ ବୃଦ୍ଧି କରିଥିଲା । ଯାହାଫଳରେ ଠିକାଦାରମାନଙ୍କୁ 69.54 କୋଟି ଟଙ୍କାର ଅନୁଚିତ୍ ଫାଇଦା ମିଳିଥିଲା, ଯାହାକି ***ପରିଶିଷ୍ଟ -XXVIII*** ରେ ବିସ୍ତୃତ ଭାବେ ଦର୍ଶାଯାଇଛି ।

ଅଡିଟରେ ଏହା ଦର୍ଶାଯିବା ପରେ ସରକାର ବ୍ୟକ୍ତ କଲେ (ମାର୍ଚ୍ଚ 2023) ଯେ, ନିଲାମଧାରୀଙ୍କ ନିଜସ୍ୱ ଆକଳନ ଦ୍ୱାରା ଦାଖଲ କରାଯାଇଥିବା ଟେଣ୍ଡରକୁ ତୁଳନା କରି ଅନୁମୋଦନ କରିବା ଉଦ୍ଦେଶ୍ୟରେ ନିଲାମ ରାଶିର ଆନୁମାନିକ ଖର୍ଚ୍ଚ ନିର୍ଣ୍ଣୟ କରାଯାଇଛି । ତେବେ ବାସ୍ତବ କଥା ହେଲା ବର୍ଦ୍ଧିତ ଆକଳନ ପ୍ରସ୍ତୁତି ଓ ନିଲାମକୁ ଏପରି ବର୍ଦ୍ଧିତ ଆକଳନ ସହ ତୁଳନା କରିବା ଫଳରେ ଠିକାଦାରମାନେ ଅନୁଚିତ୍ ଫାଇଦା ପାଇଥିଲେ ।

**6.5.2.2** ଜୁଲାଇ 2015 ରୁ ଅକ୍ଟୋବର 2017 ମଧ୍ୟରେ ପାଞ୍ଚଟି ରାସ୍ତାକୁ ପ୍ରଶସ୍ତୀକରଣ ଓ ସୁଦୃଢ଼ୀକରଣ କରି ଦୁଇ ଲେନ୍ ବିଶିଷ୍ଟ ରାସ୍ତାରେ ପରିଣତ କରିବା ପାଇଁ ମୁଖ୍ୟ ଯନ୍ତ୍ରୀ, ବିଶ୍ୱ ବ୍ୟାଙ୍କ ପ୍ରକଳ୍ପଙ୍କ ଦ୍ୱାରା ଆକଳନ କରାଯାଇ 426.70 କୋଟି ଟଙ୍କା ମଞ୍ଜୁର କରାଯାଇଥିଲା । ଜୁନ୍ 2017 ରୁ ଫେବୃଆରୀ 2019 ମଧ୍ୟରେ ଶେଷ କରିବା ପାଇଁ 424.56 କୋଟି ଟଙ୍କାରେ ଏହି କାର୍ଯ୍ୟଗୁଡ଼ିକୁ ପ୍ରଦାନ କରାଯାଇଥିଲା । ଜାନୁଆରୀ 2018 ରୁ ଅପ୍ରେଲ 2021 ମଧ୍ୟରେ ଏହି ସବୁ କାର୍ଯ୍ୟ ଶେଷ ହୋଇଥିଲା ଏବଂ ଠିକାଦାରମାନଙ୍କୁ ମୋଟ 396.15 କୋଟି ଟଙ୍କା ପ୍ରଦାନ କରାଯାଇଥିଲା ।

ଅଡିଟ୍‌ରୁ ଜଣାପଡ଼ିଲା ଯେ ଉପରୋକ୍ତ ଆକଳନରେ 191 ଘନମିଟର ଉତ୍ପାଦନ ପାଇଁ ଏଓଆର୍ ଅନୁଯାୟୀ 60/70 ମାନକ ଅନୁପ୍ରବେଶ ଗ୍ରେଡ୍ 22.50 ଟନ୍ ବିଟୁମିନର[182] ଆବଶ୍ୟକତା ଥିବା ବେଳେ 24.30 ଟନ୍ ସିଆର୍‌ଏମ୍‌ବି[183] ପ୍ରଦାନ କରାଯାଇଥିଲା । ତଦନୁଯାୟୀ ବିସି ଦର ଘନ ମିଟର ପିଛା 247.48 ଟଙ୍କାରୁ 358.58 ଟଙ୍କା ମଧ୍ୟରେ ବୃଦ୍ଧି ହୋଇଥିଲା । ଏଓଆର୍ ଠାରୁ ବିଚ୍ୟୁତ ହୋଇ ସିଆର୍‌ଏମ୍‌ବିର ଅତିରିକ୍ତ ବ୍ୟବସ୍ଥା ଯୋଗୁଁ 35,036.70 ଘନମିଟର ବିସି କାର୍ଯ୍ୟ କରିବା ପାଇଁ 1.17 କୋଟି ଟଙ୍କାର ଅତିରିକ୍ତ ବ୍ୟୟ ବରାଦ ହୋଇଥିଲା ଯାହାକି ***ପରିଶିଷ୍ଟ -XXIX*** ରେ ବିସ୍ତୃତ ଭାବେ ଦର୍ଶାଯାଇଛି ।

[182] ବିଟୁମେନ୍ 60/70 ହେଉଛି ବିଟୁମେନର ଏକ ମାନକ ଅନୁପ୍ରବେଶ ଗ୍ରେଡ୍ ସାଧାରଣତଃ ରାସ୍ତା ନିର୍ମାଣ ପାଇଁ ଉପଯୁକ୍ତ ପେଭିଙ୍ଗ୍ ଗ୍ରେଡ୍ ବିଟୁମେନ୍ ଭାବରେ ବ୍ୟବହୃତ ହୁଏ ।

[183] କ୍ରମ୍ବ ରବର ମୋଡିଫାୟାଡ୍ ବିଟୁମେନ୍ ହେଉଛି ହାଇଡ୍ରୋ କାର୍ବନ୍ ବାଇଣ୍ଡର ଯାହା ବିଟୁମେନ୍ ଏବଂ କିଛି ଏଡିଟିଭ୍ ସହିତ କ୍ରମ୍ବ ରବରର ଭୌତିକ ଓ ରାସାୟନିକ ପାରସ୍ପରିକ କ୍ରିୟା ମାଧ୍ୟମରେ ପ୍ରାପ୍ତ ।

ଉତ୍ତରରେ ସରକାର ବ୍ୟକ୍ତ କଲେ (ମାର୍ଚ୍ଚ 2023) ଯେ, ଏମ୍‌ଓଆର୍‌ଟିଏଚ୍ ସ୍ପେସିଫିକେସନର ପଞ୍ଚମ ସଂଶୋଧନ ଅନୁଯାୟୀ ସିଆର୍‌ଏମ୍‌ବିର ପରିମାଣ ନେଇ ଆକଳନ ପ୍ରସ୍ତୁତ କରାଯାଇଥିଲା । ଉତ୍ତର ଗ୍ରହଣ ନୁହେଁ କାରଣ ଆକଳନ ପ୍ରସ୍ତୁତ କରିବାରେ ଏସ୍‌ଓଆର୍‌କୁ ଗ୍ରହଣ କରାନଯିବା ଦ୍ୱାରା ପରିହାର୍ଯ୍ୟ ଅତିରିକ୍ତ ଖର୍ଚ୍ଚ ହୋଇଥିଲା ।

**6.5.2.3** ଓପିଡବ୍ଲୁଡି କୋଡର ଅନୁଚ୍ଛେଦ 3.4.10 ଧାର୍ଯ୍ୟ କରିଛି ଯେ ଆକଳନକୁ ଅତ୍ୟନ୍ତ ମିତବ୍ୟୟିତା ଉପାୟରେ ପ୍ରସ୍ତୁତ କରାଯିବା ଉଚିତ୍ । 200 ଘନମିଟର ମାଟି ବିସ୍ତାର ପାଇଁ ଏସ୍‌ଓଆର୍‌ରେ ମୋଟର ଗ୍ରେଡର[184] ଭଡ଼ା ଶୁଳ୍କ ଘଣ୍ଟା ପ୍ରତି 1,545 ଟଙ୍କା ବ୍ୟବସ୍ଥା କରାଯାଇଥିଲା ।



**ଫଟୋ ସଂଖ୍ୟା 17: ମୋଟର ଗ୍ରେଡରର ଚିତ୍ର**

ପିଏମ୍‌ୟୁରେ ଥିବା ରେକର୍ଡ ଯାଞ୍ଚରୁ ଜଣାଗଲା ଯେ 13 ଟି କାର୍ଯ୍ୟର ଆକଳନରେ ଏମ୍‌ବ୍ୟାଙ୍କମେଣ୍ଟ ଏବଂ ସବ୍‌ବେସ୍ ନିର୍ମାଣ ପାଇଁ ମାଟିର ଗ୍ରେଡିଂ ଏବଂ ସମତଳକରଣ ଦିଗରେ 1,545 ଟଙ୍କା ଭଡ଼ା ଶୁଳ୍କ ସହିତ ମୋଟର ଗ୍ରେଡରର କ୍ଷମତା ଘଣ୍ଟା ପ୍ରତି 100 ଘନ ମିଟର ଭାବରେ ନିଆଯାଇଥିଲା । 200 ଘନମିଟର ପରିବର୍ତ୍ତେ 100 ଘନମିଟର ବିସ୍ତାର ପାଇଁ ଏହି ଭଡ଼ା ଶୁଳ୍କ ଗ୍ରହଣ କରିବା ଦ୍ୱାରା ଉପରୋକ୍ତ କାର୍ଯ୍ୟଗୁଡ଼ିକ ପାଇଁ 28.75 ଲକ୍ଷ ଘନମିଟର ମାଟିର ଗ୍ରେଡିଂ ଏବଂ ସମତଳକରଣ ବାବଦରେ ଆକଳନ ଖର୍ଚ୍ଚ 2.75 କୋଟି ଟଙ୍କା ବୃଦ୍ଧି ପାଇଥିଲା, ଯାହା କି ***ପରିଶିଷ୍ଟ -XXX*** ରେ ବିସ୍ତୃତ ଭାବରେ ଉଲ୍ଲେଖ କରାଯାଇଅଛି । ଏହି ବର୍ଦ୍ଧିତ ଆକଳନ ଆଧାରରେ କାର୍ଯ୍ୟ ପ୍ରଦାନ ଫଳରେ ଏହି କାର୍ଯ୍ୟଗୁଡ଼ିକ ପାଇଁ ଅତିରିକ୍ତ ଖର୍ଚ୍ଚ ହେବା ସହ ଠିକାଦାରଙ୍କୁ 2.75 କୋଟି ଟଙ୍କାର ଅଯଥା ଲାଭ ପ୍ରଦାନ କରାଯାଇଥିଲା ।

ଉତ୍ତରରେ, ସରକାର ବ୍ୟକ୍ତ କଲେ (ମାର୍ଚ୍ଚ 2023) ଯେ ନିଲାମଧାରୀମାନଙ୍କୁ ବିଭିନ୍ନ ସାମଗ୍ରୀର ଆକଳନ ଦର ପ୍ରଦାନ କରାଯାଇ ନଥିଲା ଏବଂ ସେମାନେ ନିଜର ଆକଳନ ଆଧାରରେ ପ୍ରତ୍ୟେକ ଜିନିଷ ତୁଳନାରେ ସେମାନଙ୍କର ଦର ଉଲ୍ଲେଖ କରିଥିଲେ । ଏହି ଉତ୍ତର ଗ୍ରହଣୀୟ ନଥିଲା କାରଣ କାମର ମୋଟ ଆକଳନ ମୂଲ୍ୟ ଟେଣ୍ଡରରେ ରଖାଯାଇଥିଲା ଏବଂ ନିଲାମଧାରୀଙ୍କ ଦ୍ୱାରା ଦର୍ଶାଯାଇଥିବା ଦରକୁ ଆକଳନ ମୂଲ୍ୟ ସହିତ ତୁଳନା କରି ନିଲାମଧାରୀଙ୍କ ଦ୍ୱାରା ଦର୍ଶାଯାଇଥିବା ଦର ଚୂଡ଼ାନ୍ତ କରାଯାଇଥିଲା । ଫଳରେ ବର୍ଦ୍ଧିତ ଆକଳନ ମୂଲ୍ୟ ଯୋଗୁଁ ନିଲାମଧାରୀମାନେ ଅନୁଚିତ୍ ଲାଭବାନ ହୋଇଥିଲେ ।

## 6.5.3 ଅଧିକ ଦର ଗ୍ରହଣ ହେବା କାରଣରୁ ଠିକାଦାରଙ୍କୁ ଅନୁଚିତ୍ ଫାଇଦା

"ଭବାନୀପାଟଣା ରୁ ଖରିଆର[185] ପର୍ଯ୍ୟନ୍ତ ବିଦ୍ୟମାନ ଯାନବାହନ ପଥକୁ ଦୁଇ ଲେନ୍ ବିଶିଷ୍ଟ ପ୍ରଶସ୍ତିକରଣ ଓ ସୁଦୃଢ଼ୀକରଣ" କରିବା ପାଇଁ ଆକଳନ ଓ ଚୁକ୍ତିନାମାରେ ବୁରୋ ଅଞ୍ଚଳରୁ ଅନୁମୋଦିତ ସାମଗ୍ରୀ ସହ ବନ୍ଧ ଓ ଉପଗ୍ରେଡ ନିର୍ମାଣ ପାଇଁ ବ୍ୟବସ୍ଥା କରାଯାଇଥିଲା । ବନ୍ଧରେ 1,49,647 ଘନମିଟର ମାଟି କାର୍ଯ୍ୟ କରିବା ପାଇଁ ଏହି ହାର ଘନମିଟର ପିଛା 160 ଟଙ୍କା ଏବଂ 2,14,827 ଘନ ମିଟର ସବ୍‌ଗ୍ରେଡ କାର୍ଯ୍ୟ କରିବା ପାଇଁ ଏହି ହାର ଘନମିଟର ପିଛା 175 ଟଙ୍କା ଥିଲା ।

184 ଏକ୍ ଗ୍ରେଡର, ସାଧାରଣତଃ ରୋଡ୍ ଗ୍ରେଡର, ମୋଟର ଗ୍ରେଡର୍ କିମ୍ବା କେବଳ ବ୍ଲେଡ୍ ଯାହାକି ଗ୍ରେଡିଂ ସମୟରେ ଏକ ସମତଳ ପୃଷ୍ଠ ସୃଷ୍ଟି କରିବା ପାଇଁ ବ୍ୟବହୃତ ଏକ ଲମ୍ବା ବ୍ଲେଡ୍ ସହିତ ଭାରୀ ଯନ୍ତ୍ରର ଏକ ରୂପ ।

185 ଏସ୍‌ଏଚ୍-16 ର କିଲୋମିଟର 2/0 ରୁ କିଲୋମିଟର 70/0

ପିଏମ୍‌ୟୁରେ ଥିବା ରେକର୍ଡ ଯାଞ୍ଚରୁ ଜଣାପଡ଼ିଲା ଯେ ମୂଳ ଚୁକ୍ତିନାମା (ଜୁଲାଇ 2013) ରେ ଉପରୋକ୍ତ ଜିନିଷଗୁଡ଼ିକର ଦର ଉପଲବ୍ଧ ଥିବା ସତ୍ତ୍ୱେ, ଏକ ଅନୁପୂରକଣ ଚୁକ୍ତି (ଡିସେମ୍ବର 2018 ରେ) କରାଯାଇ ଯଥାକ୍ରମେ 160 ଟଙ୍କା ଏବଂ 175 ଟଙ୍କା ପରିବର୍ତ୍ତେ ଘନମିଟର ପିଛା ଯଥାକ୍ରମେ 176.60 ଟଙ୍କା ଏବଂ 224.20 ଟଙ୍କାରେ ଧାର୍ଯ୍ୟ କରାଯାଇଥିଲା । ଉପରୋକ୍ତ କାର୍ଯ୍ୟ ପାଇଁ ଚୂଡ଼ାନ୍ତ ବିଲରେ ବନ୍ଧ ନିର୍ମାଣ ପାଇଁ 1,93,171 ଘନମିଟର ଖନନ ଓ 93,762 ଘନମିଟର ସବ୍‌ଗ୍ରେଡ୍ ଏବଂ ମାଟି ବନ୍ଧ ନିର୍ମାଣ ପାଇଁ 78.18 ଲକ୍ଷ ଟଙ୍କା ଅତିରିକ୍ତ ବ୍ୟୟ ବରାଦ କରାଯାଇଥିଲା ।

ଅନୁପୂରକ ଚୁକ୍ତିନାମାରେ ଅଧିକ ଦର ଗ୍ରହଣ କରିବାର କାରଣ ରେକର୍ଡରେ ଉପଲବ୍ଧ ହୋଇନଥିଲା । ଅଧିକ ଦରରେ ମାଟି ଖନନ ଫଳରେ 78.19 ଲକ୍ଷ ଟଙ୍କାର ଅତିରିକ୍ତ ବ୍ୟୟ ବରାଦ ହେବା ସହ ସଂପୃକ୍ତ ଠିକାଦାରଙ୍କୁ ଅନୁଚିତ୍ ଫାଇଦା ହୋଇଥିଲା ।

ଉତ୍ତରରେ ସରକାର ବ୍ୟକ୍ତ କଲେ (ମାର୍ଚ୍ଚ 2023) ଯେ ଯେହେତୁ କାର୍ଯ୍ୟ ପରିମାଣ ଚୁକ୍ତିରେ ନିର୍ଦ୍ଧାରିତ ପରିମାଣର 25 ପ୍ରତିଶତରୁ ଅଧିକ ଏବଂ ଚୁକ୍ତିର ସର୍ତ୍ତାବଳୀ ଅନୁଯାୟୀ ବିଚ୍ୟୁତ୍ ପରିମାଣର ମୂଲ୍ୟ ପ୍ରାରମ୍ଭିକ ଚୁକ୍ତି ମୂଲ୍ୟର ଏକ ପ୍ରତିଶତରୁ ଅଧିକ ହୋଇଥିବାରୁ ଏହି ଦୁଇଟି ସାମଗ୍ରୀର ୟୁନିଟ୍ ଦରକୁ ଆଡଜଷ୍ଟ କରି ଅନୁମୋଦନ କରାଯାଇଛି । ଉତ୍ତରଟି ଗ୍ରହଣୀୟ ନୁହେଁ କାରଣ, 25 ପ୍ରତିଶତ ବର୍ଦ୍ଧିତ ବ୍ୟବହୃତ ପରିମାଣ ଦର୍ଶାଉଛି ଯେ ଆକଳନ ବାସ୍ତବ ଭିତ୍ତିରେ ପ୍ରସ୍ତୁତ କରାଯାଇ ନଥିଲା, ଯାହାଫଳରେ ପରିହାର୍ଯ୍ୟ ଅତିରିକ୍ତ ବ୍ୟୟ ହୋଇଥିଲା ।

## 6.5.4 ପରିବର୍ତ୍ତିତ ଆଇଟମର ବର୍ଦ୍ଧିତ ଦର ଯୋଗୁଁ ଠିକାଦାରଙ୍କୁ ଅନୁଚିତ୍ ଫାଇଦା

ଭଦ୍ରକରୁ ପିରହାଟ ରାସ୍ତାର[186] କାର୍ଯ୍ୟ ସମ୍ପାଦନ ସମୟରେ ଟେଣ୍ଡର ପରବର୍ତ୍ତୀ ପର୍ଯ୍ୟାୟରେ ମୁଖ୍ୟ ଯନ୍ତ୍ରୀ, ବିଶ୍ୱ ବ୍ୟାଙ୍କ ଦ୍ୱାରା ଅନୁମୋଦନ ଅନୁଯାୟୀ ପରିସର ପରିବର୍ତ୍ତନର ଆବଶ୍ୟକତା ପଡ଼ିଥିଲା (ଡିସେମ୍ବର 2017), କାରଣ ମୋରମର ଅଭାବ ଏବଂ ଅଧିକ ଆର୍ଦ୍ରତା ରହିଥିଲା । ତେଣୁ କ୍ରସର ଷ୍ଟୋନ ଧୂଳି ସହିତ 8,539.83 ଘନ ମିଟର ସବ୍‌ଗ୍ରେଡ ପାଇଁ ଘନମିଟର ପିଛା 1,588.70 ଟଙ୍କା ହିସାବରେ ଏକ ଭିନ୍ନ ଆଇଟମ୍ ଭାବରେ କାର୍ଯ୍ୟ ପରିସରରେ ଅନ୍ତର୍ଭୁକ୍ତ କରାଯାଇଥିଲା ।

ଅଡିଟରୁ ଜଣାପଡ଼ିଲା ଯେ ଏସ୍‌ଓଆର୍ (ଜିଏସ୍‌ଟି ପରବର୍ତ୍ତୀ) ହାର ଅନୁଯାୟୀ ପଥର ଧୂଳିର ମୂଳ ମୂଲ୍ୟ ଘନମିଟର ପିଛା 83.81 ଟଙ୍କା ଥିଲା, କିନ୍ତୁ ମୂଳ ମୂଲ୍ୟ ଘନମିଟର ପିଛା 340 ଟଙ୍କା ଭାବେ ନିଆଯାଇଥିଲା । ଇଞ୍ଜିନିୟର-ଇନ୍-ଚିଫ୍ (ଇଆଇସି) କାର୍ଯ୍ୟସ୍ଥଳର ନିକଟତମ ଅର୍ଥାତ୍ ପ୍ୟାକେଜ୍ ମଝିରୁ 62 କିଲୋମିଟର ଦୂରରେ ଥିବା ବାଗୁଡ଼ି ପଥର ଖଣି ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ (ଜାନୁଆରୀ 2018) । କିନ୍ତୁ, ଚଢେଇଧରା ଖଣି ଠାରୁ 100 କିଲୋମିଟର ଲିଡ୍ ଦୂରତା ନିଆଯାଇଥିଲା । ଏସ୍‌ଓଆର୍ ଏବଂ ପଥର ଧୂଳି ପାଇଁ ସବୁଠାରୁ କମ୍ ଲିଡ ବିଚାରକୁ ନେଲେ, ସାମଗ୍ରୀର ମୂଲ୍ୟ ଘନମିଟର ପିଛା 1,019 ଟଙ୍କାରେ ପହଞ୍ଚିଲା, ଯାହା କି ଭେରିଏସନ୍ ଆଇଟମ୍ ପାଇଁ ଠିକାଦାରଙ୍କୁ ଦିଆଯାଇଥିବା ଦର ତୁଳନାରେ ଘନମିଟର ପିଛା 569.70 ଟଙ୍କା କମ୍ ଥିଲା ।

8,539.83 ଘନମିଟର ଭେରିଏସନ୍ ଆଇଟମ୍ କାର୍ଯ୍ୟକାରୀ କରିବା ପାଇଁ ଅଧିକ ଦର ପାଇଁ ଅନୁମତି ଦେବା ଫଳରେ ଠିକାଦାରଙ୍କୁ 48.65 ଲକ୍ଷ ଟଙ୍କାର ଅନୁଚିତ୍ ଫାଇଦା ମିଳିଥିଲା ।

ଉତ୍ତରରେ, ସରକାର ବ୍ୟକ୍ତ କଲେ (ମାର୍ଚ୍ଚ 2023) ଯେ ଜିସିସି ଅନୁଯାୟୀ ଆଇଟମ୍ ପାଇଁ ୟୁନିଟ ମୂଲ୍ୟ ପ୍ରସ୍ତୁତ କରାଯାଇଛି ଯାହା କାର୍ଯ୍ୟ ସମ୍ପାଦନ ପାଇଁ ଯୁକ୍ତିଯୁକ୍ତ । ଉତ୍ତର ଗ୍ରହଣୀୟ ନୁହେଁ କାରଣ ଏସ୍‌ଓଆରରେ ଦିଆଯାଇଥିବା ସାମଗ୍ରୀ ଦର ଠାରୁ ଅଧିକ ଏବଂ ଅଧିକ ଦୂରତା ପାଇ ଲିଡ୍ ଚାର୍ଜ ପ୍ରଦାନ କରାଯାଇ ୟୁନିଟ୍ ମୂଲ୍ୟ ପ୍ରସ୍ତୁତ କରାଯାଇଥିଲା ।

## 6.6 ତଦାରଖ ଏବଂ ମୂଲ୍ୟାଙ୍କନ

[186] ଚାନ୍ଦବାଲି-ଭଦ୍ରକ-ଆନନ୍ଦପୁର ରାସ୍ତାର କିଛି ଅଂଶ

ପ୍ରକଳ୍ପର ପିଏଡି ଗୁରୁତ୍ୱାରୋପ କରିଛି ଯେ ପ୍ରକଳ୍ପ କାର୍ଯ୍ୟକଳାପର ଅଗ୍ରଗତିକୁ ଠିକ୍ ସମୟରେ ତଦାରଖ ଏବଂ ମୂଲ୍ୟାଙ୍କନ କରିବା ଏବଂ ପ୍ରକଳ୍ପର ପ୍ରଭାବ, ଫଳାଫଳ ଆକଳନ କରିବା ଏବଂ କାର୍ଯ୍ୟଦକ୍ଷତା ଆକଳନ କରିବା ପାଇଁ ଏକ ବ୍ୟବସ୍ଥା ବିକଶିତ କରାଯିବା ଉଚିତ୍ । ଏହି ସଂକ୍ରାନ୍ତରେ ଅଡିଟରେ ପରିଲକ୍ଷିତ ତ୍ରୁଟି ନିମ୍ନରେ ଆଲୋଚନା କରାଗଲା:

### 6.6.1 ପର୍ଯ୍ୟାପ୍ତ ଆଭ୍ୟନ୍ତରୀଣ ନିୟନ୍ତ୍ରଣ ବ୍ୟବସ୍ଥାର ଅଭାବ

ପ୍ରକଳ୍ପର ଫାଇନାନ୍ସ ମାନୁଆଲର ଅନୁଚ୍ଛେଦ 7.2 ଅନୁଯାୟୀ ଆର୍ଥିକ କାରବାରର ସଠିକତା ଏବଂ ବିଶ୍ୱସନୀୟତା ସୁନିଶ୍ଚିତ କରିବା, ଗଣିତଗତ ଭୁଲ, ତ୍ରୁଟି, ଭୁଲ ବର୍ଗୀକରଣ ମାମଲା, ଅସ୍ୱାଭାବିକ କାରବାର ଏବଂ ବଜେଟରେ ପରିବର୍ତ୍ତନ ଇତ୍ୟାଦି ଚିହ୍ନଟ କରିବା ପାଇଁ ବିଭିନ୍ନ ସ୍ତରରେ ଆଭ୍ୟନ୍ତରୀଣ ନିୟନ୍ତ୍ରଣ ପ୍ରୟୋଗ ଏବଂ ସନ୍ତୁଳନ କରିବା ଆବଶ୍ୟକ । ଫାଇନାନ୍ସ ମାନୁଆଲର ଅନୁଚ୍ଛେଦ 1.5 ଅନୁଯାୟୀ ସଂପୃକ୍ତ ଆର୍‌ଆଣ୍ଡବି ଡିଭିଜନର ଓଡବ୍ଲୁଡି ଇଞ୍ଜିନିୟରମାନେ କାର୍ଯ୍ୟର ସମୀକ୍ଷା କରିବେ । ଆହୁରି ମଧ ଠିକାଦାର ଏବଂ ତଦାରଖ ପରାମର୍ଶଦାତାଙ୍କ କାର୍ଯ୍ୟର ମନିଟର କରିବା ଏବଂ କାର୍ଯ୍ୟକାରିତା ତଦାରଖ କରିବା ପିଏମ୍‌ୟୁର ଦାୟିତ୍ୱ । ପିଏମ୍‌ୟୁକୁ ଦେୟ ସ୍ମାରକପତ୍ର ଚୂଡ଼ାନ୍ତ କରିବା, ଠିକାଦାରମାନଙ୍କୁ ଦେୟ ପ୍ରଦାନ କରିବା ଏବଂ କାର୍ଯ୍ୟର ଠିକାଦାରଙ୍କ ଖାତା ଏବଂ ଓପିଡବ୍ଲୁଡି କୋଡ ଅଧୀନରେ ଆବଶ୍ୟକ ଅନ୍ୟ ସମସ୍ତ ରେକର୍ଡର ରକ୍ଷଣାବେକ୍ଷଣ କରିବା ଆବଶ୍ୟକ ଥିଲା ।

ପିଏମ୍‌ୟୁରେ ରେକର୍ଡ ଯାଞ୍ଚ କରିବାରୁ ଆଭ୍ୟନ୍ତରୀଣ ନିୟନ୍ତ୍ରଣର ପର୍ଯ୍ୟାପ୍ତ ଅଭାବର କେତେକ ଉଦାହରଣ ସାମନାକୁ ଆସିଥିଲା, ଯାହା ନିମ୍ନରେ ଦର୍ଶାଯାଇଛି ।

**6.6.1.1** ଓପିଡବ୍ଲୁଡି କୋଡର ପରିଶିଷ୍ଟ-II ରେ ଦର୍ଶାଯାଇଛି ଯେ (i) ଚେକ୍ ମାପ ରେଜିଷ୍ଟର ପ୍ରସ୍ତୁତ କରିବା ଏବଂ (ii) କାର୍ଯ୍ୟର ମାପ ଉଚ୍ଚପଦସ୍ଥ ଅଧିକାରୀଙ୍କ ଦ୍ୱାରା କରାଯିବା ଉଚିତ୍ । ଅଧୀନସ୍ଥ ଅଧିକାରୀଙ୍କ ଦ୍ୱାରା ରେକର୍ଡ କରାଯାଇଥିବା ମାପ ଗୁଡ଼ିକର ସଠିକତା ସୁନିଶ୍ଚିତ କରିବା ପାଇଁ ବିଭାଗୀୟ ଅଧିକାରୀମାନେ 2 ଲକ୍ଷ ଟଙ୍କାରୁ ଅଧିକ ମୂଲ୍ୟ କାର୍ଯ୍ୟର 10 ପ୍ରତିଶତ ଯାଞ୍ଚ ଏବଂ ମାପ କରିବା ଆବଶ୍ୟକ । କିନ୍ତୁ ଅଡିଟ୍‌ରୁ ଜଣାପଡ଼ିଥିଲା ଯେ, ପିଏମ୍‌ୟୁ ସମ୍ପାଦିତ କାର୍ଯ୍ୟଗୁଡ଼ିକ ପାଇଁ ଚେକ୍ ମାପ ରେଜିଷ୍ଟର ପ୍ରସ୍ତୁତ କରିବାରେ ବିଫଳ ହୋଇଥିଲା ଏବଂ ଅଡିଟ୍‌କୁ ଦିଆଯାଇଥିବା ମାପ ପୁସ୍ତକରେ ଏହିପରି ଯାଞ୍ଚ କରାଯାଇଥିବା ମାପ ସମ୍ପର୍କରେ କୌଣସି ଏଣ୍ଟ୍ରି ମଧ ନଥିଲା, ଯଦିଓ ଓପିଡବ୍ଲୁଡି କୋଡ ଅନୁଯାୟୀ ଏହା ଆବଶ୍ୟକ ଥିଲା ।

ଉତ୍ତରରେ, ସରକାର ବ୍ୟକ୍ତ କଲେ (ମାର୍ଚ୍ଚ 2023) ଯେ, ଓଡବ୍ଲୁଡି ଇଞ୍ଜିନିୟରଙ୍କ ଦ୍ୱାରା ଯାଞ୍ଚ ମାପ ପାଇଁ ଚୁକ୍ତିରେ କୌଣସି ବ୍ୟବସ୍ଥା ନଥିଲା । ଓପିଡବ୍ଲୁଡି କୋଡର ବ୍ୟବସ୍ଥାକୁ ଉଲ୍ଲଙ୍ଘନ କରୁଥିବାରୁ ଏହି ଉତ୍ତର ଗ୍ରହଣୀୟ ନୁହେଁ ।

**6.6.1.2** ଭବାନୀପାଟଣା-ଖରିଆର ରାସ୍ତାର ଚୂଡ଼ାନ୍ତ କାର୍ଯ୍ୟ ବିଲ୍ (ବଳକା କାମ) ଯାଞ୍ଚ (ନଭେମ୍ବର 2016) କରିବା ବେଳେ ପିଏମ୍‌ୟୁ ଜାଣିବାକୁ ପାଇଥିଲା ଯେ, ଠିକାଦାରଙ୍କୁ ସେହି କାମ ପାଇଁ 5.30 କୋଟି ଟଙ୍କା ଦିଆଯାଇଥିଲା ଯାହା ସେ ସମ୍ପାଦନ କରିନଥିଲେ କିନ୍ତୁ, ପୂର୍ବ ଠିକାଦାର ଏହାକୁ ସମ୍ପାଦନ କରିଥିଲେ । ଅତିରିକ୍ତ ଦେୟକୁ ସୁଧ ବହନକାରୀ ଅଗ୍ରୀମ ଭାବରେ ବିବେଚନା କରାଯିବା ସହ ବର୍ତ୍ତମାନର ଠିକାଦାରଙ୍କ ଠାରୁ 18 ପ୍ରତିଶତ ହାରରେ ସୁଧ ସହ ଆଦାୟ କରିବାକୁ ମୁଖ୍ୟ ଯନ୍ତ୍ରୀ, ଡିପିଆଇଆଣ୍ଡଆର୍ (ଜୁଲାଇ 2018) ରେ ନିର୍ଦ୍ଦେଶ ଦେଇଥିଲେ ।

ଅଡିଟ୍ ଦେଖିଲା ଯେ, ଏ ସମ୍ବନ୍ଧରେ ସ୍ପଷ୍ଟ ନିର୍ଦ୍ଦେଶ ସତ୍ତ୍ୱେ, ବିନା ସୁଧରେ ଅତିରିକ୍ତ ଦେୟ ଅସୁଲ କରାଯାଇଥିଲା (ମାର୍ଚ୍ଚ 2021) । ଅଡିଟ୍ ଆହୁରି ମଧ ଦେଖିଲା ଯେ, ଚିହ୍ନଟ ସତ୍ତ୍ୱେ (ଡିସେମ୍ବର 2016 ରେ) ଅତିରିକ୍ତ ଦେୟ (ମାର୍ଚ୍ଚ 2021 ରେ) 51 ମାସ ବିଳମ୍ବରେ ବିନା ସୁଧରେ ଆଦାୟ କରାଯାଇଥିଲା । 4.05 କୋଟି ଟଙ୍କା ଆଦାୟ ଯୋଗ୍ୟ ସୁଧ ହିସାବ କରାଯାଇଥିଲା (ଚିହ୍ନଟ ତାରିଖ ଠାରୁ ଯେହେତୁ ଅଡିଟରେ ଉପସ୍ଥାପିତ ରେକର୍ଡରୁ ପ୍ରକୃତ ଦେୟ ତାରିଖ ଠାବ କରାଯାଇପାରିଲା ନାହିଁ) । ଫଳରେ ରାଜ୍ୟ ରାଜକୋଷକୁ 4.05 କୋଟି ଟଙ୍କାର କ୍ଷତି ହେବା ସହ ଠିକାଦାରଙ୍କୁ ଅନୁଚିତ୍ ଫାଇଦା ହୋଇଥିଲା ।

ଏହାର ଉତ୍ତରରେ, ସରକାର ବ୍ୟକ୍ତ କଲେ (ମାର୍ଚ୍ଚ 2023) ଯେ, ଚୁକ୍ତିରେ କୌଣସି ଅତିରିକ୍ତ ଦେୟ ଉପରେ ସୁଧ ଆଦାୟ କରିବାର କୌଣସି ବ୍ୟବସ୍ଥା ନଥିଲା । ତେବେ, ଅଧିକ ଦେୟ ଯୋଗୁଁ ଠିକାଦାର ଅଯଥାରେ ଉପକୃତ ହୋଇଥିଲେ ହେଁ ଏତେ ଅଧିକ ଦେୟ ପାଇଁ କୌଣସି ଅଧିକାରଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଧାର୍ଯ୍ୟ କରାଯାଇ ନଥିଲା ।

**6.6.1.3** "ବ୍ରହ୍ମପୁରରୁ ତପ୍ତପାଣି ପର୍ଯ୍ୟନ୍ତ ବିଦ୍ୟମାନ ଯାନବାହନ ପଥକୁ ଦୁଇ ଲେନ୍‌ରେ ପ୍ରଶସ୍ତୀକରଣ ଓ ସୁଦୃଢ଼ୀକରଣ" କାର୍ଯ୍ୟ ସମ୍ପାଦନ ପାଇଁ ଅର୍ଥ ପ୍ରଦାନ କରିବା ସମୟରେ କାର୍ଯ୍ୟକାରୀ ହୋଇଥିବା କାର୍ଯ୍ୟର ଉପଯୁକ୍ତ ତଦାରଖ ଅଭାବରୁ ଜଣେ ଠିକାଦାରଙ୍କ (ଅପ୍ରେଲ 2013 ରୁ ଅପ୍ରେଲ 2015 ମଧ୍ୟରେ) 46 ଲକ୍ଷ ଟଙ୍କାର ମିଥ୍ୟା ଦାବି ଉପରେ ଅର୍ଥ ପ୍ରଦାନ କରାଯାଇଥିଲା । ତେବେ, ମଇ 2015 ରୁ ସେପ୍ଟେମ୍ବର 2015 ମଧ୍ୟରେ ଏହାକୁ ପୁନଃ ଆଦାୟ କରାଯାଇଥିଲା । ଆହୁରି ମଧ୍ୟ ଉପରୋକ୍ତ କାମ ପାଇଁ ସେହି ଠିକାଦାର ପୂର୍ବରୁ ତାଙ୍କ ପାଖରେ ଥିବା ମେସିନ୍ ଗୁଡ଼ିକର ତଥ୍ୟକୁ ମାର୍ଚ୍ଚ 2013 ଏବଂ ଜୁନ୍ 2014 ରେ ଦେୟ ପ୍ରଦାନ କରାଯାଇଥିବା 9.69 କୋଟି ଟଙ୍କାର ସୁଧ ମୁକ୍ତ ଉପକରଣ ଅଗ୍ରୀମରୁ କିଣି ଥିବା ମେସିନର ବିବରଣୀ ସହିତ ମିଶାଇ ଆର୍ଥିକ ଦସ୍ତାବିଜରେ ପରିବର୍ତ୍ତନ କରିଥିଲେ । ସେପ୍ଟେମ୍ବର 2013 ରୁ ଫେବୃଆରୀ 2016 ମଧ୍ୟରେ ପ୍ରତିଶତ ଭିତ୍ତିରେ ଏହି ରାଶି ଆଦାୟ କରାଯାଇଥିଲା । ଉପରୋକ୍ତ ଜାଲିଆତି କେବଳ ମଇ 2015 ରେ ଅର୍ଥାତ୍ ପାଖାପାଖି ଦୁଇ ବର୍ଷ ପରେ ଠାବ ହୋଇଥିଲା । ଏହା ଦର୍ଶାଉଛି ଯେ ବିଭାଗ ପକ୍ଷରୁ ଏହିପରି ଅଭ୍ୟାସ ଚିହ୍ନଟ କରିବାରେ ପର୍ଯ୍ୟାପ୍ତ ତଦାରଖର ଅଭାବ ରହୁଛି । ଏଭଳି ଅନୁଚିତ୍ ଦେୟ ପାଇଁ ଦାୟୀ ବ୍ୟକ୍ତିଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ ।

ବାସ୍ତବ ସ୍ଥିତିକୁ ଗ୍ରହଣ କରି ଉତ୍ତରରେ, ସରକାର ବ୍ୟକ୍ତ କଲେ (ମାର୍ଚ୍ଚ 2023) ଯେ ଅତିରିକ୍ତ ଦେୟ ଠିକାଦାରଙ୍କ ଠାରୁ ଆଦାୟ କରାଯାଇଥିଲା ଏବଂ ଜାଲିଆତି ଅଭ୍ୟାସ ପାଇଁ ଡବ୍ଲୁବି ସଂପୃକ୍ତ ଠିକାଦାରଙ୍କୁ କୌଣସି ଡବ୍ଲୁବି ପ୍ରକଳ୍ପରେ ଅଂଶ ଗ୍ରହଣ କରିବାକୁ ତିନି ବର୍ଷ ପାଇଁ ବାରଣ କରିଥିଲା ।

**6.6.1.4** ସେହିଭଳି "ଚାନ୍ଦବାଲି-ଭଦ୍ରକ-ଆନନ୍ଦପୁର ରାସ୍ତା କାମ (ବଳକା କାର୍ଯ୍ୟ) ପାଇଁ ବର୍ତ୍ତମାନର କ୍ୟାରେଜ ୱେକୁ ଦୁଇ ଲାଇନକୁ ପ୍ରଶସ୍ତିକରଣ ଓ ସୁଦୃଢ଼ୀକରଣ" କାର୍ଯ୍ୟ କ୍ଷେତ୍ରରେ ସଂପୃକ୍ତ ଠିକାଦାର ଆର୍ଥିକ ଲାଭ ପାଇବା ପାଇଁ 17.37 ଲକ୍ଷ ଟଙ୍କାର ମିଥ୍ୟା ଦାବି କରିଥିଲେ । ଅଭିଯୋଗକୁ ଭିତ୍ତିକରି ବିଶ୍ୱ ବ୍ୟାଙ୍କର ପ୍ରକଳ୍ପର ମୁଖ୍ୟ ଯନ୍ତ୍ରୀ ଏକ ତଦନ୍ତ କମିଟି ଗଠନ କରିଥିଲେ । ତଦନ୍ତ କମିଟି ରିପୋର୍ଟରେ ଦର୍ଶାଇଥିଲା ଯେ, ସାତଟି ସ୍ଥାନରେ ଅସ୍ଥାୟୀ ଡାଇଭର୍ସନ ରାସ୍ତା କାମ ପାଇଁ ଠିକାଦାରଙ୍କୁ ଅର୍ଥ ପ୍ରଦାନ କରାଯାଇଥିଲେ ହେଁ କାମ କାର୍ଯ୍ୟକାରୀ ହୋଇନଥିଲା ଏବଂ ଏହି କାର୍ଯ୍ୟକୁ ରେସିଡେଣ୍ଟ ଇଞ୍ଜିନିୟର (ପରାମର୍ଶଦାତାଙ୍କ ପ୍ରମୁଖ ବୃତ୍ତିଗତ କର୍ମଚାରୀ) ସମର୍ଥନ କରି ଥିଲେ । ଉପରୋକ୍ତ କାମ ପାଇଁ ଦିଆଯାଇଥିବା 17.37 ଲକ୍ଷ ଟଙ୍କାର ସମ୍ପୂର୍ଣ୍ଣ ଅର୍ଥ ଆଦାୟ କରିବା ସହ ସଂପୃକ୍ତ ଠିକାଦାର ଓ ରେସିଡେଣ୍ଟ ଇଞ୍ଜିନିୟରଙ୍କ ବିରୁଦ୍ଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ତଦନ୍ତ କମିଟି ସୁପାରିଶ କରିଥିଲା । ଏହା ସୂଚାଉଛି ଯେ, ଦାବିକୁ ପ୍ରମାଣିତ କରିବା ପୂର୍ବରୁ ଓଡବ୍ଲୁଡି ସମ୍ପୃକ୍ତ କାର୍ଯ୍ୟଗୁଡ଼ିକୁ ଯାଞ୍ଚ ମାପ କରିନଥିଲା, ଯଦିଓ ଏହା କରିବା ଆବଶ୍ୟକ ଥିଲା । ଓଡବ୍ଲୁଡି ଇଞ୍ଜିନିୟରଙ୍କ ଯାଞ୍ଚ ଟିପ୍ପଣୀ ଅଡିଟ୍ ପାଇଁ ଉପଲବ୍ଧ କରାଯାଇ ନଥିଲା ।

ଉତ୍ତରରେ, ସରକାର ବ୍ୟକ୍ତ କଲେ (ମାର୍ଚ୍ଚ 2023) ଯେ, ଅତିରିକ୍ତ ଟଙ୍କା ଆଦାୟ କରାଯାଇଥିଲା ଏବଂ ପରାମର୍ଶଦାତା ହାଇୱେ ଇଞ୍ଜିନିୟର (ପରାମର୍ଶଦାତାଙ୍କ ଏକ ପ୍ରମୁଖ ବୃତ୍ତିଗତ କର୍ମଚାରୀ) ଏବଂ ଆବାସିକ ଯନ୍ତ୍ରୀଙ୍କୁ ହଟାଇ ଦେଇଥିଲେ । ଜାଲିଆତି ଦାବି କରିଥିବା ଠିକାଦାରଙ୍କ ବିରୋଧରେ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିବାରୁ ଉତ୍ତର ଗ୍ରହଣୀୟ ହୋଇନଥିଲା ।

**6.6.1.5** ମନ୍ଥର ଅଗ୍ରଗତି ଯୋଗୁଁ "ଭବାନୀପାଟଣା-ଖରିଆର[187] ପର୍ଯ୍ୟନ୍ତ ରାସ୍ତାର ବିଦ୍ୟମାନ ଯାନବାହନ ପଥକୁ ଦୁଇ ଲେନ୍‌ରେ ପ୍ରଶସ୍ତୀକରଣ ଓ ସୁଦୃଢ଼ୀକରଣ" କାର୍ଯ୍ୟର ଚୁକ୍ତିନାମା ରଦ୍ଦ (ନଭେମ୍ବର 2012) କରାଯାଇଥିଲା । ବାକି କାମ ଅନ୍ୟ ଜଣେ ଠିକାଦାରଙ୍କୁ ଦିଆଯାଇଥିଲା (ଅଗଷ୍ଟ 2013) । ଦ୍ୱିତୀୟ ଠିକାଦାରଙ୍କ ଦ୍ୱାରା ସର୍ଭେ ସମୟରେ ପ୍ରଥମ ଠିକାଦାରଙ୍କ ଦ୍ୱାରା କରାଯାଇଥିବା କାର୍ଯ୍ୟରେ ଏହା ଦେଖିବାକୁ ମିଳିଥିଲା ଯେ ଅନେକ ସ୍ଥାନରେ ଡିବିଏମ୍ କାମ ହୋଇନାହିଁ ଏବଂ ତାଙ୍କ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ଜିଏସ୍‌ବି ଏବଂ ଡବ୍ଲୁଏମ୍‌ଏମ୍ କିଛି ସ୍ଥାନରେ କ୍ଷତିଗ୍ରସ୍ତ ହୋଇଛି । ତେଣୁ, 1.32 କୋଟି ଟଙ୍କା ବ୍ୟୟରେ ପୁନଃକାମ କରାଯାଇଥିଲା । ଏହା ଉଭୟ ତଦାରଖ ପରାମର୍ଶଦାତା ଏବଂ ସଂପୃକ୍ତ (ଆର୍‌ଆଣ୍ଡବି) ଡଭିଜନର ଓଡବ୍ଲୁଡି ଇଞ୍ଜିନିୟରଙ୍କ ତଦାରଖରେ ବିଫଳତାକୁ ଦର୍ଶାଇଥିଲା ।

ଉତ୍ତରରେ, ସରକାର ବ୍ୟକ୍ତ କଲେ (ମାର୍ଚ୍ଚ 2023) ଯେ, ପୂର୍ବ ଠିକାଦାର ଚୁକ୍ତି ରଦ୍ଦ ହେବାର ବହୁ ପୂର୍ବରୁ କାମ କରିବା ବନ୍ଦ କରିଦେଇଥିଲେ । ପୂର୍ବ ଠିକାଦାରଙ୍କ ଦ୍ୱାରା ପ୍ରକୃତ କାମ ଛାଡ଼ିବା ଏବଂ ବାକି କାମ କାର୍ଯ୍ୟକାରୀ କରିବା ମଧ୍ୟରେ ଦେଢ଼ ବର୍ଷର ବ୍ୟବଧାନ ଥିଲା । ପର୍ଯ୍ୟାପ୍ତ ଭୂପୃଷ୍ଠ ଏବଂ ବିଟୁମିନସ୍ ସ୍ତର ବିନା ଉନ୍ମୋଚିତ ସବ୍‌ଗ୍ରେଡ ଏବଂ ତଳ ସ୍ତରଗୁଡ଼ିକ କ୍ଷତିଗ୍ରସ୍ତ ହେବାର ଆଶଙ୍କା ଥିଲା । ବୈଷୟିକ ଦୃଷ୍ଟିକୋଣରୁ ଏଭଳି ଉନ୍ମୋଚିତ ପୃଷ୍ଠରେ କୌଣସି ଟ୍ରାଫିକ୍ ଚଳାଚଳ କରିବାକୁ ଅନୁମତି ଦେବା ଉଚିତ୍ ନୁହେଁ । କାରଣ ସେମାନେ ସେମାନଙ୍କର ସଙ୍କଳନ ହରାଇପାରନ୍ତି । ଯାହାଦ୍ୱାରା ସେମାନଙ୍କର ଶକ୍ତି ହ୍ରାସ ପାଇପାରେ । ଦୀର୍ଘ ସମୟ ଧରି ଅସମ୍ପୂର୍ଣ୍ଣ ରାସ୍ତାରେ ଭାରୀ ଯାନବାହନ ଚଳାଚଳ ଯୋଗୁଁ ରାସ୍ତାଟି ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇ ଅଚଳ ହୋଇପଡ଼ିଥିଲା ଏବଂ ପୁନଃ କାର୍ଯ୍ୟ କରିବାକୁ ପଡ଼ିଥିଲା । କାମ ଶେଷ କରିବା ଏବଂ ଅସମ୍ପୂର୍ଣ୍ଣ ଭୂପୃଷ୍ଠର କ୍ଷୟକ୍ଷତି ରୋକିବା ଦିଗରେ କର୍ତ୍ତୃପକ୍ଷ ତୁରନ୍ତ ପଦକ୍ଷେପ ଗ୍ରହଣ କରିନଥିବାରୁ ଉତ୍ତର ଗ୍ରହଣୀୟ ହୋଇନଥିଲା । କାମ ଛାଡ଼ିବା କାରଣରୁ ହୋଇଥିବା ଅତିରିକ୍ତ ଖର୍ଚ୍ଚ ଖିଲାପକାରୀ ଠିକାଦାରଙ୍କ ଠାରୁ ଆଦାୟ କରାଯାଇ ନଥିଲା ।

## 6.6.2 ରାସ୍ତାର ଗୁଣବତ୍ତାର ମିଳିତ ବସ୍ତୁଗତ ନିରୀକ୍ଷଣ

ଓଏସ୍‌ଆର୍‌ପି ଅଧୀନରେ ଚାରୋଟି ପ୍ରକଳ୍ପର ଡିପିଆର୍ ଅନୁଯାୟୀ 20 ବର୍ଷ ପାଇଁ ଏହି ରାସ୍ତାର ଡିଜାଇନ୍ କରାଯାଇଥିଲା । ରାସ୍ତାର ଗୁଣବତ୍ତା ଏବଂ ରକ୍ଷଣାବେକ୍ଷଣର ଆକଳନ ପାଇଁ ବିଭାଗୀୟ ଅଧିକାରୀଙ୍କ ସହ ଅଡିଟ୍ ଟିମ୍ (ଅଗଷ୍ଟ 2022) ଓଏସ୍‌ଆର୍‌ପି ଅଧୀନରେ ଥିବା ଚାରୋଟି ରାସ୍ତାର ମିଳିତ ସରଜମିନ୍ ତଦନ୍ତ (ଜେପିଆଇ) କରିଥିଲେ । ଜୁନ୍ 2016 ରୁ ଅପ୍ରେଲ 2021 ମଧ୍ୟରେ ଶେଷ ହୋଇଥିବା ଏହି ରାସ୍ତା ଗୁଡ଼ିକରେ କ୍ଷୟକ୍ଷତି ହୋଇଥିବାର ନିମ୍ନଲିଖିତ ଉଦାହରଣ ଅଡିଟରେ ଦେଖାଯାଇଥିଲା ।

**(କ)** ଭବାନୀପାଟଣା-ଖରିଆର ରୋଡ**:** ଜୁନ୍ 2016 ରୁ ଅଗଷ୍ଟ 2016 ମଧ୍ୟରେ କାମ ଶେଷ ହୋଇଥିବା ବେଳେ ଜୁନ୍ 2017 ରୁ ଅଗଷ୍ଟ 2017 ମଧ୍ୟରେ ତ୍ରୁଟି ଦାୟିତ୍ୱ ଅବଧି (ଡିଏଲ୍‌ପି) କରାଯାଇଥିଲା । ସିଡି ଆପ୍ରୋଚରେ[188] କିଲୋମିଟର 6/000 ଏବଂ କିଲୋମିଟର 8/000 ରେ ଦବିଥିବା ଦେଖିବାକୁ ମିଳି ଥିଲା । ସେଠାରେ ଅନେକ ଭୂପୃଷ୍ଠ ଫାଟ ସହ ଅନେକ ଖାଲ[189] ମଧ୍ୟ ରହିଥିଲା ।

2021-22 ଆର୍ଥିକ ବର୍ଷରେ କିଲୋମିଟର 26/000 ରୁ କିଲୋମିଟର 27/000 ପର୍ଯ୍ୟନ୍ତ ନବୀକରଣ କୋଟରେ ରାସ୍ତା



**ଫଟୋ 18:** କିଲୋମିଟର **26/125** ରେ ଦବିଥିବା ରାସ୍ତା

187 ଏସ୍‌ଏଚ୍-16 ର 2/000 କିଲୋମିଟର ରୁ 70/000 କିଲୋମିଟର

188 କ୍ରସ୍ ଡ୍ରେନେଜ୍ ବ୍ୟବସ୍ଥାର ଆପ୍ରୋଚ୍ ରୋଡ୍

189 15/000 ରୁ କିଲୋମିଟର 26/000, କିଲୋମିଟର 38/000 ରୁ କିଲୋମିଟର 43/000, କିଲୋମିଟର 46/000 ରୁ କିଲୋମିଟର 48/000, କିଲୋମିଟର 51/000 ରୁ କିଲୋମିଟର 52/000, କିଲୋମିଟର 63/000 ରୁ କିଲୋମିଟର 66/000 ଏବଂ କିଲୋମିଟର 69/000

ମରାମତି କରାଯାଇଥିଲେ ମଧ୍ୟ କିଲୋମିଟର 26/125 ଏବଂ କିଲୋମିଟର 27/000 ରେ ଦବିଥିବାର ଦେଖିବାକୁ ମିଳିଥିଲା । ଏହା ବ୍ୟତୀତ କିଲୋମିଟର 5/000, ରୁ କିଲୋମିଟର 20/000, କିଲୋମିଟର 46/000 ରୁ କିଲୋମିଟର 48/000, କିଲୋମିଟର 58/000 ରୁ କିଲୋମିଟର 59/000 ଏବଂ କିଲୋମିଟର 63/000 କିଲୋମିଟରରେ କୁମ୍ଭୀର ଫାଟ[190] ସୃଷ୍ଟି ହୋଇଥିଲା । କିଲୋମିଟର 27/000 ରୁ କିଲୋମିଟର 30/000 ପର୍ଯ୍ୟନ୍ତ ଚାରୋଟି ବ୍ରିଜ୍ ପଥ ଦବି ଯାଇଥିଲା ଏବଂ ଏହି ରାସ୍ତା କ୍ଷତିଗ୍ରସ୍ତ ଏବଂ ଦୁର୍ବଳ ଥିଲା । କିଲୋମିଟର 41/000, କିଲୋମିଟର 54/000 ଏବଂ କିଲୋମିଟର 69/000 ରେ ସୋଲ୍ଡର ଦବିଯିବା ସହିତ ଦବିଥିବା ସ୍ଥାନରେ ଜଳବନ୍ଦୀ ଦେଖିବାକୁ ମିଳିଥିଲା ।



ଫଟୋ **19:** ଚାରୋଟି ସେତୁର କ୍ଷତିଗ୍ରସ୍ତ ଓ ଦୁର୍ବଳ ରାସ୍ତା

**(ଖ) ଚାନ୍ଦବାଲି-ଭଦ୍ରକ-ଆନନ୍ଦପୁର ରାସ୍ତା:**

ଜୁନ୍ 2019 ରୁ ଅପ୍ରେଲ 2021 ମଧ୍ୟରେ ପାଞ୍ଚଟି ପ୍ୟାକେଜ୍‌ରେ ଗୋଟିଏ ବର୍ଷର ଡିଏଲ୍‌ପି ସହିତ (ଜୁନ୍ 2020 ରୁ ଅପ୍ରେଲ 2022 ମଧ୍ୟରେ) ପ୍ରତ୍ୟେକ ପ୍ୟାକେଜ୍‌ର କାମ ଶେଷ ହୋଇଥିଲା । କିଲୋମିଟର 6/650 ରେ ଇଚ୍ଛାପୁର ନିକଟରେ ରାସ୍ତା ଉପରେ ଖାଲ ଥିଲା । ଏହା ବ୍ୟତୀତ ଏହି ବିସି ପୃଷ୍ଠରେ ବାମପାର୍ଶ୍ୱ ଏବଂ ଦକ୍ଷିଣପାର୍ଶ୍ୱରେ, କିଲୋମିଟର 30/000 ରୁ କିଲୋମିଟର 35/000 ମଧ୍ୟରେ ଲିନିୟର ଏବଂ କୁମ୍ଭୀର ଫାଟ ଥିବା ବେଳେ ଏସ୍‌ଡିବିସିରେ ଖାଲ, ବକ୍ସ କଲଭର୍ଟର ଛାତ ସ୍ଲାବ୍‌ରେ ଖାଲ ଓ ଫାଟ ସୃଷ୍ଟି ହୋଇଥିଲା ।


ଫଟୋ **20:** କିଲୋମିଟର **30/000** ରୁ କିଲୋମିଟର **35/000** ପର୍ଯ୍ୟନ୍ତ ଲିନିୟର ଓ କୁମ୍ଭୀର ଫାଟ


ଫଟୋ **21:** ବକ୍ସ କଲଭର୍‌ଟର ଛାତ ସ୍ଲାବ ଉପରେ ଏସ୍‌ଡିବିସିରେ ଖାଲ

**(ଗ) ବ୍ରହ୍ମପୁର-ତପ୍ତପାଣି ରାସ୍ତା:**

ଅଗଷ୍ଟ 2017 ପର୍ଯ୍ୟନ୍ତ ଡିଏଲ୍‌ପି ସହ ଏହି କାମ ଅଗଷ୍ଟ 2016 ରେ ଶେଷ ହୋଇଥିଲା । ରାସ୍ତା ପୃଷ୍ଠରେ କିଲୋମିଟର 5/000 ରୁ କିଲୋମିଟର 8/000, କିଲୋମିଟର 10/000 ରୁ କିଲୋମିଟର 11/000, କିଲୋମିଟର 16/000 ରୁ କିଲୋମିଟର 18/000, କିଲୋମିଟର 39/000, କିଲୋମିଟର 42/000 ରୁ କିଲୋମିଟର 45/000 ରୁ ଏବଂ କିଲୋମିଟର 49/000 ରେ ଖାଲ ହୋଇଥିଲା । ରାସ୍ତାରେ କିଲୋମିଟର 10/000 ରୁ କିଲୋମିଟର 11/000, କିଲୋମିଟର 20/000 ରୁ କିଲୋମିଟର 21/000 ଏବଂ କିଲୋମିଟର 27/000 ରୁ କିଲୋମିଟର 28/000 ରେ କୁମ୍ଭୀର ଫାଟ ଓ ଭୂପୃଷ୍ଠ ଫାଟ


ଫଟୋ **22 :** କିଲୋମିଟର **10/000** ରୁ **11/000** କିଲୋମିଟରରେ ଖାଲ ଓ ଭୂପୃଷ୍ଠ ଫାଟ

[190] ପରସ୍ପର ସହ ଜଡିତ ଫାଟକୁ କୁମ୍ଭୀର ଫାଟ କୁହାଯାଏ

ଦେଖିବାକୁ ମିଳିଥିଲା ।

**(ଘ) ଜଗତପୁର-ଦୁହୁରିଆ-ଚାନ୍ଦବାଲି ରାସ୍ତା:**

ଜୁଲାଇ 2018 ରୁ ମଇ 2019 ମଧ୍ୟରେ କାମ ଶେଷ ହୋଇଥିଲା ଏବଂ ଜୁଲାଇ 2019 ରୁ ମଇ 2020 ମଧ୍ୟରେ ଡିଏଲ୍‌ପି ଥିଲା । ରାସ୍ତା ପୃଷ୍ଠରେ କିଲୋମିଟର 0/500 ରୁ କିଲୋମିଟର 1/000, କିଲୋମିଟର 37/000 ରୁ କିଲୋମିଟର 49/000, କିଲୋମିଟର 54/000 ରୁ କିଲୋମିଟର 55/000, କିଲୋମିଟର 57/000 ରୁ କିଲୋମିଟର 58/000, କିଲୋମିଟର 62/000 ରୁ କିଲୋମିଟର 63/000, କିଲୋମିଟର 66/000, କିଲୋମିଟର 67/000, କିଲୋମିଟର 69/000 ଏବଂ ବାକ୍ସ କଲଭର୍ଟ ଛାତ ର ଏସ୍ ୍ରିବିସ ଉପରେ ଖାଲ ପଡ଼ିଥିଲା ।

ରାସ୍ତାର ବାମପାର୍ଶ୍ୱରେ କିଲୋମିଟର 20/000 ରୁ କିଲୋମିଟର 21/000, କିଲୋମିଟର 53/000 ରୁ କିଲୋମିଟର 55/000 ମଧ୍ୟରେ ରେଖା ଏବଂ କୁମ୍ଭୀର ଫାଟ ଦେଖିବାକୁ ମିଳିଥିଲା । କିଲୋମିଟର 57/000 ରୁ କିଲୋମିଟର 58/000 ମଧ୍ୟରେ ବେସ୍ ଦବିଯାଇଥିଲା । ରାସ୍ତାର ବର୍ମ କ୍ୟାରେଜ୍ ୱେ ପକ୍କା ବନ୍ଧ ସ୍ତର ଠାରୁ ଅଧିକ ଥିଲା ଏବଂ ରାସ୍ତା ପୃଷ୍ଠର ପକ୍କା ବନ୍ଧ ଉପରେ ମାଟି ମାଡ଼ି ଯାଇଥିଲା । କିଲୋମିଟର 10/000 ରୁ କିଲୋମିଟର 15/200, ପର୍ଯ୍ୟନ୍ତ ସିମେଣ୍ଟ କଂକ୍ରିଟ୍ ରାସ୍ତାରେ ଥିବା ଭୂପୃଷ୍ଠ ଫାଟ ଓ ଖାଲଗୁଡ଼ିକୁ ବିଟୁମିନସ୍ କଂକ୍ରିଟ୍ ସାହାଯ୍ୟରେ ମରାମତି କରାଯାଇଥିବା ଦେଖିବାକୁ ମିଳିଥିଲା, ଯାହା ନିମ୍ନମାନର କାର୍ଯ୍ୟକୁ ସୂଚାଉଛି ।



**ଫଟୋ 23: କିଲୋମିଟରରେ 45/200 ଗାତ ଓ ଫାଟ**



**ଫଟୋ 24: କିଲୋମିଟର 57/000 ରୁ କିଲୋମିଟର 58/000 ବେସ୍ ଡିପ୍ରେସନ**

ଉପରୋକ୍ତ ତଥ୍ୟ ଦର୍ଶାଇଲା ଯେ ରାସ୍ତା ନିର୍ମାଣ ସମୟରେ ବିଭାଗ ପକ୍ଷରୁ ରାସ୍ତାର ଗୁଣବତ୍ତା ସୁନିଶ୍ଚିତ କରାଯାଇ ନଥିଲା । ଯାହାଫଳରେ ଡିଏଲ୍‌ପିର ଅବଧି ଶେଷ ହେବାର ଠିକ୍ ପରେ ରାସ୍ତା ପୃଷ୍ଠରେ ଗାତ, କୁମ୍ଭୀର ଫାଟ, ଭୂପୃଷ୍ଠ ଫାଟ ସୃଷ୍ଟି ହେବା ସହିତ ରାସ୍ତା ଦବି ଯାଇଥିଲା, ଯଦିଓ ଏହି ରାସ୍ତାଗୁଡ଼ିକ 20 ବର୍ଷ ପାଇଁ ଡିଜାଇନ୍ ହୋଇଥିଲା । ଏହା ଦେଖାଯାଇଥିଲା ଯେ ଏମ୍‌ଓଆର୍‌ଟିଏଚ୍ କାମ ସମ୍ପୂର୍ଣ୍ଣ ହେବା ତାରିଖ ଠାରୁ ଡିଏଲ୍‌ପିକୁ ତିନି ବର୍ଷ ସମୟ ପର୍ଯ୍ୟନ୍ତ ଧାର୍ଯ୍ୟ କରିଥିଲା । କିନ୍ତୁ ଓଡବ୍ଲୁଡି ଡିଏଲ୍‌ପିକୁ ମାତ୍ର ଏକ ବର୍ଷ ଧାର୍ଯ୍ୟ କରିଥିଲା ଯାହାକି ରାସ୍ତାର ନିମ୍ନମାନର କାର୍ଯ୍ୟକୁ ସୂଚାଇଥିଲା ଏବଂ ବିଭାଗ ପକ୍ଷରୁ ମରାମତି ଓ ରକ୍ଷଣାବେକ୍ଷଣ ଖର୍ଚ୍ଚ କାର୍ଯ୍ୟ ଶେଷ ହେବାର ତିନି ବର୍ଷ ମଧ୍ୟରେ ହୋଇଥିଲା, ଯେଉଁଥିପାଇଁ ଅତିରିକ୍ତ ବିତ୍ତୀୟ ଭାର ରାଜ୍ୟ ରାଜକୋଷ ଉପରେ ପଡ଼ିଥିଲା ଯେପରି **ଅନୁଚ୍ଛେଦ 6.4.1** ରେ ଦର୍ଶାଗଲା ।

ଉତ୍ତରରେ ସରକାର ବ୍ୟକ୍ତ କଲେ (ମାର୍ଚ୍ଚ 2023) ଯେ ନିର୍ମାଣଗୁଡ଼ିକର ଗୁଣବତ୍ତା ପରାମର୍ଶଦାତାଙ୍କ ଦ୍ୱାରା ଉପଯୁକ୍ତ ଭାବେ ପରୀକ୍ଷା ଏବଂ ପ୍ରମାଣିତ କରାଯାଇଥିଲା । ଉତ୍ତର ଗ୍ରହଣୀୟ ନୁହେଁ, କାରଣ ରାସ୍ତାର ଏକ ବର୍ଷର ଡିଏଲ୍‌ପି ଅବଧି ସରିବା ପରେ ରାସ୍ତାର କ୍ଷୟକ୍ଷତି ନିମ୍ନମାନର କାର୍ଯ୍ୟକୁ ସୂଚାଉଥିଲା ।

### 6.6.3 ରାଜ୍ୟସ୍ତରୀୟ କ୍ଷମତାସମ୍ପନ୍ନ କମିଟିର ସଭା ଡାକିବାରେ ଅଭାବ

ପ୍ରକଳ୍ପ ମୂଲ୍ୟାଙ୍କନ ଦସ୍ତାବିଜରେ କୁହାଯାଇଛି ଯେ ଓଡବ୍ଲୁଡି ରାଜ୍ୟସ୍ତରୀୟ କ୍ଷମତାପ୍ରାପ୍ତ କମିଟି (ଏସ୍‌ଏଲ୍‌ଇସି) ଗଠନ କରିବ ଏବଂ ସୁନିଶ୍ଚିତ କରିବ ଯେ ଏସ୍‌ଏଲ୍‌ଇସି ସାମଗ୍ରୀକ ନିର୍ଦ୍ଦେଶ ପ୍ରଦାନ କରିବ ଏବଂ ପ୍ରକଳ୍ପ ପାଇଁ

ପ୍ରଶାସନିକ ଅଧିକାର ବ୍ୟବହାର କରିବ । ସେଥିପାଇଁ ପ୍ରକଳ୍ପ ଆରମ୍ଭରୁ ଶେଷ ହେବା ପର୍ଯ୍ୟନ୍ତ ଏସ୍ଏଲ୍ଇସି ନିୟମିତ ଭାବେ ବୈଠକ କରିବା ଆବଶ୍ୟକ ପଡୁଥିଲା ।

ଅଡିଟ୍‌ରୁ ଜଣାପଡ଼ିଥିଲା ଯେ, ଯଦିଓ ବିଶ୍ୱ ବ୍ୟାଙ୍କ ଋଣ, ଅପ୍ରେଲ 2009 ରେ ମଞ୍ଜୁର ହୋଇଥିଲା କିନ୍ତୁ ପ୍ରକଳ୍ପ କାର୍ଯ୍ୟକାରୀ ହେବାର ପାଖାପାଖି ଦୁଇ ବର୍ଷ ପରେ ଫେବୃଆରୀ 2011 ରେ ଏସ୍ଏଲ୍ଇସିର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଥିଲା । ଜୁନ୍ 2017 ପର୍ଯ୍ୟନ୍ତ ଏସ୍ଏଲ୍ଇସି ବୈଠକ 21 ଥର ଡକାଯାଇଥିଲା । ଅପ୍ରେଲ 2021 ପର୍ଯ୍ୟନ୍ତ ପ୍ରକଳ୍ପ କାର୍ଯ୍ୟ ଚାଲିଥିଲେ ହେଁ ଜୁନ୍ 2017 ରୁ ଅପ୍ରେଲ 2021 ମଧ୍ୟରେ କୌଣସି ବୈଠକ ହୋଇନଥିଲା । ଆହୁରି ମଧ୍ୟ ଦୁଇ ପରବର୍ତ୍ତୀ ବୈଠକ ମଧ୍ୟରେ ବ୍ୟବଧାନ 11 ଦିନରୁ 344 ଦନ ପର୍ଯ୍ୟନ୍ତ ରହିଥିଲା ।

ତେଣୁ ବୈଠକ ଆୟୋଜନରେ ଅନୁପସ୍ଥିତି ଓ ବିଳମ୍ବ ଯୋଗୁଁ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟା ଉପରେ ପ୍ରତିକୂଳ ପ୍ରଭାବ ପଡ଼ିଥିଲା, ଯାହା ପ୍ରକଳ୍ପ କାର୍ଯ୍ୟକାରିତାର ଗୁଣବତ୍ତା ଉପରେ ପ୍ରଭାବ ପକାଇଥିଲା ଏବଂ ଓଡବ୍ଲୁଡିକୁ ବିଶ୍ୱବ୍ୟାଙ୍କ ପକ୍ଷରୁ 48.37 କୋଟି ଟଙ୍କା ପ୍ରଦାନ କରାଯାଇ ନଥିଲା, ନିମ୍ନମାନର ରାସ୍ତା ଓ ଅତିରିକ୍ତ ଦେୟ ପ୍ରଦାନ ଘଟଣା ଇତ୍ୟାଦି ହୋଇଥିଲା ।

ଉତ୍ତରରେ ସରକାର ବ୍ୟକ୍ତ କଲେ (ମାର୍ଚ୍ଚ 2023) ଯେ ବିଶ୍ୱ ବ୍ୟାଙ୍କ ଋଣ ବନ୍ଦ ହେବା ପରେ ଏହି ପ୍ରକଳ୍ପ ରାଜ୍ୟ ପାଣ୍ଠିରୁ କାର୍ଯ୍ୟକାରୀ ହୋଇଥିଲା । ତେଣୁ ଏସ୍ଏଲ୍ଇସିର କୌଣସି ବୈଠକ ଡକାଯାଇ ନଥିଲା । ଉତ୍ତର ଗ୍ରହଣୀୟ ନୁହେଁ, କାରଣ ପ୍ରକଳ୍ପ କାର୍ଯ୍ୟର ସଫଳ କାର୍ଯ୍ୟକାରିତା ପାଇଁ ପ୍ରୋଜେକ୍ଟ ଆପ୍ରାଇଜାଲ୍ ଡକ୍ୟୁମେଣ୍ଟର ସର୍ତ୍ତାବଳୀ ଓ ଏସ୍ଏଲ୍ଇସି ଗଠନ ର ଅର୍ଥ ବ୍ୟବସ୍ଥା ସହିତ କୌଣସି ସମ୍ପର୍କ ନଥିଲା ଏବଂ ଏସ୍ଏଲ୍ଇସିର ଅନୁପସ୍ଥିତି ପ୍ରକଳ୍ପ କାର୍ଯ୍ୟକାରିତାର ଗୁଣବତ୍ତା ଏବଂ ତଦାରଖ ଉପରେ ପ୍ରଭାବ ପକାଇଥିଲା ।

### 6.6.4 ତୃତୀୟ ପକ୍ଷ ଗୁଣବତ୍ତା ତଦାରଖର ଅଭାବ

ପିଏଡି ଅନୁଯାୟୀ, ତୃତୀୟ ପକ୍ଷ ଗୁଣବତ୍ତା ନିରୀକ୍ଷଣ ମୁଖ୍ୟତଃ ଡିଜାଇନର ପର୍ଯ୍ୟାପ୍ତତା ଠିକାଦାରଙ୍କ ଦ୍ୱାରା କାର୍ଯ୍ୟସମ୍ପାଦନ ତଦାରଖର ପର୍ଯ୍ୟାପ୍ତତା ଏବଂ ଗୁଣବତ୍ତା ପ୍ରବର୍ତ୍ତନ ବ୍ୟବସ୍ଥା ସମେତ ଗୁଣବତ୍ତା ଉପରେ ଧ୍ୟାନ ଦେବାକୁ ଥିଲା ।

ପିଏମ୍ୟୁରେ ଥିବା ରେକର୍ଡ ଯାଞ୍ଚରୁ ଜଣାପଡ଼ିଥିଲା ଯେ ଓଡବ୍ଲୁଡି, ରାଉରକେଲାର ଏନ୍ଆଇଟିକୁ ଗୁଣବତ୍ତା ନିଶ୍ଚିତତା ବ୍ୟବସ୍ଥାର ସ୍ୱାଧୀନ ତୃତୀୟ ପକ୍ଷ ସମୀକ୍ଷା ପାଇଁ 37.39 ଲକ୍ଷ ଟଙ୍କାରେ ଏକ ବର୍ଷ (ଜୁନ୍ 2011 ରୁ ଜୁନ୍ 2021) ପାଇଁ ନିୟୋଜିତ (ଜୁନ୍ 2011) କରିଥିଲା । ଚୁକ୍ତିନାମା ଅନୁଯାୟୀ ଏନ୍ଆଇଟିକୁ ପ୍ରାରମ୍ଭ ରିପୋର୍ଟ ବ୍ୟତୀତ ଦୁଇଟି ଗୁଣାତ୍ମକ ଅଡିଟ୍ ରିପୋର୍ଟ ଦାଖଲ କରିବାର ଥିଲା । ଅଡିଟରୁ ଜଣାପଡ଼ିଲା ଯେ କେବଳ ପ୍ରାରମ୍ଭ ରିପୋର୍ଟ ଦାଖଲ ହେବା ପର୍ଯ୍ୟନ୍ତ (ଅଗଷ୍ଟ 2012) 17.17 ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା । ଏନ୍ଆଇଟିର ଆଉ କୌଣସି କାର୍ଯ୍ୟକଳାପ ରେକର୍ଡରେ ନଥିବା ଜଣାପଡ଼ିଥିଲା । ଓଡବ୍ଲୁଡି କୌଣସି ସ୍ୱାଧୀନ ତୃତୀୟ ପକ୍ଷ ଠାରୁ ଗୁଣାତ୍ମକ ନିଶ୍ଚିତତା ପାଇବାରେ ବିଫଳ ହୋଇଥିଲା । ତୃତୀୟ ପକ୍ଷ ଗୁଣବତ୍ତା ନିରୀକ୍ଷଣର ଅଭାବ ଯୋଗୁଁ ଗୁଣବତ୍ତା ସୁନିଶ୍ଚିତ କରିବାରେ ବିଫଳ ହୋଇଥିଲା, ଯାହା ଉପରୋକ୍ତ ଅନୁଚ୍ଛେଦରେ ଆଲୋଚନା କରାଯାଇଛି । ଯଦି ତୃତୀୟ ପକ୍ଷ ଗୁଣବତ୍ତା ତଦାରଖ କରାଯାଇଥାନ୍ତା, ତେବେ କାର୍ଯ୍ୟକାରିତା ପର୍ଯ୍ୟାୟରେ ହିଁ ନିମ୍ନମାନର ନିର୍ମାଣ ଚିହ୍ନଟ ହୋଇପାରିଥାନ୍ତା ।

ଉତ୍ତରରେ ସରକାର ବ୍ୟକ୍ତ କଲେ (ମାର୍ଚ୍ଚ 2023) ଯେ, କାର୍ଯ୍ୟର ଗୁଣବତ୍ତା ଉପରେ କୌଣସି ଆପତ୍ତି ନଥିବାରୁ ଓଡବ୍ଲୁଡି କୌଣସି ତୃତୀୟ ପକ୍ଷ ନିରୀକ୍ଷଣକୁ ନିୟୋଜିତ କରିବାକୁ ଅନୁଭବ କରିନଥିଲେ । ଉତ୍ତରଟି ଗ୍ରହଣୀୟ ନୁହେଁ କାରଣ ପିଏଡି ନିୟମକୁ ଉଲ୍ଲଙ୍ଘନ କରି ତୃତୀୟ ପକ୍ଷ ଗୁଣବତ୍ତା ମନିଟର ନିୟୋଜିତ ନକରି ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଥିଲା ।

### 6.6.5 ପ୍ରକଳ୍ପ ଫଳାଫଳର ମୂଲ୍ୟାଙ୍କନ

ବିଶ୍ୱ ବ୍ୟାଙ୍କ ପ୍ରକଳ୍ପର ସମାପ୍ତି ରିପୋର୍ଟ ଅନୁଯାୟୀ ପ୍ରକଳ୍ପର ମୂଲ୍ୟାଙ୍କନ ପାଇଁ 16 ଟି ସଂଶୋଧିତ ସୂଚକାଙ୍କ ମଧ୍ୟରୁ ଛଅଟି ସମ୍ପୂର୍ଣ୍ଣ[191] ଭାବେ ହାସଲ ହୋଇଥିଲା, ଛଅଟି ଆଂଶିକ[192] ହାସଲ ହୋଇଥିଲା, ଗୋଟିଏ[193] ହାସଲ ହୋଇ ନଥିଲା ଏବଂ ତିନୋଟି[194] ଆକଳନ କରାଯାଇ ନଥିଲା । ବିଶ୍ୱ ବ୍ୟାଙ୍କ ଫଳାଫଳ ପ୍ରଦର୍ଶନକୁ ସାମାନ୍ୟ ଅସନ୍ତୋଷଜନକ ଏବଂ ଓଡବ୍ଲୁଡିର ସାମଗ୍ରୀକ ପ୍ରଦର୍ଶନକୁ ଅସନ୍ତୋଷଜନକ ଭାବରେ ମୂଲ୍ୟାଙ୍କନ କରିଥିଲା ।

ଆହୁରି ମଧ୍ୟ ପିଏଡିର ଅନୁଚ୍ଛେଦ 50 ଅନୁଯାୟୀ ରାଜ୍ୟରେ ସଡ଼କ କ୍ଷେତ୍ରରେ ସ୍ଥିତି ଏବଂ ସେବାର କାର୍ଯ୍ୟଦକ୍ଷତା ବିଷୟରେ ସଡ଼କ ଉପଭୋକ୍ତାଙ୍କ ଧାରଣା ଆକଳନ କରିବା ପାଇଁ ପ୍ରକଳ୍ପ ଅବଧି ମଧ୍ୟରେ ଅତି କମରେ ତିନୋଟି ଉପଭୋକ୍ତା ସନ୍ତୋଷ ସର୍ଭେକ୍ଷଣ କରିବାକୁ ଥିଲା । ଯଦିଓ ପ୍ରକଳ୍ପ ଅଧୀନରେ ଥିବା ରାସ୍ତାଗୁଡ଼ିକ (ଜୁନ୍ 2016 ରୁ ଅପ୍ରେଲ 2021 ) ମଧ୍ୟରେ ଶେଷ ହୋଇଥିଲା, ଓଡବ୍ଲୁଡି ପକ୍ଷରୁ ଏଭଳି ସର୍ବେକ୍ଷଣ କରାଯାଇନଥିଲା । ବିଶ୍ୱ ବ୍ୟାଙ୍କ ଋଣ ବନ୍ଦ ହେବା ପରେ ରାଜ୍ୟ ଯୋଜନା ପାଣ୍ଠିରେ ଏହି ପ୍ରକଳ୍ପ ଅଧୀନରେ ରାସ୍ତା ନିର୍ମାଣ ଶେଷ ହୋଇଥିଲା । ପିଏଡିର ଅନୁଚ୍ଛେଦ 49 ଅନୁଯାୟୀ ପିଡିଓ ଏବଂ ଫଳାଫଳ ସୂଚକାଙ୍କର ଉପଲବ୍ଧିର ତଦାରଖ ଏବଂ ମୂଲ୍ୟାଙ୍କନ ପାଇଁ ଫଳାଫଳ ଢାଞ୍ଚା ମୁଖ୍ୟ ଉପକରଣ ଥିଲା ।

ତେବେ ପ୍ରକଳ୍ପ ସୂଚକାଙ୍କ / ଲକ୍ଷ୍ୟ ହାସଲ ନେଇ ବିଭାଗ ପକ୍ଷରୁ ସେଭଳି କୌଣସି ମୂଲ୍ୟାୟନ କରାଯାଇ ନଥିଲା । ବିଶ୍ୱ ବ୍ୟାଙ୍କ ରେଟିଂରେ ଓଡ଼ିଶା ସଡ଼କ ପ୍ରକଳ୍ପର ସାମଗ୍ରିକ ଖରାପ ପ୍ରଦର୍ଶନର ଭବିଷ୍ୟତର ବିକାଶ ମୂଳକ କାର୍ଯ୍ୟକ୍ରମ ପାଇଁ ବିଶ୍ୱ ବ୍ୟାଙ୍କ ସହାୟତାକୁ ପ୍ରଭାବିତ କରିପାରେ ।

ଉତ୍ତରରେ ସରକାର ବ୍ୟକ୍ତ କଲେ (ମାର୍ଚ୍ଚ 2023) ଯେ, ଯେହେତୁ ବିଶ୍ୱ ବ୍ୟାଙ୍କ ଋଣ ବନ୍ଦ କରିଦେଇଥିଲା ବାକି କାର୍ଯ୍ୟଗୁଡ଼ିକ ରାଜ୍ୟ ପାଣ୍ଠିରୁ ସମ୍ପୂର୍ଣ୍ଣ ହୋଇଥିଲା ଏବଂ ଯେଉଁଥିପାଇଁ ସୂଚକ କାର୍ଯ୍ୟଦକ୍ଷତା ଉପରେ କୌଣସି ସମୀକ୍ଷା କରାଯାଇ ନଥିଲା । ଉତ୍ତର ଦର୍ଶାଉଛି ଯେ କାର୍ଯ୍ୟର ଗୁଣବତ୍ତା ଏବଂ ଏହାର ଫଳାଫଳ ଉପରେ ନଜର ରଖିବା ପାଇଁ କର୍ତ୍ତୃପକ୍ଷଙ୍କ ଉଦାସୀନ ମନୋଭାବ ପୋଷଣ କରିଥିଲେ ।

## 6.7 ଉପସଂହାର

ରାଜ୍ୟର ଟାର୍ଗେଟେଡ୍ ଟ୍ରାନ୍ସପୋର୍ଟ କରିଡରରେ ପରିବହନ ଦୂର କରିବା ଉଦ୍ଦେଶ୍ୟରେ ବିଶ୍ୱ ବ୍ୟାଙ୍କ ଋଣ ସହାୟତାରେ ଓଏସ୍ଆର୍ପି କାର୍ଯ୍ୟକାରୀ କରାଯାଇଥିଲା । ସଡ଼କ ପ୍ରକଳ୍ପ ନିର୍ମାଣ ପାଇଁ ଯୋଜନା ପ୍ରକ୍ରିୟା ଦକ୍ଷ ଥିଲା କି ନାହିଁ, ପ୍ରକଳ୍ପର ଆର୍ଥିକ ପରିଚାଳନା ବିଜ୍ଞ ଥିଲା କି ନାହିଁ, ପ୍ରକଳ୍ପର ଟେଣ୍ଡରିଂ ଏବଂ କାର୍ଯ୍ୟକାରିତା, ଅର୍ଥନୀତି, ଦକ୍ଷତା ଏବଂ ଫଳପ୍ରଦତା ସୁନିଶ୍ଚିତ କରାଯାଇଥିଲା କି ନାହିଁ ଏବଂ ପ୍ରକଳ୍ପର ତଦାରଖ ବ୍ୟବସ୍ଥା ପର୍ଯ୍ୟାପ୍ତ ଏବଂ

---

[191] (i) ସୂଚନା ଅଧିକାର (ଆର୍‌ଟିଆଇ) ପିଏମ୍‌ୟୁର ଅନୁପାଳନ ଅନୁପାତ 100 ପ୍ରତିଶତ ରଖାଯାଇଥିଲା । (ii) ଜୈବ ବିବିଧତା ପରିଚାଳନା ବ୍ୟବସ୍ଥା ସମେତ ପରିବେଶ ପରିଚାଳନା ଯୋଜନା (ଇଏମ୍‌ପି)କୁ କାର୍ଯ୍ୟକାରୀ କରାଯାଇଥିଲା । (iii) ପ୍ରକଳ୍ପ ବିସ୍ଥାପିତ ପରିବାର ଏବଂ କିମ୍ବା ବ୍ୟବସାୟର ପ୍ରତିଶତ ସେମାନଙ୍କର ଆଶ୍ରୟସ୍ଥଳୀ / କିମ୍ବା ବ୍ୟବସାୟର ପୁନ ପ୍ରତିଷ୍ଠା କରିବାକୁ ସକ୍ଷମ ହୋଇଥିଲେ । (iv) ପିପିପି ପାଇଁ ଚିହ୍ନଟ ହୋଇଥିବା ଗୋଟିଏ ରାସ୍ତା ଥିଲା ଘରୋଇ କ୍ଷେତ୍ରକୁ ରିହାତି (v) ଶାସନ ଏବଂ ଉତ୍ତରଦାୟିତ୍ୱ କାର୍ଯ୍ୟଯୋଜନା ଏବଂ ହସ୍ତାଗତ ସୁଦୃଢ଼ୀକରଣ କାର୍ଯ୍ୟ ଯୋଜନାରେ ମାଇଲଖୁଣ୍ଟ ପୂରଣ କରାଯାଇଥିଲା ଏବଂ (vi) ସଡ଼କ ନିରାପତ୍ତା କାର୍ଯ୍ୟ ଯୋଜନା ପ୍ରଣୟନ କରାଯାଇଥିଲା ।

[192] (i) ପ୍ରକଳ୍ପ କରିଡରରେ ଯାନବାହନର ବେଗ 36 ପ୍ରତିଶତ ବୃଦ୍ଧି ପାଇଛି (ii) ଓଡ଼ିଶା ପୂର୍ତ୍ତ ବିଭାଗ (ଓଡବ୍ଲୁଡି) ଦକ୍ଷତା ଏବଂ ସ୍ୱଚ୍ଛତାରେ ଉନ୍ନତି ଆଣିଛି (କ) କୋର ରୋଡ ନେଟୱାର୍କ (ସିଆର୍‌ଏନ୍) ପାଇଁ ପରିଚାଳନା ଏବଂ ରକ୍ଷଣାବେକ୍ଷଣା ବ୍ୟବସ୍ଥା (ଖ) ମୁଖ୍ୟ ବ୍ୟବସାୟ ଠିକ୍ ବ୍ୟବସ୍ଥା କାର୍ଯ୍ୟକ୍ଷମ ହୋଇଛି (ଗ) ଓଡବ୍ଲୁଡି ସୂଚନା ଅଧିକାରୀ (ଆର୍‌ଟିଆଇ) ପ୍ରକାଶ ଆବଶ୍ୟକତା ପୂରଣ କରିଛି ଏବଂ ପ୍ରଶାସନ ଏବଂ ଏସି କାର୍ଯ୍ୟକାରୀ କରେ । ଗଣନା ଯୋଗ୍ୟତା କାର୍ଯ୍ୟ ଯୋଜନା (ଜିଏଏପି) (iii) 461 କିଲୋମିଟର ରାଜ୍ୟ ରାଜପଥକୁ ଉନ୍ନତ ଓ ଉନ୍ନତିକରଣ କରାଯାଇଥିଲା (iv) ରୋଡିଆସେଟ୍ ମ୍ୟାନେଜମେଣ୍ଟ ସିଷ୍ଟମ (ରାମ) ସଡ଼କ ନିରାପତ୍ତା (ଆୟାରସ୍) ଏବଂ ପରିବେଶ ଏବଂ ସାମାଜିକ (ଇଏସ୍) ପରିଚାଳନା କାର୍ଯ୍ୟକୁ ଓଡବ୍ଲୁଡି (v) ଉନ୍ନତ ସଡ଼କ ନୀତି ଏବଂ ବିଧାନ ଢାଞ୍ଚା ପ୍ରସ୍ତୁତ କରାଯାଇଥିଲା ଏବଂ ଏହାକୁ କାର୍ଯ୍ୟକ୍ଷମ କରାଯାଇଥିଲା ଜିଓଓ ଦ୍ୱାରା ଗ୍ରହଣ ପ୍ରକ୍ରିୟାରେ ଏବଂ (vi) ସ୍ଥାୟୀ ସଡ଼କ ରକ୍ଷଣାବେକ୍ଷଣ ଆର୍ଥିକ ବିକଳ୍ପ ବିକଶିତ କରାଯାଇଥିଲା ।

[193] ପ୍ରକଳ୍ପ କରିଡରରେ ଅପରେଟିଂ ଖର୍ଚ୍ଚ 15 ପ୍ରତିଶତ ହ୍ରାସ ପାଇବ

[194] (i) ପ୍ରକଳ୍ପ ଅଧୀନରେ ସଡ଼କ କରିଡରର ସ୍ଥିତି ବିଷୟରେ କମ୍ପାନୀ ଗୁଡ଼ିକର ଅନୁକୂଳ ପ୍ରତିକ୍ରିୟା (ii) ଆରଓଏଡି ଉପଭୋକ୍ତା ସାର୍ଟିଫିକେସନ୍ ସୂଚକାଙ୍କରେ ଉନ୍ନତି ଏବଂ (iii) ନେଟ୍ ୱାର୍କ ଭିଡ଼ ସୁଚକାଙ୍କରେ ଉନ୍ନତି ।

ପ୍ରଭାବଶାଳୀ ଥିଲା କି ନାହିଁ ତାହା ଆକଳନ କରିବା ଉଦ୍ଦେଶ୍ୟରେ ପ୍ରକଳ୍ପର ବିସ୍ତୃତ ଅନୁପାଳନ ଅଡିଟ୍ କରାଯାଇଥିଲା ।

ରାଜ୍ୟ ସଡ଼କ କ୍ଷେତ୍ର ଆଠ ବର୍ଷରୁ ଅଧିକ ସମୟ ଧରି ସରକାରଙ୍କ ଅନୁମୋଦନ ଅପେକ୍ଷାରେ ରହିଥିଲା, ଯାହାଫଳରେ ମାର୍ଗଦର୍ଶନ, ସମନ୍ୱୟ ଏବଂ ପ୍ରାଥମିକତାର ଅଭାବ ଦେଖାଦେଇଥିଲା । ପର୍ଯ୍ୟାପ୍ତ ସର୍ବେକ୍ଷଣ ଓ ଅନୁସନ୍ଧାନ ବିନା ଡିପିଆର୍ ଗୁଡ଼ିକର ତ୍ରୁଟିପୂର୍ଣ୍ଣ ପ୍ରସ୍ତୁତ ଯୋଗୁଁ ଓଏସ୍ଆର୍‌ପି ଅଧିନରେ କାର୍ଯ୍ୟର ପରିସରକୁ ବାରମ୍ବାର ବଦଳାଇବାକୁ ପଡ଼ିଥିଲା, ଯାହାଫଳରେ ପ୍ରକଳ୍ପ କାର୍ଯ୍ୟକାରୀ ହେବାରେ ବିଳମ୍ବ ହେବା ସହ ଠିକାଦାରଙ୍କୁ ଅଯଥା ଫାଇଦା ମିଳିଥିଲା । ରାଜ୍ୟ ସଡ଼କ କ୍ଷେତ୍ର ନୀତି ଅନୁମୋଦନ ନହେବା ଅପର୍ଯ୍ୟାପ୍ତ ସର୍ଭେ ଓ ତ୍ରୁଟିପୂର୍ଣ୍ଣ ଡିପିଆର୍ ଯୋଗୁଁ 310.65 କୋଟି ଟଙ୍କା ଅତିରିକ୍ତ ଖର୍ଚ୍ଚ ହୋଇଥିଲା, ଯାହାକୁ ଏଡ଼ାଇ ଦିଆଯାଇପାରିଥାନ୍ତା । ଖରାପ କାର୍ଯ୍ୟକାରିତା କାରଣରୁ ବିଶ୍ୱ ବ୍ୟାଙ୍କର 48.37 କୋଟି ଟଙ୍କାର ଋଣ ସ୍ଥଗିତ ରହିଥିଲା ଯାହାଫଳରେ ରାଜ୍ୟ ରାଜକୋଷ ଉପରେ ଅତିରିକ୍ତ ବୋଝ ପଡ଼ିଥିଲା । ଜମି ଅଧିଗ୍ରହଣ, ଥଇଥାନ ଓ କ୍ଷତିଗ୍ରସ୍ତଙ୍କ ଥଇଥାନ ଓ ଉପଯୋଗିତା ସ୍ଥାନାନ୍ତରରେ ବିଳମ୍ବ ଯୋଗୁଁ ବାରମ୍ବାର ଚୁକ୍ତି ବାତିଲ ହେବା ସହ କାମ ଶେଷ ହେବାରେ ବିଳମ୍ବ ହୋଇଥିଲା । ଏହି ପ୍ରକଳ୍ପର ମୂଲ୍ୟ ଓ ସମୟ ଅତ୍ୟଧିକ ହେବା ସହିତ ରାସ୍ତାକୁ ଯାତାୟତ ଯୋଗ୍ୟ କରିବା ନିମନ୍ତେ ରାସ୍ତା ରକ୍ଷଣାବେକ୍ଷଣ ପାଇଁ ବିଭାଗକୁ ଅତିରିକ୍ତ ଖର୍ଚ୍ଚ କରିବାକୁ ପଡ଼ିଥିଲା ।

ପ୍ରକଳ୍ପର ଆର୍ଥିକ ପରିଚାଳନା ନିର୍ଦ୍ଧାରିତ ମାନଦଣ୍ଡ/ ମାନକ ଏବଂ ପୋଡାଲ ବ୍ୟବସ୍ଥା ସହିତ ସୁସଙ୍ଗତ ନଥିଲା । ଆବଣ୍ଟିତ ପାଣ୍ଠିର ଠିକ୍ ସମୟରେ ଉପଯୋଗ ନହେବା ଫଳରେ 2019-22 ରେ 57.82 କୋଟି ଟଙ୍କା ଆତ୍ମସମର୍ପଣ କରାଯାଇଥିଲା । ବିଶେଷ କରି ଗତ ଦୁଇ ବର୍ଷ ମଧ୍ୟରେ 50 ପ୍ରତିଶତରୁ ଅଧିକ ପାଣ୍ଠି ଆତ୍ମସମର୍ପଣ କରିବା ଅଦୂରଦର୍ଶୀ ଅର୍ଥ ବ୍ୟବସ୍ଥାକୁ ସୂଚାଉଛି ।

ଅଧିକ ଲିଡ୍ ଚାର୍ଜ ଅଗ୍ରହଣୀୟ ଓଭରହେଡ୍ ଚାର୍ଜ ଏବଂ ଭୁଲ୍ ଭଡ଼ା ଶୁଳ୍କ ପ୍ରଦାନ କରି ବର୍ଦ୍ଧିତ ଆକଳନ ପ୍ରସ୍ତୁତ କରିବା ଫଳରେ ଠିକାଦାରମାନଙ୍କୁ ଅଯଥା ଫାଇଦା ମିଳିଥିଲା । ପ୍ରକଳ୍ପ ସମ୍ପୂର୍ଣ୍ଣ ହେବାରେ ବିଳମ୍ବ ଯୋଗୁଁ କନସଲଟାନ୍ସି ସେବା ରଦ୍ଦ କରିବାକୁ ପଡ଼ିଥିଲା ଯାହାଫଳରେ ଅତିରିକ୍ତ ବ୍ୟୟବରାଦ ହୋଇଥିଲା ।

ବିଭାଗର ଅବହେଳା ଯୋଗୁଁ ପ୍ରକଳ୍ପର ତଦାରଖରେ ଅବହେଳା ଦେଖାଦେଇଥିଲା । ଏସ୍ଏଲ୍ଇସି ବୈଠକ ନିୟମିତ ଆୟୋଜନ କରାଯାଉନଥିବାରୁ ପ୍ରକଳ୍ପର ଗୁଣାତ୍ମକ ଯୋଜନା ଓ କାର୍ଯ୍ୟକାରିତା ପ୍ରଭାବିତ ହୋଇଥିଲା । ପର୍ଯ୍ୟାପ୍ତ ଆଭ୍ୟନ୍ତରୀଣ ଅଭାବରୁ ମିଥ୍ୟାଦାବୀ ନିମ୍ନମାନର କାର୍ଯ୍ୟକାରିତା ଏବଂ ପ୍ରକଳ୍ପର ମନ୍ଥର ଅଗ୍ରଗତି ହୋଇଥିଲା । ଯଦିଓ 20 ବର୍ଷ ପାଇଁ ଏହି ରାସ୍ତାଗୁଡ଼ିକର ଡିଜାଇନ୍ କରାଯାଇଥିଲା, କିନ୍ତୁ ସମ୍ପର୍ଣ୍ଣ ହେବାର ତିନି ମାସ ମଧ୍ୟରେ (ଯୁଗ୍ମ ଶାରୀରିକ ଯାଞ୍ଚ ସମୟରେ ଦେଖାଯାଇଥିବା) ରାସ୍ତା ଗୁଡ଼ିକର ଅନେକ ଫାଟ ସୃଷ୍ଟି ହୋଇଥିଲା ଯାହା ବିଭାଗ ଦ୍ୱାରା ପର୍ଯ୍ୟାପ୍ତ ତଦାରଖର ଅଭାବକୁ ସୂଚାଉଛି । ତୃତୀୟ ପକ୍ଷ ତଦାରଖ ଅଭାବରୁ ଗୁଣବତ୍ତା ସୁନିଶ୍ଚିତ କରିବାରେ ବିଫଳତା ଦେଖାଦେଇଥିଲା । ଏହା ବ୍ୟତୀତ ପ୍ରକଳ୍ପ ଅଧିନରେ ରାସ୍ତା ନିର୍ମାଣ ସରିବା ପରେ ସଡ଼କ ଉପଭୋକ୍ତା ସନ୍ତୁଷ୍ଟି ସର୍ବେକ୍ଷଣ ନହେବା ଫଳରେ ପ୍ରକଳ୍ପ ଫଳାଫଳର ମୂଲ୍ୟାଙ୍କନ ହୋଇପାରି ନଥିଲା ।

## 6.8 ସୁପାରିଶ:

**ସରକାର ବିଚାର କରିପାରନ୍ତି:**

- ଉନ୍ନତ ମାର୍ଗଦର୍ଶନ, ପ୍ରଭାବଶାଳୀ ସମନ୍ୱୟ ଏବଂ ବିଭିନ୍ନ ସଡ଼କ ପ୍ରକଳ୍ପର କାର୍ଯ୍ୟକାରିତା ପାଇଁ ଓଡ଼ିଶା ରାଜ୍ୟ ସଡ଼କ କ୍ଷେତ୍ର ନୀତିର ତୁରନ୍ତ ଅନୁମୋଦନ ।

- ପ୍ରକଳ୍ପ ଗୁଡ଼ିକର ଫଳପ୍ରଦ ରୂପାୟନ ପାଇଁ ଜାଗା ସର୍ଭେକ୍ଷଣ ଏବଂ ଅନୁସନ୍ଧାନ ଆଧାରରେ ଡିପିଆର୍ ପ୍ରସ୍ତୁତ କରିବା । ତ୍ରୁଟିପୂର୍ଣ୍ଣ ଡିପିଆର୍ ପ୍ରସ୍ତୁତ ଦାୟିତ୍ୱରେ ଥିବା ଅଧିକାରୀଙ୍କ ଉପରେ ମଧ୍ୟ ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ କରିବା ।

- ପ୍ରକଳ୍ପ ଗୁଡ଼ିକ ଠିକ୍ ସମୟରେ ଶେଷ କରିବା ସୁନିଶ୍ଚିତ କରିବା ପାଇଁ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ପ୍ରକଳ୍ପ ନିୟମ ଅନୁଯାୟୀ ପ୍ରାକ୍ ନିର୍ମାଣ କାର୍ଯ୍ୟ ଶେଷ କରିବା।

- ଏମ୍ଓଆର୍ଟିଏଚ୍ ଦ୍ୱାରା ନିର୍ଦ୍ଧାରିତ ମାନଦଣ୍ଡ ଅନୁଯାୟୀ ଷ୍ଟାଣ୍ଡାର୍ଡ ବିଡିଂ ଡକୁମେଣ୍ଟ ଅଧିନରେ ତିନି ବର୍ଷର ତ୍ରୁଟି ଦାୟିତ୍ୱ ଅବଧି ଗ୍ରହଣ କରିବା।

- ଅତିରିକ୍ତ ବ୍ୟୟକୁ ଏଡ଼ାଇବା ଏବଂ ଠିକାଦାରମାନଙ୍କୁ ଅଯଥା ଫାଇଦା ନଦେବା ପାଇଁ କଣ୍ଟ୍ରାକ୍ଟ ମ୍ୟାନେଜମେଣ୍ଟ ବ୍ୟବସ୍ଥାକୁ ସୁଦୃଢ଼ କରିବା।

- ଜିସିସିର ଧାରା 15.4 ଅନୁଯାୟୀ ବଳକା କାମ ପୂର୍ଣ୍ଣ ଟେଣ୍ଡରରୁ ଉପୁଜୁଥିବା ଦୁଇଟି କାର୍ଯ୍ୟକ୍ଷେତ୍ରରେ ଠିକାଦାରମାନଙ୍କ ଠାରୁ 132.08 କୋଟି ଟଙ୍କା ଆଦାୟ କରାଯାଇ ଏହି ମାମଲାରେ ସଂପୃକ୍ତ ଥିବା ଅଧିକାରୀଙ୍କ ଉପରେ ଦାୟିତ୍ୱ ନିର୍ଦ୍ଧାରଣ କରାଯିବା।

- ଠିକାଦାରଙ୍କ ସହ ବିଭାଗୀୟ ଅଧିକାରୀଙ୍କ ମିଳାମିଶା ଠାବ କରିବା ପାଇଁ ଉପଯୁକ୍ତ ସ୍ତରରେ ତଦନ୍ତ ଆରମ୍ଭ କରିବା।

- ସଡ଼କ ପ୍ରକଳ୍ପଗୁଡ଼ିକର ଦକ୍ଷ ଯୋଜନା ଏବଂ କାର୍ଯ୍ୟକାରିତା ପାଇଁ ମନିଟରିଂ ବ୍ୟବସ୍ଥାକୁ ସୁଦୃଢ଼ କରିବା।

# ଅଧ୍ୟାୟ VII

# ଅନୁପାଳନ ସମୀକ୍ଷା ସିଦ୍ଧାନ୍ତ

# ଅଧ୍ୟାୟ VII

## 7. ଅନୁପାଳନ ସମୀକ୍ଷା ସିଦ୍ଧାନ୍ତ

ସରକାରଙ୍କ ବିଭିନ୍ନ ବିଭାଗ, କ୍ଷେତ୍ରିୟ କାର୍ଯ୍ୟାଳୟ ଗୁଡ଼ିକରେ ଅନୁପାଳନ ସମୀକ୍ଷା ସମୟରେ ସମ୍ବଳ ପରିଚାଳନା କ୍ଷେତ୍ରରେ ତ୍ରୁଟିର ଅନେକ ଦୃଷ୍ଟାନ୍ତ ଆସିଥିଲା । ଏଗୁଡ଼ିକ ପରବର୍ତ୍ତୀ ଅନୁଚ୍ଛେଦଗୁଡ଼ିକରେ ଆଲୋଚନା କରାଯାଇଛି ।

### ବାଣିଜ୍ୟ ଓ ପରିବହନ (ପରିବହନ) ବିଭାଗ

### 7.1 ପଣ୍ୟବାହୀ ଯାନରୁ ମୋଟର ଯାନ କର ଏବଂ ଅତିରିକ୍ତ କରର ଅନାଦାୟ

**ଆଞ୍ଚଳିକ ପରିବହନ ଅଧିକାରୀମାନେ 3,081 ଖିଲାପକାରୀ ଗାଡ଼ିମାଲିକ ମାନଙ୍କ ଠାରୁ 4.64 କୋଟି ଟଙ୍କାର ମୋଟର ଯାନ କର ଏବଂ ଜୋରିମାନା 9.28 କୋଟି ଟଙ୍କା ଆଦାୟ କରିବାରେ ବିଫଳ ହୋଇଥିଲେ ।**

ଓଡ଼ିଶା ମୋଟର ଯାନ କର (ଓଏମ୍‌ଭିଟି) ଅଧିନିୟମ, 1975 ର ଧାରା 3, 3A, 4 (1) ଏବଂ 10 ଅନୁଯାୟୀ, ବ୍ୟବହୃତ କିମ୍ବା ବ୍ୟବହାର ପାଇଁ ରଖାଯାଇଥିବା ପ୍ରତ୍ୟେକ ମୋଟର ଯାନ ଠାରୁ ମୋଟର ଯାନ କର ଏବଂ ଅତିରିକ୍ତ କର ସମୂହ ଚଳାଚଳ ରହିତ ଘୋଷଣା ନାମା[195] ରେ ଅନ୍ତର୍ଭୁକ୍ତ ହୋଇ କୌଣସି ସମୟ ପାଇଁ କର ଛାଡ଼ ନିମନ୍ତେ ଅନୁମତି ପ୍ରାପ୍ତ ହୋଇନଥିଲେ, ସଂଶୋଧିତ ଅଧିନିୟମର (21 ନଭେମ୍ବର 2017) କର ଧାର୍ଯ୍ୟ ଅନୁସୂଚୀ-I ଅନୁଯାୟୀ ବିଭିନ୍ନ ଶ୍ରେଣୀର ଯାନ ନିମନ୍ତେ ବିନିର୍ଦ୍ଦିଷ୍ଟ ଧାର୍ଯ୍ୟ ହାରରେ କର ଅଗ୍ରୀମ ରୂପେ ପ୍ରଦାନ କରିବାକୁ ପଡ଼ିବ । ଅଧିନିୟମର ଧାରା 13(1) ସହିତ ଓଏମ୍‌ଭିଟି ନିୟମାବଳୀ, 1976 ର ନିୟମ 9(2) ଅନୁଯାୟୀ, ଯଦି ସେହି ଯାନ ନିମନ୍ତେ ଯଥୋଚିତ କର ନିର୍ଦ୍ଧାରିତ ସମୟର 15 ଦିନ ପରଠାରୁ ଦୁଇ ମାସ ମଧ୍ୟରେ ପଇଠ ହୋଇନଥାଏ, ତେବେ ସେହି ଗାଡ଼ିର ପଞ୍ଜିକୃତ ମାଲିକ କିମ୍ବା ଗାଡ଼ିକୁ ଅଧୀକାର ବା ନିୟନ୍ତ୍ରଣରେ ରଖିଥିବା ବ୍ୟକ୍ତି, ଧାର୍ଯ୍ୟ କର ସହିତ କରର ଦୁଇଗୁଣା ଜୋରିମାନା ଦେବାକୁ ଦାୟୀ ରହିବେ । ପୁନଶ୍ଚ, ରାଜ୍ୟ ପରିବହନ ପ୍ରାଧୀକାରୀଙ୍କ ନିର୍ଦ୍ଦେଶ (ଫେବୃଆରୀ 1966) ଅନୁଯାୟୀ ଟିକସ ଦେବାର ଅନୁଗ୍ରହ ଅବଧି ସମାପ୍ତ ହେବା ଠାରୁ 30 ଦିନ ମଧରେ ଆଞ୍ଚଳିକ ପରିବହନ ଅଧିକାରୀମାନେ (ଆର୍‌ଟିଓ) ଦାବୀ ପତ୍ର ପଠାଇବା ଆବଶ୍ୟକ । କର ଖିଲାପ କ୍ଷେତ୍ରରେ, କର ପଇଠ କରିବା ପାଇଁ ଦାବୀ ପତ୍ର ଜାରି କରାଯିବା ତାରିଖ ଠାରୁ 30 ଦିନ ମଧରେ କର ଅସୁଲି ସାର୍ଟିଫିକେଟ୍ (ଟିଆର୍‌ସି) ମାମଲା କାର୍ଯ୍ୟକାରୀ କରାଯିବା ଉଚିତ୍ ।

ଅଡିଟ୍, 35 ଟି ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ମଧରୁ 26 ଟି କାର୍ଯ୍ୟାଳୟର ବାହାନ[196] ଡାଟାବେସ୍ ସହ 2019-21 ଅବଧି ସମ୍ବନ୍ଧିତ କର ନଥିପତ୍ରର ବିଶ୍ଳେଷଣ କରିଥିଲେ (ଡିସେମ୍ବର 2020 ଏବଂ ମାର୍ଚ୍ଚ 2022) । ଏବଂ ଏହା ଦେଖାଗଲା ଯେ, 16ଟି[197] ଆର୍‌ଟିଓ ସମ୍ପର୍କିତ ମୋଟ 1,63,800 ଟି ପଣ୍ୟବାହୀ ଯାନ ମଧରୁ 3,081 ଟି ଯାନର ମାଲିକ, 2019-21 ଅବଧି ନିମନ୍ତେ ମୋଟର ଯାନ କର ଓ ଅତିରିକ୍ତ କର ପଇଠ କରିନଥିଲେ । ଆର୍‌ଟିଓରେ ପରିଚାଳିତ ଚଳାଚଳ ରହିତ ରେଜିଷ୍ଟର ଗୁଡ଼ିକର ଯାଞ୍ଚରୁ ଦେଖାଗଲା ଯେ ଏହି ଯାନଗୁଡ଼ିକ ଓଏମ୍‌ଭିଟି ଅଧିନିୟମର ଧାରା 10(1) ଅନୁଯାୟୀ ଚଳାଚଳ ରହିତ ଘୋଷଣାନାମା ଅନ୍ତର୍ଭୁକ୍ତ ହୋଇ କର ଛାଡ଼ ନିମନ୍ତେ ଅନୁମତି ପ୍ରାପ୍ତ ହୋଇନଥିଲେ । ଯେହେତୁ ସେହି ମାମଲା ଗୁଡ଼ିକରେ ବିଳମ୍ବର ଅବଧି ଦୁଇମାସରୁ ଅଧିକ ଥିଲା,

---

195 ଓଡ଼ିଶା ମୋଟର ଯାନ କର ଅଧିନିୟମ, 1975 ର ଧାରା 10(1) ଅନୁଯାୟୀ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ଗାଡ଼ି ମାଲିକଙ୍କ ଦ୍ୱାରା ଦିଆଯାଇଥିବା ଏକ ପ୍ରତିଶ୍ରୁତି ଏବଂ ଅସ୍ଥାୟୀ ସମୟ ପାଇଁ ଯାନବାହାନ ଚଳାଚଳ ନକରିବା ଏବଂ ଉକ୍ତ ସମୟ ପାଇଁ ଟିକସ ନଦେବା ପାଇଁ ତାଙ୍କ ଠାରୁ ପ୍ରାପ୍ତ ଅନୁମତି

196 ବାହାନ ହେଉଛି ଏକ ଆପ୍ଲିକେସନ ସଫ୍ଟୱେୟାର ଯାହା ପରିବହନ ବିଭାଗ ଦ୍ୱାରା ଯାନ ପଞ୍ଜିକରଣ ଏବଂ ଟିକସ ସଂଗ୍ରହ ପାଇଁ ସମସ୍ତ ଆବଶ୍ୟକତା ପୂରଣ କରେ

197 ବରଗଡ଼, ବାଲେଶ୍ୱର, ବଲାଙ୍ଗୀର, ଭୁବନେଶ୍ୱର-I, ଭୁବନେଶ୍ୱର-II, ଗଜପତି, ଗଞ୍ଜାମ, ଜଗତସିଂହପୁର, ଝାରସୁଗୁଡ଼ା, କଳାହାଣ୍ଡି, ମୟୁରଭଞ୍ଜ, ନୂଆପଡ଼ା, ରାୟଗଡ଼ା, ସମ୍ବଲପୁର, ସୁନ୍ଦରଗଡ଼ ଓ ତାଳଚେର

ଧାର୍ଯ୍ୟ କରର ଦୁଇ ଗୁଣ ଜୋରିମାନା ମଧ୍ୟ ଆଦାୟ କରାଯିବାର ଥିଲା । 3,081 ଯାନର ମୋଟର ଯାନ କର ଏବଂ ଜୋରିମାନାର ବିବରଣୀ ନିମ୍ନ **ସାରଣୀ ସଂଖ୍ୟା 7.1** ରେ ଦର୍ଶାଗଲା ।

**ସାରଣୀ ସଂଖ୍ୟା 7.1: ପଣ୍ୟବାହୀ ଯାନଗୁଡ଼ିକଠାରୁ ଅନାଦାୟ ଥିବା ମୋଟର ଯାନ କର ଏବଂ ଜୋରିମାନାର ବିବରଣୀ**

**(କୋଟି ଟଙ୍କାରେ)**

| କ୍ରମିକ ସଂଖ୍ୟା | ଆରଟିଓ ସଂଖ୍ୟା | ଯାନର ପ୍ରକାର | ଯାନ ସଂଖ୍ୟା | ଅନାଦାୟ କର | ସର୍ବାଧିକ ଜୋରିମାନା ଦେୟ | ମୋଟ |
|---|---|---|---|---|---|---|
| 1 | 16 | ପଣ୍ୟବାହୀ ଯାନ | 3,081 | 4.64 | 9.28 | 13.92 |

*(ଉତ୍ସ- ସମୀକ୍ଷା ଦ୍ୱାରା ସଂକଳିତ ତଥ୍ୟ)*

ଯଦିଓ ବାହାନ ସଫ୍ଟୱେୟାରରେ, ଆର୍‌ଟିଓ ମାନଙ୍କୁ ଯେକୌଣସି ସମୟରେ କର ଖିଲାପ କାରୀଙ୍କ ତାଲିକା ସୃଷ୍ଟି କରିବା ବ୍ୟବସ୍ଥା ଅଛି, ସଂପୃକ୍ତ ଆର୍‌ଟିଓ ମାନେ କର ଆଦାୟ ପାଇଁ ଦାବୀ ପତ୍ର ଜାରି କରିନଥିଲେ କିମ୍ବା କର ଖିଲାପକାରୀ ଗାଡ଼ି ମାଲିକମାନଙ୍କଠାରୁ ଜୋରିମାନା ଆଦାୟ ପାଇଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲେ । ଏହାଫଳରେ 4.64 କୋଟି ଟଙ୍କାର ମୋଟର ଯାନ କର ଏବଂ ଅତିରିକ୍ତ କର ଅନାଦାୟ ରହିଥିଲା । ଜୋରିମାନା ବାବଦରେ 9.28 କୋଟି ଟଙ୍କା ମଧ୍ୟ ଖିଲାପକାରୀଙ୍କଠାରୁ ଆଦାୟ କରାଯାଇ ପାରିଥାନ୍ତା ଯାହା ***ପରିଶିଷ୍ଟ -XXXI*** ରେ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଛି ।

ଏହାର ଉତ୍ତରରେ ଆର୍‌ଟିଓ ମାନେ ବ୍ୟକ୍ତ କଲେ (ଡିସେମ୍ବର 2020 / ମାର୍ଚ୍ଚ 2022) ଯେ କର ଓ ଜୋରିମାନା ଆଦାୟ କରିବା ପାଇଁ ଖିଲାପକାରୀଙ୍କ ବିରୋଧରେ ଦାବିପତ୍ର/ ଟିଆର୍‌ସି ଜାରି କରି ଅସୁଲ ପ୍ରକ୍ରିୟା ଆରମ୍ଭ କରିବାକୁ ପଦକ୍ଷେପ ନିଆଯିବ । ଏହି ମାମଲା ସରକାରଙ୍କୁ ଅବଗତ କରାଯାଇଥିଲା (ଜାନୁଆରୀ 2022/ ଡିସେମ୍ବର 2022) । ସେମାନଙ୍କ ଉତ୍ତରକୁ ଅପେକ୍ଷା କରାଯାଇଛି (ଫେବୃଆରୀ 2024) ।

ଅଡିଟ୍ ରିପୋର୍ଟ (ରାଜସ୍ୱ କ୍ଷେତ୍ର) 2019-20 ରେ ଏକ ସମାନ ପର୍ଯ୍ୟବେକ୍ଷଣ ଅନ୍ତର୍ଭୁକ୍ତ କରାଯାଇଥିଲା, କିନ୍ତୁ ତାହା ଉପରେ ଏପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ/ ଜ୍ଞାପନ କରିନାହାଁନ୍ତି ।

## 7.2 ମୋଟର ଯାନ କରର ସ୍ୱଳ୍ପାଦାୟ

**4,373 ଗାଡ଼ି ମାଲିକଙ୍କ ଠାରୁ ପୁରୁଣା ହାରରେ କର ଆଦାୟ କରାଯିବାରୁ 1.16 କୋଟି ଟଙ୍କାର ମୋଟର ଯାନ କର ଏବଂ ଅତିରିକ୍ତ କର ଓ 23.26 ଲକ୍ଷ ଟଙ୍କାର ଜୋରିମାନା ସ୍ୱଳ୍ପାଦାୟ ହୋଇଥିଲା ।**

ଓଡ଼ିଶା ମୋଟର ଯାନ କର (ଓଏମ୍‌ଭିଟି) ଅଧିନିୟମ, 1975 ର ଧାରା 4-A ଓ ଏହାର ବ୍ୟାଖ୍ୟା-I ଅନୁସାରେ, ମୋଟର ସାଇକେଲ୍ /ମୋପେଡ୍ ଇତ୍ୟାଦି ଏବଂ ଜିପ୍ ସହିତ ମୋଟର କାର, ଯାହା ବ୍ୟକ୍ତିଗତ ଭାବରେ ଏବଂ ବ୍ୟକ୍ତିଗତ ବ୍ୟବହାର ପାଇଁ ରଖାଯାଇଥିବ ଏବଂ 21 ନଭେମ୍ବର 2017 ତାରିଖରେ କିମ୍ବା ତାପରେ ପଞ୍ଜିକରଣ କରାଯାଇଥିବ, ଉକ୍ତ ଯାନର ପ୍ରଥମ ପଞ୍ଜିକରଣ ତାରିଖରେ ପ୍ରଚଳିତ ଥିବା ମୂଲ୍ୟ ଅନୁସାରେ ଅଧିନିୟମର ଅନୁସୂଚୀ-III ରେ ନିର୍ଦ୍ଧାରିତ ଅନୁଯାୟୀ ଏକକାଳୀନ କର (ଓଟିଟି) ଆଦାୟ କରାଯିବ । 21 ନଭେମ୍ବର 2017 ର ଗେଜେଟ୍ ବିଜ୍ଞପ୍ତି ଓ 27 ଜୁଲାଇ 2018 ର ସଂଶୋଧିତ ବିଜ୍ଞପ୍ତି ଅନୁସାରେ ଓଏମ୍‌ଭିଟି ଅଧିନିୟମ ସଂଶୋଧନ କରାଯାଇଥିଲା ଯେ ଗାଡ଼ିଗୁଡ଼ିକର ବିକ୍ରୟମୂଲ୍ୟ ପାଞ୍ଚ ଲକ୍ଷ ଟଙ୍କା ପର୍ଯ୍ୟନ୍ତ 6 ପ୍ରତିଶତ ହାରରେ, 5 ରୁ 10 ଲକ୍ଷ ଟଙ୍କା ମଧ୍ୟରେ 8 ପ୍ରତିଶତ ହାରରେ, 10 ରୁ 20 ଲକ୍ଷ ଟଙ୍କା ମଧ୍ୟରେ 10 ପ୍ରତିଶତ ହାରରେ ଓ 20 ଲକ୍ଷ ଟଙ୍କା ବା ତଦୁର୍ଦ୍ଧ୍ୱ ଗାଡ଼ିଗୁଡ଼ିକ ଉପରେ 12 ପ୍ରତିଶତ ହାରରେ କର ଆଦାୟ କରାଯିବ, ଯାହା ପୂର୍ବରୁ ସମସ୍ତ ଗାଡ଼ିରୁ ସମାନ ହିସାବରେ ପାଞ୍ଚ ପ୍ରତିଶତ ଆଦାୟ କରାଯାଉଥିଲା । ଓଏମ୍‌ଭିଟି ଅଧିନିୟମ, 1975 ର ଧାରା 13 ଓ ଓଏମ୍‌ଭିଟି ନିୟମାବଳୀ 1976 ର ନିୟମ 9 ଅନୁସାରେ, କର ପ୍ରଦାନରେ ବିଫଳତା ପାଇଁ ସର୍ବାଧିକ, ବାକି ଥିବା ଟିକସର 20 ପ୍ରତିଶତ ଜୋରିମାନା ଆଦାୟ କରାଯିବ ।

ବର୍ଷ 2017 ରୁ 2021 ମଧ୍ୟରେ ନୂତନ ଭାବେ ପଞ୍ଜିକୃତ ବ୍ୟକ୍ତିଗତ ଯାନ ଯଥା କାର, ମୋଟର ସାଇକେଲ୍/ ମୋପେଡ୍ ଇତ୍ୟାଦି ପାଇଁ ମୋଟର ଯାନ କର ପ୍ରଦାନ ସମ୍ପର୍କୀୟ ବାହାନ ଡାଟାବେସ୍ ଏବଂ ସମୁଦାୟ 35 ଟି ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ମଧ୍ୟରୁ 25[198] ଟି (ଆଞ୍ଚଳିକ ପରିବହନ ଅଧିକାରୀଙ୍କ ଅଧିନରେ ଥିବା ଦୁଇଟି ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟ ଅନ୍ତର୍ଭୁକ୍ତ), ପଞ୍ଜିକରଣ ରେକର୍ଡ ଗୁଡ଼ିକ ସମୀକ୍ଷା ଯାଞ୍ଚ କରିଥିଲା (ଡିସେମ୍ବର 2020 ରୁ ମାର୍ଚ୍ଚ 2022) । ସମୀକ୍ଷା ଅବଲୋକନ କଲା ଯେ 22 ନଭେମ୍ବର 2017 ଏବଂ 31 ମାର୍ଚ୍ଚ 2021 ମଧ୍ୟରେ ପଞ୍ଜିକରଣ ପାଇଁ ଆବେଦନ କରିଥିବା ଏବଂ 21 ନଭେମ୍ବର 2017 ପରେ କର ପ୍ରଦାନ କରିଥିବା 12,28,276 ଯାନ ମଧ୍ୟରୁ 4,373 ଯାନ, 21 ନଭେମ୍ବର 2017 ପୂର୍ବ ପ୍ରଚଳିତ ଦରରେ କର ପ୍ରଦାନ କରିଥିଲେ । ଆଞ୍ଚଳିକ ପରିବହନ ଅଧିକାରୀମାନେ ଚୂଡ଼ାନ୍ତ ପଞ୍ଜିକରଣ ଅନୁମୋଦନ କରିବା ପୂର୍ବରୁ ସଂଗୃହିତ କର ଯାଞ୍ଚ କରିନଥିଲେ ଏବଂ ସମୀକ୍ଷା ତାରିଖ ପର୍ଯ୍ୟନ୍ତ କର ସ୍ୱଳ୍ପାଦାୟ ହୋଇଥିବା ଲକ୍ଷ୍ୟ କରିନଥିଲେ । ବାହାନ ଡାଟାବେସରେ ଇନ୍‌ପୁଟ୍ ନିୟନ୍ତ୍ରଣ ଅଭାବର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନପାରେ । ଏହାଦ୍ୱାରା, 1.16 କୋଟି ଟଙ୍କା ମୋଟର ଯାନ କର ଓ 23.26 ଲକ୍ଷ ଟଙ୍କାର ଜୋରିମାନା ଆଦାୟ କରାଯାଇ ପାରିଲା ନାହିଁ । ଆଞ୍ଚଳିକ ପରିବହନ ଅଧିକାରୀ ଅନୁଯାୟୀ ବିସ୍ତୃତ ବିବରଣୀ ***ପରିଶିଷ୍ଟ-XXXII*** ରେ ଦିଆଯାଇଅଛି ।

ସମୀକ୍ଷାରେ ଏହା ସୂଚିତ କରାଯିବା ପରେ, ଆର୍‌ଟିଓମାନେ ଦର୍ଶାଇଲେ ଯେ ବାହାନର ଅଡିଟ୍ ପୁନରୁଦ୍ଧାର ମଡ୍ୟୁଲରେ କର ଭିନ୍ନକ ପ୍ରବେଶ କରାଯାଇଥିଲା ଏବଂ ଦାବିପତ୍ର ଜାରି କରାଯାଇଥିଲା । କିନ୍ତୁ, ସ୍ୱଳ୍ପାଦାୟ ସମ୍ବନ୍ଧୀୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ (ମାର୍ଚ୍ଚ 2023 ସୁଦ୍ଧା) କରାଯାଇଥିବା ଲକ୍ଷ୍ୟ କରାଯାଇ ନଥିଲା । ଉକ୍ତ ରିପୋର୍ଟ କେବଳ ଯାଞ୍ଚ ହୋଇଥିବା ଏବଂ ରାଜସ୍ୱ ଆଦାୟ ପାଇଁ ଆବଶ୍ୟକ ପର୍ଯ୍ୟବେକ୍ଷଣ ଅନୁସାରେ କରାଯାଇଛି ଏବଂ ଅବଶିଷ୍ଟ ସମସ୍ତ ଆର୍‌ଟିଓରେ ତଥ୍ୟକୁ ବିଶ୍ଳେଷଣ କରିବା ଏବଂ ରାଜସ୍ୱ ଆଦାୟ ପାଇଁ ଆବଶ୍ୟକ ପଦକ୍ଷେପ ବିଭାଗ ଗ୍ରହଣ କରିବା ଆବଶ୍ୟକ ।

ଉକ୍ତ ବିଷୟରେ ଓଡ଼ିଶା ସରକାରଙ୍କୁ ଅବଗତ କରାଯାଇଥିଲା (ମଇ 2022/ଜାନୁଆରୀ 2023) ଉତ୍ତର ପ୍ରତିକ୍ଷୀତ ଅଛି (ଫେବୃଆରୀ 2024) ।

## ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ

## 7.3 ରକ୍ତ ଚନ୍ଦନ କାଠର ଅଣନିକାଶ

### 349.70 କୋଟି ଟଙ୍କାର ରକ୍ତ ଚନ୍ଦନ କାଠ ନିକାଶ ନହେବା କାରଣରୁ ସରକାରୀ ରାଜସ୍ୱ ଅବରୋଧ

ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ (ଏଫ୍‌ଇଆଣ୍ଡସିସି), ଓଡ଼ିଶା ସରକାର, 2018 ରେ ସୁପର ସାଇକ୍ଲୋନିକ୍ ତିତ୍‌ଲି ସମୟରେ ଗଜପତି ଜିଲ୍ଲାର ପାରଳାଖେମୁଣ୍ଡି ଜଙ୍ଗଲ ବିଭାଗରେ ଉପୁଡ଼ି ଯାଇଥିବା/ ଅଧା ଭାଙ୍ଗି ଯାଇଥିବା/ ଉପର ଭାଙ୍ଗି ଯାଇଥିବା ରକ୍ତ ଚନ୍ଦନ (ଆର୍‌ଏସ୍) ବୃକ୍ଷର ଅମଳ ଏବଂ ମାର୍କେଟିଂ ପାଇଁ ଓଡ଼ିଶା ବନ ବିକାଶ ନିଗମ ଲିମିଟେଡ୍ (ଓଏଫ୍‌ଡିସି ଲିଃ)କୁ ଏକ ଅଫର (ଡିସେମ୍ବର 2018) ପ୍ରଦାନ କରିଥିଲେ ଯାହା ରକ୍ତ ଚନ୍ଦନ କାଠର ଅମଳ ଏବଂ ମାର୍କେଟିଂ ପାଇଁ ଓଏଫ୍‌ଡିସି ଲିମିଟେଡ୍‌ର ନିର୍ଦ୍ଦେଶକ ମଣ୍ଡଳୀ ପ୍ରସ୍ତାବ ଅନୁମୋଦନ କରିଥିଲେ (22 ଡିସେମ୍ବର 2018) । ଅଧିକନ୍ତୁ, ଭାରତ ସରକାର (ଜିଓଆଇ) ରପ୍ତାନି ନୀତିରେ କୋହଳ କରିବାକୁ ବିଜ୍ଞପ୍ତି ପ୍ରକାଶ କରିଥିଲେ, ଯାହା ସାଇକ୍ଲୋନ୍ କାରଣରୁ ପଡ଼ିଯାଇଥିବା 810.19 ମେଟ୍ରିକ୍ ଟନ୍ ରକ୍ତ ଚନ୍ଦନ କାଠ ଲଗ୍ ଫର୍ମରେ ରପ୍ତାନି କରିବାକୁ ଅନୁମତି ଦେଇଥିଲେ ଏବଂ ଉକ୍ତ ପରିମାଣର ରପ୍ତାନି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବା ତାରିଖ ଠାରୁ 12 ମାସ ମଧ୍ୟରେ ପ୍ରକାର ଭିତ୍ତିରେ ଚୂଡ଼ାନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ପରବର୍ତ୍ତୀ ସମୟରେ (ନଭେମ୍ବର 2022) ଭାରତ ସରକାରଙ୍କ ଦ୍ୱାରା ସମୟ ସୀମା 6 ଅକ୍ଟୋବର 2023 ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା ।

---

[198] ଆର୍‌ଟିଓ, ଅନୁଗୁଳ, ବାଲେଶ୍ୱର, ବଡ଼ବିଲ, ବରଗଡ଼, ଭୁବନେଶ୍ୱର I ସହ ଏଆର୍‌ଟିଓ ଖୋର୍ଦ୍ଧା, ଭୁବନେଶ୍ୱର II, ଚଣ୍ଡିଖୋଲ, କଟକ, ଢେଙ୍କାନାଳ, ଗଜପତି, ଜଗତସିଂହପୁର, କଳାହାଣ୍ଡି, କେନ୍ଦ୍ରାପଡ଼ା, କେଉଁଝର, ମୟୂରଭଞ୍ଜ ସହ ଏଆର୍‌ଟିଓ ରାଇରଙ୍ଗପୁର, ନବରଙ୍ଗପୁର, ନୂଆପଡ଼ା, ଫୁଲବାଣୀ, ପୁରୀ, ରାୟଗଡ଼ା, ରାଉରକେଲା, ସମ୍ବଲପୁର, ସୁନ୍ଦରଗଡ଼ ଏବଂ ଟାଳଚେର ।

ଓଡ଼ିଶା ସରକାର (ଜାନୁଆରୀ 2022) ରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଏଫ୍‌ଇଆଣ୍ଡସିସି ବିଭାଗର ଅଧକ୍ଷତାରେ, ରକ୍ତ ଚନ୍ଦନ କାଠର ନିକାଶ ପାଇଁ ବିଶ୍ୱ ଗ୍ଲୋବାଲ ଇ-ଟେଣ୍ଡର/ ଇ-ନିଲାମ ବିକ୍ରୟ ତଥା ଟେଣ୍ଡର ପ୍ରକ୍ରିୟାର ଅନ୍ୟାନ୍ୟ ଦିଗକୁ ସୁଗମ କରିବା ପାଇଁ ଆଠ ଜଣ ସଦସ୍ୟ ଥିବା ଏକ କମିଟି ଗଠନ କରିଥିଲେ । ବ୍ରହ୍ମପୁରର ଆଞ୍ଚଳିକ ମୁଖ୍ୟ ଜଙ୍ଗଲ ସଂରକ୍ଷଣକାରୀ (ଆର୍‌ସିସିଏଫ୍)ଙ୍କ ଅଧକ୍ଷତାରେ (i) ବ୍ରହ୍ମପୁରରେ କେନ୍ଦ୍ରୀୟ ଗୋଦାମର ପ୍ରାଙ୍ଗଣ ଭିତରେ ଫ୍ୟାସନ୍/ ପୁନଃମାପ / ଗ୍ରେଡିଂ/ ଲଟ୍ ଗଠନର ତଦାରଖ (ii) ଆନ୍ଧ୍ରପ୍ରଦେଶ ଜଙ୍ଗଲ ବିକାଶ ନିଗମ (ଏପିଏଫ୍‌ଡିସିସି) ଲିମିଟେଡ୍ ଦ୍ୱାରା ଅନୁସରଣ କରାଯାଉଥିବା ପ୍ରକ୍ରିୟାକରଣ ବିଷୟରେ ଜ୍ଞାନ ଆହରଣ ପାଇଁ ଆନ୍ଧ୍ରପ୍ରଦେଶ ପରିଦର୍ଶନ ପାଇଁ ଏକ ବୈଷୟିକ କମିଟି ମଧ ଗଠନ କରାଯାଇଥିଲା ।

ଡିଭିଜନାଲ ବନ କାର୍ଯ୍ୟାଳୟ (ଡିଏଫ୍‌ଓ) ପାରଳାଖେମୁଣ୍ଡିରେ ରକ୍ତ ଚନ୍ଦନ କାଠର ଉଦ୍ଧାର ମାମଲା ନଥିପତ୍ର ଯାଞ୍ଚରେ (ଫେବୃଆରୀ 2022) ପ୍ରକାଶ କରିଛନ୍ତି ଯେ ଡିଭିଜନାଲ ମ୍ୟାନେଜର, ବ୍ରହ୍ମପୁର(ସି) ଡିଭିଜନ ପାରଳାଖେମୁଣ୍ଡି ଜଙ୍ଗଲରୁ 810.19 ମେଟ୍ରିକ୍ ଟନ୍ ଉଦ୍ଧାର ରକ୍ତ ଚନ୍ଦନ କାଠ ଚିହ୍ନଟ କରିଛି ଯାହା ବ୍ରହ୍ମପୁରର କେନ୍ଦ୍ରୀୟ ଗୋଦାମରେ 2018 ରୁ ନିକାଶ ନହୋଇ ପଡ଼ିରହିଥିଲା । ଏଥିମଧ୍ୟରୁ 503.24 ମେଟ୍ରିକ୍ ଟନ୍, 232.59 ମେଟ୍ରିକ୍ ଟନ୍, 23.63 ମେଟ୍ରିକ୍ ଟନ୍ ଏବଂ 50.73 ମେଟ୍ରିକ୍ ଟନ୍ ଯଥାକ୍ରମେ ଗ୍ରେଡ୍ 'ଏ', 'ବି', ସି' ଏବଂ 'ଅଣଗ୍ରେଡ୍' ଗୁଣବତ୍ତା ଥିଲା । ବୈଷୟିକ କମିଟି ସେମାନଙ୍କ ରିପୋର୍ଟରେ (ଫେବୃଆରୀ 2022) ଭାରତୀୟ ଟଙ୍କା ଦୃଷ୍ଟିରୁ ରକ୍ତ ଚନ୍ଦନର ବିଭିନ୍ନ ଗୁଣ ପାଇଁ ମେଟ୍ରିକ୍ ଟନ୍ ପ୍ରତି ହାରାହାରି ହାର ଦାଖଲ କରିଥିଲେ । ସେହି ଅନୁଯାୟୀ ଗ୍ରେଡ୍ 'ଏ','ବି',ଏବଂ 'ସି' ରକ୍ତ ଚନ୍ଦନର ମୂଲ୍ୟ 347.92 କୋଟି ଟଙ୍କା ଯାହା ନିମ୍ନ **ସାରଣୀ 7.1** ରେ ବିସ୍ତୃତ ଭାବରେ ଦର୍ଶାଯାଇଛି ।

**ସାରଣୀ-7.1: ରକ୍ତ ଚନ୍ଦନ ସବିଶେଷ ମୂଲ୍ୟର ଗଣନ**

| ଗ୍ରେଡ୍ | ପରିମାଣ ମେଟ୍ରିକ୍ ଟନରେ | ହାରାହାରି ମୂଲ୍ୟର ଶେଷତମ ବର୍ଷ | ପ୍ରତି ମେଟ୍ରିକ୍ ଟନ୍ ହାରାହାରି ମୂଲ୍ୟ (ଟଙ୍କାରେ) | ମୂଲ୍ୟ (ଟଙ୍କା କୋଟିରେ) |
|---|---|---|---|---|
| ଏ | 503.24 | 2020-21 | 57,18,824 | 287.80 |
| ବି | 232.59 | 2018-19 | 24,48,280 | 56.94 |
| ସି | 23.63 | 2017-18 | 13,44,588 | 3.18 |
| ମୋଟ | **759.46** | | | **347.92** |

ସେହିଭଳି, ଅବଶିଷ୍ଟ ମୂଲ୍ୟ 50.73 ମେଟ୍ରିକ୍ ଟନ୍ ଅଣଗ୍ରେଡ୍ ରକ୍ତ ଚନ୍ଦନ କାଠ ପାଇଁ ବିଭାଗ ଦ୍ୱାରା ସୁପାରିଶ କରାଯାଇଥିବା (ଡିସେମ୍ବର 2004) ଦର ଅନୁଯାୟୀ ପ୍ରତି କିଲୋଗ୍ରାମ ପିଛା 350 ଟଙ୍କା ହାରରେ 1.78 କୋଟି ଟଙ୍କା[199] ଥିଲା । ଯଦିଓ, ଘୂର୍ଣ୍ଣିବଳୟ ପ୍ରଭାବିତ ରକ୍ତ ଚନ୍ଦନ କାଠର ଉଦ୍ଧାର କାର୍ଯ୍ୟ ବହୁ ସମୟ ଅତିବାହିତ ହୋଇସାରିଛି, ବିଭାଗ ଏଗୁଡ଼ିକର ନିକାଶ ପାଇଁ କୌଣସି ପଦକ୍ଷେପ ନେଇନଥିଲେ । ରକ୍ତ ଚନ୍ଦନ କାଠର ଦୀର୍ଘସ୍ଥାୟୀ ସଂରକ୍ଷଣ କେବଳ ଯେ ଗୁଣବତ୍ତାରେ ଖରାପ ହେବାର ଆଶଙ୍କା ନଥିଲା, ବରଂ ସଙ୍କୋଚନ ହେତୁ ପରିମାଣ ଉପରେ ମଧ ଆଶଙ୍କା ଥିଲା ।

ଏହିପରି, ରକ୍ତ ଚନ୍ଦନ କାଠ ନିକାଶର ଅତ୍ୟଧିକ ବିଳମ୍ବ ହେତୁ 349.70 କୋଟି ଟଙ୍କାର ରାଜସ୍ୱ ଅବରୋଧ ହୋଇଥିଲା । ଏଥିରୁ ଚନ୍ଦନ କାଠ ନିକାଶରେ ବିଭାଗ ଦ୍ୱାରା ଫଳପ୍ରଦ ଏବଂ ସମୟାନୁବର୍ତ୍ତୀ କାର୍ଯ୍ୟାନୁଷ୍ଠାନର ଅଭାବ ପରିଲକ୍ଷିତ ହୋଇଥିଲା ।

ଏହାକୁ ସୂଚାଇ ଦିଆଯିବା ପରେ ଡିଭିଜନାଲ ଫରେଷ୍ଟ ଅଫିସର (ଡିଏଫ୍‌ଓ) ଦର୍ଶାଇଲେ (ଫେବୃଆରୀ 2022) ଯେ ଦକ୍ଷ ଅଧିକାରୀ, ଯେପରିକି ଅନ୍ତର୍ଜାତୀୟ ବାଣିଜ୍ୟରେ ବିଲୁପ୍ତ ପ୍ରାୟ ପ୍ରଜାତିର ବନ୍ୟପ୍ରାଣୀ (ସାଇଟସ୍), ବୈଦେଶିକ ବାଣିଜ୍ୟର ଡାଇରେକ୍ଟର ଜେନେରାଲ (ଡିଜିଏଫ୍‌ଟି) ଏବଂ ସରକାର ଇତ୍ୟାଦିଙ୍କ ଅନୁମତି ପରେ ଅଧିକ ରାଜସ୍ୱ ପାଇବା ପାଇଁ ରକ୍ତ ଚନ୍ଦନ କାଠକୁ ନିକାଶ କରାଯିବ । ଏହାର ଉତ୍ତର ଗ୍ରହଣୀୟ ନୁହେଁ କାରଣ ଭାରତ ସରକାର ପୂର୍ବରୁ ସର୍ତ୍ତ ଅନୁଯାୟୀ ବିଜ୍ଞପ୍ତି ତାରିଖ ଠାରୁ 12 ମାସ ମଧ୍ୟରେ ରପ୍ତାନୀ ପାଇଁ ମୋଡାଲିଟି

199 50,733 କିଲୋଗ୍ରାମ x 350 ଟଙ୍କା = 1,77,56,550 ଟଙ୍କା

ଚୂଡ଼ାନ୍ତ ସହିତ ରକ୍ତ ଚନ୍ଦନ କାଠ ନିକାଶ ପାଇଁ ଅନୁମତି ଦେଇସାରିଥିଲା, ଯାହା ବିଭାଗ ଆଜି ପର୍ଯ୍ୟନ୍ତ ଲାଭ କରିବାରେ ବିଫଳ ହୋଇଥିଲା । ଉଦ୍ଧାର ହୋଇଥିବା ରକ୍ତ ଚନ୍ଦନ କାଠ ନଭେମ୍ବର 2022 ସୁଦ୍ଧା ନିକାଶ ନହେବା ଫଳରେ ଗୁଣବତ୍ତା, ପରିମାଣର ଅବନତି ଘଟିଲା ଏବଂ ସରକାରୀ ରାଜସ୍ୱର ଅବରୋଧ ହୋଇଥିଲା ।

ଏହି ମାମଲା ସରକାରଙ୍କ ନଜରକୁ ଅଣାଯାଇଥିଲା (ନଭେମ୍ବର 2022) । ଉତ୍ତର ଅପେକ୍ଷିତ ରହିଛି (ଫେବୃଆରୀ 2024 ସୁଦ୍ଧା) ।

## 7.4 ନିଟ୍ ବର୍ତ୍ତମାନ ମୂଲ୍ୟର ବିଳମ୍ବିତ ଦେୟ ଉପରେ ସୁଧର ଅନାଦାୟ

**ଉପଭୋକ୍ତା ଏଜେନ୍ସୀ ବିଳମ୍ବରେ ନେଟ୍ ଓ ବର୍ତ୍ତମାନ ମୂଲ୍ୟ ପ୍ରଦତ୍ତ କରିଥିବାରୁ 95.69 ଲକ୍ଷ ଟଙ୍କାର ସୁଧ ଅନାଦାୟ ରହିଥିଲା ।**

ଜଙ୍ଗଲ (ସଂରକ୍ଷଣ) ଅଧିନିୟମ, 1980 ର ଧାରା 2 ଅନୁଯାୟୀ ଅକ୍ଟୋବର 2002 ରେ ଜାରି କରାଯାଇଥିବା ମାନ୍ୟବର ଉଚ୍ଚତମ ନ୍ୟାୟାଳୟଙ୍କ ନିର୍ଦ୍ଦେଶ କ୍ରମେ ଜଙ୍ଗଲ ସୁରକ୍ଷା, ଅନ୍ୟାନ୍ୟ ସଂରକ୍ଷଣ ବ୍ୟବସ୍ଥା ଏବଂ ସମ୍ବନ୍ଧୀୟ କାର୍ଯ୍ୟକଳାପ ପାଇଁ ଉପଭୋକ୍ତା ଏଜେନ୍ସୀମାନଙ୍କ ଠାରୁ ନିଟ୍ ବର୍ତ୍ତମାନ ମୂଲ୍ୟ (ଏନ୍‌ପିଭି) ଅଣ ଜଙ୍ଗଲ ଉଦ୍ଦେଶ୍ୟରେ କରାଯିବା ଜନିତ ଉପଭୋକ୍ତା ଏଜେନ୍ସୀ (ୟୁଏ) ମାନଙ୍କ ଠାରୁ ଆଦାୟ କରାଯିବ । ସମସ୍ତ କ୍ଷେତ୍ରରେ ଏନ୍‌ପିଭି ହେଉଛି ଅସୁଲ ଯୋଗ୍ୟ, ଯେଉଁଠାରେ 29 ଅକ୍ଟୋବର 2002 ରେ କିମ୍ବା ପରେ ଡାଇଭର୍ସନ ଅନୁମୋଦନ କରାଯାଇଥିଲା ଏବଂ ସେହି ମାମଲା ଗୁଡ଼ିକ ପାଇଁ ମଧ 29 ଅକ୍ଟୋବର 2002 ପୂର୍ବରୁ ନୀତିଗତ (ପ୍ରଥମ ପଯ୍ୟାୟ) କ୍ଲିଅରାନ୍ସ ଦିଆଯାଇଥିଲା ଏବଂ ଚୂଡାନ୍ତ (ଦ୍ୱିତୀୟ ପଯ୍ୟାୟ) ଅନୁମୋଦନ ପରବର୍ତ୍ତୀ ସମୟରେ ଦିଆଯାଇଥିଲା ।

ଅଧିକନ୍ତୁ, ମାନ୍ୟବର ଉଚ୍ଚତମ ନ୍ୟାୟାଳୟ ଦ୍ୱାରା ଗଠିତ କେନ୍ଦ୍ରୀୟ କ୍ଷମତାପନ୍ନ କମିଟି (ସିଇସି) ଅନୁଦେଶ ଦେଇଛି (ମଇ 2010) ଯେ, ଯେଉଁ ଲିଜ୍‌ଧାରୀ ମାନେ ଯେଉଁମାନେ, ବିଭାଗୀୟ ବନ ଅଧିକାରୀ (ଡିଏଫ୍‌ଓ) ଦ୍ୱାରା ଚାହିଦା ଉତ୍ଥାପନ ହେବାର 30 ଦିନ ମଧ୍ୟରେ ଏନ୍‌ପିଭି ଦେବେ ନାହିଁ, ସେମାନେ ସୁଧ ସହିତ ଏନ୍‌ପିଭି ଦେୟ ନହେବା ପର୍ଯ୍ୟନ୍ତ ଖଣି ଖନନ ଜାରି ରଖିବାକୁ ଦିଆଯିବ ନାହିଁ । ଜଙ୍ଗଲ ଏବଂ ପରିବେଶ ବିଭାଗ, ଓଡ଼ିଶା ସରକାର (ମଇ 2013) ଏନ୍‌ପିଭିର ବିଳମ୍ବିତ ଦେୟ ପ୍ରଦାନ ପାଇଁ ବାର୍ଷିକ ନଅ ପ୍ରତିଶତ ସୁଧ ହାର ଧାର୍ଯ୍ୟ କରିଛି ।

ଡିଏଫ୍‌ଓ, ସମ୍ବଲପୁର ଜଙ୍ଗଲ ଜମି ଡାଇଭର୍ସନ ରେକର୍ଡର ଯାଞ୍ଚରୁ ଜଣାଗଲା ଯେ (ଡିସେମ୍ବର 2021) ସମ୍ବଲପୁର ଏବଂ ଝାରସୁଗୁଡ଼ା ବନ ବିଭାଗରେ ଯଥାକ୍ରମେ 192.626 ହେକ୍ଟର ଏବଂ 845.561 ହେକ୍ଟର ଜଙ୍ଗଲ ଜମି ଏକ ଓପନକାଷ୍ଟ କୋଇଲା ଖଣି ପ୍ରକଳ୍ପ ପାଇଁ ମେସର୍ସ ନେଭିଲ୍ ଲିଗ୍ନାଇଟ୍ କର୍ପୋରେସନ୍ ଲିମିଟେଡ୍ (ଏନ୍‌ଏଲ୍‌ସି ଇଣ୍ଡିଆ ଲିଃ) ସପକ୍ଷରେ ପଠାଯାଇଥିଲା । ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରାଳୟ (ଏମ୍‌ଓଇଏଫ୍‌ଆଣ୍ଡସିସି) ଦ୍ୱାରା 03 ଜୁଲାଇ 2018 ରେ ନୀତିଗତ (ପ୍ରଥମ ପର୍ଯ୍ୟାୟ) ଅନୁମୋଦନ ଏବଂ ଚୂଡ଼ାନ୍ତ (ଦ୍ୱିତୀୟ ପର୍ଯ୍ୟାୟ) ଅନୁମୋଦନ 28 ମାର୍ଚ୍ଚ 2019 ରେ ପ୍ରଦାନ କରାଯାଇଥିଲା । ଡିଏଫ୍‌ଓଗୁଡ଼ିକ (13 ଅଗଷ୍ଟ ରୁ 03 ସେପ୍ଟେମ୍ବର 2018 ମଧ୍ୟରେ) ୟୁଏକୁ ପ୍ରତି ହେକ୍ଟର ପିଛା 6,26,000 ଟଙ୍କାର ନିର୍ଦ୍ଦିଷ୍ଟ 64,99,05,062[200] ଟଙ୍କା ଏନ୍‌ପିଭି ଦେୟ ପାଇଁ ନୋଟିସ୍ ଜାରି କରିଥିଲେ ।

ଅଡିଟ୍ ଲକ୍ଷ୍ୟ କଲା ଯେ, ଏନ୍‌ପିଭି ଦେୟ ପାଇଁ 30 ଦିନର ସମୟ ସୀମା ଥିବା ସତ୍ତ୍ୱେ, ଚାହିଦା ତାରିଖ ଠାରୁ 56 ଦିନ ଏବଂ 76 ଦିନ ବିଳମ୍ବ ପରେ ୟୁଏ ଏନ୍‌ପିଭି ରାଶି 28 ନଭେମ୍ବର 2018 ରେ ଜମା କରିଛି । କିନ୍ତୁ, ଏନ୍‌ପିଭିର ବିଳମ୍ବ ଦେୟ ପାଇଁ ନଅ ପ୍ରତିଶତ ନିର୍ଦ୍ଧାରିତ ହାରରେ 95.69[201] ଲକ୍ଷ ଟଙ୍କା ସୁଧ, ସଂପୃକ୍ତ ଡିଏଫ୍‌ଓ

200 ସମ୍ବଲପୁର ଡିଏଫ୍‌ଓଙ୍କ ବିଷୟରେ (192.626 ହେକ୍ଟର X 6,26,000 ଟଙ୍କା = 12,05,83,876 ଟଙ୍କା) ଏବଂ ଡିଏଫ୍‌ଓ, ଝାରସୁଗୁଡ଼ା ପାଇଁ (845.561 ହେକ୍ଟର X 6,26,000 ଟଙ୍କା = 52,93,21,186 ଟଙ୍କା)

201 (12,05,83,876 ଟଙ୍କା x 9 / 100) / 365 x 76 = 22,59,709 ଟଙ୍କା + (52,93,21,186 ଟଙ୍କା x 9 / 100) / 365 x 56 = 73,08,983 ଟଙ୍କା

ଦ୍ୱାରା ଦାବି କରାଯାଇ ନଥିଲା କିମ୍ବା ଏହା ୟୁଏ ଦ୍ୱାରା ଜମା କରାଯାଇ ନଥିଲା ଏବଂ ଉକ୍ତ ପରିମାଣ ଏନ୍‌ପିଭି ଉପରେ ସୁଧ ୟୁଏ ଠାରୁ ଆଜି ପର୍ଯ୍ୟନ୍ତ (ଅକ୍ଟୋବର 2022) ସୁଦ୍ଧା ଅନାଦାୟ ଥିଲା ।

ଅଡିଟ୍ ଦ୍ୱାରା ଏହା ସୂଚିତ କରାଯିବା ପରେ, ସରକାର ବ୍ୟକ୍ତ କଲେ (ଅକ୍ଟୋବର 2022) ଯେ, ଆଇଏ 2009 ର ନମ୍ବର 2746-2748 ଅଧିନରେ ଥିବା ଲିଜ୍ ପାଇଁ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ (ମଇ 2010) ପ୍ରଯୁଜ୍ୟ ଏବଂ ଏହି ପ୍ରକଳ୍ପ ପାଇଁ ନୁହେଁ । ସମସ୍ତ ଲିଜ୍ ପାଇଁ ସୁପ୍ରିମ୍‌କୋର୍ଟଙ୍କ ଆଦେଶ ପ୍ରଯୁଜ୍ୟ ହୋଇଥିବାରୁ ଏହାର ଉତ୍ତର ଗ୍ରହଣୀୟ ନୁହେଁ, ଯେଉଁଠାରେ ଜଙ୍ଗଲ ଜମି ବଦଳାଇବା ପାଇଁ ଏନ୍‌ପିଭି ବିଳମ୍ବରେ ଜମା କରାଯାଇଥିଲା ।

## 7.5 ଗଡ଼ିକାଠ ଓ ଖୁଣ୍ଟଗୁଡିକର ଅଣନିକାଶ

**ଗଡ଼ିକାଠ, ଖୁଣ୍ଟ ଓ ଜାଳେଣି କାଠର ନିକାଶ ପାଇଁ ଠିକ୍ ସମୟରେ ବନଖଣ୍ଡ ଅଧିକାରୀମାନଙ୍କ ଦ୍ୱାରା ପଦକ୍ଷେପ ନେବାରେ ବିଫଳ ହେବା ଫଳରେ 88.37 ଲକ୍ଷ ଟଙ୍କାର ରାଜସ୍ୱ ଅଟକି ରହିଥିଲା ।**

ଓଡ଼ିଶା ସରକାର (ଜିଓଓ), ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପ୍ରଧାନ ମୁଖ୍ୟ ବନସଂରକ୍ଷକ (ପିସିସିଏଫ୍) ଏବଂ ବନ ସୈନ୍ୟ ମୁଖ୍ୟ (ଏଚ୍‌ଓଏଫ୍‌ଏଫ୍)ଙ୍କୁ ନିର୍ଦ୍ଦେଶ (ଅଗଷ୍ଟ 2005) ଦେଇଥିଲେ ଯେ, ଅନୁସନ୍ଧାନହୀନ (ୟୁଡି) ଜଙ୍ଗଲ ଅପରାଧ ମାମଲାରେ ଜବତ ହୋଇଥିବା ଗଡ଼ିକାଠ ଏବଂ ଅନ୍ୟାନ୍ୟ ବନଜାତ ଦ୍ରବ୍ୟକୁ ଜବତ ହେବାର ଦୁଇ ମାସ ମଧ୍ୟରେ ସର୍ବସାଧାରଣ ନିଲାମ କିମ୍ବା ଓଡ଼ିଶା ବନ ଉନ୍ନୟନ ନିଗମ ଲିମିଟେଡ୍ (ଓଏଫ୍‌ଡିସି) ଙ୍କୁ ନିକାଶ କରିବା କଥା, ଯାହା ଦ୍ୱାରା ସେଗୁଡ଼ିକର ଗୁଣାତ୍ମକ ମୂଲ୍ୟ ହ୍ରାସ ଜନିତ ରାଜସ୍ୱହାନୀକୁ ରୋକାଯାଇ ପାରିବ । ସେପ୍ଟେମ୍ବର 2021 ରେ ସରକାର ଆର୍ଥିକ ବର୍ଷ 2020-21 ପାଇଁ ଗଡ଼ିକାଠ ଉପରେ ରୟାଲିଟି ଦର ନିର୍ଦ୍ଧାରଣ କରିଥିଲେ ।

30 ଟି ଜଙ୍ଗଲ ବିଭାଗ[202] ସମ୍ବନ୍ଧୀୟ ରେକର୍ଡ ଗୁଡ଼ିକର ପରୀକ୍ଷା ଯାଞ୍ଚ (2019-20 ରୁ 2021-22) ପ୍ରକାଶ କରିଛି ଯେ 2015-21 ମଧ୍ୟରେ 1,676 ଟି ଅଚିହ୍ନା (ୟୁଡି) ଜଙ୍ଗଲ ଅପରାଧ ମାମଲାରେ ଜବତ ହୋଇଥିବା 24,324.70 ଘନଫୁଟ (ସିଫ୍ଟ) ଗଡ଼ିକାଠ (ଲଗ୍ ଆଣ୍ଡ ଆକାର), 6,667 ଟି ଖୁଣ୍ଟ ଓ 1,304.33 କୁଇଣ୍ଟାଲ ଜାଳେଣି କାଠ ନିକାଶ ନ ହୋଇ ପଡ଼ିରହିଥିଲା । ଅଡିଟ୍ ଅନୁଧାନ କରିଛି ଯେ, ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ଦର ଅନୁଯାୟୀ ଉପରୋକ୍ତ ସାମଗ୍ରୀର ମୂଲ୍ୟ 88.37 ଲକ୍ଷ ଟଙ୍କା ଥିଲା ଯାହା ***ପରିଶିଷ୍ଟ -XXXIII*** ରେ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଛି । ତେଣୁ, ରେଞ୍ଜ ଅଧିକାରୀ (ଆର୍‌ଓ) ଓ ବନଖଣ୍ଡ ଅଧିକାରୀ (ଡିଏଫ୍‌ଓ) ଙ୍କ ସମେତ ବିଭାଗୀୟ କର୍ତ୍ତୃପକ୍ଷ, ସରକାରଙ୍କ ନିର୍ଦ୍ଦେଶ ପାଳନ ନକରିବା ଫଳରେ 88.37 ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରାଜସ୍ୱ ଅଟକି ରହିଥିଲା ।

ଏହି ମାମଲା, ନଭେମ୍ବର 2022 ରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଉତ୍ତରକୁ ଅପେକ୍ଷିତ ରହିଛି (ଫେବୃଆରୀ 2024) ।

## ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ

## 7.6 ଆଧୁନିକ ମାଂସ ଦୋକାନ ନିର୍ମାଣରେ ନିଷ୍ଫଳ ବ୍ୟୟ

**29 ଟି ମାଂସ ଦୋକାନର ଆବଣ୍ଟନ ନହେବା ଯୋଗୁଁ 1.78 କୋଟି ଟଙ୍କାର ନିଷ୍ଫଳ ବ୍ୟୟ ହେବା ସହ 55.02 ଲକ୍ଷ ଟଙ୍କାର ରାଜସ୍ୱ ହାନୀ ହୋଇଥିଲା ।**

ପଶୁମାନଙ୍କ ପ୍ରତି ନିଷ୍ଠୁରତା ନିବାରଣ (କଂସେଇ ଖାନା) ନିୟମାବଳୀ, 2001 ର ନିୟମ 3 ଅନୁସାରେ କୌଣସି ବ୍ୟକ୍ତି, ପୌରାଞ୍ଚଳରେ ସଂପୃକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଲାଇସେନ୍ସ ପ୍ରାପ୍ତ ଏକ କଂସେଇ ଖାନା ବ୍ୟତୀତ ଅନ୍ୟ ସ୍ଥାନରେ

[202] ବୌଦ୍ଧ, ବଲାଙ୍ଗୀର, କେଉଁଝର, ଦେବଗଡ଼, ଅନୁଗୁଳ, ବୋଣାଇ, କଟକ, ପାରଳାଖେମୁଣ୍ଡି, ରାୟଗଡ଼ା, ରାଉରକେଲା, ଫୁଲବାଣୀ, ଆଠଗଡ଼, ସୁନ୍ଦରଗଡ଼, ରାଇରଙ୍ଗପୁର, ଝାରସୁଗୁଡ଼ା, ଖୋର୍ଦ୍ଧା, ବାରିପଦା, ବାଲିଗୁଡ଼ି, ଘୁମସୁର(ଉତ୍ତର), ଢେଙ୍କାନାଳ, ଘୁମସୁର(ଦକ୍ଷିଣ), ବରଗଡ଼, ସୁବର୍ଣ୍ଣପୁର, ବାମରା(ବନ୍ୟପ୍ରାଣୀ), ବାଲେଶ୍ୱର(ବନ୍ୟପ୍ରାଣୀ), ସୁନାବେଡ଼ା (ବନ୍ୟପ୍ରାଣୀ), ବ୍ରହ୍ମପୁର, କେଉଁଝର(ବନ୍ୟପ୍ରାଣୀ), ପୁରୀ(ବନ୍ୟପ୍ରାଣୀ) ଏବଂ ସାତକୋଶିଆ (ବନ୍ୟପ୍ରାଣୀ) ।

ପ୍ରାଣୀକୁ ହତ୍ୟା କରିପାରିବେ ନାହିଁ । ଆହୁରି ମଧ, ଓଡ଼ିଶା ମହାନଗର ନିଗମ ଅଧିନିୟମ, 2003 ର ଧାରା 562 ଅନୁସାରେ ନିଗମ ଅଞ୍ଚଳର ରାସ୍ତାକଡ଼ରେ କୌଣସି ପ୍ରାଣୀକୁ ହତ୍ୟା କରିବା ଉପରେ ସମ୍ପୂର୍ଣ୍ଣ ନିଷେଧାଦେଶ ରହିବ । ଓପିଡବ୍ଲୁଡି ସଂହିତାର ଅନୁଚ୍ଛେଦ 3.2.7 ଅନୁଯାୟୀ, ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ, ପ୍ରକଳ୍ପ ସମ୍ଭାବ୍ୟତାକୁ ଆଧାର କରି ଏକ ବିସ୍ତୃତ ଅଟକଳ ପ୍ରସ୍ତୁତ କରାଯିବା ଉଚିତ୍ । ଆର୍ଥିକ ମଞ୍ଜୁର ଆଦେଶ (ମାର୍ଚ୍ଚ 2016) ଅନୁଯାୟୀ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି), ମାର୍କେଟ କମ୍ପ୍ଲେକ୍ସ ଦୋକାନ ବଣ୍ଟନ ପ୍ରକ୍ରିୟାରେ ସ୍ୱଚ୍ଛତା ନିଶ୍ଚିତ କରିବା ଉଚିତ୍ ଯାହା ଦ୍ୱାରା ସଠିକ୍ ହିତାଧିକାରୀଙ୍କୁ ଦୋକାନ ଗୃହ ମିଳିପାରିବ । ସମ୍ପତ୍ତି ଆବଣ୍ଟନର ସର୍ତ୍ତାବଳୀ ବିଜ୍ଞପ୍ତି (ନଭେମ୍ବର 2015) ଅନୁଯାୟୀ ଭୁବନେଶ୍ୱର ଉନ୍ନୟନ ପ୍ରାଧିକରଣ ସମ୍ପତ୍ତି (ପରିଚାଳନା ଏବଂ ବଣ୍ଟନ) ନିୟମାବଳୀ, 2015 ପୁସ୍ତିକା ଅନୁସାରେ ଆବେଦନ କରିଥିବା ଏବଂ ସଫଳ ଭାବେ ପଞ୍ଜିକୃତ ହୋଇଥିବା ଯୋଗ୍ୟ ଆବେଦନକାରୀଙ୍କୁ ଲଟେରୀ କିମ୍ବା ନିଲାମ ମାଧ୍ୟମରେ ସମସ୍ତ ସମ୍ପତ୍ତି ଆବଣ୍ଟନ କରାଯିବାର ଥିଲା ।

ବିଏମ୍‌ସିର ନଥିପତ୍ର ଯାଞ୍ଚ (ଜାନୁଆରୀ 2021) ରୁ ଜଣାଗଲା ଯେ ମୁଖ୍ୟ ଶାସନ ସଚିବ, ଓଡ଼ିଶା ସରକାର (ଜିଓଓ)ଙ୍କ ଅଧ୍ୟକ୍ଷତାରେ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପଗୁଡ଼ିକର ସମୀକ୍ଷା ବୈଠକରେ (12 ଅଗଷ୍ଟ 2014), 30 ଟି ଆଧୁନିକ ମାଂସ ଦୋକାନ ନିର୍ମାଣ କରିବାକୁ ନିଷ୍ପତ୍ତି ନିଆଯାଇଥିଲା । ଉପକରଣ ସହିତ 30 ଟି ଆଧୁନିକ ମାଂସ ଦୋକାନ ନିର୍ମାଣ ପାଇଁ 3.78 କୋଟି ଟଙ୍କା ସରକାରଙ୍କ ଦ୍ୱାରା ପ୍ରଶାସନିକ ଅନୁମୋଦନ ପ୍ରଦାନ କରାଯାଇଥିଲା (ମଇ 2016) । ଅଡିଟ୍ ଲକ୍ଷ୍ୟ କଲା ଯେ 2.70 କୋଟି ଟଙ୍କା ମୂଲ୍ୟରେ ମାଂସ ଦୋକାନଗୁଡ଼ିକର ନିର୍ମାଣ କାର୍ଯ୍ୟ ପାଇଁ କାର୍ଯ୍ୟାଦେଶ ଦିଆଯାଇଥିଲା (ନଭେମ୍ବର 2016) ଏବଂ ଏହା ନଭେମ୍ବର 2017 ସୁଦ୍ଧା ସମାପ୍ତ ହେବାର ଥିଲା । ଜମିର ଅଭାବ ହେତୁ 29 ଟି ଦୋକାନର ନିର୍ମାଣ କାର୍ଯ୍ୟ 1.78 କୋଟି ଟଙ୍କା ବ୍ୟୟରେ ସମାପ୍ତ ହୋଇଥିଲା (ଫେବୃଆରୀ 2018) । ମାଂସ ଦୋକାନ ବଣ୍ଟନ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ, ଡିସେମ୍ବର 2017 ରେ ସିଟି ଇଞ୍ଜିନିୟର, ଡେପୁଟି କମିଶନର (ଡିସି), ରାଜସ୍ୱଙ୍କୁ ଅନୁରୋଧ କରିଥିଲେ । ଯଦିଓ ମାଂସ ଦୋକାନ ଆବଣ୍ଟନ ଆବେଦନ ପାଇଁ ସ୍ଥାନୀୟ ଖବର କାଗଜରେ ପ୍ରକାଶନ କରାଯାଇଥିଲା, ମାତ୍ର କୌଣସି ଆବେଦନକାରୀ ଆବେଦନ କରିନଥିଲେ । ସେହି ଅନୁଯାୟୀ, ବିଏମ୍‌ସି ଏକ ସର୍ଭେ (ଜୁଲାଇ 2018) କରି 16 ମାଂସ ବିକ୍ରେତାଙ୍କ ନାମ ଥିବା ଏକ ତାଲିକା ପ୍ରକାଶ କରିଥିଲା । ଏହି ତାଲିକା ବିରୁଦ୍ଧରେ ମାଂସ ବିକ୍ରେତା ଆସୋସିଏସନ ଆପତ୍ତି ଉଠାଇ ବିଏମ୍‌ସିରେ 300 ମାଂସ ବିକ୍ରେତା ଥିବାରୁ ଆଗକୁ ଆହୁରି 271 ମାଂସ ଦୋକାନ ନିର୍ମାଣ ପାଇଁ ଦାବି କରିଥିଲା (ଅଗଷ୍ଟ 2018) । ଏହା ବିଏମ୍‌ସି ଦ୍ୱାରା କରାଯାଇଥିବା ସର୍ଭେ ତ୍ରୁଟିପୂର୍ଣ୍ଣ ଥିବା ସୂଚାଇଲା । 29 ଟି ଦୋକାନକୁ ବାଣିଜ୍ୟ ଲାଇସେନ୍ସ ପ୍ରଦାନ ଏବଂ 29 ଟି ଦୋକାନକୁ ବିକ୍ରେତାଙ୍କୁ ବଣ୍ଟନ କରିବା ପାଇଁ ନଭେମ୍ବର 2021 ସୁଦ୍ଧା ବିଏମ୍‌ସି କୌଣସି ପଦକ୍ଷେପ ଗ୍ରହଣ କରିନଥିଲେ ।

i) କଂସେଇଖାନା ନିୟମ ଅନୁଯାୟୀ କେବଳ ଲାଇସେନ୍ସ ପ୍ରାପ୍ତ କଂସେଇ ଖାନାରେ ଏକ ପଶୁକୁ ହତ୍ୟା କରାଯାଇପାରିବ ଏବଂ ଓଡ଼ିଶା ମହାନଗର ନିଗମ ଅଧିନିୟମ, ରାସ୍ତା କଡ଼ରେ କୌଣସି ପଶୁକୁ ହତ୍ୟା କରିବା ଉପରେ ସମ୍ପୂର୍ଣ୍ଣ ନିଷେଧାଦେଶ ଜାରି କରିଛି । ଏଠାରେ 300 ମାଂସ ବିକ୍ରେତା ଥିବା ସ୍ଥଳେ, ମାତ୍ର 29 ଟି ଦୋକାନ ବଣ୍ଟନ ପାଇଁ ଉପଲବ୍ଧ ଥିଲା ।

ii) ବିଏମ୍‌ସିର ସହକାରୀ ଯନ୍ତ୍ରୀଙ୍କ ସହିତ ମିଳିତ ସରଜମିନ୍ ତଦନ୍ତ (12 ଜାନୁଆରୀ 2021 ଏବଂ 24 ନଭେମ୍ବର 2021) ସମୟରେ ଲକ୍ଷ୍ୟ କରାଗଲା ଯେ 29 ଟି ଆଧୁନିକ ମାଂସ ଦୋକାନ ମଧ୍ୟରୁ ୟୁନିଟ୍-IV ରେ 17 ଟି ଆଧୁନିକ ମାଂସ ଦୋକାନ ସମସ୍ତ ଯନ୍ତ୍ରପାତି ସହିତ ସମାପ୍ତ ହୋଇଥିଲା । ଆହୁରି ମଧ ଦେଖାଗଲା ଯେ ଯଦିଓ ଘାଟିକିଆରେ 12 ଟି ଆଧୁନିକ ମାଂସ ଦୋକାନର ନିର୍ମାଣ କାର୍ଯ୍ୟ ସମାପ୍ତ ହୋଇଥିଲା, ସରକାରଙ୍କ ଦ୍ୱାରା ସହମତି ହୋଇଥିବା ଉପକରଣ ଏବଂ ଯନ୍ତ୍ରପାତି ଯୋଗାଣ ହୋଇ ନଥିଲା ।




ଫଟୋ ସଂଖ୍ୟା.25 -ୟୁନିଟ୍-IV ମାର୍କେଟରେ ଥିବା ଆଧୁନିକ ମାଂସ ଦୋକାନ



ଫଟୋ ସଂଖ୍ୟା,26 -ଘାଟିକିଆରେ ଥିବା ଆଧୁନିକ ମାଂସ ଦୋକାନ

ତେଣୁ, ସମସ୍ୟାର ସମାଧାନ ଏବଂ ହିତାଧିକାରୀ ତାଲିକା ଚୂଡ଼ାନ୍ତ କରିବାରେ ବିଏମ୍‌ସିର ବିଫଳତା ହେତୁ 29 ଟି ମାଂସ ଦୋକାନ ବଣ୍ଟନ ହୋଇପାରି ନଥିଲା । ଫଳସ୍ୱରୂପ, 1.78 କୋଟି ଟଙ୍କାର ନିଷ୍ଫଳ ବ୍ୟୟ ହେବା ସହ ପୌରାଞ୍ଚଳରେ ବେଆଇନ୍ ପଶୁ ହତ୍ୟା ପାଇଁ ରାସ୍ତା ଖୋଲିଥିଲା । ଏତଦ୍ ବ୍ୟତୀତ, ନଭେମ୍ବର 2021 ପର୍ଯ୍ୟନ୍ତ ଭଡ଼ା ବାବଦରେ ମଧ୍ୟ ବିଏମ୍‌ସିକୁ 55.02 ଲକ୍ଷ ଟଙ୍କାର ରାଜସ୍ୱ ହାନୀ ହୋଇଥିଲା ।

ଏହି ମାମଲା, ମାର୍ଚ୍ଚ 2022 ରେ ସରକାରଙ୍କୁ ଅବଗତ କରାଯାଇଥିଲା । ସେମାନଙ୍କର ଉତ୍ତରକୁ ଅପେକ୍ଷା କରାଯାଇଥିଲା (ଫେବୃଆରୀ 2024) ।

## 7.7 ଠିକାଦାରଙ୍କୁ ଅନୁଚିତ୍ ଲାଭ ପ୍ରଦାନ

**ସାତଟି ପୌରାଞ୍ଚଳରେ ଜଳ ଯୋଗାଣରେ ବ୍ୟବହୃତ ଡକ୍ଟାଇଲ୍ ଆଇରନ୍ ପାଇପର ଅଧିକ ମୂଲ୍ୟ ବ୍ୟବସ୍ଥା କରାଯିବା ଯୋଗୁଁ ଠିକାଦାରଙ୍କୁ 1.05 କୋଟି ଟଙ୍କାର ଅନୁଚିତ୍ ଲାଭ ମିଳିଥିଲା ।**

ଓଡ଼ିଶା ପୂର୍ତ୍ତ ବିଭାଗ (ଓପିଡବ୍ଲୁଡି) ସଂହିତାର ଅନୁଚ୍ଛେଦ 3.4.10 ଅନୁସାରେ ଅଟକଳ ଦାଖଲ ସମୟରେ, ବିଭାଗୀୟ ଅଧିକାରୀ, କାର୍ଯ୍ୟର ଆକଳନ ଅନୁମୋଦିତ ସୂଚୀ (ଏସ୍‌ଓଆର୍) ବ୍ୟବହାର କରି ଏବଂ ଅଧିକତମ ମିତବ୍ୟୟିତାରେ ପ୍ରସ୍ତୁତ ହୋଇଥିବା ଦର୍ଶାଇ ଏକ ସାର୍ଟିଫିକେଟ୍ ସଂଲଗ୍ନ କରିବା ଉଚିତ୍ । ଠିକା ଚୁକ୍ତିନାମାର ଧାରା 31(a) ଅନୁସାରେ ଟେଣ୍ଡର ଦାଖଲ ପରେ କୌଣସି ମୂଲ୍ୟ ପରିବର୍ତ୍ତନ ହେତୁ ଇସ୍ପାତ୍, ସିମେଣ୍ଟ, ବିଟୁମେନ୍ ଏବଂ ପାଇପ୍ ମୂଲ୍ୟରେ ବୃଦ୍ଧି ହେଲେ ଟେଣ୍ଡର ଗ୍ରହଣକାରୀ କର୍ତ୍ତୃପକ୍ଷଙ୍କ ଅନୁମୋଦନରେ ନିର୍ବାହୀ ଯନ୍ତ୍ରୀ (ଇଇ) ଭିନ୍ନତା ମୂଲ୍ୟର ପରିଶୋଧ କରିବେ ଏବଂ ସିମେଣ୍ଟ, ଇସ୍ପାତ୍ , ବିଟୁମେନ୍ ଏବଂ ପାଇପ ମୂଲ୍ୟରେ ହ୍ରାସ ହେଲେ ଠିକାଦାରଙ୍କ ଠାରୁ ସଂପୃକ୍ତ ନିର୍ବାହୀ ଯନ୍ତ୍ରୀ ଭିନ୍ନତା ମୂଲ୍ୟ ଆଦାୟ କରିବେ ।

ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗ (ଏଚ୍‌ଆଣ୍ଡୟୁଡି) ଅଧିନସ୍ଥ ଜନସ୍ୱାସ୍ଥ୍ୟ(ପିଏଚ୍)ବିଭାଜନ ସଂଖ୍ୟା-II, କଟକର ନଥିପତ୍ର ଯାଞ୍ଚ (ନଭେମ୍ବର 2021) ରୁ ଜଣାଗଲା ଯେ ଚାରୋଟି ପୌରାଞ୍ଚଳ[203]ରେ ଜଳଯୋଗାଣ ହୋଇନଥିବା ଅଞ୍ଚଳରେ[204] ଜଳଯୋଗାଣ ପାଇଁ ପାଇପ୍ ଲାଇନ୍ ବିଛାଇବା ନିମନ୍ତେ ସାତଟି କାର୍ଯ୍ୟର ଅଟକଳକୁ ଅଧିକ୍ଷଣ ଯନ୍ତ୍ରୀ (ଏସ୍‌ଇ), ପିଏଚ୍ ସର୍କଲ, କଟକ, 11.78 କୋଟି ଟଙ୍କାରେ ବୈଷୟିକ ମଞ୍ଜୁରୀ କରିଥିଲେ (ଜୁଲାଇ ଏବଂ ସେପ୍ଟେମ୍ବର 2017 ମଧ୍ୟରେ) । ଯେହେତୁ ନମନୀୟ ଲୌହ (ଡିଆଇ) କେ7 ପାଇପ୍ ଏକ ଅଣ-ନିର୍ଦ୍ଧାରିତ ଆଇଟମ୍, ସର୍ବୋଚ୍ଚ ଯନ୍ତ୍ରୀ, ପିଏଚ୍ ଓଡ଼ିଶା 100 ମିମି, 150 ମିମି ଏବଂ 200 ମିମି (Ø)[205] ଡିଆଇ କେ7 ପାଇପଗୁଡ଼ିକର ଦର ମିଟର ପ୍ରତି ଯଥାକ୍ରମେ 928 ଟଙ୍କା, 1,325 ଟଙ୍କା ଏବଂ 1,661 ଟଙ୍କା ଅନୁମୋଦିତ କରିଥିଲେ (ଜୁଲାଇ 2017) । ଅଟକଳ ପ୍ରସ୍ତୁତି ସମୟରେ, ନିର୍ବାହୀ ଯନ୍ତ୍ରୀ, 7.5 ପ୍ରତିଶତ ଓଭରହେଡ୍ ଚାର୍ଜ, ଏବଂ 7.5 ପ୍ରତିଶତ ଠିକାଦାରଙ୍କ ଲାଭ ଓ ମୌଳିକ ମୂଲ୍ୟ[206] ଉପରେ ଏକ ପ୍ରତିଶତ ଶ୍ରମ ସେସ୍ ଅନ୍ତର୍ଭୁକ୍ତ କରି 100

[203] i)ଯାଜପୁର ନଗର ନିଗମ, ii)ବ୍ୟାସନଗର ନଗର ନିଗମ, iii) ଜଗତସିଂହପୁର ନଗର ନିଗମ, iv) ପାରାଦୀପ ନଗର ନିଗମ

[204] ଯେଉଁ ଅଞ୍ଚଳରେ ଜଳ ଯୋଗାଣ ପାଇପଲାଇନ୍ ବିଛାଯାଇନଥିଲା

[205] ବ୍ୟାସ

[206] ମୌଳିକ ମୂଲ୍ୟ ହେଉଛି ସର୍ବୋଚ୍ଚ ଯନ୍ତ୍ରୀ, ପିଏଚ୍‌ଙ୍କ ଦ୍ୱାରା ଅନୁମୋଦିତ ମୂଲ୍ୟ ଏବଂ ଓଭରହେଡ୍ ଚାର୍ଜ ଏବଂ ଠିକାଦାରଙ୍କ ଲାଭ

ମିମି, 150 ମିମି ଏବଂ 200 ମିମି(Ø) ପାଇପର ମିଟର ପ୍ରତି ମୂଲ୍ୟ ଯଥାକ୍ରମେ 1,077.87 ଟଙ୍କା, 1,538.99 ଟଙ୍କା ଏବଂ 1,937.38 ଟଙ୍କା ଗ୍ରହଣ କରିଥିଲେ । 11.20 କୋଟି ଟଙ୍କାରେ ଡିସେମ୍ବର 2017 ରୁ ମାର୍ଚ୍ଚ 2018 ମଧ୍ୟରେ ଉକ୍ତ କାର୍ଯ୍ୟଗୁଡ଼ିକର କାର୍ଯ୍ୟାଦେଶ ଜାରି କରାଯାଇଥିଲା ଯାହା ମଇ 2018 ରୁ ଜୁଲାଇ 2018 ମଧ୍ୟରେ ସମାପ୍ତ ହେବାର ଥିଲା । ଠିକାଦାର ମାନଙ୍କୁ 10.58 କୋଟି ଟଙ୍କା ଦେୟ ସହିତ କାର୍ଯ୍ୟଗୁଡ଼ିକ ଚାଲୁ ରହିଥିଲା (ସେପ୍ଟେମ୍ବର 2021) ।

ପୁନଶ୍ଚ, ଏହା ଲକ୍ଷ୍ୟ କରାଗଲା ଯେ ଓଡ଼ିଶା, ଦ୍ରବ୍ୟ ଏବଂ ସେବା କର (ଜିଏସ୍‌ଟି) ଲାଗୁ ହେବା ପରେ, 100 ମିମି, 150 ମିମି ଏବଂ 200 ମିମି(Ø) ଡିଆଇ (କେ7) ପାଇପ୍‌କୁ ମିଟର ପ୍ରତି ଯଥାକ୍ରମେ 786.40 ଟଙ୍କା, 1,122.90 ଟଙ୍କା ଏବଂ 1,413.60 ଟଙ୍କା ହିସାବରେ ପୁନଃ ସଂଶୋଧିତ କରି ସର୍ବୋଚ୍ଚ ଯନ୍ତ୍ରୀ (ପିଏଚ୍) ଅନୁମୋଦନ କରିଥିଲେ (ଅକ୍ଟୋବର 2017) । ସେହି ଅନୁଯାୟୀ, ଡିଆଇ (କେ7) ପାଇପଗୁଡ଼ିକର ମୂଲ୍ୟ ଓଭର ହେଡ୍ ଚାର୍ଜ /ଠିକାଦାରଙ୍କ ଲାଭ ଏବଂ ଶ୍ରମ ସେସ୍‌କୁ ଅନ୍ତର୍ଭୁକ୍ତ କରି ମିଟର ପିଛା 913.40 ଟଙ୍କା, 1,304.75 ଟଙ୍କା ଏବଂ 1,641.90 ଟଙ୍କାରେ ସ୍ଥିର କରାଯାଇଥିଲା । ଯେହେତୁ ଡିଆଇ(କେ7) ପାଇପଗୁଡ଼ିକର ମୂଲ୍ୟ ହ୍ରାସ ପାଇଥିଲା, ଅଧୀକ୍ଷଣ ଯନ୍ତ୍ରୀ (ଏସ୍‌ଇ), ଜନସ୍ୱାସ୍ଥ୍ୟ (ପିଏଚ୍) ବିଭାଜନ ଚୁକ୍ତିନାମାର ଧାରା 31(a) ଅନୁଯାୟୀ ଠିକାଦାରଙ୍କ ଠାରୁ ଭିନ୍ନତା ମୂଲ୍ୟ ଅସୁଲ କରିବାର ଥିଲା । ସେପ୍ଟେମ୍ବର 2021 ସୁଦ୍ଧା ଅଧୀକ୍ଷଣ ଯନ୍ତ୍ରୀ (ଏସ୍‌ଇ), ଠିକାଦାରଙ୍କ ଠାରୁ ପାଇପର ଭିନ୍ନତା ମୂଲ୍ୟ ଆଦାୟ ନକରି ଦେୟ ପ୍ରଦାନ କରିଥିଲେ । 100 ମିଲିମିଟର (Ø) ପାଇପ୍ 41,075.50 ମିଟର, 150 ମିଲିମିଟର(Ø) ପାଇପ୍ 14,563 ମିଟର ଏବଂ 200 ମିଲିମିଟର (Ø) ପାଇପ୍ 1,816 ମିଟର ବିଛାଇବା ପାଇଁ ଠିକାଦାରଙ୍କୁ 1.05 କୋଟି ଟଙ୍କାର ଅନୁଚିତ୍ ଦେୟ ଏବଂ ଲାଭ ପ୍ରଦାନ କରାଯାଇଥିଲା, ଯାହା ***ପରିଶିଷ୍ଟ -XXXIV*** ରେ ଦର୍ଶାଯାଇଛି ।

ଏହାର ଉତ୍ତରରେ ଅଧିକ୍ଷଣ ଯନ୍ତ୍ରୀ ଦର୍ଶାଇଲେ (ନଭେମ୍ବର 2021) ଯେ ଅଣ-ନିର୍ଦ୍ଧାରିତ ଆଇଟମଗୁଡ଼ିକର ସର୍ବନିମ୍ନ ବଜାର ଦରକୁ ବିଚାର କରି ସର୍ବୋଚ୍ଚ ଯନ୍ତ୍ରୀ(ପିଏଚ୍)ଙ୍କ ଦ୍ୱାରା ପାଇପଗୁଡ଼ିକର ଦର ଅନୁମୋଦିତ ହୋଇଥିଲା । ଅଧିକ୍ଷଣ ଯନ୍ତ୍ରୀଙ୍କ ଉତ୍ତର ଗ୍ରହଣୀୟ ନୁହେଁ କାରଣ ଜିଏସ୍‌ଟି ଲାଗୁ ହେବା ପରେ ପାଇପର ମୂଲ୍ୟ ହ୍ରାସ ପାଇଥିବା ଯୋଗୁଁ ଚୁକ୍ତିନାମାର ଧାରା 31(a) ଅନୁଯାୟୀ ଡିଆଇ ପାଇପର ଭିନ୍ନତା ମୂଲ୍ୟ ଅଧିକ୍ଷଣ ଯନ୍ତ୍ରୀଙ୍କ ଦ୍ୱାରା ଠିକାଦାରଙ୍କ ଠାରୁ ଅସୁଲ କରାଯିବାର ଥିଲା ।

ଏହି ମାମଲା, ମାର୍ଚ୍ଚ 2022 ରେ ଏହି ମାମଲା ସରକାରଙ୍କୁ ଅବଗତ କରାଯାଇଥିଲା । ସେମାନଙ୍କର ଉତ୍ତରକୁ ଅପେକ୍ଷା କରାଯାଇଥିଲା (ଫେବୃଆରୀ 2024) ।

## 7.8 ପରିହାର୍ଯ୍ୟ ଅତିରିକ୍ତ ବ୍ୟୟ

**ବାଲୁଗାଁରୁ ଆଇଏନ୍‌ଏସ୍ ଚିଲିକାକୁ ଭୂତଳ ଜଳଭଣ୍ଡାର ସ୍ଥାନାନ୍ତର ଯୋଗୁଁ ଅଧିକ ପାଇପ ଲାଇନ୍ ବିଛାଯାଇଥିଲା, ଯାହାଫଳରେ 5.16 କୋଟି ଟଙ୍କାର ଅତିରିକ୍ତ ପରିହାର୍ଯ୍ୟ ବ୍ୟୟ ହୋଇଥିଲା ।**

ଓଡ଼ିଶା ପୂର୍ତ୍ତବିଭାଗ ସଂହିତାର ଅନୁଚ୍ଛେଦ 3.2.7 ଧାର୍ଯ୍ୟ କରିଛି ଯେ କୌଣସି ପ୍ରସ୍ତାବର ବୈଷୟିକ ଅନୁମୋଦନ ପାଇବା ସମୟରେ ନିଶ୍ଚିତ ହେବା ଉଚିତ୍ ଯେ ପ୍ରସ୍ତାବଟି ଗଠନମୂଳକ ଭାବରେ ସୁଦୃଢ଼ ଅଟେ ଏବଂ ଅଟକଳକୁ ସଠିକ୍ ଭାବରେ ମୂଲ୍ୟାୟନ କରାଯିବ ଯାହା ପର୍ଯ୍ୟାପ୍ତ ତଥ୍ୟ ଆଧାରିତ ଏବଂ ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ମଞ୍ଜୁର ପ୍ରାପ୍ତ ହୋଇଥିବ । ଜମି ଅଧିଗ୍ରହଣ ପାଇଁ ଅନୁଚ୍ଛେଦ 3.6.3 ଧାର୍ଯ୍ୟ କରେ ଯେ ଯେତେବେଳେ ସର୍ବସାଧାରଣ ଉଦ୍ଦେଶ୍ୟରେ ଜମି ଆବଶ୍ୟକ ହୁଏ, ସର୍ବସାଧାରଣ କାର୍ଯ୍ୟ ଦାୟିତ୍ୱରେ ଥିବା ଅଧିକାରୀ ପ୍ରଥମେ ଉକ୍ତ ଜିଲ୍ଲାର ଜିଲ୍ଲାପାଳଙ୍କ ସହିତ ପରାମର୍ଶ କରିବା ଉଚିତ୍ ଏବଂ ତାଙ୍କ ଠାରୁ ପୂର୍ଣ୍ଣ ସମ୍ଭାବ୍ୟ ସୂଚନା ଯଥା ଏକର ପ୍ରତି ଜମିର ସମ୍ଭାବ୍ୟ ମୂଲ୍ୟ ପ୍ରାପ୍ତ କରିବା ଆବଶ୍ୟକ । ଅନୁଚ୍ଛେଦ 3.7.4 ମଧ୍ୟ ଧାର୍ଯ୍ୟ କରେ ଯେ ଜଣେ ଦାୟିତ୍ୱ ପ୍ରାପ୍ତ ସରକାରୀ ଅଧିକାରୀଙ୍କ ଦ୍ୱାରା ପୂର୍ତ୍ତ ବିଭାଗକୁ ହସ୍ତାନ୍ତର ହୋଇ ନଥିବା ଜମିରେ କୌଣସି କାର୍ଯ୍ୟ ଆରମ୍ଭ କରାଯିବା ଉଚିତ୍ ନୁହେଁ ।

ନିର୍ବାହୀ ଯନ୍ତ୍ରୀ (ଇଇ), ଜନସ୍ୱାସ୍ଥ୍ୟ(ପିଏଚ୍) ବିଭାଜନ, ଭୁବନେଶ୍ୱରଙ୍କ ନଥିପତ୍ର ଯାଞ୍ଚରୁ ଜଣାଗଲା ଯେ ସାଳିଆ ଜଳଭଣ୍ଡାରରୁ ବାଲୁଗାଁ ଏବଂ ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍ଏସି) କୁ ଜଳ ଯୋଗାଣ ପାଇଁ 40.86 କୋଟି ଟଙ୍କାର ପ୍ରଶାସନିକ ଅନୁମୋଦନ(ଏଏ) ପ୍ରଦାନ କରାଯାଇଥିଲା (ସେପ୍ଟେମ୍ବର 2013) । ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟରୁ ବାଣପୁର ଓ ବାଲୁଗାଁ ଭୂତଳ ଜଳ ଭଣ୍ଡାର(ୟୁଜିଆର୍)କୁ 16.31 କୋଟି ଟଙ୍କାରେ ରାଇଜିଙ୍ଗ୍ ମେନ୍[207]ର ଏକ ବିତରଣ ବ୍ୟବସ୍ଥା ଉକ୍ତ କାର୍ଯ୍ୟରେ ଅନ୍ତର୍ଭୁକ୍ତ ଥିଲା । ଏହି କାର୍ଯ୍ୟର ଅଟକଳ, ମୁଖ୍ୟ ଯନ୍ତ୍ରୀ (ସିଇ), ଜନସ୍ୱାସ୍ଥ୍ୟ(ପିଏଚ୍)(ସହରୀ), ଓଡ଼ିଶାଙ୍କ ଦ୍ୱାରା 41.06 କୋଟି ଟଙ୍କାରେ ବୈଷୟିକ ଭାବରେ ଅନୁମୋଦିତ ହୋଇଥିଲା (ମଇ 2013) । ଉକ୍ତ କାର୍ଯ୍ୟରେ, ବାଲୁଗାଁ ଏବଂ ବାଣପୁରରେ ଦୁଇଟି ଭୂତଳ ଜଳଭଣ୍ଡାର(ୟୁଜିଆର୍) ନିର୍ମାଣ ଏବଂ ଏନ୍ଏସି କୁ ଜଳ ଯୋଗାଣ ପାଇଁ 20.473 କିଲୋମିଟର ପାଇପ୍ ଲାଇନ୍ ବିଛାଇବା ଯେଉଁଥିରେ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟରୁ ଭୂତଳ ଜଳଭଣ୍ଡାର (ୟୁଜିଆର୍) ପର୍ଯ୍ୟନ୍ତ ଏବଂ ମୁଖ୍ୟ ବଣ୍ଟନ କେନ୍ଦ୍ରରୁ ବାଲୁଗାଁ ଏବଂ ବାଣପୁର ଭୂତଳ ଜଳଭଣ୍ଡାର(ୟୁଜିଆର୍) ପର୍ଯ୍ୟନ୍ତ ପାଇପ୍ ଲାଇନ୍ ବିଛାଇବା ଅନ୍ତର୍ଭୁକ୍ତ । ବିସ୍ତୃତ ପ୍ରକଳ୍ପ ରିପୋର୍ଟ(ଡିପିଆର୍) ଅନୁଯାୟୀ, ବାଣପୁର ଏବଂ ବାଲୁଗାଁରେ ୟୁଜିଆର୍ ନିର୍ମାଣ ପାଇଁ ନିର୍ଦ୍ଧାରିତ ସ୍ଥାନଗୁଡ଼ିକ ଉପଯୁକ୍ତ ଥିଲା । କାର୍ଯ୍ୟର ପ୍ରଶାସନିକ ଅନୁମୋଦନ(ଏଏ) ଏବଂ ଡିପିଆର୍ ରେ ଉପରୋକ୍ତ ଜଳ ଯୋଗାଣ ପ୍ରକଳ୍ପ ପାଇଁ 50 ଲକ୍ଷ ଟଙ୍କା ଜମି ଅଧିଗ୍ରହଣ ନିମନ୍ତେ ପ୍ରଦାନ କରାଯିବା ବ୍ୟବସ୍ଥା କରାଯାଇଥିଲା ।

ଅଡିଟ୍ ଲକ୍ଷ୍ୟ କଲା ଯେ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟରୁ ବାଣପୁର ଓ ବାଲୁଗାଁ ୟୁଜିଆର୍ ପର୍ଯ୍ୟନ୍ତ ରାଇଜିଙ୍ଗ୍ ମେନ୍ ପାଇପ୍ ଲାଇନ୍ ବିଛାଇବା କାର୍ଯ୍ୟ ଅଧାରୁ ପରିବର୍ତ୍ତନ କରାଯାଇଥିଲା । କୌଣସି କାରଣ ଦର୍ଶାନଯାଇ, ପ୍ରସ୍ତାବିତ ୟୁଜିଆର୍‌କୁ ବାଲୁଗାଁରେ ନକରି ଆଇଏନ୍ଏସ୍ ଚିଲିକାଠାରେ କରିବାକୁ ମୁଖ୍ୟଯନ୍ତ୍ରୀ(ସିଏ), ଜନସ୍ୱାସ୍ଥ୍ୟ(ପିଏଚ୍) (ସହରୀ), ଓଡ଼ିଶା ଅନୁମୋଦନ କରିଥିଲେ (ମାର୍ଚ୍ଚ 2018) । ବାଲୁଗାଁରେ ୟୁଜିଆର୍ ସ୍ଥାପନ କରିବା ପରିବର୍ତ୍ତେ, 20.473[208]କିଲୋମିଟର ପରିବର୍ତ୍ତେ 28.142[209] କିଲୋମିଟର ପାଇପ୍ ଲାଇନ୍ ବିଛାଇବା କାର୍ଯ୍ୟ ପରିବର୍ତ୍ତନ କରାଯାଇ ଆଇଏନ୍ଏସ୍ ଚିଲିକା ଠାରେ ୟୁଜିଆର୍ ସ୍ଥାପନ କରାଯାଇଥିଲା । ସିଇ, ପିଏଚ୍(ସହରୀ)ଙ୍କ ଦ୍ୱାରା ଉକ୍ତ ସଂଶୋଧିତ କାର୍ଯ୍ୟକୁ 17.04 କୋଟି ଟଙ୍କାରେ ବୈଷୟିକ ମଞ୍ଜୁର କରାଯାଇଥିଲା (ଜୁଲାଇ 2017) ଯେଉଁଥିରେ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟରୁ ବାଣପୁର ଏବଂ ବାଲୁଗାଁ ୟୁଜିଆର୍ ପର୍ଯ୍ୟନ୍ତ ରାଇଜିଙ୍ଗ୍ ମେନ୍ ଅନ୍ତର୍ଭୁକ୍ତ ଥିଲା । ଅପ୍ରେଲ 2018 ରେ କାର୍ଯ୍ୟ ସମାପ୍ତ ଧାର୍ଯ୍ୟ କରାଯାଇ ଉକ୍ତ କାର୍ଯ୍ୟ ପାଇଁ 16.64 କୋଟି ଟଙ୍କାରେ କାର୍ଯ୍ୟାଦେଶ ଜାରି କରାଯାଇଥିଲା (ଜୁଲାଇ 2017) ଯାହା ଟେଣ୍ଡର ପାଇଁ ଧାର୍ଯ୍ୟ ଅଟକଳ ମୂଲ୍ୟରୁ 2.36 ପ୍ରତିଶତ କମ୍ ଥିଲା । ବାଣପୁର ଏବଂ ଆଇଏନ୍ଏସ୍ ଚିଲିକାରେ ୟୁଜିଆର୍ ନିର୍ମାଣ ସହିତ 28.142 କିଲୋମିଟର ପାଇପ୍ ଲାଇନ୍ ବିଛାଯାଇ 17.11 କୋଟି ଟଙ୍କା ବ୍ୟୟରେ ଉକ୍ତ କାର୍ଯ୍ୟଟି ସମାପ୍ତ ହୋଇଥିଲା ଯାହା ଚୁକ୍ତିନାମା ମୂଲ୍ୟ ଠାରୁ 2.78 ପ୍ରତିଶତ ଅଧିକ ଥିଲା ।

ଅଡିଟ୍ ଲକ୍ଷ୍ୟ କଲା ଯେ ଜଳ ଯୋଗାଣ ପ୍ରକଳ୍ପ ପାଇଁ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ଠାରୁ ୟୁଜିଆର୍ ପର୍ଯ୍ୟନ୍ତ 20.473 କିଲୋମିଟର ପାଇପ୍ ଲାଇନ୍ ବିଛାଇବା ପରିବର୍ତ୍ତେ, ଅଧୀକ୍ଷକ ଯନ୍ତ୍ରୀ (ଏସ୍‌ଇ) ପ୍ରସ୍ତାବିତ ସ୍ଥାନ ବାଲୁଗାଁ ବଦଳରେ ଆଇଏନ୍ଏସ୍ ଚିଲିକା ପର୍ଯ୍ୟନ୍ତ 28.142 କିଲୋମିଟର ପାଇପ୍ ଲାଇନ୍ ବିଛାଇଥିଲେ । ଏହାଦ୍ୱାରା 7.669 କିଲୋମିଟର ଅଧିକ ପାଇପ୍ ଲାଇନ୍ ବିଛାଯାଇଥିଲା ଯାହାଫଳରେ 3.36 କୋଟି ଟଙ୍କାର ପରିହାର୍ଯ୍ୟ ଅତିରିକ୍ତ ଖର୍ଚ୍ଚ ହେଲା । ପୁନଶ୍ଚ, ବାଲୁଗାଁ ରୁ ଆଇଏନ୍ଏସ୍ ଚିଲିକାକୁ ୟୁଜିଆର୍ ସ୍ଥାନାନ୍ତର ହେତୁ, ବିଭାଗକୁ ଚିଲିକା ଠାରୁ ବାଲୁଗାଁ ପର୍ଯ୍ୟନ୍ତ ଏକ ପାଇପଲାଇନ୍ ବିଛାଇବାକୁ ପଡ଼ିଲା ଯାହା ଏଡ଼ାଯାଇ ପାରିଥାନ୍ତା । ଅଡିଟ୍ ଦ୍ୱାରା, ଆଇଏନ୍ଏସ୍ ଚିଲିକା ଠାରୁ ବାଲୁଗାଁ ପର୍ଯ୍ୟନ୍ତ ନୂତନ ପାଇପଲାଇନ୍ ସ୍ଥାପନ ସମ୍ବନ୍ଧୀୟ ରେକର୍ଡ ଗୁଡ଼ିକୁ ପ୍ରଦାନ କରିବା ପାଇଁ ବିଭାଗକୁ ବାରମ୍ବାର ଅନୁରୋଧ ପରେ, ବିଭାଗ 1.80 କୋଟି ଟଙ୍କା ମୂଲ୍ୟର ପାଇପଲାଇନ୍ କାର୍ଯ୍ୟ ସମ୍ପର୍କିତ ଆକଳନ ଏବଂ ଚୁକ୍ତିନାମା ପ୍ରଦାନ କରିଥିଲେ ।

---

207 ରାଇଜିଂ ମେନ୍ ହେଉଛି ପମ୍ପରୁ ଷ୍ଟୋରେଜ୍ ଟ୍ୟାଙ୍କ ପର୍ଯ୍ୟନ୍ତ ଜଳ ପରିବହନ କରୁଥିବା ପାଇପଲାଇନ୍

208 20.473 କିଲୋମିଟର ପାଇପଲାଇନ୍=13.177 କିଲୋମିଟର ପାଇଁ 400 ମିମି, 1.325 କିଲୋମିଟର ପାଇଁ 350 ମିମି ପାଇପଲାଇନ୍ ଏବଂ 5.971 କିଲୋମିଟର ପାଇଁ 300 ମିମି ବ୍ୟାସ ବିଶିଷ୍ଟ ଏମ୍ଏସ୍ ପାଇପ୍

209 28.142 କିଲୋମିଟର ପାଇପଲାଇନ୍ = 13.274 କିଲୋମିଟର 400 ମିମି, 12.468 କିଲୋମିଟର 350 ମିମି ଏବଂ 2.400 କିଲୋମିଟର ପାଇଁ 300 ମିମି ବ୍ୟାସ ବିଶିଷ୍ଟ ଏମ୍ଏସ୍ ପାଇପ୍

ମିଳିତ ସରଜମିନ୍ ତଦନ୍ତ ସମୟରେ (ଅକ୍ଟୋବର, 2021) ଜଣାଗଲା ଯେ ପୁରୁଣା ଏନ୍‌ଏଚ୍-5 କଡଦେଇ ଏକ ନୂତନ ପାଇପଲାଇନ୍ ଆଇଏନ୍‌ଏସ୍ ଚିଲିକା ଠାରୁ ବାଲୁଗାଁ ଏନ୍‌ଏସି ପର୍ଯ୍ୟନ୍ତ ବିଛାଯାଇଥିଲା । ସଂଶୋଧିତ ରାଇଜିଂ ମେନର ଚିତ୍ର ନିମ୍ନରେ ଦର୍ଶାଯାଇଛି:




ତେଣୁ, ବୈଧ କାରଣ ବିନା କାର୍ଯ୍ୟ ଚାଲୁଥିବା ସମୟରେ ପାଇପଲାଇନ୍ ବିଛାଇବା କାର୍ଯ୍ୟର ପରିବର୍ତ୍ତନ ହେତୁ 5.16 କୋଟି (3.36 କୋଟି ଟଙ୍କା+1.80 କୋଟି ଟଙ୍କା)ର ପରିହାର୍ଯ୍ୟ ଅତିରିକ୍ତ ବ୍ୟୟ ହୋଇଥିଲା ।

ଏହାର ଉତ୍ତରରେ, ଏସ୍‌ଇ ବ୍ୟକ୍ତ କଲେ (ଜାନୁଆରୀ 2022) ଯେ ଜଳଭଣ୍ଡାର ନିର୍ମାଣ ପାଇଁ ପ୍ରଥମେ ମନୋନୀତ ଜମି ଧାନ କ୍ଷେତ ମଧ୍ୟରେ ଥିଲା ଯାହା ବର୍ଷା ଋତୁରେ ସମ୍ପୂର୍ଣ୍ଣ ଜଳମଗ୍ନ ହୋଇଯିବ । ଜଳମଗ୍ନତା ହେତୁ, ଜଳଭଣ୍ଡାର ନିର୍ମାଣ ସମ୍ଭବ ନଥିଲା ଏବଂ ଭୂତଳ ଜଳ ସ୍ତର ଟେବୁଲ୍ ଉଚ୍ଚ ସ୍ତରରେ ଥିବା ଜଣାପଡ଼ିଥିଲା । ଜଳଭଣ୍ଡାର ନିର୍ମାଣ ପାଇଁ ଚୟନ ହୋଇଥିବା ସ୍ଥାନକୁ ରାସ୍ତା ନଥିଲା ଯାହା ଫଳରେ ଜଳଭଣ୍ଡାର ନିର୍ମାଣ ପାଇ ଉକ୍ତ ସ୍ଥାନ ଅନୁପଯୁକ୍ତ ଥିଲା । ଯେହେତୁ ଆଇଏନ୍‌ଏସ୍ ଚିଲିକା ନିକଟରେ ଜମି ଉପଲବ୍ଧ ଏବଂ ନିର୍ମାଣ ପାଇଁ ଏହା ଉପଯୁକ୍ତ ଥିଲା, ୟୁଜିଆର୍ କୁ ଆଇଏନ୍‌ଏସ୍ ଚିଲିକାକୁ ସ୍ଥାନାନ୍ତର କରାଯାଇଥିଲା ।

ଏହି ଉତ୍ତର ଗ୍ରହଣୀୟ ନଥିଲା, କାରଣ ସଂଶୋଧିତ ଅଟକଳରେ ବାଲୁଗାଁ ରୁ ଆଇଏନ୍‌ଏସ୍ ଚିଲିକାକୁ ୟୁଜିଆର୍ ସ୍ଥାନାନ୍ତରଣର କାରଣ ଉଲ୍ଲେଖ କରାଯାଇନଥିଲା । ଏତଦ୍ ବ୍ୟତୀତ, ନିର୍ବାହୀ ଯନ୍ତ୍ରୀଙ୍କ ଦ୍ୱାରା ସର୍ବେକ୍ଷଣ ଓ ଅନୁସନ୍ଧାନ ପରେ ୟୁଜିଆର୍ ପାଇଁ ବାଲୁଗାଁରେ ଉପଯୁକ୍ତ ସ୍ଥାନ ଥିବା ସୁନିଶ୍ଚିତ କରାଯିବା (ମଇ 2013) ଏବଂ ତଦନୁଯାୟୀ ଉକ୍ତ କାର୍ଯ୍ୟର ଅଟକଳକୁ ବୈଷୟିକ ମଞ୍ଜୁର କରିବା ପ୍ରକ୍ରିୟାକୁ ଅଧିକ୍ଷଣ ଯନ୍ତ୍ରୀଙ୍କ ଏହି ଉତ୍ତର ପ୍ରତିବାଦ କରିଥିଲା । ଅଧିକନ୍ତୁ, ବାଲୁଗାଁରେ ଉପଯୁକ୍ତ ଜମି ଉପଲବ୍ଧ ନହେବା ପାଇଁ ଅଧିକ୍ଷଣ ଯନ୍ତ୍ରୀ କୌଣସି ଡକ୍ୟୁମେଣ୍ଟାରୀ ପ୍ରମାଣ ପ୍ରଦାନ କରିପାରି ନଥିଲେ । ଆହୁରି ମଧ୍ୟ, ଅଧିକ୍ଷଣ ଯନ୍ତ୍ରୀ ବ୍ୟକ୍ତ କଲେ ଯେ ବାଲୁଗାଁ ଏନ୍‌ଏସି କୁ ଜଳ ଯୋଗାଣ ବିଦ୍ୟମାନ ଥିବା ପାଇପଲାଇନ୍ ପାର୍ଶ୍ୱ ଧାନ ବିଲ ଦେଇ ବିଛାଯାଇଥିଲା । ଏହା ଅଡିଟ୍ ଏବଂ ବିଭାଗ ଦ୍ୱାରା ମିଳିତ ସରଜମିନ୍ ତଦନ୍ତ (ଅକ୍ଟୋବର 2021) ସମୟରେ ନିଶ୍ଚିତ ହୋଇସାରିଥିଲା । ଏହି ତ୍ରୁଟି ଯୋଗୁଁ ପରିହାର୍ଯ୍ୟ ବ୍ୟୟ ହୋଇଥିବା ସତ୍ତ୍ୱେ ସଂପୃକ୍ତ ଅଧିକାରୀଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିଲା ।

## 7.9 ନିଷ୍ଫଳ ବ୍ୟୟ

**ଜଳ ସମ୍ପଦ ବିଭାଗ (ଡିଓଡବ୍ଲୁଆର୍) ବିନା ଅନୁମତିରେ ଜଳ ଯୋଗାଣ ପ୍ରକଳ୍ପ ପାଇଁ ପେଡେଷ୍ଟାଲ୍ ନିର୍ମାଣ, ଯାହାଫଳରେ କାର୍ଯ୍ୟ ପରିସରରେ ପରିବର୍ତ୍ତନ ଯୋଗୁଁ 91 ଲକ୍ଷ ଟଙ୍କା ଅପବ୍ୟୟ ହୋଇଥିଲା ।**

ଓଡ଼ିଶା ପୂର୍ତ୍ତ ବିଭାଗ ସଂହିତା (ଓପିଡବ୍ଲୁଡି) କୋଡର ଅନୁଚ୍ଛେଦ 3.4.10 ସୂଚିତ କରିଛି ଯେ ଅଟକଳ ସର୍ବାଧିକ ମିତବ୍ୟୟୀ ଆଧାରରେ ତିଆରି ହେବା ଉଚିତ୍ । ଓଡ଼ିଶା ପୂର୍ତ୍ତ ବିଭାଗ ସଂହିତା କୋଡର ଅନୁଚ୍ଛେଦ 2.2.62 ରେ ସୂଚିତ କରିଛି ଯେ ସମୟ ଏବଂ ଯତ୍ନଶୀଳ କ୍ଷେତ୍ର ସର୍ବେକ୍ଷଣ ଏବଂ ଅନୁସନ୍ଧାନ ପାଇଁ ଉପ-ବିଭାଗୀୟ ଅଧିକାରୀଙ୍କ ନିର୍ଦ୍ଦିଷ୍ଟ ଧ୍ୟାନ ଧାର୍ଯ୍ୟ କରେ, ତାଙ୍କ ସବ୍‌ଡିଭିଜନରେ ହେବାକୁ ଥିବା ସମସ୍ତ କାର୍ଯ୍ୟ ପାଇଁ ସଂଶୋଧିତ ଆକଳନ

ସହିତ ଯୋଜନା ଏବଂ ଆକଳନ ପ୍ରସ୍ତୁତ ହେବା ଉଚିତ୍ । ଆଇଏସ୍ 5822:1994[210] ର ଅନୁଚ୍ଛେଦ 4.2.1 ଅନୁଯାୟୀ, ଯେଉଁଠାରେ ପାଇପ୍ ଲାଇନ୍ ସ୍ଥାପନ ସମୟରେ ପଥର କିମ୍ବା ବୋଲ୍ଡର ସମ୍ମୁଖୀନ ହୁଏ, ସେହି ଖାଲଟି ଅତି କମରେ 100 ମିଲିମିଟର ଗଭୀରତାରେ ଛେଦନ ହେବ ଯେଉଁଥିରେ ବ୍ୟାକ କଭର ତଳଭାଗ ଅଛି । ପାଇପ୍ ରଖିବାକୁ ହେବ ଏବଂ ଏହା ଏକ ଗଭୀରତାରେ ଭରିବାକୁ ପଡ଼ିବ, ପତଳା ସିମେଣ୍ଟ କଂକ୍ରିଟ୍ ସହିତ, କିମ୍ବା ସଙ୍କୋଚନୀୟ ପଦାର୍ଥ ସହିତ (ପର୍ଯ୍ୟାପ୍ତ ଗଭୀରତାର ବାଲି ପାରି) ଭରିବାକୁ ହେବ । ନିମ୍ନରେ ଦେଖାଯାଇଥିବା ପରି ଏକ ବକ୍ର ଆସନ ଦେବାକୁ ।




*ଉତ୍ସ: ଆଇଏସ୍ **5822:1994**, ଜଳ ଯୋଗାଣ ପାଇଁ ବୈଦ୍ୟୁତିକ ୱେଲ୍ଡ ଷ୍ଟୀଲ୍ ପାଇପ୍ ପକାଇବା ପାଇଁ ଅଭ୍ୟାସ ସଂକେତ ।*

ଭୂତଳ ପାଇପ୍ ଲାଇନ୍ ସ୍ଥାପନ ପାଇଁ ଜାରି କରାଯାଇଥିବା ସରକାରୀ ଜମି ଉପରେ ରାଇଟ୍-ଅଫ୍-ୱେ (ଆର୍ଓଡବ୍ଲୁ) ପ୍ରଦାନ ପାଇଁ ଏକକ ନିର୍ଦ୍ଦେଶାବଳୀ ଅନୁଯାୟୀ (ଫେବୃଆରୀ 2014) ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନ ବିଭାଗ ଦ୍ୱାରା ଦକ୍ଷ ଅଧିକାରୀଙ୍କ ନିକଟରେ ଆବେଦନ କରିବେ । ବିଭିନ୍ନ ପ୍ରଶାସନିକ ବିଭାଗ ଦ୍ୱାରା କ୍ଷମତା ପ୍ରାପ୍ତ ଅଧିକାରୀମାନେ କରିବେ ଓଡ଼ିଶା ସରକାରୀ ଜମି ସେଟଲମେଣ୍ଟ ଆକ୍ଟ, 1962 ଅନୁଯାୟୀ ସରକାରୀ ଜମିକୁ ବିଦେଶୀକରଣ ପାଇଁ ଆବେଦନ କରିବାକୁ ନିଯୁକ୍ତ ଅଧିକାରୀ ଭାବରେ ଘୋଷିତ ହେବେ ।

ୱାଟର କର୍ପୋରେସନ୍ ଅଫ୍ ଇଣ୍ଡିଆ (ୱାଟ୍କୋ), କଟକ ରେକର୍ଡଗୁଡ଼ିକର ଯାଞ୍ଚରୁ ଜଣାଗଲା ଯେ, ଓଡ଼ିଶାର ଇଞ୍ଜିନିୟର-ଇନ୍-ଚିଫ୍ (ଇଆଇସି), ଜନସ୍ୱାସ୍ଥ୍ୟ (ପିଏଚ୍)-ସହରୀ ପାନୀୟ ଜଳ ଯୋଗାଣ ପ୍ରକଳ୍ପ "କଟକ ଟାଉନ୍ (ପ୍ରଥମ ପର୍ଯ୍ୟାୟ-I B) କୁ ଜଳ ଯୋଗାଣ ର ଉନ୍ନତିକରଣ" କୁ 22.06 କୋଟି ଟଙ୍କାରେ ବୈଷୟିକ ମଞ୍ଜୁର କରିଥିଲେ (ଜୁନ୍ 2016) । କାର୍ଯ୍ୟକୁ (ଜୁଲାଇ 2018 ସୁଦ୍ଧା) ଶେଷ ହେବା ପାଇଁ ଚୁକ୍ତିନାମା ମୂଲ୍ୟ 22.06 କୋଟି ଟଙ୍କା ସହିତ ଏକ ଠିକାଦାରଙ୍କୁ (ଜୁଲାଇ 2016) କାମ ପ୍ରଦାନ କରାଯାଇଥିଲା । ପରବର୍ତ୍ତୀ ସମୟରେ ଏହି ଆକଳନକୁ 33.35 କୋଟି ଟଙ୍କାରେ ପୁନଃ ସଂଶୋଧିତ କରାଯାଇଥିଲା (ନଭେମ୍ବର 2021) ଏବଂ 30.20 କୋଟି ଟଙ୍କା ପ୍ରଦାନ କରାଯାଇଥିଲା (ଜୁନ୍ 2022 ସୁଦ୍ଧା) ।

ସାଇଟ୍ର ଅବସ୍ଥାକୁ ଅନୁଧ୍ୟାନ କରି ଅଡିଟ୍ ଦେଖିଲେ ଯେ, ଏଚ୍ଆଣ୍ଡୟୁଡି ବିଭାଗ (ନଭେମ୍ବର 2017) ଯେ 5.55 କୋଟି ଟଙ୍କାର ଅତିରିକ୍ତ କାର୍ଯ୍ୟ ଅନୁମତି ଦେଇଥିଲା ଯେଉଁଥିରେ ଅର୍ନ୍ତମୁଖ କୂପ ଠାରୁ ଜଳ ବିଶୋଧନ କାରଖାନା (ଡବ୍ଲୁଟିପି) ପର୍ଯ୍ୟନ୍ତ ଏମ୍ଏସ୍ ପାଇପ୍ ଲାଇନ୍ ନିର୍ମାଣ ପାଇଁ ଆରସିସି ପେଡେଷ୍ଟାଲ୍[211] ନିର୍ମାଣ କରାଯାଇଥିଲା । ଏହି ଜମି ଜଳ ସମ୍ପଦ ବିଭାଗ (ଡିଓଡବ୍ଲୁଆର୍) ଅଧିନରେ ଥିଲା । ତଥାପି ଏଚ୍ଆଣ୍ଡୟୁଡି ବିଭାଗ ଡିଓଡବ୍ଲୁଆର୍ ରୁ ଅନୁମତି ପାଇନଥିଲା । ଆହୁରି ମଧ୍ୟ, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ (ଇଇ), ପିଏଚ୍ ଡିଭିଜନ ନଂ-1, କଟକ, ଚହଟା ନିକଟରେ ପ୍ରସ୍ତାବିତ ଅନ୍ତର୍ମୁଖ କୂପ ସ୍ଥାନରୁ 1300 ମିଲିମିଟର ବ୍ୟାସ ଏମ୍ଏସ୍ (ମିଲ୍ଡ ଷ୍ଟୀଲ୍) ପାଇପ ଲାଇନ୍ ସ୍ଥାପନ ପାଇଁ ଡିଓଡବ୍ଲୁଆର୍ ରୁ ଅନୁମତି ପାଇଁ ଆବେଦନ କରିଥିଲେ (ଫେବୃଆରୀ 2018) ଚହଟା କ୍ଷେତ୍ରର ମହାନଦୀ ସେତୁ ପାର୍ଶ୍ୱକୁ କଟକ ବିକାଶ ପ୍ରାଧିକରଣ (ସିଡିଏ) ର କ୍ଷେତ୍ର-12 ର ଅନୁମତି ପ୍ରାପ୍ତ ହୋଇଥିବା ବେଳେ (ଅଗଷ୍ଟ 2019), ଡିଓଡବ୍ଲୁଆର୍ ଧାର୍ଯ୍ୟ କରିଥିଲା ଯେ ପାଇପ୍ ଲାଇନ୍ ଗୁଡ଼ିକ ଭୂତଳ ଭାଗରେ ରଖାଯିବ,

210 ଜଳ ଯୋଗାଣ ପାଇଁ ବୈଦ୍ୟୁତିକ ୱେଲ୍ଡ ଷ୍ଟୀଲ୍ ପାଇପ୍ ବିଛାଇବା ପାଇଁ କୋଡର ବ୍ୟବହାର

211 ଆର୍ସିସି ପେଡେଷ୍ଟାଲ ହେଉଛି ଏକ ସଙ୍କୋଚନ ଉପାଦନ ଯାହାକି ସ୍ତମ୍ଭ, ପ୍ରତିମୂର୍ତ୍ତି ଇତ୍ୟାଦି ସମର୍ଥିତ ଉପାଦାନକୁ ଭୂମି ତଳେ ପାଦ ରଖିବା ପାଇଁ ପ୍ରଦାନ କରାଯାଇଥାଏ ।

ଜମିର ଅତି ପ୍ରାନ୍ତରେ ବନ୍ୟା ସୁରକ୍ଷା ବନ୍ଧ-କମ୍-ରିଙ୍ଗ୍ ରାସ୍ତାର ଆଙ୍ଗୁଠି ଠାରୁ ଯଥେଷ୍ଟ ଦୂରରେ, ତେଣୁ ହାଇଡ୍ରୋଲିକ୍ ଗ୍ରେଡିଏଣ୍ଟ(ଏଚ୍‌ଜି) ଲାଇନ୍[212] ଗ୍ରାମାଞ୍ଚଳରେ ବିଚଳିତ ହେବ ନାହିଁ । ଅଧିକ୍ଷକ ଇଞ୍ଜିନିୟର, ପିଏଚ୍ ସର୍କଲ ସଂଶୋଧିତ ଆକଳନ (ଜୁଲାଇ 2019), ଇଆଇସି, ପିଏଚ୍, ଓଡ଼ିଶାରେ 27.53 କୋଟି ଟଙ୍କା ଦାଖଲ କରିଛନ୍ତି କାରଣ କାର୍ଯ୍ୟ ପରିସରରେ ପରିବର୍ତ୍ତନ ହେତୁ ଆର୍‌ସିସି ପେଡେଷ୍ଟାଲ୍ ବିରୁଦ୍ଧରେ କଂକ୍ରିଟ୍ ବ୍ଲକ୍ ଅନ୍ତର୍ଭୁକ୍ତ କରାଯାଇଥିଲା ।

ଜଳ ସମ୍ପଦ ବିଭାଗ ଦ୍ୱାରା ଅବସ୍ଥାପିତ ଅବସ୍ଥା ସତ୍ତ୍ୱେ, ଅଣ୍ଡରଗ୍ରାଉଣ୍ଡ ପାଇପ୍ ଲାଇନ୍ ସ୍ଥାପନକୁ ନିଶ୍ଚିତ କରିବାକୁ, ଇଇ, ପିଏଚ୍ ଡିଭିଜନ ନମ୍ବର-1, କଟକ (ଡିସେମ୍ବର 2019) ଏଜେନ୍ସୀ ସହିତ 2.62 କୋଟି ଟଙ୍କାର ଏକ ସପ୍ଲିମେଣ୍ଟାରୀ ଚୁକ୍ତି କରିଥିଲେ, ଯେଉଁଥିରେ ଉପରୋକ୍ତ 1.02 କୋଟି ଟଙ୍କା ପାଇଁ ଆରସିସି ପେଡେଷ୍ଟାଲ ନିର୍ମାଣ ଅନ୍ତର୍ଭୁକ୍ତ ଥିଲା । ଜାନୁଆରୀ 2020 ସୁଦ୍ଧା, 91 ଲକ୍ଷ ଟଙ୍କା ମୂଲ୍ୟର ଏମ୍‌ଏସ୍ ପାଇପ୍ ଲାଇନ୍ ସ୍ଥାପନ ପାଇଁ ଏଜେନ୍ସୀ ଆରସିସି ପେଡେଷ୍ଟାଲ୍ ନିର୍ମାଣ କରିଥିଲା, ଯାହା ଅବାଞ୍ଛିତ ଥିଲା ଏବଂ ବ୍ୟୟବହୁଳ ହୋଇଥିଲା ।

ଜେନେରାଲ୍ ମ୍ୟାନେଜର (ଜିଏମ୍),ୱାଟ୍‌କୋ, କଟକ (ଫେବୃଆରୀ 2022) କହିଛନ୍ତି ଯେ ପେଡେଷ୍ଟାଲ୍ ପାଇଁ 109 ଟି କଂକ୍ରିଟ୍ ବ୍ଲକ୍ ନିର୍ମାଣ କରାଯାଇଛି ଯାହାକି ନୂତନ ବ୍ଲକ୍ ନିର୍ମାଣ ବିନା ଆରସିସି ବ୍ଲକ୍ ଭାବରେ ବ୍ୟବହୃତ ହୋଇଥିଲା । ଏହାର ଉତ୍ତର ଗ୍ରହଣୀୟ ନୁହେଁ । ଯେହେତୁ ଜିଏମ୍ ଆର୍‌ସିସି ପେଡେଷ୍ଟାଲ୍ ନିର୍ମାଣ ପାଇଁ ସପ୍ଲିମେଣ୍ଟାରୀ ଚୁକ୍ତିନାମା କାର୍ଯ୍ୟକାରୀ କରିଛି, ଭୂତଳ ପାଇପ୍ ଲାଇନ୍ ଲଗାଯିବାକୁ ଥିବା ଡିଓଡବ୍ଲୁଆର୍ ର ସର୍ତ୍ତ ସତ୍ତ୍ୱେ ।

ଜାନୁଆରୀ 2023 ରେ ଏହି ମାମଲା ସରକାରଙ୍କୁ ଅବଗତ କରାଯାଇଥିଲା, ଉତ୍ତର ଅପେକ୍ଷା କରାଯାଇଛି (ଫେବୃଆରୀ 2024) ।

## ଇସ୍ପାତ୍ ଓ ଖଣି ବିଭାଗ

### 7.10 ଡେଡ୍ ରେଣ୍ଟ ଏବଂ ପରିଣାମୀ ସୁଧ ଆଦାୟ ନହେବା

**କାର୍ଯ୍ୟକ୍ଷମ ନଥିବା ଖଣି ଗୁଡ଼ିକ ଠାରୁ ଡେଡ୍ ରେଣ୍ଟ ଏବଂ ପରିଣାମୀ ସୁଧ ଦାବି କରିବାରେ ବିଫଳତା ଯୋଗୁଁ 2.06 କୋଟି ଟଙ୍କାର ରାଜସ୍ୱ ଆଦାୟ ହୋଇପାରି ନଥିଲା ।**

ଖଣି ଓ ଖଣିଜ ପଦାର୍ଥ (ବିକାଶ ଓ ନିୟମାବଳୀ) ଅଧିନିୟମ, 1957ର ଧାରା 9(A) ଅନୁଯାୟୀ ତୃତୀୟ ସୂଚୀରେ, ସମୟାନୁସାରେ କରାଯାଇଥିବା ନିର୍ଦ୍ଧାରିତ ଦରରେ, ସରକାରଙ୍କୁ ପ୍ରତିବର୍ଷ, ଲିଜ୍ ଅନ୍ତର୍ଭୁକ୍ତ ସମସ୍ତ ଖଣି ଅଞ୍ଚଳ ପାଇଁ ଖଣି ଲିଜ୍‌ଧାରୀ ମାନେ ଡେଡ୍ ରେଣ୍ଟ[213] ପ୍ରଦାନ କରିବେ । ଏହା ବ୍ୟତୀତ, ଖଣିଜ ରିହାତି ନିୟମ, 1960 ର ଧାରା 64(A) ଅନୁଯାୟୀ, ନିୟମାନୁଯାୟୀ ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା କୌଣସି ପ୍ରକାର ଭଡ଼ା ଦେୟ ତାରିଖରୁ 60 ଦିନ ବିତିଯାଇଥାଏ ତେବେ ରାଜ୍ୟ ସରକାର ପ୍ରତିବର୍ଷ 24 ପ୍ରତିଶତ ହାରରେ ସମ୍ପୂର୍ଣ୍ଣ ସୁଧ ଆଦାୟ କରିପାରନ୍ତି ।

ଖଣି ଉପନିର୍ଦ୍ଦେଶକ, ସମ୍ବଲପୁରଙ୍କ ଖଣି ଲିଜ୍ ରେକର୍ଡର (ମାର୍ଚ୍ଚ 2022) ଅନୁଧ୍ୟାନରୁ ଜଣାପଡ଼ିଲା ଯେ ମହାନଦୀ କୋଲ୍‌ଫିଲ୍ଡ ଲିମିଟେଡ୍ (ଏମ୍‌ସିଏଲ୍) ଚାରିଟି[214] ଖଣି ଅଧିଗ୍ରହଣ କରିଥିଲେ (ମଇ 1973) । ଏହି ଖଣିଗୁଡ଼ିକରୁ କୋଇଲା ଉତ୍ପାଦନ ବନ୍ଦ ହୋଇଯାଇଥିଲା ଏବଂ ସମସ୍ତ ଚାରଟିଯାକ ଖଣି ବିଭିନ୍ନ ତାରିଖ[215] 24 ସେପ୍ଟେମ୍ବର 1999 ରୁ 11 ଅଗଷ୍ଟ 2015 ମଧ୍ୟରେ କାର୍ଯ୍ୟକ୍ଷମ ନଥିଲା । ଏହି ପରିପ୍ରେକ୍ଷୀରେ ଏମ୍‌ସିଏଲ୍, ଏହି

---

212 ଏକ ପାଇପ୍ ଲାଇନରୁ ଉଠୁଥିବା ଭୂଲମ୍ବ ଖୋଲା ପାଇପ୍ ଗୁଡ଼ିକର ଏକ କ୍ରମରେ ଜଳର ସର୍ବୋଚ୍ଚ ଉଚ୍ଚତା ସହିତ ଏକ ରେଖା ଯୋଗ କରେ, ଯେଉଁଥିରେ ଜଳ ଚାପରେ ପ୍ରବାହିତ ହୁଏ ।

213 ଡେଡ୍ ରେଣ୍ଟ ଅର୍ଥ ଏହି ନିୟମ ଅନୁଯାୟୀ ଖଣି ଲିଜ୍ ପ୍ରଦାନ କରିଥିବା ବ୍ୟକ୍ତିଙ୍କ ଦ୍ୱାରା ଏକ ବର୍ଷରେ ସର୍ବନିମ୍ନ ପରିମାଣର ଦେୟ ପ୍ରଦାନ କରାଯାଇଥାଏ ଯାହା ସମ୍ପୂର୍ଣ୍ଣ କିମ୍ବା ଆଂଶିକ ଭାବେ ପରିଚାଳନା କରନ୍ତି କି ନାହିଁ ତାହା ଉପରେ ନିର୍ଭର କରେ ।

214 ଓରିଏଣ୍ଟ କୋଇଲା ଖଣି, ନୂଆ ଗଣ୍ଡଘୋରା କୋଇଲା ଖଣି, ଗଣ୍ଡଘୋରା କୋଇଲା ଖଣି ଏବଂ ଇବ୍ ନଦୀ କୋଇଲା ଖଣି ।

215 ଓରିଏଣ୍ଟ କୋଇଲା ଖଣି (26 ନଭେମ୍ବର 2014), ନୂଆ ଗଣ୍ଡଘୋରା କୋଇଲା ଖଣି (11 ଅଗଷ୍ଟ 2015), ଗଣ୍ଡଘୋରା କୋଇଲା ଖଣି (30 ନଭେମ୍ବର 2013) ଏବଂ ଇବ୍ ନଦୀ କୋଇଲା ଖଣି (24 ସେପ୍ଟେମ୍ବର 1999) ।

ଅଣକାର୍ଯ୍ୟକ୍ଷମ ଖଣିଗୁଡ଼ିକ ପାଇଁ ଉତ୍ପାଦନ ବନ୍ଦ ହେବା ତାରିଖ ପରଠାରୁ ଡେଡ୍ ରେଣ୍ଟ ପ୍ରଦାନ କରିବା ଉଚିତ୍ । କିନ୍ତୁ, ଏହା ଦେଖାଗଲା ଯେ ନିର୍ଦ୍ଧାରିତ ତାରିଖରୁ ଡେଡ୍ ରେଣ୍ଟ ଭଡ଼ା ଆଦାୟ କରିବା ପରିବର୍ତ୍ତେ ଉପ-ଖଣି ନିର୍ଦ୍ଦେଶକ କେବଳ ଜାନୁଆରୀ 2020 ଠାରୁ ଡେଡ୍ ରେଣ୍ଟ ଆଦାୟ ପାଇଁ ଦାବି ଉପସ୍ଥାପନ କରିଥିଲେ । ଲିଜ୍ ଧାରୀଙ୍କ ଠାରୁ ସୁଧ ସହିତ ଡେଡ୍ ରେଣ୍ଟ ଦେୟ ପରିମାଣ ମୋଟ 2.06 କୋଟି ଟଙ୍କା ଆଦାୟ କରିବାର ଥିଲା ଯାହା ***ପରିଶିଷ୍ଟ-XXXV*** ରେ ଦର୍ଶାଯାଇଅଛି ।

ଅଡିଟ୍ ଦ୍ୱାରା ଏହା ସୂଚିତ କରାଗଲା ପରେ ଉପଖଣି ନିର୍ଦ୍ଦେଶକ ଡିସେମ୍ବର 2021 ପର୍ଯ୍ୟନ୍ତ ସୁଧ ହିସାବ କରି 2.04 କୋଟି ଟଙ୍କା ଦେୟ ପାଇଁ ଖଣି ଲିଜ୍ଧାରୀମାନଙ୍କୁ ଦାବି ଜାରି କରିଥିଲେ (ଜୁନ୍ 2022) । ଦାବି ହୋଇଥିବା ରାଜସ୍ୱ ଏପର୍ଯ୍ୟନ୍ତ ଅସୁଲ ହୋଇପାରି ନାହିଁ (ମାର୍ଚ୍ଚ 2023) ।

## 7.11 କୋଇଲା ବିକ୍ରୟରେ ଅତିରିକ୍ତ ରାଶିର ଅନାଦାୟ ଓ ରୟାଲିଟିର କମ୍ ଆଦାୟ

**ଓସିପିଏଲ୍ ଠାରୁ ଅତିରିକ୍ତ ରାଶି ଆଦାୟରେ ବିଫଳତା ଓ କୋଇଲା ବିକ୍ରୟରେ ରୟାଲିଟିର ଭୁଲ୍ ମୂଲ୍ୟାଙ୍କନ ଯୋଗୁଁ 19.88 କୋଟି ଟଙ୍କାର ସରକାରୀ ଦେୟର ଅଣ/ କମ୍ ଆଦାୟ ।**

### କ. ଅତିରିକ୍ତ ରାଶିର ଅନାଦାୟ

ଖଣି ଓ ଖଣିଜ ପଦାର୍ଥ (ବିକାଶ ଏବଂ ନିୟମାବଳୀ) ସଂଶୋଧନ ଅଧିନିୟମ, 2021 ର ଧାରା 8 (5) ଅନୁସାରେ ଯେକୌଣସି ଲିଜ୍ଧାରୀ, ଯେଉଁଠାରେ କୋଇଲା କ୍ୟାପ୍ଟିଭ୍ ଉଦ୍ଦେଶ୍ୟରେ ବ୍ୟବହୃତ ହୁଏ, ଖଣି ସହିତ ସଂଯୁକ୍ତ କାରାଖାନାର ଆବଶ୍ୟକତା ପୂରଣ କରିବା ପରେ, ଏକ ବର୍ଷରେ ଉତ୍ପାଦିତ କୋଇଲାର ପଚାଶ ପ୍ରତିଶତ, କେନ୍ଦ୍ର ସରକାରଙ୍କ ଦ୍ୱାରା ଧାର୍ଯ୍ୟ ମତେ ଏବଂ ଷଷ୍ଠ ଅନୁସୂଚୀରେ ଉଲ୍ଲେଖିତ ମତେ ଅତିରିକ୍ତ ରାଶି ପଇଠ କରି ବିକ୍ରି କରିପାରିବେ । କେନ୍ଦ୍ର ସରକାର ଲିଖିତ ଆକାରରେ ସରକାରୀ ଗେଜେଟ୍ ମାଧ୍ୟମରେ ବିଜ୍ଞପ୍ତି ଜାରି କରି ସରକାର ଉଦ୍ୟୋଗ ଗୁଡ଼ିକ ଦ୍ୱାରା କୋଇଲାର ବିକ୍ରି ପରିମାଣକୁ ବଢ଼ାଇ ପାରିବେ । ଏହି ଅଧିନିୟମର ଷଷ୍ଠ ଅନୁସୂଚୀ ଅନୁଯାୟୀ, ଲିଜ୍ଧାରୀ, ରୟାଲିଟି ସହ ରୟାଲିଟି ପରିମାଣର ଅତିରିକ୍ତ ରାଶି ପଇଠ କରିବେ । ଏହି ସଂଶୋଧନ 28 ମାର୍ଚ୍ଚ 2021 ଠାରୁ କାର୍ଯ୍ୟକାରୀ କରାଯାଇଥିଲା ।

ଉପଖଣି ନିର୍ଦ୍ଦେଶକ (ଡିଡିଏମ୍), ରାଉରକେଲା ଓ ସମ୍ବଲପୁରର ନଥିପତ୍ର ଯାଞ୍ଚରୁ ଜଣାପଡ଼ିଲା (ମାର୍ଚ୍ଚ 2022) ଯେ, କୋଇଲା ମନ୍ତ୍ରାଳୟ, ଭାରତ ସରକାର , ରାଉରକେଲା ଖଣି ବିଭାଜନରେ ମନୋହରପୁର କୋଇଲା ବ୍ଲକକୁ ମେସର୍ସ ଓଡ଼ିଶା କୋଲ ଓ ପାୱାର ଲିମିଟେଡ୍(ଓସିପିଏଲ୍)କୁ ଅଗଷ୍ଟ 2015 ରେ ଏବଂ ତଲାବିରା II ଏବଂ III କୋଇଲା ଖଣିକୁ ନେଭେଲି ଲିଗ୍ନାଇଟ୍ କର୍ପୋରେସନ (ଏନ୍ଏଲ୍ସି)କୁ ମଇ 2016 ରେ ଆବଣ୍ଟିତ କରିଥିଲେ । ମହୋହରପୁର କୋଇଲା ବ୍ଲକ କୋଇଲାକୁ ଅନ୍ୟ ଏକ ରାଜ୍ୟ ସରକାରଙ୍କ ଉଦ୍ୟୋଗ ଯଥା ଓଡ଼ିଶା ପାୱାର ଜେନେରେସନ୍ କର୍ପୋରେସନ ଲିମିଟେଡ୍ (ଓପିଜିସି) ଦ୍ୱାରା ବ୍ୟବହାର କରାଯିବାର ଥିଲା । ତଲାବିରା II and III କୋଇଲା ବ୍ଲକର କୋଇଲାକୁ କ୍ୟାପ୍ଟିଭ୍ ଉଦେଶ୍ୟରେ ବ୍ୟବହାର କରାଯାଇଥିଲା । ପରବର୍ତ୍ତୀ ସମୟରେ ମନୋହରପୁର କୋଇଲା ବ୍ଲକ ଦ୍ୱାରା ପରିଚାଳିତ ହେବାକୁ ଥିବା ଓପିଜିସି ପାୱାର ପ୍ଲାଣ୍ଟ ପରିଚାଳନାରେ ବିଳମ୍ବ ଯୋଗୁଁ ଓ ତଳାବିରୀ II and III କୋଇଲା ବ୍ଲକର ଅତିରିକ୍ତ ବଳକା କୋଇଲା ଯୋଗୁଁ ଓଡ଼ିଶା ସରକାର ଓସିପିଏଲ୍ (ଡିସେମ୍ବର 2019) ଏବଂ ଏନ୍ଏଲ୍ସି (ସେପ୍ଟେମ୍ବର 2020) କୁ ମହାନଦୀ କୋଲଫିଲ୍ଡକୁ ଅତ୍ୟଧିକ ଉତ୍ପାଦନ କୋଇଲା ବିକ୍ରି ପାଇଁ ଅନୁମତି ଦେଇଥିଲେ (ସେପ୍ଟେମ୍ବର 2020) ।

ସମୀକ୍ଷାରୁ ଅବଲୋକନ କରାଗଲା ଯେ, ଲିଜଧାରୀ ଯଥା ଓସିପିଏଲ୍ ଏବଂ ଏନ୍ଏଲ୍ସି, 28 ମାର୍ଚ୍ଚ 2021 ରୁ 30 ସେପ୍ଟେମ୍ବର 2021 ମଧ୍ୟରେ ଏମ୍ସିଏଲ୍କୁ 26,70,020 ମେଟ୍ରିକ୍ ଟନ୍ କୋଇଲା ବିକ୍ରି କରିଥିଲେ । ଏହିପରି ବିକ୍ରୟ ପାଇଁ ସେମାନଙ୍କୁ ଅତିରିକ୍ତ ରାଶି ବାବଦରେ 48.40 କୋଟି ଟଙ୍କା ଦେବାର ଥିଲା ।

ମାର୍ଚ୍ଚ 2022 ରେ ଅଡିଟ୍ ଦ୍ୱାରା ଏହା ସୂଚିତ ହେବା ପରେ, ଏନ୍ଏଲ୍ସି ଅତିରିକ୍ତ ରାଶି ବାବଦରେ 33.77 କୋଟି ଟଙ୍କା ଜମା କରିଥିଲା (ଜୁନ୍ 2022) । କିନ୍ତୁ, ଉପଖଣି ନିର୍ଦ୍ଦେଶକ, ରାଉରକେଲା ***ପରିଶିଷ୍ଟ-XXXVI*** ରେ

ଦର୍ଶାଯାଇଥିବା ମତେ 14.63 କୋଟି ଟଙ୍କାର ଅତିରିକ୍ତ ରାଶି ଅସୁଲ କରିବା ପାଇଁ କୌଣସି ପଦକ୍ଷେପ ନେଇନଥିଲେ । ଉଭୟ ଲିଜ୍‌ଧାରୀ ଅକ୍ଟୋବର 2021 ଠାରୁ ନିୟମିତ ଭାବରେ ଅତିରିକ୍ତ ରାଶି ପ୍ରଦାନ କରି ଆସୁଛନ୍ତି ।

**ଖ. ରୟାଲିଟିର ସ୍ୱଳ୍ପାଦାୟ**

ମନୋହରପୁର କୋଇଲା ବ୍ଲକରୁ କୋଇଲା ଉତ୍ପାଦନ ଅକ୍ଟୋବର 2019 ରୁ ଆରମ୍ଭ ହୋଇଥିଲା । ଜମି ଅଧିଗ୍ରହଣ ସମସ୍ୟା ଯୋଗୁଁ ଆବଶ୍ୟକ ରେଳ ପରିବହନ ବ୍ୟବସ୍ଥା ନିର୍ମାଣରେ ବିଳମ୍ବ ହେତୁ, ଓପିଜିସିର ଓ୍ୱାପାଲ ପ୍ଲାଣ୍ଟକୁ ଏହି ବ୍ଲକ / ଖଣିରୁ କୋଇଲା ବିକ୍ରି କରାଯାଇ ପାରିନଥିଲା । ଓଡ଼ିଶା ସରକାର ଉତ୍ପାଦିତ/ ଅତିରିକ୍ତ କୋଇଲାକୁ ମହାନଦୀ କୋଲଫିଲ୍ଡସ ଲିମିଟେଡକୁ ବିକ୍ରି କରିବା ପାଇଁ ଓପିସିଏଲ୍‌କୁ ଅନୁମତି ଦେଇଥିଲେ (ଡିସେମ୍ବର 2019) । ରାଜ୍ୟ ସରକାରଙ୍କ ଠାରୁ ଆବଶ୍ୟକ ଅନୁମତି ପାଇବା ପରେ ଓପିସିଏଲ୍ ମନୋହରପୁର କୋଇଲା ବ୍ଲକରୁ ଉତ୍ପାଦିତ/ ଅତିରିକ୍ତ କୋଇଲା ବିକ୍ରୟ ପାଇଁ ଏମ୍‌ସିଏଲ୍ ସହିତ ଏକ ଚୁକ୍ତିନାମାକୁ ସ୍ୱାକ୍ଷର କରିଥିଲା (ଡିସେମ୍ବର 2019) । ଚୁକ୍ତିନାମା ଅନୁଯାୟୀ କୋଲ ଇଣ୍ଡିଆ ଲିମିଟେଡ୍ ଦ୍ୱାରା ସମୟ ଅନୁସାରେ ସୂଚିତ ଅନୁସାରେ ଏମ୍‌ସିଏଲ୍ ବିଦ୍ୟୁତ୍ ମୂଲ୍ୟରେ[216] ଓସିପିଏଲ୍‌ରୁ କୋଇଲା କ୍ରୟ କରିବ ଏବଂ ଅଣ-ବିଦ୍ୟୁତ୍ ମୂଲ୍ୟରେ[217] ଗ୍ରାହକଙ୍କୁ ସେହି କୋଇଲା ବିକ୍ରୟ କରିବ । ଓସିପିଏଲ୍ କୋଇଲା ଉପରେ ରୟାଲିଟି, ଏମ୍‌ସିଏଲ୍ ଠାରୁ ବିଦ୍ୟୁତ୍ ମୂଲ୍ୟରେ ଏବଂ ଏମ୍‌ସିଏଲ୍ ଗ୍ରାହକ ଠାରୁ ଅଣ-ବିଦ୍ୟୁତ୍ ମୂଲ୍ୟରେ ରୟାଲିଟି ସଂଗ୍ରହ କରିବାର ଥିଲା । ଏମ୍‌ସିଏଲ୍ ଠାରୁ ସଂଗୃହିତ ରୟାଲିଟିକୁ ଓପିସିଏଲ୍ ଓଡ଼ିଶା ସରକାରଙ୍କ ନିକଟରେ ଜମା କରିବାର ଥିଲା ଏବଂ ଏମ୍‌ସିଏଲ୍ ବିଦ୍ୟୁତ୍ ମୂଲ୍ୟ ଏବଂ ଅଣ-ବିଦ୍ୟୁତ୍ ମୂଲ୍ୟ ମଧ୍ୟରେ ଥିବା ପ୍ରଭେଦ ରୟାଲିଟି ଜମା କରିବାର ଥିଲା । ଯେହେତୁ ଓସିପିଏଲ୍, ଏମ୍‌ସିଏଲ୍ ଠାରୁ ବିକ୍ରୟ ସମୟରେ ରୟାଲିଟି ଚାର୍ଜ କରିସାରିଥିଲା । କୋଇଲା ମନ୍ତ୍ରାଳୟର ବିଜ୍ଞପ୍ତି (ମଇ 2012) ଅନୁଯାୟୀ, କୋଇଲା ଉପରେ ରୟାଲଟିର ଟିକସ ଆଦାୟ ଏବଂ ଅନ୍ୟାନ୍ୟ ଦେୟକୁ ବାଦ୍ ଦେଇ ଇନ୍‌ଭଏସରେ ଦର୍ଶାଯାଇଥିବା ହାର କୋଇଲା ମୂଲ୍ୟର 14 ପ୍ରତିଶତ ଆଡ୍-ଭଲୋରେମ୍ ଥିଲା ।

ପୁନଶ୍ଚ ଏମ୍‌ଏମ୍‌ଡିଆର୍ ସଂଶୋଧନ ଅଧିନିୟମ 2015 ର ଧାରା 9C (4) ଅନୁଯାୟୀ, ଖଣି ଲିଜ୍‌ଧାରୀ ଜାତୀୟ ଖଣିଜ ଅନୁସନ୍ଧାନ ଟ୍ରଷ୍ଟ (ଏନ୍‌ଏମ୍‌ଇଟି) କୁ ରୟାଲିଟିର ଦୁଇ ପ୍ରତିଶତ ସମାନ ରାଶି ପ୍ରଦାନ କରିବେ । ଓଡ଼ିଶା ଜିଲ୍ଲା ମିନେରାଲ୍ ଫାଉଣ୍ଡେସନ୍ ନିୟମ, 2015 ର ନିୟମ 9(2) (b) ଅନୁଯାୟୀ, ଯଦି ନିଲାମ ମାଧ୍ୟମରେ ଲିଜ୍ ପ୍ରଦାନ କରାଯାଇଛି ତେବେ ପ୍ରମୁଖ ଖଣି ଲିଜ୍‌ଧାରୀମାନେ ରୟାଲଟି ସହିତ 10 ପ୍ରତିଶତ ଡିଏମ୍‌ଏଫ୍ ଆଭିମୁଖ୍ୟରେ ଅବଦାନ ଭାବରେ ରୟାଲିଟି ଦେବେ । ଡିଡିଏମ୍, ରାଉରକେଲା ରେକର୍ଡଗୁଡ଼ିକର ଯାଞ୍ଚ (ମାର୍ଚ୍ଚ 2022) ରୁ ଜଣାଗଲା ଯେ ଡିସେମ୍ବର 2019 ରୁ ମାର୍ଚ୍ଚ 2021 ମଧ୍ୟରେ ଏମ୍‌ସିଏଲ୍, ଓସିପିଏଲ୍ ଠାରୁ ପ୍ରାପ୍ତ 22,45,782 ଏମ୍‌ଟି କୋଇଲାକୁ ଗ୍ରାହକଙ୍କୁ ଅଣ-ବିଦ୍ୟୁତ୍ ମୂଲ୍ୟରେ ବିକ୍ରି କରିଥିଲା । କିନ୍ତୁ, ଅଣ-ବିଦ୍ୟୁତ୍ ମୂଲ୍ୟ ମଧ୍ୟରେ ଥିବା ବିକ୍ରି ହୋଇଥିବା କୋଇଲା ପରିମାଣ ଉପରେ ବିଦ୍ୟୁତ୍ ମୂଲ୍ୟ ଏବଂ ଭେଦାତ୍ମକ ରୟାଲିଟି ଜମା କରିନଥିଲା । ଏମ୍‌ସିଏଲ୍ ଦ୍ୱାରା ଅଣ-ବିଦ୍ୟୁତ୍ ମୂଲ୍ୟରେ ବିକ୍ରି ହୋଇଥିବା ଉପରୋକ୍ତ କୋଇଲା ଉପରେ ଭେଦାତ୍ମକ ରୟାଲିଟି ଏବଂ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ପାଣ୍ଠି ଏବଂ ଜାତୀୟ ଖଣିଜ ଅନୁସନ୍ଧାନ ଟ୍ରଷ୍ଟ ପ୍ରତି ଅବଦାନର ମୂଲ୍ୟ 5.25 କୋଟି ଟଙ୍କା ନିର୍ଦ୍ଧାରଣ କରାଯାଇଥିଲା, ଯାହା ***ପରିଶିଷ୍ଟ-XXXVII*** ରେ ବିସ୍ତୃତ ଭାବରେ ଦର୍ଶାଯାଇଅଛି ।

ଏହିପରି କୋଇଲା ବିକ୍ରୟ ଉପରେ ଅତିରିକ୍ତ ରାଶି ଅସୁଲ କରିବାରେ ବିଫଳତା ଏବଂ ରୟାଲିଟିର କମ୍ ଆଦାୟ ଯୋଗୁଁ 19.88 କୋଟି ଟଙ୍କାର ସରକାରୀ ଦେୟ ଅସୁଲ ହୋଇପାରି ନଥିଲା ।

ନଭେମ୍ବର 2022 ରେ ଏହି ମାମଲା ସରକାରଙ୍କୁ ଅବଗତ କରାଯାଇଥିଲା । ସେମାନଙ୍କର ଉତ୍ତରକୁ ଅପେକ୍ଷା କରାଯାଇଥିଲା (ଫେବୃଆରୀ 2024) ।

---

216 ବିଦ୍ୟୁତ୍ କ୍ଷେତ୍ରକୁ ବିକ୍ରି ହୋଇଥିବା କୋଇଲା ହାର

217 ଅଣଶକ୍ତି କ୍ଷେତ୍ରକୁ ବିକ୍ରୟ ଉପରେ ଚାର୍ଜ ହୋଇଥିବା କୋଇଲା ଦ୍ୱାରା ଅଣଶକ୍ତି ମୂଲ୍ୟ ବିଦ୍ୟୁତ୍ ମୂଲ୍ୟ ଠାରୁ ଅଧିକ ଅଟେ ।

## ପର୍ଯ୍ୟଟନ ବିଭାଗ

### 7.12 ବିଦେଶୀ କମ୍ପାନୀକୁ ଅନିୟମିତ ଅତିରିକ୍ତ ଦେୟ

**ବିଦେଶୀ କମ୍ପାନୀକୁ ପଇଠ କରାଯାଇଥିବା ଦେୟ ଉପରୁ ଆୟକର ନ କାଟିବା ଦ୍ୱାରା ଓଡ଼ିଶା ପର୍ଯ୍ୟଟନ ବିକାଶ ନିଗମକୁ 23.50 ଲକ୍ଷ ଟଙ୍କାର ଅନିୟମିତ ଅତିରିକ୍ତ ଦେୟ ।**

ଆୟକର ଅଧିନିୟମ 1961 ର ଧାରା 195 ଅନୁଯାୟୀ ବିଦେଶୀ କମ୍ପାନୀକୁ ଯେକୌଣସି ଦେୟ ପଇଠ କରିବା ସମୟରେ ଦେୟ ପ୍ରଦାନକାରୀ ବ୍ୟକ୍ତି ଦେୟର ରାଶିର 20 ପ୍ରତିଶତ ଆୟକର ବାବଦରେ କାଟି ରଖିବେ ।

ପର୍ଯ୍ୟଟନ ବିଭାଗର ଦସ୍ତାବିଜ ଯାଞ୍ଚରୁ ଦେଖାଗଲା (ଅଗଷ୍ଟ 2021) ଯେ, ଓଡ଼ିଶା ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ତାର ବିଜ୍ଞାପନ ବିଷୟ ବସ୍ତୁଗୁଡ଼ିକୁ ଟ୍ରିପ୍ ଆଡ୍‌ଭାଇଜର ଇଣ୍ଟରନେଟ୍ ୱେବ୍ ପୋର୍ଟାଲରେ ହୋଷ୍ଟିଂ କରିବା ନିମିତ୍ତ ଟ୍ରିପ୍ ଆଡଭାଇଜର, ସିଙ୍ଗାପୁର ପ୍ରାଇଭେଟ୍ ଲିମିଟେଡ୍ ନାମକ ଏକ ବିଦେଶୀ କମ୍ପାନୀ ସହିତ ଏକ ଚୁକ୍ତିନାମା (ଜୁଲାଇ 2018) ସ୍ୱାକ୍ଷର କରିଥିଲେ । ଉକ୍ତ ଚୁକ୍ତିନାମାର ଅନୁଚ୍ଛେଦ 5 (a) ଅନୁଯାୟୀ ଟ୍ରିପ୍ ଆଡଭାଇଜର ମାସିକ ଭିତ୍ତିରେ ବିଭାଗକୁ ଇନ୍‌ଭଏସ୍ ପଠାଇବ ଏବଂ ବିଭାଗ କମ୍ପାନୀକୁ ପ୍ରଦାନ କରାଯିବାକୁ ଥିବା ରାଶିକୁ ଆୟକର ବାବଦରେ ସ୍ଥାନୀୟ ଆଇନ୍ ଅନୁଯାୟୀ ଆବଶ୍ୟକ ରାଶି କାଟି ସ୍ଥାନୀୟ ଟିକସ କର୍ତ୍ତୃପକ୍ଷଙ୍କୁ ପଇଠ କରିବେ ।

ଟ୍ରିପ୍ ଆଡଭାଇଜର ତାହାର ଇଣ୍ଟରନେଟ୍ ୱେବ ପୋର୍ଟାଲରେ ଓଡ଼ିଶା ପର୍ଯ୍ୟଟନକୁ ଅଗଷ୍ଟ 2018 ରୁ ଜାନୁଆରୀ 2019 ଛଅ ମାସ ପର୍ଯ୍ୟନ୍ତ ପ୍ରୋତ୍ସାହିତ କରିଥିଲା ଏବଂ ମାସିକ ଭିତ୍ତିରେ (ସେପ୍ଟେମ୍ବର 2018 ରୁ ଫେବୃଆରୀ 2019) 94 ଲକ୍ଷ ଟଙ୍କାର ଇନ୍‌ଭଏସ୍ ଜାରି କରିଥିଲା । ଯେହେତୁ ସରକାରୀ ଟ୍ରେଜେରୀରୁ ବିଦେଶୀ କମ୍ପାନୀକୁ କୌଣସି ଦେୟ ସମ୍ଭବ ନଥିଲା, ଉକ୍ତ ଦେୟ ମଞ୍ଜୁର (ନଭେମ୍ବର 2019) କରିବା ସମୟରେ ପର୍ଯ୍ୟଟନ ବିଭାଗ, ଓଡ଼ିଶା ପର୍ଯ୍ୟଟନ ବିକାଶ ନିଗମ (ଓଟିଡିସି) ଙ୍କୁ ଉକ୍ତ ଦେୟକୁ ବିଭାଗ ତରଫରୁ ପଇଠ କରିବାକୁ ନିର୍ଦ୍ଦେଶ ଦେଇଥିଲା । ଆୟକର ନିୟମ ଅନୁଯାୟୀ, ଓଟିଡିସିକୁ ଉକ୍ତ ଦେୟ ପଇଠ କରିବା ସମୟରେ ସମୁଦାୟ ବିଲ୍ 94.00 ଲକ୍ଷ ଟଙ୍କାର 20 ପ୍ରତିଶତ ଅର୍ଥାତ୍ 18.80 ଲକ୍ଷ ଟଙ୍କା କାଟି ଉକ୍ତ ରାଶିକୁ ଆୟକର ବିଭାଗକୁ ପଇଠ କରିବାର ଥିଲା ଏବଂ ବଳକା 75.20 ଲକ୍ଷ ଟଙ୍କାକୁ ଟ୍ରିପ୍ ଆଡଭାଇଜରଙ୍କୁ ପ୍ରଦାନ କରିବାର ଥିଲା । ତଥାପି ଓଟିଡିସି ଟିଡିଏସ୍ ବାବଦରେ ରାଶିକୁ ନ କାଟି ଟ୍ରିପ୍ ଆଡଭାଇଜରଙ୍କୁ ସମୁଦାୟ 94 ଲକ୍ଷ ଟଙ୍କା ପ୍ରଦାନ (ଜାନୁଆରୀ 2020) କରିଦେଇଥିଲା ।

ପରବର୍ତ୍ତୀ ସମୟରେ, ଓଟିଡିସି (ଫେବୃଆରୀ 2020) ରେ 1.18 କୋଟି ଟଙ୍କାର କ୍ଷତିପୂରଣ ନିମିତ୍ତ ପର୍ଯ୍ୟଟନ ବିଭାଗ ନିକଟରେ ପ୍ରସ୍ତାବ ରଖିଥିଲେ, ଯେଉଁଥିରେ ଟ୍ରିପ୍ ଆଡଭାଇଜରରେ ଦେୟ ବାବଦରେ 94 ଲକ୍ଷ ଟଙ୍କା ଓ ଟିଡିଏସ୍ ବାବଦରେ ଦେୟ ରାଶିର 20 ପ୍ରତିଶତ ହିସାବରେ 23.50 ଲକ୍ଷ ଟଙ୍କା[218] ଅନ୍ତର୍ଭୁକ୍ତ କରିଥିଲା । ବିଭାଗ ମଧ୍ୟ ଚୁକ୍ତିନାମାର ସର୍ତ୍ତାବଳୀ ଗୁଡ଼ିକ ବିଶ୍ଲେଷଣ ନକରି ଓଟିଡିସିକୁ ମଇ 2020 ରେ ସମୁଦାୟ 1.18 କୋଟି ଟଙ୍କା ପଇଠ କରିଥିଲା ।

ଏହିପରି ଆୟକର ଅଧିନିୟମ ଓ ଚୁକ୍ତିନାମାର ସର୍ତ୍ତାବଳୀର ଉଲ୍ଲଙ୍ଘନ କରି ମୋଟ ରାଶିରୁ ଟିଡିଏସ୍ କାଟ୍ କରାଯାଇ ନଥିବାରୁ ଟ୍ରିପ୍ ଆଡଭାଇଜରଙ୍କୁ 18.80 ଲକ୍ଷ ଟଙ୍କାର ଅନିୟମିତ ଅତିରିକ୍ତ ଦେୟ ପ୍ରଦାନ କରାଯାଇଥିଲା ଯାହାଫଳରେ ଓଟିଡିସିକୁ ଅତିରିକ୍ତ ଦେୟ ବାବଦରେ 23.50 ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା, ଯାହାକି ବିଭାଗ କ୍ଷେତ୍ରରେ ଏକ ବଡ଼ ବିଫଳତା ।

ଅଡିଟ୍ ପର୍ଯ୍ୟବେକ୍ଷଣକୁ ଗ୍ରହଣ କରି ସରକାର ଦର୍ଶାଇଥିଲେ (ଡିସେମ୍ବର 2022) ଯେ, ଟ୍ରିପ୍ ଆଡଭାଇଜରଙ୍କୁ ଆୟକର ବାବଦରେ ଦିଆଯାଇଥିବା ଅତିରିକ୍ତ ଅର୍ଥକୁ ଫେରସ୍ତ କରିବା ପାଇଁ ଅନୁଗ୍ରହ କରାଯାଇଛି ।

[218] (94,00,000/80 ଟଙ୍କା x 100) x 20 ପ୍ରତିଶତ = 23,50,000 ଟଙ୍କା

## ପୂର୍ତ୍ତ ବିଭାଗ

### 7.13 ଠିକାଦାରଙ୍କୁ ଅନୁଚିତ ଲାଭ

**ଇଞ୍ଜିନିୟରିଂ, କ୍ରୟ ଏବଂ ନିର୍ମାଣ ଚୁକ୍ତି କାର୍ଯ୍ୟସୂଚୀ-H ର ବ୍ୟତିକ୍ରମ କରି ଠିକାଦାରମାନଙ୍କୁ ଅଧିକ ଅର୍ଥ ପ୍ରଦାନ କରାଯାଇଥିଲା ଯାହାଫଳରେ ଠିକାଦାରମାନଙ୍କୁ 11.29 କୋଟି ଟଙ୍କାର ଅନୁଚିତ୍ ଲାଭ ମିଳିଥିଲା**

ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟର ପରିପତ୍ର, ତା: 28.11.2018 ଦ୍ୱାରା ପ୍ରଦତ୍ତ ଷ୍ଟାଣ୍ଡାର୍ଡ ଇଞ୍ଜିନିୟରିଂ, କ୍ରୟ ଏବଂ ନିର୍ମାଣ (ଇପିସି) ଚୁକ୍ତିନାମାର କାର୍ଯ୍ୟସୂଚୀ-H ରେ୍ ରାସ୍ତାର ମାଟି କାର୍ଯ୍ୟ, ସବ୍‌ବେସ୍ (ଜିଏସ୍‌ବି), ବେସ୍ କୋର୍ସ (ଡବ୍ଲୁଏମ୍‌ଏମ୍) ଏବଂ ଉପରି ସ୍ତରର କାର୍ଯ୍ୟ ନିଷ୍ପାଦନ ପାଇଁ ଯଥାନୁପାତ ଦେୟ ବ୍ୟବସ୍ଥା ହୋଇଅଛି ।

ତିନୋଟି ପୂର୍ତ୍ତ ବିଭାଜନ[219] ର ନଥିପତ୍ର ଗୁଡ଼ିକର ଯାଞ୍ଚରୁ ନିମ୍ନଲିଖିତ ଅନିୟମିତତା ଦର୍ଶାଇଲା ।

i) ଏନ୍‌ଏଚ୍ 53 ର ବିଦ୍ୟମାନ ଏକ ଲେନ୍ ବିଶିଷ୍ଟ ରାସ୍ତାକୁ ପକ୍କା ବନ୍ଧ ସହ ଦୁଇ ଲେନ୍ ବିଶିଷ୍ଟ ରାସ୍ତା 246.100 ରୁ 292.164 ଏବଂ 307.934 ରୁ 314.130 କିଲୋମିଟର ସର୍ବମୋଟ 51.146 କିଲୋମିଟର ରାସ୍ତାର ପ୍ରଶସ୍ତିକରଣ ଓ ସୁଦୃଢ଼ୀକରଣ ସହିତ ଆନୁସଙ୍ଗିକ କାର୍ଯ୍ୟ ଯଥା ପୋଲ, କଲଭର୍ଟ ଇତ୍ୟାଦି ସହ ଦୁଇ ଲେନ୍ ବିଶିଷ୍ଟ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟକୁ ଜୁଲାଇ 2017 ସୁଦ୍ଧା କାର୍ଯ୍ୟ ଶେଷ କରିବା ଧାର୍ଯ୍ୟ କରାଯାଇ 152.92 କୋଟି ଟଙ୍କାରେ କାର୍ଯ୍ୟାଦେଶ ଜାରି କରାଯାଇଥିଲା (ଅକ୍ଟୋବର 2015) । ଜୁଲାଇ 2019 ସୁଦ୍ଧା ଠିକାଦାରଙ୍କୁ 130.06 କୋଟି ଟଙ୍କା ପ୍ରଦାନ ସହ 41.437 କିଲୋମିଟର ରାସ୍ତା ନିର୍ମାଣ କାର୍ଯ୍ୟ ସମାପ୍ତ ହୋଇଥିଲା । ବଳକା 9.709 କିଲୋମିଟର କାର୍ଯ୍ୟ 15.67 ହେକ୍ଟର ଘରୋଇ ଜମି ଅଧିଗ୍ରହଣ ହୋଇନଥିବା ଯୋଗୁଁ ମାର୍ଚ୍ଚ 2022 ସୁଦ୍ଧା ହୋଇପାରି ନଥିଲା । ଚୁକ୍ତିନାମାର କାର୍ଯ୍ୟସୂଚୀ-H ଅନୁଯାୟୀ 51.146 କିଲୋମିଟର ରାସ୍ତା ନିର୍ମାଣ ପାଇଁ ଯଥାନୁପାତ ଦେୟ ବ୍ୟବସ୍ଥା ଥିଲା । ତେଣୁ, 41.437 କିଲୋମିଟର ରାସ୍ତା ନିର୍ମାଣ ପାଇଁ 76.93 କୋଟି ଟଙ୍କା ନିମ୍ନଲିଖିତ **ସାରଣୀ ସଂଖ୍ୟା 7.2** ଅନୁସାରେ ପ୍ରାପ୍ୟ ଥିଲା :

**ସାରଣୀ ସଂଖ୍ୟା 7.2: ଠିକାଦାରଙ୍କୁ ଯଥାନୁପାତ ଦେୟର ସବିଶେଷ ବିବରଣୀ**

**(କୋଟି ଟଙ୍କାରେ)**

| | | |
|---|---|---|
| କ | ପ୍ରକଳ୍ପର ମୋଟ ମୂଲ୍ୟ (ଚୁକ୍ତିନାମା ଅନୁଯାୟୀ) | 152.92 |
| ଖ | ବିୟୋଗ (-)<br>ଅନ୍ୟ କାର୍ଯ୍ୟର ମୂଲ୍ୟ (21.46 ପ୍ରତିଶତ)<br>(ସେବା ରାସ୍ତା, ଖସଡ଼ା ରାସ୍ତା, ଟୋଲ ପ୍ଲାଜା, ରାସ୍ତାକଡ଼ ନାଳ, ଧରି ରଖିବା କାନ୍ଥ ଇତ୍ୟାଦି) | 32.32 |
| ଗ | ରାସ୍ତା କାର୍ଯ୍ୟର ନିଟ୍ ମୂଲ୍ୟ (A-B) | 120.60 |
| ଘ | ବିୟୋଗ (-)<br>ରାସ୍ତାର ଆନୁସଙ୍ଗିକ କାର୍ଯ୍ୟର ମୂଲ୍ୟ (21.35 ପ୍ରତିଶତ)<br>(କଲଭର୍ଟର ପ୍ରଶସ୍ତିକରଣ ଓ ମରାମତି, ନୂତନ କଲଭର୍ଟ ଏବଂ ଛୋଟ ପୋଲ) | 25.64 |
| ଙ | ସମୁଦାୟ 51.146 କିଲୋମିଟର ରାସ୍ତାର ଯଥାନୁପାତ ମୂଲ୍ୟ (C-D) | 94.96 |
| ଚ | ନିର୍ମିତ ରାସ୍ତା କାର୍ଯ୍ୟର ମୂଲ୍ୟ (41.437 କିଲୋମିଟର)<br>(94.46 କୋଟି / 51.146*41.437) | 76.93 |
| ଛ | ରାସ୍ତା କାର୍ଯ୍ୟ ପାଇଁ ପ୍ରଦତ୍ତ ରାଶି | 80.28 |
| ଜ | ରାସ୍ତା କାମ ପାଇଁ ପ୍ରଦତ୍ତ ଯୋଗ୍ୟ ରାଶି | 76.93 |
| ଝ | ଅଧିକ ରାଶି ପ୍ରଦାନ | 3.35 |

*(ଉତ୍ସ: ଅଡିଟ୍ ଦ୍ୱାରା ସଂଗୃହିତ ତଥ୍ୟ)*

[219] i) ଏନ୍‌ଏଚ୍ ବିଭାଜନ, ପାଲଲହଡ଼ା ii) ସୁନ୍ଦରଗଡ଼ ଆର୍‌ଆଣ୍ଡବି ବିଭାଜନ ଏବଂ iii) ଏନ୍‌ଏଚ୍ ବିଭାଜନ, ବ୍ରହ୍ମପୁର

ଉପରୋକ୍ତ ସାରଣୀରେ ସୂଚିତ ହେଉଛି ଯେ, କଲଭର୍ଟ, ଛୋଟ ପୋଲ ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ କାର୍ଯ୍ୟକୁ ବାଦ୍ ଦେଇ 41.437 କିଲୋମିଟର ରାସ୍ତା ନିର୍ମାଣ ପାଇଁ ନିର୍ବାହୀ ଯନ୍ତ୍ରୀ ପ୍ରାପ୍ୟ ରାଶି 76.93 କୋଟି ଟଙ୍କା ପରିବର୍ତ୍ତେ ଠିକାଦାରଙ୍କୁ 80.28 କୋଟି ଟଙ୍କା ପ୍ରଦାନ କରିଥିଲେ ଅର୍ଥାତ୍ 3.35 କୋଟି ଟଙ୍କା ଅଧିକ ପ୍ରଦାନ କରିଥିଲେ । ଜମି ଅଧିଗ୍ରହଣ ହୋଇନପାରିବାରୁ ଚୁକ୍ତିନାମାଟି ମୁଖ୍ୟ ଯନ୍ତ୍ରୀ, ଜାତୀୟ ରାଜପଥ, ଓଡ଼ିଶାଙ୍କ ଦ୍ୱାରା ପ୍ରାକ୍ ସମାପ୍ତ କରାଯାଇଥିଲା (ମଇ 2019) । ସମ୍ପାଦନ ଅମାନତ ଠିକାଦାରଙ୍କୁ ଫେରସ୍ତ କରାଯାଇଥିଲା (ମଇ 2019) । ତେଣୁ, ଠିକାଦାରଙ୍କୁ ଦିଆଯାଇଥିବା ଅତିରିକ୍ତ ଦେୟର ଅସୁଲ ସମ୍ଭାବନା କ୍ଷୀଣ ଥିଲା ।

ସରକାର ବ୍ୟକ୍ତ କଲେ (ମଇ 2022) ଯେ ଚୁକ୍ତିନାମା ସହିତ ଯୋଡ଼ି ହୋଇଥିବା କାର୍ଯ୍ୟସୂଚୀ-H ରେ ଦୁଇଟି ସ୍ୱତନ୍ତ୍ର ଏବଂ ସ୍ୱାଧୀନ ଉପ ଆଇଟମ୍ ଥିଲା ଯେପରିକି 48.636 କିଲୋମିଟର ବିଦ୍ୟମାନ ରାସ୍ତାକୁ ପ୍ରଶସ୍ତିକରଣ ଓ ସୁଦୃଢ଼ୀକରଣ ଏବଂ 2.51 କିଲୋମିଟର ନୂତନ ଦୁଇ ଲେନ୍ ପୁନଃ ସ୍ଥିରୀକରଣ ବାହ୍ୟପଥ ନିର୍ମାଣ । ଏହିପରି ମୋଟ ଚୁକ୍ତିନାମା ପରିମାଣ 48.636 କିଲୋମିଟର ପାଇଁ 80.28 କୋଟି ଟଙ୍କା ହିସାବରେ 41.437 କିଲୋମିଟର ରାସ୍ତା ପାଇଁ ଅର୍ଥ ପ୍ରଦାନ କରାଯାଇଥିଲା । ଅଧିକନ୍ତୁ, ଚୁକ୍ତିନାମା ଅନୁଯାୟୀ କାର୍ଯ୍ୟଟି ପ୍ରାକ୍ ସମାପ୍ତ କରାଯାଇ ଥିବାରୁ, ବଳକା କାର୍ଯ୍ୟ ମୂଲ୍ୟର 10 ପ୍ରତିଶତ ଠିକାଦାର ପାଇବା ପାଇ ଯୋଗ୍ୟ ଥିଲେ । କିନ୍ତୁ ମନ୍ତ୍ରଣାଳୟର ନିର୍ଦ୍ଦେଶ ଅନୁଯାୟୀ, 3.34 କୋଟି ଟଙ୍କାର ସମାପ୍ତି ରାଶିକୁ ଦାବି ନ କରିବାକୁ ଠିକା ସଂସ୍ଥା ଏକ ଅଣ୍ଡରଟେକିଂ ଦାଖଲ କରିଥିଲା ।

ଉତ୍ତରଟି ସମର୍ଥନୀୟ ନଥିଲା କାରଣ, 51.146 କିଲୋମିଟରରୁ 41.437 କିଲୋମିଟର ପାଇଁ ଯଥାନୁପାତ ଆଧାରରେ ଦେୟ ପ୍ରଦାନ ହେବା ଉଚିତ୍ ଥିଲା । ଚୁକ୍ତିନାମାର କାର୍ଯ୍ୟସୂଚୀ-H ରେ ପ୍ରଦତ୍ତ ଯଥାନୁପାତ ଅନୁସାରେ ଅର୍ଥ ପ୍ରଦାନ କରାଯାଇନଥିବା ଫଳରେ ଠିକାଦାରଙ୍କୁ 3.35 କୋଟି ଟଙ୍କାର ଅନୁଚିତ୍ ଲାଭ ମିଳିଥିଲା । ଯେଉଁଠାରେ, ସମାପ୍ତି ରାଶିକୁ ଅଙ୍ଗୀକାର ଦାବି ଦାଖଲ କରିବାର ପ୍ରସଙ୍ଗ ଅଲଗା ଥିଲା ସେଠାରେ ଅତିରିକ୍ତ କାର୍ଯ୍ୟ ପାଇଁ ଦେୟ ଦେଇ ବୁଝାବଣା/ ବ୍ୟବସ୍ଥିତ ହେବା ଉଚିତ୍ ନୁହେଁ ।

ii) 199.36 କୋଟି ଟଙ୍କାରେ କାର୍ଯ୍ୟାଦେଶ ଦିଆଯାଇଥିବା ସୁନ୍ଦରଗଡ଼ ଜିଲ୍ଲାର ବାଙ୍କିବାହାଲରୁ କାନିକା ରେଳ ସାଇଡିଙ୍ଗ୍ ପର୍ଯ୍ୟନ୍ତ ଦୁଇ ଲେନ୍ ବିଶିଷ୍ଟ ରାସ୍ତାକୁ ଚାରି ଲେନ୍ ବିଶିଷ୍ଟ ପ୍ରଶସ୍ତିକରଣ କାର୍ଯ୍ୟରେ ରାସ୍ତାର ଉଭୟ ପାର୍ଶ୍ୱରେ ନଅ ମିଟର ବିଶିଷ୍ଟ କ୍ୟାରିଏଜ୍‌ୱେ ରାସ୍ତା (ପକ୍କା ବନ୍ଧ ସହିତ) ଅନ୍ତର୍ଭୁକ୍ତ ଥିଲା । ଏହା ପରିଲକ୍ଷିତ ହେଲା ଯେ ଠିକାଦାର ଉଭୟ ପାର୍ଶ୍ୱରେ 8.75 ମିଟର ଓସାର ବିଶିଷ୍ଟ କ୍ୟାରେଜ୍ ରାସ୍ତା ନିର୍ମାଣ କରିଥିଲେ, ଯାହାଫଳରେ ରାସ୍ତାର ଓସାର 0.25 ମିଟର କମିଥିଲା । ନିର୍ମିତ ରାସ୍ତା ପାଇଁ ଯଥାନୁପାତ ଦେୟ 84.33 ପ୍ରତିଶତ ଅର୍ଥାତ୍ 168.12 କୋଟି ଟଙ୍କା ଥିଲା କିନ୍ତୁ ଠିକାଦାରଙ୍କୁ ସମ୍ପୂର୍ଣ୍ଣ ଦେୟ ପ୍ରଦାନ କରାଯାଇଥିଲା । ଅର୍ଥ ପ୍ରଦାନ ପୂର୍ବରୁ ନିର୍ବାହୀ ଯନ୍ତ୍ରୀ କାର୍ଯ୍ୟ ମାପ କରିନଥିବାରୁ ଠିକାଦାରଙ୍କୁ 4.67 କୋଟି ଟଙ୍କାର ଅନୁଚିତ୍ ଲାଭ ହେଲା । ଏହିପରି ତଦାରଖରେ ଅବହେଳା ପାଇଁ ନିର୍ବାହୀ ଯନ୍ତ୍ରୀଙ୍କ ଉପରେ କୌଣସି ଉତ୍ତରଦାୟୀତ୍ୱ ସ୍ଥିର କରାଯାଇ ନଥିଲା (ମଇ 2021) କିମ୍ବା ଚୁକ୍ତିନାମାର ଧାରା 13 ଅନୁଯାୟୀ କାର୍ଯ୍ୟରେ ପରିବର୍ତ୍ତନ ପାଇଁ ଖର୍ଚ୍ଚ ହ୍ରାସ କରାଯାଇ ନଥିଲା ।

ସରକାର ବ୍ୟକ୍ତ କଲେ (ମଇ 2022) ଯେ 'I କର୍ବ' ର ଧାର ଠାରୁ ପକ୍କା ବନ୍ଧର ଧାର ପର୍ଯ୍ୟନ୍ତ ନଅ ମିଟର କ୍ୟାରିଏଜ ରାସ୍ତା ପାଇଁ ନକ୍ସା ପ୍ରସ୍ତୁତ କରାଯାଇଥିଲା । କିନ୍ତୁ ନିର୍ମାଣ ସମୟରେ ମଧ୍ୟମ କର୍ବର ନକ୍ସାକୁ 'I କର୍ବ' ରୁ 'L କର୍ବ' କୁ ପରିବର୍ତ୍ତନ କରାଯାଇଥିଲା । ପ୍ରକୃତ ମାପ 'L କର୍ବ'ର ଭିତର ଧାରରୁ ହେବା ଉଚିତ ଯାହାକି ପକ୍କା ବନ୍ଧ ଧାରରୁ ନଅ ମିଟର ଅଟେ ।

ଉତ୍ତରଟି ଗ୍ରହଣୀୟ ନଥିଲା କାରଣ ପେଭମେଣ୍ଟ ନକ୍ସା ଏବଂ ଅନୁମୋଦିତ ଆକଳନ ଏବଂ କାର୍ଯ୍ୟରେ ପରିସର ଅନୁସାରେ ପ୍ରତ୍ୟେକ ପାର୍ଶ୍ୱରେ କର୍ବକୁ ବାଦ ଦେଇ ନଅ ମିଟର ବିଶିଷ୍ଟ କ୍ୟାରିଏଜ ରାସ୍ତା କରିବା ପାଇଁ ବ୍ୟବସ୍ଥା କରିବାର ଥିଲା ଏବଂ କ୍ୟାରିଏଜ ରାସ୍ତାର ମାପକୁ ପ୍ରାଧିକରଣ ଇଞ୍ଜିନିୟର 8.75 ମିଟର ପାଇଁ ପ୍ରମାଣିତ କରିଥିଲେ ।

iii) ଏନ୍ ଏଚ୍ 59 ର ବିଦ୍ୟମାନ ଏକ ଲେନ୍ ବିଶିଷ୍ଟ 118.400 କିମିରୁ 173.400 କିମି (55କିମି) ରାସ୍ତାକୁ ପକ୍କା ବନ୍ଧ ସହ ଦୁଇ ଲେନ୍ ବିଶିଷ୍ଟ ରାସ୍ତାକୁ ପ୍ରଶସ୍ତିକରଣ କାର୍ଯ୍ୟକୁ ଅପ୍ରେଲ 2018 ରେ ସମାପ୍ତ କରିବାକୁ

ଧାର୍ଯ୍ୟ କରାଯାଇ 237.60 କୋଟି ଟଙ୍କାରେ କାର୍ଯ୍ୟାଦେଶ ଜାରି କରାଯାଇଥିଲା (ଅକ୍ଟୋବର 2015) । ମୁଖ୍ୟଯନ୍ତ୍ରୀ, ଏନ୍‌ଏଚ୍, ଉକ୍ତ ରାସ୍ତାର 118.370 କିମିରୁ 173.370 କିମି ପର୍ଯ୍ୟନ୍ତ 55କିମି ପରିବର୍ତ୍ତେ 55.850 କିମି ମଞ୍ଜୁର କରିଥିଲେ (ମାର୍ଚ୍ଚ 2018) । 850 ମିଟର ଲମ୍ବ ରାସ୍ତାକୁ କୌଣସି ଯଥାର୍ଥତା ବିନା ନିଖୋଜ ଲିଙ୍କ ଭାବରେ ବିବେଚନା କରାଯାଇଥିଲା । ଅଡିଟ୍ ଲକ୍ଷ୍ୟ କଲା ଯେ ଉକ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଦୁଇଗୋଟି ରାସ୍ତା କାମ[220] କୌଣସି ଫାଙ୍କ ବିନା ସମାପ୍ତ ହୋଇସାରିଥିଲା, ତେଣୁ 850 ମିଟର ଅଧିକ ଲମ୍ବ ରାସ୍ତା ନିର୍ମାଣ ମଞ୍ଜୁରି ମୋଟାମୋଟି ଭୁଲ ଥିଲା କାରଣ ଅଧିକ ଲମ୍ବ ରାସ୍ତା ନିର୍ମାଣ ବାସ୍ତବରେ ସମ୍ଭବ ନଥିଲା । ତଦନୁସାରେ ଠିକାଦାରଙ୍କୁ ଅର୍ଥ ପ୍ରଦାନ କରାଯାଇଥିଲା ଯାହା ଫଳରେ ଠିକାଦାରଙ୍କୁ 2.87 କୋଟି ଟଙ୍କାରେ ଅନୁଚିତ ଲାଭ ମିଳିଥିଲା ।

ସରକାର ଦର୍ଶାଇଲେ (ମଇ 2022) ଯେ ଯଦିଓ ଚୁକ୍ତିନାମାରେ 118.400 କିଲୋମିଟରରୁ 173.400 କିଲୋମିଟର ପର୍ଯ୍ୟନ୍ତ ଉନ୍ନତିକରଣ ଅନ୍ତର୍ଭୁକ୍ତ, ପ୍ରକୃତରେ କାର୍ଯ୍ୟ 118.370 ରୁ ଆରମ୍ଭ ହୋଇ 174.220 କିମିରେ ଶେଷ ହୋଇଛି (ମୋଟ 55.850 କିଲୋମିଟର) ।

ଉତ୍ତରଟି ଗ୍ରହଣୀୟ ନଥିଲା କାରଣ ମୁଖ୍ୟଯନ୍ତ୍ରୀ, ଜାତୀୟ ରାଜପଥ, 118.370 କିଲୋମିଟରରୁ 173.370 କିଲୋମିଟର (55 କିଲୋମିଟର) ପର୍ଯ୍ୟନ୍ତ ସଂଶୋଧିତ କାର୍ଯ୍ୟ ଅନୁମୋଦିତ କରିଥିଲେ (ମାର୍ଚ୍ଚ 2018) ଏବଂ ଏହି ରାସ୍ତାର ଉଭୟ ପାଶ୍ୱରେ ଥିବା ଅନ୍ୟ ଦୁଇଟି କାର୍ଯ୍ୟ କୌଣସି ଫାଙ୍କ ବିନା ସମାପ୍ତ ହୋଇ ସାରିଥିଲା । ତେଣୁ ପ୍ରକୃତ 55 କିମି ରାସ୍ତା ନିର୍ମାଣ ପରିବର୍ତ୍ତେ 850 ମିଟର ଅତିରିକ୍ତ ରାସ୍ତା ସହ 118.370 କିମିରୁ 174.220 କିମି ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ମୋଟାମୋଟି ଭାବେ ଭୁଲ ଥିଲା ।

ଅଧିକ ଅର୍ଥ ପ୍ରଦାନ କରାଯାଇଥିବା ଠିକାଦାରଙ୍କ ଠାରୁ ଅର୍ଥ ଅସୁଲ ଏବଂ ସେହି ଠିକାଦାରଙ୍କୁ ଅଧିକ ଅର୍ଥ ପ୍ରଦାନ କରିଥିବା ସମ୍ପୃକ୍ତ ଅଧିକାରୀଙ୍କ ଉପରେ ସରକାର ଉତ୍ତରଦାୟିତ୍ୱ ସ୍ଥିର କରିବା ଉଚିତ୍ ।

## 7.14 ଠିକାଦାରଙ୍କୁ ଅଧିକ ଅର୍ଥ ପ୍ରଦାନ

**ଇଞ୍ଜିନିୟରିଂ, କ୍ରୟ ଏବଂ ନିର୍ମାଣ ଚୁକ୍ତିନାମାର ଧାରା 13କୁ ବ୍ୟତିକ୍ରମ କରି ଠିକାଦାରଙ୍କୁ ଅଧିକ ଅର୍ଥ ପ୍ରଦାନ କରାଯାଇଥିବାରୁ ଠିକାଦାରଙ୍କୁ 1.43 କୋଟି ଟଙ୍କାରେ ଅନୁଚିତ ଲାଭ ମିଳିଥିଲା ।**

ଇଞ୍ଜିନିୟରିଂ, କ୍ରୟ ଏବଂ ନିର୍ମାଣ (ଇପିସି) ଚୁକ୍ତିନାମାର ଧାରା 13.1.2 ଏବଂ 13.1.3 ଅନୁଯାୟୀ, କାର୍ଯ୍ୟର ପରିସର (ସିଓଏସ) ପରିବର୍ତ୍ତନ ହେଲେ ଠିକାଦାରମାନେ , ପ୍ରଯୁଜ୍ୟ ବିବରଣୀ ସହିତ ସମର୍ଥିତ ସିଓଏସ ପ୍ରସ୍ତାବ ଏବଂ ଚୁକ୍ତି ମୂଲ୍ୟରେ ହ୍ରାସ/ବୃଦ୍ଧି ପରିମାଣ କର୍ତ୍ତୃପକ୍ଷଙ୍କୁ ଦାଖଲ କରିବାର ଥିଲା ।

ଭୁବନେଶ୍ୱର ରାସ୍ତା ଓ କୋଠାବାଡି ବିଭାଜନ ସଂଖ୍ୟା -II ରେ ନଥି ଗୁଡିକର ଯାଞ୍ଚରୁ ପରିଲକ୍ଷିତ ହେଲା ଯେ ବାଳକାଟି-ବାଲିଅନ୍ତା ରାସ୍ତାର 12 କିଲୋମିଟର ଠାରେ କୁଶଭଦ୍ରା ନଦୀ ଉପରେ ଉଚ୍ଚ ସେତୁ ନିର୍ମାଣ ପାଇଁ ଆକଳନକୁ ମୁଖ୍ୟଯନ୍ତ୍ରୀ (ନକ୍ସା, ଯୋଜନା, ଅନୁସନ୍ଧାନ ଏବଂ ରାସ୍ତା ), ରାଜ୍ୟ ଯୋଜନା ଅଧିନରେ 25.15 କୋଟି ଟଙ୍କାରେ ବୈଷୟିକ ଅନୁମୋଦନ କରିଥିଲେ (ଡିସେମ୍ବର 2013) । ଅନୁମୋଦିତ ଆକଳନ ଅନୁଯାୟୀ ଉକ୍ତ କାର୍ଯ୍ୟରେ 400 ମିଟର ଲମ୍ବ ଉଚ୍ଚ ସେତୁ ନିର୍ମାଣ ପାଇଁ ବ୍ୟବସ୍ଥା ଥିଲା । ନିର୍ବାହୀ ଯନ୍ତ୍ରୀଙ୍କ ଦ୍ୱାରା ଟେଣ୍ଡର ପର୍ଯ୍ୟାୟରେ 380 ମିଟର ଲମ୍ବ ବିଶିଷ୍ଟ ସେତୁ ନିର୍ମାଣ ପାଇଁ ପରିବର୍ତ୍ତନ କରାଯାଇଥିଲା । ସେତୁର ଦୈର୍ଘ୍ୟରେ ହ୍ରାସ ସତ୍ତ୍ୱେ ନିର୍ବାହୀ ଯନ୍ତ୍ରୀ ଅଟକଳ ମୂଲ୍ୟ ହ୍ରାସ କରିନଥିଲେ । ନଭେମ୍ବର 2016 ସୁଦ୍ଧା କାର୍ଯ୍ୟ ସମାପ୍ତ କରିବା ପାଇଁ ଧାର୍ଯ୍ୟ କରାଯାଇ 28.50 କୋଟି ଟଙ୍କାରେ ଚୁକ୍ତିନାମା ମୂଲ୍ୟ ସହିତ ଇପିସି ପ୍ରଣାଳୀରେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା (ନଭେମ୍ବର 2014) । ମଇ 2018 ସୁଦ୍ଧା 28.50 କୋଟି ଟଙ୍କା ଦେୟ ସହିତ ଠିକାଦାର

[220] ଦୁଇଟି ଚୁକ୍ତିନାମା ସାକ୍ଷରିତ ହେଲା (i) 68.260 କିମି ଠାରୁ 118.370 କିମି ପର୍ଯ୍ୟନ୍ତ ବିଦ୍ୟମାନ ଏକ ଲେନ୍ ରାସ୍ତାକୁ ପକ୍କା ବନ୍ଧ ସହିତ ଦୁଇ ଲେନ୍‌ରେ ପ୍ରଶସ୍ତିକରଣ ଓ ସୁଦୃଢୀକରଣ ଏବଂ ii) ଇପିସି ମୋଡରେ ଏନ୍‌ଏଚ୍-59 ର 173.370 କିମି ଠାରୁ 229.400 କିମି

କାର୍ଯ୍ୟ ସମାପ୍ତ କରିଥିଲା । ତେଣୁ,ଚୁକ୍ତିନାମାର ଧାରା 13 ଅନୁଯାୟୀ ଟେଣ୍ଡର ପର୍ଯ୍ୟାୟରେ କିମ୍ବା ଚୁକ୍ତିନାମା ପରେ ସଂଶୋଧିତ କାର୍ଯ୍ୟ ଅନୁସାରେ ସେତୁର ମୂଲ୍ୟ ହ୍ରାସ ନ ହେବା ଯୋଗୁଁ ଟେଣ୍ଡର ପ୍ରିମିୟମ ସହିତ 1.43 କୋଟି ଟଙ୍କାର ଅଧିକ ଦେୟ ପ୍ରଦାନ କରାଯାଇଥିଲା ।

ସରକାର ବ୍ୟକ୍ତ କଲେ (ମେଇ 2022) ଯେ କାର୍ଯ୍ୟ ନିର୍ବାହ ସମୟରେ, ସ୍ପାନ ସଂଖ୍ୟା 10 ରୁ 11 କୁ ବୃଦ୍ଧି କରାଯାଇଥିଲା ଏବଂ ଆପ୍ରୋଚ ରାସ୍ତାର ଲମ୍ବ 189 ମିଟରରୁ 300 ମିଟରକୁ ବୃଦ୍ଧି କରାଯାଇଥିଲା ଯଦ୍ୱାରା ମୂଲ୍ୟ ବୃଦ୍ଧି ହେଲା ।

ଉତ୍ତରଟି ଗ୍ରହଣୀୟ ନଥିଲା କାରଣ ଟେଣ୍ଡର ସମୟରେ ସେତୁର ଲମ୍ବକୁ 400 ମିଟରରୁ 380 ମିଟରକୁ ହ୍ରାସ କରାଯାଇଥିବାରୁ ଆକଳନ ଗୁଡିକ ପୁନଃ ପ୍ରସ୍ତୁତ ହୋଇ ମୁଖ୍ୟଯନ୍ତ୍ରୀଙ୍କ ଦ୍ୱାରା ଅନୁମୋଦିତ ହେବା ଉଚିତ ଥିଲା । ଠିକାଦାରଙ୍କୁ ଦିଆଯାଇଥିବା ଅତିରିକ୍ତ ଦେୟ ଅସୁଲ ହେବା ଆବଶ୍ୟକ ଏବଂ ଏହିପରି ଅତିରିକ୍ତ ଦେୟ ପାଇଁ ଦାୟୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ ।

## 7.15 ସର୍ବେକ୍ଷଣ ଏବଂ ଅନୁସନ୍ଧାନରେ ଢ଼ୀଲାପଣ ହେତୁ ପରିହାର୍ଯ୍ୟ ବ୍ୟୟ

**ସର୍ବେକ୍ଷଣ ଏବଂ ଅନୁସନ୍ଧାନରେ ଢ଼ୀଲାପଣ ଯୋଗୁଁ 9.54 କୋଟି ଟଙ୍କାର ପରିହାର୍ଯ୍ୟ ବ୍ୟୟ ହେଲା ।**

ଓପିଡବ୍ଲୁଡି ସଂହିତାର ଅନୁଚ୍ଛେଦ 3.4.10 (i) ଧାର୍ଯ୍ୟ କରିଛି ଯେ ଅଧୀକ୍ଷଣ ଯନ୍ତ୍ରୀ/ ମୁଖ୍ୟଯନ୍ତ୍ରୀଙ୍କ ନିକଟରେ ଅଟକଳ ମଞ୍ଜୁର ପାଇଁ ଉପସ୍ଥାପନ କରିବା ସମୟରେ, ବିଭାଗୀୟ ଅଧିକାରୀ[221],ପ୍ରମାଣିତ କରିବେ ଯେ ସେ ବ୍ୟକ୍ତିଗତ ଭାବରେ କାର୍ଯ୍ୟ କ୍ଷେତ୍ର ପରିଦର୍ଶନ କରିଛନ୍ତି ଏବଂ ମଞ୍ଜୁର ମୂଲ୍ୟ ସୁଚୀ ବ୍ୟବହାର କରି ଆକଳନ ପ୍ରସ୍ତୁତ କରିଛନ୍ତି ଏବଂ କାର୍ଯ୍ୟନିର୍ବାହ କରିବାରେ ସବୁଠାରୁ ମିତବ୍ୟୟୀ ଏବଂ ନିରାପଦ ବ୍ୟବସ୍ଥା କରିଛନ୍ତି । ପୁନଶ୍ଚ, ଓପିଡବ୍ଲ୍ୟୁଡି ସଂହିତା ଅନୁଚ୍ଛେଦ 3.2.7 ମଧ୍ୟ ଧାର୍ଯ୍ୟ କରିଛି ଯେ ବୈଷୟିକ ମଞ୍ଜୁରୀ ପାଇବାବେଳେ ଏହା ନିଶ୍ଚିତ ହେବା ଉଚିତ ଯେ ପ୍ରସ୍ତାବଟି ଗଠନମୂଳକ ଭାବେ ଠିକ୍ ଅଟେ ଏବଂ ଆକଳନ ସଠିକ୍ ଭାବରେ ଗଣନା କରାଯାଇଅଛି ଏବଂ ଏହା ପର୍ଯ୍ୟାପ୍ତ ତଥ୍ୟ ଉପରେ ଆଧାର କରାଯାଇ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ଅନୁମୋଦିତ ହେବ । କାର୍ଯ୍ୟର ଅଟକଳ ପ୍ରସ୍ତୁତି ଏବଂ ବୈଷୟିକ ମଞ୍ଜୁର ପୂର୍ବରୁ, ଅଧୀକ୍ଷଣ ଯନ୍ତ୍ରୀ ଏବଂ ନିର୍ବାହୀ ଯନ୍ତ୍ରୀ ସର୍ବେକ୍ଷଣ ଏବଂ ଅନୁସନ୍ଧାନ ପାଇଁ କାର୍ଯ୍ୟକ୍ଷେତ୍ର ପରିଦର୍ଶନ କରିଥିଲେ ବୋଲି ପ୍ରମାଣିତ କରିବେ ।

- **ରେଳ ଓଭରବ୍ରିଜ୍ ନିର୍ମାଣ**

"ହାଓଡ଼ା-ମାଡ୍ରାସ ମେନ ଲାଇନ୍ ଉପରେ ରେଟଙ୍ଗ ଓ ଖୋର୍ଦ୍ଧା ଷ୍ଟେସନ୍ ମଧ୍ୟରେ ଜଟଣୀ ନିକଟସ୍ଥ କୁଦିଆରୀରେ 454.939 କିଲୋମିଟରଠାରେ ରେଳ ଓଭର ବ୍ରିଜ୍ ନିର୍ମାଣ" କାର୍ଯ୍ୟକୁ ମୁଖ୍ୟ ଯନ୍ତ୍ରୀ (ନକ୍ସା, ଯୋଜନା, ଅନୁସନ୍ଧାନ ଓ ରାସ୍ତା) ବୈଷୟିକ ମଞ୍ଜୁରୀ ପ୍ରଦାନ କରିଥିଲେ (ସେପ୍ଟେମ୍ବର 2014) । କାର୍ଯ୍ୟର ବୈଷୟିକ ମଞ୍ଜୁରୀ, ଅଧୀକ୍ଷଣ ଯନ୍ତ୍ରୀ ଏବଂ ନିର୍ବାହୀ ଯନ୍ତ୍ରୀଙ୍କର ସାର୍ଟିଫିକେଟ୍ ଉପରେ ଆଧାରିତ ଥିଲା ଯେ, ସେମାନେ ଏହି କାର୍ଯ୍ୟ କ୍ଷେତ୍ର ପରିଦର୍ଶନ କରିଥିଲେ ଏବଂ ସର୍ବେକ୍ଷଣ, ଅନୁସନ୍ଧାନ ଏବଂ ଯୋଜନା ଏବଂ ନକ୍ସା ଉପରେ ସମ୍ପୂର୍ଣ୍ଣ ସନ୍ତୁଷ୍ଟ ହୋଇଥିଲେ । ଜୁଲାଇ 2017 ସୁଦ୍ଧା କାର୍ଯ୍ୟ ସମ୍ପାଦନ ପାଇଁ 38.35 କୋଟି ଟଙ୍କାରେ ଏକ ଠିକାଦାରଙ୍କୁ[222] ଏହି କାର୍ଯ୍ୟ ପ୍ରଦାନ କରାଯାଇଥିଲା (ଜୁଲାଇ 2015) । ମୂଳ ବିସ୍ତୃତ ପ୍ରକଳ୍ପ ରିପୋର୍ଟକୁ, 37.24 ମିଟର ଦୈର୍ଘ୍ୟ ବିଶିଷ୍ଟ 4 ସ୍ପାନ୍ ଏବଂ 37.24 ମିଟର ଦୈର୍ଘ୍ୟ ବିଶିଷ୍ଟ 9 ସ୍ପାନ୍ ବ୍ୟବସ୍ଥା ସହିତ ଖୋର୍ଦ୍ଧା ପଟେ ସିତାରାମ ଛକ (ଜଙ୍କସନ) ଏବଂ ପିପିଲି ପଟେ କୁଦିଆରୀ ଛକରେ ଆରଓବିର ଲେଣ୍ଡିଙ୍ଗ୍ ବ୍ୟବସ୍ଥା କରାଯାଇ ବୈଷୟିକ ଅନୁମୋଦନ କରାଯାଇଥିଲା ।

ସ୍ଥାନୀୟ ଜନସାଧାରଣ ବହୁଳ ଟ୍ରାଫିକ୍ ହେତୁ ସୀତାରାମ ଛକରୁ ଆର୍‌ଓବି ର ଲେଣ୍ଡିଙ୍ଗକୁ ସ୍ଥାନାନ୍ତର କରିବାକୁ ଦାବି କରିଥିଲେ । ପୁନଶ୍ଚ ଉପମୁଖ୍ୟ ଯନ୍ତ୍ରୀ/ ନିର୍ମାଣ-I, ପୂର୍ବତଟ ରେଳପଥ, ଅଗଷ୍ଟ 2015 ଏବଂ ନଭେମ୍ବର 2015 ରେ

221 ଓଡ଼ିଶା ପୂର୍ତ୍ତ ବିଭାଗ (ଓପିଡବ୍ଲୁଡି) ସଂହିତାର ଅନୁଚ୍ଛେଦ 2.2.25 ଅନୁଯାୟୀ ନିର୍ବାହୀ ଯନ୍ତ୍ରୀ, ବିଭାଗୀୟ ମୁଖ୍ୟ ଭାବରେ ପରିଗଣିତ ହୁଅନ୍ତି

222 ମେସର୍ସ ପଣ୍ଡା ଇନ୍‌ଫ୍ରା ପ୍ରୋଜେକ୍ଟସ୍ (ଇଣ୍ଡିଆ) ପ୍ରାଇଭେଟ୍ ଲିମିଟେଡ୍

ଆର୍‌ଓବି ର ରେଳପଥ ଅଂଶର 51.48 ମିଟର ସ୍ପାନକୁ ବିଚାର କରିବାକୁ ବିଭାଗକୁ ଅନୁରୋଧ କରିଥିଲେ । ଏହାଦ୍ୱାରା ନକ୍ସା ଏବଂ ଅଟକଳରେ ପରିବର୍ତ୍ତନ ଆବଶ୍ୟକ ହେଲା । ଫଳସ୍ୱରୂପ, କାର୍ଯ୍ୟର ଅଗ୍ରଗତି ବିଳମ୍ବ ହେଲା । ଅଗଷ୍ଟ 2018 ରେ, କାର୍ଯ୍ୟର ଅନୁପଯୁକ୍ତ ଅଗ୍ରଗତି ହେତୁ, 10.80 କୋଟି ଟଙ୍କା (28 ପ୍ରତିଶତ) ମୂଲ୍ୟର କାର୍ଯ୍ୟ ସମ୍ପାଦନ କରିବା ପରେ ବିଭାଗ, ମୂଳ ଚୁକ୍ତିନାମାକୁ ବାତିଲ କରିଦେଲା, ଯାହାଫଳରେ 27.55 କୋଟି ଟଙ୍କା ( 38.35 କୋଟି ଟଙ୍କା – 10.80 କୋଟି ଟଙ୍କା)ର କାର୍ଯ୍ୟ ବଳକା ରହିଲା ।

ଅଧିକ ପରିମାଣ ଏବଂ ଅତିରିକ୍ତ କାର୍ଯ୍ୟ ସହିତ ବଳକା କାର୍ଯ୍ୟ ପାଇଁ ସଂଶୋଧିତ ଆକଳନ (ସଂପ୍ରସାରଣ ସହିତ), 63.11 କୋଟି ଟଙ୍କାରେ (129 ପ୍ରତିଶତ ମୂଲ୍ୟ ବୃଦ୍ଧି) ଅନୁମୋଦନ କରାଯାଇଥିଲା (ନଭେମ୍ବର 2018) । ତେଣୁ, କାର୍ଯ୍ୟର ଅଟକଳ ମୂଲ୍ୟ 35.56 କୋଟି ଟଙ୍କା ବୃଦ୍ଧି ହେଲା । ସେପ୍ଟେମ୍ବର 2020 ସୁଦ୍ଧା କାର୍ଯ୍ୟ ସମାପ୍ତ ହେବା ପାଇଁ 71.94 କୋଟି ଟଙ୍କା (64.23 କୋଟି ଟଙ୍କା + 12 ପ୍ରତିଶତ ଦ୍ରବ୍ୟ ଓ ସେବା କର)ରେ ଏକ ଠିକାଦାରଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା (ମାର୍ଚ୍ଚ 2019) ଏବଂ କାର୍ଯ୍ୟ ବର୍ତ୍ତମାନ ଚାଲୁଅଛି । ଟେଣ୍ଡର ପରବର୍ତ୍ତୀ ପର୍ଯ୍ୟାୟରେ କାର୍ଯ୍ୟରେ ଏବଂ ଆକଳନରେ ପରିବର୍ତ୍ତନ ଏବଂ ସଂଶୋଧିତ ଆକଳନକୁ ଆଧାର କରି ବଳକା କାର୍ଯ୍ୟ ପାଇଁ କାର୍ଯ୍ୟାଦେଶ ପ୍ରଦାନ କରାଯିବା ଯୋଗୁ ଟେଣ୍ଡର ପ୍ରିମିୟମ ଏବଂ ଜିଏସ୍‌ଟି ସହ ଚୁକ୍ତିନାମା ମୂଲ୍ୟ 71.94 କୋଟି ଟଙ୍କାକୁ ବୃଦ୍ଧି ପାଇଲା । ଅଡିଟ୍ କିନ୍ତୁ, ଚୁକ୍ତିନାମାର ମୂଳ ମୂଲ୍ୟର ସହମତ ହାରରେ ସଂଶୋଧିତ ପରିମାଣ ସହିତ ବର୍ତ୍ତମାନର ଡିଜାଇନ୍‌କୁ ବିଚାରକୁ ନେଇ ବର୍ଦ୍ଧିତ ମୂଲ୍ୟର ମୂଲ୍ୟାୟନ କରିଥିଲା । ଟେଣ୍ଡର ପ୍ରିମିୟମ, ସହିତ ବଳକା କାର୍ଯ୍ୟର ମୂଲ୍ୟକୁ ଅଡିଟ୍ 64.28 କୋଟି ଟଙ୍କା ମୂଲ୍ୟାୟନ କଲା ଯାହା ***ପରିଶିଷ୍ଟ-XXXVIII*** ରେ ବର୍ଣ୍ଣନା କରାଯାଇଅଛି । ତେଣୁ, ସର୍ବେକ୍ଷଣ ଏବଂ ଅନୁସନ୍ଧାନ ବିନା, ଯାନବାହନ ଗହଳି ସଂଯୋଗ ସ୍ଥଳରେ ଆର୍‌ଓବିର ଲେଣ୍ଡିଙ୍ଗକୁ ପୂର୍ବାନୁମାନ କରିବାରେ ନିର୍ବାହୀ ଯନ୍ତ୍ରୀ / ଅଧିକ୍ଷଣ ଯନ୍ତ୍ରୀଙ୍କ ଢିଲାପଣ ଯୋଗୁଁ 7.66 କୋଟି ଟଙ୍କା (71.94 କୋଟି ଟଙ୍କା – 64.28 କୋଟି ଟଙ୍କା) ର ଅତିରିକ୍ତ ପରିହାର୍ଯ୍ୟ ବ୍ୟୟ ହୋଇଥିଲା ।

ସରକାରଙ୍କ ପୂର୍ତ୍ତ ବିଭାଗ ଗ୍ରହଣ କରିଥିଲେ (ମଇ 2022) ଯେ ସୀତାରାମ ଛକରେ ଆର୍‌ଓବି ଲେଣ୍ଡିଙ୍ଗ୍ ହେତୁ ଯାନବାହନ ଧକ୍କା ହେବାର ସମ୍ଭାବନା ରହିଛି । ଜନସାଧାରଣ ଏବଂ ଟ୍ରାଫିକ୍ ସମସ୍ୟାର ନିରାପତ୍ତାକୁ ବିଚାର କରି, ଖୋର୍ଦ୍ଧା ପାର୍ଶ୍ୱରେ ଆର୍‌ଓବିକୁ ସଂପ୍ରସାରଣ କରିବା ପାଇଁ ଯୋଜନା କରାଯାଇଥିଲା ଏବଂ କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ଅନୁମୋଦିତ ହୋଇଥିଲା । ସଂଶୋଧିତ ଆକଳନରେ ଆଲାଇନ୍‌ମେଣ୍ଟ ପରିବର୍ତ୍ତନ ଏବଂ ରେଳ ବିଭାଗ ଅଂଶର ସ୍ପାନ୍‌ର ଲମ୍ବ ମଧ୍ୟ ବୃଦ୍ଧି କରାଯାଇଥିଲା ।

ଉତ୍ତର ଗ୍ରହଣୀୟ ନଥିଲା କାରଣ ସୀତାରାମ ଛକରେ ଆର୍‌ଓବି ଲ୍ୟାଣ୍ଡିଙ୍ଗ ହେତୁ ଯାନବାହନ ଧକ୍କା ହେବାର ସମ୍ଭାବନାକୁ ନିର୍ବାହୀଯନ୍ତ୍ରୀ / ଅଧୀକ୍ଷଣ ଯନ୍ତ୍ରୀ ବିଚାର କରିବାରେ ବିଫଳ ହୋଇଥିଲେ । ନିର୍ମାଣ ସ୍ଥାନର ସର୍ବେକ୍ଷଣ ଏବଂ ଅନୁସନ୍ଧାନର ଅଭାବରୁ ପରିହାର୍ଯ୍ୟ ବ୍ୟୟ ହେଲା ଏବଂ ରାଜ୍ୟ ରାଜକୋଷ ପାଇଁ ଖର୍ଚ୍ଚ ଭାର ହେଲା ।

- **ଦୁଇଟି ଉଚ୍ଚ ସେତୁ[223] ନିର୍ମାଣ**

ଯାଜପୁର ଜିଲ୍ଲାର ଧର୍ମଶାଳା ଠାରୁ ଜବାଟ ବନ୍ଧ ରାସ୍ତାର ଆର୍‌ଡି 5.080 କିଲୋମିଟର ଏବଂ 11.050 କିଲୋମିଟର ଠାରେ ଦୁଇଟି ଉଚ୍ଚ ସେତୁ ନିର୍ମାଣ, ଅଧିକ୍ଷଣ ଯନ୍ତ୍ରୀ (ଏସ୍‌ଇ), ରାସ୍ତା ଏବଂ କୋଠାବାଡ଼ି ମଣ୍ଡଳ, କଟକଙ୍କ ଦ୍ୱାରା 7.20 କୋଟି ଟଙ୍କାରେ ବୈଷୟିକ ମଞ୍ଜୁରୀ ପ୍ରାପ୍ତ ହୋଇଥିଲା । ଅକ୍ଟୋବର 2017 ସୁଦ୍ଧା କାର୍ଯ୍ୟ ଶେଷ କରିବାକୁ 6.82 କୋଟି ଟଙ୍କାରେ ନଭେମ୍ବର 2016 ରେ ଏକ ଠିକାଦାରଙ୍କୁ ଏହି କାର୍ଯ୍ୟ ପ୍ରଦାନ କରାଯାଇଥିଲା । ମୃତ୍ତିକା ସର୍ବେକ୍ଷଣ ରିପୋର୍ଟ ଅନୁଯାୟୀ, ମୃତ୍ତିକା ସ୍ତରକୁ ବିଚାରକୁ ନେଇ, ଗଠନମୂଳକ ସୁଦୃଢ଼ତାକୁ ସୁନିଶ୍ଚିତ କରିବା ପାଇଁ ପାଇଲ ଭାର କ୍ଷମତା ସ୍ଥିର କରାଯାଇଅଛି ଏବଂ ଏହା ସାଧାରଣ ବ୍ୟବସ୍ଥା ନକ୍ସା (ଜିଏଡି) ରେ ଅନ୍ତର୍ଭୁକ୍ତ କରାଯିବ । ଉପରୋକ୍ତ ରିପୋର୍ଟରେ ଏହା ମଧ୍ୟ ଉଲ୍ଲେଖ କରାଯାଇଥିଲା ଯେ ପାଇଲ୍ ନିର୍ମାଣ ସମୟରେ, କାର୍ଯ୍ୟନିର୍ବାହୀ ଯନ୍ତ୍ରୀମାନେ ନିରାପତ୍ତା ଭାର ପରୀକ୍ଷା କରି ଜିଏଡି ଅନୁଯାୟୀ ପାଇଲ ଭାର କ୍ଷମତାକୁ ନିଶ୍ଚିତ କରିବେ ।

223 ଉଚ୍ଚ ସେତୁ ହେଉଛି ଏକ ସେତୁ, ଯାହା ଚ୍ୟାନେଲର ସର୍ବୋଚ୍ଚ ବନ୍ୟା ସ୍ତରରୁ ରାସ୍ତାକୁ ବହନ କରେ ।

କାର୍ଯ୍ୟକ୍ଷେତ୍ର ପରିଦର୍ଶନ (ନଭେମ୍ବର 2017) ସମୟରେ, ଏସ୍‌ଇ ଜାଣିବାକୁ ପାଇଲେ ଯେ ଉଭୟ ସେତୁରେ ଥିବା 68 ଟି ପାଇଲ୍ ମଧ୍ୟରୁ 50 ଟି ପାଇଲ୍, ଠିକାଦାର ଦ୍ୱାରା ପାଇଲ୍ ଭାର ପରୀକ୍ଷା କରାନଯାଇ ନିର୍ମାଣ ହୋଇସାରିଛି, ଯାହା ଇଇ/ଏସ୍‌ଇଙ୍କ ଉପସ୍ଥିତିରେ କରିବା ଧାର୍ଯ୍ୟ ଥିଲା । ନିରାପଦ ଭାର ପରୀକ୍ଷା[224] ବିନା ପାଇଲ୍ ଗୁଡ଼ିକୁ ନିର୍ମାଣ କରାଯିବା, ସେତୁକୁ ଦୁର୍ବଳ କରିଦେବ ଏବଂ ପରେ ଭୁଷୁଡ଼ିବାର ସମ୍ଭାବନା ଅଛି ।


ଫଟୋ ସଂଖ୍ୟା 27- 5.080 କିମି ଠାରେ ସେତୁ


ଫଟୋ ସଂଖ୍ୟା 28- 11.050 କିମି ଠାରେ ସେତୁ

ଭାର ପରୀକ୍ଷଣ କରିବାରେ ଇଇଙ୍କ ବିଫଳତା ହେତୁ, ଏସ୍‌ଇର ନିର୍ଦ୍ଦେଶ କ୍ରମେ ପାଇଲ୍ ଭାର ପରୀକ୍ଷଣ ବିଳମ୍ବିତ ଭାବରେ କରାଯାଇଥିଲା (ଜାନୁଆରୀ 2018) ଏବଂ ଏହା ଲକ୍ଷ୍ୟ କରାଯାଇଥିଲା ଯେ ଆର୍‌ଡି 5.080 କିଲୋମିଟର ଏବଂ ଆର୍‌ଡି 11.050 କିଲୋମିଟରରେ ଥିବା ସେତୁ ପାଇଁ ଯଥାକ୍ରମେ ମୂଳ ଜିଏଡିରେ ପ୍ରଦତ୍ତ 230 ଏବଂ 280 ଟନ୍ ନିରାପତ୍ତା ଭାର ଆବଶ୍ୟକ ସ୍ଥଳରେ ନିରାପତ୍ତା ଭାର 162.70 ଏବଂ 130 ଟନ୍ ଥିଲା । ତଦନୁଯାୟୀ ମୁଖ୍ୟ ଯନ୍ତ୍ରୀ (ଡିଜାଇନ୍) ପାଇଲ୍ ନିର୍ମାଣରେ ପରିବର୍ତ୍ତନ ସହ 11.050 କିଲୋମିଟର ଠାରେ ଥିବା ଉଚ୍ଚ ସେତୁର ପାଇଲ୍ ସଂଖ୍ୟାକୁ 32 ରୁ 56 କୁ ଏବଂ 5.080 କିଲୋମିଟର ଠାରେ ଥିବା ଉଚ୍ଚ ସେତୁର ପାଇଲ ସଂଖ୍ୟାକୁ 36 ରୁ 40 କୁ ବୃଦ୍ଧି କରିଥିଲେ (ଜୁଲାଇ/ଅଗଷ୍ଟ 2018) ।

ଇତି ମଧ୍ୟରେ, କାର୍ଯ୍ୟ ସମାପ୍ତ ହେବାର ନିର୍ଦ୍ଧାରିତ ସମୟ ସମାପ୍ତ ହୋଇଥିଲା ଏବଂ ଠିକାଦାର ସମୟ ବୃଦ୍ଧି ଆବେଦନ ନକରିବାକୁ ଚୟନ କରିଥିଲେ । ଠିକାଦାର 1.55 କୋଟି ଟଙ୍କା ମୂଲ୍ୟର କାର୍ଯ୍ୟ ସମ୍ପାଦନ କରିବା ପରେ ଚୁକ୍ତିନାମା ବନ୍ଦ ପାଇଁ ଆବେଦନ କରିଥିଲେ (ନଭେମ୍ବର 2018) । ନିର୍ବାହୀ ଯନ୍ତ୍ରୀ (ଇଇ), ପାଣିକୋଇଲି (ରାସ୍ତା ଓ କୋଠାବାଡ଼ି) ବିଭାଜନ, ପାଣିକୋଇଲି ଉଭୟ ସେତୁର ଚୁକ୍ତିନାମା ବାତିଲ ପ୍ରସ୍ତାବ ଅଧିକ୍ଷଣ ଯନ୍ତ୍ରୀ, କଟକ (ରାସ୍ତା ଓ କୋଠାବାଡ଼ି) ମଣ୍ଡଳଙ୍କୁ ଦେଇଥିଲେ (ଅପ୍ରେଲ 2019) ଯାହା ଜୁଲାଇ 2019 ରେ ମଞ୍ଜୁର ହୋଇଥିଲା । ବଳକା କାର୍ଯ୍ୟର ମୂଲ୍ୟ 5.28 କୋଟି ଟଙ୍କା ଥିଲା । ତେଣୁ, ନିରାପତ୍ତା ଭାର ପରୀକ୍ଷଣ ନକରି 50 ଟି ପାଇଲ୍ କାର୍ଯ୍ୟ ସମାପ୍ତ ହେବା ସହିତ ଗଠନ ମୂଳକ ନକ୍ସାରେ ପରିବର୍ତ୍ତନ ସହିତ ପାଇଲ୍ ବ୍ୟବସ୍ଥାରେ ପରିବର୍ତ୍ତନ କରାଯାଇଥିଲା । ଫଳସ୍ୱରୂପ, ଚୁକ୍ତିନାମା ମଧ୍ୟ ଭାଗରେ ବନ୍ଦ ହେଲା ।

ଉଭୟ କାର୍ଯ୍ୟର ବଳକା ଅଂଶ ପାଇଁ ସଂଶୋଧିତ ଆକଳନକୁ ଅଧୀକ୍ଷଣ ଯନ୍ତ୍ରୀ 7.32 କୋଟି ଟଙ୍କାରେ ମଞ୍ଜୁର କରିଥିଲେ (ସେପ୍ଟେମ୍ବର/ ନଭେମ୍ବର 2020) ଏବଂ ନଭେମ୍ବର 2021/ ଜୁନ୍ 2022 ସୁଦ୍ଧା ସମାପ୍ତ କରିବାକୁ ଦୁଇ ଜଣ ଠିକାଦାରଙ୍କୁ 7.29 କୋଟି ଟଙ୍କାରେ କାର୍ଯ୍ୟାଦେଶ ପ୍ରଦାନ କରାଗଲା (ଫେବୃଆରୀ/ ଜୁଲାଇ 2021) । କାର୍ଯ୍ୟ ପରିସର ପରିବର୍ତ୍ତନ ହେତୁ ଏବଂ ଟେଣ୍ଡର ପରବର୍ତ୍ତୀ ପର୍ଯ୍ୟାୟରେ ବଳକା କାର୍ଯ୍ୟର ବ୍ୟୟ ଅଟକଳ ସଂଶୋଧିତ ଆକଳନ ଆଧାରରେ ପ୍ରସ୍ତୁତ ହେବାରୁ ଚୁକ୍ତିନାମା ମୂଲ୍ୟ ଟେଣ୍ଡର ପ୍ରିମିୟମ/ ରିହାତି ଦ୍ରବ୍ୟ ଓ ସେବା କର[225] ସହିତ 8.16 କୋଟି ଟଙ୍କା ବୃଦ୍ଧି ପାଇଥିଲା । ଯଦି ସଂଶୋଧିତ ଡିଜାଇନ୍ ନିର୍ଦ୍ଧାରିତ ସମାପ୍ତ ଅବଧି ମଧ୍ୟରେ ଚୂଡ଼ାନ୍ତ ହୋଇଥାନ୍ତା ଏବଂ ପ୍ରଥମ ଠିକାଦାରଙ୍କ ଦ୍ୱାରା ଚୁକ୍ତିଭିତ୍ତିକ ସହମତ ହାରରେ ସଂଶୋଧିତ ପରିମାଣ ସହିତ କାର୍ଯ୍ୟକାରୀ ହୋଇଥିଲେ ସଂଶୋଧିତ ଡିଜାଇନ୍ ଅନୁସାରେ ବଳକା କାର୍ଯ୍ୟର ମୂଲ୍ୟ 6.28 କୋଟି ଟଙ୍କା ହୋଇଥାନ୍ତା ଯାହା ***ପରିଶିଷ୍ଟ -XXXIX*** ରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଅଛି ।

224 ସଂରଚନା/ ସେତୁର ନିରାପଦ ଭାର ଧାରଣ କ୍ଷମତା ନିର୍ଣ୍ଣୟ କରିବା ପାଇଁ ନିରାପଦ ଲୋଡ୍ ପରୀକ୍ଷା ଏକ ପ୍ରକ୍ରିୟା ଅଟେ ।

225 5.080 କିମିରେ ଉଚ୍ଚ ସେତୁ (- 5.11ପ୍ରତିଶତ ଟେଣ୍ଡର ରିହାତି) ଏବଂ 11.050 କିମିରେ ଉଚ୍ଚ ସେତୁ (+ 4.99 ପ୍ରତିଶତ ଟେଣ୍ଡର ପ୍ରିମିୟମ)/ 12 ପ୍ରତିଶତ ଦ୍ରବ୍ୟ ଓ ସେବାକର

ଅଡିଟ୍ ପରିଲକ୍ଷିତ କଲା ଯେ ପାଇଲ୍ ଗୁଡ଼ିକ ପାଇଁ ନିରାପତ୍ତା ଭାର ପରୀକ୍ଷଣ ନକରିବା ଯନ୍ତ୍ରୀମାନଙ୍କର ଅବହେଳାକୁ ସୂଚାଉଛି ଯାହାପାଇଁ ଦାୟିତ୍ୱବୋଧତା ଧାର୍ଯ୍ୟ କରାଯିବା ଉଚିତ୍ । ଯଦି ଅଧୀକ୍ଷଣ ଯନ୍ତ୍ରୀଙ୍କ ଦ୍ୱାରା ସମୟପୋଯୋଗୀ ତଦାରଖ ହୋଇନଥାନ୍ତା, ସେତୁ ଦ୍ୱୟ ନିରାପତ୍ତା ଭାର ପରୀକ୍ଷଣ ବିନା ନିର୍ମାଣ ହୋଇଯାଇଥାନ୍ତା, ଫଳସ୍ୱରୁପ ସେତୁଗୁଡ଼ିକ ଦୁର୍ବଳ ହୋଇଯାଇଥାନ୍ତା । ଏହିପରି ନିର୍ବାହୀ ଯନ୍ତ୍ରୀ/ ଅଧୀକ୍ଷଣ ଯନ୍ତ୍ରୀଙ୍କ ଦ୍ୱାରା ପାଇଲ ଗୁଡ଼ିକର ନିରାପତ୍ତା ଭାର ପରୀକ୍ଷଣ ନକରିବା ଦ୍ୱାରା ଏବଂ ଚୁକ୍ତିଭିତ୍ତିକ ଅବଧି ସହିତ ଡିଜାଇନ୍ ଚୂଡ଼ାନ୍ତ ନକରାଯିବା ହେତୁ 1.88 କୋଟି ଟଙ୍କା (8.16 କୋଟି ଟଙ୍କା – 6.28 କୋଟି ଟଙ୍କା)ର ଅତିରିକ୍ତ ପରିହାର୍ଯ୍ୟ ବ୍ୟୟ ହେଲା । ଏହା ବ୍ୟତୀତ ମୂଳ କାର୍ଯ୍ୟ ସମାପ୍ତ ହେବାର ନିର୍ଦ୍ଧାରିତ ତାରିଖ ଠାରୁ ଉକ୍ତ ସେତୁ ନିର୍ମାଣରେ ତିନି ବର୍ଷରୁ ଅଧିକ ବିଳମ୍ବ ହୋଇଥିଲା ।

ସରକାର ବ୍ୟକ୍ତ କଲେ (ମଇ 2022) ଯେ ପାଇଲ୍ ସଂଖ୍ୟା 68 ରୁ 96 କୁ ବୃଦ୍ଧି ସହିତ ନକ୍ସାକୁ ସଂଶୋଧନ କରାଯାଇଥିଲା ଏବଂ ଉଭୟ ସେତୁରେ ପାଇଲ୍ ବୃଦ୍ଧି ହେତୁ ଅଧିକ ଖର୍ଚ୍ଚ ହୋଇଥିଲା । ଉତ୍ତରଟି ଗ୍ରହଣୀୟ ନଥିଲା କାରଣ ପାଇଲ୍ ଭାର କ୍ଷମତା ଉପରେ ଆଧାରିତ ମୂଳ ଯୋଜନା ଅନୁଯାୟୀ କେବଳ 68 ଟି ପାଇଲ୍ ନିର୍ମାଣ ହୋଇଥାନ୍ତା । କିନ୍ତୁ, ପାଇଲ୍ ଗୁଡ଼ିକର ନିରାପତ୍ତା ଭାର ପରୀକ୍ଷଣ କରିବାରେ ଇଇଙ୍କର ବିଫଳତା ହେତୁ ପାଇଲ୍ ସଂଖ୍ୟା 68 ରୁ 96 କୁ ବୃଦ୍ଧି ପାଇଥିଲା । ଯାହାଦ୍ୱାରା ନୂତନ ଟେଣ୍ଡର ଦ୍ୱାରା ସେତୁ ନିର୍ମାଣ ହେବାରୁ ଅତିରିକ୍ତ ପରିହାର୍ଯ୍ୟ ଖର୍ଚ୍ଚ ହେଲା ।

ତେଣୁ, ଜିଏଡିରେ ଧାର୍ଯ୍ୟ କରାଯାଇଥିବା ନିର୍ମାଣ ସ୍ଥାନ ଏବଂ ପାଇଲ୍ ଭାର ପରୀକ୍ଷଣର ସଠିକ୍ ସର୍ବେକ୍ଷଣ ଏବଂ ଅନୁସନ୍ଧାନ ହୋଇଥିଲେ, ଆର୍‌ଓବି ଏବଂ ଉକ୍ତ ସେତୁ ଦ୍ୱୟର ପୁନଃ ଟେଣ୍ଡର ଦ୍ୱାରା ଅତିରିକ୍ତ 9.54 କୋଟି ଟଙ୍କା (7.66 କୋଟି ଟଙ୍କା + 1.88 କୋଟି ଟଙ୍କା) ବ୍ୟୟକୁ ଏଡ଼ାଇ ଦିଆଯାଇ ପାରିଥାନ୍ତା । ଏହିପରି ଗୁରୁତର ତ୍ରୁଟି ସତ୍ତ୍ୱେ ସଂପୃକ୍ତ ଅଧିକାରୀଙ୍କୁ କୌଣସି ପ୍ରକାରେ ଦାୟୀ କରାଯାଇ ନଥିଲା ।

## 7.16 କ୍ରଷ୍ଟ ବିଫଳତା ଯୋଗୁଁ ଅତିରିକ୍ତ ପରିହାର୍ଯ୍ୟ ବ୍ୟୟ

**ଏକ ବହୁଳ ଯାନ ବାହନ ଚଳାଚଳ/ ଆକ୍ସଲ୍ ଲୋଡ୍ ରାସ୍ତା ପାଇଁ ଅନୁପଯୁକ୍ତ କ୍ରଷ୍ଟ ମୋଟେଇର ବ୍ୟବସ୍ଥା କରାଯିବା ଯୋଗୁଁ 16 ମାସ ମଧ୍ୟରେ କ୍ରଷ୍ଟ ବିଫଳତା ହେଲା ଏବଂ ପୁନଃ ଆଚ୍ଛାଦନର ଆବଶ୍ୟକତା ଯୋଗୁଁ 3.14 କୋଟି ଟଙ୍କା ଅତିରିକ୍ତ ପରିହାର୍ଯ୍ୟ ବ୍ୟୟ ହୋଇଥିଲା ।**

ଭାରତୀୟ ରୋଡ଼ କଂଗ୍ରେସ (ଆଇଆର୍‌ସି-37:2001/2012) ମାଟିର ଶକ୍ତି ଅନୁଯାୟୀ ରାସ୍ତାର ପେଭ୍‌ମେଣ୍ଟ ଘନତାକୁ କାଲିଫର୍ଣ୍ଣିଆ ବିୟରିଂ ଅନୁପାତ (ସିବିଆର୍)[226] ଆକାରରେ ନିର୍ଦ୍ଧାରଣ କରେ ଏବଂ ବହୁ ସଂଖ୍ୟକ ବ୍ୟବସାୟିକ ଯାନ ଚଳାଚଳ ଆଧାରରେ ସ୍ଥିର ହୋଇଥାଏ, ଯାହା ମିଲିୟନ ଷ୍ଟାଣ୍ଡାର୍ଡ ଆକ୍ସଲ୍ (ଏମ୍‌ଏସ୍‌ଏ) ଭାବରେ ଗଣନା କରାଯାଇଥାଏ । 5 ଏମ୍‌ଏସ୍‌ଏ ରୁ ଅଧିକ ପରିବହନ ପାଇଁ ଡିଜାଇନ୍ ହୋଇଥିବା ରାସ୍ତା ନିମନ୍ତେ ଡେନ୍ସ ବିଟୁମିନସ୍ ମାକାଡମ (ଡିବିଏମ୍) ବାଇଣ୍ଡର କୋର୍ସ ଏବଂ 10 ଏମ୍‌ଏସ୍‌ଏ ରୁ ଅଧିକ ପରିବହନ ପାଇଁ ଡିଜାଇନ୍ ହୋଇଥିବା ରାସ୍ତା ନିମନ୍ତେ ବିଟୁମିନସ୍ କଂକ୍ରିଟ୍ (ବିସି)ର ୱେରିଙ୍ଗ୍ କୋର୍ସ ପାଇଁ ମଧ୍ୟ ଆଇଆର୍‌ସି ସୁପାରିଶ କରେ । ଆଇଆର୍‌ସି 82-1982 ସୁପାରିଶ କରେ ଯେ ପିଚୁ ଆବରଣରେ ଏକ ସାଧାରଣ ତ୍ରୁଟି ହେଉଛି ଫାଟ[227] ସୃଷ୍ଟି । ପର୍ଯ୍ୟାପ୍ତ ପିଚୁ ସ୍ତର ନହେବା କିମ୍ବା ଭାରୀ ଯାନ ଦ୍ୱାରା ଅତ୍ୟଧିକ ଭାର ଏବଂ ସବ୍‌ଗ୍ରେଡ୍ କିମ୍ବା ପେଭେମେଣ୍ଟର ତଳ ଭାଗର ଅନୁପଯୁକ୍ତ ଅବସ୍ଥା ଯୋଗୁଁ ଏହି ଫାଟ ସୃଷ୍ଟି ହୁଏ । କ୍ରଷ୍ଟ ବିଫଳତାକୁ ଏଡ଼ାଇବା ପାଇଁ ଯତ୍ନର ସହିତ ସିବିଆର୍ ଏବଂ ଏମ୍‌ଏସ୍‌ଏ ଅନୁଯାୟୀ ପିଚୁ ରାସ୍ତାର ମୋଟେଇ ସ୍ଥିର କରାଯିବା ଉଚିତ୍ । ପୁନଶ୍ଚ, ଆଇଆର୍‌ସି 82-1982 ର ପରିଚ୍ଛେଦ 6.5 ସୁପାରିଶ କରିଛି ଯେ 450 ରୁ ଉର୍ଦ୍ଧ୍ୱ ବ୍ୟବସାୟିକ ଯାନବାହାନ ଚଳାଚଳ କରୁଥିବା ରାସ୍ତାକୁ ତିନି ବର୍ଷ ପରେ ପୃଷ୍ଠ ଆବରଣ ଦ୍ୱାରା ପର୍ଯ୍ୟାୟ କ୍ରମେ ନବୀକରଣ କରିବା ଆବଶ୍ୟକ ।

226 ସିବିଆର୍ ପରୀକ୍ଷା ହେଉଛି ଏକ ଅନୁପ୍ରବେଶ ପରୀକ୍ଷଣ ଯାହାକି ରାସ୍ତା ଏବଂ ପେଭ୍‌ମେଣ୍ଟର ସବ୍‌ଗ୍ରେଡ୍ ଶକ୍ତି ଆକଳନ କରିବା ପାଇଁ ବ୍ୟବହୃତ ହୁଏ । ଏହି ପରୀକ୍ଷଣର ଫଳାଫଳଗୁଡ଼ିକ ପେଭ୍‌ମେଣ୍ଟ ଏବଂ ଏହାର ଉପାଦାନ ସ୍ତରଗୁଡ଼ିକ ନିର୍ଣ୍ଣୟ କରିବା ପାଇଁ ବକ୍ରଗୁଡ଼ିକ ସହିତ ବ୍ୟବହୃତ ହୁଏ । ନମନୀୟ ରାସ୍ତା ଚଟାଣର ଡିଜାଇନ୍ ପାଇଁ ଏହା ହେଉଛି ବହୁଳ ଭାବରେ ବ୍ୟବହୃତ ହେଉଥିବା ପଦ୍ଧତି

227 ଆଇଆର୍‌ସି 82-1982: ଅନୁଯାୟୀ ରାସ୍ତାରେ ଥିବା ଫାଟଗୁଡ଼ିକ ବିଭିନ୍ନ ପ୍ରକାରର ଯେପରିକି i) କେଶ ରେଖା ଫାଟ, ii) ଆଲିଗେଟର ଫାଟ, iii) ଦ୍ରାଘିମା ଫାଟ, iv) ଧାର ଫାଟ, ଏବଂ v) ସଙ୍କୋଚନ ଫାଟ ଏବଂ ପ୍ରତିଫଳିତ ଫାଟ

ରାସ୍ତା ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ (ଏମ୍ଓଆର୍ଟିଏଚ୍) ନିର୍ଦ୍ଦେଶାବଳୀ (ସେପ୍ଟେମ୍ବର 2002) ଅନୁଯାୟୀ ଏକ ରାସ୍ତାର ନବୀକରଣ ଅନ୍ତତଃ ପକ୍ଷେ ତିନି ବର୍ଷ ପର୍ଯ୍ୟନ୍ତ ରହିବ ଏବଂ 1500 ରୁ ଉର୍ଦ୍ଧ୍ୱ ବ୍ୟବସାୟିକ ଯାନବାହନ ଚଳାଚଳ (ସିଭିପିଡି) କରୁଥିବା ଅତ୍ୟଧିକ ଗହଳି ରାସ୍ତା ଉପରେ 25 ମିଲିମିଟର ଏସ୍ଡିବିସି / ବିସିର ଆବରଣ ଦିଆଯାଇପାରିବ । ବିଟୁମିନସ୍ କଂକ୍ରିଟ୍(ବିସି) କେବଳ ବିଦ୍ୟମାନ ବିଟୁମିନସ୍ କଂକ୍ରିଟ୍ ଆଚ୍ଛାଦିତ ପୃଷ୍ଠରେ ବିଛାଯାଇ ପାରିବ ।

ନିର୍ବାହୀ ଯନ୍ତ୍ରୀ (ଇଇ), ରାଉରକେଲା (ରାସ୍ତା ଓ କୋଠାବାଡି) ବିଭାଜନଙ୍କ ନଥିପତ୍ର ଯାଞ୍ଚରୁ ଜଣାଗଲା ଯେ ମୁଖ୍ୟଯନ୍ତ୍ରୀ (ନକ୍ସା, ଯୋଜନା ଅନୁସନ୍ଧାନ ଏବଂ ରାସ୍ତା), କୋଇଡା-ଡେଙ୍ଗୁଲା-ଟେନସା-ବରସୁଆଁ-କଲେଇପୋଷ ରାସ୍ତାର 15 କିଲୋମିଟର ଠାରୁ 24.025 କିଲୋମିଟର ପର୍ଯ୍ୟନ୍ତ ରାସ୍ତାର ଉନ୍ନତିକରଣ ପାଇଁ ରାଜ୍ୟ ଯୋଜନା ଅଧିନରେ 21.59 କୋଟି ଟଙ୍କାରେ ବୈଷୟିକ ମଂଜୁର ପ୍ରଦାନ କରିଥିଲେ (ମଇ 2014) । ଉପରୋକ୍ତ କାର୍ଯ୍ୟର ଆକଳନ ଏବଂ ଅନ୍ୟାନ୍ୟ ବିଷୟଗୁଡିକ ଉଦ୍ଦିଷ୍ଟ କରିଛି ଯେ ଏହି ରାସ୍ତାର ମାଟିର ସିବିଆର୍ ମୂଲ୍ୟ ଦୁଇରୁ ଚାରି ପ୍ରତିଶତ ଏବଂ ଯାନ ବାହାନ ଚଳାଚଳ 38 ଏମଏସଏ ଥିଲା । ଆଇଆର୍ସି 37-2001/2012 ଅନୁଯାୟୀ ଆବଶ୍ୟକ 805[228] ମିଲିମିଟର କ୍ରଷ୍ଟ ମୋଟେଇ ସ୍ଥଳେ ଇଇ, 650[229] ମିଲିମିଟର ବ୍ୟବସ୍ଥା କରିଥିଲେ । ଫଳସ୍ୱରୂପ, ଏହିପରି ଏକ 10 ଏମଏସଏ ରୁ ଅଧିକ ଅତ୍ୟଧିକ ଯାନ ବାହନ ଗହଳି ରାସ୍ତାର କ୍ରଷ୍ଟ ମୋଟେଇ 155[230] ମିଲିମିଟର କମ୍ ହୋଇଥିବା ଯୋଗୁଁ ପର୍ଯ୍ୟାପ୍ତ ନଥିଲା । ଏପ୍ରିଲ 2016 ସୁଦ୍ଧା ସମାପ୍ତ କରିବାକୁ , ଏହିପରି ଅଯଥେଷ୍ଟ କ୍ରଷ୍ଟ ବ୍ୟବସ୍ଥା ସହିତ ଅନୁରୂପ ଅଟକଳ ମୂଲ୍ୟ ଠାରୁ ନଅ ପ୍ରତିଶତ ଅଧିକ ଅର୍ଥାତ୍ କାର୍ଯ୍ୟଟିକୁ 23.53 କୋଟି ଟଙ୍କା ଚୁକ୍ତିନାମା ମୂଲ୍ୟରେ ଜଣେ ଠିକାଦାରଙ୍କୁ କାର୍ଯ୍ୟାଦେଶ ଦିଆଯାଇଥିଲା (ଏପ୍ରିଲ 2015) । ଉପରୋକ୍ତ ଆକଳନକୁ ମୁଖ୍ୟଯନ୍ତ୍ରୀ (ନକ୍ସା, ଯୋଜନା ଅନୁସନ୍ଧାନ ଏବଂ ରାସ୍ତା)ଙ୍କ ଦ୍ୱାରା 23.62 କୋଟି ଟଙ୍କାକୁ ସଂଶୋଧିତ କରାଯାଇଥିଲା (ନଭେମ୍ବର 2016) ଯେଉଁଥିରେ ପିଚୁ ସ୍ତର ଯଥାକ୍ରମେ 4871.80 ଘନ ଫୁଟ 75 ମିଲିମିଟର ବିଏମ୍ ଏବଂ 2356.34 ଘନପୁଟ 40 ମିଲିମିଟର ଏସଡିବିସି କୁ ସଂଶୋଧିତ ହୋଇଥିଲା । କାର୍ଯ୍ୟଟି ନଭେମ୍ବର 2016 ପର୍ଯ୍ୟନ୍ତ ସଂପ୍ରସାରଣ ସହିତ 23.61 କୋଟି ଟଙ୍କା ଦେୟରେ ସମାପ୍ତ ହୋଇଥିଲା ।

ଅଡିଟ୍ ଲକ୍ଷ୍ୟ କଲା ଯେ ଆଇଆର୍ସି /ଏମଓଆରଟିଏଚ୍ ଅନୁଯାୟୀ ବିସି ପରିବର୍ତ୍ତେ ଏସଡିବିସି ର ତୃଟିପୂର୍ଣ୍ଣ ଆକଳନ ହେତୁ ରାସ୍ତାଟି ଯାତାୟାତ ଉପଯୋଗୀ ନଥିଲା । ବିସ୍ତୃତ ପ୍ରକଳ୍ପ ରିପୋର୍ଟ ଅନୁଯାୟୀ ଏହି ରାସ୍ତାଟି 10 ବର୍ଷ ଯାନ ବାହନ ଚଳାଚଳ ପାଇଁ ପ୍ରସ୍ତୁତ କରାଯାଇଥିଲା । କିନ୍ତୁ ନିମ୍ନ ମାନର ନିର୍ମାଣ ଯୋଗୁଁ , 16 ମାସରୁ କମ୍ ସମୟ ମଧ୍ୟରେ, ମାର୍ଚ୍ଚ 2018 ରେ କରାଯାଇଥିବା ସର୍ଭେ ସମୟରେ, ସଡକ ପୃଷ୍ଠରେ ଫାଟ ଏବଂ ଖାଲ ଥିବା ଲକ୍ଷ୍ୟ କରାଯାଇଥିଲା । ଅଧୀକ୍ଷଣ ଯନ୍ତ୍ରୀ, କେଉଁଝର (ରାସ୍ତା ଓ କୋଠାବାଡି) ମଣ୍ଡଳ, କେଉଁଝର, ଉପରୋକ୍ତ ରାସ୍ତାର ସାମୟିକ ମରାମତି ପାଇଁ 1,794.33 ମିଟର ପାଇଁ 50 ମିମି ବିସି ଏବଂ 4936 ବର୍ଗ ମିଟର ପାଇଁ 25 ମିମି ମୋଟେଇ ମାଷ୍ଟିକ୍ ଆସ୍ଫାଲ୍ଟ ଆଚ୍ଛାଦିତ କରିବା କାର୍ଯ୍ୟ ପାଇଁ 3.29 କୋଟି ଟଙ୍କାର ପୁନଃ ବ୍ୟବସ୍ଥାକୁ ବୈଷୟିକ ମଞ୍ଜୁର ପ୍ରଦାନ କରିଥିଲେ (ମାର୍ଚ୍ଚ 2018) । ମାର୍ଚ୍ଚ 2019 ସୁଦ୍ଧା ସମାପ୍ତି ପାଇଁ 3.14 କୋଟି ଟଙ୍କା ଚୁକ୍ତିନାମା ମୂଲ୍ୟରେ କାର୍ଯ୍ୟାଦେଶ ହୋଇଥିଲା (ସେପ୍ଟେମ୍ବର 2018) । ସେପ୍ଟେମ୍ବର 2019 ସୁଦ୍ଧା 3.14 କୋଟି ଟଙ୍କା ଦେୟ ସହିତ ଏହି କାର୍ଯ୍ୟ ସମାପ୍ତ ହୋଇଥିଲା ।

ଅଡିଟ୍ ପୁନଶ୍ଚ ଲକ୍ଷ୍ୟ କଲା ଯେ ଅଟକଳକୁ ମଞ୍ଜୁର ଦେବା ସମୟରେ ମୁଖ୍ୟଯନ୍ତ୍ରୀ (ନକ୍ସା, ଯୋଜନା ଅନୁସନ୍ଧାନ ଏବଂ ରାସ୍ତା ), ଏହି ରାସ୍ତାର ଆକ୍ସଲ୍ ଲୋଡ୍ କିମ୍ବା ନିର୍ବାହ ଯନ୍ତ୍ରୀ ଆଇଆର୍ସି -37-2001/2012 ଅନୁଯାୟୀ ଉପଯୁକ୍ତ ଡିଜାଇନ୍ ସ୍ତର[231], ରାସ୍ତାର ସିବିଆର୍ ଓ ଟ୍ରାଫିକ୍ ଏମଏସଏ ଅନୁସାରେ ଧାର୍ଯ୍ୟ କରିନଥିଲେ, ଫଳସ୍ୱରୂପ ରାସ୍ତାର କ୍ରଷ୍ଟ ନଷ୍ଟ ହୋଇଗଲା । ତେଣୁ ବହୁଳ ଯାନବାହନ / ଆକ୍ସଲ ଲୋଡ[232] ରାସ୍ତା ନିମନ୍ତେ ଗ୍ରାନୁଲାର ସବ-

228 330 ମିମି ଜିଏସ୍‌ବି, 250 ମିମି ଡବ୍ଲୁଏମ୍ଏମ୍, 130 ମିମି ଡିବିଏମ୍, 185 ମିମି ବିଏମ୍ ଏବଂ 40 ମିମି ବିସି ସହ ସମାନ

229 300 ମିମି ଜିଏସ୍‌ବି, 250 ମିମି ଡବ୍ଲୁଏମ୍ଏମ୍, 75 ମିମି ବିଏମ୍ ଏବଂ 25 ମିମି ଏସ୍ଡିବିସି

230 30 ମିମି ଜିଏସ୍‌ବି, 110 ମିମି ବିଏସ୍ ଏବଂ ବିସି ପରିବର୍ତ୍ତେ ନିମ୍ନମାନର ଏସ୍ଡିବିସି (ଏହା ମଧ୍ୟ 15 ମିମି କମ୍) ଓ୍ୱେରିଙ୍ଗ୍ କୋର୍ସ

231 ଡିଜାଇନ୍ ପ୍ଲେଟ୍ ହେଉଛି ସଡ଼କ ନିର୍ମାଣର ସର୍ବବୃହତ୍ ଉପାଦାନ ଯେଉଁଥିରେ ସବ୍-ବେସ୍, ବେସ୍ ଏବଂ ପିଚୁ ସ୍ତର ପରି ବିଭିନ୍ନ ସ୍ତରର ଡିଜାଇନ୍ ଥାଏ

232 ଏକ ନିର୍ଦ୍ଦିଷ୍ଟ ଅକ୍ସଲ ସହିତ ସଂଯୁକ୍ତ ସମସ୍ତ ଚକ ପାଇଁ ରାସ୍ତାରେ ସମୁଦାୟ ଓଜନ ହେଉଛି ଆକ୍ସଲ ଲୋଡ

ବେସ ଓ ବିଟୁମିନସ୍ ସ୍ତର ପାଇଁ କ୍ରଷ୍ଟ ମୋଟେଇର ଅପର୍ଯ୍ୟାପ୍ତ ବ୍ୟବସ୍ଥା ଯୋଗୁଁ 16 ମାସ ମଧ୍ୟରେ କ୍ରଷ୍ଟ ବିଫଳତା ହୋଇଥିଲା ଏବଂ 3.14 କୋଟି ଟଙ୍କାରେ ସାମୟିକ ମରାମତି କାର୍ଯ୍ୟ କରାଯାଇଥିଲା ଯାହାକି ପରିହାର୍ଯ୍ୟ ଥିଲା ।

ସରକାର ବ୍ୟକ୍ତ କଲେ ଯେ (ମଇ 2022) ଯେ ବିପୁଳ ପ୍ରାରମ୍ଭିକ ପୁଞ୍ଜି ବିନିଯୋଗକୁ ଏଡାଇବା ପାଇଁ ଏବଂ ଖଣି ଯାତାୟାତରେ ଅପ୍ରତ୍ୟାଶିତ ଅଭିବୃଦ୍ଧିକୁ ହିସାବ କରିବା ପାଇଁ ରାସ୍ତା ସ୍ତରର ନମନୀୟ ଅଂଶ (ବିଏମ୍ ଏବଂ ଏସଡିବିସି) କୁ ଏକ ପର୍ଯ୍ୟାୟ କ୍ରମିକ ଭିତ୍ତିରେ ନିର୍ମାଣ କରିବା ପାଇଁ ନିର୍ଦ୍ଧାରଣ କରାଯାଇଥିଲା । ତେଣୁ ପ୍ରକଳ୍ପ ସମାପ୍ତ ହେବା ଦିନ ଠାରୁ ତିନି ବର୍ଷ ପାଇଁ ପରିକଳ୍ପନା କରାଯାଇଥିଲା ।

ଉତ୍ତରଟି ଗ୍ରହଣୀୟ ନଥିଲା, କାରଣ ଆଇଆର୍‌ସି ର ସ୍ପଷ୍ଟ ନିର୍ଦ୍ଦେଶାବଳୀ ସତ୍ତ୍ୱେ, ବିଭାଗ ଆଇଆର୍‌ସି ଆବଶ୍ୟକତା ଅନୁଯାୟୀ ରାସ୍ତା ସ୍ତରର ମୋଟେଇ ନିର୍ମାଣ କରିବାରେ ବିଫଳ ହୋଇଥିଲା । ଏହି ବିଫଳତା ହେତୁ, ଯେଉଁ ରାସ୍ତାଟି ଡିପିଆର୍ ଅନୁଯାୟୀ 10 ବର୍ଷ କାର୍ଯ୍ୟ କରିବା କଥା, ଏହା 16 ମାସ ପର୍ଯ୍ୟନ୍ତ ତିଷ୍ଠି ପାରିଲା ନାହିଁ । 38 ଏମଏସଏ ଟ୍ରାଫିକ୍ ପାଇଁ ଅନୁପଯୁକ୍ତ ଗ୍ରାନୁଲାର ସବ୍ ବେସ ଓ ବିଟୁମିନସ୍ ସ୍ତର ବ୍ୟବସ୍ଥା ଯୋଗୁଁ ରାସ୍ତାର କ୍ରଷ୍ଟ ନଷ୍ଟ ହେଲା ଏବଂ ଏହାର ସମାପ୍ତ ହେବାର 16 ମାସ ମଧ୍ୟରେ ସାମୟିକ ମରାମତି ଏବଂ ନବୀକରଣ କାର୍ଯ୍ୟ ପାଇଁ 3.14 କୋଟି ଟଙ୍କା ଖର୍ଚ୍ଚ ହେଲା । ଏହି ଗୁରୁତର ତ୍ରୁଟି ସତ୍ତ୍ୱେ ସଂପୃକ୍ତ ଅଧିକାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିଲା ।

## 7.17 ଫମ୍ପା ଅଂଶ ବିୟୋଗ କରାନଯିବା ଯୋଗୁଁ ଅଧିକ ଅର୍ଥ ପ୍ରଦାନ

**ଗାବିଅନ୍ ବକ୍ସ କାନ୍ଥରେ ଫମ୍ପା ଅଂଶ ବିୟୋଗ କରାନଯିବାରୁ ଠିକାଦାରଙ୍କୁ 81 ଲକ୍ଷ ଟଙ୍କା ଅଧିକ ଦେୟ ପ୍ରଦାନ କରାଯାଇଥିଲା ।**

ଓପିଡବ୍ଲୁଡି ସଂହିତାର ପରିଚ୍ଛେଦ 3.4.10 ଅନୁଯାୟୀ, ଏକ କାର୍ଯ୍ୟ ପାଇଁ ବ୍ୟୟ ଅଟକଳ ମିତବ୍ୟୟୀ ଭାବରେ ପ୍ରସ୍ତୁତ କରିବା ଉଚିତ୍ । ମଞ୍ଜୁରୀପ୍ରାପ୍ତ ଆକଳନରେ ଯୋଡ଼ାଯାଇଥିବା ଗାବିଅନ୍ ବକ୍ସଗୁଡ଼ିକ[233] ପାଇଁ ଡିଜାଇନ୍ ଗଣନା ସିଟ୍ ଅନୁଯାୟୀ ଗାବିଅନ୍ ବାକ୍ସଗୁଡ଼ିକରେ ଫମ୍ପା ଅଂଶ 30 ପ୍ରତିଶତ ଥିଲା । ଆଇଆର୍‌ସି 56-2011, ଅନୁଯାୟୀ ଗାବିଅନ୍ ଏବଂ ମେଟ୍ରେସ୍ 30 ପ୍ରତିଶତ ଫମ୍ପା ସହିତ ଗଡ଼ାଣି କ୍ଷୟ ସୁରକ୍ଷା ପାଇଁ ବ୍ୟବହୃତ ହୁଏ ଏବଂ ସଂରଚନାଗୁଡ଼ିକ ମୁକ୍ତ ଭାବେ ଜଳ ନିଷ୍କାସନରେ ତଟ ଦୃଢ଼ତା ପ୍ରଦାନ କରିଥାଏ । ଆଇଆର୍‌ସି-ଏସ୍‌ପି-116-2018 ମଧ ଧାର୍ଯ୍ୟ କରିଛି ଯେ ଭର୍ତ୍ତି ହୋଇଥିବା ଗାବିଅନ୍ ବାକ୍ସର ଫମ୍ପା ଅଂଶ ପ୍ରାୟ 30 ରୁ 40 ପ୍ରତିଶତ ହେବ ।



**ଫଟୋ ସଂଖ୍ୟା 29-ରାସ୍ତା କାର୍ଯ୍ୟରେ ସୁରକ୍ଷିତ କାନ୍ଥ ପାଇଁ ଗାବିଅନ୍**

ଜାତୀୟ ରାଜପଥ(ଏନ୍‌ଏଚ୍) ବିଭାଜନ, ସମ୍ବଲପୁରର ରେକର୍ଡଗୁଡ଼ିକର ଯାଞ୍ଚରୁ ଜଣାଗଲା (ନଭେମ୍ବର 2019) ଯେ, 'ଓଡ଼ିଶା ରାଜ୍ୟରେ ରାଜପଥ-157 ରେ କଳିଙ୍ଗା ଘାଟି ଖାଦ ପାର୍ଶ୍ୱ 83.00 କିମି ଠାରୁ 93.00 କିମି ପର୍ଯ୍ୟନ୍ତର ସୁରକ୍ଷା କାର୍ଯ୍ୟ' ପାଇଁ 11.56 କୋଟି ଟଙ୍କାରେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା (ନଭେମ୍ବର 2016) । ଜୁଲାଇ 2017 ସୁଦ୍ଧା କାର୍ଯ୍ୟଟିର ସମାପ୍ତି ପାଇଁ ଟେଣ୍ଡର ଅଟକଳ ମୂଲ୍ୟ 13.08 କୋଟି ଟଙ୍କା ଠାରୁ 11.61 ପ୍ରତିଶତ କମ୍‌ରେ ପ୍ରଦାନ କରାଯାଇଥିଲା । ନଭେମ୍ବର 2021 ସୁଦ୍ଧା, 11.28 କୋଟି ଟଙ୍କା ଦେୟ ସହିତ କାର୍ଯ୍ୟ ସମାପ୍ତ ହୋଇସାରିଥିଲା ।

[233] ଗାବିଅନ୍ ଜାଲ ବାକ୍ସ କିମ୍ବା କ୍ରେଟ୍, ବ୍ୟାକ୍ ଫିଲ୍‌ରେ ସଂରଚନାକୁ ସ୍ଥିରତା ଏବଂ ଦୃଢ଼ତା ପ୍ରଦାନ କରିଥାଏ । ଜିଆଇ ତାର ଜାଲ ମଧ ସଂରଚନାକୁ ସୁଦୃଢ଼ କରିଥାଏ ଯାହାକି ଅତିରିକ୍ତ ସ୍ଥିରତା ପ୍ରଦାନ କରେ । ଏହି ପ୍ରକାରର ସଂରଚନାକୁ ମୃତ୍ତିକା ସଶକ୍ତିକରଣ କାନ୍ଥ କୁହାଯାଏ

ଚୁକ୍ତିନାମା ଅନୁଯାୟୀ, ପୋଲିଭିନାଇଲ୍ କ୍ଲୋରାଇଡ୍ (ପିଭିସି) ରେ 200 ମିମି ହାର୍ଡ ଗ୍ରାନାଇଟ୍ ପଥରର ପ୍ୟାକ୍ ସହିତ 13,965 ଘନ ମିଟର ଗାବିଅନ୍ ବାକ୍ସକୁ 6 ମି x 1 ମି x 1 ମି ଉଚ୍ଚ ଜିଙ୍କ୍ ଗାଲ୍ଭାନାଇଜଡ୍ ଷ୍ଟିଲ୍ ତାର ବାକ୍ସରେ ନିର୍ମାଣ କରାଯିବାର ଥିଲା । କିନ୍ତୁ, ଏହା ଲକ୍ଷ୍ୟ କରାଗଲା ଯେ ପ୍ୟାକ୍ କରିବା ପାଇଁ ବ୍ୟବହୃତ ପ୍ରକୃତ ପରିମାଣର ପଥରକୁ ପହଞ୍ଚିବା ପାଇଁ ଗାବିଅନ୍ ବାକ୍ସରେ ଥିବା ପଥରଗୁଡ଼ିକର ସମୁଦାୟ ପରିମାଣରୁ 30 ପ୍ରତିଶତ ଫମ୍ପା ଅଂଶ ବିୟୋଗ ପାଇଁ ଚୁକ୍ତିରେ ଉପଯୁକ୍ତ ଧାରା ଅନ୍ତର୍ଭୁକ୍ତ କରାଯାଇ ନଥିଲା ।

ପୁନଶ୍ଚ, ଅଡିଟ୍ ଲକ୍ଷ୍ୟ କଲା ଯେ, ବ୍ୟତିକ୍ରମ ବିବରଣୀ (ଜାନୁଆରୀ 2018) ଅନୁଯାୟୀ ଚୁକ୍ତିନାମା ପରିମାଣ 13,965 ଘନ ମିଟର ଗାବିଅନ୍ ବାକ୍ସ ନିର୍ମାଣ ପରିମାଣ, 7,603 ଘନ ମିଟରକୁ ହ୍ରାସ ହୋଇ 2.51 କୋଟି ଟଙ୍କା ହେଲା । ଖାଦ ପାର୍ଶ୍ୱ କାନ୍ଥର ନିର୍ମାଣ ନ ହେବା ଯୋଗୁଁ ଗାବିଅନ୍ ବକ୍ସ କାନ୍ଥର ହ୍ରାସ ଘଟିଲା । ମଞ୍ଜୁରୀ ପ୍ରାପ୍ତ ଆକଳନ ଏବଂ ଆଇଆର୍‌ସି ବ୍ୟବସ୍ଥାରେ ଯୋଡ଼ାଯାଇଥିବା ବୈଷୟିକ ନୋଟକୁ ଅବମାନନା କରି, ଜୁଲାଇ 2019 ସୁଦ୍ଧା, ଫମ୍ପା ଅଂଶ ହ୍ରାସ ନକରି ନିର୍ମିତ 6,841.95 ଘମି ଗାବିଅନ୍ ବକ୍ସ ପାଇଁ ଠିକା ସଂସ୍ଥାକୁ 2.26 କୋଟି ଟଙ୍କା ଦେୟ ପ୍ରଦାନ କରାଯାଇଥିଲା । ଏହିପରି, 2,052.59 ଘନ ମିଟର ଅର୍ଥାତ୍ 6,841.95 ଘନ ମିଟର ଗାବିଅନ୍ କାନ୍ଥର 30 ପ୍ରତିଶତ ଫମ୍ପା ଅଂଶ ହ୍ରାସ ନକରି ଠିକାଦାରଙ୍କୁ 81 ଲକ୍ଷ ଟଙ୍କାର ଅତିରିକ୍ତ ଦେୟ ପ୍ରଦାନ କରାଯାଇଥିଲା ।

ସରକାର ଦର୍ଶାଇଲେ (ମାର୍ଚ୍ଚ 2022) ଯେ ଆଇଆର୍‌ସି-ଏସ୍‌ପି-116-2018 ର ଧାରା 6.6 ଅନୁଯାୟୀ ଗାବିଅନ୍ ବକ୍ସ ସଂରଚନା 30 ପ୍ରତିଶତ ଫମ୍ପାଅଂଶ ବିଚାରକୁ ନେଇ ଏବଂ ଏମ୍‌ଓଆର୍‌ଟିଏଚ୍ ନିର୍ଦ୍ଦିଷ୍ଟକରଣ ଏବଂ ଷ୍ଟାଣ୍ଡାର୍ଡ ଡାଟା ବୁକ୍ ଅନୁସାରେ ଆକଳନ ପ୍ରସ୍ତୁତ କରାଯାଇଥିଲା । ଡାଟା ବୁକ୍ ଅନୁଯାୟୀ 6 ଘମି ପରିମାଣ ପାଇଁ 200 ମିମି ପଥର ଖଣ୍ଡ ସହିତ 1.2 ଘମି ପରିମାଣ ପାଇଁ ସର୍ବନିମ୍ନ 25 ମିମି ପଥର ଖଣ୍ଡକୁ ଧ୍ୟାନରେ ରଖି ବିଶ୍ଳେଷଣ ପ୍ରସ୍ତୁତ କରାଯାଇଥିଲା । କଥିତ ଆଇଟମ୍ ଗୁଡିକ ପାଇଁ ଡାଟା ବୁକରେ ମୂଲ୍ୟ ବିଶ୍ଳେଷଣରେ ଫମ୍ପା ଅଂଶ ବିୟୋଗର କୌଣସି ବ୍ୟବସ୍ଥା ନାହିଁ ।

ସରକାରଙ୍କ ଉତ୍ତର ଗ୍ରହଣୀୟ ନଥିଲା ଯେହେତୁ, ଆଇଆର୍‌ସି-ଏସ୍‌ପି-116-2018 ଅନୁଯାୟୀ ଭର୍ତ୍ତି ହୋଇଥିବା ଗାବିଅନ୍ ବାକ୍ସର ଫମ୍ପା ଅଂଶ ପ୍ରାୟ 30 ରୁ 40 ପ୍ରତିଶତ ହେବ । ପୁନଶ୍ଚ, ଆଇଆର୍‌ସି ବ୍ୟବସ୍ଥା ଅନୁଯାୟୀ ଫମ୍ପା ଅଂଶକୁ ପୂରଣ କରିବା ପାଇଁ ଗାବିଅନ୍ ବାକ୍ସଗୁଡ଼ିକୁ ଛୋଟ ଆକାରର ପଥରରେ ଭରିବାକୁ ପଡ଼ିବ । ତେବେ, ଅଡିଟ୍ ଯାଞ୍ଚରୁ ଜଣାଗଲା ଯେ ଚୁକ୍ତିନାମାରେ ସର୍ବନିମ୍ନ ଆକାର 25 ମିମି ବିଶିଷ୍ଟ ପଥର ଖଣ୍ଡ ଦ୍ୱାରା ଫମ୍ପା ଅଂଶ ଭରିବା ପାଇଁ କୌଣସି ବ୍ୟବସ୍ଥା ନଥିଲା କିମ୍ବା 25 ମିମି ପଥର ଖଣ୍ଡ ଦ୍ୱାରା ଗାବିଅନ୍ ବାକ୍ସର ଫମ୍ପା ଅଂଶ ଭରିବା ପାଇଁ ଏମ୍‌ଓଆର୍‌ଟିଏଚ୍/ଆଇଆର୍‌ସି ନିର୍ଦ୍ଦିଷ୍ଟକରଣର ଆବଶ୍ୟକତା ଅନୁଯାୟୀ କୌଣସି ଅଲଗା ମାପର ବ୍ୟବସ୍ଥା କିମ୍ବା ଦେୟ ହୋଇନଥିଲା । ତେଣୁ, ଚୁକ୍ତିନାମା ଅନୁଯାୟୀ କେବଳ 200 ମିମି ପଥର ଖଣ୍ଡକୁ ଧ୍ୟାନରେ ରଖି ଗାବିଅନ୍ ବକ୍ସଗୁଡ଼ିକର ସଂରଚନା ପ୍ରସ୍ତୁତ ହୋଇଥିବାରୁ ଇଇ ଗାବିଅନ୍ ବାକ୍ସରେ ଥିବା ଶୂନ୍ୟତା/ ଫମ୍ପା ଅଂଶ କାଟିବା ଉଚିତ୍ ଥିଲା ।

## 7.18 ଅଧିକ ପିଚୁ ଓ ଗ୍ରାନୁଲାର ସବ୍‌ବେସ୍ ସ୍ତରର ଅତ୍ୟଧିକ ବ୍ୟବସ୍ଥା ଯୋଗୁଁ ଅତିରିକ୍ତ ପରିହାର୍ଯ୍ୟ ବ୍ୟୟ

**ଆଇଆର୍‌ସି ବ୍ୟବସ୍ଥାକୁ ଅବମାନନା କରି ପିଚୁ ଓ ଗ୍ରାନୁଲାର ସବ୍‌ବେସ୍ ସ୍ତର ପାଇଁ ଅତ୍ୟଧିକ ମୋଟେଇ ଗ୍ରହଣ କରିବା ଦ୍ୱାରା 4.35 କୋଟି ଟଙ୍କା ଅତିରିକ୍ତ ପରିହାର୍ଯ୍ୟ ବ୍ୟୟ ହୋଇଥିଲା ।**

ଓଡ଼ିଶା ପୂର୍ତ୍ତ ବିଭାଗ (ଓପିଡବ୍ଲୁଡି) ସଂହିତାର ପାରା 3.4.10 ନିର୍ଦ୍ଧାରଣ କରେ ଯେ, ଏକ କାର୍ଯ୍ୟ ପାଇଁ ବ୍ୟୟ ଅଟକଳ ଅଧିକତମ ମିତବ୍ୟୟୀତା ଭାବରେ ପ୍ରସ୍ତୁତ କରିବା ଉଚିତ୍ । ଭାରତୀୟ ରୋଡ୍ କଂଗ୍ରେସ (ଆଇଆର୍‌ସି-37:2001/2012) ଅନୁସାରେ ମାଟିର ଶକ୍ତି ଅନୁଯାୟୀ ରାସ୍ତାର ପେଭ୍‌ମେଣ୍ଟ ଘନତାକୁ କାଲିଫର୍ଣ୍ଣିଆ ବିୟରିଂ ଅନୁପାତ (ସିବିଆର୍)[234] ଆକାରରେ ଏବଂ ବହୁ ସଂଖ୍ୟକ ବ୍ୟବସାୟିକ ଯାନ ଚଳାଚଳ ଆଧାରରେ ସ୍ଥିର ହୋଇଥାଏ, ଯାହା ମିଲିୟନ ଷ୍ଟାଣ୍ଡାର୍ଡ ଆକ୍ସଲ୍ ଭାବରେ (ଏମ୍‌ଏସ୍‌ଏ) ଗଣନା କରାଯାଇଥାଏ । ଆଶା କରାଯାଉଥିବା

[234] ସିବିଆର୍ ପରୀକ୍ଷା ହେଉଛି ଏକ ଅନୁପ୍ରବେଶ ପରୀକ୍ଷଣ ଯାହାକି ରାସ୍ତା ଏବଂ ପେଭ୍‌ମେଣ୍ଟର ସବ୍‌ଗ୍ରେଡ୍ ଶକ୍ତି ଆକଳନ କରିବା ପାଇଁ ବ୍ୟବହୃତ ହୁଏ । ଏହି ପରୀକ୍ଷଣଗୁଡ଼ିକର ଫଳାଫଳଗୁଡ଼ିକ ପେଭ୍‌ମେଣ୍ଟ ଏବଂ ଏହାର ଉପାଦାନ ସ୍ତରଗୁଡ଼ିକ ନିର୍ଣ୍ଣୟ କରିବା ପାଇଁ ବକ୍ରଗୁଡ଼ିକ ସହିତ ବ୍ୟବହୃତ ହୁଏ । ନମନୀୟ ରାସ୍ତା ଚଟାଣର ଡିଜାଇନ୍ ପାଇଁ ଏହା ହେଉଛି ବହୁଳ ଭାବରେ ବ୍ୟବହୃତ ହେଉଥିବା ପଦ୍ଧତି

ଯାନ ବାହନ ଚଳାଚଳ ସଂଖ୍ୟା ଅନୁଯାୟୀ ରାସ୍ତାର ଭାର ଧାରଣ କ୍ଷମତାକୁ ନିଶ୍ଚିତ କରି ରାସ୍ତାର ପେଭ୍‌ମେଣ୍ଟ ମୋଟେଇ ଡିଜାଇନ୍ କରାଯାଇଥାଏ । ଆଇଆର୍‌ସି -37-2001 ର ଅନୁଚ୍ଛେଦ 4.2.3.1 ଅନୁଯାୟୀ ଯାନବାହନ ଚଳାଚଳ ସଂଖ୍ୟାକୁ ନିର୍ଭର କରି ପିଚୁ ସ୍ତରକୁ ଏକ ୱେରିଙ୍ଗ୍ କୋର୍ସ[235] କିମ୍ବା ବାଇଣ୍ଡର କୋର୍ସ[236] ଯୁକ୍ତ ଏକ ୱେରିଙ୍ଗ୍ କୋର୍ସ ଅନୁସାରେ କରାଯାଇଥାଏ । ପାଞ୍ଚ ଏମ୍ଏସ୍ଏ ରୁ ଅଧିକ ଟ୍ରାଫିକ୍ ପରିବହନ ପାଇଁ ଡିଜାଇନ୍ ହୋଇଥିବା ସଡ଼କଗୁଡ଼ିକ ପାଇଁ ଘନ ବିଟୁମିନସ୍ ମାକାଡାମ୍ (ଡିବିଏମ୍) ବାଇଣ୍ଡର କୋର୍ସ ସୁପାରିଶ କରାଯାଏ । ଉପରୋକ୍ତ ଆଇଆର୍‌ସି ଅନୁଯାୟୀ, ଡିବିଏମ୍ ବାଇଣ୍ଡର କୋର୍ସ ପୂର୍ବରୁ 75 ମିଲିମିଟର ମୋଟା ବିଟୁମିନସ୍ ମାକାଡାମ୍ (ବିଏମ୍) ବିଛା ଯାଇପାରେ ଏବଂ ବିଏମ୍ ସ୍ତରର ଯୋଗ ହେତୁ ଡିବିଏମ୍ ସ୍ତର 55.85 ମିମିକୁ ହ୍ରାସ ପାଇପାରେ ।

ଅଧୀକ୍ଷଣ ଯନ୍ତ୍ରୀ, ସମ୍ବଲପୁର (ରାସ୍ତା ଓ କୋଠାବାଡ଼ି) ବିଭାଜନ, ସଂଖ୍ୟା- I ଏବଂ ନିର୍ବାହୀ ଯନ୍ତ୍ରୀ, କଳାହାଣ୍ଡି (ରାସ୍ତା ଓ କୋଠାବାଡ଼ି) ବିଭାଜନଙ୍କ ନଥିପତ୍ର ଯାଞ୍ଚରୁ ଜଣାଗଲା (ସେପ୍ଟେମ୍ବର/ ଡିସେମ୍ବର 2021) ଯେ ମୁଖ୍ୟ ଯନ୍ତ୍ରୀ (ନକ୍ସା, ଯୋଜନା ଅନୁସନ୍ଧାନ ଏବଂ ରାସ୍ତା), କେନ୍ଦ୍ରୀୟ ସଡ଼କ ପାଣ୍ଠି[237] (ସିଆର୍‌ଏଫ୍) ଅଧୀନରେ ଫେବୃଆରୀ ଏବଂ ଅଗଷ୍ଟ 2019 ମଧ୍ୟରେ 76.76 କୋଟି ଟଙ୍କାରେ ଦୁଇ ଗୋଟି ରାସ୍ତା ପ୍ରକଳ୍ପକୁ (ସାରଣୀ 7.3 ରେ ନାମ ଗୁଡ଼ିକ ଉଲ୍ଲେଖ କରାଯାଇଛି) ବୈଷୟିକ ମଞ୍ଜୁର ପ୍ରଦାନ କରିଥିଲେ । ସେପ୍ଟେମ୍ବର 2021 ଓ ଡିସେମ୍ବର 2022 ସୁଦ୍ଧା କାର୍ଯ୍ୟ ସମାପ୍ତି କରିବା ପାଇଁ କାର୍ଯ୍ୟ ଗୁଡ଼ିକୁ 65.26 କୋଟି ଟଙ୍କାରେ ଯଥାକ୍ରମେ ଜାନୁଆରୀ 2020 ଏବଂ ଜୁନ୍ 2021 ରେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା । ଡିସେମ୍ବର 2021 ସୁଦ୍ଧା ନିର୍ମାଣ କାର୍ଯ୍ୟ ଚାଲିଥିଲା ଏବଂ ଠିକାଦାରମାନଙ୍କୁ 49.85 କୋଟି ଟଙ୍କା ପ୍ରଦାନ କରାଯାଇଥିଲା ।

ପୁନଶ୍ଚ, ରେକର୍ଡଗୁଡ଼ିକର ଯାଞ୍ଚରୁ ଜଣାଗଲା ଯେ ଆଇଆର୍‌ସି-(ଆଇଆର୍‌ସି-37-2001/2012) ବ୍ୟବସ୍ଥାକୁ ଅଣଦେଖା କରି ଅଧିକ କ୍ରଷ୍ଟ ମୋଟେଇ ପ୍ରଦାନ କରାଯାଇଥିଲା ଯାହା ନିମ୍ନ **ସାରଣୀ 7.3** ରେ ବିସ୍ତୃତ ଭାବରେ ବର୍ଣ୍ଣିତ ହୋଇଅଛି:

**ସାରଣୀ 7.3: ରାସ୍ତା ପ୍ରଶସ୍ତିକରଣରେ ପେଭ୍‌ମେଣ୍ଟର ସଂରଚନା**

| କ୍ର.ସଂ. | ପ୍ରକଳ୍ପର ନାମ | ଦୈର୍ଘ୍ୟ | ପେଭ୍‌ମେଣ୍ଟର ସଂରଚନା | | ଅଧିକ |
|---|---|---|---|---|---|
| | | | ଆଇଆର୍‌ସି ଅନୁଯାୟୀ | କାର୍ଯ୍ୟକାରୀ ଅନୁଯାୟୀ | |
| 1. | ତାଲପାଲି-ହିରାଲୋଇ-ବାଲମ-ବରଘାଟ-ଗୋଧିଡିପ ରାସ୍ତାର ପ୍ରଶସ୍ତିକରଣ ଓ ସୁଦୃଢ଼ୀକରଣ (ଏମ୍‌ଡିଆର୍) | 1.30 କିମି ରୁ 38.00 କିମି<br>(ସିବିଆର୍ :8 ଏମ୍ଏସ୍ଏ : 5) | ଜିଏସ୍‌ବି 150 ମିମି<br>ଡବ୍ଲୁଏମ୍ଏମ୍ 250 ମିମି<br>ଡିବିଏମ୍ 50 ମିମି<br>ବିସି 25 ମିମି<br>ମୋଟ 475 ମିମି | ଜିଏସ୍‌ବି 200 ମିମି<br>ଡବ୍ଲୁଏମ୍ଏମ୍ 250 ମିମି<br>ଡିବିଏମ୍ 50 ମିମି<br>ବିସି 30 ମିମି<br>ମୋଟ 530 ମିମି | ଜିଏସ୍‌ବି 50 ମିମି<br>ବିସି 05 ମିମି<br>ମୋଟ 55 ମିମି |
| 2. | ମାଡିଙ୍ଗ-ପସ୍ତିକୁଡ଼ି-ଦେପୁର ରାସ୍ତାକୁ ପକ୍କା ବନ୍ଧ ସହ ଦୁଇ ଲେନ୍‌କୁ ପ୍ରଶସ୍ତିକରଣ ଓ ସୁଦୃଢ଼ୀକରଣ | 0 କିମି ରୁ 18.953 କିମି<br>(ସିବିଆର୍ :5 ଏମ୍ଏସ୍ଏ: 17) | ଜିଏସ୍‌ବି 300 ମିମି<br>ଡବ୍ଲୁଏମ୍ଏମ୍ 250 ମିମି<br>ବିଏମ୍ 75 ମିମି<br>ଡିବିଏମ୍ 34.15 ମିମି<br>ବିସି 40 ମିମି<br>ମୋଟ 699.15 ମିମି | ଜିଏସ୍‌ବି 300 ମିମି<br>ଡବ୍ଲୁଏମ୍ଏମ୍ 250 ମିମି<br>ବିଏମ୍ 100 ମିମି<br>ଡିବିଏମ୍ 50 ମିମି<br>ବିସି 40 ମିମି<br>ମୋଟ 740 ମିମି | ବିଏମ୍ 25 ମିମି<br>ଡିବିଏମ୍ 15.85 ମିମି<br>ମୋଟ 40.85 ମିମି |

***ଉତ୍ସ: ଅଡିଟ୍ ଦ୍ୱାରା ସଂଗୃହିତ ସୂଚନା***

---

235 ଅଧିକ ସାଧାରଣ ୱେରିଙ୍ଗ୍ କୋର୍ସ ଗୁଡ଼ିକ ହେଲା ସର୍‌ଫେସ୍ ଡ୍ରେସିଙ୍ଗ, ଖୋଲା ଶ୍ରେଣୀ ପ୍ରିମିକ୍ସ କାର୍ପେଟ୍, ମିଶ୍ରିତ ସିଲ୍ ସର୍‌ଫେସିଙ୍ଗ୍, ସେମି ଡେନ୍ସ ବିଟୁମିନସ୍ କଂକ୍ରିଟ୍ ଏବଂ ବିଟୁମିନସ୍ କଂକ୍ରିଟ୍

236 ବାଇଣ୍ଡର କୋର୍ସ ହେଉଛି ବିଟୁମିନିୟସ୍ ମାକାଡାମ୍ ଏବଂ ଡେନ୍‌ସ ବିଟୁମିନିୟସ୍ ମାକାଡାମ୍

237 ସିଆର୍‌ଏଫ୍ ନିର୍ଦ୍ଦେଶାବଳୀ ଅନୁଯାୟୀ, ଭାରତ ସରକାରଙ୍କ ଅନୁଦାନ 100 ପ୍ରତିଶତ

ଉପରୋକ୍ତ ସାରଣୀରୁ ସୂଚିତ ହେଉଅଛି ଯେ ପେଭ୍‌ମେଣ୍ଟର କ୍ରଷ୍ଟରେ ଅଧିକ ମୋଟେଇ ଯୋଗୁ 1.48 କୋଟି ଟଙ୍କା[238] ଓ 2.87 କୋଟି ଟଙ୍କା[239] ଅଧିକ ଖର୍ଚ୍ଚ ହେଲା ।

ସରକାରଙ୍କ ପୂର୍ତ୍ତ ବିଭାଗ ଦର୍ଶାଇଲେ (ମଇ 2022) ଯେ, ରାସ୍ତାରେ ଦଉକ ଗ୍ରହଣ କରିଥିବା ସିବିଆର୍ ମୂଲ୍ୟ ଆଠ ପ୍ରତିଶତ ନୁହେଁ ଛଅ ପ୍ରତିଶତ ଥିଲା । ତେଣୁ, ରାସ୍ତା ପାଇଁ ସିବିଆର୍ ଛଅ ପ୍ରତିଶତ ଏବଂ ଏମ୍‌ଏସ୍‌ଏ ପାଞ୍ଚ କ୍ରଷ୍ଟ ସରଂଚନା 535 ମିମି ପ୍ରଦାନ କରାଯାଇଥିଲା । ଏହି ଉତ୍ତର ଗ୍ରହଣୀୟ ନୁହେଁ ଯେହେତୁ ଉପରୋକ୍ତ ରାସ୍ତାର ଆକଳନ ମଞ୍ଜୁର ସିବିଆର୍ ଆଠ ଏବଂ ଏମ୍‌ଏସ୍‌ଏ ପାଞ୍ଚ ପ୍ରଦାନ କରାଯାଇଥିଲା, ଯାହା ମୁଖ୍ୟ ଯନ୍ତ୍ରୀ (ଡିପିଆଇ ଏବଂ ରାସ୍ତା)ଙ୍କ ଦ୍ୱାରା ବୈଷୟିକ ଭାବରେ ମଞ୍ଜୁର ହୋଇଥିଲା । ପୁନଶ୍ଚ, ସରକାର ଦର୍ଶାଇଛନ୍ତି ଯେ, ବିଟୁମିନସ୍ ପୃଷ୍ଠର ବ୍ୟବହାରଜନିତ କ୍ଷୟ ଯୋଗୁଁ ଟ୍ରାଫିକ୍ ପ୍ରଗାଢତା ବଢ଼ିଥାଏ, 90 ଏମ୍‌ଏମ୍ ଡିବିଏମ୍ ଯୋଗାଇବା ପରିବର୍ତ୍ତେ ଉପରୋକ୍ତ ଷ୍ଟ୍ରେଚ୍‌ରେ ଡିଏମ୍‌ର 100 ଏମ୍‌ଏମ୍ ପୂର୍ବରୁ ଥିବା ଡିବିଏମ୍ 50 ଏମ୍‌ଏମ୍ ଯୋଗାଇବା ଆବଶ୍ୟକ ଥିଲା । ଏହି ଉତ୍ତର ଗ୍ରହଣୀୟ ନୁହେଁ ଯେହେତୁ ଡିବିଏମ୍ 55.85 ମିମି ହ୍ରାସ କରିବାକୁ ଡିବିଏମ୍ ବାଇଣ୍ଡର କୋର୍ସର ପରିବର୍ତ୍ତନ ଆଇଆର୍‌ସି ପ୍ରଦାନ କରେ । ଅଧିକନ୍ତୁ, ଆଇଆର୍‌ସି ଆନୁଯାୟୀ, ସିବିଆର୍ ପାଞ୍ଚ ଏବଂ ଏମ୍‌ଏମ୍‌ଏ 17 ଥିବା ରାସ୍ତା ପାଇଁ 90 ମିମି ଡିବିଏମ୍‌ର ଘନତା ଆବଶ୍ୟକ ଥିଲା ।

## 7.19 ଠିକାଦାରଙ୍କୁ ଅନୁଚିତ୍ ଫାଇଦା

**ଲାଟେରାଇଟ୍ ପଥରରେ ମୂଳଦୁଆ ଖନନ ପାଇଁ ଆଇଟମ୍ ମୂଲ୍ୟ ହିସାବ ପାଇଁ ତ୍ରୁଟିପୂର୍ଣ୍ଣ ବିଶ୍ଳେଷଣର ଗ୍ରହଣ ଯୋଗୁଁ ଆନୁମାନିକ ମୂଲ୍ୟ 5.83 କୋଟି ଟଙ୍କା ବୃଦ୍ଧି ପାଇଲା, ଯାହାଦ୍ୱାରା ଠିକାଦାରଙ୍କୁ 4.64 କୋଟି ଟଙ୍କା ଲାଭ ହେଲା । ସେଥିମଧ୍ୟରୁ ଅଡିଟ୍ ସମୟରେ ଠିକାଦାରଙ୍କଠାରୁ 1.23 କୋଟି ଟଙ୍କା ଅସୁଲ କରାଯାଇଥିଲା ।**

ଓଡ଼ିଶା ପୂର୍ତ୍ତ ବିଭାଗ ସଂହିତାର ଅନୁଚ୍ଛେଦ 3.4.10 ସୂଚିତ କରେ ଯେ ଅଟକଳ ପ୍ରସ୍ତୁତି ବେଳେ ଅଧିକତମ ମିତବ୍ୟୟିତା ଅବଲମ୍ବନ କରିବା ଉଚିତ୍ ଏବଂ ବର୍ତ୍ତମାନର ମୂଲ୍ୟ ସୂଚୀ (ଏସ୍‌ଓଆର୍) ଆନାଲିସିସ୍ ଅଫ୍ ରେଟ୍ (ଏଓଆର୍) ଉପରେ ଆଧାରିତ ହେବା ଉଚିତ୍ । ଏଓଆର୍‌ରେ, ଲାଟେରାଇଟ୍ ପଥରର, ମୂଳଦୂଆ ଖନନ କିମ୍ବା ଗ୍ରାନାଇଟ୍ କିମ୍ବା ବିଛିନ୍ନ ପଥର ବ୍ୟତୀତ ଅନ୍ୟ କୌଣସି କଠିନ ପଥର ଖନନ ଦ୍ୱାରା 1.5 ମିଟର ଗଭୀରତା ଠାରୁ ଅଧିକ ନଥିବା ଶଯ୍ୟାକୁ ସଜାଇବା ଏବଂ ମାଟି ଜମା କରିବା ପାଇଁ ବ୍ୟବସ୍ଥା କରାଯାଇଥିଲା, ଯେଉଁଥିପାଇଁ 50 ମିଟରର ପ୍ରାରମ୍ଭିକ ଦୂରତା ମଧ୍ୟରେ ଖନନ ଏବଂ ପରିବହନ ପାଇଁ 3.74 ମଣିଷ ମୁଲିଆ[240] ଆବଶ୍ୟକ ଥିଲା । ଏକ କ୍ୟୁମି ଲାଟେରାଇଟ୍ ପଥର ଖନନ ପାଇଁ ପ୍ରତି ଘନ ମିଟର ପିଛା 1,169.20 ଟଙ୍କା ଖର୍ଚ୍ଚ ହୋଇଥିଲା ଯେଉଁଥିରେ ମୁଳଦୂଆ ଖନନ ପାଇଁ 20 ପ୍ରତିଶତ, ଓଭର ହେଡ୍ ଚାର୍ଜ ଏବଂ ଠିକାଦାରଙ୍କ ଲାଭ ଉପରେ 7.5 ପ୍ରତିଶତ ଏବଂ ସେଥିରେ ଏକ ପ୍ରତିଶତ ଶ୍ରମ ସେସ୍ ଥିଲା । 1.5 ମିଟର ଲିଫ୍ଟରୁ[241] ଅଧିକ ଖନନ ପାଇଁ ଏଓଆର୍‌ରେ 100 କ୍ୟୁମି ପ୍ରତି 4.1 ଶ୍ରମିକଙ୍କ ଅତିରିକ୍ତ ଶ୍ରମ ପାଇଁ ବ୍ୟବସ୍ଥା ଥିଲା ।

---

238 50 ମିମି ପାଇଁ ଅଧିକ ଜିଏସ୍‌ବି ପ୍ରଦାନ କରାଯାଇଥିଲା: (6,287.39 ଘନ ମିଟର x 1,725.30 ଟଙ୍କା ପ୍ରତି ଘନ ମିଟର) = 1,08,47,633 ଟଙ୍କା + 5 ମିମି ଅଧିକ ବିସି ପାଇଁ ପ୍ରଦାନ କରାଯାଇଥିବା (953.10 ଘନ ମିଟର x 6,871.90 ଟଙ୍କା ପ୍ରତି ଘନ ମିଟର)=65,50,266 ଟଙ୍କା=1,73,97,899 ଟଙ୍କା – 14.99 ପ୍ରତିଶତ ଟେଣ୍ଡର ପ୍ରିମିୟମ=1,47,89,954 ଟଙ୍କା

239 15.85 ମିମି ପାଇଁ ଅଧିକ ଡିବିଏମ୍ ପ୍ରଦାନ କରାଯାଇଥିଲା: (1612.58 ଘନମିଟର x 12,952 ଟଙ୍କା ପ୍ରତି ଘନମିଟର) = 2,08,86,136 ଟଙ୍କା + 25 ମିମି ଅଧିକ ବିଏମ୍ ପାଇଁ ପ୍ରଦାନ କରାଯାଇଥିଲା (2,645.24 ଘନମିଟର x 4,865.20 ଟଙ୍କା ପ୍ରତି ଘନମିଟର)=1,28,69,622 ଟଙ୍କା=3,37,55,758 ଟଙ୍କା–14.99 ପ୍ରତିଶତ ଟେଣ୍ଡର ପ୍ରିମିୟମ=2,86,95,770 ଟଙ୍କା

240 ପୁରୁଷ ଶ୍ରମିକକୁ ଏଓଆରରେ ପୁରୁଷ ମୁଲିଆ କୁହାଯାଏ ।

241 ଲିଫ୍ଟର ଅର୍ଥ ହେଉଛି ଭୂତଳ ସ୍ତର ସହିତ ଅପସାରମ ପାଇଁ ଭୂଲମ୍ବ ଦୂରତା

**ପ୍ରତିଛବି ସଂଖ୍ୟା 2 – ମୃତ୍ତିକା କାର୍ଯ୍ୟର ଖନନ ପାଇଁ କ୍ରସ୍ ବିଭାଗ ଦେଖାଉଥିବା ଚିତ୍ର**




ଭୁବନେଶ୍ୱର ଆର୍‌ଆଣ୍ଡବି ଡିଭିଜନ ସଂଖ୍ୟା II ର କାର୍ଯ୍ୟ ଅଟକଳ ଏବଂ ଚୁକ୍ତିନାମା (ଫେବୃଆରୀ 2021) ଗୁଡ଼ିକର ଯାଞ୍ଚରୁ ଜଣାଗଲା ଯେ ଭୁବନେଶ୍ୱରରେ "ଜୁଡିସିଆଲ୍ କୋର୍ଟ କମ୍ପ୍ଲେକ୍ସର ନିର୍ମାଣ କାର୍ଯ୍ୟ" ମୁଖ୍ୟ ଇଞ୍ଜିନିୟର (ବିଲ୍ଡିଂ)ଙ୍କ ଦ୍ୱାରା 79.77 କୋଟି ଟଙ୍କାରେ ମଇ 2018 ରେ ବୈଷୟିକ ମଞ୍ଜୁରୀ ହୋଇଥିଲା । ନଭେମ୍ବର 2020 ସୁଦ୍ଧା କାର୍ଯ୍ୟ ଶେଷ ହେବା ପାଇଁ ନଭେମ୍ବର 2018 ରେ ଆନୁମାନିକ ମୂଲ୍ୟ ଠାରୁ 6.32 ପ୍ରତିଶତ କମ୍ ହୋଇ 74.73 କୋଟି ଟଙ୍କାରେ ଜଣେ ଠିକାଦାରଙ୍କୁ ଏହି କାର୍ଯ୍ୟ ପ୍ରଦାନ କରାଯାଇଥିଲା । କାର୍ଯ୍ୟ ଠିକ୍ ସମୟରେ ଶେଷ ହୋଇପାରିଲା ନାହିଁ ଏବଂ 32.89 କୋଟି ଟଙ୍କା ପ୍ରଦାନ (ଜୁଲାଇ 2022) ସହିତ କାର୍ଯ୍ୟ ଚାଲିଥିଲା । ଲାଟେରାଇଟ୍ ପଥର ଖନନ ପାଇଁ କାର୍ଯ୍ୟ ଅନ୍ୟାନ୍ୟ ବିଷୟ ମଧ୍ୟରେ 50 ମିଟରର ପ୍ରାରମ୍ଭିକ ଦୂରତା ମଧ୍ୟରେ ଏବଂ 4664.01 ଘନ ମିଟର ପାଇଁ 1.5 ମିଟର ଉଠାଇବା ପାଇଁ 1169.20 ପ୍ରତି ଘନ ମିଟର 4664.01 ଘନ ମିଟର ପାଇଁ ଗୋଟିର ଅତିରିକ୍ତ ଲିଫ୍ଟ ସହିତ 2237.40 ପ୍ରତି ଦୁଇଟି ଅତିରିକ୍ତ ଲିଫ୍ଟ, 4198.65 ଘନ ମିଟର ପ୍ରତି 3305.60 ରେ ଏବଂ ତିନୋଟି ଅତିରିକ୍ତ ଲିଫ୍ଟ 629.80 ଘନ ମିଟର ପାଇଁ 4373.80 ଘନ ମିଟର ପ୍ରତି ।

ଅତିରିକ୍ତ ଲିଫ୍ଟ ପାଇଁ ଆଇଟମ୍ ହାର ଗଣନା କରିବା ବେଳେ, ଏଓଆର୍‌କୁ ବିଚ୍ୟୁତ୍ କରି ଇଇ 4.1 ଶ୍ରମିକଙ୍କୁ 100 ଘନ ମିଟର ବଦଳରେ ଗୋଟିଏ ଘନ ମିଟର ହିସାବରେ ଗ୍ରହଣ କରିଥିଲେ । କାର୍ଯ୍ୟର କାର୍ଯ୍ୟକାରିତା ସମୟରେ, ପ୍ରଥମ ମଧ୍ୟବର୍ତ୍ତୀ କାଳିନ ବିଛିନ୍ନତା ରିପୋର୍ଟ (ଡିସେମ୍ବର 2019) ଅନୁଯାୟୀ ପରିମାଣ 8,396.40 ଘନ ମିଟର, 10,495.50 ଘନ ମିଟର, 10,495.50 ଘନ ମିଟର ଏବଂ 7,871.63 ଘନ ମିଟର ଯଥାକ୍ରମେ ବୃଦ୍ଧି ପାଇଥିଲା । ପରିମାଣର ବୃଦ୍ଧି ସାଧାରଣ ମାଟି ଏବଂ କଠିନ ପଥର ଖନନ ପରିମାଣ ହ୍ରାସ ହେତୁ ହୋଇଥିଲା ।

ପୁନଶ୍ଚ, ଉପରୋକ୍ତ କାର୍ଯ୍ୟର ଆଇଟମ୍ ଗୁଡ଼ିକର ଅଟକଳର ପରୀକ୍ଷଣ ଯାଞ୍ଚରୁ ଜଣାପଡ଼ିଛି ଯେ ଆଇଟମ୍ ହାରର ବିଶ୍ଳେଷଣରେ, ଡିଭିଜନ ପ୍ରତ୍ୟେକ ଅତିରିକ୍ତ ଲିଫ୍ଟ ପାଇଁ 100 ଘନ ମିଟର ବଦଳରେ ଗୋଟିଏ ଘନ ମିଟର ପ୍ରତି 4.1 ଶ୍ରମିକଙ୍କ ମୂଲ୍ୟକୁ ଭୁଲ୍ ଭାବରେ ଯୋଡ଼ିଛି । ପ୍ରତ୍ୟେକ ଅତିରିକ୍ତ ଲିଫ୍ଟ ପାଇଁ ଶ୍ରମ ଦେୟର ଅବାଞ୍ଛିତ ଅତିରିକ୍ତ ଯୋଗାଣ ହେତୁ ଅଟକଳ ମୂଲ୍ୟରେ 5.83 କୋଟି ଟଙ୍କା ବୃଦ୍ଧି ପାଇଲା । ଟେଣ୍ଡର ପ୍ରିମିୟମ ଏବଂ ଜିଏସ୍‌ଟିକୁ ମିଶାଇ 4.64 କୋଟି ଟଙ୍କାର ଅନୁଚିତ୍ ଫାଇଦା ଠିକାଦାରଙ୍କୁ (ଜୁଲାଇ 2022) ପ୍ରଦାନ କରାଯାଇଛି, ଯାହା ନିମ୍ନ **ସାରଣୀ 7.4** ରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି ।

**ସାରଣୀ 7.4: ଆଇଟମ୍ ହାରରେ ତ୍ରୁଟିପୂର୍ଣ୍ଣ ଗଣନା ହେତୁ ଅତିରିକ୍ତ ମୂଲ୍ୟ**

| କ୍ର. ସଂ. | ଲାଟେରାଇଟ୍ ପଥରର ଖନନ କାର୍ଯ୍ୟ | କେତେ ପରିମାଣର ଖନନ କରାଯାଇଛି (ଘନ ମିଟରରେ) | ଅତିରିକ୍ତ ଲିଫ୍ଟ | ଏଓଆର୍ ହାର (ଘନ ମିଟର ପ୍ରତି) (ଟଙ୍କାରେ) | ଦର ଲାଗୁ ହୋଇଛି (ଘନ ମିଟର ପ୍ରତି) (ଟଙ୍କାରେ) | ଭେଦାତ୍ମକ ଅତିରିକ୍ତ ହାର ପ୍ରୟୋଗ (ଘନ ମିଟର ପ୍ରତି) (ସ୍ତମ୍ଭ ଏଫ୍-ଇ) (ଟଙ୍କାରେ) | ଅତିରିକ୍ତ ଦେୟ (ଟଙ୍କାରେ) (ସ୍ତମ୍ଭ **8 = 4 x 7**) |
|---|---|---|---|---|---|---|---|
| ***A*** | ***B*** | ***C*** | ***D*** | ***E*** | ***F*** | ***G*** | ***H*** |
| 1 | 1.5 ମିଟର ଗଭୀରତା ପର୍ଯ୍ୟନ୍ତ | 7,742.67 | - | 1,169.20 | 1,169.20 | - | - |
| 2 | 1.5 ରୁ 3 ମିଟର ପର୍ଯ୍ୟନ୍ତ | 7,733.94 | 1 | 1,179.88 | 2,237.40 | 1,057.52 | 81,78,778 |
| 3 | 3 ରୁ 4.5 ମିଟର ପର୍ଯ୍ୟନ୍ତ | 7,733.94 | 2 | 1,190.57 | 3,305.60 | 2,115.03 | 1,63,57,532 |
| 4 | 4.5 ରୁ 6 ମିଟର ପର୍ଯ୍ୟନ୍ତ | 6,206.73 | 3 | 1,201.25 | 4,373.80 | 3,172.55 | 1,96,91,139 |
| | ମୋଟ | **29,417.28** | | | | | **4,42,27,449** |
| | ଟେଣ୍ଡର ପ୍ରମିୟମ ସହିତ | 6.32 ପ୍ରତିଶତ କମ୍ | | | | | 4,14,32,275 |
| | ମୋଟ **12** ପ୍ରତିଶତ ଜିଏସ୍‌ଟି ସହିତ | | | | | | **4,64,04,148** |

ଅଡିଟ୍ ମନ୍ତବ୍ୟ ଗୁଡ଼ିକ ସ୍ୱୀକାର କରି ସରକାର ଦର୍ଶାଇଲେ (ଫେବୃଆରୀ 2023) ଯେ, ଲାଟେରାଇଟ୍ ପଥର କିମ୍ବା କୌଣସି ଟାଣ ପଥର (ଗ୍ରାନାଇଟ୍ କିମ୍ବା ବିଚ୍ଛିନ୍ନ ପଥର ବ୍ୟତୀତ) ଭିତ୍ତିରେ ଖନନ ପାଇଁ ୟୁନିଟ୍ ହାରରେ ଭୁଲ୍ ହୋଇଥିଲା, ଯାହା ଏସ୍ଇ, କେନ୍ଦ୍ରୀୟ (ଆର୍ଆଣ୍ଡବି) ସର୍କଲ, ଭୁବନେଶ୍ୱର (ଅପ୍ରେଲ 2021) ଦ୍ୱାରା ପରିଚାଳିତ ବୈଷୟିକ କମିଟି ଦ୍ୱାରା ସଂଶୋଧିତ ହୋଇଛି । ତଦନୁସାରେ, ଠିକାଦାରଙ୍କ ଠାରୁ ଅତିରିକ୍ତ ରାଶି 3.23 କୋଟି ଟଙ୍କାରୁ 1.23 କୋଟି ଟଙ୍କାର ଅତିରିକ୍ତ ଦେୟ 10ତମ ରୁ 19ତମ ଆର୍ଏ ବିଲ୍‌ରୁ ଅସୁଲ ହୋଇଥିଲା ଏବଂ ବାକି ଆର୍ଏ ବିଲ୍‌ରୁ ବଳକା ରାଶି ଅସୁଲ କରାଯିବ । ତେବେ, ସରକାର ଅଧିକ ଦେୟ ପରିମାଣର ଅସୁଲ ଏବଂ ଦେୟ ପ୍ରକ୍ରିୟାକରଣ ସମୟରେ ବିଭାଗ ଅଧିକ ସଜାଗ ରହିବାକୁ ନିଶ୍ଚିତ କରିବା ଆବଶ୍ୟକ ।

## 7.20 ନିଷ୍ଫଳ ବ୍ୟୟ

**ଏକ ବିଦ୍ୟମାନ ରାସ୍ତା ପାଇଁ ଆକଳନ ପ୍ରସ୍ତୁତିରେ ବିଭାଗୀୟ ଅଧିକାରୀଙ୍କ ଢିଲାପଣ ହେତୁ 3.54 କୋଟି ଟଙ୍କା ନିଷ୍ଫଳ ବ୍ୟୟ ହୋଇଥିଲା ।**

ଓଡ଼ିଶା ପୂର୍ତ୍ତ ବିଭାଗ ସଂହିତା (ଓପିଡବ୍ଲୁଡି) ର ଅନୁଚ୍ଛେଦ 3.4.10(i) ଏକ ସାର୍ଟିଫିକେଟ୍ ଆବଶ୍ୟକ କରେ ଯେ ବିଭାଗୀୟ ଅଧିକାରୀ ବ୍ୟକ୍ତିଗତ ଭାବରେ ସେହି ସ୍ଥାନ ପରିଦର୍ଶନ କରିଥିଲେ ଏବଂ ଅନୁମୋଦିତ ସୂଚୀ (ଏସ୍ଓଆର୍) ବ୍ୟବହାର କରି ଅଟକଳ ପ୍ରସ୍ତୁତ କରିଥିଲେ ଏବଂ ଅଧିକତମ ମିତବ୍ୟୟିତା ରୀତିରେ ସୁରକ୍ଷିତ ଉପାୟ ପ୍ରଦାନ କରିଥିଲେ । ପୂର୍ତ୍ତ ବିଭାଗ ନୂତନ ସଡ଼କ ଡିଜାଇନ୍ କରିବା ସହିତ ବିଦ୍ୟମାନ ସଡ଼କ-ଗୁଡ଼ିକର ଉନ୍ନତି ପାଇଁ ଭାରତୀୟ ସଡ଼କ କଂଗ୍ରେସ (ଆଇଆର୍‌ସି) ର ନିର୍ଦ୍ଦିଷ୍ଟକରଣ ଅନୁସରଣ କରେ । ଆଇଆର୍‌ସି ନିର୍ଦ୍ଦିଷ୍ଟକରଣ ଅନୁଯାୟୀ, ଏକ ରାସ୍ତାର ଚଟାଣ ମୋଟେଇ ମାଟିର ଭାର ଧାରଣ କ୍ଷମତା ଉପରେ ନିର୍ଭର କରେ । କାଲିଫର୍ଣ୍ଣିଆ ବିୟରିଂ ଅନୁପାତ (ସିବିଆର୍) ଅନୁଯାୟୀ ପ୍ରକାଶିତ ଏବଂ ବ୍ୟବସାୟିକ ଯାନଗୁଡ଼ିକର ଆନୁମାନିକ ସଂଖ୍ୟା ଉପରେ ମଧ ନିର୍ଭର କରେ, ଯାହା ରାସ୍ତା ବ୍ୟବହାର କରିବ, ମିଲିୟନ୍ ଷ୍ଟାଣ୍ଡାର୍ଡ ଏକ୍ସେଲ୍ (ଏମ୍ଏସ୍ଏ) ଭାବରେ ଗଣନା କରାଯାଇଛି । ଅବସ୍ଥିତ ପକ୍କା ରାସ୍ତା ପାଇଁ ଦୃଢ଼ ପଦକ୍ଷେପ କିମ୍ବା ଓଭରଲେଜ୍ ଡିଜାଇନ୍ ପାଇଁ ଆଇଆର୍‌ସି-2001/2012 ବେଙ୍କେଲମାନ୍ ବିମ୍, ଡିଫ୍ଲେକ୍ସନ୍ ଟେକ୍‌ନିକ୍ (ବିବିଡିଟି) ପାଇଁ ଆଇଆର୍‌ସି-81-1997 ଅନୁସରଣ କରିବାକୁ କିମ୍ବା ଓଜନ ଡିଫ୍ଲେକ୍ସନ ଦ୍ୱାରା ପକ୍କା ସ୍ତରର ଗୁଣଗୁଡ଼ିକର ମୂଲ୍ୟାଙ୍କନ ଉପରେ

ଆଧାର କରି ବା ଆଇଆର୍‌ସି 115-2014 ଅନୁଯାୟୀ ଫଲିଙ୍ଗ୍‌ୱେଟ୍ ଡିଫ୍ଲେକ୍ଟୋମିଟର (ଏଫ୍‌ଡବ୍ଲୁଡି[242]) ଅଧିକ ଉପଯୁକ୍ତ ପଦ୍ଧତି ଅନୁସରଣ କରିବାକୁ ପରାମର୍ଶ ଦିଆଯାଇଛି ।

ସୁନ୍ଦରଗଡ଼ ଆରଆଣ୍ଡବି ଡିଭିଜନରେ ସଡ଼କ କାର୍ଯ୍ୟର (ସେପ୍ଟେମ୍ବର 2021) ଆକଳନ ଏବଂ ଚୁକ୍ତିନାମା ଯାଞ୍ଚରୁ ଜଣାପଡ଼ିଛି ଯେ ଆନ୍ତଃରାଜ୍ୟ ସଂଯୋଗ ସ୍କିମ୍ ଅଧୀନରେ ଗୋପାଳପୁର-ଛତିଶଗଡ଼ ସୀମାର ରାସ୍ତାକୁ 4,700 କିମି ରୁ 28,860 କିମି ପର୍ଯ୍ୟନ୍ତ ପକ୍କା ବନ୍ଧ ସହିତ ପ୍ରଶସ୍ତିକରଣ ଓ ସୁଦୃଢ଼ୀକରଣ କରିବା ପାଇଁ ଏହି ଯୋଜନା 2017-18 ଆର୍ଥିକ ବର୍ଷ ପାଇଁ ଭାରତ ସରକାର (ଜିଓଆଇ) ଙ୍କ ଦ୍ୱାରା ମାର୍ଚ୍ଚ 2018 ରେ 53.80 କୋଟି ଟଙ୍କା ପାଇଁ ବୈଷୟିକ ମଞ୍ଜୁର କରାଯାଇଥିଲା । ଜୁଲାଇ 2020 ସୁଦ୍ଧା କାର୍ଯ୍ୟ ଶେଷ କରିବାକୁ ଜଣେ ଠିକାଦାରଙ୍କୁ ଏହି କାର୍ଯ୍ୟ ପାଇଁ ଜାନୁଆରୀ 2019 ରେ 39.18 କୋଟି ଟଙ୍କା ପ୍ରଦାନ କରାଯାଇଥିଲା । ରାସ୍ତାର ଟ୍ରାଫିକ୍ ସର୍ଭେ କରାଯାଇଥିଲା (ସେପ୍ଟେମ୍ବର 2017) ଏବଂ ଆଇଆର୍‌ସି 37-2012 ଅନୁଯାୟୀ କ୍ରଷ୍ଟର ଡିଜାଇନ୍ ପ୍ରସ୍ତୁତ କରାଯାଇଥିଲା ଯେପରି ଡିଜାଇନ୍ ଟ୍ରାଫିକକୁ 20 ଏମ୍ଏସ୍ଏ ଏବଂ ସିବିଆର୍ 6 ଭାବରେ ବିଚାର କରି ଯାହାପାଇଁ ଆଇଆର୍‌ସି ରାସ୍ତା ଚଟାଣର ମୋଟେଇ 260 ମିମି ଗ୍ରାନୁଲାର୍ ସବ୍‌ବେସ୍ (ଜିଏସ୍‌ବି) 250 ମିଲିମିଟର, ଓଦା ମିକ୍ସ ମାକାଡାମ୍ (ଡବ୍ଲୁଏମ୍ଏମ୍) 90 ମିମି ସାନ୍ଦ୍ରତା ବିଟୁମିନେସ୍ ମାକାଡାମ୍ (ଡିବିଏମ୍) ଏବଂ 40 ମିଲି ମିଟର ବିଟୁମିନେସ୍ କଂକ୍ରିଟ୍ (ବିସି) ନିର୍ଦ୍ଦିଷ୍ଟ କରିଛି । ଏହି ରାସ୍ତାଟି ଏକ ବିଦ୍ୟମାନ ରାସ୍ତା ହୋଇଥିବାରୁ ଡିଭିଜନ ପ୍ରଶସ୍ତିକରଣ ଅଂଶରେ 260 ମିଲି ମିଟର ଜିଏସ୍‌ବି ଏବଂ 250 ମିଲିମିଟର ଡବ୍ଲୁଏମ୍ଏମ୍ ପ୍ରଦାନ କରିଥିଲା ଏବଂ ବିଦ୍ୟମାନ ଯାନବାହାନ ରାସ୍ତାରେ କେବଳ 100 ମିଲିମିଟର ଡବ୍ଲୁଏମ୍ଏମ୍ ପ୍ରଦାନ କରାଯାଇଥିଲା ଏବଂ ବିଦ୍ୟମାନ କ୍ରଷ୍ଟ ମୋଟେଇ 310 ମିଲିମିଟର ଭାବରେ ବିଚାର କରି ଆକଳନ ପ୍ରସ୍ତୁତ କରାଯାଇଥିଲା (ଡିସେମ୍ବର 2017), ଯାହା ବିବିଡିଟି କିମ୍ବା ଏଫ୍‌ଡବ୍ଲୁଡି ପରୀକ୍ଷାରେ ବିଦ୍ୟମାନ କ୍ରଷ୍ଟର ସଂରଚନା ଶକ୍ତିର ମୂଲ୍ୟାଙ୍କନ ପାଇଁ ବିଚାର କରାଯାଇଥିଲା ।




କାର୍ଯ୍ୟ ନିର୍ବାହ ସମୟରେ (2019), ବିଦ୍ୟମାନ ପରିବହନ ପଥ ଥିବାର ଦେଖାଗଲା, ରାସ୍ତାରେ ବହୁ ଭାରୀ ଯାନବାହନ ଚଳାଚଳ ହେତୁ ଅନେକ ଗୁଡ଼ିଏ ଖାଲ ଏବଂ ରାସ୍ତାର ଜିଏସ୍‌ବି ଏବଂ ଡବ୍ଲୁଏମ୍ଏମ୍ ସ୍ତର ସହିତ ପ୍ରାୟତଃ ରାସ୍ତାର ଉପରିଭାଗ ଛାଡ଼ି ଯାଇଥିଲା । ଏହି କାର୍ଯ୍ୟ 5.050 କିଲୋମିଟର (4.700 କିଲୋମିଟରରୁ 9.750 କିଲୋମିଟର), ପାଇଁ କାର୍ଯ୍ୟକାରୀ କରାଯାଇଥିଲା, ଯାହା ଡିପିଆର୍‌ରେ ପ୍ରଦାନ କରାଯାଇଥିଲା । ଏହାର ଖର୍ଚ୍ଚ ହେଉଛି 3.54 କୋଟି ଟଙ୍କା ଏବଂ ଜାନୁଆରୀ 2020 ରେ ବନ୍ଦ ହୋଇଯାଇଥିଲା । ସେହି ସମାନ କାମ ନିମନ୍ତେ କଠିନ ପକ୍କା ରାସ୍ତା[243] ସହିତ 146.51 କୋଟି ଟଙ୍କାର ନୂତନ ଅଟକଳ ପ୍ରସ୍ତୁତ କରାଯାଇ "ଡୁଡୁକା-ଗୋପାଳପୁର -ଟୋପାରିଆ ରାସ୍ତା 6.206 କିଲୋମିଟରରୁ 28.564 କିଲୋମିଟର ପର୍ଯ୍ୟନ୍ତ ପକ୍କା ବନ୍ଧ ସହ ଦୁଇ ଲେନ୍ ବିଶିଷ୍ଟ

---

242 ଫଲିଂ ୱେଟ୍ ଡିଫ୍ଲେକ୍ଟୋମିଟର ଆଇଆରସି 115-2014 ଅନୁଯାୟୀ, ଫଲିଂ ୱେଟ୍ ଡିଫ୍ଲେକ୍ଟୋମିଟର (ଏଫ୍‌ଡବ୍ଲୁଡି) ହେଉଛି ଏକ ଇମ୍ପୁଲ୍ସ ଲୋଡିଂ ଉପକରଣ ଯେଉଁଥିରେ ରାସ୍ତା ଚଟାଣର ଏକ କ୍ଷଣସ୍ଥାୟୀ ଭାର ପ୍ରୟୋଗ କରାଯାଏ ଏବଂ ରାସ୍ତା ଚଟାଣର ଅବକ୍ଷୟ ଆକାର ମାପ କରାଯାଏ ।

243 କଠିନ ପକ୍କା ରାସ୍ତା ହେଉଛି ଏକ ସିମେଣ୍ଟ କଂକ୍ରିଟ୍ ରାସ୍ତା ।

ରାସ୍ତା” ନାମରେ ନାମିତ କରାଗଲା (ଜାନୁଆରୀ 2021) ଏବଂ ପ୍ରକଳ୍ପର ନିର୍ମାଣ ଅବଧି 24 ମାସ ନିର୍ଦ୍ଧାରଣ କରି ଜିଏସ୍‌ଟିକୁ ବାଦ୍ ଦେଇ 102.65 କୋଟି ଟଙ୍କାରେ ପ୍ରଦାନ କରାଯାଇଥିଲା (ଜୁଲାଇ 2021) ।

ଏହି ପରିପ୍ରେକ୍ଷୀରେ, ଅଡିଟ୍ ନିମ୍ନଲିଖିତ ଅନିୟମିତତା ଉପରେ ନଜର ରଖିଛି:

- ବିଭାଗୀୟ ଅଧିକାରୀଙ୍କ ଢିଲାପଣ ହେତୁ ବର୍ତ୍ତମାନ ରାସ୍ତାର ପ୍ରକୃତ ଭୂତଳ ଘନତାକୁ ବିଚାର ନକରି ମୂଳ ଆକଳନ ପ୍ରସ୍ତୁତ କରାଯାଇଥିଲା ଏବଂ ବର୍ତ୍ତମାନ ରାସ୍ତାରେ କୌଣସି ପରୀକ୍ଷା ନକରି ମୋଟେଇକୁ 310 ମିଲି ମିଟର ପ୍ରମାଣିତ କରାଯାଇଥିଲା ।

- କାର୍ଯ୍ୟ ନିର୍ବାହ ସମୟରେ ରାସ୍ତା ପୃଷ୍ଠ ବିଫଳ ହୋଇଥିବାରୁ ଏକ ନୂତନ ଟ୍ରାଫିକ୍ ଜନଗଣନା କରାଯାଇଥିଲା (ନଭେମ୍ବର 2019) ଏବଂ କାର୍ଯ୍ୟ ବନ୍ଦ ହୋଇଗଲା (ଡିସେମ୍ବର 2019) ।

- ମୁଖ୍ୟ ଯନ୍ତ୍ରୀ (ଡିପିଆଇ ଆଣ୍ଡ ରାସ୍ତା) ନିର୍ଦ୍ଦେଶ ଅନୁଯାୟୀ, (ଜାନୁଆରୀ 2020) ଏଫ୍‌ଡବ୍ଲୁଡି ପରୀକ୍ଷା କରାଯାଇଥିଲା ଏବଂ ଏକ ସିମେଣ୍ଟ କଂକ୍ରିଟ୍ (ସିସି) ରାସ୍ତା ପ୍ରସ୍ତାବ ଦେଇ ସଂଶୋଧିତ ଆକଳନ ପ୍ରସ୍ତୁତ କରାଯାଇଥିଲା ଏବଂ ଜିଏସ୍‌ବି ଏବଂ ଡ୍ରାଏ ଲିନ୍ କଂକ୍ରିଟ୍ (ଡିଏଲ୍‌ସି)[244] ସମଗ୍ର ରାସ୍ତା ଖଣ୍ଡରେ ପ୍ରଦାନ କରାଯାଇଥିଲା । ରାସ୍ତାର ବିସ୍ତାର ମୂଳ ଚୁକ୍ତିନାମା (ସେପ୍ଟେମ୍ବର 2021) ର ପୂର୍ବବନ୍ଧନ ନକରି ଏହି କାର୍ଯ୍ୟ (ଜୁଲାଇ 2021) ପ୍ରଦାନ କରାଯାଇଥିଲା ।

- ଅଡିଟ୍ ଟିମ୍ ଏବଂ ବିଭାଗୀୟ ଯନ୍ତ୍ରୀଙ୍କ ଦ୍ୱାରା ମିଳିତ ସରଜମିନ ତଦନ୍ତ ସମୟରେ (ସେପ୍ଟେମ୍ବର 2021) ଦେଖାଗଲା ଯେ ସେଠାରେ କୌଣସି ବିଦ୍ୟମାନ ଟାଣ ଆବରଣ ନାହିଁ ଏବଂ ରାସ୍ତାଟି ଖରାପ ଅବସ୍ଥାରେ ଅଛି ।



**ଫଟୋ ସଂଖ୍ୟା.30: ଗୋପାଳପୁର-ଛତିଶଗଡ଼ ବୋର୍ଡର ରାସ୍ତା**

- 4.800 କିଲୋମିଟରରୁ 6.206 କିଲୋମିଟର ପର୍ଯ୍ୟନ୍ତ ଏକ ସଡ଼କ ଅଂଶ ଯେଉଁଠାରେ ଆନ୍ତରାଜ୍ୟ ସଂଯୋଗୀକରଣ ଯୋଜନା ଅଧୀନରେ ଏହି କାର୍ଯ୍ୟ କାର୍ଯ୍ୟକାରୀ କରାଯାଇଥିଲା, ଏହି ଅଂଶ ଏକ କୋଇଲା ଧାରଣ କ୍ଷେତ୍ର ଅଧୀନରେ ଥିବାରୁ ମହାନଦୀ କୋଇଲା ଲିମିଟେଡ୍ (ଏମ୍‌ସିଏଲ୍) ଦ୍ୱାରା ନିଆଯାଇଥିଲା । ଚାରି ଲାଇନ୍ ବିଶିଷ୍ଟ ନୂତନ ବାଇପାସ୍ ରାସ୍ତା ନିର୍ମାଣ ହୋଇଥିଲା ଯାହା 4.700 କିଲୋମିଟରରୁ ଆରମ୍ଭ ହୋଇଥିଲା ଏବଂ 6.700 କିଲୋମିଟରକୁ ସଂଯୋଗ କରିଥିଲା ।

ତେଣୁ, ବିଦ୍ୟମାନ ରାସ୍ତାର ପ୍ରକୃତ ଭୂତଳ ଘନତା ଆବଶ୍ୟକତାକୁ ବିଚାର ନକରି ତ୍ରୁଟିପୂର୍ଣ୍ଣ ଆକଳନ ପ୍ରସ୍ତୁତି ଯୋଗୁଁ 3.54 କୋଟି ଟଙ୍କା ବ୍ୟୟବହୁଳ ଖର୍ଚ୍ଚ ହୋଇଥିଲା ।

ସରକାର ଜଣାଇଲେ (ଫେବୃଆରୀ 2023) ଯେ, ଦିନ ରାତି ରାସ୍ତାରେ ଖଣିଜ ବହନ କରୁଥିବା ଭାରୀ ଯାନବାହନ ଚଳାଚଳ ହେତୁ ବିଦ୍ୟମାନ ରାସ୍ତା ଖଣ୍ଡିଆଖାବରା ହୋଇଯାଇଥିଲା / ବହୁ ସଂଖ୍ୟାରେ ଖାଲ ସହିତ ବଡ଼ ଖାଲ ସୃଷ୍ଟି ହୋଇଥିଲା । ପୁନଶ୍ଚ, ସରକାରୀ ଦର୍ଶାଇଛନ୍ତି ଯେ, ମୁଖ୍ୟ ଯନ୍ତ୍ରୀ, (ଡିପିଆଇ ଆଣ୍ଡ ରୋଡ୍) ରାସ୍ତା ଯାଞ୍ଚ କରିଛନ୍ତି (ଜାନୁଆରୀ 2020) ଏବଂ ନୂତନ ଟ୍ରାଫିକ୍ ଜନଗଣନାର ଆବଶ୍ୟକତା ଅନୁଯାୟୀ ମୂଳ ଆକଳନରେ ପ୍ରଦାନ କରାଯାଇଥିବା ଅନୁପଯୁକ୍ତ ଭୂତଳ ଉପରେ ନଜର ରଖିଛନ୍ତି ଏବଂ ରାସ୍ତା କ୍ରଷ୍ଟ ବିଫଳତା ହେତୁ ପକ୍କା ରାସ୍ତାର କାର୍ଯ୍ୟ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ନୂତନ ଟ୍ରାଫିକ୍ ଜନଗଣନାକୁ ବିଚାର କରି ସୁନ୍ଦରଗଡ଼, ଆର୍‌ଆଣ୍ଡ ବି ବିଭାଗ ଇପିସି ମୋଡରେ ଦୁଇ ଲେନ୍ ରାସ୍ତା ବଦଳରେ ଚାରି ଲେନ୍ କଂକ୍ରିଟ୍ ପକ୍କା ରାସ୍ତା ନିର୍ମାଣ ପାଇଁ ପ୍ରସ୍ତାବ

---

[244] ଡ୍ରାଏ ଲିନ୍ କଂକ୍ରିଟ୍: ଡ୍ରାଏ ଲିନ୍ କଂକ୍ରିଟ୍ (ଡିଏଲ୍‌ସି) ଏକ କଂକ୍ରିଟ୍ ସବ୍‌ବେସ୍ କୋର୍ସ ଭାବରେ କାମ କରେ ଯାହା ଉପରେ ପକ୍କା ଗୁଣାତ୍ମକ କଂକ୍ରିଟ୍ ସ୍ଲାବ୍ ରହିଥାଏ ।

ଦେଇଥିଲେ ଏବଂ ଏହାର କାର୍ଯ୍ୟ ଚାଲିଥିଲା । ଏହି କାର୍ଯ୍ୟ ପାଇଁ ମୂଳ ଆକଳନ ପ୍ରସ୍ତୁତ ପୂର୍ବରୁ ଏଫ୍‌ଡବ୍ଲୁଡି ପରୀକ୍ଷା କରାଯାଇ ନଥିବାରୁ ଏହାର ଉତ୍ତର ଗ୍ରହଣୀୟ ନଥିଲା, ଏହି କାରଣରୁ ରାସ୍ତାଟି ବଡ଼ବଡ଼ ଖାଲ୍ ସୃଷ୍ଟି ହୋଇ ଭାଙ୍ଗିଯାଇଥିଲା । ଯାହାଦ୍ୱାରା ବିଟୁମିନେସ୍ ପକ୍କା ରାସ୍ତାର ବ୍ୟୟବରାଦ ହୋଇଥିଲା ।

## 7.21 ଠିକାଦାରଙ୍କୁ ଅଧିକ ଦେୟ

**ଚୁକ୍ତିନାମା ପରିସରର ନକରାତ୍ମକ ପରିବର୍ତ୍ତନ ଅଧୀନରେ କାର୍ଯ୍ୟର ମୂଲ୍ୟ ହ୍ରାସ ନହେବା କାରଣରୁ 3.71 କୋଟି ଟଙ୍କା ଅଧିକ ଦେୟ ପ୍ରଦାନ କରାଯାଇଥିଲା ।**

ଏମ୍‌ଓଆର୍‌ଟିଏଚ୍ (ମାର୍ଚ୍ଚ 2019[245]) ଦ୍ୱାରା ନିର୍ଦ୍ଧାରିତ ଫର୍ମାଟ୍, ଧାର୍ଯ୍ୟ ହୋଇଥିବା ଯନ୍ତାଂଶ କ୍ରୟ ଏବଂ ନିର୍ମାଣ (ଇପିସି) ଚୁକ୍ତିନାମା ଫର୍ମାଟର ଧାରା 3.13 ଅନୁଯାୟୀ କର୍ତ୍ତୃପକ୍ଷ କାର୍ଯ୍ୟାରମ୍ଭ (ତାରିଖର ପରିବର୍ତ୍ତନ), ହେବାର ଛଅ ମାସ ମଧ୍ୟରେ ପରିବର୍ତ୍ତନ କରିପାରିବେ । କାର୍ଯ୍ୟ ଠିକାଦାରଙ୍କୁ କାର୍ଯ୍ୟର ପରିସରର ପରିବର୍ତ୍ତନକୁ ଅତିରିକ୍ତ ଖର୍ଚ୍ଚ କିମ୍ବା ମୂଲ୍ୟରେ ହ୍ରାସ କର୍ତ୍ତୃପକ୍ଷଙ୍କ ନିକଟରେ ଦାଖଲ କରିବାକୁ ପଡ଼ିବ ।

ବ୍ରହ୍ମପୁରର ଗଞ୍ଜାମ (ଆର୍ ଆଣ୍ଡ ବି) ଡିଭିଜନ ନମ୍ବର 1 ରେ କାର୍ଯ୍ୟ ଆକଳନ ଏବଂ ଚୁକ୍ତିନାମା (ମାର୍ଚ୍ଚ 2022) ର ଯାଞ୍ଚରୁ ଜଣାପଡ଼ିଛି ଯେ, ରାଜ୍ୟ ରାଜପଥ ବିକାଶ କାର୍ଯ୍ୟକ୍ରମ (ଏସ୍‌ଏଚ୍‌ଡିପି) ଅଧୀନରେ କାର୍ଯ୍ୟ "ବ୍ରହ୍ମପୁର-ତମାନା-ଚିକିଟି-ସୁରଙ୍ଗି-ମାନ୍ଦାର୍ଦ୍ଧା ରୋଡର ପ୍ରଶସ୍ତିକରଣ ଓ ସୁଦୃଢ଼ୀକରଣ" 0.0 ରୁ 01.0 କିଲୋମିଟର ପର୍ଯ୍ୟନ୍ତ ଏବଂ 2.0 କିଲୋମିଟରରୁ 32.0 କିଲୋମିଟର ଠିକାଦାରଙ୍କୁ ମଇ 2014 ରେ 43 କୋଟି ଟଙ୍କା ପ୍ରଦାନ କରାଯାଇଥିଲା ଏବଂ ଏହା ମଇ 2016 ସୁଦ୍ଧା ଶେଷ ହେବାକୁ ଥିଲା । ଏହି କାର୍ଯ୍ୟ ସମାପ୍ତ ହୋଇଥିଲା (ଡିସେମ୍ବର 2019) ଏବଂ ଅନ୍ତିମ ବିଲ୍ 37.74 କୋଟି ଟଙ୍କା ପ୍ରଦାନ କରାଯାଇଥିଲା (ଫେବୃଆରୀ 2020) ।

କାର୍ଯ୍ୟର ସବିଶେଷ ଆକଳନରୁ ଏହା ଲକ୍ଷ୍ୟ କରାଯାଇଛି ଯେ, ମୂଳ ପରିସର ଅନୁଯାୟୀ ଠିକାଦାରଙ୍କୁ 19.300 କିଲୋମିଟରରୁ 21.200 କିଲୋମିଟର ଏବଂ 300 ମିଟର ବକ୍ଷ ପ୍ରାଚୀରରେ[246] 2,600 ମିଟର ଡ୍ରେନ୍ (ଉଭୟ ପାର୍ଶ୍ୱ) କାର୍ଯ୍ୟକାରୀ କରିବାକୁ ପଡ଼ିବ । ଅଡିଟ୍ ଲକ୍ଷ୍ୟ କରିଛି ଯେ, କାର୍ଯ୍ୟର କାର୍ଯ୍ୟକାରିତା ସମୟରେ କାର୍ଯ୍ୟର ପରିସର 1.9 କିଲୋମିଟର[247] ହ୍ରାସ ପାଇଛି । ତେଣୁ ସେଠାରେ ଡ୍ରେନର ଲମ୍ବ 2,600 ମିଟର ଏବଂ ସୁରକ୍ଷା କାର୍ଯ୍ୟ 300 ମିଟରରେ ହ୍ରାସ ହେବା ଉଚିତ୍ । ଆହୁରି ମଧ୍ୟ ଏହା ଲକ୍ଷ୍ୟ କରାଯାଇଥିଲା ଯେ, 76 କ୍ରସ ଡ୍ରେନେଜ୍ (ସିଡି)ର ଦୈର୍ଘ୍ୟ 657.45 ମିଟର ମଧ୍ୟ ଏହି ରାସ୍ତାରୁ କଟାଯାଇ ନାହିଁ କାରଣ ଏହି ସିଡି ଗୁଡ଼ିକ ପୃଥକ ଭାବରେ ନିର୍ମାଣ କରାଯାଇଥିଲା ।

ବିଭାଗୀୟ ଯନ୍ତ୍ରୀଙ୍କ ସହିତ ଅଡିଟ୍ ଦଳଙ୍କ ଦ୍ୱାରା ରାସ୍ତାର ମିଳିତ ସରଜମିନ୍ ତଦନ୍ତ (ଜେପିଭି) ସମୟରେ (ମାର୍ଚ୍ଚ 2022) 20.900 ରୁ 21.850 କିଲୋମିଟର ପର୍ଯ୍ୟନ୍ତ ରାସ୍ତାର ତିନି ପ୍ରାନ୍ତର ଉଭୟ ପାର୍ଶ୍ୱରେ କୌଣସି ଗାବିୟନ୍ ପ୍ରାଚୀର ଯୋଗାଇ ଦିଆଯାଇନଥିବା ଲକ୍ଷ୍ୟ କରାଯାଇଥିଲା । କାର୍ଯ୍ୟ ଏବଂ କାର୍ଯ୍ୟର ମୂଳ ପରିସରର ବିବରଣୀ ନିମ୍ନରେ ସାରଣୀ **7.5** ରେ ଦର୍ଶାଯାଇଛି:

**ସାରଣୀ 7.5: କାର୍ଯ୍ୟର ପରିସର ଏବଂ ନିଷ୍ପାଦନ ନକରିବାର ବିବରଣୀ**

**(ଟଙ୍କା କୋଟିରେ)**

| ଦ୍ରବ୍ୟ | କାର୍ଯ୍ୟକାରିତା ପାଇଁ କାର୍ଯ୍ୟର ମୂଳ ପରିସର | କାର୍ଯ୍ୟର ମୋଟ ମୂଲ୍ୟ | କାର୍ଯ୍ୟଗୁଡ଼ିକ କାର୍ଯ୍ୟକାରୀ ହୋଇନାହିଁ | ମୋଟ କାର୍ଯ୍ୟଗୁଡ଼ିକ କାର୍ଯ୍ୟକାରୀ ହୋଇନାହିଁ (ମିଟରରେ) | ମୂଲ୍ୟ |
|---|---|---|---|---|---|
| ଗାବିୟନ କାନ୍ଥ | 1.150 କିମି | 2.32 | **20.900** ରୁ **21.200** କିମି ପର୍ଯ୍ୟନ୍ତ= **0.300** କିମି (ଏଲ୍‌ଏଚ୍‌ଏସ୍[248]) | 1,150 ମି | 2.32 |

245 ବିଜ୍ଞପ୍ତି ସଂଖ୍ୟା ଆର୍/ ଏନ୍‌ଏଚ୍ -37010/4/2010-ଇଏପି (ପ୍ରିଣ୍ଟିଙ୍ଗ୍) ଭଲ୍ୟୁମ୍. IV ତାରିଖ 05 ମାର୍ଚ୍ଚ 2019

246 ରାସ୍ତାର ତଳ ମୁଣ୍ଡରେ ଥିବା ଏକ କାନ୍ଥ ପାହାଡ଼ ମୁହଁରେ ପୃଥିବୀର ପ୍ରାକୃତିକ ଭାବରେ ଘଟୁଥିବା ସମର୍ଥନ ଏବଂ ଧରି ରଖିବା ପାଇଁ ବକ୍ଷ ପ୍ରାଚୀର ଭାବରେ ଜଣାଶୁଣା

247 19.300 ରୁ 21.200 ପର୍ଯ୍ୟନ୍ତ ରାସ୍ତା

248 ବାମ ପାର୍ଶ୍ୱ ରାସ୍ତା

| ଦ୍ରବ୍ୟ | କାର୍ଯ୍ୟକାରିତା ପାଇଁ କାର୍ଯ୍ୟର ମୂଳ ପରିସର | କାର୍ଯ୍ୟର ମୋଟ ମୂଲ୍ୟ | କାର୍ଯ୍ୟଗୁଡ଼ିକ କାର୍ଯ୍ୟକାରୀ ହୋଇନାହିଁ | ମୋଟ କାର୍ଯ୍ୟଗୁଡ଼ିକ କାର୍ଯ୍ୟକାରୀ ହୋଇନାହିଁ (ମିଟରରେ) | ମୂଲ୍ୟ |
|---|---|---|---|---|---|
| | | | **21.200** ରୁ **21.850** କିମି ପର୍ଯ୍ୟନ୍ତ = **0.650** କିମି (ଏଲ୍‌ଏଚ୍‌ଏସ୍) **21.300** ରୁ **21.500** କିମି ପର୍ଯ୍ୟନ୍ତ = **0.200** କିମି (ଆର୍‌ଏଚ୍‌ଏସ୍[249]) | | |
| ବକ୍ଷ କାନ୍ଥ | 0.800 କିମି | 0.37 | 20.900 ରୁ 21.200 କିମି ପର୍ଯ୍ୟନ୍ତ = 0.300 କିମି (ଆର୍‌ଏଚ୍‌ଏସ୍) | 300 ମି | 0.13 |
| ନାଳ | 7.820 କିମି | 2.03 | 19.300 ରୁ 20.100 କିମି ପର୍ଯ୍ୟନ୍ତ = 1.600 କିମି<br>20.200 ରୁ 20.700 କିମି ପର୍ଯ୍ୟନ୍ତ = 1.000 କିମି | 2,600 ମି | 0.67 |
| ସିଡି କାର୍ଯ୍ୟ | 657.45 ମି | 0.59 | ସଡ଼କ ଦୈର୍ଘ୍ୟ କାର୍ଯ୍ୟରୁ ଅଣରିହାତି | 657.45 ମି | 0.59 |
| | ମୋଟ | **5.31** | | | **3.71** |

ଯଦିଓ ଠିକାଦାର 1,150 ମିଟର ଗାବିୟନ୍ ପ୍ରାଚୀର, 2,600 ମିଟର ଡ୍ରେନ୍ ଏବଂ 300 ମିଟର ସୁରକ୍ଷା ପ୍ରାଚୀର କାର୍ଯ୍ୟକାରୀ କରିନାହାଁନ୍ତି, କାର୍ଯ୍ୟର ପରିସର ପରିବର୍ତ୍ତନ 3.12 କୋଟି ଟଙ୍କା ମୂଲ୍ୟ ହ୍ରାସ କରାଯାଇନାହିଁ ଏବଂ 657.45 ମିଟର ସିଡି ଗୁଡ଼ିକର ଦୈର୍ଘ୍ୟ (ମୋଟ 59 ଲକ୍ଷ ଟଙ୍କା) ସମୁଦାୟ ସଡ଼କ ଦୈର୍ଘ୍ୟରୁ ହ୍ରାସ କରାଯାଇନଥିଲା, ଯାହାଫଳରେ ଠିକାଦାରଙ୍କୁ 3.71 କୋଟି ଟଙ୍କା ଅଧିକ ଦେୟ ପ୍ରଦାନ କରାଯାଇଥିଲା ଯାହା ସାରଣୀରେ ପ୍ରଦତ୍ତ ହୋଇଛି ।

ସରକାର ଜଣାଇଲେ (ଫେବୃଆରୀ 2023) ଯେ, ଇପିସି ଚୁକ୍ତିନାମା ଅନୁଯାୟୀ ସମଗ୍ର ପ୍ରକଳ୍ପର ଦୈର୍ଘ୍ୟକୁ ଏକକ ୟୁନିଟ୍ ଭାବରେ ବିଚାର କରି ଦେୟ ପ୍ରଦାନ କରାଯାଇଥିଲା ଏବଂ ଡିଜାଇନ୍ ଏବଂ ଇଞ୍ଜିନିୟରିଂ ଦାୟିତ୍ୱ ଗୁଡ଼ିକ ଇପିସି ଚୁକ୍ତିନାମା ଏବଂ ବିସ୍ତୃତ ପରିମାଣ, ବିଭିନ୍ନ ଷ୍ଟ୍ରେଚ୍ ପାଇଁ ବିସ୍ତୃତ ଭୂତଳ ଘନତା ପ୍ରକଳ୍ପରୁ ଦୈର୍ଘ୍ୟକୁ ଚୁକ୍ତିନାମା କାର୍ଯ୍ୟକାରୀ ସମୟରେ ପ୍ରକଳ୍ପ ଅଧିନରେ ସିଡି ସଂରଚନା ଏବଂ ସେମାନଙ୍କର ଦୈର୍ଘ୍ୟ ଇତ୍ୟାଦି ସଠିକ୍ ଭାବରେ ଜଣାନଥିଲା । ତେଣୁ, ସମଗ୍ର ପ୍ରକଳ୍ପର ଦୈର୍ଘ୍ୟକୁ ନେଇ ପେମେଣ୍ଟ କାର୍ଯ୍ୟସୂଚୀ ପ୍ରସ୍ତୁତ କରାଯାଇଥିଲା ଏବଂ ସେହି ଅନୁଯାୟୀ ରାସ୍ତାର ଦୈର୍ଘ୍ୟକୁ କମ୍ ଗ୍ରହଣୀୟ କରାଯାଇଥିଲା । ଏହାର ଉତ୍ତର ଗ୍ରହଣୀୟ ହୋଇନଥିଲା କାରଣ ମଞ୍ଜୁର ଆକଳନ ରାସ୍ତାର ବିଭିନ୍ନ ପ୍ରାନ୍ତରରେ ସିଡି କାର୍ଯ୍ୟର ସବିଶେଷ ତଥ୍ୟ ପ୍ରଦାନ କରିଥିଲା । ଉକ୍ତ ଅଂଶରେ ଡ୍ରେନ୍ ଏବଂ ସୁରକ୍ଷା ପ୍ରାଚୀରର ଦୈର୍ଘ୍ୟର ଅଣରିହାତି, ଗାବିୟନ୍ ବକ୍ସ କାର୍ଯ୍ୟ ଏବଂ ସିଡିର ଦୈର୍ଘ୍ୟ ଅଧିକ ଦେୟ ପ୍ରଦାନ କଲା ।

## 7.22 ମଧ୍ୟ ଭାଗରେ କାର୍ଯ୍ୟ ତ୍ୟାଗ ହେତୁ ନିରର୍ଥକ ଖର୍ଚ୍ଚ

**କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ଅନୁପଯୁକ୍ତ ସର୍ଭେ ଏବଂ ଅନୁସନ୍ଧାନ ଏବଂ ଏକ ସେତୁ ପାଇଁ ତ୍ରୁଟିପୂର୍ଣ୍ଣ ଡିଜାଇନ୍ ଗ୍ରହଣ କରିବା ଦ୍ୱାରା ରାସ୍ତା ଏବଂ ସେତୁ କାର୍ଯ୍ୟ ପରିତ୍ୟାଗ ହୋଇଥିଲା ଯାହା ଫଳରେ 1.41 କୋଟି ଟଙ୍କାର ନିରର୍ଥକ ବ୍ୟୟବରାଦ ହେଲା ।**

ଓଡ଼ିଶା ପୂର୍ତ୍ତ ବିଭାଗ (ଓପିଡବ୍ଲୁଡି) ସଂହିତାର ଅନୁଚ୍ଛେଦ 3.4.10 (i) ଭାଗ-I ଅନୁଯାୟୀ ବିଭାଗୀୟ ଅଧିକାରୀ[250] ଯେତେବେଳେ ଅଧୀକ୍ଷକ ଯନ୍ତ୍ରୀ (ଏସ୍‌ଇ) / ମୁଖ୍ୟ ଯନ୍ତ୍ରୀ (ସିଇ) ଙ୍କ ଦ୍ୱାରା ବୈଷୟିକ ମଞ୍ଜୁରୀ ପାଇଁ ଆକଳନ ଦାଖଲ କରିବେ, ସେ ପ୍ରମାଣ କରିବା ଉଚିତ୍ ଯେ, ସେ ସ୍ୱୟଂ କାର୍ଯ୍ୟସ୍ଥଳ ପରିଦର୍ଶନ କରିଛନ୍ତି ଏବଂ କାର୍ଯ୍ୟ ସଂପାଦନରେ ଅତ୍ୟନ୍ତ ମିତବ୍ୟୟିତା ଓ ସୁରକ୍ଷିତ ସହ ବ୍ୟୟ ଅଟକଳ ପ୍ରସ୍ତୁତ କରାଯାଇଛି । ଓଡ଼ିଶା ପୂର୍ତ୍ତ ବିଭାଗ ସଂହିତାର ଅନୁଚ୍ଛେଦ 3.2.7 ନିର୍ଦ୍ଧାରଣ କରେ ଯେ, କୌଣସି ବୈଷୟିକ ମଞ୍ଜୁରୀ ପାଇବା ବେଳେ ଏହା ନିଶ୍ଚିତ ହେବା ଉଚିତ୍ ଯେ ପ୍ରସ୍ତାବଟି ଗଠନମୂଳକ ଅଟେ ଏବଂ ପର୍ଯ୍ୟାପ୍ତ ତଥ୍ୟ ଉପରେ ଆଧାରିତ ହୋଇ ଆକଳନ

249 ଦକ୍ଷିଣ ପାର୍ଶ୍ୱ

250 ଓପିଡବ୍ଲୁଡି କୋଡ ଭଲ୍ୟୁମ୍ I ର ଅନୁଚ୍ଛେଦ 2.2.25 ଅନୁସାରେ ଏକ ଡିଭିଜନର ନିର୍ବାହୀ ଯନ୍ତ୍ରୀ ବିଭାଜନୀୟ ଅଧିକାରୀ ଭାବରେ ବିବେଚିତ ହେବେ ।

ଗୁଡ଼ିକ ସଠିକ୍ ଭାବରେ ଗଣନା କରାଯାଇଛି । ଅଧିକନ୍ତୁ, ଅନୁଚ୍ଛେଦ 3.7.4 ରେ ନିର୍ଦ୍ଧାରଣ କରେ ଯେ ଦାୟିତ୍ୱ ସମ୍ପନ୍ନ ଅଧିକାରୀଙ୍କ ଦ୍ୱାରା ଯଥାବିଧି ଅନୁସାରେ ଅନ୍ତରଣ ହୋଇନଥିଲେ ଜମିର କୌଣସି କାର୍ଯ୍ୟ ଆରମ୍ଭ ହେବା ଉଚିତ୍ ନୁହେଁ ।

ପୁରୀ, ଆର୍ ଆଣ୍ଡ ବି ଡିଭିଜନର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ (ଇଇ)ଙ୍କ ନଥିପତ୍ର ଗୁଡ଼ିକର ଯାଞ୍ଚ (ମାର୍ଚ୍ଚ 2022) ରୁ ଏହା ଜଣାପଡ଼ିଲା ଯେ, ଖଣ୍ଡିଆ ବନ୍ଧରୁ ଏନ୍‌ଏଚ୍ ବାଇପାସ୍ ପର୍ଯ୍ୟନ୍ତ 0.00 କିଲୋମିଟରରୁ 3.500 କିଲୋମିଟର ପର୍ଯ୍ୟନ୍ତ ପ୍ରଶସ୍ତିକରଣ ପାଇଁ ମୁଖ୍ୟ ଯନ୍ତ୍ରୀଙ୍କ (ଡିଜାଇନ୍, ଯୋଜନା, ଅନୁସନ୍ଧାନ ଏବଂ ସଡ଼କ) ଦ୍ୱାରା ବୈଷୟିକ ଭାବରେ 8.87 କୋଟି ଟଙ୍କାରେ ଅକ୍ଟୋବର 2016 ରେ ମଞ୍ଜୁର କରାଯାଇଥିଲା । ଏହି କାର୍ଯ୍ୟ (ଡିସେମ୍ବର 2016) ଯୋଗାଯୋଗ ସଂସ୍ଥାକୁ ପ୍ରଦାନ କରାଯାଇଥିଲା, ଯାହା 8.32 କୋଟି ଟଙ୍କା ଟେଣ୍ଡରରେ ଦିଆଯାଇଥିବା ଆନୁମାନିକ ମୂଲ୍ୟ ଠାରୁ 6.20 ପ୍ରତିଶତ କମ୍ । ଏହି କାର୍ଯ୍ୟଟି ଯଥାକ୍ରମେ 23 ଡିସେମ୍ବର 2016 ରୁ ଆରମ୍ଭ ହୋଇ 22 ଫେବୃଆରୀ 2018 ରେ ଶେଷ ହେବାର ଥିଲା ।

ଅଡିଟ୍ ଅବଲୋକନ କଲା ଯେ ଇଇ ଏବଂ ଏସ୍‌ଇ (ଆର୍‌ଆଣ୍ଡବି) ସର୍କଲ ଖୋର୍ଦ୍ଧା ଆକଳନରେ ଏହା ପ୍ରମାଣିତ ହୋଇଛି ଯେ ସେମାନେ (ସେପ୍ଟେମ୍ବର 2016) ସ୍ଥଳ ପରିଦର୍ଶନ କରିଛନ୍ତି ଏବଂ କାର୍ଯ୍ୟର ସର୍ବେକ୍ଷଣ ଏବଂ ଅନୁସନ୍ଧାନରେ ସମ୍ପୂର୍ଣ୍ଣ ସନ୍ତୁଷ୍ଟ ଅଛନ୍ତି । ଚୁକ୍ତିନାମା ଅନୁଯାୟୀ କାର୍ଯ୍ୟ (ଡିସେମ୍ବର 2016) ଆରମ୍ଭ ହୋଇଥିଲା । ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ (ଏଇଇ) ସଡ଼କ, ସବ୍‌ଡିଭିଜନ ନମ୍ବର II, ପୁରୀ କାର୍ଯ୍ୟକ୍ଷେତ୍ର ପରିଦର୍ଶନ (ଅପ୍ରେଲ 2018) କରି ବିବୃତି କରିଛନ୍ତି ଯେ, ମୂଷାନାଳ ଉପରେ ପ୍ରସ୍ତାବିତ ସେତୁ ଭିତ୍ତିପ୍ରସ୍ତର ସ୍ଥାପନ ପାଇଁ ନଦୀ ଶଯ୍ୟା ଖନନ ସମୟରେ କାଦୁଅ ମାଟି ସହିତ ବହୁଳ କାଦୁଅ ଏକ ମିଟର ଗଭୀରତା ପରେ ବାହାରକୁ ଆଣି ଖାଲ ଭରିଦେଇଥିଲେ, ଯାହାଦ୍ୱାରା ପରବର୍ତ୍ତୀ ଖନନ କାର୍ଯ୍ୟ ହୋଇପାରିବ ନାହିଁ । ବିଭାଗ, ରାଫ୍ଟ ଫାଉଣ୍ଡେସନ ସହିତ ବକ୍ସ ସେଲବ୍ରିଜ୍ (ବିସିବି) [251]ର ପରିସରକୁ ଏକ ପାଇଲ୍ ଫାଉଣ୍ଡେସନ ସହିତ ହାଇଲେବଲ୍ ବ୍ରିଜ୍ (ଏଚ୍‌ଏଲ୍ ବ୍ରିଜ)[252]କୁ ବଦଳାଇଲା । ରାସ୍ତାର ଅବଶିଷ୍ଟ ଅଂଶ ପାଇଁ ଜମି ଉପଲବ୍ଧ ନହେବା ଏବଂ ବିସିବିର ଡିଜାଇନ୍ ଏଚ୍‌ଏଲ୍ ବ୍ରୀଜରେ ପରିବର୍ତ୍ତନ ହେତୁ ଏଜେନ୍ସୀ ଏହି କାର୍ଯ୍ୟକୁ ଆଗକୁ ବଢ଼ାଇବାକୁ ରାଜି ହୋଇନଥିଲା । ଏହିପରି ଯେଉଁଠାରେ ଜମି ଉପଲବ୍ଧ ଥିଲା ସେଠାରେ କେବଳ 514 ମିଟରର ଏକ ସଡ଼କ ଅଂଶ କାର୍ଯ୍ୟକାରୀ କରିବା ପରେ, ଏଜେନ୍ସୀ (ଅଗଷ୍ଟ 2019) ଚୁକ୍ତିନାମା ବନ୍ଦ କରିବାକୁ ଅନୁରୋଧ କରିଥିଲା । 1.41 କୋଟି ଟଙ୍କାର କାର୍ଯ୍ୟ ସମ୍ପାଦନ ପରେ ଇଞ୍ଜିନିୟର୍-ଇନ୍ ଚିଫ୍ (ସିଭିଲ୍) ଙ୍କ ନେତୃତ୍ୱରେ ଟେଣ୍ଡର କମିଟିର ଅନୁମୋଦନ କ୍ରମେ ଚୁକ୍ତିନାମା (ଅକ୍ଟୋବର 2021) ବନ୍ଦ ହୋଇଯାଇଥିଲା ।

ବିସିବି ଅଧୀକ୍ଷକ ଯନ୍ତ୍ରୀ (ଆର୍ ଆଣ୍ଡ ବି), ପୁରୀ ଅଡିଟକୁ ଜଣାଇଲେ ଯେ, ବୈଷୟିକ କାର୍ଯ୍ୟକ୍ଷମ ନଥିବାରୁ ସଡ଼କ କାର୍ଯ୍ୟକୁ ବନ୍ଦ କରିବାକୁ ପଡ଼ିଲା ଏବଂ ଏହାକୁ ପାଇଲ୍ ଫାଉଣ୍ଡେସନ ସହିତ ଏଚ୍‌ଏଲ୍ ବ୍ରୀଜ୍ ଭାବରେ ପୁନଃ ନିର୍ମାଣ ଏବଂ ବର୍ଦ୍ଧିତ ପ୍ରକଳ୍ପ ମୂଲ୍ୟ ସହିତ ରାସ୍ତା ଅଂଶ ପାଇଁ ଜମି ଅଧିଗ୍ରହଣ ଆବଶ୍ୟକ ।

ଆହୁରି ମଧ, ରାସ୍ତାର ମିଳିତ ସରଜମିନ୍ ତଦନ୍ତ (ମାର୍ଚ୍ଚ 2022) ସମୟରେ ଅଡିଟ୍ ଦେଖିଲା ଯେ, 7 ମିଟର ଓସାର ସହିତ ଶେଷ ପଏଣ୍ଟ (ଏନ୍‌ଏଚ୍ ପାର୍ଶ୍ୱ) ଠାରୁ କେବଳ 514 ମିଟର ରାସ୍ତା ସଂପୂର୍ଣ୍ଣ ହୋଇଛି, ବାକି ରାସ୍ତା ସମ୍ପୂର୍ଣ୍ଣ ହୋଇନଥିଲା ଏବଂ ଆରମ୍ଭରୁ ମୂଷାନାଳ ଉପରେ ଏଚ୍‌ଏଲ୍ ବ୍ରୀଜ୍ ମଧ ନିର୍ମାଣ କରାଯାଇନଥିଲା ।

[251] ଏକ ବକ୍ସ ସେଲ୍ ବ୍ରିଜ୍ ହେଉଛି ଏକ ଟନେଲ୍ ଭଳି ସଂରଚନା ଯାହାକି ଗୋଟିଏ ପାର୍ଶ୍ୱରୁ ଅନ୍ୟ ପାର୍ଶ୍ୱକୁ ଡ୍ରେନେଜ୍ ପାଇଁ ରାସ୍ତା କିମ୍ବା ରେଲୱେ ଟ୍ରାକ୍ ତଳେ ତିଆରି ହୋଇଥାଏ ।

[252] ଏକ ଉଚ୍ଚ ସ୍ତରୀୟ ବ୍ରିଜ୍ ହେଉଛି ଏକ ସେତୁ ଯାହା ଏକ ଚ୍ୟାନେଲର ସର୍ବୋଚ୍ଚ ବନ୍ୟା ସ୍ତର (ଏଚ୍‌ଏଫ୍‌ଏଲ୍) କିମ୍ବା ଉଚ୍ଚ ଜୁଆର ସ୍ତରରୁ ଉପଯୁକ୍ତ ଭୂଲମ୍ବ କ୍ଲିଅରାନ୍ସ ସହିତ ସଡ଼କପଥ ବହନ କରେ ।



ଫଟୋ ସଂଖ୍ୟା 31: ଖଣ୍ଡିଆ ବନ୍ଧରୁ ଏନ୍‌ଏଚ୍ ବାଇ ପାସ୍ (ଏନ୍‌ଏଚ୍-316) ପର୍ଯ୍ୟନ୍ତ ରାସ୍ତା ଓ ପୋଲର ଅସମ୍ପୂର୍ଣ୍ଣ ଅଂଶ



ଫଟୋ ସଂଖ୍ୟା.32: ଖଣ୍ଡିଆ ବନ୍ଧରୁ ଏନ୍‌ଏଚ୍ ବାଇ ପାସ୍ (ଏନ୍‌ଏଚ୍-316) ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇଥିବା ଅଂଶ

ଏହିପରି, ରାସ୍ତାର ଅନୁପଯୁକ୍ତ ସର୍ବେକ୍ଷଣ ଏବଂ ଅନୁସନ୍ଧାନ ଏବଂ ବିସି ବ୍ରୀଜ୍‌ର (ଯାହା ପରବର୍ତ୍ତୀ ସମୟରେ ଏଚ୍‌ଏଲ୍ ବ୍ରୀଜରେ ପରିବର୍ତ୍ତିତ ହେଲା) ତ୍ରୁଟିପୂର୍ଣ୍ଣ ଡିଜାଇନ୍ ଗ୍ରହଣ ଫଳରେ ସମୁଦାୟ ସଡ଼କ ଦୈର୍ଘ୍ୟ 2,304 ମିଟର[253]ରୁ ମାତ୍ର 514 ମିଟର ରାସ୍ତା କାର୍ଯ୍ୟକାରୀ ହେବା ପରେ କାର୍ଯ୍ୟକୁ ପରିତ୍ୟାଗ କଲେ । ଏହିପରି ଦୁଇ ଲେନ୍ (7 ମିଟର ସହିତ) ରାସ୍ତା ପ୍ରଶସ୍ତିକରଣ କରି ଏନ୍‌ଏଚ୍ 316 ରୁ ପୁରୀ ସହର ସହିତ ସିଧାସଳଖ ଲିଙ୍କ୍ ହେବାର ଉଦ୍ଦେଶ୍ୟ ହାସଲ ହୋଇପାରିଲା ନାହିଁ । ଫଳସ୍ୱରୂପ, 1.41 କୋଟି ଟଙ୍କାର ନିରର୍ଥକ ବ୍ୟୟ ହୋଇଥିଲା ।

ସରକାର ଜଣାଇଲେ (ଫେବୃଆରୀ 2023) ଯେ, ଡ୍ରେନେଜ ଜଳ ନିଷ୍କାସନରୁ ଜମା ହୋଇଥିବା ମୃତ୍ତିକା ଉପସ୍ଥିତି ଯୋଗୁଁ ରାଫ୍ଟ ଫାଉଣ୍ଡେସନ ସହିତ ଡିଜାଇନ୍ ହୋଇଥିବା ବକ୍ସ ସେଲ୍ ବ୍ରୀଜ୍, ଉଚ୍ଚ କର୍ତ୍ତୃପକ୍ଷଙ୍କ ଦ୍ୱାରା ଗ୍ରହଣୀୟ ହୋଇନଥିଲା । ତେଣୁ, ଉଚ୍ଚ ସ୍ତରୀୟ ସେତୁ ନିର୍ମାଣ ସହିତ ରାଫ୍ଟ ଫାଉଣ୍ଡେସନରୁ ପାଇଲ୍ ଫାଉଣ୍ଡେସନ ପର୍ଯ୍ୟନ୍ତ ସେତୁର ଡିଜାଇନ୍ ପରିବର୍ତ୍ତନ କରିବାକୁ ପଡ଼ିଲା । ସରକାର ଆହୁରି ମଧ କହିଛନ୍ତି ଯେ, ବର୍ତ୍ତମାନ ରାସ୍ତାର କିଛି ଭାଗରେ ପ୍ରଶସ୍ତିକରଣ ପାଇଁ ଘରୋଇ ଜମି ଅଧିଗ୍ରହଣ ଆବଶ୍ୟକ ଥିଲା । ଜମି ଅଧିଗ୍ରହଣ ସମସ୍ୟାର ସମାଧାନ ହେବାର ସମ୍ଭାବନା ରହିଥିଲା ଏବଂ ବଳକା କାମ ପାଇଁ ଟେଣ୍ଡର ନିମନ୍ତ୍ରଣ କାମ ମଧ ଚାଲିଥିଲା । ଉତ୍ତର ଗ୍ରହଣୀୟ ନଥିଲା କାରଣ ସେତୁର ତ୍ରୁଟିପୂର୍ଣ୍ଣ ଡିଜାଇନ୍ ଏବଂ ଘରୋଇ ଜମିର ଅଧିଗ୍ରହଣକୁ ନ ଦର୍ଶାଇବାରୁ କାର୍ଯ୍ୟକୁ ପରିତ୍ୟାଗ କରାଗଲା ।

## 7.23 ବର୍ଦ୍ଧିତ ଆକଳନ ଯୋଗୁଁ ଠିକାଦାରଙ୍କୁ ଅନୁଚିତ ଲାଭ ପ୍ରଦାନ

**ଜିଏସ୍‌ବିର ପରିବହନ ମୂଲ୍ୟର ଭୁଲ୍ ଗ୍ରହଣ ସାମଗ୍ରିକ ପରିବହନ ଉପରେ ସଡ଼କ କାର୍ଯ୍ୟର ଆକଳନକୁ ବଢ଼ାଇଲା ଏବଂ ଠିକାଦାରମାନଙ୍କୁ 6.26 କୋଟି ଟଙ୍କା ଅନୁଚିତ୍ ଫାଇଦା ହେଲା ।**

ଓଡ଼ିଶା ପୂର୍ତ୍ତ ବିଭାଗ ସଂହିତା କୋଡରେ ଅନୁଚ୍ଛେଦ 3.4.10 ସୂଚିତ କରିଛି ଯେ, ଅଟକଳ ସର୍ବାଧିକ ମିତବ୍ୟୟୀ ଆଧାରରେ ତିଆରି ହେବା ଉଚିତ୍ । ଏଥିପାଇଁ ଡିଭିଜନାଲ୍ ଅଧିକାରୀଙ୍କୁ ପ୍ରମାଣ କରିବାକୁ ପଡ଼ିବ ଯେ, ସେ ବ୍ୟକ୍ତିଗତ ଭାବରେ ଏହି ସାଇଟ୍ ପରିଦର୍ଶନ କରିଛନ୍ତି ଏବଂ ଦର ସୂଚୀ (ଏସ୍‌ଓଆର୍) କୁ ବ୍ୟବହାର କରି ଆକଳନ ପ୍ରସ୍ତୁତ କରିଛନ୍ତି ଏବଂ କାର୍ଯ୍ୟକୁ କାର୍ଯ୍ୟକାରୀ କରିବାର ସବୁଠାରୁ ମିତବ୍ୟୟିତା ଏବଂ ନିରାପଦ ଉପାୟ ପ୍ରଦାନ କରିଛନ୍ତି । ଏସ୍‌ଓଆର୍‌ର ଅଧାୟ III ଲୋଡିଂ ଏବଂ ଅନ୍‌ଲୋଡଂ ସହିତ ଭଲ୍ୟୁମେଟ୍ରିକ୍ ଭିତ୍ତିରେ ପଦାର୍ଥ ପରିବହନ ପାଇଁ ହାର ପ୍ରଦାନ କରେ । ଆହୁରି ମଧ ଏସ୍‌ଓଆର୍‌ର ଅଧାୟ IV ସଂଯନ୍ତ୍ର ଏବଂ ଯନ୍ତ୍ରପାତି ମୃତ୍ତିକା ପରିବହନ ଗ୍ରାନୁଲାର୍ ସବ୍‌ବେସ୍ (ଜିଏସ୍‌ବି)[254] ଓ୍ୱେଟ୍ ମିକ୍ସ ମାକାଡାମ୍ (ଡବ୍ଲୁଏମ୍‌ଏମ୍)[255] ହଟ୍ ମିକ୍ସ ଇତ୍ୟାଦି ପାଇଁ ସେବା ଚୁକ୍ତିନାମାର ବ୍ୟବହାର ତିନୋଟି ପ୍ରଣାଳୀରେ ପ୍ରଦାନ କରିଥାଏ, ଯଥା-ଭଲ୍ୟୁମେଟ୍ରିକ, ଓଜନ ଏବଂ ସମୟ

253 ଇଇ, ଆର୍‌ଆଣ୍ଡବି ଡିଭିଜନ୍, ପୁରୀ, ଅତିରିକ୍ତ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ (ରାସ୍ତା), ଭୁବନେଶ୍ୱରଙ୍କୁ ଜଣାଇଲେ (ଅଗଷ୍ଟ 2021) ଯେ ପ୍ରକଳ୍ପ ସ୍ୱତ୍ୱରେ ରାସ୍ତାର ଦୈର୍ଘ୍ୟ ତ୍ରୁଟିପୂର୍ଣ୍ଣ ଭାବରେ 0.00 କିଲୋମିଟର ରୁ 2.304 କିଲୋମିଟର ପରିବର୍ତ୍ତେ 0.00 କିଲୋମିଟର ରୁ 3.50 କିଲୋମିଟର ଦର୍ଶାଯାଇଛି ।

254 ଗ୍ରାନୁଲାର୍ ସବ୍‌ବେସ୍: ରେଖା, ଗ୍ରେଡ୍ ଏବଂ କ୍ରସ୍-ସେକ୍ସନ୍ ଅନୁସାରେ ଆବଶ୍ୟକ ଅନୁଯାୟୀ ସବ୍‌ବେସ୍ ଏବଂ ଉପର ସବ୍‌ବେସ୍ (ସବ୍‌ବେସ୍ କୁହାଯାଏ) ଭାବରେ ଉତ୍ତମ ଗ୍ରେଡ୍ ମ୍ୟାଟେରିଆଲ୍‌କୁ ଏକ କିମ୍ବା ଅଧିକ ସ୍ତରରେ ବିଛାଯିବ ।

255 ଓ୍ୱେଟ୍ ମିକ୍ସ ମାକାଡାମ୍: ଓ୍ୱେଟ୍ ମିକ୍ସ ମାକାଡେମ୍‌ରେ ଜଳ ସହିତ ପରିଷ୍କାର, ଚୂର୍ଣ୍ଣ, ଗ୍ରେଡ୍, ଗ୍ରେଡ ଏଗ୍ରିଗେଟ୍ ଏବଂ ଗ୍ରାନୁଲାର୍ ସାମଗ୍ରୀ ବିସ୍ତାର ଏବଂ କମ୍ପାକ୍ଟ ଅନ୍ତର୍ଭୁକ୍ତ,

ଭିତ୍ତିରେ । ଚତୁର୍ଥ ଅଧ୍ୟାୟ ଅନୁଯାୟୀ, ଭଲ୍ୟୁମେଟ୍ରିକ୍ ଭିତ୍ତିରେ ଜିଏସ୍‌ବି ପରିବହନ ହାର 5.5 ଘନ ମିଟର ଉତ୍ପାଦନ କରୁଥିବା ଟ୍ରିପର ଟ୍ରକ୍ କିମି ପିଛା 20.87 ଟଙ୍କା ଅର୍ଥାତ୍ କିମି ପିଛା 3.79 ଟଙ୍କା ହାରରେ ହୋଇଥିବା ଚାର୍ଜ ଲୋଡିଂ ଏବଂ ଅନ୍‌ଲୋଡିଂ ଉପରେ 10 ପ୍ରତିଶତ ଯୋଡ଼ିବା ପରେ ଗୋଟିଏ ଘନ ମିଟର ପାଇଁ ମୂଲ୍ୟ କିମି ପିଛା 4.17 ପର୍ଯ୍ୟନ୍ତ ନିର୍ଦ୍ଧାରଣ କରେ ।

ପାଞ୍ଚଟି[256] ଆର୍ ଆଣ୍ଡ ବି ଡିଭିଜନରେ ହୋଇଥିବା ଆକଳନ ଯାଞ୍ଚରୁ ଜଣାପଡ଼ିଛି ଯେ ରାସ୍ତାର ଉନ୍ନତି, ପ୍ରଶସ୍ତିକରଣ ଓ ସୁଦୃଢ଼ୀକରଣ ପାଇଁ 13 ଟି କାର୍ଯ୍ୟ, ମୁଖ୍ୟ ଯନ୍ତ୍ରୀ (ଡିପିଆଇ ଏବଂ ରାସ୍ତା)ଙ୍କ ଦ୍ୱାରା 257.88 କୋଟି ଟଙ୍କା ବୈଷୟିକ ଭାବରେ ଅନୁମୋଦିତ କରିଥିଲେ । ଏହି କାର୍ଯ୍ୟଗୁଡ଼ିକ ଅପ୍ରେଲ 2017 ରୁ ଜୁନ୍ 2021 ମଧ୍ୟରେ ଠିକାଦାରମାନଙ୍କୁ 234.14 କୋଟି ଟଙ୍କାରେ ପ୍ରଦାନ କରାଯାଇଥିଲା ଯାହା ଫେବୃଆରୀ 2018 ରୁ ଡିସେମ୍ବର 2022 ମଧ୍ୟରେ କାର୍ଯ୍ୟ ଶେଷ ହେବା ପାଇଁ ସମୟ ଧାର୍ଯ୍ୟ କରାଯାଇଥିଲା । ଏହି କାର୍ଯ୍ୟଗୁଡ଼ିକ ଚାଲିଥିଲା କିମ୍ବା ଶେଷ ହୋଇଯାଇଥିଲା ଏବଂ ଠିକାଦାରମାନଙ୍କୁ 230.30 କୋଟି ଟଙ୍କା (ଅଗଷ୍ଟ 2022) ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟଗୁଡ଼ିକ ମଧ୍ୟରେ 1.39 ଲକ୍ଷ ଘନ ମିଟର ସହିତ ଜିଏସ୍‌ବି ଜଡ଼ିତ ଥିଲା ଯେଉଁଥିପାଇଁ 1.78 ଲକ୍ଷ ଘନ ମିଟର ଖାଲି ପଥର ସାମଗ୍ରୀ ଆବଶ୍ୟକ ଥିଲା । ଏହି ପରିପ୍ରେକ୍ଷୀରେ, 10.37 ଲକ୍ଷ କୋଟି ଟଙ୍କା ପରିବହନ ଦେୟ ପ୍ରଦାନ କରାଯାଇଥିଲା ।

ଏସ୍‌ଓଆର୍‌ର ଅଧ୍ୟାୟ IV ଅନୁଯାୟୀ ଜିଏସ୍‌ବି ପାଇଁ ପରିବହନ ମୂଲ୍ୟ ଭଲ୍ୟୁମେଟ୍ରିକ୍ ଆଧାରରେ ହିସାବ କରାଯିବା ଉଚିତ୍ । ତେଣୁ, 10 ରୁ 121 କିଲୋମିଟର ପର୍ଯ୍ୟନ୍ତ ଦୂରତାକୁ ପରିବହନ ମୂଲ୍ୟ ପ୍ରତି ଘନ ମିଟର ପିଛା 41.70 ଟଙ୍କାରୁ 504.57 ଟଙ୍କା ମଧ୍ୟରେ ରହିବା ଉଚିତ୍, ଏବଂ ଏଥିପାଇଁ ଅଡିଟ୍ ଦ୍ୱାରା ହିସାବ ଅନୁଯାୟୀ, ଜିଏସ୍‌ବି ପାଇଁ ବ୍ୟବହୃତ । ପରିବହନ ମୂଲ୍ୟ ଏବଂ 1.78 ଲକ୍ଷ ଘନ ମିଟର ପଥର ସାମଗ୍ରୀ ପରିବହନ ପାଇଁ, ମୋଟ ପରିବହନ ମୂଲ୍ୟ 4.31 କୋଟି ଟଙ୍କା ହେବା ଉଚିତ୍ । ଅଡିଟ୍ ଦ୍ୱାରା ହିସାବ କରାଯାଇଥିବା ଜିଏସ୍‌ବି ପାଇଁ ଅବଶ୍ୟ ଏହା ଦେଖାଗଲା ଯେ ଏସ୍‌ଓଆରର ଅଧ୍ୟାୟ III ଅନୁଯାୟୀ ଡିଭିଜନ୍ ଗୁଡ଼ିକ ଭଲୁମେଟ୍ରିକ୍ ଭିତ୍ତିରେ ସାମଗ୍ରୀର ପରିବହନ ମୂଲ୍ୟକୁ 10 ରୁ 121 କିଲୋମିଟର ପର୍ଯ୍ୟନ୍ତ ସୀମାରେ 193.67 ଟଙ୍କାରୁ 987.29 ଟଙ୍କା ପର୍ଯ୍ୟନ୍ତ ଭରଣ କରିଛନ୍ତି । ଏସ୍‌ଓଆରର ଅଧ୍ୟାୟ IV ଅନୁଯାୟୀ, 41.70 ଟଙ୍କାରୁ 504.57 ଟଙ୍କା ପର୍ଯ୍ୟନ୍ତି ହାର ଗ୍ରହଣ କରିବା ପରିବର୍ତ୍ତେ ଆକଳନରେ ଏହିପରି ଜିଏସ୍‌ବି ପରିବହନ ଉପରେ ପରିବହନ ଶୁଳ୍କର ଭୁଲ୍ ଆକଳନକୁ ଗ୍ରହଣ କରିଥିଲା । ଯାହାଦ୍ୱାରା, ଆକଳନରେ ଜିଏସ୍‌ବି ପରିବହନ ମୂଲ୍ୟ ବଢ଼ି ଯାଇଥିଲା ଏବଂ ଟେଣ୍ଡରରେ ରଖାଯାଇଥିବା ଅଧିକ ଆନୁମାନିକ ମୂଲ୍ୟ ଅଧିକ ନିଲାମ ଏବଂ ଅଧିକ ଖର୍ଚ୍ଚରେ ଚୁକ୍ତିନାମା ପ୍ରଦାନ କରାଯାଇଥିଲା । ଏହା ଠିକାଦାରମାନଙ୍କୁ ଟେଣ୍ଡର ପ୍ରିମିୟମ[257] ଅନ୍ତର୍ଭୁକ୍ତ କରି 6.26 କୋଟି ଟଙ୍କା ଅଯଥା ଲାଭ କରିଥିଲା, ଯାହା ***ପରିଶିଷ୍ଟ-XL*** ରେ ବିସ୍ତୃତ ଭାବରେ ପ୍ରଦାନ କରାଯାଇଛି ।

ସରକାର ପ୍ରକାଶ କରିଛନ୍ତି (ମାର୍ଚ୍ଚ 2023) ଯେ, ଏସ୍‌ଓଆରର ଚତୁର୍ଥ ଅଧ୍ୟାୟ ପ୍ଲାଣ୍ଟ ଏବଂ ଯନ୍ତ୍ରପାତିର ନିଯୁକ୍ତି ଦେୟ ପ୍ରଦାନ କରେ ଯେଉଁଠାରେ ବିଭିନ୍ନ ଯନ୍ତ୍ରପାତି ୟୁନିଟ୍ ଏବଂ ହାରର ଉତ୍ପାଦନ ବିଷୟରେ ଉଲ୍ଲେଖ କରାଯାଇଛି । ପ୍ଲାଣ୍ଟ ଅଧ୍ୟାୟରୁ ପ୍ଲାଣ୍ଟ ମିଶ୍ରିତ ସାମଗ୍ରୀ ପରିବହନ ପାଇଁ ଏହି ଅଧ୍ୟାୟଟି ଉଦ୍ଦିଷ୍ଟ । ଯେଉଁଠାରେ ଆଇଟମ୍ ପାଇଁ ଆବଶ୍ୟକ ସମଗ୍ର ସାମଗ୍ରୀ ଡବ୍ଲୁଏମ୍‌ଏମ୍ ପ୍ଲାଣ୍ଟ/ ଏଚ୍‌ଏମ୍ ପ୍ଲାଣ୍ଟରେ ମିଶ୍ରିତ ହୋଇ ରଖିବା ପାଇଁ ପରିବହନ କରାଯାଇଥାଏ । ଆହୁରି ମଧ୍ୟ ସରକାର ଦର୍ଶାଇଛନ୍ତି ଯେ, ଜିଏସ୍‌ବି ଆଇଟମ୍ ପାଇଁ ଦୁଇ ପ୍ରକାର ପଦ୍ଧତି ଯଥା- ପ୍ଲାଣ୍ଟ ମିଶ୍ରିତ ପଦ୍ଧତି ଏବଂ ସ୍ଥାନ ପଦ୍ଧତିରେ ମିଶ୍ରଣ । ଏମ୍‌ଓଆର୍‌ଟିଏଚ୍ ତଥ୍ୟାବଳୀର ଅଧ୍ୟାୟ IV ରେ ଉଭୟ ପ୍ଲାଣ୍ଟ ମିଶ୍ରିତ ପଦ୍ଧତି ଏବଂ ସ୍ଥାନ ପଦ୍ଧତିରେ ମିଶ୍ରଣ ପାଇଁ ବିଶ୍ଲେଷଣ ପ୍ରଦାନ କରେ । ଏସ୍‌ଓଆରର ଚତୁର୍ଥ ଅଧ୍ୟାୟ କେବଳ ପ୍ଲାଣ୍ଟ ମିଶ୍ରଣ ପଦ୍ଧତି ପାଇଁ ଯନ୍ତ୍ରପାତି ଦ୍ୱାରା ସାମଗ୍ରୀ ପରିବହନ ପାଇଁ ହାର ବର୍ଗୀକୃତ କରୁନଥିବାରୁ ଏହାର ଉତ୍ତର ଗ୍ରହଣୀୟ ନୁହେଁ । ଏହିପରି ଜିଏସ୍‌ବି ପରିବହନ ପାଇଁ ଏସ୍‌ଓଆରର ଚତୁର୍ଥ ଅଧ୍ୟାୟ ପରିବହନ ମୂଲ୍ୟ ଗ୍ରହଣ ନକରିବା, ଆନୁମାନିକ ମୂଲ୍ୟ ବୃଦ୍ଧି ଏବଂ ଟେଣ୍ଡରରେ ରଖାଯାଇଥିବା ଅଧିକ ଆନୁମାନିକ ମୂଲ୍ୟ ଫଳସ୍ୱରୂପ ଅଧିକ ନିଲାମ ଏବଂ ଅଧିକ ମୂଲ୍ୟରେ ଚୁକ୍ତିନାମା ପ୍ରଦାନ ଦ୍ୱାରା ଠିକାଦାରଙ୍କୁ 6.26 କୋଟି ଟଙ୍କାର ଅଯଥା ଲାଭ ମିଳିଥିଲା ।

[256] ଝାରସୁଗୁଡ଼ା, କଳାହାଣ୍ଡି, ରାଉରକେଲା, ସମ୍ବଲପୁର ଏବଂ ସୁନ୍ଦରଗଡ଼

[257] ଟେଣ୍ଡର ପ୍ରିମିୟମର ଅର୍ଥ ହେଉଛି ଏକ ପ୍ରକଳ୍ପର ଅଟକଳ ମୂଲ୍ୟ ଠାରୁ ଏକ ବିଡର କୋଟ କରୁଥିବା ଅର୍ଥ କେତେ ଅଧିକ/ କମ୍ ଅଟେ ।

## 7.24 ରାସ୍ତାର ଅଧିକ ଚଉଡ଼ା ବ୍ୟବସ୍ଥା ଯୋଗୁଁ ଅତିରିକ୍ତ ପରିହାର୍ଯ୍ୟ ବ୍ୟୟ

**ଆଇଆର୍‌ସି ବ୍ୟବସ୍ଥାରୁ ବିଚ୍ୟୁତ୍ ହୋଇ ପକ୍କା ବନ୍ଧର ଦୁଇ ଲେନ୍ ବିଶିଷ୍ଟ ରାସ୍ତା ନିର୍ମାଣ ଦ୍ୱାରା 7.30 କୋଟି ଟଙ୍କାର ଅତିରିକ୍ତ ପରିହାର୍ଯ୍ୟ ବ୍ୟୟ ହେଲା ।**




ଓଡ଼ିଶା ପୂର୍ତ୍ତ ବିଭାଗ ସଂହିତା(ଓପିଡବ୍ଲୁଡି) ର ଅନୁଚ୍ଛେଦ 3.4.10 ନିର୍ଦ୍ଧାରଣ କରେ ଯେ ଅଟକଳ ପ୍ରସ୍ତୁତ କରିବା ବେଳେ ଅଧିକତମ ମିତବ୍ୟୟିତା ଅବଲମ୍ବନ କରିବା ଉଚିତ୍ । ଆଇଆର୍‌ସି-73-1980[258]ର ଅନୁଚ୍ଛେଦ 7.2 ନିର୍ଦ୍ଧାରଣ କରେ ଯେ ସାଧାରଣରେ ସଡ଼କ ବନ୍ଧରେ ଦୁଇ ଲେନ୍ ବିଶିଷ୍ଟ ରାସ୍ତାର ସାତ ମିଟର ଓସାର ରାସ୍ତା ପ୍ରତିଦିନ 10,000 ପାସେଞ୍ଜର କାର ୟୁନିଟ୍ (ପିସିୟୁ) ଟ୍ରାଫିକ୍ ସେବା ଯୋଗାଇ ଦେଇ ପାରିବ ଏବଂ ମଧ୍ୟବର୍ତ୍ତୀ ଚଉଡ଼ା ରାସ୍ତା ଅର୍ଥାତ୍ 5.5 ମିଟର କ୍ୟାରେଜ୍ ୱେ ସହିତ ସାଧାରଣ ମାଟି କାନ୍ଧରେ 5,000 ପିସିୟୁ ଟ୍ରାଫିକ୍ ସେବା ଯୋଗାଇ ଦେବ । ଆଇଆର୍‌ସି-ଏସ୍‌ପି-73-2007 ର ଅନୁଚ୍ଛେଦ 1.14(b) ଅନୁଯାୟୀ କ୍ୟାରେଜ୍‌ୱେର ଯେକୌଣସି ଉଭୟ ପାର୍ଶ୍ୱରେ 1.5 ମିଟର ଚଉଡ଼ା ପକ୍କା ବନ୍ଧ ହେବ ଯେତେବେଳେ ଦୈନିକ ହାରାହାରି ଟ୍ରାଫିକ୍ ସମତଳ ଅଞ୍ଚଳ ପାଇଁ 10,000 ପାସେଞ୍ଜର କାର ୟୁନିଟ୍ କିମ୍ବା ରୋଲିଂ ଭୂଭାଗ ପାଇଁ 8,000 ପାସେଞ୍ଜର କାର୍ ୟୁନିଟ୍ ବାର ମାସର ଏକ ହିସାବ ବର୍ଷରେ ହାରାହାରି ହିସାବ ଆଧାରରେ ହେବ ।

ଦୁଇଟି[259] ଆର୍‌ଆଣ୍ଡବି ବିଭାଜନର ଆକଳନ ଯାଞ୍ଚରୁ ଜଣାଗଲା ଯେ ମୁଖ୍ୟ ଯନ୍ତ୍ରୀ (ସିଇ) (ଡିପିଆଇ ଏବଂ ରାସ୍ତା)[260] ଦୁଇଟି ସଡ଼କ କାର୍ଯ୍ୟ[261] (ସେପ୍ଟେମ୍ବର 2016 ଏବଂ ଅଗଷ୍ଟ 2019) ପାଇଁ ବୈଷୟିକ ଭାବେ 48.66 କୋଟି ଟଙ୍କା ମଞ୍ଜୁର କରିଥିଲେ ଏବଂ କାର୍ଯ୍ୟ ଗୁଡ଼ିକ ଠିକାଦାର ମାନଙ୍କୁ ଦିଆଯାଇଥିଲା (ଜୁନ୍ 2017 ଏବଂ ମଇ 2020) ଓ କାର୍ଯ୍ୟ ଶେଷର ନିର୍ଦ୍ଧାରିତ ତାରିଖ ସେପ୍ଟେମ୍ବର 2018 ଏବଂ ଜୁନ୍ 2021 ରଖାଯାଇଥିଲା । ଆକଳନ ଅନୁଯାୟୀ ଦୁଇ ପାର୍ଶ୍ୱରେ 1.5 ମିଟର ପକ୍କା ବନ୍ଧ ସହିତ ସାତ ମିଟର ଓସାରର ଦୁଇ ଲେନ୍ ବିଶିଷ୍ଟ ସଡ଼କ ପାଇଁ ବ୍ୟୟ ଆକଳନ କରାଯାଇଥିଲା । କାର୍ଯ୍ୟ ଚାଲୁରହିବା ସହିତ ଏଥିପାଇଁ 50.29 କୋଟି ଟଙ୍କା ପ୍ରଦାନ କରାଯାଇଥିଲା (ଜାନୁଆରୀ 2022) ।

ଆହୁରି ମଧ୍ୟ ଏହା ଦେଖାଗଲା ଯେ, ଏହି ଦୁଇଟି ବିଭାଜନ (ସେପ୍ଟେମ୍ବର 2016 ଏବଂ ଡିସେମ୍ବର 2018) ଉପରୋକ୍ତ ସଡ଼କ ଗୁଡ଼ିକର ପିସିୟୁ ନିର୍ଦ୍ଧାରଣ ପାଇଁ ସାପ୍ତାହିକ ଟ୍ରାଫିକ୍ ସାନ୍ଦ୍ରତା ତଥ୍ୟ ଆକଳନ କରିଥିଲେ ଏବଂ ଏହି ସଡ଼କ ଗୁଡ଼ିକର ପିସିୟୁ ଦୈନିକ 2,394[262] ଏବଂ 4,699[263] ଆକଳନ କରାଯାଇଥିଲା । ଯେହେତୁ ପିସିୟୁ ଗୁଡ଼ିକ ଆଇଆର୍‌ସି ନିର୍ଦ୍ଦିଷ୍ଟତା ଠାରୁ କମ୍ ହୋଇଥିଲା, ଏହି ସଡ଼କ ଗୁଡ଼ିକୁ ପ୍ରଶସ୍ତିକରଣ ଓ ସୁଦୃଢ଼ୀକରଣ ପାଇଁ ସାତ ମିଟର ଓସାରିଆ ସଡ଼କକୁ ପକ୍କା ବନ୍ଧ ଦେଇ ଦୁଇ ଲେନ୍ କରିବା ପାଇଁ ଯୋଗ୍ୟ ନଥିଲା । ତେଣୁ ମୁଖ୍ୟ ଯନ୍ତ୍ରୀ (ଡିପିଆଇ ଏବଂ ରାସ୍ତା)ଙ୍କ ଦ୍ୱାରା ଦିଆଯାଇଥିବା ବୈଷୟିକ ମଞ୍ଜୁରୀ ଠିକ୍ ନଥିଲା ଏବଂ ଆଇଆର୍‌ସି ନିର୍ଦ୍ଦେଶାବଳୀରୁ ବିଚ୍ୟୁତ୍ ହୋଇ ପକ୍କା ବନ୍ଧ ସହିତ ଦୁଇ ଲେନ୍ କ୍ୟାରେଜ୍‌ୱେ କରିବା ଅନାବଶ୍ୟକ ଥିଲା । ପକ୍କା

---

258 ଡିଜାଇନ୍ ଉଦ୍ଦେଶ୍ୟରେ, ଆଇଆରସି 73-1980 ର ପାରା 7.2 ଆଧାରରେ ବିଭିନ୍ନ ରାସ୍ତାର କ୍ଷମତା (ଉଭୟ ପାର୍ଶ୍ୱରେ ପ୍ୟାସେଞ୍ଜର କାର୍ ୟୁନିଟ୍) ଗଣନା କରାଯାଏ

259 ରାସ୍ତା ଏବଂ ଗୃହ, କେନ୍ଦୁଝର ଏବଂ ମୟୁରଭଞ୍ଜ

260 ନକ୍ସା, ଯୋଜନା ଏବଂ ଅନୁସନ୍ଧାନ ଏବଂ ରାସ୍ତା

261 1) କେନ୍ଦୁଝର ଜିଲ୍ଲା (କେନ୍ଦୁଝର ଆର୍‌ଆଣ୍ଡବି ବିଭାଜନ) ରେ ଜିଲ୍ଲା ଖଣିଜ ପାଣ୍ଠିରେ 18/000 ରୁ 28/000 କିମିର ରଙ୍ଗଡିହି-ଫୁଲଝର-ବଳଭଦ୍ରପୁର-ଜଗଦଳା ଡ୍ୟାମ୍ ରାସ୍ତାର (ଓଡିଆର୍) ସୁଦୃଢ଼ୀକରଣ 2) ଦାନ୍ତିମୁହାଣ-ଚିତ୍ରଡ଼ା ରାସ୍ତା (ଏମ୍‌ଡିଆର୍) 0/000 କିମି ରୁ 12/000 କିମି ପର୍ଯ୍ୟନ୍ତ ଦୁଇଲେନ୍ ବିଶିଷ୍ଟ ରାସ୍ତାରେ ପ୍ରଶସ୍ତିକରଣ ଏବଂ ସୁଦୃଢ଼ୀକରଣ (ମୟୁରଭଞ୍ଜ ଆର୍‌ଆଣ୍ଡବି ବିଭାଜନ)

262 ଦାନ୍ତିମୁହାଣ-ଚିତ୍ରୋଡ଼ା ରାସ୍ତା 0/000 କିମିରୁ 12/000 କିମି ର୍ଯ୍ୟନ୍ତ

263 ରଙ୍ଗଡିହି-ଫୁଲଝର-ବଳଭଦ୍ରପୁର-ଜଗଦଳା ଡ୍ୟାମ୍ ରାସ୍ତା (ଓଡିଆର୍) କେନ୍ଦୁଝର ଜିଲ୍ଲାରେ ଜିଲ୍ଲା ଖଣିଜ ପାଣ୍ଠିରେ 18/000 ରୁ 28/000 କିମି

ବନ୍ଧର ବ୍ୟବସ୍ଥା ଯୋଗୁଁ ଏଥିରେ 31,306.20 ଘନ ମିଟର ଗ୍ରାନୁଲାର ସବ୍-ବେସ୍, ୱେଟ୍ ମିକ୍ସ ମାକାଡାମ୍, ଡେନ୍ସ ଗ୍ରେଡେଡ୍ ବିଟୁମିନସ୍ ମାକାଡାମ୍ ଏବଂ ବିଟୁମିନସ୍ କଂକ୍ରିଟ୍ ଅଧିକ ବ୍ୟବସ୍ଥା କରାଯିବା ଫଳରେ ଟେଣ୍ଡର ପ୍ରିମିୟମ୍ ସହିତ 7.30 କୋଟି ଟଙ୍କା ଅତିରିକ୍ତ ବ୍ୟୟ ହୋଇଥିଲା ଯାହାର ସବିଶେଷ ବିବରଣୀ ***ପରିଶିଷ୍ଟ-XLI*** ରେ ଦର୍ଶାଯାଇଛି ।

ସରକାର ଦାନ୍ତିଆମୁହାଣୀ-ଚିତ୍ରୋଡ଼ା ରାସ୍ତା ସମ୍ପର୍କରେ କହିଲେ (ମାର୍ଚ୍ଚ 2022) ଯେ, ବିସ୍ତୃତ ପ୍ରକଳ୍ପ ରିପୋର୍ଟ (ଡିପିଆର୍) ପ୍ରସ୍ତୁତ କରିବା ସମୟରେ ରାସ୍ତାର ଅବସ୍ଥା ଅତ୍ୟନ୍ତ ଖରାପ ଥିଲା ଏବଂ ବର୍ତ୍ତମାନର 10,000 ପିସିୟୁ ପର୍ଯ୍ୟନ୍ତ ବୃଦ୍ଧି ପାଉଥିବା ଟ୍ରାଫିକ୍ ସାନ୍ଦ୍ରତାକୁ ପୂରଣ କରିବା ପାଇଁ 10 ମିଟର ପର୍ଯ୍ୟନ୍ତ ଦୁଇ ଲେନ୍ କ୍ୟାରେଜ୍ ୱେର ଆବଶ୍ୟକ ଥିଲା । ରଙ୍ଗଡିହ-ଫୁଲଝର-ବଳଭଦ୍ରପୁର-ଜଗଦଳା ଡ୍ୟାମ୍ ରାସ୍ତା ସମ୍ପର୍କରେ ସରକାର କହିଲେ ଯେ ଏହି ରାସ୍ତା ଖଣି ପ୍ରଭାବିତ ଅଞ୍ଚଳ ଦେଇ ଯାଇଛି ଏବଂ ରାସ୍ତାର ପାଚେରୀକୁ ସହାୟତା ପ୍ରଦାନ କରିବା ଏବଂ ମୁଖ୍ୟ ଲେନରୁ ଦୂରରେ ବାତ୍ୟା ଜଳ ନିଷ୍କାସନ କରିବା ପାଇଁ ପକ୍କା ବନ୍ଧର ବ୍ୟବସ୍ଥା ଅପରିହାର୍ଯ୍ୟ ହୋଇପଡ଼ିଲା ।

ଉତ୍ତର ଗୁଡ଼ିକ ଗ୍ରହଣୀୟ ନଥିଲା କାରଣ ଆଇଆର୍‌ସି ନିର୍ଦ୍ଦେଶାବଳୀରେ ଯେକୌଣସି ପାର୍ଶ୍ୱରେ 1.5 ମିଟର ଚଉଡ଼ାର ପକ୍କା ବନ୍ଧର ବ୍ୟବସ୍ଥା ରହିଛି ଯେତେବେଳେ ଦୈନିକ ହାରାହାରି ଯାତାୟତ ସମତଳ ଅଞ୍ଚଳରେ 10,000 ପିସିୟୁ ଠାରୁ ଅଧିକ ହେବ ଏବଂ ଭବିଷ୍ୟତରେ 15 ବର୍ଷ ପର୍ଯ୍ୟନ୍ତ ଏମ୍‌ଏସ୍‌ଏ[264] ଗଣନା କରାଯାଇ ଓ ଭୂତ୍ୱକ[265] ଡିଜାଇନକୁ ବିଚାରକୁ ନେଇ ଓ ଟ୍ରାଫିକ୍ ଅଭିବୃଦ୍ଧିକୁ ପୂର୍ବରୁ ବିଚାରକୁ ନିଆଯାଇଥିଲା । ତେବେ ଏସବୁ କ୍ଷେତ୍ରରେ ରାସ୍ତାର ପିସିୟୁ ଗୁଡ଼ିକ ବହୁତ ତଳକୁ ଅର୍ଥାତ୍ 2,394 (23.94 ପ୍ରତିଶତ) ଓ 4,699 (46.99 ପ୍ରତିଶତ) ମଧ୍ୟରେ ରହିଥିଲା । ତେଣୁ, ଉପରୋକ୍ତ ରାସ୍ତା ଗୁଡ଼ିକ ପାଇଁ ଦୁଇ ଲେନ୍ ବିଶିଷ୍ଟ ରାସ୍ତା ନିର୍ମାଣରେ ପକ୍କା ବନ୍ଧ ବ୍ୟବସ୍ଥା ଅଯାଚିତ ଥିଲା ଏବଂ ଏଥିପାଇଁ 7.30 କୋଟି ଟଙ୍କାର ପରିହାର୍ଯ୍ୟ ବ୍ୟୟ ବରାଦକୁ ଏଡ଼ାଇ ଦିଆଯାଇ ପାରିଥାନ୍ତା ।

## 7.25 ପରିହାର୍ଯ୍ୟ ବ୍ୟୟ

**କମ୍ ମୂଲ୍ୟର ସ୍ଲାଗ୍ ଉପଲବ୍ଧ ହେବା ସତ୍ତ୍ୱେ ଉଚ୍ଚ ମୂଲ୍ୟର ସବ୍-ବେସ୍ ସାମଗ୍ରୀର ଉପଯୋଗ ଦ୍ୱାରା ସଡ଼କ ଚଟାଣ ନିର୍ମାଣରେ 2.76 କୋଟି ଟଙ୍କାର ପରିହାର୍ଯ୍ୟ ବ୍ୟୟ ହେଲା ।**

ଓଡ଼ିଶା ପୂର୍ତ୍ତ ବିଭାଗ ସଂହିତାର ଅନୁଚ୍ଛେଦ 3.4.10 ନିର୍ଦ୍ଧାରଣ କରେ ଯେ, ଅଟକଳ ପ୍ରସ୍ତୁତି କରିବା ବେଳେ ଅଧିକତମ ମିତବ୍ୟୟିତା ଅବଲମ୍ବନ କରିବା ଉଚିତ୍ । ଆଇଆର୍‌ସି 37-2012 ର ଅନୁଚ୍ଛେଦ 7.2.1.1 ଉଲ୍ଲେଖ କରିଛି ଯେ, ସବ୍‌ବେସ୍[266] ସାମଗ୍ରୀ ପ୍ରାକୃତିକ ବାଲି, ମୋରମ୍, ଗ୍ରାଭେଲ୍, ଲାଟେରାଇଟ୍, କଙ୍କର, ଇଟା ଧାତୁ, ଆଉ ଗୁଣ୍ଡ ପଥର, ଚୂର୍ଣ୍ଣିତ ପଥର ଏବଂ ପୁନରୁଦ୍ଧାର ହୋଇଥିବା କଂକ୍ରିଟ୍ ଗୁଣ୍ଡ/ ପୁନରୁଦ୍ଧାର ହୋଇଥିବା ଚଟାଣର ଆସ୍‌ଫଲଟ୍ କିମ୍ବା ସେମାନଙ୍କର ମିଶ୍ରଣକୁ ନେଇ ଗଠିତ ହୋଇପାରେ, ଯାହା ନିର୍ଦ୍ଧାରିତ ଗ୍ରେଡିଂ ଓ ବସ୍ତୁଗତ ଆବଶ୍ୟକତା ପୂରଣ କରିବ ।

ସୁପରିଟେଣ୍ଡେଣ୍ଟ ଇଞ୍ଜିନିୟର (ଏସ୍‌ଇ), ରାଉରକେଲା (ଆର୍‌ଆଣ୍ଡବି) ଡିଭିଜନ୍‌ର ଆକଳନର ଯାଞ୍ଚ, ଦରର ବିଶ୍ଳେଷଣ ଓ ଆର୍‌ଏ ବିଲ୍ ଯାଞ୍ଚରୁ ଜଣାପଡ଼ିଲା ଯେ ତିନୋଟି ରାସ୍ତା[267] କାମ ଡିସେମ୍ବର 2016 ରୁ ଡିସେମ୍ବର 2019 ମଧ୍ୟରେ 66.82 କୋଟି ଟଙ୍କାରେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା । ଏହି ରାସ୍ତା କାମଗୁଡ଼ିକ ମାର୍ଚ୍ଚ 2018 ରୁ ଡିସେମ୍ବର 2021 ମଧ୍ୟରେ ଶେଷ ହେବାର ଥିଲା । ଏହି ତିନୋଟି ସଡ଼କ କାର୍ଯ୍ୟ ମଧ୍ୟରୁ ଗୋଟିଏ

264 ପେଭ୍‌ମେଣ୍ଟର ଡିଜାଇନିଂ ପାଇଁ ମିଲିୟନ୍ ଷ୍ଟାଣ୍ଡାର୍ଡ ଏକ୍ସଲ (ଏମ୍‌ଏସ୍‌ଏ) ର ବ୍ୟବହାର କରାଯାଇଥାଏ । ଏହା ବ୍ୟବସାୟିକ ଯାନ ସଂଖ୍ୟା ବିଷୟରେ ବର୍ଣ୍ଣନା କରେ ଯାହା ସଡ଼କର ଡିଜାଇନ୍ ସମୟ ଶେଷରେ ସଡ଼କକୁ ଦଖଲ କରେ ।

265 କ୍ରଷ୍ଟ ଅର୍ଥ ରାସ୍ତାର ପୃଷ୍ଠ

266 ସବ୍-ବେସ୍ ହେଉଛି ସାମଗ୍ରିକ ସାମଗ୍ରୀ ଯାହା ପେଭ୍‌ମେଣ୍ଟ ତଳେ ରହିଥାଏ ଏବଂ ଏହା ସାଧାରଣତଃ ଚୂନା ହୋଇଥିବା ସାମଗ୍ରୀକୁ ନେଇ ଗଠିତ ହୋଇଥାଏ

267 (i) ଆର୍‌ଡି 0.000 ରୁ 8.000 କି.ମି. ପର୍ଯ୍ୟନ୍ତ କୋଇଡ଼ା ବାଇପାସ୍ ରାସ୍ତା ନିର୍ମାଣ (ii) ଆର୍‌ଡି 14.800 ରୁ 27.450 ପର୍ଯ୍ୟନ୍ତ ଟୁନିଆପାଲ୍ଲୀ-ବାଲିଆ ରାସ୍ତାକୁ ପ୍ରଶସ୍ତିକରଣ କରିବା ଏବଂ (iii) ଆର୍‌ଡି 0.000 to 12.050 କି.ମି. ଟୁନିଆପାଲ୍ଲୀ-ବାଲିଆ ରାସ୍ତାକୁ ପ୍ରଶସ୍ତିକରଣ କରିବା ।

କାର୍ଯ୍ୟ[268] 11.54 କୋଟି ଟଙ୍କା ବ୍ୟୟ ଅଟକଳରେ (ମାର୍ଚ୍ଚ 2018) ଶେଷ ହୋଇଅଛି, ଅବଶିଷ୍ଟ ଦୁଇଟି ସଡ଼କ କାର୍ଯ୍ୟ ଚାଲୁ ରହିଅଛି ଏବଂ ଠିକାଦାର ମାନଙ୍କୁ 85.24 କୋଟି ଟଙ୍କା (ଡିସେମ୍ବର 2022 ସୁଦ୍ଧା) ଆରଏ ବିଲରେ ପ୍ରଦାନ କରାଯାଇଅଛି ।

ଅଧିକନ୍ତୁ, ଏହା ମଧ୍ୟ ଅନୁଧ୍ୟାନ କରାଯାଇଥିଲା ଯେ 60 ରୁ 133 କିଲୋମିଟର ପର୍ଯ୍ୟନ୍ତ ଲିଡ୍[269] ଥିବା ଗ୍ରାନୁଲାର୍ ସବ୍-ବେସ୍ (ଜିଏସ୍‌ବି) (ପଥର ଉତ୍ପାଦ)କୁ ବିଚାରକୁ ନେଇ ଏହି ଆକଳନ ପ୍ରସ୍ତୁତ କରାଯାଇଥିଲା, ଯେଉଁଥିପାଇଁ ଘନ ମିଟର ପ୍ରତି 1,853.82 ଟଙ୍କାରୁ 2,252.58 ଟଙ୍କା ପର୍ଯ୍ୟନ୍ତ ଦେୟ ପ୍ରଦାନ କରାଯାଇଥିଲା । 29,592.50 ଘନ ମିଟର ଜିଏସ୍‌ବି କାର୍ଯ୍ୟାନ୍ୱୟନ ପାଇଁ, ତିନୋଟି ରାସ୍ତାର ସବ୍-ବେସ୍ ପାଇଁ, ଠିକାଦାରମାନଙ୍କୁ 6.20 କୋଟି ଟଙ୍କା ପ୍ରଦାନ କରାଯାଇଥିଲା (ଡିସେମ୍ବର 2022 ସୁଦ୍ଧା) ।

ଅଡିଟରୁ ଜଣାପଡ଼ିଲା ଯେ ରାଉରକେଲା ଇସ୍ପାତ୍ କାରଖାନା ପରିସରରେ ସବ୍-ବେସ୍ ପାଇଁ ସ୍ଲାଗ୍[270] ଏକ ଶସ୍ତା ବିକଳ୍ପ, ଯାହା ବିନା ମୂଲ୍ୟରେ ଉପଲବ୍ଧ ଥିଲା ଏବଂ ସମାନ କାର୍ଯ୍ୟରେ[271] ସେହି ବିଭାଗ ଦ୍ୱାରା ଏହା ପୂର୍ବରୁ ସବ୍-ବେସ୍ ସାମଗ୍ରୀ ଭାବରେ ବ୍ୟବହାର କରାଯାଇଥିଲା । ସ୍ଲାଗ୍ ପାଇଁ ଲିଡ୍ ଦୂରତା 52 ରୁ 124 କିଲୋମିଟର ଥିଲା । ସ୍ଲାଗ୍ ବ୍ୟବହାର କରି ସବ୍-ବେସ୍ ଆଇଟମ୍ ରେଟ୍ ବିଶ୍ଳେଷଣରେ ସ୍ଲାଗର ଅନୁପାତ 90 ପ୍ରତିଶତ ଓ କ୍ୱାରୀ ଧୂଳି 10 ପ୍ରତିଶତ ଥିଲା । ଉପରୋକ୍ତ ଅନୁପାତକୁ ବିଚାରକୁ ନେଲେ, ସ୍ଲାଗ୍ ବ୍ୟବହାର କରି ସବ୍-ବେସ୍ ମୂଲ୍ୟ ଘନ ମିଟର ପ୍ରତି 825.93 ଟଙ୍କାରୁ 1,377.04 ଟଙ୍କା ମଧ୍ୟରେ ରହିଥାଆନ୍ତା । ସ୍ଲାଗର ଉପଲବ୍ଧତା ଓ ମିତବ୍ୟୟୀ ମୂଲ୍ୟ ସତ୍ତ୍ୱେ ନିର୍ବାହୀ ଯନ୍ତ୍ରୀ (ଇଇ), ରାଉରକେଲା (ଆର୍‌ଆଣ୍ଡବି) ବିଭାଗ, ସବ୍-ବେସରେ ସ୍ଲାଗର ବ୍ୟବହାରକୁ ଅଟକଳରେ ବିଚାରକୁ ନନେଇ, ଓପିଡବ୍ଲୁଡି ସଂହିତା ଏବଂ ଆଇଆର୍‌ସି-37 ରୁ ବିଚ୍ୟୁତ ହୋଇ ଜିଏସ୍‌ବିକୁ ବାଛିଥିଲେ । ଏହିପରି ସ୍ୱଳ୍ପ ମୂଲ୍ୟର ସ୍ଲାଗ୍ ସହିତ ସ୍ୱଳ୍ପ ଲିଡ୍ ଖର୍ଚ୍ଚ ଆକଳନକୁ ନ ନେଇ ଅଧିକ ମୂଲ୍ୟର ଜିଏସ୍‌ବି ସହ ଅତିରିକ୍ତ ଲିଡ୍ ଖର୍ଚ୍ଚ ନେଇଥିଲେ ଫଳରେ ନିର୍ମାଣ କାର୍ଯ୍ୟ ପାଇଁ 2.76 କୋଟି ଟଙ୍କା ପରିହାର୍ଯ୍ୟ ବ୍ୟୟ କରାଯାଇଛି (ଡିସେମ୍ବର 2022 ସୁଦ୍ଧା) । ***ପରିଶିଷ୍ଟ-XLII*** ରେ ସବିଶେଷ ବିବରଣୀ ରହିଛି ।

ସରକାର ବ୍ୟକ୍ତ କଲେ (ଫେବୃଆରୀ 2023) ଯେ, ଏନ୍‌ଆଇଟି, ରାଉରକେଲାକୁ ରାସ୍ତା ନିର୍ମାଣରେ ସବ୍-ଗ୍ରେଡର ସ୍ଲାଗ୍ ଭଳି ସାମଗ୍ରୀର ବ୍ୟବହାର ଯୋଗ୍ୟତା ନିର୍ଦ୍ଧାରଣ କରିବାକୁ ଅନୁରୋଧ କରାଯାଇଥିଲା । ଏନ୍‌ଆଇଟି, ରାଉରକେଲା ରିପୋର୍ଟ ମିଳିଲା ନାହିଁ, ଯେଉଁଥିପାଇଁ ସ୍ଲାଗକୁ ସବ୍-ବେସ ଭାବେ ବ୍ୟବହାର କରି ପରବର୍ତ୍ତୀ କାର୍ଯ୍ୟପାଇଁ ବିଚାରକୁ ନିଆଗଲା ନାହିଁ । ଉତ୍ତର ଗ୍ରହଣୀୟ ନଥିଲା କାରଣ କୌଣସି ସମ୍ଭାବ୍ୟତା ଯାଞ୍ଚର ଆବଶ୍ୟକତା ନଥିଲା, ଆଇଆର୍‌ସି-37 ଅନୁଯାୟୀ, ସ୍ଲାଗ୍ ସଡ଼କର ସବ୍-ବେସରେ ବ୍ୟବହାର ପାଇଁ ଏକ ସ୍ୱୀକୃତ ସାମଗ୍ରୀ ଥିଲା ଏବଂ ପଥର ଉତ୍ପାଦ ତୁଳନାରେ ଏହା ଶସ୍ତା ଥିଲା, ଏହା ସହିତ ଏହା ଅନ୍ୟାନ୍ୟ ସଡ଼କ କାର୍ଯ୍ୟରେ ବ୍ୟବହୃତ ହେଉଥିଲା ।

## 7.26 ବର୍ଦ୍ଧିତ ଦରରେ ଟେଣ୍ଡର ଆହ୍ୱାନ ଯୋଗୁଁ ଠିକାଦାରଙ୍କୁ ଅନୁଚିତ୍ ଲାଭ

**ବର୍ଦ୍ଧିତ ଅଟକଳରେ ଟେଣ୍ଡର ଆହ୍ୱାନ କରାଯାଇ ଠିକାଦାରଙ୍କୁ 18.94 କୋଟି ଟଙ୍କାର ଅହେତୁକ ଲାଭ ପ୍ରଦାନ କରାଯାଇଥିଲା ।**

ଓଡ଼ିଶା ପୂର୍ତ୍ତ ବିଭାଗ (ଓପିଡବ୍ଲୁଡି) ସଂହିତା ଭାଗ-I, ର ଅନୁଚ୍ଛେଦ 3.4.10 ନିର୍ଦ୍ଧାରଣ କରେ ଯେ, ଅଟକଳ କରିବା ବେଳେ ଅଧିକତମ ମିତବ୍ୟୟିତା ଅବଲମ୍ବନ କରିବା ଉଚିତ୍ । ଓପିଡବ୍ଲୁଡି ସଂହିତାର ଅନୁଚ୍ଛେଦ 3.2.7 ରେ ଉଲ୍ଲେଖ ରହିଛି ଯେ ପ୍ରତି କାମ ପାଇଁ ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ଅନୁମୋଦନ ପାଇଁ ଏକ ସଠିକ୍ ବିସ୍ତୃତ ଆକଳନ ପ୍ରସ୍ତୁତ ହେବା ଆବଶ୍ୟକ ଏବଂ କୌଣସି କାର୍ଯ୍ୟ ସମ୍ପାଦନ ପୂର୍ବରୁ ଆକଳନର ବୈଷୟିକ ଅନୁମୋଦନ ପାଇବା ଆବଶ୍ୟକ ।

---

268 ଟୁନିଆପାଲ୍ଲୀ-ବାଲିଆ ରାସ୍ତା ଆର୍‌ଡି 14.800 ରୁ 27.450 କିମି ରାସ୍ତାକୁ ପ୍ରଶସ୍ତିକରଣ

269 ଲିଡ୍ ହେଉଛି ଖନନର କେନ୍ଦ୍ରରୁ ଜମା କେନ୍ଦ୍ର ମଧ୍ୟରେ ଥିବା ଭୂସମାନ୍ତର ଦୂରତା ।

270 ସ୍ଲାଗ୍ ହେଉଛି ଏକ ଗ୍ଲାସ୍ ପରି ଉପ-ଉତ୍ପାଦ ଯାହାକି କଞ୍ଚା ଓରରୁ ଧାତୁ ଅଲଗା ହେବା ପରେ ବାକି ରହୁଥିବା ଅଂଶ ।

271 ଚୁକ୍ତି ସଂଖ୍ୟା 2017-18 ର 29P1 ପଟ୍ଟାମୁଣ୍ଡାଇ ରୁ କୋଇଡା ରାସ୍ତାର 0.000 ରୁ 8.000 କିମି

ଆର୍‌ଆଣ୍ଡବି ବିଭାଜନ ସଂଖ୍ୟା-V, ଭୁବନେଶ୍ୱରର ଆକଳନ ଓ ଟେଣ୍ଡର ଫାଇଲର ଯାଞ୍ଚରୁ ଜଣାଗଲା ଯେ, ସାଧାରଣ ପ୍ରଶାସନ (ଜିଏ) ବିଭାଗ, ଓଡ଼ିଶା ସରକାର (ଜିଓଓ) ଏକ ଅଧିକ ଉଚ୍ଚ ବହୁମୁଖୀ ଅଫିସ୍ ବିଲ୍ଡିଂ ନିର୍ମାଣ ପାଇଁ ଅନୁମୋଦନ କରିଥିଲେ (ସେପ୍ଟେମ୍ବର 2013) ଯାହା ଭୁବନେଶ୍ୱର (ଖାରବେଳ ଭବନ) ଠାରେ କାର୍ଯ୍ୟାଦେଶ ପ୍ରଦାନର 24 କ୍ୟାଲେଣ୍ଡର ମାସ ମଧ୍ୟରେ କାର୍ଯ୍ୟ ଶେଷ ହେବ । ମୁଖ୍ୟ ଯନ୍ତ୍ରୀ (ବିଲ୍ଡିଂ), 30,000 ବର୍ଗମିଟର ନିର୍ମାଣ ପାଇଁ ବର୍ଗମିଟର ପ୍ରତି 35,000 ଟଙ୍କାର ଆକଳନ ପ୍ରସ୍ତୁତ କରିଥିଲେ (ସେପ୍ଟେମ୍ବର 2013) ଏଥିସହିତ ଜାଗାର ବିକାଶ, ଯୋଜନା, ବାହ୍ୟ ବିବୃତି କରିବା, ଜଳ ଯୋଗାଣ, ପରିମଳ ଏବଂ ଡିଜେଲ ଜେନ୍‌ସେଟ୍ ପାଇଁ 22 କୋଟି ଟଙ୍କା ବ୍ୟୟବରାଦ କରାଯାଇଥିଲା । ଉପରୋକ୍ତ ଆକଳନ ଅନୁସାରେ 127.00 କୋଟି ଟଙ୍କାର ଟେଣ୍ଡର ଆହ୍ୱାନ କରାଯାଇଥିଲା (ସେପ୍ଟେମ୍ବର 2013) । ଠିକାଦାରମାନେ ଟେଣ୍ଡରରେ ଉଲ୍ଲେଖ ଥିବା ଉଚ୍ଚ ଅଟ୍ଟାଳିକାର ଆନୁମାନିକ ମୂଲ୍ୟକୁ ଦୃଷ୍ଟିରେ ରଖି ସେମାନଙ୍କର ଟେଣ୍ଡର ଦାଖଲ କରିଥିଲେ (ଡିସେମ୍ବର 2013) । ଟେଣ୍ଡର କମିଟି ଦ୍ୱାରା ଆର୍ଥିକ ବିଡ ଖୋଲା ଯାଇ ମୂଲ୍ୟାୟନ କରାଯାଇଥିଲା (11 ଫେବୃଆରୀ 2014) । ସର୍ବନିମ୍ନ ନିଲାମଧାରୀ 123.94 କୋଟି ଟଙ୍କାର ନିଲାମୀ ମୂଲ୍ୟ ଦାଖଲ କରିଥିଲେ (20 ଫେବୃଆରୀ 2014) ଯାହା ଟେଣ୍ଡର ପାଇଁ ରଖାଯାଇଥିବା 127 କୋଟି ଟଙ୍କାର ଆନୁମାନିକ ମୂଲ୍ୟ ଠାରୁ 2.41 ପ୍ରତିଶତ କମ୍ ଥିଲା ।

ତେବେ, ଏହା ଜଣାଗଲା ଯେ, ଟେଣ୍ଡର ଆହ୍ୱାନ ପରେ ଉପରୋକ୍ତ କୋଠା ନିର୍ମାଣ କାର୍ଯ୍ୟର ସିଭିଲ୍ କାର୍ଯ୍ୟର ରେଟ୍ ସିଇ ଦ୍ୱାରା ସଂଶୋଧିତ କରାଯାଇ (14 ଫେବୃଆରୀ 2014) ପ୍ରତି ବର୍ଗମିଟର ପିଛା 30,000 ଟଙ୍କା କରାଯାଇ ଥିଲା । ତେଣୁ, 30,000 ବର୍ଗମିଟର ନିର୍ମାଣ ପାଇଁ 90 କୋଟି ଟଙ୍କା ଏବଂ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ରଖାଯାଇଥିବା 15 କୋଟି ଟଙ୍କାକୁ ମିଶାଇ ମୋଟ 105 କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା । ତେବେ କାର୍ଯ୍ୟର ସଂଶୋଧିତ ଆନୁମାନିକ ମୂଲ୍ୟ ପାଇଁ କୌଣସି ଶୁଦ୍ଧିପତ୍ର ଟେଣ୍ଡର ଆହ୍ୱାନ ପରେ ନିଲାମଧାରଙ୍କୁ ପ୍ରଦାନ କରାଯାଇ ନଥିଲା ।

ଇତିମଧ୍ୟରେ, 26 ଫେବୃଆରୀ 2014ରେ ଅନୁଷ୍ଠିତ ଟେଣ୍ଡର କମିଟି ବୈଠକରେ ସର୍ବନିମ୍ନ ବିଡରଙ୍କ ଦ୍ୱାରା ଦାଖଲ କରାଯାଇଥିବା ବିଡ୍ ମୂଲ୍ୟକୁ କାର୍ଯ୍ୟର ପରିବର୍ତ୍ତିତ ମୂଲ୍ୟ (105 କୋଟି ଟଙ୍କା) ସହିତ ତୁଳନା କରି ବିଡ୍ ମୂଲ୍ୟର ମୂଲ୍ୟାୟନ କରାଯାଇଥିଲା । ଏହି ପ୍ରକଳ୍ପର ସ୍ୱୀକୃତି ରାଶି 123.94 କୋଟି ଟଙ୍କା ସଂଶୋଧିତ ବ୍ୟୟ 105 କୋଟି ଟଙ୍କା ତୁଳନାରେ 18.04 ପ୍ରତିଶତ ଅଧିକ ବୋଲି ଆକଳନ କରାଯାଇଥିଲା । ନୂତନ ଟେଣ୍ଡର ମାଧ୍ୟମରେ କିମ୍ବା ଶୁଦ୍ଧିପତ୍ର ମାଧ୍ୟମରେ ଟେଣ୍ଡର ରାଶି ହ୍ରାସ ନକରିବାର କାରଣ ରେକର୍ଡରେ ଉପଲବ୍ଧ ହୋଇନଥିଲା । ତେଣୁ, ସଂଶୋଧିତ କମି ଥିବା ଦର ଲାଗୁ କରାଯାଇ ନଥିଲା ଏବଂ ଟେଣ୍ଡରର ମୂଳ ଅଧିକ ଆକଳନକୁ ଆଧାର କରି ଚୁକ୍ତିନାମା କରାଯାଇଥିଲା । ମାର୍ଚ୍ଚ 2017 ସୁଦ୍ଧା କାମ ଶେଷ କରିବା ପାଇଁ (ମାର୍ଚ୍ଚ 2015) କାର୍ଯ୍ୟାଦେଶ ଦିଆଯାଇଥିଲା । ଏହା ପରେ (ସେପ୍ଟେମ୍ବର 2019) ଶେଷ ହୋଇଥିଲା ଏବଂ ଠିକାଦାରଙ୍କୁ 2.88 କୋଟି ଟଙ୍କାର ସେବା ଟିକସ ସମେତ 126.82 କୋଟି ଟଙ୍କା (ଅପ୍ରେଲ 2019) ପ୍ରଦାନ କରାଯାଇଥିଲା । ଏଣୁ, ସିଇର ଢିଲାପଣ ବାସ୍ତବ ଭିତ୍ତିରେ ପ୍ରଯୁଜ୍ୟ ହାରକୁ ଗ୍ରହଣ କରି ଆର୍ଥିକ ଦୃଷ୍ଟିକୋଣରୁ ଆକଳନ ପ୍ରସ୍ତୁତ କରିବା ଓପିଡବ୍ଲୁଡି କୋଡର ଉଲ୍ଲଙ୍ଘନ କରି କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ବ୍ୟୟ ଅଟକଳରେ ସଂଶୋଧନ ପରେ ନୂତନ ଟେଣ୍ଡର ଆହ୍ୱାନ କରାଯାଇ ନଥିବାରୁ ଠିକାଦାରଙ୍କୁ 18.94 କୋଟି ଟଙ୍କାର ଅହେତୁକ ଲାଭ ମିଳିଥିଲା ।

ଏହାକୁ ଦର୍ଶାଇବା ପରେ ସରକାର କହିଥିଲେ (ଜାନୁଆରୀ 2023) ଯେ, ବିଭାଗୀୟ ଅଟକଳ ମୂଲ୍ୟ କେବଳ ସୂଚକ ଏବଂ ଟେଣ୍ଡର ଗ୍ରହଣ ପାଇଁ ଯଥେଷ୍ଟ ଯୁକ୍ତିଯୁକ୍ତରେ ପହଞ୍ଚିବା ପାଇଁ ବିଡର ମାନଙ୍କ ଅଫରକୁ ତୁଳନା କରିବା ଆବଶ୍ୟକ । ଏହି ପ୍ରକଳ୍ପର ଆନୁମାନିକ ବ୍ୟୟ ପ୍ରସ୍ତାବ ଉପରେ କୌଣସି ପ୍ରଭାବ ପଡ଼ିନଥିଲା । ଉତ୍ତର ଗ୍ରହଣୀୟ ନଥିଲା କାରଣ ବିଭାଗୀୟ ଅଟକଳ ଖର୍ଚ୍ଚକୁ ଟେଣ୍ଡରରେ ରଖାଯାଇଥିଲା, ଯେଉଁଥିପାଇଁ ନିଲାମଧାରୀ ମାନେ ପ୍ରିମିୟମ କିମ୍ବା ରିହାତି ଅନୁଯାୟୀ ସେମାନଙ୍କ ଦର ଉଲ୍ଲେଖ କରିବାର ସୁଯୋଗ ପାଇଥିଲେ ।

## ଅର୍ଥ ବିଭାଗ

### 7.27 ସମୀକ୍ଷା ପ୍ରତି ପ୍ରତିକ୍ରିୟା

ସମୀକ୍ଷା ଫଳାଫଳଗୁଡ଼ିକ ପ୍ରତି ଠିକ୍ ସମୟରେ ପ୍ରତିକ୍ରିୟା ହେଉଛି ଉତ୍ତମ ଶାସନର ଏକ ଗୁରୁତ୍ୱପୂର୍ଣ୍ଣ ଗୁଣ କାରଣ ଏହା ନିଶ୍ଚିତ କରେ ଯେ ସରକାର ଏହାର ତତ୍ତ୍ୱାବଧାନ ଭୂମିକାକୁ ଗମ୍ଭୀରତାର ସହ ନେଇଛନ୍ତି ।

ପ୍ରଧାନ ମହାଲେଖାକାର (ଅଡିଟ୍-II), ଓଡ଼ିଶା ପର୍ଯ୍ୟାୟକ୍ରମେ ସରକାରୀ ବିଭାଗ ଏବଂ ସେମାନଙ୍କ କ୍ଷେତ୍ର କାର୍ଯ୍ୟାଳୟଗୁଡ଼ିକର ଯାଞ୍ଚ କରିଥାନ୍ତି ଏବଂ ନିର୍ଦ୍ଦିଷ୍ଟ ନିୟମାବଳୀ ଅନୁଯାୟୀ କାରବାରର ନମୁନା ପରୀକ୍ଷା ଏବଂ ଗୁରୁତ୍ୱପୂର୍ଣ୍ଣ ହିସାବ ଓ ଅନ୍ୟାନ୍ୟ ରେକର୍ଡ ଗୁଡ଼ିକର ରକ୍ଷଣାବେକ୍ଷଣ ଯାଞ୍ଚ କରିଥାନ୍ତି । ଏହି ନିରୀକ୍ଷଣଗୁଡ଼ିକୁ କାର୍ଯ୍ୟାଳୟର ମୁଖ୍ୟ ତଥା ପରବର୍ତ୍ତୀ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟକୁ ନିରୀକ୍ଷଣ ରିପୋର୍ଟ (ଆଇଆର୍) ଜରିଆରେ ପଠାଯାଇଥାଏ । ତ୍ରୁଟି ଏବଂ ବିଚ୍ୟୁତିଗୁଡ଼ିକ ତୁରନ୍ତ ସଂଶୋଧନ କରିବେ ଏବଂ ପ୍ରଧାନ ମହାଲେଖାକାରଙ୍କୁ ଅନୁପାଳନ ପଠାଇବେ ବୋଲି ଆଶା କରାଯାଏ । ଅଡିଟ୍ ପର୍ଯ୍ୟବେକ୍ଷଣ ଏବଂ ବିଭାଗଗୁଡ଼ିକ ଦ୍ୱାରା ଅନୁପାଳନର ତଦାରଖ ପାଇଁ ବିଚାରାଧୀନ ଆଇଆର୍ ଗୁଡ଼ିକର ଅର୍ଦ୍ଧ ବାର୍ଷିକ ରିପୋର୍ଟ ପ୍ରତ୍ୟେକ ବିଭାଗୀୟ ସଚିବଙ୍କ ନିକଟକୁ ପଠାଯାଏ । ଉପରୋକ୍ତ ସ୍ଥାୟୀ କାର୍ଯ୍ୟଶୈଳୀ ବ୍ୟତୀତ, ପ୍ରଶାସନିକ ବିଭାଗର ପ୍ରତିନିଧି, ପ୍ରଧାନ ମହାଲେଖାକାର (ଅଡିଟ୍-II) ଏବଂ ଅର୍ଥ ବିଭାଗର ପ୍ରତିନିଧିଙ୍କୁ ନେଇ ଗଠିତ ଅଡିଟ୍ କମିଟି ସଭା ଦ୍ୱାରା ବିଚାରାଧୀନ ନିରୀକ୍ଷଣ ରିପୋର୍ଟ (ଆଇଆର୍) ଓ ଅନୁଚ୍ଛେଦଗୁଡ଼ିକ ମଧ୍ୟ ବିସ୍ତୃତ ବିଚାର ଏବଂ ଦସ୍ତାବିଜ୍ ଯାଞ୍ଚ ପରେ ସମାଧାନ ହୋଇଥାଏ ।

ମାର୍ଚ୍ଚ 2022 ପର୍ଯ୍ୟନ୍ତ 15 ଟି ବିଭାଗ ସମ୍ବନ୍ଧୀୟ ଜାରି ହୋଇଥିବା ଆଇଆର ଗୁଡ଼ିକର ସମୀକ୍ଷା ଦର୍ଶାଇଲା ଯେ ଜୁନ୍ 2022 ସୁଦ୍ଧା, 3,796 ଆଇଆର୍ ସମ୍ପର୍କିତ 18,309 ଅନୁଚ୍ଛେଦ ମୀମାଂସା ହୋଇନଥିଲା । ଏଥିମଧ୍ୟରୁ, 1,584 ଟି ଆଇଆର୍ ସମ୍ପର୍କିତ 5,787 ଟି ଅନୁଚ୍ଛେଦ 10 ବର୍ଷରୁ ଅଧିକ ସମୟ ଧରି ମୀମାଂସା ନହୋଇ ପଡ଼ିରହିଥିଲା । ଏପରିକି ମାର୍ଚ୍ଚ 2022 ପର୍ଯ୍ୟନ୍ତ ପଠାଯାଇଥିବା 358 ଆଇଆର୍ ଏକ ମାସ ମଧ୍ୟରେ ଦିଆଯିବାକୁ ଥିବା ପ୍ରଥମ ଉତ୍ତର କାର୍ଯ୍ୟାଳୟ ମୁଖ୍ୟଙ୍କ ଠାରୁ ମଧ୍ୟ ପ୍ରାପ୍ତ ହୋଇନଥିଲା, ଯଦିଓ ଏହା ଆପେକ୍ସ କମିଟି ସଭା ଓ ବିଭାଗୀୟ ତଦାରଖ କମିଟି ସଭା ମାଧ୍ୟମରେ ଅନୁସରଣ କରାଯାଇଥିଲା । ମୀମାଂସା ନହୋଇ ପଡ଼ି ରହିଥିବା ଆଇଆଇ ଏବଂ ଅନୁଚ୍ଛେଦ ଗୁଡ଼ିକର ବର୍ଷଓ୍ୱାରୀ ସ୍ଥିତି ***ପରିଶିଷ୍ଟ-XLIII*** ରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି ।

ଏହି ଆଇଆର ଗୁଡ଼ିକରେ ଉଲ୍ଲେଖ କରାଯାଇଥିବା ଗୁରୁତର ଅନିୟମିତତା ଜୁନ୍ 2022 (***ପରିଶିଷ୍ଟ-XLIV***) ସୁଦ୍ଧା ମୀମାଂସା ହୋଇନଥିଲା । ଏହି ଅନିୟମିତତା ସହିତ ଜଡ଼ିତ ଅନୁଚ୍ଛେଦ ସଂଖ୍ୟା ଏବଂ ପରିମାଣ ନିମ୍ନରେ **ସାରଣୀ ସଂଖ୍ୟା 7.6** ରେ ବର୍ଗୀକୃତ ହୋଇଛି:

**ସାରଣୀ ସଂଖ୍ୟା.7.6: ଅନିୟମିତତାର ବର୍ଗ, ଅନୁଚ୍ଛେଦ ସଂଖ୍ୟା ଏବଂ ପରିମାଣ**

**(କୋଟି ଟଙ୍କାରେ)**

| କ୍ର. ସଂ. | ଅନିୟମିତତାର ବର୍ଗ | ଅନୁଚ୍ଛେଦ ସଂଖ୍ୟା | ପରିମାଣ |
|---|---|---|---|
| 1 | ନିୟମ ଓ ବିନିୟମର ଅନୁପାଳନ ନହେବା | 97 | 2,045.42 |
| 2 | ଔଚିତ୍ୟ ବିରୋଧରେ ଅଡିଟ୍/ ଅଯୌକ୍ତିକ ଖର୍ଚ୍ଚ | 26 | 137.32 |
| 3 | ଲଗାତାର/ ବିସ୍ତାରିତ ଅନିୟମିତତା | 42 | 669.47 |
| 4 | ତଦାରଖ/ ଶାସନର ବିଫଳତା | 2 | 4.23 |

***(ଉତ୍ସ: ଅଡିଟ୍ ଦ୍ୱାରା ସଂଗୃହିତ ସୂଚନା)***

ଅଡିଟ୍ ବର୍ଷକୁ ବର୍ଷ ବାରମ୍ବାର ଘଟୁଥିବା ବିଷୟ ଉପରେ ଆପତ୍ତି କରିଛି ଏବଂ ଏହାର ପୁନରାବୃତ୍ତି ରୋକିବା ପାଇଁ

ପ୍ରତିକାର ବ୍ୟବସ୍ଥା ଆରମ୍ଭ କରିବା ନିମନ୍ତେ ଭାରତର ମହା ଲେଖାନିୟନ୍ତ୍ରକ ତଥା ମହାସମୀକ୍ଷକଙ୍କ ଅଡିଟ୍ ରିପୋର୍ଟ ମାଧ୍ୟମରେ ଜଣାଇଅଛି । ଅଡିଟ୍‌ରେ ଲକ୍ଷ୍ୟ କରାଗଲା ଯେ ପ୍ରତିକାର ବ୍ୟବସ୍ଥା ପାଇଁ ରାଜ୍ୟ ସରକାର ସୁନିଶ୍ଚିତ କରିବା ସତ୍ତ୍ୱେ ଅନିୟମିତତା ଜାରି ରହିଛି । ଏହିପରି କ୍ରମାଗତ ଅନିୟମିତତା ମଧ୍ୟରୁ କିଛି ଅନିୟମିତତା ***ପରିଶିଷ୍ଟ - XLV*** ରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଅଛି ।

ଭୁବନେଶ୍ୱର **(ବିଶ୍ୱନାଥ ସିଂହ ଜାଡୋନ୍)**

ତାରିଖ : **02 May 2024** **ମହାଲେଖାକାର (ଲେଖାପରୀକ୍ଷା-II), ଓଡିଶା**

**ପ୍ରତିହସ୍ତାକ୍ଷରିତ**

ନୂଆ ଦିଲ୍ଲୀ

ତାରିଖ : **06 May 2024** **(ଗିରୀଶ ଚନ୍ଦ୍ର ମୁର୍ମୁ)**

**ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକ**

# ପରିଶିଷ୍ଟ

## ପରିଶିଷ୍ଟ – *I*

### (ଦ୍ରଷ୍ଟବ୍ୟ ଅନୁଚ୍ଛେଦ 1.7 ପୃଷ୍ଠା 3-4)

**31 ମାର୍ଚ୍ଚ 2022 ସୁଦ୍ଧା ଜାରି କରାଯାଇଥିବା କିନ୍ତୁ 30 ଜୁନ୍ 2022 ସୁଦ୍ଧା ମୀମାଂସା ହୋଇ ନଥିବା ନିରୀକ୍ଷଣ ପ୍ରତିବେଦନ/ ଅନୁଚ୍ଛେଦ**

| କ୍ରମିକ ସଂଖ୍ୟା | ବିଭାଗର ନାମ | ଜୁନ୍ 2022 ସୁଦ୍ଧା ମୀମାଂସା ପାଇଁ ପ୍ରତିକ୍ଷିତ ଥିବା ନିରୀକ୍ଷଣ ପ୍ରତିବେଦନ | | 10 ବର୍ଷରୁ ଅଧିକ ଦିନ ଧରି ମୀମାଂସା ହେବାକୁ ପଡ଼ିରହିଥିବା ନିରୀକ୍ଷଣ ପ୍ରତିବେଦନ | | ପ୍ରଥମ ଉତ୍ତର ପ୍ରାପ୍ତ ହୋଇନଥିବା ପ୍ରତିବେଦନ |
|---|---|---|---|---|---|---|
| | | ପ୍ରତିବେଦନ ସଂଖ୍ୟା | ଅନୁଚ୍ଛେଦ ସଂଖ୍ୟା | ପ୍ରତିବେଦନ ସଂଖ୍ୟା | ଅନୁଚ୍ଛେଦ ସଂଖ୍ୟା | ପ୍ରତିବେଦନ ସଂଖ୍ୟା |
| *1* | *2* | *3* | *4* | *5* | *6* | *7* |
| 01 | ଏମ୍ଏସ୍ଏମ୍ଇ | 193 | 917 | 84 | 223 | 50 |
| 02 | ପର୍ଯ୍ୟଟନ | 42 | 178 | 8 | 9 | 14 |
| 03 | ଶିଳ୍ପ | 59 | 214 | 5 | 5 | 5 |
| 04 | ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ | 88 | 436 | 5 | 8 | 35 |
| 05 | ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି | 59 | 341 | 20 | 48 | 25 |
| 06 | ଇସ୍ପାତ୍ ଓ ଖଣି | 244 | 779 | 90 | 185 | 61 |
| 07 | ସରକାରୀ ଉଦ୍ୟୋଗ | 6 | 33 | 1 | 2 | 3 |
| 08 | ବାଣିଜ୍ୟ ଏବଂ ପରିବହନ | 757 | 2,522 | 310 | 663 | 32 |
| 09 | ପୂର୍ତ୍ତ | 383 | 1,372 | 158 | 253 | 1 |
| 10 | ଗୃହ ନିର୍ମାଣ ଓ ନଗର ଉନ୍ନୟନ | 547 | 6,055 | 296 | 2,932 | 20 |
| 11 | ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ | 542 | 1,699 | 248 | 614 | 0 |
| 12 | ବିଜ୍ଞାନ ଓ ପ୍ରଯୁକ୍ତି | 31 | 212 | 14 | 62 | 0 |
| 13 | ଶକ୍ତି | 465 | 1,497 | 216 | 482 | 35 |
| 14 | ଗୃହ | 245 | 1,421 | 52 | 115 | 33 |
| 15 | ଆଇନ୍ | 135 | 633 | 77 | 186 | 44 |
| | **ମୋଟ** | **3,796** | **18,309** | **1,584** | **5,787** | **358** |

## ପରିଶିଷ୍ଟ – *II*

**(ଦ୍ରଷ୍ଟବ୍ୟ ଅନୁଚ୍ଛେଦ 2.2.6.1 ପୃଷ୍ଠା 29-30)**

**ଅଭିଯୋଗ ସମାଧାନ ବ୍ୟବସ୍ଥାରେ ଥିବା ଅଭାବ**

(i) ଅଭିଯୋଗ ସମାଧାନ ବ୍ୟବସ୍ଥା ପରିସର ଧାରଣ କରିଥିଲା

(a) ବୃଦ୍ଧି ପଦ୍ଧତିର ଆଙ୍ଗୁଠି ନିୟମ ଆଧାରରେ ବିନ୍ୟାସ କିମ୍ବା ଏହାର ଜନସଂଖ୍ୟା ଆକାର ଉପରେ ନିର୍ଭର କରି କୌଣସି ନିର୍ଦ୍ଦିଷ୍ଟ ୱାର୍ଡ ପାଇଁ କୌଣି ଛାଡ଼ କ୍ଷେତ୍ରରେ କଷ୍ଟମାଇଜେବଲ,,

(b) ଯଦି ଧାର୍ଯ୍ୟ ସମୟ ମଧ୍ୟରେ ସମାଧାନ ନହୁଏ ତେବେ ସିଷ୍ଟମ ଆପେ ଆପେ ଅଭିଯୋଗକୁ ପରବର୍ତ୍ତୀ ସ୍ତରକୁ ବୃଦ୍ଧି କରିବାକୁ ଯଥେଷ୍ଟ ସକ୍ଷମ ହୁଏ। ଏପରି ବିଳମ୍ବ ହେଲେ ତାହା ସୂଚାଇ ଦେବ।

କିନ୍ତୁ କାଳିଆ ତଥ୍ୟାବଳୀ ପାଇଁ ସେପରି କୌଣସି ପରିସରର ବିକାଶ/ ଆବଶ୍ୟକ ନଥିଲା।

(ii) ଅଭିଯୋଗ ସମାଧାନ ବ୍ୟବସ୍ଥା ଉପରେ ଅନୁଚ୍ଛେଦ ସଂଖ୍ୟା 6.3 ରୁ 6.13 ଏବଂ ଅଭିଯୋଗ ଏମ୍‌ଆଇଏସ୍ ରେ ଅନୁଚ୍ଛେଦ ସଂଖ୍ୟା 7.1 ରୁ 7.4 କାଳିଆ ଯୋଜନା ପାଇଁ ଅପ୍ରାସଙ୍ଗିକ ବୋଲି ଜଣାପଡ଼ିଥିଲା। ବର୍ଣ୍ଣନାଗୁଡ଼ିକ ନିମ୍ନଲିଖିତ ଥିଲା:

| କ୍ର.ସଂ. | ବର୍ଣ୍ଣନା | ମନ୍ତବ୍ୟ |
|---|---|---|
| 6.3 | ଯୋଜନା ବିବରଣୀ ଦେଖନ୍ତୁ / ଅଦ୍ୟତନ କରନ୍ତୁ | ଅଭିଯୋଗ ସମାଧାନ ବ୍ୟବସ୍ଥାରେ କୌଣସି ଯୋଜନା ବିବରଣୀ/ ଅଦ୍ୟତନ ନଥିଲା। |
| 6.4 | ଅଭିଯୋଗ ବର୍ଗର ଯୋଗ | କାଳିଆ ଅଭିଯୋଗ ପ୍ରକ୍ରିୟାରେ ସେପରି କୌଣସି ଅଭିଯୋଗ ବର୍ଗ ନଥିଲା। |
| 6.5 | ଅଭିଯୋଗ ବର୍ଗର ବିବରଣୀ ଦେଖନ୍ତୁ/ ଅଦ୍ୟତନ କରନ୍ତୁ | କାଳିଆ ଅଭିଯୋଗ ପ୍ରକ୍ରିୟାରେ ସେପରି କୌଣସି ଅଭିଯୋଗ ବର୍ଗ ନଥିଲା। |
| 6.6 | ଅଭିଯୋଗ ଉପ ବର୍ଗର ଯୋଗ | ସେପରି କୌଣସି ଅଭିଯୋଗ ଉପବର୍ଗ (ଇଆଣ୍ଡଓ) ଏବଂ କାଳିଆ ଅଭିଯୋଗ ପ୍ରକ୍ରିୟାରେ ବୃଦ୍ଧି ସୁବିଧା ନଥିଲା |
| 6.7 | ଅଭିଯୋଗ ଉପବର୍ଗ ଦର୍ଶନ / ଅଦ୍ୟତନ କରନ୍ତୁ | **6.7.14** ରେ ବର୍ଣ୍ଣିତ କଲ୍ୟାଣ ମଣ୍ଡପ କିମ୍ବା ଟାଉନ୍ ହଲ୍ ବୁକିଂ ପରି କାଳିଆ ଅଭିଯୋଗ ପ୍ରକ୍ରିୟାରେ କୌଣସି ଅଭିଯୋଗ ଉପବର୍ଗ ନଥିଲା। |
| 6.8 | ଘଟଣାର ଯୋଗ | କାଳିଆ ଅଭିଯୋଗ ପ୍ରକ୍ରିୟାରେ ସେପରି କୌଣସି ସୂଚନା / ଘଟଣା ଯୋଡ଼ାଯିବାର ନଥିଲା । **6.8.14** ରେ ଦେଖାଯାଇଥିବା ଇଣ୍ଟରଫେସ୍ ଏହା ପାଇଁ ଉଦାହରଣ ଥିଲା। |
| 6.9 | ସୂଚନା ବିବରଣୀ ଅଦ୍ୟତନ କରନ୍ତୁ | ସ୍ତମ୍ଭ ଶୀର୍ଷକ ସୂଚନା ଆଖ୍ୟା, ସୂଚନା ବର୍ଣ୍ଣନା ଏବଂ ସମାପ୍ତି ତାରିଖ ସହିତ **6.9.14** ଇଣ୍ଟରଫେସ୍‌ରେ ବର୍ଣ୍ଣନା କରାଯାଇଥିବା ପରି କାଳିଆ ଅଭିଯୋଗ ପ୍ରକ୍ରିୟାରେ କୌଣସି ସୂଚନା/ ଘଟଣା ଯୋଡ଼ା ଯିବାର ନଥିଲା। |
| 6.10 | ଯୋଗ ବୃଦ୍ଧି ବିବରଣୀ | କାଳିଆ ଅଭିଯୋଗ ପ୍ରକ୍ରିୟାରେ କୌଣସି ବୃଦ୍ଧି ପ୍ରକ୍ରିୟା ନଥିଲା ବରଂ କାଳିଆ ଅଭିଯୋଗ ପ୍ରକ୍ରିୟା ଏକ କାର୍ଯ୍ୟଧାରା ପ୍ରକ୍ରିୟା ଥିଲା ଯେଉଁଠାରେ ଜିପିଏନ୍‌ଓ, ବିଏନ୍‌ଓ, ଡିଏନ୍‌ଓ ଅନୁମୋଦନ ଆବଶ୍ୟକ । |
| 6.11 | ବର୍ଦ୍ଧିତ ବିବରଣୀ ଦେଖନ୍ତୁ/ ଅଦ୍ୟତନ କରନ୍ତୁ | କାଳିଆ ଅଭିଯୋଗ ପ୍ରକ୍ରିୟାରେ କୌଣସି ବୃଦ୍ଧି ପ୍ରକ୍ରିୟା ନଥିଲା ୟୁଆଇ 12 ଆଉଟ୍ ପୁଟ୍ ସ୍କିମ୍ ବିଇଏମ୍‌ସିର ଅଭିଯୋଗ ବର୍ଗର ପରିମଳ ଏବଂ ଜନସ୍ୱାସ୍ଥ୍ୟ ସହିତ ବିଭିନ୍ନ ଉପବର୍ଗ ସହିତ ବୃଦ୍ଧି ସ୍ତର ଦେଖାଉଥିଲା ଯାହା କାଳିଆ ଯୋଜନା ସହିତ ଜଡ଼ିତ ନୁହେଁ। |

| କ୍ର.ସଂ. | ବର୍ଣ୍ଣନା | ମନ୍ତବ୍ୟ |
|---|---|---|
| | | |
| 6.12 | ଅଭିଯୋଗ ପଞ୍ଜିକରଣ | ୟୁଆଇ 013 ଇଣ୍ଟରଫେସ୍ ଯୋଜନା, ଅଭିଯୋଗ ବର୍ଗ ଏବଂ ଅଭିଯୋଗ ଉପବର୍ଗ ଦେଖାଉଥିଲା ଯାହା କାଳିଆ ଯୋଜନା ସହିତ ଜଡ଼ିତ ନୁହେଁ । |
| 6.13 | ଅଭିଯୋଗ ସ୍ଥିତି ଅଦ୍ୟତନ କରନ୍ତୁ | ୟୁଆଇ 015 ଇଣ୍ଟରଫେସ୍ ଅଭିଯୋଗ ବର୍ଗକୁ ପରିମଳ,ଜନସ୍ୱାସ୍ଥ୍ୟ ଏବଂ ଉପବର୍ଗ ଆଣ୍ଟି ମ୍ୟାଲେରିଆ ଲାର୍ଭା ଅପରେନ ଭାବରେ ଦର୍ଶାଉଥିଲା ଯାହା କାଳିଆ ଯୋଜନା ସହିତ ଜଡ଼ିତ ନୁହେଁ । |
| 7.1 | ଅଭିଯୋଗ ବର୍ଗ ସ୍ତରରେ ରିପୋର୍ଟ | ଇଣ୍ଟରଫସ୍ ଅଭିଯୋଗ ବର୍ଗକୁ ପରିମଳ ଏବଂ ଜନସ୍ୱାସ୍ଥ୍ୟ ନାଗରିକ ଭିତ୍ତିଭୂମି, ଷ୍ଟ୍ରୀଟ୍ ଲାଇଟ୍ ଦର୍ଶାଉଥିଲା ଯାହା କାଳିଆ ସ୍କିମ୍ ସହିତ ଜଡ଼ିତ ନୁହେଁ । |
| 7.4 | ଏମ୍ଆଇଏସ୍ ରିପୋର୍ଟ | 7.4. ଇଣ୍ଟରଫସ୍‌ରେ କମିଶନର, କନିଷ୍ଠ ଯନ୍ତ୍ରୀ ଇତ୍ୟାଦିଙ୍କୁ କାର୍ଯ୍ୟ ନ୍ୟସ୍ତ ହୋଇଥିବାର ଦର୍ଶାଉଥିଲା ଯାହା କାଳିଆ ସ୍କିମ୍ ସହିତ ଜଡ଼ିତ ନୁହେଁ । |

## ପରିଶିଷ୍ଟ – *III*

### (ଦ୍ରଷ୍ଟବ୍ୟ ଅନୁଚ୍ଛେଦ 3.2.2.2 ପୃଷ୍ଠା 45-46)

### 2016-20 ମଧ୍ୟରେ ତିନୋଟି କୋଇଲା ଖଣି ଦ୍ୱାରା ସମ୍ମତି ସର୍ତ୍ତର ଉଲ୍ଲଘଂନ

| ୟୁନିଟ୍‌ର ନାମ | ମେସର୍ସ କୁଲଡା ଓସିପି | ମେସର୍ସ ଗର୍ଜନ ବାହଲ୍ ଓସିପି | ମେସର୍ସ ବସୁନ୍ଧରା (ଡବ୍ଲୁ)ଓସିପି |
|---|---|---|---|
| *1* | *2* | *3* | *4* |
| **ଯାଞ୍ଚର ତାରିଖ** | 11 ଜୁନ୍ 2016,<br>04 ଜାନୁଆରୀ 2017,<br>17 ମାର୍ଚ୍ଚ 2017,<br>21 ଫେବୃଆରୀ 2018,<br>06 ସେପ୍ଟେମ୍ବର 2018,<br>26 ଅକ୍ଟୋବର 2018,<br>01 ମାର୍ଚ୍ଚ 2019,<br>20 ମାର୍ଚ୍ଚ 2019,<br>10 ସେପ୍ଟେମ୍ବର 2019,<br>01 ମାର୍ଚ୍ଚ 2020,<br>12 ଜାନୁଆରୀ 2021. | 18 ଫେବୃଆରୀ 2019,<br>10 ସେପ୍ଟେମ୍ବର 2019,<br>02 ମାର୍ଚ୍ଚ 2020<br>ଏବଂ 11 ଜାନୁଆରୀ 2021 | 05 ଅକ୍ଟୋବର 2016,<br>05 ଜାନୁଆରୀ 2017,<br>16 ଜାନୁଆରୀ 2018,<br>07 ମାର୍ଚ୍ଚ 2018,<br>28 ଫେବୃଆରୀ 2019,<br>29 ଫେବୃଆରୀ 2020<br>ଏବଂ 13 ଜାନୁଆରୀ 2021. |
| **ସମ୍ମତି ସର୍ତ୍ତଗୁଡ଼ିକର ଉଲ୍ଲଘଂନ** | | | |
| 1 | ୟୁନିଟ୍ ଏହାର ଖଣି ନିର୍ବାହ ପଏଣ୍ଟରେ କିମ୍ବା କୋଇଲା ଷ୍ଟକୟାର୍ଡରେ ସଂପୂର୍ଣ୍ଣ ପୁନଃ ଚକ୍ର ପ୍ରଣାଳୀର ଏକୀକରଣ ସହିତ ୟୁନିଟ୍ ମେକାନାଇଜଡ୍ ଚକ ୱାଶିଂ ସିଷ୍ଟମ ପ୍ରତିଷ୍ଠା କରି ନାହିଁ ଯାହାଫଳରେ ସର୍ବସାଧାରଣ ରାସ୍ତାରେ ଧୂଳି ଜମା ହେଉଥିବା ଏବଂ ଯାନବାହାନ ଚଳାଚଳ ସମୟରେ ସୁପ୍ତ ଧୂଳିକଣାର ବହୁଳତା ପରିଲକ୍ଷିତ ହେଲା । | ସେପ୍ଟେମ୍ବର 2020 ସୁଦ୍ଧା ସମାପ୍ତ ପାଇଁ ଧାର୍ଯ୍ୟ କରାଯାଇଥିବା ସତ୍ତ୍ୱେ ତତ୍‌କ୍ଷଣାତ୍ ସାୱାର ସିଷ୍ଟମ ଏବଂ କ୍ୱାରୀର ପ୍ରସ୍ଥାନ ପଏଣ୍ଟରେ କିମ୍ବା କୋଇଲା ଷ୍ଟକ୍ ୟାର୍ଡରେ ସମ୍ପୂର୍ଣ୍ଣ ପୁନଃ ଚକ୍ର ପ୍ରଣାଳୀର ଏକୀକରଣ ନିର୍ମାଣ ସହିତ ଚକ ଧୋଇବା ସୁବିଧା କରାଯାଇନଥିଲା । | ଯଦିଓ ଏକ ସମୟ ସୀମା ସେପ୍ଟେମ୍ବର 2020 ସୁଦ୍ଧା ଶେଷ କରିବାର ଥିଲା । ଧୂଳି ଉତ୍ପାଦନକୁ ରୋକିବା ପାଇଁ କୋଇଲା ଲୋଡ ଯାନବାହାନ ଚଳାଚଳ ସମୟରେ ଏବଂ ରେଲୱେ ସାଇଡିଂରେ ଖଣି ତତ୍‌କ୍ଷଣାତ୍ ୱାଟର ସାୱାର ସିଷ୍ଟମ ସ୍ଥାପନ ସହିତ ସଂପୂର୍ଣ୍ଣ ପୁନଃଚକ୍ର ପ୍ରଣାଳୀର ଏକୀତରଣ ସହିତ ମେକାନାଇଜଡ୍ ଚକ ଧୋଇବା ସୁବିଧା କରାଯାଇ ନଥିଲା । |
| 2 | ଯଦିଓ ୟୁନିଟ୍ 11 ଜାନୁଆରୀ 2021 ସୁଦ୍ଧା ଏହାର ଚାରିଟି ଷ୍ଟକ୍‌ୟାର୍ଡରେ ଛଅଟି ମଧ୍ୟରୁ ତିନିଟି କୁହୁଡ଼ି କେନନ ସ୍ଥାପନ କରିଥିଲା, ସେ ସବୁ ପ୍ରଭାବହୀନ ଥିଲା କାରଣ ଷ୍ଟକ୍‌ୟାର୍ଡରେ କୋଇଲା ଲୋଡ୍ ଏବଂ ଅନଲୋଡ୍ କରିବା ସମୟରେ ଜଳ ସିଞ୍ଚିବା ସ୍ଥାନ୍ ପର୍ଯ୍ୟାପ୍ତ ନଥିଲା ଫଳତଃ କୋଇଲା ଲୋଡିଂ ଏବଂ ଅନ୍‌ଲୋଡିଂ ସମୟରେ ସୁପ୍ତ ଧୂଳିକଣାର ବହୁଳତା ପରିଲକ୍ଷିତ ହେଲା । | 31 ଜୁଲାଇ 2020 ସୁଦ୍ଧା ଷ୍ଟକ୍‌ୟାର୍ଡ ନଂ-2 ଏବଂ ନଂ-4 ରେ କୁହୁଡ଼ି କେନନ୍ ସ୍ଥାପନ କରାଯାଇନଥିଲା ଫଳତଃ କୋଇଲା ଷ୍ଟକ୍ ଅଗଣା ନିକଟରେ ସୁପ୍ତ ଧୂଳିକଣାର ବହୁଳତା ଏବଂ ଧୂଆଁ ପରିଲକ୍ଷିତ ହେଲା । | |

| ୟୁନିଟ୍‌ର ନାମ | ମେସର୍ସ କୁଲଡା ଓସିପି | ମେସର୍ସ ଗର୍ଜନ ବାହଲ୍ ଓସିପି | ମେସର୍ସ ବସୁନ୍ଧରା (ଡବ୍ଲୁ)ଓସିପି |
|---|---|---|---|
| *1* | *2* | *3* | *4* |
| 3 | ସର୍ବସାଧାରଣ ରାସ୍ତାରେ କୋଇଲା ପରିବହନ କରିବା ସମୟରେ ପରିବହନ ଟ୍ରକରେ ଟାରପଲିନ୍ କଭର ବ୍ୟବହାର କରାଯାଉନଥିଲା । ଫଳତଃ ଧୂଳି ସମସ୍ୟା ପରିଲକ୍ଷିତ ହେଲା । | କୋଇଲା ପରିବହନ ଟ୍ରକରେ ଟାରପଲିନ୍ କଭର ବ୍ୟବହାର କରାଯାଉନଥିଲା । ଫଳତଃ ଧୂଳି ସମସ୍ୟା ସହ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହେଲା । | ପରିବହନ ସମୟରେ ଧୂଳି ସମସ୍ୟାକୁ ରୋକିବା ପାଇଁ ଷ୍ଟକ୍‌ୟାର୍ଡ ଏବଂ ରେଳ ସାଇଡିଂରୁ ବାହାରକୁ ଯାଉଥିବା କୋଇଲା ବାହୀ ଯାନ ଉପରେ ଟାରପଲିନ୍ ଆବରଣ ପର୍ଯ୍ୟାପ୍ତ ଏବଂ ଉପଯୁକ୍ତ ନଥିଲା । |
| 4 | କୋଇଲା ପରିବହନ ସମୟରେ କଂକ୍ରିଟ୍ ରାସ୍ତାରେ ଧୂଳି ଉତ୍ପାଦନକୁ ରୋକିବା ପାଇଁ ପର୍ଯ୍ୟାପ୍ତ ଧୂଳି ଦମନ ପଦକ୍ଷେପ ନିଆଯାଇ ନଥିଲା । | ଜୁଲାଇ 2020 ସୁଦ୍ଧା ଧୂଳି ଦମନ ଏବଂ ଅଗ୍ନି ନିର୍ବାପକ ପାଇଁ କୋଇଲା ଷ୍ଟାକ୍‌ୟାର୍ଡରେ ଜଳ ବର୍ଷାକାରୀ ବ୍ୟବସ୍ଥା ସହିତ ଚାପିତ ଜଳ ସିଞ୍ଚନ ସୁବିଧା ସ୍ଥାପନ ନ କରିବା ଯୋଗୁଁ କୋଇଲା ଷ୍ଟାକ୍‌ୟାର୍ଡ ଅଗଣାରେ ସ୍ୱାଭାବିକ ତାପନ ପ୍ରକ୍ରିୟା ହେତୁ ବହୁଳ ଧୂଳି ଏବଂ ଧୂଆଁ ପରିଲକ୍ଷିତ ହେଲା । | ଉଡୁଥିବା ଧୂଳି ଏବଂ କୋଇଲା ଧୂଆଁର ମୁକାବିଲା ପାଇଁ ଖଣିର କୋଇଲା ଷ୍ଟକ୍‌ୟାର୍ଡରେ ଜଳ ସିଞ୍ଚନ ସୁବିଧା ଖଣିକୁ ଯୋଗାଇ ଦିଆଯାଇ ନଥିଲା ଯଦିଓ ଅପ୍ରେଲ 2020 ସୁଦ୍ଧା ସେହି କାର୍ଯ୍ୟ ଶେଷ କରିବାକୁ ଏକ ସମୟସୀମା ଧାର୍ଯ୍ୟ କରାଯାଇଥିଲା । |
| 5 | କୋଇଲାର ସର୍ବନିମ୍ନ ଷ୍ଟକ୍ ବଜାୟ ରଖୁନଥିବା ଯୋଗୁଁ କୋଇଲାର ସ୍ୱୟଂକ୍ରିୟ ଗରମ ହେତୁ କୋଇଲା ଷ୍ଟକ୍‌ୟାର୍ଡରେ ଅଗ୍ନି/ଧୂଆଁ ପରିଲକ୍ଷିତ ହେଲା । | ସତର୍କତା ଅବଲମ୍ବନ ନକରିବା କାରଣରୁ କୋଇଲା ଷ୍ଟକ୍‌ୟାର୍ଡ ସଂଖ୍ୟା 3 ରେ ଧୂଆଁ ଏବଂ ଅଗ୍ନିକାଣ୍ଡ ପରିଲକ୍ଷିତ ହେଉଥିଲା । | କୋଇଲା ଅବଶିଷ୍ଟ ଅଂଶ ଅପସାରଣ ନକରିବା ଏବଂ କୋଇଲା ମୁହଁ/ ବେଞ୍ଚରେ ଖୋଲା କୋଇଲାରେ ସ୍ୱତ ପ୍ରବୃତ୍ତ ଗରମ ହେତୁ ଅଗ୍ନିକାଣ୍ଡ ଘଟିବା କାରଣରୁ ଧୂଆଁ ସୃଷ୍ଟି ପରିଲକ୍ଷିତ ହେଲା । |
| 6 | ଧୂଳି ଉତ୍ପାଦନ ଉତ୍ସରୁ 500 ମିଟର ଦୂରରେ ମପାଯାଇଥିବା ଏଏକ୍ୟୁ ପାରାମିଟର ଗୁଡ଼ିକର (ଏସ୍‌ପିଏମ୍ ଏବଂ ଆର୍‌ପିଏମ୍) ବୃଦ୍ଧି ଏବଂ ହ୍ରାସ ଧାରା ପରିଲକ୍ଷିତ ହେଲା । | ଚାରିଟି ସ୍ଥାନରେ (11 ଜାନୁଆରୀ 2021) ରେସ୍‌ପିରେବଲ୍ ପାର୍ଟିକ୍ୟୁଲେଟ୍ ମ୍ୟାଟର (ଆର୍‌ପିଏମ୍) ପିଏମ୍$_{10}$ ଏବଂ ଭାସମାନ ପାର୍ଟିକ୍ୟୁଲେଟ୍ ମ୍ୟାଟର(ଏସ୍‌ପିଏମ୍) ପିଏମ୍$_{2.5}$ ଏଏକ୍ୟୁ ପାରାମିଟରର ସ୍ତର ଯଥାକ୍ରମେ 288-295/250 ମାଇକ୍ରୋଗ୍ରାମ୍/ଏମ୍$^3$ ଏବଂ 583-603/500 ମାଇକ୍ରୋଗ୍ରାମ୍/ଏମ୍$^3$ । | |
| 7 | ଯଦିଓ ଓଏସ୍‌ପିସିବି ସର୍ଭରକୁ ଡାଟା ସ୍ଥାନାନ୍ତର ସୁବିଧା ସହିତ ତିନୋଟି କ୍ରମାଗତ ଆମ୍ବିଏଣ୍ଟ ଏୟାର କ୍ୱାଲିଟି ମନିଟରିଂ ଷ୍ଟେସନ୍ (ସିଏଏକ୍ୟୁଏମ୍ଏସ୍) ର ସଂସ୍ଥାପନ ଅଗଷ୍ଟ 2019 ସୁଦ୍ଧା ସମାପ୍ତ ହେବାକୁ ସ୍ଥିର କରାଯାଇଥିଲା, ତନ୍ମଧ୍ୟରୁ ଦୁଇଟି ସଂସ୍ଥାପିତ ହୋଇଥିଲା ଏବଂ ଗୋଟିଏ ସ୍ଥାପିତ ହୋଇ ନଥିଲା । କିନ୍ତୁ, ଓଏସ୍‌ପିସିବି ସର୍ଭରକୁ ତଥ୍ୟ ସ୍ଥାନାନ୍ତର ସହିତ ଦୁଇଟି ସ୍ଥାପିତ ସିଏଏକ୍ୟୁଏମ୍ଏସ୍ ର କାର୍ଯ୍ୟକ୍ଷମ ସ୍ଥିତି ଆଞ୍ଚଳିକ ଅଧିକାରୀଙ୍କ ଦ୍ୱାରା ନିଶ୍ଚିତ କରାଯାଇଥିଲା । | ଚାରୋଟି ଏଏକ୍ୟୁ ପାରାମିଟର ଉପରେ ନଜର ରଖିବା ପାଇଁ ଏବଂ ଓଏସ୍‌ପିସିବି ସର୍ଭରକୁ ତଥ୍ୟ ସ୍ଥାନାନ୍ତର ସୁବିଧା ସହିତ ତିନୋଟି ମଧ୍ୟରୁ ଅବଶିଷ୍ଟ ଗୋଟିଏ କ୍ରମାଗତ ଆମ୍ବିଏଣ୍ଟ ଏୟାର କ୍ୱାଲିଟି ମନିଟରିଂ ଷ୍ଟେସନ୍ (ସିଏଏକ୍ୟୁଏମ୍ଏସ୍), 30 ସେପ୍ଟେମ୍ବର 2020 ସୁଦ୍ଧା ସଂସ୍ଥାପନ କରାଯାଇନଥିଲା । | 30 ସେପ୍ଟେମ୍ବର 2020 ସୁଦ୍ଧା ସମୟ ସୀମା ଧାର୍ଯ୍ୟ କରାଯାଇଥିବା ସତ୍ତ୍ୱେ ଓଏସ୍‌ପିସିବି ସର୍ଭରକୁ ସ୍ଥାନାନ୍ତର ସୁବିଧା ସହିତ ଗୋଟିଏ ସିଏଏକ୍ୟୁଏମ୍ଏସ୍‌ର ସ୍ଥାପନ କରାଯାଇ ନଥିଲା । |

| ୟୁନିଟ୍‌ର ନାମ | ମେସର୍ସ କୁଲଡା ଓସିପି | ମେସର୍ସ ଗର୍ଜନ ବାହଲ୍ ଓସିପି | ମେସର୍ସ ବସୁନ୍ଧରା (ଡବ୍ଲୁ)ଓସିପି |
|---|---|---|---|
| *1* | *2* | *3* | *4* |
